ଅକ୍ଟୋବର ୨୦୨୫



Photo by Dr. Ranjit Ku Sahu, USA

ISSN NO – 2582-208X

VOLUME-11 : ISSUE NO-10/2025

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

Website: www.vedantimagazine.com

Email ids:vedantimagazine@gmail.com

editor.vedantimagazine@gmail.com

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ପବିତ୍ର ଦଶହରା ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା। ପର୍ବପର୍ବାଣୀ ଓଡିଆ ସଂସ୍କୃତିର ଏକ ଅଭିନ୍ନ ରୂପ। ବାରମାସରେ ତେର ପର୍ବ ଯେମିତି ମନକୁ ମୋହିନିଏ। ଲୋକମାନେ ବଡ ଉତ୍ସାହ ଉଦ୍ଦିପନା ସହିତ ଓଡିଆ ସଂସ୍କୃତିର ପର୍ବପର୍ବାଣୀକୁ ଆନନ୍ଦର ସହିତ ପାଳନ କରିଥାନ୍ତି। ବିଭିନ୍ନତାରେ ଏକତା ର ରଙ୍ଗରୂପ ବଡ ଧୂମଧାମରେ ପାଳନ କରାଯାଏ। ପର୍ବପର୍ବାଣୀ ପାଳନ ଦ୍ୱାରା ମନୁଷ୍ୟ ଜୀବନରେ ପରିବର୍ତ୍ତନ ଏବଂ ଉଲ୍ଲାସର ସଂଚାର ହୋଇଥାଏ। ସାମାଜିକ ମାନ୍ୟତା, ପରମ୍ପରା ପର୍ବପର୍ବାଣୀ ପାଳନର ବିଧିବିଧାନ ଦ୍ୱାରା ସମସ୍ତ ଜନ ସମୂଦାୟ ଏକତ୍ରିତ ହୋଇ ସାମାଜିକ ଏକତାର ରଙ୍ଗରୂପରେ ପ୍ରସନ୍ନଚିତ୍ତ ମନରେ ଆନନ୍ଦ ଅନୁଭବ କରିଥାନ୍ତି। ଏହାଦ୍ୱାରା ମନୁଷ୍ୟ ମନରେ ସତ୍ୟତା, ନିଷ୍କପଟତା ଆତ୍ମବିଶ୍ୱାସର ଉଚ୍ଚ ଏବଂ ଶ୍ରେଷ୍ଠ ଭାବନାର ସଂଚାର ହୋଇଥାଏ। ପର୍ବପର୍ବାଣୀ ସାଂସ୍କୃତିକ ଏବଂ ସାମାଜିକ ଚେତନାର ଏକ ପ୍ରତୀକ ଅଟେ। ଉତ୍ସାହ ଏବଂ ଉମଙ୍ଗର ପ୍ରଦାତା ଅଟେ। ଭିନ୍ନ ଭିନ୍ନ ପ୍ରକାରର ମନୋରଞ୍ଜନ, ଉତ୍ସାହ, ଆନନ୍ଦ ପ୍ରଦାନ କରି ଜୀବନ ଚକ୍ରକୁ ସରଚ ବନାଇଥାଏ। ପୂର୍ବଯୁଗରୁ ପ୍ରଚଳିତ ସାମାଜିକ ପରମ୍ପରା, ପ୍ରଥା, ମାନ୍ୟତା, ବିଶ୍ୱାସ, ଆଦର୍ଶ, ନୈତିକ, ଧାର୍ମିକ ତଥା ସାମାଜିକ ମୂଲ୍ୟର ଝାଙ୍କି ପ୍ରସ୍ତୁତ କରିଥାଏ। ପର୍ବପର୍ବାଣୀ ର ମୂଲ୍ୟ ସାମାଜିକ

ISSN NO.
2582-208X

କଲ୍ୟାଣ, ସୁଖ ସମୃଦ୍ଧିର ଏକ ଭିନ୍ନ ରୂପ । ପ୍ରତ୍ୟେକ ପର୍ବପର୍ବାଣୀ ନିଜର ବିଧିବିଧାନ, ପରମ୍ପରା ଦ୍ୱାରା ସମାଜ ଅଥବା ଦେଶ, ରାଷ୍ଟ୍ର ପାଇଁ କିଛି ନା କିଛି ସନ୍ଦେଶ ପ୍ରଦାନ କରେ । ମାନବୀୟ ମୂଲ୍ୟ ଏବଂ ମାନବୀୟ ଆଦର୍ଶକୁ ସ୍ଥାପିତ କରୁଥିବା ଆମ ଦେଶର ପର୍ବପର୍ବାଣୀ ଧାର୍ମିକ, ଏକ ରାଷ୍ଟ୍ରିୟ ସ୍ତରରେ ଉତ୍ସାହ ଆନନ୍ଦର ସହିତ ମନାଇ ଯାଇଥାଏ ।

ଦଶହରା ଭାରତୀୟ ସଂସ୍କୃତିର ଏକ ଲୋକପ୍ରିୟ ପର୍ବ ଅଟେ । ଏହାକୁ ବିଜୟା ଦଶମୀ ମଧ୍ୟ କୁହାଯାଇଥାଏ । ଭାରତରେ ବିଜୟା ଦଶମୀ ପର୍ବ ଅସତ୍ୟ ଉପରେ ସତ୍ୟ ଏବଂ ଅଧର୍ମ ଉପରେ ଧର୍ମର ବିଜୟର ସନ୍ଦେଶ ଦେଇଥାଏ । ରାବଣ ଉପରେ ରାମଙ୍କର ବିଜୟ ସମ୍ମାନ ରୂପରେ ପୁରା ଦେଶରେ ମନାଇ ଯାଇଥାଏ । ଦେଶରେ ଭିନ୍ନ ଭିନ୍ନ ଭାଗରେ ଭିନ୍ନ ଭିନ୍ନ ରୂପରେ ଏହା ପାଳନ କରାଯାଇଥାଏ । ଦୀପାବଳି ପର୍ବ ମଧ୍ୟ ଅତ୍ୟନ୍ତ ପ୍ରସନ୍ନତା ଏବଂ ସୁଖ ସମୃଦ୍ଧି ଭରା ପର୍ବ ଅଟେ । ଏହା ଶ୍ରୀରାମ ଙ୍କ ଅଯୋଧ୍ୟା ଫେରିଥିବା ହେତୁ ମନାଇ ଯାଇଥାଏ । ବିଭିନ୍ନ ପର୍ବପର୍ବାଣୀ ରାଷ୍ଟ୍ରିୟ ଏକତାର ପରିଚାୟକ ଅଟେ । କାଶ୍ମୀର ରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ ଏହି ପର୍ବସମୂହ ବଡ ଉତ୍ସାହ ସହିତ ଉଲ୍ଲାସଭରା ହୋଇଥାଏ । ଦଶହରା ଦିନ ରାବଣ ପୋଡି ହୋଇଥାଏ । ଦୀପାବଳିରେ ଦୀପର ପଙ୍କ୍ତି ଘର ଅଗଣାକୁ ଆଲୋକିତ କରିଥାଏ । ସେତେବେଳେ ଭାରତର ଜନତା ଉତ୍ତର ଏବଂ ଦକ୍ଷିଣ ର ଅନ୍ତରକୁ ଭୁଲି ଏକ ସାଂସ୍କୃତିକ ଗଙ୍ଗାଧାରାରେ ଏକତାର ପରିଚୟ ଦେଇଥାଏ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଶାକ୍ତଧର୍ମର ମୂଳଉତ୍ସ : ଦେବୀଦୁର୍ଗା | ଡକ୍ଟର ସଂଯୁକ୍ତା ଦାସ | ୧୪ |
| ଆସ ମା ଦଶଭୁଜା | ପୁଷ୍ପାଞ୍ଜଳି ମିଶ୍ର | ୨୧ |
| ମା' ଆସୁଛି | କଳ୍ପନା ମିଶ୍ର | ୨୩ |
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୨୪ |
| ସାପକୁ କ୍ଷୀର ପିଆଇ ପାଳିଲେ | ଡ.ଶଶଧର ମହାପାତ୍ର | ୩୨ |
| ପ୍ରିୟା ମୋ ଯାଉଛି ମେଘ ସବାରୀରେ | ଡକ୍ଟର ଉତ୍ପଳା ଦାଶ ଷଡଙ୍ଗୀ | ୩୬ |
| ସୁଲୋଚନା ଭାଉଜ | ଡକ୍ଟର ବିଜ୍ଞାନୀ ଦାସ | ୩୮ |
| ମା' କଟକ ଚଣ୍ଡୀ | ଡ. ପ୍ରସନ୍ନ କୁମାର ବଳ | ୪୯ |
| ସେଇ ବର୍ଣାଳୀ କାଇଁଚ ମାଳି | ଇଂ. ସୁଶାନ୍ତ କିଶୋର ବଳ | ୫୨ |
| ଏହିତ ଭାରତ ଭୂଇଁ ! | ଅଜିତ କୁମାର ରାଉତ | ୫୫ |
| ତାରୁଣ୍ୟର କୋଳାହଳ | ବଦ୍ରୀ ମହାନ୍ତି | ୫୮ |
| ଦିବ୍ୟ ଅଳଙ୍କାର ଅଟଇ ହସ | ଡ଼ଃ ଅନୁପମା ବିଶ୍ୱାଳ | ୬୨ |
| ତୃଷ୍ଣା | ମନ୍ଦାକିନୀ ପାଢ଼ୀ | ୬୪ |
| ସୌଖୀନ ମଣିଷ | ଅଧ୍ୟାପିକା ଦେବିରାଣୀ ଯେନା | ୬୬ |
| ପଶ୍ଚିମ ଓଡ଼ିଶାର ବଣମଲ୍ଲୀ 'ଗୁରୁ ଭଗବାନ ସାହୁ'-ଏକ ଅନାଲୋଚିତ ଅଧ୍ୟାୟ | ସୁଶ୍ରୀ ବେବୀ ନାଏକ | ୬୮ |
| ସନେଟ୍...ବରଦାୟୀ ପ୍ରକୃତି | ମଧୁମିତା ମିଶ୍ର | ୭୨ |
| ସମ୍ପର୍କ ରଜ୍ଜୁରେ ବନ୍ଧା ମଣିଷ | ବାସନ୍ତୀ ଲତା ଜେନା | ୭୮ |
| ନୋଟ୍ ଫଟୋରେ ବାପୁ ନାରାଜ | ସୁଧାଂଶୁ ଶେଖର ଦ୍ୱିବେଦୀ | ୮୦ |
| ସମ୍ପର୍କ ସେତୁ | ଡ଼. ପ୍ରିୟମ୍ବଦା ସାମଲ | ୮୩ |
| ସୁନ୍ଦରତା ଜୀବନର | ଝିଲିମିଲି ସାହୁ | ୮୪ |
| ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ ନାଟକରେ ଜଗନ୍ନାଥ ଚେତନା | ଡ. ନୀଳମାଧବ ଛତ୍ର | ୮୫ |

ISSN NO.
2582-208X


| | | |
|---|---|---|
| ପରିଚୟ | ପ୍ରତାପ ଚନ୍ଦ୍ର ସାମଲ | ୯୪ |
| ବିଜୟା ଦଶମୀ | ତ୍ରିପତି ପ୍ରଧାନ | ୯୭ |
| ନିବେଦନ ଏକ ମାଆର | ଦେବଦତ୍ତା ଦେବୀ | ୯୮ |
| ଆତ୍ମହତ୍ୟାର ମହାମାରୀ | ଛବି ରାଣୀ ପତି | ୧୦୩ |
| ହେ ଚକାଆଖି | ଡ. ଭାରତୀ ହୋତା | ୧୦୫ |
| ହାର୍ ମନୁନଥିବା ଏକ ମହିଳା | ବିଜୟକେତନ ମହାନ୍ତି | ୧୦୭ |
| କଳଙ୍କ | ଦୀପାଳି ଦାସ | ୧୦୯ |
| କଲିକତାର ପାଣିପାଗରେ ଓଡ଼ିଆ ଭାଷା ଓ ସାହିତ୍ୟ ଚର୍ଚ୍ଚା : ଏକ ଭ୍ରମଣକାଳୀନ ବିବରଣୀ | ଡ.ସଂଘମିତ୍ରା ମହାପାତ୍ର | ୧୧୧ |
| ଖାସ୍ ତୁମପାଇଁ | ବୈଦ୍ୟନାଥ ପଣ୍ଡା | ୧୧୬ |
| ମୁଁ ଭଲପାଏ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୧୧୮ |
| ସହରୀ ବାବୁ | ଜୟଶ୍ରୀ ପଟ୍ଟନାୟକ | ୧୨୦ |
| ବସିଅଛି ହାତ ଯୋଡ଼ିକି | ଶିଶିର କୁମାର ପଣ୍ଡା | ୧୨୩ |
| ଅମୁହାଁ ଦେଉଳ | ବିନୟ ମହାପାତ୍ର | ୧୨୪ |
| ହୋସିୟାରପୁର ଡାଇରୀ | ଆଶୁତୋଷ ମେହେର | ୧୨୬ |
| ଶାନ୍ତି | ଗୋଲୋକବିହାରୀ ବେହେରା | ୧୩୨ |
| ଓଡିଆ କ୍ଷୁଦ୍ରଗଳ୍ପସାହିତ୍ୟରେ ଅର୍ଥନୀତି ଚେତନା ଓ ମାନବୀୟ ସମ୍ବେଦନା : ଏକ ସଂକ୍ଷିପ୍ତ ଆଲୋଚନା | ସୁଷମା ପାଢ଼ୀ | ୧୩୩ |
| ଆନ୍ଦୋଳିତ ମନ | ଭାସ୍କର ଚନ୍ଦ୍ର ଖଣ୍ଡା | ୧୪୧ |
| ଶ୍ରୀୟା | ପ୍ରଭାତ କୁମାର ଆଚାର୍ଯ୍ୟ | ୧୪୪ |
| ଦଶଭୁଜା ଙ୍କ ଦଶ ଆୟୁଧ | ଦିଲ୍ଲୀପ ଶତପଥୀ | ୧୪୬ |
| କପଟ ପଶା | ବିନୋଦିନୀ ଦାଶ | ୧୫୧ |

ISSN NO.
2582-208X


| | | |
|---|---|---|
| ଗଞ୍ଜାମର ପ୍ରଦର୍ଶନଧର୍ମୀ ଲୋକକଳା : ଏକ ଅଧ୍ୟୟନ | ସଂଘମିତ୍ରା ପଣ୍ଡା | ୧୫୪ |
| ସମସ୍ତେ ସ୍ୱାର୍ଥରେ ଅନ୍ଧ | ରଂଜିତ ନାଏକ | ୧୬୬ |
| ଜୀବନ ଯୁଦ୍ଧ | ନିରୁପମା ପଟେଲ | ୧୬୮ |
| ସୃଷ୍ଟି ର ଶ୍ରେଷ୍ଠ ଜନ୍ମ ନାରୀ | ନମିତା ଦାଶ | ୧୬୯ |
| ମାଣ୍ଡବୀ | ଆରତୀ ସାହୁ (ଆଶା) | ୧୭୧ |
| ଚିତ୍ରଲେଖା | ପୂଜାରାଣୀ ସେଠୀ | ୧୭୬ |
| ଶରତ ଆସିଛି ଧରାକୁ | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୧୭୯ |
| ନୀରବତା | ସିନ୍ଧୁ ନନ୍ଦିନୀ | ୧୮୧ |
| ବିରଜା କ୍ଷେତ୍ର ବୌଦ୍ଧ ଧର୍ମର ଏକ୍ତୁଡିଶାଳ | ମନୀଷା ରାୟ | ୧୮୨ |
| ସ୍ରଷ୍ଟାର ଅଭିଳାଷ | ଅଳକା ମହାନ୍ତି | ୧୯୧ |
| ଶୁଭ ସୂଚନା | ଶାନ୍ତିଲତା ମିଶ୍ର | ୧୯୨ |
| ନେକ୍ଲେସ | ଡକ୍ଟର ମଧୁସ୍ମିତା ମିଶ୍ର | ୧୯୪ |
| ମାଆ | ଯଜ୍ଞଦତ୍ତ ସାମନ୍ତରାୟ | ୨୦୪ |
| ଶ୍ରୀ ଗଣେଶ | କାଳି ପ୍ରସାଦ ମହାପାତ୍ର | ୨୦୫ |
| ଭଞ୍ଜ ସାହିତ୍ୟରେ ଓଡ଼ିଆ ସଂସ୍କୃତି | ଚୂଡ଼ାମଣି ଦିଶ୍ରୀ | ୨୦୮ |
| ପ୍ରାତଃକାଳୀନ ଗ୍ରାମ୍ୟର ଦୃଶ୍ୟ | ବିଭୂ ପ୍ରସାଦ ପଣ୍ଡା | ୨୧୮ |
| ତୁ ତ କହିଛୁ ଆସିବୁ | ବିଶ୍ୱନାଥ କର | ୨୨୦ |
| ଶ୍ରୀକ୍ଷେତ୍ର ନା ଦନ୍ତପୁରୀ-ଏକମତ ନା ଦ୍ୱିମତ | ଡ.(ଇଂ) ସଞ୍ଜୟ କୁମାର ପଣ୍ଡା | ୨୨୨ |
| ସ୍ମୃତି ନୁହେଁ ଗଳ୍ପ | ହର ପ୍ରସାଦ ସୁଆର | ୨୩୦ |
| ଶବ୍ଦକୋଷ ର ଆଇନା | ଦୂର୍ବାଦଳ କରାଳୀ | ୨୩୧ |
| ମଣୀନ୍ଦ୍ର ମେହେରଙ୍କ ତିନୋଟି ଗଳ୍ପ ସଂକଳନ : ଆତ୍ମାନୁଭୂତିର ଏକ ମୁଗ୍ଧ ଅନୁରଣନ | ହିତେଶ ବେହେରା | ୨୩୩ |

ISSN NO.
2582-208X


| | | |
|---|---|---|
| କହ୍ନେଇ ଦିଶେ କେଡ଼େ ସୁନ୍ଦର | ନଳିନୀ ଦାଶ | ୨୪୮ |
| ତୋ ଆଖିରେ ଦେଖେ ଅନେକ ଛବି | ଗଗନ କୁମାର ଦାଶ | ୨୪୯ |
| ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ବିଷୟ ବୈଚିତ୍ର୍ୟ | ଡ. ଦୟାନିଧି ପରିଡ଼ା | ୨୫୩ |
| ଯା'ମନ ଯେପରି | ଅଲେଖ ମେହେର(ଯାଯାବର) | ୨୬୦ |
| ଏକ ତଲାସ୍ | ଡ. ଜ୍ଞାନେଶ୍ୱର ମିଶ୍ର | ୨୬୧ |
| ଶ୍ରୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ଯାତ୍ରା | ଡ. ସସ୍ମିତା ଜେନା | ୨୬୩ |
| ତ୍ରିରଙ୍ଗା | ପ୍ରଭାତ ମଲ୍ଲିକ | ୨୬୭ |
| ଆସିଗଲା ଦୀପାବଳୀ | ପ୍ରଦୀପ୍ତ କୁମାର ଦାସ | ୨୬୯ |
| ଝାରଖଣ୍ଡର ଶବର ଜନଜାତି | ଡ. ବିଦ୍ୟାଧର ରାଉତ | ୨୭୧ |
| ହସ ହସ ନୟାଗଡ | ଡକ୍ଟର ପ୍ରତାପ କୁମାର ପରିଡ଼ା | ୨୭୫ |
| ମାଆ ଡାକ ଅନୁପମ | ରାମଚନ୍ଦ୍ର ବେହେରା | ୨୭୭ |
| ଭୋଗବାଦୀ ଓ ତ୍ୟାଗବାଦୀର ଜୀବନଚର୍ଯ୍ୟା | ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ | ୨୭୮ |
| ବିଷୁବ ସଂକ୍ରାନ୍ତି, ବିବିଧତା କ୍ରାନ୍ତି | ଜୟ କୁମାର ମିଶ୍ର | ୨୮୧ |
| ମିଛ ସମ୍ପର୍କର ଡୋରି | ପ୍ରତିଭା ଦାଶ | ୨୮୩ |
| ଥିଲି ଝିଅ ହେଲି ବୋହୂ | ସୁନନ୍ଦା ମହାନ୍ତି | ୨୮୪ |
| ଶାରଦୀୟ ମହୋତ୍ସବ | କୁଞ୍ଜବିହାରୀ ସାହୁ | ୨୮୯ |
| ଓଁକାର | ଶମ୍ଭୁନାଥ ଦାସ | ୨୯୦ |
| ରାଜନୈତିକ ଓ ନକ୍ସଲବାଦୀ ସମସ୍ୟାର ବାସ୍ତବାୟିତ ରୂପାୟନ : ଉପନ୍ୟାସ 'ନକ୍ସଲ' - ଏକ ଅଧ୍ୟୟନ | ମମତା ରାଣୀ ବାରିକ | ୨୯୨ |
| ନାରୀ | ଅରୁଣ କୁମାର ମହାପାତ୍ର | ୩୦୧ |
| ମା ଆସୁଛନ୍ତି | କୁଞ୍ଜବିହାରୀ ରାଉତ | ୩୦୩ |
| ଆହୁତି | ଡାଃ. ଅନିତା ପଣ୍ଡା | ୩୦୬ |
| ହୃଦୟ | ଦୀପ୍ତିରାଣୀ ସ୍ୱାଇଁ | ୩୧୭ |

ISSN NO.
2582-208X


| | | |
|---|---|---|
| ଭାବ ସ୍ୱଭାବ ଅଭାବ | ଆକୁଳାନନ୍ଦ ପୃଷ୍ଟି | ୩୧୯ |
| କବି ଗଙ୍ଗାଧର ମେହେରଙ୍କ ତପସ୍ୱିନୀ ଓ ବାଲ୍ମୀକିଙ୍କ ସୀତା: ଏକ ତୁଳନାତ୍ମକ ଅଧ୍ୟୟନ | ରାଧାକାନ୍ତ ସୁନା | ୩୨୨ |
| ଯୁଦ୍ଧ | ଗୀତା ଷଡ଼ଙ୍ଗୀ | ୩୨୮ |
| କୁମ୍ଭ ସ୍ନାନ | ସ୍ୱର୍ଣ୍ଣ ରଥ ମହାପାତ୍ର | ୩୨୯ |
| 'ତା ହସ ମୋ ଆଇନା'-ବାପାଙ୍କ ମନର ଅକୁହା କଥା | ସୁନନ୍ଦା ମିଶ୍ର | ୩୩୧ |
| ଭଲପାଏ | ସ୍ୱାଗତିକା ସାହୁ | ୩୪୦ |
| ପୀଡ଼ା ର ପରିଭାଷା | ସତ୍ୟବାନ ମେହେର | ୩୪୧ |
| ବନ୍ଦୀର ଆତ୍ମକଥା | ଡ. ନିର୍ମଳ ଚନ୍ଦ୍ର ସାହୁ | ୩୪୩ |
| ଭାଦ୍ରବ ମାସର ଖରା | ଦୀନବନ୍ଧୁ ପୋଇ | ୩୪୯ |
| ମୋ ପ୍ରିୟ ଗାଆଁ | ବେଣୁଧର ସୂତାର | ୩୫୦ |
| ସାମ୍ପ୍ରତିକ ସମୟରେ କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ ଜନଜାତି ମାନଙ୍କର ଜୀବନଚର୍ଯ୍ୟା ଓ ସାମାଜିକ ଜୀବନଶୈଳୀ ଏକ ବିହଙ୍ଗାବଲୋକନ | ସୁରେଶ କୁମାର ନାହାକ | ୩୫୨ |
| ଆୟୁଷ୍ୟ | ମୋହନ କୁମାର ସ୍ୱାଇଁ | ୩୬୦ |
| ମୁଁ ତୁମ ମୀରା ନାଁ ରାଧା | ନମିତା ପ୍ରଧାନ | ୩୬୧ |
| ଶିକ୍ଷକ | ଶିବରାମ ସାହୁ | ୩୬୩ |
| ସ୍ୱାଧୀନତା | ଅମୃତନାରାୟଣ ଶତପଥୀ | ୩୬୯ |
| ଫକୀରମୋହନ | କାର୍ତ୍ତିକେଶ୍ୱର ନାୟକ | ୩୭୧ |
| ମାତୃ ସେବା | ନିରୁପମା ମିଶ୍ର | ୩୭୨ |
| ମନଗହନର ଗୋପନକଥା | ବିରଞ୍ଚି ନାରାୟଣ ମିଶ୍ର | ୩୭୩ |
| ଆଇନା | ସୁନିତା ଦାଶ | ୩୭୫ |

ISSN NO.
2582-208X


| | | |
|---|---|---|
| ରମ୍ୟ କ୍ଷେତ୍ର ବର | ଡ. ଅର୍ଜୁନ ଚରଣ ବାରିକ୍ | ୩୭୭ |
| ଭିନ୍ନ ଏକ ଦଣ୍ଡନାଟ : ଚଡ଼କ ପୂଜା | ମୌସୁମୀ ମଣ୍ଡଳ | ୩୭୮ |
| ତିନୋଟି ଭିନ୍ନ ରାଗ | ଅରୁଣ କୁମାର ଦାସ | ୩୮୧ |
| ଶିଳ୍ପୀ ଓ କବି | ରଘୁନାଥ ତ୍ରିପାଠୀ | ୩୮୩ |
| ନୂଆଖାଇ | ସ୍ୱାଗତିକା ନାଏକ | ୩୮୫ |
| ଗ୍ରହରାଜ ବୃହସ୍ପତି | ଡକ୍ଟର କମଳାକାନ୍ତ ଜେନା | ୩୮୬ |
| ବିବାହ | ବଂଶୀଧର ସା | ୩୮୯ |
| ନୂଆଁଖାଇ | ଭଗତରାମ ଶବର | ୩୯୧ |
| ସେଇ ବରଷା | ଦୀପାଲି ବେହେରା | ୩୯୩ |
| ସ୍ୱାଧୀନତ୍ତୋର ଓଡ଼ିଆ କ୍ଷୁଦ୍ରଗଳ୍ପରେ ଶିକ୍ଷକ ସାମାଜର ବୃତ୍ତିଗତ ସମସ୍ୟା | ବବୁଲ ନାୟକ | ୩୯୪ |
| ଓଡ଼ିଆଙ୍କ ଜୀବନ ବେଦ | ରାଜକିଶୋର ସ୍ୱାଇଁ | ୪୦୧ |
| ନିସଙ୍ଗ ପଥିକ | ସୁଜାତା ପାହାନ | ୪୦୩ |
| ବାପା ଆମପାଇଁ ଦିଅଁ ସମାନ | ହରେରାମ ପଣ୍ଡା | ୪୦୪ |
| ଉରୁଠେଇ | ବିନୟ କୁମାର ମିଶ୍ର | ୪୦୬ |
| କବି ଦୟାନିଧି ପରିଡାଙ୍କ "ଏଇତ ଜୀବନ" ରେ ଜୀବନ ଚିତ୍ର | ଅଞ୍ଜୁଳା ରଣା | ୪୦୯ |
| ବିଚ୍ଛେଦ: ପରିତ୍ୟକ୍ତା ମନର ଅକୁହା କଥା | ବର୍ଷାରାଣୀ ପ୍ରଧାନ | ୪୧୪ |
| ଉଜ୍ଜ୍ୱଳ ତାରକା ଗଙ୍ଗାଧର | ଅର୍ପିତା ମହାପାତ୍ର | ୪୧୬ |
| ଭାଷାଯୁଦ୍ଧ | ସଂଘମିତ୍ରା ବେହେରା | ୪୧୮ |
| ସଫଳ ରାଜନୈତିକ ଚେତନାଧର୍ମୀ ରମ୍ୟରଚନା- 'ଭୋଟ' | କାମାକ୍ଷା ବେହେରା | ୪୧୯ |
| ଗୁରୁ-ଶିଷ୍ୟ ସମ୍ପର୍କ | ଖଗେଶ୍ୱର ବାଗ | ୪୩୦ |
| ମନ ମରିଯାଏ | ତାରାପ୍ରସାଦ ଜେନା | ୪୩୧ |
| ବଞ୍ଚାଇ ଦିଅ | ଲିପିନା ସାହୁ | ୪୩୩ |

ISSN NO.
2582-208X


| | | |
|---|---|---|
| ଶ୍ରୀକ୍ଷେତ୍ରରୁ ଶାବର ଶ୍ରୀକ୍ଷେତ୍ର | କମଳିନୀ ବେହେରା | ୪୩୪ |
| ଅଲୋଡ଼ା ଫାସ | ଚାନ୍ଦୁସ୍ମିତା ନାୟକ | ୪୩୯ |
| ପତ୍ନୀର କେଶ ସଜ୍ଜା | ଡକ୍ଟର ସତ୍ୟବ୍ରତ ଦାସ | ୪୪୦ |
| କେବେ କେରଳ ତ କେବେ ଅରୁଣାଚଳ | ପ୍ରିୟବ୍ରତ ପାତ୍ର | ୪୪୪ |
| ପ୍ଲାଷ୍ଟିକ୍ ବୋତଲ | ମନୋଜ କୁମାର ବେହେରା | ୪୪୭ |
| ସାଥି ଟିଏ | ପ୍ରଶାନ୍ତ ବ୍ରହ୍ମା | ୪୫୦ |
| କୁଳବଧୂ | ଅନିତା ପ୍ରଧାନ | ୪୫୧ |
| ପୁପୁନ ନନା | କୀର୍ତ୍ତି ଦେବୀ | ୪୫୩ |
| ମୁନ୍ନି ମେଲଣ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୪୫୪ |
| ଛାପା ପୁସ୍ତକର ଭାଗ୍ୟ ଓ ଭବିଷ୍ୟ | ପ୍ରଫୁଲ୍ଲ ଚନ୍ଦ୍ର ବାରିକ | ୪୫୬ |
| ନୂଆ ଏକ | ମଧୁସ୍ମିତା ପ୍ରିୟଦର୍ଶନୀ | ୪୫୯ |
| ଜୀବନ ନାୟିକା | ପଞ୍ଚାନନ ମେହେର | ୪୬୦ |
| ସୁନ୍ଦର କାଶଫୁଲ | ଧ୍ରୁବ ଚରଣ ଘିବେଲା | ୪୬୧ |
| ମଧ୍ୟଯୁଗୀୟ ଓଡ଼ିଆ ଗୀତିକବିତା : ଚଉପଦୀ ଏକ ଦୃଷ୍ଟିକୋଣ | କୁରେଶୁ ମହାରଣା | ୪୬୨ |
| ଜୀବନ ଜିଦିଆ | ଲକ୍ଷ୍ମୀପ୍ରିୟା ସାହୁ | ୪୬୮ |
| ମାଆ ପାଇଁ ଗଛ ଟିଏ | ଲୀଳାବତୀ ପରିଡ଼ା | ୪୬୯ |
| ଫ୍ରେଣ୍ଡ୍ ସିପ୍ ଡେ | ଚିତରଞ୍ଜନ ବେହେରା | ୪୭୧ |
| ପ୍ରାଚୀନ ପୋଥି ସମ୍ପାଦନା ପ୍ରକ୍ରିୟା ଓ ପ୍ରବିଧି | ପ୍ରଦ୍ୟୁମ୍ନ ସାହୁ | ୪୭୨ |
| ମୋ ଦୁନିଆ ମୋ ମାଆ | ସ୍ଥିତିପ୍ରଜ୍ଞା ଷଡଙ୍ଗୀ | ୪୮୪ |
| ଜାତୀୟ ପତାକା | ରଜତ କୁମାର ସାହୁ | ୪୮୫ |
| ତିନୋଟି ମିନି କବିତା | ଅଶ୍ୱିନୀ ସୂତାର | ୪୮୬ |
| ଅଭୁଲା ସ୍ମୃତିର ଗୀତ | ପ୍ରଶାନ୍ତ କୁମାର ଦାଶ | ୪୮୮ |

ISSN NO.
2582-208X


| | | |
|---|---|---|
| ସାହିତ୍ୟ-ସାଧିକା ମନୋରମା ବିଶ୍ୱାଳ ମହାପାତ୍ର | ପୁଷ୍ପଲତା ନାୟକ | ୪୮୯ |
| ରକତ ତୀର୍ଥ | ମନୋରଞ୍ଜନ ସୁରୁଜାଲ | ୫୦୧ |
| ନିର୍ଜନ କାନ୍ଦ | ବବୁଲ୍ କୁମାର କବି | ୫୦୩ |
| କାହାକୁ କହନ୍ତି ର ? | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୫୦୭ |
| ମାମେକମ ଶରଣମ ବ୍ରଜ | ପ୍ରହରାଜ ଜୟନାରାୟଣ ନନ୍ଦ | ୫୦୯ |
| ଶାରଦୀୟ ଦୂର୍ଗା ମାଁ | ପ୍ରତିଭା ଦାସ | ୫୧୨ |
| ଲକ୍ଷ୍ୟ ଯଦି ହୋଇଯାଏ ମହାନ୍ | ପ୍ରତିମା ପାତ୍ର | ୫୧୪ |
| ପୂର୍ବ ସରକାର | ଅବିନାଶ ସାହୁ | ୫୧୬ |
| ଆୟୁଷ | ମୋନାଲିସା ମିଶ୍ର | ୫୨୧ |
| ଭିନ୍ନଏକ ଯୁଦ୍ଧର ପ୍ରତିଜ୍ଞା | ଦୀନବନ୍ଧୁ ବେଜ | ୫୨୨ |
| ପ୍ରଣୟିନୀ ତେଜ ଗୁମାନ ବାରେ | ସିଦ୍ଧେଶ୍ୱର ତ୍ରିପାଠୀ | ୫୨୪ |
| ପ୍ରୀତିମୟ | ଜୟନ୍ତ କୁମାର ମଲ୍ଲିକ୍ | ୫୨୫ |
| ବ୍ରହ୍ମାସ୍ତ୍ର | ସତ୍ୟବ୍ରତ ଦାସ | ୫୨୬ |
| ଦେଶ ପ୍ରେମ | ବସନ୍ତ କୁମାର ପ୍ରଧାନ | ୫୩୦ |
| ଏତିକି କହିବ | ନିରଞ୍ଜନ ସାହୁ | ୫୩୧ |
| ତୁମ ପାଦେ ରହୁ ଚିତ୍ତ | ଜନ୍ମଜୟ ନାୟକ | ୫୩୨ |
| ମାନବେତର ଚରିତ୍ର ଓ କୃପାସାଗର ସାହୁଙ୍କ ଗଳ୍ପ | ସୁନୀଲ ସେଠୀ | ୫୩୩ |
| ଶୁଭାଶିଷ ସବୁରି ପାଇଁ | ଗୁପ୍ତେଶ୍ୱର ଚାନ୍ଦ | ୫୪୩ |
| ମାଗୋ ଶୈଳପୁତ୍ରୀ | ଦଶରଥ ମାଝୀ | ୫୪୫ |
| 'ନାଳନ୍ଦା' ଭାରତର ସମୃଦ୍ଧ ଶୈକ୍ଷିକ ଏବଂ ସାଂସ୍କୃତିକ ଐତିହ୍ୟ'ର ପ୍ରମାଣ! | ଅସିତ ମହାନ୍ତି | ୫୪୬ |
| ଜୀବନଟା ଅଭିନୟ | ପବିତ୍ର ନାରାୟଣ ବେହେରା | ୫୫୧ |
| ମନେ ପଡେ ସେଇ ପିଲାଦିନ କଥା | ମମତା ବଗର୍ତ୍ତୀ | ୫୫୨ |

ISSN NO.
2582-208X



| | | |
|---|---|---|
| ମଦିରା ନିଶା କି ଭାରି | ନନ୍ଦିଘୋଷ ଭୋଇ | ୫୫୩ |
| ବୁଢ଼ା ନାଉରୀ | ଅଭୟ କୁଣ୍ଡ | ୫୫୫ |
| ଆହାଃ କି ଆନନ୍ଦ | ସନ୍ଧ୍ୟା ରାଣୀ ମାଝୀ | ୫୫୮ |
| ରାଧାରାଣୀ ଲୋ ରାଧାରାଣୀ | ସରସ୍ୱତୀ ମେହେର | ୫୬୦ |
| ଯୁଗଦୁର୍ଗା | ମହେଶ୍ୱର ପ୍ରଧାନ | ୫୬୧ |
| କାରୁବାକୀ | ହରିଶ୍ଚନ୍ଦ୍ର ବେହେରା | ୫୬୫ |
| ତୁମେ କଣ ତୁମେହେଇ ନାହଁକି | ଜୟନ୍ତ ଦାସ | ୫୬୭ |
| ପ୍ରକୃତିରୁ ଶିକ୍ଷା | ଲିପୁନ୍ ବାଡତ୍ୟା | ୫୬୮ |
| କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଅନୁଭବ ଅନୁଭୂତିରେ : ମୋ ସମୟର ଓଡ଼ିଶା | ସତ୍ୟବାନ ସେଠୀ | ୫୬୯ |
| ଅବସର କାଳୀନ ଉପହାର | ଶାନ୍ତିଲତା ସାହୁ | ୫୭୭ |
| ସାଜିଲ ଯେ ନବ ବଧୂ | ସ୍ମୃତି ରଞ୍ଜନ ମିଶ୍ର | ୫୮୦ |
| ପାରିତୋଷିକ | ଶ୍ରୀକ୍ଷେତ୍ର ସୁନ୍ଦର | ୫୮୧ |
| ପୁତ୍ରଧର୍ମ | ସୀତାକାନ୍ତ ପଟେଲ | ୫୮୨ |
| ସ୍ମୃତିର ନବ ଆଶା | ଶୁଭଶ୍ରୀ ସେଠି | ୫୮୮ |
| ହେ ଶିକ୍ଷକ | ସୁଲକ୍ଷଣୀ ସାହୁ | ୫୯୦ |
| ମୁଁ ନିଶ୍ଚୟ ଫେରିବି ତୁମ ପାଖକୁ | ପ୍ରାଣବନ୍ଧୁ ପ୍ରଧାନ | ୫୯୨ |
| ନାରୀ, ନିଆଁ ଓ ନୀର | ପ୍ରସନ୍ନ କୁମାର ମେହେର | ୫୯୫ |
| ଦଶହରା ପର୍ବର କିଛି ରୋଚକ ତଥ୍ୟ | ବାଲ୍ମୀକି ନାୟକ | ୫୯୭ |
| କେବେ ତୁମେ | ଦୁଷ୍ମନ୍ତ ବେହେରା | ୬୦୦ |
| ଭୁଲି ହୁଏନା | ଅଜୟ କୁମାର ରାଉତ | ୬୦୨ |
| ମାନସୀ | ଦିନେଶ ମେହେର | ୬୦୪ |
| ପରିତ୍ୟକ୍ତ | ମାନସ କୁମାର ନାୟକ | ୬୦୭ |
| ଗୁରୁ | ସରସ୍ୱତୀ ରଥ | ୬୧୮ |
| ନିସଙ୍ଗ ପ୍ରେମିକ | ନିତ୍ୟାନନ୍ଦ ସ୍ୱାଇଁ | ୬୨୦ |

ISSN NO.
2582-208X


| | | |
|---|---|---|
| ଭାଗବତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୬୨୪ |
| **ଆଞ୍ଚଳିକ** | | |
| ପଶ୍ଚିମାଞ୍ଚଳର ଭାବର୍ ତିହାର୍ ନୂଆଁଖାଇ | ସାଇପ୍ରସାଦ ସାହୁ | ୬୨୬ |
| ଭାବର ତିହାର ନୂଆଁଖାଇ | ଡକ୍ଟର ପ୍ରଦୀପ କୁମାର ପଣ୍ଡା | ୬୩୧ |
| ସମିୟାଁ | ନମିତା ସା | ୬୩୮ |
| ପଶ୍ଚିମ ଓଡ଼ିଶାର ଶିଘା ତିହାର୍ | କ୍ଷୀରୋଦିନୀ ସାହୁ | ୬୩୯ |
| ହୁଲିଆ | ସୁନୀଲ କୁମାର ଅଗସ୍ତି | ୬୪୧ |
| ଆସମାନ୍ | ଗଜାନନ ମିଶ୍ର | ୬୪୨ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ଠିକ ସମୟ ରେ ଚାଲିବା ଓ ଦୀର୍ଘାୟୁ ଜୀବନ | ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ | ୬୪୪ |
| **ଶିଶୁ ବିଭାଗ** | | |
| ପିମ୍ପୁଡ଼ି | କାର୍ତ୍ତିକେଶ୍ୱର ନାୟକ | ୬୪୯ |
| ଜେଜେମା ଥିଲା ଘର ବଇଦ | ନୀଳମଣି ଚାନ୍ଦ | ୬୫୦ |
| ମୋ ସ୍ୱପ୍ନର ଓଡ଼ିଶା ୨୦୩୬ | ପ୍ରୀତି ପାରମିତା ପାଢ୍ୀ | ୬୫୨ |
| ବେଦାନ୍ତୀ – "ସେପ୍ଟେମ୍ବର" ସମୀକ୍ଷା | ଦେବଯାନୀ ସ୍ୱାଇଁ | ୬୫୬ |
| ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୬୫୯ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୬୬୦ |

ISSN NO.
2582-208X

# ଶାକ୍ତଧର୍ମର ମୂଳଉତ୍ସ : ଦେବୀଦୁର୍ଗା



ଡ଼କ୍ଟର ସଂଯୁକ୍ତା ଦାସ

ସୃଷ୍ଟି ସମୟରେ ଏହି ପୃଥିବୀ ଏକ ମହାଜାଗତିକ ଗ୍ୟାସୀୟ ଓ ଜ୍ୱଳନ୍ତ ପିଣ୍ଡ ଥିଲା । ପରବର୍ତ୍ତୀ ସମୟରେ ଏହା କ୍ରମେ ଶୀତଳ ହୋଇ ପ୍ରଥମେ ଜଳରାଶି ସୃଷ୍ଟି ହେଲା । ଜଳରୁ ଜଳଚର, ଉଭୟଚର ଏବଂ ଶେଷରେ ସ୍ଥଳଜୀବ ମାନେ ସୃଷ୍ଟି ହେଲେ । ବିଜ୍ଞାନ ମତେ ଏହା ସୃଷ୍ଟି ତତ୍ୱ ବା ଯେତେ ସୃଷ୍ଟି ସମସ୍ତେ ଶକ୍ତିର ଉତ୍ସରୁ ହିଁ ସୃଷ୍ଟି । ଶକ୍ତିର ବନ୍ଧନ ହେଲେ ଜଡ଼ ବା ଜୀବ । ଜଳ ଯେପରି ଉଦଜାନ ଓ ଅମ୍ଳଜାନର ୨:୧ ବନ୍ଧନରୁ ସୃଷ୍ଟି । ଉଦଜାନ ବା ଅମ୍ଳଜାନ ଗୋଟିଏ ଗୋଟିଏ ଗ୍ୟାସୀୟ ଶକ୍ତି । ଜଳ ରୂପ । ଅମ୍ଳଜାନ ବା ଉଦଜାନ ଅରୂପ । ଗୋଟିଏ ଆକାର ଅନ୍ୟଟି ନିରାକାର । ଶକ୍ତିର ହ୍ରାସ ବୃଦ୍ଧି ନାହିଁ, ରୂପାନ୍ତର ଅଛି । ଶକ୍ତି ଯେଉଁଠି ଆସେ, ସେଇଠିକି ଫେରିଯାଏ । ଏଣୁ ଶକ୍ତି ହିଁ ଈଶ୍ୱର ସିଏ ସବୁ ସୃଷ୍ଟିର କାରଣ ।

ବିଜ୍ଞାନମତେ ଯେତେବେଳେ କେହି ନଥିଲେ, ସେତେବେଳେ କେବଳ ଶକ୍ତି ଥିଲା । ସେମିତି, ପୁରାଣ ମତେ ଯେତେବେଳେ କେହି ନଥିଲେ, ଏମିତିକି ଆମ ବିଶ୍ୱାସର ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ସକଳ ଦେବଦେବୀ, ମାନବ, ଦାନବ କି ଜୀବବିଶେଷ କିଛିବି ନଥିଲେ ସେତେବେଳେ ଏକା ଆଦ୍ୟାଶକ୍ତି ଥିଲେ । ପ୍ରଳୟ ପୟୋଧି ଜଳରେ ସେ ଥିଲେ । ତାଙ୍କଦ୍ୱାରା ସବୁର ସୃଷ୍ଟି ଏବଂ ସେ ସବୁର ପାଳନକର୍ତ୍ତ୍ରୀ ଏବଂ ସଂହାରକାରିଣୀ । ତାଙ୍କ ଇଛାରୁ ସେ ସବୁ ଦେବତାଙ୍କୁ ସୃଷ୍ଟି କରିଛନ୍ତି ଏବଂ ସୃଷ୍ଟିରେ ତାଙ୍କ ଦ୍ୱାରା ବ୍ରହ୍ମା, ବିଷ୍ଣୁ, ଓ ମହେଶ୍ୱର ସୃଜନ, ପାଳନ ଓ ସଂହାର କାର୍ଯ୍ୟ ମଧ୍ୟ କରିଥାନ୍ତି । ଆଦିମାତା, ଶକ୍ତିସ୍ୱରୂପିଣୀ ପୃଥିବୀର ମଙ୍ଗଳ ଏବଂ ଶୁଭଚନ୍ତନ ପାଇଁ ଭିନ୍ନ ଭିନ୍ନ ରୂପରେ ମଧ୍ୟ ପ୍ରକଟିତ ହୋଇଥାନ୍ତି ।

ISSN NO.
2582-208X


ହିନ୍ଦୁ ଧର୍ମରେ ଶକ୍ତ ଉପାସନା ବହୁତ ପ୍ରାଚୀନ । ଏହାର ସୃଷ୍ଟି ତଥା ମୂଳଉତ୍ସକୁ ଖୋଜି ପାଇବା କଷ୍ଟକର । ବିଭିନ୍ନ ଧର୍ମଶାସ୍ତ୍ର, ପୌରାଣିକ କାହାଣୀ, କମ୍ବଦନ୍ତୀରେ ଏହାର ନିର୍ଯ୍ୟାସକୁ ଲକ୍ଷ୍ୟ କରିହେବ । ଗୋଟିଏ କାହାଣୀରେ କୁହାଯାଇଛି ଯେ, ଏକଦା ମନ୍ଦରାଞ୍ଚଳ ପର୍ବତ ଉପରେ ବିଷ୍ଣୁଙ୍କ ସମେତ ସମସ୍ତ ଦେବତା ଏକତ୍ରିତ ଥିଲେ । ନାରଦ ଉପସ୍ଥିତ ଥିବା ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ପ୍ରଶ୍ନ କଲେ, ସମସ୍ତେ ତ ଆପଣମାନଙ୍କୁ ଉପାସନା କରନ୍ତି, ତେବେ ଆପଣ ତିନିଜଣଙ୍କ ଉପାସ୍ୟ ଦେବତା କିଏ ? ଭଗବାନ ଶିବ ସମାଧିସ୍ଥ ହେଲେ ଏବଂ କିଛି ସମୟ ସମାଧି ଭଗ୍ନ କରି କହିଲେ, ଶୁଦ୍ଧ ଶାଶ୍ୱତ ପ୍ରକୃତି ସ୍ୱରୂପିଣୀ ଭଗବତୀ ଜଗଦମ୍ବା, ସାକ୍ଷାତ ପରଂବ୍ରହ୍ମ ଅଟନ୍ତି । ସେ ଆମର ଉପାସ୍ୟ ଦେବୀ/ଦେବତା ଅଟନ୍ତି । ନିରାକାର ହେଲେ ମଧ୍ୟ ମହାଦେବୀ ନିଜସ୍ୱ ଲୀଳାରେ ଦେହ ଧାରଣ କରନ୍ତି । ଏହାଙ୍କ ଦ୍ୱାରା ଏହି ବିଶ୍ୱର ସୃଷ୍ଟି, ପାଳନ ଓ ସଂହାର ଲୀଳା ସମାଧିତ ହୁଏ । ତାଙ୍କରି କାରଣରୁ ଏହି ଜଗତ ମୋହଗ୍ରସ୍ତ ଥାଏ ।

ଭଗବତୀଙ୍କ ଇଚ୍ଛା, ପୂର୍ବ ଯୋଜନା ତଥା ବ୍ରହ୍ମାଙ୍କ ତପସ୍ୟା କାରଣରୁ ସୃଷ୍ଟିର ସୃଜନ ପାଇଁ ମା' ଶିବଙ୍କ ପତ୍ନୀ ହେବାପାଇଁ ପ୍ରତିଶ୍ରୁତି ଦିଅନ୍ତି । ଶିବ ମଧ୍ୟ ତପସ୍ୟା କରି ମା'ଙ୍କ ଆଶୀର୍ବାଦ ପାଆନ୍ତି । ସମୟାନୁକ୍ରମେ ଦକ୍ଷ ବ୍ରହ୍ମାଙ୍କୁ ତପସ୍ୟା କରି ମା'ଭଗବତୀଙ୍କୁ କନ୍ୟା ରୂପେ ପାଆନ୍ତି ଏବଂ ତାଙ୍କ ନାମ ହୁଏ ସତୀ । ଦକ୍ଷଙ୍କ ଅନିଚ୍ଛା ସତ୍ତ୍ୱେ ବ୍ରହ୍ମାଙ୍କ ମଧ୍ୟସ୍ଥତାରେ ସତୀଙ୍କର ଶିବଙ୍କ ସହ ବିବାହ ହୁଏ । ଶିବ ଶ୍ମଶାନବାସୀ ଥିବାରୁ ଏବଂ ତାଙ୍କ ଅଧୀନତ୍ୱ ସ୍ୱୀକାର କରୁନଥିବାରୁ ଶିବଙ୍କ ପ୍ରତି ଦକ୍ଷଙ୍କର ବିଦ୍ୱେଷଭାବ ଏବଂ କ୍ରୋଧ ଥିଲା । ଦକ୍ଷ ଶିବଙ୍କୁ ନିନ୍ଦିତ ଓ ଅପମାନିତ କରିବା ଉଦ୍ଦେଶ୍ୟରେ ଏକ ଯଜ୍ଞ କଲେ ଏବଂ ଶିବଙ୍କୁ ନିମନ୍ତ୍ରିତ କଲେନାହିଁ । ଶିବଙ୍କ ମନା ସତ୍ତ୍ୱେ ସତୀ ଯଜ୍ଞକୁ ଯିବାପାଇଁ ଜିଦ କରନ୍ତି । ସତୀ ତାଙ୍କ ଦଶ ମହାବିଦ୍ୟା - ମହାକାଳୀ, ତାରା, ଷୋଡଶୀ, ଛିନ୍ନମସ୍ତା, ଭୁବନେଶ୍ୱରୀ, ବଗଳାମୁଖୀ, ଧୁମାବତୀ, କମଳା, ମାତଙ୍ଗୀ ଓ ଭୈରବୀ ରୂପ ମାନ ଦେଖାଇ ଶିବଙ୍କୁ ଭୟଭୀତ କରନ୍ତି । ଶିବ ଭୟଭୀତ ହୋଇ ସତୀଙ୍କୁ ଯିବାପାଇଁ ଅନୁମତି ଦିଅନ୍ତି ।

ଯଜ୍ଞସ୍ଥଳରେ ବିନା ନିମନ୍ତ୍ରଣରେ ସତୀ ଆସିଥିବାରୁ ପିତାଙ୍କ ଦ୍ୱାରା ଅପମାନିତ ହୁଅନ୍ତି । ସ୍ୱାମୀଙ୍କ ନିନ୍ଦା ସହିପାରନ୍ତି ନାହିଁ । ନିଜ ଦେହରୁ ଛାୟାସତୀ ସୃଷ୍ଟି କରି ଯଜ୍ଞସ୍ଥଳୀ ଧ୍ୱସ୍ତ-ବିଧ୍ୱସ୍ତ କରିଦିଅନ୍ତି ଏବଂ ଶେଷରେ ଯଜ୍ଞାଗ୍ନିରେ ଆତ୍ମ ବିସର୍ଜନ କରନ୍ତି । ଏହା ଶିବଙ୍କୁ କ୍ରୋଧାନ୍ୱିତ କରାଏ । ଶିବ ବୀରଭଦ୍ର ରୂପ ଧାରଣ କରି ଯଜ୍ଞ ଧ୍ୱଂସ କରନ୍ତି ଏବଂ ଦକ୍ଷଙ୍କ

ISSN NO.
2582-208X

ମୁଣ୍ଡ କାଟି ଯଜ୍ଞ କୁଣ୍ଡରେ ନକ୍ଷେପ କରନ୍ତୁ । ଦେବତା ମାନଙ୍କ ଅନୁରୋଧ କ୍ରମେ ଶିବ ଛେଳମୁଣ୍ଡ ଯୋଡି ଦକ୍ଷଙ୍କୁ ଜୀବନଦାନ ଦିଅନ୍ତୁ, ଯଜ୍ଞ ସମାପନ ହୁଏ । ସତୀଙ୍କ ଦଗ୍ଧ ମରପିଣ୍ଡ ଯଜ୍ଞ କୁଣ୍ଡରୁ ଆଣି କାନ୍ଧରେ ଧରି ଶିବ ତାଣ୍ଡବ ନୃତ୍ୟ କରନ୍ତୁ । ପୃଥିବୀ କମ୍ପେ । ଦେବତାମାନେ ଭୟଭୀତ ହୋଇଯାଆନ୍ତୁ । ବିଷ୍ଣୁ ତାଙ୍କର ସୁଦର୍ଶନ ଚକ୍ରଦ୍ୱାର୍ ମୃତ ପିଣ୍ଡକୁ ଖଣ୍ଡ ଖଣ୍ଡ କରି କାଟି ଦିଅନ୍ତୁ । ସତୀଙ୍କ ଦେହର ଏହି ଛେଦିତ ଅଂଶ ଗୁଡିକ ଭାରତ ଓ ଭାରତ ବାହାରେ ବିଭିନ୍ନ ଭୁଭାଗରେ ପଡେ ଯାହାକ ପରବର୍ତ୍ତୀ ସମୟରେ ପାଲଟି ଯାଏ ଆଦିମାତାଙ୍କ ୫୧ଟି ଶକ୍ତପୀଠ, ଭିନ୍ନ ମତେ ୧୦୮ ଟି ଶକ୍ତପୀଠ । ଯାହା ଶକ୍ତଧର୍ମକୁ ସର୍ବଭାରତୀୟ ସ୍ତରରେ ବଳଷ୍ଠ କରିପାରିଛି ।

ଭାରତର ପ୍ରମୁଖ ଶକ୍ତିପୀଠ ମଧ୍ୟରେ (୧)ପଶ୍ଚିମବଙ୍ଗର ଦକ୍ଷିଣେଶ୍ୱର କାଳିପୀଠ ଅନ୍ୟତମ । ଏଠାରେ ସତୀଙ୍କର ଡାହାଣ ହାତର ବୁଢ଼ା ଆଙ୍ଗୁଳି ସମେତ ଅନ୍ୟ ଚାରି ଆଙ୍ଗୁଳି ପଡିଥିଲା । (୨)ଶର୍ବାଣୀ ପୀଠ, କନ୍ୟାକୁମାରୀ (ତାମିଲନାଡୁ) ଏଠାରେ ଦେବୀଙ୍କ ପୃଷ୍ଠଭାଗ (ଊର୍ଦ୍ଧଦାନ୍ତ) ପଡିଥିଲା । କୁମାରୀ ଅବସ୍ଥାରେ ଶିବଙ୍କୁ ପାଇବା ପାଇଁ ସତୀ ଏଠାରେ ତପସ୍ୟା କରିଥିଲେ ଏବଂ କୁମାରୀ ଥିବାବେଳେ ବାଣାଶୁରକୁ ବଧ କରିଥିଲେ । (୩) ଅବନ୍ତୀ ପୀଠ, ଉଜ୍ଜୟିନୀ (ମଧ୍ୟ ପ୍ରଦେଶ) ଏଠାରେ ଦେବୀଙ୍କର ଊର୍ଦ୍ଧ୍ୱ ଓଷ୍ଠ ପଡିଥିଲା । (୪) ମହାମାୟା ପୀଠ, ବୈଷ୍ଣୋଦେବୀ - ଏହାକୁ ଶିବ ଶକ୍ତିଙ୍କ ପ୍ରବେଶଦ୍ୱାର କୁହାଯାଏ । ଏଠାରେ ଦେବୀଙ୍କ ଦୁଇଟି ପୀଠ ଅବସ୍ଥିତ । ବୈନପୁର, ଏଠାରେ ଦେବୀଙ୍କ ଦକ୍ଷିଣ ହସ୍ତ ଏବଂ ପାର୍ବତୀ ପୀଠ,ଏଠାରେ କଣ୍ଠମାଳୀ ପଡିଥିଲା । (୫) ସିଦ୍ଧିପୀଠ - (ହିମାଚଳ ପ୍ରଦେଶ) ଏଠାରେ ଛାୟାଦେବୀ ସତୀଙ୍କ ଜିହ୍ୱା ପଡିଥିଲା । (୬)ଚନ୍ଦ୍ରଭାଗା ପୀଠ, ପ୍ରଭାସ -(ଗୁଜୁରାଟ) ଏଠାରେ ଦେବୀଙ୍କ ଉଦର ଭାଗ ପଡିଥିଲା । (୭)ଚାମୁଣ୍ଡେଶ୍ୱରୀ ପୀଠ, ବକ୍ରେଶ୍ୱର - ମହୀଶୂର ଠାରୁ ୧୫କିମି ଦୂରରେ ଅବସ୍ଥିତ । ଏଠାରେ ଦେବୀଙ୍କ ହୃଦୟ ପଡିଥିଲା । ଅନ୍ୟାନ୍ୟ ଶକ୍ତିପୀଠ ମଧ୍ୟରେ (୮) ଲଳିତା ପୀଠ, ପ୍ରୟାଗ, (୯) ଦେବଗର୍ଭା ପୀଠ-ରାଞ୍ଚି, (୧୦) ଉମାପୀଠ, ମିଥିଳା, (୧୧) କାମାକ୍ଷା ପୀଠ,ଆସାମ (୧୨)ତ୍ରିପୁରା ସୁନ୍ଦରୀ ପୀଠ-ତ୍ରିପୁରା (୧୩) ଅମ୍ବିକା ପୀଠ- ଜୟପୁର, (୧୪) ବିଶ୍ୱେଶୀ ପୀଠ, ଗୋଦାବରୀ (୧୫) ତ୍ରିପୁରାମାଳିନୀ ପୀଠ, ଜଳନ୍ଧର, (୧୬) ସାବିତ୍ରୀ ପୀଠ, କୁରୁକ୍ଷେତ୍ର (୧୮)ଜୟନ୍ତୀ ପୀଠ, ମେଘାଳୟ, (୧୯) ବିମଳା, ବିରଜା ପୀଠ, ଓଡିଶା, (୨୦) ଶ୍ରୀ ବିଶାଳାକ୍ଷୀ ଶକ୍ତିପୀଠ, ବାରଣାସୀ, (୨୧) କ୍ଷୀର ଗ୍ରାମ ଶକ୍ତିପୀଠ, ପଶ୍ଚିମବଙ୍ଗ, (୨୨) ମା'କାତ୍ୟାୟିନୀ ପୀଠ, ବୃନ୍ଦାବନ (୨୩) ଚାମୁଣ୍ଡା ପୀଠ,

ISSN NO.
2582-208X

ମଥୁରା (୨୪) ମହାମାୟା ପଟେଶ୍ୱରୀ ଶକ୍ତିପୀଠ, ଦେବୀପାଟଣା ଅନ୍ୟତମ । ଭାରତ ବାହାରେ ପ୍ରମୁଖ ଶକ୍ତିପୀଠ ମଧ୍ୟରେ (କ) ଶକ୍ତିପୀଠ, ଗଣ୍ଡକୀ, (ଖ) ଗୁହ୍ୱେଶ୍ୱରୀ ଶକ୍ତିପୀଠ (ନେପାଳ), ହିଙ୍ଗୁଳା ଶକ୍ତିପୀଠ (ପାକିସ୍ତାନ), ରୁଦ୍ରାକ୍ଷୀ ଶକ୍ତିପୀଠ (ଶ୍ରୀଲଙ୍କା), ମାନସ ଶକ୍ତିପୀଠ (ଚୀନ ଅଧିକୃତ), ବଙ୍ଗଳା ଦେଶରେ –ଚଟ୍ଟକ ପୀଠ, କରୋଣେ ପୀଠ, ବିଭାଷ ପୀଠ, ସୁଗନ୍ଧା ପୀଠ,କ ରତୋୟା ପୀଠ ଆଦି ଶକ୍ତିପୀଠକୁ ଲକ୍ଷ୍ୟ କରାଯାଏ । ଶକ୍ତିର ମହିମା ତଥା ଶାକ୍ତ ଧର୍ମର ପ୍ରସାରରେ ଶକ୍ତିପୀଠ ଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆମ ଓଡିଶାରେ ବିମଳା, ବିରଜାପୀଠ ବ୍ୟତୀତ ପ୍ରମୁଖ ଶକ୍ତିପୀଠ ଗୁଡିକ ହେଲା ଝଙ୍କଡ଼ର ସାରଳା, କାକଟପୁରର ମାଆ ମଙ୍ଗଳା, କୋଣାର୍କର ରାମଚଣ୍ଡୀ, ବାଙ୍କୀର ମାଆ ଚର୍ଚ୍ଚିକା, ବାଣପୁରର ଭଗବତୀ, ତାଳଚେରର ମାଆ ହିଙ୍ଗୁଳା, ଭୁବନେଶ୍ୱରରେ ମାଆ ଗୌରୀ, ଗଞ୍ଜାମର ତାରାତାରିଣୀ, କଟକର କଟକଚଣ୍ଡୀ, ଘଟଗାଁର ତାରିଣୀ, ଖୋର୍ଦ୍ଧାର ବରୁଣେଇ, ଭଦ୍ରକର ଭଦ୍ରକାଳୀ, ବଡମ୍ବାର ଭଟ୍ଟାରିକା, ଖଲିକୋଟର ନାରାୟଣୀ, ଚିଲିକାର କାଳିଜାଇ, ନୟାଗଡ଼ର ଦକ୍ଷିଣକାଳୀ, ଓ ପେଟେଇଚଣ୍ଡୀ, ଅନ୍ୟତମ । ଦଶହରା ସମୟରେ ଶକ୍ତିପୀଠ ଗୁଡିକ ଚଳଚଞ୍ଚଳ ହୋଇଉଠେ ମାଆଦୁର୍ଗାଙ୍କ ଆବାହନରେ ।

ସୃଷ୍ଟିର ଆରମ୍ଭ ପୂର୍ବରୁ ଯେମିତି ଆଦ୍ୟାଶକ୍ତି ସତ୍ୟ, ସେମିତି ତାଙ୍କ ସୃଷ୍ଟି ସର୍ଜନା ପରେ ସେ ନିଜେହିଁ ପ୍ରଥମ ଏବଂ ତାଙ୍କ ଦ୍ୱାରା ସୃଷ୍ଟ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ଅନ୍ୟାନ୍ୟ ଦେବମାନେ ମଧ୍ୟ ପ୍ରଥମ । ସେ ଏକସଙ୍ଗେ ଦେବ ଦାନବ ସୃଷ୍ଟି କରିଥିଲେ । ସମୁଦ୍ର ମନ୍ଥନ ସମୟରେ ପ୍ରାପ୍ତ ଅମୃତପାନ କରି ଦେବତାମାନେ ଅମର ହୋଇଗଲେ, ଦାନବମାନେ ହେଲେ ମର । ନିଜର ଶକ୍ତି ଓ ଆଧିପତ୍ୟ ବିସ୍ତାରକୁ ନେଇ ଦୁହିଁଙ୍କ ମଧ୍ୟରେ ସର୍ବଦା କଳହ ଓ ଯୁଦ୍ଧ ଲାଗି ରହୁଥିଲା । ଦାନବମାନେ ଧ୍ୟାନ, ତପସ୍ୟା ମାଧ୍ୟମରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ସନ୍ତୁଷ୍ଟ କରି କିପରି ଅମରତ୍ୱ ଲାଭ କରିବେ ସେହିପରି ବର ମାଗୁଥିଲେ କିନ୍ତୁ ତାଙ୍କ ଅଲକ୍ଷ୍ୟରେ କିଛି କାରଣ ରହିଯାଉଥିଲା ଯାହାଦ୍ୱାରା ଦାନବ ମାନଙ୍କର ମୃତ୍ୟୁ ହେଉଥିଲା ।

ସୃଷ୍ଟିର ଆରମ୍ଭରେ ଆଦିଦୈତ୍ୟ ଥିଲେ ହିରଣ୍ୟ କାଶିପୁ । ତାଙ୍କ ବଂଶର 'ରୁ ରୁ' ନାମକ ଏକ ଅସୁର ଦୁର୍ଗାଙ୍କ ଦ୍ୱାରା ନିହତ ହୋଇଥିଲେ । ତା'ର ପୁତ୍ର ଥିଲେ ଦୈତ୍ୟରାଜ ଦୁର୍ଗମ । ସେ ବ୍ରହ୍ମାଙ୍କ ଠାରୁ ବର ପାଇଥିଲା ଯେ ସେ କୌଣସି ପ୍ରାଣୀ ବା ପୁରୁଷ ହାତରେ ମରିବ ନାହିଁ । ତେଣୁ ଦୁର୍ଗମ ତ୍ରିଲୋକର ଅଧିପତି ହେବାର ସ୍ୱପ୍ନ ଦେଖୁଥିଲା । ସ୍ୱର୍ଗପୁର ବାରମ୍ବାର ଆକ୍ରମଣ କରିବା ସହିତ ଦେବତା ମାନଙ୍କୁ ପରାସ୍ତ କରି ଅକଥନୀୟ ଅତ୍ୟାଚାର କରୁଥିଲା ।

ISSN NO.
2582-208X

ମଙ୍ଗଳକାରୀ ଚାରି ବେଦକୁ ଅପହରଣ କରିନେବାର ଯୋଜନା ମଧ୍ୟ କରୁଥିଲା । ଏମିତି ଏକ ଦେବ ଦାନବ ଯୁଦ୍ଧ ସମୟରେ ବୃହସ୍ପତି ଓ ଇନ୍ଦ୍ର ଇତ୍ୟାଦି ଦେବତାମାନେ ଏକ ପରମ ଜ୍ୟୋତିକୁ ଦେଖିଥିଲେ । ଏହି ଜ୍ୟୋତି ପାଖରେ ବିନମ୍ର ପାର୍ଥନା କରିବା ସହ ଶରଣ ମଧ୍ୟ ପଶିଲେ । ସେଇ ଜ୍ୟୋତି ମଧ୍ୟରେ ଦେବତାମାନେ ପ୍ରଥମ ଥର ପାଇଁ ଚତୁର୍ଭୁଜା କୌଣସି ଏକ ନାରୀ ପ୍ରତିମା ଦେଖିଲେ ଯିଏକି ଗୋଟିଏ ହସ୍ତରେ ବରଦାନ, ଅନ୍ୟ ହସ୍ତ ମାନଙ୍କରେ ପାଶ, ଅଙ୍କୁଶ, ଓ ଚତୁର୍ଥ ହସ୍ତରେ ଅଭୟ ପ୍ରଦାନ କରୁଥିଲେ । ଯେଉଁ ବେଦ ଗୁଡିକ ପାଇଁ ଦେବତାମାନେ ଦୁର୍ଗମ ଭୟରେ ଆତୁର ଥିଲେ, ସେଗୁଡିକ ତାଙ୍କ ପାଦତଳେ ଥିଲା, ଅର୍ଥାତ ସେ ବେଦର ରକ୍ଷାକାରିଣୀ ଥିଲେ ।

ଦୁର୍ଗମାସୁର ର ପୁରୁଷ ହାତରେ ମରିବାର ନଥିଲା । ମା' ଭଗବତୀ ତାଙ୍କୁ ନାରୀ ରୂପରେ ବଧ କଲେ ।

"ପ୍ରାଣୀଙ୍କର ପରମ କଲ୍ୟାଣ ଦାୟିନୀ,
ଶାକରୁପେ ସବୁଙ୍କୁ ରକ୍ଷାକରେ ପୁଣି
ସହସ୍ରାକ୍ଷୀ ସାକ୍ଷାତେ କରୁ ନମସ୍କାର
ଦୁର୍ଗା ମା 'ଦୁର୍ଗମକୁ କଲାଯା ସଂହାର । "
(ଶ୍ରୀଦେବୀ ଭାଗବତ, ୨ୟ ଖଣ୍ଡ, ପୃ -୮୭ )

ଦୁର୍ଗମ ଅସୁରକୁ ମାରି ମା' ଦେବତା ମାନଙ୍କ ଦୁଃଖ ହରଣ କରିଥିବାରୁ ମା'ହେଲେ,'ଦୁର୍ଗା' । ଲକ୍ଷ୍ମୀତନ୍ତ୍ରରେ ଉଲ୍ଲେଖ ଅଛି -

"କମ୍ବରୀ ଶତାକ୍ଷୀ ସା ସୈବ ଦୁର୍ଗା ପ୍ରକୀର୍ତ୍ତିତା,
ଉମା, ଗୌରୀ ସତୀ ଚଣ୍ଡୀ କାଳିକେଶା ଚ ପାର୍ବତୀ ।
ଶାକମ୍ବରୀଂ ସ୍ତୁବନ ଧ୍ୟାୟନ ଶତ୍ରୁ ସଂପୂଜୟନ ନମନ,
ଅକ୍ଷୟ୍ୟା ମଶ୍ନୁତେ ଭୁତିମନ୍ନଂ ପନଂ ଭବାନ୍ତରେ ।"

ଅର୍ଥାତ - ଶତାକ୍ଷୀ, ଶାକମ୍ବରୀ, ଦେବୀ ହେଉଛନ୍ତି ଦୁର୍ଗା, ଉମା, ଗୌରୀ, ସତୀ, ଚଣ୍ଡୀ, କାଳିକେଶା ଓ ପାର୍ବତୀ ନାମରେ ଖ୍ୟାତ । ଶାକମ୍ବରୀଙ୍କୁ ସ୍ତବ, ଧ୍ୟାନ, ପୂଜା ଓ ପ୍ରଣାମ କରିଲେ ଅନ୍ୟ ଜନ୍ମରେ ଅକ୍ଷୟ, ଅନ୍ନ, ପାନ, ଓ ଐସୂର୍ଯ୍ୟ ଲାଭ ହୁଏ ।

ISSN NO.
2582-208X

"ଦୁର୍ଗା ଦେବୀତି ବିଖ୍ୟାତଂ ତନ୍ମେ ନାମ ଭବିଷ୍ୟତ ।
ପୁନଶ୍ଚାହଂ ଯଦା ଭୀମଂ ରୂପଂ କୃତ୍ୱାଂ ହିମାଚଳେ ।" (୧୧-୫୦)
"ରକ୍ଷାସି ଭକ୍ଷୟିଷ୍ୟାମି ମୁନୀନାତ୍ରାଣ କାରଣାତ ।
ତଦା ମାମୁନୟଃ ସର୍ବେ ସ୍ତୋଷ୍ୟନ୍ତ୍ୟାନମ୍ର ମୂର୍ତ୍ତୟଃ ।"(୧୧-୫୧)

ଅର୍ଥାତ - ଏହାଦ୍ୱାରା ମୋର ନାମ 'ଦୁର୍ଗାଦେବୀ' ରୂପେ ପ୍ରସିଦ୍ଧ ହେବ । ପୁନଶ୍ଚ ମୁଁ ଯେତେବେଳେ ଭୀମ ରୂପ ଧାରଣ କରିବି, ମୁନୀମାନଙ୍କ ରକ୍ଷା ନିମନ୍ତେ ହିମାଳୟ ଉପରେ ରହିଥିବା ରାକ୍ଷସ ମାନଙ୍କୁ ଭକ୍ଷଣ କରିବି ସେଇ ସମୟରେ ସବୁ ମୁନୀ ଭକ୍ତିପୂର୍ବକ ନତମସ୍ତକ ହୋଇ ମୋର ସ୍ତୁତି କରିବେ । ସେତେବେଳେ ମୁଁ ଭୀମାଦେବୀ ବୋଲି ବିଖ୍ୟାତ ହେବି । ମାର୍କଣ୍ଡ ଋଷି ତାଙ୍କ 'ମାର୍କଣ୍ଡ ପୁରାଣ'ରେ ଥିବା ଦେବୀ ମହାତ୍ମ୍ୟ ବା ଚଣ୍ଡୀ ନାମକ ଗ୍ରନ୍ଥରେ କହିଛନ୍ତି- କେବଳ ଆର୍ଯ୍ୟ ଦେଶ ନୁହେଁ ସମଗ୍ର ଜଗତରେ ମାନବ କଲ୍ୟାଣ ନିମନ୍ତେ ମା'ଦୁର୍ଗାଙ୍କର 'ଶତାକ୍ଷୀ' ଓ 'ଶାକମ୍ବରୀ' ଏଇ ଦୁଇ ଅବତାର ଅଯୋନିକା ରୂପେ ସ୍ୱ-ଅଙ୍ଗରୁ ସମ୍ଭୂତା ହୋଇ ପ୍ରକଟିତ ହୋଇଥିଲେ । ତେଣୁ ଦୁର୍ଗାପୂଜାରେ ସପ୍ତମୀ, ଅଷ୍ଟମୀ ଓ ନବମୀ ଏହି ତିନିଦିନ ଦୁର୍ଗା ମଣ୍ଡପମାନଙ୍କରେ ଚଣ୍ଡୀ ପାଠ ହୋଇଥାଏ । ମା' ଅସୁରଙ୍କ ନିଧନ ପାଇଁ 'ନଅ' ଟି ରୂପ ଧାରଣ କରନ୍ତି ଯଥା-ଶୈଳପୁତ୍ରୀ, ବ୍ରହ୍ମଚାରିଣୀ ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରୀ,ମହାଗୌରୀ, ସିଦ୍ଧିଦାତ୍ରୀ, ଭାବରେ ପରିଚିତ । ତେଣୁ ଦୁର୍ଗାଙ୍କୁ 'ନବଦୁର୍ଗା' ମଧ୍ୟ କୁହାଯାଏ ।

ମା'ଦୁର୍ଗା ହେଉଛନ୍ତି ଶୁଭ, ମଙ୍ଗଳ ଓ ନ୍ୟାୟ ଶକ୍ତିର ପ୍ରତୀକ । ସେ ମଧ୍ୟ ଅଶୁଭ ବିନାଶିନୀ, ଶୁଭଶକ୍ତି ସ୍ୱରୂପିଣୀ । ମାତୃଶକ୍ତି ମା'ଦୁର୍ଗାଙ୍କ ଆବିର୍ଭାବ ଘଟେ ବର୍ଷକୁ ଦୁଇଥର । ବସନ୍ତ କାଳରେ ସୂର୍ଯ୍ୟ ଯେତେବେଳେ ମୀନ ରାଶିରେ ଚଳମାନହୁଏ ସେତେବେଳେ ମା'ଦୁର୍ଗାଙ୍କ ଆରାଧନାକୁ 'କାଳବୋଧନ' କୁହାଯାଏ ଅର୍ଥାତ ଏହା ବାସନ୍ତୀପୂଜା ନାମରେ ଅବିହିତ । ସୂର୍ଯ୍ୟ ଯେତେବେଳେ କନ୍ୟା ରାଶିରେ ଚଳନ କରନ୍ତି ବା ଶରତଋତୁରେ ମା'ଦୁର୍ଗାଙ୍କୁ ଆରାଧନା କରାଯାଏ ତାକୁ 'ଅକାଳବୋଧନ' କୁହାଯାଏ ଯଥା ନିଦ୍ରିତ ଦେବତାଙ୍କୁ ଅକାଳ ନିଦ୍ରାଭରଣରୁ ଜାଗ୍ରତ କରିବା । ମା'ଦୁର୍ଗାଙ୍କର ଏହା ଏକ ଶାରଦୀୟ ଦୁର୍ଗାପୂଜା ବା ଶାରଦୋତ୍ସବ କୁହାଯାଏ । ଦୁର୍ଗାପୂଜାରେ ମାଆଙ୍କ ଦଶଭୁଜା, ମହାଶକ୍ତି, ରଣସେନୀ ଓ ମହିଷାସୁର ବିନାଶିନୀ ବେଶ ଧାରଣ କରନ୍ତି । ମା ମହିଷାମର୍ଦ୍ଦିନୀ ଦୁର୍ଗା ଭାବରେ ପୂଜିତ ହୁଅନ୍ତି ।

ISSN NO.
2582-208X

ମା' ଦୁର୍ଗା ଜଗତର ମଙ୍ଗଳମୟୀ ଓ କରୁଣାଦାତ୍ରୀ । ସୃଷ୍ଟିର ଉଷା କାଳରେ ପ୍ରଜାପତି ବ୍ରହ୍ମା ଅତ୍ୟାଚାରୀ ମଧୁ -କୈଟଭ ଦୈତ୍ୟକୁ ବଧ କରିବାକୁ ପ୍ରଥମେ ଦୁର୍ଗାସ୍ତବ କରିଥିଲେ । ବ୍ରହ୍ମାଙ୍କ ସ୍ତବରେ ସନ୍ତୋଷ ହୋଇ ଆଦ୍ୟାଶକ୍ତି ମାଆ ବିଷ୍ଣୁଙ୍କ ସହାୟତାରେ ଦୈତ୍ୟ ମଧୁ -କୈଟଭ ବଧ ହୋଇଥିଲା । ପରବର୍ତ୍ତୀ କାଳରେ ସ୍ୱର୍ଗପୁରରେ ବୃତ୍ତାସୁର ଦେବଗଣଙ୍କ ପ୍ରତି ଅକଥନୀୟ ଅତ୍ୟାଚାର କରିଥିଲା । ସମବେତ ଦେବଗଣ ମାତୃଆରାଧନା ସ୍ତବ କରିବାରୁ ମା'ଦୁର୍ଗା ଅସୁରର ଅତ୍ୟାଚାରରୁ ସ୍ୱର୍ଗପୁରକୁ ମୁକ୍ତ କରିଥିଲେ । ତ୍ରେତୟା ଯୁଗରେ ରାମଚନ୍ଦ୍ର ରାବଣ ପାଖରୁ ସୀତାଙ୍କ ଉଦ୍ଧାର ପାଇଁ ଆଶ୍ୱିନ ମାସରେ ମାଙ୍କ ମୂର୍ତ୍ତି ଗଢି ଷଷ୍ଠି ଠାରୁ ଦଶମୀ ପର୍ଯ୍ୟନ୍ତ ପୂର୍ଣ୍ଣ ଭକ୍ତିର ସହିତ ଦୁର୍ଗାପୂଜା କରିଥିଲେ । 'ମା' ଙ୍କ କରୁଣା ଲାଭକରି ସୀତାଙ୍କୁ ଉଦ୍ଧାର କରିଥିଲେ, ରାବଣବଧ ସମ୍ଭବ ହୋଇଥିଲା । ଦ୍ୱାପର ଯୁଗରେ ଅଜ୍ଞାତ ବାସରେ ଧର୍ମରାଜ ଯୁଧିଷ୍ଠିର ଶ୍ରୀଦୁର୍ଗାଙ୍କୁ ପୂଜାକରିଥିଲେ । ମହାଭାରତ ଯୁଦ୍ଧ ସମୟରେ ଶ୍ରୀକୃଷ୍ଣ ସଖା ଅର୍ଜୁନକୁ ପ୍ରତେହ ଦୁର୍ଗାସ୍ତବ ପାଠ କରିବାକୁ ଉପଦେଶ ଦେଇଥିଲେ । ସୁତରାଂ ମା'ଦୁର୍ଗାଙ୍କ କରୁଣାରୁ ସମସ୍ତ ଆସୁରିକ ଶକ୍ତିର ବିନାଶ ଘଟୁ, ଜଗତରେ ଦେବତ୍ୱର ଭାବ ସଞ୍ଚରି ଯାଉ, ମାନବ ମାନବ ମଧ୍ୟରେ ଶାନ୍ତି, ପ୍ରେମ, ଶ୍ରଦ୍ଧା ଦେଖାଦେଉ ଏତିକି ଦୁର୍ଗାପୂଜାରେ ମା'ଦୁର୍ଗାଙ୍କୁ ବିନମ୍ର ପ୍ରଣତି ।

## ସହାୟକ ଗ୍ରନ୍ଥସୂଚୀ

(୧) ଓଡ଼ିଆ ସାହିତ୍ୟରେ ଧର୍ମଧାରା - କାହ୍ନୁ ଚରଣ ମିଶ୍ର
(୨) ଦୁର୍ଗା ପୂଜାର ଇତି ଐତିହ୍ୟ ଗାଥା-ଡ଼କ୍ଟର ଲକ୍ଷ୍ମଣ ସାହୁ
(୩) ଯୁଗେ ଯୁଗେ ଦେବୀ- ବିପିନ ବିହାରୀ ମହାନ୍ତି- ଆଧୁନିକ-୨୦୧୮, ପାର୍ବଣ ବିଶେଷାଙ୍କ
(୪) ଦେଶ ବିଦେଶରେ ପ୍ରମୁଖ ଶକ୍ତିପୀଠ-ବିପିନ ବିହାରୀ ମହାନ୍ତି ଅକ୍ଷାଂଶ (୨୦୨୦)
(୫) ପାର୍ବଣର ଦେବୀ-ଡ. ସଂକୁତଳା ବଳିୟାର ସିଂ, ଯୁଗଶ୍ରୀ ଯୁଗନାରୀ, ଅକ୍ଟୋବର (୨୦୨୪)
(୬) ଦେବୀଙ୍କ ସ୍ୱରୂପ - ଡ. କିରଣ ବାଳା ରଥ, ଆଧୁନିକ-୨୦୧୮ ପାର୍ବଣ ବିଶେଷାଙ୍କ

ଅଧ୍ୟାପିକା (ଓଡ଼ିଆ ଭାଷା ସାହିତ୍ୟ ବିଭାଗ)
ରଘୁନାଥ ସମବାୟ ମହାବିଦ୍ୟାଳୟ
ଓଡଗାଁ, ନୟାଗଡ, ଫୋନ -୮୨୪୯୦୧୪୩୭୯

ISSN NO.
2582-208X

# ଆସ ମା ଦଶଭୁଜା


ପୁଷ୍ପାଞ୍ଜଳ ମିଶ୍ର

ଆସ ମା ଆସ ମା ଦଶଭୁଜା
ଦୁର୍ଗତୀ ନାଶିନୀ ମା
ଗାଁ ରୁ ସହର ପୁରପଲ୍ଲୀରେ
ତୋ ପାଇଁ ଆନନ୍ଦ ମେଳା
ଦୁର୍ଗା ମଣ୍ଡପ ଗାଁ ରେ ଗାଁ ରେ
ତୋ ପାଇଁ ହେଉଛି ସଜ୍ଜା
ମଣ୍ଡପରେ ମା ବିରାଜିବେ ଆସି
ମନ ଲାଗୁନାହିଁ କାହାର
ସୁଖିରେ ଅଧିର ମା ଆସୁଛନ୍ତୁ
ସଭିଏଁ ଆନନ୍ଦ ବିଭୋର
ପାଞ୍ଚ ଦିନ ଧରି ମା ପୂଜା ପାଇବେ
ଅଧର୍ମ ଉପରେ ଧର୍ମ ର ବିଜୟ
ଅସତ୍ୟ ଉପରେ ସତ୍ୟର ଜୟ
ବିଘ୍ନ ବିନାଶିନୀ ଦୁଃଖ ନାଶିନୀ
ଶକ୍ତ ପ୍ରଦାୟନୀ ମା
ଆସ ଅବତରୀ ଦଶ ଭୂଜାଧରି
ଅସ୍ତ୍ର ଶସ୍ତ୍ର ଆଭୁଷଣେ
ଜଗତ ଜନନୀ ମାତା ଅମ୍ବିକେ
ହର ହର ଦୁଃଖ ହାରି
ଜୟ ହେ ଶୈଳଜା ମାତା ଦଶଭୂଜା

ISSN NO.
2582-208X

ଦୁର୍ଗତୀ ନାଶିନୀ ମାତା
ସତ୍ୟ ଧର୍ମ ପଥେ ରାହା ଦେଖାଇବୁ
ବିଶ୍ୱାସ ଭରସା ତୁହି
ସତ୍ୟ ସନାତନୀ ପାପ ନାଶିନୀ
ମା କରୁଣା ଦାୟିନୀ
ଆମ ମନୋବାଞ୍ଛା ପୁରଣର ଆଶା
ଭରିଦିଅ ତାରି ଦିଅ ସଭିଙ୍କୁ
ମା ଗୋ ମା ଗୋ ଆକୁଳେ ଅନ୍ତରେ
ଶୁଭ ମୋର ଦୁଃଖ ଅଳ
ଶରତ ଆଶ୍ୱିନ କାଶତଣ୍ଡି ଫୁଲ
ଆହା କ ସୁନ୍ଦର ଦିଶେ
ନବରାତ୍ରେ ମାଗୋ ନଅଟି ରୂପରେ
ଧରାକୁ ଓହ୍ଲେଇ ଆସି
ମାରିଥିଲ ତୁମେ ମହିଷାସୁର କୁ
ଦେବଗଣ ରକ୍ଷା କରି
ଏ କଳ ଯୁଗରେ ପାପୀ ଙ୍କୁ ମାରି
ମହାମୟୀ ରୂପ ଧରି
ଜଗତଜନନୀ ଜୟ ମା ଅମ୍ବିକା
ସମସ୍ତଙ୍କୁ ସାହା ହୁଅ
ମା ଗୋ ଦଶଭୁଜା କରେ ତୁମ ପୂଜା
କୃପା କର ଥରେ ବାରି ॥

ସୁକନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
୯୫୫୬୬୪୩୯୨୧

ISSN NO.
2582-208X

# ମା' ଆସୁଛି



କଳ୍ପନା ମିଶ୍ର

ଆଶିଷ ର ଧାରା ଆଶ୍ୱିନ ଆଣିଛି
ପୃଥିବୀ ବକ୍ଷରେ ଆଜି
ଶୁଭ୍ର ସକାଳ ରେ ଶେଫାଳୀ ଝଡଇ
କି ସୁନ୍ଦର ବୃକ୍ଷ ରାଜି ।

କାଶତାଣ୍ଡି ଫୁଲେ ଆଲଟ ଚାମର
ଧରିଛି ଧରଣୀ ରାଣୀ
ସ୍ୱାଗତ ଗୀତିକା ଗାଉଛି ଝରଣା
ଝରି ଝରି ଯାଏ ପୁଣି ।

ମା' ଦୁର୍ଗାଙ୍କର ଆଗମନ ପାଇଁ
ମର୍ତ୍ତ୍ୟପୁର ସଜ ବାଜ
ମନ୍ଦାର, ଟଗର, ନାଗ ଚମ୍ପା ଆଦି
ସତେକି କରନ୍ତି ଲାଜ ।

ନବ ପଲ୍ଲବ ରେ ପଲ୍ଲବୀତ ଧରା
ଶାଗୁଆ ପାଟ ପିନ୍ଧିଛି
ବରଷା ରାଣୀ ର ଅସରା ବର୍ଷାରେ
ପାଦ ତାର ପ୍ରକ୍ଷାଳୁଛି ।

ଚାରିଆଡେ ଖୁସି ଆନନ୍ଦର ଉତ୍ସ
ନାହିଁ କାହିଁ ଅଭିମାନ
ମା' ଆସିଯିବ ସିଂହ ବାହନ ରେ
ସଭିଙ୍କ ଆନନ୍ଦ ମନ ।

==

ହରିପୁର, ସୁକନ୍ଦା,
ଯାଜପୁର-୭୫୫୦୧୮
ମୋବାଇଲ୍ 8847849093

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୪୧- ଭାସିଯାଆନ୍ତୁ ସୁମାତ୍ରାକୁ

"ଏକ ବୋଟ ଧରା ହୋଇଛି ।"
"ନା, ଚାରିଟା ବୋଟ ଧରା ହୋଇଛି ।"
"ନା, ଗୋଟାଏ ବୋଟ ଭାସିଆସିଛି ।"

ପ୍ରବଳ ବାତ୍ୟା ପରେ କଥାଟା କ୍ୟାମ୍ପବେଲ ବେରେ ନିଆଁ ଭଳି ଖେଳିଗଲା । ଛୋଟ ଜାଗାରେ ସାମାନ୍ୟ ଖବର ବହୁତ ବଡ ଲାଗେ ଆଉ ସମସସ୍ତଙ୍କ କାନକୁ ମୁହୁର୍ତ୍ତକେ ଚାଲିଯାଏ । ଖବରଟା ପ୍ରଥମେ ବାବୁରାଓ ଦେଇଥିଲା । ଟୋକାଟା ଜଲଦି କାମ ସାରିଦେଇ ବଜାରରେ ବୁଲୁଥିବ, କିଛି ନା କିଛି ଖବର ହେଲେ ନେଇ ଆସିବ । ଆଉ ସାମାନ୍ୟ କଥାକୁ ବଡ କରି କହିବ । ଏଇଟା ତା'ର ଏଣ୍ଟରଟେନମେଣ୍ଟ । ସେମିତି ବଡ କିଛି ଭାବିବାକୁ ନାହିଁ । ଛୋଟ ଜାଗା, ତେଣୁ ଛୋଟ କଥାକୁ ଘେରି ଲୋକମାନେ ବସିଯାଆନ୍ତି ଆଉ ନିଆଁରେ ହାତ ସେକି ଗରମ କଲାଭଳି ନିଜର ଥଣ୍ଡା ପଡିଯାଉଥିବା ମନକୁ କଥାରେ ସେକି ନିଅନ୍ତି ।

"ସତରେ ଧରା ହୋଇଛି ନା କ'ଣ?"- ରୋଷେଇ ଘରେ ଧରମା ପଚାରିଥିଲା ଆଉ ଧରମା ବଜାରକୁ ଦୌଡିଯିବା ଆଗରୁ ଖବରକୁ ଅସୀମଙ୍କ କାନ ପର୍ଯ୍ୟନ୍ତ ଶୋଭନା ନେଇଯାଇଥିଲେ ।

ISSN NO.
2582-208X

"ବୋଟଟା ସୁମାତ୍ରାରୁ ଭାସି ଆସିଛି ।"

"ସୁମାତ୍ରାରୁ ଭାସି ଆସିଛି!"- ଅସୀମ ବିଶ୍ୱାସ କରି ପାରିନଥିଲେ । ସୁମାତ୍ରା ମାନେ ଆଉ ଏକ ଦେଶ ଇଣ୍ଡୋନେସିଆ । ସେମାନେ ମାଲୟ ଲୋକ ।

"ହଁ ପରା । ଏଇ ଦିନେ ତଳେ ବାତ୍ୟା ହୋଇଥିଲା ନା । ସେଥିରେ ଭାସି ଆସିଛି ।"- ଶୋଭନା ବିଶ୍ୱାସର ସହ କହିଥିଲେ ।

"ଏ ପବନରେ ପାଣିରେ ବୋଟଗୁଡା ବୁଡିଯିବା କଥା ।"- ଅସୀମ ପୁଣି କହିଲେ । ମଝି ସମୁଦ୍ରରେ ବାତ୍ୟାରେ ଛୋଟ ବୋଟ ସବୁ ରହିବନା । ପଟ କିନା କାଠର ବୋଟ ଭାଙ୍ଗିଯିବ ଆଉ ଚଟ କିନା ଲୋକମାନେ ବୁଡିଯିବେ । ତେଣୁ ଏକ ପୁରା ବୋଟ ଭାସିଆସିବା ଅବିଶ୍ୱାସନୀୟ ହେଉଥିଲା ।

"ପାଣିରେ ମୋଟେ ନବୁଡି ଭାସିଆସିଛି । ସେଇଆ ପରା ବାବୁରାଓ କହୁଥିଲା ।"-ଧରମା ଏକା ରାହାରେ କହିଲା । ଅସୀମ ଓ ମାଡାମ୍ ବୋଟ ବିଷୟରେ କଥା ଆରମ୍ଭ କରିବାରୁ ଆଉ ଧରମା ଦୌଡି ପଳାଇଲା ନାହିଁ । ଏଠି ମଧ୍ୟ କଥାରୁ କିଛି ଗରମ ବାମ୍ଫ ବାହାରି ଆସିବ ।

ଏ ଭିତରେ ବାବୁରାଓ ଫେରିଆସିଲା । ତା' ସାର୍ଟ ଝାଳରେ ଭିଜିଯାଇଥିଲା । ଟୋକାଟା ବଜାରରେ ଦୌଡାଦୌଡି ଯେମିତି କରିଛି । ସେ ଯେତେବେଳେ ବୋଟକୁ ଦେଖିଆସିଛି କହିଲା ସେତେବେଳେ ବୁଝିହେଲା ବାବୁରାଓ ଜୋରରେ ଦୌଡିଛି । ବଜାର, ଉପସାଗରର, ବୋଟ ଆଉ ଧରମା କଥା ଶେଷ ହେବା ଆଗରୁ ବାବୁରାଓର ଫେରିଆସିବା ଅର୍ଥ ଏକ ଲାଷ୍ଟ ମିନିଟ ଡ୍ୟାଶ ହୋଇଥିବ ।

ତା କଥା ହିସାବରେ କେତେଟା ବୋଟ କ୍ୟାମ୍ପବେଲ ବେରେ ଅଟକାଯାଇଛି । ସେଥିରେ ସୁମାତ୍ରାର ଲୋକେ ବସିଛନ୍ତି । ସବୁ ଇଂଜିନ ବୋଟ । ମଝିରେ ଅଛି ଇଂଜିନ ରୁମ, ପ୍ରାୟ ଖୋଲା ବୋଟ । ବୋଟରେ କାଚ ଝରକାମାନ ଲାଗିଛି । ବୋଧହୁଏ କମ୍ୟୁନିକେସନ ପାଇଁ ଯନ୍ତ୍ରପାତି ଅଛି, ଆଣ୍ଟିନା ବାହାରକୁ ଦେଖାଯାଉଛି । ଲୋକଗୁଡାକ ଆମ ଭଳି ପ୍ୟାଣ୍ଟ ଶାର୍ଟ ପିନ୍ଧିଛନ୍ତି । ସମୁଦ୍ରକୂଳରେ ଛୁଆଠାରୁ ବଡ ଲୋକେ ଜମା ହୋଇ ସେ ବୋଟଗୁଡିକୁ ଦେଖୁଛନ୍ତି । ଏ ଧରଣର ଛୋଟବୋଟ ମୋଟେ ଖୋଲା ସମୁଦ୍ରକୁ ଯାଇ ପାରିବ ନାହିଁ । ଏ

ISSN NO.
2582-208X

ଲୋକମାନଙ୍କ ପାଖରେ ଖାଇବା ପାଇଁ କିଛି ରାସନ ବୋଧହୁଏ ଥିଲା । ତେଣୁ ଭାସି ଆସିଲେ ମଧ୍ୟ ବଞ୍ଚିଛନ୍ତି । ଲୋକଗୁଡା କୂଳେକୂଳେ ଯିବାକଥା ।

ଅସୀମ ଭାବିଲେ ପାଣି ବେଶି ନାଚୁନଥିବ ଆଉ ସୁମାତ୍ରାର ଲୋକମାନେ ନିଃଶ୍ୱାସ ନେଉଥିବେ । କୋଷ୍ଟଗାର୍ଡ ତଥା ପୋଲିସ ସେମାନଙ୍କ କାମ କରିବେ । ଉପଯୁକ୍ତ ପେପର ଯାଞ୍ଚ ପରେ ସେମାନେ ବୋଟକୁ ଯିବାକୁ ଦେବେ ।

ଦିନର ଶେଷ ଆଡକୁ ଶୋଭନା ଆଉ ଅସୀମ ସେମାନଙ୍କ ଘର ପଛଆଡ ସମୁଦ୍ରକୂଳରେ ଚାଲିବାକୁ ଲାଗିଲେ । ଅସୀମଙ୍କ ଆଖିର ଆଗରେ ଜେଟି ଲମ୍ୱି ଯାଇଥିଲା ଅନେକ ଭିତରକୁ। କ୍ୟାମ୍ପବେଲ ବେର ଉପସାଗର ବଡ । କୂଳ ଆଡକୁ ଅନେକ ନଡିଆ ଗଛ, ଝାଉଁ ଗଛ, ଘର ଦ୍ୱାର । ଜେଟି ପରେ ମଧ୍ୟ ବହୁତ ଭିତରକୁ ସମୁଦ୍ର ପଶି ଆସିଛି ଆଉ ପାଣି ମୋଟେ ସିଧା ମାଡ ହେବନି । ଜେଟିର ବାମ ପଟେ ବ୍ରେକ ଓ୍ୟାଟର ଥିଲା । ସିମେଣ୍ଟର ତିଆରି ତାରା ଆକାରମାନ । ତେଣୁ ଭାସିଯିବନି ଆଉ ପାଣି ମଧ୍ୟ ଜେଟିରେ ସିଧା ମାଡ ହେବନି । ଡାହାଣ ପଟେ ଜାହାଜ ସହଜରେ ଲାଗିପାରିବ । ସୁମାତ୍ରାରୁ ଭାସି ଆସିଥିବା ବୋଟକୁ କିନ୍ତୁ ଜେଟିରେ ବନ୍ଧା ଯାଇନଥିଲା, ଉପସାଗର ଭିତରକୁ ଅଣାଯାଇଥିଲା।

“ଶୂନ୍ୟ ଚଲାପଥ ଦୂର ମାଟିକୁ ପାଣିରୁ ଯୋଡୁଛି ।”-ଅସୀମ ଜେଟିର ଖୁଣ୍ଟମାନଙ୍କୁ ଅନାଇ କହୁଥିଲେ । ଏକ ଛାତ ସମୁଦ୍ର ଭିତରକୁ ଲମ୍ୱିଯାଇଛି । ଲୋକେ ଚାଲିଚାଲି ଯିବେ । ଅତି ସାଧାରଣ ଲକ୍ଷ୍ୟ କରିବା କଥା । ଜେଟି ଏକ ଲମ୍ବା ପଥ ପାଣିର ଉପରେ । ପାଣି ଭିତରକୁ ଚାଲିଯାଇଛି, କିନ୍ତୁ ପାଣି ଛୁଇଁବ ନାହିଁ ।

“ଏକ ଜାହାଜ ଉପସାଗର ଭିତରକୁ ଚାଲିଯିବ । ଜେଟିରେ ବାନ୍ଧିହୋଇ ରହିବ । ଜାହାଜ ଭାସିଯିବ ନାହିଁ ।”-ଶୋଭନା କହିଲେ ଅସୀମଙ୍କ କଥାରେ କଥା ମିଶାଇ । ସେତେବେଳେ ଜେଟିରେ ଏକ ଜାହାଜ ଠିଆ ହୋଇଥିଲା । ପାଖରେ ଏକ ବଡ କ୍ରେନ ଲୋଡିଙ୍ଗ ଅନଲୋଡିଙ୍ଗ ପାଇଁ ଥିଲା ।

ବୋଟ କିନ୍ତୁ ପାଣିରେ ଭାସିଯିବ ।”-ଅସୀମ ପୁଣି କହିଲେ । ଜେଟିରେ ଲାଗିଥିବା ବଡ ଜାହାଜ ଲୁହା ଖୁଣ୍ଟରେ ବନ୍ଧାହୋଇଥିବା ହେତୁ ଭାସି ଯିବନି । କିନ୍ତୁ ଉପସାଗରରେ ନଙ୍ଗର

ISSN NO.
2582-208X

ପକାଇଥିବା ବୋଟ ଥରେ ନଙ୍ଗର ଉଠାଇଦେଲେ ଓଲଟା ପବନରେ ସହଜରେ ପାଣିରେ ଭାସିଯାଇପାରିବ ।

"ଆଶାକୁ ମୁଣିରେ ରଖିଥିଲେ ନା, ସେଇଥି ପାଇଁ ବୋଟ ସିଧା ପବନରେ ଭାସି ଆସିଛି । ନହେଲେ କ'ଣ ସୁମାତ୍ରାରୁ ଆସିପାରିଥାନ୍ତେ ?"-ଅସୀମ ପାଣିରେ ଭାସୁଥିବା ବୋଟକୁ ଦେଖାଇ ଆଉ ଥରେ କହୁଥିଲେ ।

"ଏହି ଛୋଟ ବୋଟ ସୁମାତ୍ରାରୁ ! -ଶୋଭନା ବିସ୍ମୟରେ କହିଲେ । ଏଡିକି ଛୋଟ ବୋଟ କ'ଣ ସତରେ ଆଉ ଏକ ଦେଶରୁ ଆସିଯାଇପାରିବ ? ଏଠି ନିକୋବର ତ ଛାଡ କାମୋର୍ଟା, କଚ୍ଛାଲରୁ ଆସୁଥିବା ଶିପମାନ ବଡ । ବୋଟ ତ ଏତିକି ଦୂରରୁ ବି ଚାଲୁନି ।

"ସତରେ ସୁମାତ୍ରାରୁ ।"- ଅସୀମ ନଙ୍ଗର ପକାଇଥିବା ବୋଟକୁ ଅନାଇଥିଲେ । ବୋଟର ଆକାର ଦେଖି ଶୋଭନାଙ୍କୁ ପ୍ରତ୍ୟୟ ନହେଲେ ବି ଅସୀମଙ୍କୁ ବିଶ୍ୱାସ ହେଉଥିଲା । ଆର୍କମେଡିସଙ୍କ ନିୟମ ହିସାବରେ ବୋଟମାନ ପାଣିରେ ଭାସୁଛି । ତେଣୁ ଯଥେଷ୍ଟ ପାଣି ବୋଟ ଭିତରକୁ ନପଶିଲେ ବୁଡିବାର ନାହିଁ । ବୋଟରେ ଚାରିଟା ଲୋକଥିଲେ । ଇଂଜିନ ବନ୍ଦ ହୋଇଗଲା ଆଉ ଭାସିଆସିଲେ । ଭାସିଆସିଲା ବେଳେ କେବଳ ପାଣି ଭିତରୁ କାଢିବାର କଥା । ଆଉ ପବନ ହିସାବରେ ବୋଟକୁ ଛାଡିଦେଲେ କାଠଗର ପାଣିରେ କୂଳକୁ ଭାସିଆସିଲା ପରି ବୋଟ କୂଳକୁ ଭାସିଆସିବ । ପଥରରେ ପିଟିନହେଲେ କିଛି ଅସୁବିଧା ନାହିଁ । ଭାଗ୍ୟକୁ ସେମାନେ ଏକଦମ ପଥୁରିଆ କୂଳରେ ପହଞ୍ଚିନଥିଲେ । ପାଖ ସମୁଦ୍ରରୁ କୋଷ୍ଟଗାର୍ଡ ସେମାନଙ୍କୁ ଉଦ୍ଧାର କରିଥିଲା ।

"ସୁମାତ୍ରା ପାଖରେ ତାହେଲେ । ଲୋକମାନେ ତାଜା ଦିଶୁଛନ୍ତି ।"-ଶୋଭନା କହିଲେ । ସମୁଦ୍ରରେ ଇଂଜିନ ଫେଲ ହୋଇଗଲେ କୁଆଡେ ନା କୁଆଡେ ବୋଟ ଚାଲିଯିବ । ତେଣିକି ବିନା ପାଣି, ବିନା ଆହାରରେ ରହିବା କଥା । ଲୋକମାନେ ଝାଉଁଳି ପଡିବେ । ପାଖରେ, ତେଣୁ ଲୋକମାନେ ବେଶି ସମୟ ସମୁଦ୍ରରେ କଟାଇନାହାନ୍ତି ।

"ଲାଗୁଛି ହାତ ପାହାନ୍ତାରେ । ସହଜରେ ପହଞ୍ଚି ହେବ ।"-ଶୋଭନା ସେମାନଙ୍କୁ ଦେଖି ପୁଣି କହୁଥିଲେ । ତାଙ୍କୁ ଲାଗୁଥିଲା ସେମାନେ ମଧ୍ୟ ଏତିକିରେ ଭାସିଯାଇ ଆଉ କେଉଁ ଦେଶ ପହଞ୍ଚିଯାଆନ୍ତେ ।

ISSN NO.
2582-208X

"ସେଇ ଜାଭା, ବାଲି, ସୁମାତ୍ରା । ବିଶ୍ୱାସ ହେଉନି ।"- ଶୋଭନା ପୁଣି କହିଲେ ।

ସୁମାତ୍ରା ତ ବହୁତ ବଡ ଦ୍ୱୀପ । ଭାରତର ସବୁଠାରୁ ବଡ ପ୍ରଦେଶ ରାଜସ୍ଥାନଠାରୁ ମଧ୍ୟ ବଡ, ଏମିତିକି ଓଡିଶାର ଅଢେଇ ଗୁଣ ହେବ । ଏକ ବିରାଟ ଦ୍ୱୀପ । ଦେଶ କହିପାର । ଇନ୍ଦୋନେସିଆ ଦେଶର ସବୁଠାରୁ ବଡ ଅଂଚଳ । ପ୍ରାଚୀନ କଳିଙ୍ଗର ସହ ନୌବାଣିଜ୍ୟ ତ ହେଉଥିଲା । ଲୋକମାନେ କେଉଁ କାଳରୁ ପାଲଟାଣି ଭାସି ଯାଉଥିଲେ । ଆଣ୍ଡାମାନ ଦ୍ୱୀପପୁଞ୍ଜର ରାଜଧାନୀ ପୋର୍ଟ ବ୍ଲେଆର ଦୁଇ ତିନିଦିନର ରାସ୍ତା, ନିକୋବର ତ ଏକଦିନରୁ ଅଧିକ ସମୟ ନେଉଛି । ବହୁତ ଦୂର । ସୁମାତ୍ରା ଏକଦମ ପାଖରେ । ସୁମାତ୍ରାର କୂଳ ତ ଏଇ ପଚାଶ, ଶହେ କିଲୋମିଟର ଭିତରେ ହେବ । ଏତେ ବାଟ ଯିବା କ'ଣ ଦରକାର ? ସୁମାତ୍ରା କେଇ ଘଣ୍ଟାରେ । ପହଞ୍ଚିଯାଇହେବ । ଏକ ବଡ ନୂଆ ଦୁନିଆ । ଶୋଭନା ଏମିତି ଭାବି ନିଜ ଭିତରେ ଉତ୍ସାହ ଅନୁଭବ କରୁଥିଲେ ।

"ମନେକର ଅସୀମ, କ୍ୟାମ୍ପବେଲ ବାହାରକୁ ଆମର ଛୋଟ ବୋଟ ବାହାରି ଯାଉଛି । ତା'ପରେ ହଠାତ୍ ପବନ ଉତ୍ତରରୁ ଦକ୍ଷିଣ ଆଡକୁ ବୋହୁଛି ଆଉ ଆମ ନିଜେ ନିଜେ ଭାସିଯାଉଛି । କୋଷ୍ଟ ଗାର୍ଡର ଏକ ବଡ ଜାହାଜ ଆମମାନଙ୍କୁ ଉଦ୍ଧାର କରିବା ପାଇଁ ଛୁଟିଯିବ । କେତେ ମଜା ହେବ ।"- ଶୋଭନା ଏକ କିଶୋରୀ ଝିଅ ଭଳି ଆଡଭେଞ୍ଚର କଥା ଭାବୁଥିଲେ । କିଶୋର ବୟସରେ କି ପୁଅ, କି ଝିଅ, ସମସ୍ତଙ୍କୁ ଆଡଭେଞ୍ଚର କରିବାକୁ ଇଚ୍ଛା ହୁଏ ।

"କେବଳ ଆମ ବୋଟର ଇଂଜିନ ଫେଲ ହୋଇଯିବା ଦରକାର ।"-ଅସୀମ କହିଲେ ।

"ବୋଟ ଭାସିଯାଉଥିବ ସୁମାତ୍ରାକୁ ।"-ଶୋଭନା ଏକ ପରୀ କାହାଣୀର ଦୁଃସାହସିକ ଅଧ୍ୟାୟ ପଢିଲା ଭଳି କଥାମାନ କହୁଥିଲେ ।

"ସତରେ ଭାବିକରି କହୁଛ ତ ?"-ଅସୀମ କହିଲେ ।

"ଇଂଜିନ ଫେଲ ହୋଇଗଲେ କ'ଣ ହୋଇଯାଆନ୍ତା ?"-ଶୋଭନା ପଚାରିଲେ ।

"ଆଉ ଆମର କିଛି କରିବାର ନଥାନ୍ତା । ପାଣି ଉପରେ ଜୋର ଜୋରରେ ପବନ ବୋହୁଥାନ୍ତା ଆଉ ଆମର ବୋଟ ତଳକୁ ତଡି ହୋଇଯାଉଥାନ୍ତା ।"-ଅସୀମ କହିଲେ ।

ISSN NO.
2582-208X

"ଇଂଜିନ ଠିକଥିଲେ ଥାଉ, ଆମେ ଜାଣି ବନ୍ଦ କରିଦେବା । ଆମେ ପାଣିରେ ଭାସିଯିବା। ଅନ୍ୟମାନେ କିଛି କରିବା ଆଗରୁ ସୁମାତ୍ରା ଉପକୂଳରେ ପହଞ୍ଚିଯାଇଥିବା ।"-ଶୋଭନା ପାଣିରେ ନାଚୁଥିବା ଢେଉସବୁକୁ ଦେଖି କହୁଥିଲେ । ତାଙ୍କର ଧମନୀରେ ଲାଗୁଥିଲା କିଛି ଡଲଫିନ ଜଳକ୍ରୀଡା କରୁଛନ୍ତି । ସେମାନେ ଉଠୁଛନ୍ତି, ପୁଣି ବୁଡୁକି ମାରୁଛନ୍ତି । ତା'ପରେ ବହୁ ଜୋରରେ ପାଣିକାଟି ଛୁଟିଯାଉଛନ୍ତି ।

"ଭାସିଯାଆନ୍ତୁ ସୁମାତ୍ରାକୁ । କି ମଜା ହୁଅନ୍ତା ।"- ଶୋଭନା ଅସୀମଙ୍କୁ ଛୁଆଭଳି ଉତ୍ସାହରେ କହିଲେ । ତାଙ୍କ ଆଖି ଜେଟି ପରେ ଖୋଲା ସମୁଦ୍ର ଆଡକୁ ଚାଲିଯାଇଥିଲା । ତେଣିକି ପାଣି ଆଉ ପାଣି ।

ଅସୀମ ଭାବିଲେ ସତରେ ସେମିତି ହୋଇଯାଆନ୍ତା କି । କ୍ୟାମ୍ପବେଲ ଚାରିପାଖରେ ତୀବ୍ର ସମୁଦ୍ର ସ୍ରୋତ ଅଛି । ସେ ସ୍ରୋତ ବାହାରକୁ କେବେ ଦିଗ ଦେଉଥିବ ତ କେବେ ବାହାରୁ କୂଳ ଆଡକୁ ପାଣିପାଗ ହିସାବରେ ଦିଗ ବଦଳାଉଥିବା । ସମୁଦ୍ର କଛପର ଛୁଆମାନେ ତ ପାଣିରେ ପଶିଲା ପରେ ସମୁଦ୍ର ସ୍ରୋତରେ ଭାସି ଯାଆନ୍ତି । ସେମାନେ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ଚାଲିଯାଆନ୍ତି । ତେଣୁ ସେମାନଙ୍କ ବୋଟ ଦକ୍ଷିଣକୁ ଭାସିଯିବ । ସେପଟେ ସୁମାତ୍ରା ତ ଅଛି।

"ସେଠାକାର ଲୋକମାନେ ଏକ ଭାରତୀୟ ବୋଟକୁ ଦେଖି ଆଶ୍ଚର୍ଯ୍ୟ ହୋଇଯିବେ । ତାଙ୍କୁ ଲାଗିବ ବୋଟରେ ଦୁଇଜଣ ଲୋକ ଡେଇଁକରି ହାତ ହଲାଉଛନ୍ତି, ଠାରରେ କିଛି କହୁଛନ୍ତି। ସେମାନେ କିଛି ବୁଝିପାରୁନଥିବେ । ଆମେମାନେ କିଛି ବୁଝିପାରୁନଥିବୁ । ସେମାନେ ଆମ ବୋଟକୁ ଦେଖି ସେମାନଙ୍କର ବୋଟ ପାଖକୁ ନେଇଆସିବେ । ସେମାନଙ୍କ ରୂପ ଭେକ ଆମଠାରୁ ଅଲଗା ଥିବ । ସେମାନେ ବଡ ବଡ ଆଖିରେ ଆମକୁ ଅନାଇବେ । କେତେ ମଜା ହେବ ।"-ଶୋଭନା କହୁଥିଲେ ।

"କିନ୍ତୁ ଶେଷରେ ବୁଝିପାରିବେ ଯେ କିଛି ଲୋକ ଭାସିଆସିଛନ୍ତି । କିନ୍ତୁ କେଉଁଠାରୁ ଭାସିଆସିଛନ୍ତି ବୁଝିବେ କେମିତି ?"- ଅସୀମ ଜାଣି ପଚାରିଲେ । ଶୋଭନା ଏକ ଛୁଆ ଭଳି ନୂଆ ନୂଆ ଉତ୍ତର ତିଆରି କରନ୍ତୁ । ଏମିତି ଛୋଟ ପ୍ରଶ୍ନ ଆଉ ଉତ୍ତର ତ ଜୀବନରେ ରସ ଭରିଦିଏ । କ'ଣ ପାଇଁ କଠିନ ପ୍ରଶ୍ନ ଦରକାର ?

ISSN NO.
2582-208X

"ଠାରରେ, ଇଣ୍ଡିଆ, ଇଣ୍ଡିଆ କହିଥାନ୍ତୁ । ଆଉ ସେମାନେ ବୁଝିଥାନ୍ତେ । କେଉଁ ଏକ ଇଣ୍ଡିଆରୁ ଲୋକେ ଆସିଛନ୍ତି ଆଉ ଅଜଣା କ'ଣ କହୁଛନ୍ତି । ଇଣ୍ଡିଆକୁ ସାରା ବିଶ୍ୱ ଜାଣିଛି।"-ଶୋଭନା କହିଲେ ।

"ଆଉ ଏଣେ?"

"ଲୋକେ କହିବେ ଭାସିଯାଇଛନ୍ତି ସୁମାତ୍ରାକୁ । ଆଉ ଆମର ଯାତ୍ରାଟା ଏକ ଏପିକ ବା ଐତିହାସିକ ଯାତ୍ରା ହେବ । ଲୋକେ ଚିରଦିନପାଇଁ ମନେ ରଖିବେ ।"-ଶୋଭନା କହିଲେ ଆଉ ଟିକେ କ'ଣ ଭାବିଲେ । ପୁଣି ତାଙ୍କ ଆଖି ସମୁଦ୍ର ଆଡକୁ ଚାଲିଗଲା । ତାଙ୍କ ଆଖି ଆଗରେ କିଛି ନାଚୁଥିଲା ପରି ଲାଗୁଥିଲା ।

"ସେହି ପୁରୁଣା ଜାଭା ସୁମାତ୍ରାର ଯାତ୍ରା । ଆଉ ଏକ ବିରଳ ଐତିହାସିକ ଯାତ୍ରା ।"-ଶୋଭନା ପ୍ରାୟ ଡେଇଁପଡି କହିଲେ ।

କେଉଁ କାଳରେ କଳିଙ୍ଗରୁ ସାଧବମାନେ ମୁଣ୍ଡରେ ପଗଡି ଭିଡି ସୁମାତ୍ରାକୁ ଭାସିଯାଉଥିଲେ । ସେମାନଙ୍କ ପୋତରେ ଧଳା ପାଲ ଲାଗିଥିଲା, ମାସ୍ତୁଲରେ ବିଶାଳ ହ୍ୱାଇଟ ବେଲିଡ ସି ଇଗଲ ଆସି ବସୁଥିଲା, ସେମାନଙ୍କ ବୋଇତରେ ପାଟ ବସ୍ତ୍ର, ଚୁଡି ଆଉ ଅନ୍ୟ ବିପଣୀ ସାମଗ୍ରୀ ଭରି ରହିଥିଲା, ସେମାନଙ୍କ ଆକାଶରେ ରୂପା ଜହ୍ନ ଉଠିଥିଲା, ସେମାନଙ୍କ ଖାଇବାର ଥାଳି ଥିଲା ସୁବର୍ଣ୍ଣର, ସେମାନଙ୍କ ପଗଡିରେ ହୀରା ଲାଗିଥିଲା, ସେମାନଙ୍କ ଆଙ୍ଗୁଠିରେ ଥିଲା ନୀଳାର ମଣି, ବକ୍ଷରେ ପଡିଥିଲା ବୈଡୁର୍ଯ୍ୟର ମାଳା । ସେମାନଙ୍କର ସଜେଇ ହୋଇଥିବା ବୋଇତ ଏକ ଉଡନ୍ତା ପକ୍ଷୀ ଭଳି ଲାଗୁଥିଲା । ପାଣିରେ ଏଇ ଉଡିଯିବାକୁ ପ୍ରସ୍ତୁତ ହୋଇରହିଛି । ତାଙ୍କ ଭାବିବା ସହ ପବନରେ ଭାସନ୍ତା ପକ୍ଷୀ ପରି କେଉଁ ଦୂରକୁ ଏଇ ଦେଖୁ ଦେଖୁ ଭାସିଯାଉଥିଲା । ଅସୀମ ଏକ ପୁରୁଣା ଦୁନିଆର ବୋଇତ କଥା ମନେପକାଉଥିଲେ । ତା'ପରେ ସେ ଭାବୁଥିଲେ ତାଙ୍କ ବୋଟ ସତରେ ସୁମାତ୍ରାକୁ ଭାସିଯାଉଛି ।

ଏଣେ ତାଙ୍କ ଭାବନାରେ ସୁମାତ୍ରାକୁ ଭାସି ଯାଉଥିବା ବୋଇତ ରଙ୍ଗରେ ରଙ୍ଗେଇ ହୋଇଥିଲା। ସବୁ ପ୍ରକାରର ଉଜ୍ଜ୍ୱଳ ଦେଖାଯାଉଥିବା ରଙ୍ଗ ଦିଆଯାଇଥିଲା । ସେମାନେ କଳିଙ୍ଗରୁ ଯେ ଆସୁଥିଲେ । ସେ ଦେଶରେ କୁଆଡେ ସେ ଦିନରେ ସବୁ ରଙ୍ଗ ମିଳୁଥିଲା । ସେମାନଙ୍କ ବୋଇତ ପାଣି ଭିତରେ ଉଦ୍‌ଭାସିତ ହେଉଥିଲା । ସେମାନେ ନୂଆ ଦୁନିଆ

ISSN NO.
2582-208X

ଖୋଜି ନେଉଥିଲେ । ସେମାନଙ୍କ ପାଦ ଛାପ ପାଷାଣରେ ଖୋଦିତ ହେଉଥିଲା । ସେମାନେ ମନ୍ଦିରମାନ ଗଢି ତୋଳୁଥିଲେ । ସେମାନଙ୍କ ଆଗମନରେ ଶଙ୍ଖ ଧ୍ୱନୀ ହେଉଥିଲା । ଘଣ୍ଟ, ମାଦଳ ଆଦି ବାଜୁଥିଲା । ସୁମାତ୍ରାର ଲୋକେ ସେମାନଙ୍କ ଆଗମନକୁ ପ୍ରତୀକ୍ଷା କରି ରହୁଥିଲେ । ସେମାନଙ୍କ ପାଦଛାପ ସକାଳର ପ୍ରଥମ ବାଲିକୁ ସୁବର୍ଣ୍ଣର ରଙ୍ଗରେ ରଙ୍ଗାଉଥିଲା ।

"ଏ ଦିନରେ ଆମେ ଆଉ ଏକ ନୂଆ ଦୁନିଆ ଖୋଜିନେବା ଅସୀମ । ସେହି ଲୋକମାନେ ଆମ କଥା ମାନିନେବେ । ଆମ ହିସାବରେ ସବୁ କାମ ହୋଇଯିବ । ଆମେ ଏକ ନୂଆ ରାଜ୍ୟ ତିଆରି କରିବା ।"-ଶୋଭନା କହିଲେ ।

"ନିଜ ପାଇଁ ଆଉ ଏକ ନୂଆ ଦୁନିଆ, ଏକ ନୂଆ ଦିନ, ଆଉ ଏକ ଏକ ନୂଆ ମୁହୂର୍ତ୍ତ । ସବୁକିଛି ନୂଆ ? ନଭାବି ହେଉଥିଲା ପରି ନୂଆ ।"-ଅସୀମ କହିଲେ । ସେ ଶୋଭନାଙ୍କ ଉତ୍ସାହରେ ଟିକେ ଭାସିଯାଉଥିଲେ ।

-୦-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ସାପକୁ କ୍ଷୀର ପିଆଇ ପାଳିଲେ....



ଡ. ଶଶଧର ମହାପାତ୍ର

ହିଲ୍ଲାରୀ କ୍ଲିଣ୍ଟନ କହିଥିଲେ ଥରେ
ଚେତାଇକି ପାକିସ୍ଥାନ
ନସୁଧୁରିଗଲେ ତୁମ ଦେଶ ଦିନେ
ହେଇଯିବ ଶମଶାନ
ତୁମେ ପାଳିଅଛ ସାପ ନିଜ ଘରେ
ପିଇବାକୁ ଦେଇ କ୍ଷୀର
ସେଇ ସାପ ଦିନେ ଧ୍ୱଂସର କାରଣ
ହେଇଯିବ ଚିନ୍ତାକର
ଭାରତରବାସୀ ଭାରତର ନେତା
ଦେଇଥିଲେ ଚେତାବନୀ
ସୁଧୁରିଯାଆ ହେ ପାକିସ୍ଥାନୀ
ନଭୁଲିକି ଖାନଦାନୀ
ଦିନେ ଥିଲ ତୁମେ ଭାରତର ଅଂଶ
ଥିଲ ଆମ ସାନଭାଇ
ଡି.ଏନ୍.ଏ. ପରା ତୁମର ଆମର
ଥିଲା ଏକା ଭୂଲନାଇଁ
ନଶୁଣିଲ କେବେ ଆମ ଚେତାବନି
ପାଳିଲ ଆତଙ୍କି ଘରେ
ବରବାଦ ହେବ ଏ' ଦୁନିଆରୁ
ଶୁଣ କାନଦେଇ ଥରେ

ISSN NO.
2582-208X

ହିନ୍ଦୁ, ମୁସଲମାନ ମିଶି ରହିବେନି
ଗଢ଼ିଲ ଅଲଗା ଦେଶ
ତୁମ ଭେଦଭାବ, ରାଗ, ହିଂସା ପାଇଁ
ହୋଇଲଣି ସର୍ବନାଶ
କରଜରେ ବୁଡି ଦେଶ ବିକିଲେଣି
ତୁମର ଆର୍ମି ଓ ନେତା
ଖାଇବାକୁ ନାହିଁ ଭୋକରେ ସଢୁଛି
ତୁମ ଦେଶର ଜନତା
କଥା କହି ଟାଣ କରୁଅଛ ରଣ
ଚାଇନାରୁ ଅସ୍ତ୍ର ଆଣି
ମାଗି ଆଣିଥିବା ତିଅଣ ସଡକେ
ହେଜ ତୁମେ ପାକିସ୍ଥାନୀ
ଯେତେଥର ତୁମେ ଯୁଦ୍ଧ କରିଅଛ
ଭାରତ ହିଁ ଜିତିଅଛି
ପଛଘୁଞ୍ଚା ଦେଇ ହାର ମାନିଅଛ
ଇତିହାସ ସାକ୍ଷୀଅଛି
ବାହାସ୍ଫୋଟ ମାରି କୁହ ବଡକଥା
ରଖିଛ ଆଟମ୍ ବମ୍
ଘରେଘରେ ପଶି ମାଡ ମାରିଲେ
କାହିଁ ଗଲା ତୁମ ଦମ୍ ?
ମିଛ କହିବାଟା ଯାତକରେ ଲେଖା
ମିଛ କୁହ ନିରନ୍ତର
ଭୂଆଁ ବୁଲେଇଲ ବିଦେଶୀ ସଂସ୍ଥାକୁ
ଜାଣିଲେଣି ତୁମେ ଚୋର
ମିଛ କହିକହି ତୁମ ମନ୍ତ୍ରୀ ନେତା
ପଡୁଛନ୍ତି ଏବେ ଧରା
ସତ୍ୟର ବିଜୟ ଏହା ସୁନିଶ୍ଚିତ

ISSN NO.
2582-208X

ଯେତେ ଦିଅ ମିଛ ନାରା
ନିକଟରେ ଯେଉଁ ଘଟଣା ଘଟିଲା
ପେହେଲଗ୍ରାମରେ ପଶି
ନୀରିହ ହିନ୍ଦୁଙ୍କୁ ଚିହ୍ନିକି ମାରିଲ
ପାକିସ୍ଥାନରୁ ଆସି
ସଧବା ବୋହୂଟେ ବିଧବା ହୋଇଲା
ମାତ୍ର ଦିନ କେଇଟାରେ
ସିନ୍ଦୁର ଲିଭିଲା ମଥାରୁ ତାହାର
କାନ୍ଦିକାନ୍ଦି ଝୁରିମରେ
ନିଉଜ୍ ପ୍ରଚାର ପ୍ରସାର ଦେଖିକି
ଅସ୍ତବ୍ୟସ୍ତ ଦେଶବାସୀ
ଉଚିତ ଜବାବ ଦିଅ ଆହେ ମୋଦି
ଆତଙ୍କି ନଯାଉ ଖସି
ବୁଝି ଭାବାବେଗ ଦେଶବାସୀଙ୍କର
ଶପଥ ନେଲେ ମୋଦି
ଆତଙ୍କବାଦର ସ୍ଥାୟୀ ସମାଧାନ
ହେବ ଜଲଦି ଜଲଦି
ଯୁଦ୍ଧ ବିମାନ ଉଡିଲା ଆକାଶେ
ମିଶାଇଲ୍ ହେଲା ମାଡ
ଧୂଳିସାତ ହେଇ ମାଟିରେ ମିଶିଲା
ଆତଙ୍କିମାନଙ୍କ ଗଡ
ଗୁଳିର ବଦଲା ଗୋଳାରେ ନେବାକୁ
କହିଥିଲେ ଆମ ମୋଦି
ଶତ୍ରୁର ଅସ୍ତ୍ରକୁ ଧୂଆଁ କରିଦେବୁ
ଗଗନରେ ଲକ୍ଷ୍ୟ ଭେଦି
ଦୁଇ ମହିଳାଙ୍କ ପରାକ୍ରମ ଦେଖି
ଶତ୍ରୁ ହେଲେ ଭୟଭୀତ

ISSN NO.
2582-208X

ଦୁନିଆ ଦେଖିଲା ନାରୀଙ୍କର ଶକ୍ତି
କେତେ ଶକ୍ତ ହିଁ ଭାରତ
ସିନ୍ଦୁର କେବଳ ନାଲି ରଙ୍ଗ ନୁହେଁ
ନାଲି ରଙ୍ଗ ହିଁ ରକତ
ସିନ୍ଦୁର ବଦଳେ ରକତ ବହିବ
ଏହାଥିଲା ସୁନିଶ୍ଚିତ
ସିନ୍ଦୁରର ରାଣ ରଖିଲେ ଜବାନ
ଦେଖାଇକି ପରାକ୍ରମ
ଶତ୍ରୁ ବୁଝିଗଲା ଭାରତ ଶକତି
ଆଉ ହେବନାହିଁ ଭ୍ରମ
ଏମିତିକା ମାଡ ଖାଇ ଶତ୍ରୁଙ୍କର
ହାଡଗୋଡ ହେଲା ଚୁନା
ମୋଦି ବାର୍ତ୍ତାଦେଲେ ଜାଣ ଶତ୍ରୁପକ୍ଷ
ଏ'ଥିଲା ମାତ୍ର ନମୁନା
ସତର୍କ ନହେଲେ ପୁଣି ଉଖାରିଲେ
ଭାରତ ନିଷ୍ପତ୍ତି ନେବ
ପାକିସ୍ଥାନ ଆଉ ନଦେଖି ସୂର୍ଯ୍ୟାସ୍ତ
ଦୁନିଆରୁ ଲିଭିଯିବ ।

(ନିକଟରେ କାଶ୍ମୀରର ପେହେଲଗ୍ରାମରେ ଆତଙ୍କବାଦୀଙ୍କ ଦ୍ୱାରା ଘଟିଥିବା
ଛାତିଫଟା ତାଠବ ଦୃଶ୍ୟ ଟିଭିରେ ଦେଖିଲାପରେ ଏ' ଲେଖା । ଏହା ଥିଲା
ମାନବ ଇତିହାସରେ ଅତି ଦୁଃର୍ଭାଗ୍ୟଜନକ, ଲୋମଥରା, ଅଭୁଲା ଘଟଣା ।
ଯାହା ମୁଁ ବିଭିନ୍ନ ମିଡିଆରେ ଦେଖିଅଛି କି ଶୁଣିଅଛି ତାହାକୁ ନେଇ ଲେଖିଅଛି ।
ଏ' ମୋର ବ୍ୟକ୍ତିଗତ ମତ ନୁହେଁ ।)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# ପ୍ରିୟା ମୋ ଯାଉଛି ମେଘ ସବାରୀରେ



ଡକ୍ଟର ଉତ୍ପଳା ଦାଶ ଷଡଙ୍ଗୀ

ପ୍ରିୟା ମୋ ଯାଉଛି
ସଖୀ ଗହଣରେ
ଗାଆଁ ଛାଡ଼ି ଦୂରଦେଶ.....
କଅଁଳ ବୟସ ପଛରେ ପକାଇ,
ହେବ ସେ କାହାର ପ୍ରେୟସୀ ତ
ପୁଣି ହେବ ସେ ଅଭିସାରିକା ॥
ନଇ କୂଳ ଦେଇ ଗଲା ବେଳେ
ତାକୁ ମନେପଡେ ଭରା କ୍ଷେତ,
ଯେଉଁଠି ଦିନେ ସେ ପାଦ ଥାପି ଥିଲା
ଲଗାଇ ଅଳତା ଧାର.....
ଶାଗୁଆ କ୍ଷେତର ମହୁଲି ନିଶାକୁ
ଭୁଲି ତ ପାରୁନି ସିଏ.....
ହାତ ଠାରି ଡାକେ କାଶ ତଣ୍ଡି ଫୁଲ
ଢ଼ାଳି ଦେଇ ମମତାର ପରଶ....॥

ପ୍ରିୟା ମୋ ଚାଲିଛି
ଆଗକୁ ଆଗକୁ
ଫୁଲ ସବାରୀରେ ବସି,

ISSN NO.
2582-208X

ଚାଲି ଯାଉଛି ସେ ଦୂରଦେଶ;
ନାଆଁ ଗାଆଁ ସବୁ ପାଶୋରି ।
ଜାଣେ ନାହିଁ ସିଏ
ଭଲ କି ପାଇବ
ଦୂର ଦେଶୀ ସପନ ବଣିକ,
ସନ୍ଦେଶ କି ଦେବି ପ୍ରିୟା କୁ ଯେ ମୋର
ସେ ତ ଅଲିଅଳି ରାଜକୁମାରୀ
ସ୍ୱପ୍ନ ପଣତ କୁ ନେଇ ସେ ଖୁସିରେ,
ଦୂରେ ବହୁ ଦୂରେ....
ଆକାଶ କୁସୁମ ଛିଣ୍ଡାଇ ଆଣିଛି ତା ପାଇଁ,
ହସି ହସି ତାକୁ ଦେବି ମୁଁ ମେଲାଣି;
ସିଏ କି ବୁଝିବ ଏତେସବୁ ବ୍ୟଥା
ଏକେ ତ ସେ ନାକ କାନ୍ଦୁରୀ ॥

ଝାଡ଼ଖଣ୍ଡ

ISSN NO.
2582-208X

# ସୁଲୋଚନା ଭାଉଜ



ଡ଼କ୍ଟର ବିଜ୍ଞାନୀ ଦାସ

ଦେଖୁଦେଖୁ ସୁଲୋଚନା ଭାଉଜଙ୍କର ଦେହାନ୍ତ ହେବାର ବର୍ଷଟିଏ ବିତିଗଲାଣି । "ଆଜି ମଲେ କାଲିକି ଦିଦିନ', ଓଡିଆ ପ୍ରବାଦଟି ଅକ୍ଷରେ ଅକ୍ଷରେ ସତ । ସମୟ କାହାକୁ ଅପେକ୍ଷା କରେନାହିଁ । ସିଏ ତା' ନିଜ ନିୟମ ପାଳନ କରି ଅହରହ ଆଗେଇ ଚାଲିଥାଏ । କିଏ ହସିଲା, କିଏ ଦୁଃଖ ପାଇଲା, କିଏ ଖୁସିରେ ଉଛୁଳି ଉଠିଲା କି କିଏ ଗାତରେ ଗଳିପଡିଲା, ସମସ୍ତେ ନିଜନିଜର ଭାଗ୍ୟ ନେଇ, କର୍ମ ନେଇ ସମୟ ଚକ୍ର ଭିତରେ ନିଜର ଜୀବନଲୀଳା ସଂପାଦନ କରନ୍ତି । ସୁଲୋଚନା ଭାଉଜଙ୍କର ଜୀବନଲୀଳା ସେତିକିଦିନ ପର୍ଯ୍ୟନ୍ତ ଲେଖାହୋଇଥିଲା । ଜଳବାୟୁ ପରିବର୍ତ୍ତନ, ଡାକ୍ତରୀ ଚିକିତ୍ସା, ଠାକୁର ପୂଜା ସେସବୁ ଭାଗ୍ୟର ରେଖାକୁ ବଦଳାଇ ଦେଇ ପାରିଲେନି ।

ଏହା ଭିତରେ ଅନେକ କିଛି ଘଟିଗଲାଣି । ଆମେରିକାର ଶାସନ ପଦ୍ଧତିରେ ପରିବର୍ତ୍ତନ ଆସିବାଠାରୁ ଆରମ୍ଭ କରି ବିଶ୍ୱସ୍ତରରେ ଦେଶ-ଦେଶ ମଧ୍ୟରେ ଥିବା ଯୁଗଯୁଗର ସଂପର୍କର ମଧ୍ୟ ପରିବର୍ତ୍ତନ ଆସିଗଲାଣି । ପୁଣି କେତେକ ଘଟଣା ଗତାନୁଗତିକ ଭାବେ ଘଟିଚାଲିଛି। ଯଦିଓ ସେଥିରେ ସ୍ଥାନ, କାଳ, ପାତ୍ରର କିଛିଟା ପରିବର୍ତ୍ତନ ରହିଛି, ତେବେ ଘଟଣା ଘଟିଚାଲିଛି । ଭାଉଜ ଯେଉଁ ସବୁଥିରେ ମିଶୁଥିଲେ, ସେସବୁ ସେମିତି ଚାଲିଛି । ହୋଲି ୨୦୨୫ ଯେମିତି ହେବା କଥା ସେମିତି ହେଲା । କିଛି ନୂଆ ପିଲା ନାଚିଲେ, ନୂଆ ପରିବାର ଯୋଗଦେଲେ ଓ କିଛି ପୁରୁଣା ପରିବାର ଅନୁପସ୍ଥିତ ଥିଲେ । କିନ୍ତୁ ହୋଲି ପାଳିତ ହେଲା । ରଥଯାତ୍ରା ଓ ବାହୁଡା ଯାତ୍ରା ମଧ୍ୟ ଯେମିତି ହେବା କଥା ସେମିତି ହେଲା । ଆମମାନଙ୍କର

ISSN NO.
2582-208X

କବିତାପାଠ ସମାରୋହରେ ଯଦିଓ ଆମେ ସମସ୍ତେ ଭାଉଜଙ୍କୁ ମନେପକେଇଲୁ, ତଥାପି ପୂର୍ବଭଳି କବିତାପାଠର ଆସର ଜାରିରହିଥିଲା । ଏ ଦୁନିଆ ହିଁ ସେମିତି । କୌଣସି କଥା କାହାକୁ ଅପେକ୍ଷା କରି ରହେନାହିଁ । ଜଣେଗଲେ ଆଉଜଣେ ଆସେ । ବୃଦ୍ଧ ବ୍ୟକ୍ତି ଜଣେ ସଂସାରରୁ ବିଦାୟ ନେଲେ, ଜଣେ ନୂଆ ଶିଶୁ ଜନ୍ମ ନିଏ । ଏମିତି ଭାବେ ଈଶ୍ୱର ତାଙ୍କ ସର୍ଜନାର ଦାୟିତ୍ୱ ନିଅନ୍ତି । କୌଣସି ସ୍ଥଳେ ଅଭାବ ସୃଷ୍ଟି ହେଲେ, ସେ ଅଭାବ ପୂରଣ କରେଇବା ପାଇଁ ବି ଯୋଜନା କରିଥାନ୍ତି ।

ଯେତେବେଳେ ସେପଟେମ୍ବର ୭ ତାରିଖରେ ମେରୀଲାଣ୍ଡର ଭାଉଜଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିବା ପାଇଁ ଜୟଗୋପାଳ ଭାଇନା ପ୍ରସ୍ତାବ ଦେଲେ, ସେତେବେଳେ ଆମ ସମସ୍ତଙ୍କୁ ଭଲଲାଗିଲା । କାରଣ, ମେରୀଲାଣ୍ଡର ହିଁ ତ ତାଙ୍କର ସବୁ ସଂପର୍କ । ଯଦିଓ ସିଏ ଅନ୍ୟ କିଛି ସ୍ଥାନରେ ରହିଆସିଛନ୍ତି, ତେବେ, ମେରୀଲାଣ୍ଡର ହିଁ ତାଙ୍କ ଜୀବନର ଅନେକ କିଛି ବିଶେଷ ସ୍ମୃତି ରହିଛି । ପୂର୍ବ ବ୍ୟବସ୍ଥା ଅନୁଯାୟୀ, ଜଗନ୍ନାଥ ମନ୍ଦିରରେ ହିଁ ଶ୍ରାଦ୍ଧ ପାଳିବାର ଆୟୋଜନ କରାଗଲା । ସେପଟେମ୍ବର ୭ ତାରିଖ ରବିବାର ଦିନ ସକାଳ ସାଢେ ଦଶଟାରେ ତାଙ୍କ ପାଇଁ ମନ୍ଦିର ପୂଜାରୀଙ୍କ ଦ୍ୱାରା ହୋମ ହେଲା ଓ ଶ୍ରାଦ୍ଧ ପୂଜା କରାଗଲା । ମନ୍ଦିର ଭିତରେ ଭଜନ, କୀର୍ତ୍ତନ ଜାରି ରହିଲା । ପ୍ରାୟତଃ ୭୦-୮୦ ଜଣ ସାଙ୍ଗ ଉପସ୍ଥିତ ଥିଲେ । କିଛି ସାଙ୍ଗସାଥୀ ସେମାନଙ୍କର ସ୍ମୃତି ରୋମନ୍ଥନ କଲେ । ଏମିତି ଲାଗୁଥିଲା ଯେ ଭାଉଜ ସତରେ ଆମମାନଙ୍କ ଗହଣରେ ଅଛନ୍ତି ଓ ନୀରବରେ ସମସ୍ତଙ୍କ କଥାବାର୍ତ୍ତା ଶୁଣୁଛନ୍ତି । ହୁଏତ ମନେମନେ ହସୁଛନ୍ତି, "ଦେଖୁନ, ମୁଁ ଏବେ ନାହିଁ ବୋଲି, ଏମାନେ ମୋ ନାଁରେ ସ୍ୱାଧୀନ ଭାବେ ଯାହା ଇଚ୍ଛା ତାହା କହି ନିଜନିଜ ମତ ଦେଇ ଚାଲିଛନ୍ତି । ଯଦି ସତରେ ବଞ୍ଚିଥାଆନ୍ତି ତ, ହୁଏତ କେହି ସାହସ କରିନଥାନ୍ତେ ।

ମୁଁ କିନ୍ତୁ କିଛି କହିପାରିଲିନି । କଣ କହିଥାନ୍ତି ? ଏତେ ଲୋକ ତ ସବୁ କହିଗଲେ । ଏତେ ବର୍ଷର ସ୍ମୃତିକୁ କେତେଟା ମିନିଟରେ କହିଦେଲେ, କଣଟା ଆଉ ଅଧିକ ହୋଇଯିବ ?

ଭାଉଜ ଓ ଭାଇନାଙ୍କ ସହିତ ଆମର ପରିଚୟ ଅନେକଦିନର । ତାଙ୍କ ସହିତ ପ୍ରଥମ ଥର ଦେଖାହେବାର ସ୍ମୃତି କିଛି ମନରେ ଅଛି, ଯଦିଓ ଶତକଡା ଶହେ ଭାଗ ସ୍ପଷ୍ଟ ମନେନାହିଁ, ତେବେ ଅନେକଟା ତଥାପି ମନରେ ରହିଛି । ହୁଏତ ୧୯୯୧ କି ୧୯୯୨ ମସିହାରେ ଆମେ

ISSN NO.
2582-208X

ଆମ ସାଙ୍ଗ ଅନୁଅପା ଓ ରବିଭାଇଙ୍କ ପାଖକୁ ଫିଲାଡେଲଫିଆ ଯାଇଥିଲୁ । ସାଙ୍ଗ କହିଲେ, "ଆଜି ଆମକୁ ଭାଉଜ ଡାକିଥିଲେ, ତାଙ୍କ ପୁଅର ଜନ୍ମଦିନ । ହେଲେ ଆମେ ମନାକରିଦେଲୁ। କିନ୍ତୁ ସିଏ ବଳେଇବଳେଇ ଡାକିଛନ୍ତି ଓ ତମମାନଙ୍କୁ ବି ନିମନ୍ତ୍ରଣ କରିଛନ୍ତି ।'

"ଆମମାନଙ୍କୁ ତ ସିଏ ଜାଣିନାହାନ୍ତି । ନିମନ୍ତ୍ରଣ କେମିତି କଲେ ।'

ଅନୁଅପା କହିଲେ, "ସିଏ ସେମିତି । ଅନେକ ସ୍ନେହୀ । ତମେ ତାଙ୍କୁ ଭେଟିଲେ ଜାଣିପାରିବ । ଜଣାଅଜଣା କିଛି ବାଛବିଚାର ନାହିଁ । ଓଡିଆ ଲୋକ ତ । ଆଉ କଣ ପରିଚୟ ଲୋଡା ?'

ଆମେମାନେ ବି ସେ ସମୟରେ ଆମେରିକାରେ ନୂଆ । ଆଲବକରକିରୁ ଯାଇଥାଉ ନିୟୁର୍କ ବୁଲି । ତେଣୁ ନୂଆ ଓଡିଆମାନଙ୍କୁ ଜାଣିବାର ଏମିତି ଏକ ସୁଯୋଗ ଆସିଛି ଯେତେବେଳେ, ସେ ସୁଯୋଗର ସଦୁପଯୋଗ କରିବା ଉଚିତ । ସେ ସମୟରେ ଆମ ପାଖରେ କେବଳ ଆମର ପ୍ରଥମ ସନ୍ତାନ ଥିଲା । ଦ୍ୱିତୀୟ ଓ ତୃତୀୟ ସନ୍ତାନ ଜନ୍ମ ହୋଇନଥିଲେ । ଆମେ ଆମ ସାଙ୍ଗମାନଙ୍କ ସହିତ ଭାଉଜଙ୍କର ଅତିଥି ହେଲୁ ।

ସତରେ ତାଙ୍କ ରୋଷେଇର ଉପମା ନଥିଲା । ସିଏ ଯାହା ବି ରାନ୍ଧିଥିଲେ, ସେସବୁ ଆମକୁ ଅମୃତ ଭଳି ଲାଗିଲା । ଅଜଣା ହେଲେ ବି ସିଏ ଆମକୁ ଯେମିତି ଜାଣିଥିବା ଭଳି ବ୍ୟବହାର କଲେ, ସେଇଟା ଆମକୁ ତାଙ୍କ ସ୍ନେହରେ ବାନ୍ଧି ପକେଇଲା । ସେଠି ଆହୁରି ଅନେକ ଓଡିଆ ପରିବାରଙ୍କ ସହିତ ଦେଖାହେଲା । ଯେହେତୁ ଆମ ସାଙ୍ଗ ତାଙ୍କୁ ଭାଇନା ଓ ଭାଉଜ ଡାକୁଥିଲେ, ଆମେବି ସେମିତି ଭାବେ ସମ୍ବୋଧନ କଲୁ । ଏମିତି ଲାଗିଲା, ଯେମିତି କି ପରଦେଶରେ ଆଉ ଜଣେ କିଏ ଆପଣାର ମିଳିଗଲେ । ମୋର ନିଜର ବଡଭାଇ ନଥିବାରୁ, ମତେ କାହାକୁ ଭାଇନା, ଭାଉଜ ଡାକିବାରେ ବଡଭାଇ ନଥିବାର ଅଭାବବୋଧ ଦୂରେଇଗଲା ଭଳି ଲାଗେ । ତେଣୁ ପରଦେଶରେ ମତେ ସେ ପ୍ରଥମ ଅନୁଭୂତିଟି ଭଲଲାଗିଥିଲା ।

ISSN NO.
2582-208X

କିଛି ବର୍ଷ ପରେ, ୧୯୯୪ରେ ଆମେ ନିଉମେକ୍ସିକୋ ରାଜ୍ୟର ଆଲବକରକି ସହର ଛାଡି ବାଲଟିମୋର, ମେରୀଲାଣ୍ଡ ଆସିଲୁ । ଏହା ଭିତରେ ଆମର ଆଉ ଦୁଇଟି ଝିଅ, ଜଣେ ୧୯୯୨ରେ ଆଲବକରକିରେ ଓ ଆଉ ଜଣେ ୧୯୯୪ରେ ମେରୀଲାଣ୍ଡର ଜନ୍ମ ହୋଇସାରିଥିଲେ । ଯେହେତୁ ଆମେ ଏବେ ଫିଲାଡେଲଫିଆର ପାଖରେ ରହିଲୁ, ଆମର ସାଙ୍ଗ ଓ ଭାଇନା ଭାଉଜଙ୍କ ସହିତ ସଂପର୍କ ଧୀରେଧୀରେ ଗାଢ ହେବାକୁ ଲାଗିଲା । କେତେବେଳେ କାହା ଜନ୍ମଦିନରେ ମିଶୁଥିଲୁ ତ କେତେବେଳେ ଆଉ କେଉଁ ବିଶେଷ ଉତ୍ସବରେ ।

ଭାଉଜଙ୍କର ଗୋଟିଏ ସଉକ ଥିଲା, ଭଲଭଲ ରାନ୍ଧିକରି ସମସ୍ତଙ୍କୁ ଖୁଆଇବା । ଆମେ ତ ସେତେବେଳେ ଛୋଟଛୋଟ ପିଲା ଓ ନିଜ କାମର ଚାପରେ ଅନେକ ସଉକ ସବୁ ଭୁଲିଯାଇଥିଲୁ । ତେଣୁ ଖାଇବାପିଇବାରେ ଯେତେବେଳେ ଯାହା ମିଳିଲା କି କରିହେଲା, ସେସବୁ ଗ୍ରହଣ କରିନେଉଥିଲୁ । ଭାଉଜଙ୍କର ହାତରନ୍ଧା ଖାଇବାର ସ୍ୱାଦ ସେଥିପାଇଁ ସେତେବେଳେ ଆମମାନଙ୍କୁ ଅମୃତସମ ଲାଗୁଥିଲା । ଆମେମାନେ, କିଛି ପରିବାର ଏକତ୍ରିତ ହୋଇ ୧୯୯୮ ମସିହାରେ ବାଲଟିମୋର ସ୍ଥିତ ଇସକନ ମନ୍ଦିରରେ ମାସିକ ଭଜନ କାର୍ଯ୍ୟକ୍ରମ ଆରମ୍ଭ କଲୁ । ସେ ସମୟରେ, ପ୍ରାୟ ୪-୫ ଜଣ ଓଡିଆ ବ୍ରାହ୍ମଣ ଇସକନ ମନ୍ଦିରରେ ଥାଆନ୍ତି । ବିଶେଷ କରି ଭଦ୍ରକର ଜଣେ ଓଡିଆ ବ୍ରାହ୍ମଣ ସେ ମନ୍ଦିରର ପ୍ରେସିଡେଣ୍ଟ ଥାଆନ୍ତି । ସିଏ ଆମକୁ ଉତ୍ସାହିତ କଲେ । ବେଳେବେଳେ ଭାଇନା ଓ ଭାଉଜ ଆସି ମନ୍ଦିରର ଭଜନ ପ୍ରୋଗ୍ରାମରେ ଯୋଗଦାନ କରୁଥିଲେ । ୧୯୯୯ ମସିହାରେ ପ୍ରଥମ ଥର ପାଇଁ ଆମେ ମେରୀଲାଣ୍ଡର ହୋଲି ପାଳିବାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲୁ । ଭାଇନା, ଭାଉଜ ଆସି ସେ ହୋଲି ପ୍ରୋଗ୍ରାମରେ ଯୋଗଦାନ କରିଥିଲେ ।

ସେପଟେ ନିଉଜର୍ସୀରେ, ନିୟୁର୍କରେ କି ଫିଲାଡେଲଫିଆରେ କିଛି ହେଲେ, ଆମେ ବି ଯାଉଥିଲୁ । ଓଡିଆମାନେ ମିଶି ଯେତେବେଳେ ପେନସିଲଭାନିଆର ସମର୍ପଣ ମନ୍ଦିରରେ ରଥଯାତ୍ରା ଆରମ୍ଭ କରିଥିଲେ, ଆମେ ବି ଯାଇଥିଲୁ । ଏମିତି ସଂପର୍କ ରହିଥିଲା, ବଢୁଥିଲା। ପୁଣି ଏମିତି ସମୟ ଆସିଲା ଯେ, ଭାଇନା ଓ ଭାଉଜ ୨୦୦୩ ମସିହାରେ ମେରୀଲାଣ୍ଡ ଆସିଲେ । ଆମ କଲମ୍ବିଆ ଘରପାଖରୁ ମାତ୍ର ୧୫-୨୦ ମିନିଟ ଡ୍ରାଇଭିଙ୍ଗ୍ ଦୂରତାରେ ରହୁଥିଲେ । ଏ ସମୟ ଭିତରେ ଅନ୍ୟ ଯେଉଁ ସାଙ୍ଗମାନେ ଆମଦ୍ୱାରା ତାଙ୍କ ସହିତ

ISSN NO.
2582-208X

ପରିଚିତ ହେଲେ, ସେମାନେ ବି ଆମ ଦେଖାଦେଖି ସେମାନଙ୍କୁ ଭାଇନା, ଭାଉଜ ସମ୍ବୋଧନ କଲେ । ସିଏ ବି ସମସ୍ତଙ୍କୁ ଭାଉଜଙ୍କ ଭଳି ସ୍ନେହ ଦେଉଥିଲେ । ଭଲଭଲ ଖାଦ୍ୟ ରାନ୍ଧି ଖୁଆଇବା; ମେଳା, ମହୋତ୍ସବ ବେଳେ ଛୋଟଛୋଟ ଉପହାର କିଣି ଦେବା ଇତ୍ୟାଦି ତାଙ୍କର ସଉକ ଥିଲା ।

ଓଡିଶାର ଶିକ୍ଷା ବ୍ୟବସ୍ଥାରେ ପ୍ରଗତିଶୀଳ ପରିବର୍ତ୍ତନ ଆଣିବାପାଇଁ ମୋ ସ୍ୱାମୀ ନରେଶ ଓ ଅନ୍ୟାନ୍ୟ କେତେକ ବନ୍ଧୁ ଉତ୍ସାହ ପ୍ରକାଶ କଲେ । ସେସବୁ ସ୍ୱପ୍ନକୁ ସଫଳ କରିବା ପାଇଁ ୨୦୦୧ ମସିହାରେ ଆମେ ଯୋଗ ନାମକ ଏକ ସଂସ୍ଥାର ପ୍ରତିଷ୍ଠା କଲୁ । ସେଇ ସଂସ୍ଥା ସାହାଯ୍ୟରେ ଶିକ୍ଷାକ୍ଷେତ୍ରରେ ଅନେକ କିଛି ଉନ୍ନତିମୂଳକ କାମ, ଯଥା ହାଇସ୍କୁଲ ଶିକ୍ଷକ ମାନଙ୍କ ପାଇଁ ପ୍ରତିବର୍ଷ ତାଲିମ ଶିବିର କରାଇବା କାର୍ଯ୍ୟ, ହାଇସ୍କୁଲରେ ବିଜ୍ଞାନ ପରୀକ୍ଷଣ ଲାବୋରଟୋରୀ ପ୍ରତିଷ୍ଠା କାର୍ଯ୍ୟ ସବୁ କରିହେଲା । ଏସବୁ କାମରେ ଭାଇନା ଓ ଭାଉଜଙ୍କର ସାହାଯ୍ୟ ଓ ସହଯୋଗ ରହିଥିଲା । ପରେ ସେସବୁ ଦାୟିତ୍ୱ ଓଡିଶା ସରକାର ଓ ଓଡିଶାର କିଛି ପ୍ରାଇଭେଟ ସଂସ୍ଥା ନେଇଗଲେ ।

୨୦୦୭ ମସିହାରେ ମେରୀଲାଣ୍ଡର ଆଡେଲଫି ସହରରେ ଏକ ବିରାଟ ହିନ୍ଦୁ ମନ୍ଦିର ଗଢାହେଲା । ସେ ମନ୍ଦିରର ଦାୟିତ୍ୱରେ ଥିଲେ ଜଣେ ଓଡିଆ, ଡକଟର ବିକ୍ରମ ପାଲ୍ । ତାଙ୍କ ସହିତ ଓ ହିନ୍ଦୁ ମନ୍ଦିରର ଅନ୍ୟାନ୍ୟ କର୍ମୀଙ୍କ ସହିତ ଯୋଗାଯୋଗ କରି ହିନ୍ଦୁ ମନ୍ଦିରରେ ଜଗନ୍ନାଥଙ୍କୁ ପ୍ରତିଷ୍ଠା କରିବାର କାର୍ଯ୍ୟଭାର ଆମେ ନେଲୁ । ଦୁଇଦିନ ଧରି ପୂଜା, ଖିଆପିଆ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗିରହିଲା । ଅନ୍ୟମାନଙ୍କ ସହିତ ଭାଉଜ ଓ ଭାଇନା ମଧ୍ୟ ଠାକୁରଙ୍କ ପ୍ରତିଷ୍ଠା କାର୍ଯ୍ୟରେ ନିଜର ଶରୀର, ମନ ଓ ଧନର ଉପଯୋଗ କରିଥିଲେ।

ମୁଁ ୧୯୯୯ରୁ ଆମେରିକୀୟ ଓଡିଆ ସମାଜ ଓସା ତରଫରୁ ପ୍ରତିବର୍ଷ କନଭେନସନରେ କବିତାପାଠ ଆୟୋଜନରେ ଭୂମିକା ନେଉଥିଲି । ଭାଉଜ ପ୍ରଥମେ ପ୍ରଥମେ କିଛି ଭୂମିକା ନେଉନଥିଲେ । କିନ୍ତୁ ଧୀରେଧୀରେ ସିଏ ଲେଖାଲେଖି କଲେ ଓ କବିତାପାଠ ସମାରୋହରେ ଯୋଗଦେବାକୁ ଲାଗିଲେ । ୨୦୧୧ ମସିହାରେ ଆମେ ସ୍ଥିରକଲୁ ଆମ ଡିସି ଅଞ୍ଚଳରେ ଆମେ ଆଞ୍ଚଳିକ କବିତାପାଠର ଆୟୋଜନ କରିବା ଓ ଡିସି ଅଞ୍ଚଳରେ ରହୁଥିବା

ISSN NO.
2582-208X

ସାହିତ୍ୟପ୍ରେମୀ ମାନଙ୍କ ଗହଣରେ କିଛିଟା ବିଶେଷ ସ୍ମୃତି ତିଆରିକରିବା । ଆମର ପ୍ରଥମ କବିତାପାଠର ଆୟୋଜିକା ଭାବେ ଭାଉଜ ଦାୟିତ୍ୱ ନେଇଥିଲେ । ସେ କବିତାପାଠ ଏମିତି ଚାଲିଲା ଯେ, ଯେଉଁମାନେ ପୂର୍ବରୁ ଲୋକଗହଳିରେ ପଦେ କଥା କହିବାକୁ କୁଣ୍ଠାବୋଧ କରୁଥିଲେ, ଧୀରେଧୀରେ କବିତା ଲେଖିବାକୁ ଆରମ୍ଭକଲେ । ଲୋକଗହଳିରେ କିଛି କହିବାର କୁଣ୍ଠା ଆଉ ତାଙ୍କର ରହିଲାନାହିଁ । ଏମିତି ସମୟ ଆସିଲା ଯେ, ଭାଉଜ ସେମାନଙ୍କୁ ସ୍ନେହରେ ରୋକିଦେଉଥିଲେ, "ସେତିକି ଥାଉ । ତମେ ୪ ମିନିଟ୍ ବଦଳରେ ୧୦ ମିନିଟ୍ ନେଲଣି । ଆଉ ସମସ୍ତେ ପଢିବେ ନା ନାହିଁ ।'

ଯେହେତୁ ଭାଉଜ ଆମମାନଙ୍କ ଭିତରେ ବୟୋଜ୍ୟେଷ୍ଠ ଥିଲେ, ତେଣୁ ତାଙ୍କ କଥାକୁ ସମସ୍ତେ ମାନୁଥିଲେ । ସେଇଥିପାଇଁ, ଆମମାନଙ୍କ କବିତାପାଠ ସମୟରେ ଭାଉଜ, ସମୟର ପହରାଦାର ହୋଇ ରହୁଥିଲେ । କିଏ କିଛି ବେଶି କଥା କହିଦେଲେ, ରୋକିଦେଉଥିଲେ । ସମସ୍ତେ ତାଙ୍କୁ ସମ୍ମାନ କରୁଥିଲେ ଓ ତାଙ୍କ କଥା ମାନୁଥିଲେ ।

ଆମମାନଙ୍କ ଗୋଷ୍ଠୀରେ ସମସ୍ତଙ୍କର ଅନେକ ରକମର ସଉକ ରହିଥିଲା । ଗୀତ ଗାଇବା, ପାଲା କରିବା, ଡ୍ରାମା କରିବା, ଲେଖାଲେଖି କରିବା ଇତ୍ୟାଦି । ଭାଉଜ ଅବଶ୍ୟ ଗୀତ ଗାଉନଥିଲେ, କିନ୍ତୁ ଧୀରେଧୀରେ ସିଏ ଆମ ଡ୍ରାମା ଗୋଷ୍ଠୀରେ ମିଶିଗଲେ । ଅନେକ ପରିବାର କନଭେନସନ ଯିବାକୁ ଖର୍ଚ୍ଚପାଇଁ ଡରନ୍ତି । କିନ୍ତୁ ଭାଇନା ଓ ଭାଉଜ ପ୍ରାୟତଃ ଯାଉଥିଲେ । ତେଣୁ ଆମପାଇଁ ବି ସୁବିଧାହେଲା । ଆମ ନାଟକମାନଙ୍କରେ ଭାଗନେବା ପାଇଁ ଆମକୁ କଳାକାର ମିଳିଗଲେ ।

ଆଡେଲଫି ସହରର ହିନ୍ଦୁ ମନ୍ଦିରରେ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥଙ୍କ ପାଖରେ ଆମମାନଙ୍କର ପ୍ରତିମାସର ଭଜନ ମିଳନୀ ହେଉଥିଲା । କେବେକେବେ ଶରତ ଋତୁରେ ବର୍ଷା, ଝଡ କି ଶୀତ ଋତୁରେ ବରଫ ଝଡ ଇତ୍ୟାଦି ହୋଇ ପାଗ ଖରାପ ହେଲେ ଅନେକ ପରିବାର ମନ୍ଦିର ଆସିବା ବନ୍ଦ କରିଦେଉଥିଲେ । ତେବେ ଯେଉଁ କେତେଜଣ ନିୟମିତ ଭାବେ ଠାକୁରଙ୍କ ଉପରେ ଭରସା ରଖି ମନ୍ଦିର କାର୍ଯ୍ୟକ୍ରମରେ ଉପସ୍ଥିତ ରହୁଥିଲେ, ସେମାନଙ୍କ ମଧ୍ୟରେ ଭାଇନା ଓ ଭାଉଜ ଥିଲେ । ୨୦୦୭ ମସିହାରୁ ହିନ୍ଦୁ ମନ୍ଦିରରେ ରଥଯାତ୍ରା ଓ ବାହୁଡାଯାତ୍ରା ଆରମ୍ଭହେଲା । କିଛିବର୍ଷ ଠାକୁର ମନ୍ଦିରରୁ ବାହାରକୁ ଏକ

ISSN NO.
2582-208X

ମାଇଲ ପର୍ଯ୍ୟନ୍ତ ରାସ୍ତାରେ ରଥ ଉପରେ ବସି ମନ୍ଦିରର ପାଖାପାଖି ପଡୋଶୀରେ ରହୁଥିବା ପରିବାରମାନଙ୍କୁ ଦର୍ଶନ ଦେଉଥିଲେ । ତେବେ ହିନ୍ଦୁମନ୍ଦିରରେ ଜଗନ୍ନାଥଙ୍କ ସ୍ଥାପନା ମୁଖ୍ୟ ଦେବତା ରୂପେ ହୋଇନଥିଲା, କାରଣ ଆମେ ମନ୍ଦିର ବିଷୟରେ ଜାଣିବାବେଳକୁ ସେସବୁ ସିଦ୍ଧାନ୍ତ ଆଗରୁ ନିଆଯାଇସାରିଥିଲା । ଜଗନ୍ନାଥଙ୍କୁ ପାର୍ଶ୍ୱଦେବତା ଭାବେ ଦେଖି କିଛି ଭକ୍ତଙ୍କୁ ପସନ୍ଦ ଆସିଲାନି । ସେମାନେ ମତଦେଲେ, "ଜଗନ୍ନାଥଙ୍କୁ ଏମିତି ଠଣାରେ ବସିବା ଦେଖି ସହିହେଉନି । ଆମର ଜଗନ୍ନାଥଙ୍କ ପାଇଁ ଏକ ସ୍ୱତନ୍ତ୍ର ମନ୍ଦିର ହେବା ଉଚିତ, ଯେଉଁଠି ପ୍ରବେଶ କଲେହିଁ ସାମନାରେ ପ୍ରଥମେ ତାଙ୍କୁ ହିଁ ଦର୍ଶନ କରିହେବ ।' ସେଥିପାଇଁ ୨୦୧୨-୨୦୧୩ ମସିହାରେ ଏକ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବାର ବିଚାରବିମର୍ଷ ଚାଲିଲା। କେଉଁ ସ୍ଥାନରେ ହେବ, କେତେ ଖର୍ଚ୍ଚ ହେବ, ଅର୍ଥ କେଉଁଠୁ ଆସିବ, ଠାକୁର କେମିତି ଆସିବେ, ଏମିତି ଅନେକ କଥା ଆଲୋଚନା ହେଲା । ଭାଇନା ଅନ୍ୟ ଦୁଇତିନି ଜଣ ସ୍ୱେଚ୍ଛାସେବୀଙ୍କ ସହିତ ଯୋଗଦେଇ ଜମି ଖୋଜିବା ଦାୟିତ୍ୱରେ ରହିଥିଲେ । କିଛି ଭକ୍ତ ମଧ୍ୟ ଆଉ ଗୋଟିଏ ସ୍ୱତନ୍ତ୍ର ମନ୍ଦିର କରିବାର ସପକ୍ଷରେ ନଥିଲେ । ସେମାନଙ୍କ ମତ ଅନୁଯାୟୀ "ହିନ୍ଦୁ ମନ୍ଦିରରେ ରହିଥିବା ବିଗ୍ରହମାନଙ୍କର କଣ ହେବ ? ଏଠି ହେଉଥିବା ରଥଯାତ୍ରା ଓ ଅନ୍ୟାନ୍ୟ ସବୁ କାର୍ଯ୍ୟକ୍ରମର କଣ ହେବ ? ଦୁଇଦୁଇଟା ମନ୍ଦିରରେ ଜଗନ୍ନାଥଙ୍କର ନୀତିକାନ୍ତି କେମିତି ଭାବେ ଚାଲିବ ?'

ଏମିତିରେ ଗୋଟିଏ ଜମିର ଠାବ କରାଗଲା । ସାଢେ ତିନି ଏକର ଜମି । ସେ ଜମିରେ ପୁରୁଣା ଘରଟିଏ ଥିଲା, ଯେଉଁଥିରେ ଦୁଇଟି ପରିବାର ଭଡା ନେଇ ରହୁଥିଲେ । ଆଉ ଗୋଟିଏ ଗ୍ୟାରେଜ ଥିଲା । ଜମିର ମୂଲ୍ୟ ସମସ୍ତଙ୍କୁ ଠିକ୍ ଲାଗିଲା ଓ ଜମି ୨୦୧୪ ମସିହାରେ କିଣାହେଲା । ସାଙ୍ଗେସାଙ୍ଗେ ଭୂମିପ୍ରତିଷ୍ଠା ହେଲା ଓ ସେ ଗ୍ୟାରେଜକୁ ପରିଷ୍କାର କରି କିଛିଅଂଶକୁ ସଜଡାଗଲା । ସେଇବର୍ଷ ମେ ମାସରେ ସାବିତ୍ରୀବ୍ରତ ସେଇ ଗ୍ୟାରେଜ ଭିତରେ ହିଁ ପାଳିତ ହୋଇଥିଲା । ସାବିତ୍ରୀବ୍ରତ ପାଳିଥିବା ମହିଳାଙ୍କ ମଧ୍ୟରେ ଭାଉଜ ମଧ୍ୟ ଥିଲେ । ଏହାପରେ ଜନ୍ମାଷ୍ଟମୀରେ ଜମିରେ ରହିଥିବା ଘରଟିରେ ପୂଜା ଓ ଖିଆପିଆ ହେଲା । କିଛିଦିନ ପରେ ବୃକ୍ଷରୋପଣ କାର୍ଯ୍ୟ ମଧ୍ୟ ଚାଲିଲା । ମନ୍ଦିର ପାଇଁ ଫଣ୍ଡରଜିଙ୍ଗ କାର୍ଯକ୍ରମ ମଧ୍ୟ ଚାଲିଲା । ଅନେକ ଓଡିଆ ବହୁତ ଉତ୍ସାହିତ ଥିଲେ ଓ ଏକ ନୂଆ ମନ୍ଦିରର ଭାବନାରେ ବଡ ନିମଜ୍ଜିତ ହୋଇଯାଉଥିଲେ । କିଛି ସ୍ୱେଚ୍ଛାସେବୀ ସେ ଗ୍ୟାରେଜ ଭିତରେ ଠାକୁରଙ୍କ ଆସ୍ଥାନ ନିର୍ମାଣ କରିଦେଲେ ଓ ଓଡିଶାରୁ ଜଗନ୍ନାଥ, ବଳଭଦ୍ର ଓ

ISSN NO.
2582-208X

ସୁଭଦ୍ରାଙ୍କର ସୁନ୍ଦର ବଡ ବିଗ୍ରହ ମାନ ବି ଆସି ପହଞ୍ଚିଗଲେ । ସେଇ ଗ୍ୟାରେଜରେ କିଛିଦିନ ଭଜନ, କୀର୍ତ୍ତନ ଓ ଅନ୍ୟାନ୍ୟ ସବୁ କାମ ଚାଲିଲା ।

କିଛିଦିନ ପରେ ସେ ସ୍ଥାନରେ ମନ୍ଦିର ତିଆରି ହେବ ବୋଲି ଏକ କମ୍ୟୁନିଟି ମିଟିଙ୍ଗ୍ ଡକାହେବା ସମୟରେ ଆମ ସମସ୍ତଙ୍କର ଆମେରିକା ଦେଶରେ ନୂଆ ପ୍ରକଳ୍ପ ଗଢିବା ପଛରେ ରହିଥିବା ସ୍ୱଳ୍ପ ଜ୍ଞାନ ବିଷୟରେ ଜଣାପଡିଲା । ସେ ଜମିର ପାଖରେ ଥିବା ଜଣେ ଡାକ୍ତର ଓ ତାଙ୍କର ପତ୍ନୀ ଅନ୍ୟ କେତେଜଣଙ୍କ ସହିତ ମିଶି ଏକ ମକଦ୍ଦମା ଦାଖଲକଲେ । ସେମାନଙ୍କର ଏକ ଘୋଡାଶାଳ ଥିଲା । ପାଖରେ ମନ୍ଦିର ହେଲେ ଟ୍ରାଫିକ୍ ବଢିବ, ଯେଉଁଟାକି ସେ ଭଳି ଶାନ୍ତ, ସରଳ ପରିବେଶକୁ ଭଲପାଇ ରହୁଥିବା ପରିବାରମାନଙ୍କ ପାଇଁ ଏକ କୋଳାହଳମୟ ପରିବେଶ ସୃଷ୍ଟି କରି ସେମାନଙ୍କ ଶାନ୍ତିରେ ବ୍ୟାଘାତ ସୃଷ୍ଟି କରିବ, ସେଇଟା ସେମାନଙ୍କ ପ୍ରତିବାଦର ମୂଳ କାହାଣୀ ରହିଲା । ମନ୍ଦିର ପାଇଁ ସୃଷ୍ଟି ହେଉଥିବା କୋଳାହଳ ସେମାନଙ୍କ ଘୋଡାମାନଙ୍କ ପାଇଁ ବି ପ୍ରତିକୂଳ ପରିବେଶ ସୃଷ୍ଟିକରିବ । ଏମିତି ହୋଇ କୋର୍ଟରେ ସେମାନେ କେସ ଦାଖଲ କଲେ । ଅନେକ ଥର ଶୁଣାଣି ହେଲା । ମନ୍ଦିର ସମ୍ବନ୍ଧୀୟ କୌଣସି କାର୍ଯ୍ୟ ପାଇଁ ଅନୁମତି ମିଳିଲାନାହିଁ । ମନ୍ଦିର ବନ୍ଦରହିଲା ।

ସେ ଜମିରେ ରହିଥିବା ଘରଟିକୁ କିଛିଦିନ ପାଇଁ ଭଡାରେ ଦିଆଗଲା । ନହେଲେ ଘରର ମାସକୁମାସ ଋଣ ଖର୍ଚ୍ଚ କେମିତି ଦିଆଯିବ ? ଏମିତି ଶୁଣାଣି ହୋଇହୋଇ କିଛିବର୍ଷ ବିତିଗଲା । ମନ୍ଦିରକୁ ଅନୁମତି ମିଳିଲା ନାହିଁ । ତାପରେ ଆଉ ଏକ ମୋଡ ଆସିଲା । ଯେହେତୁ ନିଜଧର୍ମ ପାଳନ କରିବା ଆମେରିକାର ନାଗରିକ ମାନଙ୍କର ଧର୍ମଗତ ଅଧିକାର, ସେ ବିଷୟକୁ ଆଧାର କରି ଫେଡେରାଲ କୋର୍ଟରେ କେସ କରିବାକୁ ଜଣେ କେହି ପରାମର୍ଶ ଦେଲେ । ସେମିତି କରାଗଲା ଓ ଏଥର ମନ୍ଦିରକୁ ପୂଜା କରିବା ପାଇଁ ଅନୁମତି ମିଳିଲା । ଯଦିଓ ମନ୍ଦିର ଗଢାହେବା ପାଇଁ ଆହୁରି କିଛି ନିୟମର ଅବତାରଣା ରହିଲା, ତେବେ ସେସବୁ ନିୟମକୁ ମାନି ପରିବର୍ତ୍ତନ ଆଣୁଥିବା ସମୟରେ, ମନ୍ଦିର କାର୍ଯ୍ୟ ଚାଲିପାରିବ ବୋଲି କୋର୍ଟ ଅନୁମତି ଦେଲା ।

କୋର୍ଟ ଅନୁମତି ଦେବାପରେ ପୁଣି ଥରେ ୨୦୧୯ ମସିହାରେ ଭୂମି ପୂଜା ହେଲା ଓ ଫେବୃଆରୀ ମାସରେ ବିଗ୍ରହମାନଙ୍କର ପ୍ରାଣପ୍ରତିଷ୍ଠା ହେଲା । ଭାଉଜ ସେତେବେଳେ ଠିକ୍

ISSN NO.
2582-208X

ଥିଲେ । ମନ୍ଦିର ସ୍ଥାପନର ଯେତେ ତର୍କ, ବିତର୍କ, ବିଘ୍ନ, ଆଶା, ନିରାଶା ସବୁ ସହିତ ସିଏ ଜଡିତ ଥିଲେ । ୨୦୨୦ ମାର୍ଚ୍ଚମାସରୁ କରୋନା ଆସିଲା । ସବୁକିଛି ବନ୍ଦ ହୋଇଗଲା । ଏବେ ସବୁକିଛି ଫୋନରେ ହେଉଥିଲା । କିଛି ସ୍ୱେଚ୍ଛାସେବୀ ପାଳିକରି ମନ୍ଦିରରେ ପୂଜା କରୁଥିଲେ । ଗୋଟିଏ ବର୍ଷ ପରେ ଟୀକା ବାହାରିଲା ଓ ସମସ୍ତେ ଟୀକା ନେଇଗଲେ । ସେଇବର୍ଷ ୨୦୨୧ ମସିହାରେ ଭାଉଜଙ୍କୁ କେତେଗୁଡିଏ ଗ୍ରାଜୁଏସନ ପାର୍ଟିରେ ଦେଖିବାକୁ ମିଳିଥିଲା । ସେସବୁ ପାର୍ଟି ସମସ୍ତେ ନିଜ ଘରର ପଛପଟ ଲନ୍ ରେ କରୁଥିଲେ । ଯଦିଓ କରୋନାର ଭୟ କିଛିଟା କମିଥିଲା, ତଥାପି ସମସ୍ତେ ସତର୍କତା ଅବଲମ୍ବନ କରୁଥିଲେ ।

୨୦୨୧ ନଭେମ୍ବର ବେଳକୁ ଜଣାପଡିଲା ଭାଉଜ ଅସୁସ୍ଥ ଅଛନ୍ତି । ତାଙ୍କ ଦେହର ତାପମାତ୍ରା ବଢୁଛି ଓ ରକ୍ତଚାପ ଅଧିକ ହେଉଛି । ଏମିତିରେ ସିଏ ବାରମ୍ବାର ହସ୍‌ପିଟାଲ ଯାଉଥିଲେ, ଟିକେ ସୁସ୍ଥ ହେଉଥିଲେ ତ ପୁଣି ଘରକୁ ଫେରୁଥିଲେ । ପୁଣି ଦିନେ ଦୁଇଦିନ ପରେ ଅସୁସ୍ଥ ହୋଇ ହସ୍‌ପିଟାଲ ଯାଉଥିଲେ । ଡିସି ଅଞ୍ଚଳରେ ସେତେବେଳେ ଥଣ୍ଡା ପଡିଆସୁଥିଲା । ଭାଉଜ ଓ ଭାଇନା ସ୍ଥିରକଲେ ଯେ ସେମାନେ ଫ୍ଲୋରିଡା ଚାଲିଯିବେ । ସେଠି ସେମାନେ ଘରଟିଏ କିଣିଲେ ଓ ୨୦୨୨ ଜାନୁୟାରୀ ବେଳକୁ ଫ୍ଲୋରିଡା ଚାଲିଗଲେ । ମେରୀଲାଠର ଘରଟି ବିକିଦେଲେ । ସେ ସମୟରେ କରୋନାର ଆଉ ଗୋଟିଏ ପ୍ରତିରୂପ ସମସ୍ତଙ୍କୁ ଅସୁସ୍ଥ କରୁଥିଲା । ତେଣୁ ସମସ୍ତେ ପୁଣି କରୋନାଜନିତ କଟକଣାରେ ରହିଲେ। ସଙ୍ଗରୋଧ ମାନି ଚଳିଲେ ଓ ମୁଖାବରଣ ପିନ୍ଧିବା ଜାରି ରଖିଲେ । ଭାଉଜଙ୍କର ମେରୀଲାଣ୍ଡରୁ ବିଦାୟ ହେବା ସମୟରେ ଶେଷଦେଖା ବି କରିହେଲା ନାହିଁ । ପ୍ରଥମ ଡର ଥିଲା ତାଙ୍କ ଅସୁସ୍ଥତାକୁ ନେଇ, କାଳେ ଅନ୍ୟମାନଙ୍କଠାରୁ ତାଙ୍କୁ କିଛି ସଂକ୍ରାମକ ହୋଇ ବ୍ୟାପିଯିବ । ମଣିଷ ଜୀବନ ତ ଆଗ ନା, ଆଉ ସବୁ ପଛ ।

୨୦୨୩ ମସିହା ମେ ମାସରେ ଆମେ ଫ୍ଲୋରିଡା ଯାଇଥିଲୁ । ସେଇଠି ଭାଉଜଙ୍କୁ ଶେଷଥର ପାଇଁ ଦେଖିଥିଲି । ସେତେବେଳକୁ ସିଏ ଅତ୍ୟନ୍ତ ଦୁର୍ବଳ ଦିଶୁଥିଲେ । କିଛି କାମଦାମ କରିପାରୁନଥିଲେ । ତାଙ୍କର ଡାୟାଲିସିସ୍ ଚାଲିଥିଲା । ସିଏ ଗୋଟିଏ ବାଡିଧରି ଆସିଲେ । ଆମମାନଙ୍କ ସହିତ କଥାହେଲେ । ଆମେ ସମସ୍ତେ ସାଙ୍ଗ ହୋଇ ରାତ୍ରଭୋଜନ କଲୁ । ମୁଁ ପଚାରିଲି, "ଆଉ ଗଳ୍ପ, କବିତା ଲେଖୁଛନ୍ତି ?'

ISSN NO.
2582-208X

ଭାଉଜ କହିଲେ, "ନା, ଆଉ କୌଣସିଥିରେ ଆଗ୍ରହ ରହୁନି କି ବଳ ବି ନାହିଁ । ସବୁଥିରେ ବିତୃଷ୍ଣା ଆସୁଛି । ବଳ ନ ରହିଲେ ମଣିଷ ଆଉ ଅନ୍ୟ ଚିନ୍ତା କରିପାରିବ କେମିତି, ବସିବ କେମିତି, ଭାବିବ କେମିତି ଯେ ଲେଖିବ ?'

ମେରୀଲାଣ୍ଡର ଅନ୍ୟ ସମସ୍ତ ସାଙ୍ଗସାଥୀଙ୍କ କଥା ସିଏ ପଚାରିବୁଝିଲେ । ଆମ ନାତି ବିଷୟରେ ପଚାରିଲେ । ଗପଶପ ହୋଇ କିଛି ସମୟ ବିତିଗଲା । କିନ୍ତୁ ଭାଉଜ ଯେମିତି ପରିସ୍ଥିତିରେ ଥିଲେ, ମତେ କାହିଁକି କିଛି ଭଲ ଲକ୍ଷଣ ଦିଶୁନଥିଲା । ସିଏ ଯେ ଦିନେ ସଂପୂର୍ଣ୍ଣରୂପେ ସୁସ୍ଥ ହୋଇଯିବେ, ସେମିତି ଲାଗିଲାନି ।

୨୦୨୪ ମସିହା ସେପଟେମ୍ବର ୪ ତାରିଖରେ ତାଙ୍କ ତିରୋଧାନର ଖବର ପହଞ୍ଚିଲା । ଆମେ ମେରୀଲାଣ୍ଡରୁ ୪ଟି ପରିବାର ତାଙ୍କ ଅନ୍ତିମ ସଂସ୍କାରରେ ଉପସ୍ଥିତ ହେବାପାଇଁ ଯାଇଥିଲୁ । ଭାଉଜ ମେରୀଲାଣ୍ଡର କେତେ ସାଙ୍ଗସାଥୀ କରିଥିଲେ । କିନ୍ତୁ ତାଙ୍କ ଅନ୍ତିମ ସଂସ୍କାରରେ କେବଳ ତାଙ୍କ ପରିବାର ଓ ଆମ ମେରୀଲାଠରୁ ଯାଇଥିବା ପରିବାରକୁ ଛାଡିଦେଲେ, ଫ୍ଲୋରିଡାରୁ ସେମିତି କେହି ଓଡିଆ ପରିବାର ନଥିଲେ । କେବଳ ସେଠି ଗଢାଯାଇଥିବା ଓସାର ନୂଆ ଚାପଟରର ପ୍ରେସିଡେଣ୍ଟ ହିଁ ଉପସ୍ଥିତ ଥିଲେ ।

ତେଣୁ ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ମେରୀଲାଣ୍ଡର ହେବାରୁ ଆମ ସମସ୍ତଙ୍କୁ ଭଲଲାଗିଲା । ଭଜନ ଓ ଆରତୀ ସରିବା ପରେପରେ କିଛି ବ୍ୟକ୍ତିଙ୍କୁ ଭାଉଜଙ୍କ ବିଷୟରେ କହିବାକୁ ଭାଇନା ଅନୁରୋଧ କଲେ । ଜଣେ ସାଙ୍ଗ କହିଲେ, "ଭାଉଜଙ୍କର ସବୁଠାରୁ ଭଲଗୁଣ ଥିଲା, ମୁହେଁମୁହେଁ ସମାଲୋଚନା କରିବା । ଯାହାକି କେହି କରିବାକୁ ସାହସ କରନ୍ତିନି । ସିଏ କମ୍ ହସନ୍ତି ଓ ଭଲରେ ସମାଲୋଚନା କରନ୍ତି ।'

ସମସ୍ତେ ହସିଲେ । ଭାଉଜଙ୍କର ସେଭଳି ସମାଲୋଚନା କରିବାର କେତେଟା ଦୃଶ୍ୟ ଆଖିଆଗରେ ଭାସିଆସିଲା । "ତମେ କି କବିତା ଲେଖିଛ ମୁଁ କିଛି ବି ବୁଝିପାରିଲି ନାହିଁ । ଟିକେ ସାଧାରଣ ଲୋକ ବୁଝିବା ଭଳି ଲେଖୁନ ।' ଏମିତି ସିଏ ଜଣଙ୍କୁ କହିଥିଲେ ।

"ତମେ ଭାଇନାଙ୍କୁ ନିମନ୍ତ୍ରଣ କଲ, ହେଲେ ମତେ ତ ନିମନ୍ତ୍ରଣ କଲନି । ମୁଁ ଆସିଲେ କି ନଆସିଲେ ତମକୁ ଆଉ ଫରକ କଣ ପଡୁଚି ? ମତେ ଯଦି ନିମନ୍ତ୍ରଣ କରିବ, ତେବେ ଓଡିଶାରେ ହେଉ କି ଆମେରିକାରେ ହେଉ, ତୁମ ମନ୍ଦିରକୁ ମୁଁ ନିଶ୍ଚୟ ଯିବି ।'

ISSN NO.
2582-208X

"ତମ ଦେହ ଖରାପ କହୁଚ, ପୁଣି ଏତେ ମିଠା ଖାଇଯାଉଛ । ଟିକେ ନିଜକୁ ସମ୍ଭାଳ । ନହେଲେ ତମ ପତ୍ନୀ ଉପରେ ପୁଣି ତମକୁ ସମ୍ଭାଳିବାର ଅଧିକ ଦାୟିତ୍ୱ ପଡିବ ।'

ଏମିତି ସବୁ ତାଙ୍କର ରୋକଠୋକ କଥା । ତେଲମାଲସ କରିବାର କଥା ନୁହେଁ । କିନ୍ତୁ ଭିତରେ ଅନେକ ସ୍ନେହ । କୋଉ ଖାଇବା କାହାର ପସନ୍ଦ ସବୁ ସିଏ ଜାଣନ୍ତି । ଅନେକ ସମୟରେ ମୁଁ ଖାଇବାରେ ଶେଷକୁ ରହିଯାଏ । । ଭାଉଜ ସେଇଟା ଦେଖିଥାଆନ୍ତି ଓ ସବୁ ଖାଦ୍ୟ ଯେମିତି ମୋ ପାଇଁ କିଛିକିଛି ରୁହେ, ସେ ବ୍ୟବସ୍ଥା କରିଥାନ୍ତି । ତାଙ୍କ ହାତତିଆରି କରଞ୍ଜିପିଠା, କୋବି ତରକାରୀ, ପୋଟଳ ତରକାରୀ, ବୋଇତିକଖାରୁ ଫୁଲଭଜା, ଆମ୍ବଖଟା ଇତ୍ୟାଦି ଆମ ସମସ୍ତଙ୍କର ପ୍ରିୟ । ସେ ସ୍ୱାଦ ଭୁଲିବାର ନୁହେଁ ।

ସେଦିନ ମନ୍ଦିର ଭିତରର କାର୍ଯ୍ୟକ୍ରମ ସବୁ ସରୁସରୁ ୨ଟା ବାଜିଗଲା । ସମସ୍ତେ ପ୍ରସାଦ ସେବନ ପାଇଁ ଗଲେ । ସେତେବେଳେ ଆମ ଘରେ ମୋ ନାତି ଥିଲା । ଝିଅ ତ ମନ୍ଦିର ଯାଇଥିଲା, ହେଲେ ୩ ବର୍ଷର ବାଳକଟିକୁ କାଳେ ଏତେ ସମୟ ଗହଳିରେ ସମ୍ଭାଳିହେବନି, ସେଥିପାଇଁ ଜୁଆଁଇ ଓ ନାତି ଘରେ ରହିଥିଲେ । ଏମିତିରେ ମନ୍ଦିରରୁ ଆମ ଘର ୨୦ ମିନିଟର ବାଟ । ମୋ ସ୍ୱାମୀ କହିଲେ, "ଏବେ ଏଠି ଖାଇବାପିଇବାରେ ଡେରି ହେବ । ଚାଲେ, ଆମେ ଘରକୁ ଯିବା, ତାହେଲେ ନାତି ସହିତ କିଛି ସମୟ ବିତେଇପାରିବା ।'

"ହଁ, ଚାଲ । ଏଠିତ ଆମ କର୍ତ୍ତବ୍ୟ ଏବେ ସରିଲା । ଭାଇନାଙ୍କ ପରିବାର ସହିତ ସମୟ ଦେବାପାଇଁ ଅନେକ ବନ୍ଧୁ ଅଛନ୍ତି । ଏବେ ଆମେ ଆମ ନାତି ପାଖକୁ ଯିବା ।'

-୦-

୪୫୨୫ ରଦରଫୋର୍ଡ ଡ୍ରେ
ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
Contact Email: bigyanidas.osa@gmail.com

ISSN NO.
2582-208X

# ମା' କଟକ ଚଣ୍ଡୀ



ଡ. ପ୍ରସନ୍ନ କୁମାର ବଳ

ମାଆ  ଶବ୍ଦଟି ଯେ କେତେ ହିଁ ମଧୁ ,
ତାହାର କଳନା ନାହିଁ,
ଭରଷାର ଉସ, ପ୍ରେମର ପ୍ରତୀକ
ତାହାର ତୁଳନା  ନାହିଁ ।୧।
ହେଲେ "ଚଣ୍ଡୀ" ଶବ୍ଦ ମିଶିଯାଏ ଯେବେ,
ମାଆର ଶବ୍ଦଟି ପାଖେ ,
ମନେ ଭୟ ଲାଗେ, ଡର ବି ତ ଲାଗେ,
କିପରି ତା ହୋଇ ପାରେ ।୨।
ହେଲେ ମାଆ ପରି ମଧୂର ଶବ୍ଦଟି,
କେତେ ଯେ ପବିତ୍ର ଲାଗେ,
ଯେଉଁ ଶବ୍ଦ ପାଖେ ଲାଗୁ ନା କାହିଁକି,
ଭକ୍ତି ଭାବ ଜାଗି ଉଠେ ।୩।
ମା' କଟକ ଚଣ୍ଡୀ, ସତରେ ତୁହି ମାଆ,
କଟକର ଆରାଧ୍ୟା ଦେବୀ,
କେବଳ କଟକ କାହିଁକି ଲୋ ମାଆ,
ତୋ ସ୍ନେହ ତ ସର୍ବପରି ।୪।
ଓଡିଶାର ଶକ୍ତିପୀଠ ମାନଙ୍କର,
ସ୍ୱତନ୍ତ୍ର ମହିମା ଅଛି,

ISSN NO.
2582-208X

ହେଲେ କଟକ ଚଣ୍ଡୀ ପୀଠର ମାହାତ୍ମ୍ୟ,
ଦିଏ ନିଆରା ଅନୁଭୂତି ।୫।
ମା' ଯେଉଁଠାରେ ପୂଜା ପାଉଛନ୍ତି,
ସେହି ମାଟି ତଳେ ଥିଲେ,
ପଣ୍ଡିତ ହଂସ ପଣ୍ଡା ମହୋଦୟ,
ମା'ଙ୍କ ଦିବ୍ୟ ଉପସ୍ଥିତିଅନୁଭବ କଲେ ।୬।
କନିକା ରାଜାଙ୍କ ସହାୟତା ପରେ,
ମାଟି ସବୁ ଖୋଳା ଗଲା,
ଚାଳିଶି ଓଦର ସିନ୍ଦୁର ପରେ ହିଁ,
ମା'ଙ୍କ ପ୍ରତିମା ଉଦ୍ଧାର ହେଲା ।୭।
ସେହିଦିନଠାରୁ ପଣ୍ଡିତ ହଂସ ପଣ୍ଡା,
ମାଆ ଙ୍କର ପୂଜା କଲେ,
ତାଙ୍କପରେ ତାଙ୍କ ଉତ୍ତର ପିଢି ହିଁ,
ମା'ଙ୍କ ସେବା, ନୀତିକାନ୍ତୀ କଲେ ।୮।
ସକାଳର ସେହି ବ୍ରାହ୍ମ ମୁହୂର୍ତ୍ତରେ,
ମଙ୍ଗଳ ଆଳତି ହୁଏ,
ବର୍ଷସାରା ପୁଣି ଭକ୍ତଙ୍କର ଭିଡ,
ଏହି ସମୟରେ ହୁଏ ।୯।
ମଙ୍ଗଳ ଓ ଶନିବାର ମଧ୍ୟାହ୍ନରେ,
ମତ୍ସ୍ୟ ଭୋଗ ଏଠି ହୁଏ,
ସଂକ୍ରାନ୍ତୀ, ପୂର୍ଣ୍ଣିମା, ଗୁରୁବାରେ ପୁଣି,
ବଡ ଆଳତି ହିଁ ହୁଏ ।୧୦।
ମା' କଟକ ଚଣ୍ଡୀ" ଭୁବନେଶ୍ୱରୀ" ହିଁ,
ଚତୁର୍ଭୁଜା ହିଁ ତ ସିଏ,
ଉପର ହାତରେ "ପାଶ" ଓ"ଅଙ୍କୁଶ"(ଅସ୍ତ୍ର),
ତଳ ହସ୍ତେ 'ଅଭୟ" ଓ "ବର" ଥାଏ ।୧୧।
ସେଇଥି ପାଇଁତ ମା' ଙ୍କର ବେଶ,

ISSN NO.
2582-208X

"ଭୁବନେଶ୍ୱରୀ ବେଶରୁ" ଆରମ୍ଭ ହୁଏ,
ତା' ପରକୁ ପର ଅନେକ ରୂପରେ,
ମାଆ ଙ୍କର ପୂଜା ହୁଏ ।୧୨।
ସିଦ୍ଧେଶ୍ୱରୀ,ଉଗ୍ରତାରା, ରାଜ ରାଜେଶ୍ୱରୀ,
ଜୟଦୁର୍ଗା ଓ ତ୍ରିପୁରା ଭୈରବୀ,
ନାରାୟଣୀ, ହରଚଣ୍ଡୀ ଓ ଷୋଡଶୀ,
ବନଦୂର୍ଗା, ଗାୟତ୍ରୀ ଓବଗଳାମୁଖୀ ।୧୩।
ମହାକାଳୀ, ମହାଲକ୍ଷ୍ମୀ, ମହା ସରସ୍ୱତୀ,
ଶେଷେ ହିଁ ମହିଷାମର୍ଦ୍ଧିନୀ,
ମହାଷ୍ଟମୀ ମହାସ୍ନାନ ପରେ ପୁଣି,
ମହାକାଳୀ ରୂପେ ଦର୍ଶନ ଦିଅଇ ।୧୪।
ଯେଉଁ ରୂପରେ ତୁ ଦର୍ଶନ ଦେ ମା',
ତୁହି ତ ଜଗତ ମାତା,
ତୋ ସନ୍ତାନ ଆମ୍ଭେ ନିର୍ବୋଧ ହିଁ ଅଟୁ,
ଆଶୀର୍ବାଦ ତୁ ବାଣ୍ଟଥା ।୧୫।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ସେଇ ବର୍ଣ୍ଣାଳୀ କାଇଁଚ ମାଳି..



ଇଂ. ସୁଶାନ୍ତ କଶୋର ବଳ

କେହି ସୁବର୍ଣ୍ଣ ଅଳଂକାର
କେହି ରୌପ୍ୟ ସମ୍ଭାର
କେହି ହୀରକ ଖଚିତ
କେହି ଲାଲ କାଇଂଚର ଗଳାମାଳି .

ଅପଘନର ସୌଂଦର୍ଯ୍ୟର ମାନ
ବଢ଼ାଇଥାଏ ବୀଚିମାଳାରେ ଯେପରି ସୂର୍ଯ୍ୟ
ଉଦଭାସିତ କରିଥାଏ ସାଗର ବକ୍ଷ୍ୟ.

ପ୍ରଣୟିନୀର ଜୁଡାରେ ସଜ୍ଜିତ ଗଭା
ମଥାରେ ଝୁଲା ମକକତମଣି ,
କଟିଦେଶେ କାଂଚିଘୁଂଗୁର,
ହସ୍ତରେ ବଳା, ପଦେ ନୂପୁର
ବକ୍ଷ୍ୟଶୋଭିତ ଅନୂରୁପେ ନାରୀର
ଥାଏ ବର୍ଣ୍ଣାଳୀ ବିଭାସିତ ଗଳାହାର .

ହେଲେ କାଇଂଚମାଳିର ନାଂଅଛି ବୈଭବ
ନାଂ ଐତିହ୍ୟ, ନାଂ ସେଅଟେ ଅମୂଲ୍ୟ .

ISSN NO.
2582-208X

ସୂତାରେ ଗୁଂନ୍ଥା ଲାଲ ଟୁକଟୁକ ମାଳେ
ଶୋଭା ପାଉଥାଏ ଦୈନ୍ୟର ଗଳେ .
ଗର୍ବହୀନେ, ଦର୍ପହୀନେ ସାରଲ୍ୟେ
ଝୁଲୁଥାଏ, ଫୁଟିଉଠେ ତାର ସୁଷମା .
ରୁଚିର, ମନୋହର, ମନୋଂଗ୍ୟେ
ଆସିଯାଇ ଥାଏ ଚକ୍ଷ୍ୟୁର ନଜରେ .

ସେହି କାଇଂଚମାଳିକୁ ଗଳାରେ ବହି
ମୋହିଥାଏ କେହି ମୋ' ତନ, ମନ .
କୁଟୀରେ ରହିଥାଏ କେହିଏକ ଲଳନା .
ମୋତିଫୁଲ ସମ ଝଲୁଥାଏ ବଦନ
ସେ କାବ୍ୟିକ ତନୁଶ୍ରୀର ଗଳାଦେଶ .
ସେହି ରକ୍ତିମରଂଗେ ରଂଜିତା ସେ ନାରୀ
ତନକୁ ଚୋରାଇ ନିଏମନ କିଣି
ହୃଦେ ଦେଇଥାଏ ସ୍ନିଗ୍ଧ ପରସ .

କନକଚଂମ୍ପାର କଢିଟିଏ ସିଏ
ରୂପଯୌବନର ବନ୍ୟାଟିଏ ସିଏ
ବୟସର ଅଭୁଲା ନଂଦିନୀ ଟିଏ
ଲାବନ୍ୟକାନ୍ତିର କନ୍ୟାଟିଏ ସିଏ
ଚାଲିରେ ତା' ଫୁଟଇ କଦମ୍ବ .
ଖୁବହି ମନଲୋଭା ତା' ନିତମ୍ବ .
ବକ୍ଷ୍ୟ ତା ପୀନ ପୟୋଧର .
ଗତି ତା' ଧାବମାନ ହରିଣୀ.
ଲକ୍ଷ୍ୟେ ବନଉପବନର ସୁମନ.
ନୟନେ ଭରା ସମୁଦ୍ରେ ତଂଦ୍ରା.
ହାସ୍ୟରେ ଫୁଟେ ଗଜମୁକୁତା .

ISSN NO.
2582-208X

କଟିଦେଶ ସଦା ଦୋଳାୟମାନ.
ପାଦୁ ଶୁଭୁଥାଏ ନୂପୁର ସିଂଜନ .
ସୁମଧୂର ତାର କୋକିଳ କଂଠ.
ଛମଛମ ପାଦେ ଲାଗେ ସିତିକଂଠ .

ବାରେ ଦରଶନେ ହରିଯାଏ କ୍ଳେଷ
ବିଶ୍ୱକର୍ମାଂକ ସେ ସୃଜନ ବିଶେଷ .
ଦରକାର ନାହିଁ ତା' ସ୍ୱର୍ଣାଳଂକାର
ଦରକାର ପଡେନି ଗଳାଦେଶେ ରତ୍ନହାର.
ମହକୁଥାଏ ସେ ରଜନୀଗଂଧା ପରି
ଖେଳାଏ ସୁବାସ ମଲ୍ଲୀଫୁଲ ପରି.
ନାଶିକା ତା' ତୀକ୍ଷ୍ଣ ତଲୱାର .
ଚକ୍ଷ୍ୟୁ ଭ୍ରୁକୁଂଚନ ତା' ଆଣେ ପ୍ରଭଂଜନ .
କାଇଂଚମାଳିର ସେଏକ ଦୈବଉପହାର .
ତା ସମୀପେ ହିଂଆସେ ସ୍ୱପ୍ନ ହଜାର .
ଦେଖୁଥାଇ କେହିବି ଆଦିବାରାତ୍ର !

କଟକ

ISSN NO.
2582-208X

# ଏହିତ ଭାରତ ଭୂଇଁ !



ଅଜିତ କୁମାର ରାଉତ

ଧର୍ମ ଭୂଇଁ ଏହି କର୍ମ ଭୂଇଁ ଏହି
ଏହି ତ ଭାରତ ଭୂଇଁ
ପ୍ରଭୁ କୃଷ୍ଣ ରାମ ଜନ୍ମିଲେ ଭୂଇଁ ରେ
ପାପା ଭାର ଦୂର ପାଇଁ !

ଧର୍ମ ଭୂଇଁ ଏହି କର୍ମ ଭୂଇଁ ଏହି
ଏହି ତ ଭାରତ ଭୂଇଁ ........

କୀର୍ତ୍ତି ଗାଥା ଯାର ଗାଉଛି ଦୁନିଆ
ଧର୍ମ ସନାତନ ଭୂଇଁ
ତପସ୍ୟା ର ଭୂଇଁ ମୁନି ଋଷିଙ୍କର
ଗୀତା ଭାଗବତ ଯହିଁ !

ଧର୍ମ ଭୂଇଁ ଏହି କର୍ମ ଭୂଇଁ ଏହି
ଏହି ତ ଭାରତ ଭୂଇଁ ........

ଅହିଂସାର ଜ୍ଞାନ ଶାନ୍ତିର ମନ୍ତ୍ରର
ବିଭିନ୍ନ ଭାଷାର ଭୂଇଁ
କର୍ମ ଭିନ୍ନ ଭିନ୍ନ ରାଷ୍ଟ୍ର ହିତ ପାଇଁ
ଜାତିଭେଦ ନାହିଁ କାହିଁ !

ISSN NO.
2582-208X

ଧର୍ମ ଭୂଇଁ ଏହି କର୍ମ ଭୂଇଁ ଏହି
ଏହି ତ ଭାରତ ଭୂଇଁ..........

ବିଶାଳ ଭୂଖଣ୍ଡ ଅଠାଇଶି ରାଜ୍ୟ
ଆଠୋଟି କେନ୍ଦ୍ର ଶାସିତ
ଜନସଂଖ୍ୟା ଯାର ବୃହତ୍ତମ ବିଶ୍ୱେ
ବୃହତ୍ତମ ଏ ଭାରତ !

ଧର୍ମ ଭୂଇଁ ଏହି କର୍ମ ଭୂଇଁ ଏହି
ଏହି ତ ଭାରତ ଭୂଇଁ......

ଉତ୍ତର ଦିଗରେ ଗିରି ହିମାଳୟ
ଦକ୍ଷିଣ ରେ ମହାସଗର
ପୂର୍ବ ରେ ରହିଛି କଳିଙ୍ଗ ସାଗର
ଆରବ ପଶ୍ଚିମ ତା'ର !

ଧର୍ମ ଭୂଇଁ ଏହି କର୍ମ ଭୂଇଁ ଏହି
ଏହି ତ ଭାରତ ଭୂଇଁ.........

ନେପାଳ ଭୁଟାନ ଚୀନ ପାକିସ୍ତାନ
ଶ୍ରୀଲଙ୍କା ବଙ୍ଗଳାଦେଶ
ମିଆଁ ମା'ର ମଧ୍ୟ ପଡୋଶୀ ଆମର
ଏସିଆର" ଏ ପ୍ରଦେଶ !

ଧର୍ମ ଭୂଇଁ ଏହି କର୍ମ ଭୂଇଁ ଏହି
ଏହି ତ ଭାରତ ଭୂଇଁ.......

ISSN NO.
2582-208X

କଳିଯୁଗ ଲୀଳା ଦାରୁବ୍ରହ୍ମ ଙ୍କ ର
ପୁରୀ କ୍ଷେତ୍ରେ ନିତି ଦିନ
ଚାରିଧାମ ପରା ଭାରତବର୍ଷର
ଧର୍ମ ଭୂଷିତ ଭୁବନ !

ଧର୍ମ ଭୂଇଁ ଏହି କର୍ମ ଭୂଇଁ ଏହି
ଏହି ତ ଭାରତ ଭୂଇଁ ........

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ: - ୬୨୦୫୩୪୩୫୬୯

ISSN NO.
2582-208X

# ଲଳିତ ନିବନ୍ଧ- ତାରୁଣ୍ୟର କୋଳାହଳ



ବଦ୍ରୀ ମହାନ୍ତ

ଇନ୍ଦ୍ରିୟମାନଙ୍କ ମଧ୍ୟରେ ଗୋଟାଏ ଅପୂର୍ବ ସମନ୍ୱୟ ରହିଥିବାରୁ ଶବ୍ଦର ଅନୁପ୍ରବେଶ ହୁଏ ପ୍ରତିଟି କ୍ଷେତ୍ରରେ। ଶୁଣିବା, କହିବା, ଦେଖିବା, ଆଘ୍ରାଣ ଅଥବା ଅନୁଭବ କରିବାବେଳେ ଶବ୍ଦ ସୃଷ୍ଟିର ଉତ୍ପତ୍ତି ସ୍ଥଳ ଅନେକ ସମୟରେ ବାରି ହୁଏନା। କିଏ କେତେବେଳେ କେଉଁ ଉଦ୍ଦେଶ୍ୟରେ ସୃଷ୍ଟି କରୁଛି ତାହା ଜାଣି ନହେଲେ ସୁଦ୍ଧା ପ୍ରତକ୍ଷ ଓ ପରୋକ୍ଷରେ ତାହା ପ୍ରଭାବିତ କରେ ପରିବେଶକୁ ପରିସ୍ଥିତିକୁ ଓ ମଣିଷ ସାମାଜକୁ। ତେଣୁ ଶବ୍ଦର ପ୍ରସାର ଯେମିତି କୋଳାହଳକୁ ରୂପାନ୍ତରିତ ନହୁଏ ତା ପ୍ରତି ସଜାଗ ରହନ୍ତି ଅନର୍ଥ ଓ ଅରାଜକତାକୁ ଭୟକରି। ସଂଗଠିତ ହୁଏ ଅନେକ ଆଦେଖା ଅଶୁଣା କାହାଣୀ। ନିତ୍ୟ ନିୟମିତ ହୋଇଥିବାରୁ କାଳକ୍ରମେ ଜୀବନ ପ୍ରବାହ ସହିତ ଏହା ଅଦ୍ଭୁତ ଭାବରେ ଏକାକାର ହୋଇ ଯାଇଛି। ଏ ବାବଦରେ ଆଉ ପରିଦୃଷ୍ଟ ହେଉନାହିଁ ଆଲୋଚନା ପର୍ଯ୍ୟାଲୋଚନା ବା ବିଶେଷ ତର୍ଜମା। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ କୋଳାହଳକୁ ଆୟୁଧ କରି କଳ୍ପନାର ନଈ ପାରି ହେଉଥିବାରୁ ସଫଳତା ଆଶାୟୀ ଶ୍ରେୟ ମଣୁଛନ୍ତି ଅନୁସରଣ କରିବାକୁ। ଜୀବନର ଗୋଟାଏ ଅନିବାର୍ଯ୍ୟ ଆବଶ୍ୟକତା ପାଲଟି ଯାଇଛି କୋଳାହଳ।

ମଣିଷର ଜୀବଦ୍ଦଶାରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କ୍ଷଣ ହେଉଛି ତାରୁଣ୍ୟ,ଯାହାର ଗତି ଚିରକାଳ ଦୁର୍ବାର। କୂଳ ଲଂଘିବା ତା ନିକଟରେ ଏକ ସାଧାରଣ କଥା। ଏହାର ସୀମା ଚଉଦରୁ ଅଣତିରିଶ ବୟସ ମଧ୍ୟରେ ଥିବାରୁ ତରୁଣକୁ ଅରୁଣ ବୋଲି ଅଭିହିତ କରାଯାଏ। ଉଦ୍ଦୀପ୍ତ ସୂର୍ଯ୍ୟର ତେଜ, ଅପରିମିତ ସାହସ ଓ ପ୍ରଚଣ୍ଡ ବଳର ଅଧିକାରୀ ହୋଇଥିବା ଯୋଗୁଁ ତା ନିକଟରେ ଅପହଞ୍ଚ କିଛି ହିଁ ନଥାଏ। କୌଣସି ଦୁର୍ଗମ ପଥ, ଆଲଂଘନୀୟ ପ୍ରତିବନ୍ଧ ଓ ଉତ୍କଟ ସମସ୍ୟା ବାଟ ଓଗାଳି ଛିଡା ହେଲେ ନିଜର ସମସ୍ତ ଶକ୍ତି

ISSN NO.
2582-208X

ସାମର୍ଥ୍ୟ ଓ ସାଧନାକୁ ଅକାତରେ ବିନିଯୋଗ କରିପାରେ ତରୁଣ। ସଫଳତା ହାସଲ କରିବା ଅଥବା ଜୟଯୁକ୍ତ ହେବା ତା ପାଇଁ ପ୍ରମୁଖ ପ୍ରାପ୍ତି ନୁହେଁ, ଲଢ଼ିବା ଓ ସଂଘର୍ଷ କରିବା ତାର ଏକମାତ୍ର ଲକ୍ଷ୍ୟ। ସମ୍ମୁଖୀନ ହେବା ଏବଂ ଦ୍ୱନ୍ଦ ଭିତରେ ଜଡ଼ିତ ରହି ଜୈତ୍ର ପତାକା ଉଡ଼ାଇବାରେ ମିଳେ ଅପୂର୍ବ ଆନନ୍ଦ।

ତାରୁଣ୍ୟ ଜୀବନର ଏକ ଅବସ୍ଥା ନୁହେଁ; ମୁକ୍ତ ବିଚାର, ସାହସ, ଆଶା ଓ କ୍ଷମତାର ପ୍ରତିବେଦନ। ପ୍ରଚଣ୍ଡ ଆତ୍ମବିଶ୍ୱାସ ତାକୁ ସ୍ୱପ୍ନର ବଳୟ ଭିତରୁ ସଂଭାବନା ଆଡ଼କୁ ନେଇଯାଏ। ସେ ଅନୁଧାବନ କରେ ସୃଜନ ପଛରେ। ନିଜର ଜିଜ୍ଞାସୁ ମନର ଡେଣାରେ ପର ସଂଯୋଗ କରି ଖୁବ୍ କସରତ କରେ ମସ୍ତିଷ୍କ। ପ୍ରଶ୍ନର ଜଙ୍ଗଲରେ ଉତ୍ତର ଖୋଜୁଥାଏ, 'କଣ କେମିତି କାହିଁକି ଓ କେତେବେଳେ।' ମାତ୍ର ସବୁଠି ସଠିକ୍ ଉତ୍ତର ମିଳୁ ନଥିବାରୁ ବିଦ୍ରୋହୀ ହୋଇ ଉଠେ, କେତେବେଳେ ନିରାଶା ଭିତରକୁ ଠେଲି ହୋଇଯାଏ ତ କେତେବେଳେ ଅଳନ୍ଧୁ ଅନ୍ଧାର ଭିତରେ ଛନ୍ଦି ହୋଇଯାଏ। ନିରୋଳା ପ୍ରାଣଟି କ୍ଷତ ବିକ୍ଷତ ହୁଏ, ପରାଜିତ ହେବାର ଆଶଙ୍କା ଭୟଭୀତ କରାଏ, ଦିଶିଯାଏ ଅସହାୟ ହୋଇ ପଳାୟନର ରାସ୍ତା। ମାତ୍ର ସେ ଭ୍ରୁକ୍ଷେପ କରେନା କରୁଣ ପରିଣତି,ବିଫଳତା ବା ହରାଇବା ଜନିତ କ୍ଷୟକ୍ଷତି। ସାମର୍ଥ୍ୟର ଊର୍ଦ୍ଧ୍ୱକୁ ଯାଇ ସଂଗ୍ରାମକୁ ସଖ୍ୟ କରି ସ୍ଥିର କରିନିଏ ତାର ଲକ୍ଷ୍ୟ।

ପ୍ରତି ମୁହୂର୍ତ୍ତରେ ତରୁଣଟିଏ ମନେ କରୁଥାଏ କେହି ଜଣେ ତା ଅଜଣା ତନ୍ତ୍ରୀରେ ମଝିରେ ମଝିରେ ଅଗ୍ନି ସଂଯୋଗ କରୁଛି। ତା ଭିତରେ ସୃଷ୍ଟି ହେଉଥିବା ଉଦବେଗ ଓ ଉଦବେଳନ ରୂପାନ୍ତରିତ ହେଉଛି ପ୍ରତିବଦ୍ଧତାକୁ। ଆଗକୁ ଯିବାର ରାସ୍ତାଟି କେବଳ ତାକୁ ଦିଶି ଯାଉଛି। ସେତେବେଳେ ତା ସାମ୍ନାରେ ପିତାମାତା ଭାଇ ଭଉଣୀ ସମ୍ପର୍କୀୟ ବନ୍ଧୁ ଗୁରୁ ଗୁରୁଜନ କାହାରି ଉପସ୍ଥିତି ଉପଲବ୍ଧି କରି ପାରେନା। ତରୁଣର ଅବଚେତନରେ ସୂକ୍ଷ୍ମତମ ଆବେଗ 'ପ୍ରେମ' ଅଙ୍କୁରିତ ହୋଇ କୌଣସି ଦୁଃସାହସ କରିବାକୁ ଆହ୍ୱାନ ଦେଉଛି। ଶାରୀରିକ ବିକାଶର ଏ ବିଶେଷ ଅବସ୍ଥାରେ ମନରେ ସୃଷ୍ଟି ହେଉଥିବା ସ୍ପନ୍ଦନ ଆକାଂକ୍ଷା ରୂପରେ ଉଦଭାସିତ ହୋଇ ଉଠେ। ପୁରୁଷ ପ୍ରତି ନାରୀର ଓ ନାରୀ ପ୍ରତି ପୁରୁଷର ଦୁର୍ବାର ଆକର୍ଷଣ ସବୁଠୁ ଅଧିକ ରହିଥାଏ ଏ ସମୟରେ। ବାସ୍ତବ ଅବାସ୍ତବ, ସତ୍ୟ ମିଥ୍ୟା, ଭୁଲ ଠିକ୍ ଓ ମାଟି ଆକାଶ ଏକାକାର ହୋଇଯାଆନ୍ତି ତରୁଣ ନିକଟରେ। କୋଳାହଳର ଶବ୍ଦ ନିନାଦିତ ହୋଇଉଠେ ଏଠି ସେଠି ସବୁଠି। ତା ଭିତରେ କେତେବେଳେ ପ୍ରେମ ଜୟଯୁକ୍ତ ହୁଏ ତ

ISSN NO.
2582-208X

କେତେବେଳେ କେଉଁ ଅଗମ୍ୟ ବନରେ ଜଳିଯାଏ ଅଙ୍କୁରିତ ହୋଇ ନିଜ ଅସ୍ତିତ୍ୱ ଜାହିର କରିବା ପୂର୍ବରୁ।

ସମାଜ ସଂଚାଳକ ଯୁବବର୍ଗଙ୍କୁ ସାଧନ ରୂପେ ଉପଯୋଗ କରି ସମାଜର ମଙ୍ଗଳ କରିବା ସହିତ ନିଜର ଗୋପନ ଇଚ୍ଛା ସାକାର କରୁଥିବାରୁ କୋଳାହଳର ମାତ୍ରା କିଛି କମ୍ ନଥାଏ। ଭବିଷ୍ୟତର ସମସ୍ତ ସଂଭାବନା ଆଶା ଭରସା ତରୁଣର କର୍ମ କରଣୀ ଭିତରେ ଲୁଚି ରହିଥିବା ଯୋଗୁଁ ତାକୁ ଆପଣାର କରିବା ପାଇଁ ସଭିଏଁ ପ୍ରତିଯୋଗିତା କରିଥାନ୍ତି। ଜାତୀୟ ପ୍ରଗତି ଓ ସାମଗ୍ରିକ ବିକାଶର ଶାଣିତ ଅସ୍ତ୍ର ଯେ ଯୁବ ସମାଜ ଏବଂ ତାଙ୍କ ବିହୁନେ ପ୍ରଗତି ରଥ ଗୋଟିଏ ଇଞ୍ଚ ସୁଦ୍ଧା ଅଗ୍ରଗତି କରି ପାରିବ ନାହିଁ, ଏ ଅବଧାରଣାକୁ ବଦ୍ଧମୂଳ କରି ଦିଆଯାଏ। ତରୁଣକୁ ଉପଲକ୍ଷ୍ୟ କରି ପ୍ରସ୍ତୁତ ହେଉଛି ଯୋଜନା, ତା ଅପ୍ରମିତ ଶକ୍ତିକୁ ଉପଯୋଗ କରି ଅସାଧ୍ୟ ସାଧନ କରିହେଉଛି, ରାଜା ସୁରକ୍ଷିତ ରଖି ପାରୁଛି ନିଜ ସିଂହାସନ। ସ୍ୱୟଂ ସମୃଦ୍ଧ ଐଶ୍ୱର୍ଯ୍ୟଶାଳୀ ହେଉଛି,ନିଜ ବଂଶଜ ପରିବାର ଆତ୍ମୀୟ ଚାଟୁକାର ସଭିଙ୍କୁ ସମୃଦ୍ଧ କରୁଛି, ଅଥଚ ଯାହା ଛାତି ଉପରେ ଚଢ଼ି ଏ ସବୁ ହାସଲ କରି ଯାଉଛି, ସେଇ ଯୁବ ସମାଜକୁ ଦେଉଛି କଣ? କେବଳ ଯୋଜନା, ପ୍ରତିଶ୍ରୁତି ଓ ସ୍ୱପ୍ନ! ତାକୁ ନେଇ କଣ ସେ ସଳଖ ସୁନ୍ଦର ରାସ୍ତାଟିଏ ତିଆରି କରିବ ନା ବଞ୍ଚିବ!

ଏହା ସତ୍ୟ ଯେ, ତରୁଣ କେବଳ ସୌନ୍ଦର୍ଯ୍ୟର ବା ସାମର୍ଥ୍ୟର ପ୍ରତୀକ ନୁହେଁ। ଉଜ୍ଜ୍ୱଳ ବିଶ୍ୱର ନିରୁତା ରଚୟିତା ନୁହେଁ। ଲୋଡା ହେଲେ ସେ ସମସ୍ତ କଳ୍ପନାକୁ ଓଲଟାଇ ଦେଇପାରେ, ଆଲୋକିତ ବ୍ୟବସ୍ଥାକୁ ଅନ୍ଧାର କରି ଦେଇପାରେ। ନୂଆ ନୂଆ ବିଚାର ପଛରେ ଯେମିତି ଦୌଡୁଥାଏ, ସେମିତି ଅଚିରେ ଧ୍ୱଂସ କରି ଦେଇପାରେ ସୁଗଠିତ ସାମ୍ରାଜ୍ୟ। ଯୁବ କ୍ଷମତାର ଆକଳନ ବା ବିଶ୍ଳେଷଣ ଅନେକ କରି ନପାରି କେବଳ ବ୍ୟବହାର କରନ୍ତି ଅନ୍ଧ ଭାବରେ। ସେମାନଙ୍କ ପାଇଁ ଲୋଡା କୋଳାହଳ, ତରୁଣର ସ୍ୱପ୍ନ ଆଶା ଆକାଂକ୍ଷା ନୁହେଁ। ତେଣୁ ଅନେକ ସମୟରେ ନିରାଶ ହୁଏ ତରୁଣ। ମାତ୍ର ସେତେବେଳକୁ ସମୟ ହାତଛଡ଼ା ହୋଇ ସାରିଥାଏ। ଅବଶ୍ୟ ଏହା ସବୁଠି ନଥାଏ, ସମୟ ଓ ଆତ୍ମ ସଚେତନ ଯୁବକଟି କେବେହେଲେ ପଥ ହୁଡ଼ି କୋଳାହଳ କରେନା। ନିଜକୁ ନିଜ ଶବ୍ଦ ଶକ୍ତି ବୁଦ୍ଧି ଓ ବିବେକକୁ ମିଶେଇ ସଜେଇ ନିଜ ରାସ୍ତା ତିଆରି କରି ନିଏ। ସେଥିପାଇଁ ଆଜି ଚାରିପାଖରେ ଯେଉଁ ସମୁଜ୍ଜ୍ୱଳ ରାଷ୍ଟ୍ର, ବିକଶିତ ସମାଜ, ସଂସ୍କୃତ ଜୀବନ ଓ ଉଚ୍ଚ ବିଚାର ଦେଖୁଛୁ, ତାହା ସେମାନଙ୍କର ଦାନ,କେହି ସ୍ୱୀକାର କରି ବା ନକରୁ। ଇତିହାସର

ISSN NO.
2582-208X

ଜୀର୍ଣ୍ଣ କଙ୍କାଳ ଉପରେ ଛିଡ଼ା ହୋଇ ଅନୁଭବୀର ଆଶୀର୍ବାଦରେ ନିଜ କୋଳାହଳର ସ୍ତରକୁ ସେ ଉଚ୍ଚତର କରିପାରିଛି ।

ଜୀବନର ଏକ ସନ୍ଧିକ୍ଷଣରେ ଛିଡ଼ାହୋଇ ତରୁଣ ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବାକୁ ଉଦ୍ୟମ କରେ। ଏହି ସମୟ ଅବଧିରେ ଶେଷହୁଏ ଅଧ୍ୟୟନ, ଅଥୟ କରେ ଆସନ୍ତା କାଲିର ଚିନ୍ତା ଓ ସ୍ୱାବଲମ୍ବୀ ହେବା। ଅର୍ଥ ରୋଜଗାର କରି ପରିବାରର ଦାୟିତ୍ୱ ମୁଣ୍ଡେଇ ନେବାର ଆହ୍ୱାନ ଆସେ। ବାଲ୍ୟ କୈଶୋରର ଚପଳତା ଅଦୃଶ୍ୟ ହୋଇ ବିଚାର ଭାବନା ଆନ୍ଦୋଳିତ କରେ ମନକୁ। ଏକ ସମୟରେ ଅନେକ ସୃଜନ ମନ ମସ୍ତିଷ୍କକୁ ବିଚଳିତରେ କରନ୍ତି। ଏ ଛକରେ ଛିଡ଼ା ହୋଇଗଲେ ଯୁବ ସମାଜ ସାମ୍ନାରେ ଉନ୍ମୁକ୍ତ ହୋଇଯାଏ ଅନେକ ରାସ୍ତା। କୋଳାହଳ ଭିତରେ କେତେବେଳେ କେଉଁ ପ୍ରସଙ୍ଗରେ ଅଗ୍ନି ସଂଯୋଗ କରେ ବା ଅଗ୍ନି ନିର୍ବାପିତ କରେ ଜାଣି ପାରେନା। ଅନ୍ୟ ସଭିଏଁ ଦ୍ରଷ୍ଟା ସାଜି କେବଳ ଏ ଦୃଶ୍ୟକୁ ଉପଭୋଗ କରନ୍ତି। ତେଣୁ ବାଇ ମହାନ୍ତି ତାରୁଣ୍ୟର କୋଳାହଳରେ ବ୍ୟଥିତ ନହୋଇ ସେମାନଙ୍କ ସାମର୍ଥ୍ୟକୁ ସଲାମ କରି କହନ୍ତି, "ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପ୍ରତିଟି ପ୍ରତିଦ୍ୱନ୍ଦିତାରେ ଅଂଶ ଗ୍ରହଣ କର, ନିଜର ଅପ୍ରମିତ ଶକ୍ତିକୁ କାହା ପ୍ରରୋଚନାରେ ଅପଚୟ ନକରି ଜ୍ଞାନ ବୁଦ୍ଧି ବିବେକ ବଳରେ ପ୍ରତିଟି ଆହ୍ୱାନର ସାମ୍ନା କର, ଦେଖିବ ତୁମ କୋଳାହଳ ଦ୍ୱାରା ଜାତୀୟ ଜୀବନ ଶିଖର ସ୍ପର୍ଶ କରୁଛି ଓ ସଭିଏଁ ବନ୍ଧା ପଡିଛନ୍ତି ଭଲ ପାଇବାର ଅଜ୍ଞାତ ସୂତ୍ରରେ।"

ବି 10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଦିବ୍ୟ ଅଳଙ୍କାର ଅଟଇ ହସ



ଡଃ ଅନୁପମା ବିଶ୍ୱାଳ

ହସଟି ଅଟଇ ମୁକୁତା ସଦୃଶ
ସୌଭାଗ୍ୟରେ ଲାଭ ହୁଏ
ଦୁର୍ଭାଗ୍ୟ ସମୟେ ମନ ଊଣାକରି
ଦୂରେ ରହି ଚାହୁଁଥାଏ ।

ବନ୍ଧନର ସୂତ୍ରେ ବାନ୍ଧିଦେଇ ହସ
ଭାବ କରେ ପରକାଶ
ଚିହ୍ନାଲୋକଠାରେ ନ ପାଇଲେ ତାକୁ
ମନ ହୁଅଇ ନିରାଶ ।

ତା ଯାଦୁ ପରଶେ ଶତ୍ରୁ ହୁଏ ବଶେ
ଅଶିଷ୍ଟ ହୁଅଇ ଶିଷ୍ଟ
ପ୍ରୀତିର ମହକ ବହି ଆଣେ ସିଏ
ନ ଦିଏ କାହାକୁ କଷ୍ଟ ।

ଭିନ୍ନ ଭିନ୍ନ ରୂପେ ଭିନ୍ନ ଭିନ୍ନ ସ୍ଥାନେ
ଦେଖାଇ ଛଟା ନିଜର
ଆପାଦ ମସ୍ତକ ମାପି ଦେଇ ଥରେ
ପାଖେ ରହିଥାଏ ତାର ।

ISSN NO.
2582-208X

ଶୁଭ୍ର ସ୍ୱଚ୍ଛତାର  ପ୍ରତୀକ ଅଟଇ
ରଙ୍ଗଟି ତାର ଧବଳ
ରୂପରେ କିଏ ବା ସରି ହେବ ତାର
ଯେବେ ଖେଳୁଥାଏ ଖେଳ ।

ଶରୀରେ ସୁସ୍ଥତା  କର୍ମେ ମାଦକତା
ମିଳେ ତାକୁ ଆଶ୍ରାକଲେ
ଅତି ହୋଇଗଲେ  ଲଙ୍ଘିଯାଏ କୂଳ
ବିପରୀତ ଗୁଣ ମିଳେ ।

ଜୀବନ ପୁସ୍ତକେ  ଶବ୍ଦଟିଏ ହୋଇ
ରହିଥାଏ ନିରନ୍ତର
ପାଠକ ହୋଇଣ  ପଢ଼ିବ ଯେ ତାକୁ
ସାଥିଟିଏ ସେ ତାହାର ।

ଦିବ୍ୟ ଅଳଙ୍କାର  ଅଟଇ ତ ହସ
କରଇ ସଭିଙ୍କୁ ବଶ
ଅନିନ୍ଦିତ କର୍ମେ  ଧ୍ୟାନ ଦେଇ ସଦା
କର ହେ ତାକୁ ବିଶ୍ୱାସ ।

ସମ୍ବଲପୁର
୭୯୭୮୫୬୮୩୨୨

ISSN NO.
2582-208X

# ତୃଷ୍ଣା ।।



ମନ୍ଦାକନୀ ପାଢୀ

ତୃଷ୍ଣା ଅଟେ ଶତ୍ରୁ ମଣିଷ ପାଇଁକି
ତାହା ପରି କେହି ନାହିଁ
ସଂସାରରେ ଏ ଆଶା ଦୁଃଖଦାୟକ
ବାନ୍ଧି ଦେଇଥାଏ ସେହି ।।

ଇହଲୋକ ପରଲୋକ ନଷ୍ଟ କରେ
ତୃଷ୍ଣା ଅଟେ ବିଷମୟ
ଧନ ପୁତ୍ର ମାନ ତୃଷ୍ଣା ଯାର ନାହିଁ
ତା ଜୀବନ ସୁଖମୟ ।।

ସନ୍ତୋଷ ଧାରଣ ଏକଇ ଉପାୟ
ତୃଷ୍ଣା ନିବାରଣ ପାଇଁ
ସନ୍ତୋଷରେ ସୁଖ ନିହିତ ରହିଛି
ବଡ଼ ଧନ ଆଉ ନାହିଁ ।।

ଆବଶ୍ୟକତାକୁ କମ୍ କରିଦେଲେ
ଦୁଃଖ ହୋଇଯିବ ଅନ୍ତ
ଇଶ୍ୱର ପ୍ରାପ୍ତିର ନିକଟତର ଯେ
ପାଏ ନୂତନ ସିଦ୍ଧାନ୍ତ

ISSN NO.
2582-208X

ନିଜେ ଅନ୍ୟ ସହ ତୁଳନୀୟ ନୁହେଁ
ଆତ୍ମା ଲଭେ ତୃପ୍ତ ଯିଏ
ଜୀବନରେ ପରମ ସନ୍ତୋଷ ସୁଖ
ସେହି ପ୍ରାଣୀ ପାଇଥାଏ ।।

ତୃଷ୍ଣା ତ୍ୟାଗକଲେ ସମାଜରେ ହୁଏ
ସନ୍ତୋଷ ଗୁଣର ରାଜା
ତା'ଠାରେ ଜଗତ ନତମସ୍ତକରେ
ବାଜେ ପ୍ରଶଂସାର ବାଜା ।।

ସୁମେରୁ ପର୍ବତ ସମାନ ବୈଭବକୁ
ବାଲିକଣା ମନେ କଲେ
ନିରାଶା ଆକୁଳ କ୍ରନ୍ଦନ ରହେନି
ଦୁଃଖ ପ୍ରଶମିତ ଭଲେ ।।

ଅଧ୍ୟାପିକା
ରାଜନୀତି ବିଜ୍ଞାନ ବିଭାଗ
ପଦ୍ମପୁର, ବରଗଡ଼

ISSN NO.
2582-208X

# ସୌଖୀନ ମଣିଷ

ଅଧ୍ୟାପିକା ଦେବିରାଣୀ ଯେନା

ମଣିଷ ଆଜି ସୌଖିନ ପାଲଟିଛି
ପାଦରେ ମାଟି କାଦୁଅ ନଲାଗିବା ପାଇଁ
ଗାଁ ରାସ୍ତାରେ କଂକ୍ରିଟ ବିଛେଇଛି ।

ବାପା ଅଜା ସାଇକେଲ ଭଲ ଲାଗୁନାହିଁ ଆଜ
ଚାରି ଚକିଆଠୁ ଆରମ୍ଭ କରି ଉଡାଇଛି ଉଡାଜାହାଜ ।
ସଭ୍ୟତା ନାମରେ ଅବାଧରେ ବଡ ବଡ ଗଛ କାଟୁଛି
ବୃକ୍ଷରୋପଣ ନାମରେ
କନିଅର, ଟଗର, ଚାକୁଣ୍ଡା ପୋତୁଛି ।
ମଣିଷ ଆଜି ସୌଖିନ ପାଲଟିଛି ।

ସକାଳ କଅଁଳ ଖରା ଆଜି କଣ ମଜା ଦେଉଛି !
ରୁମ୍ ହିଟର ଉଠୁମ ତାକୁ ଏବେ ସତେଜ କରୁଛି ।
ବରଗଛ ହାଇ ଆମ୍ବ ବଗିଚାର ଶୀତଳ ପବନ କଣ
ଶାନ୍ତି ଲାଗୁଛି !
ଏ.ସି., କୁଲର ର ଥଣ୍ଡା ପବନ
ଏବେ ତାକୁ ଆରମ ନିଦ ଦେଉଛି ।
ମଣିଷ ଆଜି ସୌଖିନ ପାଲଟିଛି ।

ISSN NO.
2582-208X

ବୋଉର ହାତରନ୍ଧା ଭଲ ଲାଗୁନାହିଁ ଆଜି କିଛି
ବଡାପାଓ, ଫ୍ରେଞ୍ଚ୍ ଫ୍ରାୟ୍ ବହୁ ଆନନ୍ଦରେ
ହୋଟେଲରେ ବସି ଖାଉଛି ।
ସାଙ୍ଗ ସାଥି, ଟଙ୍କାମଜା, ଖେଳ କସରତ ଆଜି ହଜିଛି
ମୋବାଇଲରେ ଫ୍ରିଫାୟର, ଇନଷ୍ଟା ମନ କହୁଛି ।
ମଣିଷ ଆଜି ସୌଖିନ ପାଲଟିଛି ॥

ଅଧ୍ୟାପିକା,
ସିମୁଳଆ ମହାବିଦ୍ୟାଳୟ,
ମାର୍କୋଣା, ବାଲେଶ୍ୱର
ମୋ: ୯୬୯୨୮୪୪୭୬୦

ISSN NO.
2582-208X

# ପଶ୍ଚିମ ଓଡ଼ିଶାର ବଣମଲ୍ଲୀ 'ଗୁରୁ ଭଗବାନ ସାହୁ' – ଏକ ଅନାଲୋଚିତ ଅଧ୍ୟାୟ



ସୁଶ୍ରୀ ବେବୀ ନାଏକ

ଯେଉଁ ଜାତି, ବ୍ୟକ୍ତି, ସମାଜ ଓ ଦେଶ ଯେତେ ଉନ୍ନତ, ତାର କଳା, ସାହିତ୍ୟ, ସଂସ୍କୃତି ତଥା ଜୀବନ ଧାରଣର ମାନ ସେତେ ଉତ୍କୃଷ୍ଟ ଓ ଶକ୍ତିଶାଳୀ । ସାହିତ୍ୟ, ସଂସ୍କୃତି ବିହୀନ ନରଟିଏ ଲାଙ୍ଗୁଡ ବିହୀନ ବାନର ବୋଲି କହିବା ଯଥାର୍ଥ ମାନେ ହୁଏ । ତେଣୁ ଯୁଗେ ଯୁଗେ ଜାତିର କର୍ଣ୍ଣଧାରମାନେ ଜାତୀୟ ଜୀବନକୁ ଉନ୍ନତ କରିବାକୁ ତାର ଭାଷା,ସାହିତ୍ୟର ମାନବୃଦ୍ଧି କରିବାକୁ ସଦା ତତ୍ପର ଥିଲେ । ଏହି ଭାବଧାରାରେ ନିଜକୁ ବାହିନେଇଥିବା ଏକ ମହାନୁଭବ କର୍ଣ୍ଣଧାର ହେଉଛନ୍ତି ଗୁରୁ ଭଗବାନ ସାହୁ ।

## ଜୀବନାବଳୀ :

କିମ୍ବଦନ୍ତୀ ପୁରୁଷ ଭଗବାନ ସାହୁଙ୍କ ଜନ୍ମ ହୁଏ ୧୯୩୧ ମସିହା ଜ୍ୟେଷ୍ଠ ମାସ ଦେବସ୍ନାନ ପୂର୍ଣ୍ଣିମା ତିଥିରେ, ବରଗଡ଼ ଜିଲ୍ଲା ବରପାଲି ଅନ୍ତର୍ଗତ କୁମ୍ଭାରୀ ଗ୍ରାମର ଏକ ଗୌନ୍ତିଆ ପରିବାରରେ । ସ୍ୱର୍ଗତ ସାହୁଙ୍କ ଜୀବନକୁ ଅନୁଧ୍ୟାନ କଲେ ବାସ୍ତବରେ ବିସ୍ମିତ ହେବାକୁ ପଡ଼େ । ଏକ  ସାଧାରଣ ଜୀବନ ପରି ଯଦିଓ ତାଙ୍କର ଜୀବନ ଥିଲା, ତଥାପି ବହୁ ଅସାଧାରଣ କଥାରେ ସେ ଜୀବନ ବି ଥିଲା ଏକ ଜୀବନ୍ତ କିମ୍ବଦନ୍ତୀ  । କେତେ ନାଇ କେତେ ପ୍ରତିକୂଳ ପରିସ୍ଥିତି ପାଦରେ ପକେଇ ସେ ସମ୍ବଲପୁରୀ ସାହିତ୍ୟ, ଲୋକକଳା, ସଂସ୍କୃତି ପାଇଁ ସର୍ବସ୍ୱ ପରିବାରର ମାୟା ମୋହକୁ ତ୍ୟାଗ କରି , ସଞ୍ଚିତ ଧନରାଶିକୁ ଅଚିରେ ସମାଜୋପଯୋଗୀ କରି ବର୍ଷ ବର୍ଷ ଯାଏଁ ଘରର ଏରୁଣ୍ଡି ବନ୍ଧ ଦେଖୁ ନଥିବା ପ୍ରଜ୍ଞା ପୁରୁଷକୁ ବର୍ଣ୍ଣିବା ପାଇଁ ଶବ୍ଦ ନିଅଣ୍ଟ ।

ISSN NO.
2582-208X

ତଥାପି ଯଦି ଶ୍ରୀ ସାହୁଙ୍କ ଅନାଲୋଚିତ ଅଧ୍ୟାୟକୁ ଓଲଟାଇଲେ ଖାଲି ମିଳେ ତ୍ୟାଗର ତୀର୍ଥସାଗର ଟେ । ମାତ୍ର ପାଞ୍ଚ ସାତ ବୟସରେ ସ୍ୱର, ତାଳ, ଲୟରେ ହାରମୋନିୟମ୍ ବଜାଇ ନାଚି ଜାଣିବା ପୁଣି ତା ସହିତ ପେଷାଦାର ରାସ ଦଳରେ ମିଶି ରାଧାଭିନୟ କରିବା, ବାଦ୍ୟଯନ୍ତ୍ର ବଜାଇ ଓଡ଼ିଶୀ, ଛାନ୍ଦ, ଚମ୍ପୁ ଆଦି ପରିବେଷଣ କରି ଶବ୍ଦନୃତ୍ୟକୁ ସାଧନା କରିବା ନିହାତି ଏକ ଅସାଧାରଣ ବ୍ୟକ୍ତିତ୍ୱର ଏହା ସୂକ୍ଷ୍ମ ପରିଚୟ । ଜୀବନ ଯାତ୍ରାରେ ବହୁ ବାଧାବିଘ୍ନ ଅତିକ୍ରମ କରି, ଅନେକ ସାମାଜିକ ଗଞ୍ଜଣାକୁ ଭୃକ୍ଷେପ ନ କରି ନିରବଚ୍ଛିନ୍ନ ଭାବରେ ନଅ ହଜାରରୁ ଊର୍ଦ୍ଧ୍ୱ ରଜନୀ ନାଟକ, ଲୋକନୃତ୍ୟ, ଶବ୍ଦନୃତ୍ୟ ପରିବେଷଣ କରିବାଠାରୁ ଆରମ୍ଭ କରି ଆପଣାର ଟିକି ସଂସାରକୁ ପଛରେ ପକାଇ ବିରାଟ ଭୂଖଣ୍ଡକୁ ଆତ୍ମୀୟ ଭାବରେ ଆପଣେଇ ନେବା, ଅନାଥ, ନିରକ୍ଷର, ଭୂମୀହିନ ପିଲାମାନଙ୍କ ସେବାଯତ୍ନ କରିବା, ଅନେକ ବଳିଦାନ ସ୍ୱରୂପ ଗୋଟିଏ ଦିନରେ ବିଶେଷ ପର୍ବ 'ନୂଆଁଖାଇ'ରେ ଏକଜୁଟ କରିବା କି ସାଧାରଣ କଥା ? କ୍ରମେ ବିଭୂଦତ୍ତ ବିଭୁତିରେ ଏହି ଅସାଧାରଣ ପ୍ରତିଭା ନିଜସ୍ୱ ନିଷ୍ଠା, ସାଧନା, ତ୍ୟାଗ, ବ୍ୟକ୍ତିତ୍ୱ ବଳରେ ସେ ଯେଉଁ କୀର୍ତ୍ତି ସ୍ଥାପନ କରିଗଲେ, ତାହା ଯୁଗ ଯୁଗ ଧରି ପଶ୍ଚିମ ଓଡ଼ିଶାର କଳା, ଭାଷା, ସାହିତ୍ୟ ସଂସ୍କୃତି ତଥା ଜାତୀୟ ଜୀବନକୁ ସମୃଦ୍ଧ ଓ ଋଦ୍ଧିମନ୍ତ କରିଛି, ବର୍ତ୍ତମାନ ମଧ୍ୟ କରୁଛି ଏବଂ ଆଗକୁ ସମୟକୁ ମଧ୍ୟ କରିଆସୁଥିବ, ଏହା ନିଃସନ୍ଦେହ ।

ଯଥାର୍ଥରେ କହିଲେ କଳା ତାଙ୍କ ରକ୍ତରେ ପ୍ରବାହିତ ହେଉଥିଲେ ହେଁ ସେ କଳାକୁ କେବେ ବ୍ୟବସାୟ ଭାବରେ ଗ୍ରହଣ କରିନଥିଲେ । କଳା ତାଙ୍କ ପାଇଁ ଜୀଇଁବାର ପେଶା ନୁହେଁ, ବରଂକଳା ସଂସ୍କୃତି ନିଶା ଭାବରେ ତାଙ୍କୁ ଘାରିଥିଲା । ଗୁରୁଭକ୍ତିର ସଫଳ ଉଦାହରଣ ବହନ କରନ୍ତି ତାଙ୍କର ପରମ ଶିଷ୍ୟ ମଧ୍ୟରେ ପଟ୍ଟଶିଷ୍ୟ ଶବ୍ଦନୃତ୍ୟ ଗୁରୁ ଚୈତୁ ବୁଡେକ, ଶବ୍ଦନୃତ୍ୟ ଗୁରୁ ଭାଗବତ ପଧାନ (ଭାଗବତିଆ), ପଶ୍ଚିମ ଓଡ଼ିଶାର ଗୌରବ ଲୋକପ୍ରିୟ କଣ୍ଠଶିଳ୍ପୀ ଫକୀରମୋହନ ପଟ୍ଟନାୟକ, ଜିତେନ୍ଦ୍ର ହରିପାଲ ପରି ଆହୁରି ଅନେକ । ପରିବାର ଆଗରେ ସମାଜକୁ ଦେଖିଥିବା ମଣିଷ ପରି ମଣିଷଟିଏ ସେ । ସେବା ମନୋବୃତ୍ତିକୁ ପରମ ଧର୍ମ ମଣୁଥିବା ଭଗବାନ ସାହୁ ସାହିତ୍ୟ ଓ ସମାଜ ପାଇଁ ଲଢିଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କଠୁ ଅନୁପ୍ରାଣିତ ହୋଇ କନିଷ୍ଠ ପୁତ୍ରଙ୍କ ନାମ ରଖିଥିଲେ ଗୋପବନ୍ଧୁ । ତେଣୁ ଇଂରେଜ ଶାସିତ ସମୟରେ ପଶ୍ଚିମ ଓଡ଼ିଶାର ଭାଷା, ଲୋକକଳା ସଂସ୍କୃତିର ପ୍ରଚାର ଓ ସେବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ।

ISSN NO.
2582-208X

## ସୃଜନ ସାହିତ୍ୟାବଳୀ ଓ ସଂକ୍ଷିପ୍ତ ଇତିହାସ :

ନାଟ୍ୟକାର ଭଗବାନ ସାହୁଙ୍କ ମତରେ – "ଯେଉଁ ବିଷୟ ଉପରେ ସତ୍ୟତା ନାହିଁ ବା ତା'ର ଐତିହ୍ୟ ନାହିଁ ତାହା ସାହିତ୍ୟିକ ମର୍ଯ୍ୟାଦା କେବେ ଗ୍ରହଣଯୋଗ୍ୟ ହୁଏନାହିଁ । ଅନୁପଯୋଗ୍ୟ ବିଷୟକୁ ଯଦି ଯୋଗ୍ୟ ବିବେଚିତ କରାଯାଏ, ତାହେଲେ କେବଳ କଳାର ଗୁଣ ହ୍ରାସ ପାଏନାହିଁ, କଳାକାରର ଗୁଣ ମଧ୍ୟ ହ୍ରାସ ପାଏ ।" ତେଣୁ ତାଙ୍କ ପ୍ରତ୍ୟେକଟି ନାଟକ, ଆଖଡା ଏକ ଉତ୍ସବ ପରି ପାଳନ ହେଉଥିଲା । ଶ୍ରୀ ସାହୁଙ୍କ ନାଟକ ମୁଖ୍ୟତଃ ପୌରାଣିକ, ଐତିହାସିକ ଏବଂ କିମ୍ବଦନ୍ତୀମୂଳକ, ଯଥା;- 'ହରିଷ୍ଚନ୍ଦ୍ର', 'ସୀତା ଚୋରୀ', 'ଶାନ୍ତିଦୂତ', 'ରାମ ରାଜ୍ୟ', 'ଯୋଗଜନ୍ମା ରାବଣ', 'ପ୍ରଣୟ ବଲ୍ଲରୀ', 'ମାନଭଞ୍ଜନ', 'ତରଣି ସେନ ବଧ' । ଆହୁରି ତାଙ୍କର ନିଜସ୍ୱ ମୌଳିକ ଭିନ୍ନମୁଖୀ ରଚନାବଳୀ ହେଉଛି;- 'ପ୍ରାର୍ଥ ପ୍ରଣୟିନୀ', 'ମଥୁରାଯାତ୍ରା', 'ଗାଁ ମଜଲିସ', 'ଇନ୍ଦିରା ପ୍ରିୟଦର୍ଶିନୀ', 'ତ୍ରିରଙ୍ଗା ପତାକାର ରଙ୍ଗ ନାହିଁ', (ସମ୍ବଲପୁରୀ/କୋଶଲୀ ନାଟକ)– 'ସତ୍ କହେଲେ ଛାତି ଫାଟେ', 'ବୀର୍ ସୁରେନ୍ଦ୍ର ସାଏ ଚୁହାନ' ଏବଂ ତାଙ୍କ ଜୀବନର ଶେଷ ନାଟକ 'କଳିଙ୍ଗ ବୀର ବିଜୁ ପଟ୍ଟନାୟକ'। ପରିମାଣାତ୍ମକ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ନ ହେଲେ ବି ଗୁଣ୍ଡିଚା ମୂଷାପରି ତାଙ୍କର ଗୁଣାତ୍ମକମାନ ବିଶିଷ୍ଟ ସାହିତ୍ୟ ଓଡ଼ିଆ ସାହିତ୍ୟର ବାଣିଭଣ୍ଡାରକୁ ସମୃଦ୍ଧ କରିବାରେ ସହାୟକ ହୋଇଛି । କିନ୍ତୁ ସ୍ୱାଧୀନତାର ଏତେ ବର୍ଷ ପରେ ବି ଗୁରୁ ଭଗବାନ ସାହୁ ଆମ ଗହଣରେ ଅପରିଚିତ ଓ ଲୁକ୍କାୟିତ ।

ସମ୍ବଲପୁରୀ ନାଟକ "ବୀର୍ ସୁରେନ୍ଦ୍ର ସାଏ ଚୁହାନ" ରଚନା ପାଇଁ ସୁରେନ୍ଦ୍ର ସାଏଙ୍କ ଜୀବନୀ ସଂଗ୍ରହ କରିବାକୁ ଭଗବାନ ସାହୁଙ୍କୁ ପାଖାପାଖି ୧୯ ବର୍ଷ ସମୟ ଲାଗିଥିଲା । ତାଙ୍କ ସହିତ ଶହୀଦ ହୋଇଥିବା ଭେଡ଼େନ ଜମିଦାର ମନୋହର ସିଂ, ଘେସ ଜମିଦାର ହଟେ ସିଂଙ୍କ ଇତିହାସ, ଲଖନପୁର ଜମିଦାର ଖଗେଶ୍ୱର ଦାଉ, ରାମ୍ପେଲା ଗୌନ୍ତିଆ ଲୋକନାଥ ଗଡତିଆ, କୁଳାବିରା ଜମିଦାର କରୁଣାକର ନାଏକଙ୍କ ଇତିହାସ ପଢି ସେ ସମ୍ପର୍କିତ ତଥ୍ୟ ସେ ସଂଗ୍ରହ କରିଥିଲେ । ଏହି ନାଟକଟି ପ୍ରତିବର୍ଷ ୨୦୦ରୁ ଅଧିକ ରାତ୍ରି ପରିବେଷଣ ପୂର୍ବକ ୧୯୬୮ ରୁ ୨୦୦୦ ପର୍ଯ୍ୟନ୍ତ ସେ ସମୟରେ ୫୦୦୦ ରୁ ଊର୍ଦ୍ଧ୍ୱ ରାତ୍ରି ପରିବେଷଣ ହୋଇଥିବାର ସତ୍ୟତା ରହିଅଛି । ସମଗ୍ର ପଶ୍ଚିମାଞ୍ଚଳରେ ଏକ ଭାଷା ଆନ୍ଦୋଳନ ଭାବରେ ଚହଳ ଖେଳି ଯାଇଥିଲା ।ଏହା ଏକ ସାଧାରଣ ବିଷୟ କଦାପି ହୋଇନପାରେ ।

ISSN NO.
2582-208X

ନବାନ୍ନ ଭକ୍ଷଣ ଓ ଲୋକମହୋତ୍ସବର ଜନକ :

ଜଣେ ଆଞ୍ଚଳିକତାବାଦୀ ବ୍ୟକ୍ତିତ୍ୱ ଭାବରେ ବେଶ୍ ଜଣାଶୁଣା ଭଗବାନ ସାହୁ । ୧୯୭୬ ମସିହାରେ ସର୍ବପ୍ରଥମେ ସେ ହିଁ ପଶ୍ଚିମ ଓଡ଼ିଶାର ଏକତାକୁ ଦୃଢିଭୂତ କରିବା ପାଇଁ ପାରମ୍ପରିକ ନବାନ୍ନ ପର୍ବ (ନୂଆଁଖାଇ) ପାଳନର ପ୍ରସ୍ତାବ ରଖିଥିଲେ । ତାଙ୍କ ପ୍ରସ୍ତାବକୁ ସମର୍ଥନ କରି ମୁରାରି ମିଶ୍ର କହିଥିଲେ "ପ୍ରତିବର୍ଷ ସମ୍ବଲପୁରରେ ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର ଆନୁକୂଲ୍ୟରେ Annual Conference ହେବ ଏବଂ ଶ୍ରୀ ସାହୁଙ୍କ ଅନୁଯାୟୀ ଦିନବେଳା ନବାନ୍ନ ପାଳନ, ଲୋକକଳା ସଂସ୍କୃତି ସମ୍ବନ୍ଧରେ ଆଲୋଚନା, ଶେଷ ପର୍ଯ୍ୟାୟକୁ ସନ୍ଧ୍ୟା ସମୟରେ ସାଂସ୍କୃତିକ ମହୋତ୍ସବ ହେବା ସ୍ଥିରୀକୃତ ହେଲା" । ସମ୍ବଲପୁରରେ ୫ ବର୍ଷ ଧରି ହେବା ପରେ ଭଗବାନ ସାହୁ Annual Conference ର ନାମକୁ ବଦଳାଇ "ପଶ୍ଚିମ ଓଡ଼ିଶା ସାଂସ୍କୃତିକ ସମ୍ମିଳନୀ" ରଖିଲେ ଏବଂ ଅନ୍ୟ ସମସ୍ତ ଜିଲ୍ଲାରେ ପ୍ରତିବର୍ଷ ନବାନ୍ନ ଭକ୍ଷଣ ପାଳନ ହେବାର ଘୋଷଣା କଲେ। ସମସ୍ତେ ସହମତି ହୋଇ ଏକାଠି ନବାନ୍ନ ପର୍ବ ପାଳନ କରିବାର ଦୃଶ୍ୟ ପଶ୍ଚିମ ଓଡ଼ିଶାର ଭାଷା, କଳା, ସଂସ୍କୃତିକୁ ଖୁବ୍ ପ୍ରଚାର ପ୍ରସାର ଲାଭ କଲା । ଯେହେତୁ କେବଳ ଲୋକନୃତ୍ୟ ଓ ଲୋକସଙ୍ଗୀତ ଏହି ପବିତ୍ର ଉତ୍ସବରେ ପରିବେଷଣ ହେଉଥିବାରୁ ଭଗବାନ ବାବୁଙ୍କ ବିଚାର୍ଯ୍ୟରେ "ପଶ୍ଚିମ ଓଡ଼ିଶା ସାଂସ୍କୃତିକ ସମ୍ମିଳନୀ"କୁ (ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର) ସହ ମନ୍ତବ୍ୟରେ "ଲୋକ ମହୋତ୍ସବ" ନାମରେ ପରିବର୍ତ୍ତନ କରିଦିଆଗଲା । ଲୋକମହୋତ୍ସବର ଜନକ ଭାବେ ଗୁରୁ ଭଗବାନ ସାହୁଙ୍କ ଅବଦାନକୁ ସମ୍ମାନ ଜଣାଇ ସମ୍ବଲପୁର ଜିଲ୍ଲା ତରଫରୁ ପ୍ରଥମ ଲୋକମହୋତ୍ସବ ମଣ୍ଡପକୁ "ଭଗବାନ ସାହୁ ମଣ୍ଡପ" ନାମରେ ନାମିତ କରାଗଲା । ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ସମ୍ବଲପୁରରେ ପ୍ରତିବର୍ଷ ଲୋକ ମହୋତ୍ସବକୁ ମହା ଆଡମ୍ବରରେ ପାଳନ କରାଯାଉଅଛି ।

୧୯୮୩ ମସିହାରେ ସମ୍ବଲପୁର ଟ୍ରଷ୍ଟ ବୋର୍ଡ଼ ତରଫରୁ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ମାନିତ କରିବା ସହ ସମଲେଇ ଦେବୀଙ୍କ ୮ କେଜି ଓଜନ ବିଶିଷ୍ଟ ଏକ ତୈଳଚିତ୍ର ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ୧୯୮୪ ମସିହାରେ ସମ୍ବଲପୁର ପ୍ରଜାତନ୍ତ୍ର ଭବନ ହୀରାଖଣ୍ଡ ମଞ୍ଚରେ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ରେ ସମ୍ମାନିତ ହୋଇଥିଲେ । ସମ୍ମାନିତ ହେବା ପୂର୍ବରୁ ଭଗବାନ ସାହୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମହତାବଙ୍କ "ଗାଁ ମଜଲିସ"

ISSN NO.
2582-208X

କୁ ନାଟ୍ୟ ରୂପ ଦେଇ ପ୍ରତିଦାନ ସ୍ୱରୂପ ତାଙ୍କୁ ଭେଟି ଦେଇଥିଲେ । ଡ. ମହତାବ ଅତ୍ୟନ୍ତ ଖୁସିରେ ଗ୍ରହଣ ପୂର୍ବକ ପ୍ରତିଶ୍ରୁତି ଦେଇଥିଲେ ଯେ ଆଗାମୀ କିଛିଦିନ ଭିତରେ ଏହାର ନାଟ୍ୟ ରୂପ ସେ ଛପାଇ ଦେବେ । ମାତ୍ର ଠିକ୍ ତା'ର ଦୁଇମାସ ପରେ ମହତାବଙ୍କ ଦେହାନ୍ତ ହୋଇଯିବାରୁ ପରିତାପର ବିଷୟ, ତାହା ଆଜି ପର୍ଯ୍ୟନ୍ତ ଅପ୍ରକାଶିତ ହୋଇରହିଛି ।

### ଶବ୍ଦନୃତ୍ୟ ସହ ଶାସ୍ତ୍ରୀୟ ଗୁରୁଙ୍କ ସମ୍ପର୍କ :

ଆଜି ବି ସ୍ୱାଧୀନତାର ଏତେବର୍ଷ ପରେ ବି 'କୁମ୍ଭାରୀ' ଗ୍ରାମର ନାମ କେହି ଉଚ୍ଚାରଣ କଲେ ସ୍ୱତଃ ଆଖି ସାମ୍ନାରେ କେବଳ ଗୋଟିଏ ନାଁ ହିଁ ଝଲସି ଉଠେ ସେ ହେଉଛନ୍ତି "ଗୁରୁ ଭଗବାନ ସାହୁ" । ତାଙ୍କ ତ୍ୟାଗ ଓ ସାଧନା ଯୋଗୁଁ କୁମ୍ଭାରୀ ଗ୍ରାମ ଆଜି କଳାର ତୀର୍ଥକ୍ଷେତ୍ରରେ ବର୍ତ୍ତମାନ ପରିଣତ ହୋଇପାରିଛି । ନାଟ୍ୟ କଳା ସଂସ୍କୃତି ଇତିହାସରେ ସେ ଏମିତି ଏକ ବ୍ୟକ୍ତିତ୍ୱ ଯିଏକି ଆପଣାର ବିତ୍ତକୁ ପାଥେୟ କରି ୨୮.୦୩. ୧୯୫୦ ମସିହା ମଙ୍ଗଳବାର ରାମନବମୀ ତିଥିରେ ଚୌହାନ ବୀର ସୁରେନ୍ଦ୍ର ସାଏଙ୍କୁ ନାଟକ ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ଗଢିଥିଲେ "ବ୍ରଜେଶ୍ୱରୀ ନୃତ୍ୟ କଳା ପରିଷଦ" । ଏହା ଏକ ସାଂସ୍କୃତିକ ଅନୁଷ୍ଠାନ ନୁହେଁ, ବରଂ ସଂସ୍କୃତି ଶବ୍ଦନୃତ୍ୟର ସୁଦୃଢ କାରଖାନାଟିଏ । ୩୬ ଜଣ ପିଲାଙ୍କୁ ସଙ୍ଗୀତ, ନୃତ୍ୟ, ଅଭିନୟ ଶିକ୍ଷା ଦେବା ଆରମ୍ଭ କଲେ । ତହିଁ ମଧ୍ୟରେ ୨୮ ଜଣ ନିରକ୍ଷର, ଭୂମିହୀନ ପିଲାଙ୍କୁ ତାଲିମ ଦେବା ସହ ପ୍ରତିପୋଷଣ, ସ୍କୁଲ ଶିକ୍ଷା ଦାୟିତ୍ୱ ମଧ୍ୟ ନିଜେ ବହନ କରିଥିଲେ । ସରକାରୀ ଶିକ୍ଷକ ଚାକିରୀ ଛାଡ଼ି, ଘରର ସମସ୍ତ ସମ୍ପତ୍ତିକୁ ଜଳାଞ୍ଜଳି ଦେଇ ବହୁ ଉତ୍ଥାନ ଓ ପତନରେ ମଧ୍ୟ ୯ ହଜାରରୁ ଊର୍ଦ୍ଧ୍ୱ ରାତ୍ରି ନାଟକ, ସମ୍ବଲପୁରୀ ଲୋକନୃତ୍ୟ ଏବଂ ଶବ୍ଦ ନୃତ୍ୟ ପରିବେଷଣ କରିଛନ୍ତି । ୧୯୪୫ ରୁ ୧୯୪୮ ମସିହା ମଧ୍ୟରେ କୁମ୍ଭାରୀ ନିକଟସ୍ଥ ବୁରୋଗାଡ଼ ଜୋର୍ (ନଦୀ) ତଟରେ ଶବ୍ଦ ନୃତ୍ୟ ଏବଂ ଲୋକନୃତ୍ୟରେ ଖୁବ୍ ସାଧନା ପୂର୍ବକ ପରିବର୍ତ୍ତନ ଆଣି ସେ ନିଜେ ଏକ ଦଳ ଗଢି, ରାସଲୀଳା, ସୁଆଙ୍ଗ ଇତ୍ୟାଦିକୁ ନିଜେ ନିର୍ଦ୍ଦେଶନାରେ କରି ଦର୍ଶକାଭିମୁଖୀ କରିପାରୁଥିଲେ । ଅଧୁନା କେତେକ କର୍ମକର୍ତ୍ତାଙ୍କ ଆନୁକୂଲ୍ୟରେ ତାହା ଜୀବିତ ରହିଅଛି । ଭଗବାନ ସାହୁ ପୋଷ୍ୟପୁତ୍ର ଭାବରେ ଲାଳନ ପାଳନ କରିଥିବା ଶ୍ରୀ ଭୁବନ ଭୋଇ ବର୍ତ୍ତମାନ ତାଙ୍କ ନାଟ୍ୟ ଅନୁଷ୍ଠାନର ଭାର ବହନ କରୁଛନ୍ତି ।

ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପ୍ରତିଷ୍ଠା ହେବା ପୂର୍ବରୁ ଓଡ଼ିଶା ସଙ୍ଗୀତ ପରିଷଦ ପୁରୀରେ ଥିଲା । ୧୯୫୩ ମସିହାରୁ ଓଡ଼ିଶା ସଙ୍ଗୀତ ପରିଷଦ ତରଫରୁ କଟକ,

ISSN NO.
2582-208X

ଭୁବନେଶ୍ୱର, ପୁରୀ ସମେତ ଅନେକ ସ୍ଥାନରେ ଶବ୍ଦନୃତ୍ୟ ପରିବେଷଣ କରି ସେ ଖୁବ୍ ଉଚ୍ଚ ପ୍ରଶଂସିତ ହୋଇପାରିଥିଲେ । ଓଡ଼ିଶା ତଥା ଭାରତର ଅନେକ ପ୍ରଖ୍ୟାତ ଯଥା- କଥକ ନୃତ୍ୟବିତ୍ ଗୋପୀ କ୍ରିଷ୍ଣନ୍, କଥ୍ କଳି ନୃତ୍ୟଗୁରୁ ବିରଜୁ ମହାରାଜ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ଧୀରେନ ଦାସ, କେଳୁଚରଣ ମହାପାତ୍ର, ସଂଯୁକ୍ତା ପାଣିଗ୍ରାହୀ, ପ୍ରଣବ ପଟ୍ଟନାୟକ ପ୍ରମୁଖ ବ୍ୟକ୍ତିଙ୍କ ସହ ତାଙ୍କର ସୁସମ୍ପର୍କ ରହିଥିଲା ଏବଂ ସେମାନେ ତାଙ୍କ ଘରକୁ ଆସି ତାଙ୍କ ସହିତ ଶବ୍ଦନୃତ୍ୟ ଶିକ୍ଷା କରିଥିଲେ । ୧୯୬୫ ରେ ସର୍ବଭାରତୀୟ ସ୍ତରରେ ଦିଲ୍ଲୀଠାରେ ଶାସ୍ତ୍ରୀୟ ନୃତ୍ୟ ଉପରେ ୩ ଦିନିଆ ଆଲୋଚନା ସଭାରେ ଗୋପୀ କ୍ରିଷ୍ଣନଙ୍କ ଠାରୁ ନିମନ୍ତ୍ରଣ ପାଇ ସେ ଅଂଶଗ୍ରହଣ ମଧ୍ୟ କରିଥିଲେ । ସେହିଠୁ ଫେରିବା ପରେ ସେ ଶବ୍ଦ ନୃତ୍ୟର ଲୋପ ନ ହେବା ପାଇଁ ବ୍ୟାକରଣ ରଚନା କରିଥିଲେ "ଭାରତୀୟ ନୃତ୍ୟକଳାରେ ଶବ୍ଦନୃତ୍ୟ" ନାମରେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଯେ ଏହି ସମୟରେ ଓଡ଼ିଶା ନାଟକ ଏକାଡ଼େମୀ ତରଫରୁ ଶାସ୍ତ୍ରୀୟ ଶବ୍ଦନୃତ୍ୟକୁ ଲୋକନୃତ୍ୟ ଭାବେ ପୁରସ୍କାର ପ୍ରଦାନ କରାଗଲା ।

ଏହାର ଦୁଇଦିନ ପରେଭଗବାନ ବାବୁଙ୍କ ଅନୁଷ୍ଠାନ "ବ୍ରଜେଶ୍ୱରୀ ନୃତ୍ୟ କଳା ପରିଷଦ"ର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଥାଏ । ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିପଡ଼ିଥିବା ସାହୁ ମଞ୍ଚକୁ ଯିବାର ସାମର୍ଥ୍ୟ ନଥିଲା, ତେଣୁ ନିମନ୍ତ୍ରିତ ଅତିଥିବୃନ୍ଦ ତାଙ୍କୁ ଭେଟିବାକୁ ଆସିବାରୁ ତାଙ୍କର ବକ୍ତବ୍ୟ ଥିଲା ଏହିପରି -"ଶବ୍ଦ ନୃତ୍ୟର ଶାସ୍ତ୍ରୀୟ ପ୍ରମାଣ ଅଛି । କୌଣସି ନୃତ୍ୟକୁ ଶାସ୍ତ୍ରୀୟ ବା ଲୌକିକ ମାନ୍ୟତା ସେତେବେଳେ ମିଳେ ଯେତେବେଳେ ତାର ଶାସ୍ତ୍ରୀୟତା ଏବଂ ଲୌକିକତାର ଯଥାର୍ଥ ପ୍ରମାଣ ରହିଥିବ, କିନ୍ତୁ ଏ ସ୍ଥାନରେ ଯଥାର୍ଥ ଭାବରେ ଶାସ୍ତ୍ରୀୟତା ବହନ କରୁଥିବା ଶବ୍ଦନୃତ୍ୟକୁ କେଉଁ ପରିଧିରେ ମାପି ଲୋକନୃତ୍ୟ ବୋଲି ପ୍ରମାଣିତ କରିବା ବିଚାର୍ଯ୍ୟ କି ? ତାଙ୍କ ପାଖରେ ଶବ୍ଦନୃତ୍ୟକୁ ଲୋକନୃତ୍ୟ ଘୋଷଣା କରିବାର ତତ୍ ସମ୍ବନ୍ଧୀୟ ପ୍ରମାଣ ଅଛି କି ? ଓଡ଼ିଶାର ବିଚାରକ ମଣ୍ଡଳୀ ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ ଭିତରେ ଶବ୍ଦନୃତ୍ୟ ଜାଣି ସୁଦ୍ଧା ଅମନଯୋଗୀ ହେଲେ କାହିଁକି ? ଏହି ଶବ୍ଦନୃତ୍ୟର ପରମ୍ପରା ଶହ ଶହ ବର୍ଷରୁ କୁମ୍ଭାରୀରେ ବଞ୍ଚିରହିଛି ବୋଲି ଏହା କେବଳ କୁମ୍ଭାରୀ ଗ୍ରାମର ନୁହେଁ, ପଶ୍ଚିମ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ଅଟେ, ଅମୂଲ୍ୟ ସମ୍ପଦ ଅଟେ ।" ଶବ୍ଦନୃତ୍ୟ ଶାସ୍ତ୍ରୀୟ ନୃତ୍ୟକୁ ଲୋକନୃତ୍ୟ ଭାବେ ସ୍ୱୀକୃତି ଦେବା ବାସ୍ତବରେ ଏକ ମନ୍ଦ ଉଦ୍ଦେଶ୍ୟ ପୂର୍ବକ ମୂର୍ଖାମିର ପରିଚୟ । ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିବା ସତ୍ତ୍ୱେ ବି ସେ ତାଙ୍କର

ISSN NO.
2582-208X

ଆତ୍ମୀୟ ବନ୍ଧୁ ପରିଜନଙ୍କୁ ଶବ୍ଦନୃତ୍ୟ ବାହ୍ୟ ପ୍ରକାଶିତ କରି ଶାସ୍ତ୍ରୀୟ ମାନ୍ୟତା ଦାବି ସକାଶେ ଅନେକ ଚିଠି ଲେଖିଥିଲେ । ଧୀରେ ଧୀରେ ତାଙ୍କର ଖାଦ୍ୟ ଓ ଔଷଧ ସେବନରେ ଅବହେଳା ଘଟିବାରୁ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଲା । ଓଡ଼ିଆରେ ପ୍ରବାଦ ଅଛି "ଚିନ୍ତା ହାଏ ଗଣ୍ଡି, ଲୁଣ ଖାଏ ହାଣ୍ଡି" । ଠିକ୍ ଏହିଭଳି ଭାବରେ ଗୁରୁ ଭଗବାନ ସାହୁ ପଶ୍ଚିମ ଓଡ଼ିଶାର ଉନ୍ନତି, ଭାଷା, ସଂସ୍କୃତିର ପ୍ରଚାର ପ୍ରସାର ଚିନ୍ତାରେ ଆପଣ ଜୀବନର ଶେଷ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ନିଜକୁ ବଳିଦାନ ଦେଇଗଲେ । ୨୦.୧୧.୨୦୦୦ ଦିନ କଳା, ସଂସ୍କୃତି ଜଗତର ମହାନାୟକ, କୀର୍ତ୍ତିମାନ ପୁରୁଷ ତଥା ନାଟ୍ୟ ପାଗଳ ଏ ଧରଣୀରୁ ଚିର ବିଦାୟ ନେଲେ ।

### ସ୍ମୃତିର ସ୍ମରଣରେ ଶତାବ୍ଦୀ ପୁରୁଷ :

ନାଟ୍ୟାନୁଷ୍ଠାନକୁ ଦୀର୍ଘ ଅର୍ଦ୍ଧ ଶତାବ୍ଦୀର ନିରବଚ୍ଛିନ୍ନ ଅବଦାନ ଓ ପରିଚାଳନା ପୂର୍ବକ ଏକ ଅନ୍ୟତମ ଇତିହାସ ସୃଷ୍ଟି କରିଥିବାରୁ ସମ୍ମାନ ଜଣାଇ ଓଡ଼ିଶାର ପ୍ରଖ୍ୟାତ ଅଭିନେତା ବିଭୁତି ଭୂଷଣ ପାଢ଼ୀ, ଡ. ରମାକାନ୍ତ ରାୟ, ରବିନାରାୟଣ ପଣ୍ଡାଙ୍କ ପରାମର୍ଶରେ ତାଙ୍କର ଜୀବିତାବସ୍ଥାରୁ ୧୯୯୯ କୁମ୍ଭାରୀରେ ଜୟନ୍ତୀ ପାଳନ କରିବାର ପରମ୍ପରା ଆରମ୍ଭ କରିଥିଲେ। ତାଙ୍କ ମୃତ୍ୟୁ ପରେ 'ଭଗବାନ ସାହୁ ସ୍ମୃତି କମିଟି' ଗଠନ କରାଗଲା । ତେଣୁ ପ୍ରତିବର୍ଷ ତାଙ୍କ ଜନ୍ମ ଜୟନ୍ତୀରେ କୁମ୍ଭାରୀରେ ସ୍ଥିତ ଶ୍ରୀ ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ସ୍ମୃତିଚାରଣ ଓ ଆତ୍ମୀୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥାଏ ।

୧୯୮୪ ଫେବ୍ରୁୟାରୀ ୨୮ ତାରିଖ ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଅବସରରେ ତତ୍କାଳୀନ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଐତିହାସିକ ଡ. ନବୀନ କୁମାର ସାହୁଙ୍କ ସୁରେନ୍ଦ୍ର ସାଏଙ୍କ ଉପରେ ଏକ ଲେଖା ଦୈନିକ ଇଂରାଜୀ ଖବର କାଗଜ 'STATSMAN'ରେ ପ୍ରକାଶ ପାଇଥିଲା । ଡ. ସାହୁ ଉକ୍ତ ଲେଖାରେ ଭଗବାନ ସାହୁଙ୍କ ପ୍ରତି ଆପଣାର ଭକ୍ତି ଭାବକୁ ପ୍ରକାଶ କରି ଲେଖିଥିଲେ ଏହିଭଳି "A Friend of my Heart, Living legend BhagbanSahu is one of the illuminous star for the nation." ସମ୍ବଲପୁର ପରିଷଦର ଦୀର୍ଘ ବର୍ଷର ସଭାପତି ପୂର୍ବତନ ମନ୍ତ୍ରୀ ମୁରାରି ପ୍ରସାଦ ମିଶ୍ର –"ମୋର ବନ୍ଧୁ ଭଗବାନ ସାହୁ ପଶ୍ଚିମ ଓଡ଼ିଶାର ସମ୍ପତ୍ତି ଥିଲେ" ବୋଲି ଅଭିମତ ଦେଇଥିଲେ । ସୁସାହିତ୍ୟିକ ଅଧ୍ୟାପକ ରବିନାରାୟଣ ପଣ୍ଡା ୧୯୯୯ ମସିହାରେ ଦୈନିକ 'ଜନମୁଖ' ପତ୍ରିକାରେ ପ୍ରକାଶ କରିଥିଲେ

ISSN NO.
2582-208X

-" ଭଗବାନ ସାହୁ ନାମ ଏକ 'ଆନ୍ଦୋଳନ', ଏକ 'ଅନୁଷ୍ଠାନ' ଅଟେ । ପଶ୍ଚିମ ଓଡ଼ିଶାର ଭାଷା, ନାଟକ, ନୃତ୍ୟ କଳା ସଂସ୍କୃତିର ପ୍ରଥମ ଶିକ୍ଷାକ୍ଷେତ୍ର ହେଉଛନ୍ତି ଗୁରୁ ଭଗବାନ ସାହୁ। ପ୍ରତିଟି ପଶ୍ଚିମ ଓଡ଼ିଶାବାସୀ ଏଥିପାଇଁ ଗର୍ବ କରିବା ଆବଶ୍ୟକ ।" ସାହିତ୍ୟିକ ମନୋରଂଜନ ମେହେର ଭଗବାନ ସାହୁଙ୍କୁ ଗୁରୁଙ୍କର ଗୁରୁ ମହାଗୁରୁ ଭାବରେ ଅବିହିତ କରିଥିଲେ । ସେ କହିଥିଲେ ଯେ -'Jakes of all trades, master of none' ପ୍ରସିଦ୍ଧିକୁ ଭୁଲ ପ୍ରମାଣିତ କରି ସେ ପ୍ରମାଣ କରି ଯାଇଛନ୍ତି 'Jakes of all trades, better than a master of none'. ସମ୍ବଲପୁର ଲେଖକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଭଗବାନ ସାହୁଙ୍କୁ ସମ୍ମାନିତ କରିବା ବେଳେ କହିଥିଲେ -"ଆଜି ମଧ୍ୟ ଯଦି ଜନବହନର ପ୍ରଚଳନ ନଥାନ୍ତା ତେବେ ସମସ୍ତଙ୍କୁ ମୋର ବନ୍ଧୁ ଭଗବାନ ବାବୁଙ୍କୁ ହିଁ ଆବଶ୍ୟକ ପଡୁଥାନ୍ତା ।" ସେହିଭଳି ସାମ୍ବାଦିକ ଦାମୋଦର ରାଉତ ୨୦୦୩ ସାପ୍ତାହିକ 'ଗଣ ଇସ୍ତାହାର' ରେ ମତବ୍ୟକ୍ତ କରିଥିଲେଯେ "ଗୁରୁ ଭଗବାନ ସାହୁ ପଶ୍ଚିମ ଓଡ଼ିଶାରେ ଗୋଟିଏ ଦିନରେ ନବାନ୍ନ ପାଳନ କରିବା ସକାଶେ ସାତ ବର୍ଷ ଧରି ଲୋକମହୋତ୍ସବ ସଫଳ ଆୟୋଜନ କରିବା ବିରାଟ ସ୍ମରଣୀୟ ଅଧ୍ୟାୟଟିଏ ।"

## ଉପସଂହାର :

୨୦୨୪ ମସିହାରେ ଗୁରୁ ଭଗବାନ ସାହୁଙ୍କ ପଟ୍ଟଶିଷ୍ୟ ଭାଗବତ ପଧାନଙ୍କୁ ଶବ୍ଦନୃତ୍ୟ କଳାର ସଂରକ୍ଷଣ ଓ ପ୍ରଚାର ପ୍ରସାର ଦିଗରେ ଜଣେ ନିଷ୍ଠାବାନ କଳାକାର ଭାବରେ 'ପଦ୍ମଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଅଛି । ଯଦିଓ ସେ ସମ୍ମାନ ଓ ସମ୍ବର୍ଦ୍ଧନାର ବହୁ ଊର୍ଦ୍ଧ୍ୱରେ ତଥାପି ସେ ଯେଉଁ ସ୍ତର ବ୍ୟକ୍ତିତ୍ୱ ଥିଲେ ତାଙ୍କୁ ଯଥାର୍ଥ ସମ୍ମାନ ଆମେ ଦେଇ ପାରିନାହିଁ। ଆଜି ଆମ ଗହଣରେ ଗୁରୁ ଶ୍ରୀ ସାହୁ ଯଦି ଥାଆନ୍ତେ ନିଶ୍ଚିତ ଭାବରେ ଗିନିଜ୍ ବୁକ୍ ଅଫ୍ ଓୟାର୍ଲ୍ଡ ରେକର୍ଡ ବା ମିଲକା ବୁକ୍ ଅଫ୍ ଓୟାର୍ଲ୍ଡ ରେକର୍ଡରେ ତାଙ୍କ ନାମ ସ୍ଥାନ ପାଇଥାନ୍ତା ।  କିନ୍ତୁ ପରିତାପର ବିଷୟ ସଫଳ ଉଦ୍ୟମର ଅଭାବରେ ସେ ଆଜି ବଣର ମଲ୍ଲୀ ହୋଇ ବଣରେ ହିଁ ଫୁଟି ଝଡ଼ିଗଲେ । ଏହି ବହୁମୁଖୀ ପ୍ରତିଭା ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ବିଷୟରେ ଜାଣିବାକୁ ହେଲେ ଆହୁରି ତାଙ୍କ ଉପରେ ଅନେକ ଗବେଷଣା, ଅଧ୍ୟୟନ, ମନନ, ଚିନ୍ତନ ଓ ଜ୍ଞାନର ଆବଶ୍ୟକତା ରହିଅଛି ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ :

କୋଶଲୀ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁ - ରବିନ ଚନ୍ଦ୍ର ଦାସ

ସାକ୍ଷାତକାର - କୁମ୍ଭାରୀ ଗୁରୁ ଜନ୍ମମାଟି, ପୁତ୍ର- ଗୋପବନ୍ଧୁ ସାହୁ, ପୌଷ୍ୟପୁତ୍ର- ଭୁବନ ଭୋଇ, ଶବ୍ଦ ନୃତ୍ୟସାଧକ - ଭାଗବତିଆ ପଧାନ (୧୨-୦୫- ୨୦୨୫)

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ମୋ- ୭୩୭୨୮୪୫୭୭୧

ISSN NO.
2582-208X

# ସନେଟ୍...ବରଦାୟୀ ପ୍ରକୃତି



ମଧୁମିତା ମିଶ୍ର

ସିନ୍ଦୂରା ଫିଟିଲେ ଚତୁର୍ଦ୍ଦିଗେ ଭାନୁ ନିଜ କିରଣ ବିଛାଏ
ସଞ୍ଜ ନଇଁଗଲେ ଶଶୀ ଗଗନରେ ଆପେ ଆସି ଉଭା ହୁଏ
ବାଦଲକୁ ଚିରି ମିଞ୍ଜି ମିଞ୍ଜି କରି ତାରକା ହସନ୍ତି ନଭେ
ଯୁଇ ଜାଇ ହେନା ମଲ୍ଲି କଇଁ ପଦ୍ମ ଫୁଟନ୍ତି ଆପେ ସରବେ

ଶୀତଳ ମଳୟ ପକ୍ଷୀ କଳରବ ପଶୁଙ୍କ ଦଉଡା ଡ଼ିଆଁ
କୁଳୁକୁଳୁ ନାଦେ ବହେ ନଈ ଆଉ ପାହାଡ ହୋଇଛି ଠିଆ
ଖରା ବର୍ଷା ଶୀତ ଶରତ ହେମନ୍ତ ବସନ୍ତ ଭଗିନୀ ଷଡ଼
ଏକ ପରେ ଆନ ଆସନ୍ତି ମହୀରେ କେ' ନୁହେଁ କା'ଠୁ ବଡ

ଦିନ ପରେ ରାତି ଏପରି ରୁହନ୍ତି ଯେପରି ଏକ ଶରୀର
ଆସନ୍ତି ସଭିଏଁ ନିଜ ସମୟରେ ଚାଲିଥାନ୍ତି ନିରନ୍ତର
ସୁଖଦୁଃଖ ଆଉ ଭଲମନ୍ଦ ସବୁ ଦୁଇଟି ମୁଠାରେ ଧରି
ଜନମ ମରଣ ବାର୍ଦ୍ଧକ୍ୟ ଯୌବନ ଆସେ ହୋଇ ଠରାଠରି

ଏଇ ଯେ ପ୍ରକୃତି ବିଭୁ ବରଦାନ ସଭିଙ୍କ ପ୍ରାଣ ଦାୟିନୀ
ସେହିଁ ସତ୍ୟ ଶିବ ସୁନ୍ଦର ଯା' ପାଇଁ ଜୀବନ୍ତ ଏହି ଧରଣୀ

ଭୁବନେଶ୍ୱର / ୯୪୩୮୪୭୦୮୦୭

ISSN NO.
2582-208X

# ସମ୍ପର୍କ ରଜ୍ଜୁରେ ବନ୍ଧା ମଣିଷ



ବାସନ୍ତୀ ଲତା ଜେନା

ପରିବାରୁ ସୃଷ୍ଟି ସଂପର୍କର ରଜ୍ଜୁ
ବ୍ୟାପିଥାଏ ସମାଜରେ
ଭଲ ପାଇବାର ନିଦର୍ଶନ ସିଏ
ଯୋଡି ରଖେ ବନ୍ଧନରେ ।୧।

ପିତା ମାତା ଆଉ ଭାଇ ଭଗ୍ନୀ ପ୍ରେମ
ଦାଦା ଖୁଡି ଅଜା ଆଇ
ସାଙ୍ଗ ସାଥୀ ବନ୍ଧୁ ଆତ୍ମୀୟ ସ୍ୱଜନ
ଅମୁଲ୍ୟ ସମ୍ପର୍କ ସେହି ।୨।

ସ୍ନେହ ଶ୍ରଦ୍ଧା ଭକ୍ତି ଆଦର ସମ୍ମାନ
ସମ୍ପର୍କକୁ ଦୃଢ କରେ
ସଦ୍ଭାବନା ଜାଗେ ମଣିଷ ମନରେ
ଶାନ୍ତି ମୈତ୍ରୀ ପ୍ରୀତି ଭରେ ।୩।

ତ୍ୟାଗ ନିଷ୍ଠା ଭାବ ପର ଉପକାର
ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବେଭାର
ସଫଳତା ଦିଏ ଯଶଶ୍ରୀ କରାଏ
ନିଃସ୍ୱାର୍ଥ ଭାବନା ଯାର ।୪।

ISSN NO.
2582-208X

ସମ୍ପର୍କ ରଜ୍ଜୁରେ ବନ୍ଧା ଏ ମଣିଷ
ମନ ଦିଆ ନିଆ ଭାବ
ସ୍ୱାର୍ଥ ପଶିଗଲେ ମାନବ ଭିତରେ
ସମ୍ପର୍କ ବିଛିନ୍ନ ହେବ ।୫।

ବିଶ୍ୱାସ ଭରସା ସମ୍ପର୍କର ସୂତ୍ର
ଅମୃତର ସୁଧା ଝର
ଛଳନା କପଟ ପ୍ରତାରଣା ଘୃଣା
ସମ୍ପର୍କ କରଇ ଦୂର ।୬।

ଆଚାରଣ ଆଉ ଉଚ୍ଚାରଣ ଯଦି
ସଠିକ୍ ରେ ଥିବ ରହି
ସମ୍ପର୍କର ବନ୍ଧ ସୁଦୃଢ଼ ହୋଇବ
କେବେ ନ ହୋଇବ ଘାଇ ।୭।

ଶିକ୍ଷୟିତ୍ରୀ, ଗାନ୍ଧୀନଗର,
ନବରଙ୍ଗପୁର

ISSN NO.
2582-208X

# ନୋଟ୍ ଫଟୋରେ ବାପୁ ନାର୍‌ଜ



ସୁଧାଂଶୁ ଶେଖର ଦ୍ୱିବେଦୀ

ମୁନ୍ନାଭାଇ ଲାଗେ ରହୋ ଚଳଚିତ୍ରରେ ମୁନ୍ନାଭାଇ ସବୁଠି ଅସଲି ଗାନ୍ଧୀଙ୍କୁ ଦେଖିବାକୁ ପାଉଥିଲା। ତାଙ୍କ ସହିତ ଯ ସେ ପ୍ରତିମା ନିକଟକୁ ଯାଇ ଚଷମାରେ ଚପା ହେଇଥିବା ରାଜନୈତିକ ଦଳୀୟ ଚିହ୍ନର ଷ୍ଟିକର ବାହାର କରି ପଚାରିଲେ-ବାପୁ! ମୋତେ କିଛି କହୁଛନ୍ତି କି ? ସତକୁ ସତ ପ୍ରତିମାର ଓଠରେ ବ୍ୟତିକ୍ରମ ଲକ୍ଷ୍ୟ କଲେ ସେ।ତାଙ୍କୁ ଅନୁଭବ ହେଲା ଗାନ୍ଧୀ ଯେମିତି କହୁଛନ୍ତି-ଏବେ ଏ ଦଶରେ କାହା କଥା କେହି ଶୁଣୁ ନାହାନ୍ତି। ହଠାତ୍ ଜୟକୃଷ୍ଣ ବାବୁ ମୁଣ୍ଡ ଟୁଙ୍ଗାରି କହିଲେ-ଆପଣ ଯାହା କହୁଛନ୍ତି ଶହେ ପ୍ରତିଶତ ସତ ବାପୁ!

ଗାନ୍ଧୀଙ୍କ ପ୍ରତିମା ପୁଣିଥରେ କହିଲେ-ଗତବର୍ଷ ଅକ୍ଟୋବର ୨ ରେ ନଗର ନିଗମର ଦୁଇଜଣ କର୍ମଚାରୀ ମୋ ପ୍ରତିମାରୁ ଧୂଳି-ମଳି ଧୋଇ ସଫା-ପରିଷ୍କାର କରି ଯାଇଥିଲେ। ତାପରେ ଭୋଟ ଭିକାରୀମାନେ ମୋ ଚଷମାରେ ତାଙ୍କ ମତଦାନର ଷ୍ଟିକର ଲଗେଇ ଚାଲିଗଲେ। ସେବେଠାରୁ ମୁଁ ବାହାରର ଦୃଶ୍ୟ ଆଦୌ ଦେଖିପାରୁ ନଥିଲି। ବାପୁଙ୍କ ଦୁଃଖଭରା କଥା ଶୁଣି ଜୟକୃଷ୍ଣ ବାବୁଙ୍କ ହୃଦୟ ଦ୍ରବିତ ହେଇଗଲା। ହେଲେ ପୂର୍ବପରି ବାପୁ କହି ଚାଲିଥାନ୍ତି-ଆଚ୍ଛା ତୁମେ ଗୋଟେ କଥା କହିଲ! ଏ ଦେଶର ନୋଟ୍ ଉପରେ ମୋ ଫଟୋ ଲଗେଇବାକୁ ମୁଁ କେବେ କହିଥିଲି ? ଜୟକୃଷ୍ଣ ବାବୁ ସହଜ ମୁଦ୍ରାରେ ଠିଆହୋଇ କହିଲେ-ଆପଣ କହି ନଥିଲେ ସତ ହେଲେ ଏଥିରେ ତ ଆପଣଙ୍କର ମାନ-ସମ୍ମାନ ବଢ଼ିଛି। ଆପଣଙ୍କ ମୃତ୍ୟୁ ଅନ୍ତେ ଏହାଠାରୁ ଆଉ ଖୁସି କଣ ଥାଇପାରେ.... ? ଦେଶବାସୀ ଆପଣଙ୍କୁ ମନେ ପକାଉଛନ୍ତି। ଆପଣ ଆମକୁ

ISSN NO.
2582-208X

ସ୍ୱାଧୀନତା ଦେଇଛନ୍ତି ବୋଲି ଗର୍ବ କରୁଛନ୍ତି। ହଠାତ୍ ଗାନ୍ଧୀଙ୍କ ପ୍ରତିମାର ମୁଖ ବୁଲେଇ ଛକରେ ଥିବା ଏକ ମଦ ଦୋକାନକୁ ଇଶାରା କରି କହିଲେ-ତୁମେ ସେଠିକୁ ଯାଇ ଦେଖି ଆସ କଣ ହେଉଛି ? ଆସିବ ନିଶ୍ଚୟ! ତୁମେ ହିଁ ତ ମୋ ଦୁଃଖର କଥା ବୁଝିପାରିଛ।

ଜୟକୃଷ୍ଣ ବାବୁ ସହସା ମଦ ଦୋକାନ ନିକଟକୁ ଗଲେ। କାଉଣ୍ଟରରେ ଗୋଟେ ମଦ ବୋତଲ ତଳେ ୫୦୦ ଟଙ୍କାର ନୋଟ୍ ଚପାହୋଇ ରହିଥାଏ। ତାକୁ ଦେଖି ଲେଉଟି ଆସି କହିଲେ-ହଁ ବାପୁ! ମଦ ବୋତଲ ତଳେ ୫୦୦ ଟଙ୍କାର ନୋଟ୍ ଟିଏ ରହିଛି। ବାପୁ ଉତକ୍ଷିପ୍ତ ହୋଇ ଗମ୍ଭୀର କଣ୍ଠରେ କହିଲେ-ସେଇ କଥା ତ କହୁଛି। ଯେଉଁ ମଦକୁ ମୁଁ ଜୀବନସାରା ବିରୋଧ କରିଥିଲି ଆଜି ସେଇ ବୋତଲ ସହିତ ମୁଁ ଚାପିହୋଇ ପଡି ରହୁଛି। ଏସବୁ କଣ ମୁଁ କହିଥିଲି ମଦର ପ୍ରତିବନ୍ଧ ହେବା ବଦଳରେ ଅନୁବନ୍ଧ ହେଉ ?

ଜୟକୃଷ୍ଣ ବାବୁଙ୍କ କପାଳରେ ଚିନ୍ତାର ରେଖା ତ୍ରିଶୂଳ ଆକାର ଧାରଣ କଲା। ଅତିଶୟ ଦୁଃଖିତ ହୋଇ କହିଲେ-ବାପୁ! ଆପଣ ମନ କଷ୍ଟ କରନ୍ତୁ ନାହିଁ। ନୋଟ୍ ହେଉଛି,ମୁଦ୍ରା ହେଉଛି। ତା' ବଦଳରେ ଜିନିଷପତ୍ର ତ କ୍ରୟବିକ୍ରୟ ହେବ।

ବାପୁ କହିଲେ-ମୁଦ୍ରା କହିଲ ଠିକ୍ ଅଛି। ହେଲେ ସେସବୁ ମୁଦ୍ରା ଉପରେ ମୋ ହସନ୍ତ ମୁଖମୁଦ୍ରାର ସ୍ଥିତିକୁ କେବେ ଲକ୍ଷ୍ୟ କରିଛ ? ପାରୁଛ ତ ତାକୁ ବଦଳାଇ ଦିଅ। ନୋଟ୍ ରେ ଆଉ କାହାର ଫଟୋ ଲଗେଇ ଦେଶ ଚଳଅ।

ଜୟକୃଷ୍ଣ ବାବୁ ସାନ୍ତ୍ୱନା ଦେଇ କହିଲେ-ବାପୁ! ଏ ସମୟ ଆପଣଙ୍କ ଯୁଗ ଚାଲିଛି। ଯାହାଙ୍କ ପାଖରେ ଆପଣ ରହୁଛନ୍ତି ତା'ର ଇଜ୍ଜତ ଦି'ଗୁଣା ବଢିଯାଇଛି।

ହଁ ଯାହା ପାଖରେ ମୁଁ ଥାଏ ତା'ର ଇଜ୍ଜତ ବଢ଼ିଯାଏ। ତଥାପି ନୋଟ୍ ବଦଳି ବେଳେ ବୁରାରେ ପୂରେଇ ଜାଳିଦେଲେ, ନଦୀ ସମୁଦ୍ରରେ ଫିଙ୍ଗିଦେଲେ। କେବେ କାହା ଗାଡି ଡିଗିରେ ତ କେବେ ଟଏଲେଟ୍ ସିଟ୍ ତଳେ ରଖିଛନ୍ତି। ଯେଉଁଠି ଗୋଟେ ମିନିଟ ରହିବା ଅସହଜ ହୋଇଥାଏ। ଆଉଗୋଟେ କମାଲ କଥା ଏହା ଯେ ଧରା ପଡିଲେ ମୋ ଫଟୋ ଥିବା ନୋଟ୍ କାହାର ହେବ ଭୁଲି ଯାଉଛନ୍ତି। ମୋ ଫଟୋ ଥିବା ନୋଟ୍ କୁ ଏଠି ସେଠି ଫିଙ୍ଗା ହେଉଛି। କେବେ ମିଛ କହି ତ କେବେ ବାଇମାନି କରି। ମିଛ କହି ଆଇନକୁ ଠକି ଚାଲିଛନ୍ତି। ତଥାପି ସେଇ ବେଇମାନମାନେ ନୋଟ୍ ରେ ମୋ ଫଟୋ ରଖୁଛନ୍ତି। ବ୍ୟାଙ୍କ୍

ISSN NO.
2582-208X

ଗୁଡିକରେ ରବର ବ୍ୟାଣ୍ଡରେ ଗୁଡେଇ ମୋ ଫଟୋରେ ଯେଉଁ ଅତ୍ୟାଚାର ହେଉଛି କେହି ନିଜ ଫଟୋରେ ବି ଏଭଳି ଅତ୍ୟାଚାର କରୁନଥିବ ?

ବାପୁ ଅତି ଭାବୁକ ଅବସ୍ଥାରେ କହି ଚାଲିଥାନ୍ତି-ହଉ ହେଲା ଫଟୋ କି ପ୍ରତିମା ବନେଇଲ ହେଲେ ସେଥିରୁ କିଛି ଅଧା ହେଉଛି। କେବେ ଆଖିରେ ଚଷମା ରହୁନାହିଁ ତ କେବେ ହାତରେ ଲାଠି ରହୁ ନାହିଁ।

ଏ ଦେଶର ସିଷ୍ଟମ୍ କୁ ମୁଁ କି ଆପଣ କେହି ବଦଳାଇ ପାରବେନି ବାପୁ! ଦେଶ ଯେମିତି ଚାଲିଛି ସେମିତି ଚାଲିଥାଉ। ଆପଣ ବି ଆମ ସହିତ ସାମିଲ ହୋଇ କେବେ ଅଧା ଗଢ଼ା ପ୍ରତିମା କେବେ ମଦ ବୋତଲ ତଳେ ଚାପାହୋଇ କେବେ ଚଷମା ବିନା ଅନ୍ଧତ୍ୱର ଶିକାର ହେଉଥାନ୍ତୁ। ଜୟକୃଷ୍ଣ ବାବୁ ଦୁଃଖରେ ମ୍ରିୟମାଣ ହେଇ କହିଲେ। ବାପୁ ଅନୁରୋଧ ସ୍ୱରରେ କଣ୍ଠକୁ କଅଁଳେଇ କହିଲେ- ତୁମେ ମୋ ପାଇଁ ଗୋଟେ କାମ କରିପାରିବ ?

କୁହନ୍ତୁ ବାପୁ! ସକ୍ଷମ ଅନୁସାରେ ଯେତିକି ପାରିବି କରିବି।ଜ ୟକୃଷ୍ଣ ବାବୁ ସମ୍ମତି ଜଣାଇଲେ।

ବାପୁ କହିଲେ- ତୁମେ ଏ ଦେଶର ନୋଟ୍ ରେ ଥିବା ଫଟୋରୁ ମୋତେ ମୁକ୍ତି ଦେଇପାରିବ ? ଠିକ୍ ସେଇବେଳେ ଜୟକୃଷ୍ଣ ବାବୁଙ୍କ ମୋବାଇଲ୍ ଗର୍ଜି ଉଠିଲା। ଅଗତ୍ୟା ପକେଟ୍ ରୁ ମୋବାଇଲ୍ ବାହାର କରି ଦେଖିଲେ ଘରୁ ଘରଣୀ ଫୋନ୍ କରିଛନ୍ତି। ସହସା ସେ ଛାନିଆ - ମାନିଆ ହେଇ କହିଲେ- ବାପୁ! ମୁଁ ଯାଉଛି...ଘରୁ ଡାକରା ଆସିଲାଣି।

ବାପୁ ପଛରୁ ପୁଣିଥରେ ଅନୁରୋଧ କଲେ-ଯାଉଛ! ହଉ ଯାଅ- ହେଲେ ଯିବା ପୂର୍ବରୁ ତୁମେ ମୋ ଚଷମାରୁ ବାହାର କରିଥିବା ଷ୍ଟିକର ଲଗେଇ ଦେଇଯାଅ! ମୁଁ କିଛି ଦେଖିବାକୁ ଚାହୁଁ ନାହିଁ। ପ୍ଲିଜ....।

ବିସି-୭୪, ସଲ୍ଟ ଲେକ୍, କଲକତା-୬୪
ମୋ-୯୬୮୧୩୭୩୫୧୨

ISSN NO.
2582-208X

# ସମ୍ପର୍କ ସେତୁ



ଡ଼. ପ୍ରିୟମ୍ବଦା ସାମଲ

ଜୀବନ ଜିଇଁବା କଳା ହିଁ ସମ୍ପର୍କ
ସଂସାରେ ସମ୍ପର୍କ ମୂଳ
ସମ୍ପର୍କ ଡୋରିରେ ବନ୍ଧା ଏ ଦୁନିଆଁ
ନ ହେଲେ ସେ ଟଳମଳ ।
ବାପା ମାଆ ଭାଇ ଭଉଣୀ ସମ୍ପର୍କ
ପରିବାର ମୂଳଦୁଆ
ସାଙ୍ଗ ସାଥୀ ବନ୍ଧୁ ପରିଜନ ସର୍ବ
ସମ୍ପର୍କର ମଧୁ ବାଆ ।
ସମ୍ପର୍କ ବାନ୍ଧିବା ଯେତିକି ସହଜ
ପାଳିବା ସେତିକି କଷ୍ଟ
ସମ୍ପର୍କଟି ସଦା ମଜବୁତ ହୁଏ
ଯେବେ ନ ହୋଇବ ରୁଷ୍ଟ ।
ଆବେଗ ଭାବନା ଗତିପଥ ମାର୍ଗ
ପରିବର୍ତ୍ତନ ସତତ
ନିଃସ୍ୱାର୍ଥ ସମ୍ପର୍କ ଲୋଡ଼େ ନାହିଁ କିଛି
ସଦା ସର୍ବଦା ପବିତ୍ର ।
ବିଶ୍ୱାସ ଭରସା ଦୃଢ଼ ମନୋବଳ
ଧୈର୍ଯ୍ୟ ସହିଷ୍ଣୁତା ସହ
ମଧୁର ସମ୍ପର୍କ ମଧୁରିମା ଲଭେ
ସମ୍ପର୍କର ହୁଏ ଜୟ ।
ସମ୍ପର୍କର ସେତୁ ହୁଏ ମଜବୁତ
ସ୍ୱାର୍ଥର ଛନ୍ଦରୁ ମୁକ୍ତ
ସୁଖ ଦୁଃଖ ସ୍ନେହ ପ୍ରେମରେ ବନ୍ଧା ଏ
ଜୀବନର ସାଥେ ଯୁକ୍ତ ।
ସନ୍ଦେହ ସ୍ୱାର୍ଥ ଓ ଭୁଲ ବୁଝାମଣା
ଭାଙ୍ଗେ ସମ୍ପର୍କର ସେତୁ
ଶତ୍ରୁତା ଘୃଣା ପରଶ୍ରୀକାତରତା
ସମ୍ପର୍କର ବଡ଼ ଶତ୍ରୁ ।

ନନ୍ଦନ ବିହାର, ଭୁବନେଶ୍ୱର

ISSN NO.
2582-208X

# ସୁନ୍ଦରତା ଜୀବନର....!!!



ଝିଲିମିଲି ସାହୁ

ପରିବର୍ତ୍ତନ ସଂସାରର ବାସ୍ତବତା
ଯେପରି ପଥର ସହ ପିଟି ହୋଇ
ନଦୀ ପାଇଯାଏ ନୂଆ ଆକାର
ଆଉ, ଆଘାତ ରୁ ଅନୁଭୂତି ସାଉଁଟି
ଭଙ୍ଗା ମନ ବୁଣେ ସୁନେଲି ସ୍ୱପ୍ନର କିରଣ ।

ବିକାଶ ଲକ୍ଷ୍ୟ ନୁହେଁ, ଏକ ଯାତ୍ରା
ଠିକ୍ ନୂଆ ଚାଲି ଶିଖୁଥିବା ଶିଶୁ ପରି
ପ୍ରତ୍ୟେକ ପରାଜୟେ
ଅନ୍ତରେ ଉଠେ କୋହ
ଯେପରି କୁହୁଳା ପାଉଁଶ ତଳେ
ଲୁଚିଥାଏ ବିସ୍ଫୋରଣର ଭୟ ।

ସେଥିପାଇଁ ତ......!!!
ବେଳେବେଳେ ବଦଳିବାକୁ ହୁଏ
କାହିଁକି ନା..! ସ୍ଥାଣୁ ହେବା ମୃତ୍ୟୁ ସମାନ
କଷ୍ଟ, ସଂଘର୍ଷ ସହି ଚାଲିବାର ମାଦକତା
ଜୀବନର ନିଛକ ସୁନ୍ଦରତା।

ସହ. ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ ନାଟକରେ ଜଗନ୍ନାଥ ଚେତନା



ଡ. ନୀଳମାଧବ ଛନ୍ଦ

ନୀଳାଦ୍ରି ଭୂଷଣ ହରିଚନ୍ଦନ ପ୍ରଥମତଃ ଜଣେ କବି ଭାବରେ ନିଜକୁ ପରିଚିତ କରିଥିଲେ । ଉତ୍ତର ସତୁରୀ ଓଡିଆ ସାହିତ୍ୟର କବିତା ବିଭାଗରେ ନିଜକୁ ସ୍ଥାନିତ କରି ଗୋଟିଏ ସମ୍ବେଦନଶୀଳ ହୃଦୟର ବାର୍ତ୍ତାବହ ହୋଇ ହୃଦୟକୁ ଛୁଇଁ ପାରିଛନ୍ତି। ୧୯୭୨ ମସିହାରେ ‘ପାହାଚ’ କବିତା ସଙ୍କଳନ ତାଙ୍କର ପ୍ରଥମ କୃତିତ୍ୱପୂର୍ଣ୍ଣ ସଙ୍କଳନ ପ୍ରକାଶିତ ହୋଇଥିଲା। ଏହି ପାହାଚ ସଂକଳନ ହିଁ ତାଙ୍କୁ ପାହାଚ ପରେ ପାହାଚ ଅତିକ୍ରାନ୍ତ କରାଇ କ୍ରମଶଃ ଓଡିଆ ସାହିତ୍ୟ ଜଗତରେ ଆଜି ଭିନ୍ନ ଭିନ୍ନ ଶୈଳୀରେ ଅନେକ ପାହାଚ ଅତିକ୍ରମ କରାଇପାରିଛି ଯାହା ଆମକୁ ସ୍ୱୀକାର କରିବାକୁ ହେବ।

ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ ନିଜକୁ ସାମିଲ କରି ସ୍ୱାଧୀନତା ପ୍ରାପ୍ତିର ୩୦ ବର୍ଷ ପରେ ଡଃ. ହରିଚନ୍ଦନଙ୍କ ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ଅର୍ଥାତ୍ ୧୯୮୧ ବେଳକୁ। ନାଟକ ଲେଖିବା ପୂର୍ବରୁ ‘ଝଙ୍କାର’, ‘ଆସନ୍ତାକାଲି’ ପରି ପ୍ରତିଷ୍ଠିତ ପତ୍ରିକାରେ ପରିଚିତ ହୋଇ ସାରି ଧିରେ ଧିରେ ବିଭିନ୍ନ ନାଟ୍ୟକାରଙ୍କ ନାଟକ ସବୁ ଦେଖିବା ଆରମ୍ଭ କଲେ। ବିଶ୍ୱଭାରତୀରେ ଥିବା ସମୟରେ ଅନେକ ବଙ୍ଗଳା ନାଟ୍ୟକାରଙ୍କ ନାଟକ ପଢିବା ଓ ନାଟକ ବିଷୟରେ ସମୀକ୍ଷା ଲେଖିବା ଭିତରେ ନାଟକ ଲେଖିବାକୁ ମନ ବଳାଇଲେ । ପେଶାରେ ଜଣେ ଅଧ୍ୟାପକ ଥିଲେ ମଧ୍ୟ ନିଶାରେ ଜଣେ ସାହିତ୍ୟ ସାଧକ । ଓଡିଆ ସାହିତ୍ୟ ପ୍ରତି ତାଙ୍କର ଗଭୀର ଆସକ୍ତ ରହିଅଛି । ଓଡିଆ ଭାଷା ଓ ସାହିତ୍ୟକୁ ମନ ପ୍ରାଣ ଦେଇ

ISSN NO.
2582-208X

ଭଲପାଉଥିବା ମଣିଷ ଭାବରେ ଓଡିଶାର ସଂସ୍କୃତି, ପରମ୍ପରା ତାଙ୍କ ନାଟକାଦିରେ ମଧ୍ୟ ସ୍ଥାନିତ କରିଛନ୍ତି । ସମାଜରେ ଦେଖା ଯାଉଥିବା ରୀତିନୀତିକୁ ଅତି ମନୋରମ ଢଙ୍ଗରେ ସଜେଇ ଧରିଛନ୍ତି ତାଙ୍କ ନାଟକମାନଙ୍କରେ । ସାହିତ୍ୟର ବଳିଷ୍ଠ ବିଭାଗ ନାଟକ ଯାହାକି ଦୃଶ୍ୟକାବ୍ୟ ଅଟେ ତେଣୁ ଏହାରି ମାଧ୍ୟମରେ ଓଡିଆ ଜନଜୀବନକୁ, ଚାଲିଚଳଣିକୁ ବିଶ୍ୱାସବୋଧକୁ ଦୃଢ ସମର୍ଥନଦେଇ ସର୍ବ ସମ୍ମୁଖରେ ଆଣିଛନ୍ତି ଆମ ଭାଷା ସାହିତ୍ୟ ଓ ସଂସ୍କୃତିକୁ । ତାଙ୍କର ଉକ୍ତ ପ୍ରୟାସ ସଫଳ ଭାବରେ ପ୍ରତିଫଳିତ ହୋଇଛି ତାଙ୍କର ପ୍ରତିଟି ସାହିତ୍ୟ କୃତି ମାନଙ୍କରେ ।

ଆମେ ସମସ୍ତେ ଭଲ ଭାବରେ ଜାଣୁ ଯେ ଜଗତରେ ଯଦି କେଉଁଠି ବିଧି ବ୍ୟବସ୍ଥା, ସମ୍ମାନ, ସଂସ୍କାର ଖୋଜିବା ତେବେ ଭାରତବର୍ଷ ହିଁ ଆମକୁ ଏସବୁର ସୁନ୍ଦର ପରିଚୟ ଦେଇପାରିବ ଯାହା ପାଇଁ ଭାରତୀୟ ଭାବରେ ଲୋକେ ଗର୍ବିତ ଅନୁଭବ କରିଥାନ୍ତି । ଭାରତବର୍ଷରେ ଯଦି କଉଠି ବିଶ୍ୱାସ ବୋଧ, ନିର୍ମଳ ବ୍ୟକ୍ତିତ୍ୱ, ନିଃସ୍ୱାର୍ଥ ପରତା ଖୋଜିବା ତେବେ ଓଡିଶା ହିଁ ପ୍ରଥମେ ସମସ୍ତଙ୍କ ନଜରକୁ ଆସିବ । ଯଦି ଓଡିଶା ନିଜର ସ୍ୱତନ୍ତ୍ରତାକୁ ନେଇ ପରିଚୟ ଦେଇପାରେ ଗର୍ବ କରିପାରେ ତେବେ ଓଡିଶାର ସଂସ୍କୃତି ପରମ୍ପରା ହିଁ ତାର ସୁନ୍ଦର ଉଦାହରଣ ସ୍ୱରୁପ ଛିଡାହୁଏ । ଏଠାରେ ପ୍ରଶ୍ନ ଆସେ ଓଡିଶାର ସୁନ୍ଦରତା ତେବେ କଣ ? ଏହାର ଉତ୍ତରରେ ଏତିକି କୁହାଯାଇପାରେ ଓଡିଶାର ସଭ୍ୟତା ସଂସ୍କୃତି । ସଂସ୍କୃତି ତାକୁ କହିବା ଯାହାକି ଏକ ନିର୍ଦ୍ଧିଷ୍ଟ ଅଞ୍ଚଳ ବା ପରିସର ମଧ୍ୟରେ ଥିବା ଚାଲିଚଳଣି ଓ ପରମ୍ପରା। ଆମ ସୁନ୍ଦର ଜୀବନ ଧାରଣ ହେଉଛି ଆମ ଓଡିଆ ସଂସ୍କୃତି ଯାହା ଓଡିଶାର ଜଗନ୍ନାଥ ସଂସ୍କୃତି ଭାବରେ ସମସ୍ତେ ଜାଣନ୍ତି ଏବଂ ଏହା ହିଁ ଆମର ସାମାଜିକ ଜ୍ଞାନୋଦୟ କରିଥାଏ ।

ସାହିତ୍ୟ ଜଗତର ପ୍ରତିଟି ବିଭାଗରେ ନିଜର ପ୍ରତିଭା ପ୍ରଦର୍ଶିତ କରି ସାହିତ୍ୟକୁ ବଳିଷ୍ଠ କରିଥିବା ନାଟ୍ୟକାର ଡ. ହରିଚନ୍ଦନ ନାଟ୍ୟବିଭାଗ ସହିତ ନିଜକୁ ଜଡ଼ିତ କରି ଏସବୁକୁ ସଫଳତା ଶୀର୍ଷରେ ପହଞ୍ଚାଇବା ପାଇଁ ଚେଷ୍ଟା କରିଛନ୍ତି । ନାଟ୍ୟକାରଙ୍କ 'ସତ୍ୟ ସଂଶୟ ସାଲବେଗ'(୧୯୮୧), 'ବତାସ ନିସ୍ତବ୍ଧ ଆଜି'(୧୯୮୩), 'ବନ୍ଦୀଶାଳାରେ ବିଶ୍ୱପତି' (୨୦୧୨), ଆଦି ନାଟକ ତ୍ରୟ ଓଡିଆଙ୍କ ଆରାଧ୍ୟ ପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତିକୁ ବହନକରି ଓଡିଶାକୁ ଗୌରବାନ୍ୱିତ କରିପାରିଛି ।

ISSN NO.
2582-208X



୧୯୮୧ ମସିହାରେ ନାଟ୍ୟକାରଙ୍କ ପ୍ରଥମ ପ୍ରକାଶିତ ନାଟକ 'ସତ୍ୟ ସଂଶୟ ସାଲବେଗ' ଯାହାକି ତାଙ୍କୁ ଜଣେ ନାଟ୍ୟକାର ଭାବରେ ପରିଚିତ ମଧ୍ୟ କରିପାରିଛି । ଏଥିରେ ଭକ୍ତ ଶିରୋମଣି କବି ସାଲବେଗ ଜୀବନ ଚରିତ ହିଁ ବର୍ଣ୍ଣିତ ହୋଇଛି । ଜାତିରେ ଯବନ ହେଲେ ମଧ୍ୟ ସେ ଜଗନ୍ନାଥଙ୍କର ଶ୍ରେଷ୍ଠ ଭକ୍ତ ହେବାର ଗୌରବ ଲାଭ କରିଛନ୍ତି । ଏବଂ ଏହାର ଆକୁଳ ନିବେଦନରେ ନନ୍ଦିଘୋଷ ଶରଧାବାଲିରେ ତାଙ୍କର ଆଗମନ ପର୍ଯ୍ୟନ୍ତ ଅଟକି ରହିଛି। ସାଲବେଗ ଇତିହାସର ସୀମା ଲଙ୍ଘନ କରି ସାମ୍ପ୍ରତିକ ପ୍ରତିନିଧିରେ ରୂପାନ୍ତରିତ ହୋଇଛି । ଯାହା ଭିତରେ ଅନେକ ଦ୍ୱନ୍ଦ । ଏଭଳି ଚରିତ୍ର ମିଥ ବା ପୁରାଣ କଳ୍ପରେ ରୂପାନ୍ତରିତ ହୋଇଛି ଆଉ ଏହି ମିଥ୍ ଆମକୁ ପରମ୍ପରା ସହିତ ଜଡିତ ରଖିଥାଏ । ଯେଉଁଠି ଇତିହାସ ଥକି ଯାଇଛି ସେଠାରେ ଏହି ମିଥ୍ ଆମକୁ ପରମ୍ପରା ସହିତ ଜଡିତ ରଖିଥାଏ । ସେଇଠି ଐତିହାସିକ ଚରିତ୍ରମାନେ ମାନବୀୟ ସହାନୁଭୂତି ଆଧାରରେ ଆହୁରି ଜାଜ୍ୱଲ୍ୟମାନ ହୋଇ ଜନମାନସରେ ପ୍ରତିବିମ୍ବିତ ହୋଇଛନ୍ତି । ଅବଶ୍ୟ ସାଲବେଗ ସମ୍ପର୍କରେ କିମ୍ବଦନ୍ତୀର ଅଭାବ ନାହିଁ । କିମ୍ବଦନ୍ତୀ ସାଧାରଣତଃ ଅଲୌକିକତାକୁ ନିଜର ପ୍ରାଣ ବିନ୍ଦୁ ରୂପେ ଗ୍ରହଣ କରିଥାଏ । ନାଟକରେ ଦେଖେଇ ଦିଆଯାଇଛି ଯେ ମଣିଷ କୃତ ଜାତିରେ କେମିତି ଭଗବାନଙ୍କୁ ମଧ୍ୟ ଭାଗ କରିବାକୁ ବୃଥା ପ୍ରୟାସ କରାଯାଇଛି ପ୍ରକୃତରେ ଭକ୍ତର ଭଗବାନ ଜାତିର ନୁହଁନ୍ତି । ଏଥିରେ ମାନବିକ ମୂଲ୍ୟବୋଧକୁ ବିଚାର କରାଯାଇଛି। ଗୋଟେପଟକୁ କ୍ଷମତାର ମୋହ ଅନ୍ୟପଟରେ ପାର୍ଥିବ ଚିନ୍ତା ଚେତନା ଓ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଏକ ମଣିଷ ସମାଜ ପରିକଳ୍ପନା କରାଯାଇଛି ।

ଯେତେବେଳେ ବ୍ୟାଧିଗ୍ରସ୍ତ ସାଲବେଗ ମାଁ ତୁଳସୀର ସେବା ଯତ୍ନରେ ଆରୋଗ୍ୟ ଲାଭ କରେ ସେହି ହିନ୍ଦୁ ବ୍ରାହ୍ମଣୀ ତା ପାଖରେ ଭକ୍ତିର ଦୀପ ମଧ୍ୟ ଉଦ୍ରେକ କରିଦିଏ । ଏବଂ ସାଲବେଗ ଜଗନ୍ନାଥଙ୍କ ପାଖରେ ନିଜକୁ ସମର୍ପଣ କରି ରଚନା କରି ଚାଲେ କାଳଜୟୀ ଭକ୍ତି କବିତା । ବୈଷ୍ଣବ, ଫକୀର, ତୁଳସୀ, ଲାଲବେଗ, ଓ ସାଲବେଗ ଚରିତ୍ର ସବୁକୁ ଜୀବନ୍ତ ଭାବରେ ଉପସ୍ଥାନ କରାଯାଇଅଛି । ଏମାନଙ୍କ ମାଧ୍ୟମରେ ସମାଜର ଧର୍ମାନ୍ଧତାକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି । ଫକୀର ତାର ଧର୍ମକୁ ନେବା ପାଇଁ ପ୍ରୟାସ କରୁଥିବା ବେଳେ ପିତାର ସ୍ୱାର୍ଥ ମୋହ ଜାଗି ଉଠେ କିନ୍ତୁ ସେସବୁକୁ ପ୍ରତ୍ୟାଖ୍ୟାନ କରି ସାଲବେଗ ଧର୍ମର ସଂକୀର୍ଣ୍ଣତାରୁ ସେ ନିଜକୁ ମୁକ୍ତ ରଖିବାକୁ ଚାହେଁ । ନିଜକୁ ମାନବିକ ଧର୍ମରେ ଦୀକ୍ଷିତ କରିବାକୁ ଆଗେଇ ଆସେ । ମାନବବାଦ ଦୃଷ୍ଟି କୋଣରୁ ବିଚାର କରି ସମ୍ପ୍ରତି

ISSN NO.
2582-208X

ଭାରତ ବର୍ଷର ଜାତିତ୍ୱକୁ ଲୋପ କରିବାକୁ ସାଲବେଗ ଚରିତ୍ର ଭିତର ଦେଇ ନାଟ୍ୟକାର ସମାଜକୁ ମନେପକାଇ ଦେବାକୁ ଚେଷ୍ଟା କରିଛନ୍ତି । ବ୍ୟାଧିଗ୍ରସ୍ତ ସାଲବେଗ, ତୁଳସୀ ଦେବୀ ପରିତ୍ୟକ୍ତ ହେବାପରେ ଜଗନ୍ନାଥ ମନୋବୃତ୍ତିର ଜାତ ଶାକ୍ତ ଚିନ୍ତାଧାରା ତାକୁ ସୁସ୍ଥ କରିଦିଏ । ତା'ର ଭକ୍ତିକୁ ସମାଜପତିମାନେ ସହିନପାରି ଶ୍ରୀ ମନ୍ଦିର ଦ୍ୱାର ବନ୍ଦ କରିଦିଅନ୍ତି କିନ୍ତୁ ପ୍ରଭୁଙ୍କ ଆଶୀର୍ବାଦରେ ତା'ଦ୍ୱାରା ଲିଖିତ କବିତା ସବୁ ହୋଇଉଠେ ବିଖ୍ୟାତ । ପାତ୍ରୋଚିତ ସଂଳାପ ସଂଯୋଜନା ଏ ନାଟକର ଆଉ ଏକ ସଫଳତାର ମାଧ୍ୟମ ପରି ଅନୁଭୂତ ହୋଇଥାଏ । ଯେତେବେଳେ ଧର୍ମ ସମ୍ବନ୍ଧୀୟ ଘଟଣା ଚକ୍ରରେ ନିଜେ ଛନ୍ଦି ହୋଇ ଯାଇଛି । ଏ ଧର୍ମ ସଂକୀର୍ଣ୍ଣତା ମଧ୍ୟରୁ ନିଜକୁ ମୁକୁଳେଇବା ପାଇଁ ଚାହିଁଛି ସେତେବେଳେ ସାଲବେଗ କହେ :- " ×× ×× ×× ଉଭୟ ଧର୍ମର ମହାନୁଭବତକୁ ମୁଁ ପ୍ରାଣ ଭରି ଭଲ ପାଇ ଆସିଛି ଅଥଚ ମୁଁ ହିନ୍ଦୁ ନୁହେଁ କି ମୁସଲମାନ ନୁହେଁ ସବୁ ଧର୍ମ ମୋ ନିକଟରେ ସମ୍ମାନ ।" ଧର୍ମ ଭିତରେ ଥିବା ସଂକୀର୍ଣ୍ଣତା ଓ ଧର୍ମ ପରି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର ହାତରେ ଏକ ଖେଳଣା ପାଲଟି ଯାଇଛି ତାହା ଅତି ସୁନ୍ଦର ଭାବରେ ଚିତ୍ରଣ ହୋଇଛି । ଉକ୍ତ ଘଟଣା, ଚରିତ୍ର ମାଧ୍ୟମରେ ନାଟ୍ୟକାର ଜାତି ଧର୍ମ ନାମରେ ପ୍ରଚଳିତ ପ୍ରଥାକୁ ନେଇ ସମାଜକୁ ସଚେତନ କରିବା ପାଇଁ ପ୍ରୟାସ କରିଛନ୍ତି ।

ଇତିହାସ ପୃଷ୍ଠାର ଏକ ସୁନ୍ଦର ଘଟଣାକୁ ନାଟ୍ୟକାର ତାଙ୍କ ସୃଷ୍ଟିରେ ସ୍ଥାନିତ କରିଛନ୍ତି ଯାହାକି ଜନମାନସରେ ଠିକ୍ ଭାବରେ ପହଞ୍ଚିପାରି ନାହିଁ । "ବତାସ ନିସ୍ତବ୍ଧ ଆଜି" ନାଟକଟି ହେଉଛି ସେହି ଇତିହାସର ଘଟଣା ପ୍ରଭାବରୁ ସାଉଁଟି ଆଣିଥିବା ଚଳନ୍ତି ସମାଜର ଏକ ନିରୋଳା ସତ୍ୟ ଘଟଣା । ସାଧାରଣତଃ ମଣିଷ ନିଜକୁ ସମାଜରେ ଜଣେ ଲବ୍ଧ ପ୍ରତିଷ୍ଠିତ କରିବା ପାଇଁ କୌଣସି କୂଟ ଚକ୍ରାନ୍ତକୁ ପ୍ରଶ୍ରୟ ଦେବାକୁ କୁଣ୍ଠାବୋଧ କରେନାହିଁ । ଜୀବନର ଶେଷ ସମୟରେ ମଧ୍ୟ ନିଜ ପ୍ରଭାବ ବିସ୍ତାର କରିବାକୁ ଚାହେଁ । ଯଦିଓ ଗୋଟିଏ ଦିଗକୁ ବିଚାରକୁ ନେଇ କୁହାଯାଇପାରେ ଯେ ବାଳ ବିର୍ଜ ହୀନ ଅଯୋଗ୍ୟ ମଧ୍ୟ ଯୋଗ୍ୟ ବିବେଚିତ ହୋଇଯାଉଛି କିନ୍ତୁ ଅନ୍ୟ ଦିଗକୁ ଦେଖିଲେ ସ୍ପଷ୍ଟ ହୋଇପଡେ ଯେ ଆତ୍ମବିଶ୍ୱାସକୁ ଦୃଢ ରଖି ଯଦି କେହି କୌଣସି କାମ କରେ ତେବେ ସେ ସଫଳ ହୋଇଥାଏ। ଏ ନାଟକରେ ମଧ୍ୟ ଓଡିଶାର ଆରାଧ୍ୟଙ୍କ ପ୍ରତି ଆସ୍ଥା ଭାଜନ ହିଁ ସେହି ସଫଳତାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ଗ୍ରହଣ କରିଛନ୍ତି ନାଟକକୁ ଏବଂ ଆମେ

ISSN NO.
2582-208X

ଏଠାରେ ସେହି ଦୁଇଟି ଦିଗକୁ ଦୃଷ୍ଟିରେ ରଖି ଜଗନ୍ନାଥ ସଂସ୍କୃତିର ମହାନତା ଓ ମଣିଷକୁ କିଭଳି ଭାବରେ ଅସାଧ୍ୟକୁ ସାଧ୍ୟ କରିବାର ଆତ୍ମଶକ୍ତି ପ୍ରାପ୍ତି ହୁଏ ଜାଣିବାକୁ ପାଇପାରିବା।

କ୍ଷମତାର ଲୋଭରେ ପଥଭ୍ରଷ୍ଟ ଗଜପତି କପିଳେନ୍ଦ୍ରଦେବ ବୟସର ଅପରାହ୍ନରେ ମଧ୍ୟ ନିଜ ଭିତରେ ଥିବା ଅହଙ୍କାରକୁ ଆୟତ୍ତ କରି ପାରୁ ନାହାଁନ୍ତି । ପରାକ୍ରମୀ ପୁତ୍ର ହମ୍ବିର ଦେବ ପ୍ରଜାପାଟକଙ୍କ ଆଗରେ ଜଣେ ମହାନ୍ ଯୋଦ୍ଧା ଭାବରେ ପରିଚିତ ହୋଇପଡେ କେବଳ ସେତିକି ନୁହେଁ ତା ଭିତରେ ଥିବା ପ୍ରଜାବତ୍ସଲ ତାକୁ ପ୍ରଶଂସିତ କରାଏ । ପ୍ରଜାମାନେ ଭବିଷ୍ୟତର ସମ୍ରାଟ୍ ଭାବରେ ମଧ୍ୟ ମନେ ମନେ ଗ୍ରହଣ କରିନିଅନ୍ତି । ରାଜାଙ୍କୁ ଏ ଅନ୍ତର୍ଦ୍ୱନ୍ଦ୍ୱ ବିଚଳିତ କରିପକାଏ ନିଜକୁ ନିଜେ ପ୍ରଶ୍ନ କରନ୍ତି ଯଦି ହମ୍ବିର ମୋ ପାଇଁ ନିଜ କୀର୍ତ୍ତିକୁ ଉତ୍ସର୍ଗ କରିବା ପରିବର୍ତ୍ତେ ନିଜେ ତାର ଶ୍ରେୟ ନେବାପାଇଁ ବିଦ୍ରୋହ କରିବସେ ତେବେ କଣ ହେବ ପରିସ୍ଥିତି ? ହମ୍ବିରଦେବ ଥିଲେ ରାଣୀ ପୁତ୍ର ତେଣୁ ଜନ୍ମ ସୂତ୍ରରେ ରାଜସିଂହାସନ ପ୍ରତି ତାଙ୍କର ଅହେତୁକ ଅଧିକାର ଏବଂ ଦାସୀ ପୂର୍ଣ୍ଣିମା ଓ କପିଳେନ୍ଦ୍ରଦେବଙ୍କ ଔରସରୁ ଜନ୍ମ ନେଇଥିଲେ ପୁରୁଷୋତ୍ତମ ଦେବ ତେବେ ଦାସୀ ବୁଝି ସାରିଛି ତା'ର ପୁତ୍ରର ସିଂହାସନକୁ ନେଇ କୌଣସି ଭବିଷ୍ୟତ ନାହିଁ ସେତେବେଳେ ରାଜାଙ୍କ ଅନ୍ତର୍ଦ୍ୱନ୍ଦ୍ୱର କାରଣ ହୋଇପଡେ । କପିଳେନ୍ଦ୍ରଦେବଙ୍କ ଠାରେ ଘଟି ସାରିଛି ଯେ ଜନ୍ମ ସୂତ୍ରରୁ କେହି ରାଜା ହୁଏ ନାହିଁ । ସେହି ଅନୁସାରେ ପୁରୁଷୋତ୍ତମ ଦେବକୁ ରାଜା ଘୋଷିତ କଲେ ଅସୁବିଧା କିଛି ନାହିଁ ବରଂ ସବୁ ଦିନ ପାଇଁ ସେ ପିତୃ ଅନୁଗାମୀ ରହି ତାଙ୍କ ନିର୍ଦ୍ଦେଶାନୁସାରେ ଆଗକୁ ଯିବ ଓ ପରିଣତି ବୟସରେ ମଧ୍ୟ ରାଜ୍ୟକୁ ନିଜ ଇଚ୍ଛା ଅନୁସାରେ ପରିଚାଳିତ କରିପାରିବେ ।

ସରଳ ନିରୀହ ପ୍ରାଣଙ୍କ ଚିନ୍ତା ଚେତନାକୁ ଆୟତ୍ତ କରିବାକୁ ହେଲେ ତାଙ୍କ ଦୁର୍ବଳତାକୁ ଅସ୍ତ୍ର ଭାବରେ ଗ୍ରହଣ କରିବାକୁ ହୁଏ । ଯେହେତୁ ଓଡିଶାର ଆରାଧ୍ୟ ପ୍ରଭୁ ଜଗନ୍ନାଥ ସେଥିପାଇଁ ସାମ୍ପ୍ରତିକ ସମୟର ଭକ୍ତି ବିଶ୍ୱାସକୁ ନେଇ ପ୍ରଜାଙ୍କୁ ପ୍ରତାରଣା କରାଯାଇଅଛି। ସେହି ଇତିହାସ ପୃଷ୍ଠାରୁ କପିଳେନ୍ଦ୍ରଦେବ, ହମ୍ବିରଦେବ, ପୁରୁଷୋତ୍ତମ ଦେବ ଓ ପୂର୍ଣ୍ଣିମା ପରି ଗତିଶୀଳ ଚରିତ୍ର ସବୁକୁ ଉପସ୍ଥାପନ କରାଯାଇଛି । ନାଟ୍ୟକାର ସେମାନଙ୍କ ମୁଖରେ ସଂଯୋଜିତ ସଂଳାପ ଗୁଡିକରେ ସେମାନେ ହୋଇଉଠୁଛନ୍ତି ଜୀବନ୍ତ । ମନେହୁଏ ଚରିତ୍ର ସବୁ ଆଖିଆଗରେ ଆତଯାତ ହେଉଛନ୍ତି । ରାଜାଙ୍କୁ ପ୍ରଲୋଭିତ କରି ଦାସୀ ପୂର୍ଣ୍ଣିମା

ISSN NO.
2582-208X

କହେ:- "ବଡପଣ୍ଡାମାନଙ୍କ ମାଧ୍ୟମରେ ପ୍ରଚାର କରିବାକୁ ହେବ ଯେ ଆପଣଙ୍କୁ ଜଗନ୍ନାଥ ସ୍ୱପ୍ନରେ କହିଛନ୍ତି - ପୁରୁଷୋତ୍ତମ ଦେବ ହେଉଛନ୍ତି ଓଡିଶା ସିଂହାସନର ସୁଯୋଗ୍ୟ ଉତ୍ତରାଧିକାରୀ ତାଙ୍କର ଯଥାଶୀଘ୍ର ସିଂହାସନ ଆରୋହଣ ପ୍ରଭୁଙ୍କ ଇଚ୍ଛା । ଏତିକି ମାତ୍ର କାମ ଆପଣଙ୍କୁ କରିବାକୁ ହେବ । କେଉଁଠାରେ ଅସନ୍ତୋଷର ସାମାନ୍ୟ ଗୁଞ୍ଜରଣ ବି ହେବ ନାହିଁ ।" ପରିଶେଷରେ ତାହାହିଁ ହେଲା । ଏହି ଦୃଷ୍ଟିରୁ ଯଦି ବିଚାର କରାଯାଏ ତେବେ ଏଠାରେ ଆମ ସଂସ୍କୃତି, ପରମ୍ପରା, ବିଶ୍ୱାସକୁ ହତ୍ୟା କରାଯାଇଛି କେତେଗୁଡିଏ ସ୍ୱାର୍ଥନ୍ୱେସି ଚରିତ୍ରଙ୍କ ମାଧ୍ୟମରେ । ଆମ ଓଡିଆ ଜାତିର ଗର୍ବକୁ କ୍ଷୁର୍ଣ୍ଣ କରିଦିଆଯାଇଛି ।

ଯଦି କେହି ସଂସ୍କୃତି ପରମ୍ପରାକୁ ନେଇ ଗର୍ବ ଅନୁଭବ କରେ ତେବେ କେମିତି ତାର ମୁଣ୍ଡ ଅନ୍ୟଠାରେ ନଇଯିବ । ଯେଉଁ ବିଶ୍ୱାସବୋଧ ପାଇଁ ସମାଜ ସୁସ୍ଥ ଜୀବନ ଧାରଣର ଆଶା ରଖେ ତାହା ଏଭଳି ଭାବରେ ଚୁରମାର ହୋଇପଡିବ ନାହିଁ । ଅନ୍ୟ ଦୃଷ୍ଟିରେ ଓଡ଼ିଆଙ୍କ ଭରସା ପୂର୍ବ ଭଳି ବଳବତ୍ତର ରହିଛି । ୧୮୮୩ ମସିହାରେ ରଚିତ ଏ ନାଟକଟି ଜଗନ୍ନାଥଙ୍କ ପ୍ରତି ବିଶ୍ୱାସ ରଖିଥିବା ମଣିଷଙ୍କ ସାମାଜିକ ସଫଳତା ବିଚାରରେ ସୃଷ୍ଟି କରାଯାଇଛି । ଷଡଯନ୍ତ୍ର କରି ଗାଦିରେ ବସିଥିଲେ ମଧ୍ୟ ଏସମସ୍ତ ଚକ୍ରାନ୍ତଠାରୁ ଅଞ୍ଚ ରହିଥିବା ପୁରୁଷୋତ୍ତମ ଦେବ ପରବର୍ତ୍ତୀ ସମୟରେ କେମିତି ପ୍ରଜାବତ୍ସଲ୍ୟ ହୋଇପାରିଛି ? କେମିତି ସଫଳ ଗଜପତି ଭାବରେ ଇତିହାସର ପୃଷ୍ଠା ମଣ୍ଡନ କରି ପାରିଛି ? ଜବାବରେ ଏତିକି କୁହାଯାଇପାରେ ଯେ ଭଗବାନଙ୍କ ଆଶୀର୍ବାଦ ହିଁ ଏକମାତ୍ର କାରଣ ପରି ମନେହୁଏ। ନିଜ ଯୋଗ୍ୟତାକୁ ବୁଝି ସାରିଥିଲେ ମଧ୍ୟ ପ୍ରଭୁଙ୍କ ଇଚ୍ଛା ଭାବି ନିଜ ଭିତରେ ଆତ୍ମବିଶ୍ୱାସ ସଞ୍ଚୟକରି ଯେଉଁ ଅହେତୁକ ଶକ୍ତି ମନ ଭିତରେ ଧାରଣ କରିଛି ତାହା ହିଁ ଓଡିଆ ସଂସ୍କୃତିର ସଫଳତା ଏବଂ ରାଜ୍ୟରେ ପ୍ରଜା ପାଟକଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ମଧ୍ୟ ଏଥି ସକାଶେ ସମ୍ଭବ ହୋଇପାରିଛି । ଯେତେବେଳେ ପରାକ୍ରମୀ ହମ୍ବିରର ଶାବେଲି ମୁଥକୁ ଜଗନ୍ନାଥଙ୍କୁ ସ୍ମରଣ କରି ପୁରୁଷୋତ୍ତମ ଦେବ ସହିଯାଏ ଗଜପତି କପିଳେନ୍ଦ୍ରଦେବ ପୁତ୍ରର ପରାକ୍ରମକୁ, ଯୋଗ୍ୟତାକୁ ମନେପକାଇ ନିଜ ଭୁଲ ବୁଝିପାରି ନିଜ ପ୍ରଚଣ୍ଡ ଅହମିକା ପାଇଁ ବିଷାଦିତ ହୋଇଥାନ୍ତି ଓ ଅନୁତାପର ନିଆଁରେ ଭଗବାନଙ୍କ ଶରଣାପନ୍ନ ହୁଅନ୍ତି ।

ସମ୍ପ୍ରତି ମଣିଷ ଭିତରେ ଅନେକ ପ୍ରଗତି ମୂଳକ ଚିନ୍ତାଧାରା ପ୍ରକାଶ ପାଉଛି ମଣିଷ ତାର ବୁଦ୍ଧି ବଳରେ ଶିକ୍ଷା ବଳରେ ଜଗତକୁ ଜିଣିବାକୁ ବସିଲାଣି ତଥାପି ସମାଜର ଧର୍ମୀୟ

ISSN NO.
2582-208X

ଭାବନାକୁ କେହି ଅଣଦେଖା କରିପାରିବ ନାହିଁ । ଶିକ୍ଷିତ ସମାଜରେ ପ୍ରଭୁ ଭକ୍ତି ଯେତିକି ରହିଛି ତତସହିତ ରହିଛି ଜାତି ଭେଦଭାବ । ଆମ ମହାନ୍ ଆଦର୍ଶ ପରମ୍ପରା ହିଁ ଆମର ଗର୍ବ ଓ ପରିଚୟ କିନ୍ତୁ ସଂକୀର୍ଣ୍ଣ ମନୋଭାବ ନେଇ ଏସବୁ ଅଣଦେଖା କରିବା ଆଦୌ ଉଚିତ୍ ନୁହେଁ । ଏହି ବର୍ତ୍ତାରେ ସଚେତନ କରିବା ପାଇଁ ନାଟ୍ୟକାର ନୀଳାଦ୍ରି ଭୂଷଣ ୨୦୧୨ ମସିହାରେ ଲେଖିଛନ୍ତି ନାଟକ "ବନ୍ଦିଶାଳାରେ ବିଶ୍ୱପତି" ।

ବର୍ତ୍ତମାନ ସମାଜରେ ଜାତିଆଣ ଆକ୍ଷେପ ବଡ ସମସ୍ୟା ହୋଇ ଠିଆ ହୋଇଛି । ଯେଉଁଠି ଓଡିଶା ଦେଶ ବିଦେଶରେ ଜଗତର ନାଥ ଜଗନ୍ନାଥଙ୍କ ପବିତ୍ର କ୍ଷେତ୍ରର ସନ୍ତାନ ଭାବରେ ପରିଚୟ ଦିଏ ସେହି ଓଡିଶାର ଆରାଧ୍ୟ ସାମ୍ପ୍ରଦାୟିକ ଚିନ୍ତାଧାରା ଭିତରେ ଛନ୍ଦି ହୋଇ ଯାଇଛନ୍ତି । ହୀନ ସଂକୀର୍ଣ୍ଣ ଆକ୍ଷେପ ସ୍ୱାର୍ଥାନ୍ୱେସି କେତେକ ମଣିଷ ପାଇଁ ଭଗବାନ ମଧ୍ୟ ଭାଗ ଭାଗ ହୋଇ ଯାଉଛନ୍ତି । ଏହି ଚିନ୍ତାଧାରାରୁ ମୁକ୍ତ କରିବାକୁ ପ୍ରୟାସ କରିଛନ୍ତି ଓ ଭକ୍ତର ଭଗବାନ ଏକଥା ସୂଚିତ କରିବାକୁ ଚେଷ୍ଟା କରିଛନ୍ତି । ଜଗନ୍ନାଥଙ୍କ ସଂସ୍କୃତି ଉପରେ ଅଜ୍ଞ ଅହଙ୍କାରୀମାନଙ୍କୁ ଏ ସମ୍ପର୍କରେ ଉଚିତ୍ ଜ୍ଞାନ ଦେବାକୁ ଚେଷ୍ଟା କରିଛନ୍ତି । ହୀନ ଚିନ୍ତାଧାରାରେ ହୀନସ୍ତା ହେବା ଅପେକ୍ଷା ବାସ୍ତବତାକୁ ଗ୍ରହଣ କରିନେବା ଉଚିତ ।

ଜନଶୃତି ଅନୁସାରେ ଶବର ଗୃହକୁ ଜଗନ୍ନାଥଙ୍କୁ ଆଣି ପୂଜା କରାଯାଉଛି ଆଉ ସେତେବେଳେ ରାଜାଙ୍କ ନିର୍ଦ୍ଦେଶ ଅନୁସାରେ ଆର୍ଯ୍ୟ ଅନାର୍ଯ୍ୟ ଦୁଇଗୋଷ୍ଠୀ ପୂଜକ ନିଯୁକ୍ତି ଥିଲେ ଓ ମନ୍ଦିର ନିତିକାନ୍ତି କରୁଥିଲେ । ଇତିହାସ ମଧ୍ୟ ସ୍ୱୀକାର କରେ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରତ୍ୟେକ ଧର୍ମର, ଜାତିର ଲୋକମାନେ ମନ୍ଦିର ପ୍ରବେଶ କରିପାରୁଥିଲେ କାଳକ୍ରମେ ତୁଳସୀ ପଡ଼ିଆ ଗୋଷ୍ଠୀ ନିଜ ଅକ୍ତିଆରକୁ ନେଇ ହୀନ ରାଜନୀତି କରି ଆସୁଛନ୍ତି । ହାତ ଗଣତି ଲୋକ, ଦାସ ଭୋଇ ଓ ବିପ୍ଳବ ପରିକା ଚରିତ୍ର ପ୍ରତିବାଦ କରୁଛନ୍ତି । ଏ ମାନସିକତାରୁ ନିବୃତ ରହିବା ପାଇଁ ତାଙ୍କ ଗୋଷ୍ଠୀର ଶିକ୍ଷିତ ଯୁବକ ଯିଏକି ଅଧ୍ୟାପନା କରେ ସେ ମଧ୍ୟ ଚେଷ୍ଟା କରେ କିନ୍ତୁ ସମସ୍ତ ପ୍ରୟାସ ବିଫଳ ହୋଇଯାଏ । ଦେଶ ବିଦେଶରୁ ପ୍ରଭୁ ଦର୍ଶନ ପାଇଁ ଲୋକଙ୍କ ସୁଅ ଛୁଟେ ହେଲେ ପଇସା ଦେଇ ଦର୍ଶନ କରିବାକୁ ହୁଏ । ସ୍ଥାନୀୟ ଶିଖରା ପାଣର ଝିଅ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ନୀରା ଦାସ ଓ ବିଦେଶୀ ବିଦ୍ୱାନ କୃଷ୍ଣ ଭକ୍ତଙ୍କୁ ଜାତୀୟତା ଭେଦଭାବ ପାଇଁ ଦର୍ଶନରୁ ବଞ୍ଚିତ ହେବାକୁ ହୁଏ ।

ISSN NO.
2582-208X

ନାଟ୍ୟକାରଙ୍କ ଚରିତ୍ର ଚିତ୍ରଣ ଅତ୍ୟନ୍ତ ଚମତ୍କାର ମାନେ ହୁଏ କାରଣ ସବୁତକ ଏ ମାଟିର ବାସ୍ତବ ଚରିତ୍ର ଅଟନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠକୁ ଆସି ନୀରା ଦାସ ଜାତିପ୍ରଥାକୁ ନେଇ ଆଲୋଚନା କରନ୍ତି ସଂସ୍କାର ମୂଳକ ପ୍ରସ୍ତାବ ମଧ୍ୟ ରଖନ୍ତି ହେଲେ ସବୁକିଛି ପାଣି ଫୋଟକା ପରି ମିଳେଇଯାଏ। ସରକାରଙ୍କ ଭୋଟ ରାଜନୀତି ପାଇଁ ଏ ସାମାଜିକ ପ୍ରଥାରୁ ବିଶ୍ୱପତିଙ୍କୁ ମୁକୁଳାଯାଇ ପାରୁନି । ସେମାନେ ଚାହାନ୍ତି ଲୋକେ ସେମିତି ରହନ୍ତୁ କାରଣ ତାଙ୍କର ପତିଆରା ଚାଲିପାରିବ ସବୁ ଦିନ ପାଇଁ । ବାସ୍ତବିକ ଧର୍ମୀୟ ଭାବନାକୁ ନେଇ ଜଗନ୍ନାଥଙ୍କ ନାମରେ କେମିତି ରାଜନୀତି ବ୍ୟବସାୟ, ଜାତିଗତ ବିଭେଦ, ପରି ସାମାଜିକ ସମସ୍ୟାମାନ ସୃଷ୍ଟି କରିଥାନ୍ତି ତାହା ନାଟ୍ୟକାର ଦେଖେଇ ଦେଇ କହିବାକୁ ଚାହାନ୍ତି ଯେ ଭଗବାନ ଆର୍ଯ୍ୟ ଅନାର୍ଯ୍ୟ ସଭିଙ୍କର ତାଙ୍କ ପାଖରେ କୌଣସି ଭେଦଭାବର ସ୍ଥାନ ନାହିଁ ।

ନାଟ୍ୟକାର ହରିଚନ୍ଦନ ତାଙ୍କ ନାଟକ ମାନଙ୍କରେ ଯେଉଁ ଘଟଣା ଚରିତ୍ର ସବୁକୁ ସ୍ଥାନିତ କରନ୍ତି ସେସବୁକୁ ନିଜସ୍ୱ ଅନୁଭୂତିରୁ ହିଁ ସାଉଁଟି ଉପସ୍ଥାପନ କରନ୍ତି । ଓଡ଼ିଶାର ପାଣି ପବନରୁ ତାଙ୍କୁ ଖୋରାକ୍ ମିଳିଥାଏ ସମାଜକୁ କିଛି ନୂଆଁ ଭେଟି ଦେବାକୁ ଯେଉଁ ମୌଳିକତା ତାଙ୍କ ଉକ୍ତ ନାଟକ ମାନଙ୍କରେ ଦୃଷ୍ଟିଗୋଚର ହୋଇଥାଏ ତାହା ହିଁ ଜନମାନସରେ ଭେଟି ଦେଇ ତାହାରି ମାଧ୍ୟମରେ ପ୍ରତ୍ୟକଙ୍କ ମଧ୍ୟରେ ଓଡିଶାର ସଂସ୍କୃତି ଓ ଜଗନ୍ନାଥ ଚେତନାକୁ ଜାଗ୍ରତ କରିବାର ପ୍ରୟାସ ସଫଳ ପରି ପ୍ରତୀତ ହୁଏ । ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଆସ୍ଥା ପ୍ରକଟ କରୁଥିବା ମଣିଷ ଜୀବନରେ ଉପରକୁ ଉଠିବା ପାଇଁ ବେଶ୍ ସହଜ ମାନେ କରେ । ଯଦି ଓଡିଶାର ପ୍ରତିଟି ମଣିଷ ପାଖରେ ଏ ଚେତନା ଜାଗ୍ରତ ହୁଏ ତେବେ ଏ ଜାତି ଅନ୍ୟ ରାଷ୍ଟ୍ର ଆଗରେ କେବେହେଲେ ମୁଣ୍ଡ ନୁଆଇଁ ପାରିବ ନାହିଁ। ତେଣୁ ଏହି ମହାନ୍ ଚିନ୍ତାଧାରାକୁ ପ୍ରତ୍ୟକଙ୍କ ପାଖରେ ପହଞ୍ଚାଇ ସମୃଦ୍ଧ ଓଡ଼ିଶା ପାଇଁ ଆଶାବାଦୀ ହୋଇ ଉଠିଛନ୍ତି।

ସହାୟକ ଗ୍ରନ୍ଥସୂଚୀ:-

୧- ହରିଚନ୍ଦନ, ନୀଳାଦ୍ରି ଭୂଷଣ : 'ସତ୍ୟ ସଂଶୟ ସାଲବେଗ', ଫ୍ରେଣ୍ଡସ ପବ୍ଲିଶର୍ସ, କଟକ,୧୯୮୧ ।

ISSN NO.
2582-208X

୨- ହରିଚନ୍ଦନ, ନୀଳାଦ୍ରି ଭୂଷଣ : 'ନିରାପଦ ଭବିଷ୍ୟତ', କଟକ ଷ୍ଟୁଡେଣ୍ଟସ ଷ୍ଟୋର୍, କଟକ, ୨୯୮୩ ।

୩- ହରିଚନ୍ଦନ, ନୀଳାଦ୍ରି ଭୂଷଣ : 'ବନ୍ଦୀଶାଳାରେ ବିଶ୍ୱପତି', କଟକ ଷ୍ଟୁଡେଣ୍ଟସ ଷ୍ଟୋର୍,କଟକ, ୨୦୧୨ ।

୪- ବରାଳ, ଡ. ଆଲୋକ ସ୍ୱାଇଁ, ଡ. ପ୍ରଦୋଷ କୁମାର: "ନୀଳାଦ୍ରିଭୂଷଣ ନାଟ୍ୟ ଜିଜ୍ଞାସା', ଅଗ୍ରଦୂତ, ବାଙ୍କା ବଜାର, କଟକ, ୨୦୧୮ ।

୫- ମୁଦାଲି, ପ୍ରଫେସର ସମର, ଦାସ,ମାନସ କୁମାର, :'ଅନ୍ତରଙ୍ଗ ଆଳାପ',ମଧୁସ୍ମିତା ମହାପାତ୍ର,୫୯, ଶୈଳ ନିବାସ, ଶକ୍ତି ନଗର, ରାଉରକେଲା, ୨୦୦୮

ସିଦ୍ଧାର୍ଥ ମହାବିଦ୍ୟାଳୟ
ବିନ୍ଧକା

ISSN NO.
2582-208X

# ପରିଚୟ

ପ୍ରତାପ ଚନ୍ଦ୍ର ସାମଲ

ପାହାନ୍ତିଆ ଆଖିପତା ଖୋଲିଲାବେଳକୁ
କଅଁଳା ବାଛୁରୀଟେ ପରି
ଝରକା ଡେଇଁ ପଶି ଆସୁଥିଲା
ସୋରିଷ ଫୁଲିଆ ଖରା ।
ଅଗଣାରେ ଉଦଣ୍ଡ ନାଚ କରୁଥିଲା
ମନ୍ଦ ମନ୍ଦ ଶୀତଳ ପବନ,
ଆହା କି ମଧୁର !

ହେଲେ ଏବେ କାହିଁ ଲାଗୁନାହିଁ ନିଜର ନିଜର
କେମିତି କେଉଁଠି ମାଡ଼ି ମାଡ଼ି ପଡୁଛି
ନିରୁତା ଡର ଆଉ ଡର।

ଚାରି କାନ୍ଧ ଆଉ ଛ' ଖଣ୍ଡ ବାଉଁଶ ପ୍ରାପ୍ତିର
ନିଶ୍ଚିତ ଭରସା ରଖି
ବଞ୍ଚି ରହିଥିବା ଲୋକଟି
କାହିଁକି ଯେ ଖୁଣ୍ଟ ପୋତି ଥାଆନ୍ତା
ସମାଧି ବାଡ଼ିରେ, ଧାନ ଖଳାରେ, ପାକିଲି ପଡ଼ିଆରେ,
ଠେଙ୍ଗା ଧରିଥାନ୍ତା ଦି' ଥାକିଆ ଖଞ୍ଜା ଘର ଫାଳ ଫାଳ କରିବାକୁ।
ତୋଟା, ଗାଡ଼ିଆ, ଘୁମ, ଡୋଲିଠୁ ନେଇ ସିନ୍ଦୁକ, ଅମାର।
ବାଣ୍ଟ କରିବାକୁ ଗୋଷା ଜେଜେ ବାପା ଅମଳର ଢ଼ିଙ୍କି ଚାଳି, ରୋଷ ଶାଳ, ଠାକୁର ଘର।

ISSN NO.
2582-208X

ମହିଳାଙ୍କ ପ୍ରବଳ ସୁନା ପ୍ରେମ ପରି
ପୁରୁଷର ମାଟି ପ୍ରତି ଦୁର୍ବଳତା
ଶିଖେଇଯାଇଛି ଅଭିମାନୀ ମାନଗୋବିନ୍ଦ,
ସେ ମୋହରେ କାହିଁକି କିଏ ବା' ପଡ଼ିବ
ମଶାଣିରେ ଲୋଡ଼ା ମାତ୍ର କେଇ ହାତ ଭୂମି !
ଏଇ ସଚୋଟ ପଣିଆ ଅବଶିଷ୍ଟ ଜୀବନ
ବଞ୍ଚିବା ପାଇଁ ନୁହେଁ କି ଯଥେଷ୍ଟ ?

ଅଲିଅଳି ଝିଅ ହାତ ହଳଦୀ ହେଲା ପରେ କାହାପାଇଁ ଆଉ ସାଇତିବ ଯେ !
ଜମି, ସୁନା, ଟଙ୍କା
ବରଂ ଭଲ ଯାଯାବର ହୋଇ ବୁଲିବାରେ
ସାରା ପୃଥିବୀକୁ ଏକ ଭାବିବାରେ
ସବୁ ଭାଷାର ମାଧୁର୍ଯ୍ୟ ବୁଝିବାରେ
ସମଗ୍ର ମାନବ ଜାତିକୁ ନିଜର କରିବାରେ
ଆଖଣ୍ଡତାର ବୀଜ ବୁଣିବାରେ।।

ଆଶଙ୍କା ତ ନଥିଲା କେବେ
ଏମିତି ସମୟ ଆସିବ, ବାମ ହାତ
ବିଶି ଆଙ୍ଗୁଳିରେ କାଳି ନ ଲାଗିପାରେ
ଆଧାର ନମ୍ବର ମୂଲ୍ୟହୀନ ହୋଇପାରେ
ଅନ୍ୟର ପରିଚୟ ପତ୍ରରେ ସ୍ୱାକ୍ଷର କରୁଥିବା ହାତଟି
ନିଜର ଠିକଣା ଖୋଜି ବାରେ ବ୍ୟସ୍ତ ରହିପାରେ !

ଏତେ ପ୍ରମାଣ ପତ୍ର, ପୁରସ୍କାର, ମାନପତ୍ର
ଏତେ ସ୍ୱପ୍ନ, ଆଶା, ଭରଷା
ଗୋଟିଏ ଏକଛତ୍ରବାଦୀର ଉଚ୍ଚ ଆକାଂକ୍ଷାରେ ହୋଇପାରେ ବିପର୍ଯ୍ୟସ୍ତ।

ISSN NO.
2582-208X

ଏବେ କେଉଁଠୁ ଅଣ୍ଡାଳିବ ଯାଇ ନିଜ ଘରର ଠିକଣା,
କିଏ ପ୍ରମାଣ କରିବ ଯେ ପିଲାଦିନେ ଖେଳୁଥିବା ଦାଣ୍ଡ ତା' ର ବୋଲି।
ସେ ପୋଖରୀ, ନଈ, ଦଣ୍ଡା, ପାଳ
ସବୁଠୁ ତା ପରିଚୟ ଲେଖା ଥିଲା ବୋଲି ?
କିଏ ଦବ ତା ନାଗରିକତାର ମୋହର
କେଉଁ ଛାତି ଚିରି ଦେଖାଇବ ଯେ ସେ ଏ ଦେଶର ସନ୍ତାନ ବୋଲି
ସମ୍ବିଧାନର ସୁରକ୍ଷା ପାଇଁ ଲେଖିଥିବା
ଶହ ଶହ ପୃଷ୍ଠାର କାଗଜ ରଦି ହୋଇଗଲା ପରେ,
ନୀରବିଯିବ କି ଗଣତନ୍ତ୍ର ଲାଗି ଉଠାଇ ଥିବା ସ୍ୱର !

ନିଜ ଘରେ ଅଲୋଡ଼ା ଲୋକଟିର
କି ମାନ, ଅଭିମାନ, ସ୍ୱାଭିମାନ, କି ପରିଚୟ
ସତରେ, ସେ ଆଜି ନିରୁପାୟ, ବଡ଼ ଅସହାୟ !

A/224, ଦୀପଶିଖା କଲୋନୀ, PTS, NTPC, କଣିହାଁ
+91 99372 32395

ISSN NO.
2582-208X

# ବିଜୟା ଦଶମୀ



ତ୍ରିପତି ପ୍ରଧାନ

ବିଜୟା ଦଶମୀ ସରଗୁ ମାଗମି
ପୂଜିତା ମର୍ତ୍ତ୍ୟର ପୁର
ଉତ୍ସବ ମୁଖର ସାରା ଏ ସଂସାର
ଉଲ୍ଲସିତ ନାରୀନର (1)
ପାପକୁ ବିନାଶି ଧର୍ମ ପରାକାଶି
ସତ୍ୟର ବିଜୟୀ ନେତ
ଉଡି ଫର ଫର ଗାଏ ଗୀତି ତୋର
ଜୟ ଜୟ ଆଦି ମାତ (2)
ଦଶ ଦୋଷ ହରି ମହାଦେବେଶ୍ୱରୀ
ପାପ କର ଗୋ ମୋଚନ
ମାଗୁଛି ଶରଣ ଦିଅ ଦଶ ଗୁଣ
କ୍ଷିତୌ ପ୍ରତି ଜନ ଜନ (3)
ଏକ ହିଁ ମୁକାର କରି ଛାରଖାର
ନମ୍ରତା ବୁଦ୍ଧିକୁ ଦେଇ
ସମାନତା ମନ୍ତ୍ରେ ପ୍ରତି ହୃଦ ଗ୍ରନ୍ଥେ
ମାଳକୁ ଦିଅ ପିନ୍ଧାଇ (4)
ଦ୍ୱିତୀୟଟି ଗର୍ବ କରିତାକୁ ଖର୍ବ
କହି ନୁହଁ କେହି ବଡ଼
ଡମ୍ବୁରୁ ଈଶ୍ୱର ବାଜେ ବାର ବାର
ଅଛି ତାଂବଡ଼ ତାଂବଡ଼ (5)
ମାନ ସନମାନ ଅଟଇ ଦୁର୍ଗୁଣ
ନଦେଇ ପାଇବା ଆଶ
କର୍ମ ଗୁଣେ ନର ଲଭଇ ସତ୍ୱର
ମନେ ନ ଥାଏଟି ତ୍ରାସ (6)
କାମ, କ୍ରୋଧ, ଲୋଭ କୁବୁଦ୍ଧି ବିଭବ
ମଦ, ମୋହ, ଆଉ ମାଂସ
ଧ୍ୱଂସ କରି ଏହା ଆଗୋ ମହାମାୟା
ଫୁଟାଅ ମହୀରେ ହସ (7)
ଶାନ୍ତି, ମୈତ୍ରୀ, ପ୍ରୀତି ବୁଣି ସର୍ବ ମତି
କ୍ଷମା, ସାହସ, ଉତ୍ସାହ
ଧୈର୍ଯ୍ୟ, ଦୟାଗୁଣ ଆଳସ୍ୟ ତେଜିଣ
ନବ ଗୁଣ ସହ ସ୍ନେହ (୫)

ସଂସ୍କୃତ ଶିକ୍ଷକ, ଚକଟି, ଗଞ୍ଜାମ

ISSN NO.
2582-208X

# ନବେଦନ ଏକ ମାଆର



ଦେବଦତ୍ତା ଦେବୀ

ସୁମତି ଦେବି ଙ୍କ ଆଖିରୁ ଧାର ଧାର ଲୁହ ଗଡି ପଡୁଛି । ମୁଣ୍ଡ କାଲି ରାତିରୁ କାମ କରୁ ନାହିଁ, ରାତି ସାରା ଅନିଦ୍ରା କହିଲେ ଅତ୍ୟୁକ୍ତି ହେବ ନାହିଁ । ସୁମତି ଦେବୀ ସବୁ ମାଆ ଙ୍କ ଭଳି ଅତ୍ୟନ୍ତ ଭାବପ୍ରବଣ ମାଆ ଟିଏ, ତାପରେ ପୁଣି କୋଳ ପୋଛା ଝିଅ କଥା ଉଠିଲେ ତ ତାଙ୍କ ଭାବନା ତାଙ୍କ ଅକ୍ତିଆରରେ ନଥାଏ । ସାନ୍ୟା କୁ ଆଦର ରେ ସେ ଡାକନ୍ତି ସୋନି ମା,ସେ ପୁଣି ମାଆ ହେବା କୁ ଯାଉଛି । ଟିକିଏ ଜ୍ୱର ହେଲେ ଉଃ ଉଃ ହେଉଥିବ, ଅନେଶତ ଜ୍ୱର ରେ ଘର ଯାକ ପକାଉଥିବ ଉଠାଉଥିବ ଭାଇ ବାପା ମାଆ ସମସ୍ତେ ତା ବିଛଣା ପାଖରେ ଆଟେନସନ ପୋଜିସନ୍ ରେ ବସିଥାନ୍ତି, କିଏ ମୁଣ୍ଡରେ ବାମ ଲଗେଇ ଦେଉଥିବ ତ କିଏ ଗୋଡ ଆଉଁସି ଦେଉଥିବ, ଜ୍ୱର ଟା ନଛାଡିବା ଯାଏ ଘରେ ଜୀବନ ନଥାଏ । ଏମିତି କି ଭାଗ୍ୟ ରେ ବି ସୌମ୍ୟ ଭଳି ପୁଅ ତା ର ସ୍ୱାମୀ ହେଲା, ଯିଏ କି ସୋନି ଉଃ କହିଲେ ବ୍ୟସ୍ତ ହେଇଯାଏ, ଭାଗ୍ୟ କରିଛି ସୋନି ଏମିତି ଖିଆଲ ରଖିବା ସ୍ୱାମୀ ଟିଏ ପାଇଛି । ଦୁଇ ବର୍ଷ ବାହାଘର ପରେ ଦୁଇ ଜଣ ଯାକ ଆମେରିକା ପଳାଇଲେ । ଦୁହିଁଙ୍କ ର ଚାକିରି ସୁରଖୁରରେ ଚାଲିଥିବା ବେଳେ ବାପା ମାଆ ହିସାବରେ ଦୁଇଥର ସୁମତି ଦେବୀ ସ୍ୱାମୀ ଙ୍କର ସାଙ୍ଗରେ ବୁଲି ଆସିଛନ୍ତି । ଦେଖିଛନ୍ତି ଓ ଅନୁଭବ କରିଛନ୍ତି ଅଫିସ ରୁ ଆସି ସୋନି ସୋଫା ଉପରେ ଗଡି ପଡ଼ିବ କିନ୍ତୁ ସୌମ୍ୟ ଚାହା କରି ନିଜେ ପିଇବ, ସୋନି କୁ ଦେବ ପୁଣି ସବୁ ଘରକାମ ପ୍ରାୟ ସୌମ୍ୟ କରେ, ଯଦିଓ ଝିଅ ର ଭାଗ୍ୟ କୁ ଧନ୍ୟବାଦ ଦିଅନ୍ତି ତଥାପି ଝିଅ ଶୋଇଥିବା ଜୋଇଁ କାମ କରିବା ଟା ଏତେ ପସନ୍ଦ ହୁଏନାହିଁ, କିଛି ବି କହିଲେ ସୌମ୍ୟ ସଙ୍ଗେ ସଙ୍ଗେ କହିବେ ବୋଉ ସେ ପାରିବନି ତାକୁ କିଛି କହନ୍ତୁ ନାହିଁ.ତେଣୁ କଷ୍ଟ କଣ ଜାଣି ନଥିବା ତାଙ୍କ ଅଲିଅଳି, କେମିତି ଛୁଆ ଜନ୍ମ କରିବ, ପୁଣି ଯୋଡ଼େ ଯୋଡ଼େ ଛୁଆ ଏକାଠି, ସହି ପାରିବ ଟି ସେ ନ ମାସ ର ଗର୍ଭ ବେଦନା ।

ISSN NO.
2582-208X

ଖବର ଟି ଶୁଣିବା ପରଠାରୁ ଯେତିକି ଖୁସି ସେତିକି ଚିନ୍ତା ରେ, କେତେ ଯେ ଦିଅଁ ଦେବତା ଙ୍କୁ ମୁଣ୍ଡିଆ ମାରି ସାରିଲେଣି ତର ହିସାବ ନାହିଁ। କେମିତି ସୋନି ଭଲ ରେ ଉଦ୍ଧାର ପାଇବ। ତାଙ୍କର ଦିଅଁ ଦେବତା ଙ୍କୁ ନେଇ ସ୍ୱାମୀ କେବେ ରାଜନୀତି କରନ୍ତି ନାହିଁ କି କିଛି ବି ଆପତ୍ତି କରନ୍ତି ନାହିଁ, ଯଦିଓ ତାଙ୍କର ଏତେ ପ୍ରଗାଢ ବିଶ୍ୱାସ ନାହିଁ, ସେ କର୍ମ ରେ ଦୃଢତା ରଖନ୍ତି। ପିଲା ଙ୍କର କିନ୍ତୁ ମାଆ ଙ୍କର ଏ ପୂଜା ପୂଜି ରେ ତିଳେ ମାତ୍ର ଆଗ୍ରହ କିମ୍ବା ବିଶ୍ୱାସ ନାହିଁ, ବରଂ ଦୁ ଭାଇ ଭଉଣୀ ବେଳେ ବେଳେ ହସରେ ଉଡେଇ ଦେବା ସଙ୍ଗେ ସଙ୍ଗେ କୁହନ୍ତି ଆମେ ସବୁ ପରିଶ୍ରମ କରିବୁ ନାମ ନେବେ ତୁମ ଦିଅଁ। ସୋନି ର ଯାଆଁଳା ଛୁଆ ପେଟରେ ରହିବାର ଖବର ପାଇବା ଦିନ ଠାରୁ ଦିଅଁ ଙ୍କ ଛଡା ବିନୋଦ ବାବୁ ଜ୍ୟୋତିଷ ଙ୍କୁ ଲୁଚେଇ ସୋନି ର ଜାତକ ଦେଇଛନ୍ତି ଦେଖିବାକୁ। କାଲି ରାତିରେ ବିନୋଦବାବୁ ଯେତେବେଳେ ସୁରଖୁରରେ ପ୍ରସବ ପାଇଁ ତିନିଟା ପ୍ରତିକାର ବ୍ୟବସ୍ଥା କହିଛନ୍ତି, ସେତିକିବେଳ ଠାରୁ ବଡ଼ ଚିନ୍ତାରେ ସୁମତି ଦେବୀ ।

ପ୍ରଥମ ପ୍ରତିକାର ଟି ହେଲା ବହିଗଲା ପାଣିରେ ଗହମ ଓ କଳା ରାଶି ମିଶା ଚାଉଳ ଆଞ୍ଜୁଳିରେ ଦେଇ ଉପରେ କିଛି କଳା ଲୁଣ ଦେଇ ମାଆ ସିଂହ ବାହିନୀ ଙ୍କୁ ଅର୍ପଣ କରି ମନେ ମନେ ସୋନି ର ସବୁ ବିପଦ ଆପଦ କଟିଯାଇ ତାକୁ ଭଲ ରେ ଉଦ୍ଧାର କରନ୍ତୁ ବୋଲି ସୂର୍ଯ୍ୟ ଉଦୟ ବେଳେ ପ୍ରାର୍ଥନା କରିବ। ଦ୍ୱିତୀୟ ଟିରେ ପ୍ରତିଦିନ ସକାଳୁ ପାଞ୍ଚ ଖଣ୍ଡି ରୁଟି ପାଞ୍ଚୋଟି କଳା କୁକୁର ଙ୍କୁ ରିଷ୍ଟ ଖଣ୍ଡନ ପାଇଁ ଖାଇବାକୁ ଦେଇ ତାଙ୍କ ଲାଙ୍ଗୁଡ଼ କୁ ଶ୍ରଦ୍ଧା ର ସହ ଆଉଁସି ଦେବ। ତୃତୀୟ ଟିରେ କେଉଁ ଏକ ପାତାଳି ଶିବ ମନ୍ଦିର ରେ ରୁଦ୍ର ଅଭିଷେକ କେଉଁ ଏକ ଶୁଭ ଦିନ ରେ କରି ଦଶଗୋଟି ବ୍ରାହ୍ମଣ ଙ୍କୁ ଭୋଜନ କରାଇବ. ସହର ଶେଷ ଭାଗରେ ବୋହି ଯାଉଥିବା ନଇ ରେ ଚାଉଳ ଗହମ। ଭଶାଇବା ଟା ଯଦିଓ ସହଜ ଭାବୁଥିଲେ କିନ୍ତୁ ସୂର୍ଯ୍ୟ ଉଦୟ ବେଳକୁ ଏତେ ସକାଳୁ ସ୍ୱାମୀ ତ ମୋଟେ ଉଠିବେ ନାହିଁ ଡ୍ରାଇଭର ବି ଆସିବନି, ତେଣୁ ଯେତେ ସହଜ ହେଲେ ବି ଏ ପ୍ରତିକାର ଟି କରିବା ତାଙ୍କ ପାଇଁ ଏତେ ସହଜ ନୁହେଁ ବୋଲି ଅନୁଭବ କଲେ ସୁମତି ଦେବି ।

ଅନେକ ଚିନ୍ତା କଲା ପରେ ଭାବିଲେ ଗଳି ରେ ଏତେ କୁକୁର ପାଞ୍ଚଟା କଳା କୁକୁର ଙ୍କୁ ରୁଟି ଖାଇବାକୁ ଦେଇପାରିବେ.ଯଦିଓ କୁକୁର କୁ ସୁମତି ଦେବି ଖାଲି ଡରନ୍ତି ନାହିଁ ମନେ ମନେ ଘୃଣା ବି କରନ୍ତି ତଥାପି ଝିଅ ପାଇଁ ମନେ ମନେ କୁକୁର ପ୍ରତି ଶ୍ରଦ୍ଧା ଭାବ ଆଣିବାକୁ ଚେଷ୍ଟା କଲେ, ମନ ଟିକିଏ ବୁଝିଗଲା ପରେ କାଲି ରାତିରୁ ପାଞ୍ଚଟି ରୁଟି ଅଧିକା କରି ରଖି ରାତି

ISSN NO.
2582-208X

ଦଶଟା ରେ ଗେଟ୍ ଖୋଲି ଦେଖିଲା ବେଳକୁ ମୋଟେ ଗୋଟିଏ ଖଇରିଆ ରଙ୍ଗର କୁକୁର ଟିଏ ଶୋଇଛି, ତାକୁ ଦେଖି ମନେ ମନେ ଠାକୁରଙ୍କୁ ମାନସିକ କରିବାରେ ଲାଗିଲେ ହେ ପ୍ରଭୁ କାଲି ସକାଳୁ ପାଞ୍ଚୋଟି କଳା କୁକୁର ଦୁଆର ମୁହଁ ରେ ଶୋଇଥାନ୍ତୁ । ରାତି ସାରା କୁକୁର ଙ୍କ ବିଷୟରେ ରେ ଭାବି ଭାବି ଆଉ ନିଦ ହେଲା ନାହିଁ। ସକାଳୁ ଉଠୁ ଉଠୁ ଦୁଆର ଖୋଲି ଦେଖିଲା ବେଳକୁ ଗୋଟିଏ ମାତ୍ର କଳା କୁକୁର ଆଉ ଗୋଟେ ଧଳା ଛିଟ ଛିଟ କୁକୁର। ମନ ଦୁଃଖରେ ଫେରି ଆସିଲେ ଦୁଆର ମୁହଁ ରୁ। ମନେ ମନେ ଭାବିଲେ ଆଜି ରାତିରେ ରୁଟି କରି ପୁଣି କାଲିକି ଅପେକ୍ଷା କରିବେ, ଦୁଆର ମୁହଁ ରେ ନ ମିଳିଲେ ଗଳି ଆଗକୁ ଖଣ୍ଡେ ଆଗକୁ ଯିବେ। ନହେଲେ ସାହି ର ବିଜୁ କୁ କହିବେ କୋଉଠି ପାଞ୍ଚଟା କଳା କୁକୁର ମେଳି କରିଥିବେ ସେଠାକୁ ଟିକିଏ ବାଟ କଢେଇ ନେବ.କିଛି ନହେଲେ ଗୋଟେ କଳା କୁକୁର ମିଳିଲେ ବି ତାକୁ ଥରେ ଥରେ କରି ପାଞ୍ଚଟା ରୁଟି ଖୁଆଇବେ ଓ ପ୍ରତିଥର ଲାଙ୍ଗୁଡ଼ ଆଉଁସି ଦେବେ। ଭାବି ଭାବି ଚୌକି ଉପରେ ନୀରବ ରେ ବସିଛନ୍ତି, ଏହି ସମୟରେ ସ୍ୱାମୀ ନିତ୍ୟ କର୍ମ ସାରି ପାଖରେ ବସି ଚାହା ଆଉ ଉଷୁମ ପାଣି ର ବରାଦ କରି ଟିଭି ଟି ଲଗାଇ ଦେଲେ ସୁମତି ଦେବି ଚାହା କରି ଆସି, ସ୍ୱାମୀ ଙ୍କ ପାଖରେ ବସି ପଡିଲେ, ଏହି ସମୟରେ ଟିଭି ରେ ସମ୍ବାଦ ପରିବେଷଣ ହେଉଥାଏ। ସାମ୍ବାଦିକା ବାରମ୍ବାର କହୁଥାନ୍ତି ଉଚ୍ଚ ନ୍ୟାୟାଳୟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପନ୍ଦର ଦିନ ତଳେ ଦେଇଥିବା ଏକ ରାୟରେ ସାମାନ୍ୟ ପରିବର୍ତ୍ତନ ଆଣି ଆଜି ରାୟ ରେ କହିଛନ୍ତି ଶୀଘ୍ର ବୁଲା କୁକୁରଙ୍କ ପ୍ରଜନନ କ୍ଷମତା ଉପରେ ଅଙ୍କୁଶ ଲଗେଇ ସରକାର ପଦକ୍ଷେପ ନେଇ ରାସ୍ତା କୁ ଛାଡିବେ, ତାପରେ ମଧ୍ୟ ସାଧାରଣ ଜନତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାସ୍ତା ଘାଟ ରେ ତାଙ୍କୁ ଖାଇବାକୁ ନ ଦେବା ପାଇଁ ଓ ତତ୍ ସଙ୍ଗେ ସଙ୍ଗେ ସରକାର ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୁଲୁ କୁକୁର ଙ୍କ ପାଇଁ ଖାଦ୍ୟ ର ବ୍ୟବସ୍ଥା କରିବା ପା। ସ୍ୱାମୀ ଏ ସମ୍ବାଦ ଟି ଶୁଣି ତାଳି ମାରି ସୋଫା ଉପରୁ ଡେଇଁ ପଡ଼ି କହିଲେ ଯା ଶଳା ଜ୍ୟୋତିଷ ଙ୍କ ଭେଳା ବୁଡ଼ିଲା, ଏବେ ଆଉ କୁକୁର ଙ୍କୁ ରୋଟି ଖାଇବାକୁ ଦେଇ ଗ୍ରହପୀଡା ନାଶ କରିବାକୁ କରିପାରିବେନି, ଏଥର ନୂଆ ଗୋଟେ ଫାନ୍ଦି କାଢିବେ.ସୁମତି ଦେବି ବା କଣ କହିବେ, ନିଜେ ତ ଜ୍ୟୋତିଷ ଙ୍କ ଭବିଷ୍ୟବାଣୀ ର ଶିକାର।

ପୁଣି ସ୍ୱାମୀ କହିଲେ ଏ କୁକୁର ଗୁଡିକ ଭାରି ହଇରାଣ କରୁଥିଲେ, ଘରୁ ବାହାରିଲେ ଗୋଡାଉଥିଲେ, ସନ୍ଧ୍ୟା ହେଲେ ତ ଭୁକି ଭୁକି କାନ କଣ କରିଦେଉଥିଲେ, କେତେ ଲୋକ ଙ୍କୁ କାମୁଡି ମୃତ୍ୟୁ ମୁଖକୁ ଠେଲିଦେଇ ହଇରାଣ କରୁଥିଲେ ନହେଲେ ରୋଗ ରେ ଆତଙ୍କିତ

ISSN NO.
2582-208X

କରୁଥିଲେ । କଣ ବା ଉଚ୍ଚ ନ୍ୟାୟାଳୟ ଭୁଲ୍ ରାୟ ଦେଇଥିଲା, ସାଧାରଣ ଜନତା ଙ୍କୁ ବୁଲା କୁକୁରଙ୍କ ଆତଙ୍କ ରୁ ରକ୍ଷା କରିବା ପାଇଁ ତାଙ୍କୁ ଅଲଗା ରେ ବନ୍ଦ କରି ସୁରକ୍ଷା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଏଇଟା ରେ ପଶୁପ୍ରେମୀ ଙ୍କର ବୁଲା କୁକୁରଙ୍କ ଙ୍କ ସ୍ୱାଧୀନତାର କ୍ଷୁର୍ଣ୍ଣ ହେଲା ବୋଲି ଉପଲବ୍ଧି ହେଲା, ତେଣୁ ସେମାନେ ପଶୁ ଙ୍କର ସ୍ୱାଧୀନତାର ଦାବି ରେ ରାଜରାସ୍ତାକୁ ଓହ୍ଲାଇ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ବିରୁଦ୍ଧ ରେ ସ୍ୱର ଉତ୍ତୋଳନ କରି ଗୋଟେ ଅଶାନ୍ତି ର ବାତାବରଣ ସୃଷ୍ଟି କଲେ.ସେମାନଙ୍କ ନିଜର ପିଲା କି ବନ୍ଧୁବାନ୍ଧବଙ୍କୁ ଯଦି କୁକୁର କାମୁଡ଼ାନ୍ତା ତାହାହେଲେ ଜାଣିପାରିବେ ଆମେମାନେ ସାଧାରଣ ଲୋକ କେମିତି କଷ୍ଟରେ ଏ କୁକୁର ଙ୍କୁ ସମ୍ଭାଳୁଚୁ । ମୋର ବେଳେ ବେଳେ ମନେହୁଏ ସୁମତି ଏ ଶଳା ପଶୁ ପ୍ରେମୀ ଙ୍କର ଘର ଆଗରେ କୁକୁର ଗୁଡାକ ବାଟ ଅଡି ବସନ୍ତେ କି ଦେଖନ୍ତି ସେମାନେ କେମିତି ସମ୍ଭାଳୁ ଥାନ୍ତେ । ଆରେ କୋର୍ଟ ତ ଜନତା ଙ୍କ ସୁରକ୍ଷା କୁ ଦୃଷ୍ଟିରେ ରଖି ରାୟ ଦେଇଥିଲେ, କୁକୁର ଙ୍କ ବିନାଶ ପାଇଁ ତ କହି ନଥିଲେ କିଏ ଏମାନଙ୍କୁ ବୁଝେଇବାକୁ ଯିବ, ଏମାନଙ୍କୁ ତ ପ୍ରଚାର ପ୍ରସାର ଦରକାର, ଟିଭି ପରଦାରେ ଆସିବା ଓ ସମ୍ବାଦ ପତ୍ର ରେ ଫୋଟୋ ଆସିଲେ ତାଙ୍କ ପ୍ରତିଷ୍ଠାନ ର ନାମ ଆସିବ, ସହାୟତା ରାଶି ଆସିବ ନିଜ କୁ କେଉଁ ଉପାୟ ରେ ବି ପ୍ରତିଷ୍ଠିତ ଓ ମାଲାମାଲ କରିବା ହେଉଛି ଏମାନଙ୍କର ପ୍ରମୁଖ ଲକ୍ଷ୍ୟ । ପୁଣିକହିଲେ ବୁଝିଲ ସୁମତି ଏଇ କୁକୁର ମାନଙ୍କୁ କେବେ ବି ଆଉ ଦୁଆର ମୁହଁ କି ଗଳି ରେ ଖାଇବାକୁ ଦେବନାହିଁ, ନ୍ୟାୟାଳୟ ମନା କରିଛନ୍ତି ପରା.ସ୍ୱାମୀ ଙ୍କ ଠାରୁ ଏତକ ଶୁଣି ଚାଲ ଚାଲ ହେଇ ସୁମତି ଦେବି ରୋଷେଇ ଘର ଆଡ଼େ ଚାଲିଲେ ।

ମନେ ମନେ ଭାବିଲେ ଏବେ କଣ କରିବେ, ମନ ତ ମୋଟେ ବୁଝୁ ନାହିଁ କୁକୁର ଙ୍କୁ ତ ଖାଇବାକୁ ଦେଇହେବ ନାହିଁ, ଭାରାକ୍ରାନ୍ତ ମନ ନେଇ ଶେଷ ପ୍ରତିକାର ପାଇଁ କେମିତି ସ୍ୱାମୀ ଙ୍କୁ ମନେଇବାରେ ଲାଗିପଡିବେ ସେ ଚିନ୍ତାରେ ବୁଲିଗଲେ । ଯାହାହେଉ ଭାତ ଖିଆ ସାରିଲା, ପ୍ରିୟ ସୋରିଷବଟା ମାଛ ତରକାରୀ ଖାଇ ଦେଖିଲେ ସୁମତି ଦେବି ସ୍ୱାମୀ ଙ୍କ ମନ ଟା ଖୁସୀ ଅଛି । ପାଖରେ ବସି ଉପକ୍ରମଣିକା ସହ ଆରମ୍ଭ କଲେ ହେଇଟି ଶୁଣୁଛ ସୋନି ର ପେଟରେ ଯୋଡ଼େ ଯୋଡ଼େ ପିଲା ମୋତେ ଭାରି ଚିନ୍ତା କେମିତି ଠାକୁରେ ତାକୁ ଭଲ ରେ ଉଦ୍ଧାର କରିବେ କେଜାଣି, ହେ ମା ଭଗବତୀ ତାକୁ ଭଲ ରେ ପାରି କର କହି ଉପରକୁ ହାତ ଟେକି ନମସ୍ତେ କଲେ । ସ୍ୱାମୀ କହିଲେ ସେ ଦେଶରେ ସୋନି ର କିଛି ଅସୁବିଧା ହେବ ନାହିଁ, ତୁମେ ମୋତେ ବ୍ୟସ୍ତ ହୁଏନାହିଁ । ଯଦି ବେଶୀ ଚିନ୍ତା ଲାଗୁଛି ତୁମର ଅମୋଘ ଅସ୍ତ୍ର ନଡ଼ିଆ ଟେ ବସାଇଦିଅ । ସୁମତି ଦେବି ସାହାସ ପାଇ କହିଲେ ହଁ ନଡ଼ିଆ ତ

ISSN NO.
2582-208X

ବସାଇବି, କିନ୍ତୁ ପାତାଳି ମହାଦେବ ଙ୍କ ପାଖରେ ଟିକିଏ ଅଭିଷେକ କରାଇଦେବା, ଗେହ୍ଲି ଝିଅ କଥା ତ ସ୍ୱାମୀ ଆଉ ମନା କରିପାରିଲେ ନାହିଁ ।

ସୁମତି ଦେବି ଏଥର ଲାଗିପଡିଲେ ବିନୋଦ ନନା କୁ ଫୋନ କରି ସବୁ ଯୋଗାଡ କରିବାକୁ ଅଭିଷେକ ପାଇଁ, ତାଙ୍କୁ କହିଲେ ମନ୍ଦିରରେ ରୋଷେଇ ଓ ଦଶ ଟି ବ୍ରାହ୍ମଣ ଯୋଗାଡ କରିବା ପାଇଁ । ସବୁ ଯୋଗାଡ କରିସାରି ପୁଣି ସ୍ୱାମୀ ଙ୍କୁ କହିଲେ ଡ୍ରାଇଭର୍ କୁ କହିବାକୁ ପୂଜା ଦିନ ମନ୍ଦିର ଯିବା ପାଇଁ ।

ବିଶ୍ୱାସ ମୂଳେ ଭଗବାନ । ସୁମତି ଦେବି ଙ୍କର ଅଟଳ ବିଶ୍ୱାସ ଭଗବାନ ଙ୍କ ଉପରେ, ନନା ପଇସା ନେବା କଥା ନେଉ, ସେ ତ ବିଶ୍ୱାସ କରୁଛନ୍ତି ଯେ ନନା ମାଧ୍ୟମ ରେ ତାଙ୍କ ଗୁହାରି ପ୍ରଭୁଙ୍କ ପାଖରେ ପହଞ୍ଚୁଛି, ପୁଣି ଭୋଜନ ଖାଇ ସାରି ବ୍ରାହ୍ମଣ ମାନଙ୍କର ଆଶୀର୍ବାଦ ନିଷ୍ଚୟ ତାଙ୍କ ଝିଅ ଉପରେ ପଡିବ । ତେଣୁ କାୟ ମନୋବାକ୍ୟ ରେ ସେ ମାଆ ହିସାବରେ ସୋନି ର ନିରାପଦ ପ୍ରସବ ପାଇଁ ପ୍ରାର୍ଥନା କରିବେ, ସ୍ୱାମୀ ମଧ୍ୟ କେବେ ବି ସ୍ତ୍ରୀ ଙ୍କର ଭଗବାନ ଙ୍କ ପ୍ରତି ବିଶ୍ୱାସ କୁ ଭାଙ୍ଗିବାକୁ ଚାହାଁନ୍ତି ନାହିଁ। ସୁମତି ଦେବି ପୁଣିଥରେ ସର୍ବନିୟନ୍ତା ଙ୍କ ଉଦ୍ଦେଶ୍ୟରେ ମୁଣ୍ଡ ନୁଆଇଁ ପ୍ରଣାମ କଲେ । ଠିକ ସମୟରେ ସୋନି ର ଗୋଟିଏ ଝିଅ ଗୋଟିଏ ପୁଅ ଯାଆଁଳା ଛୁଆ ଜନ୍ମ ହେଇ ସୁମତି ଦେବି ଦେବୀ ଙ୍କର ବିଶ୍ୱାସକୁ ଆହୁରି ଦୃଢ କଲା ।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ,
ପ୍ଲଟ ନମ୍ବର - ୩ ଡି, ୧୧୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ଆତ୍ମହତ୍ୟାର ମହାମାରୀ



ଛବି ରାଣୀ ପତି

ଜୀବାଣୁ କି ଭୂତାଣୁ ନୁହେଁ
ଏଇଟା ଗୋଟେ ପ୍ରବଣତାର ଟ୍ରେଣ୍ଡିଂ
ଗ୍ରାସିଛି ଆମ ଜନ ମାନସକୁ
ଏ ସମାଜର ସମଗ୍ର ସତ୍ତାକୁ

ଚୁରମାର୍ ଆଶା ଆକାଂକ୍ଷା, ପ୍ରେମ,
ପରୀକ୍ଷା, ବେକାରୀ
କିଏ ଯନ୍ତ୍ରଣାର ହଳାହଳକୁ ହଜମ କରିପାରୁନି
ତ କିଏ ନୈତିକତାର ନାକତଳେ
ସମର୍ପଣର ସ୍ତବକ ପଢ଼ି ପଢ଼ି
ବିଶ୍ୱାସ ଭଗ୍ନାଂଶ ଅବା କହିପାର
କେତେ କଣ ଏ ଭଗ୍ନ ଅବଶେଷ
ସହିପାରେନା ନିଆଁଖୁଣ୍ଟାର ଚେଙ୍କ
ଆଉ ....
ଧୂଳିସାତ ସ୍ୱପ୍ନ , ସମ୍ଭାବନାରେ
ଲେଖିଦିଏ ମୃତ୍ୟୁର ଶିରୋନାମା ।

ଇଏ ଗୋଟେ ଶୃଙ୍ଖଳ ମୁକ୍ତ ସମାଜ
ହଜିଯାଇଛି ଯୋଉଠି ଶୃଙ୍ଖଳା

ISSN NO.
2582-208X

କୋହଳ ଯୋଉଠି ସମ୍ବିଧାନ
ବାଟବଣା ଯୋଉଠି ପ୍ରଶାସନ ।

ସମସ୍ତେ ଗାଉଛନ୍ତି ଏଠି ପ୍ରୀତିର ଗଜଲ୍
ଖୋଜୁଛନ୍ତି ଗୋଲାପର ଶେଯ,
ତେବେ ....
ଜୀବନର ବାସ୍ତବତା ତ ସଂଘର୍ଷ
ଜୀବନଟା ହିଁ ତ ଯୁଦ୍ଧ କ୍ଷେତ୍ର
ଏ ହାର୍ ଜିତ୍ ରେ ଏତେ ଶୂନ୍ୟତା କାହିଁକି !
କାହିଁକି ଏ ସୁନାମୀ ?
ଧର୍ଯ୍ୟକୁ ବାଲିବନ୍ଧ ନଭାବି
ଆତ୍ମ ବିଶ୍ୱାସକୁ କାଚକାନ୍ଥ ନକରି
ସହଜାନନ୍ଦ ହୋଇ
ନିଜ ଭିତରେ ନିଜପାଇଁ ବଞ୍ଚିବା
ଅନେକ ଜନ୍ମର ପୁଣ୍ୟରେ ପାଇଥିବା
ଏ ଦୁର୍ଲଭ ଜୀବନକୁ
ସାର୍ଥକ କରିବା ।

ମଧ୍ୟଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ହେ ଚକାଆଖି



ଡ. ଭାରତୀ ହୋତା

ହେ ଚକାଆଖି !
ତୋ ବଡ଼ ଦାଣ୍ଡର
ବାଲି ମାଟି ଭକ୍ତ ଆଖିରେ ହୀରକ
ସବୁ ଅଟ୍ଟାଳିକା ଓଁକାର ଧ୍ଵନିରେ ଗୁଞ୍ଜିତ
ସବୁ ଉପବନ ପ୍ରକୃତିରାଣୀର ପ୍ରତିରୂପା
ସବୁ ଗଳି ଗାରିମାମୟ
ସମସ୍ତ ବାସିନ୍ଦା ସମ୍ଭ୍ରାନ୍ତ
ସବୁ ସାଆଁନ୍ତ ସ୍ମରଣୀୟ
ସବୁ ମଣିଷ ମାନବେନ୍ଦ୍ର ।

ହେ ଚକାଆଖି !
ସକଳ ସରଜନାର ସାଇଁ ତୁ
ଲହରୀ ଉଠୁଛି ଅହରହ ତୋ ମହୋଦଧି ରେ
ସତ୍ଵ -ରଜ -ତମ ଭିତରେ
ପାପ -ପୁଣ୍ୟର ପାର୍ବଣ ଯାଏ
ଜନମୁ ମରଣର ଶେଷ ମଉଛବ ଯାଏ ।
ବିଭିନ୍ନତା ଅନନ୍ୟତା ଅପରୂପତା
ଶିଖେଇ ଚାଲିଛି ତୋ ନୀଳଚକ୍ର ।

ISSN NO.
2582-208X

ହେ ଚକା ଆଖି !
ଫରଫର ଉଡୁଛି
ତୋ ମୈତ୍ରୀର ଜୈତ୍ରୀ
ପ୍ରାଣରେ ଅପାନରେ
ହୃଦୟର ନିଭୃତ ଅଳିନ୍ଦରେ
ଆଧାର ତୁ ବିଶ୍ଵ ବ୍ରହ୍ମାଣ୍ଡର ।

ହେ ଚକାଆଖି !
ତୁ କେଉଁଠି
କି ରୂପରେ
ଅନୁଭବି ସିନା ଅନୁଭବିପାରେ
ପାଞ୍ଚାଳୀ ପରି
ଦୁଇ ହାତ କୁରୁସଭା ତଳେ
ଟେକି ଦେଲାପରେ,
ମୁଁ ରୁ "ମୁଁତ୍ଵ" ନିଖୋଜ ହେଇଗଲା ପରେ
ଘଟରୁ ପରାଣ ଲିଭି ଆସୁଥିବା ବେଳେ ।

ହେ ଚକାଆଖି !
ତୁ କିନ୍ତୁ ବନ୍ଧୁ ଇମିତିକା
ଡାକିଦେଲେ ଆତୁରେ
ଛିଡ଼ା ହେଇ ଯାଉ
ତୁ! ଅନ୍ଧର ଲଉଡ଼ି
ଦୀନ ହୀନର ହତିଆର
ଚଳଚଞ୍ଚଳ ଦିଅଁ ବିଶ୍ଵ ବ୍ରହ୍ମାଣ୍ଡର ।

ଖରିଆର ରୋଡ଼
ନୂଆପଡ଼ା

ISSN NO.
2582-208X

# ହାର୍ ମନୁନଥିବା ଏକ ମହିଳା



ବିଜୟକେତନ ମହାନ୍ତି

ଆମ ଘରକୁ ରେଖା ପ୍ରତିଦିନ କାମ କରି ଆସେ । ସେ ତାର ପିଲାମାନଙ୍କ ପାଇଁ ରୋଷେଇ କରି, ତାଙ୍କୁ ଖାଇବାକୁ ଦେଇ, ପିଲାମାନେ ସ୍କୁଲ ଯାଇ ସାରିବା ପରେ, ଆମ ଘରକୁ ଆସେ କାମ କରିବାକୁ । ଖାଲି ଆମ ଘର ନୁହେଁ, ଆଉ କିଛି ଲୋକଙ୍କ ଘରକୁ ବି ଯାଏ କାମ କରିବାକୁ । କାହା କାହା ଘରେ ରୋଷେଇ ବି କରି ଦେଇଥାଏ । ତାକୁ ଯାହା ପାରିଶ୍ରମିକ ମିଳେ, ସେଥିରେ ତାର ଘର ଚଳେ । ବହୁତ ବିଶ୍ୱାସୀ । ଆମେ ଘରେ ନଥିଲେ, ପଡୋଶୀଙ୍କ ଘରୁ ଚାବି ନେଇ, ଘର ସଫା କରି ଦେଇଥାଏ । ସେ ଆମ ଅନୁପସ୍ଥିତିରେ, କିଛି ଏପଟ ସେପଟ କେବେ କରିବ ବୋଲି, ଆମ ମନରେ ତିଳେ ମାତ୍ର ସନ୍ଦେହ ନଥାଏ ।

ବେଳେ ବେଳେ ମୁଁ ରେଖାକୁ ପଚାରେ ପିଲାମାନେ କେମିତି ପଢାପଢି କରୁଛନ୍ତି । ସେ ସବୁବେଳେ କହେ - ଠିକ୍ ଠାକ୍ ଚାଲିଛି । ସବୁ ବେଳେ ମୁଁ ତା'କୁ କହିଥାଏ, ଜଣେ ପିଲା ଯଦି ଭଲକି ପଢିକି ବାହାରି ଯିବ, ସେ ଅତି କମରେ ତିନି ପିଢ଼ିର ଭରଣ ପୋଷଣ କରିବା ପାଇଁ ସକ୍ଷମ ହୋଇ ପାରିବ । ନିଜର ଭବିଷ୍ୟତ ଗଢିବା ସହ ବାପା ମା'ଙ୍କର ଯତ୍ନ ନେଇ ପାରିବ । ନିଜର ପିଲାମାନଙ୍କର ଭବିଷ୍ୟତ ବି ଭଲ ଭାବରେ ଗଢି ପାରିବ । କେବଳ ଉଚିତ୍ ଶିକ୍ଷା ହିଁ ଗରିବ ଲୋକଟିକୁ ସମାଜରେ ଧନୀ ଲୋକ ସହିତ ସମାନ ଇଜ୍ଜତ ପାଇବାର ହକଦାର୍ କରି ପାରିବ । ସେ ମୋ କଥା ସବୁ ଶୁଣେ ଓ ଯେମିତି ସହମତି ଜଣାଏ, ମୁଁ ଭାବେ ତା ଘରେ ସବୁ ଠିକ୍ ଠାକ୍ ଚାଲିଛି ।

ଥରେ ରେଖା ଆସି ତାର ବ୍ୟାଙ୍କ୍ ଆକାଉଣ୍ଟରୁ କିଏ ପଇସା ବାହାର କରି ନେଇଛି ବୋଲି କହିଲା । ବଡ ଝିଅ ବ୍ୟାଙ୍କ୍ ରେ ଚାକିରୀ କରୁଥିଲା ବୋଲି, ତା'କୁ ଆଣି ତା' ପାସବୁକ ଦେଖାଇଲା । ଝିଅ ଚେକ୍ କଲାଠୁ ଜଣା ପଡିଲା, ତା ଘର ଲୋକ କିଏ ପଇସା କାଢ଼ିଛି । ପଚରା ପଚରି କଲାଠୁ ଜଣା ପଡିଲା, ତା ବଡପୁଅ ତାର ୟୁପିଆଇ ପିନ ଜାଣି ପଇସା

ISSN NO.
2582-208X

କାଢ଼ି, ସାଙ୍ଗମାନଙ୍କ ସହ ମିଶି ଖରାପ କାମରେ ଖର୍ଚ୍ଚ କରିଛି । ପୁଅ ତାର ସେତେବେଳେ ନବମ ଶ୍ରେଣୀରେ ପଢୁଥିଲା । ଏସବୁ ଜାଣିଲା ପରେ ମୋତେ ବହୁତ ଖରାପ ଲାଗିଲା । ଆଶ୍ଚର୍ଯ୍ୟ ବି ଲାଗିଥିଲା । ତା ନିଜ ପୁଅ କିପରି ମା ର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପର ଘରେ ଝାଡୁ ପୋଛା କରିବାର କଷ୍ଟକୁ ଅନୁଭବ କରି ପାରୁନି ! ତା ପୁଅକୁ ଡକାଇ ବୁଝାଇ ଥିଲି, କେତେ ଦୂର ସିଏ ଗ୍ରହଣ କଲା, ତାହା ତାକୁହିଁ ଜଣା ।

ଦିଲ୍ଲୀରେ ପ୍ରାୟ ଯେତେ ସ୍ତ୍ରୀ ଲୋକ ଜୀବିକା ପାଇଁ ଏମିତି କାମ କରନ୍ତି, ପ୍ରାୟ ସମସ୍ତଙ୍କ ସ୍ୱାମୀ ମାନେ କିଛି କରନ୍ତିନି ବା ଯାହା କରନ୍ତି ସେଥିରେ ଘର ଚଳିବା ଅସମ୍ଭବ । ପିଲାମାନେ ବି ତଦ୍ରୁପ । ମାର ଘରେ ନରହିବା ଦ୍ୱାରା ପିଲାମାନେ ପ୍ରାୟ ବିଗିଡି ଯାଇ ଥାଆନ୍ତି । କମ ବୟସରୁ ଘରୁ ପଇସା ପତ୍ର ଚୋରି କରିବା ସହ, ମଦ ହେଉ ବା ଧୂମ୍ରପାନ ଭଳି ଖରାପ ଅଭ୍ୟାସର ଶିକାର ହୋଇଥାଆନ୍ତି । ପରିବାର ଟିରେ ଶାନ୍ତି ଓ ଶୃଙ୍ଖଳାର ଅଭାବ ଦେଖା ଦିଏ । ଯାହା ଫଳରେ ବହୁତ କମ ପରିବାର ଏହି ଗରିବୀ ଚକ୍ରବ୍ୟୂହ ମଧ୍ୟରୁ ବାହାରିବା ପାଇଁ ସକ୍ଷମ ହୋଇ ପାରନ୍ତି ।

ଦୁଇ ବର୍ଷ ତଳେ ରେଖା ଦିଲ୍ଲୀର ନଜଫଗଡ୍ ପଟେ ଜାଗା କିଣିବ ବୋଲି ଆମ ଠୁଁ କିଛି ସାହାଯ୍ୟ ମାଗିଥିଲା । ମାନେ ସେ ଯାହା ନେବ, ତାର ମାସିକ ପାରିଶ୍ରମିକରୁ ଧୀରେ ଧୀରେ କଟେଇ ଦେବ । ସମସ୍ତଙ୍କ ଠାରୁ କିଛି କିଛି ଆଡ଼ଭାନ୍ସ ନେଇ ଜାଗାଟିଏ କିଣି, ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ କରିଛି । ଗୋଟିଏ ପଟେ ଜଣେ ଅପାଠୁଆ ସ୍ତ୍ରୀ ଲୋକଟିର ନିଜ ପରିବାରର ଭରଣ ପୋଷଣ କରିବାର ଦାୟିତ୍ୱ ଉଠାଇବା ସହ ନିଜ ପରିବାରକୁ ବାନ୍ଧି ରଖିବାର ଆପ୍ରାଣ ଉଦ୍ୟମ ଓ ଅନ୍ୟପଟେ ତା ସ୍ୱାମୀ ଓ ପିଲାମାନଙ୍କର ଏପରି ଆଚରଣ ଦେଖିକି ଆଶ୍ଚର୍ଯ୍ୟ ଲାଗେ । ରେଖା ପ୍ରତି ମନରେ ସମ୍ମାନ ବଢ଼ିଯାଏ । ପ୍ରତିକୂଳ ପରିସ୍ଥିତିରେ ମୁଣ୍ଡ ଟେକିବା ହିଁ ପ୍ରକୃତ ସାହସୀ । ପରିସ୍ଥିତି ପରିବେଶ ସହ ସଂଗ୍ରାମ କରି ତିଷ୍ଠି ରହିବାର କଳା ଜୀବନର ସବୁଠୁଁ ବଡ଼ ପାଠ । ଏହି ପାଠକୁ ଭଲ ଭାବେ ପଢୁଥିବା ରେଖା ପ୍ରତି ସମ୍ମାନବୋଧ ଏକ ସ୍ୱାଭାବିକତା ମାତ୍ର ।

ଜନକପୁରୀ, ଦିଲ୍ଲୀ
ମୋ: ୯୮୭୧୯୯୭୪୪୯
Email: mohantybijay65@gmail.com

ISSN NO.
2582-208X

# କଳଙ୍କ



ଦୀପାଳି ଦାସ

ଭଲ ଦିଶେ ବେକରେ ତୁମର
ବନ୍ଧା ହୋଇଥିବା ସେ କଳା ଫିତାଟା
ଆଉ ସେଥିରେ ଲଟକି ଥିବା ଛୋଟ ଲକେଟ୍
ମୁହଁ ଦିଶିଯାଏ ତାର ଯେତେବେଳେ
ଥାଇଥାଇ ଚାହିଁ ଦିଏ ବାହାରକୁ ସେ କଲାର ସନ୍ଧିରୁ,
ଭଲ ହେଇଛି ଯେ ଅଛି ସେଇଟା
ନ ହେଲେ ତ ମୋ ନଜର ଆଗ ଲାଗିଥାନ୍ତା...!!
ଏମିତିତ ସବୁ ପୋଷାକରେ
ଲାଗ ତୁମେ ପୁରା ଚୋଖା ଗୋଟେ ରାଜକୁମାର...
କିନ୍ତୁ ଯେଉଁଦିନ ପିନ୍ଧି ଆସିଥିଲ ତୁମେ ସେ
ଛୋଟ ଫୁଲପକା ନୀଳ ଫୁଲ ସାର୍ଟଟା -
ଆଉ ଦୁଇ ପଟର ସ୍ଲିଭ୍ ମୋଡ଼ି ହୋଇ ତାର
ରହିଥିଲା ଠିକ୍ କହୁଣି ତଳକୁ...
ଅଝଟିଆ ହୋଇ ନାଚୁଥିଲା ମୋ ଚାହାଣୀ
ଜମା ଶୁଣୁନଥିଲା ମୋ ଆକଟ...
ଥାଉ ସେ ଚାପା ହସଟା ସେ ମୁହଁରେ
ନହେଲେ ଲାଗନ୍ତ ଫୁଲଟିଏ ଗନ୍ଧ ନତୁବା ବାସ୍ନାରେ...

ISSN NO.
2582-208X

ହେଲେ ପସନ୍ଦ ଲାଗେନା ମୋତେ
ତୁମ ମୁହଁରେ ସେ କଳା ଚଷମା...
ଲାଗେ ସତେକି ପରଦା ପଛରେ ଲୁଚିଯାଉଛି ନାୟକ..
ବିନା ଭାଷା ଆଉ ସମ୍ବୋଧନ ରେ ...
ବାରମ୍ବାର ନମ୍ରତା ମୋର ଯେଉଁ ମାଗୁଥିଲ
ଜଣାଇଲ ନାହିଁ ତ କାହିଁ ଥିଲ ଏତେ ଆତୁର...?
କଥା ହେବାକୁ ତମ ସଙ୍ଗେ ଭାରୀ ଡର ଲାଗେ...
ନଜାଣି କିଏ କିଛି କଳଙ୍କ-
ବୋଲି ଦେବ ଯଦି କାଳେ...??

--------ooooo--------

ଏନ୍. ଆର୍. ଆଇ. କମ୍ପ୍ଲେକ୍ସ,
ନାଭି ମୁମ୍ବାଇ, ମହାରାଷ୍ଟ୍ର
ଯୋଗାଯୋଗ -୭୦୪୪୨୦୭୩୫୭/
୯୧୩୬୪୨୪୭୫୫

ISSN NO.
2582-208X

# କଲିକତାର ପାଣିପାଗରେ ଓଡ଼ିଆ ଭାଷା ଓ ସାହିତ୍ୟ ଚର୍ଚ୍ଚା : ଏକ ଭ୍ରମଣକାଳୀନ ବିବରଣୀ

ଡ.ସଂଘମିତ୍ରା ମହାପାତ୍ର

ଓଡ଼ିଶାର ପଡ଼ୋଶୀ ରାଜ୍ୟ ଭାବରେ ପଶ୍ଚିମବଙ୍ଗ ବେଶ୍ ପରିଚିତ । ଏହି ସ୍ଥାନରେ ଅନେକ ଓଡ଼ିଆ ନିଜର କର୍ମସଂସ୍ଥାନ ନିର୍ଦ୍ଧାରଣ କରି ଅବସ୍ଥାନ କରନ୍ତି । ସେମାନଙ୍କ ମଧ୍ୟରେ ସିଟି ମହାବିଦ୍ୟାଳୟ, କୋଲକାତାର ପ୍ରଫେସର କୃଷ୍ଣଚନ୍ଦ୍ର ଭୂୟାଁ ହେଉଛନ୍ତି ଅନ୍ୟତମ । ତାଙ୍କୁ ଭେଟିବା ପାଇଁ ସଲଟ୍‌ଲେକସ୍ଥିତ ତାଙ୍କ ବାସଭବନରେ ଯାଇ ପହଞ୍ଚିଥିଲି । ସେ ଏକାଧାରରେ ଜଣେ ସାହିତ୍ୟିକ, ଶିକ୍ଷାବିତ୍ ଓ ସଂଗଠକ । ତାଙ୍କ ସହ ସାକ୍ଷାତ୍ କରି ପ୍ରବାସୀ ଓଡ଼ିଆଙ୍କସ୍ଥିତି ଓ ସୁବିଧା ସଂପର୍କରେ ଅବଗତ ହେବା ସଙ୍ଗେସଙ୍ଗେ ପଶ୍ଚିମବଙ୍ଗରେ ପ୍ରତିଷ୍ଠା ଲାଭ କରିଥିବା ଓଡ଼ିଆ ସାରସ୍ୱତ ଓ ସାଂସ୍କୃତିକ ଅନୁଷ୍ଠାନ ସଂପର୍କରେ ସୂଚନା ପାଇଲି । ଓଡ଼ିଶା ବାହାରେ ଓଡ଼ିଆ ଭାଷା-ସାହିତ୍ୟର ପ୍ରଚାର-ପ୍ରସାର କ୍ଷେତ୍ରରେ ଶ୍ରୀଯୁକ୍ତ ଭୂୟାଁଙ୍କ ଅବଦାନ ବେଶ୍ ଉଚ୍ଚକୋଟୀର ଓ ପ୍ରଶଂସନୀୟ । ସେ ୩୫ରୁ ଉର୍ଦ୍ଧ୍ୱ ପ୍ରବନ୍ଧ, ସମାଲୋଚନା, କବିତା, ଗଳ୍ପ ଆଦି ପୁସ୍ତକର ରଚୟିତା । 'ସୁବର୍ଣ୍ଣରେଖା ଏପାରିସେପାରି' ପୁସ୍ତକରେ ସେ ଓଡ଼ିଶା ଓ ପଶ୍ଚିମବଙ୍ଗକୁ ସାଂସ୍କୃତିକ ଦୃଷ୍ଟିକୋଣରୁ ବିଚାର ଆଲୋଚନା କରିଛନ୍ତି । ଓଡ଼ିଆ ଓ ବଙ୍ଗଳା ଭାଷାରେ ତୁଳନାମୂଳକ ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ ସେ ଜଣେ ସୁଦକ୍ଷ ସାହିତ୍ୟିକ ଓ ଗବେଷକ । କେବଳସେତିକି ନୁହେଁ ତାଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗରେ ଉତ୍କଳମଣି ଗୋପବନ୍ଧୁଙ୍କ ନାମରେ ରାସ୍ତାର ନାମକରଣ କରାଯାଇ 'ଗୋପବନ୍ଧୁସରଣୀ' ରଖାଯାଇଛି ଏବଂ ନୀଳକଣ୍ଠ ଦାସ, ମଧୁସୂଦନ ଦାସ ଓ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ମଧ୍ୟ କଲିକତାଠାରେ ସ୍ଥାପନ କରାଯାଇଛି । ଶତାଧିକ ଅନୁଷ୍ଠାନର ମିଶ୍ରଣରେ 'ପଶ୍ଚିମବଙ୍ଗ ଉତ୍କଳ ସମାଜ' ଗଠିତ ହୋଇଥିବା କଥା ସେ କହିଥିଲେ । ଏହି ଅନୁଷ୍ଠାନ ଓଡ଼ିଶାର ଭାଷା,ସାହିତ୍ୟ ଓ ସଂସ୍କୃତି ବିଷୟରେ ଚର୍ଚ୍ଚା କରିଥାଏ । 'ମାର୍ଜାରପଡ଼ା' ନାମରେ ବଙ୍ଗାଳୀ ରାଜ୍ୟରେ ଗୋଟିଏ ସଂପୂର୍ଣ୍ଣ ଓଡ଼ିଆ ଗାଁ ମଧ୍ୟ ରହିଛି ।

ISSN NO.
2582-208X

ଏଠି ସମସ୍ତେ ଓଡ଼ିଆ ଭାଷାଭାଷୀମାନେ ହିଁ ବସବାସ କରନ୍ତି । ଏହା ଓଡ଼ିଆଙ୍କ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ । ଦୁଇରାଜ୍ୟର ସଂପର୍କ ପ୍ରସଙ୍ଗରେ ପ୍ରଫେସର ଭୂୟାଁ କହିଥିଲେ:- "ଜଗନ୍ନାଥ ସଂସ୍କୃତି ସମୟରୁ ଦୁଇରାଜ୍ୟ ମଧ୍ୟରେ ସୁସଂପର୍କ ଗଢ଼ିଉଠିଥିଲା।" କଲିକତାର ଅନ୍ୟତମ ଅନୁଷ୍ଠାନ ହେଉଛି 'ନୀଳଚକ୍ର' ଓ 'ଉତ୍କଳ ସାଂସ୍କୃତିକ ସଂଘ' । ଏହି ଅନୁଷ୍ଠାନ ଗୁଡ଼ିକ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିବିଷୟରେ ବିଭିନ୍ନ ସମୟରେ ଆଲୋଚନା କରିଥାନ୍ତି । ଓଡ଼ିଶାରେ ଜନ୍ମିତ ମଣିଷଟି ପଶ୍ଚିମବଙ୍ଗରେ ରହି ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର-ପ୍ରସାର କରିବା ସଙ୍ଗେ ସଙ୍ଗେ ଓଡ଼ିଆଙ୍କ ସୁରକ୍ଷା-ସମୃଦ୍ଧି ପାଇଁ କେତେ ଯେ ଯତ୍ନବାନ ହୋଇପାରେ ତାହା କୃଷ୍ଣଚନ୍ଦ୍ର ଭୂୟାଁଙ୍କ ସହ ଆଲୋଚନାରୁ ସ୍ପଷ୍ଟ ବାରିହୋଇ ପଡୁଥିଲା ।

କୋଲକାତାର ଜଣେ ବରିଷ୍ଠ ଜଗନ୍ନାଥ ସଂସ୍କୃତି ଗବେଷକ ହିସାବରେ ପ୍ରଫେସର ଶେଖ୍ ମକବୁଲ୍ ଇସଲାମ୍ ପଶ୍ଚିମବଙ୍ଗ ସମେତ ଓଡ଼ିଶାରେ ବେଶ୍ ପରିଚିତ । ପେଶା ତାଙ୍କର ଅଧ୍ୟାପନା କରିବା କିନ୍ତୁ ନିଶାରେ ସେ ଜଣେ ଜଗନ୍ନାଥ ଗବେଷକ । ବଙ୍ଗଳା ତାଙ୍କର ମାତୃଭାଷା ମାତ୍ର ଓଡ଼ିଆକୁ ସେ ଦ୍ୱିତୀୟ ମାତୃଭାଷା ରୂପେ ଗ୍ରହଣ କରିଛନ୍ତି । ସେ ବଙ୍ଗଳା-ଓଡ଼ିଆ-ଅସମୀୟା ଭାଷାରେ ଜଗନ୍ନାଥ ଧର୍ମ ଓ ସଂସ୍କୃତିର ତୁଳନାତ୍ମକ ଆଲୋଚନା ମଧ୍ୟ କରିଛନ୍ତି । ତାଙ୍କ ରଚିତ ଗ୍ରନ୍ଥଗୁଡ଼ିକ ମଧ୍ୟରେ- ଶ୍ରୀଜଗନ୍ନାଥ ଅନୁଭବ, ଶ୍ରୀଜଗନ୍ନାଥ ବଙ୍ଗଳାଦେଶ ଓ ନେପାଳ, ଶ୍ରୀଜଗନ୍ନାଥ ଭାବ-ଶାସ୍ତ୍ର-ତତ୍ତ୍ୱ, ଶ୍ରୀଜଗନ୍ନାଥ ମେଘାଳୟ, ଶ୍ରୀଜଗନ୍ନାଥ ବଙ୍ଗାଳୀମାନସ ଓ ଲୋକାୟତ ଜୀବନ, Sri Jagannath in Andaman Island, Sri jagannath Quest and Question ଇତ୍ୟାଦି ପ୍ରଧାନ । ଓଡ଼ିଶାର Folklore ନେଇ ଗବେଷଣାତ୍ମକ ଜର୍ଣ୍ଣାଲ 'Folklore Research" ର ମଧ୍ୟ ସେ ସଂପାଦନା ଦାୟିତ୍ୱ ତୁଲାଇଥାନ୍ତି, ସେହିପରି 'Comparative Folklore Appreciating Bengal-Orissa cultural Relation' ଉପରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ D.litt ଉପାଧି ମଧ୍ୟ ଲାଭ କରିଛନ୍ତି ପ୍ରଫେସର ମକବୁଲ୍ । ତାଙ୍କର ସମଗ୍ର ଜୀବନକୁ ଜଗନ୍ନାଥଙ୍କ ଗବେଷଣା ଉଦ୍ଦେଶ୍ୟରେ ସେ ସମର୍ପଣ କରିଛନ୍ତି । ଶ୍ରୀଜଗନ୍ନାଥଙ୍କୁ ନିଜ ବାସଭବନରେ ମଧ୍ୟ ପ୍ରତିଷ୍ଠା କରିଛନ୍ତି । ବଙ୍ଗାଳୀ ହିସାବରେ ସେ ଓଡ଼ିଆ ଭାଷାକୁ ଓ ଶ୍ରୀଜଗନ୍ନାଥଙ୍କୁ ଯେତିକି ଆପଣାର କରିବା କଥା ତହିଁଠାରୁ ଅଧିକ ଆପଣାର କରିଥିବା କଥା ତାଙ୍କ ସଂସ୍ପର୍ଶରେ ଆସି ଜାଣିବାକୁମିଳିଲା ।

ISSN NO.
2582-208X

କଥା କଥାକେ'ଜୟ ଜଗନ୍ନାଥ' କହିବା ସହ ଓଡ଼ିଆରେ ମଧ କଥା ହେଉଥିଲେ ଆମ ସହ। ଏହା ଆମ ପାଇଁ ଗୌରବର ବିଷୟ ।

ବଙ୍ଗଳା ଭାଷା ଓ ସାହିତ୍ୟର ଜଣେ ସୁନାମଧନ୍ୟା ଔପନ୍ୟାସିକା ହେଉଛନ୍ତୁ ଆୟାସା ଖାତୁନ। ସେ ଜଣେ ସାହିତ୍ୟିକା ଓ ସମାଜସେବୀ । ସେ ୧୯୯୯ ମସିହା ଓଡ଼ିଶା ମହାବାତ୍ୟା ସମୟରେ ଓଡ଼ିଶା ଆସିଥିଲେ ଏବଂ ଏରସମା ଅଞ୍ଚଳବାସୀଙ୍କୁ ସାହାଯ୍ୟ ଓ ସହଯୋଗ କରିଥିଲେ । ସେସମୟର ସ୍ମୃତିକୁ ସେ ଆମ ସମ୍ମୁଖରେ ବଖାଣିଥିଲେ । ଯାହା ଅତ୍ୟନ୍ତ କାରୁଣ୍ୟ ହେଲେ ମଧ ଜୀବନ୍ତ ଥିଲା । ୧୯୯୯ ମହାବାତ୍ୟାର ସେହି କରାଳ ରୂପକୁ ସବୁଦିନ ସାଇତି ରଖିବା ଲାଗି ସେ ତାଙ୍କର 'ଏକଟି ଘୁମନ୍ତ ପାଖୀ' ପୁସ୍ତକ ମଧ ରଚନା କରିଛନ୍ତୁ । ଏହାବ୍ୟତୀତ ସେ ପେଡ଼ାମୁକୁଳେର ଗନ୍ଧ, ଭାଗନଗ୍ଗେରୀ ପରି ଅନେକ ପୁସ୍ତକ ମଧ ରଚନା କରିଛନ୍ତୁ । ସେ ହସ୍ତଶିଳ୍ପରେ ଜଗନ୍ନାଥଙ୍କ ପ୍ରତିଛବି କରିବାକୁ ପସନ୍ଦ କରିଥାନ୍ତୁ । ଓଡ଼ିଶାର ରାନ୍ଧଣା, ନୃତ୍ୟ ଓ ଶାଢ଼ୀ ପରିଧାନକୁ ମଧ ବଙ୍ଗାଳୀ ସଂସ୍କୃତି ସହ ସାମ୍ୟ ରଖୁଥିବା କଥା କହିଥିଲେ ସେ । ସୁବାଷ ଚନ୍ଦ୍ର ବୋଷଙ୍କୁ ମନେ ପକାଇବା ସହ ଓଡ଼ିଶା ଖୁବ୍ ଭଲ ଲାଗେ ବୋଲି କଥୋପକଥନ ବେଳେ କହିଥିଲେ ।

ବୃନ୍ଦାବନ ବିଶ୍ୱବିଦ୍ୟାଳୟ, ପଶ୍ଚିମବଙ୍ଗର ଉପ-କୁଳପତି ପ୍ରଫେସର ଆଶିଷ କୁମାର ପାଣିଗ୍ରାହୀ ଓ ମୁର୍ଶିଦାବାଦ ବିଶ୍ୱବିଦ୍ୟାଳୟର ସୁଜାତା ମ୍ୟାଡ଼ାମଙ୍କ ସହ ବଙ୍ଗଳା ଓ ଓଡ଼ିଆ ସାହିତ୍ୟ ସଂପର୍କରେ ଏବଂ ଅଧାପନା ପ୍ରଣାଳୀ ସଂପର୍କରେ ଆଲୋଚନା କରିବାର ସୁଯୋଗ ପାଇଥିଲି ।

'ମାଣିକତଳା'ରେ ବିବେକାନନ୍ଦଙ୍କ ପୈତୃକ ବାସଭବନ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଘର, ରାଜା ରାମମୋହନ ରାୟଙ୍କ ସଦନ, NIPER ଆଦି ପରିଦର୍ଶନ କୋଲକାତା ଅବସ୍ଥାନ କାଳରେ ସଂପୂର୍ଣ୍ଣ କରିଥିଲି । ଏହି ସମୟ ଖଣ୍ଡରେ କୋଲକାତାର ଏକ ନିଆରା ସଂସ୍କୃତି ଦେଖି ଖୁବ୍ ବିସ୍ମିତ ହୋଇଥିଲି । ପ୍ରାୟ ୨୫ ଫୁଟରୁ ଉର୍ଦ୍ଧ ଶୀତଳା ଦେବୀଙ୍କ ପ୍ରତିମୂର୍ତ୍ତୀ ଦେଖିଲି । ଶୀତଳା ଦେବୀ ତାଙ୍କ ବାହାନ ଗଧ ସହ ହାତରେ ଝାଡୁ ଧରି ଶୋଭାଯାତ୍ରାରେ ଯାଉଥିବାର ଦୃଶ୍ୟକୁତୋଳ ଧରି ଏହିରିପୋର୍ଟରେ ଖଞ୍ଜିଛି । ଯାହାର ଝଲକ ଖୁବ୍ ସ୍ୱତନ୍ତ୍ର ମନେ ହୁଏ ।

ISSN NO.
2582-208X

ବଙ୍ଗାଳୀ ଇଲାକାରେ ଓଡ଼ିଆ ସାଇନ୍‌ବୋର୍ଡ଼ ଦେଖି ଖୁବ ଆନନ୍ଦିତ ହେଲି । ବଙ୍ଗାଳୀ ମାଟିରେ ଓଡ଼ିଆ ଭାଷା କୁ ବଞ୍ଚାଇରଖିବାର ପ୍ରଚେଷ୍ଟା କରୁଥିବା ବିମଳ ମିତ୍ରଙ୍କୁ ଅନେକ ସାଧୁବାଦ ପ୍ରଦାନ କରି ସେଠାରୁ ଫେରିଲି ।

ବହି ମେଳାରେ ବିଦେଶୀ ଷ୍ଟଲର ଭିଡ଼ : ପ୍ରଥମଥର ପାଇଁ ବିଶ୍ୱ ପ୍ରସିଦ୍ଧ କଲିକତା ପୁସ୍ତକମେଳାରେ ଅଂଶଗ୍ରହଣ କରି ବେଶ୍ ଗର୍ବ ଅନୁଭବ କଲି । ୪୬ ତମ ଅନ୍ତର୍ଜାତୀୟ କୋଲକତା ପୁସ୍ତକମେଳାରେ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ପଡ଼ିଥିଲା । ଏହି ଅନ୍ତର୍ଜାତୀୟ ପୁସ୍ତକ ମେଳାରେ ଭାରତ, ସ୍ପେନ୍, ଇଟାଲୀ, ଥାଇଲ୍ୟାଣ୍ଡ, ଫ୍ରାନସ୍, ନ୍ୟୁୟର୍କ, ଅଷ୍ଟ୍ରେଲିଆ, ଇରାନ, ପେରୁ, ମେସିକୋ, ଋଷିଆ, ନେପାଳ, ବ୍ରିଟିଶ୍ ପରିଷଦ, ୟୁ.ଏସ୍.ଏ ଯୁକ୍ତରାଷ୍ଟ୍ର ଆମେରିକା,ବାଂଲାଦେଶ ପ୍ରମୁଖ ଅଂଶ ଗ୍ରହଣ କରି ସେମାନଙ୍କ ପୁସ୍ତକ ପରିବେଷଣ କରିଥିଲେ । ପୁସ୍ତକ ମେଳା ଭ୍ରମଣ ସାଙ୍ଗକୁ ପୁସ୍ତକ ଓ ପତ୍ର-ପତ୍ରିକା ସମ୍ବନ୍ଧୀୟ ବହୁ ଅଜଣା କଥା ଏହି ମେଳାରୁ ଜାଣିବାକୁ ମିଳିଥିଲା ।

ବିଶ୍ୱ-ଭାରତୀ ଶାନ୍ତିନିକେତନର ଓଡ଼ିଆ ବିଭାଗ ପରିଦର୍ଶନରେ ଯାଇ ସେଠାରେ ପ୍ରଫେସର ସବିତା ପ୍ରଧାନ, ପ୍ରଫେସର ଶରତ କୁମାର ଜେନା ଓ ଇନ୍ଦ୍ରମଣି ସାହୁଙ୍କୁ ଭେଟିଲି । ଅନନ୍ୟ ସାହିତ୍ୟ ସମାଜ, ଶାନ୍ତିନିକେତନ ପକ୍ଷରୁ 'ଅନନ୍ୟ' ନାମରେ ଗୋଟିଏ ଓଡ଼ିଆ ପତ୍ରିକା ପ୍ରକାଶିତ ହେଉଛି । ଯାହାର ସଂପାଦକ ହେଉଛନ୍ତି ଶରତ କୁମାର ଜେନା । ସେ ଏକାଧାର୍‌ରେ ଜଣେ ସୁସାହିତ୍ୟିକ, ସଂପାଦକ ଓ ଶିକ୍ଷାବିତ୍ । ବିଶ୍ୱଭାରତୀ ଶାନ୍ତିନିକେତନରେ ଉତ୍କଳ ଶିକ୍ଷା ସଂସଦ, ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ ୧୯୫୧ ମସିହାରେ ପ୍ରତିଷ୍ଠା ହୋଇଥିବା ଜାଣିବାକୁ ପାଇଲି । ଓଡ଼ିଶା ବାହାରେ ଏହିପରି ୪୫ଟି ପ୍ରତିଷ୍ଠାନ ଥିବା କଥା ସେ କହିଥିଲେ । ବିଶେଷ କରି କୋଲକାତା, ଝାରଖଣ୍ଡ, ଖରସୁଆ, ଚେନ୍ନାଇ ଓ ଷଢ଼େଇକଳା ଇତ୍ୟାଦି ସ୍ଥାନରେ ଏହି ଅନୁଷ୍ଠାନ ଗୁଡ଼ିକ ରହିଛି । ଓଡ଼ିଶାରେ ସାହିତ୍ୟ ସାଧନା କରିବା ଏବଂ ଶାନ୍ତିନିକେତନରେ ରହି ସାହିତ୍ୟ ସାଧନା କରିବା ମଧ୍ୟରେ ତଫାତ୍ କ'ଣ ରହିଛି ? ପଚାରିବାରୁ ସେ କହିଥିଲେ- "ଏଠାରେ ବହୁଭାଷୀଙ୍କ ସଂସ୍ପର୍ଶରେ ଆସି ମୁଁ ଓଡ଼ଆ ସାହିତ୍ୟ ରଚନା କରୁଛି । ଯେପରିକ ବଙ୍ଗଳା, ହିନ୍ଦୀ, ଅସମୀୟା, ଇଂରାଜୀ, ମରାଠୀ, ତେଲୁଗୁ ଆଦି ବ୍ୟକ୍ତ ବିଶେଷଙ୍କ ସହ ବିଭିନ୍ନ ସମୟରେ ଆଲୋଚନା କରି ସାହିତ୍ୟ ସର୍ଜନା କରିବା ଯୁଗୋପଯୋଗୀ ଓ ସହଜ ହେଉଛି ।"

ISSN NO.
2582-208X

ସେହିପରି ଅଧାପକ ଇନ୍ଦ୍ରମଣି ସାହୁ ପ୍ରବନ୍ଧାୟନ, ମାନବିକ ଅଧିକାର ଓ ଓଡ଼ିଆ ଉପନ୍ୟାସ, ସ୍ୱରସପ୍ତକ, ଦୁଇ ଆଦି କବି ଚସର ଓ ସାରଳାଙ୍କ ଉପରେ ଗବେଷଣା କରି ଓଡ଼ିଆ ଭାଷାକୁ ସମୃଦ୍ଧ କରିଛନ୍ତି । ବିଭାଗମୁଖ୍ୟା ତଥା ଭାଷାତତ୍ୱବିତ୍ ସବିତା ପ୍ରଧାନଙ୍କୁ ଭେଟି ଓଡ଼ିଆ ବ୍ୟାକରଣ ଓ ସାହିତ୍ୟରେ ଶବ୍ଦସଂଯୋଜନା ଶୈଳୀ ଉପରେ ଆଲୋଚନା କରିଥିଲି ।

ବୋଲପୁରର ଡ଼ିୟର ପାର୍କସ୍ଥିତ ନିଜ ବାସଭବନରେ ପ୍ରଫେସର ଗିରିବାଳା ମହାନ୍ତି ଓ ପ୍ରଫେସର କଇଳାଶ ପଟ୍ଟନାୟକଙ୍କୁ ସାକ୍ଷାତ କରିବାର ସୁଯୋଗ ପାଇଥିଲୁ । ଉଭୟେ ଓଡ଼ିଆ ସାହିତ୍ୟରେ ନିଜକୁ ବ୍ରତୀ କରି ଖୁବ୍ ଭାଗ୍ୟବାନ ମନେ କରୁଥିବା କଥା ପରିପ୍ରକାଶ କରିଥିଲେ । ବୁଧବାରିଆ ସାହିତ୍ୟ ଆସରର ପ୍ରାଣ ପ୍ରତିଷ୍ଠାତା କଇଳାଶ ସାର୍‌ଙ୍କ ସହ ତତ୍କାଳୀନ ସମୟର ସାହିତ୍ୟ ସାଧନା ଓ ଅନୁଭୂତି ସମ୍ବନ୍ଧରେ ଆଲୋଚନା କରିଥିଲୁ । ଖିଦିରିପୁରଠାରେ ୬୫ ଗୋଟି ଅନୁଷ୍ଠାନର ମିଳିତ ସହଯୋଗରେ ଓ ୫ ହଜାର ଓଡ଼ିଆଙ୍କ ସମାଗମରେ ପ୍ରତିବର୍ଷ ଉତ୍କଳ ଦିବସରେ ଏକ ବିରାଟ ଉତ୍ସବ ପାଳନ ହେଉଥିବା କଥା ଶୁଣି ଖୁସି ହୋଇଥିଲି । ଏହି ବିରାଟ ସମାବେଶର ସୂତ୍ରଧର ହେଉଛନ୍ତି ରବୀନ୍ଦ୍ର ମହାପାତ୍ର।

ଅନେକାଂଶରେ ପ୍ରବାସୀ ଓଡ଼ିଆ ଓ ବଙ୍ଗାଳୀ ଲେଖକମାନେ ଓଡ଼ିଆଙ୍କର ଜୀବନ, ଦର୍ଶନ, ଚିନ୍ତା, ଚେତନା, ଭାବନାକୁ ନେଇ ତାଙ୍କର ଲେଖନୀ ଚାଳନା କରି ଉଭୟ ଭାଷାର ସାହିତ୍ୟ ଓ ସମାଲୋଚନାକୁ ଯେପରି ସମୃଦ୍ଧ କରିଛନ୍ତି ସେହିପରି ଉଭୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ଓ ସାହିତ୍ୟିକ ସୁସଂପର୍କ ସ୍ଥାପନ କରିପାରିଛନ୍ତି ଏହା ହୃଦବୋଧ ହେଲା । ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ସହିତ କେବଳ କଥୋପକଥନ କରି ଅନୁଭୂତି ଓ ଅଭିଜ୍ଞତା ସାଉଁଟି ନାହିଁ ବରଂ ସେମାନଙ୍କ ମୁଖରୁ ଓଡ଼ିଆ ଏବଂ ବଙ୍ଗଳା ଭାଷା ସାହିତ୍ୟ ସଂପର୍କରେ ଅନେକ ଅଦେଖା ଅଜଣା ଅଧ୍ୟାୟ ଦେଖିବାର ଜାଣିବାର ସୌଭାଗ୍ୟ ଅର୍ଜନ କରିପାରିଛି ଏବଂ ଉପହାର ସୂତ୍ରରେ ବହୁ ପୁସ୍ତକ ମଧ୍ୟ ପ୍ରାପ୍ତ ହୋଇଛି ।

ଶ୍ରୀ ଜୟଦେବ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ
ନହରକଂଟା-୭୫୧୦୩୫,ଭୁବନେଶ୍ୱର
ମୋ:୮୩୨୮୯୫୩୭୬୭

ISSN NO.
2582-208X

# ଖାସ୍ ତୁମପାଇଁ



ବୈଦ୍ୟନାଥ ପଣ୍ଡା

ଆଶା ଥିଲା ମୋର ଅନନ୍ତ ଅସୀମ
ଦୂର କେତେ ଜାଣି ନାହିଁ
ଆଜି ସବୁ ମତେ ଲାଗୁଛି ସମ୍ଭବ
ପାଇଯିବି ହାତେ ମୁହିଁ
ଜାଣିଛ କେମିତି ହେଲା ଏ ସମ୍ଭବ
ଖାସ୍ ସବୁ ତୁମ ପାଇଁ
ଜୀବନ ମଧ୍ୟାହ୍ନେ ଆସି ସୁଲଗନେ
ହାତ ମୋର ଧରିନେଲ
ମିଠା କଥା କହି ମନ ମୋହି ନେଇ
ସ୍ୱପ୍ନ ମତେ ଦେଖାଇଲ
ଦେଖାଇଲ ମତେ ଅସୀମ ସପନ
ରାତି ଯାଏ ମୋର ପାହି
ଜାଣିଛ କାହିଁକି ଏମିତି ହେଉଛି
ଖାସ୍ ସବୁ ତୁମ ପାଇଁ
ମୋ ମନ ମାନସୀ ଆଗୋ ମହିୟସୀ
ପାଇ ସାନିଧ୍ୟ ତୁମର
ମୋ ମନ ବୀଣାରେ ଗୁଞ୍ଜରିତ ହୁଏ
ସଙ୍ଗୀତର ସପ୍ତସୁର
ଆଗୋ ମୋ ମାନିନୀ ସାଜି ମୋ ଭାମିନୀ

ISSN NO.
2582-208X

ପ୍ରଣୟର ଗୀତ ଗାଇ
ଜଡ଼ ଥିଲି ଆଜି ଚେତନା ଲଭିଲି
ଖାସ୍ ସବୁ ତୁମ ପାଇଁ
ସାଜି ମୋର ବଧୂ ଝରାଇଲ ମଧୁ
ମୋ ମନ ପ୍ରିତୀ କାନନେ
ତୁମେ ହେବ ମୋର ପ୍ରିୟ ପଦ୍ମାବତୀ
ମୋ ଗାଆଁ କୁହୁଲି ବନେ
ପ୍ରେରଣାରେ ତୁମ ଲେଖିବି ମୁଁ କାବ୍ୟ
ପଦ ଦେଉଥିବ କହି
ଜାଣିଛ କି ପ୍ରିୟା ଏ ଜନମ ମୋର
ଖାସ୍ ତୁମରି ପାଇଁ

ଅବଦଲ ପୁର, ଯାଜପୁର
ଦୂରଭାଷ ୯୪୩୯୮୫୪୧୯୯

ISSN NO.
2582-208X

# ମୁଁ ଭଲପାଏ



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ମୁଁ ଭଲପାଏ ତୁମକୁ,
ମୁଁ ଜାଣିନି ତୁମେ ମତେ ଭଲ ପାଅ କି ନାହିଁ,
ମୁଁ ଜାଣିନି ତୁମ ହୃଦୟରେ ମୁଁ ଅଛି କି ନାହିଁ,
ମୋ ପାଇଁ ତୁମ ହୃଦୟ ସ୍ପନ୍ଦିତ ହୁଏ କି ନାହିଁ
ମୋ ହସରେ ମୋ ଲୁହରେ ତୁମକୁ କିଛି ଫରକ୍
ପଡେ କି ନାହିଁ, କୌଣସି ପ୍ରଶ୍ନ ର ଉତ୍ତର ମୋର
ତୁମଠୁ ଲୋଡା ନାହିଁ, କାରଣ ମୁଁ ନିସର୍ତ୍ତ ଭଲପାଏ
ତୁମକୁ।

ତୁମେ କହୁନ ଭଲ ପାଇବା ଛଡ଼ା ଏ ଜୀବନରେ
ଆଉ କଣ ଅଛି, ଅହରହ ସଂଘର୍ଷ ଧନ ମାନ ଯଶ
ପାଇଁ, ନହେଲେ ପେଟ ପାଇଁ ଭୋକ ପାଇଁ ଦେହ ପାଇଁ,
ବିତି ଯାଏ ବର୍ଷ ପରେ ବର୍ଷ,ଦିନ ପରେ ରାତି
ସମୟ ପାହୁଣ୍ଡ ପକାଏ ଆଗକୁ ଆଗକୁ କାଲିର ଆରମ୍ଭ
କେବେ ଶେଷ ହୋଇଯାଏ ଶୂନ୍ୟରେ ମିଳେଇ ଯାଏ
ଏକାନରୁ ସେ କାନ ଖବର ହୁଏ ନାହିଁ, ବାକି ଯାହା ପଡ଼ି ରହେ
ଅଲୋଡ଼ା ଅଖୋଜା ନହେଲେ କାହାର ସ୍ମୃତିରେ ଫୁଲଟିଏ ହୋଇ।

ISSN NO.
2582-208X

ମୁଁ ଜାଣିଛି ମୋ ଜୀବନ ଏମିତି ସରିଯିବ ଭଲ ପାଇବାରେ
ତୁମକୁ, ତୁମେ ବରଂ ଥାଅ ତୁମ ଅଭିମାନ, ଅହଙ୍କାର, ଅସ୍ମିତା,
କୁନେଇ,ବର୍ତ୍ତମାନର ସ୍ରୋତରେ ଭାସିଚାଲ, ଭବିଷ୍ୟତ ହାତଠାରି
ଡାକୁଛି ଅଦୂରେ, ମୁଁ ଅଛି ଅତୀତର ସେଇ ପୁରୁଣାପୃଷ୍ଠାରେ,
ସେଠି ତୁମେ ଅଛ, ଅଛି ତୁମ ସମ୍ପର୍କର ଫୁଲଟିଏ, ସେ ଫୁଲର ମହ ମହ
ବାସ୍ନାରେ ବାସ୍ନାୟିତ ମୋ ହୃଦୟର ପ୍ରତିଟି କୋଠରୀ।

ଆକାଶର ବିଶାଳ ଛାତତଳେ କିଏ ଜଣେ ପାରି ଦେଇଛି
ମାଟିରେ ସବୁଜ ଗାଲିଚା, ଚଢ଼େଇ ଟା ସେଠି ସମ୍ପର୍କ ର ଗୀତ
ଗାଏ ଅହରହ, ମନ୍ଦ ମନ୍ଦ ଶୀତଳ ପବନ ଲେଖୁଥାଏ ନିତି
ତୁମ ସମ୍ପର୍କର ମଧୁର ଆଲେଖ୍ୟ, ଭଲ ପାଇବାର ବିଭୋର
ରଙ୍ଗରେ ରଙ୍ଗୀନ ଫୁଲ ମାନେ ଝରେଇ ଦିଅନ୍ତି ନିତି ପ୍ରୀତିର
ଝରଣା, ସେଇଠି ମୁଁ ଆଙ୍କୁଛି ମୋ ଭଲପାଇବାର ରଙ୍ଗ ଆଉ
ତୂଳୀରେ ଆମ ସମ୍ପର୍କର ଭବ୍ୟ ଚିତ୍ରଟିଏ।

କେନ୍ଦ୍ରାପଡା

ISSN NO.
2582-208X

# ସହରୀ ବାବୁ



ଜୟଶ୍ରୀ ପଟ୍ଟନାୟକ

ଚାଷୀ ଘରର ପୁଅ ଶିବା ଆଇ ଏ ଏସ ପାଇଛି। ମନ କୁଣ୍ଢେମୋଟ ହେଇ ଯାଉଥିଲା ସାନ ଭାଇ ଦେବା ଆଉ ବାପାର। ଗାଁ ଟା ଯାକର ଲୋକେ କହିଲେ ମଣି ର ଗୋଟିଏ ଯୋଗ୍ୟ ପୁଅ ହାକିମ ହୋଇ ଏଇ ଗାଁ ରୁ ବାହାରିବ ବୋଲି କେହି ବିଶ୍ୱାସ କରି ନ ଥିଲେ ହୋ। ହଉ ଭଲ ହେଲା ଗାଁ ଲୋକଙ୍କର ସେବା କରିବ ହାନିଲାଭ ବୁଝିବ ଯାହାର ଯେତେବେଳେ ଦରକାର ହେବ ତା ପାଇଁ ଛିଡାହେବ। ପରଦିନ ଅନେକ ସାମ୍ବାଦିକ ଭାଇ ମାନେ ଗାଁ ମୁହାଁ ହୋଇ ଶିବାକୁ ଖୁବ ପ୍ରଶଂସା କରି ପକାଉଥିଲେ। ଯେତେବେଳେ ପ୍ରଶ୍ନ କରିଥିଲେ ଆପଣଙ୍କର ଏ ସଫଳତାର ଶ୍ରେୟ କାହାକୁ ଦେବେ ସେତେବେଳେ ଶିବା କହିଲା ବାପା ମୋର ଚାଷ କରି ଝାଳ ବୁହା ପଇସାରେ ପାଠ ପଢାଇଛନ୍ତି ତାଙ୍କ ପାଇଁ ମୁଁ ଆଜି ଏଇଠି ପହଂଚି ପାରିଛି ତେଣୁ ସେ ଶ୍ରେୟ ମୁଁ ତାଙ୍କୁ ନିଶ୍ଚୟ ଦେବି। ଟ୍ରେନିଂ ପରେ ଯୋଉଦିନ ଜଏନ କରିବାକୁ ଗଲା ଶିବା ମା, ବାପା, ସାନଭାଇ ଆଉ ଗ୍ରାମବାସୀ ଛାଡିବାକୁ ଯାଇଥିଲେ ଶିବାକୁ ରୋଡ଼ କାନ୍ଥ ଯାଏଁ। କିଏ ସୁଟିକେଶ ତ କିଏ ବ୍ୟାଗ ଧରି ତାକୁ ବାଟେଇଦେଲେ। ଆମ ପରମ୍ପରା ତ କହେ ପୁଅର ଚାକିରି ହୋଇଗଲା ମାନେ ଝିଅ ଦେଖି ବାହାଘର କରିଦେବା। ଶିବା ଯେହେତୁ ନିଜେ ଆଇ ଏ ଏସ ଅନ୍ୟ ଗୋଟିଏ ଆଇ ଏ ଏସ ପାଇଥିବା ଝିଅକୁ ଖୁବ ଧୂମଧାମରେ ପଞ୍ଚ ତାରକା ହୋଟେଲ ରେ ଭୋଜି ଦେଇ ବାହା ହେଲା। କିଛି ବର୍ଷ ଗାଁ ସହିତ ସମ୍ପର୍କ ରହିଲା। ଯେତେବେଳେ ଆଉ ଗୋଟିଏ ସ୍ଥାନକୁ ବଦଳି ହୋଇଗଲା ଗାଁ ସହିତ ସମ୍ପର୍କ ରଖିବା ସମ୍ଭବ ହେଲାନାହିଁ । ବିଲବାଡ଼ି କାମରେ କି ଘରର କିଛି ଜରୁରୀ କାମ ପଡିଲେ ପଇସା ପଠାଇ ଦିଏ ହେଲେ ଯାଇପାରେନି ଗାଁ କୁ। ସହରୀ ବାବୁ ବଡ଼ ଚାକିରି କରିଛି। ଗାଁ ଲୋକ ଯଦି ତା ଅଲିଶାନ ବଙ୍ଗଳାକୁ ଆସିକି ରହିବେ ସିକ୍ୟୁରିଟି ଠାରୁ ଆରମ୍ଭ କରି ଘରେ କାମ କରୁଥିବା ସ୍ତ୍ରୀ ମାନେ ତାକୁ ତଳ ନଜରରେ ଦେଖିବେ।

ISSN NO.
2582-208X

ତେଣୁ ବାପା ମାଆ ଭାଇ ଭଉଣୀ ଯେ କେହି ତା ପାଖକୁ ଆସିବାକୁ ବାହାରିଲେ ସେ କହିଦିଏ ମୋର ଟୁର ଅଛି କୋରାପୁଟ ଯିବାକୁ ଆଉ ମୁଁ ନଥିଲା ବେଳେ ତୁମକୁ କିଏ ଏଠି ଚିହ୍ନିବ ଯେ ଆସିବ।

ଏମିତି ଏମିତି କଟିଗଲା 7, ୫ ବର୍ଷ। ଦିନେ ମାଆ ର ଦେହ ବହୁତ ଖରାପ ହେଲା ମା କୁ ମେଡିକାଲ ରେ ଆଡ଼ମିସନ କରିବାକୁ ପଡିଲା। ବାପା ଯାଇଥିଲେ ପୁଅକୁ ଦେଖା କରି ତା ଠାରୁ କିଛି ଟଙ୍କା ଆଣିବାକୁ। ଗଲାବେଳେ ସାଙ୍ଗରେ ନେଇ ଯାଇଥିଲେ ମୁଢ଼ି, ହୁଡୁମ, ଆରିସା, ପିଠା ଆଉ ମିଠା ପୁଣି ପୁଅଟେ ପାଇଁ କିଛି ମିକ୍ସର ବିସ୍କୁଟ। ସେତିକି କିଣିବାକୁ ଧାନ ଗଣ୍ଡେ ବିକିବାକୁ ପଡିଲା। ପୁଅର ବଙ୍ଗଳା ଦେଖି ବିଶ୍ୱାସ କରି ପାରିଲେନି ମଣିକାନ୍ତ, ଏତେବଡ ବଙ୍ଗଳା ରେ ପୁଅ ରହୁଛି ଯୋଉଠି ଚାକର ବାକର, ଉଦ୍ୟାନ ମାଳି ଆଗରେ ସିକ୍ୟୁରିଟି ବି ଅଛି। କାହିଁ ପୁଅ ଦିନେ ତ କହିଁନି ଗାଁ ଛାଡ଼ି ଆସ ବାପା ଥରେ ବୁଲିକି ଯିବ ବୋଉକୁ ସାଙ୍ଗରେ ଆଣିଥିବ କିଛି ଦିନ ବୋହୂ ପରଷା ଖାଇକି ଯିବ। ମଣିକାନ୍ତ ମନ ଅଭିମାନ ରେ ଫାଟିଗଲା। ହୃଦୟ ଭିତରୁ କୋହ ଉଠୁଥିଲା। ସେ ଦେଖୁଥିଲେ ତାଙ୍କର ଶିରାଳ ହାତ ଆଉ ଲୋଚା କୋଚା ଚମର ଶରୀରକୁ। ପିନ୍ଧିଥିବା ଧୋତି ଯୋଡ ଦେଖିଲେ ପୁଅ ବି ଚିହ୍ନିବ ନାହିଁ ବାପା ବୋଲି। ଫାଟକ ରେ ଲେଖା ହୋଇଛି କୁକୁର ପ୍ରତି ସାବଧାନ। ଗାଁ ରେ କୁକୁର ମାନେ ଯା ଦୂଆର ତା ଦୂଆର କେଡେ ସ୍ୱାଧୀନତା ରେ ବୁଲୁଥିଲା ବେଳେ ସହରୀ ବାବୁ ଙ୍କ ଫାଟକରେ କୁକୁର ବନ୍ଧା ହୋଇଛି। ଏପଟେ ଲେଖା ହୋଇଛି ବିନା ଅନୁମତି ରେ ଭିତରକୁ ପ୍ରବେଶ ନିଷେଧ। ବାପା ପୁଅ କୁ ଦେଖା କରିବାକୁ ଆସିଲେ ଗୋଟାଏ କଣ ଅନୁମତି ଦରକାର ? ଥାଉ ତାହେଲେ ଫୋନ ରେ କଥା ହୋଇ ବୋଉ ଦେହ ଭଲ ନାହିଁ ଦେଖିବାକୁ ଆସିବୁ କିଛି ପଇସା ଦରକାର ସାଙ୍ଗରେ ଆଣିଥିବୁ ବୋଲି ଜଣେଇ ଦେବାଟା ବରଂ ଭଲ ବୋଲି ଭାବିଲେ ମଣିକାନ୍ତ। ବୋତଲ ରୁ ଟିକେ ପାଣି ପିଇଲେ, ଗାମୁଛାରେ ଝାଳ ପୋଛିଲେ। ଦରୱାନ କୁ ଦେଖି ସାଙ୍ଗରେ ନେଇଥିବା ମୁଢ଼ି ପିଠା ସବୁ ଦେଇ କାଗଜ ଖଣ୍ଡେ ମାଗି ଲେଖିଦେଲେ ଗାଁ ରୁ କିଏ ଜଣେ ବନ୍ଧୁ ଆସିଛନ୍ତି ହାକିମ ବାବୁଙ୍କୁ ଦେଖା କରିବାକୁ ବୋଲି କହିଦେବ କହି ମଣି କାନ୍ତ ଆଶା ବାନ୍ଧି ବସିଥିଲେ। ଭିତରକୁ ଯାଇ ଦରୱାନ ଆସିକି କହିଲା ସାର ଆଉ ମାଡାମ ଗୋଟେ କାମରେ ଟୁର ରେ ଯାଉଛନ୍ତି ଆଜି ଦେଖା ହୋଇ ପାରିବନି ଆଉ ଦିନେ ଆସି ଦେଖା କରିବେ। ଟିକେ ହସିଲେ ମଣିକାନ୍ତ। ଚାଷ କରି ଝାଳ ବୁହାଇ ପାଠ ପଢ଼େଇଥିବା ଅନେକ ବାପା ଏ ସହରୀ ବାବୁ ଙ୍କ

ISSN NO.
2582-208X

ହାଲଚାଲ ଜାଣିଥିବେ ମୁଁ ବା କିପରି ବାଦ ପଡିଯିବି। ଫେରି ଆସିଲା ବେଳକୁ ଦରଓ୍ୱାନ ପଛରୁ ମଉସା ମଉସା ଟିକେ ଶୁଣିବେ କି ଡାକ ଛାଡିବାରୁ ପଛକୁ ଚାହିଁଲେ ମଣିକାନ୍ତ। ଦରଓ୍ୱାନ ପଚାରିଲା ଆପଣଙ୍କ ପରିଚୟ। ଟିକେ ହସିଦେଇ କହିଲେ ମଣିକାନ୍ତ କହିଦେବ ତୁମ ବାବୁ ଆଉ ମା କୁ ତାଙ୍କ ଗାଁ ରୁ ତାଙ୍କ ସାଙ୍ଗର ବାପା ଆସିଥିଲେ। ବାବୁ ବ୍ୟସ୍ତ ଅଛନ୍ତି ଯଦି ତାଙ୍କୁ ଅନ୍ୟ ଦିନ ଆସି ଦେଖା କରିବି କହି ଫେରିଆସିଲେ। ତାଙ୍କ ଅଜାଣତରେ ଲୁହ ଆଖିକୁ ଓଦା କରି ପକାଉଥିଲେ କାଳେ କିଏ ଦେଖିଦେବେ ବୋଲି ମୁହଁ ଲୁଚାଇ ସେଠାରୁ ଫେରି ଆସିଲେ।

ଗଙ୍ଗନଗର, ଭୁବନେଶ୍ୱର
7978110474

ISSN NO.
2582-208X

# ବସିଅଛି ହାତ ଯୋଡ଼ିକି



ଶିଶିର କୁମାର ପଣ୍ଡା

ଯେତେ ଟୋକା ସାଜି ବୁଲିଲେ କି ହେବ
ରଙ୍ଗ ମାଖିଦେଇ ଚୂଳରେ
ଶୋଇ ହେଉନାହିଁ ବିନ୍ଧାବିନ୍ଧି ହୁଏ
ଗାଢ଼ ହୋଇ ଦାନ୍ତ ମୂଳରେ ।
ପାଦ ପଡୁନାହିଁ ଆଗଭଳି ଆଉ
ଆଣ୍ଠୁପାଖୁ ବାଙ୍କି ଗଲାଣି
ମଧୁମେହ ଆସି ଏଇ ବୟସରେ
ବଡ଼ ଦହଗଞ୍ଜ କଲାଣି ।
ପ୍ରେସର ବଟିକା ଦିନେ ନ ଖାଇଲେ
ମୁଣ୍ଡ ଟଳମଳ କରୁଛି
ଯୋଗ ପ୍ରାଣାୟାମ ଯେତେବି କରୁଥା
କମର କିନ୍ତୁ ମୋ ଧରୁଛି ।
ଟିକିଏ କାମରେ ହାଲିଆ ଲାଗୁଛି
ଧଡ଼ପଡ଼ ହୁଏ ଛାତିଟା
ଅନୁଭବି ଖାଲି ବୁଝିହିଁ ପାରିବ
କେମିତି କଟୁଛି ରାତିଟା ।
ଏବେ ଖାଲି ଯାହା ଡାକରାକୁ ଚାହିଁ
ବସିଅଛି ହାତ ଯୋଡ଼ିକି
କେବେ ଆସି ଯମ ବାନ୍ଧିନେବ ଅବା
ଚାଲିଯିବ ମୁହଁ ମୋଡ଼ିକି

କୁଆଁସ, ମେରଦା କାଟିଆ,
ଯାଜପୁର
ଆଳାପ:୮୯୮୧୭୩୭୨୨୮

ISSN NO.
2582-208X

# ଅମୁହାଁ ଦେଉଳ



ବିନୟ ମହାପାତ୍ର

ମନ୍ଦିର ମୁଣ୍ଡି ମାରିଦେବା ପରେ
ନେତ ବାନ୍ଧିବାକୁ ମନା କରିଦେଲେ,
ସିଂହଦ୍ୱାର ଏବେ ବି ମୁକୁଳା ପଡିଛି,
ଜାଉଁଳୀ କବାଟରେ କିନ୍ତୁ
ମହଣ କୋଲପର ମୁଦ ଲାଗିଛି ।
ମୁଦମରା ଅମୁହାଁ ଦେଉଳ
ଭିତର ସିଂହାସନ ଶୂନ୍ୟ ଅବା
ମଣ୍ଡପରେ ଦିଅଁ ବିରାଜନ୍ତି ?
କିଏ ଜାଣେ,
କଳିଯୁଗ ସରିଲାଣି ଅବା
ଏବେ ବି ଆଉ କେଇ ଯୁଗ ବାକି ଅଛି,
ଅବା ଯୁଗାନ୍ତରେ ପରେ
ଏ ମୁଦ ଆପଣା ଛାଏଁ ଗଳି ପଡିବ
କଳ୍କୀ ଅବତାର ହାତରେ ଖଡ୍ଗ ଧରି
କଳା ଘୋଡା ଚଢି ରଣ ହୁଁକାର ଦେବ ।

ମନ୍ଦିର ଏବେ ବି ଏଇଠି ଅଛି
ଚାରି ଦୁଆର ମୁକୁଳା ପଡିଛି
ହେଲେ ମନ୍ଦିରରେ ଦିଅଁ କାଇଁ ?

ISSN NO.
2582-208X

ଦିଅଁ ବୋଲି କେବଳ କେଇ ଖଣ୍ଡ
ପଥର ମୂର୍ତ୍ତୀ, ଅବା ଭଗ୍ନ କବର ଦିଶୁଛି
କେଉଁଠି ତ୍ରୀଶୂଳ, କେଉଁଠି ଅର୍ଦ୍ଧଚନ୍ଦ୍ର,
ଆଉ ମିଶାଣ ଚିହ୍ନର ପ୍ରତୀକ ଝୁଲୁଛି ।
ସବୁ ନିସ୍ପ୍ରାଣ ଆତ୍ମା ଶୂନ୍ୟ
କିନ୍ତୁ, ଶବ ଏଠି, ଆତ୍ମା ନୁହେଁ
ସ୍ୱୟଂ ପରମାତ୍ମାକୁ ଖୋଜୁଛି ।
ଧର୍ମର ଧ୍ୱଜାରେ ରକ୍ତର ଦାଗ ଦିଶେ
ନାରଙ୍ଗୀ, ସବୁଜ ଆଉ
ସଫେଦ ଚାଦର ତଳେ
ପାଖଣ୍ଡ, ପ୍ରପଞ୍ଚତାର ମୁଁହ ଲୁଚିରହେ ।

ସେଇ ଯେ ବେନାମୀ
ଅଦୃଶ୍ୟ, ଅସ୍ପୃଶ୍ୟ,
ନିର୍ଗୁଣ ନିରାକାର ବ୍ରହ୍ମ,
ଅରୂପ ବ୍ରହ୍ମକୁ କେତେ ରୂପ ଦେଇ
ଲଢେଇ ଯେ ନାମ ପାଇଁ ହୁଏ ।
ଅନନ୍ତ ନିରାକାରକୁ ଆକାରେ ସଜାଇ
ସର୍ବ ନାମରୁ, ନାମ ବାଛି ବାଛି
କେଉଁ ନାମେ ପୂଜିବ ବୋଲି,
କେତେ କେତେ ଯେ ଲଢେଇ ହୁଏ ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ହୋସିୟାରପୁର ଡାଇରୀ



ଆଶୁତୋଷ ମେହେର

ଜୀବନ ଏକ ଯାତ୍ରା, ଯାହାର ପ୍ରତି ପାଦରେ ଅନେକ ଚରିତ୍ର ଜୀବନଧାରକୁ ଆସିଥାନ୍ତି ଜାଣତରେ ଅବା ଅଜାଣତରେ, ଯାହାଙ୍କୁ ନେଇ ଜୀବନ ଆଗକୁ ବଢେ, ସଫଳତା ଓ ବିଫଳତା, ଆନନ୍ଦ ଓ ଦୁଃଖ ସହ। କିନ୍ତୁ କେତେକ ଭୁଲ ଏପରି ହୁଏ, ଯାହା ଆମ ମନରେ ଚିରସ୍ଥାୟୀ ଛାପ ଛାଡ଼ିଯାଏ।

ଆଜିକୁ ତିରିଶ ବର୍ଷ ତଳର କଥା, ଷ୍ଟେଟ ବ୍ୟାଙ୍କ ଚାକିରୀ ଜୀବନରେ ମୁଖ୍ୟପ୍ରବନ୍ଧକ ପଦକୁ ପଦନ୍ନୋତି ପରେ, ମୁଁ ପହଞ୍ଚିଥିଲି ଚଣ୍ଡିଗଡ ସହରରେ। ଏତେ ଦୂରରୁ ଆସିଥିବାରୁ ମନ ଭିତରେ ଥିଲା ଅନେକ ଶଙ୍କା ଓ ଆଶଙ୍କା। ହେଲେ ସେଠି ଆମ ଚଣ୍ଡିଗଡ ମୁଖ୍ୟ ଅଫିସ ମାନବସମ୍ବଳ ବିଭାଗର ସୁବ୍ୟବସ୍ଥାରୁ ସବୁ ଆଶଙ୍କା ଦୂର ହୋଇ ଯାଇଥିଲା। ଏଥିରେ ଯେଉଁ ଡେପୁଟି ମ୍ୟାନେଜର ସାହାଯ୍ୟ ସହଯୋଗ କରିଥିଲେ ସେ ଥିଲେ ଚରନଜିତ୍ ଛାପ୍ରା। ସେ ଥିଲେ ମୋ ପରି ସର୍କଲ ବାହାରୁ ଆସୁଥିବା ଅଫିସରଙ୍କ ପୋଷ୍ଟିଂ ବ୍ୟବସ୍ଥା କରିବାର ଇନଚାର୍ଜ। ପ୍ରଥମ ପରିଚୟରେ ହିଁ ଚରନଜିତ୍ ସହିତ ଘନିଷ୍ଠତା ଜମିଯାଇଥିଲା । ପରିସ୍ଥିତିକୁ ଉଶ୍ୱାସ କରି ସେ କହିଥିଲା, "ସାର୍, ଆପଣ ଆସିଥିବା ଭୁବନେଶ୍ୱର ସହର ମୁଁ ଥରେ ଯାଇଥିଲି, ସେଠି ଆମ ସର୍ବଭାରତୀୟ ବ୍ୟାଙ୍କସ୍ତରୀୟ ମାନବ ସମ୍ବଳ ସେମିନାରରେ ଯୋଗ ଦେବାକୁ। ଦୁଇଦିନ ସେମିନାର ପରେ ଆମକୁ ପରିଭ୍ରମଣରେ ନିଆଯାଇଥିଲା ମହାପ୍ରଭୂଙ୍କ ଲିଙ୍ଗରାଜ ମନ୍ଦିର, ପୁରୀଧାମର ଶ୍ରୀ ଜଗନ୍ନାଥ ମନ୍ଦିର ଓ ପ୍ରସିଦ୍ଧ ବ୍ଲାକପାଗୋଡା କୋଣାର୍କ ମନ୍ଦିର ବୁଲିବାକୁ। ବଡ ସୁନ୍ଦର ଆଉ ଆଧ୍ୟାତ୍ମିକ ରାଜ୍ୟ ଓଡିଶା ସେଦିନରୁ ମୋ ମନ ଭିତରେ ବସିଯାଇଛି। ସେଠି ମୁଁ ଜାଣିପାରିଲି ଆମ ଶିଖଧର୍ମର ଗୁରୁ ନାନକ ମଧ୍ୟ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଇଥିଲେ। ଆଜି ବଡଭାଗ୍ୟର କଥା ସେ

ISSN NO.
2582-208X

ମାଟିର ଜଣେ ଅଫିସର ଆମ ସାର୍କିଲରେ ପୋଷ୍ଟିଂ ହୋଇଛନ୍ତି ଓ ଆଜି ମୋ ପାଖରେ ବସିଛନ୍ତି।"

ମୁଁ ବଡ ଖୁସିହେଉଥିଲି ଚରନଜିତ୍ ର କଥା ଶୁଣି। ପଚାରିଲି, ଆପଣଙ୍କ ନିଜ ଗାଁ କେଉଁଠି ?

......"ଆପଣ ହେସିୟାରପୁର ଜିଲା କଥା ଶୁଣିଥିବେ। ସେଇ ଜିଲାରେ ମୋ ବାସସ୍ଥାନ ଗାଁ ର ନାଁ ହେଲା ଦସୁଆ। ସବୁ ଧୀରେ ଧୀରେ ଜାଣିବେ ସାର୍।"

ମୋ ପାଇଁ ଚା ର ଅର୍ଡର ଦେଇ ପୁଣି ସେ ପଚାରିଲା, "ସାର୍ କାଲି ଆସି ରହିଲେ କେଉଁଠି ?"

....."ମୁଁ ତ ପ୍ରଥମ କରି ଆସିଛି ଚଣ୍ଡିଗଡ। ପହଞ୍ଚିଲା ବେଳକୁ ସଂଧ୍ୟା ହୋଇଥିଲା ତେଣୁ ବସଷ୍ଟାଣ୍ଡ ପାଖ ହୋଟେଲରେ ରହିଗଲି।"

......."କିଛି ଚିନ୍ତା ନାହିଁ ସାର୍। ଆପଣ ତ ଜାଣିଛନ୍ତି ଆମ ବ୍ୟାଙ୍କର ବ୍ୟବସ୍ଥା। ମାନବସମ୍ବଳ କମିଟି ବୈଠକ ବସିଲେ ଯାଇ ଆପଣଙ୍କ ପରି ସିନିଅର୍ ଅଫିସରଙ୍କ ପୋଷ୍ଟିଂ ସ୍ଥିର ହେବ। ଆପଣ ଚିନ୍ତା କରିବେନି, ବାହାର ସର୍କଲରୁ ଆସିଛନ୍ତି ତେଣୁ ସୁବିଧାଜନକ ଜଗା ଦେଖି ଆପଣଙ୍କ ପୋଷ୍ଟିଂ ହେବ। ଏ ବାବଦରେ ମୁଁ ମାନବସମ୍ବଳ ମୁଖ୍ୟ ଅଧିକାରୀଙ୍କ ସହ କଥା ହୋଇସାରିଛି, ସେ ମଧ୍ୟ ଏ ମତାମତରେ ଗୋଟାଏ ପ୍ରକାରରେ ରାଜି। ତେବେ ସାର୍, କିଛି ଦିନ ଲାଗିଯିବ । ତେଣୁ ଆପଣ ହୋଟେଲ ଛାଡି ଆମର ଅଫିସର ସଂଘର ଗେଷ୍ଟହାଉସକୁ ଉଠିଆସନ୍ତୁ। ମୁଁ ବ୍ୟବସ୍ଥା କରି ଦେଉଛି। ସେଇଟା ଖାଲି ଶସ୍ତା ହେବନି, ଭଲ ଲାଗିବ ନିଜ ପରିବାର ପରି। ସଂଧ୍ୟାରେ ସେଠି ସର୍କଲ ର ବିଭିନ୍ନ ଜଗାରୁ ଆସିଥିବା ସାଥୀ ସହକର୍ମୀଙ୍କ ସହ ଦେଖାସାକ୍ଷାତ ବି ହୋଇ ପାରିବ। ଆମର ଏ ସର୍କଲ କୁ ବୁଝିବାକୁ ଆପଣଙ୍କ ପାଖରେ ସହଜ ହେବ।" ଚରନଜିତ୍ କାହାସହ ଇଟରକମ୍ ରେ କଥାହେଲେ। ପ୍ରାୟ ଦଶପନ୍ଦର ମିନିଟରେ ଜଣେ ମେସେଞ୍ଜର, ସାତଦିନିଆ ରିଜର୍ଭେସନ୍ ଚିଠିଧରି ଆସିଗଲେ ।

ପ୍ରଥମ ଦିନରୁ ଚରନଜିତ୍ ଙ୍କ ବ୍ୟବହାର ଓ ସାହାଯ୍ୟ ସହଯୋଗ ଦେଖି ତାଙ୍କ ପ୍ରତି ମୋ ମନରେ ଗଢିଉଠିଥିଲା ତାଙ୍କ ପ୍ରତି ଗୋଟାଏ ଅଭେଦ୍ୟ ସମ୍ମାନର ପାଚେରୀ। ସତକୁ ସତ

ISSN NO.
2582-208X

କିଛିଦିନ ଭିତରେ, ଚଣ୍ଡିଗଡ ସହରସ୍ଥିତ ପଞ୍ଜାବ ଜୋନାଲ୍ ଅଫିସରେ ହିଁ ମୋର ପୋଷ୍ଟିଂ କରିଦିଆହେଲା। ଚରନଜିତ୍ ଙ୍କୁ ଧନ୍ୟବାଦ ଦେଇ ମୁଁ ଯୋଗଦେଲି ନୂଆଁ ଅଫିସରେ।

ସମୟ ଗଡିଚାଲିଲା। ଆଉ ଚଣ୍ଡିଗଡ ପରି ସୁନ୍ଦର ସରଳ ବ୍ୟବସ୍ଥିତ ସହରରେ ଜୀବନଟା ଲାଗେ ବଡ ମଜାଦାର ଓ ନିଆରା। ସମୟଚକ୍ରରେ ପରିବାରବର୍ଗଙ୍କୁ ଧରି ଚଣ୍ଡିଗଡ ସହରରେ ତିନିବର୍ଷ ସମୟ ବି କଟି ଯାଇଥିଲା । ପ୍ରଥମ ପୋଷ୍ଟିଂ ବିଭାଗରୁ ସ୍ଥାନୀୟ ବଦଳି ହୋଇ, ସେଇ ଜୋନାଲ୍ ଅଫିସର୍ ଅନ୍ୟ ଗୋଟାଏ ବିଭାଗର ମୁଖ୍ୟ ଭାବେ ସ୍ଥାନିତ ହୋଇଥିଲି। ନୂଆଁ ବିଭାଗଟା ଉପମହାପ୍ରବନ୍ଧକ ଙ୍କ ସିଧାସଳଖ ଅଧୀନରେ, କାମର ଚାପ ମଧ୍ୟ ବଢିଯାଇଥିଲା। ଏ ଭିତରେ ସର୍କଲ ର ଅନେକ ସିନିୟର ଜୁନିୟର ଅଫିସରଙ୍କ ପରିଚୟ ହୋଇଯାଇଥିଲା ଓ ନିଜର କାର୍ୟ୍ୟଦକ୍ଷତା ରୁ କିଛି ସ୍ଥାନବି ଆବେରି ବସିଥିଲି ମୁଁ ସାର୍କଲ ଭିତରେ। ଆଗକୁ ମୋ ମନ ଭିତରେ ଝାପ୍ସା ଝାପ୍ସା ହୋଇ କଁଅଳୁ ଥିଲା ପରବର୍ତ୍ତୀ ପଦୋନ୍ନତି ର ଝଲକ୍ ।

ସେ ଦିନ ଅଫିସରେ ସକାଳୁ ସକାଳୁ ଉପମହାପ୍ରବନ୍ଧକ ଙ୍କ ଆଦେଶ ହେଲା ଗୋଟାଏ ଜରୁରୀ କାମ ଯେମିତି ହେଲେ ମଧ୍ୟାହ୍ନ ଭୋଜନ ସୁଦ୍ଧା ସାରିବାକୁ। ଦୁଇଜଣ ଅଧିକାରୀଙ୍କ ସହ କାମରେ ବ୍ୟସ୍ତ ଥିଲି ଠିକ୍ ଏତିକି ବେଳକୁ ଟେବୁଲ୍ ଟେଲିଫୋନ୍ ଘଣ୍ଟି ବାଜିଲା। କ୍ରେଡେଲ୍ ଉଠାଇ କଲ୍ କାଟିଦେଲି। ପୁଣି ବାଜିଲା ଘଣ୍ଟି, ଏଥରକ ମଧ୍ୟ କଲ୍ କାଟିଲି। ଘଣ୍ଟି ତୃତୀୟ ଥର ବାଜିଲାରୁ ମୋ ମୁଣ୍ଡରେ କେମିତି କେଜାଣେ ପିତ୍ତ ଉଠିଗଲା। ଟେଲିଫୋନ ଟା ଉଠାଇ ବିରକ୍ତିଭରା ସ୍ୱରରେ କହିଲି, "ହେଲୋ, କିଏ କହୁଛନ୍ତି" ।

......"ସାର୍ ହେଡଅଫିସ୍ ଜିଏମ୍ ଅଫିସରୁ କହୁଛି । ଆପଣଙ୍କ ଜୋନାଲ୍ ଅଫସର ମାସିକ ରିପୋର୍ଟ ଆସିନି ଏ ଯାଏଁ। ବହୁତ୍ ଡେରି ହେଲାଣି। ସେ ପଟୁ ସେଣ୍ଟ୍ରାଲ୍ ଅଫିସ୍ ରୁ ତାଗିଦ୍ ଆସିଲାଣି। ଆଜି ନିତ୍ୟାନ୍ତ ଦରକାର, ଲଞ୍ଚ ସୁଦ୍ଧା ପଠାଇବାର ବ୍ୟବସ୍ଥା କଲେ ଭଲ ହୁଅନ୍ତା।"

ଚିହ୍ନାଚିହ୍ନା ସ୍ୱର ଲାଗିଲା । ହେଲେ ମୋ ମୁଣ୍ଡକୁ ବିଛା କାମୁଡୁ ଥିଲା ତ, ବିରକ୍ତିରେ କହିଲି, "ଆପଣଙ୍କର ହେଡ ଅଫିସର ସବୁକାମ ଜରୁରୀ। ସେଣ୍ଟ୍ରାଲ୍ ଅଫିସର ନାଁ ଧରି ସବୁକାମ ନିଜ ମନମୁତାବକ ଆଦାୟ କରିବା ଜାଣିଛନ୍ତି ମାତ୍ର। ହଉ ଆଜି ହେବାର ସମ୍ଭାବନା କମ୍,

ISSN NO.
2582-208X

ଆସନ୍ତାକାଲି ପଠାଇ ଦେବି, ହେଲା ?" ବିରକ୍ତିଭରା ସ୍ୱରରେ କହି ଧଡାସ୍ କରି ଟେଲିଫୋନ୍ କ୍ରେଡେଲ୍ ଉପରେ ଥୋଇଦେଲି।

ମୋ ବିରକ୍ତି ଭାବ ଦେଖି ସାଥିରେ କାମ କରୁଥିବା ଅଫିସର ଜଣକ କହିଲେ, "ସାର୍, ହେଡଅଫିସବାଲାଙ୍କ କାମ ସେଇୟା। ଆପଣ ମିଛରେ ଟେନସନ କାହିଁକି ନେଉଛନ୍ତି କହିଲେ ? ଖାଲି ତାଙ୍କୁ କହିବେ, ହଁ ଏଇ ସଙ୍ଗେ ସଙ୍ଗେ ପଠାଉଛି। ତାପରେ ଚୁପ୍ ରହିବେ ? ଚକେ ଗଡିଲେ ବାର ହାତ ପରା !!"

ଘଣ୍ଟାକ ପରେ ଆମ ଉପମହାପ୍ରବନ୍ଧକ ଦେଇଥିବା କାମଟା ସରିଗଲା । ମନ ମୋର ଟିକିଏ ହାଲୁକା ହେଲା। ମୁଁ ଶାନ୍ତିରେ ନିଶ୍ୱାସ ମାରୁଛି, ପୁଣି ଟେଲିଫୋନ ଟା ବାଜିଲା। ଏଥରକ ଶାନ୍ତଶିଷ୍ଟ ମନରେ କ୍ରେଡେଲ୍ ଉଠାଇ କହିଲି, "ହାଲୋ, କିଏ କହୁଛନ୍ତି ?"

ଆରପଟୁଁ ସେଇ ଚିହ୍ନାଚିହ୍ନା ସ୍ୱରରେ ଉତ୍ତର ଆସିଲା, "ସାର୍ ମୁଁ ଚରନଜିତ ଛାପ୍ରା କହୁଛି ।ଏ ଭିତରେ ମାନବ ସମ୍ବଳବିଭାଗରୁ ବଦଳି ହୋଇ ଜିଏମ୍ ଅଫିସରେ ଅଛି। ଏଇ ଟିକିଏ ଆଗରୁ ମୁଁ ହିଁ ଆପଣଙ୍କୁ କଲ୍ କରିଥିଲି କିଛି କାମ ପାଇଁ। ଆପଣବୋଧ କିଛି ପ୍ରେସର୍ ରେ ଥିଲେ, ତେଣୁ ମୋ ପ୍ରତି ବିରକ୍ତିଭାବ ପ୍ରକାଶ କରିଥିଲେ। ସାର୍, ଆମର ବିଭାଗ ମୁଖ୍ୟ କହିଥିବାରୁ ଆପଣଙ୍କୁ ଟେଲିଫୋନ କରିଥିଲି। ମୁଁ କିଛି ଭୁଲ କରିଥିଲେ କ୍ଷମା କରିଦେବେ।"

ଫୋନ୍ କଟିଯାଇଥିଲା । ମୋ ମୁଣ୍ଡରେ ଯେମିତି ବଜ୍ରପାତ ହୋଇଗଲା। ଚରନଜିତ୍ ପ୍ରତି ଏମିତି ବ୍ୟବହାର କରିବା ମୋର ଅନୁଚିତ ଥିଲା। ମାନସିକ ଅବଶାଦରେ ମୋ ମନ ଭାରି ହୋଇଯାଇଥିଲା। ଏତେ ଭଲ ଜଣେ ଜୁନିଅର୍ ଅଫିସରଙ୍କ ଆଗରେ ମୁଁ ଯେମିତି ଛୋଟ ହୋଇଯାଇଥିଲି। ସେ ଦିନ ସଂଧ୍ୟାରେ ଘରେ ଏ କଥାକୁ ଶୁଣି ମୋ ସ୍ତ୍ରୀ କହିଲେ, "ଜିନିଷଟା ଖରାପ ହୋଇଛି, ତେବେ ଏହାର ସମାଧାନ ସରଳ। ଯିଏ ପ୍ରଥମ ଭୁଲ କରେ, ସେ ବଡ ହେଉ କି ସାନ ହେଉ, ଭୁଲକୁ ସ୍ୱୀକାର କରି ନେଇ, କ୍ଷମା ମାଗିନେଲେ କଥା ସରିଯିବ। ସମାଧାନ ହୋଇଯିବ ।"

ସତରେ, ମୁଁ ମୋର ଘନିଷ୍ଠ ବନ୍ଧୁ ଚରନଜିତ୍ ଙ୍କ ସହ ଅନୁଚିତ ବ୍ୟବହାର କରିଥିଲି। ସେ ମୋ ପାଇଁ ଜଣେ ଛୋଟ ଭାଇ ଥିଲେ ଓ ଏ ସର୍କଲ ରେ ପୋଷ୍ଟିଂ ନେଇ ଅନେକ ସାହାଯ୍ୟ କରିଥିଲେ ବ୍ୟକ୍ତିଗତଭାବେ। ତେବେ ଏକ ସାମାନ୍ୟ କାମର ଚାପରେ ଏତେ ବ୍ୟସ୍ତ ଥିଲି

ISSN NO.
2582-208X

ଯେ ତାଙ୍କର ଆବଶ୍ୟକତାକୁ ଅଣଦେଖା କରିଥିଲି। ସେ ବୋଧେ ଏକ କଠିନ ସମୟରେ ମୋଠୁଁ କିଛି ସାହାଯ୍ୟ ସହଯୋଗର ଆଶା କରୁଥିଲେ, କିନ୍ତୁ ମୁଁ ତାଙ୍କୁ ସମୟ ଦେଇ ପାରିନଥିଲି। ଏହି ଭୁଲର ପରିଣାମ ଏମିତି କିଛି ଗୁରୁତର ନ ଥିଲା, ତେବେ ଏକ ସୁନ୍ଦର ସଂପର୍କରେ ଖଟାପଣ ଭରିଲା ପରିଲାଗିଲା। ଆମ ମଧ୍ୟରେ ଯେଉଁ ଛୋଟ ବନ୍ଧନ ଗଢିଉଠି ଥିଲା, ତାହା ଟିକିଏ ହଲି ଦୁର୍ବଳ ହୋଇଯାଇଥିବା ପରି ମନେହେଲା। ମୁଁ ବୁଝିପାରିଲି ଓ ଅନୁଶୋଚନାରେ ଭରି ଯାଇଥିଲି। ମନେ ମନେ ନିଜକୁ ଦୋଷୀ ମନେ କରୁଥିଲି ।ଏହି ଘଟଣାରୁ ଅନେକ ଶିଖିବାକୁ ପାଇଲି ଓ ବୁଝିଲି ଯେ ଜୀବନରେ ସମ୍ପର୍କ ସବୁଠାରୁ ମୂଲ୍ୟବାନ। କୌଣସି ବ୍ୟସ୍ତତା କିମ୍ବା ଅଗ୍ରାଧିକାର ଏହାକୁ ଅଣଦେଖା କରିବାର କାରଣ ହେବା ଉଚିତ ନୁହେଁ। ଆଉ ମଧ୍ୟ ଶିଖିଲି ଯେ ଅନ୍ୟମାନଙ୍କର ବିଶେଷକରି ଜୁନିଅର ସହକର୍ମୀ ଙ୍କ ଆବଶ୍ୟକତା ଓ ଅନୁଭବକୁ ବୁଝିବା ପାଇଁ ସମୟ ଓ ଧୈର୍ଯ୍ୟ ଦରକାର। ସିନିୟର ଭାବରେ ଏହା ଆମକୁ ଅଧିକ ସମ୍ବେଦନଶୀଳ ଓ ଦାୟିତ୍ୱବାନ ବ୍ୟକ୍ତି ହେବାକୁ ଶିଖାଇବ। ଭୁଲ କରିବା ମଣିଷ ଜୀବନର ଏକ ଅଂଶ, କିନ୍ତୁ ତାହାରି ଶିକ୍ଷା ନେଇ ଆଗକୁ ବଢିବା ହିଁ ପ୍ରକୃତ ଜୀବନର ମହତ୍ତ୍ୱ ।

ଏଇ ଭାବନା ନେଇ ଠିକ୍ କଲି ଚରନଜିତ୍ ପାଖକୁ ଯାଇ ବ୍ୟକ୍ତିଗତଭାବେ କ୍ଷମାମାଗି ନେବି। ଅଫିସର ସକାଳୁଆ କିଛି କାମ ସାରି ହେଡଅଫିସ କୁ ଯିବାକୁ ବାହାରୁଛି, ହଠାତ୍ ଦେଖିଲି ଚରନଜିତ୍ ନିଜେ ମୋ ସିଟ୍ ପାଖରେ ହାଜର । ନମସ୍କାର କରି କହିଲା, "ସାର୍ ହେଡଅଫିସ୍ ରେ ମୋର ଚାରିବର୍ଷ ପୁରିଗଲା ତେଣୁ ମୋର ବଦଳି ହୋଇଯାଇଛି ନିଜ ଯାଗାକୁ ମାନେ ହେସିୟାରପୁର ଶାଖାକୁ। ଏବେ ଆପଣଙ୍କ ହେଲେ ଆମର କଣ୍ଟ୍ରୋଲର୍ । ସେଇ ପାଖରେ ତ ମୋ ଗାଁ। ଆପଣ ଯେବେ ହୋସିୟାରପୁର ଆସିବେ, ଆମ ଗାଁ ରେ ଥିବା ଫାର୍ମହାଉସକୁ ଯିବା। ବୁଲିବା, ଭୋଜିକରିବା। ସାର୍ ଆସିଲା ବେଳକୁ ଶ୍ରୀମତୀ ଓ ପିଲାଛୁଆଙ୍କୁ ମଧ୍ୟ ସାଥୀରେ ଆଣିବେ। ଏଇ ଆସନ୍ତାକାଲି ମୁଁ ରିଲିଭ୍ ହୋଇ ସେଇ ଶାଖାକୁ ଯାଉଛି ସାର୍ । ଆପଣଙ୍କ ଆଶୀର୍ବାଦ ପାଇଁ ଆସିଥିଲି ଯାହା।" ଏତିକି କହି ମୋର ପାଦ ଛୁଇଁବାର ପ୍ରୟାସ କରୁଥିଲା ସେ, ହେଲେ ପାଦ ଛୁଇଁବାପୂର୍ବରୁ ମୁଁ କୋଳାଇନେଲି ଚରନଜିତ୍ କୁ। ହାତ ମିଳାଇ ବିଦାୟ ଦେଲା ବେଳେ ଭାବୁଥିଲି ଚରନଜିତ୍ ର ମହାନତା ଆଗରେ ଯେମିତି ମୁଁ ଗୋଟାଏ ଶିକ୍ଷାନବିସ ମାତ୍ର ।

ISSN NO.
2582-208X

ଏ ଘଟଣାପରେ ବହୁତ ଥର ମୁଁ ସପରିବାର ଯାଇଛି ହୋସିୟାରପୁର, ସରକାରୀଭାବରେ ଓ ବ୍ୟକ୍ତିଗତ ଭାବରେ। ପ୍ରତିଥର ସେ ଆଉ ତା ପରିବାର ର ଆତିଥ୍ୟରେ ମୁଁ, ମୋ ପରିବାର ନିଜକୁ ଧନ୍ୟ ମନେ କରିଛୁ। ଚଣ୍ଡିଗଡ ସର୍କଲରେ ମୋର ନିର୍ଦ୍ଧାରିତ ପାଞ୍ଚ ବର୍ଷ ରହଣୀ ସରିବା ପୂର୍ବରୁ ଚରନଜିତ୍ ଓ ତା ପରିବାର ଆସି ଦୁଇଦିନ ରହିଥିଲେ ଆମ ଘରେ ଆତିଥ୍ୟ ନେଇ। ବିଦାୟ ଉପହାର ରୂପେ ସେମାନେ ଆଣିଥିଲେ ଅମୃତସର ସହରର ସ୍ୱର୍ଣ୍ଣମନ୍ଦିରର ଏକ ସୁଦୃଶ୍ୟ ଫଟୋଚିତ୍ର। ଆମର ଦୁଇ ପରିବାର ବାନ୍ଧିହୋଇ ରହିଯାଇଥିଲୁ ଯେମିତି ଗୋଟାଏ ପାରିବାରିକ ବନ୍ଧନରେ ।।

ଚଣ୍ଡିଗଡରୁ ଓଡିଶା ଫେରିବାର ପନ୍ଦର ବର୍ଷ ପରେ ଏବେ ମୁଁ ଅବସରପ୍ରାପ୍ତ ଓ ଭୁବନେଶ୍ୱରରେ ରହଣୀ । ସେପଟେ ମୋ ପରେ ପରେ ଦୁଇବର୍ଷରେ ଚରନଜିତ୍ ଛାପ୍ରା ମଧ୍ୟ ଅବସରପ୍ରାପ୍ତ ହୋଇ, ହୋସିୟାରପୁର ପାଖ ନିଜଗାଁ ଦସୁଆ ର ଫାର୍ମହାଉସ୍ ରେ ରହୁଛନ୍ତି। ମଝିମଝିରେ ଟେଲିଫୋନ ରେ କଥାବାର୍ତ୍ତା ଓ ଭିଡିଓ କଲ୍ ରେ ଦେଖାହୁଏ ଚରନଜିତ୍ ସହ ।

ଆଜି ଆରଣ୍ୟକ ଗୃପର ର ମାସକିଆ ସୃଜନିକା ଆସର ପାଇଁ ଗଳ୍ପଟେ ସାରିବାରେ ବ୍ୟସ୍ତ ଥିଲି ପାଠପଢା ଟେବୁଲରେ। ହଠାତ୍ ଚାର୍ଜରେ ବସିଥିବା ଟେଲିଫୋନ୍ ବାଜିଲା । ଶ୍ରୀମତୀଙ୍କୁ କହିଲି, "ଦେଖିଲ କାହାର ଟେଲେଫୋନ୍ ଆସୁଛି।"

କିଛି ସମୟ ପରେ ଶ୍ରୀମତୀ ଉତ୍ତର ଦେଉଥିଲେ, "ଆଉ କିଏ ହେବ? ତୁମର ସେଇ ପ୍ରିୟ ହୋସିୟାରପୁର ଡାଇରୀ ର ହିରୋ !!!

54 ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର 751024
ଦୂରଭାଷ 9437085396

ISSN NO.
2582-208X

# ଶାନ୍ତି



ଗୋଲୋକବିହାରୀ ବେହେରା

ତୁମେ ତ ଚାହିଁଥିଲ
ପୁଅ ତୁମର ବଡ଼ ଲୋକ ହେଉ,
କଲେ ବଳେ କୌଶଳେ
ପ୍ରଚୁର ଅର୍ଥ ରୋଜଗାର କରୁ ।
ତୁମେ ତ ଚାହିଁଥିଲ
ତା' କୋଠାର ଛାତ ଆକାଶକୁ ସ୍ପର୍ଶକରୁ,
ନିଜ ଜ୍ଞାନ, ଶିକ୍ଷା, ଯୋଗ୍ୟତା ବଳରେ
ଅର୍ଥ, କ୍ଷମତା, ପ୍ରତିପତ୍ତି ଲାଭ କରୁ ।
ତୁମ ଆଶା ପୂର୍ଣ୍ଣ ହୋଇଛି
ସବୁ ଥାଇ ପୁଅ ଭୁଲି ଯାଇଛି
ମଣିଷ ପଣିଆ, ଯାହା ତୁମେ ଆଦୌ
ଶିଖେଇ ନ ଥିଲ ପିଲା ଦିନରୁ ।
ତୁମ ଆଖିରେ ଲାଗିଥିବା ମାୟାଞ୍ଜନ
ସର୍ବଗ୍ରାସୀ ସମୟ ତରଙ୍ଗ ଧୋଇ ଦେଇଛି ।
ସବୁ ଥାଇ ତୁମେ ଏବେ ନିଃସ୍ୱ, ଅସହାୟ
ବିଶାଳ ପ୍ରାସାଦରେ ପଡ଼ିରହି
ରୋଗ ଶୋକରେ ଛଟ ପଟ ହେଉଛ ।

ଆଜି ସମୟ ତୁମର ଶ୍ୟାମଳ
ଚୌହଦୀରେ କଣ୍ଟା ଝଣ୍ଟା ଭରି ଦେଇଛି ।
ଏଥର କୁହ ତ
ଧନ, ପ୍ରତିପତ୍ତି, ସୁ ଦୃଶ୍ୟ ପ୍ରାସାଦ,
ବ୍ୟାଙ୍କ ବାଲାନ୍ସ କ'ଣ ମନୁଷ୍ୟକୁ ଶାନ୍ତି ଦିଏ ?

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

ISSN NO.
2582-208X

# ଓଡିଆ କ୍ଷୁଦ୍ରଗଳ୍ପସାହିତ୍ୟରେ ଅର୍ଥନୀତି ଚେତନା ଓ ମାନବୀୟ ସମ୍ବେଦନା : ଏକ ସଂକ୍ଷିପ୍ତ ଆଲୋଚନା



ସୁଷମା ପାଢ଼ୀ

ସାମ୍ପ୍ରତିକ ଓଡିଆ କ୍ଷୁଦ୍ରଗଳ୍ପ ସାହିତ୍ୟରେ ଅର୍ଥନୈତିକ ସମସ୍ୟା ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି । ଆଜିର ସମାଜର ବଡକଥା ହେଉଛି ଟଙ୍କା । ଆଜି ମଣିଷ ମଣିଷକୁ ଚିହ୍ନୁନାହିଁ । ଏଠି ମାନବିକତାକୁ ହତ୍ୟାକରି ମଣିଷ ଅର୍ଥ ପାଇଁ କୁକାର୍ଯ୍ୟ କରୁଛି । ଆଜିର ଏହି ଅର୍ଥ ସର୍ବସ୍ୱ ଦୁନିଆରେ ମଣିଷ ଅର୍ଥ ବ୍ୟତିରେକେ ଅନ୍ୟ କୌଣସି ସ୍ୱପ୍ନ ଦେଖେ ନାହିଁ । ଫଳରେ ମଣିଷ ପାଖରୁ ମାନବିକତା, ଆତ୍ମୀୟତା କ୍ରମଶଃ ଦୂରେଇ ଯାଇ ସ୍ଥିତି ସଚେତନଶୀଳତା ତାକୁ ଗ୍ରାସିଯାଇଛି । ସମ୍ପ୍ରତି ଏ ସମସ୍ୟା ଏକ ପ୍ରମୁଖ ବିଶ୍ୱ ସମସ୍ୟା ରୂପେ ମୁଣ୍ଡ ଟେକିଛି । ତେଣୁ ଆଜିର ଗାଳ୍ପିକମାନେ ଏହି ଦିଗରେ ଅନେକ ଗୁଡିଏ କ୍ଷୁଦ୍ରଗଳ୍ପ ରଚନା କରିଅଛନ୍ତି ।

ସାଧାରଣତଃ ପ୍ରଥମ ବିଶ୍ୱଯୁଦ୍ଧ ପରେ ଭାରତବର୍ଷରେ ଶିଳ୍ପର ବିକାଶ ଘଟିଲା । ଶିଳ୍ପ ଓ ଶିଳ୍ପଜନିତ ଅର୍ଥନୀତି ହେଲା ନବଉନ୍ମାଦନାର ଇସ୍ତାହାର । ବ୍ୟକ୍ତିବିଶେଷ ଏଥିରେ ପ୍ରାଧାନ୍ୟ ଲାଭ କରିବା ସହିତ ପୁଞ୍ଜି ଓ ବିଳାସ ହେଲା ଆଦର୍ଶ । ତେଣୁ ଜନସାଧାରଣ ଏଥିଯୋଗୁଁ ଶୋଷିତ ହେଲେ । ଶିଳ୍ପ ସଭ୍ୟତା ଯେତେଦୂର ପ୍ରସାର ଲାଭ କଲା ସେତିକି ପୁଣି କୃଷି ସଭ୍ୟତା ସଙ୍କୁଚିତ ହେଲା । କୃଷକମାନେ ଶ୍ରମିକ ହେଲେ । ତାଙ୍କ ଶ୍ରମର ଶୋଷଣ ହେଲା। ତେଣୁ ଏହି ଅର୍ଥନୈତିକ ବୈଷମ୍ୟରୁ ସୃଷ୍ଟି ଲାଭ କଲା ପ୍ରଗତିବାଦୀ ସାହିତ୍ୟ । ସାମ୍ପ୍ରତିକ ସ୍ୱାଧିନତା ପରବର୍ତ୍ତୀ କାଳରେ ଅର୍ଥନୀତିକ ବୈଷମ୍ୟ ଆହୁରି ଉଗ୍ରରୂପ ଧାରଣ କଲା । ମଣିଷର ଜୀବନଯାପନର ମାର୍ଗଠାରୁ ଆରମ୍ଭ କରି ସାମାଜିକ ସମସ୍ୟା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ମଣିଷ ନିଜର ସ୍ୱାତନ୍ତ୍ୟତାକୁ ଜାହିର କରିବାକୁ ଲାଗିଲା । ମଣିଷ ପାଖରେ ପୁଣି ନୂଆ ନୂଆ ସମସ୍ୟା ଆସି ଦଣ୍ଡାୟମାନ ହେଲା । ଏ ସମସ୍ୟା କେବଳ

ISSN NO.
2582-208X

ଦାନାକନାର ନୁହେଁ ବରଂ ଅର୍ଥନୀତିକ ଦୃଷ୍ଟିକୋଣରୁ ମଧ୍ୟ ଥିଲା । ଏହା ସହିତ ମଣିଷର ସ୍ଥିତିବାଦୀ ଭାବନା, ବିଚ୍ଛିନ୍ନତାବୋଧ ଜଡ଼ିତ । ଫଳରେ ଅର୍ଥ ନିକଟରେ ସମସ୍ତ ପ୍ରକାର ଧର୍ମ ଦର୍ଶନ ମାନବିକତା ହାର ମାନିଲା । ଏହି ଅର୍ଥନୀତି ସମସ୍ୟାକୁ ଆଧାର କରି ଯେଉଁ ଗାଳ୍ପିକଗୁଡିକ ଗଳ୍ପ ରଚନା କରିଛନ୍ତି ସେମାନଙ୍କ ମଧ୍ୟରେ ସୁରେନ୍ଦ୍ର ମହାନ୍ତି, ଅଚ୍ୟୁତାନନ୍ଦ ପତି, ଅଖିଳ ମୋହନ ପଟ୍ଟନାୟକ, ମନୋଜ ଦାସ, ଶାନ୍ତନୁ କୁମାର ଆଚାର୍ଯ୍ୟ, ରବି ପଟ୍ଟନାୟକ, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, କିଶୋରୀ ଚରଣ ଦାସ ପ୍ରଭୃତି।

ସୁରେନ୍ଦ୍ର ମହାନ୍ତିଙ୍କ କ୍ଷୁଦ୍ରଗଳ୍ପ 'ମଣିଷ ଓ ଅର୍ଥନୀତି' ଗଳ୍ପଟି ସର୍ବପ୍ରଥମେ ଏହି ବିଷୟର ଅନ୍ତର୍ଭୁକ୍ତ । ମଣିଷର ସମସ୍ତ ସ୍ୱପ୍ନ, ଉତ୍କଟ ଅର୍ଥନୈତିକ ଅସଂଗତି ଓ ସମ୍ଭାବନକୁ କିପରି ମଳିନ କରିଦିଏ ଗଳ୍ପଟି ତାର ଏକ ଚମତ୍କାର ପ୍ରତିଶୃତି ଅଟେ । ସ୍ୱଳ୍ପ ବେତନଭୋଗୀ କର୍ମଚାରୀ ଗଳ୍ପନାୟକ ନିଜ ପରିଚୟକାଳୀନ ମୁଦ୍ରିକାଟିର ବିନିମୟରେ ନିଜ ପାରିବାରିକ ଆର୍ଥିକ ସମସ୍ୟାର ସମାଧାନ ସୂତ୍ର ଅନୁସନ୍ଧାନ କରିଛନ୍ତି । ପତ୍ନୀର ସହଯୋଗ ମଧ୍ୟ ଏଥିପାଇଁ କିଛି କମ୍ ନୁହେଁ । ତେଣୁ ସେ କୁହନ୍ତି – "ଜୀବନରେ ବଞ୍ଚିରହିବା ଅପେକ୍ଷା ଗୋଟାଏ ସ୍ମୃତିର ଦାମ୍ ଖୁବ୍ କମ୍ । ଗୋଟାଏ ବାଜେ ଖିଆଲ୍ ।" ବସ୍ତୁତଃ ଉତ୍କଟ ଅର୍ଥନୈତିକ ଚାପରେ ପ୍ରଣୟକାଳୀନ ରୋମାଣ୍ଟିକ୍ ଚେତନାଟି ଜୀବନର ଧୂସର ଅନୁଭୂତିରେ ପରିଣତି ହୋଇଯିବା ବିଚିତ୍ର ନୁହେଁ । ଏହା ହେଉଛି ଅର୍ଥନୀତି ସମ୍ବନ୍ଧୀୟ ଏକ ସଫଳ ଆଣ୍ଟିରୋମାଣ୍ଟିସିଜିମ୍ ଗଳ୍ପ।

ସେହିପରି ସୁରେନ୍ଦ୍ରେ ମହାନ୍ତିଙ୍କ 'ପ୍ରିୟତମାସୁ' ଗଳ୍ପରେ ଆର୍ଥନୀତିକ ସଙ୍କଟ କିପରି ମଣିଷର ସମସ୍ତ ରୋମାଣ୍ଟିକ୍ ଚେତନାକୁ ମଳିନ କରି ବିମର୍ଷବୋଧ ସୃଷ୍ଟି କରିପାରେ ତାର ଏକ ସୁନ୍ଦର ଚିତ୍ରକୁ ଏଠି ବର୍ଣ୍ଣନା କରାଯାଇଛି । ଉତ୍କଟ ଅର୍ଥନୈତିକ ଚାପରେ ଗଳ୍ପନାୟକ ଭୂଦେବ ପ୍ରିୟତମାର ନଗ୍ନ ଫଟୋକୁ ଏକ୍ ଜିବିସନ୍ କୁ ନେଇଯାଇଛି ବିକ୍ରୟ କରିବା ଅଭିପ୍ରାୟରେ । କିନ୍ତୁ ବିଗତ ସ୍ମୃତିର ଅନୁସରଣରେ ସେ ସେଥିରୁ ନିବୃତ୍ତ ହୋଇଛନ୍ତି । କିନ୍ତୁ ବସ୍ତୁବାଦୀ ସୁମିତ୍ରା ଭୂଦେବଙ୍କୁ ବୁଝି ନପାରି ଅନ୍ୟ ଜଣେ ଧନିକ ପୁରୁଷ ପ୍ରତି ଆସକ୍ତ ହୋଇଛି । କଳା ଟଙ୍କାର ନକଲି ସମ୍ଭ୍ରାନ୍ତବାଦ ମଧ୍ୟରେ ଆତ୍ମପ୍ରକାଶ କରି ଭୂଦେବକୁ ବିଦ୍ରୂପ କରିଛି । ଏହି ପ୍ରସଙ୍ଗରେ ଗାଳ୍ପିକ କୁହନ୍ତି – "ଭୂଦେବ ପକ୍ଷରେ ଜୀବନ କେବଳ 'ଫ୍ଲପ୍ -- ଫ୍ଲପ୍ -- ଫ୍ଲପ୍-- 'ଅର୍ଥର ମାନଦଣ୍ଡରେ ଏବର ଜୀବନ ମାପଚୁପ ହେଉଥିବାରୁ

ISSN NO.
2582-208X

ତାର ଆର୍ଟ ହୋଇଛି । ଗୋଟିଏ ପଣ୍ୟ, ବ୍ଲାକମନି ପାଇଁ ନିଷ୍କାସନର ଗୋଟିଏ ପଥ । ସେହି ଦାରିଦ୍ର୍ୟର ଢେଉରେ ପ୍ରେମିକା, ଜନସନ୍ ଘୋଷଙ୍କ କମ୍ପାନୀର ରିସେପ୍ ସନିଷ୍ଟ ସୁମିତ୍ରା ମଧ୍ୟ ତା'ଠାରୁ ଭାସିଯାଇଛି ଏକ ବୃଦ୍ଧ ଧନିକର ବାହୁ ଯୁଗଳର ବେଳା ଭୂମିକୁ । ତେଣୁ ରଙ୍ଗୀନ ସ୍ୱପ୍ନ ସବୁ ହାତମୁଠା ଭିତରୁ କେଉଁ ବେଳାଭୂମି ଉପରେ ମୁଠା ମୁଠା ବାଲିପରି ତଳେ ଝରି ନିଃଶେଷିତ ହୋଇଯାଇ ବ୍ୟର୍ଥତାରେ ପରିଣତ ହୋଇଛି ।" ଏହି ଗଳ୍ପଟି ମଧ୍ୟ ଏକ ସାର୍ଥକ ଅର୍ଥନୀତି ଆଧାରିତ ଗଳ୍ପ ଅଟେ ।

ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ୟ ଏକ ଗଳ୍ପ 'ବିସର୍ଜନ'ରେ ମଧ୍ୟ ଉଚ୍ଛେଦ ଓ ଆର୍ଥନୀତିକ ସଙ୍କଟ ମଧ୍ୟରେ ଚୌଧୁରୀ ବଂଶ କରୁଥିବା ପୂଜା ତାଙ୍କର ପାରମ୍ପରିକ ଦୁର୍ଗା ପୂଜାକୁ ବିସର୍ଜନ କରିଛନ୍ତି । ଆଜିକାଲିର ବ୍ୟବସାୟିକ ଦୁର୍ଗାମେଢ ପାଖରେ ହରେକୃଷ୍ଣଙ୍କ ପାରମ୍ପରିକ ଦୁର୍ଗା ମେଢଟି ମଳିନ ପଡିଯାଇଛି । କିନ୍ତୁ ଏଠି ଗାଳ୍ପିକ ଏହି ଗଳ୍ପରେ ଦେଖାଦେଇଥିବା ସାମନ୍ତବାଦର ପରମ୍ପରା ପ୍ରତି ଆସକ୍ତି ପ୍ରକାଶ କରିଛନ୍ତି । ପରମ୍ପରା ଓ ପ୍ରାଚୀନତାକୁ ବିସ୍ମୃତ ହେଲେ ବର୍ତ୍ତମାନ ଯେ ଶ୍ରୀହୀନ ମନେ ହୁଏ, ଏହା ତାଙ୍କର ଉପଲବ୍ଧି ହୋଇଛି । ସାମନ୍ତବାଦର ଆସ୍ପର୍ଦ୍ଧା ଓ ଅବକ୍ଷୟକୁ ପୁଞ୍ଜିକରି ଗାଳ୍ପିକ ଯେଉଁ କେତୋଟି ଗଳ୍ପ ରଚନା କରିଛନ୍ତି ତାହାହିଁ ତାଙ୍କୁ ଓଡିଆ ସାହିତ୍ୟରେ ଫକୀରମୋହନଙ୍କ ସହିତ ସମକକ୍ଷ କରିଛି ଏଥିରେ ସନ୍ଦେହ ନାହିଁ ।

'ସାହୀଖାଦନ' ଗଳ୍ପରେ ଗାଳ୍ପିକ ନବାବମାନଙ୍କ ମିଜାଜ୍ କିପରି ଭୂଲୁଣ୍ଠିତ ଓ ବିଡମ୍ବିତ ହୋଇଛି ତାହାର ଚିତ୍ର ପ୍ରଦାନ କରିଛନ୍ତି । ନବାବ ରସୁଲ ମିର୍ଜାଙ୍କ ଲକ୍ଷ୍ନୌସ୍ଥିତ ସାହୀ ଖାଦାନାର ପୂର୍ବ ସମ୍ମାନ ଓ ଆଭିଜାତ୍ୟ ଆର୍ଥନୀତିକ ସଙ୍କଟ ମଧ୍ୟରେ ସୁରକ୍ଷିତ ହୋଇ ରହିପାରିନାହିଁ । ସାମନ୍ତବାଦୀ ନବାବମାନେ ଇଂରେଜ କମ୍ପାନୀ ଦ୍ୱାରା ପେନ୍ ସନ୍ ପ୍ରାପ୍ତ ହୋଇ ମଧ୍ୟ ଅସହାୟ ଭାବରେ ଜୀବନ ଅତିବାହିତ କରିଛନ୍ତି । ସେହିଭଳି ଏତାଦୃଶ୍ୟ ଦେଖିବାକୁ ମିଳେ 'ବେଗମ୍ କୋଠି' ଗଳ୍ପରେ ସାମନ୍ତବାଦର ଶେଷ କରୁଣ ରଶ୍ମି ପ୍ରତିଫଳିତ। ଅତୀତରେ ମୋଗଲ ସମ୍ରାଟମାନଙ୍କ ମଧ୍ୟରୁ କେହି ଜଣେ ପ୍ରେୟସୀର ସ୍ମୃତିରେ ନିର୍ମାଣ କରିଛନ୍ତି କୋଠିର ଅଟ୍ଟାଳିକା । ଲକ୍ଷ୍ନୌର ପୈତୃକ ସମ୍ପତ୍ତିରୁ ବଞ୍ଚିତା ବେଗମ୍ କାଳକ୍ରମେ ଏହି ପ୍ରାଚୀନ ପରିତ୍ୟକ୍ତ କୋଠିରେ ଆଶ୍ରୟ ନେଇଛନ୍ତି । ଏହି କୋଠିକୁ ଆସିଛନ୍ତି ଜହରତ୍ ବ୍ୟବସାୟୀମାନେ ବେଗମ୍ ଙ୍କ ଠାରୁ ହୀରା ଓ ସ୍ୱର୍ଣ୍ଣନିର୍ମିତ ଅଳଙ୍କାରଗୁଡିକୁ ସ୍ୱଳ୍ପ ଅର୍ଥରେ ବିନିମୟରେ ହାତେଇ ନେବାପାଇଁ । ସେଠାକୁ ମଧ୍ୟ

ISSN NO.
2582-208X

ଆସିଛନ୍ତି ଖବରକାଗଜ ରିପୋର୍ଟରମାନେ ସମ୍ବାଦ ସଂଗ୍ରହ କରିବାର ଅଭିପ୍ସା ନେଇ । ଅତୀତର ଆର୍ଥନୀତିକ ପ୍ରାଚୁର୍ଯ୍ୟର ସଙ୍କେତ ବହନ କରୁଥିବା ବେଗମ୍ କୋଠିଟି ବର୍ତ୍ତମାନର କରୁଣତାରେ ପର୍ଯ୍ୟବେସିତ ହୋଇଛି ।

ଭାରତୀୟ ଅର୍ଥନୈତିକ ଦୁର୍ଗତିର ଏକ ବିଦ୍ରୁପାତ୍ମକ ଚିତ୍ର ଥିଲା 'ସାଇକେଲ ଚୋର' କ୍ଷୁଦ୍ରଗଳ୍ପ । ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏଥିରେ ଯୋଜନା କମିଶନର ରିପୋର୍ଟ କିପରି ଥିଲା ତାହାକୁ ସେ ଦେଖାଇବାକୁ ଚେଷ୍ଟା କରିଛନ୍ତି । ମନ୍ତ୍ରୀମାନଙ୍କର ଭାଷଣ କିପରି ମୂଲ୍ୟହୀନ ଥିଲା ତାହାକୁ ବି.ଏ. ଡିଗ୍ରୀଧାରୀ ରାଜୁ ଚରିତ୍ର ମାଧ୍ୟମରେ ବର୍ଣ୍ଣନା କରିଅଛନ୍ତି । ଉଚ୍ଚ ଡିଗ୍ରୀପ୍ରାପ୍ତ ରାଜୁ ଚାକିରିଟିଏ ନପାଇ ଅର୍ଥନୈତିକ ଚାପରେ ସଚିବାଳୟ ହତା ମଧ୍ୟରୁ ସାଇକେଲ ଚୋରୀ କରିଛି । ପୋଲିସ୍ ଠାରୁ ଆତ୍ମରକ୍ଷା ପାଇଁ ସେ ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରିଛି । ଏହି ବିଷୟରେ ସୁରେନ୍ଦ୍ର ମହାନ୍ତି ରାଜନୈତିକ ସମାଜ ବ୍ୟବସ୍ଥାକୁ ବିଦ୍ରୂପ କରିଛନ୍ତି । "ଚୋରି କରିବା ପରେ ପରେ ଜେଲ୍ କୁ ଯାଏ କିନ୍ତୁ ନେତାମାନେ, ସମାଜପତିମାନେ ଆଗେ ଜେଲ୍ ଯାଇ ପରେ ଚୋରି କରନ୍ତି ।"

ସେହିପରି 'ନରବଳି' କ୍ଷୁଦ୍ରଗଳ୍ପରେ କ୍ଷମତା ରାଜନୀତି ମାଧ୍ୟମରେ ପୁଞ୍ଜିବାଦୀ ଅର୍ଥନୀତିର ଚିତ୍ର ବର୍ଣ୍ଣିତ କରାଯାଇଛି । ନେତାମାନେ ଶ୍ରମିକମାନଙ୍କୁ ମତାଇ ନିଜ ସ୍ୱାର୍ଥ ପାଇଁ ତାଙ୍କୁ ଗୁଳି ମୁହଁକୁ ଠେଲି ଦିଅନ୍ତି । ଏଥିରୁ ଆରମ୍ଭ ହୁଏ ଲକ୍ ଆଉଟ୍, ଶୋଭାଯାତ୍ରା ପ୍ରଭୃତି । ନିରୀହ ଜୀବନକୁ ଆଗକୁ ଠେଲି ଦେଇ ପଛରେ ରହନ୍ତି ସେମାନେ । ନେତାଗଣ ଫାଙ୍କି ଓ ଧପ୍ ପାବାଜିର ଆଶ୍ରୟ ନେଇ ଏକ ଅଚିହ୍ନଟ ଭିକାରୀର ଶବକୁ ପାଥେୟ କରି, ଏହି ଶବ ୟୁନିୟନର ପୁରୁଣାକର୍ମୀ ଅରୁଣ ବିଶ୍ୱାଳର ବୋଲି ଦାବି କରନ୍ତି । ଆଜିର ମଣିଷର ଅର୍ଥନୀତିକୁ କେନ୍ଦ୍ରକରି ହୀନଚେତନାକୁ ଲେଖକ ବେଶ ବିଦ୍ରୂପ କରିଛନ୍ତି ।

ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ୟ ଏକ ଗଳ୍ପ 'ମହାମାନବର ସାଗର ତୀରେ' । ଏହି କ୍ଷୁଦ୍ରଗଳ୍ପରେ ରାଜା ମିଦାସଙ୍କର ଅଦ୍ଭୁତ ସ୍ୱର୍ଣ୍ଣ ଲାଳସା ପରି ସେଠ୍ ଗୋବିନ୍ଦରାମ ଆଧୁନିକ ପୁଞ୍ଜିପତି ସୃଷ୍ଟିର ଅଭ୍ରାନ୍ତ ପ୍ରତୀକ । ଜହରତ୍ ସ୍ୱର୍ଣ୍ଣ ବ୍ୟବସାୟୀ ଗୋବିନ୍ଦରାମ ସ୍ୱଳ୍ପ ଦରରେ ଲୋକମାନଙ୍କଠାରୁ ସ୍ୱର୍ଣ୍ଣ କ୍ରୟ କରି ବିକ୍ରୟ କରିବା ସୂତ୍ରରେ ଶୋଷଣର ସୂକ୍ଷ୍ମଜାଲ ବିସ୍ତାର କରିଛନ୍ତି । ପରିଣତିରେ ଆକସ୍ମିକ ସ୍ୱର୍ଣ୍ଣଦର ଖସି ଆସିଛି ଏବଂ ଅସହାୟତା ପୀଡ଼ିତ ଗୋବିନ୍ଦରାମ ଅନିଶ୍ଚିତ ଭବିଷ୍ୟତର ଆଶଙ୍କାରେ ଆତ୍ମହତ୍ୟା କରିଛନ୍ତି । ଏହି ବିଷୟରେ ଆଲୋଚକ ଯାହା କହିଛନ୍ତି ତାହା ସହିତ ଏକମତ ହେବାକୁ ପଡିଥାଏ । "ବିଂଶ ଶତକର

ISSN NO.
2582-208X

ଉକ୍ତ ଧନଲାଳସା ଓ ତାହାର ବିଷମୟ ପରିଣତି ହେଉଛି 'ମହାମାନବର ସାଗର ତୀରେ' ଗଳ୍ପର ଉପଜୀବ୍ୟ ରୂପେ ଗୃହୀତ । ମିଦାସୀୟ ସ୍ୱର୍ଣ୍ଣ ସ୍ୱପ୍ନରେ ବିମୋହିତ ସେଠ୍ ଗୋବିନ୍ଦରାମ ଆଧୁନିକ ପୁଞ୍ଜିପତି ସୃଷ୍ଟିରେ ଅଭ୍ରାନ୍ତ ପ୍ରତୀକ । ତାଙ୍କର ଚତୁର୍ଦ୍ଦିଗରେ ରବୀନ୍ଦ୍ର, ରୋମାରୋଲାଁ ଓ ଆନିବେଶାନ୍ତ ପ୍ରଭୃତି ମନୀଷୀମାନଙ୍କର ଗ୍ରନ୍ଥକୁ ନେଇ ଯେଉଁ ମାୟାଜାଲ ସୃଷ୍ଟି କରାଯାଇଛି, ତାହା ବର୍ତ୍ତମାନ ବିଶ୍ୱର ଶୋଷଣ ଚାତୁରୀ ଓ ଧର୍ମବକତ୍ୱର ପ୍ରମାଣ ।" ବସ୍ତୁତଃ ଗଳ୍ପଟିରେ ଦେଖାଦେଇଛି ଧନପାଗଳ ସେଠ୍ ଜୀଙ୍କ ଅସହାୟତା ଓ ତଜ୍ଜନିତ ମାନବିକ ସମ୍ବେଦନଶୀଳତା।

କିଶୋରୀ ଚରଣ ଦାସଙ୍କ 'ବଡଲୋକ' ଗଳ୍ପରେ ଉଚ୍ଚ ମଧ୍ୟବିତ୍ତ ପରିବାରର ଚିତ୍ର ସୁସ୍ପଷ୍ଟ । ମୁଖ୍ୟତଃ ସମାଜର ଆଭିଜାତ୍ୟ ଗୋଷ୍ଠୀର ମାନସିକ ଚିନ୍ତାଧାରାକୁ ବିଶ୍ଳେଷଣ କରିଥିଲେ ମଧ୍ୟ ତାଙ୍କର କେତେକ କ୍ଷୁଦ୍ରଗଳ୍ପରେ ସାମ୍ପ୍ରତିକ ସମୟର ଅର୍ଥନୈତିକ ସମସ୍ୟାର ଚିତ୍ର ଦେଖିବାକୁ ମିଳେ । ଆଜିର ସମାଜରେ ଧନୀ ଲୋକମାନଙ୍କର ଗରିବ ପ୍ରତି ବ୍ୟବହାରକୁ ଗାଳ୍ପିକ 'ବଡଲୋକ' କ୍ଷୁଦ୍ରଗଳ୍ପରେ ଦର୍ଶାଇ ଅଛନ୍ତି । ଜୀବନବ୍ୟାପୀ ବିନୋଦ ଓ କୃଷ୍ଣା ନିଜର ଆଭିଜାତ୍ୟ ଓ ପଢ଼ପଣିଆକୁ ଦେଖାଇବାରେ ତତ୍ପର ହୋଇଉଠିଛନ୍ତି । କୃଷ୍ଣାଙ୍କର ନାରୀ ସମିତିର ଯୋଗଦାନ, exhibition ବୁଲିଯିବା ଇତ୍ୟାଦି ଘଟଣା ମଧ୍ୟରେ ଯେଉଁ ଲୋକ ଦେଖାଣିଆ ଅହଂକାର ପ୍ରକଟିତ ହୋଇଛି ତାହା ସେମାନଙ୍କ ମାନସିକତାର ବାସ୍ତବ ପ୍ରତିଛବି ଅଟେ ।

ମନୋଜ ଦାସଙ୍କ 'ଆବିଷ୍କାର' କ୍ଷୁଦ୍ରଗଳ୍ପରେ ଗାଳ୍ପିକ କ୍ଷୁଧାର ତାଡନାରେ ଓ ଦୁର୍ଭିକ୍ଷର କରାଳ ପ୍ରଭାବରେ ମଣିଷ କିପରି ସ୍ୱାର୍ଥ ସର୍ବସ୍ୱ ହୋଇପଡେ, ତା'ର ବିବେକ ଓ କ୍ଷମତା ସମ୍ପୂର୍ଣ୍ଣ ଲୋପ ପାଇଥାଏ, ତାହାକୁ ଏଥିରେ ସୁନ୍ଦର ଭାବରେ ଉପସ୍ଥାପନା କରିଅଛନ୍ତି । ସେହିଭଳି 'ଏକଚୋରିର ବୃତ୍ତାନ୍ତ' କ୍ଷୁଦ୍ରଗଳ୍ପରେ ସମକାଳୀନ ଦୁର୍ଭିକ୍ଷର ପଟ୍ଟଭୂମିକୁ ଆଶ୍ରା କରି ରଚିତ ହୋଇଥିଲେ ମଧ୍ୟ ମଣିଷର ଅର୍ଥ ଲାଳସାକୁ ଗାଳ୍ପିକ ଦେଖାଇବାକୁ ଚେଷ୍ଟା କରିଅଛନ୍ତି । 'ବ୍ୟାଘ୍ର ଓ କର୍କଶ ଲୋଭୀ ପଥଚାରୀ' କ୍ଷୁଦ୍ରଗଳ୍ପଟିରେ ଲୋଭ ତଥା ମୋହ ପାଇଁ ମଣିଷ ମନରେ ଉପୁଜୁଥିବା ଦ୍ୱନ୍ଦ୍ୱକୁ ଗାଳ୍ପିକ ଏହି ଗଳ୍ପରେ ଦେଖାଇବାକୁ ଚେଷ୍ଟା କରିଅଛନ୍ତି । ପୁଣି 'ଆବୁପୁରୁଷ' କ୍ଷୁଦ୍ରଗଳ୍ପରେ ସମଗ୍ରବିଶ୍ୱର ବିଜ୍ଞାପନୀ ରାଜନୀତି ପ୍ରତି ବିଦ୍ରୂପ ପ୍ରକଟିତ କରିଛି । ପୃଥିବୀର ବୃହଦାକାୟ ଆବୁକୁ ଶରୀରରେ ଧାରଣ କରି ଯନ୍ତ୍ରଣା ଅନୁଭବ କରୁଥିବା ମିଃ ଶର୍ମା ଆବୁ ମୁକ୍ତି ହେବା ଆଶାରେ ଆମେରିକା ଯାଇ ସେଠାରେ ଚିକିତ୍ସିତ

ISSN NO.
2582-208X

ହେବାର ଅବ୍ୟବହିତ ପୂର୍ବରୁ ରାଜନୀତିର ବ୍ୟୁହ ମଧ୍ୟରେ ପ୍ରବେଶ କରିଯାନ୍ତି । ସେଠାରେ ମିଃ ଡ଼ମ୍ବାର୍ଡଙ୍କ ପ୍ରତିଦ୍ୱନ୍ଦ୍ୱୀ ହାୟେନାଙ୍କ ସପକ୍ଷରେ ସେ ବିଜ୍ଞାପନୀ ସାଜନ୍ତି । ମିଃ ଡ଼ମ୍ବାର୍ଡଙ୍କ ମସ୍ତିଷ୍କ ଥାଏ ହାୟେନାଙ୍କ ମସ୍ତିଷ୍କଠାରୁ ଆକୃତିରେ ବୃହତ୍ । 'ଡବଲ ମୁଣ୍ଡ ଅର୍ଥ ଡବଲ ବୁଦ୍ଧି ନୁହେଁ' ବିଜ୍ଞାପନୀରେ 'ଆବୁଧାରୀ' ମିଃ ଶର୍ମା ଆବିର୍ଭୂତ ହୋଇ ବହୁଅର୍ଥ ଅର୍ଜନ କରନ୍ତି । କିନ୍ତୁ ପରେ ପରେ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ କିଡନାପ୍ ଓ ହତ୍ୟାଧମକ ପାଇ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କାଳରେ ଏଠାରେ ମଧ୍ୟ ଦଳୀୟ ରାଜନୀତିରେ ସମ୍ପୃକ୍ତ ହୋଇପଡିଛନ୍ତି । ଦଳୀୟ ଦ୍ୱନ୍ଦ୍ୱ ଯୋଗୁଁ ତାଙ୍କର ମନ୍ତ୍ରୀପଦ ପ୍ରାପ୍ତି ଆଶା ମଧ୍ୟ ମଉଳିଯାଏ । ରାଜନୀତିରେ କ୍ଷମତାର ଦ୍ୱନ୍ଦ୍ୱ, ଦଳୀୟ ସଂଘର୍ଷ ତାଙ୍କ ମନରେ ଯେଉଁ ନୈରାଶ୍ୟ ଆଣି ଦେଇଛି ସେଥିରୁ ସେ ମୁକ୍ତି ଆଶାରେ ମା ଓ ଗୁରୁଙ୍କର ଶରଣାପନ୍ନ ହୋଇ ଆବୁମୁକ୍ତ ହୋଇଛନ୍ତି । ସମଗ୍ର ପୃଥିବୀ ଏହି ଆବୁତାନ୍ତ୍ରିକ ରାଜନୀତି ତଥା ଦୁର୍ଗତିରୁ ମୁକ୍ତ ହେଉ ଏଇ ଶୁଭ ସ୍ୱପ୍ନ ଓ ବାର୍ତ୍ତାକୁ ନେଇ ଗଳ୍ପଟି ରଚିତ । ତେଣୁ ଗଳ୍ପଟିର ଶେଷ ଭାଗରେ ମା' ଗୁରୁଙ୍କ ଆଶୀର୍ବାଦ ସ୍ମରଣ କରାଇ କୁହନ୍ତି – "ବାପା ! ପୁଣି ସେ ଭୁଲ୍ କରନା । ଗୁରୁଙ୍କ ଆଶୀର୍ବାଦ ତୋତେ ଆବୁମୁକ୍ତ କରିବା ପାଇଁ । ସେ ଆବୁମୁକ୍ତି ବ୍ୟାପାରକୁ ଜାହିର କରି ସେଥିରୁ ଲାଭ ଉଠାଇବା ପାଇଁ ତାହା ଉଦ୍ଦିଷ୍ଟ ନୁହେଁ । ତୋର ଆବୁମୁକ୍ତି ଭିତରେ ମୁଁ ସ୍ୱପ୍ନ ଦେଖୁଛି ସରା ଜଗତ ହୁଏ ତ ଦିନେ ଆବୁତାନ୍ତ୍ରିକ ବ୍ୟବସାୟ କବଳରୁ ମୁକ୍ତ ହେବ । ମୋତେ ଏଇ ସ୍ୱପ୍ନ ଦେଖିବାକୁ ଦେ ବାପା ।" ଏଇଠି ଗଳ୍ପଟିର ଆଭିମୁଖ୍ୟଟି ସ୍ପଷ୍ଟ ହୋଇଥିବାର ଦେଖାଯାଏ ଏବଂ ଜଣେ ଶୁଭକାମୀ ନିଷ୍ଠାପର ଶିଳ୍ପୀର ସ୍ୱାକ୍ଷରକୁ ଅନୁଭବ କରିଥାଏ ।

ଚନ୍ଦ୍ରଶେଖର ରଥଙ୍କ ପ୍ରଥମ କ୍ଷୁଦ୍ରଗଳ୍ପ ସଂକଳନ ହେଉଛି 'ଅନେକ ବନ୍ୟାପରେ' । ଏଥିରେ ସ୍ଥାନିତ ହୋଇଥିବା 'ବନ୍ୟାପରେ' ଗଳ୍ପଟି ପ୍ରାକୃତିକ ବିପର୍ଯ୍ୟୟ କାଳରେ ମଣିଷର ଚରମ ଦୁର୍ଗତି, ଅସହାୟତାବୋଧ ଓ ତଜ୍ଜନିତ ମାନବିକ ସମ୍ବେଦନଶୀଳତାର ଏକ ବାସ୍ତବ ବିଷୟ। ଗଳ୍ପନାୟକ ସାଖୀ ସାସମଲ ବନ୍ୟାପୀଡିତ ଅସହାୟ ଚରିତ୍ରଟିଏ । କାଦୁଆ ନଦୀର କରାଳ ବନ୍ୟାସ୍ରୋତରେ ତାର ଘର ଉଜୁଡି ଯାଇଛି, ପରିବାର ବର୍ଗକୁ ହରାଇ ସେ ନିଃସ୍ୱ, ନିଃସଙ୍ଗ । ଅଥଚ ଆଶାବାଦୀ ଗାଳ୍ପିକ ଏହି ଚରିତ୍ରମାନଙ୍କୁ ଅସହାୟତାର ଅନ୍ଧକାର ଭିତରେ ସବୁଦିନ ପାଇଁ ଛାଡିନଦେଇ ତାଙ୍କ ପ୍ରାଣରେ ନୂତନ ସ୍ୱପ୍ନ ଓ ସମ୍ଭାବନା ବୁଣି ଦେଇଛନ୍ତି । ତେଣୁ ଗଳ୍ପର ଶେଷ ଭାଗରେ ଅସହାୟ ସାଖୀ ସାସମଲ କାଦୁଆ ନଦୀ ଉପରେ ଢଳ ଢଳ ଦୁର୍ବଳ ସୂର୍ଯ୍ୟ ଭିତରେ ଜୀବନର ଆଲୋକିତ ସମ୍ଭାବନାକୁ ଅନୁଭବ କରିଛନ୍ତି । "ଗାଳ୍ପିକ ଚନ୍ଦ୍ରଶେଖର ରଥ ଯେଉଁଠି ମଣିଷ ସମାଜର କ୍ରୂରତାରେ ବିଚଳିତ

ISSN NO.
2582-208X

ହୋଇଛନ୍ତି, ସେଠାରେ ସେ ଏକ ଆକସ୍ମିକ ପତିଆରା ପାଇଁ ହାତ ବଢେଇଛନ୍ତି । ଅନ୍ତତଃ ମଣିଷର ଭାଗ୍ୟ ଓ ଭବିତବ୍ୟ ପ୍ରତି ତା'ର ବିଶ୍ୱାସ ତୁଟି ନଯାଉ ଏହାହିଁ ତାଙ୍କର ମାନସିକ ସଂକଳ୍ପ ।" ଆଜିର ଅର୍ଥ ସର୍ବସ୍ୱ ଦୁନିଆର ନଗ୍ନ ରୂପକୁ ବହନ କରେ ଉକ୍ତ କ୍ଷୁଦ୍ରଗଳ୍ପ । ସେହିପରି 'ଶୁଭଶଙ୍ଖ' କ୍ଷୁଦ୍ରଗଳ୍ପରେ ଅର୍ଥନୈତିକ ସମସ୍ୟାଟି ପ୍ରକଟିତ ଆଜିର ଏହି ଦୁନିଆର ଭୋଳନାଥଙ୍କ ପରି ନିରୀହ ଓ ସରଳ ବ୍ୟକ୍ତିମାନେ ବଞ୍ଚିବା କଷ୍ଟକର ହୋଇ ପଡିଛି । ତାଙ୍କର ତଣ୍ଟି କଣାକରି ରକ୍ତ ଶୋଷିବାକୁ ବନ୍ଧୁବର୍ଗ ପାଖେଇ ଆସନ୍ତି । କେଉଁଠି ଶଙ୍ଖ ବେପାରୀ ଠକି ଦେଲାଣି ତ କେଉଁଠି ବନ୍ଧୁ ଗୋରୀଶଙ୍କର ଦେଢଶହ ଟଙ୍କାର ଶାଢୀକୁ ଦୁଇଶହ ଟଙ୍କାରେ ତାଙ୍କୁ ଠକିଲାଣି ।

ଚନ୍ଦ୍ରଶେଖରଙ୍କ ଅନ୍ୟ ଏକ ଗଳ୍ପ 'ମୁକ୍ତି' ରେ ମଣିଷ ଅର୍ଥ ପାଇଁ ପାପପୂଣ୍ୟ ଭିତରେ ପାର୍ଥକ୍ୟକୁ ଦେଖାଇଛନ୍ତି । ଏହି କ୍ଷୁଦ୍ରଗଳ୍ପରେ ନିରାଶୟ ଅନ୍ଧଟିକୁ କିଭଳି ଅର୍ଥଲୋଭରେ ଆକ୍ରମଣ କରାଯାଇଛି, ତା'ର ଅତ୍ୟନ୍ତ ହୃଦୟସ୍ପର୍ଶୀ ବର୍ଣ୍ଣନା ରହିଛି । ଆଜିର ଧାର୍ମିକମାନେ ଧର୍ମ ଅର୍ଜନ କରିବା ପାଇଁ ଯିବା ମାର୍ଗରେ ଶୁଭ ମନାସି ଅନ୍ଧଟିକୁ ଦୁଇ ପଇସା ଦାନ କରିଥାଆନ୍ତି । ସେଇ ପଇସାକୁ ନେଇ ଅନ୍ଧ ସ୍ୱପ୍ନ ଦେଖେ । ଖୁଚୁରା ପଇସାକୁ ଦେଇ ଟଙ୍କା କରିନିଏ । ଏହି ଟଙ୍କାକୁ ଦେଖି ଶସ୍ତା ଧର୍ମ କିଣୁଥିବା ଲୋକମାନେ ଅସହିଷ୍ଣୁ ହୋଇପଡନ୍ତି। ଅନ୍ଧର ପରି ତ ମନେହେଉଥିବା ଶତ୍ରୁଘ୍ନ ଓ ତାହାର ଦଳ ତାକୁ ଆକ୍ରମଣ କରନ୍ତି ଟଙ୍କା ପାଇବା ଆଶାରେ । କିନ୍ତୁ ତା'ଠାରୁ ଟଙ୍କା ପରିବର୍ତ୍ତେ ସେମାନେ ପାଇଛନ୍ତି ଟଙ୍କା ଆକାରର ଖଣ୍ଡେ କାଗଜ । ଜଣେ ମହାଜନ ଖଣ୍ଡେ କାଗଜ ଧରେଇ ଦେଇ ଅନ୍ଧ ଠାରୁ ଟଙ୍କା ଲୁଟି ନେଇଛି । ଆଜିର ଦୁନିଆର ନିଷ୍ଠୁର ସତ୍ୟକୁ ବହନ କରି ଗାଳ୍ପିକ ଉକ୍ତ କ୍ଷୁଦ୍ରଗଳ୍ପଟି ରଚନା କରିଅଛନ୍ତି । ଚନ୍ଦ୍ରଶେଖର ରଥଙ୍କ ଅନ୍ୟ କେତୋଟି ଗଳ୍ପରେ ଅର୍ଥନୈତିକ ସମସ୍ୟାକୁ ନେଇ ନିଖୁଣ ଭାବରେ ରଚନା କରିଛନ୍ତି । ତାଙ୍କର କେଡ଼ା, ନିରାପତ୍ତା, ବାନପ୍ରସ୍ଥ, ଅବାନ୍ତର ଇଶ୍ୱର ଏହି ସବୁ କ୍ଷୁଦ୍ରଗଳ୍ପ ଗୁଡିକ ଏହି ଧରଣର ଅଟେ ।

ଉପସଂହାର :

ସ୍ୱାଧିନତା ପରବର୍ତ୍ତୀ କାଳରେ ଅର୍ଥନୀତି ସମସ୍ୟାକୁ ନେଇ ବହୁ କ୍ଷୁଦ୍ରଗଳ୍ପ ରଚିତ ହୋଇଛି। ଏହା ସାମ୍ପ୍ରତିକ ସମାଜର ଏକ ବିରାଟ ସମସ୍ୟା ଭାବରେ ରୂପ ଦେଇଛି । କ୍ଷୁଦ୍ରଗଳ୍ପଗୁଡିକରେ ଅର୍ଥନୀତିକ ସମସ୍ୟା ମନୁଷ୍ୟକୁ ବହୁ ବିପଦରେ ପକାଇଥାଏ । ତେଣୁ

ISSN NO.
2582-208X

ଏହି ସମ୍ବନ୍ଧୀୟ ରଚନା କରିଥିବା ଗାଳ୍ପିକମାନଙ୍କ ଗଳ୍ପକୁ ପଢ଼ିଲେ ସମାଜର ପ୍ରତ୍ୟେକ ବ୍ୟକ୍ତିବିଶେଷ ଏକ ନୂତନ ମାର୍ଗର ସନ୍ଧାନ ପାଇପାରିବେ ।

ସହାୟକ ଗ୍ରନ୍ଥସୂଚୀ :

୧. ଦାସ, କିଶୋରୀ ଚରଣ : ତିରିଶ ବର୍ଷର ଗଳ୍ପ ଓ ଆଳାପ (ପ୍ରଥମ ଭାଗ), ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ, ୧୯୮୮ ।

୨. ଦାସ, ମନୋଜ : ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ, ଗ୍ରନ୍ଥ ମନ୍ଦିର, କଟକ, ୧୯୭୫।

୩. ଦାସ, ମନୋଜ : ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ, ଗ୍ରନ୍ଥ ମନ୍ଦିର, କଟକ, ୧୯୭୭ ।

୪. ପରିଡା, ଡ. ପ୍ରକାଶ କୁମାର, ସାହୁ, ଡ. ଗିରୀଶ ଚନ୍ଦ୍ର : ସୁରେନ୍ଦ୍ର ସାହିତ୍ୟ ସମୀକ୍ଷଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ପ୍ରଥମ ସଂସ୍କରଣ, ୧୯୯୮ ।

୫. ମହାନ୍ତି, ସୁରେନ୍ଦ୍ର : ସୁରେନ୍ଦ୍ର ସଂଚୟନ, ଆଲୋକ ପ୍ରତିଷ୍ଠାନ, କଟକ, ପ୍ରଥମ ସଂସ୍କରଣ, ୧୯୬୭ ।

୬. ମହାନ୍ତି, ସୁରେନ୍ଦ୍ର : ବିସର୍ଜନ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ଦ୍ୱିତୀୟ ସଂସ୍କରଣ, ୧୯୮୬ ।

୭. ରଥ, ଚନ୍ଦ୍ରଶେଖର : ଗଳ୍ପ ସମାହାର (ଦ୍ୱିତୀୟ ଭାଗ), ସ୍ୱସ୍ତିକ, ଭୁବନେଶ୍ୱର, ପ୍ରଥମ ପ୍ରକାଶ, ୨୦୧୪ ।

********

ଗବେଷିକା, ସ୍ନାତକୋତ୍ତର ଓଡିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜ ବିହାର
ଦୂରାଭାଷ – 9438449120

ISSN NO.
2582-208X

# ଆନ୍ଦୋଳତ ମନ



ଭସ୍କର ଚନ୍ଦ୍ର ଖଣ୍ଡା

ଜୀଇ ଥାଏ ମଣିଷ ପରିବେଶ କୁ ନେଇ
ସେ ତ ଏକ ସାମାଜିକ ପ୍ରାଣୀ
ରଖିବାକୁ ପଡିଥାଏ ଖୋଲା ତାକୁ
ଆଖି,କାନ, ହୃଦୟ ସବୁ କିଛି
କରି ଦିଏ ଯଦି ବନ୍ଦ ଏ ସବୁକୁ
ଜୀଇବ କିପରି ବା ସିଏ ?
ପରିସ୍ଥିତିର ତାଡ଼ନାରେ
ହୁଏ ଆନ୍ଦୋଳିତ ତା'ର ମନ ।୧।

ଜୁଆର ଭଟ୍ଟା ସଦୃଶ
ଚାଲୁ ଚାଲୁ ଜୀବନ ପଥରେ
ଉଛୁଳି ପଡେ କେତେବେଳେ
କ୍ଷୀର ଉତୁରିଲା ପରି
ସକାଳର ଶାନ୍ତ ଶୀତଳ କିରଣ
ପ୍ରଭୁ ବୁଦ୍ଧଙ୍କର ଆଶୀଷ ସଦୃଶ
ଝରି ପଡେ କେବେ ମୁଖ ମଣ୍ଡଳରୁ ତା'ର
ରାଗ, ଅହଙ୍କାର, କ୍ଷୋଭ, ହସ, ଖୁସି
ଖେଳନ୍ତି ବି ଦୋଳି, ମନର ଚାରି ପଟେ
ଅମାନିଆ ମନ ବୁଝେନା ଜମା ।୨।

ISSN NO.
2582-208X

ଆତ୍ମୀୟ ସ୍ୱଜନ କୁ ହରାଇବା ପରେ
ବିଚ୍ଛେଦର ବିଳାପରେ ହୋଇ ବିବ୍ରତ
କରି ଥାଏ ବିଦ୍ରୋହ ବି ସିଏ
ସନ୍ତାନ ସନ୍ତତିଙ୍କ କୃତୀତ୍ୱ ରେ
ହୋଇ ଥାଏ ବି ଆତ୍ମହରା ।୩।

ନିଜ କନ୍ୟାକୁ ବିଦାୟ ଦେଇ
ଅଶ୍ରୁ ବିଗଳିତ ନୟନରେ
ହୃଦୟର ନିବୃତ୍ତ କୋଣରୁ
ହୋଇଥାଏ ବି ମନ ତା'ର ଆନ୍ଦୋଳିତ ।୪।

କରି ଅଗ୍ନି ସଂଯୋଗ ପିତାଙ୍କର ଜୁଇରେ
ଆନ୍ଦୋଳିତ ମନ ଖୋଜେ ସାହାରା
ଜୀବନର ଚତୁର୍ଥ ପ୍ରହରରେ
ରହି ବୃଦ୍ଧାଶ୍ରମ ରେ
ରୋମନ୍ଥନ କରି ଅତୀତ କୁ
ଝରି ପଡେ ଅଶ୍ରୁ
ଆନ୍ଦୋଳିତ ମନରୁ ।୫।

ନିଜ ଜୀବନରୁ ଅଧିକ ଭଲ ପାଉଥିବା
ଆତ୍ମୀୟ ସ୍ୱଜନ ନିକଟରୁ
ଅବିଶ୍ୱାସ ଆଉ ସନ୍ଦେହର ବହ୍ନି
ଯଦି ଜାଳି ଦିଏ ସମ୍ପର୍କକୁ
ଦୁଃଖ ଜର୍ଜରିତ ମନ
ଅଜାଗା ଘାଆ ପରି
ଚାପି ଧରି ବୁକୁରେ ଯନ୍ତ୍ରଣାକୁ
ହୋଇଥାଏ ଆନ୍ଦୋଳିତ ।୬।

ISSN NO.
2582-208X

ଗର୍ଭ ଧାରଣର ନଅ ମାସ ଉପୋରାନ୍ତେ
ଦେଖିବା ପୂର୍ବରୁ ଦୁନିଆ
ମାତୃ ଗର୍ଭରୁ ନିର୍ଗତ ମୃତ ଶିଶୁ ପୁତ୍ର
ଯନ୍ତ୍ରଣାରେ ଛଟପଟ ବେଦନାସିକ୍ତ
ମାତୃ ହୃଦୟର ମନ
ସ୍ଥାଣୁ ପାଲଟି
ହୋଇଥାଏ ଆନ୍ଦୋଳିତ
ମିଳୁ ନାହିଁ ଶବ୍ଦ
କରିବାକୁ ସେ ବ୍ୟଥାର ବର୍ଣ୍ଣନା।୭।

ହେ ପ୍ରଭୁ!
ଗଢିଛ କେଉଁଥିରେ ଏ ମନକୁ ?
କେଉଁ ସମୟରେ, ଆଉ କିପରି ?
କରନ୍ତନି ଏମିତି କିଛି
ସ୍ମରଣ ମାତ୍ରେ ତୁମ୍ଭକୁ
ତୁମ୍ଭର ଆଶୀର୍ବାଦ ସ୍ୱରୂପ
ହୁଅନ୍ତା ଅନାୟାସରେ ଶାନ୍ତ
କିଂକର୍ତ୍ତବ୍ୟ ମୂଢ ଆନ୍ଦୋଳିତ ମନ ।୮।

ଫ୍ଲାଟ୍ ନଂ ବି/୩୦୧, ଗୌରିଶଙ୍କର ରେସିଡେନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଶ୍ରୀୟା



ପ୍ରଭାତ କୁମାର ଆଗ୍ରୱାଲ

ଚଣ୍ଡାଳ ଜାତିରେ ଜନ୍ମ
ଚଣ୍ଡାଳ ସାହିରେ ଘର
ବଡ଼ଦାଣ୍ଡ ଖରକିବା ଯା'ନିତ୍ୟ ବ୍ୟବହାର
ଅସ୍ପୃଶ୍ୟ, ଘୃଣ୍ୟ ବୋଲି
କେହି କରେନି ଆଦର
ଛାଇ ପଡ଼ିଗଲେ ସବୁ ମାରା ହୁଏ ବୋଲି
ଯାହାକୁ ଭୋଗିବାକୁ ହୁଏ
ନିର୍ଦ୍ଦୟ ଚାବୁକ ପ୍ରହାର
ନିସନ୍ତାନ, ନିର୍ଦ୍ଧନ ଯୋଗୁଁ
ସାହିରେ ବି ତୁମ ନିନ୍ଦୁକ ସମସ୍ତେ।
ସବୁ ନିନ୍ଦା, ଅପବାଦ, କଷ୍ଟ ଓ କଷଣ ସହି ସହି
ନାମକୁ ତୁମ ସାର୍ଥକ କରିଛ ହେ ଶ୍ରୀୟା !
ଆଜି ମନେପଡ଼େ ଲକ୍ଷ୍ମୀପୂର୍ଣ୍ଣିମାରେ।
କି ଭକ୍ତି ଥିଲା ତୁମ ହୃଦୟରେ ?
ତୁମ ମନ ଦର୍ପଣରେ ସ୍ୱଚ୍ଛତାର କେଉଁ ଛବି
ଦେଖିଥିଲେ ମହାଲକ୍ଷ୍ମୀ ?
ବଡ଼ ଦେଉଳରୁ
ଟାଣିନେଲ ତୁମ କୁଟୀରକୁ ?
ଶିଖାଇବ କି ମୋତେ ତୁମେ !

ISSN NO.
2582-208X

ତୁମ ଭକ୍ତିର କୁହୁକ ?
ଜଗତକୁ ଜଣାଇବ
କେଉଁ ମନ୍ତ୍ରେ କଲ ଆବାହନ
କି ଭାବରେ ଗାଇଲ ହେ ମାଆଙ୍କ ବନ୍ଦନା ?
କେଉଁ ଝୋଟିଚିତା ଦେଇ ମାଆଙ୍କୁ ବସାଇ ଆସ୍ଥାନେ
ଶରଣ ପଶିଲ ମା'ଙ୍କ ଚରଣେ ।
ଧନ୍ୟ ଶ୍ରୀୟା, ଧନ୍ୟ ତୁମେ ଶ୍ରୀୟା ଚଣ୍ଡାଲୁଣୀ !
କରୁଣା ପାଇ ମହାଲକ୍ଷ୍ମୀଙ୍କର
ହେଲ ତୁମେ ଜଗତଜିତା ।।
ଉଠିଗଲା ଜାତିଭେଦ
ଘୃଣ୍ୟ, ହୀନଭାବ
ପତିତପାବନ ହେଲେ ପ୍ରଭୁ ଜଗନ୍ନାଥ
ଧନ୍ୟ ଶ୍ରୀୟା, ଧନ୍ୟ ତୁମ ଭକ୍ତିଭାବ ।

ଭୋଗରାଇ, ବାଲେଶ୍ୱର,
ସିଦ୍ଧେଶ୍ୱର କଲୋନୀ, ଗଣେଶ୍ୱରପୁର,
ରେମୁଣା ଗୋଲେଇ, ବାଲେଶ୍ୱର
ମୋବାଇଲ୍:-୮୭୬୩୧୪୦୨୧୫

ISSN NO.
2582-208X

# ଦଶଭୁଜା ଙ୍କ ଦଶ ଆୟୁଧ



ଦିଲ୍ଲୀପ ଶତପଥୀ

ହିନ୍ଦୁ ପୁରାଣ ବର୍ଣିତ ଦେବା ଦେବୀ ମାନଙ୍କ ମଧ୍ୟରେ ସବୁଠାରୁ ପବିତ୍ର, ସର୍ବ ଶକ୍ତିଶାଳୀ ଐଶ୍ୱରିକ ଚରିତ୍ର ଜଗତଜନନୀ ମା ଦୁର୍ଗା । ସାଧାରଣତଃ ମା'ଙ୍କର ବୈଭବ, ବିଭିନ୍ନ ଅସ୍ତ୍ର ଶସ୍ତ୍ର ରେ ସୁସଜ୍ଜିତ ରଣ କୌଶଳ ଓ ଶକ୍ତି ସ୍ୱରୂପିଣୀ ମୁଦ୍ରା ଭିନ୍ନ ଭିନ୍ନ ମୂର୍ତ୍ତି ଓ ଫଟୋଚିତ୍ର ରେ କଳାକାରଟିଏ ସ୍ଥାନିତ କରିଥାଏ । ଭକ୍ତ ମାନେ ମଧ୍ୟ ପରମ ଭକ୍ତିପୂତ ଭାବରେ ଏହି ସ୍ୱରୂପକୁ ହୃଦୟରେ ସ୍ଥାପନା କରି  ପୂଜା ଅର୍ଚ୍ଚନା କରି ଥାନ୍ତି । ମା'ଙ୍କର ତିନି ନୟନ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନି ର ପ୍ରତୀକ ହୋଇଥାନ୍ତି । ମା'ଙ୍କର ବାହାନ ପଶୁରାଜ ସିଂହ ତାଙ୍କର ଶକ୍ତିଶାଳୀ ବ୍ୟକ୍ତିତ୍ୱ ର ପରିଚୟ ପ୍ରଦାନ କରିଥାଏ । ମା ଦୁର୍ଗାଙ୍କର ସିଂହବାହିନୀ ରୂପ ଭକ୍ତ ମାନଙ୍କୁ ସୁରକ୍ଷାର ଆଶ୍ୱାସନା ଦେଇଥାଏ । ମା ମଧ୍ୟ ଆସୁରିକ ଶକ୍ତି ପ୍ରତି କ୍ରୁରତା ସହ ଭକ୍ତ ମାନଙ୍କ ପ୍ରତି ଉଦାର ମନଭାବ ର ପରିଚୟ ଦେଇଥାନ୍ତି ।

ପ୍ରାୟତଃ ମା'ଙ୍କୁ ଦଶ ଭୁଜ ବା ହସ୍ତ ରେ ଦେଖାଯାଏ । ମା' ଙ୍କର ଏ ରୂପ କୁ "ଦଶଭୁଜା" ରେ ନାମିତ କରାଯାଏ । ଏଥିରୁ ଏହା ପ୍ରତୀତ ହୁଏ ଯେ ମା ତାଙ୍କ ଭକ୍ତ ମାନଙ୍କୁ ଦଶ ଦିଗରୁ ସୁରକ୍ଷା ପ୍ରଦାନ କରିଥାନ୍ତି । ଦଶ ଦିଗ କହିଲେ ଆମେ ବୁଝୁ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ଆଗ୍ନେୟ, ବାୟବ, ଐଶାନ୍ୟ, ନୈରୁତ, ଅଧ, ଉର୍ଦ୍ଧ । ହିନ୍ଦୁ ଶାସ୍ତ୍ର ମତେ ପ୍ରତ୍ୟେକ ଦିଗ ର ଜଣେ ଜଣେ ଦିଗପାଳ ରହିଥାନ୍ତି । କ୍ରମାନୁସାରେ ସେମାନେ ହେଲେ ଇନ୍ଦ୍ର, ବରୁଣ, କୁବେର, ଯମ, ଅଗ୍ନିଦେବ, ବାୟୁ ଦେବ, ମହାଦେବ (ଶିବ), ରାହୁ, ଅନନ୍ତଦେବ, ବ୍ରହ୍ମ ଦେବ । ସମସ୍ତ ଦିଗପାଳ ମା ଦୁର୍ଗା ଙ୍କ ପ୍ରତି ଅନୁଗତ ଥାଆନ୍ତି ।

ISSN NO.
2582-208X

ମା'ଦୁର୍ଗା ଙ୍କର ଆବିର୍ଭାବ ସମ୍ବନ୍ଧୀୟ ପୌରାଣିକ ତଥ୍ୟ ଏହା ଯେ ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ମହିଷାସୁର (ମହିଁଷୀ ମୁଣ୍ଡ ଥିବା ଏକ ରାକ୍ଷସ) ବ୍ରହ୍ମାଙ୍କର ବରଦାନ ପ୍ରାପ୍ତ ହୋଇ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ବିଜୟ କରି ଇନ୍ଦ୍ରାସନ ଅଧିକାର କରିନେଲା, ଫଳରେ ଦେବଗଣ ଭୀତଗ୍ରସ୍ତ ହୋଇ ବ୍ରହ୍ମାଙ୍କ ନିକଟରେ ନିଜର ଦୁଃଖ ଜଣାଇଲେ । ସର୍ବସମ୍ମତି ପରେ ବ୍ରହ୍ମା ଓ ଶିବ ଦେବତାମାନଙ୍କୁ ନେଇ ବିଷ୍ଣୁଙ୍କ ନିକଟରେ ଉପସ୍ଥିତ ହୋଇ ଦେବଗଣଙ୍କ ଦୁର୍ଦ୍ଦଶା ଜଣାଇଲେ । ଦେବତାମାନଙ୍କର ଦୁର୍ଦ୍ଦଶା ଶୁଣି ଉଭୟ ବିଷ୍ଣୁ ଓ ଶିବ ଅତ୍ୟନ୍ତ କ୍ରୋଧ ପ୍ରକାଶ କଲେ ଏବଂ କ୍ରୋଧରେ ଉଭୟଙ୍କ ମୁଖ ମଣ୍ଡଳ ଲାଲ୍ ହୋଇଗଲା । ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଭ୍ରୂକୁଟୀ କୁଟିଳ ହେବାରୁ, ସେହି ତିନିଦେବତାଙ୍କ ମୁଖରୁ ଗୋଟିଏ କାଳାନଳ ସଦୃଶ ତେଜ ପ୍ରକାଶ ହେଲା । ତତ୍ ସହିତ ଇନ୍ଦ୍ର ଓ ସମଗ୍ର ଦେବଗଣଙ୍କ ମୁଖରୁ ମଧ୍ୟ ତେଜ ନିର୍ଗତ ହେଲା । ସମସ୍ତ ତେଜ ଧିରେ ଧିରେ ଆକାଶରେ ସମ୍ମିଳିତ ହୋଇ ଏକାକାର ହୋଇଗଲା । ସେହି ତେଜରୁ ଅବିଳମ୍ବେ ଏକ ଦିବ୍ୟନାରୀ ରୂପରେ ପରିବର୍ତ୍ତିତ ହେଲା । ଶିବଙ୍କ ତେଜରେ ସେହି ଦିବ୍ୟନାରୀର ମୁଖ, ଯମଙ୍କ ତେଜରୁ କେଶ, ବିଷ୍ଣୁଙ୍କ ତେଜରୁ ଭୁଜ, ଚନ୍ଦ୍ରଙ୍କ ତେଜରୁ ଦୁଇସ୍ତନ, ଇନ୍ଦ୍ରଙ୍କ ତେଜରୁ ମଧ୍ୟଦେଶ, ବରୁଣଙ୍କ ତେଜରୁ ଜଙ୍ଘ ଓ ଉରୁ, ପୃଥିବୀଙ୍କ ତେଜରୁ ନିତମ୍ବ, ବ୍ରହ୍ମାଙ୍କ ତେଜରୁ ଚରଣ, ସୂର୍ଯ୍ୟଙ୍କ ତେଜରୁ ଚରଣର ଆଙ୍ଗୁଠି, ବସୁଗଣଙ୍କ ତେଜରୁ ହସ୍ତର ଅଙ୍ଗୁଳି, କୁବେରଙ୍କ ତେଜରୁ ନାସିକା, ନବପ୍ରଜାପତିଙ୍କ ତେଜରୁ ଦନ୍ତାବଳୀ, ଅଗ୍ନିଙ୍କ ତେଜରୁ ତ୍ରିନେତ୍ର ସୃଷ୍ଟି ସମ୍ଭବ ହୋଇଥିଲା । ସନ୍ଧ୍ୟାଙ୍କ ତେଜରୁ ଭ୍ରୂକୁଟୀ, ପବନଙ୍କ ତେଜରୁ କର୍ଣ୍ଣ, ଅନ୍ୟାନ୍ୟ ଦେବତାଗଣ ଓ ବିଶ୍ୱକର୍ମାଙ୍କ ତେଜରୁ ଦେବୀଙ୍କର ସମଗ୍ର ଶରୀର ସୃଷ୍ଟି ହୋଇଥିଲା । ଦେବୀଙ୍କ ଦିବ୍ୟରୂପ ଦେଖି ଦେବତା ଗଣ ଭାବିଲେ ଯେ ଏ ନିଶ୍ଚୟ ଆମର ଦୁର୍ଗତି ନାଶ କରିବ । ତେଣୁ ସମଗ୍ର ଦେବତା ସେହି ଦିବ୍ୟନାରୀର ନାମ ରଖିଲେ 'ଦୁର୍ଗା' ।

ଦେବୀଙ୍କର ଦଶ ଭୁଜାରେ ନିମ୍ନୋକ୍ତ ଅସ୍ତ୍ର ଶସ୍ତ୍ର ମାନ ସୁଶୋଭିତ ହୋଇଥାଏ, ଯାହାର ବର୍ଣ୍ଣନା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ସମସ୍ତ ଅସ୍ତ୍ର ଦେବତା ମାନଙ୍କ ଦ୍ୱାରା ପ୍ରଦତ୍ତ ଓ ନିଜସ୍ୱ କିଛି ନା କିଛି ଆଧ୍ୟାତ୍ମିକ ବାର୍ତ୍ତା ବହନ କରିଥନ୍ତି । ପ୍ରତ୍ୟେକ ଅସ୍ତ୍ର ଶସ୍ତ୍ର ମା ଙ୍କର ଭକ୍ତ ମାନଙ୍କ ସୁରକ୍ଷା ଓ ଆଧ୍ୟାତ୍ମିକ ଶିକ୍ଷା ପାଇଁ ପ୍ରଯୁଜ୍ୟ କହିବା ନିଷ୍ପ୍ରୟୋଜନୀୟ ।

ISSN NO.
2582-208X

୧. ଖଡ୍ଗ ବା ତରବାରୀ

ଏହି ଅସ୍ତ୍ର ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ଠାରୁ ମା' ଙ୍କୁ ପ୍ରାପ୍ତ ହୋଇଥିଲା । ଏହା ଜ୍ଞାନ ଓ ବୁଦ୍ଧି ର ପ୍ରତୀକ । ତରବାରୀ ର ଚମକ ଜ୍ଞାନ କୁ ସୂଚିତ କରୁଥିବା ବେଳେ ଏହାର ଧାର ପ୍ରଚଣ୍ଡ ଧି ଶକ୍ତି ର ପରିଚୟ ହୋଇଥାଏ ।

୨. ତ୍ରିଶୂଳ, ସର୍ପ

ଏହା ମହାଦେବ ଶିବଙ୍କ ଠାରୁ ଦେବୀଙ୍କୁ ପ୍ରାପ୍ତ ହୋଇଥିଲା । ଏହା ଏକାଧାରରେ ରକ୍ଷା ଓ ବିନାଶ ର ପ୍ରତୀକ । ତ୍ରିଗୁଣ ଯଥା ତମ, ରଜ, ସତ୍ୱ କୁ ଶରୀର ମଧ୍ୟରେ ସନ୍ତୁଳିତ ରଖିବା ଓ ତିନି ଦୁଃଖ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ କୁ ବିନାଶ କରିବା କୁ ଶିକ୍ଷା ଦେଇଥାଏ ।

୩. ସୁଦର୍ଶନ ଚକ୍ର

ଦେବୀ'ଙ୍କୁ ଭଗବାନ ବିଷ୍ଣୁ, ସୁଦର୍ଶନ ଚକ୍ର ପ୍ରଦାନ କରିଥିଲେ । ଏହା ଅଜୟତା, ମନ ର ଗତି କୁ ଇଙ୍ଗିତ କରିଥାଏ । ଏହାର ସ୍ଥାନ ତର୍ଜନୀ ଆଙ୍ଗୁଠି ରେ ଏବଂ ଘୁର୍ଣ୍ଣୟମାନ ଅବସ୍ଥାରେ । ଏହି ଅସ୍ତ୍ର ସୂଚିତ କରାଏ ଯେ ପୁରା ବିଶ୍ୱ ବ୍ରହ୍ମାଣ୍ଡ ମା ଙ୍କ ଅଧିନସ୍ତ ଓ ତାଙ୍କୁ କେନ୍ଦ୍ର କରି  ଚାଲୁଅଛି । ଏହି ଅସ୍ତ୍ର ଅଧର୍ମୀ ଓ ଦୁଷ୍ଟ ଶକ୍ତି ର ବିନାଶ ପାଇଁ ଉର୍ଦିଷ୍ଟ ।

୪. ବଜ୍ର

ଏହି ଅସ୍ତ୍ର ଇନ୍ଦ୍ର ଦେବଙ୍କ ଠାରୁ ମା 'ଙ୍କୁ ପ୍ରାପ୍ତ ହୋଇଥିଲା । ଏହା ଦୃଢ଼ତା ର ପ୍ରତୀକ । ଏହା ଭକ୍ତ ଗଣ ଙ୍କୁ ପ୍ରେରଣା ଦିଏ ବିପଦ ସମୟ ରେ ବିଚଳିତ ନ ହୋଇ ଦୃଢ଼ ଭାବରେ ପରିସ୍ଥିତି ର ସାମନା କରିବା ଉଚିତ । ଯେପରି ବିଜୁଳୀ ବା ବଜ୍ର ଯାହାକୁ ସ୍ପର୍ଶ କରେ ତାହା ନିମିଷକେ ଧ୍ୱଂସ ସ୍ତୁପ ରେ ପରିଣତ ହୋଇଯାଏ । ଦୃଢ଼ ମନା ବ୍ୟକ୍ତି ତେଜଶୀଳ ମଧ୍ୟ ହୋଇଥାଏ ।

୫. ଧନୁଷ ଓ ତୀର

ଏହି ଅସ୍ତ୍ର ବାୟୁ ଦେବ ମା 'ଙ୍କୁ ପ୍ରଦାନ କରିଥିଲେ । ଗୋଟିଏ ହସ୍ତ ରେ ମା ଏହି ଅସ୍ତ୍ର କୁ ଧାରଣ କରିଥାନ୍ତି । ଏହା ଶକ୍ତି ର ପ୍ରତୀକ ହୋଇଥଏ । ଧନୁ ସ୍ଥିତିଜ ଶକ୍ତି (potential

ISSN NO.
2582-208X

energy ) ଓ ତୀର ଗତିଜ ଶକ୍ତି (kinetic energy ) କୁ ସୂଚିତ କରାଇଥାଏ । ସେଥିପାଇଁ ମା 'ଙ୍କୁ "ଶକ୍ତି ସ୍ୱରୂପିଣୀ" ମଧ୍ୟ କୁହାଯାଏ ।

୬. ପରଶୁ ଓ ଭାଲ୍ଲା

ଏହି ଅସ୍ତ୍ର ବିଶ୍ୱକର୍ମା ଦେବ ଙ୍କ ଠାରୁ ମା" ଙ୍କୁ ପ୍ରାପ୍ତ ହୋଇଥିଲା । ଏହା ନିର୍ମାଣ ଓ ବିନାଶ କୁ ସୂଚିତ କରାଇ ଥାଏ । ନକାରାତ୍ମକ ଚିନ୍ତା, ଭାବନା ରୁ ଦୁରେଇ ରହିବା ତଥା ଖରାପ କାର୍ଯ୍ୟ, ଅଜ୍ଞାନତା, ଭ୍ରମ ରୁ ନିଜକୁ ବିସ୍ଥାପିତ କରିବା କୁ ଶିକ୍ଷା ପ୍ରଦାନ କରିଥାଏ ।

୭. ଗଦା

ଏହା ଯମ ଦେବ"ଙ୍କ ଠାରୁ ଦେବୀଙ୍କୁ ପ୍ରାପ୍ତ ହୋଇଥିଲା । ଏହା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଶକ୍ତି ର ପ୍ରତୀକ । ସୁସ୍ଥ ଓ ବଳଶାଳୀ ଶାରୀରିକ ଗଠନ ର ଶିକ୍ଷା ଦିଏ । ସାଧାରଣତଃ ସୁସ୍ଥ , ସୁନ୍ଦର, ବଳଶାଳୀ ବ୍ୟକ୍ତି ହିଁ ଅପରାଜେୟ ହୋଇଥାଏ ।

୮. ଶଙ୍ଖ

ଏହା ଶୁଭାରମ୍ଭ ର ଯନ୍ତ୍ର । ଏହାର ପ୍ରଦାନକାରୀ ବରୁଣ ଦେବ । ଏହାର ଧ୍ୱନି ବିଶ୍ୱ ବ୍ରହ୍ମାଣ୍ଡର ସବୁଠାରୁ ପବିତ୍ର ଓ ସୁଦ୍ଧ । ଏହାର ତୁଳନା ଦେବ ଧ୍ୱନି ଓଁ ସହ କରାଯାଏ । ଏହାର ଧ୍ୱନି କର୍ଣ୍ଣ ରେ ବାଜିଲେ ମନ ଓ ଶରୀର ଉନ୍ମାଦିତ ହୋଇଯାଏ । ପ୍ରତ୍ୟେକ ଶୁଭ କର୍ମ ଆରମ୍ଭ ଶଙ୍ଖ ଧ୍ୱନି ରେ କରାଯାଇଥାଏ । ଏହା ଏକ ଐଶ୍ୱରୀକ ଧ୍ୱନି ।

୯. ଅର୍ଦ୍ଧ ପ୍ରସ୍ଫୁଟିତ ପଦ୍ମ ଫୁଲ

ଏହା ମା ଦୁର୍ଗା ଙ୍କୁ ବ୍ରହ୍ମ ଦେବ ପ୍ରଦାନ କରିଥିଲେ । ଏହା ସଫଳତା ର ପ୍ରତୀକ । ସଫଳତା ନିଶ୍ଚିତ କିନ୍ତୁ ଏହା ଶେଷ ସଫଳତା ନୁହେଁ । ପଙ୍କ ରୁ ଜାତ ପଦ୍ମ ଏହି ଶିକ୍ଷା ଦିଏ ଯେ ବ୍ରହ୍ମାଣ୍ଡ ର ଭୌତିକ, ଜାଗତିକ ଚିନ୍ତାଧାରା ରୁ ନିବୃତ ରହି ମନ ଓ ଶରୀର କୁ ଆଧ୍ୟାତ୍ମିକ ଓ ଐଶ୍ୱରୀକ କାର୍ଯ୍ୟ ରେ ନିୟୋଜିତ କରିବା ହିଁ ଶ୍ରେଷ୍ଠ ପ୍ରତିଫଳନ ।

ISSN NO.
2582-208X

୧୦. ଅଭୟ ମୁଦ୍ରା

ମା ଦେବୀ ଦୁର୍ଗାଙ୍କର ଗୋଟିଏ ହାତ ସଦା ସର୍ବଦା ଅଭୟ ମୁଦ୍ରା ରେ ଦେଖିବାକୁ ମିଳେ । ଏହି ହାତ ରୁ ତାଙ୍କର ଭକ୍ତ ଗଣ ଙ୍କ ପାଇଁ ଅନବରତ ଆଶୀର୍ବାଦ ବୃଷ୍ଟି ହେଉଥାଏ । ଭକ୍ତ ମାନଙ୍କୁ ଭୟ, ଆଶଙ୍କାରୁ ମୁକ୍ତି ପାଇଁ ଏହା ଅପରିହାର୍ଯ୍ୟ । ଦେବୀ ଙ୍କ ନଜର ରେ ଥିବା ସମସ୍ତ ଭକ୍ତଗଣ ନିଜକୁ କେବଳ ସୁରକ୍ଷିତ ନୁହେଁ ବରଂ ଭାଗ୍ୟବାନ ମନେ କରନ୍ତି । ସେଥିପାଇଁ ମା'ଙ୍କୁ "ଅଭୟଦାୟିନୀ" ମଧ୍ୟ ଡକାଯାଏ ।

ଏହା ଥିଲା ମା ଦଶଭୁଜା ଙ୍କର ଦଶ ଅସ୍ତ୍ର, ମୁଦ୍ରା ର ସଂକ୍ଷିପ୍ତ ଆଲୋଚନା । ପ୍ରତିବର୍ଷ ମା ଙ୍କର ଧରାବତାରଣ ଭକ୍ତ ଜନ ଙ୍କ ମନ ହୃଦୟ ରେ ଉନ୍ମାଦନା ଖେଳାଇ ଦିଏ । ଆନନ୍ଦ ଭରିଦିଏ, ପ୍ରତିଟି ଭକ୍ତ ହର୍ଷ ଉଲ୍ଲାସ ରେ ମା ଙ୍କ ପର୍ବ ଦଶହରା ପାଳନ କରନ୍ତି । କାହିଁ କେତେ ଆବାହମାନ କାଳରୁ ଏହା ଚାଲି ଆସୁଛି, ଚାଲୁ ରହିବ ମଧ୍ୟ । ଦେବୀ ଙ୍କ ବିଷୟରେ ବହୁତ ଜଣା ଅଜଣା ତଥ୍ୟ ହିନ୍ଦୁ ପୁରାଣ ଶାସ୍ତ୍ର ରେ ରହିଛି । କେହି ଗବେଷକ କହିଲେ, ଲେଖିଲେ ଆମେ ଶୁଣି, ପଢି ମୁଗ୍ଧ ହେଉ । ଯେତେ ଜାଣିଥିଲେ ବି ଆହୁରି ଜାଣିବା ଶୁଣିବାକୁ ଇଛା ଜାଗ୍ରତ ହୁଏ । ଏହା ମା ଙ୍କ ପ୍ରତି ଆମର ଭଲପାଇବା ଏବଂ ଭକ୍ତି ନୁହେଁ ତ ଆଉ କଣ!!

ମାତୃ ପିତୃ କୃପା, 508 ନୁଆସାହି
ନୂଆପଲ୍ଲୀ, ଭୁବନେଶ୍ୱର 751001
ଫୋନ 9437175764

ISSN NO.
2582-208X

# କପଟ ପଶା



ବିନୋଦିନୀ ଦାଶ

ମାମୁ ଶକୁନିର ଅନ୍ତରର ସ୍ୱର
ପରା ଦ୍ୱାପରର କପଟ ପଶା
ପ୍ରତିହିଂସା ନିଆଁ ଜଳୁଥିଲା ହିଆ
କିପରି ଭାଙ୍ଗନ୍ତା ରକ୍ତ ଭରସା
ପିନ୍ଧି ଛଳନାର ମୁଖା
ବାହ୍ୟ ମୁଖେ ବୋଲି ମୋ ପ୍ରିୟ ଭଣଜା
ଭେଟାଇଲା ଯୁଦ୍ଧର ବିଭୀଷିକା ।

ତା' ର ପରାଭବ ମୃତ୍ୟୁର ତାଣ୍ଡବ
ପୂର୍ଣ୍ଣ ସିନା ପ୍ରତିଶୋଧ ହୋଇଲା,
ହେଲେ ସେ ଲୀଳାରେ ସର୍ବେ ଅନ୍ତ ହେଲେ
ଭଲମନ୍ଦ ବିଚାର ବି ନ ହେଲା
କ୍ଷମତା ପଦବୀ ଧନ
ସବୁ ତ୍ୟାଗକରି ଯିବା ପାଇଁ ବାଧ୍ୟ
ସଭିଏଁ ଯେହେତୁ କାଳ ଅଧୀନ ।

ସମାଜ ଦର୍ପଣ ସେ ଘଟଣାମାନ
ତଥାପି ମଣିଷ ଅବୁଝା ଆଜି
ସାଜି ଦୁର୍ଯ୍ୟୋଧନ ହରେ ପର ଧନ
ଶକୁନି-ମନର ପ୍ରଭାବେ ହଜି

ISSN NO.
2582-208X

ଧରି ଲୋଭ ଅହଂକାର
ନିଜ ସହ ନିଜେ କରଇ ଛଳନା
ନୁହଁଇ କି ଏହା ସତ୍ୟର ଗୀର ?

କପଟିଆ ମିତ୍ର ନୋହେ କେବେ ଛତ୍ର
ବିପଦଆପଦୁ ରଖିବ ଢାଙ୍କି
ଭୁଲ ପଥେ ନେଇ ଖାଲରେ ପକାଇ
ସ୍ୱାର୍ଥ ହାସଲରେ ମାରିବ ଉଙ୍କି
ଲୋକ ଚରିତ୍ର ଏମିତି
ତା' ପାଖରୁ ଦୂର ନହେଲେ କେ ନର
ପାଦ ପଡୁଥିବ ବିଷମଗତି ।

ଯୁଧିଷ୍ଠିର ସମ ଗୁଣରେ ଉତ୍ତମ
ଯେବେ କେ ନ ଚିହ୍ନେ କପଟି ଭ୍ରାତ
ଧନ ସମ୍ପଦକୁ ହରାଇ ଦେବାକୁ
ହୁଅଇ ବାଧ୍ୟ ସେ ନପାଇ ପଥ
ଶୋଚନା ଦୁଃଖରେ ସଢ଼ି
ସତେ ଏକାକାର ଦିବସ ରଜନୀ
ନିଇତି ଭାବନା ରାଇଜେ ବୁଡ଼ି ।

କପଟ ପଶାର ଚାଳନା ଗୋଟିର
ନ ଜାଣଇ ଯିଏ ଖେଳିବା ନିଶା
ରଖିଲେ କି ହେବ ନିଶ୍ଚୟ ହାରିବ
ବିଫଳ ହୋଇବ ସକଳ ଆଶା
କଟେ ପୁଅ ବାର ଡାକି
ଲାଭ କିଛି ନାହିଁ ଦାନ ନ ପଡ଼ଇ
ବୃଥା ଚେଷ୍ଟା କରି ପଡ଼ଇ ଥକି ।

ISSN NO.
2582-208X

ହେଉ କ୍ରୀଡ଼ାମଞ୍ଚ ଭବ ରଙ୍ଗମଞ୍ଚ
କୂଟନୀତି ଯେବେ ଛାଡ଼ଇ କେହି
ଚାଲି ସତ୍ୟ ଧର୍ମ ନ୍ୟାୟ ପଥ କର୍ମ
ବାଛି କରିବାରେ ମନ ଦିଅଇ
କେବେ ନୋହି ମଧ୍ୟ ବଣା
ବିଜୟ ତିଳକ ଶୋଭଇ ମଥାରେ
ଲଭି ଭଗବାନଙ୍କର କରୁଣା ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଗଞ୍ଜାମର ପ୍ରଦର୍ଶନଧର୍ମୀ ଲୋକକଳା : ଏକ ଅଧ୍ୟୟନ



ସଂଘମିତ୍ରା ପଣ୍ଡା

ସଂକ୍ଷିପ୍ତସାର

ଲୋକକଳା ଲୋକସଂସ୍କୃତିର ଜୀବନ୍ତ ବାର୍ତ୍ତାବହ। ପ୍ରାଚୀନ କାଳରୁ ଏହା ନିଜର ସ୍ୱତନ୍ତ୍ରତା ବଜାଇ ରଖିଛି । ଏହା ଏକ ପାରମ୍ପରିକ କଳା, ଯହିଁରେ ମାନବ ସମାଜ ବା ଗୋଷ୍ଠୀ ବିଶେଷର ସାମୂହିକ ଭାବରେ ଏକ ଶୈଳ୍ପିକ ପରିପ୍ରକାଶ ପରିଲକ୍ଷିତ ହୁଏ। ଲୋକକଳା ଲୋକସଂସ୍କୃତିର ମୂଳାଧାର। ଏଥିରେ ଲୋକଜୀବନର ନିଚ୍ଛକ ପ୍ରତିଛବି ପ୍ରତିବିମ୍ବିତ ହୋଇଥାଏ । ଗୋଟିଏ ଜାତିକୁ ବିଶ୍ୱ ସାହିତ୍ୟରେ ପରିଚିତ କରାଇବାରେ ମଧ୍ୟ ଲୋକକଳା ର ଭୂମିକା ଅନସ୍ୱୀକାର୍ଯ୍ୟ। ଲୋକଗୀତ, ଲୋକନୃତ୍ୟ, ଲୋକକଥା ହାତବୁଣା, ଲୁଗା, ପଟ୍ଟଚିତ୍ର, କାଷ୍ଠ ଓ ଶିଳାଦିରେ ଅଙ୍କିତ ଚିତ୍ର ଏହାର ଅନ୍ତର୍ଭୁକ୍ତ। ପ୍ରଦର୍ଶନଶୀଳ ଲୋକକଳା ଏପରି ଏକ କଳା, ଯାହାକୁ ଦର୍ଶକଙ୍କ ସମ୍ମୁଖରେ ସଙ୍ଗୀତ, ନୃତ୍ୟ, ବାଦ୍ୟ, ମୂକାଭିନୟ, ରଙ୍ଗମଞ୍ଚ, ଭାଷଣାଦିର ସହାୟତାରେ ପ୍ରଦର୍ଶିତ କରାଯାଇଥାଏ। ଲୋକନୃତ୍ୟ ଓ ଲୋକନାଟ୍ୟ ଏହାର ଦୃଷ୍ଟାନ୍ତ।

ଓଡ଼ିଶାରେ ପ୍ରଦର୍ଶନଶୀଳ ଲୋକକଳାରେ ଗଞ୍ଜାମର ଅବଦାନ ଅତୁଳନୀୟ। ଗଞ୍ଜାମର ମାଟିକୁ ଲୋକନୃତ୍ୟ ଓ ସଙ୍ଗୀତର ମାଟି କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ପ୍ରଦର୍ଶନଶୀଳ କଳାର ବୈଚିତ୍ର୍ୟ ଲକ୍ଷଣୀୟ । ପ୍ରହ୍ଲାଦ ନାଟକ, ଦଣ୍ଡନାଚ, ଦାସକାଠିଆ, ଲୀଳା, ବାଘନାଚ, ପଶୁମୁଖାନୃତ୍ୟ, ବାଉଁଶରାଣୀ, ଘଟକଳସୀ, ରଣପା, ଢଣକୋଇଲା, ଘଣ୍ଟନୃତ୍ୟ, ଯୋଡ଼ିଶଙ୍ଖ, ଘୁଡ଼ିକିନାଚ, ସଖୀନାଚ, ଗୋଲାନାଚ, ଘୋଡ଼ାନାଚ, ଲଉଡି ନାଚ,

ISSN NO.
2582-208X

ପ୍ରଭୃତି ଗଞ୍ଜାମ କଳା ଓ ସଂସ୍କୃତିର ପ୍ରଖ୍ୟାପକ । ଏହା ମାଧ୍ୟମରେ ଧର୍ମ , ସଂସ୍କୃତି ଓ ପରମ୍ପରାର ପ୍ରଚାର ଓ ପ୍ରସାର ହୋଇଛି ।

### ପ୍ରମୁଖ ଶବ୍ଦାବଳୀ:

ପ୍ରଦର୍ଶନଶୀଳ, ଲୋକକଳା, ଦଣ୍ଡନାଚ, ଦାସକାଠିଆ, ବାଘନାଚ, ପଶୁମୁଖାନୃତ୍ୟ, ବାଉଁଶରାଣୀ, ଘଟକଳସୀ, ରଣପା, ଢଣକୋଇଲା, ଘଣ୍ଟନୃତ୍ୟ, ଯୋଡ଼ିଶଙ୍ଖ, ଘୁଡ଼ିକିନାଚ, ସଖୀନାଚ, ଗୋଲାନାଚ, ଘୋଡ଼ାନାଚ, ଲଉଡି ନାଚ .... ପ୍ରଭୃତି

### ଉପକ୍ରମ ( Introduction )

ଉତ୍କୃଷ୍ଟ କଳାର ଦେଶ ଉତ୍କଳ। ଏହାର କୋଣାନୁକୋଣରେ କଳା ନୈପୁଣର ନିଦର୍ଶନ ଦୃଶ୍ୟମାନ। ଓଡ଼ିଶାର କଳା, ସଂସ୍କୃତି, ସ୍ଥାପତ୍ୟ, କେବଳ ଭାରତରେ ନୁହେଁ ବିଦେଶରେ ମଧ୍ୟ ବିଖ୍ୟାତ।

ଆର୍ଯ୍ୟ, ଦ୍ରାବିଡ ପୁଣି ଆଦିମ - ନୂତନ ଓ ପୁରାତନ ସଭ୍ୟତାର ସମ୍ମିଳନ କ୍ଷେତ୍ର ହୋଇଉଠିଛି ଗଞ୍ଜାମ । ଆର୍ଯ୍ୟ ଓ ଦ୍ରାବିଡ଼ ସଂସ୍କୃତିର ସମନ୍ୱୟ, ନୂତନ ଓ ପୁରାତନ ସଭ୍ୟତାର ସମ୍ମିଳନ ଏହାକୁ କରିଛି ବିଶ୍ୱବିଦିତ । ଆମେ କହିପାରିବା ଯେ ଗଞ୍ଜାମର ପ୍ରାକୃତିକ ପରିବେଶ ଏ ଅଞ୍ଚଳର ବହୁ ଲୋକନୃତ୍ୟକୁ ଜନ୍ମ ଦେଇଛି । ନୀଳସାଗରର ଉତ୍ତୁଙ୍ଗ ତରଙ୍ଗମାଳା, ନୀଳପାହାଡ଼ ପରିବେଷ୍ଟିତ ଭୌଗଳିକ ସୁଷମା ଏ ଅଞ୍ଚଳର ଜନସାଧାରଣଙ୍କୁ ନୃତ୍ୟର ଖୋରାକ ଯୋଗାଇଛି । ଆର୍ଯ୍ୟ ଓ ଦ୍ରାବିଡ଼ ସଂସ୍କୃତିର ସମନ୍ୱୟ ଏଠିକାର ଲୋକକଳାକୁ କରିଛି ସମୃଦ୍ଧ। ମୁଣ୍ଡା, ସଉରା, ଶବର ସମ୍ପ୍ରଦାୟ ମଧ୍ୟ ଏହା ସହ ଜଡିତ। ଖାଦ୍ୟପେୟ, ବେଶଭୂଷା, ଚାଲିଚଳନ, ଓଷାବ୍ରତ, ପୂଜାପାଠ, ଭାଷା ସାହିତ୍ୟର ସମନ୍ୱୟ ଭାବନା ପ୍ରତିଫଳିତ ହୁଏ । ଯାହାର ପ୍ରଦର୍ଶନ ଲୋକମାନସକୁ ଆକୃଷ୍ଟ କରିଛି । ଏହି ପ୍ରଦର୍ଶନଶୀଳ ଲୋକକଳା ଧର୍ମ, ସଂସ୍କୃତି ଓ ପରମ୍ପରା ପ୍ରଚାର ଓ ପ୍ରସାରରେ ନିୟୋଜିତ ହୋଇଛି ।

### ଗଞ୍ଜାମର ଲୋକନାଟ୍ୟ ପରମ୍ପରା:ଏକ ଅନୁଶୀଳନ

ଆଧୁନିକ ଓଡ଼ିଆ ସାହିତ୍ୟ ବହୁ କ୍ଷେତ୍ରରେ ଲୋକସାହିତ୍ୟ ନିକଟରେ ଋଣୀ । ବର୍ତ୍ତମାନ ସୃଷ୍ଟିରେ ନିମଗ୍ନ ସ୍ରଷ୍ଟା କୌଣସି ସମୟରେ ନିଜର ପରମ୍ପରା ଓ ଐତିହ୍ୟଠାରୁ ସମ୍ପୂର୍ଣ୍ଣ

ISSN NO.
2582-208X

ଦୂରେଇ ଯାଇପାରି ନାହିଁ । ସହରରେ ବସବାସ କରୁଥିବା ଆଜିର ଲେଖକର ମୂଳ ଚେରଟି ପଲ୍ଲୀରୁ ହିଁ ଉଦ୍ଭୂତ । ପୁନରାୟ ଲୋକସାହିତ୍ୟରେ ପ୍ରକାଶିତ ସାର୍ବଜନୀନ ଓ ସର୍ବକାଳକ ଆବେଦନଟିକୁ କୌଣସି ସ୍ରଷ୍ଟା ଯେ କୌଣସି ସମୟରେ ହେଉନା କାହିଁକି, ଅସ୍ୱୀକାର କରି ନ ପାରେ ।

ଗଞ୍ଜାମ ଅଞ୍ଚଳରେ ଲୋକନୃତ୍ୟ ପରମ୍ପରାର ଧାରା ମୁଖ୍ୟତଃ ପରିଲକ୍ଷିତ ହୋଇଥାଏ । ଗୋଟିଏ ପାରିବାରିକ ଓ ଅନ୍ୟଟି ଆନୁଷ୍ଠାନିକ । ପାରିବାରିକ ଲୋକନୃତ୍ୟ ମଧ୍ୟରେ ଦାସକାଠି, ସଖୀନାଚ, ଗୋଟିପୁଅ, ଢଣକୋଇଲା, ଗାହାଣନାଚ, ଘୁଡୁକୀ, ଚଇତିଘୋଡା, କଣ୍ଢେଇନାଚ, ବାଉଁଶରାଣୀ, ଶାବରୀନାଚ, ଘଟକଳସୀ, ଜାନୁଘଣ୍ଟ, କେଳା କେଲୁଣୀ, ମୁଣ୍ଡପୋତା, ବାଘନାଚ ଆଦି ଅନ୍ତର୍ଭୁକ୍ତ । ସେହିପରି ଆନୁଷ୍ଠାନିକ ବା ଗୋଷ୍ଠୀ ଲୋକନୃତ୍ୟ ଭାବେ ରାମଲୀଳା, କୃଷ୍ଣଲୀଳା, ଭାରତ ଲୀଳା, ରାସଲୀଳା, ଯାତ୍ରା, ସୁଆଙ୍ଗ, ପ୍ରହ୍ଲାଦ ନାଟକ, ଡାଲଖାଇ, କରମା, ରସରକେଲୀ, ସଞ୍ଚାର, ଦେଶୀଆ ନାଚ, ପାଇକ ନାଚ, ଧୋବା ନାଚ, ଲାଉଡ଼ି ନାଚ, ବାରମାସୀ ଦଣ୍ଡ, ଗୋଲା ନାଚ, ଘଣ୍ଟ ନୃତ୍ୟ ଆଦିକୁ ଗ୍ରହଣ କରାଯାଇପାରେ । ଗଞ୍ଜାମ ଅଞ୍ଚଳରେ ପରିଲକ୍ଷିତ ବହୁ ଲୋକନୃତ୍ୟ ଆଦିବାସୀ ଓ ଦ୍ରାବିଡ଼ ଦ୍ୱାରା ପ୍ରଭାବିତ । ଏହି ଅଞ୍ଚଳରେ ପରିଲକ୍ଷିତ ଲୋକନୃତ୍ୟର ଦୁଇଟି ରୂପ ରହିଛି । ଦଣ୍ଡନାଚ, ଜାନୁଘଣ୍ଟ, ବାରମାସୀ ଦଣ୍ଡ, ବାଘନାଚ, ଘଟ କଳସୀ, ବାଉଁଶ ରାଣୀ, ରଣପା, କେଳାକେଲୁଣୀ ଆଦି ନୃତ୍ୟଗୁଡ଼ିକ ମୁଖ୍ୟତଃ ଲୋକାଶ୍ରୟୀ ଲୋକନାଟ୍ୟ ହୋଇଥିବା ବେଳେ ଘୁଡୁକି, ଗାହାଣ, ଢଣକୋଇଲା, ସଖୀନାଚ, ଘଣ୍ଟନୃତ୍ୟ, ଧୋବା ନାଚ, ଲାଉଡି ନାଚ, ପାଇକ ନାଚ ଆଦି ନୃତ୍ୟାଶ୍ରୟୀ ଲୋକନାଟ୍ୟ ।

ଗଞ୍ଜାମ ନିଜର ଲୋକକଳାକୁ ବଞ୍ଚାଇ ରଖିବାକୁ ପ୍ରଦର୍ଶନଧର୍ମୀତା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ।

### ଗଞ୍ଜାମରେ ପରିବେଷଣ ହେଉଥିବା ପ୍ରଦର୍ଶନଧର୍ମୀ ଲୋକକଳା –

୧. ଦଣ୍ଡ ନାଚ

ଗଞ୍ଜାମର ଲୋକନାଟ୍ୟ ପରମ୍ପରାରେ ଦଣ୍ଡନାଟର ଏକ ବିଶେଷତ୍ୱ ରହିଛି। ଏହି ନାଟଟି ସର୍ବାଧିକ ଜନପ୍ରିୟ ନାଟ୍ୟ । ଦାଣ୍ଡରେ ନାଚୁଥିବାରୁ ବା ଏକ ଦଣ୍ଡ (ବାଡି) ଶିବ ଓ

ISSN NO.
2582-208X

ଗୌରୀଙ୍କ ପ୍ରତୀକ ଭାବରେ ପୂଜା କରାଯାଉ ଥିବାରୁ ଏହାର ନାମ ଦଣ୍ଡନାଟ । ପୂଜା କରାଯାଉଥିବା ଦଣ୍ଡଟିକୁ ସିନ୍ଦୂର ବା ରଂଗୀନ ଲୁଗାରେ ସଜ୍ଜିତ କରାଯାଇଥାଏ । ଶିବର-ଶବରୁଣୀ ଏହାର ନାୟକ ନାୟିକା । ବିଭିନ୍ନ ମାନସିକ ରଖି ଦଣ୍ଡନାଟ କରାଯାଇଥାଏ । ସନ୍ତାନ ଜନ୍ମ, ବ୍ୟାଧିରୁ ମୁକ୍ତି, ପୂଣ୍ୟ ଅର୍ଜନ ଉଦ୍ଦେଶରେ ଲୋକମାନେ ଖର୍ଚ୍ଚ ଦେଇ ଏହା କରାଇଥାନ୍ତି । ଦଣ୍ଡନାଟରେ ସର୍ବକାଳୀନ ଚିନ୍ତାଧାରା ବିଶେଷ ଭାବରେ ପରିସ୍ଫୁଟ । ଏହି ନାଟକର ବିଭିନ୍ନ ଚରିତ୍ର ସାଧାରଣତଃ ଅବହେଳିତ ସମାଜରୁ ଗୃହୀତ । ଅଭିନେତା ମାନେ ମୁଖ୍ୟତଃ ଅବ୍ରାହ୍ମଣ ସଂପ୍ରଦାୟର ଅତିନିମ୍ନ ଅସ୍ପୃଶ୍ୟ ଜାତିଠାରୁ ଆରମ୍ଭ କରି ଉଚ୍ଚତର ସ୍ପୃଶ୍ୟ ଜାତି ପର୍ଯ୍ୟନ୍ତ । ସର୍ବକାଳୀନ ଗଣଦେବତା ଶିବଙ୍କୁ ଆରାଧାନା କରି ଏମାନଙ୍କ ମଧ୍ୟରେ ଅଦ୍ଭୁତପୂର୍ବ ସାମ୍ୟ ଓ ମୈତ୍ରୀ ଭାବ ପରିଲକ୍ଷିତ ହୋଇଥାଏ ।

ଦଣ୍ଡନାଟରେ କୃଷି ସଭ୍ୟତାର ଚିତ୍ର ପରିଲକ୍ଷିତ ହୋଇଥାଏ । କୃଷକ ଦେବତା ଭାବରେ ଶିବ ମଧ୍ୟ କୃଷି କରୁଥିବାର ଦୃଶ୍ୟ ବଲାଙ୍ଗୀର ଓ କଳାହାଣ୍ଡୀ ଜିଲ୍ଲାର ଦଣ୍ଡନାଟରେ ଦେଖାଯାଏ । ଶିବଙ୍କୁ ସନ୍ତୁଷ୍ଟି ନିମନ୍ତେ ମୁଖ୍ୟତଃ ଦଣ୍ଡନାଟ ଅନୁଷ୍ଠିତ ହୋଇଥାଏ । ଏହି ଦଣ୍ଡୁଆମାନେ ମୁଖ୍ୟତଃ ୫ ପ୍ରକାର ଦଣ୍ଡ ଯଥା- ଧୂଳି ଦଣ୍ଡ, ପାଣି ଦଣ୍ଡ, ବନ ଦଣ୍ଡ, ଅଗ୍ନି ଦଣ୍ଡ, ନୃତ୍ୟଦଣ୍ଡ ଗ୍ରହଣ କରିଥାନ୍ତି । ଏହି ନାଟରେ ସଂପୃକ୍ତ ଥିବା ବ୍ୟକ୍ତିମାନେ ୧୩ ଦିନ ପର୍ଯ୍ୟନ୍ତ ଖାଦ୍ୟ ଓ ଆଚରଣରେ ସଂଯତ ରହିବାକୁ ପଡେ । ଏହା ଚୈତ୍ର ପଣାସଂକ୍ରାନ୍ତିର ୧୩ ଦିନ ପୂର୍ବରୁ ଆରମ୍ଭ ହୋଇ ସଂକ୍ରାନ୍ତି ଦିନ ସମାପ୍ତ ହୋଇଥାଏ । ନୃତ୍ୟ ଓ ଗୀତ ଏହି ନାଟ୍ୟର ମୁଖ୍ୟ ବୈଶିଷ୍ଟ୍ୟ । ମୁଖ୍ୟତଃ ଏହାର ଭାଷା ପଦ୍ୟ ହେଲେ ହେଁ କ୍ୱଚିତ ଗଦ୍ୟ ପରିଲକ୍ଷିତ ହୋଇଥାଏ । ଉଦ୍ଦାମ ନୃତ୍ୟ, ପ୍ରାକୃତିକ ଅଭିନୟ ଏହାକୁ ଯଥାର୍ଥ ଲୋକନାଟ୍ୟର ମର୍ଯ୍ୟଦା ପ୍ରଦାନ କରିଛି । ଦଣ୍ଡନାଟରେ ୩ଟି ଚରିତ୍ର ମୁଖ୍ୟତଃ ପରିଦୃଷ୍ଟ ହୋଇଥାଏ । ନାରୀ, ପୁରୁଷ ଓ ବାୟାଧନ । କୌଣସି ନିର୍ଦ୍ଦିଷ୍ଟ କଥାବସ୍ତୁ ଏହାର ଉଦ୍ଦେଶ୍ୟ ଆଧାରିତ ନ ହେଲେହେଁ ଶିବଙ୍କ ମହିମା ପ୍ରଖ୍ୟାପନ ଏହାର ଉଦେଶ୍ୟ ।

ଦଣ୍ଡନାଟରେ ମାନବର ଦୈନନ୍ଦିନ ଜୀବନ ଦାମ୍ପତ୍ୟ କଳହ ଓ ଏହାର ଏକ ଆନନ୍ଦମୟ ସମାଧାନ ରହିଛି । ଏହା ସାମ୍ୟ ଓ ମୈତ୍ରୀର ପ୍ରତୀକ । କେତେକ କ୍ଷେତ୍ରରେ ଏହା ୨୧ହଳ ଚରିତ୍ର ବିଶିଷ୍ଟ ୨୧ ଲୀଳାର ସମାବେଶ ହୋଇଥିବା ସମୟରେ ଅନ୍ୟ କେତେକ ସ୍ଥଳରେ ୧୬ସୁଆଙ୍ଗ ସମନ୍ୱିତ । ଲୋକବାଦ୍ୟ ଏହାର ମୁଖ୍ୟ ବାଦ୍ୟ । ଦଣ୍ଡନାଟରେ ଶିବଙ୍କୁ

ISSN NO.
2582-208X

କୃଷିସଭ୍ୟତା ଓ ସଂସ୍କୃତିର ପ୍ରତୀକ ଭାବରେ ଗ୍ରହଣ କରାଯାଇଥାଏ । ସମାଜର ନିମ୍ନବର୍ଗର ଲୋକଙ୍କ ଜାତି ପ୍ରତି କିପରି ମମତା ରହିଛି ଏହି ପଦରୁ ସ୍ପଷ୍ଟ ଜଣାଯାଏ ।

"କାହୁଁ ବିଜେ କରିଥିଲେ
ପ୍ରଭୁ ଉମାକାନ୍ତରେ ଭାଇ ପ୍ରଭୁ ଉମାକାନ୍ତ
ହୀନକୁଳେ ଜନ୍ମ ହୋଇ ସେବିଲୁ କେମନ୍ତ
ଦଣ୍ଡ ବଢେୟା
କହତୁରେ ନ କରିଣ ମାୟା"।

ଦଣ୍ଡନାଟର ପ୍ରକୃତ କାଳ ନିରୂପଣ କରିବା କଷ୍ଟସାଧ୍ୟ । କାରଣ ଏହା ପ୍ରଥମେ ନିମ୍ନବର୍ଗ ଓ ଆଦିବାସୀ ମାନଙ୍କର ନୃତ୍ୟ ଥିଲା । ପରବର୍ତ୍ତୀ ସମୟରେ ଆର୍ଯ୍ୟ ସଭ୍ୟତା ମଧ୍ୟରେ ପ୍ରବେଶ କରି ନିଜର ମହତ୍ୱ ପ୍ରକଟିତ କରିଛି । ତେବେ ଓଡ଼ିଶାରେ ଏହା ଯେ ଏକ ପରମ୍ପାରିକ ଲୋକପ୍ରିୟ ଲୋକନାଟ୍ୟ , ଏହା ଅସ୍ୱୀକାର କରାଯାଇ ନପାରେ ।

୨. ଦାସକାଠିଆ

ଗୀତ, ବାଦ୍ୟ ଏବଂ ଅଭିନୟର ସମନ୍ୱୟ ରୂପ ଦାସକାଠି। ପାଲାର ଅଗ୍ରଜ ରୂପେ ଦାସକାଠିକୁ ସମ୍ମାନିତ କରାଯାଇଥାଏ । ଯେତେବେଳେ ମୁସଲମାନଧର୍ମ ହିନ୍ଦୁଧର୍ମର ପ୍ରାଧାନ୍ୟ କ୍ଷୁର୍ଣ୍ଣ କରି ତା ଉପରେ ପ୍ରାଧାନ୍ୟ ବିସ୍ତାର କରିବାକୁ ଉଦ୍ୟତ ହେଉଥିଲା, ସେହି ସମୟରେ ନିଜର ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବାକୁ ଯାଇ ଦାସକାଠିର ସୃଷ୍ଟି ବୋଲି ଅନୁମାନ କରାଯାଏ । ଦାସରି ସମ୍ପ୍ରଦାୟ ଦ୍ୱାରା ଏହି ବାଦ୍ୟଯନ୍ତ୍ରଟି ସୃଷ୍ଟି ହେଇଥିବାରୁ ଏହାର ନାମ ଦାସକାଠି ବୋଲି କେତେକ ମତବ୍ୟକ୍ତ କରିଥିବା ସମୟରେ ଅନ୍ୟ କେହି ଯେଉଁ କାଠି ସହାୟତାରେ ହନୁମାନ ନିଜର ପ୍ରଭୁ ରାମଙ୍କ ମନ ସନ୍ତୁଷ୍ଟ କରିପାରିଥିଲେ ତାହା ଦାସକାଠି ବୋଲି କୁହନ୍ତି । ପ୍ରଥମେ ଏହା ଜଣଙ୍କ ମଧ୍ୟରେ ସୀମିତ ଥିଲା । କ୍ରମଶଃ ଏହା ଦ୍ୱୈତନୃତ୍ୟରେ ପରିଣତ ହେଲା । ଜଣେ ଗାୟକ ଓ ଅନ୍ୟ ଜଣେ ପାଳିଆ । ଏମାନେ ଶ୍ରୀରାମଙ୍କ ଉପାସକ । ଭକ୍ତମାନେ ରାମତାଳି ସାହାଯ୍ୟରେ ଭକ୍ତି ନିବେଦନ କରିଥାନ୍ତି । ଏଥିରେ ଦୁଇଜଣ ଚରିତ୍ର ଲକ୍ଷ୍ମଣ ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି । ରାମତାଳ ଗାୟକ ଓ ଲକ୍ଷ୍ମଣତାଳ ଦାସକାଠି । ବିଭିନ୍ନ ପୁରାଣ ବିଷୟବସ୍ତୁ ଏଥରେ ସଙ୍ଗୀତ ଓ ନୃତ୍ୟ

ISSN NO.
2582-208X

ମାଧ୍ୟମରେ ପରିବେଷଣ କରାଯାଇଥାଏ। ଏବେବି ବହୁ ଦାସକାଠି ଦଳ ଗଞ୍ଜାମ ଜିଲ୍ଲାରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପରିଭ୍ରମଣ କରି ଦାସକାଠିଆ ପ୍ରଦର୍ଶନ କରୁଛନ୍ତି ।

୩.ବାଘନାଚ

ଗଞ୍ଜାମ ଅଞ୍ଚଳରେ ଏହି ନାଚର ପ୍ରସିଦ୍ଧି ରହିଛି । ଏହାର ଦୁଇଟି ରୂପ ପରିଲକ୍ଷିତ ହୋଇଥାଏ । ପ୍ରଥମ ଶ୍ରେଣୀର ବାଘନାଚରେ ବ୍ୟକ୍ତିଟିଏ ମୁଣ୍ଡ ଛଡ଼ା ଶରୀରର ସମସ୍ତ ଅଂଶ କ୍ଷୌର ହୋଇ ହଳଦିଆ ରଂଗରେ ଶରୀରକୁ ଚିତ୍ର କରି ତା' ଉପରେ ବାଉଁଶପତ୍ର କରାଯାଇ ବାଘଛାଲ ପରି କରାଯାଇଥାଏ । ଦେବୀଙ୍କ ନିକଟରେ ପୂଜା କରାଯାଇଥିବା ବାଘ ମୁଖାଟି ଲଗାଇ କମରରେ ମଜଭୁତ ଦଉଡିଟିଏ ବାନ୍ଧିଥାଏ । ୪- ୫ ଜଣ ଶବର ବେଶୀ କଳାକାର ଗୋଟିଏ ହାତରେ ଦଉଡି ଅନ୍ୟ ହାତରେ ପାର୍ସା ବା ଶରଧରି ବାଘଶିକାର ଅଭିନୟ କୌଶଳ ପ୍ରଦର୍ଶନ କରନ୍ତି । ବାପଚିତ୍ରିତ ମଣିଷଟି ଗର୍ଜନ କରିବା ସଂଗେସଂଗେ ବାଘର ଚାଲିଚଳଣକୁ ଅନୁକରଣ କରେ । ପ୍ରଥମେ ସେ ଦେବୀଙ୍କୁ ପୂଜା କରି ବିଭିନ୍ନ ଲୋକଙ୍କ ଗୃହ ସମ୍ମୁଖରେ କିଛି ସମୟ ଏହିପରି ନୃତ୍ୟ କରେ । ଗୃହସ୍ୱାମୀଙ୍କ ନିକଟରୁ ପ୍ରାପ୍ତ ଅର୍ଥର କିଛି ଅଂଶ ଦେବୀଙ୍କ ଉଦ୍ଦେ୍ୟଶରେ ଅର୍ପଣ କରାଯାଇଥାଏ । ଠାକୁରାଣୀ ଯାତ୍ରା ସମୟ ରେ ଏହି ନୃତ୍ୟ ବିଶେଷ ଭାବରେ ଦେଖିବାକୁ ମିଳେ ।

ଦ୍ୱିତୀୟ ପ୍ରକାର ବାଘନାଚ ଦୋଳ ପୂର୍ଣ୍ଣିମା, ଦଶହରା ଓ ଠାକୁରାଣୀ ଯାତ୍ରା ବେଳେ ଦେଖାଯାଏ । ବେତ , ବାଉଁଶ ପାତିଆ ଏବଂ ସୋଲଦ୍ୱାରା ଗୋଟିଏ ବାଘର ଆକୃତି କରାଯାଇ ତା' ଉପରେ ବାଘଛାଲ ଚିତ୍ରିତ ଏକ କପଡା ଆବୃତ କରାଯାଇ ବାଘମୁଖା ଲଗାଯାଇଥାଏ । ତା' ମଧ୍ୟରେ ଦୁଇ ଜଣ ବ୍ୟକ୍ତି ପ୍ରବେଶ କରନ୍ତି । ପ୍ରଥମ ବ୍ୟକ୍ତି ମୁଖରେ ବାଘମୁଖା ପରିଧାନ କରିଥିବା ସମୟରେ ଦ୍ୱତୀୟ ବ୍ୟକ୍ତି କଟି ନିକଟରେ ରହି ବିଭିନ୍ନ ନୃତ୍ୟ ପରିବେଷଣ କରିଛନ୍ତି I ଏହା ମୁଖ୍ୟତଃ ଏକ ଆଦିବାସୀ ନୃତ୍ୟ । ଏହାର ପ୍ରଧାନ ବାଦ୍ୟ ଚାଙ୍ଗୁ ଏବଂ ଶିକାରବାଦ୍ୟ ବାଦନ ହୋଇଥାଏ । ଭେରେଡା, ବରଗାଁ, ଭେଜିପୁଟ ଆଦି ଅଞ୍ଚଳରେ ଏହା ବିଶେଷରୂପେ ପ୍ରଚଳିତ ।

୪. ବାଉଁଶରାଣୀ

ଏହି ନୃତ୍ୟରେ ମୁଖ୍ୟତଃ କେଳପାତ ଯୁବତୀ ମାନେ ଅଂଶଗ୍ରହଣ କରିଥାନ୍ତି । କେଳାଯୁବଣ ୩୦। ୩୫ ଫୁଟ ଏକ ବାଉଁଶ ଉପରେ ରହି ବିଭିନ୍ନ କ୍ରୀଡା ପ୍ରଦର୍ଶନ କରିଥାଏ। ଏହି

ISSN NO.
2582-208X

ସମୟରେ ପୁରୁଷମାନେ ପଖାଉଜ, ଚାଙ୍ଗୁବାଦ୍ୟ ଏବଂ ବଂଶୀବାଦନ କରିଥାନ୍ତି । ବାଉଁଶର ମୂଳ ଅଂଶଟି ଜଣେ କେଳା ଯୁବକ ନିଜର ନାଭି ବା କପାଳରେ ସ୍ଥାପନ ରହିଥାଏ। ତାଲିମପ୍ରାପ୍ତ କେଳୁଣୀ ବାଉଁଶ ଦ୍ୱାରା ବିଭିନ୍ନ ଶାରୀରିକ କୌଶଳ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ଚମତ୍କୃତ କରିଥାଏ। ବାଉଁଶର ଶୀର୍ଷରେ ଏକ ଲୌହ ନିର୍ମିତ ବଳୟ ରହିଥାଏ। ସେହି ଲୁହାରେ କେଳା ଯୁବତୀଟି ନିଜ ନାଭିରେ ରଖିଥିବା ଏକ ଅଣ୍ଟାପାତିଆ ଦ୍ୱାରା ବାଉଁଶ ସାହାଯ୍ୟରେ ବିଭିନ୍ନ ବନ୍ଧ କୌଶଳ ପ୍ରଦର୍ଶନ କରିଥାଏ। ଏହି ଖେଳର ପ୍ରଧାନ ଉପକରଣ ବାଉଁଶକୁ କରଞ୍ଜ ତେଲ ଦ୍ୱାରା ରଞ୍ଜିତ କରି ଦୃଢ ଓ ମସୃଣ କରାଯାଇଥାଏ । ଗଞ୍ଜାମର ଘୁମୁସର ଓ ମଥୁରା ଆଜି କେତେକ ସ୍ଥାନରେ ଏହାର ବିଶେଷ ପ୍ରଚଳନ ଥିଲେ ହେଁ, ଖରାଦିନେ ଏମାନେ ବିଭିନ୍ନ ସ୍ଥାନ ବୁଲି ନିଜର ନୃତ୍ୟ ନିପୁଣତା ପ୍ରଦର୍ଶନ କରିଥାନ୍ତି ।

୫.ଘଟକଳସୀ

ଏହି ନୃତ୍ୟରେ ଜଣେ ପୁରୁଷ ଗୋଟିଏ କଳାଶାଢୀ ଓ କାଞ୍ଚଲା ପରିଧାନ କରି ହାତରେ ଖଡୁ ଓ ମଥାରେ ସିନ୍ଦୁର ଲଗାଇ ନାରୀ ବେଶରେ କଳସୀଟିଏ ଧରି ନୃତ୍ୟ କରିଥାଏ। ତା'ର ମସ୍ତକଟି ନାଲିକନାରେ ଆବୃତ ଥାଏ ଏବଂ ତା' ଉପରେ ପଞ୍ଚମୁଖୀ କଳସୀଟିଏ ଥାଏ । ଏହି ପଞ୍ଚମୁଖୀ କଳସୀ ପଞ୍ଚଦେବୀଙ୍କ ପ୍ରତୀକ । କଳସୀର ପ୍ରତ୍ୟେକ ମୁଖ କନିଅର, ମନ୍ଦାର, ସିନ୍ଦୂର ଏବଂ ଚୁଡ଼ି ଦ୍ୱାରା ସଜ୍ଜିତ ହୋଇଥାଏ । ଜଳପୂର୍ଣ୍ଣ ଘଟଟି ମାଟି ବା ପିତ୍ତଳରେ ନିର୍ମିତ ଓ ଏହା ମାନବ ଜୀବନର ପ୍ରତୀକ । ପଞ୍ଚମୁଖ ମଧ୍ୟ ପଞ୍ଚପ୍ରାଣର ପ୍ରତୀକ । ଚୈତ୍ରମାସର ପ୍ରଥମ ମଙ୍ଗଳବାରରୁ ଘଟକଳସୀ ଧାରଣା ଆରମ୍ଭ ହୋଇ ପ୍ରତ୍ୟେକ ମଙ୍ଗଳବାରରେ ଅନୁଷ୍ଠିତ ହୋଇଥାଏ । ଏହି ନୃତ୍ୟରେ ଚାଙ୍ଗୁ, ଢୋଲ, ମହୁରୀ ବ୍ୟବହୃତ ହୋଇଥାଏ । କଳସୀଧାରି ବ୍ୟକ୍ତି ବାଦ୍ୟ ବାଜିବା ସଙ୍ଗେ ସଙ୍ଗେ ବୃତ୍ତାକାରରେ ପାଦ ପକାଇ ବିଭିନ୍ନ ମୁଦ୍ରା ପ୍ରଦର୍ଶନ କରେ ମାତ୍ର ମସ୍ତକରେ ଥିବା କଳସୀ ଏହିପରି ଅକ୍ଷତ ଅବସ୍ଥାରେ ରହିଥାଏ । କଳସୀଧାରିଙ୍କୁ ଅର୍ଦ୍ଧନାରୀଶ୍ୱର କହିଥାନ୍ତି । ଦେବୀ ମନ୍ଦିରରେ ଏହି ନୃତ୍ୟ ପରିବେଷଣ ହୋଇଥାଏ । ଏହା ଏକ ମାନସିକ ନୃତ୍ୟ । କର୍ତ୍ତାଗୃହ କିମ୍ବା ନିଜ ଗୃହରୁ ଘଟକଳସୀଧାରୀ କଳସୀ ଧାରଣ କରି ଦେବୀ ମନ୍ଦିରରେ ପହଞ୍ଚି ପ୍ରଥମେ ପୂଜାର୍ଚ୍ଚନା କରିଥାଏ । ଗଞ୍ଜାମର ତାରାତାରିଣୀ, କୁଲାଡ, ଗଜାପଦର, ତାରସିଙ୍ଗି,

ISSN NO.
2582-208X

ଦେବଭୂମି ଆଦି ଗ୍ରାମ ଏହି ନୃତ୍ୟ ପାଇଁ ପ୍ରସିଦ୍ଧ ଏବଂ ଶୁଦ୍ର ସମ୍ପ୍ରଦାୟ ଦ୍ୱାରା ଏହା ଅନୁଷ୍ଠିତ ହୋଇଥାଏ ।

୬. ରଣପା

ରଣପାର ଆଭିଧାନିକ ଅର୍ଥ ହେଉଛି କାଠ ନିର୍ମିତ ଡେଙ୍ଗା ପାଦୁକା ବିଶେଷ । କାରଣ ଏହି ନୃତ୍ୟରେ ବ୍ୟବହୃତ ହେଉଥିବା ଆଠ ଫୁଟ ଉଚ୍ଚତା ବିଶିଷ୍ଟ ବାଡ଼ି ଦୁଇଟିକୁ ରଣପା କୁହାଯାଇଥାଏ। ଏହି ବଡି ସାହାଯ୍ୟରେ ଅନୁଷ୍ଠିତ ନୃତ୍ୟ ହିଁ ରଣପା ନାଚ । ଏଥିରେ ବ୍ୟବହୃତ ବାଡ଼ି ଦ୍ୱୟ ଦୁଇଫୁଟ ଉଚ୍ଚରେ ପାଦ ସ୍ଥାପନ ନିମିତ୍ତ ଗୋଟିଏ ଗୋଟିଏ ପାଦ ଆକୃତିର କାଠ ଫାଳିଆ ବନ୍ଧାଯାଇଥାଏ । ଏହା ଏକ କଷ୍ଟସାଧ୍ୟ ନୃତ୍ୟ । ନୃତ୍ୟ ସମୟରେ ବିଭିନ୍ନ ପୁରାଣ, ଛନ୍ଦାଦି ଗାନ କରାଯାଇଥାଏ । ନୃତ୍ୟକାରୀ ଫତେଇ, ପଗଡ଼ି ପରିଧାନ କରିବା ସହିତ ଧୋତିକୁ ପାଇକଛା ମାରି ପିନ୍ଧିଥାନ୍ତି ଓ ମୟୂର ଚୂଳ ତଥା ତାଳପତ୍ର ମଥାରେ ତଥା ଧୋତିରେ ଲଗାଇଥାନ୍ତି । ସମତଳଭୂମି ଉପରେ ଏହି ନୃତ୍ୟ କରାଯାଇଥାଏ। ଗୀତର ସ୍ୱର ତାଳାନୁସାରେ ଭିନ୍ନ ଭିନ୍ନ ହୋଇଥାଏ । ଅଭିନୟ ସମୟରେ ଜଣେ ପୁରୁଷ ଏବଂ ଅନ୍ୟ ଜଣେ ନାରୀର ଭୂମିକା ଗ୍ରହଣ କରିବା ସମୟରେ ପ୍ରାୟ ଅନ୍ୟ ବାରଜଣ ଦୁଇଧାଡ଼ିରେ ରହି ସ୍ୱର ଓ ତାଳନୁସାରେ ଅଭିନୟ ପ୍ରଦର୍ଶନ କରିଥାନ୍ତି । ଏହି ନୃତ୍ୟରେ ଢୋଲ ଏବଂ ମହୁରୀ ମୁଖ୍ୟ ବାଦ୍ୟଯନ୍ତ୍ର ରୂପେ ବ୍ୟବହୃତ ହୋଇଥାଏ । ବିଶ୍ୱାସ କରାଯାଏ ଅତୀତରେ ରାଜା ସୈନ୍ୟ ତଥା ଖାଦ୍ୟସାମଗ୍ରୀ ଉଦ୍ଦେଶ୍ୟରେ ଏହିପରି ଗୋଟିଏ ଗୋଟିଏ ରଣଗୋଷ୍ଠୀ ଗଠନ କରିଥିଲେ । ରଣମାନତ୍ୟର ବିଭିନ୍ନ ଭଙ୍ଗୀ ମଧ୍ୟରୁ ମୁଖ୍ୟତଃ କୃଷ୍ଣ, ମୟୂର ଓ କନ୍ଧନୃତ୍ୟ ପ୍ରଧାନ । ଏହି ରଣପାନୃତ୍ୟରେ କେତେକ ଦଳଗତ ରୂପେ ନୃତ୍ୟ ପରିବେଷଣ କରୁଥିବା ସମୟରେ ଅନ୍ୟ କେତେକ କ୍ଷେତ୍ରରେ ରଣପା ଡୁଏଟ ଅଭିନୟ ହୋଇଥାଏ ଏହି ଡୁଏଟରେ ଦୁଇଜଣ ପୁରୁଷ (ଜଣେ ପୁରୁଷ ଓ ଅନ୍ୟ ଜଣେ ନାରୀ ଭୂମିକାରେ) ଅଭିନୟ କରିଥାନ୍ତି । ଏଥିରେ ନୃତ୍ୟ ସହିତ ପ୍ରେମସଂଗୀତ ଗାନ କରାଯାଇଥାଏ । ବ୍ରହ୍ମପୁର ସନ୍ନିକଟସ୍ଥ ନରେନ୍ଦ୍ରପୁର ରଣପା ନାଟ ପାଇଁ ପ୍ରସିଦ୍ଧି ଅର୍ଜନ କରିଛି ।

୭.ଢଣକୋଇଲା

ଢଣକୋଇଲା ଏକ ବାଦ୍ୟ ବିଶେଷ । ମୁଖ୍ୟତଃ କୋଠି ଓଷାରେ ଯେଉଁସବୁ ବାଦ୍ୟ ବ୍ୟବହୃତ ହୁଏ ସେଥିରେ ଢଣକୋଇଲା ମୁଖ୍ୟ । ଏହା ଏକ ପ୍ରକାର ଧର୍ମଭିତ୍ତିକ ଅନୁଷ୍ଠାନ । ବିଭିନ୍ନ

ISSN NO.
2582-208X

କାମନା ପରିପୂରାଣାର୍ଥେ ଏହାର ପାଳନ ହୋଇଥାଏ । ବାଦ୍ୟରେ ବ୍ୟବହୃତ ଧନୁ ଘଣ କୁଇଲା ଗଛର କାଣ୍ଡରୁ ନିର୍ମିତ ହୋଇଥିବାରୁ ଏହାର ନାମକରଣ ଏପରି ହେବାର ସମ୍ଭାବନା ରହିଛି। ଏହାର ନିର୍ମାଣ କୌଶଳ ବେଶ୍ ବୈଜ୍ଞାନିକ । ପ୍ରଥମେ ଏକ ପାଟର ମୁଚୁଳା ଉପରେ ନୂଆ ମାଟିହାଣ୍ଡି ରଖି ତା' ଭିତରେ ଗିନା ବା କଂସା ରଖାଯାଇ ହାଣ୍ଡି ଉପର ମୁହଁରେ ବାଉଁଶ ତିଆରି କୁଲା ଘୋଡାଇ ଦିଆଯାଏ । ତତ୍ପରେ ଧନୁର ଗୋଟିଏ ପାର୍ଶ୍ୱ କୁଲା ଉପରେ ଏବଂ ଅନ୍ୟ ପାର୍ଶ୍ୱଟି ଭୂମିକୁ ଗାୟକର ବାମ ପାଦ ଦ୍ୱାରା ସ୍ପର୍ଶ କରିଥାଏ। ଧନୁର ମଧ୍ୟଭାଗକୁ ଟିକେ ଟିକେ ଗାରଭଳି ଚିହ୍ନ କରାଯାଇଥାଏ । ଚିହ୍ନ ଉପରେ ଦକ୍ଷିଣ ହସ୍ତରେ ଧରି ବାଟୁଳିଖଡା ବା କଜଳପାତି ଦ୍ୱାରା ଘର୍ଷଣ କରାଯିବା ସଙ୍ଗେ ସଙ୍ଗେ ବାମହାତରେ ଧନୁର ଗୁଣ ଉପରେ ଟିକ୍ ଟିକ୍ ଆଘାତ କଲେ ଯେଉଁ ଶବ୍ଦ ସୃଷ୍ଟି ହୁଏ ତାହା ହେଉଛି ଢଣ କୋଇଲା ବାଦ୍ୟର ସ୍ୱର । ଢଣ କୋଇଲାର ପରିବେଷଣ ପାଇଁ ଗୋଟିଏ ଲମ୍ବ କାଠସ୍ତମ୍ଭର ଦରକାର ପଡ଼ିଥାଏ ଓ ଏହାକୁ କୁହାଯାଏ ଶୁଭଖୁଣ୍ଟି । ଏହି ଖୁଣ୍ଟିଟି ନୂଆ ଲୁଗା, ସିନ୍ଦୂର, କଜଳ, ହଳଦୀ, ଚନ୍ଦନାଦି ଦ୍ୱାରା ଶୋଭିତ ହୋଇଥାଏ । ବାଦକ ଓ ୨ । ୩ ଜଣ ପାଳିଆ ସହ ପୂଜକ (କାଳେସୀ), ଗାୟକ ଓ ବ୍ରତ ଧାରୀ ବାଦ୍ୟ ଓ ଝାଞ୍ଜ ବଜାଇ ଗ୍ରାମଦେବୀଙ୍କ ମନ୍ଦିରକୁ ଯାଇଥାନ୍ତି। ପୂଜକ ଦେବୀଙ୍କୁ ସ୍ତୁତି କରିବା ସଙ୍ଗେ ସଙ୍ଗେ ଫୁଲ ମାଳ ଓ ଗୁଆପାନ ଦେଇ ଆବାହନ କରେ । ଦେବୀଙ୍କୁ ପ୍ରସନ୍ନ କରିବା ପରେ ଫୁଲମାଳ (ଯାହାକୁ ଆଜ୍ଞାମାଳ କୁହାଯାଏ ) ଧରି ଶୋଭାଯାତ୍ରାରେ ସମସ୍ତେ ପୂଜାଘର ନିକଟକୁ ଆସନ୍ତି। ସେଠାରେ ଗୋଟିଏ ଶୁଭଖୁଣ୍ଟି ସହିତ ଚିତ୍ର ବିଚିତ୍ର ପଞ୍ଚମୁଖ ବିଶିଷ୍ଟ କୁମ୍ଭ ସ୍ଥାପନା ହୋଇଥାଏ। କୁମ୍ଭର ପ୍ରତ୍ୟେକ ମୁଖ କଳାନାଲି ଚୁଡି ଓ ଫୁଲ ଦ୍ୱାରା ଆବୃତ୍ତ କରାଯାଇଥାଏ । ଏହି ସ୍ତମ୍ଭ ଓ ହାଣ୍ଡି ବ୍ରତଚାରିଣୀଙ୍କ ଦ୍ୱାରା ବନ୍ଦାପନା ହୁଏ । ଗାହଣର ଗୀତ ଓ ବାଦ୍ୟ ସହ ପଞ୍ଚମୁଖୀ ହାଣ୍ଡିକୁ ସ୍ତ୍ରୀ ବେଶଧାରୀ ବ୍ୟକ୍ତି ଶିରରେ ଧାରଣ କରି ନୃତ୍ୟ କରନ୍ତି । ଏହି ସମୟରେ ଶୁଭଖୁଣ୍ଟି ସ୍ଥାପନ ହେବା ସହିତ ଠାକୁରାଣୀ ମନ୍ଦିରରୁ ଆସିଥିବା ପାନ ଓ ଗୁଆ ବାରଣ୍ଡାରେ ସ୍ଥାପନ ହୁଏ । ଦଶମୀ ଦିନ ୧୨ ପ୍ରକାର ବୀଜ ଚାଙ୍ଗୁଡ଼ିରେ ରଖାଯାଏ ଓ ଏହାକୁ ଗଜଚାଙ୍ଗୁଡି କୁହାଯାଏ । ତତ୍ପରେ ଢଣକୋଇଲା ବାଦ୍ୟ ପ୍ରସ୍ତୁତ ହୋଇଥାଏ । ପୂଜକ ଆଳତି ଓ ଝୁଣା ସାହାଯ୍ୟରେ ମଙ୍ଗଳାଙ୍କୁ ବାରମ୍ବାର ଆବାହନ କରିବାଦ୍ୱାରା ଦର୍ଶକଙ୍କ ମଧ୍ୟରୁ ଜଣକୁ କାଳେସୀ ଲାଗେ ଓ ସେ ନୃତ୍ୟ କରିବା ସହିତ ଭକ୍ତମାନଙ୍କର ମାନସିକତା ତଥା ବିଭିନ୍ନ ସମସ୍ୟାର ସମାଧାନାତ୍ମକ ଉତ୍ତର ଦେଇଥାଏ । ପୂଜା ଶେଷରେ କାଳେସୀ ଛାଡିଯାଇଥାଏ ।

ISSN NO.
2582-208X

୮. ଘୁଡିକି ନାଚ

ଘୁଡ଼ିକି ବାଦ୍ୟ ତଳେ ତଳେ ଯେଉଁ ନୃତ୍ୟ ପରିବେଷଣ କରାଯାଇଥାଏ ତାହାକୁ ଘୁଡୁକି ନାଚ କୁହାଯାଏ । କେତେକଙ୍କ ମତରେ ଏହି ବାଦ୍ୟରେ ସଂଯୁକ୍ତ ତାରରେ ଆଘାତ କଲେ ଏଥିରୁ ଘୁଡୁଘୁଡୁ ଶବ୍ଦ ସୃଷ୍ଟି ହୋଇଥିବାରୁ ଏହାକୁ ଘୁଡୁକି କୁହାଯାଏ । ସଉରା ଓ ସାନ୍ତାଳମାନେ ଏହି ବାଦ୍ୟର ବିଶେଷ ବ୍ୟବହାର କରୁଥିବା ଲକ୍ଷ୍ୟ କରାଯାଏ । ବିଭିନ୍ନ ପର୍ବପର୍ବାଣୀରେ ଏପରି ନୃତ୍ୟ ଅନୁଷ୍ଠିତ ହୋଇଥାଏ । ଏହି ନୃତ୍ୟ ପରିବେଷଣ ପୂର୍ବରୁ କଳାକାର ଗଣ ଦେବାଦେବୀଙ୍କୁ ନୈବେଦ୍ୟ ଅର୍ପଣ ପୂର୍ବକ ନୃତ୍ୟସ୍ଥଳୀରେ ଗୁରୁବନ୍ଦନା ପରେ ମଙ୍ଗଳାଚରଣ କରିଥାନ୍ତି। ତତ୍ପରେ ବାଦ୍ୟ ଓ ଯନ୍ତ୍ରସଂଗୀତ ତାଳେ ତାଳେ ନୃତ୍ୟ ପରିବେଷଣ କରାଯାଇଥାଏ । ବର୍ତ୍ତମାନ ଗଞ୍ଜାମରେ ଯେଉଁ ଘୁଡୁକି ନାଚ ହେଉଛି, ସେଥିରେ ଶାସ୍ତ୍ରୀୟ ନୃତ୍ୟର ପ୍ରଭାବ ପରଲକ୍ଷିତ ହେଉଛି । ଗୋଟିଏ ନାଟ୍ୟଦଳରେ ପ୍ରାୟ ୮/୧୦ ଜଣ ରହିଥାନ୍ତି । ସଖୀ ଭୂମିକାରେ ବାଳକ ଦୁଇ ଜଣ, ଜଣେ ଗାୟକ, ଜଣେ ବାୟକ, ୨ଜଣ ପାଳିବାଲା, ଜଣେ ହାସ୍ୟକାରୀ ଓ ଘୁଡୁକି ବାୟକ ରହିଥାନ୍ତି ।

୯. ଗୋଲାନାଚ

ଗଞ୍ଜାମର ଦକ୍ଷିଣାଞ୍ଚଳରେ ଏହାର ବିଶେଷ ପ୍ରଚଳନ ଦେଖାଯାଏ । ତେଲଗୁ ଜାତିର ଗୌଡ ସଂପ୍ରଦାୟକୁ ଗୋଲା କୁହାଯାଇଥାଏ । ଏମାନଙ୍କ ଭାଷାରେ ଓଡ଼ିଆ, ତେଲଗୁ ଓ ଆଦିବାସୀ ଭାଷାର ବିକୃତ ସମନ୍ୱୟ ପରିଲକ୍ଷିତ ହୋଇଥାଏ । ନୃତ୍ୟ ସମୟରେ ସେଥିପାଇଁ ଏମାନଙ୍କର ସଂଗୀତ ଦୁର୍ବୋଧ ମନେ ହୋଇଥାଏ । ତେଲଗୁ ରେଡିକା ମାନଙ୍କର ବିବାହୋତ୍ସବ ଅଥବା ବିଭିନ୍ନ ପର୍ବପର୍ବାଣିରେ ଏହା ଅନୁଷ୍ଠିତ ହୋଇଥାଏ । ନୃତ୍ୟ ସମୟରେ ଗୋଡ଼ରେ ଘୁଙ୍ଗୁର, ମୁଣ୍ଡରେ ପଗଡ଼ି ଓ ମୟୂର ଚନ୍ଦ୍ରିକା, ବେକରେ କାଇଁଚର ମାଳ, ବାହୁରେ ବାଜୁବନ୍ଧ ତଥା ହାତରେ ୩ । ୪ ଫୁଟର ଛୋଟ ଠେଙ୍ଗା ଧରିଥାନ୍ତି । ଏହା ଏକ ଗୋଷ୍ଠୀନୃତ୍ୟ । ଚାଙ୍ଗୁ ଏହାର ମୁଖ୍ୟବାଦ୍ୟ । ଗଞ୍ଜାମର ରଙ୍ଗେଇଲୁଣ୍ଡା, ଦିଗପହଣ୍ଡି ଓ ଭୀଷ୍ମଗିରି ଅଞ୍ଚଳରେ ଏହାର ବିଶେଷ ଭାବେ ପ୍ରଚଳନ ରହିଛି ।

୧୦. ଘୋଡାନାଚ

ଏହି ନୃତ୍ୟଟି ମୁଖ୍ୟତଃ କୈବର୍ତ୍ତ ସଂପ୍ରଦାୟର ନୃତ୍ୟ ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ ଫଲଗୁନ ପୂର୍ଣ୍ଣମୀ ଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ଆଠ ଦିନ ଘୋଡାମୁହାଁ ବାସୁଳୀ ଠାକୁରାଣୀଙ୍କ ପୂଜା ବେଳେ ପାଳନ କରାଯାଇଥାଏ । ଘୋଡାର ଏକ ଆକୃତି ମଧ୍ୟରେ ଜଣେ ପୁରୁଷ ଓ

ISSN NO.
2582-208X

ଅନ୍ୟ ଜଣେ ନାରୀବେଶୀ ପୁରୁଷ ନୃତ୍ୟାଭିନୟ ପରିବେଷଣ କରିଥାନ୍ତି । କଳାକାରଙ୍କ ପାଦରେ ଘୁଙ୍ଗୁର, କାନରେ ନୋଳି, ନାରୀବେଶୀ କଳାକାର ନାକ, କାନ ଓ କଣ୍ଠରେ ଅଳଙ୍କାର ତଥା ହାତରେ ଗୋଟିଏ ଗୋଟିଏ ବେତ ଧରି ନୃତ୍ୟ କରିଥାନ୍ତି । ଗଞ୍ଜାମ ରେ ବିଭିନ୍ନ ଯାତ୍ରା ଧର୍ମଭିତ୍ତିକ ଅନୁଷ୍ଠାନ ଏପରିକି ବରଯିବା ସମୟରେ ଏହାର ପରିବେଷଣ ହୋଇଥାଏ । ଏହି ନୃତ୍ୟର ମୁଖ୍ୟ ବାଦ୍ୟଯନ୍ତ୍ର ଢ଼େଲ ଓ ମହୁରୀର ବ୍ୟବହାର ହୋଇଥାଏ। କେତେକ କ୍ଷେତ୍ରରେ ସଂଳାପ ଓ ପ୍ରଶ୍ନୋତ୍ତର ଶୈଳୀ ବ୍ୟବହାର ହୋଇଥାଏ ।

## ଉପସଂହାର

ଗଞ୍ଜାମର ସୁସମୃଦ୍ଧ ଲୋକକଳାର ପରମ୍ପରା ଏକ ବିଶାଳ ଓ ଲୋକପ୍ରିୟ । ଲୋକକଳାରେ ପ୍ରଦର୍ଶନ ହିଁ ମୁଖ୍ୟ ଧର୍ମ । ବର୍ତ୍ତମାନ ସମୟରେ ଟି. ଭି, ସିନେମା ଓ ଅପେରା ଜଗତ ସମାଜ ଉପରେ ଏକ ବଳିଷ୍ଠ ପ୍ରଭାବ ପକାଉଥିବା ବେଳେ ମଧ୍ୟ ସୁଖର କଥା ଯେ, ବର୍ତ୍ତମାନ ନାଟ୍ୟକାରମାନେ ଅତୀତର ସେହି ଲୋକକଳାର ଲୋକପ୍ରିୟତାକୁ ବିଭିନ୍ନ ପରୀକ୍ଷା ନିରୀକ୍ଷା ମାଧ୍ୟମରେ ପରିବେଷଣ କରୁଛନ୍ତି । ସେଥିପାଇଁ ଅତୀତରୁ ବର୍ତ୍ତମାନ ଏହା ଚଳଚଞ୍ଚଳ ଓ ଚିରଜୀବନ୍ତ । ଆଲୋଚନା ପରିସର ବ୍ୟତୀତ ବିଭିନ୍ନ ସାମାଜିକ ଲୋକକଳା ମଧ୍ୟ ଦେଖାଯାଇଛି । ପରିସର ଓ ପ୍ରମୁଖତା ଭିତ୍ତିରେ କିଛି ଏଥିରୁ ବାଦ ପଡିଛି । ସାମଗ୍ରିକ ଭାବେ ବିଚାର କଲେ 'ଗଞ୍ଜାମର ପ୍ରଦର୍ଶନଧର୍ମୀ ଲୋକକଳା' ଗବେଷଣା ସାପେକ୍ଷ ।

## ସହାୟକ ଗ୍ରନ୍ଥସୂଚୀ

ଦାସ, ହେମନ୍ତ କୁମାର, ଓଡ଼ିଆ ନାଟ୍ୟସାହିତ୍ୟର ବିକାଶ ଧାରା, ଓଡିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୧୯୯୪

ଦାସ, ହେମନ୍ତ କୁମାର, ଓଡ଼ିଆ ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ, ଓଡ଼ିଶା ବୁକ୍ ଷ୍ଟୋର, ୨୦୨୨

ISSN NO.
2582-208X

ପାଠୀ, ଦିନନାଥ, ଓଡ଼ିଶାର ଲୋକକଳା, ତକ୍ଷଶିଳା, ବାଲୁବଜାର, କଟକ, ୧୯୯୮

ପାଣିଗ୍ରାହୀ, ଲମ୍ବୋଦର, ଗଞ୍ଜାମ ଲୋକସାହିତ୍ୟ ଓ ଲୋକସଂସ୍କୃତି, ସୁଧା ପ୍ରକାଶନୀ, ମେଡିକାଲ ବ୍ୟାଙ୍କ୍ କଲୋନୀ, ପଦ୍ମପୁର,୨୦୧୪

ପ୍ରଧାନ, କୃଷ୍ଣଚନ୍ଦ୍ର, ଲୋକସାହିତ୍ୟର ତତ୍ତ୍ୱରୂପ ଓ କଳାରୂପ, ବିଦ୍ୟାପୁରୀ, ବାଲୁବଜାର, କଟକ, ୨୦୨୦

ପ୍ରଧାନ, କୃଷ୍ଣଚନ୍ଦ୍ର, ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି, ବିଦ୍ୟାପୁରୀ, ବାଲୁବଜାର, କଟକ,୧୯୯୫

ମହାପାତ୍ର, ଶ୍ୟାମସୁନ୍ଦର, ଓଡ଼ିଆ ଲୋକ ସାହିତ୍ୟ, ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ, ବିନୋଦ ବିହାରୀ, କଟକ, ୧୯୯୫

ଶତପଥୀ, ସନ୍ତୋଷ କୁମାର, ଗଞ୍ଜାମ ଲୋକନାଟ୍ୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର, ୧୯୯୮

ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
ଯୋଗାଯୋଗ - ୮୪୮୦୪୬୭୪୪୭
ଇମେଲ - Pandasanghamitra7@gmail.com

ISSN NO.
2582-208X

# ସମସ୍ତେ ସ୍ୱାର୍ଥରେ ଅନ୍ଧ



ରଂଜିତ ନାଏକ

ମୋର ମୋର କହି ମଣିଷ ବଞ୍ଚୁଛି
ମୋର ବୋଲି କିଛି ନାହିଁ
ପ୍ରାଣ ଚାଲିଗଲେ କିଏ କି ନିଜର
ସ୍ୱାର୍ଥପର ସମାଜରେ କେହି

ଜୀବନକୁ ଉଞ୍ଜି ସମୟକୁ ତେଜି
କେତେ କାମ ମଣିଷ କରେ
ଶବ ପଛେ କେବେ ନିଜେ ଚାଲି ଦେଖ
କିଛି ଯାଏ ନା ଶବ ସାଙ୍ଗରେ

ଶରୀର ଭିତରେ ଜୀବନଟି ଅଛି
ପାର୍ଥିବ ଯନ୍ତ୍ରଣା ସହେ
ଜୀବ ଅଛି ବୋଲି ସ୍ୱାର୍ଥ ସାଥେ ଗମି
କୁନୀତି କୁକର୍ମ କରେ ଦେହେ

ସ୍ୱାର୍ଥ ବଡ଼ ଭାବି ମଣିଷ ବିଚରା
ନ୍ୟାୟ ଧର୍ମ ସବୁ ଭୁଲି
ନିଜର ଜାତିକୁ ପ୍ରତାରଣା କରେ
କ୍ଷମତା ଲଭିବ ବୋଲି

ISSN NO.
2582-208X

ଏ ଜୀବନ ନୁହେଁ କାହାର ଆୟତ୍ତ
କେତେବେଳେ ଯିବ ଚାଲି
ମନୁଷ୍ୟ ସମାଜେ ଭଲ କରିଥିଲେ
ଲୋକେ ପୂଜିବେ ହୃଦୟ ଖୋଲି

ସ୍ୱାର୍ଥେ ବଶ ହୋଇ ଚାଲୁଅଛୁ ବୋଲି
ଖାଲ ଢିପ ରାସ୍ତା ଲାଗେ ସମାନ
ସେଇ ରାସ୍ତା ଦିନେ କ୍ରୁର ଶତ୍ରୁ ସାଜି
ବାଛି ନେଇଥାଏ ଆମ ଜୀବନ

ସ୍ୱାର୍ଥପର ହୋଇ ଶିକ୍ଷିତ ସମାଜେ
ଆମେ ଶିକ୍ଷାପାଇ ଅନ୍ଧ ସାଜୁ
ଲୋକଙ୍କ କଷଣ ପେଷଣ ଶୋଷଣ
ଧର୍ଷଣ ସବୁ ଭଲ କର୍ମ ବୋଲି କହୁ

ଆପଣା ବୁଦ୍ଧିରେ ନିଜ ଦୀପଜାଳି
ସ୍ୱାର୍ଥକୁ ଦେଇ ଆହୁତି
କର୍ମ କରିଯିବା ତ୍ୟାଗ ତିତିକ୍ଷାକୁ
ସଂସାରେ କରି ପୀରତି

8114852494

ISSN NO.
2582-208X

# ଜୀବନ ଯୁଦ୍ଧ



ନରୁପମା ପଟେଲ

ଜୀବନ ଯୁଦ୍ଧରେ ଚାଲିଛି ଚାଲିବି
ମୁଁ ଯେ ନିଇତି ନିତି
ଅକର୍ମଣ୍ୟ କେବେ ନ ମଣିବି ମୁହିଁ
ଛୁଇଁବନି କେବେ ଭିତ୍ତି ।

ସତର୍କତା ମନେ ନିତ୍ୟ ମୁଁ ଯେ ସ୍ମରେ
ସୁରକ୍ଷିତ ରଖେ ନିଯକୁ
ବାହାରି ଦୁନିଆଁ ଏତେ ଭୟାବହ
ତଥାପି ଚାଲିଛି ଆଗକୁ ।

କରୁଣା ବାରିଧି ଆହେ ସର୍ବ ସିଦ୍ଧି
ଆପଣାର ମଣେ ତୁମକୁ
ତୁମ ନାମ ଧ୍ୟାୟି ଆରମ୍ଭ ମୋ ଦିନ
ନାବ ଦବ ମୋ କୂଳକୁ
ଜଗତ ଗୋସେଇଁ
ନାବ ଦବ ମୋ କୂଳକୁ....

ବଲାଙ୍ଗୀର

ISSN NO.
2582-208X

# ସୃଷ୍ଟି ର ଶ୍ରେଷ୍ଠ ଜନ୍ମ
# ନାରୀ



ନମିତା ଦାଶ

ମୁଁ ନାରୀ, ନାରାୟଣୀ, ଜନନୀ
ଭଗ୍ନୀ, ଦୁହିତା । ଦୁଇ କୂଳକୁ ହିତା
ଝିଅ ରୂପେ ଜନ୍ମ ହୁଏ ଲକ୍ଷ୍ମୀଙ୍କର ଆଗମନ ସର୍ବାଗ୍ରେ ତାର ସନ୍ମମାନ ।
ଭଉଣୀ ରୂପରେ ନାରୀଟେ ମନାସେ
ଭାଇ -ଭଉଣୀ ଙ୍କ ସୁଖ !
ସହନ ଶକ୍ତି ର ଚଳନ୍ତି ପ୍ରତିମା,
ପୃଥିବୀ ର ପ୍ରତୀରୂପ । ସଂସାର ସୃଷ୍ଟିକତ୍ରୀ ।
ଉପଭୋଗ୍ୟ ମାଂସ ପିଣ୍ଡୁଳା ନୁହେଁ, ସେ ଧର୍ମପତ୍ନୀ ପୁରୁଷର ।
ନାରୀ ଅଟଇ ଶକ୍ତି ସ୍ୱରୂପିଣୀ, ନୁହେଁ ସେ ଦୁର୍ବଳା ।
ସେ ଦୁର୍ଗା,କାଳୀ, କାତ୍ୟାୟନୀ, ସାବିତ୍ରୀ, ମହାମାୟା । ଯୁଗେ ଯୁଗେ ସେ ପୂଜିତା ।

ଆପଣା ଯୌବନ ତ୍ୟାଗ କରିଦେଇ ପିଆଏ ଅମୃତ ବାରି ।
ନିଜକୁ ତିଳ ତିଳ ଜାଳି ତ୍ୟାଗ କରୁଥାଏ ନାରୀ ।
ମୁଁ ନାରୀ, ମୁଁ ସ୍ୱାହା, ସୁଦ୍ଧା, ଶକ୍ତି । ମୁଁ ସର୍ବବ୍ୟାପି....
ମୋ ବିନୁ ନାହିଁ ସୃଷ୍ଟି।
ନାରୀ, ର୍ଯ୍ୟାତନା ସହେ, ଅତ୍ୟାଚାର ସହେ ସହଇ ଶତ ଧିକାର !
ନିର୍ଦୋଷ ନିରୀହ ନିଷ୍ପାପ ହୋଇବି ଭୋଗେ ଯନ୍ତ୍ରଣା ଅପାର ।
ଦୁର୍ବଳତା ନୁହେଁ ବଡ଼ପଣ ଏହା ମହିୟସୀ ମହିଳାର ।
ସମାଜ କହୁଛି ଅବଳା ଯାହାକୁ ସେ ତ ଶକ୍ତି ର ଭଣ୍ଡାର ।
ମୈତ୍ରୀ, ମୁକ୍ତି, ଭକ୍ତି, ଭିତରୁପା ନାରୀ,

ISSN NO.
2582-208X

ମହିଷାମର୍ଦ୍ଦିନୀ ଦୁର୍ଗା ।
ମା -ଭଉଣୀ -ବନ୍ଧୁ -ପତ୍ନୀ ରୂପରେ ଅପୂରଣୀୟ ତା ଜାଗା ।
ନାରୀ ସନ୍ମମାନ ହେଉ ସଭିଙ୍କ କର୍ମ,
ନାରୀ ଅଟେ ସର୍ବଙ୍ଗସହା,
ନାରୀ ଙ୍କ ବକ୍ଷରୁ ସଂହାର ଆରମ୍ଭ,
ନାରୀ ବିନା ସୃଷ୍ଟି ଅସମ୍ଭବ....
ଯୁଗେ ଯୁଗେ ନାରୀ ପୂଜିତା ।

ନାଭି ମୁମ୍ବାଇ

ISSN NO.
2582-208X

# ମାଣ୍ଡବୀ



ଆରତୀ ସାହୁ (ଆଶା)

( ଭାଗ - ୨ )

ମୁଁ ସେଦିନ ବହୁତ ରାଗି ଯାଇଥିଲି ନାନୀ ଉପରେ। ମୋତେ ଟିକେ ନେଇ ନଥାନ୍ତା ନା ପୁଷ୍ପ ବାଟିକା? ଏକେଲା ପଳେଇଲା । ହୁଃ । ମୁଁ ବି ଟିକେ ଦେଖିଥାନ୍ତି ନା ବଡ଼ଭାଇଙ୍କୁ। ହେଲେ ନାନୀ କୋଉ ଜାଣିଥିଲା ନା ମୁଁ ଜାଣିଥିଲି ଏଇ ବୀର ପୁଙ୍ଗବଦ୍ଵୟ ପୁଣ୍ୟତୋୟା ସରଜୁ ନଦୀ ତୀରସ୍ଥ ପ୍ରସିଦ୍ଧ ସାକେତ (ଅଯୋଧ୍ୟା) ନଗରୀର ରାଜକୁମାର ବୋଲି ? ଆମକୁ ପଛରେ ଜଣା ପଡ଼ିଲା ନା।

ଦାଶରଥି ରଘୁକୁଳ ତିଳକ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଓ କନିଷ୍ଠ ଭ୍ରାତା ସୌମିତ୍ରୀ କୁମାର ଶ୍ରୀ ଲକ୍ଷ୍ମଣ ଜନକପୁରୀରେ ପାଦ ଦେଉ ଦେଉ ଅନେକ ଶୁଭ ସଙ୍କେତ ରାଜ୍ୟ ତଥା ରାଜ୍ୟବାସୀଙ୍କୁ ବିମୋହିତ କରି ରଖିଥିଲା।

ଶୃଙ୍ଗି ଋଷିଙ୍କର ପୁରୋଧାରେ ପୁତ୍ରେଷ୍ଟି ଯଜ୍ଞର ପବିତ୍ର ଚରୁରୁ ଜାତ ଶ୍ରୀ ରାମଚନ୍ଦ୍ର ଜନ୍ମ ହେଲାବେଳେ କୁଆଡ଼େ ଅଯୋଧ୍ୟାରେ ପବନ ସ୍ଥିର ହେଇ ଯାଇଥିଲା। ନଦୀ ନାଳରେ ପାଣିର ସୁଅ ଅଟକି ଯାଇଥିଲା। ସେତେବେଳେ ଧରାଧାମରେ ମଧୁମାସ ଫାଲ୍ଗୁନର ରାଜତ୍ୱ। ନବମୀ ତିଥି, ଅଭିଜିତ ନକ୍ଷତ୍ର ଓ ଘର୍ମ ଶୀତ ରହିତ ମଧ୍ୟ କାଳରେ ଯେତେବେଳେ ରାମ ଭୂମିଷ୍ଠ ହେଲେ ଗଛ ଡାଳ, ପତ୍ର ପୁଷ୍ପ, ବଣର ପଶୁପକ୍ଷୀ ପର୍ଯ୍ୟନ୍ତ ମୋହଗ୍ରସ୍ତ ହେଇ ଯାଇଥିଲେ। ଆଉ ସେହି ପରମ ପୁରୁଷଙ୍କର ଶୁଭଙ୍କର ପାଦ ଆଜି ଜନକପୁରୀରେ ପଡ଼ିଛି ଯେତେବେଳେ ଏସବୁ ସଙ୍କେତ ଦିଶିବାଟା ଅତି ସାଧାରଣ କଥା।

ISSN NO.
2582-208X

ତାଡ଼କାବନରେ ଦେଢ଼ ଯୋଯନବ୍ୟାପି ତାଡ଼କା ଅସୁରୁଣୀ ଓ ତାର ଦୁଇ ପୁଅ ସୁବାହୁ ଓ ମାରୀଚଙ୍କର ଆତଙ୍କ ପ୍ରସାରିତ ହେଇ ରହିଥିଲା। ଯଜ୍ଞରତ ଗାଧିତନୟ ଋଷି ବିଶ୍ୱାମିତ୍ର ଓ ଅନ୍ୟାନ୍ୟ ସିଦ୍ଧ ମୁନି ଋଷି ଗଣଙ୍କ ଯଜ୍ଞଶାଳାରେ ଅନେକ ବାଧା ବିଘ୍ନ ଘଟାଉଥିଲେ ଏମାନେ। ଋଷିମାନେ ବାରମ୍ବାର ବିଫଳ ହେଉଥିଲେ । ଆଉ ସେହି ଯଜ୍ଞକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ମହାଭାଗ ବିଶ୍ୱାମିତ୍ର ଶ୍ରୀରାମ ଲକ୍ଷ୍ମଣଙ୍କ ସାହାଯ୍ୟ ଲୋଡ଼ିଥିଲେ।

ସଫଳତାର ସହିତ ତାଡ଼କା ଓ ସୁବାହୁକୁ ବଧ କରି ରାମ ଲକ୍ଷ୍ମଣ ଆସିଥିଲେ ଜନକପୁରୀ ସ୍ୱୟମ୍ବର ଦେଖିବା ନିମନ୍ତେ। ମୁଁ ଭାବୁଛି, ଆଗତଦର୍ଶୀ ବିଶ୍ୱାମିତ୍ରଙ୍କ ଏହା ପଛରେ ଗୂଢ଼ ଅର୍ଥ ଓ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ରହିଥିଲା ନିଶ୍ଚିତ ।

ସେମାନେ ଆସିବା ପୂର୍ବରୁ ତାଙ୍କର ଖ୍ୟାତି ଜନକପୁରୀରେ ଘରେ ଘରେ ପୁରେ ପୁରେ ପହଞ୍ଚି ସାରିଥିଲା। ରାସ୍ତାଘାଟରେ ଉଡ଼ି ବୁଲୁଥିଲା ଗପ ହେଇ। ପୁରବାସୀଙ୍କ ତୁଣ୍ଡରେ ବସି ଯାଇଥିଲା କଥାର କଥା ଆଉ କଥାର ନଥା ହେଇ। ପଥରେ ପଥର ଅବଳା ହେବାର କଥା, ବାହୁବଳୀ ରାକ୍ଷସ, ରାକ୍ଷାସୁଣୀ ଜବତ ହେବା କଥା ଇତ୍ୟାଦି ଇତ୍ୟାଦି ପ୍ରତ୍ୟେକକୁ ମୋହାଚ୍ଛନ୍ନ କରି ବସୁଥାଏ ଯିଏ ବି ଏକଥା ଶୁଣୁଥାଏ।

ଆମର ସଖିମାନେ ଆସି ରାଜକୁମାର ମାନଙ୍କର ରୂପ ଗୁଣ ବର୍ଣ୍ଣନା କରୁଥାନ୍ତି ଅତ୍ୟନ୍ତ ହର୍ଷୋତ୍ଫୁଲ୍ଲ ହେଇ । ତାଙ୍କର ଲୋମ ଟାଙ୍କୁରି ଉଠୁଥାଏ । ଆମେ ଉତ୍ସୁକ ହେଉଥାଉଁ। ସେମାନେ କହୁଥାନ୍ତି, - ଆଲୋ, ଆମ ଆଖିର ତ ଜିଭ ନାହିଁ କି ଜିଭର ଭି ଆଖି ନାହିଁ ଯେ ତାଙ୍କର ରୂପ ବର୍ଣ୍ଣନା କରିବେ।

* देखन बागु कुअँर दुइ आए।
बय किसोर सब भाँति सुहाए॥
स्याम गौर किमि कहौं बखानी।
गिरा अनयन नयन बिनु बानी॥

ISSN NO.
2582-208X

ତାଡ଼କା ପରି ରାକ୍ଷସୀକୁ ଯିଏ ବଧ କରିଛି ତାକୁ ଗୋଟେ ନଜର ଦେଖିବା ପାଇଁ ହାଁକୁର୍ ହାଁକୁର୍ ହେଉଥାଉଁ। ନାନୀ କିନ୍ତୁ କେବେହେଲେ ଏମିତି ଅଦେଖିଲା ପରି ହୁଏ ନାହିଁ। ସେ ସବୁ ମନଦେଇ ଶୁଣୁଥାଏ କିନ୍ତୁ କେଉଁଠି ହଜିଥାଏ କେଜାଣି ?

ଭୋରରୁ ନାନୀ ଯାଇଥିଲା ସଖି ମାନଙ୍କ ଗହଣରେ ମାଆ ଜଗଜ୍ଜନନୀ ପାର୍ବତୀଙ୍କ ଆରାଧନା ନିମନ୍ତେ ତା ପରଦିନ ସକାଳୁ ସକାଳୁ। ବଡ଼ ମାଆ ଖାସ୍ ପଠେଇଥିଲା ସ୍ୱୟମ୍ବରରେ ନିର୍ବିଘ୍ନରେ ନାନୀକୁ ତାର ଯଥାଯୋଗ୍ୟ ବର ମିଳୁ ବୋଲି। ବଡ଼ ମାଆ ବଡ଼ ଚିନ୍ତାରେ ରହିଥିଲା ତ।

ଆମ ସମସ୍ତଙ୍କର ପ୍ରିୟ ଓ ଅନ୍ତରଙ୍ଗ, ସଖି କାଦମ୍ବିନୀ କହୁଥିଲା ନାନୀ କୁଆଡ଼େ ହାଁ କରି ଅନେଇ ରହିଥିଲା ସେହି ଶ୍ୟାମଳ ସୁନ୍ଦର ରାଜକୁମାରଙ୍କ ଆଡ଼କୁ । ପଲକ ପଡୁ ନଥିଲା। ସେହି ସମାନ ଅବସ୍ଥା ସେହି ରାଜକୁମାରଙ୍କର ମଧ୍ୟ ହେଇଥିଲା ପୁଷ୍ପ ବାଟିକାରେ।

- ଜାଣିଛ ମଝିଆଁ ଜେମା ? ବଡ଼ଜେମା କୋଉ ଜାଣିଥିଲେ ସେ ଦୁହେଁ ଅଯୋଧ୍ୟାର ରାଜକୁମାର ବୋଲି। ମୁଁ କହିଲାରୁ ତାଙ୍କର ଚେତା ପଶିଲା । ଅପଲକ ନୟନରେ ଦେଖୁଛନ୍ତି ଯେ ଦେଖୁଛନ୍ତି। ମୁଁ ପରେ ଚିହ୍ନେଇ ଦେଲି ନା। ଯାହାକୁହ, ଏମିତି ସୁନ୍ଦର ଶ୍ୟାମଳ ରୂପକାନ୍ତି ଯେ ଯିଏ ଦେଖିବ ଘଡ଼ିଏ ଅନେଇ ରହିବ। ଏମିତି ବର ଏକା ଆମ ବଡ଼ ଜେମାଙ୍କୁ ମିଳନ୍ତା କି ?

ଆମ ସମସ୍ତଙ୍କୁ ବ୍ୟଙ୍ଗ ବିନୋଦର ଖୋରାକ ମିଳି ଯାଇଥିଲା। ସମସ୍ତେ ନାନୀ ପଛରେ ପଡ଼ିଗଲୁ।

- ନାନୀ ଲୋ, ତୁ ତ ଭଲ ଓଲେଇ ବାହାରିଲୁ ? ବିଲେଇ ନାଇଁ ? ଆଖି ବୁଜି କ୍ଷୀର ପିଉଛୁ ? ଆମେ ସବୁ ଜାଣିଛୁ ଯେ। ଫୁଲ ତୋଳିବା ବାହାନାରେ ଅଯୋଧ୍ୟାର ରାଜକୁମାର ସହିତ ଚୋରା ଚାହାଣୀ ହେଉଥିଲା ନାଇଁ ?

ISSN NO.
2582-208X

- ହେଃ, କାଇଁ ଏମିତି ହେଉଛ ? ଭଗବାନ ଆଖି ଦେଇଛନ୍ତି । ଆଉ କଣ ଆଖି ବୁଜି ଫୁଲ ତୋଳି ଥାଆନ୍ତି ?

- ଆମୁକୁ ଟିକେ ନିଦରୁ ଉଠେଇକି ନେଇ ଯାଇଥିଲେ ହେଇ ନଥାନ୍ତା ? ଆମେ ବି ଟିକେ ଦେଖିଥାନ୍ତୁ ତୋର ଚିତ୍ତଚୋରକୁ । ଓଓଓ, ତୋ ପସନ୍ଦରରେ ଆମେ କଣ ଭାଗ ବସେଇଥାନ୍ତୁ କିଲୋ ? ମାଆ ପାର୍ବତୀଙ୍କୁ ଭଲ କି ଜଣେଇକି ଆଇଲୁ ନା, ସେଇ ପୁରୁଷଶ୍ରେଷ୍ଠ କୁମାରଙ୍କ ଗଳାରେ ତୋର ବରଣମାଳା ପଡୁ ବୋଲି।

- ଏଇ କାଦମ୍ବିନୀ ଟା ସୁଦ୍ଧୁ ମିଛେଇଟେ, ନଗା ନୁତୁରୀ। ସେଠି ରାଣ ପକେଇଲା କାହାକୁ କିଛି କହିବନି ବୋଲି, ଆଉ ଏଠି ଆସି ନିଆଁରେ ଘିଅ ଢାଳୁଛି। ମୁଁ କଣ ଜାଣିଶୁଣି ଅନେଇଥିଲି କି ? ମୁହାଁମୁହିଁ ହେଇଗଲୁ ବୋଲି ନା। ଆଉ ସେ କଣ ଧନୁଯଜ୍ଞ ପ୍ରତିଯୋଗିତାରେ ଭାଗ ନବାକୁ ଆଇଛନ୍ତି କି ? ଖାଲି ଦେଖି ଆସିଛନ୍ତି ନା ।

କହୁ କହୁ ନାନୀ ଲୁହ ଲୁଚାଏ। ଜନ୍ମରୁ ବନ୍ଧନ ଭିତରେ ରହିଛି ନାନୀଟା। ମଞ୍ଜୁଷାର ବନ୍ଧନ, ଧନୁର ବନ୍ଧନ, ବଚନର ବନ୍ଧନ ଆହୁରି ଆଗକୁ ନିୟତି ସଜାଇ କରି ରଖିଥିଲା ଅଶୋକ ବଣର ବନ୍ଧନ, ସତୀତ୍ୱର ବନ୍ଧନ, ଅଗ୍ନି ପରୀକ୍ଷା .......

ଛେଃ, କି ପାଗିଳୀଟାଏ କି ମୁଁ ? ସେସବୁ ଆଲୋଚନା କରି ଆପଣ ମାନଙ୍କୁ ମନସ୍ତାପ ଭିତରକୁ ଟାଣି ଆଣୁଛି ଅବେଳଟାରେ। ଏଇନା ତ ହସଖୁସିର ବେଳ । ମଉଜ ମଜଲିସର ବେଳ। କେତେ କୌତୁକିଆ ଘଟଣା ସବୁ, ଆମର ତ ହସି ହସି ପେଟବଥା। ବଡ଼ମାଆ, ମାଆ ଆଉ ଅନ୍ୟାନ୍ୟ ଗୁରୁଜନ ମାନେ ଆକଟୁଥାନ୍ତି । ଆମର କିଏ ଶୁଣୁଛି ? କହୁଥାନ୍ତୁ। ମୁଁ ଆଉ ଶ୍ରୁତି ବେଶୀ ଉଦ୍ଧୁର୍ଚ୍ଛା ଓ ଖରଖରି ଥିଲୁ। ଥରେ ହସ ଆରମ୍ଭ ହେଲେ ଆଖିରୁ ପାଣି ବାହାରି ଯାଉଥିଲା। କାହାର ନାଲିଆଖି ଦେଖିଲେ ଆହୁରି ହସ ଫାଟି ପଡୁଥିଲା।

ଧନୁଯଜ୍ଞ, ଆମେ ସବୁ ସଖି ସହଚରୀ ବସିଥାଉଁ ଆମର ଅପ୍ସରୀ ପରି ସଜ ହେଇଥବା ସୀତାନାନୀକୁ ଘେରି। ମହୁମାଛି ମାନଙ୍କର ଘେରରେ ସୁନ୍ଦର ସୁକୋମଳ ପଦ୍ମଫୁଲ ପରି

ISSN NO.
2582-208X

ଦିଶୁଥାଏ ଆମ ନାନୀ । ବଡ଼ବାପା ବସିଥାନ୍ତି ଗୋଟିଏ ଉଁଚା ଆସନରେ ଆମର ଡାହାଣ ଆଡ଼କୁ। ତାଙ୍କ ପାଖ ଆସନ ମାନଙ୍କରେ ସିଦ୍ଧ ମୁନି ଋଷି, ଦ୍ୱିଜ, ବ୍ରାହ୍ମଣ, ପୁରୋହିତ ଇତ୍ୟାଦି ବସିଥାନ୍ତି। ସମ୍ପୂର୍ଣ୍ଣ ଜଜ୍ଞସ୍ଥଳକୁ ଘେରି ରହିଥାନ୍ତି ପ୍ରଜା ସମୁହ। ସଭାରେ ତିଳ ପକେଇବାକୁ ଜାଗା ନଥାଏ।

ସାମନା ମଞ୍ଚା ମାନଙ୍କରେ କୁଆଡୁ କେତେ ରାଜା ରାଜୁଡା, ରାଜକୁମାର ମାନେ ଆସି ଆସ୍ଥାନ ଜମେଇଥାନ୍ତି। କ୍ରୌଞ୍ଚ ଦ୍ୱୀପ, ନାଭିଦେଶ, କିମ୍ପୁରୁଷ ଦେଶ, ଲଙ୍କା ଦ୍ୱୀପ, ହିରଣ୍ୟ ଦ୍ୱୀପ ଏମିତି କୋଉ ଦେଶରୁ ରାଜା ତଥା ରାଜକୁମାର ନ ଆସିଥିଲେ ବୋଲି ନୁହେଁ। ସମସ୍ତଙ୍କର ଦୃଷ୍ଟି ଆମରି ମଞ୍ଚ ଆଡ଼କୁ ଜାଣତ ଅଜାଣତରେ ଥାଇ ଥାଇ ବୁଲି ଆସୁଥାଏ। କିଏ କିଏ ନିର୍ଲଜ ପରି ଏମିତି ଢିମା ଢିମା ଆଖିକରି ଅନେଇ ରହିଥାନ୍ତି ଯେ ଇଚ୍ଛା ହେଉଥାଏ ଯାଇ ଆଖି ଦୁଇଟା ଫୁଟେଇ ଦେବାକୁ।

- ଦେଏଖ୍ ଲୋ ଶ୍ରୁତି, ସେଇ କଳା ଭୁଷୁଣ୍ଡା ପେଟୁ ଭି ଭାବୁଛି ଶିବଧନୁ ଟେକି ପକେଇ ନାନୀକୁ ବା' ହେବ। ଆଉ ଆଉ, ହେଇ ଦେଏଖେ, ଏଇଟାର କଣ ମୁଣ୍ଡ ଫୁଣ୍ଡ ଖରାପ ହେଇ ଯାଇଛି କି? ସେଇ ତୃତୀୟ ଦୀର୍ଘାର ଡାହାଣ ପଟୁ ତିନି ନମ୍ବର, ଦେଖିଲୁ?

- ଇଲୋ ନାନୀ, ତାର ତ ଗୋଟେ ହେଲେ ଦାନ୍ତ ଭି ନାଇଁ ପାଟିରେ। ଅଣ ପଣ ନାତି ନାତୁଣୀ ଦେଖି ସାରିବଣି । ଗୋଟେ ଗୋଡ଼ ଗାତ ଭିତରେ ଦେଇ ପୁଣି ଆଶା ଦେଖ୍। ଛିଃ,

- ହଁ ପା, ହଇଲୋ ଚମ୍ପା, ଯାଉନୁ ସେ ବୁଢ଼ାରଜାକୁ ପାନୀୟ ଦେଉଁ ଦେଉଁ କହିଦେବୁ,

ଲାଜ ନାହିଁ ତୋର ମୁହଁରେ,
ଡେଇଁ ପଡ଼ିଲୁନି କୂଅରେ।

ଆମେ କେତେଜଣ ଏମିତି ଫୁସୁର ଫାସୁର୍ ହେଉଁ ହେଉଁ ପ୍ରତିଯୋଗିତା ଆରମ୍ଭ ହେଇ ଗଲାଣି। ବଡ଼ମାଆ ଯାହା କହୁଥିଲା। କେହି ହେଲେ ସେହି ପୁରୁଣା ଶିବଧନୁକୁ କାଣିଚାଏ ହେଲେ ଘୁଞ୍ଚେଇ ପାରିଲେ ନାହିଁ। କେହି କେହି ତ ବେହୋସ ହେଇଗଲେ ଯେ ବୁହାହେଇ

ISSN NO.
2582-208X

ବୈଦ୍ୟ ପାଖକୁ ଗଲେ। କିଏ ଜଣେ ନିଜର ବଳ କଷୁ କଷୁ ତାର ଧୋତି କଛା ଖୋଲିଗଲା, କାହାର ମୁକୁଟ ମୁଣ୍ଡରୁ ଛିଟିକି ପଡ଼ିଲା, କିଏ ବେଦିକା ତଳକୁ ଓଲଟି ଚିତପଟାଙ୍ଗ ମାରିଲା। ଲଙ୍କାର ରାବଣ ବି ବଡ଼ ଜୋଶରେ ଆସିଥିଲା ନିଶକୁ ମୋଡ଼ି, ଛାତିକୁ ଫୁଲେଇ, ବାହାସ୍ଫୋଟ ମାରି ମାରି। କେଡ଼େ ବଡ଼ ଲୋକଟାଏ ରେ ବାବା? ଏଇ ନିଶ୍ଚୟ ଟେକି ପ୍ରତ୍ୟଞ୍ଚା ଚଢେଇ ଦେବ! ହେ ଶିବ ଠାକୁର, ଇଏ ସଫଳ ନହେଉ । ସୀତାନାନୀ ତ ଗାଈ, ଯୋଉ ଖୁଣ୍ଟରେ ବାନ୍ଧିଦେବ ଥିର କିନା ରହିବ, ମୁଁ କିନ୍ତୁ ଭିଣେଇ ଡାକି ପାରିବିନି ଆକୁ, ଛିଃ! ଆକ୍! ଥୁଃ!

ଆମକୁ ଇଆଡେ ମଜା ଲାଗୁଥିଲା ବେଳେ ବଡ଼ବାପା, ବଡ଼ମାଆ, ବାପା, ମାଆ ଏମାନଙ୍କ ଚେହେରାରେ ଅଦିନ ମେଘ ଘୋଟି ଆସୁଥାଏ। ସୂର୍ଯ୍ୟାସ୍ତ ହେବା ହେବା ହେଲାଣି ଆଉ ସୀତାନାନୀ ସେମିତି ସ୍ୱ ପ୍ରଦର୍ଶନ ପୂର୍ବକ ବସିଥାଏ। ମୋତେ ବଡ଼ ବିରକ୍ତିକର ଲାଗୁଥାଏ ଏଇ ପ୍ରଥା। ଭଲ ରୂପ ଗୁଣ ଦେଖି ତ ବାହା କରିଦେବ, ଏତେ ପାଲା କଣପାଇଁ?

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଚନ୍ଦ୍ରଲେଖା



ପୂଜାରାଣୀ ସେଠୀ

ଚିତ୍ରଲେଖା ଯେବେ ତୁମେ ଫେରିବ
ତୁମ ମନରୁ ଅଭିମାନ ସବୁ ଦୂରେଇ ଦେଇ
ମୋ ଆଖିରେ ତୁମ ଛବି ଟିଏ ଆଙ୍କିବ
ତୁମକୁ ଜହ୍ନ ଆଉ ମତେ ତୁମ ଘରର ବାଲ୍ କୁନି ବୋଲି ଆଙ୍କିବ
ତୁମ କିରଣ ଧୀର ମଳୟରେ ଆସି ମତେ ଛୁଇଁ ପୁଣି ତୁମକୁ ଛୁଇଁ ଯାଉଥିବ
ଚିତ୍ରଲେଖା ଯେବେ ତୁମେ ଆସିବ
ମୋ ଆଖିରେ ତୁମେ ଛବି ଟିଏ ଆଙ୍କିବା।

କାଳେ ତୁମେ ଫେରିବେନି କେବେ
ସେଥିପାଇଁ ବୋଧେ ମୁ ତୁମକୁ ବେଶୀ ବେଶୀ ଆଙ୍କେ...
ଯେତେ ରଙ୍ଗ ଦେଇ ଅଙ୍କିଲେବି
ସବୁ ରଙ୍ଗ ତୁମ ପାଖେ ଫିକା ଲାଗେ ।...

ଆଙ୍କି ଦେଇ ଯାଏ ତୁମ ଠାରୁ ମାଗି ଆଣିଥିବା ସେ ଶୂନ୍ୟତା ସବୁ
ଭାବନା ଠାରୁ ବୋହୁତ ଦୂରରେ
ଯାହା ଆଜି ସେ ଜହ୍ନ ବି ଆଙ୍କି ପାରେ ନାହିଁ
ଆଙ୍କିଲେ ବା କେତେ ଅବା ଆଙ୍କି ପାରିବ
ଯଦିଓ ତାର ସବୁ ଆଙ୍କିବା ଶେଷ ତୁମ ପାଖେ।....

ଚିତ୍ରଲେଖା ଯେବେ ତୁମେ ଫେରିବ
ମୋ ହଳେ ଆଖିରେ ତୁମେ ନିଦ ସଜେଇ

ISSN NO.
2582-208X

ତୁମ ପ୍ରେମର ସହର ଟିଏ ତୋଳିବ
ସେ ଘର୍ଘର୍ ଶବ୍ଦରୁ ବୋହୂ ଦୂରରେ
ଜହ୍ନ ଆଲୁଅରେ ଆଉ ଫୁଲର ବଗିଚାରେ ।

ମତେ ତୁମ ବଗିଚାରେ ଫୁଲ ଟିଏ କରି ଆଙ୍କିବ
ଆଉ କେହି ତୋଳି ନେବା ଆଗରୁ ମୁ ଝଡି ଯାଉଥିବି
ନୀତି ତୁମ ଫେରିବାକୁ ଅପେକ୍ଷା କରି ସଜ ଫୁଲ ଟିଏ ହୋଇ ଫୁଟୁଥିବି ।...

ଚିତ୍ରଲେଖା ଯେବେ ତୁମେ ଫେରିବ ।...
ତୁମେ ଆଙ୍କିବ ସେ ଚିରସ୍ରୋତ ନଦୀକୁ
ଅମାପ ସ୍ମୃତିକୁ ପୁଞ୍ଜି କରି ପର୍ଯ୍ୟଟକ ଆକର୍ଷିତ କରୁଥିବେ ସେ ସନ୍ଧ୍ୟାକୁ
ବାଲି କଣିକା ସବୁ ପବନକୁ ଛୁଇଁ ପୁଣି ଫେରି ଯାଉଥିବେ କୂଳକୁ
ଯେବେ ତୁମେ ଭୁଲିବାକୁ ଚାହିଁବ ନିଜକୁ
ସେ କୂଳ ସେ ବେଳାଭୂମି ଆଉ ସେ ଗହଳି
ସବୁ ଆଣି ଦେଉଥିବେ ତୁମ ଅତୀତକୁ ।

ଚିତ୍ରଲେଖା ଯେବେ ତୁମେ ଫେରିବ
ତୁମ ଜୀବନର ଶେଷ ପୃଷ୍ଠାରେ ମତେ କବିତା ଟିଏ ସଜେଇ ଲେଖିବ
ଚିତ୍ରଲେଖା ଯେବେ ତୁମେ ଆସିବ
ତୁମ ହସ୍ତାକ୍ଷରରେ ମତେ ଦୁଇ ଆଖି କରି ସଜେଇ ରଖିବ ।

ଚିତ୍ରଲେଖା
କେତେଦିନ ତୁମେ ସଜେଇ ରଖିବ
ଯଦିଓ ସବୁ ସଜେଇବା ଶେଷ କେବଳ
ସେ ମଶାଣିରେ ସଜା ହୋଇଥିବା ଛ ଖଣ୍ଡ କାଠ ଜୁଇରେ
ତଥାପି ଯେବେ ତୁମେ ଫେରିବ
ତୁମ ପ୍ରେମରେ ନିଶ୍ଚୟ ମତେ ଥରେ ଆଙ୍କିବ । ...

ଅନ୍ଧାରୀ, ଆବୁଲପୁରା, ଯାଜପୁର

ISSN NO.
2582-208X

# ଶରତ ଆସିଛି ଧରାକୁ



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ମେଘୁଆ ଆକାଶ ନିରିମଳ ଦିଶେ କଇଁଫୁଲିଆ ଏ ଜହ୍ନ
ଶରତ ଆସିଛି ଧରଣୀ ରାଣୀର ରୂପ ଦିଶେ ତାନମାନ
ରଜତ ଜୋଛନା ବିଛାଇ ଦେଇଛି ରାତିଦିଶେ ଦିନପରି
ଉତ୍ତର ଦିଶାରୁ ଶୀତଳ ମରୁତ ବହିଲାଣି ଶିରିଶିରି ।।

ସରସୀରେ କୁମୁଦିନୀ କୋମଳାଙ୍ଗୀ ଶୁଭ୍ରାଂଶୁ କର ପରସେ
ପ୍ରସ୍ଫୁଟିତ ମୋଦେ ପ୍ରେମ ରସେ ରଙ୍ଗେ ବିମୋହେ ଅଧିରେ ହସେ
ନିର୍ମଳ ଚନ୍ଦ୍ର ମଣ୍ଡଳ ଚର୍ତୁପାର୍ଶ୍ୱେ ସହସ୍ର ମୋତି ର ଫୁଲ
ଫୁଟି ଦିଶେ ତୋରା ଶରତ ଆସିଛି ରୂପ ତା ଅମୂଲ ମୂଲ ।।

ନଦୀ ବନ୍ଧେ ଶୁଭ୍ର ଜ୍ୟୋତି ବିକଚିତ ଶରତ ଋତୁର ଫୁଲ
କାଶତଣ୍ଡି ଫୁଟି ଚାମର ଢାଳଇ ଗୀତ ଗାଉଛି ଅନୀଳ
ଭୋଦେଇ ଖରାରେ ଧାନ ଫୁଲ ଫୁଟି କେଦାର ଦିଶେ ସୁନ୍ଦର
ଶେଫାଳୀ ଶେଯରେ ପ୍ରକୃତି ହସୁଛି କାହିଁ ତାର ପଟାନ୍ତର ।।

ଲହଲଙ୍ଗଳିଆ ହରରଙ୍ଗୀ ଫୁଲ ଲତାରେ ବଡ ସୁନ୍ଦର
ଇନ୍ଦ୍ରଧନୁ ଜିଣି ଦିଶେ ରୂପ ତାର ସତେ କେତେ ମନୋହର
ଶ୍ୟାମଳ ବିମଳ ଶସ୍ୟ ର ପସରା କୃଷକ ମନରେ ଖୁଷଲସି
ଖୁଦୁରୁକୁଣୀ ରେ ମଙ୍ଗଳା ପୂଜନ୍ତି କୁମାରୀ କୋଠିରେ ଆସି ।।

ISSN NO.
2582-208X

ମହମହ ବାସ ଚହଟେ ଆନନ୍ଦ ଭରା ଉତ୍ସବ ପାର୍ବଣ
କୃଷ୍ଣ ଜନ୍ମାଷ୍ଟମୀ ଭଗବତ ଜନ୍ମ ଗଜାନନ ଆବାହନ
ହିମବନ୍ତ କନ୍ୟା ବାମଦେବ ବାମା ଶାରଦୀୟ ପୂଜା ବେଳେ
ଧରାକୁ ଆସିବେ ଅନୀତି ଦୁର୍ନୀତି ଖଣ୍ଡନ କରିବେ ହେଳେ ।।

ଭାଦ୍ରବ ଆଶ୍ୱିନ ଶରତ ଆଗମ ଧରାରେ ଅମୃତ ବର୍ଷା
କରଇ ପ୍ରକୃତି କବି କଲମରେ ଘୋଟିଛି କବିତା ନିଶା ।।

ମଙ୍ଗଳାଯୋଡି, ଖୋର୍ଦ୍ଧା
ମୋ: ୮୨୪୯୨୩୪୧୪୩

ISSN NO.
2582-208X

# ନୀରବତା



ସିନ୍ଧୁ ନନ୍ଦିନୀ

ନୀରବତା ଦିଏ ଅନେକ ବାର୍ତ୍ତା
ନିଶବ୍ଦ ହୃଦୟେ ରହି
ମନ ଗହନେ ଥାଏ କେତେ କଥା
ନୀରବତା ଆପଣେଇ

ନୀରବ ଯନ୍ତ୍ରଣା ଅତି କଷ୍ଟ ଦାୟକ
ଦୃଶ୍ୟମାନ ହୁଏ ନାହିଁ
ହୃଦୟରେ ଥାଏ ଅସହ୍ୟ ଯନ୍ତ୍ରଣା
କିନ୍ତୁ କହି ହୁଏ ନାହିଁ

ଆଖି ଲୁହ ସିନା ଓଠ ପିଇ ଯାଏ
ଦୁଃଖ କହି ପାରେନାହିଁ
ମନ କିନ୍ତୁ କାନ୍ଦେ ଗୁମୁରି ଗୁମୁରି
ସାଗର ଲହଡି ଡେଇଁ

ହୃଦୟ ର ବ୍ୟଥା ଯନ୍ତ୍ରଣାର ଗାଥା
ନୀରବତା ଉପଶମ
ଜୀବନ ଯାତ୍ରାରେ ନୀରବତା ଜିତେ
ବଢ଼ିଥାଏ ସ୍ୱାଭିମାନ

ନୀରବେ ନୀରବି ନିସଙ୍ଗ ମୁହୂର୍ତ୍ତ
ଲେଉଟାଇ ମନ ପୃଷ୍ଠା
କହି ହୁଏ ନାହିଁ ସହି ହୁଏ ନାହିଁ
ମୌନତା ହିଁ ଶେଷଭାଷା

ନିରେଖି ନୟନେ ଶ୍ରୀପୟ କୁ ଚାହିଁ
କରିଯିବା ଧର୍ମ କର୍ମ
ନୀରବ ହୃଦୟେ ପ୍ରଭୁ ବାସ କର
ସାହା ତୁମେ ନାରାୟଣ

ଭୁବନେଶ୍ୱର

ISSN NO.
2582-208X

# ବିରଜା କ୍ଷେତ୍ର ବୌଦ୍ଧ ଧର୍ମର ଏନ୍ତୁଡିଶାଳ



ମନୀଷା ରାୟ

ବିରଜା କ୍ଷେତ୍ର ରୂପେ ସୁପରିଚିତ ଯାଜପୁର ଜିଲ୍ଲା । ପ୍ରାଚୀନ ଓଡ଼ିଶାର ଥିଲା ରାଜଧାନୀ । ଏହି କ୍ଷେତ୍ରର ନାମ ଗଦାକ୍ଷେତ୍ର ମଧ୍ୟ । ସମଗ୍ର ଭାରତବର୍ଷରେ ଏକ ପ୍ରଧାନ ଶକ୍ତିପୀଠ ଭାବେ । ଏଇ ବୀରପ୍ରସବିନୀ ମାଟିର ସ୍ୱତନ୍ତ୍ର ପରିଚୟ ରହିଛି । ଦେଶ ଐତିହ୍ୟ ସମ୍ପନ୍ନ ଯାଜପୁର ଜିଲ୍ଲା । କାରଣ ଏହି ଜିଲ୍ଲାର ମାଟି ପାଣି ପବନରେ ପ୍ରବାହିତ ହୋଇଆସୁଛି ଗୌରବମୟ ଇତିହାସର ଅକ୍ଷୟ ସ୍ମୃତି ବିଜଡିତ ଘଟଣାବଳୀ ଓ କିମ୍ବଦନ୍ତୀ । ସତ କଥା ତ ହେଉଛି ବିରଜା କ୍ଷେତ୍ରର ଅମ୍ଳାନ ଇତିହାସ ବେଶ୍ ସମୃଦ୍ଧ ଓ ପ୍ରଭାବଶାଳୀ । ସବୁକ୍ଷେତ୍ରରେ ବିରଜା କ୍ଷେତ୍ର ରୂପେ ପରିଚିତ ଯାଜପୁର ଜିଲ୍ଲାର ପ୍ରଭାବ ଅତୁଳନୀୟ ଓ ଅଭବର୍ଣ୍ଣନୀୟ । ସେ ତେଣିକି ସାମାଜିକ କ୍ଷେତ୍ର ହେଉ, କିମ୍ବା ରାଜନୈତିକ କ୍ଷେତ୍ର ହେଉ କିମ୍ବା ସାରସ୍ୱତ କ୍ଷେତ୍ର ହେଉ କିମ୍ବା ସାଂସ୍କୃତିକ କ୍ଷେତ ହେଉ ଅଥବା ଅର୍ଥନୈତିକ କ୍ଷେତ୍ର ହେଉ । ସବୁ କ୍ଷେତ୍ରରେ ରହିଛି ଓଡ଼ିଶାରେ ଯାଜପୁର ଜିଲ୍ଲାର ଅହମ ଭୂମିକା ।

ଅନନ୍ୟ ଓ ନିଆରା ପ୍ରଣରେ ସମ୍ପୂର୍ଣ୍ଣ ରୂପେ ସ୍ୱତନ୍ତ୍ର ମନେ ହେଉଥିବା ଯାଜପୁର ଜଲ୍ଲାର ଗୌରବମୟ ଐତିହ୍ୟ, ସଂହତି, ପରମ୍ପରା, ଶିଳ୍ପବିଭବ, ପ୍ରାକୃତିକ ସମ୍ବଳ । ଯଥା- ଖଣିଜ ପଦାର୍ଥ, ବନ୍ୟଜାତ ପଦାର୍ଥ ତଥା ଜଳଜାତ ସମ୍ବଳର ଗନ୍ତାଘର ଯାଜପୁର ଜିଲ୍ଲାର ପଟାନ୍ତର ନାହିଁ କହିଲେ ଚଳେ । ତତ୍‌ସହିତ ଅନେକାନେକ ଅମ୍ଳାନ କୀର୍ତ୍ତିରାଜିର ଗନ୍ତାଘର ପବିତ୍ର ବିରଜା ମାଟି । ଅତୀତର ଅନେକ କିମ୍ବଦନ୍ତୀ, ଲୋକ କଥା, ଲୋକଗୀତ, ଶିଳାଲିପି, ତାମ୍ରଲିପି, ଅବିସ୍ମୃତ ସ୍ମାରକ ଏବଂ ଦଶାଶ୍ୱମେଧ ଘାଟରୁ ପ୍ରାରମ୍ଭ କରି ମା ବିରଜାଙ୍କ ଶକ୍ତିପୀଠ ହେଉଛି ବିରଜା କ୍ଷେତ୍ର ଯାଜପୁରର ଚକ୍ଷୁସ ପ୍ରମାଣ ।

ISSN NO.
2582-208X

ଯାହାର ବିଭୋରାତ୍ମକ ବାସରେ ବାଙ୍ମୟ ବିରଜା କ୍ଷେତ୍ର ଯାଜପୁରର ମହତ୍ୱ ଓ ଗୌରବ ଓ ବୈଶିଷ୍ଟତା ।

ଏ ପବିତ୍ର ମାଟିର ଧର୍ମଧାରା କେବଳ ଏକକ ଧର୍ମରେ ପ୍ରତିଷ୍ଠିତ ନଥିବା ବେଳେ । ହିନ୍ଦୁ ଧର୍ମ ସନାତନ ଧର୍ମ ପରି ଏ ପୁଣ୍ୟ ଭୂମିର ବିଶାଳ ହୃଦୟରେ ପରିପୂର୍ଣ୍ଣ ହୋଇ ରହିବେ ଶାକ୍ତ, ଶୈବ, ବ୍ରାହ୍ମଣ୍ୟ, ବୈଷ୍ଣବ, ବୌଦ୍ଧ, ଜୈନ ଆଦି ଧର୍ମର ପାରମ୍ପରିକ ଉପାସନା । ଉକ୍ତ ବତ୍ସଳ ଭାବଗ୍ରାହୀ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ବନ୍ଧୁ ମହାନ୍ତିଙ୍କ ଠାରୁ ଆରମ୍ଭ ବୈଷ୍ଣବ ଧର୍ମର ପ୍ରଚାରକ ଶ୍ରୀ ଚୈତନ୍ୟ ଦେବଙ୍କ ନିମିତ୍ତ ଏ କ୍ଷେତ୍ର ମହିମା ମଣ୍ଡିତ । ଯାହା ଯାଜପୁର ମାଟିର ଦୃଢ ଗୌରବର ମୂଳସାକ୍ଷୀ ।

ପୁନଶ୍ଚ ପୁରାଣ ବର୍ଣ୍ଣିତ ଆଲେଖ୍ୟରୁ ଅନୁମେୟ ହୁଏ ଯେ 'ମହାଜ୍ଞାନୀ, ମହାମନା, ଯୋଗୀ, ପଣ୍ଡିତ ରାବଣ ୪ ମାଆ ବିରଜାଙ୍କ ଆଶିଷ ଭିକ୍ଷା ନିମିତ୍ତ ଏହି ମାଟିରେ ଯଜ୍ଞ ଓ ପୂଜାପାଠ କରିଥିଲେ । ଆହୁରି ମଧ୍ୟ ଏ ମାଟିରେ ବିଭିନ୍ନ ଧର୍ମର ପ୍ରଚାର ପ୍ରସାର କରି ନିଜ ନିଜ ଧର୍ମର ପ୍ରାଧାନ୍ୟ ବିସ୍ତାର ନିମିତ୍ତ ଅନେକ ଧର୍ମ ପ୍ରଚାରକ, ପ୍ରବକ୍ତା, ତାନ୍ତ୍ରିକ-ଗୋଷ୍ଠୀ ପ୍ରଖର ପ୍ରୟାସ କରିଥିଲେ । ଏହି କ୍ରମେରେ ମନଥିଲେ ପାଚୀନ ଉତ୍କଳର ମହାନ ଶାସକ ଯଯାତିକେଶରୀ ଦ୍ୱାରା ପ୍ରତିଷ୍ଠତ ଯାଜପୁର ଜିଲ୍ଲାରେ ଖ୍ରୀଷ୍ଟରୟ ତୃତୀୟ ଶତାବ୍ଦୀରୁ ବୌଦ୍ଧ ଧର୍ମ ବିସ୍ତାର ଲାଭ କରିଥିଲା । କାଳାନ୍ତରେ ବା ଦ୍ୱାଦଶ ଶତାବ୍ଦୀ ବେଳକୁ ବୌଦ୍ଧ ଧର୍ମ ଓ ପ୍ରାଚୀନ ବୈଦିକ ଧର୍ମର ସମ୍ମିଶ୍ରଣ ହୋଇଥିଲା ଏବଂ ଜନମାନସ ଏହି ମିଶ୍ରିତ ଧର୍ମକୁ ଅଗ୍ରହର ସହ ଅନୁସରଣ କରୁଥିଲେ ।

ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ ଓଡ଼ିଶାର ଗୌରବମୟ ଧର୍ମ ଧାରାର ସମୁଜ୍ୱଳ ଅଧ୍ୟାୟର ପ୍ରଭୃତି ସ୍ୱାକ୍ଷର ବହନ କରିଆସୁଥିବା ବିରଜ କ୍ଷେତ୍ର ଯାଜପୁରର ଭିତ୍ତଭୂମି ପୁରାଣ ଓ ଇତିହାସ ପ୍ରସିଦ୍ଧ । ଏହି ପୁଣ୍ୟ ଭୂମିରେ ଅନେକ ପ୍ରାଚୀନ ଦୁର୍ଲଭ ଓ ବିରଳ ଧର୍ମପୀଠ ଓ ପର୍ଯ୍ୟଟନସ୍ଥଳୀ ଦେଖିବାକୁ ମିଳେ । ତାହାଛଡା ପୁରାଣ ପ୍ରସିଦ୍ଧ ପୁଣ୍ୟତୋୟା ବୈତରଣୀ ନଦୀ ଅବବାହିକାରେ ଅବସ୍ଥିତ ପବିତ୍ର ଦଶ୍ୱାସମେଧ ଘାଟରୁ ଆରମ୍ଭ କରି ଶକ୍ତିପୀଠ ମାଆ ମନ୍ଦିର, ଗୋକର୍ଣ୍ଣିକା ଶିବ ମନ୍ଦିର ଏବଂ ପୁଷ୍ପ ଗିରି, ବୁଦ୍ଧକ୍ଷେତ୍ରସ୍ଥ ବୌଦ୍ଧ ବିଶ୍ୱବିଦ୍ୟାଳୟ ତଥା ମହାବିନାୟକ ଚଣ୍ଡିଖୋଲ ପର୍ଯ୍ୟନ୍ତ ଏହିସବୁ ପ୍ରାଚୀନ ଦୁର୍ଲଭ ଧର୍ମପୀଠ ଓ ପର୍ଯ୍ୟଟନସ୍ଥଳ ବିସ୍ତୃତ । ଅତଏବ ଏମିତି ଅନେକ ପ୍ରାଚୀ ଐତିହ୍ୟ ସଂପନ୍ନ କୀର୍ତ୍ତିରାଜି ଯାଜପୁର ଜିଲ୍ଲାର କୋଳମଣ୍ଡନ କରି ବିଶ୍ୱମାନଚିତ୍ରରେ ନିଜସ୍ୱ ରୂପ ମାଧୁର୍ଯ୍ୟର

ISSN NO.
2582-208X

ପରାକାଷ୍ଠା ପ୍ରଦର୍ଶନ କରିଆସୁଛନ୍ତି । ଆଉ ଏହା ସତ୍ତ୍ୱେ ନାନାପ୍ରକାର ବାସ୍ତୁକଳାର ରୂପକଳ୍ପ ଓ ମନମୁଗ୍ଧକର ପ୍ରାକୃତିକ ଦୃଶ୍ୟରାଜି ଯାଜପୁର ଜିଲ୍ଲାର ପ୍ରଭୂତ ବିଭବ କହିଲେ ଅତ୍ୟୁକ୍ତି ହେବ ନାହିଁ ।

କେବଳ ଐତିହ୍ୟ, କଳାସ୍ଥାପତ୍ୟ, ଭାସ୍କର୍ଯ୍ୟ ଯାଜପୁର ଜିଲ୍ଲାର ବିଭୁତି ଐଶ୍ୱର୍ଯ୍ୟ ନୁହେଁ । ଏଥିସହ ଲୋକ ନୃତ୍ୟ, ପାଲା, ଲୋକ କଥା ପରମ୍ପରା, ଲୋକଗୀତ, ଭାଷା ସାହିତ୍ୟ କ୍ଷେତ୍ରରେ ମଧ୍ୟ ଯାଜପୁର ଜିଲ୍ଲା ନିଦର୍ଶନ ସ୍ମରଣ । ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ରୀତିଯୁଗୀୟ ବିଶିଷ୍ଟ କବି ଅଭିମନ୍ୟୁ ସାମନ୍ତସିଂହାର ଏବଂ ବଳିଷ୍ଠ ପ୍ରମାଣ ରତ୍ନଗିରି-ଲଳିତଗିରି-ଉଦୟଗିରି । ଏହି ରତ୍ନଗିରି, ଲଳିତଗିରି ବା ପୁଷ୍ପଗିରିରେ ରହିଛି ବୌଦ୍ଧ ଧର୍ମ ବା ସ୍ୱଧର୍ମ ବା ମହାଯାନର ଅକ୍ଷୟ କୀର୍ତ୍ତିରାଜି । ଏହି ଅକ୍ଷୟ କୀର୍ତ୍ତିରାଜିର ଅଧୁନା ରହିଛି ଜାତୀୟ ଓ ଅନ୍ତର୍ଜାତୀୟ ଖାତି ଓ ପ୍ରସିଦ୍ଧ ।

ସମ୍ଭବତଃ ବହୁ ବର୍ଷ ପୂର୍ବେ । ବୌଦ୍ଧ ସଂସ୍କୃତିର ପେଣ୍ଠସ୍ଥଳୀ ଥିଲା ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ । କାରଣ ପ୍ରଖ୍ୟାତ ବୌଦ୍ଧପୀଠ ଉଦୟଗିରି ସମେତ ଲଳିତଗିରି, ତତ୍ନଗିରି, କୋଲଣଗିରିରେ ଅବସ୍ଥିତ ଗୁମ୍ଫାମାନଙ୍କରେ ବୌଦ୍ଧି ମୁନିମାନେ ବସବାସ କରୁଥିବାରୁ ଠୋସ୍ ପ୍ରମାଣ ମିଳେ । ଏବଂ ଏଠାରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାରରେ ସଂଶ୍ଲିଷ୍ଟ ଥିଲେ । ଅଧୁନା ଓଡ଼ିଶା।। ସରକାରଙ୍କ ପ୍ରତ୍ନତାତ୍ତ୍ୱିକ ବିଭାଗର ଖନନ ପ୍ରଣାଳୀ ଦ୍ୱାରା ଅନେକ ଗୁଡିଏ ଗୁମ୍ଫାର ଭଗ୍ନାବଶେଷ ଏବଂ ଭୂମିତଳେ ଇତସ୍ତତଃ ଅବସ୍ଥାରେ ପଡିରହିଥିବା ଭଗ୍ନ ପ୍ରସ୍ତର ମୂର୍ତ୍ତିର ଉଦ୍ଧାର କାର୍ଯ୍ୟ ବଳବତ୍ତର ରହିଛି । ଏହିସବୁ ବୌଦ୍ଧଧର୍ମ ମୂର୍ତ୍ତିଗୁଡିକରେ ପ୍ରଭୁତ ବାସ୍ତୁକଳା ଥିବାର ଦୃଷ୍ଟିଗୋଚର ହୁଏ । ଆଉ କହବା ବୋଧହୁଏ ବାହୁଲ୍ୟ ହୋଇପାରେ ଯେ, "ଏହିସବୁ ଭଗ୍ନ ପ୍ରସ୍ତର ମୂର୍ତ୍ତିଗୁଡିକ ହେଉଛି ବୌଦ୍ଧ ଧର୍ମର ଯଶ ଖ୍ୟାତି ସଂପନ୍ନ "ଭୌରଶୈଳ" । ଯାହା ସ୍ୱଷ୍ଟ ଭାବେ ପ୍ରମାଣିତ ହୋଇଛି ।

ଯେଉଁ ଯେଉଁ ପାହାଡ ପର୍ବତରୁ ବୌଦ୍ଧ ଧର୍ମର ଯଶ କୀର୍ତ୍ତି ଉଦ୍ଧାର କରାଯାଇଛି । ସେଗୁଡିକ ହେଲା- ବରୁଣେଇ ପାହାଡ, ଆରୁହା ପାହାଡ, ନୀଳଗିରି, ଲଳିତଗିରି, ବାଘୁଆ, ହରିଦାସପୁର, ଛତିଆର ଅମରାବତୀର ଉଦୟଗିରି, ରତ୍ନଗିରି, ଲଳିତଗିରି, ଓଳାଶୁଣି, ଲାଙ୍ଗୁଡି ପାହାଡ, ମଧୁପୁରଗଡ ପାହାଡ, ଦଇତାରୀ ପାହାଡ, ନଗଡା ଓ ମହାପୁରୁଷ ପାହାଡ ଇତ୍ୟାଦି ଇତ୍ୟାଦି । ମାଳିକା ବର୍ଣ୍ଣିତ ପ୍ରସିଦ୍ଧ ହରିହାଟ ପଡିଆ ଏବଂ କୋଲଣଗିରି ବାଘ ପାହାଡ ଆଦି ଯାଜପୁର ଜିଲ୍ଲାର ଶୋଭାବର୍ଦ୍ଧନ କରିଆସୁଛି । ଏବେ ସୁଦ୍ଧା ଏହିସବୁ

ISSN NO.
2582-208X

ପାହାଡରେ ଖନନ କାର୍ଯ୍ୟ ଜାରି ରହିଛି । ସୁତରାଂ ଇତିହାସ ପ୍ରସିଦ୍ଧ ହୀରକ ତ୍ରିଭୁଜ ହିଁ ରତ୍ନଗିରି-ଉଦୟଗିରି-ଲଳିତଗିରି ଅଟନ୍ତି । ଏତଏବ ଏହି ତିନୋଟି ଗିରିରେ ଶକ୍ତି ଉପାସନା ଓ ବୌଦ୍ଧ ଧର୍ମ ଉପାସନାର ମହା ମିଳନ ଘଟିଛି କହିଲେ ସମୁଚୀତ । କାରଣ ବୌଦ୍ଧ ଧର୍ମାବମ୍ବୀମାନେ ସାଧାରଣତଃ ମାତୃଶକ୍ତିର ଉପାସକ ଥିଲେ ଏବଂ ସେମାନେ ଆଦ୍ୟାଶକ୍ତିଙ୍କୁ ବିଭିନ୍ନ ରୂପରେ ପୂଜାର୍ଚ୍ଚନା କରୁଥିଲେ ।

ତେବେ ବୈଶ୍ୱିକ ଦୃଷ୍ଟିକୋଣରୁ ଅନୁସନ୍ଧାନ କଲେ ପ୍ରତ୍ୟୟମାନ ହୁଏ ଯେ, ବୌଦ୍ଧ ଧର୍ମର ଉତ୍ପତ୍ତିସ୍ଥଳ ଓ ପ୍ରସାର ପ୍ରଚାରର ଆଦିଭୂମି ହେଉଛି ବିରଜାକ୍ଷେତ୍ର ଯାଜପୁର ଯଦିଓ ଏପର୍ଯ୍ୟନ୍ତ ମହାଯାନ ବୌଦ୍ଧଧର୍ମର ସଠିକ୍ ପ୍ରମାଣର ଅଭାବ ଦେଖାଯାଏ । ଅତଃ ବର୍ତ୍ତମାନ ସୁଦ୍ଧା କୌଣସି ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ଏବଂ ଗବେଷକ ବୈଶ୍ୱିକ ମାନଚିତ୍ରରେ ଏହି ଧର୍ମ କେଉଁଠୁ କେବେ, କାହା ଦ୍ୱାରା, କେମିତି ବିଶ୍ୱବିସ୍ତୃତ ହୋଇଥିଲା ନିର୍ଭୁଲ ଭାବେ ଅବଗତ ହୋଇପାରି ନାହାନ୍ତି । ତଥାପି ଆନୁମାନିକ ହାରାହାରି ଚଉରାଅଶୀରୁ ଊର୍ଦ୍ଧ୍ୱ ବିଭିନ୍ନ ପାହାଡରେ ଥିବା ପଥର ଖେଦିତ ଗୁମ୍ଫାରେ ବୌଦ୍ଧ ଧର୍ମାଲମ୍ବୀମାନେ ରହି ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ଓଡ଼ିଶାରେ କରିଥିଲେ ।

ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ବିଶିଷ୍ଟ ପଣ୍ଡିତ ବସୁବନ୍ଧଙ୍କ ପରମ ଶିଷ୍ୟ ଆଚାର୍ଯ୍ୟ ଦିଗ୍ନାଗ ପ୍ରାଚୀନ ଭୋରଶୈଳ ପାହାଡରେ ଅବସ୍ଥାନ କଲାବେଳେ । ଶଂସିତ ସମୟରେ ଭାରତର ପ୍ରସିଦ୍ଧ ବିଦ୍ୱାନ ଈଶ୍ୱର କୃଷ୍ଣ ଦିଗ୍ନାଗଙ୍କୁ ସାକ୍ଷାତ କରିବାକୁ ଭୌରଶୈଳ ପାହାଡକୁ ଆସିଥିଲେ । ତାଙ୍କ ଆସିବାର କାରଣ ଥିଲା । ଓଡ଼ିଶାରେ ବୌଦ୍ଧ ଧର୍ମ ଦର୍ଶନ ତଥା ବୌଦ୍ଧ ନ୍ୟାୟର ମୂଳଦୁଆ ସ୍ଥାପନ କରି ପ୍ରଖ୍ୟାତ ପଣ୍ଡିତ ଆଚାର୍ଯ୍ୟ ଦିଗନାଗଙ୍କ ସହ ବୌଦ୍ଧ ଧର୍ମ ଉପରେ ତର୍କ କରିବା । ପରନ୍ତୁ ଯୋଗାଚାର ବିଜ୍ଞାନରେ ଅଗାଧ୍ୟ ପାଣ୍ଡିତ୍ୟ ଅର୍ଜନ କରିଥିବା ଆଚାର୍ଯ୍ୟ ଦିଗ୍ନାଗଙ୍କ ଦ୍ୱାରା ତର୍କରେ ଈଶ୍ୱର କୃଷ୍ଣ ସର୍ବତୋ ଭାବେ ପରାଜୟ ବରଣ କରି ନିଜକୁ ଲଜ୍ଜିତ ମନେ କରିଥିଲେ ବୋଲି ଐତିହାସିକ ପ୍ରମାଣ ମିଳେ । ତେଣୁ ଆଚାର୍ଯ୍ୟ ଦିଗ୍ନାଗଙ୍କ ବୌଦ୍ଧ ନ୍ୟାୟ କଥା ଭାରତୀୟ ନ୍ୟାୟର ପିତା କୁହାଯାଏ । ତାଙ୍କ ଦ୍ୱାରା ପ୍ରଣୟନ ସୁବିଖ୍ୟାତ "ପ୍ରମାଣ ସମୁଚ୍ଚୟଗ୍ରନ୍ଥ" ବୌଦ୍ଧଧର୍ମ ଦର୍ଶନର ଠୋସ୍ ପ୍ରମାଣ ବହନ କରେ । କାରଣ ଏହି ଗ୍ରନ୍ଥ ଶଂସିତ ସମୟର ତିନୋଟି ବିଭାଗକୁ ନେଇ ଲିପିବଦ୍ଧ ହୋଇଥିଲା । ଯଥା ଅନୁମାନ, ପ୍ରମେୟ ଓ ପ୍ରମାଣ । ଲୋକୋକ୍ତିକୁ ଆଧାର କରି କୁହାଯାଏ, ଉକ୍ତ "ପ୍ରମାଣ ସମୁଚ୍ଚୟ ଗ୍ରନ୍ଥାବଳୀ" ତତ୍କାଳୀନ ସମୟରେ ସମଗ୍ର ଭାରତ

ISSN NO.
2582-208X

ବର୍ଷରେ ବସବାସ କରୁଥିବା ବିଦ୍ୱାନ, ଶାସ୍ତ୍ରଜ୍ଞ ଜ୍ଞାନୀଗୁଣୀଙ୍କ ହୃଦୟରେ ଗଭୀର ରେଖାପାତ କରିଥିଲା ଏବଂ ସମଗ୍ର ବାତାବରଣରେ ସୃଷ୍ଟି କରିଥିଲା ଅନେକ ଚାଞ୍ଚଲ୍ୟ ଓ ରୋମାଞ୍ଚ ।

ପୁନଶ୍ଚ ଓଡ଼ିଶାର ଦୁଇଜଣ ବିଶିଷ୍ଟ ଐତିହାସିକ ପ୍ରଫେସର ବୌଦ୍ଧ ଧର୍ମର ଉତ୍ପତ୍ତିସ୍ଥଳ ଦକ୍ଷିଣ ଭାରତର ଗୁଣ୍ଟୁର୍ ଜିଲ୍ଲା ବୋଲି ମତପୋଷଣ କରନ୍ତି । ଏବଂ ଓଡ଼ିଶାର ପାଚୀନ ରାଜଧାନୀ ତୋଷାଳୀକୁ ମଧ୍ୟ ବୌଦ୍ଧ ଧର୍ମର ଉତ୍ପତ୍ତିସ୍ଥଳ ବୋଲି ମତବ୍ୟକ୍ତ କରିଛନ୍ତି । ଏହି ଦୁଇଜଣ ବିଶିଷ୍ଟ ଐତିହାସିକ ହେଲେ ପ୍ରଫେସର ଡଃ ନଳୀନାକ୍ଷ ଦତ୍ତ ଓ ଡଃ ନବୀନ କୁମାର ସାହୁ । ଏ ଦୁଇଜଣଙ୍କ ସ୍ୱପ୍ରୋକ୍ତି ହେଲା, "ମହାଯାନ ବୌଦ୍ଧ ଧର୍ମର ଜନ୍ମ ହେଉଛି ଦକ୍ଷିଣ ଭାରତରେ ଏବଂ ପରେ ଏହି ଧର୍ମର ପ୍ରଚାର ପ୍ରସାର ପୂର୍ବ ଭାରତରୁ ଉତ୍ତର ଭାରତକୁ ବ୍ୟାପ୍ତ ହୋଇଥିଲା । ଅତଏବ ବୌଦ୍ଧ ଧର୍ମର ସର୍ବାଙ୍ଗିନ ଉନ୍ନତିକଳ୍ପେ ପୂର୍ବଭାରତ ତଥା ଉତ୍ତରଭାରତକୁ ହିଁ ବୌଦ୍ଧ ଧର୍ମାବଲମ୍ବୀ ଶ୍ରେୟ ମନେ କରି ବୌଦ୍ଧ ଧର୍ମ ଦର୍ଶନ ତଥା ନ୍ୟାୟକୁ ସାଧିତ କରିଥିଲେ ।

ଯଦିଓ କାଳକ୍ରମେ ବୌଦ୍ଧ ଧର୍ମ ଦୁଇଟି ଭାଗରେ ବିଭକ୍ତ ହୋଇଥିଲା ଯଥା- ହୀନଯାନ ଓ ମହାଯାନ । ପରନ୍ତୁ ଦୁଇପନ୍ଥୀ ହୀନଯାନ ଓ ମହାଯାନ ମଧ୍ୟରେ ପାର୍ଥକ୍ୟ ଉଦ୍ରେକ ହେବାରୁ ହୀନଯାନର ମାହାତ୍ମ୍ୟରେ ସେତେଟା ଉନ୍ନତି ପରିଲକ୍ଷିତ ହୋଇନଥିଲା । ଅନ୍ୟପକ୍ଷରେ ମହାଯାନ ପନ୍ଥୀମାନେ ତନ୍ତ୍ର ସାଧନାରେ ବ୍ରତୀ ର ହି ମହାଯାନର ସର୍ବାଙ୍ଗୀନ ଉନ୍ନତି କରିଥିଲେ । ସେମାନଙ୍କର ତନ୍ତ୍ର ସାଧନା ଏତେ ପ୍ରଖର ଥିଲା ଯେ ତତ୍କାଳୀନ ରାଜରାଜୁଡା ସଦସ୍ୟ ଓ ପ୍ରଜାମାନଙ୍କୁ ଏହା ବେଶ୍ ଅନୁପ୍ରାଣୀତ କରିଥିଲା । ତେଣୁ ସେମାନେ ମହାଯାନ ପ୍ରତି ଗଭୀର ଭାବେ ଆକୃଷ୍ଟ ହୋଇ ଏଥିରେ ସାମିଲ ହୋଇଥିଲେ ।

ପୁନଶ୍ଚ ସେହି ସମୟରେ ବୌଦ୍ଧ ଧର୍ମର ସମସାମୟିକ ଧର୍ମ ଭାବେ ବ୍ରାହ୍ମଣ୍ୟ ଧର୍ମର ମଧ୍ୟ ଉତ୍‌ଥାନ ଘଟିଥିଲା । ବ୍ରାହ୍ମଣ ପଣ୍ଡିତମାନେ ମଧ୍ୟ ବୌଦ୍ଧ ଧର୍ମାଲମ୍ବୀମାନଙ୍କ ପରି ତନ୍ତ୍ର ସାଧନାରେ ଲିପ୍ତ ଥିଲେ । ସେମାନେ ଯଜୁର୍ବେଦର ତନ୍ତ୍ର ଜ୍ଞାନ ବଳରେ ମହାଯାନ ପନ୍ଥୀମାନଙ୍କ ଠାରୁ ବଳିୟାନ ଥିଲେ । ଫଳରେ ରାଜରାଜୁଡାଙ୍କ ସଭାରେ ଅନେକ ବ୍ରାହ୍ମଣ ଓ ବୌଦ୍ଧ ଧର୍ମାଲମ୍ବୀ ପରସ୍ପରର ବିରୋଧୀ ହୋଇ ଉଠିଲେ । ଏବଂ ଚାରିଆଡେ ଗୋଷ୍ଠୀ କନ୍ଦଳ ମୁଣ୍ଡଟେକିଥିଲା । ସୁତରାଂ ଏହି ଗୋଷ୍ଠୀ କନ୍ଦଳକୁ ପରିସମାପ୍ତି କରିବା ପାଇଁ ପ୍ରୟାସ କରାଗଲା ।

ISSN NO.
2582-208X

ତେଣୁ ଦୁଇଗୋଷ୍ଠୀଙ୍କ ଅଜାଣତରେ ଗୋଟିଏ ସାପକୁ ଆଣି ଏକ ମାଠିଆ ଭିତରେ ରଖାଗଲା। ପ୍ରଥମେ ବିଦ୍ୱାନମାନେ ବୌଦ୍ଧ ଧର୍ମାଲମ୍ବୀମାନଙ୍କୁ ମାଠିଆ ଭିତରେ କ'ଣ ଅଛି ବୋଲି ପ୍ରଶ୍ନ ପଚାରିଥିଲେ । ଉତ୍ତରରେ ସେମାନେ କହିଥିଲେ "ସାପଟିଏ ଅଛି" । ପରନ୍ତୁ ତନ୍ତ୍ରୋକ୍ତ ଶକ୍ତିରେ ବଳିୟାନ ବ୍ରାହ୍ମଣ ସଂପ୍ରଦାୟମାନେ ତନ୍ତ୍ରବଳରେ ମାଠିଆ ଭିତରେ ଜୀବିତ ଥିବା ସାପଟିକୁ ପୋଡି ପାଉଁଶ କରିଦେଲେ ଏବଂ କହିଲେ ମାଠିଆ ଭିତରେ ପାଉଁଶ ଅଛି । ପ୍ରକୃତରେ ମାଠିଆ ଭିତରୁ ସାପ ବଦଳରେ କେବଳ ପାଉଁଶ ବାହାରିଥିଲା ।

ଏହି ଘଟଣା ପରେ । ପରବର୍ତ୍ତୀ ସମୟରେ ବୌଦ୍ଧ ଧର୍ମ ବା ମହାଯାନର ପତନ ଘଟିଲା ଏବଂ ବ୍ରାହ୍ମଣ୍ୟ ଧର୍ମର ଆଧିପତ୍ୟ ବଢିବାରେ ଲାଗିଲା, ବୌଦ୍ଧମାନେ ପରାସ୍ତ ହେଲା ପରେ ପରାଜୟ ତାଡନାରେ ଓଡ଼ିଶା ତଥା ଭାରତ ଛାଡି ଅନ୍ୟତ୍ର ପଳାୟନ କଲେ । ଆହୁରି ମଧ୍ୟ ମହାଯାନ ପନ୍ଥୀର କେତେକ ସଦସ୍ୟ ପରାଜୟ ଗ୍ଲାନିରେ ଦୟାନଦୀରେ ପ୍ରାଣବିସର୍ଜନ କରିଥିଲେ ଏବଂ ଅବଶିଷ୍ଟ କେତେଜଣ ରାଜାଙ୍କ ଦ୍ୱାରା ..... ଭୟରେ ପଳାୟନ କରିଥିଲେ। ଏସବୁ କଥାବସ୍ତୁର ଧାରଣା ମାଦଳା ପାଞ୍ଜିରେ ବର୍ଣ୍ଣିତ ଅଛି । ଏହା ପରଠୁ ଓଡ଼ିଶାରେ ବୌଦ୍ଧ ଧର୍ମର ଅବସାନ ଘଟିଥିଲା ।

ପୁନଶ୍ଚ ବିରଜା କ୍ଷେତ୍ର ଯାଜପୁର ଅନ୍ତର୍ଗତ ବିସ୍ତୃତ ପର୍ବତମାଳା ଅସିଆ ସନ୍ନକଟସ୍ଥ ପ୍ରାଚୀନ ବୌଦ୍ଧ ପୀଠ, ବୁଦ୍ଧକ୍ଷେତ୍ର ଇତିହାସ ପ୍ରସିଦ୍ଧ "ଉଦୟଗିରି-ମହାଗିରି ।" ବୌଦ୍ଧ ଧର୍ମର ନିଶ୍ଚିତ ଉତ୍ପତ୍ତିସ୍ଥଳୀ ବୋଲି ଶାସ୍ତ୍ରଜ୍ଞ ଓ ପ୍ରତ୍ନତାତ୍ତ୍ୱିକଙ୍କ ମନ୍ତବ୍ୟ ସ୍ୱାଗତଯୋଗ୍ୟ ଓ ଗ୍ରହଣୀୟ । କାଳଦଣ୍ଡର ଆକଳନରୁ ଅନୁମିତ ହୁଏ ଯେ, "ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀରେ ରଚିତ ବୌଦ୍ଧ ଧର୍ମଗ୍ରନ୍ଥ "ସ୍ୱ ଧର୍ମ ପୁଣ୍ଡରୀକ ଶାସ୍ତ୍ର"ରେ ଏକ ହତଚକିତ ଓ ଆଶ୍ଚର୍ଯ୍ୟ କଲା ଭଳି ତଥ୍ୟ ଓ ତତ୍ତ୍ୱର ଉଲ୍ଲେଖ କରାଯାଇଛି । ଉକ୍ତ ଗ୍ରନ୍ଥରେ ପରମ କାରୁଣିକ ଭଗବାନ ତଥାଗତ ବୁଦ୍ଧ, ଯିଏ କି ଶ୍ରୀବିଷ୍ଣୁଙ୍କ ନବମ ଅବତାର । ସେ ନିଜ ଜୀବଦଶାରେ ପବିତ୍ର କଳିଙ୍ଗ ବା ଉତ୍କଳ ମାଟିରେ ସ୍ୱଧର୍ମ ପ୍ରସାରଣ ନିମିତ୍ତ ଅକ୍ଷମ ହେବାରୁ କିଛି ବର୍ଷ ପରେ ସେ ସ୍ୱୟଂକୁ ଭଗବାନ ତଥାଗତ ରୂପେ ପ୍ରତିପାଦନ କରି ପୁରାଣ ତଥା ଇତିହାସ ପ୍ରସିଦ୍ଧ ପବିତ୍ର ବିରଜାକ୍ଷେତ୍ର ମଧ୍ୟବର୍ତ୍ତୀ ସ୍ଥାନ ବୁଦ୍ଧ କ୍ଷେତ୍ରରେ ଆବିର୍ଭାବ ହୋଇ ତିନୋଟି ମହାନ୍‌ଯାନର ଶୁଭ ସଙ୍କେତ ପ୍ରଦାନ କରିଥିଲେ ।

ସୁତରାଂ ଗୌତମ ବୁଦ୍ଧଙ୍କ ପ୍ରମୁଖ ତିନୋଟି ଯାନକୁ ଛାଡିଦେଲେ । ତଥାଗତ ମହାପ୍ରଭୁ ଅନ୍ୟ କେତେଗୁଡିଏ ନୂତନ ଯାନର ମଧ୍ୟ ଉଦ୍‌ଘୋଷକ ଥିଲେ । ଯେପରି-ଶ୍ରାବଣ ଯାନ,

ISSN NO.
2582-208X

ବୁଦ୍ଧଯାନ, ବୋଧି ସତ୍ୱଯାନ ଇତ୍ୟାଦି ଇତ୍ୟାଦି । ମୂଳତଃ ବୌଦ୍ଧ ଧର୍ମ ଦର୍ଶନର ମୂଳତତ୍ୱ ହେଲା, "ସର୍ବଜନ ସୁଖାୟ ସର୍ବଜନ ହିତାୟ, ସର୍ବ ଜୀବ ମୋକ୍ଷାୟ ବା ନିର୍ବାଣ ପ୍ରାପ୍ତି ।" ଯଦିଓ ୬ଷ୍ଠ ଶତାବ୍ଦୀରେ ଭଗବାନ ତଥାଗତଙ୍କ ଦିବ୍ୟ ବାଣୀର ଆଧାରଶୀଳା ଥିଲା, "ସମଗ୍ର ଜୀବ ଜଗତ ଏକାଧାରରେ ଜନ୍ମ, ମୃତ୍ୟୁ, ଜରା ବ୍ୟାଧି, ମୃତ୍ୟୁ ଓ ପୁର୍ନଜନ୍ମର ବଶବର୍ତ୍ତୀ । ଯାହା ସର୍ଜିବ ଧ୍ରୁବ ସତ୍ୟ । ତଥାପି ଏତିକି କୁହାଯାଇପାରେ ଯେ, ବୌଦ୍ଧ ଧର୍ମର ମୌଳିକ ତତ୍ୱ ହେଲା, କରୁଣା ମାନବବାଦ ଓ ଅହିଂସା ଏବଂ ଯାହାର ମୂଳମନ୍ତ୍ର ହେଲା– "ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘଂ ଶରଣଂ ଗଚ୍ଛାମି" ।

ଆହୁରି ମଧ୍ୟ ଖ୍ରୀଷ୍ଟପୂର୍ବ ନବମ ଓ ଦଶମ ଶତାବ୍ଦୀ ମଧ୍ୟଭାଗରେ ଉତ୍କଳର ଅନେକ ଇଲାକାରେ ବଜ୍ରଯାନ ଓ ସହଜଯାନ ଭଳି ଧର୍ମୀୟ ପୀଠସ୍ଥଳୀର ସ୍ଥାପନା ହୋଇସାରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଭଗବାନ ତଥାଗତଙ୍କ ମହାପ୍ରୟାଣ ପୂର୍ବରୁ ଆନୁମାନିକ ହରାହାରି ୫୦୦ ବର୍ଷ ଅନ୍ତେ ଗୌତମ ବୁଦ୍ଧ ନିଜ ପରମ ଶିଷ୍ୟ ସାରୀପୁତ୍ରଙ୍କୁ ସମ୍ବେଦନ କରି କହିଥିଲେ ଯେ "ଦ୍ୱିତୀୟ ଥର ପାଇଁ ବୌଦ୍ଧ ଧର୍ମଚକ୍ର ପ୍ରସାରଣ ନିମିତ୍ତ ବୁଦ୍ଧକ୍ଷେତ୍ର ଉଦୟଗିରି ଭାବେ ପବିତ୍ର ବିରଜା ମାଟିସ୍ଥ ମହାବୌଦ୍ଧ କ୍ଷେତ୍ର ଉଦୟଗିରିକୁ ହିଁ ଚୟନ କରିବ । ସେ କରିଥିଲେ ମଧ୍ୟ । ସେଠାରେ ପ୍ରତ୍ୟେକ ଦନ ଅସଂଖ୍ୟ ଶ୍ରୋତା, ତଥାଗତ ବୁଦ୍ଧ ଏବଂ ବୋଧିସତ୍ୱଗଣଙ୍କର ଦିବ୍ୟବାଣୀ ଶ୍ରବଣ କରିବା ନିମିତ୍ତ ଏକତ୍ରିତ ହେଉଥିଲେ । ଯାହାର ପ୍ରତ୍ୟକ୍ଷ ପ୍ରମାଣ–ପ୍ରଖ୍ୟାତ ବୌଦ୍ଧ ପୀଠ ଉଦୟଗିରି ଏବଂ ଏହାର ସନ୍ନିକଟ ପ୍ରାଚୀନ ବୌଦ୍ଧ କ୍ଷେତ୍ର ଲଳିତଗିରି, ରତ୍ନଗିରି, କୋଲଣଗିରି, ଅସିଆ, ଚଣ୍ଡିଆ, ମଝିପଡା, ଅଚ୍ୟୁତବସନ୍ତ, ଧର୍ମଶାଳାସ୍ଥ ରାଧାନଗର, ଲାଙ୍ଗୁଡି ବ୍ରଜଗିରି, କାଏମ ଇତ୍ୟାଦି ଇତ୍ୟାଦି ।

ମୋଟ ଉପରେ କହିବାକୁ ଗଲେ, ବିରଜା କ୍ଷେତ୍ର ଯାଜପୁର ଜିଲ୍ଲାର ଭୌଗୋଳିକ ଅବସ୍ଥିତି ଉପରେ ଦୃଷ୍ଟିନିକ୍ଷେପ କଲେ ଅନୁମେୟ ହୁଏ ଯେ "ଏହିସବୁ ଇଲାକା ପ୍ରାୟତଃ ବୌଦ୍ଧ ଧର୍ମକୀର୍ତ୍ତି ସ୍ଥଳୀ ଦେଇ ଉଦ୍‌ଭାସିତ ଏବଂ ଏଠାରେ ଶହେରୁ ଉର୍ଦ୍ଧ୍ୱ ପ୍ରାଚୀନ ମହାଯାନୀ, ବଜ୍ରଯାନୀ ବୌଦ୍ଧ ପୀଠ ବିଦ୍ୟମାନ । ଏତଦ୍‌ବ୍ୟତୀତ ବ୍ୟାପକ ସର୍ବେକ୍ଷଣ ତଥା ରାଜ୍ୟ ସରକାରଙ୍କ ପ୍ରତ୍ନତାତ୍ତ୍ୱିକ ବିଭାଗ ଦ୍ୱାରା ବାରମ୍ବାର ଉତ୍‌ଖନନରୁ ଠାବ କରାଯାଇଛି ଅପର୍ଯ୍ୟାପ୍ତ ବୁଦ୍ଧିମୂର୍ତ୍ତି, ଅଷ୍ଟମହାବୋଧିସତ୍ୱ, ଷୋଡଶ ମହାବୋଧିସତ୍ୱ । ଏହିସବୁ ସଂଗ୍ରହପ୍ରାପ୍ତ ବୋଧିସତ୍ୱ ମୂର୍ତ୍ତିମାନଙ୍କର ଦୁଲର୍ଭ ବାସ୍ତୁକଳା ପର୍ଯ୍ୟଟକମାନଙ୍କୁ ବିରଜା କ୍ଷେତ୍ରକୁ ଟାଣି ଆଣିଥାଏ । ସୁତରାଂ କାରୁକାର୍ଯ୍ୟପୂର୍ଣ୍ଣ ବୌଦ୍ଧମୂର୍ତ୍ତିମାନଙ୍କର ସମାହାର ହିଁ ତଥାଗତ

ISSN NO.
2582-208X

ବୁଦ୍ଧଙ୍କ ମହାଯାନକୁ ଯାଜପୁର ଜିଲ୍ଲାର ଭୂସ୍ୱର୍ଗ ଭାବେ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ଅତଃ ବିରଜା କ୍ଷେତ୍ର ଯାଜପୁର ହିଁ ବୌଦ୍ଧ ଧର୍ମର ଆଦି ତଥା ମହାସିଦ୍ଧିଭୂମି । ଫଳତଃ ସମଗ୍ର ଭାରତ ବର୍ଷ ତଥା ବିଶ୍ୱ ଦରବାରରେ ଯାଜପୁର ମାଟିର ଇତିହାସ ବିରଳ ତଥା ବିସ୍ମୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆହୁରି ମଧ୍ୟ "ସ୍ୱଧର୍ମ ପୁଣ୍ଡରୀକ ଶାସ୍ତ୍ର"ରେ ବର୍ଣ୍ଣିତ ଥିବା ତଥାଗତ ବୁଦ୍ଧଙ୍କ ଭବିଷ୍ୟତବାଣୀ ଏହାର ଚକ୍ଷୁସ ପ୍ରମାଣ ଅଟେ । ପରମ କାରୁଣିକ ତଥାଗତ ବୁଦ୍ଧଙ୍କ ଭବିଷ୍ୟବାଣୀକୁ ଆଧାର କରି ଉଲ୍ଲେଖ କରାଯାଇଛି ଯେ, ତଥାଗତ ବୁଦ୍ଧ ପରବର୍ତ୍ତୀ ସମୟରେ ବିଶ୍ୱବିଦିତ ଶକ୍ତିପୀଠ ବିରଜାକ୍ଷେତ୍ରସ୍ଥ ପ୍ରସିଦ୍ଧ ବୌଦ୍ଧଧର୍ମ କ୍ଷେତ୍ର ବା ବୁଦ୍ଧ କ୍ଷେତ୍ର ଉଦୟଗିରି ଠାରେ ଆବିର୍ଭୂତ ହେବେ । ପରେ ସେ ସ୍ୱଧର୍ମ ବା ମହାଯାନ, ବୋଧିସତ୍ୱ ଯାନ ତଥା ବୌଦ୍ଧ ଧର୍ମକ୍ଷେତ୍ର ବା ବୁଦ୍ଧକ୍ଷେତ୍ର ବା ବୁଦ୍ଧପଦ୍ମସଭା କ୍ଷେତ୍ରଠାରେ ସଂଗୃହୀତ ଏକ ପ୍ରସ୍ତର ନିର୍ମିତ ଶିଳାକ୍ଷେତ୍ରରେ ଏ ବିଷୟରେ ସଠିକ୍ ପ୍ରମାଣ ମିଳେ । ଏଥିରେ ଉଲ୍ଲେଖିତ ଅଛି ଯେ ତଥାଗତ ଭଗବାନ ବୁଦ୍ଧ ଏହି ଯାଜପୁର ବା ଯଯାତି ଭୂଖଣ୍ଡରେ ମହାନିର୍ବାଣ ପ୍ରାପ୍ତ ଲାଭ କରିଥିଲେ ବା ମୋକ୍ଷ ପ୍ରାପ୍ତି କରିଥିଲେ । ଏହି ଶିଳାଲେଖାଟିରେ ମାତ୍ର ୨୭ ଧାଡି ବିଶିଷ୍ଟ ପାଲିଭାଷା ଅକ୍ଷରରେ ଲିଖିତ ।

ତେଣୁ ତଥାଗତ ବୁଦ୍ଧ ପରବର୍ତ୍ତୀ ଅବତାରଣାର ଆକଳନ ସମୟ ପ୍ରମାଣ ସିଦ୍ଧ ଏବଂ ୫୦୦ ବର୍ଷ ପରେ ସ୍ୱୟଂ ତଥାଗତ ବୁଦ୍ଧକୁ ଉଦୟଗିରି ଠାରେ ସେ ଯେଉଁ ସ୍ୱଧର୍ମ ବୌଦ୍ଧ ଧର୍ମର ପ୍ରଚାରପ୍ରସାର କରିଥିଲେ । ସେସବୁ ହେଉଛି ପରମ କାରୁଣିକ ଗୌତମ ବୁଦ୍ଧଙ୍କ ତୃତୀୟ ଧର୍ମଚକ୍ର ପର୍ଯ୍ୟାୟଭୁକ୍ତ । ସୁତରାଂ ବିରଜାକ୍ଷେତ୍ର ଯାଜପୁର ବା ଯଯାତି ନଗରସ୍ଥ ଉଦୟଗିରି ହିଁ ବୁଦ୍ଧକ୍ଷେତ୍ର ବା ବୌଦ୍ଧ ଧର୍ମର ଅନ୍ତୁଡିଶାଳ କହିଲେ ଠିକ୍ ହେବ । କାରଣ ଏହି ପବିତ୍ର ଭୂମି ଏକାଧାରରେ ପରମ କାରୁଣିକ ବୁଦ୍ଧ ଦେବଙ୍କ ସ୍ୱଧର୍ମ ମହାଯାନ ଏବଂ ତନ୍ତ୍ରୋକ୍ତ ବୌଦ୍ଧ ଧର୍ମ ମହାଯାନର କ୍ରୀଡାଭୂମି ବା ଆଦିଭୂମି ବା ଆଦ୍ୟଭୂମି ।

ଯଦିଓ ମୌଳିକତା ଦୃଷ୍ଟିକୋଣରୁ ବୌଦ୍ଧଧର୍ମ ଦର୍ଶନର ବୈଶିଷ୍ଟ୍ୟତା ହେଲା, "ସଂସାର ଓ ନିର୍ବାଣ । ତଥାପି ବିଶ୍ଳେଷଣାତ୍ମକ ଦୃଷ୍ଟିକୋଣରୁ ପ୍ରତ୍ୟୟମାନ ହୁଏ ଯେ ସଂସାର ଓ ନିର୍ବାଣ ମଧ୍ୟରେ କୌଣସି ଭୌତିକ ବା ବାସ୍ତୁବାଦ ପ୍ରଭେଦ ଥିବାର ଦୃଷ୍ଟିଗୋଚର ହୁଏ ନାହିଁ । ଅର୍ଥାତ କୌଣସି ପ୍ରଭେଦାତ୍ମକ ଗୁଣାବତ୍ତା ବୌଦ୍ଧ ଧର୍ମ ଦର୍ଶନ ଓ ନୀତିରେ ନଥିଲା । ଏଥିରେ କେବଳ ବୋଧି ବା ପ୍ରଜ୍ଞାଗତ ବା ଜ୍ଞାନଗତ ବିଶ୍ଳେଷଣ ଥିଲା । ସୁତରାଂ

ISSN NO.
2582-208X

ନିଃସନ୍ଦେହରେ କୁହାଯାଇ ପାରେ ଯେ ବୌଦ୍ଧ ଧର୍ମ ଦର୍ଶନ ଓ ନୀତିରେ ସଂସାର ଓ ନିର୍ବାଣ ବା ମୋକ୍ଷ ପାପ୍ତି ମଧ୍ୟରେ କୌଣସି ପ୍ରୟୋଗାତ୍ମକ ଭେଦ ଭାବ ଥିବାର ପରିଲକ୍ଷିତ ହୁଏ ନାହିଁ ।

ପରମ କାରୁଣିକ ତଥାଗତ ବୁଦ୍ଧଙ୍କ ଅବତାରଣାର ଅବଧି ୬ଷ୍ଠ ଶତାବ୍ଦୀରୁ ଏଯାବତ୍ ବୌଦ୍ଧ ଧର୍ମର ଅନେକ ଦର୍ଶାନିକ ଗବେଷଣା ହେବା ସତ୍ୱେ । ଏହି ଧର୍ମ ଏବେ ବି ଧରାପୃଷ୍ଠରେ ଉଜ୍ଜୀବିତ, ଏହାର ଅବସାନ ଘଟିବା ପରିବର୍ତ୍ତେ ଅନେକ ଜନସାଧାରଣ ଏହି ଧର୍ମକୁ ଆଗହର ସହ ଆପଣାଇ ନେବାକୁ କୁଣ୍ଠାବୋଧ କରୁନାହାନ୍ତି । ସମଗ୍ର ବିଶ୍ୱରେ ତଥାଗତ ବୁଦ୍ଧଙ୍କ ସ୍ୱଧର୍ମ ମହାଯାନ ଜାଜ୍ଜ୍ୱଲ୍ୟମାନ ହୋଇ  ରହିଛି । ଆଜି ବି ଅନେକ ବୌଦ୍ଧ ଧର୍ମାଲମ୍ବୀମାନେ ଅତି ନିଷ୍ଠାର ସହ ଏହି ଧର୍ମର ଦର୍ଶନତତ୍ୱକୁ ପାଳନ କରି ଆସୁଛନ୍ତି । ଆଉ ପ୍ରବର୍ତ୍ତନ କରୁଛନ୍ତି ପରମ କାରୁଣିକ ତଥାଗତ ବୁଦ୍ଧଙ୍କ ଦିବ୍ୟ ପବିତ୍ର ଭବିଷ୍ୟତବାଣୀ, ଯାହା ସଂସାରର ଚାରୋଟି ନିର୍ଭୁଲ ସତ୍ୟ ସଂଘଟିତ–

୧. ସଂସାର ଦୁଖପୂର୍ଣ୍ଣ, ୨. ଦୁଃଖର କାରଣ ଲୋଭ ଓ ମୋହ, ୩. ଦୁଃଖର ବିନାଶ ସମ୍ଭବ, ୪. ଏସବୁର ଅନୁପସ୍ଥିତି ହିଁ ମୋକ୍ଷର ମାର୍ଗ ବା ମୋକ୍ଷର ପ୍ରାପ୍ତିର କାରଣ ବା ମହାନିର୍ବାଣ ପ୍ରାପ୍ତିର କାରଣ ଏବଂ ଦୁଃଖର ମୂଳୋତ୍ପାଟନ ପାଇଁ ଅହିଂସା ଆଚରଣ ଅପରିହାର୍ଯ୍ୟ । ସୁତରାଂ ବୌଦ୍ଧ ଧର୍ମର ମୂଳମନ୍ତ୍ର ହେଲା 'ଅହିଂସା' ।

ଅତଃ କରୁଣାଶୀଳ ଗୌତମ ବୁଦ୍ଧଙ୍କ ସ୍ୱଧର୍ମ ବା ମହାଯାନ ସର୍ବ ଧର୍ମ ବା ସନାତନ ଧର୍ମର ମୂଳତତ୍ୱ ଉପରେ ଆଧାରିତ ହୋଇପାରେ ? ଭାରତବର୍ଷରେ ଅନେକାନେକ ଧର୍ମର ପ୍ରଚଳିତ ହେଲେ ସୁଦ୍ଧା ସବୁ ଧର୍ମର ମୂଳ ଉଦ୍ଦେଶ୍ୟ କେବଳ ଏକତ୍ୱ ଉପରେ ହିଁ ସନ୍ନିବେଶିତ ।

ଶେଖବଜାର (ନୀଉକଲୋନୀ)
କଟକ-୮, ମୋ- ୮୮୯୫୫୯୩୮୭୫

ISSN NO.
2582-208X

# ସ୍ରଷ୍ଟାର ଅଭିଳାଷ



ଅଳକା ମହାନ୍ତ

ମାତୃଭୂମି ଆଉ ମାତୃଭାଷା ଆମ
ଜନନୀ ସେ ସ୍ଵର୍ଗ ସମ,
ଅନନ୍ୟ ଆମର ଓଡ଼ିଆ ଭାଷା ଯେ
ଉଷା କମଳିନୀ ସମ।

ଦେଶ ବିଦେଶରେ ଟେକ ରଖିଯିବା
ମାଆ ମାତୃକାର ଲାଲ୍,
ବିଶ୍ୱ ଦରବାରେ ଶାସ୍ତ୍ରୀୟ ଭାଷାର
ଜୟକାର କରି ଚାଲ।

କିଛି ବାକି ନାହିଁ କିଛି ଦୂର ନାହିଁ
ବିଶ୍ୱ ହେଲା ସଙ୍କୁଚିତ,
ବିଜ୍ଞାନୀ ଜନ୍ମିଲେ ସୁଯୋଗ ମିଳିଲା
ସର୍ବେ ହୋଇଲେ ଏକତ୍ର।

ସଭିଙ୍କ ପାଖରେ ବାର୍ତ୍ତା ପହଞ୍ଚିଲା
ଏହି ଭାଷାର ପ୍ରୟୋଗେ,
ଆଲୋକିତ ହେଲା ଅଜ୍ଞାନ ଯାମିନୀ
ସୁଖୀ ହେଲେ କାଳ ବଳେ।

ମାତୃଭାଷା ସଦା ଅଟେ ମଧୁମୟ
ଅନ୍ୟ -ଭାଷା ଲାଗେ ଧର୍ମ-ମାଆ,
ଯେତେ ଯାହା ଭାଷା ଶିଖୁ ଥାଏ ନର
ମାତୃଭାଷା ମୂଳଦୁଆ।

ମହାନ୍ କରିଲେ ଦେଶ ମାତୃକାର
ଆପେ ହୋଇବ ମହାନ୍,
ମଗା ଜଚା ଦ୍ରବ୍ୟ ପୂର୍ଣ୍ଣ କରେନାହିଁ
ନମିଲେ ମଧ୍ୟ ସମ୍ମାନ।

କରିବା ପ୍ରତିଜ୍ଞା ଭାଷା ମହକୁମ୍ଭେ
ହୋଇ ତାର ଧରୋହର,
ପ୍ରଜ୍ୱୋଳିତ ରହୁ ସାହିତ୍ୟ ଦୀପିକା
ଏହି ଅଭିଳାଷ ସ୍ରଷ୍ଟାଙ୍କର।

ଅଧ୍ୟକ୍ଷା,
ଗୁରୁ ନାନକ ଇଂରାଜୀ ମାଧ୍ୟମ ସ୍କୁଲ
ଭୁବନେଶ୍ୱର

ISSN NO.
2582-208X

# ଶୁଭ ସୂଚନା



ଶାନ୍ତଲତା ମିଶ୍ର

ଶୁଭୁଅଛି ଦୂରୁ ମା ଆସିବାର, ଆଗମନର ସଂଗୀତ ।
ଅଧୀର ଆବେଗେ ଧରା ହୋଇ ଉଠେ ପ୍ରଫୁଲିତ ।।
ଶୀତଳ ସମିରଣ ବହିଯାଏ ଧୀରେ ଧୀରେ ।
ଆନନ୍ଦର ଗୀତ ଗାଇଚାଲେ କେତେ ଛନ୍ଦର ଲହରେ । ୧ ।।
କିଛିଦିନ ପାଇଁ ହସି ଉଠିବ ଏ ଧରା ଧାମ ।
କେତେ କା ଆଖିରୁ ଛପିଥିବା ଲୁହ ପୋଛିନେବ ।।
ଫୁଲରେ ଫୁଲରେ ଡାଳରେ ଡାଳରେ ପକ୍ଷୀର ଏ କଳରବ ।
ଭୁଲାଇ ଦେଇ ପଛ କଥା ସବୁ ଆଗକୁ ବଢାଇ ନେବ । ୨ ।।
ମା ର ଶୁଭାଶିଷ ସଦାକାଳେ ସବୁରି ଉପରେ ଥାଉ ।
ସୁନ୍ଦର ସଂସାର ସୁନ୍ଦର ପୃଥିବୀ ଏହିପରି ହସୁଥାଉ ।।
ଏଇ ବାଟ ଦେଇ ଚାଲିଗଲା ବେଳେ ମା ଟିକେ କୃପା ଦୃଷ୍ଟି ନିକ୍ଷେପିବ ।
ମାଗୁ ନାହିଁ ଅଜର ଅମର ଅକ୍ଷୟ ଆଶିର୍ବାଦ । ୩ ।।
ତୁମ ପ୍ରବେଶରେ ଦୁଃଖ ଯନ୍ତ୍ରଣା, ସବୁର ହୋଇ ଯାଉ ଅବସାନ ।
ଏତିକି ପ୍ରାର୍ଥନା, ଅନୁନୟ ରଖିବ ମାତ କରିବନି ଭୃକୁଞ୍ଚନ ।।
ଗ୍ରହଣ ହେଉ ଅଗ୍ରାହ୍ୟ ନହେଉ, ଆମ ସାଦର ଆମନ୍ତ୍ରଣ ।
ଦୋଷ ତୃଟି ହଜାରେ ଥିଲେ ବି ଆମ, ସମସ୍ତେ ତୁମ ସନ୍ତାନ । ୪ ।।
ଦେଇପାର ଶାସ୍ତି, ଅଧୀକାର ଅଛି ତୁମ, କିଛି ଅପରାଧ ଥିଲେ ।
କିନ୍ତୁ ସହିବାର ଶକ୍ତି ଲଙ୍ଘିଯିବା ପରି, ମାରିବନି ଛାଟ କେବେ ।।

ISSN NO.
2582-208X

ଆସିଛ ଯେବେ ହସେଇ ମଜେଇ କିଛି ଖୁସି ବାଣ୍ଟି ଦେଇ ଯାଅ ।
ଏମିତି ହନ୍ତସନ୍ତ ହୋଇ ବଞ୍ଚିବାକୁ, ଭାଗ୍ୟ ହାତେ ଛାଡି ନଦିଅ । ୫ ।।
ବିଦାୟ ବେଳା ଆସିଗଲେ, ତୁମେ ନିଶ୍ଚେ ଫେରି ଯିବ ।
ଅନୁରୋଧ ଆମ, କ୍ଷମା ନେତ୍ରେ, ଆମ ଦୋଷ କେବେ ନଧରିବ ।।
ପୁଣି ଆସନ୍ତା ବର୍ଷର ଅପେକ୍ଷାରେ, ଭାବୁଅଛି ଦର୍ଶନ ମିଳିବ ।
ଏଇ ଚର୍ମ ନେତ୍ର ଦେଖିବ ତୁମକୁ ଯଦି ତୁମ ଦୟା ହେବ ।।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ନେକ୍ଲେସ



ଡକ୍ଟର ମଧୁସ୍ମିତା ମିଶ୍ର

ମୂଳ ଲେଖା : ଗି ଦେମୋପାଂସାଁ
ଅନୁସୃଜନ: ଡକ୍ଟର ମଧୁସ୍ମିତା ମିଶ୍ର

ଭାଗ୍ୟ ର ବିଡମ୍ବନା ବଶତଃ ଗୋଟିଏ କିରାଣୀ ପରିବାର ରେ ତାଙ୍କପରି ସୁନ୍ଦରୀ ଓ ଆକର୍ଷଣୀୟ ଝିଅଟି ଜନ୍ମ ନେଇଥିଲେ । ସେ କୌଣସି ଯୌତୁକ ନେଇ ନ ଥିଲେ କିମ୍ବା ଏକ ଧନୀ, ପ୍ରତିଷ୍ଠିତ ବ୍ୟକ୍ତି କୁ ଭଲପାଇ ବିବାହ କରି ନିଜର ପରିଚିତି ହାସଲ କରିବାର କୌଣସି ଆକାଂକ୍ଷା ମଧ୍ୟ ତାଙ୍କର ନ ଥିଲା। ତେଣୁ ସେ ପବ୍ଲିକ ଇଂଷ୍ଟିଚ୍ୟୁସନର ଜଣେ ସାଧାରଣ କର୍ମଚାରୀଙ୍କୁ ବାହା ହୋଇଥିଲେ। ପୋଷାକ ପରିଛଦ ରେ ସେ ଅତି ସରଳ ଥିଲେ, କାରଣ ସେ ଦାମିକିଆ ପୋଷାକ ପିନ୍ଧି ପାରୁ ନ ଥିଲେ।

ଯଦିଓ ଜଣେ ନାରୀ ପାଇଁ ସାମାଜିକ ସ୍ଥିତି ରେ ଉଚ୍ଚ, ନିଚ୍ଚ ଭିତରେ କିଛି ପାର୍ଥକ୍ୟ ନ ଥାଏ, ତଥାପି ତାଙ୍କୁ ଲାଗୁଥିଲା ଯେମିତି ସେ ଏକ ଉଚ୍ଚ ପଦବୀ ରୁ ତଳକୁ ଖସି ପଡ଼ିଛନ୍ତି ଯାହା ପାଇଁ ସେ ଅସୁଖିଥିଲେ। ନାରୀମାନେ ସ୍ୱୀୟ ସୌନ୍ଦର୍ଯ୍ୟ, ଗରିମା ଓ ପ୍ରାକୃତିକ ଆକର୍ଷଣ ଦ୍ୱାରା ନିଜ ପରିବାର ଓ ଜନ୍ମ କୁ ସାର୍ଥକ କରିଥାନ୍ତି । ପ୍ରାକୃତିକ ବିନମ୍ରତା, ସ୍ୱାଭାବିକ ସିଷ୍ଟତା, ଜୀବନ୍ତ ବୁଦ୍ଧିମତା ଆଦି ଗୁଣ ସାମାଜିକ କ୍ଷେତ୍ର ରେ ପ୍ରମୁଖ ଭୂମିକା ଗ୍ରହ କରିଥାଏ ଯାହାକି ସାଧାରଣ ଘର ର ଝିଅମାନଙ୍କୁ ସର୍ବଶ୍ରେଷ୍ଠ ନାରୀଙ୍କ ସମତୁଲ କରିଥାଏ । ଜୀବନର ସମସ୍ତ ସୁଖ, ସମ୍ବଳ ଓ ଐଶ୍ୱର୍ଯ୍ୟ ରୁ ବଞ୍ଚିତ ହୋଇ ନିରନ୍ତର ଦୁଃଖ, କଷ୍ଟ ରେ ସେ ଜୀବନ ଅତିବାହିତ କରୁଥିଲେ। ସେ ଯେତେବେଳେ ଅପରିଚ୍ଛନ୍ନ ଘର ର ମଇଳା କାନ୍ଥ, ଖଣ୍ଡିଆ ଚୌକି, ଏବଂ ଅସୁନ୍ଦର ପର୍ଦ୍ଦା ଗୁଡ଼ିକ ଦେଖୁଥିଲେ ସେ ତାଙ୍କର

ISSN NO.
2582-208X

ଘର ର ଦାରିଦ୍ର୍ୟ ପ୍ରତି ସଚେତନ ହେଉଥିଲେ। ତାଙ୍କପରି ଏମିତି ପରିସ୍ଥିତି ରେ ଥିବା ଯେ କୌଣସି ନାରୀ ହୁଏତ ଏ ସବୁ ଅଣଦେଖା କରିଦେଇଥାନ୍ତେ କିନ୍ତୁ ସେ ଦୁଃଖ ଓ ଆକ୍ରୋଶ ରେ ଜର୍ଜରିତ ହେଇ ଉଠୁଥିଲେ ।

ସେହି ଗାଉଁଲି ଝିଅ ଟି ନିଜକୁ ନିରାଶା ର ଅନ୍ଧକାର ଭିତରକୁ ଠେଲି ଦେଇଥିଲ । ସମ୍ଭ୍ରାନ୍ତ ପର୍ଦ୍ଦା ଏବଂ ସୁଉଚ୍ଚପ୍ରଜ୍ୱଳିତ ଦୀପ ଝାଡନ ରେ ସୁଶୋଭିତ, ପ୍ରକୋଷ୍ଠ ର ସ୍ୱପ୍ନସେ ଦେଖୁଥିଲେ । ଯେମିତି କି ପ୍ରଜ୍ୱଳିତ ନିଆଁ ଦାଉ ରୁ ନିଜକୁ ରକ୍ଷା ପାଇବା ପାଇଁ ଦୁଇଜଣ ଲମ୍ବା ପଦରକ୍ଷି ପୁରୁଷ ଆଣ୍ଠୁମାଡ଼ି ଆରାମ ଚେୟାର ରେ ଘୁମେଇବା ଅବସ୍ଥାରେ ବସିରହିଥିବେ। ସେ ଆହୁରି ମଧ୍ୟ ସ୍ୱପ୍ନ ଦେଖୁଥିଲେ, ରକ୍ତିମ ରେଶମ ରେ ସୁଶୋଭିତ ପ୍ରକୋଷ୍ଠ, ଖୋଦେଇ ହୋଇଥିବା କ୍ୟାବିନେଟ୍ ଯେଉଁଥିରେ ଅମୂଲ୍ୟ ଐଶ୍ବର୍ଯ୍ୟ ଭରପୁର ଥିବ, ଘନିଷ୍ଠ ବନ୍ଧୁମାନଙ୍କ ସହ ଗଳ୍ପ କରିବାପାଇଁ ଅଦ୍ଭୁତ ଆକର୍ଷଣୀୟ ସୀମାରେଖା ରେ ପରିବ୍ୟାପ୍ତ ସ୍ଥାନ – ଲୋଭନୀୟ ସମ୍ଭ୍ରାନ୍ତ ପୁରୁଷ, ଯିଏ କି ସମସ୍ତ ନାରୀମାନଙ୍କର ଈର୍ଷା ଓ ଇଚ୍ଛା ର କେନ୍ଦ୍ରବିନ୍ଦୁ ସେମାନଙ୍କୁ ନେଇ ପରିପୂର୍ଣ୍ଣ ଥିବ, ଇତ୍ୟାଦି ।

ଯେଉଁଦିନ ତିନିଦିନର ପୁରୁଣା କନାରେ ଆବୃତ ଛୋଟିଆ ଟେବୁଲ୍ ଉପରେ ରାତ୍ରୀଭୋଜନ ପାଇଁ ବସି ଟେବୁଲ୍ ଆରପଟେ ବସିଥିବା ତାଙ୍କ ସ୍ୱାମୀଙ୍କୁ ଚାହୁଁଥିଲେ, ଯେତେବେଳେ କି ସେ ସୁପ୍ ର ଗିନା ରୁ ଘୋଡଣି କାଢି ଖୁସି ହେଇ ଆନନ୍ଦିତ ହେଇ କହି ଉଠିଲେ, ଓଃ ଏହି ସୁସ୍ୱାଦୁ ସୁପ, ଏହି ଖାଦ୍ୟ ଠାରୁ ଆଉ କଣ ଭଲ ହେଇପାରେ ? ସେହି ସମୟରେ ସେ ଭାବୁଥିଲେ, ରୌପ୍ୟ ଭବ୍ୟପାତ୍ର ରେ ପରସା ଯାଇଥିବା ସମ୍ଭ୍ରାନ୍ତ ଡିନର, ପୁରାତନ ଆକୃତିରେ ସୁସଜ୍ଜିତ କାନ୍ଥ, କଳ୍ପିତ ବନ୍ୟ ପକ୍ଷୀ ଭରି ରହିଥିବେ । ସେ ସ୍ୱପ୍ନ ଦେଖୁଥିଲେ ଆକର୍ଷଣୀୟ ପାତ୍ର ରେ ସୁସ୍ୱାଦୁ ଖାଦ୍ୟ ପଦାର୍ଥ, ଯେବେ ମଧୁର ମାଛ ବା ପକ୍ଷୀ ର ଡେଣା ଖାଉଥିବା ବେଳେ ଗୁଣୁଗୁଣୁ ହେଉଥିବା ରହସ୍ୟ ମୟୀ ବିରତ୍ୱ ର ଗାଥାକାନ ପାଖ ରେ ଶୁଣିବାକୁ ମିଳୁଥିବ ଆଭିଜାତ୍ୟ ସମ୍ପନ୍ନ ଲୋକମାନେ ବୁଲୁଥିବେ ଆଦି ବିଷୟରେ ସେ ସ୍ୱପ୍ନ ଦେଖୁଥିଲେ । ତାଙ୍କର ପିନ୍ଧିବା ପାଇଁ କୌଣସି ପୋଷାକ ବା ଗହଣା ନ ଥିଲା, ଯାହା ତାଙ୍କପାଇଁ କେବଳ ଉଦ୍ଦିଷ୍ଟ ଥିଲା ବୋଲି ସେ ଭାବୁଥିଲେ। ସେ ସମସ୍ତ ଙ୍କୁ ସନ୍ତୁଷ୍ଟ କରିବାକୁ, ସମସ୍ତେ ତାଙ୍କୁ ଈର୍ଷା କରନ୍ତୁ, ସେ ସମସ୍ତଙ୍କୁ ଆକର୍ଷିତ, ଚମତ୍କୃତ କରନ୍ତୁ ଏବଂ ସଭିଏଁ ତାଙ୍କୁ ଲୋଡନ୍ତୁ ବୋଲି ସେ ଚିନ୍ତା କରୁଥିଲେ। ପିଲାଦିନ କନ୍ଭେଣ୍ଟ ସ୍କୁଲ ରେ ପଢୁଥିବାବେଳେ ତାଙ୍କର ଜଣେ ଧନୀ ସାଙ୍ଗ କୁ ସେ ଭେଟିବାକୁ ଚାହୁଁ ନ ଥିଲେ, କାହିଁକି ନା

ISSN NO.
2582-208X

ତାଙ୍କ ପାଇଁ ସେ ବହୁତ୍ ଦୁଃଖ ପାଇଥିଲେ ଯେତେବେଳେ ସେହି ସାଙ୍ଗ ଥରେ ତା ଘରକୁ ଆସିଥିଲା । ତିକ୍ତତା ଓ ନୈରାଶ୍ୟଜନକ ଯନ୍ତ୍ରଣା ରେ ସେ ସେହିଦିନ ତକ ବହୁତ୍ ଛଟପଟ ହୋଇଥିଲେ ।

ଦିନେ ସନ୍ଧ୍ୟା ବେଳେ ତାଙ୍କ ସ୍ଵାମୀ ବିରଦର୍ପରେ ହାତରେ ଗୋଟିଏ ବଡ଼ ଲଫାପା ଧରି ଘରେ ଆସି ପହଁଚିଲେ । ଲଫାପା ଟି ଦେଖାଇ କହିଲେ, "ଏଥିରେ ତୁମ ପାଇଁ କିଛି ଅଛି" । ସେ ତୁରନ୍ତ ଲଫାପା ଟି ଚିରି ତା ଭିତରୁ ଗୋଟିଏ ସୁନ୍ଦର ଭାବରେ ଛପା ହେଇଥିବା କାର୍ଡ ବାହାର କରି ଆଣିଲେ, ଯେଉଁଥିରେ ଲେଖା ହେଇଥିଲା -"ପବ୍ଲିକ ଇନଷ୍ଟିଚ୍ୟୁସନ ବିଭାଗର ସମ୍ମାନନୀୟ ମନ୍ତ୍ରୀ ଶ୍ରୀ ଜର୍ଜ ରମ୍ପୌନୁ ଜାନୁଆରୀ ୧୮, ସୋମବାର ସନ୍ଧ୍ୟା ବେଳେ ମାଡ଼ାମ୍ ଓ ସାର୍ ଲୋଇସେଲଙ୍କୁ ମନ୍ତ୍ରୀ ଙ୍କ ପ୍ରସାଦ ରେ ଭବ୍ୟ ନିମନ୍ତ୍ରଣ କରାଯାଉଛି” ।

ସ୍ଵାମୀଙ୍କ ଆଶାନୁରୂପ ଖୁସି ହେବା ବଦଳରେ ସେ ଟେବୁଲ୍ ଉପରେ ତିରସ୍କାର ସହ ନିମନ୍ତ୍ରଣ ପତ୍ର ଟି ଫୋପାଡି ଦେଇ ଗୁଣୁଗୁଣୁ ହେଇ କହିଲେ, "ମୁଁ ଏହା ସହ କଣ କରିବି ବୋଲି ତୁମେ ଭାବୁଛ ?"

"କାହିଁକି ପ୍ରିୟେ, ମୁଁ ଭାବିଲି ତୁମେ ଖୁସି ହେବ । ତୁମେ କେବେ ବି କୁଆଡେ ବାହାରକୁ ଯାଇ ପାରୁ , ଏଇଟା ଗୋଟିଏ ବଡ଼ ସୁଯୋଗ’ । ଏହି ଭୋଜି ରେ ଆମେ ଦୁହେଁ ଯୋଗ ଦେବା ପାଇଁ ଏହି ନିମନ୍ତ୍ରଣପତ୍ର ପାଇବା ପାଇଁ ମୋତେ ବହୁକଷ୍ଟ କରିବାକୁ ପଡ଼ିଛି ।

ସେ କହିଲେ, ତୁମେ କେବେ ଭାବିଛ କି ଏହି ପାର୍ଟି ରେ ମୁଁ କଣ ପୋଷାକ ପିନ୍ଧିକି ଯିବି ।...

ତା ସ୍ଵାମୀ ଏ ବିଷୟ ରେ ଚିନ୍ତା କରି ନ ଥିଲେ। ତାଙ୍କ ପାଟି ଖନି ମାରିଗଲା । କାହିଁ ତୁମେ ଥେଟର ଯୋଉଜାମା ଟା ପିନ୍ଧି କି ଯାଅ, ସେଇଟା ମୋ ମତରେ ଠିକ୍ ରହିବ।

ସେ ସ୍ତ୍ରୀ କୁ ହଠାତ୍ କାନ୍ଦିବାର ଦେଖି ଚିନ୍ତିତ ହେଇ ରହିଗଲେ। ଦୁଇ ଧାର ଲୁହ ଓଠ କଡ ଦେଇ ସ୍ତ୍ରୀ ଙ୍କ ଆଖିକୋଣ ରୁ ବହିଗଲା । ସେ ପ୍ରକମ୍ପିତ ହେଇ ପଚାରିଲେ, କଣ ହେଲା ? କଣ ହେଇଛି ?

ବହୁ କଷ୍ଟରେ ନିଜ ଓଦା ଗାଲ କୁ ପୋଛି ଦେଇ ନିଜକୁ ସମ୍ଭାଳି ନେଇ ଧିର, ସ୍ଥିର ଓ ଶାନ୍ତ ସ୍ଵର ରେ କହିଲେ, କିଛି ନାହିଁ, କିଛି ହେଇନି । ମୁଁ ଏହି ବଲ ପାର୍ଟି କୁ ଯାଇପାରିବିନି, ବରଂ ତୁମେ ଏହି ନିମନ୍ତ୍ରଣ ପତ୍ର ଆଉ କେଉଁ ସାଙ୍ଗ ଯାହାଙ୍କ ସ୍ତ୍ରୀ ଙ୍କ ପାଖ ରେ ମୋ ଠାରୁ

ISSN NO.
2582-208X

ଢେର୍ ସୁନ୍ଦର ବସ୍ତ୍ର ପିନ୍ଧିବାପାଇଁ ଅଛି ତାଙ୍କୁ ଦେଇଦିଅ । ତାଙ୍କ ସ୍ୱାମୀ ଲୋଇସେଲ୍ ନିରାଶ ହୋଇଗଲେ ।

"ସେ କଥା ବୁଝିବା, ହେ ବିରାଙ୍ଗନା ।" ଏକ ଯୋଗ୍ୟ ସରଳ ସୁନ୍ଦର ପୋଷାକ ଯାହାକି ତୁମେ ଭବିଷ୍ୟତ ରେ ଅନ୍ୟ ଉତ୍ସବମାନଙ୍କରେ ପିନ୍ଧି ପାରିବ କେତେ ଦାମ୍ ରେ ମିଳିବ ? "

ସେ କିଛି ସମୟ ପାଇଁ ପୋଷାକ ର ମୂଲ୍ୟ ବିଷୟରେ ଭାବିବାକୁ ଲାଗିଲେ ଏବଂ ସଙ୍ଗେ ସଙ୍ଗେ ମନା ନ କରି ସେ କେତେ ଟଙ୍କା ବା ସାଧାରଣ କର୍ମଚାରୀ କୁ ଆଶ୍ଚର୍ଯ୍ୟାନ୍ୱିତ କରେଇ ଦେବା ପରି କହି ପାରିବେ  ଇତ୍ୟାଦି ବିଷୟ ରେ ଚିନ୍ତା କଲେ ।

ପରିଶେଷ ରେ ଦ୍ୱିଧାଜଡ଼ିତ ସ୍ୱରରେ କହିଲେ "ମୁଁ ତ ଠିକ୍ ଭାବରେ କହି ପାରିବିନି ତଥାପି ଚାରିଶହ ଫ୍ରାଙ୍କ ରେ ମୁଁ ଚଳାଇ ନେବି ।""

ତାଙ୍କ ସ୍ୱାମୀଙ୍କ ମୁହଁ ଶୁଖିଗଲା ।  ନାନ୍ତେରେ ନାମକ ଏକ ଜଙ୍ଗଲ ଯେଉଁଠାକୁ ତାଙ୍କ ସାଙ୍ଗମାନେ ରବିବାରରେ ଲାର୍କ ଶିକାର କରିବାକୁ ଯାଇଥିଲେ, ସେଠାକୁ ଆସନ୍ତା ଖରା ଦିନେ ଯାଇ କିଛି ଶିକାରର ମଜା ନେବା ପାଇଁ ଗୋଟିଏ ବନ୍ଧୁକ କିଣିବାପାଇଁ କେବଳ ସେତିକି ଅର୍ଥ ରାଶି  ସଞ୍ଚୟ କରି ଚାଲିଥିଲେ।

ତାପରେ ସେ କହିଲେ, "ହଉ ଠିକ୍ ଅଛି ମୁଁ ତୁମକୁ ଚାରିଶହ ଫ୍ରାଙ୍କ ଦେବି, କିନ୍ତୁ ଦେଖିବ ଯେମିତିକି ଗୋଟିଏ ରୁଚିପୂର୍ଣ୍ଣ ପୋଷାକ କିଣିବ'।

ବଲ ପାର୍ଟି ପାଖେଇ ଆସୁଥିଲା ଏବଂ ମ୍ୟାଡାମ୍ ମେଶ୍ଲୀବଡ ଉତ୍କଣ୍ଠିତ, ଦୁଃଖୀ ତଥା ଅସୁଖି ମନେ ହେଉଥିଲେ।

"କଣ ହେଇଛି , ଗତ ତିନିଦିନ ଧରି ତୁମେ ବଡ ଅଦ୍ଭୁତ ମନେ ହେଉଛ, କଥା କଣ ?"

"ମୋର କୌଣସି ଗହଣା ନାହିଁ, ଗୋଟିଏ ହେଲେ ପଥର ମଧ୍ୟ ପିନ୍ଧିବାକୁ ନାହିଁ । ମୁଁ ଅଳଙ୍କାର ନ ପିନ୍ଧି ଡାହାଣୀ ପରି ଦେଖାଯିବି। ଅପେକ୍ଷା ବରଂ ଏହି ପାର୍ଟି କୁ ନ ଯିବା ଭଲ."

ତାଙ୍କ ସ୍ୱାମୀ କହିଲେ, ତୁମେ ପ୍ରାକୃତିକ ଫୁଲ ପିନ୍ଧି ପାର। ଦଶ ଫ୍ରାଙ୍କ ରେ ତୁମେ ଦୁଇଟି ବା ତିନୋଟି ଚମତ୍କାର ଗୋଲାପ ଫୁଲ କିଣି ପାରିବ"

ISSN NO.
2582-208X

"ନାହିଁ ନାହିଁ, ସମ୍ଭ୍ରାନ୍ତ ନାରୀମାନଙ୍କ ଗହଣରେ ଦରିଦ୍ର ଦେଖାଯିବାଠାରୁ ଆସମ୍ମାନଜନକ ଆଉ କିଛି ନାହିଁ"

"ଆରେ ତୁମ ଠାରୁ ବୋକୀ ସ୍ତ୍ରୀଲୋକ ଆଉ କେହି ନାହିଁ ।

ମ୍ୟାଡାମ୍ ଫରେଷ୍ଟର, ଯିଏକି ତୁମର ଘନିଷ୍ଠ ବାନ୍ଧବୀ ତୁମେ ତାଙ୍କ ପାଖକୁ ଯାଅ ଆଉ ତୁମକୁ କିଛି ଗହଣା ଧାର୍ ଦେବାକୁ ତାଙ୍କ କୁହ।"

ସେ ଆନନ୍ଦରେ ଚିତ୍କାର କରି ଉଠିଲେ, "ଆରେ ସତ କଥା ତ ମୁଁ ଏ କଥା ଭାବି ନ ଥିଲି।"

ତା ପର ଦିନ ସେ ସେହି ସାଙ୍ଗ ଙ୍କ ଘର କୁ ଯାଇ ନିଜ ଅସୁବିଧା କଥା କହିଲେ।

ମାଡାମ୍ ଫରେଷ୍ଟର ତାଙ୍କ ମନୋରମ ଓ୍ୱାର୍ଡ୍ରୋବ୍ ପାଖକୁ ଗଲେ ଓ ଗୋଟିଏ ବିରାଟ ବାକ୍ସ କାଢିକି ଆଣିଲେ, ଖୋଲିଲେ ଏବଂ ମ୍ୟାଡାମ୍ ମ୍ଲେଶ୍ଲୀଙ୍କୁ କହିଲେ, "ହଉ ଏଥିରୁ ତୁମର କଣ ଦରକାର୍।

ସେ ପ୍ରଥମ ଥର ପାଇଁ କିଛି ବ୍ରେଶ୍ଲେଟ୍, କରୁକାର୍ଯ୍ୟଭରା ମୂଲ୍ୟବାନ ଅଳଙ୍କାର, ଭେନେଶିଆଁନ କ୍ରସ ଦେଖିଲେ । ସେ ସେହି ଗହଣା ଗୁଡ଼ିକ ଦର୍ପଣ ଆଗରେ ଠିଆ ହେଇ ପିନ୍ଧି କି ଦେଖିଲେ, କୁଣ୍ଠାବୋଧ କଲେ, ନିଜ ମନକୁ ବୁଝାଇ ପାରିଲେନି ସେ ସେହି ଗହଣା ଗୁଡ଼ିକ ନେଇ ପାରିବେନି ବରଂ ସେଗୁଡିକ ଛାଡ଼ିକି ଯିବାକୁ ପଡିବ। ସେ ପଚାରିବା ରେ ଲାଗିଲେ, "ତୁମର ଆଉ କିଛି ନାହିଁ ? "

"ହଁ ଅଛି ଦେଖ, ମୁଁ ଜାଣିନି ତୁମକୁ କୋଉଟା ପସନ୍ଦ ଆସିବ."

ହଠାତ୍ ଗୋଟିଏ ସାଟିନ୍ ବାକ୍ସରେ ଗୋଟିଏ ଦୁର୍ମୂଲ୍ୟ ହୀରା ର ନେକ୍ଲେସ୍ ଦେଖିବାକୁ ପାଇଲେ।.

ତାଙ୍କ ହୃଦୟ ଓ ହାତ ଅପ୍ରମିତ ଇଚ୍ଛାରେ ଆନ୍ଦୋଳିତ ହୋଇ ଉଠୁଥିଲା। ସେ ନେକ୍ଲେଶଟିକୁ ଟାଇଟ୍ କରି ସୁଉଚ୍ଚ ଗଳା ବନ୍ଧା ପୋଷାକ ର ନିଜ ଗଳା ଚାରିପଟେ ବାନ୍ଧିଲେ। ସେ ଆଇନାରେ ନିଜକୁ ଦେଖି ଅତିଶୟ ଆନନ୍ଦ ରେ ଅଧୀର ହୋଇଉଠିଲେ।ତାପରେ ଉତ୍କଣ୍ଠିତ ସ୍ୱରରେ ଦ୍ୱିଧାଜଡ଼ିତ ହେଇ ସେ ପଚାରିଲେ, ମୋତେ ତୁମେ ଏହି ଗୋଟିକ ଧାର ଦେଇ ପାରିବକି ?----- କେବଳ ଏହି ନେକ୍ଲେସ୍ ଟି ?

ISSN NO.
2582-208X

"କାହିଁକି, ହଁ ନିଶ୍ଚୟ"

ସେ ତାଙ୍କ ବାନ୍ଧବୀ ମାଡାମ୍ ଫରେଷ୍ଟରଙ୍କ ଗଳାରେ ଓହଳି ପଡ଼ି ତାଙ୍କୁ ଜୋର୍ ରେ ଜାବୁଡ଼ି ଧରିଲେ ଓ  ଧରିଥିବା ଗହଣା ସହିତ ସେଠାରୁ ଚଂପଟ ମାରିଲେ।

ଶେଷରେ ସେହି ନିର୍ଦ୍ଦିଷ୍ଟ ବଲ ପାର୍ଟି ଦିନ ଟି ଆସିଲା। ମାଡାମ୍ ସମସ୍ତଙ୍କଠାରୁ ସବୁଠାରୁ ସୁନ୍ଦର, ଭବ୍ୟ, ଆକର୍ଷଣୀୟ, ସହାସ୍ୟ ତଥା ଲାବଣ୍ୟମୟୀ ଦିଶୁଥିଲେ। ଉପସ୍ଥିତ ସମସ୍ତ ଭଦ୍ରବ୍ୟକ୍ତି ତାଙ୍କ ନାଁ ପଚାରି ତାଙ୍କ  ସହ କଥା ହେବାକୁ ଚାହିଁଲେ । ସବୁ କ୍ୟାବିନେଟ୍ ପଦବିଧାରୀ ଅଫିସରମାନେ ତାଙ୍କ ସହ ନାଚିବାକୁ ଆଗଭର ହେଲେ। ସେ ନିଶାରେ ମଶଗୁଲ ହେଇ ଆନନ୍ଦାତୀସଜ୍ୟ ରେ ବିଭୋର ହେଇନାଚିବାକୁ ଲାଗିଲେ ।

ସେ ପ୍ରାୟ ଭୋଟ ଚାରିଟା ବେଳକୁ ଫେରିଲେ। ତାଙ୍କ ସ୍ୱାମୀ ମଧ୍ୟରାତ୍ରିରୁ ତାଙ୍କର ତିନିଜଣ ସହକର୍ମୀ ଯେଉଁମାନଙ୍କ ସ୍ତ୍ରୀମାନେ ପାର୍ଟିରେ ମଜା ନେଉଥିଲେ ସେମାନଙ୍କ ସହ କେଉଁ ଏକ କୋଠରୀରେ  ଶୋଇପଡ଼ିଥିଲେ। ସେ ନିଜ  ର  ଓଢଣି ଯାହାକି ସାଧାରଣ ମଣିଷ ପାଇଁ ବହୁତ ଦାମିକିଆ ଥିଲା, କାହିଁକି ନା ବଲରୁମ୍ ର ଗାଧୁଆଘର ବି ତାଙ୍କ ଦାରିଦ୍ର୍ୟ କୁ ଉପହାସ କରୁଥିଲା। ଅନ୍ୟ ସମ୍ଭ୍ରାନ୍ତ ମହିଳାମାନେ ଯେଉଁମାନେ ବହୁତ ଦାମିକିଆ ଫର୍ କୋର୍ଟ ପିନ୍ଧିଥିବା ସେମାନେ ତାଙ୍କୁ ନ ଦେଖନ୍ତୁ ବୋଲି ଭାବି ଶୀଘ୍ର ଶୀଘ୍ର ଚାଲିଯିବାକୁ ଚେଷ୍ଟା କଲେ।

ସ୍ୱାମୀ ଲୋଇସେଲ୍, ତାଙ୍କୁ ଧରିଲେ, କହିଲେ, "ଏଠାରେ ଅପେକ୍ଷା କର। ବାହାରେ ଏତେ ଥଣ୍ଡା ହେଉଛି ଯେ ତୁମ ଦେହ ଖରାପ ହେଇଯିବ। ମୁଁ ଯାଉଛି ଗୋଟିଏ କ୍ୟାବ ଦେଖେ। "

ସେ ତାଙ୍କୁ ନ ଶୁଣି ଧପଧପ୍ ହେଇ ଶୀତରେ ଥରି ଥରି ସିଡି ରେ ଓହ୍ଲାଇଲେ। ଯେତେବେଳେ ସେମାନେ ଗଳି ଶେଷ ମୁଣ୍ଡ ରେ ପହଁଚିଲେ, ସେମାନେ କୌଣସି ଗାଡ଼ି ପାଇଲେନି। ଦୂରରେ ଯାଉଥିବା ଟ୍ୟାକ୍ସି ଚାଳକମାନଙ୍କୁ ଚିତ୍କାର କରି ଡାକି ଚାଲିଥିଲେ।

ପ୍ରବଳ ଥଣ୍ଡାରେ ଥରି ଥରି ହତାଶ ହେଇ ସେମାନେ ଚାଲିବାକୁ ଆରମ୍ଭ କଲେ। ରୁଡ଼ିସମାର୍ଟାୟରସ୍ ରେ ପହଞ୍ଚି ସେମାନେ ନିଜ ଆପାର୍ଟମେଣ୍ଟ ର ପାହାଚ ଚଢ଼ିବାକୁ ଯାଉଥିଲେ। ସବୁ ସରିଯାଇଥିଲା। ଆଉ ସ୍ୱାମୀ ଲୋଇସେଲ୍ ଆସନ୍ତା କାଲି ଅଫିସରେ ସକାଳ ଦଶଟା ସୁଦ୍ଧା ପହଞ୍ଚିବେ ବୋଲି ଭାବୁଥିଲେ ।

ISSN NO.
2582-208X

ଲେଶ୍ଲି ଯେତେବେଳେ ନିଜ ଓଢଣି କାଢି ନିଜକୁ ଦର୍ପଣ ରେ ଦେଖିବାକୁ ଲାଗିଲେ, ସେ ନିଜ ଗଳାରେ ନେକ୍ଲେସ୍ ଟି ଦେଖିବାକୁ ପାଇଲେନି। ସେ ଚିତ୍କାର କରି କାନ୍ଦିବାକୁ ଲାଗିଲେ ।

ପୋଷାକ ଅଧା କାଢିଥିବା ଅବସ୍ଥା ରେ ତାଙ୍କ ସ୍ୱାମୀ ଆଶ୍ଚର୍ଯ୍ୟ ହେଇ ପଚାରିଲେ, "ଆରେ କଣ ହେଲା ?" ସେ ପାଗଳ ପ୍ରାୟ ସ୍ୱାମୀଙ୍କ ଆଡ଼କୁ ଚାହିଁ କହିଲେ,

ମୁଁ ........ମୁଁ......... ସେହି ନେକ୍ଲେସ୍ ଟି ହଜାଇ ଦେଇଛି । ତାହା ମୋ ପାଖ ରେ ନାହିଁ।

"କଣ .... କେମିତି..... ଏହା ଅସମ୍ଭବ,"

ସେମାନେ ତାଙ୍କ ପିନ୍ଧିଥିବା ପୋଷାକ ର ଭାଙ୍ଗ, ପକେଟ୍ସ ଆଉ କୋର୍ଟ ସବୁ ଜାଗା ବାରମ୍ବାର ଖୋଜିଲେ, ସେମାନେ ତାର ଚିହ୍ନବର୍ଣ୍ଣ କେଉଁଠାରେ ବି ପାଇଲେ ନି।

ସେ ପଚାରିଲେ, _ ତୁମେ କଣ ସ୍ଥିର ନିଶ୍ଚିତ ଯେ ନାଚିଲା ବେଳେ ସେଇଟା ତୁମ ଗଳାରେ ଥିଲା ? "

"ହଁ ମୁଁ ରାଜ ପ୍ରାସାଦ ରେ ପହଞ୍ଚିବା ପରେ ତାହା ଦେଖିବା ପରି ମନେ ହେଉଛି"

ଯଦି ରାସ୍ତାରେ ହଜିଥାନ୍ତା, ତେବେ ର ପଡ଼ିବାବେଳେ ଆମେ ସେ ଶବ୍ଦ ଗାଡ଼ି ଭିତରେ ଶୁଣି ପାରିଥାନ୍ତେ । ହୁଏତ ତା ସମ୍ଭବ।

ତୁମେ ସେ ଗାଡ଼ିବାଲା ର ନମ୍ବର ରଖିଛ କି ?

ନା

ତୁମେ ଲକ୍ଷ କରିଛ କି ?

ନା

ଉଭୟ ବିଷାଦ ଗ୍ରସ୍ତ ହୋଇ ପରସ୍ପର କୁ ଚାହିଁଲେ।

ଲୋଇସେଲ୍, ପୁଣି ବାହାରକୁ ଯିବା ପାଇଁ ପୋଷାକ ପିନ୍ଧିଲେ। କହିଲେ, ମୁଁ ଯାଉଛି, ଆମ ଆସିବା ରାସ୍ତାର ପ୍ରତ୍ୟେକ ସ୍ଥାନ ଖୋଜିବି, ଦେଖିବା ଯଦି ମିଳି ଯାଇପାରେ ।

ISSN NO.
2582-208X

ସ୍ୱାମୀ ଯିବା ପରେ ମାଡାମ୍ ମେସ୍ଲି ପୋଷାକ ନ ବଦଳାଇ ବସି ରହିଲେ, ସ୍ୱାମୀ ପ୍ରାୟ ସାତ ଟା ବେଳକୁ ଫେରିଲେ କିନ୍ତୁ କିଛି ପାଇଲେନାହିଁ ।

ସନ୍ଦେହ ମୋଚନ ପାଇଁ ସେ ପୋଲିସ ରେ ଏତଲା ଦେଲେ, ଖବରକାଗଜରେ ପୁରସ୍କାର ରାଶି ଦେବା ପାଇଁ ବିଜ୍ଞାପନ ଦେଲେ। ଟ୍ୟାକ୍ସି ଯୋଗାଉଥିବା ସଂସ୍ଥା ପାଖକୁ ମଧ୍ୟ ଗଲେ। ସ୍ତ୍ରୀ ଙ୍କ ମୁଣ୍ଡରେ କିଛି ପଶୁ ନ ଥିଲା । ସେ କେବଳ ଏହି ଅପ୍ରତ୍ୟାଶିତ ଘଟଣା ବିଷୟରେ ଚିନ୍ତା କରୁଥିଲେ । ଲୋଇସେଲ୍ ସମସ୍ତ ଚେଷ୍ଟା ରେ ବିଫଳ ହେଲେ ଆଉ କହିଲେ, ତୁମେ ତୁମ ସାଙ୍ଗକୁ ଲେଖିଦିଅ, ନେକ୍ଲେସ ର ହୁକ୍ ଭାଙ୍ଗିଯାଇଛି, ଆମେ ମରା ମତି ପାଇଁ ଦେଇଛୁ। ତାହେଲେ ଆମକୁ କିଛି ସମୟ ମିଳିଯିବ, ସ୍ତ୍ରୀ ସେହି କଥା ଲେଖି ଦେଲେ।

ସପ୍ତାହକ ପରେ ସେମାନେ ସବୁ ଆଶା ଛାଡ଼ିଦେଇଥିଲେ । ଲୋଇସେଲ୍ ଙ୍କ ବୟସ ପାଞ୍ଚ ବର୍ଷ ବଢ଼ିଯିବା ପରି ଲାଗୁଥିଲା। ସେମାନେ ଠିକ୍ କଲେ, ଚାଲ ଏମିତି ଆଉ ଗୋଟିଏ ଗହଣା କିଣି ଦେବା। ଦୋକାନ ର ନାଁ ବାକ୍ସ ରୁ ଦେଖି ସେମାନେ ସେଠାରେ ପହଁଚିଲେ। ଦୋକାନୀ କହିଲା, ମୁଁ ନେକ୍ଲେସ୍ ବିକିନି। କେବଳ ଏହି ବାକ୍ସଟି ଦେଇଥିଲି। ସେମାନେ ଅନେକ ଗହଣା ଦୋକାନ ରେ ଖୋଜିଲେ, ହେଲେ ସେହିପରି ଗହଣା ପାଇଲେ ନାହିଁ। ଶେଷରେ ପଲାଇସ ରୟାଲ ଠାରେ ଗୋଟିଏ ହୀରା ଦୋକାନରେ ଏକା ଭଳି ଗହଣା ପାଇଲେ। ଦୋକାନୀ ଚାଳିଶି ହଜାର ଫ୍ରାଙ୍କ କହିଲା, ସେମାନେ ଶେଷରେ ଛତିଶ ହଜାର ଫ୍ରାଙ୍କ ଦେଇ ନେବା ପାଇଁ ଦୋକାନୀ ସହ କଥା ହେଲେ ଓ କହିଲେ, ତିନିଦିନ ରଖ, ଆମେ ଆସି ଏତିକି ମୂଲ୍ୟ ଦେଇ ନେବୁ ଆଉ ଫେବୃଆରୀ ମାସ ପୂର୍ବରୁ ଯଦି ଆମ ଗହଣା ଟି ମିଳିଯାଏ ତେବେ ଦୁଇ ହଜାର କମ୍ କରି ଚଉତିରିସ ହଜାର ଫ୍ରାଙ୍କ ଦେଲେ ଏହି ଗହଣା ଟି ଫେରେଇ ନେବା କୁ ଅନୁରୋଧ କଲେ। ଲୋଇସେଲ୍ ଙ୍କ ପାଖ ରେ ବାପା ଦେଇଥିବା ଅଠର ହଜାର ଫ୍ରାଙ୍କ ଥିଲା । ଆଉ ସେତିକି ଉଧାର ନେବାକୁ ହେବ । ଅନେକ ଲୋକଙ୍କ ଠାରୁ କିଛି କିଛି ଫ୍ରାଙ୍କ ଧାର ନେଲେ।

ସେଥିପାଇଁ ବହୁ କାଗଜପତ୍ର ଦସ୍ତଖତ କରିବାକୁ ହେଲା କିନ୍ତୁ କେବେ ଓ କେମିତି ଶୁଝିବେ ସେ କଥା ଭାବି ପାରୁ ନ ଥିଲେ। ମୂଲ୍ୟ ଦେଇ ଦୋକନୀ ଠାରୁ ନେକ୍ଲେସ ଟି ଆଣିଲେ।

ISSN NO.
2582-208X

ମାଡାମ୍ ମେସ୍ଲି ଗହଣାଟି ନେଇ ମାଡାମ୍ ଫରେଷ୍ଟର ଙ୍କୁ ଫେରେଇବାକୁ ଗଲେ। ସେ ଉଦାସୀନ ଭାବରେ କହିଲେ, ଟିକିଏ ଆଗରୁ ଫେରେଇଥିଲେ, ହୁଏତ ଏହା ମୋ କାମରେ ଲାଗିଥାନ୍ତା। ସେ ଗହଣା ବାକ୍ସଟି ଖୋଲିଲେ ନାହିଁ ମଧ୍ୟ।

ଲେସ୍ଲି ମନେ ମନେ ଆସ୍ୱସ୍ଥ ହେଲେ ଯେ ସେ ରକ୍ଷା ପାଇଗଲେ। ଏହି ଅନ୍ୟ ଗହନାଟିଦେଖି ବାନ୍ଧ ବୀ କଣ ଭାବିଥାନ୍ତେ।

ମାଡାମ୍ ମେସ୍ଲି ବର୍ତ୍ତମାନ ଗୋଟିଏ ଗରିବ ଲୋକ ର ଜୀବନ କେତେ ଯେ କଷ୍ଟକର ତା ବୁଝିପାରିଲେ। ଅଧିକନ୍ତୁ ସେ ବେଶ୍ ବିରତ୍ୱର ସହିତ ନିଜ ଭୂମିକା ନିର୍ବାହ କରିବାକୁ ଲାଗିଲେ। ସେମାନଙ୍କୁ କରିଥିବା ଋଣ ଶୁଝିବାକୁ ପଡିବ। ସେମାନେ ରହୁଥିବା ଆପାର୍ଟମେଣ୍ଟ ବିକିଦେଇ ଗୋଟିଏ ଭଡ଼ା ଘର କୁ ଚାଲି ଆସିଲେ ଓ କାମବାଲୀ କୁ ମଧ୍ୟ ବିଦା କରିଦେଲେ। ସେ ରୋଷେଇ ଘର ର ସଜଡ଼ାସଜଡି ସାଙ୍ଗକୁ ଘରକାମର ଝିଂଝଟ ଏବେ ବୁଝିପାରିଲେ। ତେଲିଆ ବାସନ ଓ ଚା ସସ୍ପ୍ୟାନଆଦି ବାସନ ସବୁ ସେ ନିଜ ଗୋଲାପି ରଙ୍ଗରେ ରଙ୍ଗାୟିତ ନଖ ଥିବା ହାତରେ ଘଷି ଘଷି ସଫା କଲେ।

ସେ ମଇଳା ଲୁଗା, ସାର୍ଟ, ରୋଷେଇଘର କନା ସବୁ ହାତରେ ଧୋଇବା ଅଭ୍ୟାସ କଲେ, ଘର ର ଆବର୍ଜନା ସବୁ ପ୍ରତିଦିନ ସକାଳେ ଗଳି କୁ ସିଡ଼ିରେ ଓହ୍ଲାଇ ନେଲେ, ତଳୁ ପ୍ରତିଟି ମୋଡାଣି ରେ ରହି ରହି ପାହାଚରେ ପାଣି ନିଜେ ଉଠାଇକି ନେଲେ। ସାଧାରଣ ଘରଣି ପରି ଲୁଗା ପିନ୍ଧିଲେ, ମାଂସ ଦୋକାନୀ, ସଉଦା ଦୋକାନୀ ପାଖକୁ ଯାଇ ମୂଲଚାଲ କରି ବ୍ୟାଗ୍ ରେ ସବୁ କିଣାକିଣି କରି ଧରିକି ଆସିଲେ। ପ୍ରତି ମାସରେ ସେମାନେ କିଛି କିଛି ଧାର୍ ଶୁଝିଲେ ଆଉ ଯୋଉମାନଙ୍କୁ ଶୁଝି ନ ପାରିଲେ ସେମାନଙ୍କ ଠାରୁ ଟିକିଏ ଅଧିକା ସମୟ ମାଗିଲେ । ଲୋଇସେଲ୍ ପ୍ରତି ସନ୍ଧ୍ୟାରେ କିଛି ବ୍ୟବସାୟୀଙ୍କ ପାଇଁ ହିସାବପତ୍ର ଆଦି କରି ଓ ଅନ୍ୟାନ୍ୟ ଲେଖା ପଢା କାମ କରି ଚାଲିଲେ। ଏମିତିଁ ଜୀବନ ଶୈଳୀ ଦଶ ବର୍ଷ ଚାଲିଲା। ସବୁ ଧାର ଓ ଶୁଧ ଶୁଝିଦେଲେ। ସ୍ତ୍ରୀ ଅଧିକ ବୟସ୍କ ଦେଖା ଯାଉଥିଲେ ।

ମାଡାମ୍ ମେସ୍ଲି ଗହଣା ହଜିବା ଦିନ କଥାଟି ଭୁଲି ପାରି ନ ଥିଲେ। ଯଦି ତାହା ହଜିବା ନ ଥାନ୍ତା ଜୀବନ ଏମିତି ହୋଇ ନ ଥାନ୍ତା ।

ସେଦିନ ଥାଏ ରବିବାର। ପ୍ରାତଃ ଭ୍ରମଣ ସମୟରେ ସେ ମାଡାମ୍ ଫରେଷ୍ଟର ଙ୍କୁ ଦେଖିଲେ, ଯିଏ କି ଯୁବସୁଲଭ ଓ ସୁନ୍ଦର୍ ଥିଲେ। ତାଙ୍କ ସାଙ୍ଗରେ ଛୋଟ ପିଲାଟିଏ ଥିଲା। ଭାବିଲେ,

ISSN NO.
2582-208X

ଏବେ ତ ସବୁ ସରିଲାଣି, ତାଙ୍କୁ ସବୁ କଥା କହିଦେବିକି ? ସେ ତାଙ୍କୁ କହିଲେ, ସୁପ୍ରଭାତ । ଉତ୍ତର ମିଳିଲା, ମୁଁ ଆପଣଙ୍କୁ ଚିହ୍ନି ପାରୁନି। ବୋଧହୁଏ ଭୁଲରେ ମୋତେ ଆଉ କିଏ ବୋଲି ଭାବୁଛନ୍ତି। ସେ କହିଲେ, ମୁଁ ମାଡାମ୍ ମେସ୍ଲି ।

ଉତ୍ତର ପାଇଲେ, ଆରେ ତୁମେ କେତେ ବଦଳି ଯାଇଛ ? ଚିହ୍ନି ହେଉନି। ସାମାନ୍ୟ ବିରକ୍ତିଭାବ ସହିତ ଲେସ୍ଲି କହିଲେ, ସବୁ ତୁମରି ପାଇଁ -------- ମୋ ପାଇଁ ? କେମିତି ?

ମନେ ପକାଅ ଅନେକ ବର୍ଷ ତଳେ ମନ୍ତ୍ରୀଙ୍କ ପାର୍ଟିରେ ତୁମେ ମୋତେ ହୀରା ର ନେକ୍ଲେସ୍ ପିନ୍ଧିବାକୁ ଦେଇଥିଲ ----- ଆଚ୍ଛା ତାପରେ କଣ ହେଲା ?

--- ମୁଁ ତାହା ହଜାଇ ଦେଇଥିଲି

--- କେମିତି, ତୁମେ ତ ତାହା ମୋତେ ଫେରେଇ ଦେଇଛ

--- ମୁଁ ଠିକ୍ ସେହିପରି ଆଉ ଗୋଟିଏ କିଣି ଫେରାଇଦେଇଥିଲି। ଆଉ ଦଶ ବର୍ଷ ଧରି ସେଥିପାଇଁ ଋଣ ଶୁଝା, ଯାହା ଏବେ ସରିଲା।

ମାଡାମ୍ ଫରେଷ୍ଟର ଅବାକ୍ ହୋଇ ଚାହିଁଥିଲେ।

---- ତୁମେ ତାହେଲେ ମୋତେ ହୀରା ନେକ୍ଲେସ୍ ଟିଏ ଫେରାଇଥିଲ ?

---- କାହିଁକି, ତୁମେ କଣ ତାହା ଦେଖିନ ?

ମାଡାମ୍ ଫରେଷ୍ଟର ଲେସ୍ଲୀଙ୍କ ଦୁଇ ହାତ କୁ ଧରିଲେ, ମୋ ନେକ୍ଲେସ୍ ର ମୂଲ୍ୟ ଅତି ବେଶି ରେ ପାଞ୍ଚ ଶହ ଫ୍ରାଙ୍କ ହେଇଥାନ୍ତା।।

"ଶ୍ରୀ", ୮୪୩/୨୨୯୫, ନାଥପୁର, ମୁନସିପାଲିଟି ରୋଡ୍,
ଶିଶୁପାଳଗଡ, ଭୁବନେଶ୍ୱର -୭୫୨୦୦୧
(M) 9437762732/madhu1691@gmail.com

ISSN NO.
2582-208X

# ମାଆ



ଯଜ୍ଞଦତ୍ତ ସାମନ୍ତରାୟ

ମାଆ ଲୋ ମାଆ
ତୋ ପୂଜା ପରବେ
ଭକତିରେ ତୋତେ
ଡାକୁଛି ଆ.... ।

ମାଆ ଲୋ ମାଆ
ଅଇରି ସଂହାରି
ମାନବ ମନରୁ
ଅନ୍ୟାୟ, ଅନୀତି
ଅସହିଷ୍ଣୁ ଭାବ
ଦୂରେଇ ଦେଇ
ଶାନ୍ତି, ମୈତ୍ରୀ,
ପ୍ରୀତି ମନ୍ଦାକିନୀ
ତୁ ବୁହାଇ ଯା.... ।

ମାଆ ଲୋ ମାଆ
ତୋ କରୁଣା ବାରି
ଅଜାଡି ଦେଇ
ଏତିକି କୃପା
ତୁ କରି ଥା.... ।

ସଂପାଦକ, ଅନୁରାଗର ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ
ମୋ:-୯୩୩୭୪୪୯୨୪

ISSN NO.
2582-208X

# ଶ୍ରୀ ଗଣେଶ



କାଳ ପ୍ରସାଦ ମହାପାତ୍ର

ମାତା ପାର୍ବତୀ
ମହାଦେବଙ୍କର
ଲାଗିଥିଲା ଦିନେ କଳି
ମାନଅପମାନେ
ମାତା ଚାଲିଗଲେ
ନ ଶୁଣିଲେ କିଛି ଅଳି ll

ଦାସି ପରିବାରୀ
ଘେନି ଚ୍ଳିଗଲେ
ରହିଲେ ଗୁମ୍ଫାରେ ଯାଇ
ଶିବେ ଧ୍ୟାନ କରି
ରହିଲେ ଯୋଗରେ
ମନରେ ଦୁଃଖିତ ହୋଇ ll

ଏକ ଦିନେ ମାତା
ସ୍ନାହାନ ନିମନ୍ତେ
ନଦୀର ଘାଟରେ ବସି
ଦାସିମାନେ ଥାନ୍ତି
ପାଖରେ ତାଙ୍କର
ମନରେ ଥାଆନ୍ତି ଖୁସି ।।

ଅଙ୍ଗର ମଉଳି
ଏକ ଠାବ କରି
ଗଢ଼ିଲେ ପୁତୁଳା ଏକ
ହରସିତ ମନେ
ବିଚାରନ୍ତି ମାତା
ଇଏ ମୋର ପୁତ୍ର ଏକ ll

ଜୀବଦାନ ପାଇଁ
ଡାକିଲେ ହରିଙ୍କୁ
ଭାତୃ ଭାବ ମନେ ଧରି
ବିଷ୍ଣୁ ପହଞ୍ଚିଲେ
ମାତାଙ୍କ ପାଖରେ
ଜୀବଦାନ ଦେଲେ ହରି ।।

ISSN NO.
2582-208X

ବାଳକ ଉଠିଲେ
ସୂର୍ଯ୍ୟସମ ତେଜ
ମାତାଙ୍କୁ ପ୍ରଣାମ କରି
ଆଦେଶିଲେ ମାତା
ପୁତ୍ରଙ୍କୁ ତାଙ୍କର
ଯଷ୍ଟି ଖଣ୍ଡେ ହସ୍ତେ ଧରି॥

ଦ୍ୱାରପାଳ ହୋଇ
ଜଗିବୁ ତୁ ପୁତ୍ର
ଏମୋର ଆଦେଶ ତୋତେ
ନ ଛାଡ଼ିବୁ କେବେ
ଗୁମ୍ଫାର ଦ୍ୱାରରେ
ଆସୁ ଯେ ବିଘ୍ନ ଯେତେ ।।

ତପ ସାରି ଶିବ
ଖୋଜିଲେ ମାତାଙ୍କ
ବନ ଗିରି ଚାରିଦିଗେ
ନନ୍ଦି ଭୃଙ୍ଗି ଗଣ
ଖୋଜିଲେ ବହୁତ
ଦେଖିଲେ ଗୁମ୍ଫାର ଆଗେ।।

ବାଳକ ଜଗିଛି
ଯଷ୍ଟି ଖଣ୍ଡ ଧରି
ଗୁମ୍ଫାର ଦୁଆର ପାଶେ
ମାତାଙ୍କ ତପର
ଧ୍ୱନୀ ଶୁଭୁଅଛି
ଶୁଣିଲେ ତାହାରି ପାଶେ।।

କହିଲେ ବାଳକ
ଛାଡ଼ ପଥ ଟିକେ
ମାତାଙ୍କୁ ଦେଖିବୁ ଆମେ
ମହାଦେବପ୍ରଭୁ
ଖୋଜନ୍ତି ତାହାଙ୍କୁ
କ ଫେରାଇ ନେବୁଟି ଆମେ॥

ନମାନେ ବାଳକ
ଯୁଦ୍ଧରେ ନିମଗ୍ନ
ହରାଇ ତାହାଙ୍କୁ ତଡ଼େ
ଗଣମାନେ ଯାଇ
ଖବର ଦିଅନ୍ତି
କଇଳାସପତି ଗଡ଼େ ।।

ଶୁଣି ଦେବଦେବ
କୋପିତ ହୋଇଲେ
ମିଳିଲେ ବାଳକ ଆଗେ
ବିଷ୍ଣୁ ତେଜ ବଳେ
ମସ୍ତକ କାଟିଲେ
ମାତା ଆସି ଉଭା ଆଗେ ।।

ରୋଦନ କରନ୍ତି
ପୁତ୍ରେ କୋଳେ ଧରି
ଶିବଙ୍କ ମୁଖକୁ ଚାହିଁ
ମୋର ପୁତ୍ର ଯେବେ
ଜୀବନ ନ ପାଏ
ସଂସାର ରଖିବି ନାହିଁ ॥

ISSN NO.
2582-208X

ବିଷ୍ଣୁ ବ୍ରହ୍ମା ଶିବ
ଦେବଗଣ ମାନେ
ଚିନ୍ତାରେ ପଡ଼ିଲେ ସର୍ବେ
ଆଦେଶିଲେ ଦେବ
ନନ୍ଦି ଭୃଙ୍ଗିଙ୍କୁ
ଖୋଜି ଆଣ ତୁମେ ସର୍ବେ॥

ଉତ୍ତର ଦିଗକୁ
ମୁହଁକରି ଯିଏ
ଶୋଇଥିବ ଏକା ହୋଇ
ତାହାର ମସ୍ତକ
କାଟି ଆଣତୁମେ
ବିଳମ୍ବ ନ କରି କେହି ।।

ଗଣମାନେ ବୁଲି
ବନ କାନନରେ
ଅତି ତରତର ହୋଇ
ଦେଖି ହସ୍ତୀ ଶିଶୁ
ଉତ୍ତର ଦିଗକୁ
ଶୋଇଅଛି ଏକା ହୋଇ ॥

ତାହାର ମସ୍ତକ
ଧରି ଆଣି ଦେଲେ
ଶିବଙ୍କ ପାଖରେ ଥୋଇ
ମସ୍ତକ ଲାଗନ୍ତେ
ଜୀବଦାନ ପାଇ
ବାଳକ ସଧିରେ ଉଠଇ॥

ମାତା ନେଇ ତାଙ୍କୁ
କୋଳାଗ୍ରତ କଲେ
ଅତି ଆନନ୍ଦିତ ହୋଇ
ଜୟ ଜୟ ଧ୍ୱନୀ
ସର୍ବଦେବାଦେବୀ
ଗଗନ କମ୍ପିଲା ଯାଇ।।

ବିଘ୍ନରାଜ ଅଗ୍ରପୂଜ୍ୟ
ବିଦ୍ୟାଦାତ।
ଦେବେ କରି ଆର୍ଶିବାଦ
ମୂଷିକ ବାହାନ
ମୋଦକରେ ଲୟ
ପ୍ରଭୁ ଗଣପତି ଦେବ॥

ଆଜି ଏ ଗଣେଶ
ଚର୍ତୁଥୀ ତିଥିରେ
ପୂଜଇ ତୁମ୍ଭ ପୟର
କ୍ଷମାକର ଦୋଷ
କିଛି ଥିଲେ ମୋର
ଆହେ ପାର୍ବତୀ କୁମର ।।

ଶିକ୍ଷକ
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ଭଞ୍ଜ ସାହିତ୍ୟରେ ଓଡ଼ିଆ ସଂସ୍କୃତି



ଚୂଡ଼ାମଣି ଦିଶ୍ରୀ

ସଂସ୍କୃତି ହେଉଛିଏ କ ଅଲିଖିତ ବେଦ । କୌଣସି ଜାତିର ସଂସ୍କୃତି ଜାତିର ବିଭିନ୍ନ ସ୍ତରରେ ଆତ୍ମପ୍ରକାଶ କରେ । ବ୍ୟକ୍ତି ଜୀବନଠାରୁ ଆରମ୍ଭକରି ସାମଗ୍ରିକ ରୂପେ ଜାତିର ଜୀବନରେ ସଂସ୍କୃତି ପ୍ରତିଫଳିତ ହୋଇଉଠେ ସଂସ୍କୃତି ଆନ୍ତରିକ ଗୁଣସମୂହକୁ ବୁଝାଏ, ଏହା ଏକ ପ୍ରେରକଶକ୍ତି I ସଂସ୍କୃତିର ଅର୍ଥ ସଂସ୍କାର ସମ୍ପନ୍ନ-ଜୀବନ। ସେହି ଜୀବନ ଜୀଇବାର କଳା ତଥା ପଦ୍ଧତି ଅଟେ । ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ, ସଂସ୍କୃତି ହେଉଛି ବ୍ୟକ୍ତି ଶିଖୁଥିବା ସକଳ ଆଚାର ବ୍ୟବହାର । ଏହାର ଅର୍ଥ ହେଲା ଧର୍ମ, ଆଚାର, ବିଚାର, ଚାଲିଚଳନ ଆଦି ମଣିଷ ଯାହାକିଛି ପରମ୍ପରାରୁ ଆଣିଥାଏ କିମ୍ବା ନୂତନ ପରମ୍ପରା ସୃଷ୍ଟି କରି ଚାଲିଥାଏ । ତାହା ହେଉଛି ସଂସ୍କୃତିର ମୂଳତତ୍ତ୍ୱ ଏବଂ ସେହି ଭିତ୍ତିଭୂମିକୁ ଆଶ୍ରୟ କରି ସଂସ୍କୃତିର ବିରାଟ ପ୍ରାସାଦ ଗଢିଉଠିଥାଏ । ମଣିଷର ସାମଗ୍ରିକ ସାମାଜିକ ବ୍ୟବହାର ହେଉଛି ସଂସ୍କୃତି । ଏହା ଆମର ସାମାଜିକ ବ୍ୟବହାରକୁ ନିଶ୍ଚିତ କରିଦିଏ, ଆମର ସାହିତ୍ୟ ତଥା ଭାଷାକୁ ନିର୍ମାଣକରେ, ବିଭିନ୍ନ ସାଂସ୍କୃତିକ ସଂସ୍ଥାକୁ ଜନ୍ମଦିଏ । ଏହା ଆମକୁ ପଶୁଜୀବନରୁ ଦିବ୍ୟମାନବିକ ସମ୍ବେଦନଶୀଳତା ଆଡ଼କୁ କଢାଇନିଏ । ସଂସ୍କୃତି ନିକଟରେ ଭୌତିକ ଆବଶ୍ୟକତା ଅତ୍ୟନ୍ତ ଗୌଣ । ସାହିତ୍ୟ, ଇତିହାସ, ଭୂଗୋଳ, ଅର୍ଥନୀତି, ରାଜନୀତି, କଳା-ଭାସ୍କର୍ଯ୍ୟ, ସଂଗୀତ, ନୃତ୍ୟ ଇତ୍ୟାଦି ସଂସ୍କୃତିର ବାହକ । ଓଡ଼ିଆ ସାହିତ୍ୟ ଭିନ୍ନ ଭିନ୍ନ ଯୁଗରେ ତାହାର ସଂସ୍କୃତିକୁ ନିଜଭିତରେ ବହନ କରି ଋଦ୍ଧିମନ୍ତ ହୋଇଛି ।ସାହିତ୍ୟରୁ ଦେଶର ଓ ଜାତିର ସଂସ୍କୃତିର ସମ୍ୟକ୍ ପରିଚୟ ଉପଲବ୍ଧ ହୁଏ । ଯେଉଁ ଦେଶର ସଂସ୍କୃତି ଯେତେ ଉନ୍ନତ, ସେ ଦେଶର ସାହିତ୍ୟ ସେହିପରି ଉଚ୍ଚକୋଟିର ଅଟେ । ସଂସ୍କୃତି ନିଜକୁ ପ୍ରକାଶ କରିବା ପାଇଁ ସାହିତ୍ୟର ଆଶ୍ରୟ ଗ୍ରହଣ କରେ ଏବଂ ସାହିତ୍ୟ ମଧ୍ୟ ନିଜକୁ

ISSN NO.
2582-208X

ଋଦ୍ଧିମନ୍ତ ଓ ରସବନ୍ତ କରିବା ପାଇଁ ସଂସ୍କୃତିରୁ ସାର ଗ୍ରହଣ କରିଥାଏ । "କୌଣସି ସମାଜର ସାହିତ୍ୟ ସେହି ସମାଜର ସଂସ୍କୃତି ଲାଗି ଏକ ଦର୍ପଣ ରୂପେ କାର୍ଯ୍ୟ କରେ । ଅର୍ଥାତ୍ ଗୋଟିଏ ସମାଜର ସାହିତ୍ୟରୁ ସେହି ସମାଜର ସଂସ୍କୃତି ବିଷୟରେ ଅଳ୍ପବହୁତ ପରିମାଣରେ ଏକ ଅବଧାରଣା ମଧ୍ୟ କରାଯାଇପାରେ" ।

ଓଡ଼ିଆ ଲିଖିତ ସାହିତ୍ୟର ଆରମ୍ଭକାଳ ହେଉଛି ଖ୍ରୀଷ୍ଟୀୟ ନବମ-ଦଶମ ଶତାବ୍ଦୀ । ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଚର୍ଯ୍ୟାଗୀତି ଗୁଡ଼ିକ ସେହି ସମୟର ସଂସ୍କୃତିକ ଜୀବନକୁ ନିଜ ମଧ୍ୟରେ ବହନ କରିଚିର ଭାସ୍ୱର ହୋଇଉଠିଛନ୍ତି । କେବଳ ପଦ୍ୟ ସାହିତ୍ୟ ନୁହେଁ, ଓଡ଼ିଆ ଗଦ୍ୟ ସାହିତ୍ୟରେ ମଧ୍ୟ ଓଡ଼ିଆ ସଂସ୍କୃତି ପ୍ରତିଫଳନ ଦୃଷ୍ଟିଗୋଚର ହୁଏ । ଷଷ୍ଠ-ସପ୍ତମ ଶତାବ୍ଦୀରୁ ଓଡ଼ିଆ ଶିଳାଲେଖ ଆବିଷ୍କୃତ ହୋଇଛି; ହୁଏତ ଏଗୁଡ଼ିକର ସାହିତ୍ୟିକ ମୂଲ୍ୟ ନଥାଇ ପାରେ; କିନ୍ତୁ ଓଡ଼ିଆ ଭାଷାର କ୍ରମବିକାଶ କ୍ଷେତ୍ରରେ ଏହି ଶିଳାଲେଖଗୁଡ଼ିକର ଅବଦାନ ଅନସ୍ୱୀକାର୍ଯ୍ୟ ଓଡ଼ିଶାର ସାଂସ୍କୃତିକ କ୍ଷେତ୍ରରେ ପଞ୍ଚଦଶ ଶତାବ୍ଦୀ ଏକ ଧର୍ମ-ଆନ୍ଦୋଳନର ଯୁଗ । ରାଜନୀତିକ ଇତିହାସରେ ଖାଣ୍ଟି ଓଡ଼ିଆ ସ୍ୱାଧୀନ ସମ୍ରାଟ୍ କପିଳେନ୍ଦ୍ରଦେବ ଆପଣାର ଅସାଧାରଣ ମନୀଷା ତଥା ପୁରୋଦୃଷ୍ଟିବଳରେ ଓଡ଼ିଶାର ଜାତୀୟ ଜୀବନକୁ ସଂପୂର୍ଣ ସ୍ୱାଧୀନ ଓ ମୌଳିକ ଭାବ-ଚେତନାର ପୃଷ୍ଠଭୂମିରେ ନୂତନ ରୂପରେ ସଂଗଠିତ କରି ଏ ଜାତିକୁ ଏକ ବଳିଷ୍ଠ ଭିତ୍ତିଭୂମି ଉପରେ ଯେପରି ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରିଥିଲେ, ତାହାର ପଟାନ୍ତର ଇତିହାସରେ ଦୁର୍ଲଭ । ଏହି ସମୟରେ ଜାତିର ମହାକବି ସାରଳା ଦାସ ଚଣ୍ଡୀପୁରାଣ, ସାରଳା ମହାଭାରତ ରଚନାକରି ଏହି ଜାତି, ସଂସ୍କୃତିର ଚିତ୍ରପଟକୁ ଚିରଦିନପାଇଁ ଉଜ୍ଜୀବିତ କରିଯାଇଛନ୍ତି । ସେହିପରି ଷୋଡ଼ଶ ଶତାବ୍ଦୀରେ ଉତ୍କଳୀୟ ପଞ୍ଚସଖା ଓଡ଼ିଆ ସାମାଜିକ ଓ ସାଂସ୍କୃତିକ ଜୀବନରେ ସାମାନ୍ୟ ପରିବର୍ତ୍ତନ ଘଟାଇଥିଲେ ।

ରୀତି ସାହିତ୍ୟ କେବଳ ରସ ସାହିତ୍ୟ ନୁହେଁ, ଏ ସାହିତ୍ୟରେ ଓଡ଼ିଆ ସଂସ୍କୃତିର ଚିତ୍ର ଦେଖିବାକୁ ମିଳେ । ଯେଉଁ ସାହିତ୍ୟ ଯୁଗ ମଧ୍ୟରେ ସୃଷ୍ଟିହୋଇ ଯୁଗଯୁଗ ଧରି ସାଧାରଣ ଜନତାର ମନ ଓ ହୃଦୟକୁ ଆଚ୍ଛନ୍ନ କରି ରଖେ, ସେ ସାହିତ୍ୟ ନିଶ୍ଚିତ ରୂପେ ଜାତୀୟ ସଂସ୍କୃତିର ବାହକ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ହେଉଛନ୍ତି ମଧ୍ୟଯୁଗୀୟ କାବ୍ୟ କୋଣାର୍କର ସୁଦକ୍ଷ ବିନ୍ଧାଣି । ଘୁମୁସର ଗଡ଼ଜାତର ଏକ ସଂସ୍କୃତି ସମ୍ପନ୍ନ ଭଞ୍ଜରାଜବଂଶରେ କବିଙ୍କ

ISSN NO.
2582-208X

ଜନ୍ମ । ତାଙ୍କ କାବ୍ୟ ଗୁଡିକରେ ଉତ୍କଳୀୟ ସଂସ୍କୃତିର ଯେଉଁ ଚିତ୍ର ରହିଛି ତାହା ବାସ୍ତବିକ ଅନନ୍ୟ ।

ଉତ୍କଳୀୟ ସଂସ୍କୃତିର ମୁଖ୍ୟ ଆଧାର ହେଉଛି ଜଗନ୍ନାଥ ସଂସ୍କୃତି । ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଜୀବନ ସହିତ ଶ୍ରୀଜଗନ୍ନାଥ ଓତଃପ୍ରୋତ ଭାବେ ଜଡ଼ିତ । ଶ୍ରୀଜଗନ୍ନାଥଙ୍କ ବ୍ୟତିରେକେ ଓଡ଼ିଶାର ପ୍ରାଣସ୍ପନ୍ଦନକୁ କଳନା କରିବା ଅତୀବ କଷ୍ଟସାଧ୍ୟ ଓଡ଼ିଆ ଜାତିର ଶ୍ରେଷ୍ଠ ବିଭବ ଜଗନ୍ନାଥ । ଏବେ ମଧ୍ୟ ଭାରତବର୍ଷର ଲକ୍ଷ ଲକ୍ଷ ଲୋକ ଓଡ଼ିଶାକୁ ଓଡ଼ିଶା ନାମରେ ଜାଣନ୍ତି ନାହିଁ, ସେମାନେ ଏହାକୁ 'ଜଗନ୍ନାଥ ଦେଶ' ନାମରେ ଜାଣନ୍ତି । ଜଗନ୍ନାଥଙ୍କର ଆସ୍ଥାନ ପୁରୀ ଭାରତବର୍ଷର ଜନସାଧାରଣଙ୍କ ନିକଟରେ ଜଗନ୍ନାଥ ପୁରୀ ନାମରେ ପରିଚିତ । ଜଗନ୍ନାଥଙ୍କୁ ଛାଡ଼ି ଓଡ଼ିଶା ହୋଇପାରିବ ନାହିଁ । ଜଗନ୍ନାଥଙ୍କ ବିନା ଓଡ଼ିଶାର ଅସ୍ତିତ୍ୱ ନାହିଁ । ଦେହର ଆତ୍ମା ପରି ଜଗନ୍ନାଥ ହେଉଛନ୍ତି ଓଡ଼ିଶାର ସର୍ବସ୍ୱ । ଉପେନ୍ଦ୍ର ଭଞ୍ଜଙ୍କ "କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ" କାବ୍ୟରେ ଶ୍ରୀ ଜଗନ୍ନାଥଙ୍କ ମାହାତ୍ମ୍ୟ ବର୍ଣ୍ଣନାରୁ ତାଙ୍କର ଭକ୍ତିମତ୍ତା ଓ ଉତ୍କଳୀୟ ସଂସ୍କୃତି ପ୍ରତି ଦାୟିତ୍ୱବୋଧ ର ଯଥାର୍ଥ ପରିଚୟ ମିଳିଥାଏ ଯଥାଃ-

ଶୁଣ କୋବିଦେ ଭରତଖଣ୍ଡେ ପୁଣ୍ୟଧାମ ।
ଯେଣୁ ନାରାୟଣ ଦେହୀ ତେଣୁ ସେହି ନାମ ହେ ।
ଗିର୍ବାଣ ମତେ ନିର୍ବାଣ ସରୂପେକୁ ଦେଇ ।
ସାକ୍ଷୀ ପକ୍ଷୀ କରଟ ପ୍ରତିମା ରୂପେ ଥାଇ ଯେ ।
ଯେ ବ୍ରହ୍ମହତ୍ୟା-ପାତକ-ନିପାତକ ମହୀ ।
କପାଳ ମୋଚନ ତ୍ରିଲୋଚନ ସାକ୍ଷୀ ଯହିଁ ଯେ ।
ଆସି କାଶୀଶ୍ୱର ବାସ କଲେ ଏହା ଜାଣି ।
ଅନ୍ୟ କ୍ଷେତ୍ରେ ସମସ୍ତଙ୍କ ଏ ମସ୍ତକମଣି ହେ ।
କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ – ୧/୧-୪

ଅର୍ଥାତ ପୁରୀ ଭାରତଖଣ୍ଡର ଏକ ପୁଣ୍ୟଧାମ । ସେଠାରେ ନାରାୟଣ ଦେହଧାରୀ ହୋଇରହିଛନ୍ତି । ବେଦ ମତରେ ଭଗବାନ ଭକ୍ତକୁ ସାରୂପ୍ୟ ମୁକ୍ତି ପ୍ରଦାନ କରିଥା'ନ୍ତି । ତା'ର ପ୍ରତ୍ୟକ୍ଷ ସାକ୍ଷୀ କାକପକ୍ଷୀର ପ୍ରତିମା ଥରେ ମହାଦେବଙ୍କୁ ବ୍ରହ୍ମହତ୍ୟାପାତକ

ISSN NO.
2582-208X

ଲାଗିବାରୁ ବ୍ରାହ୍ମଣର ମୁଣ୍ଡ ତାଙ୍କ ହାତରେ ଲାଗି ରହିଥାଏ । ପୁରୀ-କ୍ଷେତ୍ରକୁ ଆସିବାରୁ ତାହା ହାତରୁ ଖସିଗଲା । ପାପ ଖଣ୍ଡନକାରୀ ଏହିକ୍ଷେତ୍ର- ତା'ର ସାକ୍ଷୀ ହେଉଛନ୍ତି ସ୍ୱୟଂ କପାଳଲୋଚନ ଶିବ । ଭାରତବର୍ଷର ସମସ୍ତ କ୍ଷେତ୍ର ମଧ୍ୟରେ ଏ ଶ୍ରେଷ୍ଠ । ଏହାଜାଣି କାଶୀଶ୍ୱର ଏଠାରେ ବାସ କରିଛନ୍ତି ।

ପୁନଶ୍ଚ କବି ଉପେନ୍ଦ୍ର ଭଞ୍ଜ ତାଙ୍କ ଅନ୍ୟତମ କାବ୍ୟ 'ରସିକ ହାରାବଳୀ' ରେ ପୁରୁଷୋତ୍ତମ କ୍ଷେତ୍ର, କ୍ଷେତ୍ରାଧିପତି ଏବଂ ଜଗନ୍ନାଥଙ୍କର ଚନ୍ଦନଯାତ୍ରାର ବିସ୍ତୃତ ବର୍ଣ୍ଣନା ଦେଇଛନ୍ତି । ଉପେନ୍ଦ୍ରଙ୍କ ଏହି ବର୍ଣ୍ଣନାରୁ ତାଙ୍କର ଭକ୍ତିମତ୍ତା ଓ ଉତ୍କଳୀୟ ସଂସ୍କୃତି ପ୍ରତି ଦାୟିତ୍ୱବୋଧ ଜ୍ଞାନର ଯଥାର୍ଥ ପରିଚୟ ମିଳେ ।

ଯେଉଁ କ୍ଷେତ୍ରରାଜ ବିରାଜ ମାନ ଗରୁଡ଼ଧ୍ୱଜେ ।
ଶ୍ରବଣେ ଚରିତ ତୁରିତ ଜନ ଦୁରିତ ଗଞ୍ଜେ
ଯେବଣ କଟକେ ଛଟକେ ବରାଟକେ ମୁକତି ।
ମହାପ୍ରସାଦରେ ସାଦରେ ଲୋକମାନେ ଲଭନ୍ତି
ଅଳପ କଳପବଟର ଯହିଁ ଛାୟା ଆଶ୍ରିତ ।
କଳପି କଳପି ନର କିନ୍ନର ତରିଲା
ମତ ବିନା ତୃଷାତୁରେ ଚତୁରେ କୁଣ୍ଡ ପତନେ ଯହିଁ ।
କାକର ହେଲା କର ଚାରି କିସ ବିଚାର ତହିଁ ।

ରସିକ ହାରାବଳୀ – ୩/୧-୪

ଯେଉଁ କ୍ଷେତ୍ରରେ ସ୍ୱୟଂ ଜଗନ୍ନାଥ ବିରାଜମାନ କରୁଛନ୍ତି, ତାହା ପବିତ୍ର କ୍ଷେତ୍ରଶ୍ରେଷ୍ଠ ପୁରୁଷୋତ୍ତମ । ତା'ର ମହିମା ଶ୍ରବଣରେ ତୁରନ୍ତ ଲୋକଙ୍କ ଦୁରିତ ନାଶ ଯାଏ ।ଯେଉଁ ନଗରରେ କଡ଼ାଏ କଉଡ଼ିରେ ମୁକ୍ତି ମିଳିଥାଏ, ସେଇ ପବିତ୍ର କ୍ଷେତ୍ର ଶ୍ରୀକ୍ଷେତ୍ର । ଲୋକମାନେ ଏଠାରେ ସାଦରେ ମହାପ୍ରସାଦ ପାଇଥା'ନ୍ତି ।ପାପୀ ଲୋକମାନେ ବଡ଼ ଦେଉଳସ୍ଥ କଳ୍ପବଟ ଛାୟାରେ ଆଶ୍ରିତ ଥା'ନ୍ତି । ସେଠାରେ ଭାବରେ ପ୍ରଭୁଙ୍କୁ ଭାବିଭାବି ନରକିନ୍ନରମାନେ ତରିଥା'ନ୍ତି । ଯେଉଁଠାରେ ବିନାଶୋଷରେ ଆତୁର ହୋଇ ଚତୁର କାକ ପବିତ୍ର କୁଣ୍ଡରେ ପଡ଼ି ଦେଖୁଦେଖୁ ଚତୁର୍ଭୁଜ ହୋଇଗଲା, ସେଇ ପବିତ୍ର କ୍ଷେତ୍ରର ମହିମା

ISSN NO.
2582-208X

କିଏ ବିଚାର କରିପାରିବ ? (ଭୂଷଣ୍ଡ ନାମକ କାକ ରୋହିଣୀ କୁଣ୍ଡରେ ପଡ଼ି ଚତୁର୍ଭୁଜ ହୋଇଥିବା ପ୍ରସଙ୍ଗରେ ଏହା କୁହାଯାଇଛି ।)

ଓଡ଼ିଆ ଜାତିର ପ୍ରାଚୀନ ଇତିହାସର ପୃଷ୍ଠା କୁ ଉନ୍ମୋଚନ କଲେ ଜାଣିହୁଏ ଯେ ଓଡିଆ ଜାତି ଦିନେ ନୌବାଣିଜ୍ୟ କରି ବିଶ୍ଵର ଅଧିକାଂଶ ଦେଶମାନଙ୍କ ସହିତ ବନ୍ଧୁତା ସ୍ଥାପନ କରି ପାରିଥିଲା । ଯାହାଦ୍ଵାରା କି ସୁଦୂର ବାର୍ଲି, ସୁମାତ୍ରା, ସିଂହଳ ଆଦି ଦେଶମାନଙ୍କରେ ବାଣିଜ୍ୟ ବାଣିଜ୍ୟ ସ୍ଥାପନ ପୂର୍ବକ ଓଡ଼ିଆ ସାଧବ ପୁଅମାନେ ତାର ଧର୍ମ, ସଂସ୍କୃତି, କଳା ପ୍ରଭୃତିକୁ ସେ ଦେଶ ଗୁଡିକରେ ପ୍ରଚାରିତ କରିବାକୁ ସକ୍ଷମ ହେଉଥିଲେ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅନବଦ୍ୟ ଲୋକପ୍ରିୟ କାବ୍ୟ 'ଲାବଣ୍ୟବତୀ' ରେ ସିଂହଳ ସହିତ କଳିଙ୍ଗର ବୋଇତ ବାଣିଜ୍ୟର ବର୍ଣ୍ଣନା ପରିଲକ୍ଷିତ ହୁଏ:

ବହିତ୍ର ଲାଗିଲା ଯାଇ ସିଂହଳ ଦ୍ଵୀପରେ ।
ସାଧବ ଯୁବତୀମାନେ ଅତି ପ୍ରମୋଦର
ଗଲେ ବହିତ୍ର ବନ୍ଦାଇ ଅର୍ଘ୍ୟସ୍ଥାଳୀମାନ କରେ ହୁଳହୁଳି ଦେଇ।

ବୋଇତ ଯାଇ ସିଂହଳ ଦ୍ଵୀପରେ ଲାଗିଲା । ସାଧବ ଯୁବତୀମାନେ ଅତି ଆନନ୍ଦରେ ବୋଇତକୁ ବନ୍ଦାଇଲେ । ଅର୍ଘ୍ୟଥାଳୀମାନ ନେଇ ହୁଳହୁଳି ଦେଲେ ।

ପୁନଶ୍ଚ ସିଂହଳ ଦେଶରୁ ଆସିଥିବା ସାଧବପୁଅମାନେ ଯେଉଁ ଉପହାର ପଦାର୍ଥ ମାନେ କର୍ଣ୍ଣାଟ ଯୁବରାଜଙ୍କ ପାଇଁ ଆଣିଛନ୍ତି ତାର ଏକ ସୁଦୀର୍ଘ ତାଲିକା କବି ଉପେନ୍ଦ୍ର ଭଞ୍ଜ ପ୍ରଦାନ କରିଛନ୍ତି:

ଶିରେ କର ଦେଇ ଭେଟି ଏତେ ଦ୍ରବ୍ୟ । ଦେଲା ପ୍ରମୋଦ ଚିତ୍ତରେ ସେ ସାଧବ ।
ମେଷଚକ୍ଷୁ ନୀଳା ବ୍ରହ୍ମଜାତି ହୀରା । ତାର ମୁକୁତା କୁକୁଟ ଡିମ୍ବ ପରା

*************************

ISSN NO.
2582-208X

ନେପାଳିକା ମୂଷିକା ସାଳିଆ ଚାରୁ । ଲବଙ୍ଗର ଲାଲ ଜାତିଫଳ ତରୁ
ଚକୋରକ ଦିନଜ୍ଞାତା ପାରାବତ। କଳପନ ଶୂନ୍ୟଖୁରୀ ସୁରଞ୍ଜତ
ଲାବଣ୍ୟବତୀ – ୭/୨୧ -୩୫

ସେହି ପଦାର୍ଥ ମାନଙ୍କ ମଧ୍ୟରେ ଥିଲା ମେଷ ଚକ୍ଷୁ ନିଲା, ସାଧବ ପଦ୍ମରାଗଜାତୀୟ ମଣି, ପତିପତ୍ତି ଅଷ୍ଟବକ୍ର ପୋହଳା, ଚନ୍ଦ୍ରକାନ୍ତ ପାଷାଣ, ନୀଳେନ୍ଦ୍ରି ମଣି, ଅସଂଖ୍ୟ ଲକ୍ଷ୍ମୀନାରାୟଣ ଶିଳା, ଅଗୁରୁ, ଚନ୍ଦନ, ଅତର, ଶ୍ରୀକର୍ପୂର, ପାତାଳଚୁଆ, ଝରୀଜଳ, ସୁବାସିତ ଦ୍ରବ୍ୟ, କସ୍ତୁରୀ ମୃଗ, ଗଙ୍ଗାଜଳ, ଉତ୍କୃଷ୍ଟ ସୁବର୍ଣ୍ଣ, ସୂର୍ଯ୍ୟକାନ୍ତମଣି, ଗଣ୍ଡା ଚର୍ମରେ ନିର୍ମିତ ପଦାର୍ଥ, ଶକ୍ତ ଖଣ୍ଡା, ଉତ୍କୃଷ୍ଟ ସମୁଦ୍ରଜାତ ଶଙ୍ଖ, ଏକମୁଖୀ ରୁଦ୍ରାକ୍ଷ, କନକ ମୃଗର ଚଉଁରୀ, ସିନ୍ଧୁ ଦେଶୀୟ ଘୋଡ଼ା, ଭାରବାହୀ ଗଧ, ବଜ୍ରଜାତୀୟ ହସ୍ତୀ, ପାଟଭାଲି ଶୁଆ, ନେପାଳୀ ମୂଷା ଆଣିଥିଲା । ସାଳିଆପତନି, ଲବଙ୍ଗର ଲତା, ଜାତିଫଳ ତରୁ, ଶ୍ରେଷ୍ଠ କୁକୁଡ଼ା, ମୟୂର ଆଣି ସାଧବ ରାଜପୁତ୍ରଙ୍କୁ ଦେଲା ।

ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ ହୁଏ । ଆଧ୍ୟାତ୍ମିକବାଦୀ ଓଡ଼ିଆଙ୍କ ଘରେ ବହୁ ଦେବଦେବୀ ପୂଜାର୍ଚ୍ଚନା ପାଇଥାନ୍ତି । ପୁଣି ମାନସିକ ସୂତ୍ରେ ବହୁ ଓଷାବ୍ରତର ପରିପାଳନ ହୋଇଥାଏ । ଓଡ଼ିଶାରେ ପାଳିତ ହେଉଥିବା ପର୍ବପର୍ବାଣିର ଚିତ୍ର ପ୍ରଦାନ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡିଆ ସଂସ୍କୃତିର ଯଥାର୍ଥ ପ୍ରମାଣ ଦେଇଛନ୍ତି । ଲାବଣ୍ୟବତୀ କାବ୍ୟରେ ଶିବ ଚତୁର୍ଦ୍ଦଶୀ ର ବର୍ଣ୍ଣନା ପରିଲକ୍ଷିତ ହୁଏ ଯଥାଃ-

ଗଲା କାଲି ଚତୁର୍ଦ୍ଦଶୀ ହୋଇଥିଲି ଉପବାସୀ
ଦେଉଳ ଭିତରେ ଯାଇ, ଜାଗର ଦେଇ ଯେ
ବସିଥିଲି ଉଜାଗରେ ରଜନୀ ଅଛି ପ୍ରହରେ
ଅଳପ ଆସିଲା ଢୁଳ ଏମନ୍ତ ବେଳ ଯେ ।

ଲାବଣ୍ୟବତୀ – ୧୩/୨୭-୨୮

ଶିବ ଚତୁର୍ଦ୍ଦଶୀରେ ଶିବଙ୍କ ନିକଟରେ ଉଜାଗର ରହି ଜାଗର ଜାଳିଲେ ମଣିଷର ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି ତେଣୁ କରି ମାଲୁଣୀ ନାୟିକା ଲାବଣ୍ୟବତୀର

ISSN NO.
2582-208X

ମନବାଞ୍ଛା ପୂର୍ଣ୍ଣ ପାଇଁ ଶିବ ଚତୁର୍ଦ୍ଦଶୀ ପାଳନ ଅବସର ରେ ଉପବାସ କରିଛି ଏବଂ ଦେଉଳ ମଧ୍ୟକୁ ଯାଇ ଜାଗର ଦୀପ ବସାଇଛି ।

ଆହୁରି 'ଦୋଳଉତ୍ସବ' ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ପର୍ବ । ଫାଲ୍‌ଗୁନ ପୂର୍ଣ୍ଣମୀ ଏବଂ ଚୈତ୍ର କୃଷ୍ଣ ପ୍ରତିପଦ ଦିନରେ ଏହା ପାଳନ କରାଯାଇଥାଏ । 'ହୋଲି' ଉତ୍ସବ ନାମରେ ଏହା ଖ୍ୟାତ । ଏହି ଦିନ ଫଗୁଖେଳ ହୋଇଥାଏ । 'ଲାବଣ୍ୟବତୀ' କାବ୍ୟର ପଞ୍ଚମ ଛାନ୍ଦରେ ଲାବଣ୍ୟବତୀ ସଖୀମାନଙ୍କ ସହିତ ରଙ୍ଗଖେଳ ଖେଳିବାର ବର୍ଣ୍ଣନା ରହିଛି –

ରମଣୀ ରମଣୀୟ କଲେ ଅବିର ଗୁଣ୍ଡିରେ ସେ ବନ ସରଣୀ
ମହୀ ମହିଳା ଋତୁକାଳ ଲଭିଲା ଏସନ ମାନସକୁ ଆଣି
ସେ ଧୂଳି, କାହିଁ ପବନ ଯୋଗେ ଉଡ଼ି ।
ଶୁଭ ସୂଚକ କହି ଜଉତିଷ କି ଯାଉଛି ଶିରେ ବାନ୍ଧି ଶାଢ଼ି ।

ଲାବଣ୍ୟବତୀ – ୫/୨୧

ସେ ବନସରଣୀକୁ ରମଣୀମାନେ ଅବିର ଗୁଣ୍ଡରେ ରମଣୀୟ କଲେ । ଏହା ଦେଖୁ ମନରେ ଭାବନା ଆସିଲା । ସୁନ୍ଦରୀ ମହୀ ମହିଳା ପ୍ରଥମ ଋତୁ ସମୟ ପ୍ରାପ୍ତ ହୋଇଛି । ସେ ଧୂଳି ପବନ ଯୋଗେ ଉଡୁଛି । ପ୍ରଥମ ଋତୁ ଶୁଭ ସୂଚକ କହି ଜ୍ୟୋତିଷ ଶିରରେ ଶାଢ଼ି ବାନ୍ଧି ଯାଉଛନ୍ତି ।

କଳାର ଦେଶ ଉତ୍କଳରେ ଶିଳ୍ପକଳାର ମହିମାନ୍ୱିତ ରୂପ ଯେକୌଣସି ପ୍ରସ୍ତରଗାତ୍ରରେ ଅନୁସନ୍ଧାନ କରାଯାଇପାରେ । କୋଣାର୍କ, ଲିଙ୍ଗରାଜ, ରାଜରାଣୀ, ଖଣ୍ଡଗିରି, ଉଦୟଗିରି ଆଦିରେ ଉତ୍କଳୀୟ ଶିଳ୍ପୀର ନିହାଣସ୍ପର୍ଶ ପ୍ରସ୍ତରକୁ ଦେଇଛି ଜୀବନ୍ତ ରୂପ । କବି ବିଭିନ୍ନ ନଗର, ପ୍ରାସାଦ ଆଦି ବର୍ଣ୍ଣନାରେ ଉତ୍କଳୀୟ ଶିଳ୍ପ, ସ୍ଥାପତ୍ୟ ଓ ଚିତ୍ରକଳା ସତେ ଯେପରି କଥା କହିଛି । 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ରେ ଚମ୍ପାନଗରୀ ବର୍ଣ୍ଣନାରେ ଉତ୍କଳୀୟ ଶିଳ୍ପୀର କଳାନିପୁଣତାର ପରିଚୟ ମିଳେ:

କଟକ ନିର୍ମାଣ ଛଟକ ଦେଖି । ବିଶ୍ୱକର୍ମା ମୟ ବୁଜିଣ ଆଖି
ଭଲ ଶିଳ୍ପୀ ବୋଲି ହୋଇବା କଥା । ଭଲ୍ଲହୋଇ କରେ ହୃଦକୁ ବ୍ୟଥା

ISSN NO.
2582-208X

ବହେ ସେ ବିଷ୍ଣୁ ଜାନୁ ଅନୁମାନ । ସର୍ବଦା ଲକ୍ଷ୍ମୀ କରିବାରୁ ସ୍ଥାନ ।
ନିତାନ୍ତ-ରତନ ଜ୍ୟୋତି ପ୍ରକାଶେ । ନିଶାନ୍ତ ପ୍ରାୟ ସବୁବେଳେ ଦିଶେ ।
ଉତ୍ତାନ-ହଟେ କେରଳୀ କି ରାଜେ । କଳସ କୁଚ ଦ୍ରୋଣସ୍ତମ୍ଭ ଭୁଜେ
ଶୁଭେ ନାରୀପଦ-ନୂପୁର ବାଦ୍ୟ ।ସମ୍ଭବେ ଯହିଁ ଭଲା ଭଲା ପଦ
କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ – ୨/୧୩-୧୫

ନଗରୀର ନିର୍ମାଣ ଛଟକ ଦେଖୁ ଦେବଶିଳ୍ପୀ ବିଶ୍ୱକର୍ମା ଓ ଦୈତ୍ୟଶିଳ୍ପୀ ମୟ ଚିହ୍ନିତ ହୋଇପଡ଼ି ଭାବିଲେ ଯେ, ସେମାନଙ୍କର ଭଲ ଶିଳ୍ପୀ ବୋଲାଇବା ଅଭିମାନ ବୃଥା । ଓଲଟି ଭଲୁ ଅସ୍ୱ ହୃଦୟକୁ ବ୍ୟଥା ହେଲା । ଏ ନଗରୀଟି ଦେଖୁଲେ ଅନୁମତି ହୁଏ ଯେ, ବିଷ୍ଣୁଙ୍କ କୋଳରେ ଲକ୍ଷ୍ମୀ ସର୍ବଦା ବସିଥାନ୍ତି । ତା'ର କାରଣ ହେଲା- ଏଠାକାର ଲୋକେ ସମସ୍ତଙ୍କ ଘରେ ଲକ୍ଷ୍ମୀ ଅଛନ୍ତି । ପ୍ରତ୍ୟେକ ଘରେ ରତ୍ନ ଅଛି । ସର୍ବଦା ତା'ର ଜ୍ୟୋତିରେ ରାତି ପାହିବା ପରି ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହୋଇଥାଏ । ନଗରୀର ବାହାର ଦ୍ୱାର ଖମ୍ବ ଓ କଳସ ଦେଖୁ ମନେ ହୁଏ, କେଳୁଣି ଚିତ୍ ହୋଇ ନାଟ କରୁଛି । ଦ୍ୱାରରେ ସ୍ୱର୍ଣ୍ଣ କଳସ ପରି କେଳୁଣିର ଦୁଇ ବକ୍ଷୋଜ, ହାତ ଦୁଇଟା ସ୍ତମ୍ଭ ଓ ନୂପୁରଶବ୍ଦ ବାଦ୍ୟ ପରି । ନାଟ ଦେଖ୍ ଲୋକେ ଖୁସିରେ ଭଲାଭଲା ଶବ୍ଦ କଲେ । ଏହା ନଗରୀରେ ଉଠୁଥିବା ଭଲାଭଲା ଶବ୍ଦ ପରି ।

ଉତ୍କୃଷ୍ଟ କଳାର ଦେଶ ଉତ୍କଳରେ ନୃତ୍ୟ-ଗୀତ କଳା ବହୁ ପ୍ରାଚୀନ । ଏହାକୁ ଗାନ୍ଧର୍ବ କଳା ମଧ୍ୟ କୁହାଯାଇଥାଏ । ଓଡ଼ିଶାର ରାଜପରିବାରଠାରୁ ଆରମ୍ଭ କରି ସର୍ବସାଧାରଣଙ୍କ ଜୀବନ ପର୍ଯ୍ୟନ୍ତ ଏହାର ପ୍ରଭାବ ସ୍ୱୀକୃତ । ଏହା କେବଳ ଳ ଆଭିଜାତ୍ୟର ସ୍ମାରକୀ ନୁହେଁ, ପରନ୍ତୁ ଓଡ଼ିଶାର ଜନ-ଜୀବନରେ ରକ୍ତ, ମାଂସ ସଦୃଶ ଶରୀର ଏକ ବିଶେଷ ଅଂଶ । ଏହି ପରିପେକ୍ଷୀରେ 'ବୈଦେହୀଶ ବିଳାସ' ଏହାର ବର୍ଣ୍ଣନା ଦେଖିବାକୁ ମିଳେ ।

ବୟସୀଏ ଗୀତ ଗାଇ କେ ରାମା ବୀଣା ବଜାଇ
ଥୋଇଅଛି ଭାବି ଚାହିଁ କୁଚ ରୋମାଳୀ
ବାଜତ କିଙ୍କିଣୀ ସ୍ୱର ମଣିତ ଧାଉଁ ପ୍ରଚାର ।
ଆମ୍ଭଠାରେ ଦେଲ ଭାଳି ଗମିଲା ଆଳୀ

ISSN NO.
2582-208X

ବିସୋର ସେ ରାଗରେ ରାଗ ।
ବୋଲୁଥିଲେ ରାମକେରୀ ରାଗ ସଂଯୋଗ
ବୈଦେହୀଶ ବିଳାସ -୯/୧୨

ଉତ୍କଳୀୟ ସଂସ୍କୃତିରେ ବିବାହ ମାନବ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ସମାଜରେ ଏକ ସୁସ୍ଥ ପରମ୍ପରା ସୃଷ୍ଟି ପାଇଁ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବ୍ୟକ୍ତିତ୍ୱର ବିକାଶ, ସାମାଜିକ କର୍ତ୍ତବ୍ୟବୋଧ, ପବିତ୍ର ଜୀବନଯାପନ ତଥା ବଂଶବୃଦ୍ଧି ନିମିତ୍ତ ଏହାର ଗୁରୁତ୍ୱ ଅପରିହାର୍ଯ୍ୟ ।ଚ୍। କନ୍ୟାପିତା ଓ ବରପିତା ସମ୍ବନ୍ଧ ସ୍ଥାପନ ପୂର୍ବରୁ ବଂଶର ଆଭିଜାତ୍ୟ ଓ ଗୌରବ ଉପରେ ଗୁରୁତ୍ୱ ଦେଇଥାନ୍ତି । ଉପଯୁକ୍ତ ବଂଶ ବା ସମାନ ବଂଶପରମ୍ପରା ନ ଥିଲେ ବିବାହ ହୋଇପାରେ ନାହିଁ । ବଂଶପରମ୍ପରା ସହିତ ବିବାହ ସମୟରେ ଜାତି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥାଏ । ଓଡ଼ିଆ ସମାଜରେ ବିବାହ ପୂର୍ବରୁ ବର ଓ କନ୍ୟାଙ୍କର ଜାତକ ଦେଖା ହୋଇଥାଏ । ଭବିଷ୍ୟତ ର ମଙ୍ଗଳ କାମନା ଉପଲକ୍ଷେ ଏପରି ଏକ ବିଧ ପ୍ରଚଳିତ । ତାହା ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟରେ ପରିଲକ୍ଷିତ ହୁଏ:

ସେ ବୋଇଲେ ସବୁରୂପେ ଆମ୍ଭର ସମ୍ମତ
ଜାତକ ବିରୁଦ୍ଧେ ନାହିଁ କେବଣ ଆୟତ୍ତ ଯେ ।
ପାଟଯୋଷୀ ଡାକି ଭଲ ବେଳକୁ ଜାଣିଲେ
ଉତ୍ତମ ଶୁଝିଲା ବେନି ଜାତକ ବୁଝିଲେ ଯେ ।
ଲାବଣ୍ୟବତୀ – ୨୮/୪୯

ପୁନଶ୍ଚ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ'ରେ ରାଜପୁତ୍ର ପୁଷ୍ପକେତୁର ଜାତକ ଗଣନାରେ କବି ଜ୍ୟୋତିଷମାନଙ୍କମୁଖରେ ଯାହା ପ୍ରକାଶ କରାଇଛନ୍ତି, ସେଥିରୁ ତାଙ୍କର ଜ୍ୟୋତିଷଶାସ୍ତ୍ର ସମ୍ପର୍କୀୟ ପ୍ରତ୍ୟକ୍ଷ ଜ୍ଞାନର ପରିଚୟ ମିଳେ ।

ମିଥୁନରେ ସଦା ଚିତ୍ତ। ମିଥୁନ ଲଗ୍ନ ବିଦିତ
ସିଂହ କ୍ଷତ୍ରିୟରେ ଯହୁଁ। ସିଂଚରେ ତୃତୀୟେ ରାହୁ ଯେ
ପଞ୍ଚତ୍ର କରେ ଯେ ଅରି ।ପଞ୍ଚମେ ତଳେ ଶଢରି

ISSN NO.
2582-208X

ଗୁରୁ ଗୁଣ ଖ୍ୟାତ କରେ । ଗୁରୁ ସପ୍ତମେ ଧନୁରେ ଯେ
କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ – ୩୨/୭-୮

ରାଜା ପୁଷ୍ପକେତୁର ଚିତ୍ତ ସର୍ବଦା ମିଥୁନରେ (ମିଳନରେ) ଥିବାରୁ ମିଥୁନ ଲଗ୍ନ ବିଦିତ । କାରଣ ବୁଧଙ୍କର ଗୃହ ମିଥୁନ । ସେ ଲଗ୍ନ ହେଲେ ଶୁଭ ଗ୍ରହମାନେ ପାପଯୁକ୍ତ ହେଲେ ମଧ୍ୟ ଶୁଭ ଫଳ ପ୍ରଦାନ କରିଥାନ୍ତି । ପୁଣି ସିଂହ କ୍ଷତ୍ରିୟରେ ବିଦିତ ହୋଇଥିବାରୁ ବୁଧ ଲଗ୍ନ ପ୍ରତି ୩ୟ ସିଂହରେ ରାହୁ ରହିଛି । ସିଂହରେ ରାହୁ ତୁଙ୍ଗୀ, ସେ ସ୍ଥାନ ଲଗ୍ନରେ ୩ୟ ଧୈର୍ଯ୍ୟ, ବିକ୍ରମ, ସତ୍ୟ, ଭ୍ରାତା, ବିଦ୍ୟା ପ୍ରଭୃତି ବହୁ ବିଷୟରେ ଉତ୍କୃଷ୍ଟ ଫଳଦାୟକ । ସୌରି (ଶନି) ବୁଧ ଲଗ୍ନ ପ୍ରତି ଅଷ୍ଟମାଧିପ ଓ ନବମାଧିପ ହେତୁ ସେହି ଲଗ୍ନର ୫ମ ତୁଳରେ ଉଚ୍ଚ ହୋଇ ରହିଲେ ଶତ୍ରୁମାନଙ୍କର ପଞ୍ଚତ୍ୱ ବା ବିନାଶ କରେ । ଗୁରୁ (ବୃହସ୍ପତି)। ଲଗ୍ନପ୍ରତି ସପ୍ତମ କେନ୍ଦ୍ର ଧନୁରେ ଥିବାରୁ ଗୁରୁ (ମହତ୍) ଗୁଣ ଖ୍ୟାତ କରିଥାଏ ।

ସୁତରାଂ ସଂସ୍କୃତି ହେଉଛି ଦେଶ ତଥା ଜାତିର ଆତ୍ମା। ଏଥିରୁ ସର୍ବବିଧ ସଂସ୍କାରର ଜ୍ଞାନ ହୁଏ, ଯାହା ସାହାଯ୍ୟରେ ଏହା ନିଜର ସାମୂହିକ ତଥା ସାମାଜିକ ଜୀବନର ଆଦର୍ଶ ଗଠନ କରିଥାଏ । ଏକ ବିଶିଷ୍ଟ ମାନବ ସମୂହର ଉଦାତ୍ତ ଗୁଣାବଳୀକୁ ଏହା ସୂଚିତ କରେ । ଏହି ଉତ୍କଳ ଭୂମିର କଳାଶିଳ୍ପ, ଭାସ୍କର୍ଯ୍ୟ, ଓଡ଼ିଶୀସଙ୍ଗୀତ, ନୃତ୍ୟ ଇତ୍ୟାଦି ଉଚ୍ଚକୋଟିର । ଏହିସବୁ ସଂସ୍କୃତି ଜନଜୀବନରୁ ଯାଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ରୂପ ଲାଭ କରି ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରି ଅଛି ।

ଗବେଷକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ପ୍ରାତଃକାଳୀନ ଗ୍ରାମ୍ୟର ଦୃଶ୍ୟ

ବିଭୂ ପ୍ରସାଦ ପଣ୍ଡା

ଚନ୍ଦ୍ରର ଶୀତଳ କିରଣ
ଆଜି ଅପସରି ଯାଇଛି
ଶୀତଳତାକୁ ପାଦରେ ଏଡିଦେଇ
ନିଶା ଶେଷ ହୋଇଛି
ଦୂର ପାହାଡ଼, ବଣ, ଜଙ୍ଗଲ
ଆଜି ମୁଖରିତ କୋଇଲିର କୁହୁତାନେ
ଗ୍ରାମ୍ୟ ନାରୀମାନେ ମେଳହୋଇ
ଫୁଲ ତୋଳନ୍ତି ପୁଷ୍ପ ଉଦ୍ୟାନେ
ମନ୍ଦିର ବେଢ଼ା ଆଉ ପୋଖରୀ ତୁଠ
ଗ୍ରାମ୍ୟ ଶ୍ରୀମନ୍ତିନିଙ୍କ ଦ୍ୱାରା ହୋଇଛି କର୍ମଠ
ମନ୍ଦିରେ ଘଣ୍ଟ ବାଜି ଆଜି ଦିଏ ସୂଚନା
ପ୍ରାତଃକାଳ ଉପସ୍ଥିତ ହେଲାଣି
ପଡୁନାହିଁ କିରେ ଜଣା।
ଗ୍ରାମ୍ୟ ନାରୀଟିଏ ଆଜି ଝାଡୁଧରି
ଦାଣ୍ଡ ଦୁଆର ଚଉତରା କରୁଥାଏ ସଫା
ଗୋ ଧେନୁକୁ ବାନ୍ଧି
ଧରିଥାଏ ସେ ଦଉଡି ପଘା
ସୁନ୍ଦରୀ ଯୁବତୀ ରତ ରତ ହୋଇ ଯାଆନ୍ତି ଚାଲି
ପୋଖରୀ ତୁଠରେ ଯାଇ ହୁଅନ୍ତି ମେଳି
ମେଳି ହୋଇ ଯୁବତୀଗଣ ଲଗାନ୍ତି କଳି
ସତେକି ଲାଗନ୍ତି ମନ୍ଥରା ଦାସୀଠୁ ବଳି

ISSN NO.
2582-208X

ମାଟିଏ ନିଦ୍ରା ଭଙ୍ଗ କରୁଛି
ନିଜ ପୁତ୍ରର
ଉଠିଯା ବାବୁ ସକାଳ ହେଲାଣି
କରିଯିବୁ ବିଦ୍ୟା ଅଧ୍ୟୟନ
ଗାଁ ମଝି ଚଉତରା ଉପରେ
ଗ୍ରାମ୍ୟ ଲୋକମାନେ ହୋଇଛନ୍ତି ମେଳି
ନିଜ ଗ୍ରାମର ଉନ୍ନତି ପାଇଁ
ଚିନ୍ତା କରୁଛନ୍ତି ଭଳିକି ଭଳି
ବୃଦ୍ଧୀ ମାଟିଏ ଆଜି ଖାଦ୍ୟ ଟୋପି ଧରି
କାକ ଦେବତାଙ୍କୁ ଶ୍ରଦ୍ଧାରେ ଦିଏ ପରସି
ବାଳ ସୂର୍ଯ୍ୟକୁ ଚାହିଁ ଶିଶୁଟିଏ ହୋଇଛି ଖୁସି
ସତେକି ଲାଗୁଛି ତା ହାତରେ ଶଶୀ ପଡିଛି ଖସି
ଗ୍ରାମ ଦେବତୀ ମନ୍ଦିର ଆଜି ମୁଖରିତ
ପଡୁଛି ଘଣ୍ଟଘଣ୍ଟା ହୁଳହୁଳି
ଦୂରରୁ ଦେଖାଯାଏ ପୂଜକ ମହାଶୟ
ଆସୁଛନ୍ତି ଢଳିଢଳି
ପ୍ରାତଃ କାଳୀନ ମୋ ଗାଁର ଦୃଶ୍ୟ ସତେକି ମନୋହର
ବାରିଧିର ପ୍ରତିଟି ବିନ୍ଦୁରେ ହୋଇଛି ସୁନ୍ଦର
ସତରେ ମୁଁ କେତେ ଭାଗ୍ୟବାନ
ଏହି ଛୋଟ ଗାଁର ପାଣିପବନରେ ହୋଇଛି ମୁଁ ବଡ଼
ଯେଉଁଠାରେ ଭାଇଭଇ ମଧ୍ୟରେ
ଭାବ ଥାଏ ନିରନ୍ତର
ଶେଷରେ ମୁଁ କହିବି ଏଥିପାଇଁ
ମୋ ଗାଁ ବହୁତ ସୁନ୍ଦର

ମୋ: ୮୨୭୦୯୫୦୨୯୪
ଖୋର୍ଦ୍ଧା, ବେଗୁନିଆ

ISSN NO.
2582-208X

# ତୁ ତ କହିଛୁ ଆସିବୁ



ବିଶ୍ୱନାଥ କର

ଝଡି ଗଲେଣି ବଗିଚାର ସବୁ କଢି
ଅଫେରା ସମୟ
ତୁ ତ କହିଛୁ ଆସିବୁ
ମୁଁ ଗଣି ଚାଲିଛି ପୁନେଇ ପକ୍ଷରୁ ଉଆଁସୀ ପକ୍ଷ
ତୋ ଆସିବା ବାଟକୁ ଚାହିଁ
ତୁ ତ କହିଛୁ ଆସିବୁ
ଫୁଲ ଫଗୁଣର ମଧୁର ଗୁଞ୍ଜନେ ବର୍ଷାର ରିମ୍ ଝିମ୍ ତାନେ ।

ସମୟ ଯେବେ କ୍ଲାନ୍ତ ହୋଇଯାଏ
ମୁଁ ଚିହ୍ନି ପାରେନି ସେକେଉଁ ଋତୁ
ଶିମୁଳି ଫୁଲର କଢରେ ଚୁପି ଚୁପି ହସେ
ନୀରବତାରେ ଝରିଯାଏ କବିତା ହୋଇ
ନଈ ତୁଠରେ ଦେହ ମାଜୁଥିବା ବିବସନା ମଳୟ
ଭେଟେ ମୋତେ କିଏ ନରମ ସ୍ପର୍ଶ ରେ
ଏକାନ୍ତରେ ନିହାତି ଏକାନ୍ତରେ ନିର୍ଜନ ପ୍ରହରେ ।

ମୁଁ ସାଉଁଟୁଛି ବସି
ଆମର ଆଦ୍ୟତମ ସ୍ମୃତି ଓ ଅସ୍ମୃତି
ତମ ଲୁହର ବାସ୍ନାରେ ଜୀବନର ଅଦ୍ଭୁତ ଅନୁଭବ
ସେଇ ମୁହୂର୍ତ୍ତ ସବୁ ଝଡିଯାଉଛି ମଧୁମାଳତୀ ର ହୁଗୁଳା ଡେମ୍ଫରୁ

ISSN NO.
2582-208X

ସଞ୍ଜ ନଇଁବା କ୍ଷଣି
ମଉଳା ଫୁଲର ମଲା ପାଖୁଡା ରେ
ଏବେ ଖାଲି ମୋହ ଆଉ ମୋହ ଭଙ୍ଗର ସ୍ୱାକ୍ଷର
ତାରିଖ ଓ ବାର ନଥିବା ଇତିହାସର ଭୁରୁ ଭୁରୁ ସୁଗନ୍ଧ ।

ତୁ ତ ଆସିବୁ କହିଛୁ
ନିରୁଦିଷ୍ଟ ଜହ୍ନକୁ ଖୋଜି ବହଳିଆ ଜ୍ୟୋସ୍ନାରେ ପହଁରି
ଧରି ପ୍ରେମର ସବାରୀ
ମେଘକୁ ଦୂତ କରି ପଠାଇ ଥାଆନ୍ତିଯେ ଚିଟାଉଟେ ଲେଖି
ମୋ ହାତର ଅକ୍ଷର ସବୁ ଅଙ୍କାବଙ୍କା ଗାର ହୋଇ
ପତ୍ରଝଡା ଋତୁକୁ ସଜେଇ ଦେଉଛନ୍ତି ଏକ ଅଜଣା ଋତୁରେ
ମୁଁ ଜାଣି ପାରେନି ସେ କେଉଁ ଋତୁ
ସେ ଋତୁ ର ନାଆଁ ଜାଣିବା ଆଉ କି ଦର୍କାରଯେ
ତୁ ତ ଆସିବୁ କହିଛୁ
ସବୁ ଋତୁ ର ପଲଟଣ ନେଇ ।
-- -- -

ସାଇ କଲୋନୀ, ଦେଉଳ ସାହି, ତୁଳସୀ ପୁର,
କଟକ 753008, ସମ୍ପର୍କ 9776332639

ISSN NO.
2582-208X

# ଶ୍ରୀକ୍ଷେତ୍ର ନା ଦନ୍ତପୁରୀ...ଏକମତ ନା ଦ୍ୱିମତ



ଡ.(ଇଂ) ସଞ୍ଜୟ କୁମାର ପଣ୍ଡା

ଶ୍ରୀଜଗନ୍ନାଥଙ୍କ ରହସ୍ୟମୟ ସଂସ୍କୃତି ଯେତେ ରୋଚକ ସେତେ ଅଭେଦ୍ୟ । ସନାତନ ଧର୍ମରେ ସାଂସ୍କୃତିକ ବୈଭବ ସମୟ ଚକ୍ରରେ ପରିବର୍ତ୍ତିତ ହେଲେ ସୁଦ୍ଧା ଏହାର ଆତ୍ମିକ ଓ ଆଙ୍ଗିକ ଭାବଧାରା ପରସ୍ପର ସହ ଅନୁବନ୍ଧିତ, ଏହା ନିଃସନ୍ଦେହ । ଅତି ପ୍ରାଚୀନ ବୈଦିକ ଯୁଗରେ ପଞ୍ଚଭୂତର ପୂଜନ ସର୍ବବ୍ୟାପୀ ଥିବାବେଳେ ନିଗମ ତନ୍ତ୍ରରେ ବୈଦିକ ପରମ୍ପରାରେ ଧ୍ୱନିବ୍ରହ୍ମ ପ୍ରୟୋଗରେ ଶୂନ୍ୟବ୍ରହ୍ମଙ୍କୁ ଆରାଧନା କରାଯାଉଥିଲା । ଶୂନ୍ୟ ପୁରୁଷଙ୍କ ପୂଜନରେ ଘୃତାର୍ପଣ ପୂର୍ବକ ଆଧ୍ୟାତ୍ମିକ ଆଚରଣ ସମ୍ପାଦିତ ହେଉଥିଲା । ଏହାପରେ ଆଗମ ତନ୍ତ୍ରରେ ମୂର୍ତ୍ତି ପୂଜନର ବିଧିବଦ୍ଧ ପରମ୍ପରା ଅନୁସୃତ ହେଲା । ଆରଣ୍ୟକ ସଂସ୍କୃତିରେ ପଞ୍ଚଭୂତର ପୂଜନ ସ୍ପଷ୍ଟ ଦୃଶ୍ୟମାନ । ମନୁଷ୍ୟ ନିଜର ଭକ୍ତି ଧାରାରେ କ୍ଷିତି, ଆପ, ତେଜ, ବାୟୁ, ଆକାଶ (କ୍ଷିତ୍ୟପ୍‌ତେଜୋମରୁଦ୍‌ବ୍ୟୋମ)ର ପୂଜନକୁ ସମ୍ମିଳିତ କରି ସାଂସ୍କୃତିକ ବିକାଶଧାରାକୁ ତ୍ୱରାନ୍ୱିତ କଲା । ପ୍ରଥମେ ପ୍ରଥମେ ଶୂନ୍ୟବାଦକୁ ବିଶ୍ୱାସ କରୁଥିବା ମାନବ କାଳକ୍ରମେ କାଷ୍ଠ ସ୍ତମ୍ଭ ଓ ପ୍ରସ୍ତର ଖମ୍ବର ପୂଜନ ଏକ ସାଙ୍କେତିକ ସୂତ୍ରରେ ପ୍ରାରମ୍ଭିତ କଲା। ଏହି ଆଦିବାସୀ ସଂସ୍କୃତିରେ ନୀଳମାଧବ ଉପାସନା ଜଗନ୍ନାଥ ସଂସ୍କୃତିର ଆଦ୍ୟ ପର୍ବ ବୋଲି କୁହାଯାଇ ଶ୍ରୀଜଗନ୍ନାଥଙ୍କୁ ଶବର ଦେବତା ରୂପେ ବର୍ଣ୍ଣନା କରାଯାଏ ।

ଆଦିବାସୀ ସଂସ୍କୃତିରେ ମୂଳ ଦେବତା ଭାବେ ଜଗନ୍ତ ବା ଜାଗନାଇଲୋ ରୂପେ ପୂଜନ କରାଯାଏ । ଏମାନେ ସମସ୍ତେ ଦାରୁ ଦେବତା ରୂପେ "କିତୁଙ୍ଗ୍" ବା ଦେବତା ରୂପେ ପୂଜିତ। ଜଗନ୍ନାଥଙ୍କ ନାମ ବୈଦିକ ପୁରାଣରେ ବର୍ଣ୍ଣିତ ନ ଥିବାବେଳେ ପୁରୁଷୋତ୍ତମ ରୂପେ ବର୍ଣ୍ଣିତ ଅଛି । ଅତଏବ ଜଗନ୍ନାଥ ଶବ୍ଦ ଉଭୟ ସଂସ୍କୃତ ଓ ପାଲି ଭାଷାର ଅନ୍ତର୍ଭୁକ୍ତ ହୋଇ

ISSN NO.
2582-208X

ନ ଥିବାରୁ ଏହା ଯେ ଶାବର ଭାଷାନ୍ତର୍ଗତ ଅଟେ, ଯାହା ବିଶ୍ୱସନୀୟ । ଅତଏବ ଆଦିବାସୀ ଦେବତା ହିଁ ଜଗନ୍ନାଥ । ଏଣୁ ରତ୍ନ ସିଂହାସନରେ ବିରାଜିତ "ସପ୍ତାଭରଣ" ବା "ସପ୍ତମୂର୍ତ୍ତି" ଯଥା-ଶ୍ରୀଜଗନ୍ନାଥ, ସୁଭଦ୍ରା, ବଳଭଦ୍ର, ସୁଦର୍ଶନ, ନୀଳମାଧବ (ସମସ୍ତେ ଦାରୁମୂର୍ତ୍ତି), ଶ୍ରୀଦେବୀ (ସ୍ୱର୍ଣ୍ଣମୂର୍ତ୍ତି), ଭୂଦେବୀ (ରୌପ୍ୟମୂର୍ତ୍ତି) ପୂଜିତ ହେଉଥାନ୍ତି । ପୂର୍ବରୁ ବିଭିନ୍ନ ଯାତ୍ରାରେ ଶ୍ରୀବିଗ୍ରହ ମୌଳିକ ରୂପେ ଯାତ୍ରା କରୁଥିବା ବେଳେ କିଛି ଅଘଟଣ ହେତୁ ସମସ୍ତ ଯାତ୍ରା କର୍ମରେ ଚଳନ୍ତି ପ୍ରତିମା ରୂପେ ନୀଳମାଧବ (ଦୋଳଗୋବିନ୍ଦ, ମଧୁସୂଦନ) ଶ୍ରୀଦେବୀ (ଲକ୍ଷ୍ମୀ), ଭୂଦେବୀ (ସରସ୍ୱତୀ) ପୂଜିତ ହୁଅନ୍ତି । ଏଥିରୁ ପ୍ରମାଣିତ ଯେ, ଦାରୁନିର୍ମିତ ଜଗନ୍ନାଥ ଓ ନୀଳମାଧବ ଏକ ଓ ଅଭିନ୍ନ ।

ବର୍ତ୍ତମାନ ପ୍ରଶ୍ନ ଉଠେ ବିଶ୍ୱାବସୁ ଶବରଙ୍କ ଦ୍ୱାରା ପୂଜିତ ନୀଳମାଧବ ଦାରୁମୂର୍ତ୍ତି ନ ହୋଇ ଚତୁଃହସ୍ତ ବିଶିଷ୍ଟ ପ୍ରସ୍ତର ମୂର୍ତ୍ତି ଅଟନ୍ତି, ଯାହାଙ୍କ ପୂଜନ ନିମନ୍ତେ ଦେବତାଗଣ ସ୍ୱର୍ଗଲୋକରୁ ଧରାପୃଷ୍ଠ ଅବତରଣ କରୁଥିଲେ । ତେବେ ପ୍ରସ୍ତର ମୂର୍ତ୍ତି ଦାରୁବ୍ରହ୍ମରେ ପ୍ରବର୍ତ୍ତିଲେ କେମିତି ? ଏହାଛଡ଼ା ବିଶ୍ୱାବସୁ ଏକ ସଂସ୍କୃତ ଶବ୍ଦ, ଏଣୁ ଆଦିବାସୀ ଶବ୍ଦ ନୁହେଁ । ଏହି ନାମକରଣ ମଧ୍ୟ ଦ୍ୱନ୍ଦ୍ୱ ଭାବ ସୃଷ୍ଟିକରେ । ପୁନଶ୍ଚ ଜରାଶବର ଦ୍ୱାରା ଶରବିଦ୍ଧ ହୋଇ ଶ୍ରୀକୃଷ୍ଣଙ୍କ ମହାପ୍ରୟାଣ ହେତୁ ତାଙ୍କର ଅର୍ଦ୍ଧଦଗ୍ଧ ପିଣ୍ଡ କିପରି ଦାରୁରେ ପରିଣତ ହେଲା ଏବଂ ଋଗ୍‌ବେଦର ବର୍ଣ୍ଣନା ଅନୁଯାୟୀ ଏହି ଦାରୁଙ୍କୁ ଅପୌରୁଷେୟ ଭାବେ ବର୍ଣ୍ଣନା କରାଯାଇ ବୈଦିକ ଋଷି ଦୋର୍ହଣଙ୍କୁ ଉଦ୍ଧାର କରିବାକୁ ଆଦେଶିତ କରାଯିବା ଶବର ଦେବତା ବିଷ୍ଣୁ, ଦ୍ୱାପରର ଶ୍ରୀକୃଷ୍ଣ ଓ ଦାରୁ ଦ୍ୱାରା ନିର୍ମିତ ଚତୁର୍ଦ୍ଧାମୂର୍ତ୍ତି ମଧ୍ୟରେ ସମ୍ପର୍କକୁ ଅଧିକ ରହସ୍ୟାବୃତ୍ତ କରୁଛି ।

ପୁନଶ୍ଚ ପ୍ରାଚୀନକାଳରୁ ରତ୍ନବେଦୀରେ କେବଳ ନୀଳମାଧବ ପୂଜିତ ହେଉଥିବା କିମ୍ବଦନ୍ତୀ ବଖାଣେ । ନୀଳାଦ୍ରିକ୍ଷମହୋଦୟରେ ବର୍ଣ୍ଣିତ "ପ୍ରଭୋଃ ସ୍ୱରୂପମ୍ ଭଜନ୍ମାଧବୋ ହ୍ରସ୍ୱରୂପକଃ" ପ୍ରକାରେ ନୀଳମାଧବ ହିଁ ହ୍ରସ୍ୱରୂପ (କ୍ଷୁଦ୍ରରୂପ)ରେ ବାଳପୁରୁଷୋତ୍ତମ ନାମରେ ପୂଜିତ ହେଉଛନ୍ତି । ସ୍କନ୍ଦ ପୁରାଣ ଅନୁସାରେ ନୀଳଗିରି ବା ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ପୂର୍ବରୁ ପୁରୁଷୋତ୍ତମ ରୂପେ ନୀଳମାଧବ ଓ ନୃସିଂହ ପୂଜିତ ହେଉଥିଲେ । ଗବେଷଣାରୁ ଜ୍ଞାତ ହୁଏ ଯେ, ଶ୍ରୀଜଗନ୍ନାଥଙ୍କ ପୂଜନ ପୂର୍ବରୁ ଶ୍ରୀମନ୍ଦିର ଭିତର ବେଢ଼ାରେ ଅବସ୍ଥିତ ମୁକ୍ତିମଣ୍ଡପର ପାର୍ଶ୍ୱରେ ଏକ ମନ୍ଦିରରେ ନୃସିଂହ ଦେବତା ପୂଜିତ ହେଉଥିଲେ । କିମ୍ବଦନ୍ତୀ ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନ ଓ ଗାଲମାଧବଙ୍କ ବିବାଦ ସମାଧାନ ପରେ ଦାରୁବିଗ୍ରହ

ISSN NO.
2582-208X

ନିର୍ମାଣ ସ୍ୱୟଂ ବିଶ୍ୱକର୍ମା (ବିଷ୍ଣୁ)ଙ୍କ ଦ୍ୱାରା ସମ୍ପାଦିତ ହେଲା । ଏହାର ପ୍ରାଣ ପ୍ରତିଷ୍ଠା ରତ୍ନଦେବୀରେ ହେବା ସମୟରେ ନୃସିଂହଙ୍କ ଉଗ୍ର ରୂପେ ପ୍ରକଟ ହେଲା । ବ୍ରହ୍ମାଙ୍କ ଉପଦେଶ କ୍ରମେ ଇନ୍ଦ୍ରଦ୍ୟୁମ୍ନ ନୃସିଂହ ମହାମନ୍ତ୍ର ସ୍ତୁତି କରିବାରୁ ନୃସିଂହ ଦେବତାଙ୍କ ଶାନ୍ତ, କଲ୍ୟାଣକାରୀ ରୂପ ପ୍ରକଟ ହେଲା । ଏଣୁ ଜଗନ୍ନାଥଙ୍କ ପୂର୍ବରୁ ନୃସିଂହନାଥଙ୍କ ଆବିର୍ଭାବ ସ୍ୱତଃ ପ୍ରମାଣିତ ।

ଇତିହାସ ପୃଷ୍ଠା ଅବଲୋକନ କଲେ ଗବେଷକଗଣ ଇନ୍ଦ୍ରଦ୍ୟୁମ୍ନଙ୍କ କିମ୍ବଦନ୍ତୀକୁ ଅଗ୍ରାହ୍ୟ କରି ଅନଙ୍ଗ ଭୀମ ଦେବ(୩ୟ) ଖ୍ରୀ. ୧୨୩୦ରେ ଶ୍ରୀବିଗ୍ରହ ପ୍ରତିଷ୍ଠିତ ହୋଇଥିଲେ ବୋଲି ମତ ଦିଅନ୍ତି । ଏହି ଦାରୁମୂର୍ତ୍ତି ପୂର୍ବରୁ ଶ୍ରୀକ୍ଷେତ୍ରରେ ପୂଜିତ ନ ଥିବା ବେଳେ ପ୍ରସ୍ତର ନିର୍ମିତ ଲକ୍ଷ୍ମୀ ନୃସିଂହ ମୂର୍ତ୍ତି ପୂଜିତ ହୋଇଥିଲେ । ଏଣୁ ସୁଦର୍ଶନ ବା ନୃସିଂହଙ୍କୁ ଶ୍ରୀଜଗନ୍ନାଥଙ୍କ ମୂଳ ରୂପେ ବିବେଚନା କରନ୍ତି ।

ଅନେକ ଗବେଷକଙ୍କ ମତରେ ଶାବର ସଂସ୍କୃତିର କ୍ରମବିକାଶ ପରେ ବୌଦ୍ଧ ସଂସ୍କୃତିର ଅଭ୍ୟୁଦୟ ହେଲା । ଖ୍ରୀ. ନବମ ଶତାବ୍ଦୀ ବେଳକୁ ବୌଦ୍ଧ ସଂସ୍କୃତିରେ ମୂର୍ତ୍ତି ପୂଜା ଓ ତନ୍ତ୍ରୀୟ ପଞ୍ଚମ'କାରର ପ୍ରବେଶ ଫଳରେ ଏହା ବ୍ରାହ୍ମଣ୍ୟବାଦୀୟ ଶୈବ ଓ ଶାକ୍ତ ସଂସ୍କୃତିରେ ବିଲୟ ହୋଇ ବୌଦ୍ଧଧର୍ମୀୟ ଦେବାଦେବୀ ହିନ୍ଦୁ ଧର୍ମର ଦେବାଦେବୀର ମାନ୍ୟତା ପାଇ ପୂଜିତ ହେବାକୁ ଲାଗିଲେ । ଖ୍ରୀ. ଦ୍ୱାଦଶ ଶତାବ୍ଦୀରେ ବୌଦ୍ଧ ଧର୍ମର ପ୍ରଭାବ ଜଗନ୍ନାଥ ସଂସ୍କୃତିରେ ଅନୁଭୂତ ହେଲା ।

ଶ୍ରୀମନ୍ଦିର ନୀଳଗିରି ପର୍ବତରେ ଅବସ୍ଥିତ । କିମ୍ବଦନ୍ତୀ ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନ ଶ୍ରୀମନ୍ଦିର ନିର୍ମାଣ କରି ଏହାର ପ୍ରତିଷ୍ଠା ପାଇଁ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିବାକୁ କେତେ ଯୁଗ ଧରି ବ୍ରହ୍ମଲୋକରେ ଅପେକ୍ଷା କରି ରହିଲେ । ବ୍ରହ୍ମାଙ୍କ ସହ ଧରାଲୋକ ପ୍ରତ୍ୟାବର୍ତ୍ତନ କାଳେ ଗାଲମାଧବଙ୍କ ଦ୍ୱାରା ବାଲୁକାଚ୍ଛାଦିତ ଶ୍ରୀମନ୍ଦିରର ପୁନରୁଦ୍ଧାର ହୋଇସାରିଥିଲା । ମହର୍ଷି ନାରଦଙ୍କ ସାକ୍ଷ୍ୟ ପ୍ରମାଣ କ୍ରମେ ଗାଲମାଧବ ଓ ଇନ୍ଦ୍ରଦ୍ୟୁମ୍ନଙ୍କ ମଧ୍ୟରେ ମତାନ୍ତରର ସମାପ୍ତି ହେଲା । ତତ୍‌ପରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ପ୍ରତିଷ୍ଠିତ ହେଲେ । ଏହି ସମୟରେ ଶ୍ରୀମନ୍ଦିର ଏକ ସୁଉଚ୍ଚ ବାଲୁକା ସ୍ତୁପ ଉପରେ ନିର୍ମିତ ହୋଇଥିଲା, ଯାହାର ଉତ୍ତର ପାର୍ଶ୍ୱରେ ଏକ ନଦୀ ପ୍ରବାହିତ ହେଉଥିଲା । ଏହାର ପାର୍ଶ୍ୱସ୍ଥ ମହୋଦଧି କାଳକ୍ରମେ ବହୁଦୂରକୁ ଅପସରିତ ହେଲା । ଏହି ମନ୍ଦିରକୁ କେହି କେହି ବୌଦ୍ଧ ସ୍ତୁପ ରୂପେ ବର୍ଣ୍ଣନା କରନ୍ତି, ଯାହା ଭ୍ରମାତ୍ମକ । ବୌଦ୍ଧ ଧର୍ମ ପ୍ରଚାର ପୂର୍ବରୁ ହିନ୍ଦୁ ଧର୍ମ ପ୍ରତିଷ୍ଠିତ ଥିଲା । ଗୌତମ ବୁଦ୍ଧଙ୍କ

ISSN NO.
2582-208X

ଦ୍ୱାରା ପ୍ରବର୍ତ୍ତିତ ବୌଦ୍ଧ ଧର୍ମ ଦ୍ୱାଦଶ ଶତାବ୍ଦୀ ବେଳକୁ ଶ୍ରୀକ୍ଷେତ୍ରରେ ଅନୁଭୂତ ହେଉଥିଲା। ଏଣୁ ଶ୍ରୀକ୍ଷେତ୍ରକୁ ବୌଦ୍ଧ ସ୍ତୁପ କହିବା ଭ୍ରମାତ୍ମକ । କାରଣ ଏହି ସମୟରେ ବୈଷ୍ଣବ ଧର୍ମର ପ୍ରଚାର ଏଠାରେ ପ୍ରବଳ ଥିଲା । ପୁନଶ୍ଚ ନୃସିଂହ ମନ୍ଦିର, ଯାହାକି ଏବେ ଶ୍ରୀମନ୍ଦିରର ମୁକ୍ତିମଣ୍ଡପ ପାର୍ଶ୍ୱରେ ଅବସ୍ଥିତ, ତାହା ଏଠାକାର ପ୍ରାଚୀନ ମନ୍ଦିର ରୂପେ ଅଭିହିତ । ଏଣୁ ବୌଦ୍ଧ ଧର୍ମ ଏଠାରେ ପ୍ରାଚୀନ ହେବା ଦ୍ୱନ୍ଦ୍ୱାତ୍ମକ ।

ସିଂହଳ ଇତିହାସରୁ ଜ୍ଞାତ ହୁଏ ଯେ, ଖ୍ରୀ.ପୂ. ୫୪ରେ ବୁଦ୍ଧଦେବଙ୍କ ମହାନିର୍ବାଣ ପରେ ତାଙ୍କର ଚିତାଭସ୍ମକୁ ବିଭିନ୍ନ ଧର୍ମପୀଠକୁ ତାଙ୍କ ଶିଷ୍ୟଙ୍କ ଦ୍ୱାରା ପ୍ରେରଣ କରାଗଲା । ଏହାର ସପ୍ତଶତ ବର୍ଷପରେ କ୍ଷେମ ନାମକ ଏକ ଋଷି ବୁଦ୍ଧଦେବଙ୍କ ବାମ କଳ ଦାନ୍ତକୁ ଉଦ୍ଧାର କରି ତତ୍କାଳୀନ କଳିଙ୍ଗ ନୃପତି ବ୍ରହ୍ମଦତ୍ତଙ୍କୁ ପ୍ରଦାନ କରିଥିଲେ । ବ୍ରହ୍ମଦତ୍ତ ଏହି ଦନ୍ତକୁ ଏକ ଭବ୍ୟ ମନ୍ଦିରରେ ସ୍ଥାପିତ କରି ପୂଜନ କଲେ । ଏହି ପୂଜା ପୁରୁଷାନୁକ୍ରମିକ ଚାଲିବା ପରେ ମଗଧର ସାମନ୍ତରାଜା ଭାବେ କଳିଙ୍ଗ ରାଜା ଗୁହଶିବ ଏହି ଦନ୍ତ ପୂଜନ କଲେ । ବ୍ରାହ୍ମଣମାନେ ଏହାର ବିରୋଧ କରିବାରୁ ଗୁହଶିବ ତାଙ୍କୁ ଅତ୍ୟାଚାର କଲେ । ମଗଧ ରାଜା ପଣ୍ଡୁଙ୍କୁ ଗୁହଶିବଙ୍କ ବିରୋଧରେ ବ୍ରାହ୍ମଣମାନେ ଅଭିଯୋଗ କରନ୍ତେ, ଦନ୍ତକୁ ନେଇ ମଗଧ ଆସିବାକୁ ପଣ୍ଡୁ ଗୁହଶିବଙ୍କୁ ଆଦେଶ ଦେଲେ । ଗୁହଶିବଙ୍କ ଦ୍ୱାରା ଅଣାଯାଇଥିବା ଦନ୍ତକୁ ଦର୍ଶନ କରି ପଣ୍ଡୁ ପ୍ରସନ୍ନ ହେଲେ ଏବଂ ଏହି ଦନ୍ତ ନେଇ ଗୁହଶିବ ପୁନଶ୍ଚ କଳିଙ୍ଗ ପ୍ରତ୍ୟାବର୍ତ୍ତନ କଲେ । ଏହାପରେ କ୍ଷୀରଧାର ବଂଶର ରାଜା ଗୁହଶିବଙ୍କୁ ଦନ୍ତ ଦେବା ପାଇଁ କହିବାରୁ ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲା । ଦୁର୍ବଳ ରାଜା ଗୁହଶିବ ଏହି ଦନ୍ତକୁ ଲୁକ୍କାୟିତ ଅବସ୍ଥାରେ ନିଜର କନ୍ୟା ହେମମାଳା ଓ ଜାମାତା ଉଜ୍ଜୟିନୀ ରାଜକୁମାର ଦନ୍ତକୁମାରଙ୍କୁ ପ୍ରଦାନ କରି ସିଂହଳ ପଠେଇବା ବ୍ୟବସ୍ଥା କଲେ । ଏ ଦୁହେଁ ଦନ୍ତକୁ ନେଇ ଗୁହଶିବଙ୍କ ରାଜଧାନୀ ଦନ୍ତପୁରର ଦକ୍ଷିଣ ଦିଗକୁ ଗତି କରି ଏକ ନଦୀ ପାରକରି ରତ୍ନଗିରି ପର୍ବତ ମୂଳରେ ଏକ ବାଲୁକା ସ୍ତୁପରେ ଲୁଚାଇ ରଖିଲେ । ପଡ଼ୋଶୀ ରାଜା ନାଗରାଜା ବୌଦ୍ଧ ଧର୍ମ ବିରୋଧୀ ଥିବାରୁ ଏହି ଦନ୍ତକୁ ନେଇ ରତ୍ନଗିରି ପର୍ବତ ଉପରେ ରହିଲେ । କେହି ଜଣେ ମହାପୁରୁଷ ଏହି ଦନ୍ତକୁ ନାଗରାଜାଙ୍କ ଠାରୁ ଉଦ୍ଧାର କରି ପୁନଶ୍ଚ ଦନ୍ତକୁମାରଙ୍କୁ ଦେବାରୁ ବହୁ ବନାନୀ ପାରହୋଇ ଦନ୍ତକୁମାର ଦମ୍ପତ୍ତି ତାମଲିପ୍ତୀ ବନ୍ଦରରେ ପହଞ୍ଚିଲେ । ସେଠାରୁ ସିଂହଳ ଯାତ୍ରା କରି ସିଂହଳ ରାଜା ଶ୍ରୀମଘବନଙ୍କୁ ଏହି ଦାନ୍ତ ପ୍ରଦାନ କଲେ । ଖ୍ରୀ. ୩୧୦ ମସିହାରୁ ପରଠାରୁ ଏହି ଦାନ୍ତ ସେଠାରେ ପୂଜିତ ହେଉଛି ।

ISSN NO.
2582-208X

ଏଠାରେ ଚିନ୍ତା କରିବା କଥା ଯେ, ଖ୍ରୀ· ତୃତୀୟ ଶତାବ୍ଦୀ ବେଳକୁ ହିନ୍ଦୁ ଧର୍ମର ପ୍ରଚାର ଥିଲା ଓ ବୌଦ୍ଧ ଧର୍ମ ସେତେ ପରିଲକ୍ଷିତ ହେଉ ନ ଥିଲା । ଶ୍ରୀମନ୍ଦିର ନୀଳଗିରି ପର୍ବତରେ ଅବସ୍ଥିତ । କିନ୍ତୁ ରତ୍ନଗିରି ପର୍ବତ କଟକ ଜିଲ୍ଲାରେ ଅବସ୍ଥିତ । ଏହାର ଦକ୍ଷିଣ ଦିଗରେ ମହାନଦୀ ପ୍ରବାହିତ । ପୁନଶ୍ଚ ଯେଉଁ ଦନ୍ତପୁର ବିଷୟ ଉଲ୍ଲେଖ ହୋଇଛି ତାହା ଗୁଣ୍ଡିଚା ମନ୍ଦିର ଅଞ୍ଚଳ ଅଟେ । ଦନ୍ତପୁର ଓ ପର୍ବତ ମଧ୍ୟରେ ଯେଉଁ ନଦୀ ବର୍ଣ୍ଣନା କରାଯାଇଛି ତାହା ବାଙ୍କି ମୁହାଣ ନଦୀ । ଏହି ସିଂହଳ ଇତିହାସରେ ନୀଳଗିରିକୁ ରତ୍ନଗିରି ବୋଲି ଭୁଲକ୍ରମେ ବର୍ଣ୍ଣନା କରାଯାଇଛି । ଏଣୁ ନୀଳଗିରିରେ ନୀଳମାଧବ ମନ୍ଦିରକୁ ଦନ୍ତସ୍ତୁପ କହି ଦନ୍ତପୁରୀ କହିବା ଠିକ୍ ହେବନାହିଁ ।

ଅନେକ ବୌଦ୍ଧଧର୍ମାବଲମ୍ବୀଙ୍କ ମତାନୁସାରେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିରେ ଯେଉଁ ବ୍ରହ୍ମ ସ୍ଥାପିତ ତାହା ବୁଦ୍ଧଦେବଙ୍କ କେଶ ଓ ଦନ୍ତ ଅଟେ । କିନ୍ତୁ ବୈଷ୍ଣବ ଧର୍ମରେ କୌଣସି ମୃତଶରୀରର ଅଂଶ ଅପୂଜ୍ୟ ହୋଇଥିବାରୁ ଏହି ତଥ୍ୟ ମଧ୍ୟ ଭୁଲ । ପୁନଶ୍ଚ ନବକଳେବର ସମୟରେ ମୁଖ, ଚକ୍ଷୁରେ ପଟି ବାନ୍ଧି ହସ୍ତରେ ବସ୍ତ୍ର ଆବୃତ୍ତ କରି ବ୍ରହ୍ମ ପରିବର୍ତ୍ତନ କରାଯାଉଥିବାର ବ୍ରହ୍ମ ସତ୍ତା କ'ଣ କେହି ସଠିକ୍ ଭାବେ କହିବା କଠିନ ଅଟେ । ଏଣୁ ଏହି ବ୍ରହ୍ମଙ୍କୁ ବୁଦ୍ଧଙ୍କ ଦନ୍ତ କହିବା ଭିତ୍ତିହୀନ ।

ବୌଦ୍ଧ ଧର୍ମରେ ତ୍ରିରତ୍ନ ବୁଦ୍ଧ, ଧର୍ମ ଓ ସଂଘକୁ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ରୂପେ ବିବେଚନା କରାଯାଏ । ପୁନଶ୍ଚ ବୌଦ୍ଧ ଧର୍ମର ଚକ୍ରକୁ ସୁଦର୍ଶନ ଚକ୍ରର ମାନ୍ୟତା ଦିଆଯାଏ। ବୌଦ୍ଧ ଧର୍ମରେ ଧର୍ମକୁ ସ୍ତ୍ରୀ ରୂପେ ବିବେଚନା କରାଯାଉଥିବାରୁ ସୁଭଦ୍ରାଙ୍କୁ ଧର୍ମ ସ୍ୱରୂପ ଆଖ୍ୟାୟିତ କରାଯାଏ । କିନ୍ତୁ ବିଶିଷ୍ଟ ଗବେଷକ କନିଙ୍ଗ ହାମ ଯେଉଁ ତ୍ରିରତ୍ନ ଚିତ୍ର ପ୍ରଦାନ କରିଛନ୍ତି, ସେଥିରେ ଜଗନ୍ନାଥ ଓ ବଳଭଦ୍ରଙ୍କ ଉର୍ଦ୍ଧ୍ୱ ବାହୁ ଥିବାର ଦୃଶ୍ୟମାନ । ଠିକ୍ ସେହିପରି ସୁଭଦ୍ରାଙ୍କ ହାତ ଚିହ୍ନ ମଧ୍ୟ ରହିଛି । କିନ୍ତୁ ଜଗନ୍ନାଥ ସଂସ୍କୃତିରେ ସୁଭଦ୍ରା ହସ୍ତ ପାଦ ହୀନ ଓ ଜଗନ୍ନାଥ, ବଳଭଦ୍ରଙ୍କ ହସ୍ତ ସମାନ୍ତରାଳ ଥାଏ । ଏଣୁ ତ୍ରିରତ୍ନର ଚିତ୍ରପଟ୍ଟ ସହ ତ୍ରିଜଗନ୍ନାଥ, ସୁଭଦ୍ରା, ବଳଭଦ୍ରଙ୍କ ସାମ୍ୟତା ନାହିଁ । ପୁନଶ୍ଚ ବୌଦ୍ଧଚକ୍ର ଗୋଲାକୃତି ହୋଇଥିବା ବେଳେ ଜଗନ୍ନାଥ ସଂସ୍କୃତିରେ ସୁଦର୍ଶନ ଚକ୍ର ଗଦା କିମ୍ବା ଲିଙ୍ଗାକୃତି ହୋଇଥାଏ । ଏଣୁ ଏହି ଅମେଳ ଜଗନ୍ନାଥ ଓ ବୌଦ୍ଧ ସଂସ୍କୃତିକୁ ଭିନ୍ନତାର ପରିଚୟ ପ୍ରଦାନ କରୁଛି । ବୌଦ୍ଧ ଧର୍ମରେ ବୁଦ୍ଧ ମୂର୍ତ୍ତି ପୂଜନ ପୂର୍ବରୁ ବୌଦ୍ଧ ବିହାର ମନ୍ଦିର ମଧ୍ୟରେ ଚକ୍ର ପୂଜନ କରାଯାଉଥିଲା । କିନ୍ତୁ ହିନ୍ଦୁ ଧର୍ମରେ କେଉଁଠାରେ ମଧ୍ୟ କେବଳ

ISSN NO.
2582-208X

ଶଙ୍ଖ, ଚକ୍ର, ଗଦା, ପଦ୍ମର ପୂଜନ ଦୃଶ୍ୟମାନ ହୁଏନାହିଁ । ଏହି ସୁଦର୍ଶନ ଚକ୍ରକୁ ବୌଦ୍ଧଚକ୍ର କହିବା ଭିତ୍ତିହୀନ । ପୁନଶ୍ଚ ବୈଦିକ ଯୁଗରୁ ବିଷ୍ଣୁଙ୍କ ଆବିର୍ଭାବ ଅଛି । ଏହି ସୁଦର୍ଶନ ଚକ୍ର କେବେ ମଧ୍ୟ ବୌଦ୍ଧଚକ୍ରରୁ ଆନୀତ ହୋଇନାହିଁ ।

ହୁଏନ୍ ସାଂ ବୋଧଗୟା (ବୁଦ୍ଧଗୟା)ର କିମ୍ବଦନ୍ତୀ ଅନୁଯାୟୀ ବୌଦ୍ଧ ବିହାରରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବା ଅନେକ ଶିଳ୍ପୀଙ୍କ ଦ୍ୱାରା ବହୁକାଳ ପର୍ଯ୍ୟନ୍ତ ସମ୍ଭବ ନ ହେବାରୁ ଏକ ବ୍ରାହ୍ମଣ ଏହି ନିର୍ମାଣ କାର୍ଯ୍ୟ ପାଇଁ ଆଗଭର ହେଲେ । ତାଙ୍କର ସର୍ତ୍ତ ମୁତାବକ ଯେଉଁ ବିହାରରେ ମୂର୍ତ୍ତି ନିର୍ମାଣ ହେବ ସେହି ଗର୍ଭ ଗୃହରେ କିଛି ଅଠା ଓ ଆଲୋକ ବର୍ତ୍ତିକା ରଖାଗଲା ଓ ଛ'ମାସ ପର୍ଯ୍ୟନ୍ତ ବୌଦ୍ଧ ବିହାରର ମୁଖ୍ୟଦ୍ୱାର ବନ୍ଦ କରାଗଲା । କିନ୍ତୁ ବୌଦ୍ଧ ଭିକ୍ଷୁମାନେ ଛ'ମାସ ପୂର୍ବରୁ ମୁଖ୍ୟ ବିହାର ଦ୍ୱାର ଉନ୍ମୁକ୍ତ କରିବାରୁ ଗର୍ଭଗୃହର ବୁଦ୍ଧ ମୂର୍ତ୍ତି ଝଲସି ଉଠିଲା । ମାତ୍ର ବ୍ରାହ୍ମଣ ଶିଳ୍ପୀ ଅନ୍ତର୍ଦ୍ଧାନ ହୋଇଗଲେ ଓ ବୁଦ୍ଧଦେବଙ୍କ ସୁରମ୍ୟ ମୂର୍ତ୍ତିର ବାମ ବକ୍ଷର ନିର୍ମାଣ ଅର୍ଦ୍ଧଗଢ଼ା ହୋଇ ରହିଗଲା । ଏହି କିମ୍ବଦନ୍ତୀ ଜଗନ୍ନାଥ ସଂସ୍କୃତିର ଇନ୍ଦ୍ରଦ୍ୟୁମ୍ନଙ୍କ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ ସହ ସାମଞ୍ଜସ୍ୟ ରହିଛି । ବୁଦ୍ଧଦେବଙ୍କ ମୂର୍ତ୍ତି ନିର୍ମାଣ ଅବଧି ଛ'ମାସ ଥିବାବେଳେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିର୍ମାଣ କାଳ ପନ୍ଦର ଦିନ ଥିଲା । ପୁନଶ୍ଚ ଚତୁର୍ଦ୍ଧାମୂର୍ତ୍ତି ସମ୍ପୂର୍ଣ୍ଣ ଅର୍ଦ୍ଧଗଢ଼ା ହୋଇ ରହିଲେ । ଏହି ନିର୍ମାଣ କାଳ ଜ୍ୟେଷ୍ଠ ପୂର୍ଣ୍ଣିମାରୁ ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ରହିଥାଏ, ଯାହାକୁ ଅଣସର ପରମ୍ପରା କୁହାଯାଏ । ଏଣୁ ଏଠାରେ ମଧ୍ୟ ଜଗନ୍ନାଥଙ୍କ ସହ ବୁଦ୍ଧଦେବଙ୍କ ସାମଞ୍ଜସ୍ୟ ସେତେଟା ପରିଲକ୍ଷିତ ହୁଏନାହିଁ ।

ବୌଦ୍ଧ ଧର୍ମରେ ଦନ୍ତ ଯାତ୍ରା ସହ ଜଗନ୍ନାଥଙ୍କ ରଥଯାତ୍ରାର ସାମଞ୍ଜସ୍ୟ ସୂଚୀତ କରାଯାଏ । କିନ୍ତୁ ଜଗନ୍ନାଥ ସଂସ୍କୃତିର ପରମ୍ପରା, ଐତିହ୍ୟ ନିଶ୍ଚିତ ରୂପେ ଭିନ୍ନ । ଏଥିସହ ହିନ୍ଦୁ ଧର୍ମର ଶ୍ରେଷ୍ଠ ଦେବତା ଜଗନ୍ନାଥ ଥିବାବେଳେ ବୌଦ୍ଧ ଧର୍ମ ସନାତନ ଧର୍ମର ଏକ ରୂପାନ୍ତର ମାତ୍ର। ବୌଦ୍ଧ ଧର୍ମରେ ଜାତି, ଧର୍ମ, ବର୍ଣ୍ଣର ନିର୍ବିଶେଷତା ଜଗନ୍ନାଥ ସଂସ୍କୃତିରେ ଆନନ୍ଦବଜାରରେ, ପୂଜା ପରମ୍ପରାରେ ଓ ରଥଯାତ୍ରାରେ ଦୃଶ୍ୟମାନ । କିନ୍ତୁ ଏହି ବର୍ଣ୍ଣ ନିର୍ବିଶେଷରେ ଭାବ ସନାତନ ଧର୍ମରେ ଦୃଶ୍ୟମାନ ହେଉଥିବାରୁ ଏହାକୁ ବୌଦ୍ଧ ଧର୍ମର ପ୍ରବର୍ତ୍ତନ ଚିନ୍ତିବା ଭ୍ରମାତ୍ମକ । ନେପାଳରେ ମଧ୍ୟ ହିନ୍ଦୁ ଧର୍ମର ପର୍ବପର୍ବାଣୀ ବୌଦ୍ଧ ଧର୍ମରେ ଗୃହୀତ ହୋଇଛି। ଶ୍ରୀମନ୍ଦିରର ପୂଜା, ପର୍ବପର୍ବାଣି ଓ ପରମ୍ପରାରେ ମଧ୍ୟ ବୌଦ୍ଧ ଧର୍ମର କୌଣସି ପ୍ରଭାବ ପରିଲକ୍ଷିତ ହୋଇ ନ ଥାଏ ।

ISSN NO.
2582-208X

ବୌଦ୍ଧ ଧର୍ମର ବଜ୍ରଯାନର ପ୍ରବର୍ତ୍ତକ ସମ୍ବଲକ ରାଜା ଇନ୍ଦ୍ରଭୂତିଙ୍କ ଦ୍ୱାରା ରଚିତ "ଜ୍ଞାନସିଦ୍ଧି" ଗ୍ରନ୍ଥରେ ବୁଦ୍ଧଙ୍କୁ ଜଗନ୍ନାଥ ରୂପେ ବର୍ଣ୍ଣନା କରାଯାଇଛି । କିନ୍ତୁ ଜୈନ ଧର୍ମରେ ମଧ୍ୟ ଜୀନାନାଥଙ୍କୁ ଜଗନ୍ନାଥ କୁହାଯାଏ । ଏହାଛଡ଼ା "ଜ୍ଞାନସିଦ୍ଧି" ଗ୍ରନ୍ଥରେ ଜଗନ୍ନାଥଙ୍କୁ ଲୋକନାଥ ରୂପେ ବର୍ଣ୍ଣନା କରାଯାଇଛି ।

"ଦେଶିତଂ ଲୋକନାଥୈସ୍ତୁ ଜ୍ଞାନ ମତ୍ୟଦ୍ଭୁତଂ ପରମ୍
ସିଦ୍ଧିଦଂ ଜନ୍ମନୀହୈବ ସର୍ବବୁଦ୍ଧମୟଂ ଶିବମ୍ ।"

ଅତଏବ ଯିଏ ବୁଦ୍ଧ, ସେ ଜଗନ୍ନାଥ, ସେ ଲୋକନାଥ, ସେ ଶିବ । ଅତଏବ ଏଠାରେ ଜଗନ୍ନାଥଙ୍କୁ ସର୍ବବ୍ୟାପୀ ବିବେଚନା କରାଯାଇ ଉପରୋକ୍ତ ସମସ୍ତ ଶବ୍ଦକୁ ପର୍ଯ୍ୟାୟବାଚୀ ରପେ ବିବେଚନା କରାଯାଇଛି । କେବଳ "ଜ୍ଞାନସିଦ୍ଧି" ଗ୍ରନ୍ଥକୁ ଛାଡ଼ିଦେଲେ ବୌଦ୍ଧ ଧର୍ମର ଅନ୍ୟଗ୍ରନ୍ଥ, ଏପରିକି "ତ୍ରିପିଟକ"ରେ ଜଗନ୍ନାଥ ଶବ୍ଦ ଦୃଶ୍ୟମାନ ହୁଏନାହିଁ । କିନ୍ତୁ "ତ୍ରିପିଟକ" ପୂର୍ବରୁ ରଚିତ ଅନେକ ହିନ୍ଦୁ ବୈଦିକ ଗ୍ରନ୍ଥରେ ଜଗନ୍ନାଥଙ୍କୁ 'ପୁରୁଷୋତ୍ତମ' ରୂପେ ବର୍ଣ୍ଣନା କରାଯିବା ସହ 'ବିଷ୍ଣୁ ସହସ୍ର' ନାମରେ ସ୍ଥାନିତ କରାଯାଇଛି । ଏଣୁ ବୌଦ୍ଧ ସଂସ୍କୃତି ପରେ ଜଗନ୍ନାଥ ସଂସ୍କୃତି ନୁହେଁ ବରଂ ଜଗନ୍ନାଥ ସଂସ୍କୃତିରେ ବୌଦ୍ଧ ସଂସ୍କୃତିକୁ ମିଳନ କରାଯାଇ ବୁଦ୍ଧଦେବଙ୍କୁ ଜଗନ୍ନାଥଙ୍କ ନବମ ଅବତାର ରୂପେ ବର୍ଣ୍ଣନା କରାଯାଇଛି । ଏଣୁ ଜଗନ୍ନାଥ ମନ୍ଦିର ଗରୁଡ଼ସ୍ତମ୍ଭ ଥିବା ଜଗମୋହନ ଦକ୍ଷିଣପାର୍ଶ୍ୱର କାନ୍ଥରେ ଏବଂ ସିଂହଦ୍ୱାର କାନ୍ଥରେ ବିଷ୍ଣୁଙ୍କ ଦଶ ଅବତାର ମୂର୍ତ୍ତି ଖୋଦିତ ହୋଇ 'ନବମ ଅବତାର' ରୂପେ ଜଗନ୍ନାଥଙ୍କୁ ସ୍ଥାନିତ କରାଯାଇଛି ।

ପୁନଶ୍ଚ ସ୍ୱୟଂ ବୁଦ୍ଧଦେବ ସମ୍ଭବତଃ ଶ୍ରୀକ୍ଷେତ୍ର ପରିଭ୍ରମଣ କରିଥାଇପାରନ୍ତି । ଏଣୁ ସେ ଶ୍ରୀକ୍ଷେତ୍ର ପରି ଅନ୍ୟ ଏକ ଶ୍ରୀକ୍ଷେତ୍ର ଭାରତ ବାହାରେ ନିର୍ମାଣ କରିବାର ଘୋଷଣା କରିଥିଲେ । ଏହା ସିଭଜିଗାନ ପାଗୋଡ଼ାର ଶିଳାଲେଖରେ ରଚିତ ହୋଇଛି । ଏଣୁ ପୁରୀ ଶ୍ରୀକ୍ଷେତ୍ର ଯେ ବୁଦ୍ଧଦେବଙ୍କ ଆବିର୍ଭାବ ପୂର୍ବରୁ ପ୍ରତିଷ୍ଠିତ ତାହା ନିଃସନ୍ଦେହ ।

ବୌଦ୍ଧ ଧର୍ମର ତ୍ରିରତ୍ନ ଓ ବୁଦ୍ଧଗୟା କିମ୍ବଦନ୍ତୀର ଅର୍ଦ୍ଧଗଢ଼ା ମୂର୍ତ୍ତିର ରହସ୍ୟ ସହ ଜଗନ୍ନାଥ ସଂସ୍କୃତିର ଶ୍ରୀଜଗନ୍ନାଥ, ସୁଭଦ୍ରା, ବଳଭଦ୍ରଙ୍କୁ ସଂଯୋଗିତ କରିବା ଅସମୀଚିନ ହେବ । କାରଣ ହିନ୍ଦୁ ଗ୍ରନ୍ଥର ଉତ୍କଳଖଣ୍ଡରେ ଜଗନ୍ନାଥଙ୍କୁ ଚତୁଃର୍ବାହୁ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ଶ୍ରୀବିଷ୍ଣୁ ସ୍ୱରୂପ ରୂପେ ଓ ବଳଭଦ୍ରଙ୍କୁ ମଧ୍ୟ ଗଦା, ମୂଷଳ, ଚକ୍ର ଓ ପଦ୍ମଧାରୀ ଅନନ୍ତ

ISSN NO.
2582-208X

ଫଣା ଦ୍ୱାରା ଆଚ୍ଛାଦିତ ତାଙ୍କ ମସ୍ତକ ରୂପେ ତଥା ସୁଭଦ୍ରାଙ୍କୁ ହିରଣ୍ମୟୀ, ଆଶୀର୍ବାଦହସ୍ତା ଓ ପଦ୍ମଧାରିଣୀ ରୂପେ ପୂଜନ କରାଯାଏ । ଏଣୁ ଜଗନ୍ନାଥ ସଂସ୍କୃତିର ଅନନ୍ୟ ସମ୍ଭାର ବରଂ ନିଜର ବିଶାଳ ହୃଦୟରେ ବୁଦ୍ଧ ଧର୍ମକୁ ଆଲିଙ୍ଗିତ କରି ତାର ମହିମାକୁ ବହୁଗୁଣିତ କରୁଛି ।

ସେଥି ନିମନ୍ତେ ଭକ୍ତକବି ସାରଳାଦାସ, ପଞ୍ଚସଖା ପ୍ରମୁଖ ସମସ୍ତେ ଶ୍ରୀଜଗନ୍ନାଥଙ୍କୁ ବୁଦ୍ଧମୟ କରିଛନ୍ତି । ଏପରିକି ଆଦିଶଙ୍କରାଚାର୍ଯ୍ୟଙ୍କ ଅନୁଗାମୀ ଶୈବଗଣ ଜଗନ୍ନାଥଙ୍କୁ ଶିବ ରୂପେ ପୂଜନ କରନ୍ତି । ଠିକ୍ ସେହିପରି ରାମାନୁଜ ଅନୁଗାମୀଗଣ ବିଷ୍ଣୁ ରୂପେ, ଗାଣପତ୍ୟଗଣ ଗଣେଶ ରୂପେ, ସୌରଗଣ ସୂର୍ଯ୍ୟ ରୂପେ, ବୌଦ୍ଧଧର୍ମୀ ବୌଦ୍ଧ ରୂପେ, ଜୈନଧର୍ମୀ ଋଷଭନାଥ ରୂପେ ଶ୍ରୀଜଗନ୍ନାଥଙ୍କୁ ସମ୍ମିଳିତ କରିଥାନ୍ତି ।

ରହସ୍ୟମୟୀ ଜଗନ୍ନାଥ ସଂସ୍କୃତିର ମଉଡ଼ମଣି ଶ୍ରୀଜଗନ୍ନାଥ ସର୍ବକାଳେ ହିନ୍ଦୁ, ମୁସଲମାନ, ବୁଦ୍ଧ, ଜୈନ, ଶିଖ, ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀମାନଙ୍କ ଉପାସ୍ୟ ଦେବତା ହୋଇଥାନ୍ତି । ପ୍ରଭୁଙ୍କ ବିଶାଳତା ସମ୍ମୁଖେ ସମସ୍ତେ ଭାବବନ୍ଧନରେ ଅନୁବନ୍ଧିତ । ଏହିକ୍ରମରେ ବୌଦ୍ଧ ଧର୍ମର ଦନ୍ତ ପୂଜନକୁ ବ୍ରହ୍ମରୂପେ ଆକଳନ କରିବା ଓ ଶ୍ରୀକ୍ଷେତ୍ରକୁ ଦନ୍ତପୁରୀ ରୂପେ ବର୍ଣ୍ଣନା କରିବା ଯଦିଓ ତାତ୍ତ୍ୱିକ ଦୃଷ୍ଟିକୋଣରୁ ସ୍ୱୀକାର୍ଯ୍ୟ ନୁହେଁ ତଥାପି ସର୍ବବ୍ୟାପୀ ଜଗନ୍ନାଥ ଯେ ସମସ୍ତଙ୍କର ଓ ସମସ୍ତେ ତାଙ୍କର ସେହି ଭାବଡ଼ୋର ଆଧାରରେ ଏକାକାର ହେବା ଏକ ସ୍ୱର୍ଗୀୟ ଅନୁଭୂତି ଛଡ଼ା ଅନ୍ୟ କିଛି ନୁହେଁ ।

ପ୍ରାକ୍ତନ ଅର୍ଥକମିଟି ସଦସ୍ୟ
ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର
ମୋ-୯୪୩୭୦୭୯୦୯୯
drsanjayaeducationist@gmail.com

ISSN NO.
2582-208X

# ସ୍ମୃତି ନୁହେଁ ଗଳ୍ପ



ହର ପ୍ରସାଦ ସୁଆର

ମୁଁ ସ୍ମୃତି ନୁହେଁ, ଗଳ୍ପ ହେବାକୁ ଚାହେଁ

ସ୍ମୃତିର ନିଆଁରେ ପୋଡି ଯାଇଥିବା ନିଷ୍ପ୍ରାଣ ପାଉଁଶ

ଯାହାକୁ କେନ୍ଦ୍ରକରି ବର୍ତ୍ତମାନକୁ ହରାଏ,

ଅତୀତ ଠାରୁ ଦୌଡି ପଳାଏ

ଭବିଷ୍ୟତର ଭାବନାରୁ ଅଟକି ଯାଏ ।

ସ୍ମୃତି ଉପଶମ ନୁହେଁ, ଜୀବନର କ୍ଷୟ

ଗଳ୍ପ ହୋଇ ଏହି କ୍ଷୟକୁ କରିବି ଜୟ

ମୁଁ ସ୍ମୃତି ନୁହେଁ, ଗଳ୍ପ ହେବାଉ ଚାହେଁ

କାହିଁକି ନା ସ୍ମୃତି ପ୍ରାଣବନ୍ତ ନୁହେଁ ନିଆଁରେ

ପୋଡି ଯାଇଥିବା ନିଷ୍ପ୍ରାଣ ପାଉଁଶ ।

ଚଳଭାସ : ୭୦୦୧୦୫୦୪୯୧

ISSN NO.
2582-208X

# ଶବ୍ଦକୋଷ ର ଆଇନା



ଦୂର୍ବାଦଳ କଣ୍ଡଳୀ

କିଏ ବୁଝି ପାରେ ଅବ୍ୟକ୍ତ ବେଦନା
ନାରୀ ପ୍ରତି ଭେଦଭାବ ।
କିଏ କରି ପାରେ ଯନ୍ତ୍ରଣା ଜନିତ
ବ୍ୟର୍ଥତାର ଅନୁଭବ ।

ଅଭିଧାନ ଧରି ଖୋଜେ ନାରୀ, ଏକ
ଶବ୍ଦର ପୁଂଲିଙ୍ଗ ଅର୍ଥ ।
ମିଳେ ନାହିଁ ଶବ୍ଦ, ଧଣ୍ଡ ଦିଅନ୍ତୁ ନ
ହୋଇ ଯାନ୍ତୁ ଅସ୍ତ ବ୍ୟସ୍ତ ।

"ବନ୍ଧ୍ୟା" ଓ "ବେଶ୍ୟା"ର ପୁରୁଷସୁଲଭ
ଶବ୍ଦ ରହିଅଛି କାହିଁ ।
ଅଟ୍ଟହାସ କରେ, ଶୁଣି "ଶବ୍ଦକୋଷ"
ପ୍ରତି ପୃଷ୍ଠା ଓଲଟାଇ ।

ପୁରୁଷ ପାଇଁ ଏ ପ୍ରଯୁଜ୍ୟ ହେବାର
ଆବଶ୍ୟକ କେଉଁ ଠାରେ ।
ଅବାଧରେ ଏକ ପୁରୁଷ ଅନେକ
ସ୍ତ୍ରୀ ସଙ୍ଗ କରିପାରେ ।

ISSN NO.
2582-208X

ଇତିହାସ କହେ "ବନ୍ଧ୍ୟା" ନାରୀଟିଏ
ପୁରୁଷଙ୍କ ଦୋଷ ନାହିଁ ।
ସଂଖ୍ୟାଧିକ ପତ୍ନୀ ଦୋଷୀ ହୋଇ ଥାନ୍ତି
ନିଃସନ୍ତାନ ଦୋଷ ପାଇଁ।

ଅଭିଧାନ ନିଜ ବିଫଳତା ଦେଖି
ଉଗ୍ର ହୋଇ ଶବ୍ଦ ଲେଖେ।
"ବନ୍ଧ୍ୟ", "ବେଶ୍ୟ" ଶବ୍ଦ
ଶରୀରରେ ଦେଖି
ପୃଷ୍ଠା ଦେହ ଥରି ଉଠେ।

ଦିଗଭ୍ରଷ୍ଟ ଶବ୍ଦ ଫେରି ଆସିଯାନ୍ତୁ
ଲେଟନ୍ତୁ ନିଜ ସ୍ଥାନରେ ।
ଅସଲ ଚେହେର୍ ଦେଖେ ଏ ସମାଜ
"ଶବ୍ଦକୋଷ" ଆଇନାରେ।

ଅବସରପ୍ରାପ୍ତ ମଣ୍ଡଳ ପ୍ରବନ୍ଧକ (ଏଲ୍ଆଇସି )
ବାବୁଆ ବଗିଚ୍ଚ, କଲ୍ଭ କଲୋନୀ, ଝାରସୁଗୁଡ଼ା
ମୋ:ନ:-୯୩୪୮୨୦୨୩୩୧

ISSN NO.
2582-208X

# ମଣୀନ୍ଦ୍ର ମେହେରଙ୍କ ତିନୋଟି ଗଳ୍ପ ସଂକଳନ : ଆତ୍ମାନୁଭୂତିର ଏକ ମୁଗ୍ଧ ଅନୁରଣନ



ହିତେଶ ବେହେରା

ଜୀବନର ବାସ୍ତବ ସତ୍ୟକୁ ଉଦ୍ଘାଟନ କରିବା ସହିତ ନିଜସ୍ୱ ଅନୁଭବ ଓ ଅନୁଭୂତିକୁ ତଥ୍ୟଯୁକ୍ତ, ଯୁକ୍ତିନିଷ୍ଠ, ପ୍ରାମାଣିକ ଓ ଆକର୍ଷଣୀୟ କରି ଗଢି ଦେଉଥିବା ଜଣେ ସର୍ଜନଶୀଳ ସାରସ୍ୱତ ସ୍ରଷ୍ଟା ହେଉଛନ୍ତି ଗାଳ୍ପିକ ମଣୀନ୍ଦ୍ର କୁମାର ମେହେର । ସେ କେବଳ ଗଳ୍ପ ଲେଖକ ନୁହଁନ୍ତି, ଏକାଧାରରେ ସେ ଜଣେ ସୁସମାଲୋଚକ, ପ୍ରାବନ୍ଧିକ, ସମ୍ପାଦକ, ଔପନ୍ୟାସିକ ଓ ଭ୍ରମଣକାହାଣୀର ଲେଖକ । ପାଠକ ମହଲରେ ସେ ଜଣେ ସୁପ୍ରାବନ୍ଧିକ ଏବଂ ଉଚ୍ଚକୋଟୀର ସମାଲୋଚକ ଭାବରେ ପରିଚିତ ହୋଇଥିଲେ ହେଁ ତାଙ୍କର ଗଳ୍ପଗୁଡିକ ମଧ୍ୟ କମ ପ୍ରଭାବଶାଳୀ ନୁହେଁ । ଜଣେ ଉଚ୍ଚ ସ୍ତରର ସର୍ଜନଶୀଳ ସାଧକ ଓ ସହୃଦୟବାନ ପ୍ରାଧ୍ୟାପକ ଭାବରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି । ଗାଳ୍ପିକ ମେହେରଙ୍କ ଏଯାବତ ପ୍ରକାଶ ପାଇଥିବା ତିନୋଟି ଗଳ୍ପ ସଂକଳନ ହେଲା – 'ମୋର ସ୍ୱପ୍ନ ଓ ସ୍ମୃତିରୁ କେତୋଟି' (୧୯୮୭), 'ଯାଦୁନନ୍ଦନ' (୨୦୨୧) ଏବଂ 'ସୂର୍ଯ୍ୟାସ୍ତର ଆଭାରେ ମାମା' ( ୨୦୨୪ ) । ଏଇ ଗଳ୍ପଗୁଡ଼ିକ ମଧ୍ୟରେ ସେ ଯେଉଁ ଅନ୍ତର୍ଗୂଢ଼ ସତ୍ୟ ଓ ସୌନ୍ଦର୍ଯ୍ୟର ପରିସ୍ଫୁଟନ କରାଇଛନ୍ତି ତାହା ହିଁ ହେଉଛି ତାଙ୍କର ଲେଖକୀୟ ସ୍ୱତନ୍ତ୍ରତା । ତାଙ୍କର ଗଳ୍ପଗୁଡ଼ିକ ମଧ୍ୟରେ ରହିଛି ଯେଉଁ ମାନବିକ ସମ୍ବେଦନା, ହୃଦୟରେ ଭରିଉଠିଛି ଯେଉଁ ଗଭୀର ଆଶା ଓ ଆଶ୍ୱାସନା ତାହା ଗଳ୍ପ ଓ ଗାଳ୍ପିକଙ୍କୁ ପାଠକ ହୃଦୟର ଅଭ୍ୟନ୍ତରକୁ ସ୍ୱତଃ ଟାଣି ନେଇଯାଇଛି ।

ISSN NO.
2582-208X

## ୧. ମଣୀନ୍ଦ୍ର ମେହେରଙ୍କ ଗଳ୍ପରେ ଚିତ୍ର ଓ ଚରିତ୍ର :

ଜଣେ ଲେଖକ ତମାମ ଜୀବନ ମଧ୍ୟରେ ଯେତେ ଯେତେ ଚିତ୍ର ଓ ଚରିତ୍ର ସଂସ୍ପର୍ଶରେ ଆସନ୍ତି, ସେଇସବୁ ଚିତ୍ର ଲେଖା ଭିତରେ ରୂପ ପାଇବା ସ୍ୱାଭାବିକ । ସେଇ ନ୍ୟାୟରେ ଗାଳ୍ପିକଙ୍କ ଜୀବନାକାଶରେ ମଧ୍ୟ ଯେତେ ଚରିତ୍ର ଉଇଁ ଆସିଛନ୍ତି ଉଜ୍ଜ୍ୱଳ ନକ୍ଷତ୍ରଟେ ହୋଇ ସେମାନେ ସମସ୍ତେ ତାଙ୍କ ଗଳ୍ପର ପ୍ରମୁଖ ଚରିତ୍ର ଭାବରେ ଅବତୀର୍ଣ୍ଣ । କଥାକାରଙ୍କ ତିନୋଟିଯାକ ଗଳ୍ପ ସଂକଳନ ଆତ୍ମଜୀବନୀମୂଳକ ହୋଇଥିବା ହେତୁ ଅଧିକାଂଶ ଗଳ୍ପ ଜୀବନୀମୂଳକ ହେବା କିଛି ଅସ୍ୱାଭାବିକ ବିଷୟ ନୁହେଁ । ଗଳ୍ପର ଚରିତ୍ର ଭାବରେ ଉକୁଟି ଉଠିଥିବା ବ୍ୟକ୍ତିବିଶେଷଙ୍କ ଭିତରେ ଯେପରି ସ୍ନେହ, ଶ୍ରଦ୍ଧା ଓ ମାନବୀୟ ସମ୍ବେଦନା ପ୍ରକାଶ ପାଇଛି ତାହା ହିଁ ଗଳ୍ପଗୁଡ଼ିକୁ ଜୀବନ୍ତ କରିପାରିଛି । ଯେଉଁ ଚରିତ୍ରମାନେ ଲେଖକଙ୍କ ପ୍ରତି ଅକୃତ୍ରିମ ସ୍ନେହ, ଶ୍ରଦ୍ଧା ମିଶ୍ରିତ ତମସାର ସ୍ୱଚ୍ଛ ଧାରାଟିଏ ବୁହାଇ ଦେଇଛନ୍ତି, ସେଥିରେ ଲେଖକଙ୍କ ପ୍ରାଣ ହୋଇଉଠିଛି ଆଲୋଡ଼ିତ ଓ ମନ୍ଥିତ । 'ଝିଅ ବେଶ' ଗଳ୍ପରେ ଲେଖକଙ୍କ ସାଙ୍ଗ ପୂର୍ଣ୍ଣ ତାଙ୍କ ସ୍ନେହମୟୀ ଜନନୀଙ୍କ ଦାମିକା ଶାଢ଼ୀ, ଅଳଙ୍କାରାଦି ଆଣି ଗାଳ୍ପିକଙ୍କୁ ପିନ୍ଧାଇ ଦେଇଛନ୍ତି । ପୂର୍ଣ୍ଣଙ୍କ ଏ କାର୍ଯ୍ୟରେ ପୁତ୍ରବତ୍ସଳା ଜନନୀ ଟିକିଏ ହେଲେ ଆପତ୍ତି କରିନାହାନ୍ତି କି ବାଧା ମଧ୍ୟ ଦେଇନାହାନ୍ତି । ସେ ଅବା କାହିଁକି ବାଧା ଦେଇଥାନ୍ତେ । କାରଣ କଥାକାର ବି ତ ସେଇ ଜନନୀଙ୍କ ହୃଦୟର ଏକ ଅବିଚ୍ଛେଦ୍ୟ ଅଂଶ । ଯେଉଁ ମା ଲେଖକଙ୍କ ପ୍ରତି ନିରନ୍ତର ବିଚ୍ଛୁରିତ କରିଆସିଛନ୍ତି ସ୍ନେହର ଅସରନ୍ତି ସ୍ୱଚ୍ଛାଲୋକ, ସେ ବା କିପରି ମନା କରିପାରିଥାନ୍ତେ । ମା-ପୁଅର ଏତେ ବଡ଼ ବନ୍ଧନ ମଧ୍ୟରେ ସବୁ ଆଭୂଷଣ, ଅଳଙ୍କାର ତୁଚ୍ଛ ଓ ଅର୍ଥହୀନ । ପ୍ରମାଣିତ ହୋଇଛି ଯେ ଏ ସମ୍ପର୍କ ଠାରୁ ଶ୍ରେଷ୍ଠତର ଜିନିଷ ଦୁନିଆରେ ଆଉ କିଛି ବି ନାହିଁ । କବି ଶରତ ଜେନାଙ୍କ ଭାଷାରେ –

"ସତରେ, ସମ୍ପର୍କରେ ଏମିତି ବି ଘଟିପାରେ
ଯାହା କେବେ ଘଟୁ ନଥାଏ ସ୍ୱର୍ଗରେ

ତେଣୁ ତ ସମ୍ପର୍କ ସବୁବେଳେ ସ୍ୱର୍ଗଠୁ ଊର୍ଦ୍ଧ୍ୱରେ । (ସୁନ୍ଦରତମ ଦୁଃଖ, ଏମିତି ବି ଘଟିପାରେ, ପୃ -୨୩)

ସେହିପରି 'ମଧୁ କ୍ଷରନ୍ତି ସିନ୍ଧବଃ' ଗଳ୍ପରେ କନ୍ୟା ଆନ୍ନା ଜନ୍ମ ହେବାର ତିନି ଚାରିମାସ ପରେ ମାତୃସ୍ନେହରୁ ବଞ୍ଚିତ ହୋଇଛି । ସବୁଦିନ ପାଇଁ ମାଆର ପଣତ କାନିରେ ଘୋଡାଇ

ISSN NO.
2582-208X

ହେବାର ଆଶା ମଉଳି ଯାଇଛି । ଆନ୍ନା ମାଆର ମମତାରୁ ସବୁଦିନ ଲାଗି ବଞ୍ଚିତ ହୋଇଛି ସତ ହେଲେ ମା ନିକଟରୁ ଆସୁଥିବା ସ୍ନେହ, ଶ୍ରଦ୍ଧା ସବୁ ପାଇଛି ବାପା ଚେକଭଙ୍କ ନିକଟରୁ । ଗାଳ୍ପିକ ଚେକଭ ଚରିତ୍ର ମଧ୍ୟରେ ଆଙ୍କିଛନ୍ତି ମାତୃତ୍ୱର ଯେଉଁ ଅପ୍ରତିମ ପ୍ରତିମାଟିଏ, ପାଠକେ ତାକୁ ପାଠ କଲେ ହୃଦବୋଧ କରିବେ ନିଶ୍ଚୟ ଯେ ପୁରୁଷଟିଏ ମଧ୍ୟ ମାଆର ଅନୁପସ୍ଥିତିରେ ମାଆ ଭଳି ଅମୃତର ଅଜସ୍ର ଶ୍ରାବଣ ଧାରା ହୋଇ ବର୍ଷିପାରେ । 'ଅରୁନ୍ଧତୀର ଆଳାପ' ଗଳ୍ପରେ ଅରୁନ୍ଧତୀ ତାଙ୍କର ପ୍ରିୟତମଙ୍କ ନିକଟରେ ନାରୀ ଜୀବନର ସ୍ୱପ୍ନ, ଆଶା ଓ ଆକାଂକ୍ଷାକୁ ବଖାଣି ବସିଛନ୍ତି । ସବୁ ନାରୀଙ୍କ ଇଚ୍ଛା ଥାଏ ଭବିଷ୍ୟତରେ ହେବାକୁ ଥିବା ସ୍ୱାମୀ ତାଙ୍କର ମନୋମତ ହୋଇଥିବା ଆବଶ୍ୟକ । ମାତ୍ର ପରିବାର ଲୋକେ ତାହା କ'ଣ ହେବାକୁ ଦିଅନ୍ତି । ନିଜ ଅନୁସାରେ କନ୍ୟା ଲାଗି ବରପାତ୍ର ଚୟନ କରନ୍ତି ଯାହାକୁ ବିବାହ କରିବାକୁ ନାରୀମାନେ କେବେ ଇଚ୍ଛା କରନ୍ତି ନାହିଁ । କାରଣ ସେ ଚାହୁଁଥିବା ଇପ୍ସିତ ପୁରୁଷକୁ ବିବାହ ନକଲେ ତମାମ ଜୀବନ ଅଶାନ୍ତିରେ ସନ୍ତୁଳିତ ହେଉଥିବ । ଅନିଚ୍ଛା ସତ୍ୱେ ଅନ୍ୟ ଏକ ପୁରୁଷ ସହିତ ବିବାହ ବନ୍ଧନରେ ନାରୀ ବାନ୍ଧିହେଲେ କେବେ ସୁଖରେ ରହିପାରିବ ନାହିଁ । ଗାଳ୍ପିକଙ୍କ ଭାଷାରେ ଅରୁନ୍ଧତୀ ନାୟକ ଅମୃତକୁ କହୁଛନ୍ତି - "ପ୍ରିୟଜନଙ୍କ ପରାମର୍ଶ ବିବାହରେ କୁଆଡେ ମୁଁ ପ୍ରକୃତରେ ସୁଖୀ ହେବି ।" ( ସୂର୍ଯ୍ୟାସ୍ତର ଆଭାରେ ମାମା : ଅରୁନ୍ଧତୀର ବିଳାପ, ପୃ- ୬୮ )

ନାରୀ ସେଇ ପୁରୁଷ ସହ ଖୁସିରେ ରହିପାରିବ ଯେଉଁ ପୁରୁଷ ତାକୁ ଆକାଶର ବିଶାଳତା, ସାଗରର କୋଳାହଳ ବାହାରେ ରହିଥିବା ଗଭୀର ନିସ୍ତବ୍ଧତା ଏବଂ ଦିଗନ୍ତର ଅନ୍ତହୀନ ରହସ୍ୟମୟତାକୁ ଭେଟାଇ ପାରୁଥିବ । ଯେଉଁ ପୁରୁଷର ହୃଦୟ ଆନନ୍ଦ ଓ ପ୍ରେମର ଭଣ୍ଡାରରେ ହୋଇଥିବ ପରିପୂର୍ଣ୍ଣ ସେଇ ପୁରୁଷ ପାଖରେ ନାରୀ ଜୀବନ ନିଃସନ୍ଦେହରେ ମହିମାନ୍ୱିତ ହୋଇପାରିବ । ମାତ୍ର ପ୍ରତିଦିନ ଲାଭକ୍ଷତିର ହିସାବ ରଖୁଥିବା, ଧନସମ୍ପତ୍ତି ଓ କ୍ଷମତାର ମୋହରେ ବନ୍ଦୀଥିବା ପୁରୁଷ ସହ ନାରୀ ସମ୍ପର୍କ ସ୍ଥାପନ କଲେ ତାହାର ଆଶା ଓ ସ୍ୱପ୍ନ ସବୁ ଧୂଳିସାତ ହେବ । ଆନନ୍ଦର ଜୁଆର ମାଡ଼ିବା ପୂର୍ବରୁ ବିଷାଦ ଓ ହତାଶର ଭଟ୍ଟା ପଡ଼ିଯାଏ । ତାଙ୍କୁ ଜୀବନଟା ମନେହୁଏ ମୂଲ୍ୟହୀନ । ଯେଉଁପରି ଭାବରେ ତାଙ୍କର ପ୍ରିୟତମ ପୁରୁଷ ପାଖରେ ଅନ୍ତରର ଅମୃତକୁ ସମର୍ପି ଦେଇ ଏକ ସାର୍ଥକ ଜୀବନ ବଞ୍ଚିପାରନ୍ତେ । ଏହା କଳ୍ପନା ବା ଜଳ୍ପନା ନୁହେଁ ; ଏହା ନିରାଟ ବାସ୍ତବତା ।

ISSN NO.
2582-208X

'ସାଗର ବକ୍ଷ' ଗଳ୍ପରେ ଅନୁପମା ପ୍ରିୟ ବାନ୍ଧବ ସାଗର ନିକଟରେ ତାଙ୍କ ଜୀବନରେ ଘଟିଯାଇଥିବା ଗୋଟି ଗୋଟି ଅକୁହା କଥାକୁ କହିଦେଇଛି । ସାଗରଙ୍କୁ ଭଲ ପାଇସାରିବା ପରେ ମଧ୍ୟ ଅତୀତରେ ସେ ଦିନେ ସୁକାନ୍ତକୁ ଭଲ ପାଉଥିଲେ, ତା' ପାଖରୁ ସ୍ନେହ-ସ୍ପର୍ଶ ଟିକିଏ ପାଇବାକୁ ବ୍ୟାକୁଳ ଥିଲେ । ସୁକାନ୍ତକୁ ନେଇ ଗଢିଥିଲେ ସେ ଏକ କଳ୍ପନାର ସୌଧ । ସେ ସୌଧ ଭାଙ୍ଗିରୁଜି ଚୁରମାର ହୋଇଯାଇଛି, ଯେତେବେଳେ ସମୁଦ୍ର ବେଳାଭୂମିର ନିର୍ଜନତାରେ ମିଳିତ ହେବାକୁ ଅପେକ୍ଷା କରିଛନ୍ତି ଅଥଚ ସୁକାନ୍ତ ଆସିନାହାନ୍ତି । ସୁକାନ୍ତଙ୍କ ବଦଳରେ ସେ ସ୍ଥାନକୁ ଆସିଛନ୍ତି ସାଗର । ସାଗର ଅନୁପମାଙ୍କ ନିକଟରୁ ଆସିବାର କାରଣ ଜାଣିବା ପରେ ମଧ୍ୟ ତାଙ୍କ ପ୍ରତି ମନ ଭିତରେ ଟିକିଏ ହେଲେ ବି ଘୃଣା ଉତ୍ପତ୍ତି ହୋଇନାହିଁ ବରଂ ଭଲପାଇବା ଆହୁରି ଶତଗୁଣରେ ବଢିଯାଇଛି । ସାଧାରଣତଃ ଯେତେବେଳେ ଆମେ ଭଲପାଉଥିବା ଇପ୍ସିତ ବ୍ୟକ୍ତି ଯଦି ଅନ୍ୟ କାହା ସହିତ ସମ୍ପର୍କ ସ୍ଥାପନ କରିବା କଥା ଜାଣନ୍ତି ସେତେବେଳେ ତାଙ୍କ ପ୍ରତି ଆମ ମନରେ ଘୃଣାର ମଞ୍ଜି ବୁଣିହୋଇଯାଏ । କିନ୍ତୁ ଏଠାରେ ତାହାର ବ୍ୟତିକ୍ରମ ଘଟିଛି, ଗାଳ୍ପିକ ତାଙ୍କୁ ଅନ୍ୟ ରୂପରେ ଗଢିଛନ୍ତି । କ୍ଷମାମୂର୍ତ୍ତି ସାଗର ଅନୁପମାଙ୍କୁ କ୍ଷମା କରିଦେଇ ତାଙ୍କ ଭାବନାକୁ ସମ୍ମାନ ଜଣାଇଛନ୍ତି । କାରଣ କ୍ଷମା ହିଁ ସମସ୍ୟା ସମାଧାନର ଏକ ମୁଖ୍ୟ ଉତ୍ସ, ପଲ୍ଲୀକବି ନନ୍ଦକିଶୋରଙ୍କ ଭାଷାରେ - "କ୍ଷମାର ଗ୍ରହୀତା କ୍ଷମାଦାତା ନୁହେଁ / ଏ ଭୁବନେ ଭାଗ୍ୟବନ୍ତ ।" ଶୋକ ସନ୍ତପ୍ତା ଅନୁପମାଙ୍କୁ ସାନ୍ତ୍ୱନା ଦେଇ ସାଗର କହୁଛନ୍ତି – "ଆହା ମୋ ଅନୁ ! ତୋ ପରି ଏପରି କେଉଁ ନାରୀ ଅଛି ଯେ ଏ ପୃଥିବୀରେ ! ଅନ୍ୟ ଆଗରେ ନିଜକୁ ନିଃଶେଷ କରି ନିଗାଡ଼ି ଦେବାପାଇଁ କେତେଜଣ ଭାଗ୍ୟବତୀ ନାରୀ ବା ଅଛନ୍ତି ଏ ସଂସାରରେ । ସୁକାନ୍ତ ସେ ତ ଦୁର୍ଭାଗା । ଅଭିଶପ୍ତ ପୁରୁଷ । ସିଏ ତୋର ପ୍ରେମକୁ ନେଇପାରିବ ?" ( ସୂର୍ଯ୍ୟାସ୍ତର ଆଭାରେ ମାମା : ସାଗର ବକ୍ଷ , ପୃ- ୭୫ )

'ମଣି ମା' ଗଳ୍ପରେ ମଣି' ମା ହେଉଛନ୍ତି ଜଣେ ପୁତ୍ର ସନ୍ତାନହୀନା ନାରୀ । ଗାଳ୍ପିକ ମଣୀନ୍ଦ୍ରଙ୍କ ପ୍ରତି ତାଙ୍କର ପ୍ରେମ ଓ ଭଲପାଇବା ଭରା ଅସରନ୍ତି ଭଣ୍ଡାରକୁ ମେଲାଇ ଦେଇଛନ୍ତି ମୁକ୍ତ ହୃଦୟରେ, ତାହାର ଦୃଶ୍ୟ କି ଲୋଭନୀୟ ! ମଣି'ମାଙ୍କ ନିକଟରୁ ନିରନ୍ତର ସ୍ନେହର ଦିବ୍ୟାଲୋକ ପାଇଛନ୍ତି । ସେଇ ଅନୁପମ ସ୍ନେହ ଦାନରେ ତାଙ୍କୁ ମନେହୋଇଛି ଏ ପୃଥିବୀ ଅର୍ଥପୂର୍ଣ୍ଣ ଓ ନିତ୍ୟ ନୂତନ । ମଣି'ମା ତାଙ୍କ ଘରକୁ ଆସୁଥିବା ପ୍ରତ୍ୟେକଟି ନୂଆ ଜିନିଷ ଉପରେ ଲେଖକଙ୍କର ଥାଏ ପୂର୍ଣ୍ଣ ଅଧିକାର । ତାଙ୍କ ଖୁସିରେ ମଣି'ମା ବିହ୍ୱଳିତ ହୋଇ ଉଠୁଥିଲେ ଏବଂ ପ୍ରତ୍ୟେକଟି କ୍ରିୟାକଳାପରେ ଆନନ୍ଦରେ ସେ ଦୃଶ୍ୟ ଉପଭୋଗ

ISSN NO.
2582-208X

କରୁଥିଲେ । ମଣି'ମାଙ୍କ ଲେଖକଙ୍କ ପ୍ରତି ଯେଉଁ ପ୍ରାଣପୂର୍ଣ୍ଣ ସମ୍ବୋଧନ, ମମତାପୂର୍ଣ୍ଣ ଅକୃତ୍ରିମ ସ୍ନେହାଲିଙ୍ଗନ ତାଙ୍କର ପ୍ରାଣକୁ କରିଛି ଆନନ୍ଦସିକ୍ତ । ଗାଳ୍ପିକଙ୍କ ଭାଷାରେ ତାହା ଖୁବ ମାର୍ମିକ – "ଏକ ଅଲୌକିକ ବିଭୋରତା ତାଙ୍କୁ ଆଚ୍ଛନ୍ନ କରିଦେଉଥିଲା । ସେଥିରୁ ମୁଁ ଯେଉଁ ଦିବ୍ୟପୁଲକ ଅନୁଭବ କରୁଥିଲି , ତାହା ଲାଭ କରିବା ସକାଶେ ବାରମ୍ବାର ହେଉଥିଲି ଲାଳାୟିତ ।" ( ଯାଦୁ ନନ୍ଦନ : ମଣି'ମା, ପୃ- ୪୫ )

ସେହିପରି 'ଗୋଟିଏ ଫୋନ କଲର ଉତ୍ତର ଆଶାରେ' ଗଳ୍ପରେ ପୁସ୍ତକ ମେଳାର 'ଶାନ୍ତି ଦୂତ' ଷ୍ଟଲରେ ବହି ବିକ୍ରି କରୁଥିବା ଜୟନ୍ତଙ୍କ ସହ ଗଢିଉଠିଛି ଯେଉଁ ନିବିଡ ସମ୍ପର୍କ, ତାହା ଲେଖକଙ୍କ ହୃଦୟରେ ଝଙ୍କୃତ ହୋଇଉଠିଛି ସଙ୍ଗୀତର ଅପୂର୍ବ ରାଗିଣୀ । କଥାବାର୍ତ୍ତା ହେବାପରେ ଜୟନ୍ତ ଜାଣିଛନ୍ତି ଯେ ଗାଳ୍ପିକ ହେଉଛନ୍ତି ନିଃସନ୍ତାନ । ଜୟନ୍ତ ବୁଝିପାରିଛନ୍ତି ନିଃସନ୍ତାନ ପିତାର ଅସହ୍ୟ ବେଦନାକୁ, ହୃଦବୋଧ କରିଛନ୍ତି ଅକଥନୀୟ ଯନ୍ତ୍ରଣାକୁ । ତାଙ୍କ ହୃଦୟରେ ଲେଖକଙ୍କ ପ୍ରତି ମାନବିକ ସମ୍ବେଦନଶୀଳତା ସ୍ୱତଃ ପ୍ରସ୍ଫୁଟିତ ହୋଇଛି । ସେ ସ୍ନେହପୂର୍ଣ୍ଣ ଚାହାଣୀରେ ଆତ୍ମୀୟତା ଭରା ସ୍ୱରରେ କହୁଛନ୍ତି ଯେ ଏପରି ନିଃସନ୍ତାନ ବୋଲି କେବେ ବି ଉଚ୍ଚାରଣ କରିବେ ନାହିଁ ଅନ୍ତତଃ ସେ ବଞ୍ଚିଥିବା ପର୍ଯ୍ୟନ୍ତ ମୁଖରେ ଏପରି ଶବ୍ଦ ଉଚ୍ଚାରଣ କରିବେ ନାହିଁ । କାରଣ ଜୟନ୍ତ ହେଉଛନ୍ତି ତାଙ୍କରି ପୁଅ । ଏଇ କଥା ପଦକରୁ ବୁଝିହେବ ଜୟନ୍ତଙ୍କ ହୃଦୟର ବିଶାଳତା କେତେ, ତାଙ୍କ ଅନୁଭବର ଗଭୀରତା କେତେ ?? ସେଇ ଦିନଠାରୁ ଯେତେଥର ବି ଲେଖକଙ୍କର ଜୟନ୍ତଙ୍କ ସହିତ ସାକ୍ଷାତ ହୋଇଛି ସେତେଥର ସେ କାନ୍ଦକାନ୍ଦ ସ୍ୱରରେ ଶିଶୁ ଭଳି ଅଭିମାନ କରିବସନ୍ତି ଯେ ସେ ତାଙ୍କୁ କାହିଁକି ଫୋନ କଲେ ନାହିଁ ? କ'ଣ ପାଇଁ ତାଙ୍କୁ ମନେପକାଇଲେ ନାହିଁ ଆଦି ଅନେକ ? ଏସବୁ ଜୟନ୍ତଙ୍କ କ୍ରିୟାକଳାପରେ କଥାକାରଙ୍କ ବିଗଳିତ ପିତୃହୃଦୟରେ ଫୁଟିଉଠେ ଅଜସ୍ର ଆନନ୍ଦର ମୁକ୍ତାଫୁଲ । ସେଦିନ 'ଶାନ୍ତିଦୂତ' ଷ୍ଟଲରେ ଜୟନ୍ତ ଯେଉଁ ଆତ୍ମୀୟତାର ପରିଚୟ ଦେଇଥିଲେ, ଯେଉଁ ମଧୁର ସ୍ୱରରେ ବାକ୍ୟ ଉଚ୍ଚାରଣ କରିଥିଲେ ତାହା ଜଣେ ନିଃସନ୍ତାନ ପିତା ପାଇଁ ଅମୃତ ସଦୃଶ, ମରୁଭୂମିର ତୃଷାର୍ତ୍ତ ବ୍ୟକ୍ତି ଲାଗି ସୁଶୀତଳ ଜଳ ସଦୃଶ । ଏଇ କଥାପଦକ ଲେଖକଙ୍କ ହୃଦୟରେ ମଧୁ ଗୁଞ୍ଜନଟିଏ ସୃଷ୍ଟି କରିଥିଲା । ଲେଖକ କହୁଛନ୍ତି – "ତା'ର ପଦେ କଥାରେ ପନ୍ଦର ବର୍ଷର ଅନ୍ତର୍ଦାହ କ୍ଷଣକରେ ଉଭେଇଗଲା ପରି ଲାଗିଲା । ଗ୍ରୀଷ୍ମକାଳର ପ୍ରଚଣ୍ଡ ଉତ୍ତାପ ମୂଷଳ ବାରିଧାରାରେ ଯେପରି ଧୋଇ ହୋଇଗଲା । x x ମନେ ହେଉଥିଲା ସେଇ ମୁହୂର୍ତ୍ତରେ ମୁଁ ତାକୁ ଆଲିଙ୍ଗନ କରିପକାନ୍ତି, ଆଉ ଅଜସ୍ର ଚୁମ୍ବନରେ ଭିଜାଇ ଦିଅନ୍ତି ତା'ର ମଧୁର

ISSN NO.
2582-208X

ମୁଖମଣ୍ଡଳକୁ ।" ( ଯାଦୁ ନନ୍ଦନ : ଗୋଟିଏ ଫୋନ କଲର ଉତ୍ତର ଆଶାରେ, ପୃ – ୬୮ ) । ପଦିଏ କଥା ହୃଦୟ ଭିତରେ କିପରି ସୁଖର ବଢ଼ ଜୁଆର ସୃଷ୍ଟିକରିପାରେ । ଜଣେ ବ୍ୟକ୍ତି କେବଳ ଏଇ ମଧୁର କଥାପଦକ ହିଁ ତ ଅନ୍ୟଠାରୁ ଆଶା କରେ, ତେବେ ଏଥିରେ ଏତେ କୁଣ୍ଠାବୋଧ କାହିଁକି ? ଆମର ଏଇ ପଦୁଟିଏ କଥା ହିଁ ଭାଙ୍ଗି ଯାଉଥିବା ଘରକୁ ଗଢ଼ିଦେଇପାରେ, ଫାଟି ପଡୁଥିବା ଟାଙ୍ଗରା ଭୂଇଁରେ କଅଁଳିଆ ଘାସ ସୃଷ୍ଟି କରିପାରେ । ଏଇ ଜୟନ୍ତ ତ ଗାଳ୍ପିକ ମଣୀନ୍ଦ୍ର ମେହେରଙ୍କ ପାଇଁ ଅସରନ୍ତି ଆନନ୍ଦର ଭଣ୍ଡାର, ସୁଖର ଗନ୍ତାଘର । କବି ବ୍ରଜନାଥ ରଥଙ୍କ ଭାଷାରେ –

"ପଦିଏ କଥା ଯଦି କହିଲା ସବୁକଥା
ଲକ୍ଷେ ଅନାବନା କଥାର କିବା ମୂଲ
ଟୋପାଏ ଜଳ ଯଦି ମୁକ୍ତା ପାଲଟିଲା
ଲକ୍ଷେ ଜଳକଣା ହେବ କି ତା'ର ତୁଲ ?" ( ଏକ ଏକ ଏକପଦୀ, ପୃ– ୧ )

'ହିନ୍ଦୀ ସାର' ଗଳ୍ପରେ ହିନ୍ଦୀ ଶିକ୍ଷକଙ୍କ ନିକଟରୁ ଗାଳ୍ପିକ ଅଦୃଶ୍ୟ ଭାବରେ ଯେଉଁ ସ୍ନେହ ଓ ଆଶୀର୍ବାଦ ଲାଭ କରିଛନ୍ତି ତାହା ଏଥିରେ ରୂପାୟିତ । ଲେଖକ ହିନ୍ଦୀସାରଙ୍କୁ ପୋଲାଣ୍ଡର ଶିକ୍ଷକ ଜାନୁସ କାର୍ସାକଙ୍କ ସହ ତୁଳନା କରିଛନ୍ତି । ସେ କହନ୍ତି – "ମୋ ଲାଗି ଉଦବିଗ୍ନ ଚିନ୍ତିତ ହୋଇ ରହିବା ମୋର କର୍ତ୍ତବ୍ୟ ।" (ଯାଦୁ ନନ୍ଦନ : ହିନ୍ଦୀ ସାର, ପୃ –୧୩୨ ) । ଜାନୁସ କାର୍ସାକଙ୍କ ଭଳି ହିନ୍ଦୀ ସାର ମଧ୍ୟ ତାଙ୍କର ଛାତ୍ରମାନଙ୍କର ଜ୍ଞାନ ଓ ବିବେକର ବିକାଶ ଲାଗି ଶତତ ଚିନ୍ତିତ ଓ ଯତ୍ନଶୀଳ । ଅତୀତରେ ଅର୍ଥାତ ବାଲ୍ୟ କାଳରେ ଶିକ୍ଷା ଗ୍ରହଣ କରୁଥିବା ସମୟରେ ହିନ୍ଦୀ ସାରଙ୍କ ସ୍ନେହବୋଳା କଣ୍ଠସ୍ୱର ଲେଖକଙ୍କ ପ୍ରାଣରେ ବାରମ୍ବାର ଅନୁରଣିତ ହୋଇଛି – "ଆଜି ମନେ ପଡୁଛି ସାରଙ୍କ କଥାବାର୍ତ୍ତା କି ମାର୍ଜିତ ଥିଲା, କି ପରିଶୀଳିତ ଥିଲା । ଦୃଷ୍ଟି ଥିଲା କି ତୀକ୍ଷଣ ଓ ଅନ୍ତର୍ଭେଦୀ !! ସଂସ୍କୃତିର ଆଲୋକ ବିଚ୍ଛୁରିତ ହୋଇଥିଲା ଯେମିତି ପ୍ରତିଟି ଶବ୍ଦ ଉଚ୍ଚାରଣରେ ।" (ତତ୍ରୈବ, ପୃ – ୧୩୦ ) । ଲେଖକ ପାଠରେ ଦୁର୍ବଳ ଜାଣି ସୁଦ୍ଧା ହିନ୍ଦୀ ସାର କିପରି ତାଙ୍କ ପ୍ରତି ସହାନୁଭୂତିପୂର୍ଣ୍ଣ ଆଚରଣ କରନ୍ତି, କିପରି ସ୍ନେହପୂର୍ଣ୍ଣ ସମ୍ବୋଧନ କରନ୍ତି, ତାଙ୍କପରି ଅଙ୍କପିଲାକୁ କିପରି ସହଜ ଓ ସରଳ ଭାବରେ ପାଠ ବୁଝାଇ ଦିଅନ୍ତି ଆଉ କେମିତି ଲେଖକଙ୍କୁ ଦେଖିବା ମାତ୍ରକେ ହିନ୍ଦୀସାରଙ୍କ ଆଖି ଦ୍ୱୟରୁ ଅପୂର୍ବ ଦ୍ୟୁତିର ଯେଉଁ ଝଲକ ଝରିପଡ଼େ ସେକଥା ମନେପକାଇ ଲେଖକଙ୍କ ପ୍ରାଣ ହୋଇଛି ପଲ୍ଲବିତ ଓ ପୁଲକିତ ।

ISSN NO.
2582-208X

ଜଣେ ଛାତ୍ର ଗୁରୁଙ୍କ ନିକଟରୁ ଏହାଠୁ ଅଧିକ ଆଉ କ'ଣ ବା ଆଶା କରିବ ? ଜଣେ ଛାତ୍ରର ସମୁଜ୍ଜ୍ୱଳ ଭବିଷ୍ୟତ ନିର୍ମାଣରେ ଗୁରୁଙ୍କ ସାହଚର୍ଯ୍ୟ ଏତିକି ହିଁ ତ ଆବଶ୍ୟକ । ଏଇ ଅନୁରାଗ ହିଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପ୍ରାଣକୁ ପଲ୍ଲବିତ କରି ତାଙ୍କର ଆତ୍ମଚେତନାକୁ ବିକଶିତ କରିବାରେ ସାହାଯ୍ୟ କରେ ।

ସେହିପରି 'ଚିର ଈପ୍ସିତ', 'ତାରାବୁବୁ', 'ଯାଦୁ ନନ୍ଦନ', 'ଆଦି ଗଳ୍ପର ଚରିତ୍ରମାନେ ମଧ୍ୟ ଅନୁରୂପ ଭାବରେ ଲେଖକଙ୍କ ପ୍ରାଣକୁ ମନ୍ଥିତ କରିଛନ୍ତି । ଗାଳ୍ପିକ ମେହେରଙ୍କ ଗଳ୍ପ ପୁସ୍ତକଗୁଡ଼ିକରେ ବାଲ୍ୟ ଜୀବନ ଠାରୁ ଆରମ୍ଭ କରି କୈଶୋର ଓ ସାଂସାରିକ ଜୀବନ ପର୍ଯ୍ୟନ୍ତ ଘଟିଥିବା ଅପାସୋରା ସ୍ମୃତିଗୁଡ଼ିକ ଅନୁପମ ଢଙ୍ଗରେ ରୂପାୟିତ । ଏହା ସହିତ ଜୀବନରେ ଘଟିଯାଇଥିବା ନାନା ଘଟଣା ଓ ସ୍ଥାନର ଦୃଶ୍ୟରାଜି ମଧ୍ୟ ଅତି ଆକର୍ଷଣୀୟ କରି ଉପସ୍ଥାପନ କରିଛନ୍ତି । ଗାଳ୍ପିକଙ୍କ ମୁନ୍ନା, ମଣି'ମା, ମାଣିକ୍ୟ ନାନୀ, ବିଶି ସାରଙ୍କୁ ସ୍ୱପ୍ନରେ ଦେଖିବା ପରେ ହିନ୍ଦୀ ସାର, ବୁଢା ମାଷ୍ଟ୍ରେ, ଝିଅବେଶ, ତାରବୁବୁ ଆଦି ଗଳ୍ପରେ ଲେଖକଙ୍କର ବାଲ୍ୟଜୀବନ, କୈଶୋର ଜୀବନର କଥା ଉଲ୍ଲିଖିତ ହୋଇ ରହିବା ସହିତ ବରପାଲିର ସୁନ୍ଦର ପରିବେଶ, ଲୋକମାନଙ୍କର ସାହିତ୍ୟ ଓ ସଂସ୍କୃତି ପ୍ରତି ଥିବା ସମ୍ମାନବୋଧ, ପରସ୍ପର ପ୍ରତି ଥିବା ଅନୁରାଗ ଭାବ, ଖାଦ୍ୟପେୟ, ବେଶଭୂଷା ଆଦି ସ୍ୱଚ୍ଛଳ ଓ ସୁନ୍ଦର ଭାବରେ ପ୍ରକାଶ ପାଇଛି । ସେହିପରି 'ଏକ ଆତ୍ମହତ୍ୟା ସମ୍ପର୍କରେ' ଗଳ୍ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରମଣୀୟ ପରିସର ବର୍ଣ୍ଣନା ହୋଇଛି । 'ଗୋଟିଏ ନିର୍ଝର ଦୁଇଟି ଧାରା' ଓ 'ମାତୃରୂପେଣ ସଂସ୍ଥିତା' ଗଳ୍ପରେ କଲିକତା ଓ ଶାନ୍ତିନିକେତନ ଗସ୍ତ କାଳୀନ ଅନୁଭୂତିର ସୁନ୍ଦର ଅଭିବ୍ୟକ୍ତି ପ୍ରକାଶ ପାଇଛି । 'ଗୋଟିଏ ନିର୍ଝର ଦୁଇଟି ଧାରା' ରେ ଲେଖକ ଶାନ୍ତିନିକେତନର ମନୋରମା ପରିବେଶକୁ ଦେଖି ଉତଫୁଲ୍ଲିତ ହୋଇଛନ୍ତି । ସେଇ ସ୍ଥାନର ପ୍ରତ୍ୟେକଟି କୋଣ ଅନୁକୋଣରେ ରବୀନ୍ଦ୍ରନାଥ ବିଦ୍ୟମାନ ଥିବା ତାଙ୍କର ହୃଦବୋଧ ହୋଇଛି । ମନେ ହେଉଥିଲା ଶାନ୍ତିନିକେତନର ସମଗ୍ର ପରିବେଶ ଯେମିତି ପୂରାପୂରି ରବୀନ୍ଦ୍ରମୟ । ତେଣୁ ପ୍ରତିଟି ସ୍ଥାନ ତାଙ୍କୁ ରମଣୀୟ ଲାଗିଛି – "ସେଠାରୁ ଫେରି ଆସିବା ବେଳେ ଶାନ୍ତିନିକେତନର ପ୍ରତିଟି ସବୁଜ ପତ୍ର, ରଙ୍ଗ ବେରଙ୍ଗର ନୂତନ ନୂତନ ଫୁଲ, ଆକାଶର ଅନନ୍ତ ନୀଳିମା ସବୁ ଆଡ଼କୁ ପ୍ରସାରିତ ହୋଇଯାଉଥାଏ । x x ଝରକା ଖୋଲି ଅନାଉଥିଲି ଜଣେ ମହାନ ଶିଳ୍ପୀର ଚିତ୍ର ପରି ଦିଶୁଥିବା ବୃକ୍ଷ ଆଡ଼କୁ ଇଚ୍ଛା ହୁଏ ପ୍ରତିଟି ବୃକ୍ଷଲତାର ନାଁ ମୁଁ ମନେରଖନ୍ତି ।" (ଯାଦୁ ନନ୍ଦନ : ଗୋଟିଏ ନିର୍ଝର ଦୁଇଟି ଧାରା, ପୃ – ୮୨) । ସେପରି 'ବବନ ଭୂମିକମ୍ପ', 'ତମସାର ସ୍ୱଚ୍ଛ ଧାରାଟିଏ' ଗଳ୍ପରେ

ISSN NO.
2582-208X

ଭୁବନେଶ୍ୱର ରହଣି ସମୟର କଥା ଉଲ୍ଲିଖିତ ହୋଇଥିବା ବେଳେ 'ସୂର୍ଯ୍ୟାସ୍ତର ଆଭାରେ ମାମା' ଗଳ୍ପରେ ବାଲେଶ୍ୱରରେ ରହିବା ବେଳର କଥା ରୂପାୟିତ । 'ଚିଲିକାରେ ବର୍ଷଟିଏ' ଗଳ୍ପରେ ଚିଲିକାର ଅହେତୁକ ସୌନ୍ଦର୍ଯ୍ୟବୋଧରେ ଉଦ୍ଦୀପ୍ତ ହୋଇ ତାହାର ଜଳରାଶି, ପ୍ରତ୍ୟେକଟି ସ୍ଥାନ ଏବଂ ପ୍ରତ୍ୟେକଟି ରଙ୍ଗ ବେରଙ୍ଗର ଚଢେଇଙ୍କୁ ଅନୁଭବିଛନ୍ତି, ଯଥା – "ଚଢେଇଗୁହା ପର୍ବତ ଦେଖାଯାଉଥିଲା ସଂପୂର୍ଣ୍ଣ ଶ୍ୱେତରୂପ ଧାରଣ କରି । ମାମୁ ଭଣଜା ପର୍ବତ ହୋଇଯାଉଥିଲେ ସୁସ୍ପଷ୍ଟ । ମହେନ୍ଦ୍ର ପର୍ବତରୁ ଆସୁଥିଲା ଅଦୃଶ୍ୟ ସଂକେତ । ମରାଳ-ମାଳିନୀ-ନୀଳାମ୍ବୁ ଚିଲିକାରେ ମୁଁ ମରାଳ ରୂପରେ ପହଁରୁଥିଲେ ନିଧଡକ ଭାବରେ ।" ( ସୂର୍ଯ୍ୟାସ୍ତର ଆଭାରେ ମାମା : ଚିଲିକାରେ ବର୍ଷଟିଏ, ପୃ- ୩୦/୩୧) । ଏହିପରି ଭାବେ ଗାଳ୍ପିକଙ୍କର ସୃଷ୍ଟିଗୁଡ଼ିକରେ ତାଙ୍କର ରହଣି ଅଥବା ଅନୁଭୂତିକାଳୀନ ସ୍ଥାନର ଦୃଶ୍ୟ ସବୁ ଅଙ୍କିତ ହୋଇରହିଛି । ଏହାକୁ ପାଠ କଲା ମାତ୍ରେ ପ୍ରତ୍ୟେକ ପାଠକ ସେ ସ୍ଥାନ, ସେ ଦୃଶ୍ୟ ସହିତ ପ୍ରତ୍ୟେକ୍ଷ ଭାବରେ ଯୋଡ଼ି ହୋଇପାରିବେ ।

୨. କଥାକାର ମଣୀନ୍ଦ୍ର ମେହେରଙ୍କ ଗଳ୍ପରେ ସାମାଜିକ ସମସ୍ୟା :

ଲେଖକ ଯେତେବେଳେ ଲେଖନ୍ତି, ସେତେବେଳେ ସେ ସମସାମୟିକ ଅବସ୍ଥା ଓ ବ୍ୟବସ୍ଥା ତଥା ସମସ୍ୟା ଓ ତା'ର ସମାଧାନକୁ ଆଖି ଆଗରେ ରଖିଲେଖନ୍ତି । ସେଇ ନ୍ୟାୟରେ ଗାଳ୍ପିକ ମେହେରଙ୍କ ସୃଷ୍ଟିଗୁଡ଼ିକ ହେଲେ ବା କିପରି ବାଦପଡନ୍ତା । 'କୋହର କୁହୁଡ଼ି' ଗଳ୍ପରେ ଆଧୁନିକ ମଣିଷ କିପରି ଆପଣା ସାହିତ୍ୟ, ସଂସ୍କୃତି ପ୍ରତି ବୀତସ୍ପୃହ ତାହା ପ୍ରତିପାଦିତ ହୋଇଛି । ଯେଉଁ ମହାପୁରୁଷମାନଙ୍କୁ ନେଇ ଆମେ ଗର୍ବକରିବା କଥା ତାଙ୍କର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମସ୍ଥାନକୁ ବା ଯେଉଁଠି ରହି ସେ କର୍ମ କରିଛନ୍ତି ଆଜୀବନ ଦେଶ ମାତୃକାର ସେବାରେ ତାହାର ରକ୍ଷଣାବେକ୍ଷଣ, ପରିଷ୍କାର ପରିଚ୍ଛନ୍ନ ରଖିବା ଆମର କର୍ତ୍ତବ୍ୟ । ମାତ୍ର ତା' ପରିବର୍ତ୍ତେ ସେ ସବୁ ସ୍ୱଚ୍ଛ ନିର୍ମଳ ସ୍ଥାନ ପରିଣତ ହେଉଛି ଆବର୍ଜନାମୟ । ଏଥିପ୍ରତି ସୁସ୍ଥ ଚିନ୍ତାଧାରା ଥିବା, ସୁସ୍ଥ ମାନସିକତାଧାରୀ ବ୍ୟକ୍ତିଗଣ ଏ ଦିଗରେ ନୀରବ ଓ ନିସ୍ପନ୍ଦ । ଗଳ୍ପରେ ମାନସିକ ଭାରସାମ୍ୟ ହରାଇ ବସିଥିବା ବଚନ ଗଙ୍ଗାଧର ସ୍ମୃତିଭବନରେ ବୃକ୍ଷରୋପଣ କରିବାକୁ କହିଛି ଯାହା ସୁସ୍ଥଥିବା ଲୋକମାନଙ୍କ ଆଖିରେ ତାହା ପଡୁନାହିଁ । ଜଣେ ମହାପୁରୁଷଙ୍କ ସ୍ମୃତି ଭବନକୁ ଯେ ଆଜିର ଲୋକେ ଏପରି ସମ୍ମାନ ଦିଅନ୍ତି ତାହା ଏଥିରେ ବର୍ଣ୍ଣିତ । ଏହା ହିଁ ଆଜିର ବାସ୍ତବତା ଏବଂ ଲୋକମାନଙ୍କର ଉନ୍ନତ ମାନସିକତା । ଗାଳ୍ପିକ ବିଦ୍ରୁପ କରି କହୁଛନ୍ତି – "ଗଙ୍ଗାଧର

ISSN NO.
2582-208X

ସ୍ମୃତିଭବନ ପରିସର ଘୁଷୁରୀମାନଙ୍କ ବିଚରଣସ୍ଥଳ ଓ ସର୍ବସାଧାରଣଙ୍କ ପରିସ୍ରାଗାରରେ ହୋଇଛି ଦୁର୍ଗନ୍ଧମୟ ! ଏଠି ସ୍ୱପ୍ନ ଦେଖିବା ମନା ! ଗଛ ଲଗାଇବା ମନା ! ଫୁଲ ଫୁଟାଇବା ପାଇଁ ଅଘୋଷିତ ନିଷିଦ୍ଧାଦେଶ ଜାରିହୋଇଛି ।” (ତତ୍ରୈବ, ପୃ - ୨୬) । ଅନ୍ୟ ଏକ ଗଳ୍ପ ‘ମଧୁ କ୍ଷରନ୍ତି ସିନ୍ଧବଃ’ ଏଥିରେ ଯେଉଁ ସମସ୍ୟାଟି ଉଲ୍ଲିଖିତ ହୋଇଛି ତାହା ଏବେ ଅଧିକାଂଶ ଗୃହରେ ଦେଖାଦେଉଛି । ସେଇ ସମସ୍ୟାଟି ହେଲା ଯେ ବିବାହ କରିବାର ଅଳ୍ପ କିଛିଦିନ ପରେ ଉଭୟ ପୁରୁଷ କିମ୍ବା ନାରୀ ଅନ୍ୟ ଜଣକ ସହ ସମ୍ପର୍କ ରଖିବା ଦୃଷ୍ଟିଗୋଚର ହେଉଛି । ଯଦି ପ୍ରେମିକ ଅଥବା ପ୍ରେମିକାଙ୍କୁ ବିବାହ କରିବାର ଅଦମ୍ୟ ଇଚ୍ଛା ତେବେ ଅନ୍ୟ ଜଣେ ପୁରୁଷ ଅଥବା ନାରୀକୁ ବିବାହ କରିବାର ଅର୍ଥ କ’ଣ ? ଏପରି କରିବା ଦ୍ୱାରା ଉଭୟ କୂଳର ସମ୍ମାନ ହାନି ହେବା ସହ ହୃଦୟର ବିଶାଳ ପାହାଡ଼ ଚୂର୍ଣ୍ଣବିଚୂର୍ଣ୍ଣ ମଧ୍ୟ ହେଉଛି । ଏଇ ଗଳ୍ପରେ ବିବାହିତା ମହିଳା ଜଣକ ତିନି ଚାରିମାସର କନ୍ୟାସନ୍ତାନ ଆନ୍ନା ଓ ସ୍ୱାମୀ ଚେକଭଙ୍କୁ ଛାଡ଼ି ପଳାୟନ କରିଛନ୍ତି । ଏହା ଫଳରେ ଆନ୍ନା ସବୁଦିନ ପାଇଁ ମାତୃସ୍ନେହରୁ ବଞ୍ଚିତ ହୋଇଛି ଏବଂ ଦୁଇଟି ହୃଦୟ ଅସହାୟତାରେ ବିଦୀର୍ଣ୍ଣ ହୋଇଛି । ଏପରି କରିବା ଦ୍ୱାରା ଯେ ଆମ ସଭ୍ୟତାର, ଆମ ସଂସ୍କୃତିର ବିଲୟ ଘଟୁଛି ତାହା ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିବା ଆବଶ୍ୟକ ।

ସମ୍ପ୍ରତି ଆଉ ଏକ ସମସ୍ୟା ଆମ ସମାଜରେ ମୁଣ୍ଡ ଟେକିଛି ତାହା ହେଲା ଆତ୍ମହତ୍ୟା । ଏବେ ପ୍ରତି କ୍ଷଣରେ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କୌଣସି ଜିନିଷ ଅଥବା ବ୍ୟକ୍ତିକୁ ହରାଇଦେବା ଜନିତ ତାଙ୍କ ହୃଦୟରେ ସୃଷ୍ଟି ହୋଇଥିବା ଦୁଃଖ ଯନ୍ତ୍ରଣାରେ ମାନସିକ ଭାରସାମ୍ୟ ହରାଇ ମୃତ୍ୟୁକୁ ଏକମାତ୍ର ସମାଧାନର ମାର୍ଗ ଭାବେ ବାଛିନେଉଛନ୍ତି । କିନ୍ତୁ ଆତ୍ମହତ୍ୟା କରିବା ଦ୍ୱାରା ସତରେ କ’ଣ ମଣିଷ ପାଉଥିବା ଯନ୍ତ୍ରଣାରୁ ମୁକ୍ତି ପାଏ ? ତାହାର ଅତୃପ୍ତ ଆତ୍ମା କ’ଣ ଶାନ୍ତି ପାଏ ? ‘ଏକ ଆତ୍ମହତ୍ୟା ସମ୍ପର୍କରେ’ ଗଳ୍ପରେ ବିଜୟ ନାମକ ଜଣେ ଛାତ୍ର କୌଣସି କାରଣରୁ ହଷ୍ଟେଲ ଫ୍ୟାନରେ ଝୁଲିପଡ଼ି ଆତ୍ମହତ୍ୟା କରନ୍ତି । ଏକ୍ସମାସ ଛୁଟିରେ ସମସ୍ତେ ଘରକୁ ଚାଲି ଯାଇଥିଲେ ବି ପ୍ରଦ୍ୟୋତ କାର୍ଯ୍ୟବଶତଃ ହଷ୍ଟେଲରେ ରହିଯାଇଛନ୍ତି । ଜଣେ ଅପରିଚିତ ଛାତ୍ର ସହ ସେ ପ୍ରତ୍ୟେହ ରାତିରେ କଥାବାର୍ତ୍ତା ହୋଇଛନ୍ତି । ଏକଦିନେ ରାତିରେ ସେଇ ଅପରିଚିତ ଛାତ୍ର ସହିତ ବିଜୟର ମୃତ୍ୟୁ ସମ୍ପର୍କରେ ପ୍ରଦ୍ୟୋତ ଆଲୋଚନା କରିବା ବେଳେ ମନ ଭିତରେ ଉଙ୍କି ମାରିଥିବା ପ୍ରଶ୍ନ ସବୁ ତାଙ୍କ ଆଗରେ ପ୍ରକାଶ କରିଛନ୍ତି ଯେ ମଣିଷ କାହିଁକି ଆତ୍ମହତ୍ୟା କରେ ? ତାହା ଦ୍ୱାରା ତାର ସମସ୍ୟାର କ’ଣ ସମାଧାନ

ISSN NO.
2582-208X

ହୋଇପାରିବ ? ଏହାର ଉତ୍ତରରେ ଆତ୍ମହତ୍ୟା କରିବାକୁ ଆଗେଇ ଆସୁଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସେଇ ଛାତ୍ରଜଣକ ଏକ ସୁନ୍ଦର ଉତ୍ତର ଦେଇ କହନ୍ତି – "ଆତ୍ମହତ୍ୟା କଲାପରେ ମଣିଷ ଯାହା ଜାଣିପାରେ, ସେଇକଥା ସେ ସଶରୀରେ ବଞ୍ଚୁଥିବା ମଣିଷମାନଙ୍କୁ କହିଦେବାକୁ ଚାହିଁଥାଏ । ସେ କହିଦେବାକୁ ଚାହେଁ ଯେ ଆତ୍ମହତ୍ୟା କରି ସେ ମୁକ୍ତି ପାଇନାହିଁ । ଯେଉଁ ଘଟଣା ପାଇଁ ସେ ଗଭୀର ଯନ୍ତ୍ରଣାରେ ଆତ୍ମହତ୍ୟା କଲା, ଆତ୍ମହତ୍ୟା କଲାପରେ ମଧ୍ୟ ସେଇ ଯନ୍ତ୍ରଣାରେ ଦଗ୍ଧୀଭୂତ ହେଉଛି । ବରଂ ତା'ର ଯନ୍ତ୍ରଣା ଆହୁରି ବଢ଼ିଯାଇଛି ।" ( ଯାଦୁ ନନ୍ଦନ : ଏକ ଆତ୍ମହତ୍ୟା ସମ୍ପର୍କରେ, ପୃ- ୯୭ )

'ଦୁଇ ଝିଅ' ଗଳ୍ପରେ ଆଶୀର୍ବାଦ ବାବୁଙ୍କ ଦୁଇ ଝିଅ ମଞ୍ଜୁଶ୍ରୀ ଓ ସଞ୍ଜୁଶ୍ରୀ ତାଙ୍କ ନିକଟକୁ ଚିଠି ଲେଖିଛନ୍ତି । ଚିଠି ଉତ୍ତର ପଢ଼ିବା ପରେ ଆଶୀର୍ବାଦ ବାବୁ ଜାଣିପାରିଛନ୍ତି ଯେ ମଞ୍ଜୁଶ୍ରୀ ଭଲରେ ନାହିଁ, ସୁଖରେ ନାହିଁ ତାଙ୍କ ନିକଟରୁ ଯେପରି ସବୁସୁଖ ଅନ୍ତର୍ହିତ ହୋଇଯାଇଛି । ମାତ୍ର ଅନ୍ୟ ଝିଅ ସଞ୍ଜୁଶ୍ରୀର ଚିଠିରୁ ଜଣାପଡ଼ିଛି ଯେ ସେ ବେଶ ଖୁସିରେ ଅଛି । ତା' ଜୀବନରେ ଖୁସିର ଜ୍ୟୋସ୍ନାଲୋକ ଯେମିତି ବିଛେଇ ହୋଇପଡ଼ିଛି, ତା'ର ଦୁଃଖ କ'ଣ କେବେ ସେ ଜାଣିନାହିଁ । ଏହାପରେ ଆଶୀର୍ବାଦ ବାବୁ ଦୁଇ ଝିଅଙ୍କ ଘରକୁ ପରୀକ୍ଷା କରିବାକୁ ଯାଉଛନ୍ତି ଏବଂ ଅନୁଭବ କରୁଛନ୍ତି ଯେ ସଞ୍ଜୁଶ୍ରୀ ତାଙ୍କର ଶଶୁର ଘରକୁ ସ୍ୱର୍ଗରେ ପରିଣତ କରିଥିବା ବେଳେ ମଞ୍ଜୁଶ୍ରୀ ଘରକୁ ଭାଙ୍ଗି ପକାଉଛନ୍ତି । ଆଶୀର୍ବାଦ ବାବୁ ଘରକୁ ଫେରିଆସି ମଞ୍ଜୁଶ୍ରୀ ପାଖକୁ ଚିଠି ଲେଖୁଛନ୍ତି ସେଇକଥା, ଯାହା ସେଦିନ ଶକୁନ୍ତଳା ପତି ସଦନକୁ ଯିବାବେଳେ କଣ୍ୱମୁନି କହିଥିବା କଥା ଲେଖିଛନ୍ତି । ନାରୀ ଯେପର୍ଯ୍ୟନ୍ତ ପରିବାରର ସବୁ ସଦସ୍ୟଙ୍କୁ ନିଜର କରି ନ ପାରିଛି ବା ସବୁ କାମକୁ ନିଜର ବୋଲି ଗ୍ରହଣ ନ କରିଛି ସେ ପର୍ଯ୍ୟନ୍ତ ସେ ସୁଖରେ ରହିବା ଅସମ୍ଭବ । ବିବାହିତା ନାରୀର ସ୍ୱାର୍ଥ ପରିବାରର ସ୍ୱାର୍ଥରେ ଏକୀଭୂତ ହେଲେ ସେ ସୁଖରେ ନିଶ୍ଚିତ ଭାବରେ ରହିପାରିବ ।

'ପୁରୁଣା ଘର ଓ ନୂଆ ଘର' ଗଳ୍ପରେ ଆଧୁନିକ ମାନବ ସମାଜ କିପରି ଯୌଥ ପରିବାର ଠାରୁ ଦୂରେଇ ଯାଇ ଏକୁଟିଆ ରହିବାକୁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି । ଯେଉଁ ଘରେ ଦିନେ ପରିବାରର ସମସ୍ତେ ପରସ୍ପର ପ୍ରେମରେ ମଗ୍ନଥିଲେ, ସେଇ ଘର ଭିତରେ ଆଜି ପାଚେରି ଉଠିଛି । ନିଜ ପିଲାଦିନ ବିତାଇଥିବା ଘର ନାହିଁ, ଘରର ଅଗଣା ନାହିଁ କି ଗାଁ ଦାଣ୍ଡ ମଧ୍ୟ ନାହିଁ । ଏବେ ସେ ଜାଗାରେ ଉଠିଛି ବଡ଼ ବଡ଼ କୋଠାଘର, ଯାହା ସୁନ୍ଦର ସ୍ୱଚ୍ଛ ଥାଇ ବି ମଳିନ ତଥା ରସହୀନ । ଜୀବନଥାଇ ଜୀବନ ଶୂନ୍ୟ; ପରସ୍ପର ମଧ୍ୟରେ

ISSN NO.
2582-208X

କଳିଗୋଳ ଓ ଝଗଡ଼ାରେ ଲିପ୍ତଥାଆନ୍ତି । ଏ ଗଳ୍ପରେ ଇଶ୍ୱର ବାବୁଙ୍କ ତିନିପୁଅ ପୂର୍ବ ବାପ ଅଜା ଅମଳର ଭିଟାମାଟିକୁ ଛାଡ଼ି ସହରରେ କୋଠାଘର କରିଛନ୍ତି । ସେଠାକୁ ଯାଇ ଅଲଗା ରୋଷେଇ, ଅଲଗା ଘର କରି ତିନି ଭାଇଯାକ ରହିଛନ୍ତି ଏହା ଇଶ୍ୱର ବାବୁ ଓ ନାତିକୁ ଆଦୌ ଭଲ ଲାଗିନାହିଁ । ଯେତେବେଳେ ନାତି ଅପୁ ଜାଣିବାକୁ ପାଇଛି ଯେ ସେମାନେ ଗାଁରେ ଏକାଠି ବସି ଭୋଜନ କରିବା, ପରସ୍ପର ମିଳିମିଶି କାମ କରିବା ଓ ଉତ୍ସବ ପାଳନ କରିବା ଭଳି ଏଠାରେ କୌଣସି କାର୍ଯ୍ୟ କରିବେ ନାହିଁ ସେତେବେଳେ ତା'ର ହୃଦୟ ଭାଙ୍ଗିପଡୁଛି ଫଟା କଳସୀ ପରି । ନୂଆ ଘରେ ପୁଣି ସମସ୍ତେ ଏକାଠି ରହିବାର ଆଶା ତାହାର ମଉଳି ଯାଉଛି । 'ଜନସେବା' ଗଳ୍ପରେ ଦେଢଟଙ୍କା ଦେଇ ନ ପାରିବା ଯୋଗୁଁ କଣ୍ଡକ୍ଟର ଜଣେ ଅସହାୟ ଦରିଦ୍ର ବୃଦ୍ଧାକୁ ବସରୁ ଓହ୍ଲାଇ ଦେଉଛନ୍ତି । କିନ୍ତୁ ସେଇଠି ଉପସ୍ଥିତ ଥିବା ଲୋକମାନଙ୍କ ଭିତରୁ କେହି ବି ସାହାଯ୍ୟ କରିବା ପାଇଁ ଆସିନାହାନ୍ତି । ଦରିଦ୍ରମାନଙ୍କ ଉନ୍ନତି ନିମନ୍ତେ କମିଟି ଗଠନ କରି ଚାନ୍ଦା ସଂଗ୍ରହ କରୁଥିବା ବ୍ୟକ୍ତି ମଧ୍ୟ ଉକ୍ତ ବସରେ ଯାତ୍ରା କରୁଥିଲେ; ମାତ୍ର ଆଶ୍ଚର୍ଯ୍ୟର କଥା ଯିଏ ଦରିଦ୍ରଙ୍କ ଉନ୍ନତି ପାଇଁ କମିଟି ଗଠନ କରୁଛନ୍ତି ସେ ବି ସେଇ ଅସହାୟା ବୃଦ୍ଧାଙ୍କୁ ସାହାଯ୍ୟ କରିନାହାନ୍ତି । ଏଥିରୁ ପ୍ରତୀୟମାନ ହୁଏ ଯେ ମଣିଷ ଯାହା କର୍ମ କରେ ସବୁ ସ୍ୱାର୍ଥଜଡ଼ିତ, ସ୍ୱାର୍ଥରହିତ କାମ କେବେ କରେ ନାହିଁ । ଗାଳ୍ପିକ ଏହି ବାସ୍ତବ ସତ୍ୟର ଉଦ୍ଘାଟନ କରିଛନ୍ତି ଯେ ଆଜିର ଦୁନିଆ କେବଳ ସ୍ୱାର୍ଥସର୍ବସ୍ୱ । ଆଉ ଯାହା କିଛି ବି କରୁଛି ତାହା କେବଳ ଲୋକ ଦେଖାଣିଆ । ଆଜି ଜନସେବାର ପ୍ରକୃତ ଅର୍ଥର ମୃତ୍ୟୁ ଘଟିଛି । ମାନବିକତାର ପତନ ଘଟିଛି ।

ସେହିପରି 'ପ୍ରତିକ୍ରିୟା' ଗଳ୍ପରେ ତିନିଦିନର ଭୋକିଲା ରହିଥିବା ଭିକାରିଟି ନିଜର ଅସହାୟତାପଣକୁ ତାଙ୍କ ଆଗରେ ବ୍ୟକ୍ତ କରି ଭିକ୍ଷା ମାଗିଛି; ଅଥଚ ଉପସ୍ଥିତ ସବୁଲୋକ ହାତ ଟେକିଦେଇଛନ୍ତି । ଏପରିକି ନିର୍ବାଚନ ପ୍ରଚାର କରିବାକୁ ଆସିଥିବା ରାଜନେତା, ଯିଏ ଭାଷଣରେ ଗରିବ ଲୋପର ଘୋଷଣା କରି ଆସିଛନ୍ତି ସେ ବି ଶେଷରେ ହାତ ବନ୍ଦ କରିଦେଇଛନ୍ତି । ତା' ପ୍ରତି ସମାଜର କୌଣସି ପ୍ରତିକ୍ରିୟା ନାହିଁ, ମାନବୀୟ ସମ୍ବେଦନା ଟିକିଏ ନାହିଁ । ଏହା ହିଁ ଆଜିର ମାନବିକତା ଓ ମଣିଷପଣିଆ । ଯେଉଁ ବ୍ୟକ୍ତିଜଣକ ନ ଖାଇ ନ ପିଇ ଭିକ୍ଷା ମାଗୁଥିଲେ ସେ ଜଣେ ସ୍କୁଲ ଶିକ୍ଷକ । ତାଙ୍କ ପରିବାର ଭଲ ସୁରୁଖୁରୁରେ ଚାଲିଥିଲା କିନ୍ତୁ କାଳର ପ୍ରଭାବରେ କେତେବେଳେ କ'ଣ ଘଟିଯାଏ ତାହା କେହି ବି ଭାବିପାରି ନ ଥାନ୍ତି । ଏଇ ଶିକ୍ଷକଙ୍କ ଜୀବନ ମଧ୍ୟ ନିୟତିର କ୍ରୁର ପରିହାସରେ

ISSN NO.
2582-208X

କ୍ଷଣକ ମଧ୍ୟରେ ସବୁକିଛି ଓଲଟପାଲଟ ହୋଇଗଲା । ଯିଏ ଦିନେ ଶହଶହ ମଣିଷ ତିଆରି କରୁଥିଲେ ସେ ଆଜି ଦାଣ୍ଡର ଭିକାରି । ଏ ନଶ୍ୱର ଶରୀର, ସଂସାର ଓ ବସ୍ତୁ ଯେ କ୍ଷଣ କ୍ଷଣକେ ପରିବର୍ତ୍ତନଶୀଳ ତାହା ଏଥିରେ ବର୍ଣ୍ଣିତ । ଧନ ସମ୍ପଦର ମୋହରେ ବୁଡ଼ିରହିଥିବା ଏ ସମାଜ ଆଜି ଚେତନାଶୂନ୍ୟ ଅବସ୍ଥାରେ ଦୋଦୁଲ୍ୟମାନ । ସେ ଜାଣିଛି ସତ୍ୟ କ'ଣ; ମାତ୍ର ଅସତ୍ୟକୁ ପାଥେୟ କରିଛି । ମଣିଷ ପ୍ରତିକ୍ରିୟାହୀନ ଏକ ଯନ୍ତ୍ର ପାଲଟିଛି ଯାହାର ହୃଦୟ ବୋଲି କିଛିନାହିଁ । ସେ ଯେଉଁ ପଥରେ ଯାତ୍ରା କରିବା କଥା, ସେଇ ମାର୍ଗକୁ ବନ୍ଦ କରିରଖିଛି । ଏଣୁ ଗାଳ୍ପିକଙ୍କୁ ଏ ପୃଥିବୀ ସୁନ୍ଦର ଥିଲେ ବି ଅସୁନ୍ଦର ମନେହୋଇଛି । କାରଣ ବିବେକହୀନ ପୃଥିବୀ ଓ ହୃଦୟହୀନ ଏ ଧରଣୀ ଅସୁନ୍ଦର, ମୃତ୍ୟୁ ସହ ସମାନ ନୁହେଁ କି ? ତାହା ତାଙ୍କ ଲେଖନୀରେ ବ୍ୟଙ୍ଗାତ୍ମକ ରୂପ ନେଇଛି – "ଏ ହେଉଛି ମଣିଷ ଜୀବନ; ଯାହା ସତ୍ୟ ମାତ୍ର ଅନିତ୍ୟ । ଶିବ ମାତ୍ର ଅଶିବ ମାର୍ଗରେ ପରିଚାଳିତ । ଯାହା ସୁନ୍ଦର ଅଥଚ ଅସୌନ୍ଦର୍ଯ୍ୟର ଧ୍ୱଜା ବହନ କରିଚାଲିଛି ।" (ମୋର ସ୍ୱପ୍ନ ଓ ସ୍ମୃତିରୁ କେତୋଟି : ପ୍ରତିକ୍ରିୟା , ପୃ- ୯୫ ) । ଗାଳ୍ପିକ ମେହେରଙ୍କ ତିନୋଟିଯାକ ଗଳ୍ପ ସଂକଳନ ମଧ୍ୟରେ ଆଧୁନିକ ସମୟର ସମସ୍ୟାଗୁଡ଼ିକ ସଫଳ ଭାବରେ ରୂପାୟିତ ହୋଇ ରହିଛି ।

୩. ସ୍ୱଭାବ କବି ଗଙ୍ଗାଧର ମେହେର ଓ ଗାଳ୍ପିକ ମଣୀନ୍ଦ୍ର କୁମାର ମେହେର :

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ଭାବରେ ଲେଖକ ମଣୀନ୍ଦ୍ର କୁମାର ମେହେରଙ୍କୁ ସମସ୍ତ ସାହିତ୍ୟାନୁରାଗୀ ପାଠକ ପାଠିକା ଜାଣନ୍ତି । ଅନେକ ଆଲୋଚକ ଓ ସମାଲୋଚକମାନେ ମତ ଦିଅନ୍ତି ଯେ ସେ ସ୍ୱଭାବ କବିଙ୍କ ପ୍ରପୌତ୍ର ବୋଲି ପାଠକମାନଙ୍କ ନିକଟରେ ଅଧିକ ପରିଚିତ । କିନ୍ତୁ ଏ ଉକ୍ତି ଆଦୌ ଗ୍ରହଣଯୋଗ୍ୟ ନୁହେଁ । ଗୋଟିଏ କଥା ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଗାଳ୍ପିକ ଯଦି ଗଙ୍ଗାଧରଙ୍କ ପ୍ରପୌତ୍ର ହୋଇ ନ ଥାନ୍ତେ ତେବେ ବି ତାଙ୍କ ପରିଚୟରେ ଟିକିଏ ହେଲେ ଊଣା ହୋଇ ନ ଥାନ୍ତା ଆଜି ସେ ଯେତିକି ପରିଚିତ ଅଛନ୍ତି । କାରଣ ସେ ହିଁ ତ ଗଙ୍ଗାଧର ମେହେରଙ୍କ ପରିବର୍ତ୍ତିତ ଏକ ଅନ୍ୟରୂପ । ସେ ମଧ୍ୟ ସ୍ୱଭାବ କବିଙ୍କ ପରି ବୁଦ୍ଧିଦୀପ୍ତସମ୍ପନ୍ନ ସର୍ଜନଶୀଳ ସାଧକ, ଉଚ୍ଚ ଚିନ୍ତାଧାରାର ଲେଖକ । ଯାହାଙ୍କ ପ୍ରତିଟି ଶିରା ପ୍ରଶିରାରେ ଗଙ୍ଗାଧରଙ୍କ ରକ୍ତ ପ୍ରବାହିତ ସେ କ'ଣ ଗଙ୍ଗାଧର ନୁହଁନ୍ତି । ଆଉ ପୁଣି ତାଙ୍କର ସ୍ୱତନ୍ତ୍ର ପରିଚୟ କ'ଣ ସେ ସ୍ୱୟଂ ହିଁ ତ ଏକ ପରିଚୟ । ଯେହେତୁ ଗଙ୍ଗାଧର ମେହେରଙ୍କ ପ୍ରତିଛବି ଲେଖକଙ୍କ ନିକଟରେ ପ୍ରତିଫଳିତ

ISSN NO.
2582-208X

ତେଣୁ ତାଙ୍କର ଲେଖାଗୁଡ଼ିକ ମଧ୍ୟ ଗଙ୍ଗାଧରଙ୍କ ପରି ହେବ ସ୍ୱାଭାବିକ । ଏହାର ଦୃଷ୍ଟାନ୍ତ ଗାଲ୍ପିକଙ୍କ ଅନେକ ଗଳ୍ପରେ ଦେଖିବାକୁ ମିଳେ ।

ସ୍ୱଭାବ କବିଙ୍କ ରଚିତ ବର୍ଣ୍ଣିତ କାବ୍ୟରେ ଅବତୀର୍ଣ୍ଣ ହୋଇଥିବା ଚରିତ୍ରମାନଙ୍କ ଦୁଃଖରେ ସାରା ପରିବେଶ, ଗଛଲତା, ଏପରିକି ପଶୁପକ୍ଷୀ ମଧ୍ୟ ଶୋକାକୁଳ ହୋଇଉଠିଛନ୍ତି । 'ତପସ୍ୱିନୀ' କାବ୍ୟରେ ପ୍ରଜା ଅପବାଦର ଶିକାର ହୋଇ ନିର୍ବାସିତା ମାତା ସୀତାଦେବୀ ଯେତେବେଳେ ଚେତନା ଶୂନ୍ୟ ହୋଇଛନ୍ତି ସେତେବେଳେ ସମଗ୍ର ପରିବେଶ କାରୁଣ୍ୟମୟ ହୋଇଉଠିଛି ଯଥା –

"ତା ଚାହିଁ ବିହଙ୍ଗ-ମୁଖେ କାନ୍ଦିଲା ସେ ବନ / ବହିଲା ନିଃଶ୍ୱାସ ରୂପେ ପ୍ରଖର ପବନ
ଶୁଭିଲା ପ୍ରଶ୍ୱାସ ରୂପେ ସରସର ସ୍ୱର / କାରୁଣ୍ୟ ଲହରୀ ପ୍ରାୟେ ଚଳିଲେ ପତର
ଏ ଦିଗେ ସେଦିଗେ ଚାହିଁ ଚକିତ ଲୋଚନେ / ମୃଗମାନେ ରହିଗଲେ ବିଚଳିତ ମନେ ।"

(ମେହେର ଗଙ୍ଗାଧର , ଗଙ୍ଗାଧର ଗ୍ରନ୍ଥାବଳୀ : ତପସ୍ୱିନୀ, ପୃ- ୯୫ )

ଏଇ ସମାନ କଥା ଗାଲ୍ପିକଙ୍କ 'ଭିନ୍ନ ଏକ ରବିବାର' ଗଳ୍ପରେ ଅନୁରଣିତ । ଏଥିରେ ଶିଖର ପାଠପଢାରେ ଦୁର୍ବଳ ହେତୁ ଗୁରୁଜୀ ଓ ଗୁରୁମାଙ୍କ ନିକଟରୁ ଅପମାନ ସହିଛନ୍ତି, ଗାଳି ଖାଇଛନ୍ତି ଏବଂ ମାଡ଼ ମଧ୍ୟ ଖାଇଛନ୍ତି । ଭୟରେ ଜଡ଼ସଡ଼ ହୋଇଥିବା ଅସହାୟ୍ୟ ଶିଖରଙ୍କ ପ୍ରତି ସାରା ପରିବେଶ ବିଷଣ୍ଣବଦନା ହୋଇଛି । ତା ଦୁଃଖରେ ସମଭାଗୀ ହୋଇଛନ୍ତି । ପରିବେଶର ପ୍ରତ୍ୟେକଟି ବୃକ୍ଷ, ପକ୍ଷୀ ଓ କୀଟପତଙ୍ଗ ଆଖିରେ ସ୍ୱଚ୍ଛ ପବିତ୍ର ନୀର ଭରିଯାଇଛି । ହୃଦୟରେ ଅସରନ୍ତି କୋହ ଏବଂ ମନ ଭିତରେ ତା' ପ୍ରତି ସମ୍ବେଦନଶୀଳ ମନୋଭାବ ପ୍ରକାଶ ପାଇଛି । ଆମ୍ବଗଛର ଶିଖରଙ୍କ ପ୍ରତି ରହିଥିବା ସହାନୁଭୂତି ତାହା ଏପରି – "ମୁଁ ମୋର ପ୍ରତିଟି ଶାଖାରୁ, ପ୍ରତିଟି ପତ୍ରରୁ ସେଦିନ ସାନ୍ତ୍ୱନାର ଭାବ ଝରାଉଥିଲି ତା' ପାଇଁ ।" ( ଯାଦୁ ନନ୍ଦନ , ପୃ – ୩୫) । ସେହିପରି 'ବଗିଚାର ଫୁଲ' ଗପରେ ଲେଖକ ସ୍କୁଲ ଯିବା ବାଟରେ ଆବିଷ୍କାର କରିଛନ୍ତି ଜଣେ ଅସହାୟା ବୃଦ୍ଧାଙ୍କ କ୍ରନ୍ଦନର କରୁଣ ସ୍ୱରଧ୍ୱନି । ସେ ତାଙ୍କ ନାତୁଣୀକୁ ଆଉ ପାଖରେ ଥିବାର ଅନୁଭବ କରିପାରୁ ନାହାନ୍ତି । ଏହା ସହିତ ଆଉ ଦେଖିପାରୁ ନାହାନ୍ତି ବୋଲି ଢେର କାନ୍ଦନ୍ତି । ବୃଦ୍ଧାଙ୍କ କ୍ରନ୍ଦନରେ ସାରା ପରିବେଶ ତାଙ୍କୁ ସମବେଦନା ଜଣାଇ ନିଜ ନିଜର ପ୍ରତିକ୍ରିୟା ପ୍ରକାଶ କରନ୍ତି – "ମୋର ମନେହୁଏ ସେ କ୍ରନ୍ଦନ ଧ୍ୱନିର କରୁଣ ଛନ୍ଦ ଅନୁସରଣ କରି

ISSN NO.
2582-208X

ରଙ୍ଗ ବେରଙ୍ଗର ପ୍ରଜାପତି ଉଡ଼ିବୁଲନ୍ତି, ଅଦୂରର ବରଗଛରେ ଥିବା ପକ୍ଷୀ ଦମ୍ପତ୍ତି କିଚିରି ମିଚିରି ଶବ୍ଦ କରୁଥାନ୍ତି । x x ସୁନୀଳ ଆକାଶରେ ଶ୍ୱେତ ମେଘଖଣ୍ଡ ମୋ ମନରେ ସେ କାରୁଣ୍ୟକୁ ଅଧିକ ଉଜ୍ଜୀବିତ କରୁଥାନ୍ତି ।" (ମୋର ସ୍ୱପ୍ନ ଓ ସ୍ମୃତିରୁ କେତୋଟି : ବଗିଚାର ଫୁଲ, ପୃ- ୭୦ ) । ସେହିପରି 'ଦୁଇ ଝିଅ' ଗଳ୍ପରେ ଆଶୀର୍ବାଦ ବାବୁ ସାନ ଝିଅ ମଞ୍ଜୁଶ୍ରୀଙ୍କ ପାଖକୁ ଚିଠି ଲେଖନ୍ତି । ମଞ୍ଜୁଶ୍ରୀ ଶାଶୁ ଘରେ କିପରି ସେ ଘରର ଜଣେ ସଦସ୍ୟ ବୋଲି ନିଜକୁ ଯୋଗ୍ୟ ବିବେଚିତ କରିବେ । ଏଥିପାଇଁ ତାଙ୍କର କ'ଣ କରିବା ଉଚିତ ତାହା ଚିଠିରେ ଲେଖିଛନ୍ତି । ଏହିପରି ଅନେକ ଦୃଷ୍ଟାନ୍ତ ରହିଛି ଯାହା ସ୍ୱଭାବକବିଙ୍କ କାବ୍ୟକଳା ସହ ତାଙ୍କ ଗଳ୍ପର ସାମ୍ୟତା ପରିଲକ୍ଷିତ ହୁଏ ।

ଗାଳ୍ପିକ ମଣୀନ୍ଦ୍ର କୁମାର ମେହେରଙ୍କ ଗଳ୍ପଗୁଡ଼ିକ ପାଠକକୁ ଏକ ଭିନ୍ନ ଜଗତକୁ ନେଇଯାଇଥାଏ । ମନୁଷ୍ୟ ମନୁଷ୍ୟ ପ୍ରତି କିପରି ସମ୍ବେଦନଶୀଳ ମନୋଭାବ, ପରସ୍ପର ପ୍ରତି ଅନୁରାଗ, ସଂସ୍କୃତି ପ୍ରତି ମୋହ, ଜଳ-ଜମି-ଜଙ୍ଗଲ ପ୍ରତି ମମତ୍ୱବୋଧ ପ୍ରକାଶ ପାଇଛି । ତାଙ୍କର ଗଳ୍ପଗୁଡ଼ିକ ଜୀବନର ବାସ୍ତବ ସତ୍ୟକୁ ପ୍ରସ୍ଫୁଟିତ କରିବାରେ ସଫଳ ହୋଇପାରିଛି ଏବଂ ପାଠକ ହୃଦୟରେ ଏକ ଉତ୍ତମ ମାନସିକତା ମଧ୍ୟ ତିଆରି କରିପାରିଛି । ଏ ଗଳ୍ପଗୁଡ଼ିକର ଭାଷା ସହଜ, ସରଳ ଓ ସୁବୋଧ୍ୟ । ଲେଖକଙ୍କ ତିନୋଟିଯାକ ଗଳ୍ପ ପୁସ୍ତକ ଆତ୍ମାନୁଭୂତିମୂଳକ ହେତୁ ଏହାର ପ୍ରାୟ ସମସ୍ତ ଗଳ୍ପ ପ୍ରଥମ ପୁରୁଷରେ ଲେଖା ହୋଇଛି । କଥାକାରଙ୍କ ଗଳ୍ପଗୁଡ଼ିକ ସ୍ୱହୃଦୟାବେଗର ଏକ ଏକ ମାନ୍ତ୍ରିକ ଉଚ୍ଚାରଣ । ଯାହା ପାଠ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ହୃଦୟକୁ ମନ୍ତ୍ରମୁଗ୍ଧ କରିଦେବା ଭଳି ଗଳ୍ପଗୁଚ୍ଛର ଏକ ଶ୍ରେଷ୍ଠ ସମୀକରଣ । ଉପରୋକ୍ତ ଆଲୋଚନା ଆଧାରରେ ତଥା ଜୀବନୀମୂଳକ ଗଳ୍ପଗୁଡ଼ିକ ଅଧ୍ୟୟନ କରି ବିଶ୍ଳେଷଣ କରିବା ପରେ ଗାଳ୍ପିକ ମେହେରଙ୍କ ଗଳ୍ପଜଗତ ଆତ୍ମାନୁଭୂତିର ଏକ ମୁଗ୍ଧ ଅନୁରଣନ ବୋଲି ନିଃସନ୍ଦେହରେ କୁହାଯାଇପାରିବ ।

## ସହାୟକ ଗ୍ରନ୍ଥସୂଚୀ :

୧. ଜେନା ଶରତ କୁମାର : ସୁନ୍ଦରତମ ଦୁଃଖ, ଏଥେନା ବୁକ୍ସ, କଟକ; ପ୍ରଥମ ସଂସ୍କରଣ – ୨୦୨୪ ।

୨. ବଳ ନନ୍ଦକିଶୋର : ନନ୍ଦକିଶୋର ଗ୍ରନ୍ଥାବଳୀ – ଶର୍ମିଷ୍ଠା , ପ୍ରଥମ ସଂସ୍କରଣ – ୨୦୦୦ ।

ISSN NO.
2582-208X

୩. ମେହେର ଗଙ୍ଗାଧର : ଗଙ୍ଗାଧର ଗ୍ରନ୍ଥାବଳୀ( ସଂ ମଣୀନ୍ଦ୍ର କୁମାର ମେହେର ) – ତପସ୍ୱିନୀ, ଗ୍ରନ୍ଥ ମନ୍ଦିର, ଷଷ୍ଠ ସଂସ୍କରଣ – ୨୦୨୦ ।

୪. ମେହେର ଗଙ୍ଗାଧର : ଗଙ୍ଗାଧର ଗ୍ରନ୍ଥାବଳୀ( ସଂ ମଣୀନ୍ଦ୍ର କୁମାର ମେହେର ) – ପ୍ରଣୟ ବଲ୍ଲରୀ, ଗ୍ରନ୍ଥ ମନ୍ଦିର, ଷଷ୍ଠ ସଂସ୍କରଣ – ୨୦୨୦ ।

୫.ମେହେର ମଣୀନ୍ଦ୍ର କୁମାର : ମୋର ସ୍ୱପ୍ନ ଓ ସ୍ମୃତିରୁ କେତୋଟି; ସ୍ୱୟଂସିଦ୍ଧା ଫାଉଣ୍ଡେସନ, ୨ୟ ସଂ– ୨୦୨୨ ।

୬. ମେହେର ମଣୀନ୍ଦ୍ର କୁମାର : ଯାଦୁ ନନ୍ଦନ , ଓଡ଼ିଶା ବୁକ ଷ୍ଟୋର, ପ୍ରଥମ ପ୍ରକାଶ – ୨୦୨୧ ।

୭. ମେହେର ମଣୀନ୍ଦ୍ର କୁମାର : ସୂର୍ଯ୍ୟାସ୍ତର ଆଭାରେ ମାମା, ନ୍ୟୁଟ୍ରା କ୍ରିଏସନ୍ସ, ପ୍ରଥମ ପ୍ରକାଶ – ୨୦୨୪ ।

୮. ରଥ ବ୍ରଜନାଥ : ଏକ ଏକ ଏକପଦୀ, ପ୍ରଥମ ପ୍ରକାଶ – ୨୦୦୯ ।

ଗବେଷକ, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର
ମୋ – ୬୨୦୭୮୨୯୩୮୪

ISSN NO.
2582-208X

# କହ୍ନେଇ ଦିଶେ କେଡ଼େ ସୁନ୍ଦର



ନଳନୀ ଦାଶ

କହ୍ନେଇର ଠାଣି ଦିଶଇ ଆହା କେଡ଼େ ସୁନ୍ଦର
ମଥାରେ ମୟୁର ଚନ୍ଦ୍ରିକା ଦିଶେ କି ମନୋହର
ବଇଁଶୀର ସ୍ୱର ଶୁଭିଲେ ଲାଗେ କେଡ଼େ ମଧୁର
ଗୋପୀ ବାଳାଙ୍କର ହୃଦୟ ସଦା ହୁଏ ଅସ୍ଥିର ।
ଯମୁନା ଉଜାଣି ହୋଇଲେ ମିଶେ ବଇଁଶୀ ସ୍ୱର
ପ୍ରୀତିର କଦମ୍ବ ଫୁଟିଲେ କାହ୍ନୁ ହୁଏ ବିଭୋର
କହ୍ନେଇ ବଇଁଶୀ ବାଜିଲେ ରାଧା ହୁଏ ଅଧୀର
ପ୍ରୀତି ପାରିଜାତ ଫୁଟଇ ମନ ଗହନେ ତାର ।
ରାଧା କୃଷ୍ଣଙ୍କର ଦର୍ଶନେ ହସେ ଯମୁନା ନଈ
ଖୁସିରେ କୁସୁମ ଝୁମନ୍ତି ଗୀତ ଦିଅନ୍ତି ଗାଇ
ରାଧା ରାଣୀଙ୍କର ଦର୍ଶନେ ଫୁଟେ କଦମ୍ବ ଫୁଲ
କେହି ନାହିଁ ଦେଇପାରିବ କାହ୍ନୁ ବଂଶୀର ମୂଲ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୯୬୬୪୯

ISSN NO.
2582-208X

# ତୋ ଆଖିରେ ଦେଖେ ଅନେକ ଛବି



ଗଗନ କୁମାର ଦାଶ

ତୋ ଆଖିରେ ଦେଖେ ଅନେକ ଛବି ମୁଁ
ଯେତେବେଳେ ଥାଉ ପାଶେ
ଅଭାବି ସମୟେ ସେ ମୋ ରତ୍ନ ହୀରା
ପାଖେ ଆସି ଯେବେ ବସେ ।

ହଜିଯାଏ ମୋର ସମସ୍ତ କ୍ଲାନ୍ତି ର
ଅବସାଦ ଅବଶୋଷ
ତୋ ଆଖିରେ ଦେଖେ ଭବିଷ୍ୟତ ମୋର
ହୁଏ ନାହିଁ ଯାର ଶେଷ ।

ସେଦିନ ସେଇଠି ଦେଖାହେଲା ଯେବେ
କେଉଁ ମାହେନ୍ଦ୍ର ଲଗ୍ନରେ
ମୁଁ ତ ହଜିଗଲି ତୋ ଚାହାଣି ମଧ୍ୟେ
ଅଜଣା ଦିବା ସ୍ୱପ୍ନରେ ।

ତୋ ଚାହାଣି ଥିଲା ପ୍ରେମ ସ୍ନେହ ଭରା
ପ୍ରତୀକ୍ଷା ର ଏକ ଆଶା

ISSN NO.
2582-208X

ସେହି ଚାହାଣି ରେ ହଜିଗଲି ବୋଲି
ତୁ ହେଲୁ ମୋର ଭରସା ।

ଘାତ ପ୍ରତିଘାତ ସହି ଗଲୁ ତୁହି
ସମାଜ ମଧ୍ୟରେ ରହି
ଘର ପରିବାର ଛାଡ଼ି ଦେଇ ତୁହି
ଖୋଲିଦେଲୁ ପ୍ରେମ ବହି ।

ମୋ ଗରିବୀ ପଣ ଧିକାର କରିଲା
କାହିଁକି କେଜାଣି ସତେ
ତୋ ସମ୍ଭ୍ରାନ୍ତ ପଣ ବଳି ଦେଇ ତୁହି
ଭଲ ପାଇଗଲୁ ମତେ ।

ଜୀବନ ଜଞ୍ଜାଳେ ନିଜର ହେବାକୁ
କେତେ ଚେଷ୍ଟା କଲୁ ତୁହି
ଘର ପରିବାର ଜଳାଞ୍ଜଳି ଦେଇ
ନିଜର ହୋଇଲି ମୁହିଁ ।

କେତେ ପ୍ରତିରୋଧ କେତେ ଯେ ଭର୍ତ୍ସନା
କେତେ କଷ୍ଟ ସହି ଗଲୁ
ଶେଷରେ ଏମିତି ସମୟ ଆସିଲା
ମତେ ପର କରିଦେଲୁ ।

ଚାଲିଗଲୁ ସିନା ମୋ ଠାରୁ ଦୂରକୁ
ଭୁଲି ପାରିଲୁନି ମତେ
ତୋ ଆଖି ଡୋଳା ରେ ମୋର ପ୍ରତିବିମ୍ବ
ଝଲସି ଉଠିଲା କେତେ ।

ISSN NO.
2582-208X

ମନେ ମନେ ଭାବି ଯାତନା ସହିଲୁ
ଆରପାରି ଚାଲିଗଲୁ
ମୋ ଆଖିରେ କିନ୍ତୁ ତୋର ସେହି ଛବି
ଛାଡ଼ିଦେଇ ପଳାଇଲୁ ।

ସେହି ପ୍ରତିବିମ୍ବ ଏକାକୀ ବସିଲେ
ଆସି କରେ ନିବେଦନ
ତୋହର ମୋହର ପ୍ରେମ ଇତିହାସ
କାନେ କରେ ଗୁଞ୍ଜରଣ ।

ଅମା ଅନ୍ଧକାର ନିର୍ଜନ ପ୍ରାନ୍ତରେ
ଆମ ଅତୀତ କାହାଣୀ
ଅବସ ଶରୀର ଖର ନିଃଶ୍ୱାସ ର
ସ୍ମୃତି ଅନୁଭୂତି ପୁଣି ।

ଗୋଟିଏ ରାତି ରେ ଅନେକ ଆନନ୍ଦ
ଶତ ରାତି ଆଜି ଝୁରେ
ନିଦ ଆସେନାହିଁ ତୋ ଛବି ଦିଶଇ
ବଞ୍ଚି ଥାଉ ଥାଉ ମରେ ।

କେତେ ଯେ ମଧୁର ଆମ ପ୍ରୀତି ରାତି
କେତେ କେତେ ମିଠା କଥା
କେତେବେଳେ ଦୁହେଁ ଏକ ହେଉଥିଲେ
ଭୁଲିଯାଇ ନିଜ ବ୍ୟଥା ।

ବିଶ୍ୱାସ ଆମର ଭରସା ଆମର
ଅନେକ ଆଶାକୁ ନେଇ

ISSN NO.
2582-208X

ଦୁହେଁ ଦୁହିଁଙ୍କର ସମ୍ପର୍କ ଜାଲରେ
ଛନ୍ଦି ହୋଇଗଲେ ଯାଇ ।

ମୋ ଆଖି ରହିଛି ସେହି ଆଶା ନେଇ
ତୋ ଆଖି ଯାଇଛି ଚାଲି
ତଥାପି ତୋ ଆଖି ବେଳେବେଳେ ଆସି
ହୃଦୟ ଦିଏ ହଲେଇ ।

ସ୍ମୃତି ରହିଅଛି ହଜି ନାହିଁ ପ୍ରିୟେ
ଆଜି ବି ଆସୁଛି ସେହି
ସ୍ମୃତି ମରେ ନାହିଁ ଆମର ହୋଇଛି
କେତେ ଗପ କହି କହି ।

ପଶ୍ଚିମ ବୟସ ଯଦିଓ ହେଲାଣି
ତଥାପି ସାହସ ଅଛି
ଫେରିଆସ ଯଦି ମୋ ହୃଦୟ ମଧ୍ୟେ
କହିବି କଥା ଦେଉଛି ।

ଶୁଭଙ୍କର ନିବାସ
ମାଁ ମାଣିକେଶ୍ୱରୀ ମନ୍ଦିର ସାହି
ମୋହନା, ଗଜପତି

ISSN NO.
2582-208X

# ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ବିଷୟ ବୈଚତ୍ର୍ୟ



ଡ. ଦୟାନନ୍ଧି ପରିଡ଼ା

ସ୍ରଷ୍ଟାର ଆବେଗିକ ଉଚ୍ଛ୍ୱାସ  ଏବଂ ଗଭୀର ସୃଜନ ମନଷ୍କତାରୁ ଜନ୍ମ ନିଏ ଏକ ଉତ୍ତମ ରଚନା । ତାହା ଭାବ ହେଉ କି ଗଠନ, ସବୁ କ୍ଷେତ୍ରରେ ସୃଜନ ଶିଳ୍ପ ସୁସଜ୍ଜିତ ତଥା ସୁଗଠିତ ହୋଇ ପ୍ରକାଶ ପାଇଥାଏ । ପ୍ରତ୍ୟେକ ସୃଜନ ଶିଳ୍ପରେ ଲେଖକୀୟ ଭାବଭଙ୍ଗୀର ପ୍ରତିଭା ଦୃଶ୍ୟମାନ ହୋଇଥାଏ । ସାହିତ୍ୟ କ୍ଷେତ୍ରରେ ତ ବିଷୟ ତଥା ପ୍ରସଙ୍ଗ ବିନ୍ୟାସର ନାନାଦି କୌଶଳ ଅନ୍ତର୍ଭୁକ୍ତ ହୋଇ ରହିଥାଏ । ଏଣୁ ଲେଖୀୟ ପ୍ରକାଶ ଭଙ୍ଗୀର ଭିନ୍ନତା ଦୃଷ୍ଟିରୁ ସୃଜନ ଶିଳ୍ପଗୁଡ଼ିକ ଅନନ୍ୟ ମନେହୁଏ । କବିତା, ନାଟକ, ଓ କଥା ସାହିତ୍ୟ କ୍ଷେତ୍ରରେ  ଉଦ୍ଦେଶ୍ୟଗୁଡ଼ିକ ଭାବ ଓ କଳା ପର୍ଯ୍ୟାୟରେ ଅନୁଭୂତ, ଯାହା ଏହାକୁ ସ୍ୱତନ୍ତ୍ର କରି ଗଢ଼ିତୋଳେ ।

‘ଉପନ୍ୟାସ’ ଭାବ ଓ ରୂପ ଉଭୟ ଦିଗ ଉପରେ ନିର୍ଭରଶୀଳ । ଉପନ୍ୟାସରେ ଚରିତ୍ର, ଭାଷା, ସଂଳାପ, ପରିବେଶ ଇତ୍ୟଦିର ଉପଯୁକ୍ତ ସଂରଚନା ହିଁ ଉପନ୍ୟାସକୁ ସଫଳ ରୂପେ ପାଠକ ସମ୍ମୁଖରେ ଉପସ୍ଥାପିତ କରିଥାଏ । ଲେଖକୀୟ ସୃଜନ ଶକ୍ତି ଏବଂ ସମସାମୟିକ ଲେଖାର ଧାରା ପ୍ରବାହ, ଉପନ୍ୟାସ କିମ୍ବା ଗୋଟିଏ ଲେଖାରେ ଦୃଶ୍ୟମାନ ହୁଏ । ଭାବଗତ ଏବଂ ରୂପଗତ ପ୍ରସଙ୍ଗ ପରସ୍ପର ନିର୍ଭରଶୀଳ । ଲେଖକର ଉଦ୍ଦେଶ୍ୟକୁ ଜ୍ଞାପନ କରିବାପାଇଁ ଯେଉଁ ମାଧ୍ୟମକୁ ସେ ନିଜେ ଗ୍ରହଣ କରେ ତାହା ରୂପଗତ ପର୍ଯ୍ୟାୟର ଅନ୍ୟତମ ଏକକ । ଉପନ୍ୟାସର କଥାବସ୍ତୁ ଉପସ୍ଥାପନାଠୁ ପରିସମାପ୍ତି ପର୍ଯ୍ୟନ୍ତ ଯେଉଁ ଯେଉଁ ଲାକ୍ଷଣିକ ପର୍ଯ୍ୟାୟଗୁଡ଼ିକ ଅନୁଭୂତ ହୁଏ ସେ ସବୁ ହିଁ ରୂପଗତ ବୈଶିଷ୍ଟ୍ୟ ହିସାବରେ

ISSN NO.
2582-208X

ଗ୍ରହଣୀୟ ହୁଏ । କିନ୍ତୁ ଓଡ଼ିଆ ସାହିତ୍ୟର ଆଲୋଚକ ଡ. ଆଦିକନ୍ଦ ସାହୁ ଉପନ୍ୟାସର ରୂପାତ୍ମକ ଦିଗ ସଂପର୍କରେ କହନ୍ତି -"ଉପନ୍ୟାସ ସବୁ କାଳରେ ସାହିତ୍ୟର ଯେକୌଣସି ବିଭାବ ପରି ଶିଳ୍ପୀ ମନ ଓ ତା ଆତ୍ମାର ଏକ ଏକ ରୂପକ (Allegory) । ଗୋଟିଏ ଉପନ୍ୟାସ ଭିତରେ ଥିବା ଭାବରୁ ବା ଲେଖକୀୟ ବକ୍ତବ୍ୟ ସେଥିରେ ଥିବା ଭାଷା ଓ ଶୈଳୀଦ୍ୱାରା ଚିହ୍ନିତ ହୋଇଥାଏ । ଶିଳ୍ପୀର ସାମାଜିକ ମୂଲ୍ୟବୋଧ ଓ ତଜ୍ଜନିତ କଳାବୋଧର ପରିବର୍ତ୍ତନରେ ରୂପାତ୍ମକତା ମଧ୍ୟ ପରିବର୍ତ୍ତିତ ହୋଇଥାଏ ।'(୧) ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ସାହିତ୍ୟର ରୂପଗତ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟିଛି। କେବଳ ବିଷୟବସ୍ତୁ ନୁହେଁ ଚରିତ୍ର, ଭାଷା, ଉପସ୍ଥାପନା ଭଳି ସବୁ କ୍ଷେତ୍ରରେ ନୂଆ ନୂଆ ପରିବର୍ତ୍ତନ ଘଟିଛି । ଓଡ଼ିଆ ଉପନ୍ୟାସ ସାହିତ୍ୟର ଆଦ୍ୟ ପର୍ଯ୍ୟାୟରେ ଯେପରି ସମାଜ ସଂସ୍କାର, ଜାତିଭେଦ, ବିଧବା ବିବାହ, ଜମିଦାରୀ ପ୍ରଥା, ସ୍ୱାଧୀନତା ସଂଗ୍ରାମ ଭଳି ବିଷୟବସ୍ତୁକୁ କେନ୍ଦ୍ର କରି ଉପନ୍ୟାସଗୁଡ଼ିକ ଗଢ଼ିଉଠୁଥିଲା । ଅଧୁନା ବିଷୟବସ୍ତୁ ଚୟନ କ୍ଷେତ୍ରରେ ଜଗତୀକରଣ ଦୁନିଆରେ ବିବିଧ ବିଷୟବସ୍ତୁକୁ ଲେଖକ ଚୟନ କରିପାରୁଛି । ଆଦର୍ଶବୋଧ ଚରିତ୍ର ବ୍ୟତିରେକେ ଅଧୁନା ଔପନ୍ୟାସିକ ନିଜସ୍ୱ ଆଖିଦେଖା ଆଧୁନିକ ମଣିଷ ଜୀବନକୁ ଚିତ୍ରିତ କରୁଛି । ଦୀର୍ଘ ପୃଷ୍ଠା ଧରି ବର୍ଣ୍ଣନା ଓ ବିଶ୍ଲେଷଣ ଅଧୁନା ଉପନ୍ୟାସଗୁଡ଼ିକରେ ସାଙ୍କେତିକ ହୋଇଯାଇଛି । ଭାଷା ପ୍ରୟୋଗରେ ବହୁ ଭାଷା ବ୍ୟବହୃତ ହେଉଛି । ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରୁ ଏକବିଂଶ ଶତାବ୍ଦୀର ଉପନ୍ୟାସଗୁଡ଼ିକୁ ଲକ୍ଷ୍ୟ କଲେ ବିଷୟ ବୈଚିତ୍ର୍ୟ ଦୃଷ୍ଟିରୁ ଯଥେଷ୍ଟ ପରିବର୍ତ୍ତନ ଅନୁଭୂତ ହୁଏ । ଉପନ୍ୟାସରେ ଜଗତୀକରଣ, ସହରୀକରଣର ପ୍ରଭାବ, ସାମାଜିକ ସମସ୍ୟା, ସାଂସ୍କୃତିକ ପରିବର୍ତ୍ତନ ଇତ୍ୟାଦିର ଆଗମନ ହେତୁ ବିଷୟ ନିର୍ବାଚନ ଓ ଉପସ୍ଥାପନ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଦେଖା ଦେଉଛି ।

ବିଷୟ ବୈଚିତ୍ର୍ୟ : ଉପନ୍ୟାସ ସମ୍ରାଟ ପ୍ରେମ୍ ଚାନ୍ଦଙ୍କ ମତରେ: "ମୈ ଉପନ୍ୟାସ୍ କୋ ମାନବ୍ ଚରିତ୍ରକା ଚିତ୍ର ସମଝ୍‌ତା ହୁଁ । ମାନବ୍ ଚରିତ୍ର ପର୍ ପ୍ରକାଶ୍ ଡାଲ୍‌ନା ଔର୍ ଉସ୍‌କେ ରହସ୍ୟୋଂକୋ ଖୋଲ୍‌ନା ହି ମେରା ଉପନ୍ୟାସ୍‌କା ମୂଳ ତତ୍ୱ ହୈ ।" ଉପନ୍ୟାସ ମାନବ ଜୀବନର ଚିତ୍ର ମାତ୍ର । ଜୀବନର ରହସ୍ୟ ଉଦ୍‌ଘାଟନ ଏହାର ମୂଳ ଉଦ୍ଦେଶ୍ୟ । ପ୍ରକୃତରେ ଏହା ହେଉଛି ମଣିଷର ବାସ୍ତବ ଜୀବନର ଚିତ୍ର । କଳ୍ପନା ମାଧ୍ୟମରେ ଏହା ପରିପ୍ରକାଶ ଲାଭକଲେ ଅଧିକ ଜୀବନ୍ତ ଓ ରୁଚିଶୀଳ ହୋଇଥାଏ । ଅର୍ଥାତ୍ ଉପନ୍ୟାସ ହେଉଛି ବାସ୍ତବ ଓ କଳ୍ପନାର ସୁସଜ୍ଜିତ ପୁଷ୍ପଗୁଚ୍ଛ । ପ୍ରସିଦ୍ଧ ଔପନ୍ୟାସିକ ମୁଲକରାଜ

ISSN NO.
2582-208X

ଆନନ୍ଦ କହନ୍ତି: "All characters in my novels are from real life, only transferred imaginatively into more or less than themselves." ଏଥିରେ ଜୀବନର ସତ୍ୟ ଓ ତଥ୍ୟ ପ୍ରକାଶଲାଭ କରିଥାଏ । ଔପନ୍ୟାସିକ ମଣିଷ ମନରେ ପ୍ରବେଶ କରେ ଓ ତାର ଅନ୍ତଃ କଥାକୁ ପ୍ରକାଶ କରେ କାହାଣୀ ମାଧ୍ୟମରେ । ପୁନଶ୍ଚ ଏହି କାହାଣୀ ବା କଥାବସ୍ତୁ ହେଉଛି ଘଟଣାର ଏକ କ୍ରମସଜ୍ଜୀକରଣ । E.M. Forsters ଙ୍କ ଭାଷାରେ ପ୍ଲଟ୍ ହେଉଛି Chain of events ଅର୍ଥାତ୍ ଘଟଣା ପରେ ଘଟଣା ଯୋଡ଼ି ହୋଇ ଉପନ୍ୟାସର କଥାବସ୍ତୁଟିଏ ସଫଳ ଭାବେ ରୂପ ପାଇଥାଏ ।

ଓଡ଼ିଆ ଉପନ୍ୟାସ ସାହିତ୍ୟ କ୍ଷେତ୍ରରେ ଲେଖକୀୟ ଦୃଷ୍ଟିଭଙ୍ଗୀ ଅନୁସାରେ ବିଷୟବସ୍ତୁର ବୈଚିତ୍ର୍ୟ ଦେଖାଦେଇଥାଏ, ଯାହାଫଳରେ ବିବିଧ ଉପନ୍ୟାସ ବିଷୟବସ୍ତୁକୁ ପାଠକଟିଏ ଅନୁଭବ କରେ । ସାମାଜିକ, ରାଜନୀତିକ, ଐତିହାସିକ, ସାଂସ୍କୃତିକ ସମେତ ନାନଦି ସମସ୍ୟା କୈନ୍ଦ୍ରୀକ ବିଷୟବସ୍ତୁ ଭାବେ ଉପନ୍ୟାସରେ ସ୍ଥାନିତ ହେଉଥିଲେ ହେଁ ଉପନ୍ୟାସର ବକ୍ତବ୍ୟ ଅନୁସାରେ ବିଷୟଗତ ଦୃଷ୍ଟିଭଙ୍ଗୀ ବାରିହୋଇପଡ଼େ ।

ଅଧୁନା ଜଗତୀକରଣ ଏକ ଆହ୍ୱାନ । ଜଗତୀକରଣ ଏକ ସାମାଜିକ ସଙ୍କେତ । ଜଗତୀକରଣ ଏକ ପରିବର୍ତ୍ତନର ଉତ୍ସ । ଓଡ଼ିଆ ଉପନ୍ୟାସ ସାହିତ୍ୟ କ୍ଷେତ୍ର ଏହି ପରିବର୍ତ୍ତିତ ପ୍ରକ୍ରିୟାରେ ବିଷୟବସ୍ତୁ ଗୁଡ଼ିକରେ ବିବିଧ ରୂପାୟନ ଅନୁଭୂତ ହେଲା । ସାଂପ୍ରତିକ ଓଡ଼ିଆ ଉପନ୍ୟାସଗୁଡ଼ିକ ସମସାମୟିକ କଥା ଓ କଳ୍ପନାକୁ ଯଥାର୍ଥ ରୂପ ପ୍ରଦାନ କରୁଛି । ଜଗତୀକରଣର ପ୍ରଭାବରେ ଓଡ଼ିଆ ଉପନ୍ୟାସଗୁଡ଼ିକର ବିଷୟ ଚର୍ଚ୍ଚା କାହାଣୀ ଭିତ୍ତିକ । ବିଶେଷକରି ବିଷୟବସ୍ତୁ କ୍ଷେତ୍ରଟି ଜଗତୀକରଣର ଉପାଦାନକୁ ଘଟଣା, ଚରିତ୍ର, ବର୍ଣ୍ଣନା, ଉପସ୍ଥାପନା ଏପରିକି ପାରମ୍ପରିକ ରଚନା ଧାରାଠାରୁ ସ୍ୱତନ୍ତ୍ର ଭାବରେ ପରିଚିତି ପାଏ । କଥା ମଞ୍ଜି ବା କଥାବିନ୍ୟାସର ମୂଳ ଦିଗଟି ହିଁ ଔପନ୍ୟାସିକର ଉଦ୍ଦେଶ୍ୟକୁ ଅର୍ଥପ୍ରଦ କରିଥାଏ । ଓଡ଼ିଆ ଉପନ୍ୟାସର ଆଦ୍ୟ ପର୍ଯ୍ୟାୟକୁ ଦେଖିଲେ ସମାଜ ଜୀବନର ବିବିଧ ରୂପ ବିଷୟବସ୍ତୁ ଆକାରରେ ସ୍ଥାନିତ ହେଉଥିଲା । ଏବଂ ତା ସଙ୍ଗେ ସଙ୍ଗେ ସାମାଜିକ କୁସଂସ୍କାର, ଇତିହାସ, ପୁରାଣ, ଇତ୍ୟାଦି ବିଷୟଗୁଡ଼ିକ ରୂପପାଉଥିଲା ।

ସ୍ରଷ୍ଟା ସର୍ବଦା ନିଜସ୍ୱ ସୃଷ୍ଟିରେ ଏକ କାଳ ଖଣ୍ଡକୁ ବାନ୍ଧି ରଖିବାକୁ ଚେଷ୍ଟା କରେ । ଏଣୁ ଜଗତୀକରଣ ପ୍ରଭାବରେ ସ୍ରଷ୍ଟା ଯେଉଁ ବିଷୟ ନିର୍ବାଚନ କରେ ତାହା ପାଠକ ସମେତ ଲେଖକର ରୁଚି ସମୟ ଅନୁସାରୀ ପରିବର୍ତ୍ତନ ହୁଏ । ପୂର୍ବରୁ କହିଛି ଲେଖକୀୟ

ISSN NO.
2582-208X

ପରିବେଶ, ରଚନା ଧାରା ଓ ସାମାଜିକ ପରିବେଶ ଉପନ୍ୟାସରେ ବିଷୟ ନିର୍ବାଚନର ମୂଳଉତ୍ସ ପାଲଟେ । ପରିବର୍ତ୍ତିତ ସମୟର ସୂଚନାରେ ବିଷୟ ବୈଚିତ୍ର୍ୟକୁ ପାଠକ ଭେଟିଥାଏ । ୧୯୮୦ ପରବର୍ତ୍ତୀ ସମୟର ଓଡ଼ିଆ ଉପନ୍ୟାସ କ୍ଷେତ୍ର ହେଲା ଖୁବ୍ ବିସ୍ତୃତ । ସାଧାରଣ ମଣିଷର କଥାଠାରୁ ଆରମ୍ଭ କରି ଆଭିଜାତ୍ୟ, ମଧ୍ୟବିତ୍ତ, ଗରିବ, ମୁଲିଆ, ଆଦିବାସୀ ଜନ ଜାତି, ଏପରିକି ନିପଟ ଗାଁରୁ ସାହର, ଦେଶ ବିଦେଶରୁ କଥାବସ୍ତୁ ଚୟନ ହୋଇ ଉପନ୍ୟାସ ରଚନା କରାଯାଉଛି । ଜଗତୀକରଣ ଦୁନିଆରେ ମଣିଷର ଚାଲି ଚଳଣି, ଆଚାର ବ୍ୟବହାର ବଦଳିଛି । ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିକୁ ନିଜ ଭିତରେ ଅଙ୍ଗୀକାର କରିଛି । ଜୀବନ ଶୈଳୀରେ ଆଉ ପାରମ୍ପରିକତା ଦେଖା ଦେଉନାହିଁ । ଇଂଟରନେଟ୍ ଯୁଗରେ ମଣିଷ ବିଶ୍ୱକୁ ନିଜ ହାତରେ ଦେଖିପାରୁଛି । ସମାଜ ଜୀବନରେ ଏପରି ପ୍ରକ୍ରିୟା ଭିତରୁ ଔପନ୍ୟାସିକ ବାଦ ଯାଇନାହିଁ । ନିଜ ଉପନ୍ୟାସର କଥାବସ୍ତୁକୁ ସମାଜ, ସଂସ୍କୃତି, ରାଜନୀତି, ଭଳି ବିଭିନ୍ନ କ୍ଷେତ୍ରରୁ ଆରମ୍ଭ କରି ସାଂପ୍ରତକି ଜୀବନ କ୍ରିୟାର ଏକ ସାମୂହିକ ଦସ୍ତାବିଜ୍ ଉପନ୍ୟାସର ବିଷୟବସ୍ତୁ ପାଲଟୁଛି । ଜଗତୀକରଣ ପ୍ରଭାବ ଫଳରେ ଓଡ଼ିଆ ଉପନ୍ୟାସଗୁଡ଼ିକରେ ବିଷୟ ବୈଚିତ୍ର୍ୟ, ବିଷୟ ଅନୁସାରେ ବିଷୟ ମଧ୍ୟସ୍ଥ ବିବିଧତାକୁ ସୂଚିତ କରାଗଲା । ଯଥା –ଜୀବନ ଶୈଳୀ – ଗ୍ରାମ୍ୟ ଓ ସହରୀ ଜୀବନ, ଆଦିବାସୀ ଜୀବନ, ବୃତ୍ତିଗତ ଜୀବନ । ବିକାଶ ବାର୍ତ୍ତା– ବିଜ୍ଞାନ, ଶିକ୍ଷା, କଳକାରଖାନା ସ୍ଥାପନ, ଯୋଜନା ବନାମ ପ୍ରକଳ୍ପ, ଇଂଟରନେଟ୍, ଗଣମାଧ୍ୟମ, ନାରୀ ଜାଗରଣ, ବିଜ୍ଞାନ, ବାଣିଜ୍ୟ, ଅର୍ଥନୀତି, ଆଂଚଳିକତା, । ସାଂପ୍ରତିକ ସମସ୍ୟା – ସାମାଜିକ ସମସ୍ୟା, ରାଜନୀତିକ ସମସ୍ୟା, ଶିକ୍ଷିତ ବେକାରୀ, ଭ୍ରୁଣ ହତ୍ୟା, ଦାଦନ ସମସ୍ୟା, ମାଓବାଦୀ ସମସ୍ୟା, । ଅବକ୍ଷୟୀ ରୂପ – ସାଂସ୍କୃତିକ ରୂପ, ଗ୍ରାମ୍ୟ ରୂପ, କଳୁଷ ରାଜନୀତି

ଜୀବନ ଶୈଳୀ : ମଣିଷ ଜୀବନ ଯାପନ କରିଥାଏ ଏକ ନିର୍ଦ୍ଦିଷ୍ଟ ପରିବେଶରେ, ଏକ ନିର୍ଦ୍ଦିଷ୍ଟ ଅଂଚଳରେ । ସେଇ ପରିବେଶ ଓ ଅଂଚଳରେ ପରିବର୍ତ୍ତନ ଘଟିଲେ ସ୍ୱାଭାବିକ ଭାବେ ତା ଜୀବନ ଶୈଳୀରେ ପରିବର୍ତ୍ତନ ଆସିବା ସ୍ୱାଭାବିକ । ଆଦିବାସୀ ମାନଙ୍କର ଜଙ୍ଗଲ ହିଁ ଜୀବନ । ସରକାର ବିକାଶ ନାଁରେ କଳକାରଖାନା, ଖଣି ଖାଦାନ ଖୋଳିବା ପାଇଁ, ଗମନା ମଗନ ପାଇଁ ଜଙ୍ଗଲ କାଟୁଛି, ପାହାଡ଼ ଫଟାଉଛି ଏଣୁ ସେମାନଙ୍କ ନିମିତ୍ତ ଅସୁବିଧାର କାରଣ ମଧ୍ୟ ଏଇ ବିକାଶ ଯୋଜନା । ଏଣୁ ସେମାନେ ବୃତ୍ତିହରା ହୋଇ ଦାଦନ ଖଟୁଛନ୍ତି । କିନ୍ତୁ ଆଂଚଳିକ ଓ ସ୍ଥାନୀୟ ବିକାଶ କ୍ଷେତ୍ରରେ ପାରମ୍ପରିକ ଜୀବନ ବୃତ୍ତି ପରିବର୍ତ୍ତିତ ହେଉଛି । ସାଂପ୍ରତିକ କାଳରେ ଜୀବନ ଧାରଣର ପ୍ରକ୍ରିୟା ଆଉ ଧାରା

ISSN NO.
2582-208X

ପ୍ରବାହକୁ ଆନୁକରଣ କରି ପରିଚାଳିତ ହେଉନାହିଁ । ନିଜସ୍ୱ ଭାବରେ ନିଜସ୍ୱ ଢଙ୍ଗରେ ତଥା ମଣିଷ ନିଜ ରୁଚି ବା ଇଚ୍ଛା ମୁତାବକ ଜୀବନ ଜିଇଁବାକୁ ପସନ୍ଦ କରୁଛି । ଜୀବନ ଯାପନ ପାଇଁ ମଣିଷ ନିଜର ପରିବେଶଗତ ଜୀବନକୁ ଆଦରୁଛି । ସହରର ବିକାଶ ହେତୁ ସହରୀ ଜୀବନ ଯାପନ କରିବାକୁ ମଣିଷ ଆଗଭର ହେଉଛି । ଗାଁର ଜୀବନ ଯେମିତି ପରିବର୍ତ୍ତନ ଘଟୁଛି, ଇଂଟରନେଟ୍, ସପିଙ୍ଗ୍ ମଲ୍, ପୋଷାକ ପରିଚ୍ଛଦ, ଖାଦ୍ୟ ପେୟ ଇତ୍ୟାଦି ଗ୍ରାମ୍ୟ ଓ ସହରୀ ଜୀବନ ଭିତରେ ବିବିଧ ରୂପାୟନକୁ ଲେଖକ ଅନୁଭବ କରୁଛି ଏବଂ କଥାବସ୍ତୁ ରୂପରେ ଉପସ୍ଥାପନ କରୁଛି । ଜଗତୀକରଣ ପ୍ରଭାବ ଫଳରେ ଜୀବନଶୈଳୀଗତ ପରିବର୍ତ୍ତନ ଉପନ୍ୟାସଗୁଡ଼ିକରେ ସ୍ଥାନ ପାଉଛି । ହୃଷୀକେଶ ପଣ୍ଡାଙ୍କ "ସୁନାପୁଟର ଲୋକେ'(୧୯୯୧), ବିଭୂତି ପଟ୍ଟନାୟକଙ୍କ "ଆଦିମ ଅରଣ୍ୟ'(୧୯୯୫), ସରୋଜିନୀ ସାହୁଙ୍କ "ପକ୍ଷୀବାସ'(୨୦୦୮), ଅଖିଳ ନାୟକଙ୍କ "ଭେଦ'(୨୦୧୦), ଆଦିତେଶ୍ୱର ମିଶ୍ରଙ୍କ "ଆମେ କୁଆଡ଼େ ଯିବା ଶକୁନ୍ତଳା'(୨୦୧୩), କୃପାସାଗର ସାହୁଙ୍କ "ଝରା ପତ୍ରରେ ଝଡ଼'(୨୦୧୪), "ଶେଷ ଶରତ'(୨୦୦୬), ପ୍ରଶାନ୍ତ ନନ୍ଦଙ୍କ "ପଲ୍‌ସା'(୨୦୧୫) ରତ୍ନାକର ନାୟକଙ୍କ "ନଇ ମଣିଷ'(୨୦୧୭), ବାଦଲ ମହାନ୍ତିଙ୍କ "ନଟୁ'(୨୦୧୮) ଇତ୍ୟାଦି ଅନ୍ୟତମ । ଉପନ୍ୟାସଗୁଡ଼ିକରେ ସ୍ଥାନିତ ଚରିତ୍ରମାନଙ୍କର ପରିବେଶ ଜୀବନ ପ୍ରକ୍ରିୟା ଓ ବୃତ୍ତିଗତ ଜୀବନକୁ ଭିତ୍ତିକରି ଗଢ଼ି ଉଠିଛି । ଯାହାଫଳରେ ଔପନ୍ୟାସିକମାନେ ଚରିତ୍ରଗୁଡ଼ିକର ଜୀବନ ଶୈଳୀକୁ ସାମାଜିକ ଜୀବନ ଆଧାରରେ ରୂପାୟିତ କରିଛନ୍ତି ।

ବିକାଶ ବାର୍ତ୍ତା : ୧୯୮୦ ପରବର୍ତ୍ତୀ ସମୟ ପରେ ଜଗତୀକରଣର ଆଗମନ ହେତୁ ବାଣୀଜ୍ୟିକ ସତ୍ରରେ ମୁକ୍ତ ନୀତି ପ୍ରଚଳିତ ହେବା ପରେ ସାମାଜିକ, ସାଂସ୍କୃତିକ, ରାଜନୀତିକ ଏବଂ ଶିକ୍ଷା, ବିଜ୍ଞାନ ଏମିତି ସବୁ କ୍ଷେତ୍ରରେ ବିକାଶର ବାର୍ତ୍ତା ଚର୍ଚ୍ଚାରେ ରହିଲା। ପଂଚ ବାର୍ଷିକ ଯୋଜନା ଭାରତୀୟ ସମାଜ ଓ ରାଜନୀତିରେ ଅନେକ ପରିବର୍ତ୍ତନ ଆଣିଲା । ଯାହାଫଳରେ ସାମାଜିକ ସ୍ତରରେ ଶିକ୍ଷା କୃଷି, ବିଜ୍ଞାନ ଯୋଜନା ଇତ୍ୟାଦିର ବିକାଶ ସାଧିତ ହେଲା । ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ବିଷୟବସ୍ତୁକୁ ଦେଖିଲେ ବହୁ ଔପନ୍ୟାସିକଙ୍କ ଉପନ୍ୟାସରେ ଜଗତୀକରଣର ବିକାଶ ବାର୍ତ୍ତା ସୂଚିତ ହୋଇଛି । ତନ୍ମଧ୍ୟରୁ - ଗୋକୁଳାନନ୍ଦ ମହାପାତ୍ରଙ୍କ "ମୃତ୍ୟୁ ଏକ ମାତୃତ୍ୱର'(୧୯୮୩), ବିଭୂତି ପଟ୍ଟନାୟକଙ୍କର "ଅଶ୍ୱ ମେଧର ଘୋଡ଼ା'(୧୯୮୫), ରାମଚନ୍ଦ୍ର ବେହେରାଙ୍କ "ମୁକ୍ତିର ରୂପରେଖ'(୧୯୯୩), ଦାଶରଥୀ ନନ୍ଦଙ୍କ "କାହାଣୀ ଇନ୍ଦ୍ରାବତୀର'(୨୦୦୧), ଜଗଦୀଶ

ISSN NO.
2582-208X

ମହାନ୍ତିଙ୍କ "ଅଦୃଶ୍ୟ ସକାଳ'(୨୦୦୪), କୃପାସାଗର ସାହୁଙ୍କ "ଝରା ପତ୍ରରେ ଝଡ଼'(୨୦୧୪), ପ୍ରଶାନ୍ତ ନନ୍ଦଙ୍କ "ପଲ୍‌ସା'(୨୦୧୫) ମମତାମୟୀ ଚୌଧୁରୀଙ୍କ "ସରୀସୃପ'(୨୦୧୬) ଇତି ସାମନ୍ତଙ୍କ "ଶକୁନ୍ତଳାର ଝିଅ'(୨୦୧୭), ଇତ୍ୟାଦି ଆହୁରି ଅନେକ । ଉପନ୍ୟାସଗୁଡ଼ିକରେ ବିଜ୍ଞାନ, ସ୍ୱାସ୍ଥ୍ୟ, ଗମନା ଗମନ, ଆଂଚଳିକ ବିକାଶ କଳ କାରଖାନା ସ୍ଥାପନ, ସଫଳ ଯୋଜନା ଓ ପ୍ରକଳ୍ପର କାହାଣୀ ବିଷୟବସ୍ତୁ ଆକାରରେ ପାଠକ ସମ୍ମୁଖରେ ଉପସ୍ଥାପିତ ହେଲା ।

ସାଂପ୍ରତିକ ସମସ୍ୟା :ଜଗତୀକରଣର ପ୍ରଭାବ ଫଳରେ ସାମାଜିକ ବିକାଶ ଦିଗଟି ଉଜ୍ଜ୍ୱଳ ସତ । କିନ୍ତୁ; ପ୍ରତିକ୍ରିୟା ସ୍ୱରୂପ ସାମାଜିକ ସମସ୍ୟା ମଧ୍ୟ ପରିଦୃଶ୍ୟ । ଶିଳ୍ପ ସ୍ଥାପନ, କାରଖାନା ସ୍ଥାପନ ହେତୁ ପରିବେଶ ପ୍ରଦୂଷିତ ହେବା ସହ ଜଙ୍ଗଲ ଉଚ୍ଛେଦ, ଏବଂ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଜନଜାତି ଆଦିବାସୀ ଏବଂ ଆଂଚଳିକ ପରିବେଶ କ୍ଷେତ୍ରରେ ଅନେକ ସମସ୍ୟା ଦେଖାଦେଉଛି । ଏକବିଂଶ ଶତାବ୍ଦୀରେ ଏପରି ସମସ୍ୟା ସଂପର୍କରେ ସଭିଏଁ ଅବଗତ । ନାରୀ ନିର୍ଯ୍ୟାତନା, ନାରୀ ସ୍ୱାଧୀନତା, ପାରିବାରିକ କଳହ, ଦାମ୍ପତ୍ୟ ବିଚ୍ଛେଦ, ପ୍ରେମ ସଂପର୍କ, ପରକୀୟା ପ୍ରୀତି, ଭ୍ରୁଣ ହତ୍ୟା, ଆଦିବାସୀ ଜୀବନ ସଂଘର୍ଷ, ଦାଦନ ସମସ୍ୟା, ମାଓବାଦୀ ସମସ୍ୟା, ଶିକ୍ଷିତ ବେକାରୀ ଭଳି ସାମାଜିକ ସମସ୍ୟା ସହ ରାଜନୀତିଗତ ସମସ୍ୟା ଉପନ୍ୟାସଗୁଡ଼ିକରେ ବିଷୟବସ୍ତୁ ଆକାରରେ ନିର୍ବାଚିତ ହେଉଛି । ବିଭୂତି ପଟ୍ଟନାୟକ, ରାମଚନ୍ଦ୍ର ବେହେରା, ପ୍ରତିଭା ରାୟ, ହୃଷୀକେଶ ପଣ୍ଡା, ଜଗଦୀଶ ମହାନ୍ତି, ବୀଣାପାଣି ମହାନ୍ତି, ଜଗଦୀଶ ମହାନ୍ତି, ସରୋଜିନୀ ସାହୁ, ଭୀମ ପୃଷ୍ଟି, ପଦ୍ମଜ ପାଳ, ମଳୟ ମିଶ୍ର, ସ୍ୱପ୍ନା ମିଶ୍ର ପ୍ରମୁଖଙ୍କ ଲେଖାରେ ସାମାଜିକ ସମସ୍ୟାକୁ ଭିତ୍ତିକରି ଉପନ୍ୟାସ ଗଢ଼ିଉଠିଛି । ହୃଷୀକେଶ ପଣ୍ଡାଙ୍କ "ସୁନାପୁଟର ଲୋକେ'(୧୯୯୧), "ସମସ୍ତେ ତ ଜାଣିଥିଲେ'(୨୦୧୭), ବିଭୂତି ପଟ୍ଟନାୟକଙ୍କ "ଆଦିମ ଅରଣ୍ୟ'(୧୯୯୫), ସରୋଜିନୀ ସାହୁଙ୍କ "ପକ୍ଷୀବାସ' (୨୦୦୮), "ଦାଦନ'(୨୦୧୬), ଅଖିଳ ନାୟକଙ୍କ "ଭେଦ'(୨୦୧୦), ଆଦିତେଶ୍ୱର ମିଶ୍ରଙ୍କ ‘"ଆମେ କୁଆଡ଼େ ଯିବା ଶକୁନ୍ତଳା'(୨୦୧୩), "ଧନୁଯାତ୍ରା'(୨୦୧୨) କୃପାସାଗର ସାହୁଙ୍କ "ଝରା ପତ୍ରରେ ଝଡ'(୨୦୧୦୪), "ଶେଷ ଶରତ'(୨୦୦୬) ପ୍ରଶାନ୍ତ ନନ୍ଦଙ୍କ "ପଲ୍‌ସା'(୨୦୧୫) ଇତ୍ୟାଦି ଅନ୍ୟତମ । ଆଦିବାସୀ ଜୀବନର ଅସୁବିଧା, ସଙ୍ଘର୍ଷର କାହାଣୀକୁ ଆରମ୍ଭ କରି ଜଙ୍ଗଲ ଉଚ୍ଛେଦ, ପରିବେଶ ଅସନ୍ତୁଳନ, ପ୍ରାକୃତିକ ବିବର୍ତ୍ତନ, ରାଜନୀତିକ ହିଂସା, ସାଂସ୍କୃତିକ ପ୍ରତିକ୍ରିୟା, ଲୋକ କଳା ଲୋପ ଆଦି ସମସ୍ୟା ଆକାରରେ ଛିଡ଼ା ହେଉଛି ଏବଂ ଉପନ୍ୟାସରେ ସ୍ଥାନ ପାଉଛି ।

ISSN NO.
2582-208X

ଅବକ୍ଷୟୀ ରୂପ : ଜଗତୀକରଣ ଦୁନିଆରେ ମଣିଷ ଯେତିକି ସଭ୍ୟ ଶିକ୍ଷିତ ହେଉଛି ସେତିକି ନିଜ ଜନ୍ମ ମାଟି ଗାଁ, ଜନ୍ମ ସଂପର୍କ, ମିଠା ଅତୀତଠୁ ଦୂରେଇ ଯାଉଛି । ଅର୍ଥ ଲୋଭ, କ୍ଷମତା ଲୋଭ, ବୃତ୍ତିଗତ ଜୀବନର ବ୍ୟସ୍ତ ବହୁଳତା ହେତୁ ପ୍ରଭାବିତ ହେଉଥିବା ଜିନିଷଠୁ ବେଳେ ବେଳେ ଗାଁ ଓ ସଂସ୍କୃତି ଅଣଦେଖା ହୋଇ ରହିଯାଉଛି । ସହରୀ ସଭ୍ୟତାର ମୋହରେ ମଣିଷ ଗାଁକୁ ଭୁଲୁଛି ତା ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିକୁ ଆଦରି ନିଜ ସଂସ୍କୃତି ପ୍ରତି ବିମୁଖ ହୋଇ ଉଠୁଛି । ଏହି ସବୁ ପ୍ରତିକ୍ରିୟାକୁ ଲକ୍ଷ୍ୟ କଲେ ବିଭୂତି ପଟ୍ଟନାୟକଙ୍କ "ଅଶ୍ୱମେଧର ଘୋଡ଼ା'(୧୯୮୫), ରାମଚନ୍ଦ୍ର ବେହେରାଙ୍କ "ମୁଁ ଫେରିଆସିଛ'(୧୯୯୭), "ମୁକ୍ତିର ରୂପରେଖ'(୧୯୯୩) ରଶ୍ମୀରାଉଳଙ୍କ "ଏଠି ଗୋଟେ ଗାଁ ଥିଲା'(୨୦୦୩), ଆଦିତେଶ୍ୱ ମିଶ୍ରଙ୍କ "ଧନୁଯାତ୍ରା'(୨୦୧୨), ମୋନାଲିସା ମିଶ୍ରଙ୍କ "ଦିବ୍ୟନାରୀ'(୨୦୧୩) ସରୋଜିନୀ ସାହୁଙ୍କ "ଦାଦନ'(୨୦୧୬), ମଳୟ ମିଶ୍ରଙ୍କ "କିମ୍ବଦନ୍ତୀ'(୨୦୧୫), ଅରବିନ୍ଦ ରାୟଙ୍କ "ଗୋଲାମ ନଗର ଘୋଡ଼ା'(୨୦୧୧) ଇତ୍ୟାଦି ଆହୁରି ଅନେକ । ଗ୍ରାମ୍ୟ ଅଂଚଳର ଲୋକ ବିଶ୍ୱାସ, ପାରମ୍ପରିକ ରୀତି ନୀତି ସଂସ୍କୃତି ଖାଦ୍ୟ ପେୟ, ସ୍ନେହ ପ୍ରେମ ସମ୍ପର୍କ କିପରି ଆଧୁନା ଫିକା ପଡୁଛି ସେ ସବୁକୁ "ଏଠି ଗୋଟେ ଗାଁ ଥିଲା', "ଧନୁଯାତ୍ରା' ଇତ୍ୟାଦି ଅନ୍ୟତମ ।

ବିବିଧ ସମସ୍ୟା ଓ ଆଖି ଦେଖା ଘଟଣାରୁ ଲେଖକ ବିଷୟ ଚୟନ କରେ । ବିଷୟକୁ ବିନ୍ୟାସ କରିବାପାଇଁ ଉପଯୁକ୍ତ ଘଟଣା ପ୍ରସଙ୍ଗକୁ ଉପସ୍ଥାପନ କରେ । ଏଣୁ ୧୯୮୦ ବପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ସମାଜ ସମ୍ମୁଖରେ ଦୃଶ୍ୟମାନ ହେଉଥିବା ଘଟଣାବଳୀକୁ ଲେଖକଟିଏ ନିର୍ବାଚିତ କରେ । ନିଜସ୍ୱ ଶୈଳୀରେ ତାହାକୁ ପାଠକ ସମ୍ମୁଖରେ ଉପସ୍ଥାପିତ କରାଏ । ତଦ୍‌ପରେ ଉପନ୍ୟାସଟି ଭିତରେ ଔପନ୍ୟାସିକ କାହାଣୀକୁ ଜୀବନ୍ତ କରାଏ । ପାଠକକୁ ଉପଲବ୍ଧି କରାଏ ବିବିଧ ବିଷୟ ପ୍ରସଙ୍ଗ ଓ ବୈଚିତ୍ର୍ୟର ସମାହାରକୁ ।

ଅଧ୍ୟାପକ
ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ
ବାରିପଦା, ୭୫୭୦୦୩
ମୋ–୯୩୩୭୫୮୯୯୪୨

ISSN NO.
2582-208X

# ଯା'ମନ ଯେପରି



ଅଲେଖ ମେହେର (ଯାଯାବର)

ମନ ଜାଣି ସିନା ଦର୍ଶନେନ୍ଦ୍ରିୟରେ
ପ୍ରାଣୀ ଦେଖେ ବିହରିତ,
ଖେଦ କ୍ଳେଶ ଦେଖି କିଏ ହୁଏ ଖୁସି
କାହା ହୃଦ ବିଦାରିତ।
ଗୃଧ୍ରର ଲୋଚନ ଅନ୍ୱେଷଇ ଶବ
କୁକ୍ଷିକୂପ ପାଳନାର୍ଥେ,
ଦୃଷ୍ଟିଶକ୍ତି ଉଚ୍ଚ ଥାଇ କର୍ମ ନୀଚ
ହଂସା କଟଇ ବି ଅର୍ଥେ।
ଶୂକରୀ ନୟନେ ପୁରୀଷ ଦିଶଇ
ଭକ୍ଷି ଗାଏ ପ୍ରୀତି ଗୀତ,
କଳ୍ପନା ରାଇଜେ ବୁଣଇ ମୁରୁଜ
କର୍ଦ୍ଦମ ଦିଶଇ ସିତ।
ଯୋଗୀ ବିଲୋକଇ ମଧୁମୟ ରସା
କୋଣେ ଅଣୁ କୋଣେ ଶିବ,
ମଧୁଶାଳା ବେଶ୍ୟା ଅନ୍ୱେଷଇ କିଏ
ଆନ ସବୁ ମଣେ କ୍ଲୀବ ।
ଜନ ଗହଳିରେ ଖଳ କୁଟ କାମି
ଖୋଜେ ଆପଣାର ହିତ,
ନାରୀ ନାରାୟଣୀ ରୂପ ଦେଖେ କିଏ
ଯୌବନ ଦେଖି କେ ପ୍ରୀତ।
କାମନା ବାସନା ଅଣାୟତ୍ତ ହେଲେ
ବୋଲ କି ମାନିବ ଚିତ୍ତ ?
ବନ୍ଧୁର କକୁଭ କଣ୍ଟକିତ ବଣ
ଲାଗେ ଆପଣାର ମିତ,
ଇକ୍ଷଣ ଭ୍ରମଇ ଇନ୍ଦ୍ରିୟ ନିର୍ଦ୍ଦେଶେ
ଭୁଲି ଜ୍ଞାନ ହିତାହିତ,
ଦୂଷଣ ଆଚାର କରଇ ମାନବ
ମାୟାକୁ ବିଚାରି ମିତ।

ବରପଦର, ଗୋବିନ୍ଦପୁର ବରଗଡ଼
ମୋ-୭୩୭୦୨୨୦୫୫

ISSN NO.
2582-208X

# ଏକ ତଲାସ୍



ଡ. ଜ୍ଞାନେଶ୍ୱର ମିଶ୍ର

ଲାଗିଛି ମୁଁ ଅନବରତ ମୋ ଭାଗ୍ୟ ତଲାସ୍ ରେ
ଯେତେବେଳେ ପଢୁଥିଲି ଗାଁ ସ୍କୁଲରେ
ପ୍ରଥମ କି ଦ୍ୱିତୀୟ ହେବି ପରୀକ୍ଷାରେ
ଛୋଟ ପିଲାଙ୍କୁ ମୁଁ ଦେଖାଉଥିବା ଆଙ୍ଗୁଳି ଧରାରେ

ଟିକିଏ ବଡ ହେଲାପରେ
ବିନା ନାୟକର ଖଡି ଗୋଟାଳିରେ
ପିଣ୍ଡାରେ କାଟିଥିବା ଛକ
ରାହୁ କେତୁ ମଙ୍ଗଳ ଲେଖା ଗଣନାରେ

ସହରକୁ ଆସିଲାପରେ ରାସ୍ତାକଡରେ
ଚିତା ଚୈତନ୍ୟ ହୋଇ ବସିଥିବା ମଣିଷ ପାଖରେ
ପାଞ୍ଚଟଙ୍କା ଦେଲେ ଶୁଆଟିଏ ପିଞ୍ଜରାରୁ ବାହାରେ
ଗଦା ହୋଇଥିବା କାର୍ଡଟେ ଟାଣିବ
ସେଥିରେ କାଳେ ମୋ ଭାଗ୍ୟ ଭବିଷ୍ୟତ ଲେଖାଥିବ

ପ୍ରତିଦିନ ମୋବାଇଲ ଖବର କାଗଜରେ
ମୋ ରାଶିଫଳ ପଢ଼ିଲି ଶୁଣିଲି
ଜ୍ୟୋତିଷ ପଣ୍ଡିତଙ୍କୁ ରାଶି କହି
ଫୋନରେ ମୋ ଭାଗ୍ୟ ତଲାସିଲି

ISSN NO.
2582-208X

ଅଫିସର ହେଡ କ୍ଲର୍କ ମୋ ହାତ ରେଖା ପଢିବାରେ
ସବୁ ମିଶାଇ ଫେଡି ଅଧା ବିଶ୍ୱାସ ଅବିଶ୍ୱାସ ଭିତରେ
ମନକୁ ବୁଝାଇଦେଲି ଶେଷରେ

ବର୍ତ୍ତମାନ ଯାହା ମୁଁ ଭୋଗୁଛି ସେହିତ ଭାଗ୍ୟ ମୋହର
କିଏ ଅବା ବଦଳାଇ ଦେବ
ଏ ତଲାସ୍ ବେକାର
ଆଶ୍ୱସନା ଏକ ଦୁର୍ବଳ ମନର
ଚୁପ୍ ରହିଲି, ଯାହା ଆସିଲା ଭେଟିଲି
ଭାଗ୍ୟ ତଲାସ୍ କଥା
ମନରୁ ପୋଛି ସଫା କରିଦେଲି ॥

୪୯/୫/ଏଚ୍-୫୫, କାର୍ଲମାର୍କ୍ସ ସରଣୀ
କୋଲକାତା ୭୦୦୦୨୩
ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ଶ୍ରୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚ୍ଚା ଯାତ୍ରା

ଡ. ସସ୍ମିତା ଜେନା

ଜଗନ୍ନାଥ ପରଂ ବ୍ରହ୍ମ ବିରାଜିଂ ରତ୍ନ ବେଦିକମ୍ - ଶ୍ରୀଜଗନ୍ନାଥ ହେଉଛନ୍ତି ସାକ୍ଷାତ ପରଂବ୍ରହ୍ମ । ରତ୍ନବେଦୀ ଉପରେ ସମାସୀନ । ସେ ସର୍ବ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ । ସେ ଓଁକାର ରୂପୀ, ଯାହାଙ୍କ ଶରୀରରେ ମହାମନ୍ତ୍ର ମନ୍ତ୍ରରାଜ ସୁଶୋଭିତ । ସେ ଅଦୃଶ୍ୟ ଓ କେବଳ ତାଙ୍କର ନାମ ହିଁ ଶ୍ରୀଜଗନ୍ନାଥ ବା ଭଗବାନ ରୂପେ ପ୍ରକାଶମାନ । ସୃଷ୍ଟି, ସ୍ଥିତି ଓ ସଂହାରର ମୂଳଶକ୍ତି ପରଂବ୍ରହ୍ମ ବା ପୂର୍ଣ୍ଣଚନ୍ଦ୍ର । କୋଟି କୋଟି ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ ସୃଷ୍ଟି ଦେଇ ସେ ଚଳାଇଛନ୍ତି ତାଙ୍କର ସୃଷ୍ଟି । ସେ ହେଉଛନ୍ତି ଶେଷ ଅବତାର, ଶକ୍ତିଶାଳୀ ଅଥଚ କରୁଣାମୟ । ସମସ୍ତ ଦେବାଦେବୀଙ୍କର ଗୁଣ ତାଙ୍କ ଠାରେ ନିହିତ । ସେ ଅବତାରୀ, ଅବତାର ଗଣଙ୍କର ସୃଷ୍ଟିକର୍ତ୍ତା । ସେ ଅନନ୍ତ ଏବଂ ଅସୀମ ହୋଇଥିବାରୁ ତାଙ୍କୁ କୌଣସି ସୀମିତ ରୂପରେ, ଆକାରରେ ବା ଗୁଣରେ ପ୍ରକଟ କରାଇବା ଅସମ୍ଭବ । ସେ ଗୁଣାତୀତ, ଆକାରବିହୀନ, ରୂପୋତ୍ତର, ସର୍ବବ୍ୟାପୀ ଏକ ସର୍ବଶକ୍ତିମାନ୍ ଚୈତନ୍ୟଶକ୍ତି ମାତ୍ର । ସେ ନିର୍ଦ୍ଦିଷ୍ଟ ଆକାରହୀନ ହୋଇଥିବାରୁ ସକଳ ଗୁଣାବଳୀର ଅଧିକାରୀ । ଯାହାଙ୍କ କ୍ଷେତ୍ରର ନାମ ଶ୍ରୀକ୍ଷେତ୍ର, ମନ୍ଦିରର ନାମ ଶ୍ରୀମନ୍ଦିର, କ୍ଷେତ୍ରେଶ୍ୱର ଜଗନ୍ନାଥଙ୍କ ନାମ ଶ୍ରୀଜଗନ୍ନାଥ ଏପରି ବୈଚିତ୍ରମୟ ନାମ ହୁଏତ ଆଉ କୌଣସି ଠାରେ ଉପଲବ୍ଧ ନୁହେଁ । ଅତି ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥ ଆମ ପୁରୁଷୋତ୍ତମ କ୍ଷେତ୍ର ଶ୍ରୀକ୍ଷେତ୍ର । ନିଳାଚଳଧାମ ନାମରେ ଭାରତର ଏକ ପ୍ରମୁଖ ଧାମ ଭାବରେ ପ୍ରସିଦ୍ଧି ଲାଭ କରି ଆସିଛି । ଏହି କ୍ଷେତ୍ର ଶବ୍ଦର ଅର୍ଥ ସାଧାରଣ ଦୃଷ୍ଟିରେ କେବଳ ସ୍ଥାନ ବୋଲି ପ୍ରତିପାଦିତ । ଏହାର ବ୍ୟୁତ୍ପତ୍ତି ଅର୍ଥ ହେଲା "କ୍ଷେତ୍ରାତ୍ ତ୍ରାୟତେ ଇତି - କ୍ଷେତ୍ରମ୍ ।" କ୍ଷେତ୍ର କ'ଣ ? ଏହି ବିଷୟରେ ଶ୍ରୀମଦ୍ ଭଗବତ୍ ଗୀତାର ତ୍ରୟୋଦଶ ଅଧ୍ୟାୟର ଷଷ୍ଠ ଶ୍ଳୋକ ବର୍ଣ୍ଣିତ ଶବ୍ଦଗୁଡ଼ିକରେ ପରିଲାଭ ହେଉଛି କ୍ଷେତ, ଆଉ ତ୍ରିତାପ ପାପ ହେଉଛି କ୍ଷତ । ଏଣୁ ଏଥିରୁ ରକ୍ଷା କରିବା ସ୍ଥାନ ହେଉଛି କ୍ଷେତ୍ର ।

ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖ ? ସଙ୍ଘାତଶ୍ଚେତନା ଧୃତିଃ
ଏତଦ୍‌କ୍ଷେତ୍ରଂ ସମାସେନ ସବିକାର ମୁଦାହୃତମ୍ ।।

ସଂକ୍ଷେପରେ କୁହାଯାଇପାରେ ଇଚ୍ଛା ଦ୍ୱେଷ, ସୁଖ ଦୁଃଖ, ସଂଘାତ, ଚେତନା, ଧୃତି ଏ ସମସ୍ତ ବିକାର ସହ ସଂକ୍ଷିପ୍ତରେ କ୍ଷେତ୍ରଗତ ବୋଲି କୁହାଯାଏ ।

ଜ୍ଞାନ ଦୃଷ୍ଟିରେ ବିଚାର କଲେ କ୍ଷେତ୍ର ଶବ୍ଦର ମୌଳିକ ଅର୍ଥ ସେହି ସ୍ଥାନ, ଯେଉଁ ସ୍ଥାନକୁ ଯାତ୍ରା କଲେ ମାନବର ତ୍ରିତାପ, ଆଧ୍ୟାତ୍ମିକ, ଆଧିଭୌତିକ ଆଧିଦୈବିକ ବିଘ୍ନ ବିନାଶ ହୋଇ ସମଗ୍ର ପାପରାଶି

ISSN NO.
2582-208X

ଦୂର ହୋଇଯିବ । ଏଣୁ ଭଗବଦ୍ ମହିମା ବିମଣ୍ଡିତ ଓ ଭଗବଦ୍ ଗୁଣରାଶି ପୂର୍ଣ୍ଣ ସ୍ଥାନ ହିଁ କ୍ଷେତ୍ର ରୂପେ ପରିଚିତ । ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡ ୧/୧୦ ଶ୍ଳୋକରେ କୁହାଯାଇଛି -

- କ୍ଷେତ୍ର ହିଁ ଭଗବତ୍ ଶରୀର ।
ଏତତ୍ କ୍ଷେତ୍ର ବରଂତାସ୍ୟ ବପୁର୍ଭୂତଂ ମହାତ୍ମନଃ
ସ୍ୱୟଂ ପବୁଷ୍ଟାନ୍ ଯତ୍ରାସ୍ତେ ସନାମ୍ନ । ଖ୍ୟାପିତଂ ହି ତତ

ଏହି କ୍ଷେତ୍ରଟି ପରମାତ୍ମା ବିଷ୍ଣୁଙ୍କ ଶରୀର । ପରମାତ୍ମା ଏହି କ୍ଷେତ୍ରରେ ସ୍ୱୟଂ ଶରୀର ଧାରଣ କରି ରହିଅଛନ୍ତି ଏବଂ ନିଜ ନାମାନୁସାରେ "ପୁରୁଷୋତ୍ତମ" ନାମ ପ୍ରଦାନ କରିଅଛନ୍ତି । ଯାହାର ନାମ ଅଦ୍ୟାପି ଭୁବନ ବିଦିତ ପାବନ "ପୁରୀ" ନାମରେ ପ୍ରସିଦ୍ଧ ଅଟେ । ଏହି କଥାକୁ ଶ୍ରୀଳ ବୃନ୍ଦାବନ ଦାସ ଠାକୁର ଶ୍ରୀଚୈତନ୍ୟ ଭାଗବତରେ କହିଛନ୍ତି ।

"ସିନ୍ଧୁ ତୀରେ ବଟ-ମୂଳେ-"ନୀଳାଚଳ" ନାମ
କ୍ଷେତ୍ର-ଶ୍ରୀପୁରୁଷୋତ୍ତମ-ଅତିରମ୍ୟ ସ୍ଥାନ ।"

ଏହି ପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀକ୍ଷେତ୍ରକୁ ଶଙ୍ଖକ୍ଷେତ୍ର ମଧ୍ୟ କୁହାଯାଏ । ସ୍କନ୍ଦ ପୁରାଣ, ବିଷ୍ଣୁଖଣ୍ଡ ଅନ୍ତର୍ଗତ ପୁରୁଷୋତ୍ତମ ମହାତ୍ମ୍ୟରୁ ଜଣାଯାଏ ଭଗବାନ ବିଷ୍ଣୁ ଗୟାସୁରକୁ ବଧ କରି ବିଷୟ ସଙ୍କେତ ସ୍ୱରୂପ ପୁରୁଷୋତ୍ତମ କ୍ଷେତ୍ରରେ ତାଙ୍କ ହସ୍ତାୟୁଧ ପାଞ୍ଚଜନ୍ୟ ଶଙ୍ଖ ସଂସ୍ଥାପନ କରିଥିଲେ । ସେହି ଆୟୁଧାନୁସାରେ ପୁରୁଷୋତ୍ତମ କ୍ଷେତ୍ର ଶଙ୍ଖକ୍ଷେତ୍ର ନାମରେ ବିଦିତ ହେଲା । ସେହି ଶଙ୍ଖକ୍ଷେତ୍ର ନିବାସୀ ସର୍ବାଧିକାରୀ, ସର୍ବଦର୍ଶୀ, ସର୍ବଶ୍ରୋତା, ସର୍ବଜ୍ଞାନୀ, ସର୍ବଶକ୍ତିମାନ, ରୂପମୟ ମନ୍ତ୍ରମୟ ସେହି ପ୍ରଭୁ ନୀଳାଦ୍ରୀବିହାରୀ ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ବା ରଥଯାତ୍ରା ଓଡ଼ିଆ ଜାତିର ମହାନ୍ ପ୍ରାଚୀନ ସଂସ୍କୃତିର ପ୍ରତୀକ । ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ମହିମା ଓ ବୈଷ୍ଣବାଦି ଧର୍ମର ଧାରା ଓ ଦର୍ଶନକୁ ଆତ୍ମସ୍ଥ କରି ଦାରୁଦେବତା ଜଗନ୍ନାଥ ଓ କଳିଯୁଗର ମୁକ୍ତିକାମୀ ପାପି ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ଏ ରଥଯାତ୍ରାର ସୃଷ୍ଟି ଓ ଉଦ୍ଦେଶ୍ୟ । ଶ୍ରୀଜଗନ୍ନାଥ ସଂସ୍କୃତିରେ ଗୁଣ୍ଡିଚାଯାତ୍ରା ଚତୁର୍ବିଧ, ଯଥା - ସୌରଗୁଣ୍ଡିଚା, ଶୈବ ଗୁଣ୍ଡିଚା, ଶ୍ରୀଗୁଣ୍ଡିଚା ଓ ଶାକ୍ତ ଗୁଣ୍ଡିଚା । ବସନ୍ତ ପଞ୍ଚମୀ ଠାରୁ ମାଘ ସପ୍ତମୀ ପର୍ଯ୍ୟନ୍ତ ସୂର୍ଯ୍ୟ ନାରାୟଣଙ୍କ ରଥଯାତ୍ରାକୁ ସୌରଗୁଣ୍ଡିଚା, ଚୈତ୍ରମାସ ଶୁକ୍ଳପକ୍ଷର ଅଷ୍ଟମୀ ତିଥିରେ ଈଶାନେଶ୍ୱର ମହାଦେବଙ୍କ ରଥଯାତ୍ରାକୁ ଶୈବଗଣ୍ଡିଚା, ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଠାରୁ ଦଶମୀ ପର୍ଯ୍ୟନ୍ତ ନବଦିନ ବ୍ୟାପୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାକୁ ଶ୍ରୀଗୁଣ୍ଡିଚା ଓ ଆଶ୍ୱିନ ମାସ ଶୁକ୍ଳପକ୍ଷ ପତିପର୍ବ ଠାରୁ ନବମୀ ପର୍ଯ୍ୟନ୍ତ ଦୁର୍ଗା ମାଧବଙ୍କ ରଥଯାତ୍ରାକୁ ଶାକ୍ତ ଗୁଣ୍ଡିଚା କୁହାଯାଏ । ଏହି ଚତୁର୍ବିଧ ଗୁଣ୍ଡିଚା ମଧ୍ୟ ଶ୍ରୀଗୁଣ୍ଡିଚା ହେଉଛି ସର୍ବଶ୍ରେଷ୍ଠ ତଥା ବିଶ୍ୱବିଖ୍ୟାତ ।

ISSN NO.
2582-208X


ପୌରାଣିକ ମତରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଯାତ୍ରା ବିଷ୍ଣୁଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପାଟରାଣୀ ଗୁଣ୍ଡିଚା ଦେବୀଙ୍କ ନାମାନୁସାରେ ନାମିତ ହୋଇଥିବା ଜଣାଯାଏ । ରଥଯାତ୍ରା କାଳରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀମନ୍ଦିର ରତ୍ନ ସିଂହାସନ ତ୍ୟାଗ କରି ଜ୍ୟେଷ୍ଠଭ୍ରାତା ଓ ଭଗିନୀ ସହିତ ଯେଉଁ ସ୍ଥାନକୁ ଯାତ୍ରା କରନ୍ତି, ତାହାକୁ ଗୁଣ୍ଡିଚା ଘର, ଗୁଣ୍ଡିଚା ବାଡୀ । ଗୁଣ୍ଡିଚା ମନ୍ଦିର ଏହି ଯେଉଁ ମଣ୍ଡପରେ ଯାଇ ଅବସ୍ଥାନ କରନ୍ତି, ତାହାକୁ ଗୁଣ୍ଡିଚା ମଣ୍ଡପ କହନ୍ତି । ଶ୍ରୀଜଗନ୍ନାଥଙ୍କର ଏହା ହେଉଛି ଜନ୍ମସ୍ଥାନ ଜନକପୁରୀ । ଏହିଠାରେ ଦାରୁମୂର୍ତ୍ତି ଚତୁଷ୍ଟୟ ପ୍ରଥମେ ନିର୍ମିତ ହୋଇଥିଲେ । ତେଣୁ ପ୍ରଭୁ ମାନବୀୟ ଲୀଳାରେ ତାଙ୍କ ଜନ୍ମସ୍ଥାନକୁ ବର୍ଷକରେ ଥରେ ରଥଯାତ୍ରା ମାଧ୍ୟମରେ ଆଗମନ କରିଥାନ୍ତି । ଏହି ଯାତ୍ରାକୁ ମଧ୍ୟ ଶ୍ରୀଗୁଣ୍ଡିଚା ଯାତ୍ରା, ଘୋଷଯାତ୍ରା - ଦଶବତାର ଯାତ୍ର, ପତିତମାନଙ୍କ ମହୋତ୍ସବ, ଅନ୍ତର୍ବେଦୀ ମହୋତ୍ସବ, ଆଡପ ଯାତ୍ରା, ନବଦିନାତ୍ମକ ଯାତ୍ରା ଓ ଦକ୍ଷିଣାଭିମୁଖୀ ଯାତ୍ରା କୁହାଯାଇଥାଏ । ଏ ସମ୍ପର୍କରେ ଜଗନ୍ନାଥ ପୁରାଣରେ ଉଲ୍ଲେଖ ଅଛି ।

"ଗୁଣ୍ଡିଚା ନାମେ ମୋଯାତ୍ରା ପରମପାବନୀ
ରଥଯାତ୍ରା ନାମେ ଖ୍ୟାତି ହେବ ଯେ ଅବନୀ
ଜାତିଗୁଣି ନାମଧାମ ସବୁ ପଛକରି
ଜୀଭୂତ ମନୋଭାବ ପୁଣ୍ୟ ଫଳ ଧରି ।"

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏ ଆଷାଢ଼ ଉତ୍ସବ ମହାଲକ୍ଷ୍ମୀ ମନ୍ଦିର ମୁଖଶାଳରେ ସେହି ଟାହିଆ ରଖା ହୋଇଥାଏ । ମାଳି ଟାହିଆ ନେଇ ସିଂହାରୀକୁ ଦେବା ପରେ ସିଂହାରୀ (ପୁଷ୍ପାଳକ) ଦଇତାଙ୍କୁ ଦିଅନ୍ତି । ଦଇତାମାନେ ଟାହିଆ ଲାଗି କରନ୍ତି । ଏହାପରେ ଚତୁର୍ଦ୍ଧାମୂରତି ଆଗପଛ ହୋଇ ମନ୍ଦିର ତ୍ୟାଗ କରି ବଡଦାଣ୍ଡରେ ପାଦ ଥାପନ୍ତି । ଘଣ୍ଟା, ଘଣ୍ଟ, ଖୋଳ, ମର୍ଦ୍ଦଳି, ମନ୍ଦିରା, ଝାଞ୍ଜ, ମୃଦଙ୍ଗ, ତୋରୀ, ତୁରୀ ତାଳ ପ୍ରକମ୍ପିତ ହୋଇଯାଏ ଆକାଶ-ପାତାଳ । ଶ୍ରୀବିଗ୍ରହ ଶୀମନ୍ଦିର ରତ୍ନ ସିଂହାସନ ତ୍ୟାଗ କରି ଗୁଣ୍ଡିଚା ମନ୍ଦିରକୁ ରଥତ୍ରୟରେ ବିଜେ କରନ୍ତି । ରଥତ୍ରୟ ଉତ୍ତରାଭିମୁଖୀ ହୋଇ ଆଗମନ କରି ସେଠାରେ ନବଦିନ (ଯିବା ଆସିବା ଦୁଇଦିନ ସହ) କଟାଇ ପୁନର୍ବାର ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ରଥ ଟାଣିବା ପୂର୍ବରୁ ଚିତାକର୍ଷକ ଭକ୍ତିଗୀତ ଗାଇଥାନ୍ତି । ଏହି ଗୀତ ଶୁଣି ଅଗଣିତ ଜନସମୁଦ୍ରରେ ଅପୂର୍ବ ଶିହରଣ ଖେଳିଯାଏ । ଗୀତ ବୋଲା ସରିଲେ କାହାଳୀଆର କାହାଳୀ ଧ୍ୱନୀ ସହ ଘଣ୍ଟ ଘଉଡ ନାଦରେ ରଥ ଆଗେଇ ଚାଲେ ବଡ ଦାଣ୍ଡରେ । ସବୁ ଦେବାଦେବୀ ରଥ ଉପରେ ବିରାଜମାନ ହୋଇ ଚିତାଲାଗି ହେବାପରେ ଶ୍ରୀ ଜଗନ୍ନାଥଙ୍କ ଠାରୁ ଆଜ୍ଞାମାଳ ପାଇ ଗଡି ଗଡି ମହାରାଜା ସୁଶୋଭିତ ତାମ୍ର ବନରେ ଏକ ଆଡମ୍ବର ପଟୁଆରରେ ଆସି ରଥ ନିକଟରେ ପହଞ୍ଚନ୍ତି । ଏହାପରେ ଗଜପତି ମହାରାଜା ବହଳିଆ ଚନ୍ଦନ ମିଶ୍ରିତ ଜଳ ରଥ ଉପରେ ମାର୍ଜ୍ଜନ ପୂର୍ବକ ସୁନାବେଣ୍ଟ ଖଡିକାରେ ଓଳାଇ ଥାନ୍ତି । ଗଜପତି ରାଜାଙ୍କ ଛେରାପହଁରା କାର୍ଯ୍ୟ ସମାପନ

ISSN NO.
2582-208X

ପରେ କ୍ରମାନ୍ୱୟରେ ସାରଥିମାନଙ୍କୁ ରଥ ଉପରକୁ ଆଣି ଯଥାସ୍ଥାନରେ ଅବସ୍ଥାପିତ କରାଯାଏ । ପରେ ପରେ ବଳଭଦ୍ରଙ୍କ ରଥରେ ୪ ଗୋଟି କୃଷ୍ଣବର୍ଣ୍ଣନର ଅଶ୍ୱ, ସୁଭଦ୍ରାଙ୍କ ରଥରେ ୪ ଗୋଟି ଈଷତ୍‌ଲାଲ ବର୍ଣ୍ଣର ଅଶ୍ୱ ଓ ଜଗନ୍ନାଥ ରଥରେ ୪ ଗୋଟି ଶ୍ୱେତବର୍ଣ୍ଣର ଅଶ୍ୱ ସଂଯୋଜିତ ହେବା ସଙ୍ଗେ ସଙ୍ଗେ ପ୍ରତି ରଥରେ ୪ ଗୋଟି ଲେଖାଏଁ ମୋଟ ବାରଗୋଟି କତାରେ ନିର୍ମିତ ଦଉଡି ବନ୍ଧା ଯାଏ । ତା'ପରେ ବୀରକାହାଳୀ ଓ ଘଣ୍ଟ ଧ୍ୱନି ସଂସାର ଜଞ୍ଜାଳରୁ ଶ୍ରଦ୍ଧାଳୁ ଭକ୍ତ ଦର୍ଶକମାନଙ୍କ ମୁକ୍ତିମୋକ୍ଷ ନିର୍ବାଣ ପ୍ରାପ୍ତିର ପଥ ସୁଗମ କରିଦିଏ ।

ଅକ୍ଷୟ ତୃତୀୟା ଦିନ ରଥ ଅନୁକୂଳ ହୁଏ । ଆଷାଢ ଅମାବାସ୍ୟା ପରଦିନ ରଥ ସିଂହଦ୍ୱାର ସମ୍ମୁଖକୁ ଅଣାଯାଏ । ରଥଯାତ୍ରା ଦିନ ବଡି ଭୋରରୁ ଆଳତି ଅବକାଶ ବସିଲା ପରେ ତିନିହାତରେ ଦୈନନ୍ଦିନ ବେଶ ହୁଅନ୍ତି । ବେଶ ହୋଇ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଚଢ଼ିଲା ପରେ ହାତରେ ପାଣି ପଡେ । ସେଦିନ ଖେଚେଡ଼ି, ପିଠା ଓ ଟାକୁଆ କୋଠଭୋଗ ହୁଏ । ଭୋଗ ସରିଲା ପରେ ସୁଆର ବଡୁ ଭିତରେ ପାଣି ପକାଏ । ତାପରେ ସୁଧ ସୁଆର ତିନି ବାଡରେ ତିନୋଟି ପିତଳ ବଟାରେ ମୁହୁଲିଠାରୁ ଅଠର ମୂର୍ତ୍ତି ପାତ୍ର ସବୁ ନେଇ ମଙ୍ଗଳାର୍ପଣ ନିମନ୍ତେ ଦ୍ରବ୍ୟ ପ୍ରସ୍ତୁତ କରି କରନ୍ତି । ପଣ୍ଡା, ପତି ମହାପାତ୍ର ଓ ମୁଦିସର ଆସି ତିନି ବାଡରେ ମଙ୍ଗଳାର୍ପଣ କରନ୍ତି । ତାପରେ ମନ୍ଦିରରେ ତିନି ବାଡରେ ତୋରଲାଗି ପୁଷ୍ପାଞ୍ଜଳି ଓ ତୁଳିଲାଗି ବସାନ୍ତି । ପାଳିଆ ଖୁଣ୍ଟିଆ ମଣିମା ମଣିମା ଡାକ ଦେଲା ପରେ ଦଇତାପତିମାନେ ରୁନ୍ଧା ଫିଟାନ୍ତି । ତାପରେ ଆରମ୍ଭ ହୁଏ ପହଣ୍ଡି ବିଜେ । ଧାଡି ପହଣ୍ଡିରେ ଠାକୁରମାନେ ବାହାରନ୍ତି ଘଣ୍ଟ କାହାଳି, ତେଲେଙ୍ଗି ବାଜା ଓ ତୋରଣୀ ଆଦି ବାଦ୍ୟବାଦନ ଓ ଶୋଭାଯାତ୍ରାରେ ଚକ୍ରରାଜ ସୁଦର୍ଶନ ବାହାରିଥାନ୍ତି । ସେ ଜଗମୋହନ ସାତ ପାହାଚରେ ପହଞ୍ଚିଲେ ବଡଠାକୁର ବଳଭଦ୍ରଙ୍କ ରୁନ୍ଧା ଫିଟେ । ବଡଠାକୁର ସାନପାହାଚ ଦ୍ୱାର ଡେଇଁଲା ପରେ ଦେବୀ ସୁଭଦ୍ରାଙ୍କର ରୁନ୍ଧା ଫିଟେ । ସେ ସାନ ପାହାଚ ଅତିକ୍ରମ କଲା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୁନ୍ଧା ଫିଟେ । ସାତ ପାହାଚ ଠାରେ ପ୍ରତ୍ୟେକ ଠାକୁର ରାଘବଦାସ ମଠ ଯୋଗାଇ ଦେଇଥିବା ଟାହିୟା ଲାଗି ହୁଅନ୍ତି । ତା ପୂର୍ବରୁ

ଅଧ୍ୟାପିକା
ଓଡିଆ ବିଶ୍ୱବିଦ୍ୟାଳୟ, ପୁରୀ

ISSN NO.
2582-208X

# ତ୍ରିରଙ୍ଗା



ପ୍ରଭାତ ମଲ୍ଲିକ

ସକାଳୁ ସକାଳୁ ଖୁବ ବର୍ଷା,
ଆସ, ଆମେ କିଛି ରଙ୍ଗ ବେରଙ୍ଗ ଫୁଲ ତୋଳିବା
ପ୍ରଭାତ ଫେରି, ପ୍ୟାରେଡ କରିବା।
ଝିପି ଝିପି ବର୍ଷାରେ ଓଦା ହୋଇ ଜ୍ୱରରେ ପଡିବା
ଜେଜେମା ବୋଉର ଆକଟ ନମାନି
ରୋଗ ଯନ୍ତ୍ରଣାକୁ ଭୁଲି
ପୁଣି ଆମେ ଲୁଚି ଲୁଚି ବର୍ଷାରେ ଭିଜିବା।।
ପରୀକ୍ଷା ପୂର୍ବ ରାତିରେ ପଣିକିଆ,
ପୁରୁଣା ପାଠ ଘୋଷିଲା ଭଳି
ଆମେ ଟିକେ ଘୋଷିହେବା ଜାତୀୟ ସଂଗୀତ
ଜୟ ଘୋଷ କରିବା, ଉଦବୋଧନ ଦେବା
ଜାତୀୟତାରେ ଭାବ ପ୍ରବଣ ହେବା
ଅମୃତ ମହୋତ୍ସବ ତ୍ରିରଙ୍ଗା ଯାତ୍ରା,
ସ୍ୱାଧୀନତା ଶତବାର୍ଷିକ ପାଳନ କରିବା।
କିଛି କବିତା ଲେଖିବା
ମୁକ୍ତି ସଂଗ୍ରାମର ଗୀତ ଗାଇବା
ସହିଦ ମାନଙ୍କ ପାଇଁ ଲୁହ ଢାଳିବା

ISSN NO.
2582-208X

ପୁଣି ଭୁଲିଯିବା ଆମ ସଂସ୍କୃତି ଆମ ସଭ୍ୟତା
ଏ ଦେଶ ଆମର, ଏ ଜାତି ଆମର
ଏ ଗୀତ ଆମର, ଏ ମାଟି ଆମର
ସଂସ୍କୃତି ଆମର ସଭ୍ୟତା ଆମର,
ଦୁଷ୍ଟ ଝିଅର ପଣିକିଆ ଖାତା ପରି
ଚିରି ଦିଖଣ୍ଡ କରି ଫିଙ୍ଗିଦେବା
ସେ ଖାତାରେ ଆଙ୍କିଦେଇଥିବା ଅଖଣ୍ଡ ଭାରତର ଚିତ୍ର
ପୁଣି ଭୁଲିଯିବା ଭାଇଚାରା,ଭଲ ପାଇବା
ପାଞ୍ଚବର୍ଷ କାଳ ଲୁଟିବା ଦେଶକୁ
ଆପଣେଇବା ଗୋଟେ ବିଭାଜିତ ପରମ୍ପରା
ଅଣାଅସି ବର୍ଷର ବୁଢ଼ୀଟାକୁ
ଜରା ନିବାସରେ ଛାଡି ଦେଇ ଆସି,
ପୁଣି ଗାଇବା ଆମେ ଜାତୀୟ ସଂଗୀତ
ଉଡାଇବା ତ୍ରିରଙ୍ଗା ପତକା

@@@

ଅଧକ୍ଷ, ଯାଜପୁର ଆଇ.ଟି.ଆଇ
କଟିକଟା, ଯାଜପୁର
୯୪୩୮୩୨୯୧୩୨

ISSN NO.
2582-208X

# ଆସିଗଲା ଦୀପାବଳୀ



ପ୍ରଦୀପ୍ତ କୁମାର ଦାସ

ହେମନ୍ତ ଓଠରେ ଚହଟିଲା ହସ
ବିଜେ ହେଲେ ମାଆ କାଳୀ -
ବାଣ ଦୋକାନରେ ଲାଗିଲା ଗହଳି
ଆସିଗଲା ଦୀପାବଳୀ,
ଅନ୍ଧାର ସାଥିରେ ଆଲୋକଟା ମିଳି
ଖେଳିଲାତ ଲୁଚକାଳି -
ଆତସବାଜିର ଆକ୍ରମଣରେ ଯେ
ପୋକ ସେନା ଗଲେ ଟଳି,
ଆଲୋକ ରାଜାର ବିଜୟ ପରବ
ହରସ ମନରେ ପାଳି -
ପିଠା ମିଠା କ୍ଷୀରି ଖାଇଣ ସରବେ
ନାଚିଲେ ବଜାଇ ତାଳି,
ବଡ଼ ବଡୁଆତ ଆଶିଷ ଝରାଇ
ପିତୃଲୋକେ ଗଲେ ଚଳି -
ତାଙ୍କରି ସ୍ମୃତିରେ କାଉଁରିଆ କାଠି
ସବୁଠି ଉଠିଲା ଜଳି,
ଫୋଟକା ଡ଼ରରେ ହଗୁରା ମାଆଟା
ଲୁଚିଲା କବାଟ କିଳି -
ଗାଆଁରୁ ସହର ସବୁଠି ଜଳିଲା

ISSN NO.
2582-208X

ଆଲୁଅ ଭଳିକି ଭଳି,
ଏଇ ଦୀପାବଳୀ ମଇତ୍ରୀ ପରବ
ପାଳିବାରେ ଆସ ମିଳି -
ଦୁନିଆର ସୁଖ ସମୃଦ୍ଧି ନିମନ୍ତେ
କରିବା ମା ପାଶେ ଅଳି,
ତା ପାଦେ ଭକତି ଢ଼ାଳି
ହୋଇ ଆମେ କୋଳା କୋଳି -
ଆସ ଆସ ସାଥୀ ଗାଇଯିବା ଆମେ
ଜୟ ଜୟ ମହା କାଳୀ।

କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର,ଯାଜପୁର,ଓଡ଼ିଶା
ପିନ୍ -୭୫୫୦୧୩/ ମୋ- ୮୫୯୪୮୮୫୮୯୮

ISSN NO.
2582-208X

# ଝାରଖଣ୍ଡର ଶବର ଜନଜାତି



ଡ. ବିଦ୍ୟାଧର ରାଉତ

ପ୍ରାଚୀନ ପରମ୍ପରା ଅନୁସାରେ ଶବର ଜନଜାତି ନିଜକୁ ରାମଭକ୍ତ ଶବରୀଙ୍କ ବଂଶଜବୋଲି ମତପୋଷଣ କରନ୍ତି । ଏମାନେ ସମ୍ଭବତଃ ଓଡ଼ିଶାରୁ ଆଗମନ ହୋଇ ଝାରଖଣ୍ଡର ପାହାଡ଼ ଉପରେ ନିଜର ବଂଶବିସ୍ତାର କଲେ ତଥା ନିଜକୁ 'ଶବରା' ଅଞ୍ଚଳରେ 'ଶବରୀ' ବୋଲି ପରିଚୟ ଦେଲେ ।ଏମାନଙ୍କର ପରମ୍ପରାରେ ହିନ୍ଦୁ ପୌରାଣିକକଥା ତଥା ରାମାୟଣର ପ୍ରଭାବ ପରିଲକ୍ଷିତ ହୋଇଥାଏ । ନିଜର ପରମ୍ପରା ଅନୁସାରେ ଏମାନେ ନିଜକୁ ହିନ୍ଦୁଙ୍କସହିତ ଯୋଡ଼ିହେବା ପାଇଁ ପ୍ରୟାସ କରୁଛନ୍ତି ।

ଅନ୍ୟଏକ ପରମ୍ପରା ଅନୁସାରେ ଶବର ଜନଜାତି ଭଗବାନ ଶିବ ଓ ମାତା ପାର୍ବତୀଙ୍କ ବଂଶଜ ବୋଲି ଅଭିହିତ ଅଛି । ଆଉ ଏକ ପରମ୍ପରା ଅନୁସାରେ ଶବରଲୋକ ମହାଭାରତ ଯୁଦ୍ଧରେ ପାଣ୍ଡବଙ୍କ ପକ୍ଷରେ ଥିଲେ । ଯୁଧିଷ୍ଠିର ସେମାନଙ୍କୁ 'ଶବରଦାନ' ସେନାରେ ସାମିଲ୍ କରିଥିଲେ, ତେଣୁ ଏହିଲୋକ ନିଜକୁ 'ଶବର' ବୋଲି କହୁଛନ୍ତି । ପ୍ରାଚୀନ ତଥ୍ୟ ଅନୁସାରେ ଶବର କ୍ଷତ୍ରୀୟ ଥିଲେ ଓ ରାଜା ମାନଧାତାଙ୍କ ରାଜ୍ୟରେ ବସବାସ କରୁଥିଲେ, କିନ୍ତୁ ପର୍ଶୁରାମଙ୍କୁ ଡରି ନିଜର ପରିଚୟ ଲୁଚାଇ ନିଜକୁ ଶବରରୂପେ ପ୍ରସ୍ତୁତକଲେ । ଏଥିପାଇଁ ସେମାନେ ପର୍ଶୁରାମ ବଧରୁ ବଞ୍ଚିଯାଇଥିଲେ । ମାନବ ଶାସ୍ତ୍ରୀୟ ବିବରଣି ଅନୁସାରେ ଶବର ଜନଜାତି ଖଡ଼ିଆ ଜନଜାତିର ଏକ ଶାଖା । ପ୍ରଥମେ ଏମାନେ ନିଜକୁ ପାହାଡ଼ୀ ଖଡ଼ିଆ କହୁଥିଲେ, କିନ୍ତୁ ବର୍ତ୍ତମାନ ଏମାନେ ନିଜକୁ ଶବରବୋଲି ପରିଚୟ ଦେଉଛନ୍ତି । ଶବର ଜନଜାତି ର ଚାରିଗୋଟି ଉପଜାତି ରହିଅଛି, ସେଗୁଡ଼ିକ ହେଲା-

ISSN NO.
2582-208X

(୧) ଝରା
(୨) ବାସୁ
(୩) ଜଟା
(୪) ପତିବାଜାହରା

ଝାରଖଣ୍ଡ ରାଜ୍ୟରେ କେବଳ 'ଜାହରା' ଉପଜାତି ଦେଖାଯାଆନ୍ତି । ଅନ୍ୟ ଉପଜାତିଗୁଡ଼ିକ ଓଡ଼ିଶା ରାଜ୍ୟରେ କେବଳ ଦୃଷ୍ଟିଗୋଚର ହୁଅନ୍ତି । ଶବର ଜନଜାତିଙ୍କ ପ୍ରମୂଖ ନିବାସସ୍ଥାନ ଝାରଖଣ୍ଡର ପୂର୍ବ ସିଂହଭୂମ୍ ଯେଉଁଠି ଏମାନଙ୍କର ମୋଟ ଜନସଂଖ୍ୟା ୮,୧୧୭ । ଏହି ଜନଜାତିଙ୍କୁ 'ପ୍ରୋଟୋଅଷ୍ଟ୍ରେଲାୟଡ଼' ପ୍ରଜାତି ସମୂହରେ ରଖାଯାଇଛି । ଶବରମାନେ ନିଜର ଭାଷାକୁ 'ଶବରୀ' କୁହନ୍ତି । ଏହି 'ଶବରୀ' ଭାଷା 'ଅଷ୍ଟ୍ରୋଏସିଆଟିକ୍' ବା 'ଅଷ୍ଟ୍ରିକ୍ ପରିବାର'ର ଭାଷା ଅଟେ । ଏହିଭାଷା ଛଡ଼ା ସେମାନେ ଅନେକ ସମ୍ପର୍କ ଭାଷାର ଜ୍ଞାନ ମଧ୍ୟ ରଖିଥାନ୍ତି । ସେହି ସମ୍ପର୍କ ଭାଷାଗୁଡ଼ିକ ହେଲା ଓଡ଼ିଆ, ନାଗପୁରୀ, ପଞ୍ଚପରଗନିୟା, ହିନ୍ଦୀ ଇତ୍ୟାଦି । ଶବରଙ୍କ ଭାଷାରେ ବହୁଭାଷିକତା ଓ ଭାଷିକବିବିଧତା ଦୃଷ୍ଟିଗୋଚର ହୁଏ । ଶବରୀ ଭାଷାରେ ବିଭିନ୍ନ ଆୟୁ, ଲିଙ୍ଗ, ପେଶା ତଥା ଜାତି ପାଇଁ ଅଲଗା ଅଲଗା ଭାଷା ପ୍ରୟୋଗ କରାଯାଏ ।

ଶବର ଜନଜାତିର ମୁଖ୍ୟ ପେଷା କୃଷି ଅଟେ । ପାହାଡ଼ୀ ଅଞ୍ଚଳରେ ରହିବା କାରଣଯୋଗୁଁ ଏମାନଙ୍କ ପାଖରେ ଅଧିକ କୃଷିଜମି ନଥାଏ । ସ୍ୱଳ୍ପ କୃଷିଜମି ମଧ୍ୟରେ ଏମାନେ ଧାନ, ମକ୍କା, ବାଜରାର କୃଷିକରନ୍ତି । ଘର ଆଗରେ ଥିବା ସରକାରୀ ଅନାବାଜି ଗୋଚରରେ ବିଭିନ୍ନ ପନିପରିବା, ଶାଗ ଆଦି ଲଗାଇଥାନ୍ତି । ହଳବଳଦର ଅଭାବ ଯୋଗୁଁ ଲୁହାର ଉପକରଣ ଦ୍ୱାରା ଏମାନେ କ୍ଷେତ ନିଜ ହାତରେ ବେଉଷଣ ବା ଚାଷ କରନ୍ତି । ମହିଳାମାନେ ଜଙ୍ଗଲ ଆଖ ପାଖରୁ କନ୍ଦ, କନ୍ଦମୂଳ, ଫଳ, ଫୁଲ, ମଞ୍ଜି, ପତ୍ର, ମହମ, ମହୁ, ଶାଗ, ଲାଖ, ଝୁଣା, ଜାଳେଣିକାଠର ସଂକଳନ କରନ୍ତି । ଆଖପାଖ ନଦୀ, ପୋଖରୀ, ଝରଣାରୁ ମାଛ, କଙ୍କଡ଼ା, କଇଁଚ, ଗେଣ୍ଡା ଧରି ଖାଇଥାନ୍ତି । ଯୁଗର ପରିବର୍ତ୍ତନ ସହିତ ଆଜିକାଲି ଏମାନଙ୍କର ପେଶା ଦିନ ମଜୁରିଆ ହୋଇଗଲାଣି । କ୍ୱଚିତ୍ ପରିମାଣର ଲୋକ ଛୋଟମୋଟ ବ୍ୟବସାୟ ଓ ସରକାରୀ ଚାକିରୀ କରିବାର ଦୃଷ୍ଟିଗୋଚର ହୁଏ । ଶବର ଶାକାହାର ଓ ମାଂସାହାର ଉଭୟ ପସନ୍ଦ କରନ୍ତି । ସେମାନଙ୍କୁ ନିତିଦିନ ମାଂସର ଉପଲବ୍ଧ ନହେବାରୁ ଦୈନିକ ଆହାର ମାଡ଼୍, ଭାତ, ଶାଗ, ତରକାରୀ ଖାଇଥାନ୍ତି ।

ISSN NO.
2582-208X

ବର୍ଷାଦିନେ ମାଛ, କଙ୍କଡ଼ା, କଇଁଚ, ଗେଣ୍ଡା ନିତିଦିନ ଖାଇଥାନ୍ତି । ପ୍ରକୃତିର ସନ୍ତାନ, ଅମୃତର ସନ୍ତାନ ଆଦିବାସୀଙ୍କୁ ପ୍ରକୃତିସଦା ସର୍ବଦା ଭରଣପୋଷଣ କରିଥାଏ । ଛେଳି, ବତକ, କୁକୁଡ଼ାର ପାଳନ କରି ସେମାନଙ୍କ ମାଂସକୁ ଖାଇଥାନ୍ତି । ବିଶେଷ ପର୍ବପର୍ବାଣି, ପୂଜା ପାଠ ସମୟରେ ସେମାନେ ପେଣ୍ଠିଛେଳି, କୁକୁଡ଼ା, ବତକର ବଳି ଚଢ଼ାଇଥାନ୍ତି । ବଳିର ମାଂସକୁ ଏହି ଜନଜାତି ମହାପ୍ରସାଦ ରୂପେ ଗ୍ରହଣକରନ୍ତି । ଆଦିବାସୀଙ୍କ ଅତିଥି ଆଗମନ ହେଲେ ପେଣ୍ଠିଛେଳି, କୁକୁଡ଼ା, ବତକମାଂସ ଖାଇବାକୁ ଦିଆଯାଏ । ବିନା ମାଂସଭାତରେ ଅତିଥି ସତ୍କାର ହୋଇନଥାଏ । ଡ଼ାଲି ଓ କ୍ଷିରର ବ୍ୟବହାର କ୍ୱଚିତ୍ ହୋଇଥାଏ । ଜଙ୍ଗଲଜାତୀୟ ଦ୍ରବ୍ୟ ମଧ୍ୟ ଖାଦ୍ୟ ହିସାବରେ ଗ୍ରହଣକରନ୍ତି । କେବେକେବେ ଚାଉଳ, ଗହମ, ମକ୍କା, ବାଜରାର ଅଟାରେ ରୁଟି ସହିତ ଗୁଡ଼, ଲୁଣ, ତେଲ ଓ କଞ୍ଚାଲଙ୍କା ଲଗାଇ ଆନନ୍ଦରେ ଖାଇଥାନ୍ତି ।

ଶବର ଜନଜାତିଙ୍କ ଘର ସରଳ ଢ଼ଙ୍ଗରେ ଏବଂ ଆଖପାଖରେ ଉପଲବ୍ଧ ହେଉଥିବା ସାମଗ୍ରୀରେ ପ୍ରସ୍ତୁତ କରାଯାଏ । ସମତଳ କ୍ଷେତ୍ରରେ ଏମାନଙ୍କ ଘର ଦେଖାଯାଏ ନାହିଁ । ଅଧିକାଂଶ ଘର ଏକ ତାଲା ବିଶିଷ୍ଟ ଏବଂ କିଛି ଘର ଦୁଇତାଲା ବିଶିଷ୍ଟ ରହିଥାଏ । ଘରର ତିନି ପାର୍ଶ୍ୱରେ କାଦୁଅ ଲେସାହୋଇ ଲିପାପୋଛା କରାଯାଏ । ଘରର ମୁଖ୍ୟ କୋଠରୀକୁ ଭଣ୍ଡାର ଘର, ଦେବତା ଘର, ମାଲିକ ଘର ବୋଲି କହିଥାନ୍ତି । ଏହି ଘରର ଗୋଟିଏ ପଟ କାନ୍ଥ ଦେବତାଙ୍କ ପାଇଁ ସମର୍ପିତ ରଖାଯାଏ । ଖାଦ୍ୟ ରୋଷେଇ ପରେ ପ୍ରଥମେ ଏହିଘରେ ରଖାଯାଏ । ଘରର ବାରଣ୍ଡା ବହୁ ଉପଯୋଗି ହୋଇଥାଏ, ଯେଉଁଠି ଖାଦ୍ୟ ପ୍ରସ୍ତୁତ ପାଇଁ ଚୁଲି, ବାସନ କୁସନ, ଶିଳ, ଚକି, ଢ଼ିଙ୍କି, ପାଣିଭଣ୍ଡାର ପାଇଁ ମାଟିର ଘଡ଼ା ରହିଥାଏ । ଦିନରେ ସୂର୍ଯ୍ୟକିରଣ ଓ ରାତିରେ ଆଲୋକ ପାଇଁଡିବି ଓ ମାଟିତେଲ (କିରୋସିନ୍), ଡିବି ଲଣ୍ଠନର କମ୍ ବ୍ୟବହାର ପାଇଁ ଶବର ଜନଜାତିର ଲୋକମାନେ ଦିନ ଥିବା ଆଗରୁ ରାତ୍ରିଭୋଜନ ଶେଷ କରିଥାନ୍ତି ।

ଶବରଙ୍କ ଘରେ ଘରର ଉପକରଣ ରୂପେ ଆଲ୍ମୁନିୟମ୍‌ର ତସଲା ଓ ଅନ୍ୟାନ୍ୟ ଉପକରଣ ମିଳିଥାଏ । ଏମାନଙ୍କ ଘରେ କାଠର ବହୁ ଉପକରଣ ମିଳିଥାଏ । ଜଳରଖିବା ପାଇଁ ମାଟିର ଘଡ଼ା, କୂଅରୁ ପାଣି ଉଠାଇବା ପାଇଁ ବାଲ୍‌ଟି ଓ ରସି, ଭୋଜନ କରିବା ପାଇଁ ଥାଳି, କଂସା, ଗିଲାସ, ତାଟିଆ ରହିଥାଏ । ଶବରମାନଙ୍କ ଅଧିକ କୃଷିଜମି ନଥିବାରୁ ହଳବଳଦ ନଥାଏ । ଲୌହ ନିର୍ମିତ କିଛି ଉପକରଣ ସହାୟତାରେଏମାନେ ମାଟି

ISSN NO.
2582-208X

କର୍ଷଣକରି କୃଷି କରନ୍ତି । ଏମାନଙ୍କ ଘରେ ଜଙ୍ଗଲ ଆଖପାଖରେ ହୋଇଥିବା କାରଣରୁ ଶିକାର ଉପକରଣ ରୂପେ ଜାଲ, ଫାସ, ତୀର, ଧନୁଷ, ବାଟୁଳି ଆଦି ରଖିଥିବାର ଦେଖାଯାଏ । ସେହିଭଳି ସୁରକ୍ଷା ଉପକରଣ ରୂପେ ଲାଠି, ଭାଲା, ଗଡ଼ାସା, ବେର୍, ତୀର, ଧନୁଷ, ବାଟୁଳି ଇତ୍ୟାଦି ରହିଥାଏ ।

କର୍ମମୟ ଜଞ୍ଜାଳରୁ ସାମୟିକ ଅବକାଶ ପାଇଁ ଋତୁଚକ୍ର ସହିତ ସାମ୍ୟରଖି ଆଦିବାସୀ ପର୍ବଗୁଡ଼ିକ ନିର୍ଦ୍ଧାରଣକ ରାଯାଇଥାଏ । ଶବର ଜନଜାତିମାନେ ସର୍ବଦା ଇସ୍ୱରବିଶ୍ୱାସି । ସେମାନେ କରମା, ସରହୁଲ୍, ମକରସଂକ୍ରାନ୍ତି, ମାଗେ ପର୍ବ, ହୋଲି, ଦିପାବଳୀ, ରାମ ନବମୀ, ଦଶହରା, ବା ଆଦି ପର୍ବପର୍ବାଣିକୁ ବହୁ ଖୁସିରସହ ପାଳନ କରନ୍ତି । ଶବର ଲୋକମାନେ ଗ୍ରାମ ଦେବତା, ଡିହ ଦେବତା, ପୁରୁଖ ଦେବତାଙ୍କ ପୂଜାକରିବା ସହିତ ମା କାଳୀଙ୍କ ପୂଜା ମଧ୍ୟ କରନ୍ତି । ଏମାନେ ହିନ୍ଦୁ ବ୍ରାହ୍ମଣଙ୍କ ସହାୟତାରେ କୁକୁଡ଼ା, ଖାସିର ବଳି ଦେଇ ପୂଜା ଅର୍ଚ୍ଚନା କରନ୍ତି । ଶବର ଚାରି ଉପଜାତିରେ ବିଭାଜିତ । ସେମାନଙ୍କ ମଧ୍ୟରୁ 'ଝରା', 'ବାସୁ' ଏବଂ 'ଜଟା' ତିନି ଉପଜାତି ଓଡ଼ିଶାରେ ଦେଖାଯାଉଥିବା ବେଳେ ଚତୁର୍ଥ ଉପଜାତି 'ପତି' ବା 'ଜାହରା' ଢ଼ାଲ୍‌ଭୂମ୍‌ରେ ଆସି ବସବାସ କଲେ । ଏମାନଙ୍କ ଗୋତ୍ର ବ୍ୟବସ୍ଥା ନଥାଏ, ତେଣୁ ବିବାହ ସମୟରେ ପୁଅ ଝିଅଙ୍କ ମଧ୍ୟରେ ତିନି ପିଢ଼ି ପର୍ଯ୍ୟନ୍ତ ବଂଧୁ ସମ୍ପର୍କ ରୁହେ ।

ଡିହୁଡ଼ି, ନିଆଳି, କଟକ
ମୋ-୯୪୩୯୩୦୩୮୩୯

ISSN NO.
2582-208X

# ହସ ହସ ନୟାଗଡ



ଡକ୍ଟର ପ୍ରତାପ କୁମାର ପରିଡ଼ା

ମହାମହିମ ରାଷ୍ଟ୍ରପତି ପୁଣି
ଆସିଥିଲେ ନୟାଗଡ଼
ନୀଳମାଧବଙ୍କୁ ଦର୍ଶନେ ମାଗିଲେ
ନଷ୍ଟେ ଭରତ ମୋହର ବଡ଼ ।

ସ୍ୱାଗତ କରୁଛୁ କବିତାର ସୁରେ
ଆସ ଆସ ନୟାଗଡ଼
କଣ୍ଟିଲୋ ବାଇଗଣ କଣ୍ଟେଇମୁଣ୍ଡି
ମଧୁର ଯା ଛେନାପୋଡ଼ !!

ମହାନଦୀ କୂଳ ମାଧବଙ୍କ ବାସ
ମହାପ୍ରଭୁଙ୍କ ଆଦ୍ୟପୁର
ମହାମହିମଙ୍କ ପାଦକୁ ଅପେକ୍ଷା
ହସେ ନୟାଗଡ଼ ମୋର ॥

କାଳଆ ପଲ୍ଲୀର ଶବର ଗାଁଆକୁ
ସେ ଯାଇଥିଲେ ଗାଡ଼ିଚଢ଼ି
ଉଦବୋଧନ ଦେଲେ ମାଟିର ବାସୀଙ୍କୁ
ଆଶା ଉତ୍ସାହ ଯାଏରେ ବଢ଼ି ॥

ଜିଲ୍ଲା ପ୍ରଶାସନ ରାଜ୍ୟଶାସନ ସୁରକ୍ଷାରେ
ଲାଗିଥିଲେ ଅଣ୍ଡା ଭିଡ଼ି

ISSN NO.
2582-208X

ମୋ ଜିଲ୍ଲା ମାଟିରେ ରାଷ୍ଟ୍ରପତି ପାଦ
କେବେ ଯେ ନଥିଲା ପଡ଼ି ॥

ମହାମୋପାଧ୍ୟ ପଠାଣି ସାମନ୍ତ
ଜନ୍ମଥିଲେ ଯେଉଁ ଗଡ଼େ
ବିଶ୍ୱମାନଚନ୍ଦ୍ରେ ମାଟିକ ମୋହର
ଜ୍ୟୋତିର୍ବିଜ୍ଞାନ ଫର୍ଦେ ଯୋଡେ!!

ମାଟିର ଉନ୍ନତି ସଦା ଯେ ଶପଥ
ହେଉ ସଦା ବୀରପଣ
ଦେଶ ପ୍ରଗତିରେ ରାଜ୍ୟ ଉନ୍ନୀତିରେ
ଉତ୍ସର୍ଗ କର ହେ ପ୍ରାଣ ।।

ତାଙ୍କର ବଚନ ଦେଲା ମହାଶିକ୍ଷା
ସଚେତନ ନାଗରିକ
ସବୁ ପଛ କରି ଭାରତ ମାଆର
ରଖରେ ବିଜୟ ଟେକ ।।

ସାହିତ୍ୟ ଯାହାର ବିଶାଳ ହୃତପିଣ୍ଡ
ସ୍ପନ୍ଦନ ଯାହାର ବଡ଼
ଆମେ ସ୍ୱାଗତ କରିଲୁ ମାଟିର ସନ୍ତାନ
ହସ ହସ ନୟାଗଡ଼ ॥

ସହକାରୀ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ, ନୟାଗଡ଼
ସ୍ଥାନ -ମାଳତୀପୁଟ, ଗଣିଆ ଜିଲ୍ଲା - ନୟାଗଡ଼, ଓଡ଼ିଶା
ମୋ -୯୬୬୮୫୫୧୫୩୩

ISSN NO.
2582-208X

# ମାଆ ଡାକ ଅନୁପମ...



ରାମଚନ୍ଦ୍ର ବେହେରା

ମାଆ ଛାଇ ଦେଖି ଦୂରାଏ ରିଷ୍ଟ
ମାଆର ମମତା ଜଗତେ ଶ୍ରେଷ୍ଠ
ମାଆ ଡାକ ଅନୁପମ
ବିନା ସର୍ତ୍ତେ କରେ ପରିବାର ସେବା
ଦୁଃଖ ସହି ରାତିଦିନ।
ଦୁହିତା ରୂପେ ସେ ବାଣ୍ଟଇ ଖୁସି
ଭଗିନୀ ଚରିତ୍ର ନିଭାଏ ହସି
ପତ୍ନୀ ରୂପେ ପ୍ରେମ ଦେଇ
ମାଆ ରୂପେ ଦିଏ ବାତ୍ସଲ୍ୟ ମମତା
ଅନେକ କଷଣ ସହି।
କେବେ ସାଜେ ଦୁର୍ଗା କେବେ ସାବିତ୍ରୀ
କେବେ ସାଜେ ପୁଣି ମାତା ଧରିତ୍ରୀ
ଅଧର୍ମୀଙ୍କୁ କରେ ନାଶ
ଶକ୍ତି ସ୍ୱରୂପିଣୀ ସାଜି ଏ ଜଗତେ
ସଭିଙ୍କୁ କରଇ ବଶ।
ପୂଣ୍ୟ ନବରାତ୍ରେ ନଅ ବେଶରେ
ପୂଜାପାଏ ସିଏ ସାରା ବିଶ୍ୱରେ
ଭକ୍ତିଭାବ ଭରେ ପ୍ରାଣେ
ତା'କରୁଣା ବଳେ ଶାନ୍ତି ଧାରା ବହେ
ବିଶ୍ୱ କୋଣେ ଅନୁକୋଣେ।
ଅବଳା ନୁହେଁ ସେ ନିତ୍ୟ ଚଂଚଳା
ଧର୍ମ ରକ୍ଷାକର୍ତ୍ତ୍ରୀ ନୁହେଁ ଦୁର୍ବଳା
ବିନା ଅସ୍ତ୍ର ଶସ୍ତ୍ରେ ସେହି
ଦୁର୍ନୀତିକୁ କରେ ଘୋର ପ୍ରତିବାଦ
ଧର୍ମ କର୍ମେ ଲିପ୍ତ ହୋଇ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୭୩୪୩୪୬

ISSN NO.
2582-208X

# ଭୋଗବାଦୀ ଓ ତ୍ୟାଗବାଦୀର ଜୀବନଚର୍ଯ୍ୟା



ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ

ଭୋଗ ଓ ତ୍ୟାଗ ମଧ୍ୟରେ ଆକାଶ ପାତାଳ ଫରକ । ଭୋଗ ସ୍ୱାର୍ଥର କଥା କହୁଥିବା ସମୟରେ ତ୍ୟାଗ ସମାଜର କଥା କହୁଛି । ଭୋଗ ନିଜ ପେଟ ପାଟଣାର କଥା କହୁଥିଲା ବେଳେ ତ୍ୟାଗ ଅନ୍ୟର ପେଟର ଦାଉକୁ ଅନୁଭବ କରେ ।ଭୋଗ ମଣିଷକୁ ଆତ୍ମକୈନ୍ଦ୍ରିକ ସଜାଇଦିଏ, ତ୍ୟାଗ ମଣିଷକୁ ସମାଜ ସଚେତନ କରେ । ଭୋଗ ବିଳାସ ବେସନର ପଞ୍ଜୁରୀରେ ଆବଦ୍ଧ ହୋଇ ରହିବାର ସୂତ୍ର ସାଧାରଣ ମଣିଷକୁ ଘୋଷାଏ। ତ୍ୟାଗ ଦୂର ଦିଗବଳୟର ଅନନ୍ତ ସୀମାକୁ ଘେନିଯାଏ। ଯେଉଁଠି ସାଧାରଣ ବ୍ୟକ୍ତିଟି ଦିବ୍ୟ ପରମ ଆନନ୍ଦ ଲାଭ କରେ । ମଣିଷର ସ୍ୱଭାବ ସାଂପ୍ରତିକ ସମୟରେ ଏପରି ହୋଇଗଲାଣି ଯେ ସେ ନିଜ ବିନା ଅନ୍ୟର ହସ ଖୁସିକୁ ସହଜରେ ଗ୍ରହଣ କରିପାରୁନାହିଁ। ଯାହାର ଫଳସ୍ୱରୂପ ବାପା ମା ଭାଇ ଭଉଣୀ ପରିବାର ଭିତରେ କନ୍ଦଳ ଲାଗି ରହୁଛି। ସଭିଏଁ ହସୁଛନ୍ତି କିନ୍ତୁ କାହାରି ମନରେ ଆନନ୍ଦ ନାହିଁ। ସଭିଏଁ ରେଷ୍ଟୁରାଣ୍ଟ ର ଗଦି ଚେୟାରରେ ବସି ଷ୍ଟାଟସ୍ ମେଣ୍ଟେନେ କରୁଛନ୍ତି କିନ୍ତୁ ପରମ୍ପରା ଓ ସଂସ୍କୃତିକୁ ଗୋଇଠା ମାରି ଚାଲିଛନ୍ତି।

ଜୀବନ ସର୍ବଦା ଚାହୁଁଛି ଭୋଗ ବିଳାସ ରେ ଜୀବନ ଅତିବାହିତ କରିବା ପାଇଁ। ନିଜର ସ୍ୱାଭିମାନକୁ ପଛରେ ପକାଇ ମଣିଷ ଧନ ଉପାର୍ଜନ କରିବାକୁ ମନ ବଳାଉଛି। ବଡ଼ ବଡ଼ ପଦ ପଦବୀରେ ରହି ମଧ୍ୟ ଅନ୍ୟର ଶହେ ପଚାଶର ଜୀବନରୁ ପୁଳେ ଝାମ୍ପି ନେଉଛନ୍ତି ବଡଲୋକୀ ବାବୁମାନେ। ଦରିଦ୍ରର ଦରଜ ବୁଝିବା ପାଇଁ କାହାରି ପାଖରେ ସମୟ ନାହିଁ। ଦରିଦ୍ରର ଚୁଲି ଚାଳର କାହାଣୀ କହି ମଜାକ ଉଡ଼ାଇବା ଅନେକ ବ୍ୟକ୍ତିଙ୍କର ସଉକ

ISSN NO.
2582-208X

କହିଲେ ଅତ୍ୟୁକ୍ତି ହେବ ନାହିଁ। ସାଂପ୍ରତିକ ସମୟରେ ପ୍ରତ୍ୟେକ ଦିନ ନୂଆ ନୂଆ ଭୋଗର ଆଶାରେ ମଣିଷ ବଞ୍ଚୁଛି । କିନ୍ତୁ ତ୍ୟାଗ କଥା କହିଲେ ସଭିଙ୍କ ମୁହଁ ଶୁଖିଯାଏ।

ଭିକାରି ଟିଏ ଭିକ ମାଗି ଆସିଲେ ଏଠି ଲୋକ ପଚାରନ୍ତି କେତେ ଦିନରେ ଥରେ ଆସୁଛୁ ଯେ। ଏମିତି ଅନେକ ସମୟରେ ଅନୁଭବ ହୁଏ ଆଜିର ସମୟରେ ଧନର ଅଭାବ ନାହିଁ କିନ୍ତୁ ଦାନର ଘୋର ଅଭାବ । ମଣିଷମାନଙ୍କର ଅଭାବ ନାହିଁ କିନ୍ତୁ ମାନବିକତା ହଜି ଚାଲିଛି।ଏଠି ସଂପର୍କର ଅଭାବ ନାହିଁ କିନ୍ତୁ ସଭିଙ୍କ ନିକଟରେ ସମୟର ନିଅଣ୍ଟ ପଡୁଛି।

ହୋ ହାଲ୍ଲାରେ ଗାଁରୁ ସହର ଫାଟିପଡୁଛି କିନ୍ତୁ ମଣିଷ ନିଃସଙ୍ଗତାରେ ଜୀବନ କଟାଉଛି । ଆପଣାର ଦେଖାଯାଉଥିବା ଆଖିଗୁଡିକୁ ଦେଖିଲେ ଭାରି ଆନନ୍ଦ ଲାଗେ କିନ୍ତୁ ସେ ଆଖିରେ ଅମୃତ ନୁହେଁ ବରଂ ବିଷର ଠିକଣା ମିଳେ । ମଣିଷ ଦୁଃଖ ଯନ୍ତ୍ରଣାରେ ଭାଙ୍ଗି ପଡୁଛି କିନ୍ତୁ ଲୁହ ଢାଳିବା ପାଇଁ ଉପଯୁକ୍ତ ସ୍ଥାନର ଅଭାବ । ଚାରି ତାଲା ଉପରେ ବସି ମନ ଚାରିଜଣଙ୍କୁ ଅପେକ୍ଷା ରଖୁଛି।

ସୁଖ ଶାନ୍ତି କେବଳ ଦୁଆର ବନ୍ଧ ନିକଟରେ ଅଟକି ଯାଉଛି, ଘର ଭିତରକୁ ପଶିବା ପାଇଁ ସାହାସ ଜୁଟାଇ ପାରୁନାହାନ୍ତି। ଭକ୍ତକବି ଭକ୍ତ ଚରଣ ଦାସ ମନବୋଧ ଚଉତିଶାର କହିଛନ୍ତି –

"ଚିତ୍ର ପ୍ରତିମା ପ୍ରାୟ ଦିଶୁ ସୁନ୍ଦର
ଭିତର ଚିରି ଦେଖ କି ନାରଖାର"

ଏହି ଉକ୍ତିର ଯଥାର୍ଥତା ସାଂପ୍ରତିକ ସମାଜରେ ମାଡ଼ି ଚାଲିଛି । ପ୍ରାୟତଃ ଅନେକ ସୁନା ରୂପା ହିରାରେ ଛାଉଣୀ ହେଉଛନ୍ତି।ଦାମି ଦାମି ପୋଷାକରେ ନିଜ ଶରୀରକୁ ସଜାଉଛନ୍ତି।ବଡ଼ ବଡ଼ ଗାଡ଼ିରେ ବସି ନିଜକୁ ରାଜା ରାଣୀ ଭାବି ନେଉଛନ୍ତି କିନ୍ତୁ ମନରେ ସତେ ଯେପରି ନିଆଁ ଲାଗିଯାଇଛି। ମନରେ ଆନନ୍ଦ ନାହିଁ କି ଆଗ୍ରହ ନାହିଁ। ପରସ୍ପର ପ୍ରତି ଆନ୍ତରିକତା କରିଚାଲିଛି। ଦର୍ପଣ ଭାଙ୍ଗିଲା ପରି ମନ ଭାଙ୍ଗିଚାଲିଛି ।

ISSN NO.
2582-208X

ରିଲିସ୍ ଦୁନିଆରେ ସମସ୍ତେ ଆନନ୍ଦିତ କିନ୍ତୁ ରିଅଲ ଦୁନିଆରେ କାହାରି ମନରେ ଖୁସି ଟିକେ ନାହିଁ। ଆଜିର ମଣିଷ ନିଜ ଶୁଖିଲା ଓଠରେ ହସ ମାଖି ସାମ୍ନା ଲୋକକୁ ପଚାରୁଛି କେମିତି ଅଛ । ସାମ୍ନା ଲୋକଟି ଭଙ୍ଗା ମନରେ ମିଛିମିଛିକା ଆନନ୍ଦ ଟିକେ ମାଖି ଦେଇ କହିଚାଲିଛି ଭଲ ଅଛି। ପ୍ରକୃତରେ ଏ ଭଲ ଅଛି ରେ ଆମେ ସମସ୍ତେ ନିଷ୍ଚୟ ଅନୁଭବ କରିପାରୁଥିବା ଆମେ କେତେ ଭଲ ଅଛନ୍ତି।

ସାଂପ୍ରତିକ ସମୟରେ ଅନେକ ସ୍ଥାନରେ କୋଠାର ଅଭାବ ନାହିଁ କିନ୍ତୁ ସେ କୋଠାରେ ବସବାସ କରିବା ପାଇଁ ମଣିଷର ଅଭାବ । ଯେଉଁଠି ମଣିଷମାନଙ୍କର ଭିଡ ସେଠି ବାସ କରିବା ପାଇଁ କୋଠା ଖଣ୍ଡେର ଅଭାବ । ଅର୍ଥ ହିଁ ଅନର୍ଥର କାରଣ ସାଜିଛି।ଏଠି ହାତ କେବଳ ହାତେଇ ନେବାରେ ଲାଗିପଡିଛି।ଅନ୍ୟକୁ ସାହାଯ୍ୟର ହାତ ଗୋଟେ ବଢାଇଦେଲେ ସତେ ଯେପରି ତା'ର ସବୁକିଛି ସରିଯାଉଛି। ଯଦିଓ କୌଣସି ସହୃଦୟ ବ୍ୟକ୍ତି ସାହାଯ୍ୟ କରିବାର ମନୋବୃତ୍ତି ନେଇ ସମାଜ ଛାତିକୁ ଓହ୍ଲାଇ ଆସୁଛି। କିଛି ସ୍ୱାର୍ଥ ଲୋଭୀ ବଡଲୋକୀ ବାବୁମାନେ ସ୍ୱାର୍ଥର ସିଡି ପଡ଼ିଛି ବୋଲି ହୁରିପକାଉଛନ୍ତି । ଏହି ପରିସ୍ଥିତିରେ' ଆପେ ବଞ୍ଚିଲେ ବାପର ନାଁ ନୀତି 'ମାଡ଼ି ଚାଲିଛି।

ଆଜିର ସମାଜରେ ବିଶ୍ୱାସ ଓ ଭରସା କେବଳ ଦୁଇଟି ଶବ୍ଦ ହୋଇ ରହିଗଲେଣି। ଜଣେ ଅନ୍ୟ ଜଣକ ଉପରେ ଆସ୍ଥା ହରାଇବସିଲାଣି । ମନରେ ଆଉ ସଂପର୍କର ମୋହ ନାହିଁ ବରଂ ସ୍ୱାର୍ଥର ମୋହ ମାଡ଼ି ଚାଲିଛି। ତ୍ୟାଗ ର ନାଁ ରେ ଭୋଗ ତା'ର କାୟା ବିସ୍ତାର କରିଚାଲିଛି। ଭୋଗ ଦୂରାରୋଗ୍ୟ ବ୍ୟାଧି ପରି ମଣିଷର ମନକୁ ଆକ୍ରାନ୍ତ କରିଚାଲିଛି। ସାଂପ୍ରତିକ ସମୟରେ ଭୋଗ ରୂପୀ ବ୍ୟାଧିର ଅସ୍ତ୍ରୋପଚାର ନିତ୍ୟାନ୍ତ ଆବଶ୍ୟକ।

ମୁକୁନ୍ଦ ପାତ୍ର ମହାବିଦ୍ୟାଳୟ,
ବଳରାମପୁର, ଯାଜପୁର

ISSN NO.
2582-208X

# ବିଷୁବ ସଂକ୍ରାନ୍ତି, ବିବିଧତା କ୍ରାନ୍ତି



ଜୟ କୁମାର ମିଶ୍ର

ଆଜି ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ
ବିଷୁବ ସଂକ୍ରାନ୍ତି ପରା,
ଓଡ଼ିଆ ଜାତିର, ନୂତନ ବରଷ
ଆନନ୍ଦ ଉଲ୍ଲାସ ଭରା ॥
ପଣା ଘରେ ଘରେ , ବେଲ ମିଶା ବାରେ
ନୁଆଁ ପାଞ୍ଜି ପ୍ରଚଳନ,
ସାହିତ୍ୟ ସଭାରେ, ମନ ଘର ଧରେ
କବିତା ପାଠକୁ ମନ ॥
ହନୁମାନ ଚାଳିଶା, ଆବୃତି ଓ ଘୋଷା
ଭୋଜି ଭାତର ଆସର,
ବନ୍ଧୁଙ୍କ ମିଳନ, ଭାବ ଦିଆନିଆ
ସବୁ ଆନନ୍ଦ ମୁଖର ॥
ଛେନା ରସାବଳି, ଚିନି, ଗୁଡ ଦଳି
ନଡ଼ିଆ କୋରକୁ ଘେନା
ହୁଏ ପଣା ପାଣି, ଭଳି ଭଳି ପୁଣି
ଶରୀର ତାପକୁ ମନା ॥
କେତେ ହୋମ ଯଜ୍ଞ, ସ୍ତୁତି, ସ୍ତବ ରାଗ
ପୂରାଣ ପାଠରେ ମନ,
ନୁଆଁ ପାଞ୍ଜି ଖୋଲି, ବୁଝାବଣା ଖାଲି

ISSN NO.
2582-208X

ଲାଭ ହାନି ଦିଗ ମାନ ॥
ରୌଦ୍ର ତାପଟିର, ପ୍ରଚଣ୍ଡ, ପ୍ରଖର
ସଜାଗ ବାରତା ଦିଏ,
ପଣା ପାଣି ପିଇ, ସୁସ୍ଥ ସ୍ୱାସ୍ଥ୍ୟ ନେଇ
ରହିବା ବାରତା କହେ ॥
ସମ୍ବିଧାନ କରତା, ପ୍ରମୁଖ ନିର୍ମାତା
ଆମ୍ବିଦକର ଜୟନ୍ତୀ
ତାଙ୍କ ଗୁଣ କୀର୍ତି, ସବୁ ମନ ଚିନ୍ତି
ପ୍ରେରଣାକୁ ଲଭି ଥାନ୍ତି ॥
ତାଙ୍କ ଅବଦାନ, ଦାନ, ଧର୍ମ ପୁଣ୍ୟ
ସ୍ମୃତି ଚାରଣର ଦିନ,
ତ୍ରିବେଣୀ ସଙ୍ଗମ, ଦିବସର ମର୍ମ
ସଂକ୍ରାନ୍ତିର ଏହି ମାନ ॥
କରିବ ଏକାଠି, ମିଳାମିଶା କୋଠି
ମନ ଦିଆ ନିଆ କେତେ,
ସବୁ କଥା ଭୁଲି, ଜନ କୋଳାକୋଳି
ସଂସ୍କାର, ସଭ୍ୟତା ଗଢ଼େ ॥
ସାହିତ୍ୟ ଆସର, କରଇ ଆଦର
ବହୁ କଥା କହି ଯାଏ,
ନୁଆଁ ନୁଆଁ ବହି, ଆବିର୍ଭାବ ହୋଇ
ଲୋକାର୍ପଣ ହୋଇ ଥାଏ ॥
ସାହିତ୍ୟ, ସଂସ୍କାର, ସ୍ୱାସ୍ଥ୍ୟ ସମ୍ପଦର
ମାରଗ ଦର୍ଶକ ହେତୁ,
ଆଜିର ଦିବସ, ପୁଲକ ହରଷ
ଜ୍ଞାନ, ଗୁଣଟିର ସେତୁ ॥

ବୁଦୁରୁ,ଗୋରିବନ୍ଧା, ଗଜପତି
ଓଡିଶା, 761206/ 6372127449

ISSN NO.
2582-208X

# ମିଛ ସମ୍ପର୍କର ଡୋରି



ପ୍ରତିଭା ଦାଶ

ଜୀବନର ପ୍ରତି ପାଦରେ
ନିତି ସୃଷ୍ଟି ହୁଏ ନୂଆ ସମ୍ପର୍କ
କେବେ ମିଠା କେବେ ପିତା
କିଏ ହୁଏ ଦୁଃଖର ସହଭାଗୀ
କିଏ  ସୁଖରେ ପକାଏ କଣ୍ଟା ।

ଦିନ ପରେ ଦିନ ଯାଏ ବିତି
ଶତ୍ରୁ ମିତ୍ରର ଖେଳ ମଧ୍ୟରେ
ଆଗରେ ଦେଖାଣିଆ ପ୍ରକୃତି
ପଛ ପଟେ ନିନ୍ଦା କଥା
ଏହା ଆଜିର ଜୀବନ ଗାଥା ।

ମାନବ ପଡ଼ିଥାଏ ଦ୍ୱନ୍ଦ୍ୱରେ
ଭାବି ପାରେନା ଏ ଦୁନିଆରେ
କିଏ ଭଲ କିଏ ମନ୍ଦ
ବାଛି ପାରେନା କିଏ ବିଶ୍ୱସ୍ତ
ଭରସାଯୋଗ୍ୟ ।

ଏ ମିଛ ଜଗତରେ
ସବୁ ସମ୍ପର୍କ ଅବାସ୍ତବ, କାଳ୍ପନିକ
କୌଣସି ସମୟରେ କେହି ବି
ବଦଳାଇଥାନ୍ତି ତାଙ୍କ ରଙ୍ଗ, ରୂପ, ଗୁଣ
ନ ଥାଏ ମୁହଁରେ ଟିକିଏ ବିଷାଦର ଚିହ୍ନ ।

ଏଇ ଅଭିନୟ ଭରା ସଂସାରରେ
ଅପ୍ରତ୍ୟାଶିତ ସମ୍ପର୍କକୁ ନେଇ
ଯାଦୁଗର ହୋଇ ବଞ୍ଚିବାକୁ ପଡୁଛି
ନିଜ ମନକୁ ସୁଦୃଢ଼ କରି
ନ ରଖି କାହା ପାଖେ ଆଶା ଓ ଆକାଂକ୍ଷା ।

ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମେରପାଣି,
ନୂଆପଡ଼ା

ISSN NO.
2582-208X

# ଥିଲି ଝିଅ ହେଲି ବୋହୂ



ସୁନନ୍ଦା ମହାନ୍ତ

କଲେଜ ପଢ଼ିବା ବେଳର କଥା। କାର୍ତ୍ତିକ ମାସରେ ଖୁବ ଭିଡ ହୁଏ ପୁରୀ ସହରରେ। ବିଶେଷ କରି ହବିଷ କରୁଥିବା ବୁଢ଼ି ମାଉସୀମାନଙ୍କର ସମାବେଶ ଏତେ ପ୍ରବଳ ହୁଏ ଯେ, ରାସ୍ତା ପାର ହୋଇ କଲେଜ ଯିବା ବଡ କଷ୍ଟ ହୁଏ । ମାର୍କଣ୍ଡେଶ୍ବର ସାହିରୁ ଲକ୍ଷ୍ମୀ ବଜାର ଦେଇ ବଡ଼ଦାଣ୍ଡରେ ପହଞ୍ଚିବାକୁ ଘଣ୍ଟାଏ ଲାଗିଯାଏ । ସେହି ସମୟର ସ୍ମୃତିଟିଏ ଆଜି ବି ଜୀବନ୍ତ ଲାଗେ ।ସାହି ସାହିରେ ଭଡ଼ା ନେଇ ରହୁଥିବା କାର୍ତ୍ତିକିଆଳି ବୁଢ଼ୀମାଉସୀମାନେ କାନି ଧରାଧରି ହୋଇ ଚାଲିବାର ଦୃଶ୍ୟ ଯେତିକି ଚମତ୍କାର, ତାଙ୍କୁ କିଛି ଅସମାଜିକ ଯୁବକ ଚାରେଣୀ ଆଠେଣୀ ସବୁକୁ ରାସ୍ତାରେ ଅଠା ଦେଇ ଲଗାଇ ରଖି, ବୁଢ଼ୀମାଉସୀ ମାନେ ଗୋଟାଇନେଲା ବେଳେ ତାଙ୍କୁ ଚିଡ଼େଇବା ଓ ନେଲାରେ ନେଲାରେ କହି ଛିଗୁଲେଇବା ସେତିକି କଷ୍ଟଦାୟକ ଲାଗେ ।

ଆମେ ସାଙ୍ଗମାନେ ସବୁ ଉପାୟ ପାଞ୍ଚିଲୁ । ବୁଢ଼ୀମାଉସୀମାନଙ୍କ ସୁରକ୍ଷା ପାଇଁ କିଛି ତୁଳସୀ ଗଛ ସବୁକୁ ସେହି ରାସ୍ତାରେ ଅଠାରେ ଲାଗିଥିବା ପଇସା ଜାଗା ମାନଙ୍କରେ ପକାଇଲୁ ତ କେହି ବୁଢ଼ୀମାଉସୀ ପଇସା ଉଠାଇବାକୁ ଯାଇ ନଉଠାଇପାରି ତୁଳସୀ ଗଛ ନେଇ ଚାଲିଯାଆନ୍ତି ଖୁସିରେ । ଅସାମାଜିକ ଯୁବକଙ୍କ କ୍ରୁର ଦୃଷ୍ଟି ଆମ ଉପରେ ପଡେ ତ ସେମାନେ ଷଣ୍ଢ ମାନଙ୍କୁ ଘଉଡେଇ, ଆମ ଝିଅସାଙ୍ଗମାନଙ୍କୁ କିଲବିଲ କରି ହଇରାଣ କରନ୍ତି ।ଆମେ ବୁଝାଉ ସେହି କେତେକ ଝିଅ ସାଙ୍ଗମାନଙ୍କୁ ଷ୍ଟ୍ରଙ୍ଗ ଗାର୍ଲ୍ ହେବାକୁ ପ୍ରବର୍ତ୍ତାଇ, ନଡରି ଆଗେଇବାକୁ କହିଲେ ବି ବେଳେ ବେଳେ ରାଗ ହୁଏ, ଲକ୍ଷ୍ମୀ ବଜାର ଉପରେ ଆଉ

ISSN NO.
2582-208X

ମନ୍ଦିରକୁ ଲାଗି ଗଢି ଉଠିଥିବା ପରିବା ଦୋକାନ ଓ ଅନ୍ୟାନ୍ୟ ଦୋକାନ ସବୁ ଗଢି ଉଠିଥିବାରୁ ଯେତିକି କ୍ଷୁବ୍ଧ ହେଉ, ଗୋରୁ ଗାଈ ମାନଙ୍କୁ ଗୁହାଳରେ ନରଖି ଛାଡ଼ିଦେଉଥିବାରୁ ମଧ୍ୟ ଲୋକମାନଙ୍କ ପ୍ରତି ଦୃଷ୍ଟିକୋଣ ଭଲ ନଥାଏ ଆମର ।

ସେହିସବୁ ସ୍ମୃତି ମନ ହୃଦୟରେ ଜୀବନ୍ତ ଥିବାବେଳେ ବଡ ହେଲା ପରେ ଲକ୍ଷ୍ମୀ ବଜାର ଉଠିଯିବା, ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କ ପଦକ୍ଷେପ ରେ ବିଭୋର ହୋଇ ସେଇ ପୁରୁଣା ରାସ୍ତାର ନବକଳେବର ରୂପ ଦେଖି ପରବର୍ତ୍ତୀ ଜୀବନରେ ବିମୋହିତ ହୋଇ ସେସବୁ ପୁରୁଣା ସ୍ମୃତି ମନେପକାଇ ହସୁଥିଲା ବେଳେ, ଟିଭି ସମ୍ବାଦ ଉପରେ ଓ ସୁପ୍ରିମକୋର୍ଟଙ୍କ ସନ୍ଦର୍ଭ ଜାଣିବାକୁ ପାଇ ପୁରୀ ବଡମନ୍ଦିର ପ୍ରତି ବିପଦ ଅଛି । ଭାବିଲା ବେଳକୁ ହୃଦୟ ଭାଙ୍ଗି ପଡୁଥିଲା ଯେତିକି, ଜଗନ୍ନାଥ ଅଛନ୍ତି ନିଜ ରକ୍ଷା ସହ ଶହ ଶହ ଲୋକଙ୍କୁ ରକ୍ଷା କରିବେ ଭାବନାରେ କଲେଜ ବେଳର ସ୍ମୃତି ତାଜା ଓ ମଧୁର ଲାଗୁଥିଲା ସେତିକି ।

ହିନ୍ଦୁ ଧର୍ମରେ ଅନେକ ପର୍ବପର୍ବାଣି ପାଳନ କରାଯାଏ । କଥାରେ ଅଛି ବାର ମାସରେ ତେର ପର୍ବ । ଅଁଳା ନବମୀ ପରେ କାର୍ତ୍ତିକ ପୂର୍ଣ୍ଣମୀ ପାଳନ କରାଯିବ । ହିନ୍ଦୁ ଧର୍ମରେ ଅଁଳା ନବମୀର ଅନେକ ମହତ୍ଵ ରହିଛି । କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଅଁଳା ନବମୀ ପାଳନ କରାଯାଏ । ଏହି ଦିନ ଅଁଳା ଗଛକୁ ପୂଜା କରାଯାଏ । ଅଁଳା ନବମୀ ସହ ଜଡିତ କିଛି ଖାସ କଥା ସମ୍ପର୍କରେ ଜାଣିବାକୁ ପାଇଲି ଯେବେ ପୁରୀ ଝିଅ ହୋଇ ସାକ୍ଷୀଗୋପାଳ ବୋହୂ ହେଲି । ଅଁଳା ନବମୀ ଦିନ ସର୍ବ ପ୍ରଥମେ ମା' ଲକ୍ଷ୍ମୀଙ୍କୁ ଆରାଧନା କରାଯାଇଥାଏ । ଏହା ପଛରେ ଏକ କାରଣ ରହିଛି । ଏକ କଥା ଅନୁସାରେ, ଥରେ ମା' ଲକ୍ଷ୍ମୀ ପୃଥିବୀଲୋକକୁ ଭ୍ରମଣ କରିବାକୁ ଆସିଥିଲେ । ପୃଥିବୀକୁ ଆସିବା ପରେ ଭଗବାନ ବିଷ୍ଣୁ ଓ ଭଗବାନ ଶିବଙ୍କ ପୂଜା ଏକାସଙ୍ଗେ କରିବାକୁ ତାଙ୍କୁ ଇଚ୍ଛା ହେଲା । ସେତେବେଳେ ସେ ମନେପକାଇଲେ ଯେ ତୁଳସୀ ନାରାୟଣଙ୍କ ପ୍ରିୟ କିନ୍ତୁ ଶିବଙ୍କର ନୁହେଁ.ଶିବଙ୍କ ପୂଜାରେ ତୁଳସୀ ଲାଗେନି, କିନ୍ତୁ ଶିବଙ୍କ ସ୍ୱରୂପ ବେଲର ଗୁଣ ଅଁଳା ବୃକ୍ଷରେ ରହିଛି । ସେଥିପାଇଁ ଅଁଳା ଗଛରେ ଉଭୟ ତୁଳସୀ ଓ ବେଲର ଅଂଶ ରହିଥିବାରୁ ସେତେବେଳେ ମା' ଲକ୍ଷ୍ମୀ ଅଁଳାକୁ ହିଁ ଶିବ ଓ ବିଷ୍ଣୁଙ୍କ ସ୍ୱରୂପ ଭାବି ପୂଜା କଲେ । ମା'ଙ୍କ ପୂଜା ପରେ ଭଗବାନ ଶିବ ଓ ଭଗବାନ ବିଷ୍ଣୁ ପ୍ରକଟ ହେଲେ । ଏହାପରେ ମା'ଲକ୍ଷ୍ମୀ ଅଁଳା ଗଛ ମୂଳରେ ଭୋଜନ ପ୍ରସ୍ତୁତ କଲେ ଓ ଶିବ ଓ ବିଷ୍ଣୁଙ୍କୁ ଭୋଜନ କରାଇଲେ । ସେହିଦିନ ଠାରୁ କାର୍ତ୍ତିକ ମାସ ଶୁକ୍ଳ

ISSN NO.
2582-208X

ପକ୍ଷରେ ଅଁଳା ନବମୀ ଦିନ ଅଁଳା ଗଛକୁ ପୂଜା କରାଯାଇଥାଏ ଏବଂ ଅଁଳା ଗଛ ମୂଳରେ ରୋଷେଇ ମଧ୍ୟ ହୋଇଥାଏ. ସେହିଦିନ ଠାରୁ ଏହି ପ୍ରଥା ଚାଲିଆସିଛି ।

ଅଁଳା ନବମୀ ପୂଜା ବିଧି ଅନୁସାରେ, ଅଁଳା ନବମୀ ଦିନ ସର୍ବ ପ୍ରଥମେ ଭୋରରୁ ଉଠି ସ୍ନାନ ଆଦି କରାଯାଏ, କୌଣସି ପବିତ୍ର ନଦୀରେ ଗାଧୋଇଲେ ଶୁଭ ବୋଲି କୁହାଯାଏ । ଏହାପରେ ଅଁଳା ଗଛ ମୂଳରେ କ୍ଷୀର, ଅକ୍ଷତ, ଧୂପ-ପୁଷ୍ପ ଆଦି ଅର୍ପଣ କରାଯାଏ । ଏହାପରେ ବିଧି ପୂର୍ବକ ଅଁଳା ଗଛକୁ ପୂଜା କରାଯାଏ.ପୂଜା ପରେ ଗଛ ଚାରିପଟେ ସାତ ଥର ପରିକ୍ରମା କରିବା ଉଚିତ । ପରିକ୍ରମା ପରେ ଦୀପ ଜାଳି ଅଁଳା ନବମୀକଥା ଶୁଣିବା ଉଚିତ । ଅଁଳାଫଳ ଖାଇଲେ ମଧ୍ୟ ମିଳିଥାଏ ଭଗବାନଙ୍କ ଆଶୀର୍ବାଦ ।

ପୁରାଣ କଥା ଅନୁସାରେ ଅଁଳା ଫଳ ଖାଇଲେ ମଧ୍ୟ ଭଗବାନ ବିଷ୍ଣୁଙ୍କ କୃପା ପ୍ରାପ୍ତ ହୋଇଥାଏ । ଅଁଳାର ଅନେକ ଗୁଣ ରହିଛି । ଏହାର ଅନେକ ସ୍ୱାସ୍ଥ୍ୟଗତ ଲାଭ ରହିଛି । ଅଁଳା ରସ ସେବନ ସ୍ୱାସ୍ଥ୍ୟ ପାଇଁ ହିତକର । ଅଁଳା ରସ ସେବନ କଲେ ଧର୍ମ ସ୍ଥାପନା ହୋଇଥାଏ ବୋଲି ପୁରାଣରେ କୁହାଯାଇଛି । ଅଁଳା ଜଳରେ ସ୍ନାନ କଲେ ଗରିବୀ ଦୂର ହୋଇଥାଏ ଏବଂ ସୁଖ ପ୍ରାପ୍ତ ହୋଇଥାଏ । ହିନ୍ଦୁ ଧର୍ମ ଶାସ୍ତ୍ରରେ ଆଉ ଏକ ବିଶ୍ୱାସ ରହିଛି ଯେ ଯେଉଁଠାରେ ଅଁଳା ଗଛ ଥାଏ ସେଠାରେ ଭଗବାନ ବିଷ୍ଣୁ ବାସ କରନ୍ତି । ଅଁଳା ନବମୀର ଏକ ଗୁରୁତ୍ୱପୂର୍ଣ କଥା ହେଲା, ଅଁଳା ନବମୀ ଦିନ ଅଁଳା ଗଛକୁ ପୂଜା କରାଯାଇଥାଏ । ସେଥିପାଇଁ ଏହି ଦିନ ଅଁଳା ସେବନ କରିବା ଉଚିତ ନୁହେଁ। ଉତ୍ତର ଭାରତୀୟ ରୀତିନୀତିରେ ସାକ୍ଷୀଗୋପାଳ ମନ୍ଦିରରେ ପୂଜା ବିଧି ରହିଛି । ଏଠାରେ ଠାକୁରାଣୀ ଉତ୍ତର ଭାରତୀୟ ବେଶଭୂଷା ପରିଧାନ କରିଥାନ୍ତି । ତେଣୁ ବର୍ଷସାରା ଠାକୁରାଣୀଙ୍କ ପାଦ ଆବୃତ୍ତ ହୋଇ ରହିଥାଏ । ଅଁଳା ନବମୀରେ ଠାକୁରାଣୀ ଓଡ଼ିଆଣୀ ବେଶ ହୁଅନ୍ତି। ଏହି ଅବସରରେ ପାଦ ଦର୍ଶନ ଲାଗି ଭକ୍ତଙ୍କୁ ସୁଯୋଗ ମିଳିଥାଏ ।

ରାଜା ଉନମା ଯମୁନାନଦୀକୂଳରୁ ଆଣିଥିବା ଶ୍ରୀକୃଷ୍ଣଙ୍କ ମଣିବିଗ୍ରହ ସାକ୍ଷାତ ମୂର୍ତ୍ତି ଭାବେ ବୃନ୍ଦାବନରେ ଅଧିଷ୍ଠିତ ହୋଇଥିଲେ । ପରବର୍ତ୍ତୀ ସମୟରେ ଏହି ମଣିବିଗ୍ରହ ବୃନ୍ଦାବନରୁ କାଞ୍ଚିର ଜଣେ ଶ୍ରୀବତ୍ସ ବ୍ରାହ୍ମଣ ପାଇଁ ସାକ୍ଷୀ ଦେବା ପାଇଁ ଆସି କାଞ୍ଚିରେ ରହି ଆଉ ବୃନ୍ଦାବନ ଫେରିଲେ ନାହିଁ ଓ ସାକ୍ଷୀଗୋପାଳ ନାମରେ ପୂଜା ପାଇଲେ । ପରେ ଓଡ଼ିଶାର ରାଜା ପୁରୁଷୋତ୍ତମଦେବ କାଞ୍ଚି ବିଜୟ କରି ପ୍ରଭୁ ଶ୍ରୀସାକ୍ଷୀଗୋପାଳଙ୍କୁ ସଙ୍ଗରେ ପୁରୀକୁ ନେଇଆସିଲେ । ପୁରୀରୁ କଟକସ୍ଥ ବାରବାଟୀ ଦୁର୍ଗ, ବାରବାଟି ଦୁର୍ଗରୁ ଖୋର୍ଦ୍ଧାସ୍ଥ ରଥିପୁର

ISSN NO.
2582-208X

ଓ ପରେ କନ୍ତଲବାଇକୁ ପ୍ରଭୁଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା । ଶେଷରେ ପ୍ରଭୁଙ୍କ ମଣିବିଗ୍ରହ ପୁରୀ ଶ୍ରୀମନ୍ଦିରର ଭୋଗମଣ୍ଡପ ନିକଟରେ ସ୍ଥାପିତ ହେଲା.ସାକ୍ଷୀଗୋପାଳ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତିଷ୍ଠିତ ହେବାର ଅଳ୍ପଦିନ ପରେ ରାଜାରାମଚନ୍ଦ୍ରଦେବଙ୍କୁ, ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଷ ହେଲା । ସାକ୍ଷୀଗୋପାଳ ଭୋଗବୁହା ବାଟ ପାଖରେ ବସି ଆମର ପିଠା ଆଦି ସମସ୍ତ ମିଷ୍ଟାନ୍ନ ପଦାର୍ଥଗୁଡ଼ିକୁ ଆଗରୁ ଉଚ୍ଛିଷ୍ଟ କରି ଦେଉଛନ୍ତି, ଆମେ ଉପବାସ ରହୁଛେ । ରାଜାଙ୍କ ନିଦ ତତକ୍ଷଣାତ ଭାଙ୍ଗିଗଲା, ରାଜା ଭାରି ବ୍ୟସ୍ତ ହୋଇପଡ଼ିଲେ । ରାଜା ଏହିପରି ଅଶ୍ୱସ୍ତିକର ଅବସ୍ଥାରେ ଥିବା ସମୟରେ ବାବା ବ୍ରହ୍ମଚାରୀ ନାମକ ଜଣେ ସନ୍ନ୍ୟାସୀ ରାଜାଙ୍କ ପାଖକୁ ଯାଇ କହିଲେ ହେ ରାଜନ... ପୁରୀଠାରୁ ପନ୍ଦର ମାଇଲ ଦୂର ବ୍ରାହ୍ମଣ ଶାସନର କେନ୍ଦ୍ରସ୍ଥଳ ପୁଣ୍ୟତୋୟା ରତ୍ନଚିରା ନଦୀ ତୀରବର୍ତ୍ତୀ ଛୁରିଅନା, ବକୁଳ, ତମାଳ, କେତକୀ ଓ ନାରିକେଳ ବୃକ୍ଷ ପରିପୂର୍ଣ୍ଣ ପ୍ରାକୃତିକ ବନରେ ଶ୍ରୀ ସାକ୍ଷୀଗୋପାଳଙ୍କୁ ସ୍ଥାପନ କର । ଏହି ଧାମ ଠିକ ବୃନ୍ଦାବନ ଧାମ ପରି । ରାଜା ଶ୍ରୀରାମଚନ୍ଦ୍ର ଦେବ ବାବା ବ୍ରହ୍ମଚାରୀଙ୍କ ପରାମର୍ଶକ୍ରମେ ସାକ୍ଷୀଗୋପାଳଙ୍କ ଇଚ୍ଛା ଭାବି ଏହି ପ୍ରାକୃତିକ ବନରେ ପ୍ରଥମେ ସିଦ୍ଧବଳରାମଙ୍କ ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରାଇ ଶ୍ରୀସାକ୍ଷୀଗୋପାଳଙ୍କୁ ସ୍ଥାପନ କରାଇଲେ । ପରବର୍ତ୍ତୀ କାଳରେ ବର୍ତ୍ତମାନର ମନ୍ଦିର ନିର୍ମାଣ କରାଯାଇଅଛି । ଶ୍ରୀକୃଷ୍ଣ ସାକ୍ଷୀଗୋପାଳ ରୂପେ ରହିଲେ ସାକ୍ଷୀଗୋପାଳରେ, ଶ୍ରୀରାଧା ରହିଲେ ବୃନ୍ଦାବନରେ । ପରସ୍ପର ସହିତ ମିଳନ ନ ହେବାରୁ ଉଭୟେ ଭାରି ଅଶ୍ୱସ୍ତି ଅନୁଭବ କଲେ । ସମୟକ୍ରମେ ପ୍ରିୟା ଶ୍ରୀରାଧା ସେବକସାହିସ୍ଥିତ ଶ୍ରୀସାକ୍ଷୀଗୋପାଳଙ୍କ ବଡ଼ପଣ୍ଡା ବେଲେଶ୍ୱର ମହାପାତ୍ରଙ୍କ ଘରେ ମାନବୀ ପ୍ରିୟା ଲକ୍ଷ୍ମୀ ରୂପରେ ଜନ୍ମଲାଭ କଲେ । ପ୍ରଭୁ ସାକ୍ଷୀଗୋପାଳ ନିତ୍ୟ ରାତ୍ରର ତୃତୀୟ ପ୍ରହରରେ ମନ୍ଦିର ଛାଡ଼ି ଆସି ଲକ୍ଷ୍ମୀ ସହ ଲକ୍ଷ୍ମୀଙ୍କ ବାସଭବନରେ ମିଳିତ ହୁଅନ୍ତି । ଗୁପ୍ତ ବୃନ୍ଦାବନ ରୂପେ ପରିଚିତ ବକୁଳବନରେ ଲକ୍ଷ୍ମୀସହ କେଳି କରନ୍ତି । ଅଧିକାଂଶ ସମୟରେ ପ୍ରଭୁଙ୍କ ବଂଶୀ, ରାତ୍ରପିନ୍ଧା ବସନ, ଚୂଳ ଆଦି ଲକ୍ଷ୍ମୀଙ୍କ ଶୟନ ଶେଜରୁ ମିଳିବାରୁ ରାଜା ବଡ଼ପଣ୍ଡାଙ୍କୁ ଚୋର କହି ନାନା ନିର୍ଯ୍ୟାତନା ଦେଲେ । ବଡ଼ପଣ୍ଡା ବେଲେଶ୍ୱର ମହାପାତ୍ରେ ନିରୁପାୟ ହୋଇ ସାକ୍ଷୀଗୋପାଳଙ୍କର ଶରଣ ପଶିଲେ । ଭକ୍ତବତ୍ସଳ ଭଗବାନ ପ୍ରଭୁ ସାକ୍ଷୀଗୋପାଳ ରାଜାଙ୍କୁ ସ୍ୱପ୍ନରେ କହିଲେ... ହେ ରାଜନ ! ବଡ଼ପଣ୍ଡା ନିର୍ଦ୍ଦୋଷ, ମୋର ପ୍ରିୟା ରାଧା ତାଙ୍କ ଘରେ ଲକ୍ଷ୍ମୀ ରୂପରେ ଜନ୍ମଲାଭ କରିଛି । ତୁମେ ଯଥାଶୀଘ୍ର ଲକ୍ଷ୍ମୀଙ୍କ ପରି ଏକ ସୁବର୍ଣ୍ଣ ପ୍ରତିମା ନିର୍ମାଣ କରାଇ ମୋ ପାଖରେ ପ୍ରତିଷ୍ଠା କର । ପ୍ରଭୁଙ୍କ ସ୍ୱପ୍ନାଦେଶ ଅନୁସାରେ ରାଜା ଗଡ଼ଜାତ ରଣପୁର ଅଞ୍ଚଳରୁ କେତେକ କୁଶଳୀ କାରିଗର

ISSN NO.
2582-208X

ଅଣାଇ ଲକ୍ଷ୍ମୀଙ୍କ ପରି ଗୋଟିଏ ସୁବର୍ଣ୍ଣ ମୂର୍ତ୍ତି ନିର୍ମାଣ କରାଇଲେ । ମୂର୍ତ୍ତିଟି ନିର୍ମାଣ ଆରମ୍ଭ ଦିନରୁ ଲକ୍ଷ୍ମୀ ରୋଗରେ ଶଯ୍ୟାଶାୟୀ ହେଲେ । ମୂର୍ତ୍ତୀର ଜୀବନ୍ୟାସ ଦିଆହେବା ସମୟରେ ଲକ୍ଷ୍ମୀ ଇହଲୀଳା ସମ୍ବରଣ କରିଥିଲେ ।ପ୍ରଭୁ ସାକ୍ଷୀଗୋପାଳଙ୍କ ଇଚ୍ଛାନୁଯାୟୀ ତାଙ୍କର ପ୍ରିୟା ଲକ୍ଷ୍ମୀଙ୍କ ମର ଶରୀରକୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ସଂସ୍କାର କରାଯାଇଥିଲା । କିମ୍ବଦନ୍ତୀକୁ ସ୍ମରଣ ରଖିବା ପାଇଁ ପରବର୍ତ୍ତୀ ସମୟରେ ଲକ୍ଷ୍ମୀଙ୍କ ସମାଧି ସ୍ଥଳରେ ଏକ ମହାବୀର ମନ୍ଦିର ପ୍ରତିଷ୍ଠା କରାଗଲା । ଲକ୍ଷ୍ମୀଙ୍କୁ ରାଧିକା ରୂପେ ପାଇ ଶ୍ରୀସାକ୍ଷୀଗୋପାଳଙ୍କ ଦୀର୍ଘ ଦିନର ମନସ୍କାମନା ପୂର୍ଣ୍ଣ ହେଲା । ଠାକୁର ପଶ୍ଚିମାଞ୍ଚଳବାସୀ ହୋଇଥିବାରୁ ଅନ୍ନପ୍ରସାଦ ପରିବର୍ତ୍ତେ ଗହମ ଜାତ ସାମଗ୍ରୀ ଭୋଗ କରାଗଲା । ପଶ୍ଚିମାଞ୍ଚଳ ମହିଳାଙ୍କ ପରି ଦେବୀ ଶ୍ରୀରାଧାଙ୍କ ପିନ୍ଧା ଶାଢ଼ୀଦ୍ୱାରା ତାଙ୍କର ପାଦପଦ୍ମ ବର୍ଷସାରା ଘୋଡ଼ାଇ ହୋଇ ରହିଲା । ଏହି ଭଳି କିଛି ଦିନ ଯିବା ପରେ କେତେକ ସେବକ ବିଚାରକଲେ ଠାକୁରାଣୀ ଶ୍ରୀରାଧା ମାନବୀ ପ୍ରିୟା ଲକ୍ଷ୍ମୀ ରୂପେ ଆମ ଓଡ଼ିଶାରେ ଆସି ସତ୍ୟବାଦୀରେ ରହିଲେ କିନ୍ତୁ ଦିନେ ହେଲେତ ଓଡ଼ିଆଣୀ ବେଶ ହେଲେ ନାହିଁ । ପରିଶେଷରେ ସ୍ଥିର ହେଲା ରାଧା ରୂପେ ପୂଜା ପାଉଥିବା ମାନବୀ ପ୍ରିୟା ଲକ୍ଷ୍ମୀଙ୍କ ଜନ୍ମଦିନ କାର୍ତ୍ତିକମାସ ଶୁକ୍ଳପକ୍ଷ ନବମୀ ତିଥିରେ ଓଡ଼ିଆଣୀ ବେଶ ଅନୁଷ୍ଠିତ ହେବ । ବେଶ ସମୟରେ ଠାକୁରାଣୀ କାଣିଆ କଛା ମାରନ୍ତି, ଫଳରେ ବର୍ଷସାରା ଶାଢ଼ୀରେ ଆବୃତ ହୋଇ ରହିଥିବା ଠାକୁରାଣୀଙ୍କ ପାଦପଦ୍ମ ଦ୍ୱୟକୁ ଭକ୍ତମାନେ ଏହି ଦିନ ଦର୍ଶନ କରିଥାନ୍ତି. ଗୋପାଳଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇ ମସ୍ତକରେ ସ୍ୱର୍ଣ୍ଣ କିରୀଟ, ହାତରେ ସୁବର୍ଣ୍ଣ ବଂଶୀ ସାଙ୍ଗକୁ ନଟବର ବେଶରେ ଏବଂ ରାଧାଙ୍କୁ ଖଣ୍ଡୁଆ ପାଟବସ୍ତ୍ର ସହ କିରୀଟ, ପାଉଁଜି, ଝୁଣ୍ଟିଆ, କୁଣ୍ଡଳ, ଚାପସରି ସେବତୀ ହାର, ନୋଥ, ଗୁଣା ଏବଂ ଅଁଳା ହାର ଲାଗି କରାଯାଏ । ଏବେ ପୁରୀରେ ରହୁଥିବା କାର୍ତ୍ତିକବ୍ରତ ପୂଜା କରୁଥିବା କାର୍ତ୍ତିକିଆଳିମାନେ ଖୁବ ସ୍ୱାଚ୍ଛନ୍ଦ୍ୟ ଓ ଆନନ୍ଦରେ ପୁରୀରେ ରହି ଅଁଳା ନବମୀ ଦିନ ସାକ୍ଷୀଗୋପାଳ ଆସି ଅଁଳା ଗଛ ପୂଜା କରି ରାଧାରାଣୀଙ୍କ ଓଡ଼ିଆଣୀ ବେଶ ଦର୍ଶନ କରିବା ଦେଖି ମତେ କୃତ୍ୟ କୃତ୍ୟ ଲାଗେ ଯା ହେଉ ସମୟ ବଡ଼ ବଳବାନ ବୋଲି ମନେହୁଏ । ଅଁଳା ଗଛସବୁକୁ ବାଣ୍ଟିବା ଓ ଲଗେଇବାକୁ ଦାଇତ୍ୱ ନେଇ ବୁଝେଇ ଚାଲିଥିଲି କାର୍ତ୍ତିକିଆଳୀ ମାଉସୀମାନଙ୍କୁ ।

ସାକ୍ଷୀଗୋପାଳ, ପୁରୀ/9040977327

ISSN NO.
2582-208X

# ଶାରଦୀୟ ମହୋତ୍ସବ



କୁଞ୍ଜବିହାରୀ ସାହୁ

ଫୁଟିଲାଣି କାଶତଣ୍ଡୀ ଚମକାଇ ପଠା
ନଈ ପାଣି ଆଙ୍କିଦେଲା ନିରିମଳ ଛଟା ।
ପୋଖରୀର ଛାତି ପରେ ପଦୁଅଁ ଓ କଇଁ
ଡାକିଲାଣି ମୁହଁ ଟେକି ଦେଖେଇ ତା ଛଇ ।

ନୀଳାକାଶେ ତୂଳାପରି ମେଘ ଚେକା ଚେକା
ବୁଲିଲାଣି ମନଇଛା ହୋଇଗଲା ଦେଖା ।
ଗେଣ୍ଡାଳିଆ ଉଡ଼ିଲାଣି ଝାଡ଼ିଝୁଡ଼ି ପର
ପିଲାମାନେ ଗୋଟେଇଲେ ହୋଇ ତରତର ।

ଭୋର ହେଲେ ଉଠିପଡ଼ି କୂଳ ନୂଆବୋହୂ
ପଖାଳିଲା ଗୋରା ଦେହ ସରମରେ ସେହୁ ।
ପ୍ରଣମିଲା ଦେବାଦେବୀ ଶୁଭାଶିଷ ପାଞ୍ଚି
ସଭିଙ୍କୁ ତ ଶୁଭ ଫଳ ଦିଅ ବାଛି ବାଛି ।

ଶାରଦୀୟ ମହୋତ୍ସବ ଆରମ୍ଭିଲା ଯେଣୁ
ମା ଦୁର୍ଗା ଧରାଧାମେ ଆସିଗଲେ ତେଣୁ ।
ବିନାଶିଲେ ଦୁଷ୍ଟ ପାପୀ ଅହଂକାରୀ ଜନ
ସଂସ୍ଥାପନ କରିଦେଲେ ହୋଇ ଏକ ମନ ।

ପାଣପଡା, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ଓଁକାର



ଶମ୍ଭୁନାଥ ଦାସ

ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଶୂନ୍ୟରେ ଓଁକାର
ଏ ସଂସାର ଶ୍ରେଷ୍ଠ ମଧ୍ୟେ ସର୍ବଶ୍ରେଷ୍ଠ ଯା'ର
ହିନ୍ଦୁ କୁହେ ଏ ଓଁକାର ପରମ ଇଶ୍ୱର
ମୁସଲିମ୍ ଭାବଗର୍ଭେ ଚନ୍ଦ୍ରବିନ୍ଦୁ ସାର
ଜୈନ ବୌଦ୍ଧ କିବା ଖ୍ରୀଷ୍ଟିୟାନ,
ଗୀତାର ସାରାଂଶ ମଧ୍ୟେ ଥାଏ ତେଜୀୟାନ ।

ଅନନ୍ତ ନିଳୟ ଊର୍ଦ୍ଧ୍ୱେ ନକ୍ଷତ୍ର-ମଣ୍ଡଳ
ଗ୍ରହ-ଉପଗ୍ରହ ପ୍ରାଣ ଯେ' ସୂର୍ଯ୍ୟମଣ୍ଡଳ
ଯାହାର କିରଣ ନେଇ ସର୍ବେ ଆଲୋକିତ
ଶାନ୍ତି-ମୈତ୍ରୀର ପ୍ରତୀକ ଅବନୀର ସୁତ
ଦଗ୍ଧ ପ୍ରାଣ କରଇ ଶୀତଳ,
ଗ୍ରହ-ଉପଗ୍ରହ ଦେଖ ବିଶ୍ୱେ ହଳାହଳ ।

ତ୍ରିପିଟକ ବାଇବେଲ ଅଥବା କୋରାନ
ଗୀତା ମଧ୍ୟେ ଲୁକ୍କାୟିତ ଏହି ସର୍ବ ଜ୍ଞାନ
ସତ୍ୟ ଶାନ୍ତି ଦୟା କ୍ଷମା ଗୀତାର ସାରାଂଶ
ପ୍ରାଣୀଙ୍କ ସେବାରେ ନିତ୍ୟ ହୁଅଇ ପ୍ରକାଶ

ISSN NO.
2582-208X

ଦେଖ ସର୍ବେ ଏ ବିଶ୍ୱ ମଧ୍ୟରେ,
ଏକ ଧର୍ମ ସମନ୍ୱୟ ବିଭିନ୍ନ ରୂପରେ ।

ଜାତି ଧର୍ମ ବର୍ଣ୍ଣ କିଛି ନାହିଁ ଏହି ଭବେ
ସର୍ବେ ଭାସୁଛନ୍ତି ବସି ଏକ ଭଙ୍ଗା ନାବେ
ଭବରୂପୀ ଭାବ ମନେ ବିରାଟ ସାଗର
ଭବରୁ ଉଦ୍ଧାର ପାଇଁ ଚିନ୍ତ ହେ ଈଶ୍ୱର
ଜଗନ୍ନାଥ ଜଗତ କରତା,
ରୂପ ଯା'ର ବିଶ୍ୱବ୍ୟାପୀ ବିଶ୍ୱରେ ସେ' ପିତା ।।

ମୁଖ୍ୟ ସମ୍ପାଦକ : ଅଭିଯାନ
ସମ୍ଭ୍ରାନ୍ତ ଓଡ଼ିଆ ସାହିତ୍ୟ ପତ୍ରିକା,କୋଲକାତା
ସା/କଣ୍ଟିବାଙ୍କ (ପାଲଟପୁର), ମଙ୍ଗଳପୁର, ଯାଜପୁର-୭୫୫୦୧୧
ମୋବାଇଲ ନଂ: ୯୦୩୮୩୯୭୧୩୫

ISSN NO.
2582-208X

# ରାଜନୈତିକ ଓ ନକ୍ସଲବାଦୀ ସମସ୍ୟାର ବାସ୍ତବାୟିତ ରୂପାୟନ : ଉପନ୍ୟାସ 'ନକ୍ସଲ' – ଏକ ଅଧ୍ୟୟନ

ମମତା ରାଣୀ ବାରିକ

## ଉପକ୍ରମ :

ଦୂରଦୃଷ୍ଟିସମ୍ପନ୍ନ, ସଂସ୍କୃତି ସଚେତନ ଓ ନୀତିନିଷ୍ଠ ଶାସକ ହିଁ ଏକ ଆଦର୍ଶମୟ ଓ ମୁକ୍ତ ସମାଜର ଗଠନରେ ସହାୟକ ହୋଇଥାଏ। ଏହି ଆଦର୍ଶର ବିଚ୍ୟୁତି ଘଟିଲେ ସମାଜରେ ପ୍ରବେଶ କରେ ବ୍ୟଭିଚାର। ଜୀବନ ହୁଏ ବିଷାକ୍ତ। ସାଧାରଣ ବ୍ୟକ୍ତିବିଶେଷ ଅକଳନ୍ତି ବାଧାବିଘ୍ନରେ ହୁଅନ୍ତି ସମ୍ମୁଖୀନ। ଏହି ସମସ୍ୟାମୟ, ଅସଜଡ଼ା ସମାଜକୁ ନିଜ ଲେଖନୀ ମୁନରେ ରୂପଦେଇ ଏକ ସଂସ୍କାରମୁଖୀ ସମାଜ ଗଠନର ଆହ୍ୱାନ ଦେଉଥିବା ଜଣେ ସାହିତ୍ୟିକ ହେଉଛନ୍ତି ସୃଷ୍ଟିଧର ପରିଡା। ସେ ଏକାଧାରାରେ ଜଣେ ସାମ୍ବାଦିକ, ଗାଳ୍ପିକ, ସ୍ତମ୍ଭକାର ଏବଂ ଔପନ୍ୟାସିକ। ଏକବିଂଶ ଶତାବ୍ଦୀର ଜଣେ ସମାଜମନସ୍କ ଓ ମାନବିକ ମୂଲ୍ୟବୋଧଯୁକ୍ତ ସୃଜନ ସ୍ରଷ୍ଟା ଭାବରେ ସେ ବେଶ ପରିଚିତ। ସମାଜର ବାସ୍ତବତାକୁ ଉପଲବ୍ଧି କରି ନିଜର ଶୈଳୀଗତ ପରୀକ୍ଷଣ ମାଧ୍ୟମରେ ସେ ପାଠକ ପାଇଁ ପରଶି ଦିଅନ୍ତି ନିଜର ସୃଜନ ସୃଷ୍ଟି । 'ନୀତି ଦୁର୍ନୀତି ରାଜନୀତି ' ପ୍ରବନ୍ଧ ପୁସ୍ତକ, 'ସନ୍ଧିକ୍ଷଣ ' ଉପନ୍ୟାସ ଓ 'ଅରମ୍ୟ ଅରଣ୍ୟ ' ପରି ରାଜନୈତିକ ଉପନ୍ୟାସ ତାଙ୍କ ସୃଜନ କଳାର ଦୃଷ୍ଟାନ୍ତ।

ଆଲୋଚ୍ୟ ଉପନ୍ୟାସ 'ନକ୍ସଲ' ସ୍ରଷ୍ଟାଙ୍କର ତୃତୀୟ ସୃଷ୍ଟି। ସମାଜରେ ପ୍ରଚଳିତ କଳୁଷିତ ରାଜନୈତିକ ଶୈଳୀପ୍ରତି ଏହା ଏକ କଟାକ୍ଷ। ଏହା ପ୍ରାକ କଥନ ଶୈଳୀରେ ରଚିତ। କଳଙ୍କିତ ରାଜନୈତିକ ଅବହାଓ୍ୱା ଯୋଗୁଁ ସମାଜରେ ଯେଉଁ

ISSN NO.
2582-208X

ଅଘଟଣ ଘଟିଛି ଏବଂ ନକ୍ସଲ ବାଦ ପରି ଏକ ବିରାଟ ସମସ୍ୟାର ସୃଷ୍ଟି ହୋଇଛି ତାହା ଏଥିରେ ସ୍ପଷ୍ଟ ରୂପ ପାଇଛି। ଭାରତ ସ୍ୱାଧୀନତା ର କାହାଣୀଠାରୁ କଥାବସ୍ତୁର ଆରମ୍ଭ ହୋଇ ସାମ୍ପ୍ରତିକ ସମାଜର ସ୍ଥିତି ପର୍ଯ୍ୟନ୍ତ ଏହା ପ୍ରଲମ୍ବିତ ରହିଛି ସରଳ ଭାବରେ। ଉପନ୍ୟାସର କଥାବସ୍ତୁ ରୁନୁ ଚରିତ୍ରର ସ୍ମୃତି ରୋମନ୍ଥନ ମଧ୍ୟରେ ବିକାଶ ଘଟି ସାମ୍ପ୍ରତିକ କାଳର ସମସ୍ୟାକୁ ରୂପାୟିତ କରିଛି।

## ବିଷୟାନୁସାରୀ ବିଶ୍ଳେଷଣ :

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କୃଷ୍ଣଚନ୍ଦ୍ର ସାମନ୍ତରାୟଙ୍କର ଏକମାତ୍ର ଅଲିଅଳି କନ୍ୟା ରୁନୁ ଆଜି ସଂପୂର୍ଣ୍ଣ ଅସହାୟ। ସ୍ୱାମୀ ଥାଇ ମଧ୍ୟ ସେ ଏକ ସନ୍ୟାସିନୀର ନିଃସଙ୍ଗ ଜୀବନ ବଞ୍ଚିଛନ୍ତି। ଏକମାତ୍ର ପୁତ୍ର ଅବିନାଶ ଠାରୁ ବାଧ୍ୟବାଧକତାରେ ବିଚ୍ଛିନ୍ନ ହୋଇ ରହିଛନ୍ତି ଏବଂ ତାର ମା ' ଡାକ ଶୁଣିବାକୁ ଚାହିଁ ରହିଛନ୍ତି ଚାତକ ପରି। ତାଙ୍କୁ ଆହୁରି ଅସହାୟ କରି ପକାଇଛି ଏକମାତ୍ର ପୁଅର ନକ୍ସଲପନ୍ଥା କୁ ଚୟନ କରିବାର ନିଷ୍ପତ୍ତି। ସୁନାର ସଂସାର ତାଙ୍କର ଉଜୁଡି ଯାଇଛି କେବଳ କଳୁଷିତ ରାଜନୀତି ପାଇଁ। ଏହି ଉଜୁଡା ଜୀବନର ଧାରାକୁ ସେ ମନେପକାଇଛନ୍ତି ଖୁବ ଅସହାୟ ହୋଇ ଏବଂ କିଛି ସମାଧାନର କାମନା ମଧ୍ୟ କରିଛନ୍ତି ସମାଜର ଜଟିଳ ପରିସ୍ଥିତିର ସୁଧାର ପାଇଁ। ଏହି ରୁନୁଙ୍କ ସମଗ୍ର ଜୀବନର ରୂପ ମଧ୍ୟରେ ସମାଜ, ରାଜନୀତି ଆଦିର ବିବର୍ତ୍ତନ ଧାରା ଓ ଅନେକ ସମସ୍ୟାର ଉତ୍ଥାନ ଓ ଚରମ ପରିଣତିରେ ଉପନିତ ହେବାର ଘଟଣା ରୂପାୟିତ କରିଛନ୍ତି ଔପନ୍ୟାସିକ।

ଦେଶର ମୁକ୍ତି ସଂଗ୍ରାମରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରି ଜଣେ ଦକ୍ଷ ଦେଶପ୍ରେମୀ ଓ ସ୍ୱାଧୀନତା ସଂଗ୍ରାମୀରୂପେ ଗୌରବମୟ ଜୀବନଧାରଣ କରିଥିଲେ କୃଷ୍ଣଚନ୍ଦ୍ର ସାମନ୍ତରାୟ ଏବଂ କୈଳାସ ବାହିନୀ ପତି। ଉଭୟଙ୍କ ମଧ୍ୟରେ ଥିବା ଘନିଷ୍ଠ ବନ୍ଧୁତାକୁ ଅଧିକ ମଜବୁତ ଓ ସୁଦୃଢ କରିବା ପାଇଁ ନିଜର ପୁଅ ଓ ଝିଅକୁ ବିବାହ ସୂତ୍ରରେ ସେମାନେ ଛନ୍ଦି ଦେଇଥିଲେ। ସମୟ ସହ ତାଳ ଦେଇ ସ୍ୱାଧୀନତା ସଂଗ୍ରାମ କଠୋର ରୂପଧାରଣ କରିଥିଲା ଏବଂ ଶେଷରେ ଭାରତୀୟମାନେ ପାଇଥିଲେ ସେମାନଙ୍କ ସ୍ୱାଧୀନତା। ଦେଶର ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବାର କ୍ଷମତା ଆସିଲା ସ୍ୱହସ୍ତକୁ। ସେଥିପାଇଁ ପ୍ରସ୍ତୁତ ହେଲା

ISSN NO.
2582-208X

ସମ୍ବିଧାନର ନୀତିନିୟମ ଓ ଶାସନ ଖସଡ଼ା। ନିରପେକ୍ଷ ନିର୍ବାଚନ ପାଇଁ ବିଧାନସଭା ଓ ସଂସଦର ନିର୍ବାଚନ କ୍ଷେତ୍ର ପ୍ରସ୍ତୁତ ହେଲା। ଅଞ୍ଚଳରେ ଯଥେଷ୍ଟ ସୁନାମ ଥିବାହେତୁ ସ୍ୱାଧୀନତା ସଂଗ୍ରାମୀ କୃଷ୍ଣଚନ୍ଦ୍ର ସାମନ୍ତରାୟଙ୍କୁ ପ୍ରାର୍ଥୀ ହେବାକୁ ଅନୁରୋଧ କରାଯାଇଥିଲା । ମାତ୍ର ଗାନ୍ଧିଜୀଙ୍କ ମତାନୁଯାୟୀ ସ୍ୱାଧୀନତା ସଂଗ୍ରାମୀ ଭୋଟ ରାଜନୀତିରେ ଅଂଶ ଗ୍ରହଣ ନକରିବା ମତରେ ସେ ସହମତ ଥିଲେ। ଶେଷରେ ତାଙ୍କର ଜାମାତା କୈଳାସ ବାହିନୀ ପତିଙ୍କ ପୁଅ ଅମରେଶ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କଲେ ଏବଂ ବିପୁଳ ସମର୍ଥନରେ ବିଜୟ ହେଲେ। ସେତେବେଳେ ଗ୍ରାମର ପରିବେଶ ଥିଲା ଆକର୍ଷଣୀୟ ଓ ଶାନ୍ତ। ପ୍ରତିଟି ଗ୍ରାମ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତାରେ ଯୋଡ଼ି ହୋଇଥିଲେ। ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ଥିଲା ସମାଜ। ତେଣୁ ଖୁବ ଶୃଙ୍ଖଳିତ ଓ ମାର୍ଜିତ ଥିଲା ଜୀବନ। ସେହି ପରିବେଶରୁ ଅମରେଶ ଆସିଥିବାରୁ ଏବଂ ସ୍ୱାଧୀନତା ସଂଗ୍ରାମୀ ବୁନିୟାଦି ସହ ସେ ଜଡିତ ଥିବାରୁ ଦୁର୍ନୀତି ଓ କପଟତାଠାରୁ ସେ ଥିଲା ଯଥେଷ୍ଟ ଦୂରରେ।

ସ୍ୱାଧୀନତା ପୂର୍ବରୁ ଇଂରେଜମାନଙ୍କର ବ୍ୟବସାୟିକ କେନ୍ଦ୍ର ଭାବେ ପ୍ରତିଷ୍ଠିତ ସହରଗୁଡିକ ସ୍ୱାଧୀନତା ପରବର୍ତ୍ତୀ କାଳରେ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବାକୁ ଲାଗିଥିଲେ। ଫଳରେ ସେମାନଙ୍କର ସାମାଜିକ ଓ ସାଂସ୍କୃତିକ ଅବସ୍ଥା ମଧ୍ୟ ଅପେକ୍ଷାକୃତ ମାର୍ଜିତ ଓ ଉନ୍ନତ ଥିଲା। ଏ କ୍ଷେତ୍ରରେ ଆମ ରାଜ୍ୟ ଥିଲା ଯଥେଷ୍ଟ ପଛରେ। ସମୟ ସହ ଏ ଅସମାନତା ବୃଦ୍ଧି ହେବାକୁ ଲାଗିଲା। ଫଳରେ ସମାଜରେ ଧୀରେ ଧୀରେ ଅର୍ଥନୈତିକ ସଙ୍କଟ, ଅଭାବ, ଅନଟନ, ଅଶିକ୍ଷା, ଦାରିଦ୍ର୍ୟ, ସ୍ୱାସ୍ଥ୍ୟସେବା, ଜଳସେଚନ, ନିଯୁକ୍ତି ଆଦିରେ ସୃଷ୍ଟି ହେବାକୁ ଲାଗିଲା ଜଟିଳ ସମସ୍ୟା। କିଛି ବ୍ୟକ୍ତିମଧ୍ୟ ନିଜର ଆଶା, ଆକାଂକ୍ଷା ଓ ଚାହିଦାକୁ ମେଣ୍ଟାଇବାପାଇଁ ଅନେକ ଅସାଧୁ ଓ ବିଶୃଙ୍ଖଳିତ ପଥକୁ ଆଦରିନେଲେ। ଏହାହିଁ ଏପରି ସମସ୍ୟାକୁ ବ୍ୟଗ୍ର କରାଇବାରେ ଲାଗିଲା। ଲୋକଙ୍କର ମୁଣ୍ଡପିଛା ଆୟର ହ୍ରାସ, ତଥା ବହୁ ଅତ୍ୟାଧୁନିକ ସେବାରୁ ଲୋକମାନେ ବଞ୍ଚିତ ହେବାକୁ ଲାଗିଲେ। ଅର୍ଥନୀତିର ଅଧିକାଂଶ ଅଂଶ ମୃଷ୍ଟିମେୟ ଲୋକଙ୍କ ନିୟନ୍ତ୍ରଣରେ ରହିଲା। ଫଳରେ ସମସ୍ୟା ଦିନକୁ ଦିନ ଉତ୍କଟ ହେବାକୁ ଲାଗିଲା। ସାଧାରଣ ଜନତା ନିଜର ସର୍ବନିମ୍ନ ଆବଶ୍ୟକତା ପୂରଣପାଇଁ ମଧ୍ୟ ହେଲେ ଅସମର୍ଥ। ତେଣୁ ଔପନ୍ୟାସିକ

ISSN NO.
2582-208X

କ୍ଷୋଭ କରିଛନ୍ତି ଯେ, "ଏଭଳି ଅବସ୍ଥାରେ ଆମ ନେତାମାନଙ୍କଦ୍ୱାରା ସୃଷ୍ଟ ଅର୍ଥନୈତିକ ଓ ସାମାଜିକ ଅସମାନତା ଯୋଗୁଁ ସମାଜର ୧୦ଭାଗ ଲୋକ ଖାଇପିଇ ଭୋଗବିଳାସ ଓ ଆୟାସିରେ ରହୁଥିଲା ବେଳେ ୯୦ଭାଗ ଲୋକଙ୍କର ଅର୍ଥନୈତିକ ଅବସ୍ଥା ଆହୁରି ଦୟନୀୟ ହୋଇପଡ଼ିଲା। ସେମାନଙ୍କର ମୁଣ୍ଡପିଛା ଆୟ କମି କମି ଯାଇ ଦରିଦ୍ର୍ୟତାର ସୀମାରେଖା ତଳେ ଖଣ୍ଡିଏ ରୁଟି, ବସ୍ତ୍ର ଓ ବାସଗୃହ ପାଇଁ ଅହରହ ସଂଗ୍ରାମ କରିଚାଲିଲେ। "(୧) ଏସବୁ ସମସ୍ୟା ଦିନକୁ ଦିନ ଶିକ୍ଷିତ ଅମଲା, ଦଲାଲ ଓ ରାଜନେତାମାନଙ୍କର ପ୍ରୋତ୍ସାହନ ପାଇଁ ଉତ୍କଟତର ରୂପନେଲା। ସମୟ ପରିବର୍ତ୍ତନ ହେବା ସହ ମଣିଷର ପ୍ରବୃତ୍ତି ମଧ୍ୟ ପରିବର୍ତ୍ତିତ ହେଲା। ତେଣୁ ଅମରେଶ ପରି ଗ୍ରାମୀଣ ପରିବେଶରୁ ନିର୍ବାଚିତ ପ୍ରତିନିଧି ମାନେ ମଧ୍ୟ ପାଶୋରି ଦେଲେ ନିଜର କର୍ତ୍ତବ୍ୟବୋଧ ଓ ନୀତିନିଷ୍ଠତାକୁ। ସେବା ମନୋବୃତ୍ତି ପରିବର୍ତ୍ତେ ଅସତପନ୍ଥାକୁ ସେମାନେ ଆପଣାଇ ନେଲେ। ସୀମିତ ସମୟ ମଧ୍ୟରେ ସଫଳହେବାର ସ୍ୱପ୍ନରେ ସେମାନେ ବିଭୋର ହୋଇ ବିବିଧ ଅନୈତିକ କାର୍ଯ୍ୟକୁ ଖୋଲାଖୋଲି ଭାବରେ କରିବାକୁ ଆରମ୍ଭ କଲେ। ଛଳନା, କପଟ, ଷଡଯନ୍ତ୍ର, ସ୍ୱାର୍ଥ ଉପରେ ଗଢ଼ାହେଲା ସେମାନଙ୍କର ବିଶାଳ ଅଟ୍ଟାଳିକା ମାନ। ଲୋକପ୍ରତିନିଧି ମାନଙ୍କର ଏପରି କାର୍ଯ୍ୟକୁ ଦେଖି ପ୍ରଶାସନିକ ଅଧିକାରୀମାନେ ମଧ୍ୟ ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ପ୍ରକଳ୍ପକୁ ବାଟମାରଣା କରିବାକୁ ଆରମ୍ଭ କଲେ। ସରକାରୀ ଅଧିକାରୀ ଏବଂ ରାଜନେତାଙ୍କର ଏପରି କାର୍ଯ୍ୟକଳାପ ଯୋଗୁଁ ଜନସାଧାରଣଙ୍କ ମନରେ ସେମାନଙ୍କପାଇଁ ଘୃଣା ଭରିବାକୁ ଲାଗିଲା ଏବଂ ସେମାନଙ୍କ ମଧ୍ୟରେ ଯଥେଷ୍ଟ ଦୂରତା ମଧ୍ୟ ସୃଷ୍ଟି ହେଲା।

ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କର ଏପରି ପରିବର୍ତ୍ତିତ ଆଚରଣ ସାଧାରଣ ଜନତାଙ୍କ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନକୁ ବହୁ ପ୍ରଭାବିତ କରିଥିଲା। ଫଳରେ ସେମାନଙ୍କ ଜୀବନଶୈଳୀରେ ମଧ୍ୟ ଆସିଲା ବିରାଟ ପରିବର୍ତ୍ତନ। ଶାନ୍ତି ଓ ଭ୍ରାତୃତ୍ୱ ଭାବ ପରିବର୍ତ୍ତେ ହିଂସା, ଇର୍ଷା ଓ ଅସହିଷ୍ଣୁତାର କବଳିତ ହେଲେ ସେମାନେ। ଗ୍ରାମ ଓ ସହର ମଧ୍ୟରେ ତାରତମ୍ୟ ବୃଦ୍ଧି ହେବାକୁ ଲାଗିଲା। ଫଳରେ ସମାଜରେ ବିଶୃଙ୍ଖଳିତ ଗୋଷ୍ଠୀଙ୍କର ଆବିର୍ଭାବ ଘଟିଲା। ସେମାନେ ହେଲେ,

ISSN NO.
2582-208X

କ ) ବିଶୃଙ୍ଖଳିତ ଯୁବ ସମାଜ – ଏମାନେ ଭ୍ରଷ୍ଟ ରାଜନୀତିରେ ଆଶ୍ରୟୀ ହେଲେ
ଖ ) ସବୁଥିରୁ ବଞ୍ଚିତ ହୋଇ ନକ୍ସଲ ପନ୍ଥା କୁ ଆଦରି ନେଇଥିବା ଯୁବକ
ଗ ) ନିଯୁକ୍ତି ନପାଇ ଓ ନିଜର କୌଳିକ ବୃତ୍ତିକୁ ହେୟଜ୍ଞାନ କରି ବେକାର ବୁଲୁଥିବା ଯୁବଗୋଷ୍ଠୀ

ସମାଜରେ ହେଉଥିବା ଏହି ବିଶୃଙ୍ଖଳା ପାଇଁ ସାଧାରଣ ଜନତାଙ୍କ ଆଚରଣରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହେଲା। ଦେଶପ୍ରେମ, ଜାତିୟତା ପ୍ରୀତି ଓ ସଦିଚ୍ଛା ପରିବର୍ତ୍ତେ ମତଲବ ଓ ସ୍ୱାର୍ଥ ସର୍ବସ୍ୱ ହୋଇପଡ଼ିଲା ଜୀବନ। ଭୋଟ ହେଲା କେବଳ ନୋଟ ସର୍ବସ୍ୱ। କେବଳ କ୍ଷମତା ପ୍ରାପ୍ତି ପାଇଁ ଲୋକମାନଙ୍କ ସହ ରାଜନେତାମାନେ ଛଳନା କରିବାକୁ ଲାଗିଲେ ଏବଂ କାର୍ଯ୍ୟ ହାସଲ ପରେ ସେମାନଙ୍କୁ ଅଣଦେଖା କଲେ। ବିଶୃଙ୍ଖଳିତ ସମାଜକୁ ଆହୁରି କଳୁଷିତ କଲା ଅସାମାଜିକ, ଟାଉଟର, କୁଜିନେତା, କଳାବଜାରୀ ଇତ୍ୟାଦି। କିଛି ତୁଙ୍ଗନେତା ଏହାକୁ ଲୋପ କରିବାକୁ ପ୍ରୟାସ କରିଥିଲେ ମଧ୍ୟ କ୍ଷମତାର ଲାଳସା, ସ୍ୱାର୍ଥ ପରତା ଓ ରାଜନୈତିକ କନ୍ଦଳ ଯୋଗୁଁ ଏହା ସମ୍ଭବ ହୋଇପାରି ନଥିଲା। ଏହି ସ୍ୱାର୍ଥ ସର୍ବସ୍ୱ ରାଜନୀତି ଧୀରେ ଧୀରେ ବ୍ୟାପିଯାଇ ସମଗ୍ର ସମାଜକୁ କଲା କରାୟତ୍ତ। ଏହିପରି ପରିବର୍ତ୍ତିତ ପ୍ରତିନିଧି ରୂପେ ଅମରେଶକୁ ଚିତ୍ରାୟିତ କରିଛନ୍ତି ଔପନ୍ୟାସିକ। ଅମରେଶ ମଧ୍ୟ ସମୟ ସହ ତାଳଦେଇ ପରିବର୍ତ୍ତିତ ହୋଇଛି ଏବଂ ତାର ପ୍ରଭାବ ପଡିଛି ନିଜର ପରିବାର ଓ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ଉପରେ। ଏହା ମଧ୍ୟରେ ରାଜନୀତିରେ ନିଜର ଅସ୍ତିତ୍ୱ ଦୃଢ କରିବାପାଇଁ ସେ ନିଜର କପଟବୁଦ୍ଧି ପ୍ରୟୋଗ କରି ହାଇକମାଣ୍ଡକୁ ଆନୁଗତ୍ୟ ଦେଖାଇ ମନ୍ତ୍ରୀମଣ୍ଡଳର ପ୍ରମୁଖ ସ୍ଥାନ ଅଧିକାର କରିଛି। ହାଇକମାଣ୍ଡଙ୍କୁ ସର୍ବଦା ସନ୍ତୁଷ୍ଟ କରିବାପାଇଁ ଯାବତୀୟ କୁକାର୍ଯ୍ୟ କରିବାରେ ମଧ୍ୟ ସେ ପଶ୍ଚାତପଦ ହୋଇନାହିଁ। ଅର୍ଥ, କ୍ଷମତା ଓ ନାରୀଦେହର ଲୋଲୁପତାରେ ମତ୍ତପ୍ରାୟ ହୋଇ ଯାଇଛି ସେ। ଅମରେଶର ଏହି ନୈତିକ ସ୍ଖଳନ ଏକବିଂଶ ଶତାବ୍ଦୀର ଅଧିକାଂଶ ରାଜନେତାଙ୍କର ସ୍ୱରୂପର ଏକ ଦୃଷ୍ଟାନ୍ତ ରୂପେ ସୂଚାଇ ଦିଆଯାଇଛି ଉପନ୍ୟାସରେ।

ISSN NO.
2582-208X

ରାଜନେତା ଓ ରାଜନୀତିର ଅସୁସ୍ଥ ପରିବେଶକୁ ଆହୁରି କଳୁଷିତ କରିବାରେ ପ୍ରୋତ୍ସାହିତ କରିଛି କେତେକ ସାମ୍ପ୍ରଦାୟିକ ଶକ୍ତି ବା ଧର୍ମାନ୍ଧ ରାଜନେତା ଓ ଗୋଷ୍ଠୀକନ୍ଦଳ। ରାଜନେତା ମାନେ ରାଜନୀତିକୁ ପେଶାଦାର ମଇଦାନ ଭାବରେ ଗ୍ରହଣ କରିଛନ୍ତି। ଫଳରେ ଏହା ଚାଟୁକାର, କ୍ଷମତା ଦଲାଲ ଓ ଟାଉଟରମାନଙ୍କର ଆଶ୍ରୟସ୍ଥଳୀ ଭାବେ ପରିଚୟ ପାଇଛି। ଏମାନେ ଏପରି ପ୍ରଭାବଶାଳୀ ହୋଇପଡିଲେ ଯେ ଚୋରକୁ ସାଧୁ ଓ ସାଧୁକୁ ଚୋର ତଥା ଦେଶଦ୍ରୋହୀକୁ ଦେଶସେବକ ଓ ସତ୍ୟକୁ ଅସତ୍ୟରେ ପରିଣତ କରିବାରେ ପାରଙ୍ଗମ ତଥା ଖୁବ ଦକ୍ଷ ହୋଇପଡିଲେ। ସୁରାସାକୀର ଅଦ୍ଭୁତ ନିଶାରେ ରାଜନେତାମାନେ ବୁଡିରହିଲେ ଜନସେବାକୁ ଉପେକ୍ଷା କରି। ଅମରେଶହିଁ ସେହିମାନଙ୍କର ଏକ ପ୍ରତିନିଧିରେ ଆଲୋଚ୍ୟ ଉପନ୍ୟାସରେ ସ୍ଥାନିତ। ସେମାନେ ନିଜର ବାକଚାତୁରୀ, ଭାଷଣବାଜି ମାଧ୍ୟମରେ ଲୋକମାନଙ୍କୁ ବଶୀଭୂତ କରି କାର୍ଯ୍ୟ ହାସଲ କରନ୍ତି। ଏହିଭଳି ଅଶାନ୍ତ ପରିବେଶର ସୁଯୋଗ ନେଇ ନକ୍ସଲ ବାଦ, ସନ୍ତ୍ରାସବାଦ ଓ ମାଫିଆ ଡନ ମାନଙ୍କର ଚୋରା କାରବାର ପ୍ରବଳ ହେବାକୁ ଲାଗିଲା।

ରାଜନେତାଙ୍କ ନିକଟରେ ସମ୍ପର୍କର କୌଣସି ଅର୍ଥ ନଥାଏ। ସେମାନେ ଭାଇ ଭାଇ, ସ୍ୱାମୀ ସ୍ତ୍ରୀ, ପରିବାର ପରିବାର ମଧ୍ୟରେ ବିଭେଦ ଓ ତିକ୍ତତା ସୃଷ୍ଟିକରି ରାଜନୀତି କରନ୍ତି, ଯେପରି କରିଛି ଅମରେଶ। ସମ୍ପର୍କ ମଧ୍ୟରେ ମାଲି ମକଦ୍ଦମା ଲଗାଇ ସେମାନଙ୍କ ସରଳ ଜୀବନକୁ ବିଷାକ୍ତ କରିବାରେ ସେ ହୋଇପଡିଛି ସୁଦକ୍ଷ। ବହୁ ସରକାରୀ ଅଫିସରଙ୍କ କାର୍ଯ୍ୟ କରିବାପାଇଁ ଲାଞ୍ଚନେବାରେ ମଧ୍ୟ ସେ ପଶ୍ଚାତପଦ ହୋଇନାହାନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ଅଯଥାରେ ଦାୟୀକରି ଦଣ୍ଡିତ ମଧ୍ୟ କରିଛନ୍ତି। ମାଫିଆ ଡନ, କଳାବଜାରୀ, ଲାଞ୍ଚଖୋର ହୀରାଲାଲଙ୍କ ସହ ଅମରେଶର ସମ୍ପର୍କ ରାଜନେତାଙ୍କ ଭ୍ରଷ୍ଟାଚାରୀ ଶାସନର ଅନ୍ୟତମ ଦୃଷ୍ଟାନ୍ତ।

ସ୍ୱାର୍ଥ ଓ କ୍ଷମତା ନିମିତ୍ତ ରାଜନେତାମାନେ ପରସ୍ପର ଉପରେ ହିଂସାତ୍ମକ ଆକ୍ରମଣ କରିବାକୁ ପଶ୍ଚାତପଦ ହୋଇନାହାନ୍ତି। ଧର୍ମ, ଭାଷାକୁ କେନ୍ଦ୍ରକରି ରାସ୍ତାରୋକ, ବନ୍ଦ ଡାକରାର ଆହ୍ୱାନ ଫଳରେ ସାଧାରଣ ଲୋକଙ୍କ ଜୀବନଧାରା ପ୍ରଭାବିତ

ISSN NO.
2582-208X

ହୋଇଛି । ଏହା ଜନ ଅସନ୍ତୋଷ ବୃଦ୍ଧିକୁ ପ୍ରୋତ୍ସାହନ ଯୋଗାଇଛି । ଜନସାଧାରଣଙ୍କ ଉନ୍ନତି ନିମିତ୍ତ ଆସୁଥିବା ଅର୍ଥରାଶିକୁ କିପରି ବାଟମାରଣା କରାଯାଇ ପାରିବ ତାହାର କୌଶଳ ଦୁର୍ନୀତିଖୋର ଅଫିସରମାନେ ରାଜନେତାଙ୍କୁ ଶିଖାଇବାକୁ ଲାଗିଲେ । ବେଳେବେଳେ ରାଜନେତାମାନଙ୍କୁ ଅଫିସର ମାନେ ନିଜର ଚକ୍ରବ୍ୟୁହରେ ଫସାଇ ପ୍ରତ୍ୟକ୍ଷ ରାଜନୀତି କ୍ଷେତ୍ରରେ ନିଜର ସ୍ଥିତି ମଧ୍ୟ ସୁଦୃଢ କରୁଥିଲେ । ଏପରିକି ରାଜନେତାଙ୍କ ସଂସ୍ପର୍ଶରେ ଥିବା ନୀତିହୀନ ଗୁଣ୍ଡା, ବଦମାସ, ମାଫିଆମାନେ ମଧ୍ୟ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରି ସର୍ବସାଧାରଣଙ୍କୁ ଲୁଟିବାକୁ ଲାଗିଲେ । ଏହା ମଧ୍ୟ ଲକ୍ଷ୍ୟ କରାଯାଇଛି ଯେ ରାଜନୀତିରେ ଥରେ ଜଣେ ପ୍ରତିଷ୍ଠିତ ହେବାପରେ ଏହାକୁ ନିଜର ପୈତୃକ ସମ୍ପତ୍ତି ମନେକରି ନିଜର ପରପିଢ଼ି ବା ଉତ୍ତରାଧିକାରୀମାନଙ୍କୁ ମଧ୍ୟ ସେଥିପାଇଁ ପ୍ରସ୍ତୁତ କରାଉଛନ୍ତି । ପ୍ରାୟତଃ ଥରେ ରାଜନୀତିରେ ପାଦଦେବାପରେ କିପରି ଏହାର ମଙ୍ଗକୁ ଚିରକାଳ ଧରିହେବ ତା'ର ଅନ୍ୱେଷଣ କରନ୍ତି ପ୍ରତି ରାଜନେତା ଏବଂ ନିଜର ପରପିଢ଼ିଙ୍କପାଇଁ ଧନ ସଞ୍ଚିବାକୁ ନିଜର ଗୁରୁଦାୟିତ୍ୱ ବୋଲି ମନେକରନ୍ତି ।

ରାଜନୈତିକ ଦଳର ଆଭ୍ୟନ୍ତରରେ ମଧ୍ୟ ବ୍ୟକ୍ତିଗତ ସ୍ୱାର୍ଥକୁ ଆଧାରକରି କର୍ମୀ କର୍ମୀ ମଧ୍ୟରେ ଦ୍ୱନ୍ଦ୍ୱ ଓ ଇର୍ଷା ଉପୁଜିଥାଏ । ସେଥିପାଇଁ ମଧ୍ୟ ଚାଲେ ଅନେକ ଷଡଯନ୍ତ୍ର ଯେପରି ଷଡଯନ୍ତ୍ର ହୋଇଛି ଅମରେଶ ବିରୁଦ୍ଧରେ ବିଧାନସଭା ଟିକେଟ ପାଇଁ । ରାଜନୀତିରେ ମଧ୍ୟ ସମ୍ପର୍କର କୌଣସି ନିଶ୍ଚିତତା ନଥାଏ । କେତେବେଳେ ଅତି ଆପଣାର ଲୋକ ବିରୋଧୀ ହୋଇଯାନ୍ତି ଏବଂ ବିରୋଧୀ ପ୍ରାର୍ଥୀ ମଧ୍ୟ ହୋଇଯାନ୍ତି ଖୁବ ନିକଟତର । ତେଣୁ ଅମରେଶ ବାବୁ ଅବିନାଶକୁ ରାଜନୈତିକ ଉପଦେଶ ଦେବାବେଳେ ପ୍ରକାଶ କରିଥିଲେ, "ରାଜନୀତିରେ କେହି କେବେ କାହାର ଶତ୍ରୁ ଓ ମିତ୍ର ନଥାନ୍ତି । ସମୟର ପ୍ରଭାବ ରାଜନୀତି କ୍ଷେତ୍ରରେ କେତେବେଳେ କାହାକୁ ଶତ୍ରୁ କରିଦିଏ ତ ପୁଣି କେତେବେଳେ କାହାକୁ ମିତ୍ର କରିଦିଏ । ଅନେକ ସମୟରେ ନିଜର ରାଜନୈତିକ ପ୍ରତିଦ୍ୱନ୍ଦୀଙ୍କ ପ୍ରତି ଘୃଣାଭାବ ଥିଲେ ମଧ୍ୟ ନିଜର ରାଜନୈତିକ ସ୍ୱାର୍ଥ ପାଇଁ ପରିସ୍ଥିତି ତାହା ସହ ବନ୍ଧୁତ୍ୱ କରିବାକୁ ବାଧ୍ୟ କରାଏ ।"(୨)

ISSN NO.
2582-208X

ସାମ୍ପ୍ରତିକ ରାଜନୀତିର ବାସ୍ତବିକ ଦିଗକୁ ଜାଣିବା ପରେ ସାଧାରଣ ଜନତାଙ୍କ ମନରେ ଘୃଣା ଓ ବିଦ୍ୱେଷ ହିଁ ଭରିଯାଏ ରାଜନେତା ଏବଂ ସେମାନଙ୍କ ପ୍ରବଞ୍ଚନା ରୀତି ପ୍ରତି। ଯୁବଗୋଷ୍ଠୀ ଉତ୍ତ୍ୟକ୍ତ ହୋଇ ଏହାର ପ୍ରତିବାଦପାଇଁ ଆଦରନ୍ତି ହିଂସା ଓ ଉଗ୍ରବାଦର ପନ୍ଥାକୁ, ଅମରେଶ ଯେପରି ଚୟନ କରି ନେଇଛି ନକ୍ସଲବାଦର ପନ୍ଥାକୁ। ରାଜନେତା ବା କ୍ଷମତାଶାଳୀ ବ୍ୟକ୍ତିର ବିରୋଧୀ ହୋଇ ସତ୍ୟର ପନ୍ଥା ଆଦରିଲେ ଦିନ ଦିପହରେ ଉଜୁଡି ଯାଏ ପରିବାର। ରାଜରାସ୍ତାରେ ସ୍ପଷ୍ଟ ଦିବାଲୋକରେ ମାରିଦିଆଯାଏ ସତୀଶ ପରି ସ୍ୱଷ୍ଟ ଓ ସତ୍ୟବାଦୀ ମାନଙ୍କୁ ଏବଂ ପରିବାରର ନାରୀମାନଙ୍କୁ ଅମାନୁଷିକ ଭାବରେ ଅତ୍ୟାଚାର କରାଯାଇ ମରିବାପାଇଁ ଛାଡିଦିଆଯାଏ।

ନକ୍ସଲ ସମସ୍ୟା ମଧ୍ୟ ଦିନକୁ ଦିନ ଉତ୍କଟ ହୋଇଯାଉଛି ସରକାରର ପ୍ରତିବାଦ ଛଳରେ। ଜନସାଧାରଣଙ୍କର ସ୍ୱାର୍ଥକୁ ଆଖିଆଗରେ ରଖି ଯେଉଁ ବିରୋଧୀପନ୍ଥା ମୁଣ୍ଡ ଟେକିଥିଲା ତାହା ମଧ୍ୟ ଧୀରେଧୀରେ ନିଜର ଆଧିପତ୍ୟ ଜାହିର କରିବା ଛଳରେ ଅରାଜକତା ସୃଷ୍ଟି କରିଛନ୍ତି ସମାଜରେ। ବହୁ ସାଧାରଣ ଜନତା ହନ୍ତସନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି ଏମାନଙ୍କ ହିଂସାତ୍ମକ କାର୍ଯ୍ୟକଳାପ ଯୋଗୁଁ। ନିଜକୁ ସୁଦୃଢ କରିବାପାଇଁ ଏମାନେ ହତ୍ୟା, ବ୍ଲାକମେଲ, ଅପହରଣ, ଲୁଟତରାଜ, ଗୁଳି, ବୋମା ଆଦି ଦ୍ୱାରା ଅସ୍ତବ୍ୟସ୍ତ କରିଛନ୍ତି ଜନଜୀବନକୁ। ଏହି ହିଂସ୍ରତା ଓ ଅରାଜକତା ଦିନକୁ ଦିନ ବଢ଼ି ଚାଲିଛି ଏବଂ ସବୁ ଆଲୋଚନା ହୋଇଛି ନିଷ୍ଫଳ। ସାଧାରଣ ଜନତା ଏବଂ ଦେଶର ଭାଗ୍ୟ ସତେ ଯେପରି ଏକ ସଂଶୟାଚ୍ଛନ୍ନ କୁହୁଡି ମଧ୍ୟରେ ବାଟବଣା ହୋଇଯାଇଛି, ଯାହାର ଗତି କେବଳ ଧ୍ୱଂସ ଦିଗକୁ ଅଗ୍ରସର ହେବାପରି ପ୍ରତ୍ୟୟ ହେଉଛି।

**ଉପସଂହାର :**

ବାସ୍ତବରେ ସାମ୍ପ୍ରତିକ ସମୟର ସମାଜ ଏକ ଅନ୍ଧକାରମୟ ବଳୟ ମଧ୍ୟରେ ଆବଦ୍ଧ ହୋଇପଡିଛି। ସତ୍ୟ, ନ୍ୟାୟ, ନିଷ୍ଠା, ନୈତିକତା, ଆଦର୍ଶ ଆଦିର ସ୍ଥାନ ନେଇଛି ସ୍ୱାର୍ଥ, ପରଶ୍ରୀକାତରତା, ଅହଂକାର, ହିଂସା, କ୍ଷମତା, ଅର୍ଥ ଲୋଲୁପତା। ବହୁ ସଂଗ୍ରାମର ଅନ୍ତରେ ଯେଉଁ ସ୍ୱାଧୀନ ଭାରତକୁ ହସ୍ତଗତ କରି ନିରପେକ୍ଷ ଶାସନର

ISSN NO.
2582-208X

ଆଶା ବାନ୍ଧିଥିଲେ ଦେଶବାସୀ, ତାହା ହୋଇଯାଇଛି କଳୁଷିତ। ଏହାକୁ ପ୍ରଶ୍ରୟ ଦେଇଛନ୍ତି ଦୂଷିତ ରାଜନୈତିକ ବ୍ୟବସ୍ଥା ଓ କ୍ଷମତାଲୋଭୀ, ଅର୍ଥପିପାସୁ ରାଜନେତା। ସମାଜରେ ଏଣୁ ବଢ଼ିଛି ଅସମାନତାର ମାତ୍ରା। ମୁଷ୍ଟିମେୟ ଲୋକ ବିବିଧ କୁପନ୍ଥା ଅବଲମ୍ବନ କରି ଦେଶକୁ ନିୟନ୍ତ୍ରଣ କରୁଛନ୍ତି ଏବଂ ସମଗ୍ର ସାଧାରଣ ଜନତା ଅସହାୟ ଭାବେ ସାମ୍ନା କରୁଛନ୍ତି ଅସୁମାରୀ ସମସ୍ୟା। ଅର୍ଥନୈତିକ ବୈଷମ୍ୟ, ନକ୍ସଲବାଦ, ବେକାରୀ, ମାଫିଆରାଜ ଆଦି ଅନେକ ସମସ୍ୟା କରାଳ ରୂପନେଇ ସମାଜକୁ ଗ୍ରାସିଛି। ସାଧାରଣ ଜନତା ଏଠି ଅସୁରକ୍ଷିତ। ସବୁଠି ଖାଲି ହିଂସା, ରକ୍ତପାତ, ଅମାନୁଷିକ ଅତ୍ୟାଚାର । ଶାସକ ଏଠି ନିଜେ ସାଜିଛି ଘାତକ। କ୍ଷମତା ପାଇଁ ଏଠି ବାକଚାତୁରୀର ଅବିଶ୍ୱସନୀୟ ଜାଲ ବିଛାଯାଏ ଏବଂ କାର୍ଯ୍ୟ ହାସଲ ପରେ ସମାଜ ହୁଏ ଅବହେଳିତ। ଗଣତନ୍ତ୍ରର ରାଜଗାଦୀକୁ କରାୟତ୍ତ କରିବାପାଇଁ ଏଠାରେ ଶତ୍ରୁ ହୁଏ ମିତ୍ର, ଜୀବନର ମୂଲ୍ୟ ହୁଏ ଶୂନ୍ୟ। ଏହି ବିଷାକ୍ତ ସାମାଜିକ ବ୍ୟବସ୍ଥାର ରାଜନୀତି ଏବଂ ତାର ନିଚ୍ଛକ ସ୍ୱରୂପ ଓ ପ୍ରଭାବ ଖୁବ ବାସ୍ତବାୟିତ ଶୈଳୀରେ ରୂପପାଇଛି ଆଲୋଚ୍ୟ ଉପନ୍ୟାସରେ। ଏହି ସମସ୍ୟାର ସମାଧାନ ପାଇଁ ଉଗ୍ରବାଦର ପନ୍ଥାକୁ ଅନୁସରଣ ଏବଂ ତା'ର ପ୍ରଭାବ ଓ ଅରାଜକତାର ଚିତ୍ର ମଧ୍ୟ ଏଥିରେ ସ୍ଥାନିତ। ପୂର୍ବକଥନ ଶୈଳୀରେ ରଚିତ ଏହି ଉପନ୍ୟାସ ଅମରେଶ ଓ ଅବିନାଶ ଆଦି ଚରିତ୍ର ମାଧ୍ୟମରେ ସମସାମୟିକ ସମାଜ ଓ ସମସ୍ୟାକୁ ଖୁବ ସ୍ପଷ୍ଟ ରୂପେ ରଖିପାରିଛି ପାଠକ ସାମ୍ନାରେ। ବାସ୍ତବିକ ଆଲୋଚ୍ୟ ଉପନ୍ୟାସ 'ନକ୍ସଲ'କୁ ସମକାଳୀନ ରାଜନୈତିକ ଓ ନକ୍ସଲବାଦ ସମସ୍ୟାର ଏକ ସଫଳ ପଟ୍ଟଚିତ୍ର କହିଲେ ଅତ୍ୟୁକ୍ତି ହେବନାହିଁ।

. . . . .

ସଂକେତ ସୂଚୀ :

୧) ପରିଡା ସୃଷ୍ଟିଧର, ନକ୍ସଲ, ଦେବଶ୍ରୁତି ପବ୍ଲିକେଶନ, ଜେଲରୋଡ଼, ବାଲେଶ୍ୱର, ଦ୍ୱିତୀୟ ପ୍ରକାଶ -୨୦୧୦, ପୃ -୭୧ ।
୨) ତତ୍ରଇବ, ପୃ -୭୯।

ଗବେଷିକା, ଫକୀର ମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର

ISSN NO.
2582-208X

# ନାରୀ



ଅରୁଣ କୁମାର ମହାପାତ୍ର

ନାରୀ — ଏକ ଶବ୍ଦ, କିନ୍ତୁ ଅର୍ଥ ଅନେକ
ଏକ ଜୀବନ ଦାତ୍ରୀ,
ଏକ ସଂସାର ଗଢ଼ିବାର ଶିଳ୍ପୀ
ଜଣେ ମା — ଯେ ନିଜ ଅସ୍ତିତ୍ୱକୁ ଭୁଲି,
ଶିଶୁର ଟିକିଏ ଦୁଃଖରେ ରହିପାରେ ରାତି ଉଜାଗର।
ତା ହସରେ ଭରିଥାଏ ଶିଶୁର ଆଶା ଓ ସ୍ୱପ୍ନ,
ସମଗ୍ର ଜଗତରେ ଭାରିଯାଏ ନିରାଶାର ଛାୟା
ଆର୍ଦ୍ର ହେଲେ ତା ବେନି ନୟନ ।

ସେ ଜଣେ ଭଗିନୀ — ସେ ମିତ୍ର ଓ ସାଥୀ,
ଭାଇ ଦୁଃଖ ଦେଖି ତା ହୃଦୟ କାନ୍ଦେ କୁହୁଳି କୁହୁଳି
ତା ଆନନ୍ଦ ଥାଏ ଗୁପ୍ତ ନିଜ ଅନ୍ତଃକରଣରେ,
ସେ ସହଯୋଗୀ, ସେ ଯୋଦ୍ଧା,
ସେ ଜୀବନ ରଥର ଏକ ଘୂର୍ଣ୍ଣାୟମାନ ଚକ୍ର
ସେ ଜଣେ ସ୍ତ୍ରୀ — ସଂସାରର ଗୃହଲକ୍ଷ୍ମୀ,
ନିଜ ଶ୍ରମ ମମତାରେ ରଚେ ନିତ୍ୟ ସୁମିଷ୍ଟ ସ୍ନିଗ୍ଧତା।
ସେ ଅଦୃଶ୍ୟ ତଥା ଅଦମ୍ୟ ଶକ୍ତିର ଉତ୍ସ,
ଯେହା ଉପସ୍ଥିତି କରିଦିଏ ଚିର ଅନ୍ତ ଘନ ଅନ୍ଧକାର ।

ISSN NO.
2582-208X

ସେ ଶିକ୍ଷିକା, ଚିକିତ୍ସିକା, ସେ ଯୋଦ୍ଧା ବ୍ୟବସାୟିନୀ
ଅନ୍ତଃପୁରରୁ ମହାସଭା ପର୍ଯ୍ୟନ୍ତ ଏକ ପରିବ୍ୟାପ୍ତ ଶକ୍ତି,
ତାର ଆବିର୍ଭାବ ସୃଷ୍ଟି କରେ ଦିଗନ୍ତ ସୁସ୍ଥ ସବୁଜିମା ।

ତୁମେ ଯଦି ଦେଖିବ ତା ପ୍ରେମ ଅନୁଭୂତି,
ସେ ଅମୃତ ଭଳି — ଶାନ୍ତ ଓ ସୀମିତ ।
ଆଉ ଯଦି ଦେଖିବ ତା ରୋଷ ଅବତାର,
ସେ ଅଗ୍ନି — ଯାହା ସକ୍ଷମ ବିନାଶେ ସମୁଳେ ଅନ୍ୟାୟ ।
ନାରୀ ଅତୁଟ ଆଶା ଓ ବିଶ୍ୱାସର ଚିହ୍ନ,
ସେ ଚାଲିଥାଏ ଶତାବ୍ଦୀ ଧରି ଜୀବନର ଚଲାପଥ ପରେ ।
ଦିଅ ତାଙ୍କୁ ଶ୍ରଦ୍ଧା ଅଜସ୍ର ସମ୍ମାନ,
କାରଣ ତା ଉପସ୍ଥିତି କରେ ଭବିଷ୍ୟତ ପଥ ପ୍ରଦର୍ଶନ
ଚିରନ୍ତନ ଆଶା ଓ ନମ୍ର ଅଭିମାନ,
ନାରୀ — ସେ ଯେ ସୃଷ୍ଟିର ଏକ ଅଦୃଶ୍ୟ ବିଶ୍ୱାସ ଗାନ ।

ତେଲେଙ୍ଗାନା

ISSN NO.
2582-208X

# ମା ଆସୁଛନ୍ତ



କୁଞ୍ଜବିହାରୀ ରାଉତ

ମା ଆସୁଛନ୍ତ ଏ ଧରିତ୍ରୀ ଉପରେ
ଆଶା ଓ ବିଶ୍ୱାସ ନେଇ
ସହନଶୀଳତା, ସହବସ୍ଥାନ ସହ
ଶାନ୍ତିର ବାର୍ତା ପ୍ରସାରି
ବିଶ୍ୱରେ ଶାନ୍ତ ପ୍ରତିଷ୍ଠା କରିବାକୁ
ଆସୁରିକ ଶକ୍ତିର ବିଲୋପ ପାଇଁ
ସଜେଇ ହେଲାଣି ଧରିତ୍ରୀ ଆମର
ନୂଆ ଛନ୍ଦେ, ନୂଆରଂଗେ ଶଙ୍ଖୋଳବା ପାଇଁ
ଆସୁଛନ୍ତ ମା ପାର୍ବଣର ସମ୍ଭାର ନେଇ
ଆନନ୍ଦର ଫଲଗୁଧାର୍ ସଂଚରି ଯାଉଛି
ହୃଦୟରୁ ହୃଦୟକୁ
ଆଉ ଛୁଇଁଯାଉଛି ସବୁରି ମନକୁ
ନୃତ୍ୟଗୀତ ଆସରରେ ଫାଟିପଡିବ
ଗ୍ରାମରୁ ସହର, ସହରରୁ ମହାନଗର
ଦଳତ ନଷ୍ପେସିତ ଶୋଷିତକୁ ଉଦ୍ଧାରିବା ପାଇଁ
ମା ଅବତରୀ ଆସୁଛନ୍ତ ମର୍ତ୍ତ୍ୟକୁ
ଚାଲ, ସ୍ୱାଗତ କରିବା ତାହାଙ୍କୁ
ଖୁସି ଆସିଛି ଖୁସି ବାଣ୍ଟିବାକୁ

ISSN NO.
2582-208X

ହର୍ଷୋଲ୍ଲାସରେ ଦିନ କାଟିବାକୁ........
****************************

ଏସବୁ ପରେ ବି ନିରର୍ଥକ ପାଲଟିଛି
ହର୍ଷୋଲ୍ଲାସ ଆଜି ଆମ ବସ୍ତିର ଶେଷ ନୁଆଁଣିଆ ଘରେ
ଭିକ୍ଷୁକର କି ସୁଖ, କି ରଙ୍ଗ କି ବାର୍ତା ସେ ଗ୍ରହଣ କରିବ
ଯାହା ତାକୁ ସ୍ୱପ୍ନ ଭଳି ଲାଗୁଛି
ସତରେ କଣ ମା'ତାର ଏ ଧରାଧାମକୁ ଓହ୍ଲେଇ ଆସିଛି ?
ମା କଣ ବୁଝିବ ତା' ଅନ୍ତରର କଥା ?
ପରିବାର ତା'ର ନାହିଁ,ନାହିଁ ସଖା ସହୋଦର
ତେଣୁ ସେ କେଉଁ ଖୁସି ବାଣ୍ଟିବ ଓ କାହା ମଧ୍ୟରେ
ହୋଇପାରେ ପାର୍ବଣରେ କିଛି ଅଧିକା ମିଳିପାରେ
ତେବେ ମା' ଆସୁଛି ବୋଲି ଖୁସି ତା' ନିରର୍ଥକ
କାରଣ ସେ ଏବେବି ଅବହେଳିତ ଏ ସ୍ୱର୍ଦ୍ଧିତ ସମାଜରେ
****************************

ପୂର୍ବରୁ ଆସୁଥିଲେ ମା, ଏବେବି ଆସୁଛନ୍ତି ମା
ତେବେ କେଉଁଠି ଅଛି ମଣିଷର ମାନବିକତା
କେଉଁଠି ଲୁଚିଛି ସେ ସହୃଦୟତା
ସବୁକିଛି ଧୀରେଧୀରେ ଝାପସା ହେଉଛି
ଆଉ କିଛିଦିନପରେ ସବୁ ଲୁଚିଯିବ
ସେ ସ୍ଥାନରେ କାମ କ୍ରୋଧ ହିଂସା ଲୋଭ ଗ୍ରାସକରିଥିବ
ଆଜିବି ବଂଚିଛି ମହିଷାସୁର
ତଥାକଥିତ ସଭ୍ୟ ମଣିଷ ସମାଜରେ
ସେମାନଙ୍କୁ ଦମନ କରିବାପାଇଁ
ମା'ଆସୁଛନ୍ତି ଆସନ୍ତା ପାର୍ବଣରେ......
****************************

ମା ଆସୁଛନ୍ତି ବୋଲି ଲୋକଦେଖାଣିଆ ଭାବେ
ଲକ୍ଷଲକ୍ଷ ଟଙ୍କା ଆତ୍ମସନ୍ତୋଷ ପାଇଁ ଖର୍ଚ୍ଚକରୁଛୁ

ISSN NO.
2582-208X

ପରସ୍ପର ମଧ୍ୟରେ ପ୍ରତିଯୋଗିତାରେ ଟଙ୍କା ଉଡାଉଛୁ
କନ୍ତୁ ଭେକଲ୍ଙ୍କ କଥା ବୁଝିବାକୁ ସମୟ ବା କାହିଁ ?
କ୍ଷୁଧାର୍ତ୍ତ ଅସହାୟ ଆର୍ତ୍ତକାତରେ ଗୁହିଁଛି ମା କୁ
ସାମ୍ୟତାରେ ଏ ପୃଥିବୀ ସରସ ସୁନ୍ଦର ହେବାକୁ
କେଉଁଠାରେ ସ୍ତ୍ରୀ କୁ ସ୍ୱାମୀ ହାଟରେ ବିକୁଛି
କେଉଁଠାରେ ସ୍ତ୍ରୀ ଲମ୍ପଟ ସଙ୍ଗେ ରଙ୍ଗରସରେ ମାତିଛି
ଗ୍ୱେର ଖଣ୍ଟ ଲୁଟୁଛନ୍ତୁ କା' ଅର୍ଜିତ ସଂପତି
ଦେହ ବିକ କଏ ଘର ଚଳାଉଛି
ସେ ସବୁର ଅନ୍ତ କେବେ
ତାହା ସେ ମା'ହିଁ ଜାଣେ
ଯେବେ ସବୁ ଅନ୍ଧାର ହଟିବ ଏ ସମାଜରୁ
ସୁସ୍ଥ ପରମ୍ପର୍ ସହ ମାନବିକତାର ବାର୍ତ୍ତା ପ୍ରସାରିବ
ମା'ର ପ୍ରତ୍ୟେକ ସନ୍ତାନ ମଧ୍ୟରେ
ସେତେବେଳେ ମା ହସୁଥିବ ସବୁ ହୃଦୟରେ......
****************************

ହେଇ ଦେଖ ମା ଆସୁଛନ୍ତୁ ଏ ଧରିତ୍ରୀ ଉପରେ
ଧନୀ ଦରିଦ୍ର ନିଃସହାୟ ଅସହାୟ ସମସ୍ତଙ୍କେ ମୁହେଁ
ହସର ଫୁଲଝରି ଝଟକୁଥିବ, ଆଉ
ଶାନ୍ତ ସହାବସ୍ଥାନ ସହ
ସହନଶୀଳତାର ବାର୍ତ୍ତା ବାଣ୍ଟୁଥିବ
ଭେଦଭ୍ୱବ, ହିଂସା, ବାଦ ଅପବାଦ ସବୁ ଲୁଚଯିବ
କେବଳ ଭଲପାଇବାର ମନ୍ତ୍ର ଥିବ ସବୁରି ଭିତରେ
କାରଣ ମା ଆସୁଛନ୍ତୁ ଏ ଧରିତ୍ରୀ ଉପରେ.......
********************************

ପ୍ଲଟ ନଂ:୧୪୮/୫, ହମିରପୁର, ରାଉରକେଲ୍:୩
ମୋ: ୯୮୬୧୦୩୪୪୯୪

ISSN NO.
2582-208X

# ଆହୁତି



ଡାଃ. ଅନିତା ପଣ୍ଡା

-- ୧୨ --

ସେଦିନ ଥିଲା ଶନିବାର ସଂଧ୍ୟା । ଯା ଭିତରେ ନଳିନୀ, ଅରୁନ୍ଧତୀ ଦୁହେଁ ସେମାନଙ୍କ ଆପାର୍ଟମେଣ୍ଟରେ ସାମାଜିକ ସ୍ତରରେ ବିଖ୍ୟାତ ହୋଇଗଲେଣି । ଅରୁନ୍ଧତୀର ଯୋଜନା ଥିଲା, ପ୍ରତ୍ୟେକ ଶନିବାର ଦିନ ଆମେମାନେ ମିଳମିଶି ରନ୍ଧି ଭୋଜର ଆୟୋଜନ କରିବା । ପ୍ରତ୍ୟେକ ଦମ୍ପତି ଗୋଟିଏ ଗୋଟିଏ ଆଇଟମ ଆଣିବେ । ଯାହାଘରେ ପାର୍ଟି ହେବ ତାର ଦାୟିତ୍ୱ ପୁରୀ ତିଆରି କରିବା । ଖାଇବା ବାସନ ଯୋଗାଡ଼ କରିବା ମଧ୍ୟ ସେମାନଙ୍କ ଦାୟିତ୍ୱ। ସେଦିନ ପାଳି ଥାଏ ଗୌରୀ ଘରେ । ଅରୁନ୍ଧତୀ ତା ଉପରେ ନ୍ୟସ୍ତ ଥିବା ମୁଗଡାଲି ହାଲୱା ନିଜେ ତିଆରି କରି ନେଇଥିଲା । ଧୀରେ ଧୀରେ ଆସର ବୃଦ୍ଧି ପ୍ରାପ୍ତ ହେଉଥିଲା । କିଏ କବିତା ପାଠ କରୁଥାଏ ତ ଅନ୍ୟ କିଏ ସଂଗୀତ, ଆଉ ଅନ୍ୟ କିଏ ଜୋକ୍ ଶୁଣାଉଥାଏ । ନଳିନୀକୁ ବାଦ୍ ଦେଇ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ବନ୍ଧୁ ମାନଙ୍କ ବାକ୍ୟ ବାଣରେ ଆକ୍ତା ମାକ୍ତା ହୋଇଯାଉଥିଲା ଅରୁନ୍ଧତୀ । କ'ଣ ଉତ୍ତର ଦେବ ବିଚାର କରି ପାରୁ ନଥିଲା । ଅଚାନକ ଗୋଟିଏ ଦମ୍ପତିଙ୍କର ଉପସ୍ଥିତି ପରିସ୍ଥିତିରେ ବିଜୁଳି ଚମକ ଆଣିଦେଲା । ଜଣେ କେହି ନିଜର ମୋନୋ ଆକ୍ଟ ଦେଖାଉଥିଲେ ।ତେଣୁ ହଲର ଲାଇଟ୍‌ଗୁଡ଼ିକ ବନ୍ଦ କରିକେବଳ ତାଙ୍କରି ଉପରକୁ ଲାଇଟ୍‌ଫୋକସ କରାଯାଇଥିଲା । କିଏ ଏହି ସ୍ୱର୍ଗ ପରୀ । ଲାଇଟ୍ ଜଳାଅ ବୋଲି ଚହଳ ପଡ଼ିଗଲା ।  ସୁନ୍ଦରୀ ଜଣକ ନଳିନୀ ସଂଗେ ଥିଲେ । ଗୌରୀ ହାତକୁ ଆଇସକ୍ରିମ ପ୍ୟାକେଟଟା ଧରାଇଲେ ନଳିନୀ । କହି ଚାଲିଥିଲେ, 'ମୋ ଉପରେ ଡେସର୍ଟ ଭାର ଥିଲା ନା ।

ଭୁଲ୍……ଭୁଲ୍….ତୁମ ଦୁହିଙ୍କ ଉପରେ ମୁଗ ଡାଲି ହାଲୱା ଭାର ନ୍ୟସ୍ତ କରାଯାଇଥିଲା । ଯାହା ଅରୁନ୍ଧତୀ ଆଣି ଦେଇଛନ୍ତି । ଜଣକଠାରୁ ଦୁଇଟି ଆଇଟମ ଆସିଲେ ଭବିଷ୍ୟତରେ

ISSN NO.
2582-208X

ଆମ ସଭିଙ୍କ ପାଇଁ ସମସ୍ୟା ହୋଇଯିବ । ତୁମକୁ ତୁମ ଆଇସକ୍ରିମ ଫେରସ୍ତ ନେବାକୁ ହେବ ନନ୍ଦିନୀ ।

ତୁମମାନଙ୍କର ନୟମ ଗୋଟିଏ ଦମ୍ପତି ପାଇଁ ଗୋଟିଏ ଆଇଟମ୍ । ଆମେ ଦେଢ ।

କଏ ଜଣେ ଭିଡ଼ ଭିତରେ କହି ଉଠିଲା "ଜବ କାଲିୟା ଖା ଗୟା ଗବର୍ କେ ସାରେ ଟମାଟର ।" ଖୁବ୍ ଜୋରରେ ହସି ଉଠିଲେ ସମସ୍ତେ ।

ପୁଣି ଜଣେ କଏ କହିବା ଆରମ୍ଭ କଲା, ଅରୁନ୍ଧତୀ ହାତରେ କେବଳ ହଡ୍ଡି ହି ହଡ୍ଡି, କବାବ ଗୟା ।

ଚୁପ୍ କର ରାଜନ୍ । ସଂପୂର୍ଣ୍ଣ ଜନତା ରାଜନ୍ ଉପରେ ବରଷି ପଡ଼ିଲେ ।

ଜୋକ୍ ହେ ଭାଇ.....

ପୁଣି ଥରେ ପରିସରରେ ଜୀବନ ପଶିଲା ।

ଲ୍ୟାଣ୍ଡ ଲାଇନ୍ ସରକାରୀ ଫୋନଟା ହଠାତ୍ ବାଜି ଉଠିଲା । ମନକୁ ମନ ହସି ପକାଇଲା ଅରୁନ୍ଧତୀ । ଆଜିକାଲି ବି ଦିଲ୍ଲୀ ସହରରେ ମଣିଷ ଲ୍ୟାଣ୍ଡ ଲାଇନ ଫୋନ୍ ବ୍ୟବହାର କରୁଛନ୍ତି ! ଫୋନ ଉଠାଇଲା ।

"ହ୍ୟାଲୋ ।"

"ମୁଁ ବାବୁ ମୋସାୟଙ୍କର ନିକଟତର ସମ୍ପର୍କୀୟା । ସେ ମୋ କଥା ତୁମକୁ କିଛି କହି ନାହାନ୍ତି ! ନାଁ ତୁମେ ଈର୍ଷାରେ ଜଳି ଯାଉଛ ! ! ମୋ କଥା ଭଲ କରି ମନେ ରଖ, "ମିୟା ବିବି ରାଜି ତୋ କ୍ୟା କରେଗା ପାଜି ।"

"ଭୁଲ୍ ନମ୍ବର୍ ବୋଧେ ଲାଗି ଯାଇଛି । ଫୋନ କାଟି ଆଉ ଥରେ କରନ୍ତୁ ।"

"ଭୁଲ୍ ନମ୍ବର୍ କହି ତୁମେ ମୋ ଠାରୁ ବର୍ତ୍ତି ପାରିବ ! ମୋ ପାଉଣା ମୁଁ ଆଦାୟ ନ କରିଛି ଯଦିମୋ ନାଁ ନୁହେଁ ।"

"ଆଚ୍ଛା, ଆଚ୍ଛା, ସେଇ ନାମଟି ମତେ କହିବେ କି ?"

ISSN NO.
2582-208X

"ବାବୁ ମୋସାୟ ଅର୍ଥାତ୍ ନଳନୀଙ୍କର ମୁଁ ମାନସୀ । ଏବେ ବୁଝିଲ ତ ! ନଳନୀ କହୁଥିଲେ ତୁମେ ବିଲାତ ଫେରନ୍ତା । କଥାରୁ ଯାହା ବୁଝୁଛି ତୁମେ ଗୋଟିଏ ଗଣ୍ଡମୂର୍ଖ ।" ଏତିକ କହି ଫୋନ୍ କାଟିଦେଲା ମାନସୀ ।

କଏ ଏଇ ମାନସୀ । କ'ଣ ତା'ର ପାଉଣା । ଏ ବିଷୟରେ ତ ନଳନୀ ତା'କୁ କଛି କହି ନାହାନ୍ତି । ଥାଉ, ଏ କଥା ଗୁଡ଼ା ବେଶୀ ଭାବି ମୁଣ୍ଡ ଗରମ କରିବାର ଆବଶ୍ୟକ ନାହିଁ । ମନକୁ ସିନା କହିଦେଲା ଚନ୍ତା କରନା, ହେଲେ ତାର ମୁଣ୍ଡ ଧପ୍ ଧପ୍ କରିବା ଆରମ୍ଭ ହୋଇଗଲା । ଧୀରେ ଧୀରେ ମନେ ହେଲା ମୁଣ୍ଡ ବିନ୍ଧା କାନ୍ଧ ସ୍ପର୍ଶ କଲାଣି । ବେକ ପାଖ ଶିରା ଗୁଡ଼ାକୁ ଯେମିତି କଏ ଝିଙ୍କି ଧରିଛି । ବହୁ ଚେଷ୍ଟା ସତ୍ୱେ ବି ମୁଣ୍ଡ ବିନ୍ଧା କମ୍‌ହେବା ପରିବର୍ତ୍ତେ ବଢ଼ି ଚାଲିଛି ।ସୋଫା ଉପରେ ନଜକୁ ଲମ୍ବାଇ ଆଖି ବନ୍ଦ କରି ବାପା ଶିଖାଇଥିବା ଓଁ ଶବ୍ଦଟିକୁ ମନେ ମନେ ଦୋହରାଇବାକୁ ଲାଗିଲା ।କେତେ ସମୟ ଗଭୀର ନଦରେ ଶୋଇ ପଡ଼ିଥିଲା କେଜାଣି କଲିଂ ବେଲ୍ ଶବ୍ଦରେ ନଦ ଭାଙ୍ଗିଗଲା । ଚାରିଆଡ଼ ଅନ୍ଧାର ।

ତର ତର ହୋଇ ଉଠିଯାଇ କବାଟ ଖୋଲିଲା ଅରୁନ୍ଧତୀ । ପାଟିରୁ ବାହାରି ପଡ଼ିଲା, ଓଃ.......କେତେ ଘଣ୍ଟା ଶୋଇ ପଡ଼ିଲି । ସଞ୍ଜ ଦେବା ବେଳ ଗଡ଼ି ଗଲାଣି ।

ଅରୁନ୍ଧତୀ କଥାର କୌଣସି ଉତ୍ତର ନ ଦେଇ ୱାସ୍‌ରୁମ୍ ଭିତରକୁ ପଶିଗଲା ନଳନୀ । କାନ୍ଥ ଘଡ଼ି ଉପରେ ନଜର ପକାଇଲା ଅରୁନ୍ଧତୀ । ସନ୍ଧ୍ୟା ସାତଟା । ଠିକ୍ ଆଠଟାରେ ନଳନୀଙ୍କର ଡିନର କରିବା ଅଭ୍ୟାସ । ସେଥିରେ ବ୍ୟତିକ୍ରମ ଦେଖାଇ ଏ ଯାବତ୍ ପରିସରକୁ ଦୂଷିତ କରିବା ଠାରୁ ନଜକୁ ଦୂରରେ ରଖିଥିଲା ଅରୁନ୍ଧତୀ । ତରତରରେ ସନ୍ଧ୍ୟା ବତୀଟି ଲଗାଇ ଦେଇ ରନ୍ଧା ଘର ଭିତରକୁ ପଶିଲା । ରାଇସ୍ କୁକରରେ ଦୁଇ ମୁଠା ଚାଉଳ ଧୋଇ ରଖି ସ୍ୱିଚ ଅନ୍ କଲା । ଭାତ ନ ହେଲେ ନଳନୀଙ୍କର ମୁଣ୍ଡ ବିଗିଡ଼ି ଯିବ । ଦିନର ମାଛ ତରକାରୀ ଅଛି । କଛି ଭଜା ଖଣ୍ଡେ କରିଦେଲେ କାମ ଚଳିଯିବ ।

ନଳନୀଙ୍କର ନର୍ଦ୍ଦିଷ୍ଟ ସମୟରେ ଡ଼ିନି ଭୋଜ ପ୍ରସ୍ତୁତ କରି ପାରିଥିବା ହେତୁ ନଜକୁ ନଜେ ଗର୍ବ ଅନୁଭବ କରୁଥିଲା ଅରୁନ୍ଧତୀ । ହଠାତ୍ କରି ନଳନୀଙ୍କର ମୋବାଇଲ ଫୋନଟି ବାଜି ଉଠିଲା । "ଖାଇ ସାରିବା ପରେ କରିବି" କହି ଫୋନ୍ ବନ୍ଦ କଲେ ନଳନୀ । ଅରୁନ୍ଧତୀ ଲକ୍ଷ୍ୟ କଲା, ନଳନୀଙ୍କର ମୁହଁଟା କେମିତି ଶେଥା ପଡ଼ିଗଲା । ଚୁପଚାପ୍ ଖାଇବାରେ ମନ ଦେଇଥିଲେ ନଳନୀ । କଛି ପ୍ରୋଜେକ୍ଟ ଜନତ ଅସୁବିଧା ନୁହେଁ ତ ! ମଝିରେ ମଝିରେ କଛି

ISSN NO.
2582-208X

କଥା କହି ନଳିନୀଙ୍କୁ ଉଲ୍ଲାସିତ କରିବାର ପ୍ରୟାସ କରୁଥିଲା ଅରୁନ୍ଧତୀ । ଭବା ବେଗରେ ପାଟିରୁ ବାହାରି ଆସିଲା, ତୁମ ମୁହଁଟା କାହିଁକି ଶେଥା ପଡ଼ିଯାଇଛି ! ଅଫିସରେ କିଛି ଅସୁବିଧା ନାହିଁ ତ !

ମୋ ଅସୁବିଧାରେ ତୁମର ଯାଏ ଆସେ କେତେ ! ଏ ସବୁ ପାଇଁ ଅନ୍ୟର ସାହାଯ୍ୟ ନେବାକୁ ପଡୁଛି । କେଜାଣି କାହିଁକି ଏତିକି କହି କଥାର ମୋଡ଼ ବଦଳାଇବାର ପ୍ରୟାସ କଲେ ନଳିନୀ । "ଆଜି ଭଜାଟା କେଉଁଠୁ ଆସିଛି । ଖୁବ୍ ସୁଆଦ ହେଇଛି ।"

ଅରୁନ୍ଧତୀ ଭଲ କରି ଜାଣିଛି ସେ ଯେତେ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କଲେ ମଧ୍ୟ ନଳିନୀ ବାହୁନ ଥାଆନ୍ତି । ତେଣୁ ମୁହଁ ନ ଖୋଲି ତାଙ୍କ ଥାଳରେ ଭଜା ପରଶିଲା । କଥାର ମୋଡ଼ ବଦଳାଇବା ପାଇଁ କହିଲା, ଜାଣିଛ ଆଜି ଗୋଟାଏ ଅଜବ ଫୋନ୍ କଲ୍ ଆସିଥିଲା ।

କାହାଠାରୁ ?

କେମିତି ଜାଣିବି ! ଲ୍ୟାଣ୍ଡ ଲାଇନରେ । ତୁମେ ତ ତୁମର କାମ ନେଇ ଦହାଡି ବ୍ୟସ୍ତ ଭିତରେ ରହୁଛ । ମୁଁ ଭାବୁଛି ଆସନ୍ତା କାଲି ଏମ ଟି ଏନ୍ ଏଲ୍ ଅଫିସ ଯାଇ ମୁଁ ଫୋନ୍‌ଟି ବଦଳାଇ ଆଣିବି । ଅନ୍ତତଃ କାହାଠୁ ଫୋନ୍ ଆସିଲା ତ ଜଣା ପଡ଼ିଯିବ ।

ଲ୍ୟାଣ୍ଡ ଲାଇନରେ ଫୋନ୍ ! ନଳିନୀ ମୁହଁରୁ ଅଳ୍ପ କିଛି ବଞ୍ଚିଥିବା ସବୁ ରଙ୍ଗ ଯେମିତି ଉଡ଼ିଗଲା ।

"ତୁମକୁ ବି ଆଶ୍ଚର୍ଯ୍ୟ ଲାଗିଲାଟି !" ଏତିକି କହି ନଳିନୀଙ୍କର ଅଇଁଠା ଥାଳଟି ଉଠାଉ ଉଠାଉ ତାଙ୍କର ବିବର୍ଣ୍ଣ ମୁହଁକୁ ଦେଖି ବ୍ୟସ୍ତ ହୋଇପଡ଼ି କହିଲା ଅରୁନ୍ଧତୀ; "କ'ଣ ହେଲା ? ଦେହ ଠିକ୍ ଲାଗୁନ କି ??"

ନାଁ, ସବୁ ଠିକ୍ ଅଛି । ଲ୍ୟାଣ୍ଡ ଲାଇନ୍ ଫୋନ୍ ତୁମକୁ ଅଜବ ଲାଗିଲା ! ନିଜକୁ ସମ୍ଭାଳି ନେବା ପାଇଁ କହିଲା ନଳିନୀ ।

ଆରେ ନାଁ ମ । କ'ଣ ଗୁଡ଼ାଏ ଆଉ ସାଉ ଗପି ଗ୍ଲାଲିଥିଲେ ଭଦ୍ର ମହିଳା । ମନେ ହେଉଥିଲା ତାଙ୍କର ମୁଣ୍ଡ ଦୋଷ ଅଛି ।

ମୁଣ୍ଡ ଦୋଷ ! ମଣିଷ ଟିକୁ ନ ଦେଖି ତା'ର ମୁଣ୍ଡ ଦୋଷ ଅଛି କେମିତି ଜାଣି ପାରିଲ !

ISSN NO.
2582-208X

ଠିକ୍ କହୁଛ, ମଣିଷ ଟିର ହାବ ଭାବ ନ ଦେଖି ତା' ବିଷୟରେ ଆକଳନ କରିବା ସମ୍ଭବ ନୁହେଁ । ମାତ୍ର ଭଦ୍ର ମହିଳାଙ୍କର ଚଡ୍ ଚଡ଼ା କଥାବାର୍ତ୍ତା, ଅସ୍ଥିରତା ଭାବ, ଧ୍ୟାନ କେନ୍ଦ୍ରିତ କରିବାରେ ଅସୁବିଧା ଏବଂ ସର୍ବୋପରି କଥା କହୁ କହୁ ମିଂଜାସରେ ପରିବର୍ତ୍ତନ ତ ମାନସିକ ଅସ୍ଥିରତାର ମୁଖ୍ୟ ଲକ୍ଷଣ ।

ଓଃ...... ବୁଝିଲି । ଏଇଥିପାଇଁ କୁହାଯାଇଥାଏ ଶିକ୍ଷିତା ପତ୍ନୀ ଅର୍ଥାତ୍ ତୁମର ଗୋପନୀୟତାରେ ପ୍ରତିବନ୍ଧକ ।

ଏଥିରେ ତୁମ ଗୋପନୀୟତାର ସ୍ଥାନ କାହିଁ !

ଆରେ ଛାଡ଼ିଦିଅ ସେ ସବୁ କଥା । ଅଜବ ଫୋନକୁ ଗଜବ କରି ଉଡ଼ାଇ ଦିଅ ।

ସତକୁ ସତ ଅଜବ କଥା ଗୁଡ଼ିକୁ ପବନରେ ଉଡ଼ାଇ ଦେଇଥିଲା ଅରୁନ୍ଧତୀ । ମାତ୍ର ଥରକୁ ଥର ନଳିନୀଙ୍କର ଭିନ୍ନ ଭିନ୍ନ ରୂପ ଧରି ଆସୁଥିବା କାର୍ଯ୍ୟ କଳାପ ଗୁଡ଼ିକ ତା'ର ମନ ଅଗଣାରେ ଗୋଟିଏ ଗୋଟିଏ ଆସ୍ତରଣ ଛାଡ଼ି ଦେଇ ଯାଉଥିଲା । ସେଦିନ ଡିନର ପାର୍ଟିରେ 'ଆମେ ଦେଢ଼', ମାନସୀର ଫୋନ୍" ମିଆଁ ବିବି ରାଜି ତ କ୍ୟା କରେଗା ପାଜି" । ଅନ୍ୟ ଦିନ ସନ୍ଧ୍ୟାରେ "ତୁମଠାରୁ ଅଧିକ ସୁନ୍ଦରୀ ଏଇ ଦୁନିଆରେ ତିଷ୍ଠିଛନ୍ତି ।" ସବୁ ଗୁଡ଼ିକର ମୂଳ ଏଇ ମାନସୀ ନୁହେଁ ତ ! ନିଜ ଅଜାଣତରେ ଆଖିରୁ ଦୁଇଧାର ଲୁହ ଗଡ଼ିଗଲା । ନିଜକୁ ପ୍ରକୃତିସ୍ଥ କରି ପଣତ କାନିରେ ଲୁହ ଦୁଇଧାରକୁ ପୋଛି ପକାଇଲା । ଯେଉଁ କଥା ଅକସ୍ମାତ୍ ବଜ୍ରପାତ ଭଳି ଆସିଥାଏ ସେଥିପାଇଁ ଦୁଃଖ କରାଯାଏ । ନଳିନୀର ଏ ସବୁ ଗୁଣ ତ ତା ପାଇଁ କିଛି ନୂଆ ନୁହେଁ । ତେଣୁ ଖରାପ କଥା ଗୁଡ଼ାକୁ ମୁଣ୍ଡ ଭିତରକୁ ନେବା ଅନୁଚତ୍ ।

ପିଲାଦିନେ ଖେଳବା ସମୟରେ ଥରେ କେତେଜଣ ମିଳତ ଭାବେ ତାକୁ ଅସ୍ତବ୍ୟସ୍ତ କରି ପକାଇଥିଲେ । ମା ଖାଇ ଡାଆଣୀ, ହବ ଯେବେ ପୁଆଣୀ, ଆଲୁଅ ହବ ଧପ, ଗାଡ଼ି ହବ ଠପ୍ ।

କାନ୍ଦ କାନ୍ଦ ଯାଇ ବାପାଙ୍କ ପାଖରେ ନାଲିସ କରିଥିଲ୍ ।" ମୁଁ ଲାଗି ଲାଗି ତିନ ଥର ଖେଳରେ ଜିତି ଯାଇଥିଲି । ତାପରେ ......" ବାପା ବୁଝାଇଥିଲେ, ଯିଏ" ଖରାପ କଥା କହୁଛି ତା' କଥା ଗୁଡାକ କାନରେ ନ ପଶାଇଲେ ତୋ ମୁଣ୍ଡ ଥଣ୍ଡା ରହିବ । ଆଉ ତୁ ତିନଥର କାହିଁକି ବାରମ୍ବାର ଜିତିବୁ । ଆଉ ଖରାପ କଥା ଗୁଡ଼ା ଯୁଆଡୁ ଉଡ଼ି ଆସିଥିବ ଯାଇ

ISSN NO.
2582-208X

ତା ମୁଣ୍ଡରେ ପଶିଯିବ । ମନକୁ ମନ ଖୁସି ହୋଇ ବାପାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କଲା । ବାପାଙ୍କର ଏଇ କଥା ପଦକୁ ବେଦରେ ଗାର କରି ରଖିଛି ବୋଲି ସତରେ ସେ ଖୁସି ରହି ପାରୁଛି । ସ୍କୁଲରେ ପଢିଲା ବେଳେ ଥରେ ବିଶ୍ୱାମିତ୍ର ପଣ୍ଡିତେ ପଢ଼ାଇଥିଲେ, "ପ୍ରକୃତି ନୈବ୍ୟ ମୁଚ୍ୟତେ, ଯଦି ମୁଚ୍ୟତେ ସନୈ ସନୈ ।" ଆହୁରି ଏକ ପଂକ୍ତି କେଉଁଠୁ ଆସି ମନ ଗଗନକୁ ଧକ୍କା ମାରିଲା । "ଘୁଷୁରୀ ପ୍ରକୃତି ପଙ୍କେ ଲୋଟେ, ମଣିଷ ପ୍ରକୃତି ମଲେ ତୁଟେ ।" 'ମଲେ ତୁଟେ ।' ଜିଭ କାମୁଡି ପକାଇଲା ଅରୁନ୍ଧତୀ । ଆଜି ଭଳ ଏମିତି ଏକ ଭଲ ଦିନରେ ସେ କ'ଣ ଏମିତି ଅବାନ୍ତର କଥା ଗୁଡ଼ାକୁ ମନକୁ ଆଣୁଛି । ନଳନୀ ଯେମିତି ହୁଅନ୍ତୁ । ସେ ଅଗ୍ନିକୁ ସାକ୍ଷୀ ରଖି ତାଙ୍କର ହାତ ଧରିଛି । ଆଜି ନଳନୀଙ୍କର ଜନ୍ମଦିନ । ତତ୍ପର ହୋଇ ବସିବା ସ୍ଥାନରୁ ଉଠି ପଡ଼ିଲା ଅରୁନ୍ଧତୀ ।

ହଠାତ୍ ସେଲ ଫୋନର ଶବ୍ଦ ଶୁଣି ରନ୍ଧା ଘର ବାହାରକୁ ଆସିଲ ।

"ହ୍ୟାଲୋ ।"

"ଅରୁନ୍ଧତୀ ଦେବୀ ?"

"ହଁ ।"

"ବହୁତ ବହୁତ ଅଭିନନ୍ଦନ ।"

"କ'ଣ ପାଇଁ ?"

"ଲୋ...... ବନୟେ ମତ ।"

ଏଇ କେତେ ମାସରେ ଅରୁନ୍ଧତୀକୁ ବହୁ ଗୁଡ଼ିଏ ହିନ୍ଦୀ ଚଳତ ଶବ୍ଦର ପ୍ରକୃତ ଅର୍ଥ ଜଣା ପଡ଼ିଥିଲା । ଶବ୍ଦଟି ଶୁଣି ଅପମାନିତ ହୋଇଥିଲେ ମଧ୍ୟ ସୌଜନ୍ୟତା ଦୃଷ୍ଟିରୁ କହିଲା, ନଳନୀଙ୍କ ଜନ୍ମ ଦିବସ କଥା କହୁଛନ୍ତୁ ।

"ଓଃ, ଆଜି ପହଲବାନର ସ୍ୱନକ୍ଷତ୍ର !"

"ପହଲବାନ ! !"

ISSN NO.
2582-208X

ଆରେ ମାମ୍, ଚେହେରାଟା ସିନା ପହଲବାନ ନୁହେଁ । ହେଲେ ବିଗ୍ସରର ଆକଳନ ନାହିଁ । ତେଣୁ ଆମେ ସବୁ ତାକୁ 'ଦାଦା' ଡ଼ାକଥାଉ । ଆଚ୍ଛା, ସେ ସବୁ ପଛରେ । ସତରେ ଆପଣଙ୍କୁ କଛି ଜଣା ନାହିଁ ଭଉଣୀ !

"ଆପଣ କୋଉ କଥା କହିବାକୁ ଗ୍ହୁଁଛନ୍ତ, ମୁଁ କଛି ବୁଝି ପାରୁନ ସାର ।"

ଦାଦା ଗୋଟାଏ ବଙ୍ଗଳା ଏବଂ ପାଖାପାଖି ଗୋଟାଏ ବଡ଼ ଅଫିସ କଣିଛି । ଆଉ ଆପଣଙ୍କୁ ସେ ଭଡ଼ା ଦୁଇ ବଖରିଆ ଘରେ ରହିବାକୁ ହେବନ । ତା ଛଡ଼ା ଅଫିସଟା ପାଖ ବିଲ୍ଡିଂ ହୋଇଥିବାରୁ ଦାଦା ମଧ ଆପଣଙ୍କ ଆଖି ଆଢୁଆଳକୁ ଯାଇପାରିବନ । ହଉ, ଆପଣଙ୍କ ଉପରେ ତିନ ତିନଟା ପାର୍ଟି ରହିଲା । ପ୍ରଥମ ଘର କଣା, ଦ୍ୱିତୀୟ ଅଫିସ କଣା ଆଉ ତୃତୀୟ ହେଲା ଶୁଭ ଜନ୍ମଦିନର ପାର୍ଟି ।

ଫୋନ୍ ବନ୍ଦ ହେବା ପରେ ପୁଣି ଥରେ ଚନ୍ତା ରାଜ୍ୟରେ ବୁଡି ଗଲା ଅରୁନ୍ଧତୀ । ଏତେ ବଡ଼ କଥାଟା ନଳନୀ ତା ଠାରୁ ଲୁଗ୍ଇ ରଖିଛନ୍ତ । ଯେଉଁଥିପାଇଁ ଆଜି ତାକୁ ବାହାର ମଣିଷଟିଏ ପାଖରେ ଅପମାନତ ହେବାକୁ ପଡ଼ିଲା । ପୁଣି ଥରେ ନଜକୁ ବୁଝାଇ ବସିଲା ଅରୁନ୍ଧତୀ । ବାପା କହନ୍ତ, "ସବୁ କଥାକୁ ସକାରାତ୍ମକ ଦୃଷ୍ଟିରେ ନେଲେ ଦୁଃଖ ତୁମକୁ ଛୁଇଁ ପାରିବନ।" ହଁ, ଠିକ୍ କଥା । ନଳନୀ ତାକୁ ଆଶ୍ଚର୍ଯ୍ୟ କରାଇବା ପାଇଁ କଥା ଲୁଗ୍ଇ ରଖିଛନ୍ତ ।

ଜନ୍ମଦିନ ପାଇଁ ସମସ୍ତ ଆୟୋଜନ କରି ବୈଠକ ରୁମର ସୋଫା ଉପରେ ଖୁଣ୍ଟଟାଏ ଭଳ ବସି ରହିଲା ଅରୁନ୍ଧତୀ । ଟିକ ଟିକ ହୋଇ କାନ୍ଥ ଘଡ଼ିଟି ଆଗକୁ ମାଡି ଗ୍ଲିଛି । ନଜେ ଟିକ (ସ୍ଥଗିତ) ଯାଆନ୍ତା ହେଲେ ! ବନ୍ଦ ହୋଇଗଲେ ସମୟ ଆଗକୁ ଯାଆନ୍ତାନ ଆଉ ତା ମନକୁ ମଧ ହଜାର ଅବାନ୍ତର ଚନ୍ତା ଆସନ୍ତାନ ।

ଏବେ ଆସିଯିବେ ,ଏବେ ଆସିଯିବେ ହୋଇ ଦୁଆର ବନ୍ଦ କରି ନଥିଲା ଅରୁନ୍ଧତୀ ।

ଆରେ ଆରେ, ରାତି ସାଢ଼େ ଏଗାରଟା ହେଲାଣି । ଦୁଆର ଖୋଲା ରଖି ବସିଛ ! ଆଜିକାଲି ସମୟ ଖରାପ, ଚୋରି, ଡକାୟତି ମାତ୍ରା ବଢ଼ି ଗ୍ଲିଛି ।

ଚୋରି ହେବା ପାଇଁ ଏ ଘରେ କ'ଣ ଅଛି ! ଡାଇନଂ ଟେବୁଲ୍ ଉପରେ ତୁମ ଜନ୍ମଦିନର ସାଜସଜ୍ଜା ତୁମ ପ୍ରତୀକ୍ଷାରେ ଆଖି ପିଛୁଡ଼ା ନ ପକାଇ ବସି ରହିଛନ୍ତ ।

ISSN NO.
2582-208X

ମୁଁ ଏଥିପାଇଁ ବହୁତ ଦୁଃଖିତ ଅରୁ । ତୁମକୁ ବହୁତ ଥର କହିବା ପାଇଁ ଚେଷ୍ଟା କରିଛି, ମାତ୍ର କହି ପାରିନ । ପ୍ରଥମ ଥର ପାଇଁ ମାନସୀ ମୋ ଜୀବନକୁ ଆସିଛି । ତେଣୁ ତା'ର ମନ ଭାଙ୍ଗି ଦେବାଟା କ'ଣ ଠିକ୍ ହୋଇଥାନ୍ତା !

ଆମ ବାହାଘରକୁ ମଧ୍ୟ ବର୍ଷଟିଏ ପୂରିନ ।

ଆରେ ଅରୁ, ତୁମେ ତ ମୋତେ ବହୁ ବର୍ଷ ପୂର୍ବରୁ ଜାଣିଛ । ତା ଛଡ଼ା ତୁମ ଚିନ୍ତା ଧାରା ମଧ୍ୟ ବହୁ ସୁଦୃଢ଼ । ମାନସୀ ର ହାବ ଭାବ ଖୁବ୍ କୋମଳ ।

ଆଜି ପର୍ଯ୍ୟନ୍ତ ଯାହା ପରୋକ୍ଷରେ ଚାଲିଥିଲା ତାହା ସ୍ୱଷ୍ଟୀଭୂତ କରିଦେଲେ ନଳିନୀ । କ୍ଷତି କ'ଣ ! ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷରେ । ବିଷୟ ତ ଗୋଟିଏ ।

ବହୁ ଚେଷ୍ଟା କରି ମଧ୍ୟ ଶୋଇ ପାରୁ ନ ଥିଲା ଅରୁନ୍ଧତୀ । କଡ଼ ମୋଡ଼ି ନଳିନୀଙ୍କ ଆଡ଼କୁ ଚାହିଁଲା । ଗଭୀର ନିଦ୍ରାରେ ଶୋଇଛନ୍ତି ନଳିନୀ । ପାଦ ଉପରେ ଖଣ୍ଡେ ଚଦର । ବାପାଙ୍କ ଉପରେ ଅଭିମାନ ଆସୁଥିଲା । ଜାଣିଶୁଣି କାହିଁକି ଏପରି ନିଷ୍ପତ୍ତିଟିଏ ନେଇଥିଲେ । ନିଶ୍ଚିତ ରୂପେ ତାଙ୍କ ଉପରେ କୌଣସି ବାହ୍ୟ ଚାପ ଆସିଥିଲା । ସେ ଯାହା ହେଉ ବର୍ତ୍ତମାନ ସେ ଭୁକ୍ତଭୋଗୀ ।

ବିଛଣାରୁ ଉଠି ଚିନ୍ତା କଲା, ନିଦ ଔଷଧିଟିଏ ଖାଇବ କି? ବାପାଙ୍କ କଥା ମନେ ପଡ଼ିଲା, ଶୋଇବା ପାଇଁ ଏ ଭୁଲ୍ କାହାର ବି କରିବା କଥା ନୁହେଁ, ସକାରାତ୍ମକ ମନୋବୃତ୍ତି ମଣିଷର ମୁଖ୍ୟ ମହୌଷଧି ।

ଖୁବ୍ ଜୋରରେ ଆଖି ବନ୍ଦ କରି ବିଛଣାରେ ପଡ଼ି ରହିଲା ଅରୁନ୍ଧତୀ । କେତେବେଳେ ନିଦ ହୋଇଯାଇଥିଲା ଜଣା ପଡ଼ି ନ ଥିଲା ।

ଅଫିସ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ ନଳିନୀ । ଅରୁନ୍ଧତୀର ଇଚ୍ଛା ହେଲା ପଚାରିବ କେଉଁ ଅଫିସ । ନାଁ, ନିଜକୁ ଦୃଢ଼ କଲା ସେ । ଯେ ଯାବତ୍ ନଳିନୀ ନିଜେ ତାକୁ ଅଫିସ ବିଷୟରେ ନ କହିଛନ୍ତି ସେ ତାଙ୍କୁ ପଚାରିବନି । ହଠାତ୍ କାହା ଫୋନ୍ କଲ୍ ଶୁଣି ପାଖ ଟେବୁଲ୍ ପାଖକୁ ଯାଇ ଫୋନ୍ ଉଠାଇଲେ ନଳିନୀ । କେଉଁ ଏକ ଅପରିଚିତଙ୍କର ଫୋନ୍ ।

"ହ୍ୟାଲୋ ।"

ISSN NO.
2582-208X

"ନଳିନୀ ବାବୁ କହୁଛନ୍ତି?"

"ହଁ, ମାତ୍ର ଆପଣ ! ଜାଣି ପାରିଲିନ ।"

"ଦିଲ୍ଲୀ ୟୁନିଭରସିଟିରୁ କହୁଛି । ଦୁଇଦିନ ପୂର୍ବରୁ ଅରୁନ୍ଧତୀ ଦେବୀଙ୍କ ନିକଟକୁ ଫୋନ୍ କରିଥିଲି । ଆମ କଲେଜରେ ଗୋଟିଏ ରିଡର୍ ପୋଷ୍ଟ ଖାଲି ଅଛି । ମୋର ଯାହା ମନେ ହେଲା ଅରୁନ୍ଧତୀ ଦେବୀଙ୍କ ଅପେକ୍ଷା ଆମକୁ ଆଉ କେହି ଭଲ ପ୍ରାର୍ଥୀ ମିଳିବେନ । ମାତ୍ର ସେ ଆପଣଙ୍କ ନିକଟକୁ ଫୋନ୍ କରିବା ପାଇଁ କହିଲେ ।"

"ରିଡର୍ ? ଆପଣଙ୍କୁ ବୋଧେ ଭୁଲ୍ ଖବର ମିଳିଛି । ସେ ଏତେ ସିନିୟର୍ ନୁହନ୍ତି ।"

"ଜାଣେ । ମାତ୍ର ତାଙ୍କ କ୍ୱାଲିଫିକେସନର ଅନ୍ୟ ଏକ ପ୍ରାର୍ଥୀ ମିଳିବା ଅସମ୍ଭବ । ନେକ୍ସଟ ଇମ୍ପସିବଲ । ଆପଣଙ୍କ ଠାରୁ ସମ୍ମତି ପ୍ରାପ୍ତ ହେଲେ ମୁଁ ଆଜି ତାଙ୍କ ପାଖକୁ ଜଏନିଂ ରିକ୍ୱେଷ୍ଟ ଚଠି ପଠାଇଦେବି ।"

"ଆପଣ ଯାହା ଉଚତ୍ ମନେ କରିବେ ।"

ୟା ଭିତରେ ଅରୁନ୍ଧତୀ ଟେବୁଲ୍ ଉପରେ ବ୍ରେକଫାଷ୍ଟ ସଜାଡ଼ି ଦେଇଥିଲା । ଜଲଦି ଜଲଦି ଖାଇ ନେଇ "ମୋର ଆଜି ଆସିବାରେ ଡେରି ହେବ କହି ନଳିନୀ ଚାଲିଗଲେ ।"

ଆଉଥରେ ଦିଲ୍ଲୀ ୟୁନିଭରସିଟିରୁ ଶ୍ରୀ ଶ୍ରୀବାସ୍ତବଙ୍କର ଫୋନ୍ । ଅରୁନ୍ଧତୀ ସେଇ ଫୋନଟିକୁ ଉଠାଇଥିଲା । ଆପଣଙ୍କ କହିବା ଅନୁଯାୟୀ ନଳିନୀ ବାବୁଙ୍କ ସହ କଥା ହେଲି। ତାଙ୍କର କୌଣସି ଆପତ୍ତି ନାହିଁ । ଆପଣ ଆପଣଙ୍କର ମେଲ ବକ୍ସ ଚେକ୍ କରି ଜଏନିଂ ରିପୋର୍ଟଟି ଦସ୍ତଖତ କରି ପଠାଇ ଦିଅନ୍ତୁ । ଆଜି କଲେଜ ଆସିଲେ ଭଲ । ଅଥବା କାଲିଠାରୁ ।"

ନଳିନୀ କହୁଥିଲେ ତାଙ୍କର ଆଜି ଆସିବାରେ ବିଳମ୍ବ ହେବ । ତେଣୁ ଆଜି ଗଲେ କ୍ଷତି କ'ଣ ! ତା ଛଡ଼ା ଶ୍ରୀବାସ୍ତବ ବାବୁ କହୁଥିଲେ ତାଙ୍କୁ ନଳିନୀ ଅନୁମତି ଦେଇସାରିଛନ୍ତି ।

ସେଦିନ କଲେଜ ଛୁଟି ଥିଲା । ନଳିନୀ ବ୍ରେକଫାଷ୍ଟ କରି ଅଫିସ ଯାଇ ସାରିଥିଲେ । ଆଜି ଘର ସଜାଡ଼ିବା ପାଇଁ ସୁବର୍ଣ୍ଣ ସୁଯୋଗ । ପ୍ରଥମେ ନଳିନୀଙ୍କର ଆଲମାରୀ ସଫା କରାଯାଉ। ଆଲମାରୀ ଖୋଲି ହତବମ୍ବ ହୋଇ ଛିଡ଼ା ହୋଇଗଲା ଅରୁନ୍ଧତୀ । ଆଲମାରୀ

ISSN NO.
2582-208X

ସଂପୂର୍ଣ୍ଣ ଖାଲି । ଗୋଟାଏ ହ୍ୟାଙ୍ଗରରେ ଖଣ୍ଡିଏ ଟ୍ରାଉଜର ଏବଂ ଉପରେ ଏକ ସାର୍ଟ ଅନ୍ୟ ଏକ ହ୍ୟାଙ୍ଗରରେ ହାପ୍‌ସାର୍ଟ ଖଣ୍ଡିଏ । ଗୋଟିଏ ଥାକରେ ଭଙ୍ଗା ଭଙ୍ଗି ହୋଇ ଗୋଟିଏ ବଡ଼ ତଉଲିଆ ଏବଂ ଏକ ରାତି ପିନ୍ଧା ପୋଷାକ । ଏସବୁ କେମିତି ? ଘରେ କେହି ନଥିବା ସମୟରେ ଚୋରି ହୋଇ ଯାଇନ ତ । ନିଜ କପ୍ ବୋର୍ଡ଼ ଖୋଲି ଦେଖିଲା । ତା'ର ସମସ୍ତ ଲୁଗାପଟା ଠିକ୍ ରହିଛି । ଗହଣା ବାକ୍ସ ଖୋଲିଲା । ବାହାଘରର ହାର, କଙ୍କଣ ଏବଂ ଝୁମୁକ ସବୁ ଠିକ୍ ଠାକ୍ ଅଛି । ତେବେ ? ନଳନୀ ଅଫିସରୁ ଫେରିବା ପର୍ଯ୍ୟନ୍ତ କେବଳ ଛଟପଟ ହେଉଥିଲା ଅରୁନ୍ଧତୀ । ନଳନୀ ଘର ଭିତରେ ପଶୁ ପଶୁ କହି ଉଠିଲା, ତୁମ ଆଲମାରୀଟା ପୁରା ଖାଲି । ସବୁ ପୋଷାକ ଗୁଡ଼ିକୁ ଏକାଠି ଡ୍ରାଇ କ୍ଲିନଂ ପାଇଁ ଦେଇଛ କି ? ସାଧାରଣ ଲୁଗା ଗୁଡାକ ଘରେ ସଫା ହୋଇପାରିଥାନ୍ତା ।

ସେ କଥା ନିଜକୁ ପଚାର । ତୁମ ପାଖରେ ଘର କାମ ପାଇଁ ସମୟ ନାହିଁ, ଆଉ ମୁଁ ଏ ସବୁ କାମ କରିବା ପିଲାଦିନ ଠାରୁ ଶିଖିନ ।

ଏତେ ରାଗୁଛ କାହିଁକି ? ମୁଁ କେବେ ଘର କାମ କରିବା ପାଇଁ ମନାକରିଛି ! !

ଖଟି ଖଟି ମଣିଷ ଘରକୁ ଫେରିବ । ଦେଖିବା ବେଳକୁ ଘର ଭିତର ଗୋଟାଏ କବାଡ଼ି ଖାନା। ମୋର ଏ ସବୁ ଦେଖିବାର ଅଭ୍ୟାସ ନାହିଁ । ମୁଁ ମୋ ଜନ୍ମକଲା ମା' ପାଖରେ ବଢ଼ିଛି। ମୋ ପାଇଁ ସୁସଜ୍ଜିତ ଘର ଦରକାର । ଏମିତି ଅଳଆ ଗଦା ନୁହେଁ । ତୁମେ ଏଇ ଘରେ ଥାଅ । ଚାକରୀ କଲଣି । ତେଣୁ ଭଡ଼ା ଦେବାରେ ଅସୁବିଧା ହେବନି । ମୁଁ ଏବେ ଘର ଛାଡ଼ି ଯାଉଛି କହି, ଆଲମାରୀ ଉପରେ ଥିବା ସୁଟ୍‌କେଶ୍‌ଟିକୁ ଗାଡ଼ିରେ ରଖିବାକୁ ବାହାରୁଥିଲେ ନଳନୀ ।

ଚଢ଼ା ଗଳାରେ କହିବା ଆରମ୍ଭ କଲା ଅରୁନ୍ଧତୀ । ଛଅ ମାସ ଧରି ମୁଁ ତୁମର ସମସ୍ତ କାର୍ଯ୍ୟ କଳାପ ଲକ୍ଷ୍ୟ କରୁଛି । ତୁମେ ମନେ କରୁଛ ମୁଁ ଏଡ଼େ ମୂର୍ଖ, କିଛି ବୁଝି ପାରୁନ, ଜାଣି ପାରୁନ ।

ଖୁବ୍ ଭଲ କଥା । ଜାଣିଛ ଯଦି ଝଗଡ଼ା କରିବା ନିଷ୍ପ୍ରୟୋଜନ । ମତେ ଯାହା ପାଖରେ ଶାନ୍ତି ମିଳିବ ମୁଁ ତା' ପାଖରେ ରହିବି ।

ମାନସୀ ତ !

ISSN NO.
2582-208X

"ଜାଣିଛ ଯଦି ପଚାରୁଛ କାହିଁକ ?" କହି ଦୁମ୍ ଦୁମ୍ ଘରୁ ବାହାରି ଗାଡ଼ିରେ ବସିଲେ ନଳନୀ ।

ଦିନ କେଇଟା ବାଦ୍ ସେଦିନ ସନ୍ଧ୍ୟାରେ ହଠାତ୍ ଗୋଟାଏ ଅପରିଚତ ଫୋନ୍ କଲ୍ କେଉଁଠୁ ଆସିଥିଲା ।

ମୁଁ ନଳନୀର ବନ୍ଧୁ ବିରାଜ କହୁଛି । ପାଖରେ କେହି ଅଛନ୍ତ କ ??

ଆପଣ କ'ଣ କହିବାକୁ ଚାହୁଁଛନ୍ତ?

କହୁଥିଲି..... ଆଜିର ସନ୍ଧ୍ୟାଟି ଖୁବ୍ ସୁନ୍ଦର ଲାଗୁଛି । ଏମିତି ସମୟକୁ ହାତଛଡ଼ା କରିବାର ନୁହେଁ ।

ଫୋନ ରଖନ୍ତୁ ବିରାଜ ବାବୁ । ଯାହା କଛି କହିବାର ଆପଣ ଆପଣଙ୍କର ବନ୍ଧୁଙ୍କୁ କୁହନ୍ତୁ ।

ତୁମେ ଭାବୁଛ ମୁଁ ନଳନୀଠାରୁ ଅନୁମତି ନ ନେଇ ତା ପତ୍ନୀ ସହ ଅୟସ କରିବାକୁ ବାହାରିଛି । ଅତୀତ ହେଉ ବା ବର୍ତ୍ତମାନ ତୁମେ ନଳନୀର ପତ୍ନୀ । ମୁଁ ମୁଡ଼ରେ ଅଛି ଅରୁନ୍ଧତୀ !

ଘୃଣାର ଚରମ ସୀମାରେ ପହଞ୍ଚି ରିସିଭରଟିକୁ ଜୋର୍‌ରେ କଚାଡ଼ିଦେଲା ଅରୁନ୍ଧତୀ ।

କ୍ରମଶଃ..

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ହୃଦୟ



ଦୀପ୍ତିରାଣୀ ସ୍ୱାଇଁ

ମୁଁ ତ ସଭିଙ୍କ ଭିତରେ ଥାଏ
ମଣିଷ ଜୀବନକୁ ଏକ ଭିନ୍ନ ମୋଡ ଦିଏ
କେତେବେଳେ ମୁଁ ଅସହାୟ ବନ୍ୟା ହୋଇଥାଏ
ଆଉ କେତେବେଳେ ଚଳଚଞ୍ଚଳ ହୋଇ ଆଗକୁ ମାଡିଯାଏ ।
ନା ଅଛି ମୋର ରୂପ ନା ଅଛି ମାର ବର୍ଣ୍ଣ
ତଥାପି ମଣିଷ ଦେଇଛି ମୋତେ ଉଚ୍ଚାସନ
ସ୍ୱପ୍ନ ଦେଖେ ମୁଁ ତାକୁ ପୂର୍ଣ୍ଣ କରିବାପାଇଁ ଚେଷ୍ଟାକରେ
କନ୍ତୁ ସମୟ ସ୍ରୋତରେ ସେ ଭସିଯାଏ
ସବୁବେଳେ କଛି ନୂଆ ଆଶା ରଖିଥାଏ
ଆଶା ପୂରଣ ନ ହେଉନୁ ଶରୀର ମୋତେ ଛାଡି ଚାଲିଯାଏ ।
ମୁଁ ସବୁ ଅନୁଭବ କରିଛି
ଯେପରିକ ହସ, କାନ୍ଦ, ଦୁଃଖ, ସୁଖ, ମୋହ, ମାୟା
ଆଉ ପ୍ରଥମ ପ୍ରେମର ଛୁଆଁ
ସବୁଠାରୁ ସୁନ୍ଦର ଏଇ ପ୍ରେମ
ସବୁଠାରୁ ନିଆରା ସେ
ତାଠାରେ ରହିଛି ମାଦକତା
ଆଉ ସେ ରସର ଗନ୍ତାଘର ।

ISSN NO.
2582-208X

କନ୍ତୁ ମୋ ବିନା ସେ ଅସହାୟ
ମଣିଷ ଜୀବନରେ ଏଇ ଋତୁ ଯେବେ ଆସେ
ସବୁବେଳେ ମୋତେ ହିଁ ଖୋଜେ
ମଣିଷ ସମାଜ କୁ ମୋର ଏତିକ ଅନୁରୋଧ
ସେ ସବୁବେଳେ ଭଲ ହୋଇଥାଉ
ଆଉ ମୋତେ ପବିତ୍ର ରଖିଥାଉ ।

ଅଧ୍ୟାପିକା, ଇତିହାସ ବିଭାଗ
ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟ, ବିନକା, ସୋନପୁର

ISSN NO.
2582-208X

# ଭାବ ସ୍ୱଭାବ ଅଭାବ



ଆକୁଳାନନ୍ଦ ପୃଷ୍ଟି

ବୟସର ଅପରାହ୍ନରେ
ଉଙ୍କି ମାରେ ଗୋଟିଏ ପ୍ରଶ୍ନ
ମନ ଆକାଶରେ ।
ଅଭାବରୁ ସ୍ୱଭାବ ନଷ୍ଟ
ନା ସ୍ୱଭାବରୁ ଅଭାବ କଷ୍ଟ ?
ପାଇବାକୁ ସଠିକ ଉତ୍ତର
ବୁଲିଲି ମୁଁ ଏଣେ ତେଣେ
ଅନୁଭବ କଲି ଲକ୍ଷ୍ୟ ଚରମ ସତ୍ୟର ।

ଗାଁ ରୁ ସହର
କେବଳ ସ୍ୱାର୍ଥ
ସ୍ୱାର୍ଥ ପାଇଁ ଅନେକ ଅନର୍ଥ
ପରିବାର ଫାଳ ଫାଳ
ଅନ୍ତର୍ଦ୍ୱନ୍ଦ କେବଳ କନ୍ଦଳ ।
ବିଦ୍ୟାଳୟ ମହାବିଦ୍ୟାଳୟ
ମଣିଷ ଗଢା କାରଖାନା
ଏବେ ଖାଲି ଉଦବେଗ ଉଦ୍ଦୀପନା
ମହକାଳ ଫଳ ଆତ୍ମହତ୍ୟା ସ୍ଥଳ ।
ଯାନଯାତ ତିର୍ଥା ଟନ

ISSN NO.
2582-208X

ଦଳା ଚକଟା ଦୁର୍ଘଟଣା
ଲୁଟ୍ ଛିନ୍ ତାଇ
ଧନ ଜୀବନ ବିପର୍ଣ୍ଣ
ଗଲ୍ ବେଳେ ଖୁସି ବାସି
ଫେରିବା ବେଳେ ବୁକୁ ଫଟା କ୍ରନ୍ଦନ ।
ରାଜନୀତି ଏଠି ସେଠି ସବୁଠି
କଏ ଖଟୁଛି ବେଠି
କଏ ମାରୁଛି ପଟି
ନେତା ମାଲ୍‌ମାଲ
ଜନତା ବେହାଲ ।

ଭେଟିଲି ବନ୍ଧୁଙ୍କୁ,
ତାଙ୍କର ସବୁଥାଇ ଅଭାବ ।
ତାଙ୍କର ସମୟ ଅଭାବ
'କଣ କରିବି' ଦିନ ଯାଏ ବିତି
ପଞ୍ଚାକ୍ଷର ମନ୍ତ୍ର ଜପି ଜପି ।
ଶସ୍ୟ କ୍ଷେତରେ ଶସ୍ୟହାନ
ଉଜୁଡ଼ା କ୍ଷେତ ହୃଦୟରେ କ୍ଷତ ।
କର୍ମ କ୍ଷେତ୍ରରେ ରାପ
କେତେବେଳେ ଲଘୁ
କେତେବେଳେ ଗୁରୁ
ବାଟରେ ଗଲେ ବାଧା
ଅବାଟରେ ଗଲେ ମରୁ ।

ସମ୍ପର୍କ ଏଠି ଠିକାରେ ଲାଗିଛି
ଲାଭ କ୍ଷତିର କଡା ଗଣ୍ଡା ହିସାବ
ଯେଉଁଠି ଲାଭ ସେଇଠି ଭାବ ।

ISSN NO.
2582-208X

ଏଠି ସମସ୍ତେ ମଣିଷ
କିନ୍ତୁ ମାନବିକତା ନାହିଁ
କର୍ମ କରୁଛୁ ଶୁଦ୍ଧତା ନାହିଁ
ସେବା କରୁଛୁ ଆନ୍ତରିକତା ନାହିଁ
ତେଣୁ ବଞ୍ଚିଛୁ କେବଳ
ସୁଖ ଖୋଜିବା ପାଇଁ ।
ସତ୍ୟ ଧର୍ମ ନ୍ୟାୟ
କେବଳ ବାଣୀରେ ସୀମିତ
ଅର୍ଥ ଖୋଜୁଛି ଅର୍ଥ
ଅର୍ଥ ପାଇଁ ଅନର୍ଥ
ଏହା ହିଁ ସତ୍ୟ ।
ଟିକଏ ଭାବ,
କିପରି ହେଲାଣି ଆମ ସ୍ୱଭାବ ?

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ
ମୋ - ୯୪୩୭୮୭୪୫୭୨

ISSN NO.
2582-208X

# କବି ଗଙ୍ଗାଧର ମେହେରଙ୍କ ତପସ୍ୱିନୀ ଓ ବାଲ୍ମୀକିଙ୍କ ସୀତା: ଏକ ତୁଳନାତ୍ମକ ଅଧ୍ୟୟନ



ରାଧାକାନ୍ତ ସୁନା

ଦେବ ଭାଷା ସଂସ୍କୃତ । ଏହିଭାଷାରେ ଅନେକ ବେଦ, ପୁରାଣ, ଉପନିଷଦ, କାବ୍ୟ, ମହାକାବ୍ୟ ରଚିତ । ମୂଳ ସଂସ୍କୃତ ଭାଷାରେ ରଚିତ ରାମାୟଣର କେତେ ଯେ ଭାଷାରେ ଅନୁବାଦ ହୋଇଛି ତାର କଳନା ନାହିଁ । ଭାରତୀୟ ଜ୍ଞାନ ପରମ୍ପରାରେ ରାମାୟଣ ଓ ମହାଭାରତର ଭୂମିକା ଅତ୍ୟନ୍ତ ଅତୁଳନୀୟ । ଜ୍ଞାନ ପିପାସୁମାନଙ୍କ ପାଇଁ ଏହା ଚିରସ୍ରୋତା ଜ୍ଞାନଗଙ୍ଗାର ଅମୃତଧାରା । ଅନେକ ବିଦ୍ୱାନ, କବି-ଲେଖକଏହିଠାରୁ କଥାବସ୍ତୁ ଆରୋହଣ ପୂର୍ବକ ଅଗଣିତ ଉଚ୍ଚକୋଟିର କାବ୍ୟ ନିଜ ନିଜ ଭାଷାରେ ସର୍ଜନା କରିଯାଇଛନ୍ତି । ପ୍ରକୃତିର ଉପାସକ ସ୍ୱଭାବକବି ଗଙ୍ଗାଧର ମେହେର ଏଥିରୁବା ବାଦ୍ ପଡ଼ନ୍ତେ କେମିତି ? କବି ଗଙ୍ଗାଧର ମଧ୍ୟ ରାମାୟଣରୁ କଥାବସ୍ତୁ ଗ୍ରହଣ ପୂର୍ବକ ନିଜସ୍ୱ ଶୈଳୀର କାରୁଣ୍ୟର ସାଶ୍ରିତ ଭାବମୟ ଶାନ୍ତ-କାନ୍ତ ପଦାବଳୀରେ ମନୋମୁଗ୍ଧକର ରାଗିଣିରେ, ସରଳତା-ପ୍ରାଞ୍ଜଳତା-ଶୁଦ୍ଧତାର ସମନ୍ୱୟରେ, ପୁରାତନ ଭାବ, ଭାଷା, ଛନ୍ଦ, ଅଳଙ୍କାରର ପ୍ରୟୋଗରେ କାବ୍ୟର ସୌଧ "ତପସ୍ୱିନୀ" ନିର୍ମାଣକରି ଭେଟି ଦେଲେ ଓଡ଼ିଆ ସାହିତ୍ୟକୁ । ସୀତାଙ୍କୁ କେନ୍ଦ୍ରକରି ରଚିତ ତପସ୍ୱିନୀ ଓଡ଼ିଆ କାବ୍ୟ ସାହିତ୍ୟରେ ଏକ ସର୍ବଶ୍ରେଷ୍ଠ ସୃଷ୍ଟି ବୋଲି ମୁକ୍ତକଣ୍ଠରେ ପ୍ରକାଶକରନ୍ତି ବିଦ୍ୱାନ ଆଲୋଚକ-ସୁସାହିତ୍ୟିକଗଣ । ରାମାୟଣ କହିଲେ ସ୍ୱତଃସ୍ଫୂର୍ତ୍ତଭାବେ ମନରେ ଗୁଞ୍ଜରିଉଠେ ବାଲ୍ମୀକିଙ୍କ ନାଁ ଆଉ ମାନସ ପଟଳରେ ଦୃଶ୍ୟମାନ ହୁଏ ପ୍ରଭୁ ରାମଚନ୍ଦ୍ର ଓ ମାତା ସୀତାଙ୍କ ଚିତ୍ର ଓ ଚରିତ୍ର । ଯେହେତୁ ଗଙ୍ଗାଧର ମେହେର ରାମାୟଣର କଥାବସ୍ତୁର ସୀତା ଚରିତ୍ରକୁ ଆରୋହଣ ପୂର୍ବକ ତପସ୍ୱିନୀ କାବ୍ୟର ରଚନା କରିଛନ୍ତି ବାଲ୍ମୀକିଙ୍କ ସୀତା ଓ ଗଙ୍ଗାଧର ମେହେରଙ୍କ ତପସ୍ୱିନୀ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିବା ସ୍ୱାଭାବିକ । ସୀତା ଓ ତପସ୍ୱିନୀ ମଧ୍ୟରେ କେତେକ ସାମଞ୍ଜସ୍ୟ ସତ୍ତ୍ୱେ

ISSN NO.
2582-208X

ମଧ୍ୟ ଅନେକ ସ୍ୱତନ୍ତ୍ର ମୌଳିକ ବୈଶିଷ୍ଟ୍ୟ ରହିଛି ଯାହା ସୁଧି ପାଠକସମାଜକୁ ବିଶେଷଭାବରେ ଆକୃଷ୍ଟ କରେ । ତେବେ ଏହି ମୌଳିକ ବୈଶିଷ୍ଟ୍ୟ ଗୁଡ଼ିକର ତୁଳନାତ୍ମକ ଅଧ୍ୟୟନ କରିବା ଏହି ଆଲୋଚନାର ପରିସରଭୁକ୍ତ ।

ଆମେ ସମସ୍ତେ ଊଣା ଅଧିକେ ରାମାୟଣର କଥାବସ୍ତୁ ଉପରେ ପରିଚିତ । ରାମାୟଣର ସୀତା ହେଉଛନ୍ତି ମହାଶକ୍ତି । ସେ ସ୍ୱୟଂ ମହାଲକ୍ଷ୍ମୀ । ଜଗତର କଲ୍ୟାଣ ପାଇଁ, ଦୁଷ୍ଟ ନିବାରଣ କରି ସନ୍ଥ ପାଳନ କରିବା ପାଇଁସେ ଯୁଗେ ଯୁଗେ ବିଷ୍ଣୁଙ୍କ ସହିତ ଅବତାର ଗ୍ରହଣକରନ୍ତି । ମାତ୍ର କବି ଗଙ୍ଗାଧରଙ୍କ ତପସ୍ୱିନୀ କାବ୍ୟରେ ସୀତା ହେଉଛନ୍ତି, ଲୋକମାତା, ଲୋକ ଜନନୀ ଏବଂ ରାଜରାଣୀ । ସେ ହେଉଛନ୍ତି ଆମ ସମାଜର ଜଣେ ଆଦର୍ଶ ନାରୀ । ନିଜର ନିଷ୍ଠା, ଚରିତ୍ରବତ୍ତା, ଅତୁଟ ବିଶ୍ୱାସ, ନିର୍ମଳ ସ୍ୱଭାବ ଓ ଅପୂର୍ବ ପ୍ରଣୟ ସାଧନା ଜରିଆରେ ସେ ହେଉଛନ୍ତି ସଭିଙ୍କ ହୃଦୟରାଜ୍ୟର ପବିତ୍ର ପ୍ରେରଣା ପ୍ରଦାୟିନୀ ।

ବାଲ୍ମିକୀଙ୍କ ରାମାୟଣରେ ଆମେ ଦେଖିବାକୁ ପାଇବା-ରାବଣର ମୃତ୍ୟୁ ପରେ ଶ୍ରୀରାମଚନ୍ଦ୍ର ଲଙ୍କା ଭୂମିରେ ପ୍ରଥମେ ସୀତାଙ୍କୁ ଗ୍ରହଣ କରିବାକୁ ରାଜି ହୋଇନାହାନ୍ତି ।ତେଣୁ ପ୍ରଭୁ ରାମଚନ୍ଦ୍ରଙ୍କୁ ସାଧାରଣ ମନୁଷ୍ୟ ଭାବରେ ଅସଂସ୍କୃତ, ଅବିଚାରୀ ବୋଲି ଚିତ୍ରଣ କରିଛନ୍ତି ବାଲ୍ମୀକି । ଅତ୍ୟନ୍ତ ବ୍ୟଥିତା ସୀତା ରାମଙ୍କୁ ତିରସ୍କାର କରିକ ହିଛନ୍ତି –

"କିଂମାମ ସଦୃଶଂ ବାକ୍ୟମୀଦୃଶଂ ଶ୍ରୋତ୍ରଦାରୁଣମ୍
ରୁକ୍ଷଂ ଶ୍ରାବୟସେବୀର ପ୍ରାକୃତଃ ପ୍ରକୃତାମିବ ।"

ଅଭିଯୋଗ ଭରାକଣ୍ଠରେ ମାତା ସୀତା କହିଛନ୍ତି – ହେବୀର, ନିମ୍ନଶ୍ରେଣୀର ପୁରୁଷ, ନିମ୍ନଶ୍ରେଣୀର ନାରୀକୁ ଯେପରି କହି ଥାଆନ୍ତି, ଆପଣ ସେହିପରି ମୋତେ କଠୋର ଅନୁଚିତ ଶ୍ରୁତିକଟୁବାକ୍ୟ ଶୁଣାଉଛନ୍ତି । ମୁଁ ଶପଥକରି କହୁଛି ମୋର ହୃଦୟ ତୁମଠାରେହିଁ ଅର୍ପିତ, ସମର୍ପିତ । ରାବଣ ମୋତେ ସ୍ପର୍ଶ କରିବାରେ ମୋର କି ଉପାୟ ଥିଲା ? ମାତ୍ର ମୋ ଚିତ୍ତକୁ ସେ କଦାପି ସ୍ପର୍ଶକରି ପାରିନାହିଁ ।

ISSN NO.
2582-208X

କବି ଗଙ୍ଗାଧର ସୀତା ଚିରତ୍ରକୁ ଅପୂର୍ବ ଭାବରେ ଚିତ୍ରଣ କରିଛନ୍ତି । ସେ କୌଣସିଠାରେ ରାମଚନ୍ଦ୍ରଙ୍କୁ ଇତର ବ୍ୟବହାର କରିଛନ୍ତି ବୋଲି ଅଭିଯୋଗ କରିନାହାନ୍ତି । ନିଜେ ପତି ପରିତ୍ୟକ୍ତା ହୋଇ ସୁଦ୍ଧା ପତିଙ୍କର କାର୍ଯ୍ୟକୁ ସମର୍ଥନ କରି ସୀତା କହିଛନ୍ତି –

'କୀର୍ତ୍ତି ଅନୁରୋଧେ ସିନା କଲ ମୋତେ ତ୍ୟାଗ
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ ।'

ସୀତା କେବଳ ସହଧର୍ମିଣୀ ନୁହନ୍ତି ବରଂ ସେ ହେଉଛନ୍ତି ସହକର୍ମିଣୀ । କୀର୍ତ୍ତି ନଷ୍ଟ ହେଲେ ସବୁକିଛିବି ନଷ୍ଟହୁଏ । ମୋତେ ତ୍ୟାଗକରି ତମେ ତମ କର୍ମ କରିଥିବା କଥା କହି ସୀତା ଦେବୀ ଆତ୍ମ ସମୀକ୍ଷା ସହ ଦୁଃଖର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ମହାକବି ବାଲ୍ମୀକି ଲଙ୍କାକାଣ୍ଡରେ ସୀତାଙ୍କ ଅଗ୍ନି ପ୍ରବେଶ ପୂର୍ବରୁ ତାଙ୍କରି ମୁହଁରେ କୁହାଇଛନ୍ତି:

'ଯଥା ମେହୃଦୟଂ ନିତ୍ୟ ନାପସର୍ପତି ରାଘବାତ୍
ତଥା ଲୋକସ୍ୟ ସାକ୍ଷୀମାଂ ସର୍ବତଃ ପାତୁ ପାବକଃ'

'ସୀତାଦେବୀ ଅଗ୍ନିଙ୍କୁ ପ୍ରାର୍ଥନା କରିଛନ୍ତି – 'ମୋର ମନ ଯଦି ଶ୍ରୀରାମଚନ୍ଦ୍ରଙ୍କଠାରୁ କେବେହେଁ ବିଚଳିତ ନୁହେଁ, ଯଦି ମୋର ଚରିତ୍ର ବିଶୁଦ୍ଧ, ତେବେ ଅଗ୍ନିଦେବ ମୋତେ ରକ୍ଷାକରନ୍ତୁ ।' ବାଲ୍ମୀକିଙ୍କର ସୀତା ନିଜର ଚାରିତ୍ରିକ ବିଶୁଦ୍ଧତା ପ୍ରତିପାଦନ କରି ଅଗ୍ନିଙ୍କ ସମକ୍ଷରେ ଜୀବନ ଭିକ୍ଷା କରିଛନ୍ତି ।

ମାତ୍ର କବି ଗଙ୍ଗାଧରଙ୍କ ସୀତା ଅଗ୍ନିରେ ଦହି ହେଲାବେଳେ ଜୀବନ ଭିକ୍ଷା କରିନାହାନ୍ତି । ସେ କେବଳ ଧର୍ମଙ୍କର ଉପସ୍ଥିତି କାମନା କରିଛନ୍ତି । ଅଗ୍ନିର ଜ୍ୱାଳାମଧ୍ୟରେ ସେ ଯେପରି ଧର୍ମପଥରୁ ଚ୍ୟୁତ ନହୁଅନ୍ତି । ଯଦି ଧର୍ମବଳରେ ଦେହ ଧାରଣକରିବେ ତେବେ ଉତ୍ତମ । କାରଣ ସେ ପତିସୁଖ ଲାଭ କରିବେ । ନଚେତ୍ ପ୍ରଭୁଙ୍କୁ ସ୍ମରଣକରି ସେ ହସିହସି ଜୀବନକୁ ଉତ୍ସର୍ଗ କରିବା ପାଇଁ ଆଦୌ କୁଣ୍ଠିତ ହୋଇ ନାହାନ୍ତି । ତାଙ୍କର ବିଶ୍ୱାସ ଯେ

ISSN NO.
2582-208X

ଇହଜନ୍ମରେ ଆଉ ପତିସୁଖ ନ ପାଇଲେ ମଧ୍ୟ ପରଜନ୍ମରେ ନିଜର ଧର୍ମବଳ ଯୋଗୁଁ ଅବଶ୍ୟ ପତିଙ୍କର ପବିତ୍ର ଚରଣରେ ଆଶ୍ରୟ ଲାଭକରିବେ । କବିଙ୍କ ଭାଷାରେ ତପସ୍ୱିନୀଙ୍କ ମୁଖରେ –

"ଭାବିଲି, ଥିଲିସିନା ଧରି ଜୀବନ
ସେବିବିବୋଲି ପ୍ରଭୁ ପଦ୍ମଚରଣ;
ନ ହେବି ଯଦି ପଦସ୍ପର୍ଶଭାଜନ,
ଜୀବନେ ଆଉ ମୋରକି ପ୍ରୟୋଜନ ।
ଦହିବି ଦେହ ଚାହିଁଚାହିଁ ଶ୍ରୀମୁଖ
ଏଥୁ ଅଧିକ ମୋରକି ଅଛି ସୁଖ ?
ଦଗ୍ଧ ହେଲେ ଦେହ, ଅବଶ୍ୟ ପ୍ରାଣ
ପ୍ରଭୁଶ୍ରୀ ଅଙ୍ଗେ ଯାଇ ପାଇବସ୍ଥାନ ।
ଧରମବଳେ ଯେବେ ରହିବ ଦେହ,
ଲଭିବି ପ୍ରଭୁଙ୍କର ଦ୍ୱିଗୁଣ ସ୍ନେହ ।"

ବାଲ୍ମୀକିଙ୍କ ରାମାୟଣ ହେଉ ଅବା ଅନ୍ୟ ପ୍ରସିଦ୍ଧ ଧର୍ମଗ୍ରନ୍ଥ ଗୁଡ଼ିକରେ ଭାଗ୍ୟକୁ ପ୍ରାଧାନ୍ୟ ଦିଆଯାଇଛି । ମନୁଷ୍ୟ ଯେତେ ଶକ୍ତିଶାଳୀ ଏବଂ ଐଶ୍ୱର୍ଯ୍ୟବନ୍ତ ହୁଅନ୍ତୁ ନା କାହିଁକି ଭାଗ୍ୟଚକ୍ରକୁ ଏଡ଼ିଯିବା କାହାରି ପକ୍ଷରେ ସମ୍ଭବ ନୁହେଁ ।

"ବକ୍ତୁଂ ଦୈବାଦହଂମନେ ରାଘୁବସ୍ୟବିନାଭବମ୍
ବୈଦେହ୍ୟାସାରଥେ ନିତ୍ୟ ଦୈବଂହିଦୁରତିକ୍ରମମ୍ ।।"

ଶ୍ରୀରାମଚନ୍ଦ୍ରଙ୍କର ଅଦୃଷ୍ଟ ଫଳରୁ ସୀତାଙ୍କ ବିଚ୍ଛେଦ ଘଟିଲା । ପ୍ରଭୁ ରାମଚନ୍ଦ୍ରଙ୍କ ଏବଂ ସୀତାଙ୍କର ଜୀବନରେ ଆଉ ଦାମ୍ପତ୍ୟସୁଖ ନାହିଁ । ଏଥିରୁ ଜଣାଯାଉଅଛି ଯେ, ଦୈବବଳ ହେଉଛି ଅଲଂଘନୀୟ ।

ISSN NO.
2582-208X

କିନ୍ତୁ କବି ଗଙ୍ଗାଧରଙ୍କର ତପସ୍ୱିନୀ ଥିଲେ ଅତ୍ୟନ୍ତ ମହନୀୟା ଏବଂ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଧିକାରିଣୀ । ସୀତାଙ୍କର ଉଦାର ଓ ପ୍ରଶାନ୍ତ ଚରିତ୍ରରେ ମୁଗ୍ଧ ହୋଇ ଋଷିକୁମାରୀମାନଙ୍କ ମୁଖରେ ଗଙ୍ଗାଧର କୁହାଇଛନ୍ତି-

"ତୋ ପରିସ୍ୱାଦ୍ୱୀ ପାଇ ଦାରୁଣବ୍ୟଥା
ନ ନିନ୍ଦୁବିଧି, ଏ ତ ବିଚିତ୍ରକଥା"

ଗଙ୍ଗାଧର ନିଜେ ଥିଲେ କର୍ମଯୋଗୀ । କର୍ମଗୁଣରେ ମନୁଷ୍ୟ ମହୀୟାନ ହୁଏ । ତେଣୁ "କରମ ନିମନ୍ତେ ନାହିଁବଂଶ ପ୍ରୟୋଜନ" ବୋଲି ମୁକ୍ତକଣ୍ଠରେ ପ୍ରକାଶ କରିଛନ୍ତି ।ଭାଗ୍ୟ ଅପେକ୍ଷା ନିଜକର୍ମକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି ।

ବାଲ୍ମୀକିଙ୍କ ଭାଷା ଏକ ପୌରାଣିକ, ସଂସ୍କୃତିକ ଓ ଧାର୍ମିକ ଶୈଳୀର, ଯାହା ପାଠକଙ୍କୁ ପାରମ୍ପରିକ ମୂଲ୍ୟ ପ୍ରଦର୍ଶନ କରିବାରେ ସାହାଯ୍ୟକରେ । ଗଙ୍ଗାଧର ମେହେରଙ୍କ ତପସ୍ୱିନୀର ଭାଷା ଆଧୁନିକ, ସରଳ ଓ ସ୍ୱଷ୍ଟ, ଯାହା ଆଧୁନିକ ପାଠକଙ୍କ ମନୋଭାବକୁ ଅଧିକ ପରିମାଣରେ ସ୍ୱର୍ଶ କରିଥାଏ । ବାଲ୍ମିକୀଙ୍କ ରାମାୟଣରେ ସୀତାଙ୍କର ଶାରୀରିକ ଶକ୍ତି ଓ ସହନଶୀଳତା ବିଶେଷଭାବରେ ଉଲ୍ଲେଖନୀୟ । ସେ ବିଭିନ୍ନ କଷ୍ଟ ସହନ କରି ପତ୍ନୀଧର୍ମ ଓ ରାଜଧର୍ମ ପ୍ରଦର୍ଶନ କରନ୍ତି । ତପସ୍ୱିନୀରେ ଏହାସହିତ ମାନସିକ ଶକ୍ତି, ନିଷ୍ଠା ଓ ସ୍ୱାଧୀନତାର ପ୍ରତି ସଂକଳ୍ପକୁ ବଢ଼ାଇ ଦିଆଯାଇଛି । 'ତପସ୍ୱିନୀ' କେବଳ ଏକ କାବ୍ୟ ନୁହେଁ, ଏହା ହେଉଛି ଏକ ନାରୀ ଜୀବନର ଦାର୍ଶନିକ ଏବଂ ଭାବନାତ୍ମକ ଇସ୍ତାହାର । ସୀତା ଏଠାରେ ଦୁଃଖରେବି ବିଚଳିତ ନହୋଇ, ତ୍ୟାଗରେ ବିଗର୍ବିତ ନହୋଇ ନିଜ ସତୀତ୍ୱର କ୍ଷାକରିବା ପାଇଁ ଅପରିମିତ ଯନ୍ତ୍ରଣା ସହିଥିବା ଏକ ନାରୀ । ଗଙ୍ଗାଧର ଏହି ଚରିତ୍ର ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ଏକ ମାନବତାବାଦୀ ଦୃଷ୍ଟିକୋଣ ଦେଇଛନ୍ତି, ଯାହା ଆଜି ବି ଅତି ପ୍ରାସଙ୍ଗିକ ।

ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' ଓ ବାଲ୍ମୀକିଙ୍କ 'ରାମାୟଣରେ ସୀତା' ଙ୍କ ତୁଳନା ଆମକୁ ପ୍ରାଚୀନ ଓ ଆଧୁନିକ ନାରୀ ଚରିତ୍ରର ଏକ ଗଭୀର ଅନୁଭୂତି ଦିଏ । ଯେଉଁଠାରେ ବାଲ୍ମୀକିଙ୍କ ସୀତା ପରମ୍ପରା ଓ ପତିବ୍ରତାର ମୂଲ୍ୟବୋଧକୁ ଆଧାର କରିଥାଏ, ତାହା

ISSN NO.
2582-208X

ଗଙ୍ଗାଧରଙ୍କ ତପସ୍ୱିନୀ ଏକ ନୂତନ ସାମାଜିକ ଦୃଷ୍ଟିକୋଣରେ ସୀତାକୁ ସ୍ୱାଧୀନ ଓ ଶକ୍ତିଶାଳୀ ନାରୀଭାବରେ ଉପସ୍ଥାପନ କରେ । ବାଲ୍ମୀକିଙ୍କ ସୀତା ପତିପରାୟଣ, ସମର୍ପିତ, ଧୈର୍ଯ୍ୟ ଓ ମୌନ, ପାରମ୍ପରିକ ଆଦର୍ଶ, ଧର୍ମ ଓ କର୍ମ, ଭକ୍ତି ପରାୟଣା ହୋଇଥିବା ବେଳେ କବି ଗଙ୍ଗାଧରଙ୍କ ତପସ୍ୱିନୀ ସାଧ୍ୱୀ, ସତୀ ଶିରୋମଣି, ନୈତିକ ନ୍ୟାୟ ଦାବି ଆଧୁନିକ ଚେତନର ନାୟିକାର ଆତ୍ମବିଶ୍ୱାସ ଓ ଅସ୍ତିତ୍ୱର ପ୍ରତୀକ ।

ଏହି ତୁଳନା ଆଜିର ସମାଜରେ ନାରୀ ଅଧିକାର, ସ୍ୱାଧୀନତା ଓ ସମାନତା ପାଇଁଚର୍ଚ୍ଚା ଓ ପ୍ରେରଣାରମୂ ଳ ଉତ୍ସ ହୋଇପାରେ ।

((()))

ସହାୟକଗ୍ର ନ୍ଥସୂଚୀ

ସ୍ୱଭାବକବି ଗଙ୍ଗାଧର ଗ୍ରନ୍ଥାବଳୀ, ସମ୍ପାଦନ ଡକ୍ଟର ମଣୀ ନ୍ଦ୍ରକୁମାର ମେହେର, ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ-୨, ୨୦୧୫

ବାଲ୍ମୀକି ରାମାୟଣ -ଉତ୍ତରାକାଣ୍ଡ

ଗଙ୍ଗାଧର ସାହିତ୍ୟ ପରିକ୍ରମା, ଶ୍ରୀ ପଠାଣୀ ପଟ୍ଟନାୟକ, ଡାଇମଣ୍ଡ ପବ୍ଲିଶର୍ସ, କଟକ, ୧୯୮୮

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ମୋ-୯୯୩୮୦୪୩୧୮୧

ISSN NO.
2582-208X

# ଯୁଦ୍ଧ



ଗୀତା ଷଡ଼ଙ୍ଗୀ

ଘମାଘୋଟ ଯୁଦ୍ଧ ଚାଲିଛି
ଘରେ, ବାହାରେ, ମନ ମଧ୍ୟରେ
ସେ ଯୁଦ୍ଧରୁ ତ୍ରାହି ନାହିଁ
ମଣିଷର କି ମାଟିମା'ର
କେଉଁ ସଂଗୋପିତ ରହସ୍ୟର
କୁହେଳିକାରେ ଭରି ଯାଇଛି
ମଣିଷର ମନ
ମାଟିମା'ର ମ୍ଲାନ ବକ୍ଷରେ
ଲୋଟୁଛନ୍ତି ଶହ ଶହ ଶବ
ପରାଭୂତ ପ୍ରାଣପକ୍ଷୀ
ଧୂଳିସାତ ବଡ଼ ବଡ଼ ଅଟ୍ଟାଳିକା
କାନଫଟା ଗର୍ଜନ ସାଙ୍ଗକୁ
ଗୁଳି ଗୋଳା ବାରୁଦର ଗନ୍ଧ
ପ୍ରଦୂଷିତ ବାୟୁ ମଣ୍ଡଳ
ବିଚ୍ଛିନ୍ନ ବାଣିଜ୍ୟ ବ୍ୟାପାର
ଜନ ମାନବଶୂନ୍ୟ ଯୁଦ୍ଧକ୍ଷେତ୍ର
ତ୍ରାହି ତ୍ରାହି ଡାକ ଛାଡିଛନ୍ତି
ବିଶ୍ୱବାସୀ, ସ୍ଥାବର, ଜଙ୍ଗମ

ଜିତିବାର ଆସ୍ପର୍ଦ୍ଧା ଭିତରେ
ବନ୍ଦ କୋଠରୀ ମଧ୍ୟରେ ଏଣେ
ଉନ୍ମତ୍ତ ନେତୃଗଣ
ହାତ ମିଳାଉଛନ୍ତି ପରସ୍ପର
ହାସ୍ୟ ରୋଳରେ କମ୍ପି ଉଠୁଛି
ଚତୁର୍ଦ୍ଦିଗ ଗଗନ, ପବନ

ଜେଡ-ୱାନ, ପଟିଆ
ଭୁବନେଶ୍ୱର -୨୪
ମୋ -୯୫୯୪୭୦୫୭୩୫

ISSN NO.
2582-208X

# କୁମ୍ଭ ସ୍ନାନ



ସ୍ୱର୍ଣ୍ଣ ରଥ ମହାପାତ୍ର

ବାରମାସ ସୋରିଷ ଫୁଲରେ
କେଉଁ କ୍ଷେତ ହସୁଥାଏ
ଖୋଜି ଖୋଜି ହାମୁଡେଇ ପଡିଲେଣି ଜୀବନ
ସୂର୍ଯ୍ୟୋଦୟ ସୂର୍ଯ୍ୟାସ୍ତ ମଧ୍ୟରେ ଦୂରତା
ମାପି ମାପି ଯୋଜନ ଯୋଜନ
ଛିଣ୍ଡି ଗଲେଣି ଫିତା
ଖୋଜା ଲୋଡାର ଚୌହଦିରୁ ବାହାରି ଆସିଲେ
ଲାଗେ ଜୀବନ ଯେମିତି ପିଢା ପକେଇ ବସିଗଲା
ମୁଠେ ଭେକ ଶୋଷର କଂସା ପାଖରେ
ଆକାଶ ହାତର ଅପହଂଚ ବୋଲି
ଖସିଆସିଲା ଗୁଡି
ହାରି ଗଲା ସିକନ୍ଦର ।
ସମୟ ବାସୀ ଲୁଗା ପାଲଟି
ନିତି ନୂଆ ନୂଆ ପୋଷାକ ପରିପାଟୀରେ
ତୁ ବି ନିତି ନୂଆ ପରିଧାନ ଅଭିଳାଷରେ
ଘୋଡାଟିଏ ବନିଗଲୁ

ISSN NO.
2582-208X

ଘଡି ଏବଂ ଘୋଡାର ବେଗ ଗତି
ପରଖିବାକୁ ନ ଥଲା ନଘା
ସପନ ବାଟ ସାରା
ରଂଗ ଅବିର ଉଡେଇ ଉଡେଇ
ବାଟବଣା, ହଜିଗଲା ନଜ ଠିକଣା ।
ଶବ୍ଦ ମାନେ ପରସ୍ପର ବିରୋଧରେ
ବିପରୀତାର୍ଥବୋଧକ ଭାଷା ଲେଖନ୍ତୁ ଯେବେ
ହସ କାନ୍ଦକୁ ଗୋଟିଏ ଓଠରେ
ଝରେଇବାକୁ ହୁଏ
ନଆଁ ଆଉ ପାଣିର ଖେଳରେ
ଧୂଆଁ ହେଇ ଭାସିବାକୁ ହୁଏ
ଏତେ ସହଜ କ ଜୀବନର ଭିନ୍ନ ଭିନ୍ନ ରୂପକୁ ପରଖିବା ?
ଜୀବନ ଯାହା ଉପହାରରେ ଦେଲା
ନଜ ଭାଗର ସୁଖ ଭାବି
ସଂତୁଷ୍ଟି ଗଂଗାରେ ବୁଡ ପକେଇବା
ସେଇ ତ କୁମ୍ଭ ସ୍ନାନ ଜୀବନର ।

ଜାମସେଦପୁର, ଝାରଖଣ୍ଡ

ISSN NO.
2582-208X

# 'ତା ହସ ମୋ ଆଇନା'-ବାପାଙ୍କ ମନର ଅକୁହା କଥା



ସୁନନ୍ଦା ମିଶ୍ର

ହସର ଗୁଞ୍ଜରଣ ଏବଂ ମଲ୍ଲି ଫୁଲ ମାଳଗୁଡ଼ିକର ସୁଗନ୍ଧରେ ଜୀବନ୍ତ ହୋଇ ଉଠିଥିଲା ବିବାହ ମଣ୍ଡପ। ବନ୍ୟା, ମଣ୍ଡପରେ ବସିଥିଲେ, ତାଙ୍କର ଲାଲ ରେଶମ ଶାଢ଼ି ଝଲସୁଥିଲା, ତାଙ୍କ ଆଖି ଅଜଣା ଚନ୍ତାରେ ଭାବକ୍ରାନ୍ତ ଦିଶୁଥିଲା, ତାଙ୍କର ଅନାବିଳ ସ୍ମିତ ହସ ଖୁବ ସରଳ ଦେଖାଯାଉଥିଲା । ଅତିଥିମାନଙ୍କ ନଜରରେ ସେ ଥିଲେ ଏକ ସୁନ୍ଦର ନବବଧୂ; କିନ୍ତୁ ରବି ବାବୁଙ୍କ ପାଇଁ, ସେ ଏପର୍ଯ୍ୟନ୍ତଭି  ସେହି ଛୋଟ ଝିଅ ଟିଏ ଥିଲେ ଯିଏ ଥରେ ତାଙ୍କ ଆଙ୍ଗୁଠିକୁ ଧରି ତାଙ୍କୁ ବାବା ବୋଲି ଡାକଥିଲେ।

ଯେତେବେଳେ ପୂଜାରୀ ଶେଷ ପ୍ରତିଜ୍ଞା ପୂର୍ବରୁ ବିରତ ହେଲେ, ରବିଙ୍କୁ କହିବାକୁ ନିମନ୍ତ୍ରଣ କରାଯାଇଥିଲା। ସେ ଉଠିପଡ଼ିଲେ, ତାଙ୍କ ହାତ ଟିକେ ଥରିଉଠିଥିଲା, କିନ୍ତୁ ତାଙ୍କ ଦୃଷ୍ଟି ତାଙ୍କ ଝିଅଉପରେ ଲାଖି ରହିଥିଲା ।

"ମୋ ଅନୁ,"(ଘରେ ବନ୍ୟାଙ୍କୁ ସମସ୍ତେ ଅନୁ ବୋଲି ଡାକୁଥିଲେ)ସେ ଆରମ୍ଭ କଲେ, ସ୍ମୃତିରେ ହଜିଯାଇଥିଲା ତାଙ୍କ କଣ୍ଠସ୍ୱର, "ଆଜି ମୁଁ ଦେଖିପାରୁଛି ମୋ ଆଗରେ ମୋର ଏଇ ଛୋଟ ଝିଅ ଟି, ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ପ୍ରସ୍ତୁତ। କିନ୍ତୁ ମୋ ପାଇଁ, ତୁ ସର୍ବଦା ସେହି କୁନି ଝିଅ ଟି ଯିଏ ମା' ଚାଲିଯିବା ପରେ କିଛି ନ ବୁଝିପାରିଥିଲେ  ବି ରାହା ଧରି କାନ୍ଦୁ ଥିଲା। କାଲି  ଭଳି ମାନେ ପଡୁଛି କେମିତି ତୋ ମା ଆରପାରିକୁ ଗଲା ଦିନ ମୁଁ ତୋର କୁନି କୁନି ପାପୁଲି କୁ ଜୋରରେ ଭିଡି ଧରି ଥିଲି ।" ହଲ୍‌ଟି ନୀରବ ହୋଇଗଲା। ରବିଙ୍କର କଥାଗୁଡ଼ିକ ସମସ୍ତଙ୍କୁ ତାଙ୍କ ସହିତ ଅତୀତକୁ ଟାଣି ନେଇଗଲା।

ISSN NO.
2582-208X

ସ୍କୁଲର ପ୍ରଥମ ଦିନ...

ବନ୍ୟା ତାଙ୍କ ଗୋଡ଼କୁଖୁବ ଜୋରରେ ଭିଡ଼ି ଧରିଥିଲା, ତାଙ୍କର ନୂଆ ଇଉନିଫର୍ମ ଟି ତା ଛୋଟ ଶରୀର ପାଇଁ ବହୁତ ବଡ଼ଥିଲା। "ବାବା, ମୋତେ ଛାଡି ଯାଅ ନାହିଁ," ସେ କାନ୍ଦି କାନ୍ଦି କହୁଥିଲା ସିଏ, ବନ୍ୟା ର କାନ୍ଦ ଦେଖି ସେଦିନ ରବି ଙ୍କ ଆଖି ଭି ଛଳଛଳ ହେଇଯାଇଥିଲା।

ଆଣ୍ଠୁ ମାଡ଼ି ରବି ତାଙ୍କ ମୁହଁକୁ ଚାପି ଦେଲେ। "ତାକୁ ବୁଝାଇ କହିଥିଲେ, ତୁ କାଁଦେନା ମା, ମୁଁ ତୋତେ ଛାଡି କୁଆଡେ ଯିବିନି । ଏଇ ଗେଟ ପାଖରେ ତୋ ଆସିବା ବାଟକୁ ଚାହିଁ ବସିଥିବି।"

ସେହି ଅପରାହ୍ନରେ, ସ୍କୁଲ ଛୁଟି ହେଲାପରେ ସେ ତାଙ୍କ କୋଳକୁ ଦୌଡ଼ିଯାଇଥିଲେ ଆଉ, ଗର୍ବର ସହିତ କହିଥିଲେ,"ଦେଖିଲ ବାବା? ତୁମେ ଯିବା ପରେ ମୁଁ କାନ୍ଦି ନଥିଲି।"ରବି ତାଙ୍କୁ ଜୋରରେ କୁଣ୍ଢେଇ ପକାଇଥିଲେ, ନିଜର ଆଶ୍ୱସ୍ତିର ଲୁହ ଲୁଚାଇ ରଖିଥିଲେ। ତା କପାଳକୁ ଚୁମ୍ବନ ଦେଇ ଫୁସ୍‌ଫୁସ୍ କରି କହିଥିଲେ, "ମୁଁ ଜଣେ ପରା ତୁ ତୋ ବାବାଙ୍କଠାରୁବହୁତ ଅଧିକ ସାହସୀ।"

ମାନେ ପଡିଗଲା ସେ ଦିନର ଦୀପାବଳି ରାତିକଥା ....

ବନ୍ୟା ଙ୍କୁ ଜମା ଆଠ ବର୍ଷ ବୟସ । ପଡିଶା ଘର ନିଶା, ଉର୍ବଶୀ, ମୀନା ସମସ୍ତେ ତାଙ୍କ ବାପା,ମା ଙ୍କ ସହ ଖୁବ ସୁନ୍ଦର ଡ୍ରେସ ପିନ୍ଧି ରଙ୍ଗବେରଙ୍ଗ ର ବାଣ ଫୁଟାଉଥିବା ସମୟରେ ଆଠ ବର୍ଷର ବନ୍ୟା ତାଙ୍କ କୁର୍ତ୍ତାକୁ ଟାଣି ଧରିଥିଲା।" ସମସ୍ତେ ସେମାନଙ୍କ ମା'ଙ୍କ ସହିତ ରଙ୍ଗୋଲି ତିଆରି କରୁଛନ୍ତି। ଆମର କିଏ କରିବ?" ସେ ପଚାରିଲା, ତାଙ୍କ ଓଠ ଥରି ଉଠିଲା।ରବି ଟିକେ ହସି ଦେଇ କହିଲେ,"ଆମେ କରିବା। ଏକାଠି...ମିଶିକି ।"

ଗୋଡ଼ ଲମ୍ବେଇ ବସି ପଡ଼ି ଥିଲେ ବନ୍ୟା ଏବଂ ତା' ସାଙ୍ଗରେ ରବି ।ରଙ୍ଗୀନ ପାଉଡର କୁ ଫୁଙ୍କି-ଝାଡ଼ି ବଙ୍କା-ଟଙ୍କା ବୃତ୍ତ ତିଆରି କରିବାକୁ ଚେଷ୍ଟା କରୁଥିଲେ ସିଏ ।

ବନ୍ୟା ହସି ଉଠିଲେ। "ନାନା, ବାବା, ଏମିତି ନୁହେଁ !" ସେ ସୁନ୍ଦର ଢାଞ୍ଚାରେ ଉଜ୍ଜ୍ୱଳ ନୀଳ ରଙ୍ଗ ଛିଞ୍ଚିଲେ, ତାଙ୍କ ଛୋଟ ଆଙ୍ଗୁଠିଗୁଡ଼ିକ ରବିଙ୍କ ଭୁଲଗୁଡ଼ିକୁ ସଂଶୋଧନ କରିବାକୁ କରୁଥିଲେ।

ISSN NO.
2582-208X

ଯେତେବେଳେ ରଙ୍ଗୋଲି ସରିଗଲା, ଅସମାନ କିନ୍ତୁ ସ୍ପନ୍ଦନଶୀଳ, ସେ ତାଳି ମାରିଲେ। "ଦେଖ...ଦେଖ ? ଆମ ଘର ବି କେତେ ସୁନ୍ଦର ଦେଖାଯାଉଛି । ହଠାତ ବନ୍ୟା ମୁଣ୍ଡ ଉଠେଇ ଆକାଶ କୁ ଚାହିଁ କହି ଉଠିଥିଲେ, "କହିଲ ଦେଖି ମା, ଆମ ରଙ୍ଗୋଲି ତୁମ ମନ ପାଇଲା ତ ?।" ସେହି ରାତିରେ, ସେମାନେ ଏକାଠି ଦିଆସିଲି ଜାଳିଥିଲେ, ଏବଂ ସେ ଫୁସ୍‌ଫୁସ୍ କରି କହିଥିଲେ, "ଦେଖ, ବାବା, ଆମ ଘର ଝଲସୁଛି। ମା ନିଶ୍ଚୟ ଦେଖୁଥିବେ।"ଏଇ କଥା ଶୁଣି ବାପା ତାଙ୍କ ଛଳ ଛଳ ହେଇ ଉଠୁଥିବା ଆଖି ଟିକୁ ତଳକୁ ଝୁକେଇ ମୁହଁ ଟା ବୁଲେଇ ଦେଲେ ।

କିଶୋର ବୟସର କଥା...

ଏକ ଭିଡ଼ ଦୋକାନ ଭିତରେ, ରବି ଅଜବ ଭାବରେ ଗୋଟିଏ ଗୋଲାପୀ ସାଲୱାର ଧରିଥିଲେ । "ଏଇଟା କଣ ଭଲ ଲାଗୁଛି ?" ସେ ତାଙ୍କ କପାଳରୁ ଝାଳ ପୋଛି ପଚାରିଲେ। ବନ୍ୟା ହସି କହିଲେ, "ବାବା, ଏଇ ସାଲୁଆର ର ସାଇଜ ବହୁତ ବଡ଼। ଆଉ... ଗୋଲାପୀ ରଙ୍ଗ ମୋରପସନ୍ଦ ନୁହେଁ!"

ଲଜ୍ଜିତ ଏବଂ ବିରକ୍ତ ହୋଇ ରବି ସେ ଦିନ କହିଥିଲେ, "ମୁଁ ଏବେ ବି ଶିଖୁଛି, ଅନୁ...।"ବନ୍ୟା ଚୁପଚାପ ବାପାଙ୍କ ହାତରୁ ସାଲୁଆର ସେଟ ଟି ଛଡେଇ ନେଇଥିଲେ, "ଏବଂ କହି ଉଠିଥିଲେ, କିଛି କଥା ନାହିଁ ବାବା!ଯଦି ତୁମେ ଏହାକୁ ବାଛିଛ , ତେବେ ମୁଁ ଏହାକୁ ନିଶ୍ଚୟ ପିନ୍ଧିବି। ମୋ ବାପାଙ୍କ ପସନ୍ଦ ଏହି ସାଲୁଆର କୁ ବହୁତ ସ୍ପେଶାଲ କରିଦେବ।"ସେଦିନ, ସାଲୱାର ସହିତ ଦୋକାନରୁ ବାହାରିଗଲା, ଆଉ ଯେଉଁଦିନ ସେ ସେଇ ସାଲୁଆର ଟା ପିନ୍ଧି ଘରୁ ବାହାରିଲା, ସମସ୍ତଙ୍କୁ ଗର୍ବର ସହିତ କହି ବୁଲୁଥିଲା , "ମୋ ବାପା ଏହା ମୋ ପାଇଁ ବାଛିଛନ୍ତି।"

ରବି ବର୍ତ୍ତମାନକୁ ଫେରିବା ସମୟରେ ତାଙ୍କ ସ୍ୱର କମ୍ପି ଉଠିଲା। "ଅନୁ, ସମାଜ ମୋତେ କହିଲା ଯେ ମୁଁ ଏକା ଏକାଝିଅକୁ ବଡ଼ କରିପାରିବି ନାହିଁ। କେହି କେହି କହିଲେ ଯେ ମୁଁ ତୁମକୁ ସମ୍ପର୍କୀୟଙ୍କ ପାଖକୁ ପଠାଇବା ଉଚିତ, ଯେ ଜଣେ ମାତୃହୀନ ପିଲା ଅପୂର୍ଣ୍ଣ ଭାବରେ ବଢ଼ିବ। କିନ୍ତୁ ମୁଁ ଜାଣିଥିଲି ଯେ ତୁ ଅପୂର୍ଣ୍ଣ ନୁହଁ...ମୁଁ ତୋତେ ଅପୂର୍ଣ ରହିବାକୁ ଦେବୀ ନାହିଁ...। ତୁତ ମୋର ଶକ୍ତି , ମୋର ସାଥୀ ...। ତୁ ତ ମତେ ବେଣୀ ବାନ୍ଧିବା ଠାରୁ

ISSN NO.
2582-208X

ନେଇଁ ଭଲ-ମନ୍ଦ ରୋଷେଇ ଆଉ ପର୍ବ-ପର୍ବାଣି ପାଳନ କରିବା ଶିଖେଇଛୁ, ପୁଣି ଦେଇଛୁ ଭବିଷ୍ୟତ ପାଇଁ ସ୍ୱପ୍ନ ବୁଣିବାର ଉର୍ଜା ।"

କହିଲା ବେଳକୁ ବାପାଙ୍କ ଗଳଟା କେମିତି ଛାତି ରୁ ଉଠୁଥିବା କୋହ ଯୋଗୁଁ ବନ୍ଦ ହେଇଗଲା ଭଳି ଲାଗୁଥିଲା। ଛେପ ଢୋକିଦେଇ ପୁଣି କହି ଚାଲିଥିଲେ ବାପା, " ମୁଁ ଚେଷ୍ଟା କରୁଥିଲି ଯେମିତିକି ମା ନଥିଲା ପିଲା ଟିର ପିଲା ଦିନଟି କେଉଁଠି ହଜି ନ ଯାଉ...ତୁ ମୋର ସୁନା ନାକି ଝିଅ ଟିଏ ହେଇ ବଢିଥିଲୁ, ଯିଏ  ଛୋଟ ଛୋଟ କଥାରେ ବି ଆନନ୍ଦ ରେ ନାଚି ଉଠୁଥିଲା, ଯେତେବେଳେ ମୁଁ ଦୁର୍ବଳ ହୋଇଯାଉଥିଲି, ମୋ ପାଖରେ ଠିଆ ହେଉଥିଲା...ମୋତେ ଦମ୍ଭ ଦେଉଥିଲା । ଜୀବନର ପ୍ରତ୍ୟକ ପରୀକ୍ଷାକୁ ଆମେ ଦୁହେଁ ହାତ ଧରା ଧରି ହେଇ ପାର କରିଛେ । ତୁ ମୋର ଗର୍ବ, ମୋର ନୀରବତାର ଚିରନ୍ତନ ସାକ୍ଷୀ।"

ବନ୍ୟାଙ୍କ ଆଖି ଲୁହରେ ଭରିଗଲା। ତାଙ୍କର ମନେ ପଡୁଥିଲା କେମିତି ବାପା କାମ ରୁ ବିଳମ୍ବିତ ରାତି ରେ ଫେରୁଥିଲେ ବି ତାର ଖାଇବା-ପିଇବା ବିଷୟରେ ନିଶ୍ଚୟ ପଚାରି ବୁଝୁଥିଲେ I ସାଙ୍ଗରେ ଆଣିଥିବା ଜଲେବି ପୁଡ଼ିଆଟା ତା ହାତକୁ ବଢ଼େଇ ଦେଇ କହୁଥିଲେ, “ଗରମ ଗରମ ଜଲେବି ଦୁଇଟା ଖାଇ ଦେ, ଖାସ  ତୋ ପାଇଁ ନକୁଳ ଭାଇ ଦୋକାନରୁ ତିଆରି କରେଇ ଆଣିଛି...ମନେ ପଡିଯାଉଥିଲା ବନ୍ୟା ର, ଯେତେବେଳେ ବନ୍ୟା ଙ୍କୁ ଭୀଷଣ ଜୋରେ ଜର ହେଇଥିଲା, କେମିତି ବାପା ଦିନ-ରାତି ପାଖରେ ବସି ଆଉଁସି ଦେଉଥିଲେ I  ଠିକ ସମୟର ଔଷଧ ଦେବାଠାରୁ ନେଇ ସଂଧ୍ୟାବତି ଜଳେଇଲାବେଳ ବାପାଙ୍କର ଆକୁଳ ପ୍ରାର୍ଥନା କଥା ମାନେ ପଡି ଯାଉଥିଲା ବନ୍ୟାଙ୍କରI କେମିତି କହୁଥିଲେ ‘ମୋ ଝିଅ ର ଦେହ ଭଲ କରିଦିଅ ଭଗବାନ’...ରାତିସାରାବସି ରହୁ ଥିଲେଆଉ ଭଗବାନ ଙ୍କୁ ଗୁହାରି ହେଉଥିଲେ, ମୋ ଦିହ ଖରାପ ହେଇଯାଉ ପଛେ, ମୋ ଝିଅକୁ ଭଲ କରି ଦିଅ ।”

ରବି ବନ୍ୟା କୁ ନିରେଖି  ଚାହିଁଲେ, ତାଙ୍କ ସ୍ୱର ଥରି ଉଠୁଥିଲା । "ଆଜି, ଯେତେବେଳେ ମୁଁ ଅନ୍ୟ ଜଣଙ୍କ ହାତରେତୋହାତ ଦେଉଛି, ମୋର ମନ ଭାରାକ୍ରାନ୍ତ ହେଇ ଉଠୁଛି ଏବଂ ମୋ ଛାତି ଗର୍ବ ରେ ଫୁଲି ଉଠୁଛି । ଭାରୀ..., କାରଣ ତୋର ହସ ଆଉ ଏଇ ଘରେ ପ୍ରତିଧ୍ୱନିତ ହେବ ନାହିଁ। ଗର୍ବିତ..., କାରଣ ମୁଁ ତୋମାଆଙ୍କୁ ଦେଇଥିବା ମୋର ପ୍ରତିଶ୍ରୁତି ରଖି ପାରିଛି - ଯେ ତୁ ସର୍ବଦା ପ୍ରେମ, ମର୍ଯ୍ୟାଦା ଏବଂ ଏକ ପରିପୂର୍ଣ୍ଣ ପରିବାର

ISSN NO.
2582-208X

ର ସଦସ୍ୟ ମାନଙ୍କରେ ଘେରି ରହିବୁ । ଆଉ ଆଜି ତୋତେ ଦେଖି ସିଏ ବି ସେ ଆରପରି ଦୁନିଆ ରୁ ଖୁସି ରେ ଆଶୀର୍ବାଦ କରୁଛନ୍ତି । ମୁଁ ଜାଣେ... ସେ ମଧ୍ୟ ହସୁଛନ୍ତି।"

ହଲର ନୀରବତା କ୍ଷୀଣ କାନ୍ଦଣାରେ ଭାଙ୍ଗିଗଲା। ତା'ପରେ, କୌଣସି ସଙ୍କେତକୁ ଅପେକ୍ଷା ନକରି, ବନ୍ୟା ମଣ୍ଡପରୁ ଉଠିପଡ଼ିଲେ। ଲୁହ ଆଖିରୁ ତାଙ୍କର ଧାର ଧାର ହେଇ ଝରି ପଡୁଥିଲା । ସେ ସିଧା ତାଙ୍କ ବାପାଙ୍କୁ ଜାବୁଡି ଧରିଲେ ।"ବାବା," ସେ ତାଙ୍କ କାନ ରେ ଫୁସ୍‌ଫୁସ୍ କରି କହିଲେ, "ତୁମେ ମୋତେ ସବୁକିଛି ଦେଇଛ। ତୁମେ ମୋତେ ଉଭୟ ଦୁନିଆ ଦେଇଛ।"

ଯେତେବେଳେ ସେମାନେ ଆଲିଙ୍ଗନ କଲେ, ସମୟ ଯେମିତି ସ୍ଥିର ହେଇ ଯାଇ ଥିଲା – ଅତୀତ ଏବଂ ବର୍ତ୍ତମାନ ଗୋଟିଏ କ୍ଷଣ ରେ ମିଶିଗଲାପରା...। ଦୁନିଆ ଜଣେ କନ୍ୟା ଏବଂ ତାଙ୍କ ବାପାଙ୍କୁ ଦେଖିଲା। କିନ୍ତୁ ରବି ଅନୁଭବ କରୁଥିଲେ, ତାଙ୍କ ହୃଦୟ ର ଗୋଟିଏ ଅଭିଚ୍ଛେଦ୍ୟ ଅଙ୍ଗ କେମିତି ଧୀରେ ଧୀରେ ତାଙ୍କ ଠାରୁ ଅଲଗା ହେବା ପାଇଁ ପ୍ରସ୍ତୁତ ହେଉଥିଲା ।

ପୁଣି ଫେରି ଆସିଲେ ସିଏ ବାସ୍ତବିକତାକୁ...

ସମସ୍ତଙ୍କୁ ଶୁଭ ସନ୍ଧ୍ୟା। ମୁଁ ଆଜି ଏଠାରେ ଏକ ହୃଦୟ ର ମଣିଷ ହେଇ ଠିଆ ହୋଇଛି ଯାହା ପୂର୍ଣ୍ଣ କିନ୍ତୁ କିଛି ଯନ୍ତ୍ରଣାର ବି ଅନୁଭବ କରୁଛି । ପୂର୍ଣ୍ଣ – କାରଣ ମୋର ଛୋଟ ଝିଅ, ବନ୍ୟା, ପ୍ରେମରେ ବାଛିଥିବା ଜଣଙ୍କ ସହିତ ହାତ ଧରି ଏକ ନୂତନ ଜୀବନରେ ପାଦ ଦେଉଛି। ଯନ୍ତ୍ରଣାର କାରଣହେଉଛି ଗତ 25 ବର୍ଷର ସେ ହସ ଖୁସି ଭରା ମୁହୂର୍ତ୍ତ ଗୁଡିକ କେବଳ ମିଠା ସ୍ମୃତି ରେ ବଦଳି ଯିବଏଇ କେଇଟା ମୁହୂର୍ତ୍ତ ପରେ ।

ମୋର ଏବେ ବି  ବନ୍ୟା ଜନ୍ମ ହୋଇଥିବା ରାତି ମନେ ଅଛି। ବାହାରେ ବର୍ଷା ହେଉଥିଲା... ଏବଂ ଭିତରେ, ମୋ ହୃଦୟରେଭାବନାର ଝଡ଼ ଥିଲା। ମୋ ସ୍ତ୍ରୀ – ମୋ ମୀରା – ବନ୍ୟାକୁ ପାଖରେ ଧରି କହିଲେ, "ସେ ତୁମର ଜୀବନର କାହାଣୀ ଲେଖିବ ଏକ ମୁଖ୍ୟ ଭୂମିକା ବି ନିଭେଇବ ସେ।" ସେତେବେଳେ ମୁଁ ଜାଣି ନଥିଲି ଯେ ଏଭବିଷ୍ୟବାଣୀ ସତ୍ୟ ହେଇ ଯିବ ।

ଦୁଇ ମାସ ପରେ, ମୀରା ଚାଲିଗଲେ । ଏଇ ଜଟିଳ... ନିରବ ଦୁନିଆରେ ଆମ ଦୁଇ ଜଣକୁ ଏକୁଟିଆ କରି ଦେଇ । ମୋତେ ସେତେବେଳକୁ  ୨୮ ବର୍ଷ ବୟସ, ଏବଂ ବନ୍ୟା ଦୁଇ

ISSN NO.
2582-208X

ମାସର ଥିଲା। ସମସ୍ତେ କହୁଥିଲେ ଯେ ମୋତେ ସାହାଯ୍ୟ ଦରକାର, ମୁଁ ଏକା ଝିଅକୁ ପାଳନ କରିପାରିବି ନାହିଁ। କିନ୍ତୁ ମୁଁ ସେହି ରାତିରେ ଏକ ନୀରବ ପ୍ରତିଶ୍ରୁତି ଦେଇଥିଲି – ମୁଁ ଆମ ଝିଅକୁ କେବେବି ମାଆର ଶୂନ୍ୟତା ଅନୁଭବ କରିବାକୁ ଦେବି ନାହିଁ।

(ସେ ଅଟକିଗଲେ, ବନ୍ୟାକୁ ଦେଖିଲେ ଯିଏ ତାଙ୍କ ବିବାହ ପୋଷାକ ପିନ୍ଧି ବସିଛନ୍ତି, ଚୁପ୍ ଚାପ୍ ଲୁହ ପୋଛି ଦେଉଛନ୍ତି।)

ମୁଁ ଭୁଲ କରିଛି, ବନ୍ୟା...ଗୋଟେ ତ ନୁହଁ ଅନେକ । ମୁଁ ତୋ ବାଳରେ ରିବନ ବାନ୍ଧି ଜାଣି ନଥିଲି। ମୁଁ କାଜଲ ଏବଂ ଆଇଲାଇନର ମଧ୍ୟରେ ପାର୍ଥକ୍ୟ କହିପାରୁ ନ ଥିଲି । ମୁଁ ଥରେ ତୋତେ ଅ-ସମାନ ମୋଜା ଏବଂ ତେଲ ଭିଜା କେଶ ସହିତ ସ୍କୁଲ ପଠାଇଥିଲି – ତୁ ମୋ ଉପରେ ବହୁତ ରାଗିଥିଲୁ ସେଦିନ !

କିନ୍ତୁ ଆମେ ଏକାଠି ବଢ଼ିଥିଲୁ, ନୁହେଁ କି? ତୁ ମୋତେ ମୁଣ୍ଡ ବାନ୍ଧିବା , ସଠିକ୍ ପୋଷାକ ବାଛିବା ଶିଖାଇଥିଲୁ । ମୁଁ PTA ବୈଠକରେ ଯୋଗଦେବା, ମ୍ୟାଗିକୁ ତୋ ପସନ୍ଦ ଅନୁସାରେ ରାନ୍ଧିବା ଶିଖିଲି – ପନିର ଏବଂ କଟା ଧନିଆ ସହିତ। ଏବଂ ତୁ... ତୁ ମୋର ନୀରବତା, ମୋର ଜିଦ୍, ମୋର ଭୟକୁ ବୁଝିବା ଶିଖିଲୁ...ହୃଦୟଙ୍ଗମ କରିପାରିଲୁ ବୋଧେ।

ଯେତେବେଳେ ତୁ 13 ବର୍ଷ ବୟସର ହେଲୁ, ଆମର ପ୍ରଥମ ବଡ଼ ଝଗଡ଼ା ହୋଇଥିଲା। ତୁ କହିଥିଲୁ ଯେ ମୁଁ ତୋ କଥା – ତୋ ଭାବନା  ବୁଝିପାରୁ ନାହିଁ । ମୁଁ କହିଥିଲି ଯେ ତୁ ତୋ ମାଆଙ୍କ ପରି ବ୍ୟବହାର କରିବାକୁ ଲାଗିଲୁଣି । ସେହି ଦିନ, ମୁଁ ନିଜକୁ କୋଠରୀରେ ବନ୍ଦ କରି ରଖିଲି, ମୀରାଙ୍କ ଫଟୋକୁ ଚାହିଁ କ'ଣ କରିବାକୁ ହେବ ପଚାରିଥିଲି। ଆଉ ସେ ମୋ କାନରେ ଫୁସ୍‌ଫୁସ୍ କରି କହିଥିଲେ  – "ତା କଥା ଶୁଣ...ବୁଝିବାକୁ ଚେଷ୍ଟା କର ... ସବୁ କଥା ସେ ଭୁଲ କହୁନି ...କେବଳ ବୟସ ର ତାଳେ ତାଳେ ତାର ସ୍ୱର ଏବଂ ଚିନ୍ତାଧାରା ରେ ପରିବର୍ତ୍ତନ ଆସୁଛି ।"

ବନ୍ୟା! ତୋର ମାନେ ଅଛି? ଯେଉଁ ଦିନ ତୋର ଦ୍ୱାଦଶ ଶ୍ରେଣୀ ର ପରୀକ୍ଷା  ଫଳ ବାହାରିବାର ଥିଲା ... ତୁ କେତେ ଡରୁ  ଥିଲୁ... ଭାବୁ  ଥିଲୁ କାଳେ ମୋ ମନ ଖରାପ ହେଇ ଯିବ...। ଜାଣିଛୁ ଝିଅ! ସେତେବେଳେ ହିଁ ମୁଁ ଅନୁଭବ କଲି  ଯେ ଅଜାଣତରେ ମୁଁ ତୁମ ଉପରେ କେତେ ଚାପ ପକାଇଥିଲି। ଏବଂ ତୋର କଣ ମାନେ ଅଛି ଆମେ ସେହି

ISSN NO.
2582-208X

ରାତିରେ କିପରି ବସି ପୁରୁଣା ପାରିବାରିକ ଆଲବମ୍ ଦେଖୁଥିଲୁ, ହସୁଥିଲୁ, କାନ୍ଦୁଥିଲୁ ଏବଂ ନିଜକୁ ସମ୍ଭାଳିବାକୁ ଚେଷ୍ଟା କରୁଥିଲୁ ?

(ତାଙ୍କ ସ୍ୱର ପୁଣି ଥରିବାକୁ ଲାଗିଲା)

ମୁଁ ପ୍ରାୟତଃ ଭାବୁଥାଏ ଯେ ମୀରା ଆମର ଯୁକ୍ତିତର୍କ ଗୁଡ଼ିକୁ କିପରି ପରିଚାଳନା କରିଥାନ୍ତେ। ଯେତେବେଳେ ତୁ ବନ୍ଧୁମାନଙ୍କ ସହିତ ମୋତେ ନ କହି ଲୁଚି ଛପି ବାହାରକୁ ଯାଉଥିଲୁ, ସେତେବେଳେ ସେ କ'ଣ ମୀରା ତୋତେ ଗାଳି ଦେଇଥାନ୍ତେ? ମୁଁ କିଛି କଠୋର କଥା କହିଲା ବେଳେ ସେ କ'ଣ ମୋତେ ଅଟକାଇଥାନ୍ତେ? ମୁଁ ଏହା ଜାଣେ – ମୁଁ ତୋମାଙ୍କ ଠାରୁ ସବୁ ପରିସ୍ଥିତି ରେ ଭିନ୍ନ ପ୍ରତିକ୍ରିୟା ଦେଉଥିଲି...। । ତୁ ମୋତେ ଅଧିକ କୋମଳ କରିଦେଲୁ, ବନ୍ୟା!ତୁ ମୋତେ ବୁଝାଇ ଦେଇ ଥିଲୁ ଭଲ ପାଇବା ଅର୍ଥ କେବଳ ଅଧିକାର ସାବ୍ୟସ୍ତ କରିବା ନ ଥାଏ; ବରଂ ଥାଏ ଜଣେ ଜଣକୁ ଠିକ ଭାବରେ ବୁଝିପାରିବାରେ।

ଅନେକ ଥର ମୁଁ ମୀରାକୁ ଭୁଲ ବୁଝିଥିଲି। ଯେପରି ସେ କେଉଁଦିନ କେମିତି ରୋଷେଇ କରିବାରେ ଡେରି କରି ଦେଉଥିଲା ଆଉ ମୁଁ କାରଣ ନ ପଚାରି ରାଗି ଗି ଅଫିସ ପଳାଉଥିଲି – କେତେବେଳେ କେମିତି ଗାଳି ବି ଦେଇଦେଉଥିଲି, ଭାବୁଥିଲି ସେ ବହୁତ ଅସାବଧାନ। କିନ୍ତୁ ଯେତେବେଳେ ତୁ ଦିନେ ତୋର ମଧ୍ୟାହ୍ନ ଭୋଜନ ପ୍ୟାକ୍ କରିବାକୁ ଭୁଲିଗଲୁ, ମୁଁ ତୋ ଆଖିରେ ସେହି ଅସହାୟତା ଦେଖିଲି।

ମୀରା ଏବଂ ମୁଁ କେତେ ସ୍ୱପ୍ନ ସଜେଇଥିଲୁ; ତୁ ଆମ ଜୀବନକୁ ଆସିବା ପୂର୍ବରୁ । ସେ ମୋତେ ବତାଉଥିଲେ ମୁଁ ତୋର ଧ୍ୟାନ କେମିତି ରଖିବି... ତୋତେ କଣ କରିବାକୁ ଦବା କଥା କଣ ନ ଦବା କଥା ସବୁ କିଛି ମୋତେ ବୁଝାଇ କହୁଥିଲେ । । ଯେଉଁ ଦିନ ତୁ ଥରେ ସ୍କୁଲ ପିକନିକ୍ ପରେ ଘରକୁଆସି କାଶିବାକୁ ଲାଗିଥିଲୁ, ମୁଁ ସାରା ରାତି ଜାଗି ରହି ତୋର ତାପମାତ୍ରା ଯାଞ୍ଚ କରୁଥିଲି। ସେତେବେଳେ ମୁଁ ବୁଝିପାରିଲି – ପ୍ରେମ ସେହି ଛୋଟ ଭୟରେ, ସେହି ଅଯୌକ୍ତିକ- ଚେତାବନୀରେ ଅଛି।

ଦୀର୍ଘ ନିଶ୍ୱାସ ନେଇ ରବି ଉପରକୁ ଚାହିଁଲେ...

ISSN NO.
2582-208X

ମୀରା, ଯଦି ତୁମେ ଉପରୁ ଆମକୁ ଦେଖିପାରୁଥାଅ ... ତେବେ ଆଜି ମୁଁ ତୁମକୁ କ୍ଷମା ମାଗୁଛି । ମୁଁ ସ୍ୱୀକାର କରୁଛି ଯେ ମୁଁ ତୁମକୁ ଭଲ ଭାବରେ ବୁଝିପାରିଥିଲି। ମୁଁ ସବୁ ଜାଣିଛି ବୋଲି ଭାବିବା ପରିବର୍ତ୍ତେ ତୁମକୁ କ'ଣ ଦରକାର ତାହା ପଚାରିବାକୁ ଥରେ ମୁଁ ଚେଷ୍ଟା କରିଥାନ୍ତି ଅବା...!? ଏବେ ମୁଁ ଜାଣିପାରୁଛି କାହା ମନ ର ଭାବନା ପ୍ରକୃତ ରେ ବୁଝିବା ଆଉ ମନେ ମନେ ଅନ୍ୟର ମନୋଭାବ ଜାଣିଚି ବୋଲି କହିବା ଟା କେତେ ଭୁଲ ହେଇ ପାରେ । ଏବେ ମୁଁ ହୃଦୟଙ୍ଗମ କରିପାରୁଛି – କିଛି ଅକଥିତ ଶବ୍ଦ ପାଇଁ ଜୀବନରେହୁଏତ ଦ୍ୱିତୀୟ ସୁଯୋଗ ଆସେ ନାହିଁ।

ସେ ବର ବେଶ ରେ ବସି ଥିବା ଅନିଶ ଙ୍କୁ ଟିକେ ବୁଲି ଚାହିଁଲେ ।

"ଅନିଶ, ଆଜି ମୁଁ ତୁମକୁ ମୋର ସବୁଠାରୁ ମୂଲ୍ୟବାନ ଅଂଶ ହସ୍ତାନ୍ତର କରୁଛି। କହିଲାବେଳକୁ ସ୍ୱର କମ୍ପୁଥିଲା ରବି ଙ୍କର... ଘରେ ସାଇତିରଖିବା ପାଇଁ ଉପହାର ନୁହେଁ, ବରଂ ଯତ୍ନର ସହିତ ପଢିବା ପାଇଁ ଏକ ପୁସ୍ତକ ପରି। ସେ ମୋର ଦୁନିଆ"। ସେ ଦୁଃଖ ଶବ୍ଦ ଟି ଶୁଣିଚି ସତ, କିନ୍ତୁ କେବେବି ତାକୁ ପରିଭାଷିତ କରିବାକୁ ମୁଁ ଦେଇନାହିଁ। ଶୃଙ୍ଖଳିତ ଜୀବନ କଣ ସେ ଜାଣିଚି, କିନ୍ତୁ କେବେବି ପ୍ରେମର ଅଭାବ ଦେଖି ନାହିଁ ବନ୍ୟା।

ମୁଁ ଏପରିକୌଣସି ପ୍ରତିଶ୍ରୁତି ମାଗୁନାହିଁ ଯାହା ସମୟ ଚ୍ୟାଲେଞ୍ଜ କରିପାରେ। ମୁଁ କେବଳ ତୁମର ଖୋଲା ହୃଦୟ ଚାହୁଁଚି । ଯଦି କେବେ... ଭଗବାନ ନ କରନ୍ତୁ – ଏପରି ଏକ ଦିନ ଆସେ ଯେତେବେଳେ ତୁମେ ଅନୁଭବ କର ଯେ ତୁମେ ତାଙ୍କୁ ଆଉ ଭଲ ପାଉନାହଁ, ଦୟାକରି... ନୀରବତା କିମ୍ବା ମିଛ କହି ତାକୁ ବିଶ୍ୱାସଘାତ କରିବ ନାହିଁ। ତାକୁ ମୋ ପାଖକୁ ଫେରାଇ ଦେବ। ମୁଁ ତାକୁ ଏକ ସଶକ୍ତ ମଣିଷ ଟି ଭଳି ଗଢି ତୋଳିବାରେ 25 ବର୍ଷ ବିତାଇଛି, ମୁଁ ତାଙ୍କୁ ପୁଣି ଥରେ ଆଶ୍ରୟ ଦେଇପାରିବି।

ଚାରିଆଡେ ଖୁବ ନୀରବତା ଛାଇ ଯାଇଥିଲା। ବନ୍ୟା ମା'ଙ୍କ ଫଟୋକୁ କୋଳରେ ଧରିଏବେ ଚୁପ୍ ଚାପ୍ କାନ୍ଦୁଛି।

ପୁଣି କହି ଉଠିଲେ ରବି ....

"କିନ୍ତୁ ମୁଁ ତୁମ ଉପରେ ବିଶ୍ୱାସ କରେ, ଅନିଶ। ତେଣୁ, ମୁଁ ତୁମ ଠାରୁ କିଛି ମୂଲ୍ୟବାନ ପ୍ରତିଶ୍ରୁତି ଚାହୁଁଚି... । ତୁମକୁ ହାତ ଯୋଡି ଅନୁରୋଧ କରୁଛି ମୋ ଏଇ ନୟନପିତୁଳା କୁ

ISSN NO.
2582-208X

ତୁମେ ବିନା ସର୍ତ୍ତ ରେ ଭଲପାଇବ । ଜୀବନ କ୍ଷମା-ପ୍ରାର୍ଥନା ପାଇଁ ଅପେକ୍ଷା କରେ ନାହିଁ। ଏହା ଅନୁତାପ ପାଇଁ ବିରତି ନିଏ ନାହିଁ। ତେଣୁ କାଲି କୁ ଅପେକ୍ଷା କରି ଆଜି କୁ ବର୍ବାଦ କରିବ ନାହିଁ"।

ଯେତେବେଳେ ସେ ରାଗିଯାଏ, ତା ହାତ ଧରି, ଯେତେବେଳେ ସେ ଅଭିମାନିନୀ ହେବାର ଅଭିନୟ କରେ, ତାକୁ କୋଳେଇ ନେବ। ତା ସହିତ ହସ, ତା ସହିତ କାନ୍ଦ। କେବଳ ତା ସ୍ୱାମୀ ହୁଅ ନାହିଁ। ତା ଦୁନିଆ ହୁଅ।

ଧୀରେ ଧୀରେ ସେ ବନ୍ୟା ଆଡକୁ ଚାଲି ଚାଲି ଆସିଲେ...ଏବଂ ମୁଣ୍ଡ ଟିକୁ ଆଉଁସି ଦେଇ କହିଲେ, "ତୁ, ମୋର ଜୀବନର ସୂର୍ଯ୍ୟକିରଣ; ଯାହାର ଉଜ୍ଜ୍ୱଳ ଆଲୋକରେ ମୋ ଜୀବନ ଟି ଆଲୋକିତ ହେଇଉଠୁଥିଲା, ସେଇ ଆଲୋକ ରେ ତୁ ତୋ ଘର- ଦୁଆର, ଆଉ ଅନିଶଙ୍କ ଜୀବନର ସବୁ ଭୟ ର କରାଳ କାଳିମା ଠାରୁ ଦୂରରେ ରଖ । ସେପାରି ରେ ଥାଇ ମା ର ଆଶିଷ ତୋ ଜୀବନରେ ପୁନେଇ ଚାନ୍ଦ ର ରୂପେଲି ରଙ୍ଗ ଭାରି ଦେଉ ।"

ରବି ତାଙ୍କ ଥରିଲା ହାତ ଯୋଡି କହିଉଠିଲେ, "ଧନ୍ୟବାଦ... ମୋତେ ତୁତୋ ବାପା ହେବାର ସୁଯୋଗ ଦେବା ପାଇଁ। ଏହା ମୋ ଜୀବନର ସର୍ବୋତ୍ତମ ସୌଭାଗ୍ୟ।"

ବାହାଘର କୁ ଆସି ଥିବା ଗେଷ୍ଟ ମାନେ ଭାବପ୍ରବଣ ହେଇ ଉଠିଥିଲେ । ଘନ ଘନ କରତାଳି ରେ ସତେ ଯେମିତି ସେ ଏଇ ବାପା-ଝିଅଙ୍କର ଅପୂର୍ବ ସମ୍ପର୍କ କୁ ସମର୍ଥନ ଏବଂ ଆଶିଷ ଦେଉଥିଲେ । । ବନ୍ୟା ବାପାଙ୍କୁ ଜୋରରେ ଆଲିଙ୍ଗନ କରିପକାଇଲା। ଏଇ ଗୋଟିଏ ମୁହୂର୍ତ୍ତ ସେତେ ଯେମିତି ହେଇଯାଇଥିଲା - ପ୍ରେମ, ସ୍ମୃତି ଏବଂ ବିଶ୍ୱାସର ଏକଅଭୁଲା ପ୍ରତୀକ।

ଗାଜିଆବାଦ

ISSN NO.
2582-208X

# ଭଲପାଏ...



ସ୍ୱାଗତିକା ସାହୁ

ନା ତୁମକୁ ପାଇ ହୁଏ
ନା ତୁମକୁ ଲିଭାଇ ହୁଏ..?
କେବେ ପାହୁନଥିବା ରାତିର
ସରୁନଥିବା ସପନ ତୁମେ....
ଆଉ ମୁଁ
ବାହାରକୁ ଚାହିଁରହିଥିବା
କବାଟର କଳଙ୍କି ଲାଗିଥିବା ଶିକୁଳି....

ଖୋଲା ଆକାଶରେ
ଡେଣା ଝାଡ଼ି ଉଡୁଥିବା ଚଢେଇଟା
ତୁମ ଅଗଣାରେ ଆଜି ବନ୍ଦୀ....
କାହା କଥା ନଶୁଣୁଥିବା
ସ୍ୱାଭିମାନୀ ଝିଅଟା
ତୁମ ନୀରବତା ଓଠରେ
ଏବେ ହୋଇଯାଇଛି ଛନ୍ଦି....
ତୁମେତ ଏକ ମନଲୋଭା ଭବିଷ୍ୟତ,
ଆଉ ମୁଁ
ଏକ କଳଙ୍କିତ ଅତୀତ....
ତୁମ ଅଭିମାନ କଣ ମୋର
ନୀରବତା ବୁଝିପାରିବ..?

ମୁଁ ତ
ଉପନ୍ୟାସର ଶେଷପୃଷ୍ଠା ହୋଇସାରିଛି,
ତୁମେ କଣ
ଶେଷଯାଏଁ ମତେ ପଢ଼ିପାରିବ..?
କୁହ...
କଣ ପଢ଼ିପାରିବ..?
........

ଅଧ୍ୟାପିକା
ତୁମୁଡିବନ୍ଧ, କନ୍ଧମାଳ

ISSN NO.
2582-208X

# ପୀଡ଼ା ର ପରିଭାଷା



ସତ୍ୟବାନ ମେହେର

ନପାଚଲେ ସନ୍ତାନ ଜନନୀ ଜଠରେ
ମାଆ ଆକ୍ଷା ପାଇଥାଏ ବାଂଝ,
ପାଚଲେ ସନ୍ତାନ ବଦ୍ଧାକାଳେତାକୁ
ପରଶନ୍ତୁ ସନ୍ତାନେ ବୈଶାଖୀ ଝାଂଜ ।

ବିହଙ୍ଗମେ ଯେସନେ ତୁଣ୍ଡୁ କାଢ଼ି ଖାଦ୍ୟ
ସନ୍ତାନେ ଖୁଆନ୍ତୁ କେତେ ମାତବତ୍ସଳେ
ମମତାମୟୀ ମା' ତେଷନେ ଖୁଆଏ
ନିଜେ ନଖାଇ ଖୁଆଏ ଛୁଆ ସକଳେ ।

ଯୌବନ ପ୍ରାପତେ ଦୁଇଯେ ହାତକୁ-
ସେହି କରାଇଥାଏ ଯେ ଗୃରିହାତ
ହେଲେ ଗୃରିହାତ ଲମ୍ବ ହୋଇଗଲେ
ସେହି ବଦ୍ଧା, କାଳକ୍ରମେ ହୁଏ ନିର୍ଯ୍ୟାତିତ ।

ବାଣ୍ଟିନେବେ ସନ୍ତାନେ ପନ୍ଦର ପନ୍ଦରଦିନ
ଥିଲେ ସେହି ମାସ ତିରିଶଦିନ
କିନ୍ତୁ ଥିଲେ ମାସ ଏକତିରିଶ ଦିନ
ଶେଷଦିନ ବଦ୍ଧାଙ୍କହୁଏଏକାଦଶୀ
ନିର୍ଜଳା ପାଳନ ।

ISSN NO.
2582-208X

ସେବା ମନୋଭାବ ତ ଦୂରର କଥା
ଚଡ଼ିଚଡ଼ିଆ ଭାବ, ହାଦରେ ରକ୍ତର ଦାଗଥାଏ
ବିଷାଦ ଭରେ ବାପାଙ୍କ ମନରେ ସଦା-
ଭାବେ-ଜନ୍ମଦେଇ ମଣିଷକରି ଗଢ଼ିବା ବିଫଳ ଏକା ।

ଶୁଣିଶୁଣି ବାପା ନିଜ ପାପୁଲି ଦ୍ୱୟକୁ
ଆବଦ୍ଧକରେ ନିଜ କର୍ଣ୍ଣ ଦ୍ୱୟକୁ
କେବେଯିବ ମଶାଣି ଚାହିଁଥାଏ ସଦା
ପଥଯେ ଯମରାଜଙ୍କ ଆଗମନକୁ ।

ମାତୃହୃଦୟ ଏକ ପୀଡ଼ାର ଅଟେ ପରିଭାଷା
ଦୁଃଖ, ସୁଖ, ଝଡ଼ଝଂଜା, ଆଶା ଓ ନିରାଶା
ଯିଏ ଅଣ୍ଟାଭିଡ଼େ ସଦା କୁଟୁମ୍ବେ ଭୋଗିବାକୁ ଦୁର୍ଦଶା
ଚକ୍ଷୁଭରେ ଲୁହରେ ପୁଣେ ନବୁଝିଲେ ଅନ୍ତରର ଭାଷା ।

ସ୍ୱର୍ଗେ ଥାଇବି ଜାଣିଲେ ମୋ ପୁଅବୋହୂ-
ତାଙ୍କ ପୁଅବୋହୂ ଠାରୁ, ମୋପରି ନିର୍ଯ୍ୟାତିତ
ମମତାମୟୀ ମା'ର ମମତା ଭଣ୍ଡାର ସମ୍ଭାଳିବ ନାହିଁ-
ଉତ୍ତପ୍ତ ଯେ ନିର୍ଗତ ହେବ ଅନବରତ ।

ବାପରେ ଦେଇତ ହେଉନି ଅଭିଶାପ
ହେଲେ କରୁଛି ଏତକ ଆଶିଷ
ସଦ୍ ବୁଦ୍ଧି ଦିଅନ୍ତୁ ଉମାମହେଶ
ଶ୍ରବଣକୁମାର ଭଳି ଅର୍ଜନ କର କର୍ତ୍ତୀ ଓ ଯଶ ।

ରାୟପୁର

ISSN NO.
2582-208X

# ବନ୍ଦୀର ଆତ୍ମକଥା

## ସୃଜନଶୀଳତା ଓ ଜାତି-ଜାଗୃତିର ମାନ୍ତ୍ରିକ ଉଚ୍ଚାରଣ



ଡ. ନିର୍ମଳ ଚନ୍ଦ୍ର ସାହୁ

ଜାତିଜାଗୃତି ପାଇଁ ସମର୍ପିତ, ମାନବଜାତି ପାଇଁ ଉତ୍ସର୍ଗୀକୃତ,ମଣିଷ ମାନଙ୍କ ଜୀବନର ମୂଲ୍ୟାଙ୍କନ କରାଯାଏ, ତମାମ ଜୀବନ ଭିତରେ କରିଥିବା କର୍ମକୁ ନେଇ । ଯେଉଁ କାଳଖଣ୍ଡରେ ମଣିଷ ବଞ୍ଚେ, ଜୀବନ ଜୀଏ,ତାର ଜୀବନ ସାର୍ଥକ ହୁଏ, ତାର କର୍ମ ବଳରେ । ସମାଜ ବିଜ୍ଞାନୀମାନେ କହନ୍ତି -ପର ହିତରେ ଯେଉଁମାନେ ଜୀବନ ବିତାନ୍ତି, ଦେଶ ସେବାରେ ଯେଉଁମାନେ ନିଜକୁ ବିନିଯୋଗ କରନ୍ତି, ସମାଜ ମଣିଷ ମାନଙ୍କର ଉନ୍ନତି ଆଣିବାରେ ଯେଉଁମାନେ ବ୍ରତୀ, ସେମାନଙ୍କୁ ମହାମାନବ, ଦେଶସେବକ କୁହାଯାଏ । ପ୍ରକୃତରେ ସେଇମାନେହିଁ ଦେଶର, ଜାତିର ସମ୍ପତ୍ତି । ସମୟ ସ୍ରୋତରେ, କାଳର ପ୍ରବାହରେ ସେମାନେ ଦିନେ କବଳିତ ହୁଅନ୍ତି ସତ, କିନ୍ତୁ ମହତ କର୍ମପାଇଁ, ତ୍ୟାଗପୂତ ଜୀବନ ପାଇଁ, ସେହି ମଣିଷ ମାନେ ଲାଭକରନ୍ତି ଅମରତ୍ୱ । କର୍ମ ସେଇ ମାନଙ୍କ ଜୀବନର ହୁଏ ମାନଦଣ୍ଡ । ସେହି ମହାମାନବ ଶ୍ରେଣୀର ମଣିଷ ମାନଙ୍କ ମଧ୍ୟରେ ଦେଶପାଇଁ ଉତ୍ସର୍ଗୀକୃତ ମାନବାତ୍ମା ହେଉଛନ୍ତି, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ।

ମାନବଧର୍ମୀ ପରିପ୍ରକାଶର ସାର୍ଥକ ଜନନାୟକ, ଅସାଧାରଣ ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ନିଃସ୍ୱାର୍ଥପର ଦେଶ ସେବା ହିଁ ତାଙ୍କ ଜୀବନର ବଳିଷ୍ଠ ପରିଚୟ। ପରୋପକାରିତାର ଦିବ୍ୟ ଉନ୍ମାଦନାରେ ତାଙ୍କ ପ୍ରାଣ ହୋଇ ଉଠୁଥିଲା ଉନ୍ମାଦିତ । ଦେଶ ମାତୃକାର ସେବା ଓ ସ୍ୱରାଜ ଗଠନ ପାଇଁ ସେ ଥିଲେ ସମର୍ପିତ । ଦେଶସେବା, ଦେଶପ୍ରେମ ତାଙ୍କ ଭିତରେ ଏକ ନବୀନ ନିଶବ୍ଦ ବିପ୍ଳବର ତରଙ୍ଗ ସୃଷ୍ଟି କରିଥିଲା ବାଲ୍ୟ ଜୀବନରୁ। ତା' ନହୋଇଥିଲେ ଭାର୍ଗବୀ ନଦୀ ତୀରରେ ସାଧାରଣ ପିଲାଟିଏ ଜନ୍ମଲାଭ କରି ଜୀବନ ଯାତ୍ରାପଥରେ ଗତି କରି, ନୀତିଶିକ୍ଷାର ପନ୍ଥାକୁ ପାଥେୟ କରି, ଲୋକସେବା ଧର୍ମକୁ ଆଦରିନେଇ ଅସାଧାରଣ ବ୍ୟକ୍ତିତ୍ୱ ହୋଇ ପାରିଥିଲେ କେମିତି ? ପରିଣତ ବୟସରେ ପାଲଟିଗଲେ ମହାପୁରୁଷ, ତ୍ୟାଗୀ ମଣିଷ ଉତ୍କଳମଣି ଗୋପବନ୍ଧୁ ଦାସ ଭାବରେ । ଏକ ଉତ୍ସର୍ଗୀକୃତ ମାନବାତ୍ମା ଭାବରେ।

ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦାନ ପରେ ସତ୍ୟ ଓ ଅହିଂସାର ପୂଜାରୀ ମହାତ୍ମାଗାନ୍ଧୀଙ୍କ ସହ ଆକର୍ଷିତ ଓ ପ୍ରଭାବିତ ହୋଇଥିଲେ ଗୋପବନ୍ଧୁ । ଗାନ୍ଧିଜୀଙ୍କ ଆଚରଣ, ଉଚ୍ଚାରଣ, ସରଳତା, ସତ୍ୟନିଷ୍ଠତା, ଧର୍ମପ୍ରାଣତା ଓ ଗାନ୍ଧିଜୀଙ୍କ ବିଚାରବୋଧକୁ ନେଇ ଅନେକ ସାହିତ୍ୟ ରଚନା କରିଛନ୍ତି । ମାତୃଭୂମିକୁ ଅତ୍ୟାଚାରୀ ଇଂରେଜ କବଳରୁ ରକ୍ଷା କରିବା ପାଇଁ, ଭାଷାଭିତ୍ତିକ ପ୍ରଦେଶ ଗଠନ କରିବା ପାଇଁ ସେ ସମର୍ପିତ ହୋଇଥିଲେ । ଏହି ମାନ୍ତ୍ରୀକ ବାଣୀକୁ ସମଗ୍ର ଜନଗଣଙ୍କ ପାଖରେ ପହଞ୍ଚାଇବା ପାଇଁ ୧୯୨୧ରେ ଓଡିଶାର ବିଭିନ୍ନ ସ୍ଥାନ ଗାନ୍ଧିଜୀଙ୍କ ସହ ଭ୍ରମଣ କରିଥିଲେ । ୧୯୨୨ ରେ ଗୋପବନ୍ଧୁଙ୍କ ଜୀବନରେ ଆସିଥିଲା କଷ୍ଟଲବ୍ଧ ଦାରୁଣ ବନ୍ଧନ ।

ଆପଣମାନେ ଜାଣନ୍ତି, ସାମାଜିକ ବିଧିବ୍ୟବସ୍ଥାରେ ଶାସନ ବିରୁଦ୍ଧରେ ପ୍ରତିବାଦ କଲେ ଶାସକ ନିଷ୍ଠୁର ହୁଏ । ଦେଶପାଇଁ, ଜାତିପାଇଁ ଲଢୁଥିବା ସଂଗ୍ରାମୀ ମଣିଷମାନଙ୍କୁ ଦେଶଦ୍ରୋହୀ କୁହାଯାଏ । ସେହି ନ୍ୟାୟରେ ଗୋପବନ୍ଧୁ ହେଲେ ବନ୍ଦୀ। ବନ୍ଦୀଶାଳାରେ ଜୀବନ କାଟିଲେ ଗୋପବନ୍ଧୁ ବ୍ରିଟିଶ ସରକାରଙ୍କ ଦ୍ୱାରା । ସାଧାରଣ ମଣିଷମାନଙ୍କୁ ବନ୍ଦୀ ଜୀବନ ଦୁଃଖ ଦିଏ । ହତାଶାବୋଧ ମନରାଜ୍ୟରେ ବିଚରଣ କରେ । ମାତ୍ର ଜଣେ ମହାମାନବ, ଉତ୍ସର୍ଗୀକୃତ ମାନବାତ୍ମା ବନ୍ଦୀ ଜୀବନର ବିରହବ୍ୟଥାରେ ଭାଙ୍ଗି ପଡେନାହିଁ। ବରଂ ସୃଜନ, କଳାକର୍ମ ଦ୍ୱାରା ନୂଆ ତେଜ, ନୂଆ ଆଶାରେ ନିଜକୁ ବିଭାସିତ କରେ । ତା'ର କବି କର୍ମକୁ ଅଧିକ ବିକସିତ କରେ । ଆଶର ସଂଚାର ହୁଏ ତା'ର ମାନସ

ISSN NO.
2582-208X

ଭୂମିରେ । ଉର୍ବର ହୋଇଉଠେ ମନରାଜ୍ୟ। ନିରୋଳା, ନିଃସଙ୍ଗ ଜୀବନ ଭିତରୁ ଜନ୍ମନିଏ ସୃଜନଶୀଳତା। ଜାତି-ଜାଗୃତିର ମାନ୍ତ୍ରିକ ବାଣୀ ଉଚ୍ଚାରଣ ପାଇଁ ତା ଲେଖନୀ ହୁଏ ଚଳଚଞ୍ଚଳ । ସ୍ୱାଧୀନତା ଆନ୍ଦୋଳନର ଶିଖରପୁରୁଷ କବି ଗୋପବନ୍ଧୁଙ୍କ ଜୀବନରେ ତାହାହିଁ ଘଟିଛି । ବନ୍ଦୀଶାଳାର ନିବୁଜ କୋଠରୀ ଭିତରୁ ଭାସି ଆସିଛି ତାଙ୍କ ହୃଦୟର ଡାକ, କବିତାର ସ୍ୱର । ବନ୍ଦୀଶାଳାରେ ରଚିତ ହୁଏ ତାଙ୍କର କାରାକବିତା, ବନ୍ଦୀର ଆତ୍ମକଥା ଭଳି କାଳଜୟୀ କବିତା ଗ୍ରନ୍ଥ ।

ଉତ୍କଳମଣିଙ୍କ ଜୀବନ ଓ ସାଧନା ତ୍ୟାଗ ଓ ତିତିକ୍ଷାର ଜୀବନ । ମାତୃଭୂମି, ମାତୃଭାଷାର ଚିନ୍ତା ଓ ସ୍ୱପ୍ନରେ ତାଙ୍କର ପ୍ରତ୍ୟେକ ମୁହୂର୍ତ୍ତ ହୋଇଛି ନିବେଦିତ । ଦୀନ ଦୁଃଖୀ ମଣିଷଟିଏ ଦେଖିଲେ ତାଙ୍କ ନୟନକୁ ବୋହିଯାଉଥିଲା ଅଶ୍ରୁଧାର । କୋଟି ହୃଦୟର ମଉଡ଼ମଣି ଗୋପବନ୍ଧୁ ଗାଇଥିରେ ଚିରକାଳ ଅମୃତ ବିଜୟ ବାଣୀ-

"ମିଶୁ ମୋର ଦେହ ଏ ଦେଶ ମାଟିରେ

ଦେଶବାସୀ ଚାଲି ଯାଆନ୍ତୁ ପିଠିରେ।"

ପ୍ରକୃତରେ ଗୋପବନ୍ଧୁଙ୍କ ଏ ବାଣୀ ସମଗ୍ର ଦେଶବାସୀ ଶୁଣିଲା ପରେ ଏ ଜାତି ଅନୁଭବ କରିଥିଲା ସେଦିନ କେତେ ବ୍ୟତିକ୍ରମ ଗୋପବନ୍ଧୁଙ୍କ ଜୀବନଦର୍ଶନ। କେତେ ନିଆରା ପଣରେ ଗୋପବନ୍ଧୁ ଗୋଟିଏ ଜାତିକୁ ବୁଝାଇଦେଇଥିଲେ ଏଇ ହାତରେ କେମିତି ପୋଛି ହୁଏ ଆଉଜଣକର ଲୁହ । ଏଇ ହାତରେ ବାଣ୍ଟିହୁଏ, ନିଜ ପାଇଁ ନୁହେଁ, ପର ପାଇଁ ଚୂଡ଼ା ଓ ଚାଉଳ । ପୁଣି ଏ ମଣିଷ ଜାତିକୁ ଶିଖେଇଦେଲେ – "ଭୋଗରେ ନୁହେଁ, ତ୍ୟାଗରେ କେତେ ଛଳ ଛଳ ଦିଶେ ମଣିଷ ଜୀବନ। ନିରାଶାର ଅନ୍ଧାରରେ ନୁହେଁ, ଆଶାର ଆଲୁଅରେ କେମିତି ପାଣି ଫାଟିଯାଏ ଅସହାୟର ଛାତି "

ସତରେ ଗୋପବନ୍ଧୁ କେବଳ ଦେଶଭକ୍ତ ସେବକ ନଥିଲେ, ଥିଲେ ଜଣେ ସୃଜନ ଶିଳ୍ପୀ । ତାଙ୍କ ସୃଜନଶୀଳତାର କମନୀୟ କାନ୍ତି ସ୍ୱରୂପ ଛଳ ଛଳ ଆବେଗରେ ପ୍ରକାଶ ପାଏ ଅସରନ୍ତି କବିତା । ସାଧାସିଧି ସରଳଭାଷାରେ ଜନଗଣଙ୍କ ଉଦ୍ଦେଶ୍ୟରେ ସେ ସାହିତ୍ୟ ରଚନା କରିଥିଲେ । ସେ ବିଳାସର କବି ନଥିଲେ, ତାଙ୍କ ରଚନାର ବିଷୟବସ୍ତୁ ଖୁବ ସାମ୍ପ୍ରତିକ, ସାମାଜିକ ପୁଣି ବାସ୍ତବଧର୍ମୀ। ସାମାଜିକ ଜୀବନରେ ଯାହା ଭୋଗୁଥିଲେ, ତାହାକୁ ରୂପ ଦେଉଥିଲେ କାବ୍ୟ-କବିତାରେ।

ଗୋପବନ୍ଧୁଙ୍କ ଜୀବନରେ ସୃଜନଶୀଳତା ଓ ସାମାଜିକ ଜୀବନଥିଲା ଏକ ଓ ଅଭିନ୍ନ। ତାଙ୍କ କବିତା ନିଜର ବ୍ୟାପକ ସମାଜ ଜୀବନ ଓ ରାଜନୈତିକ ଜୀବନର ଥିଲା ପ୍ରତିବିମ୍ବ ସଦୃଶ। ଓଡିଆ ମଣିଷର ଜୀବନ,ବଞ୍ଚିବାର ସଂଘର୍ଷ, ବନ୍ୟା-ବାତ୍ୟା ଜନିତ ଦୁଃଖ, ନିଗିଡା ଆଖିର ଲୁହ, ସମ୍ବେଦନଶୀଳ ମାନବାତ୍ମାର ପ୍ରତିଧ୍ୱନିତ୍ୱ କରି ଜନ୍ମନିଏ ଗୋପବନ୍ଧୁଙ୍କ କବିତାବଳୀରେ ।

ଗୋପବନ୍ଧୁ ନିଜ ଭାବନାକୁ କବିତାରେ ଫୁଟାଇବାକୁ ଚେଷ୍ଟା କରିଛନ୍ତି। ମାନବ ପ୍ରେମ ଓ ବିଶ୍ୱ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ସେ ଲେଖିଥିଲେ-

"ଜାତୀୟ ମମତା ବିଶ୍ୱ ଜନ ପ୍ରୀତି

ଉତ୍କଳ ବାସୀର ହେଉ ଏହା ନୀତି ।"

ଦୀନଦୁଃଖୀଙ୍କ ସେବା, ଗଣମୁଖି ଭାବନା, ଦେଶ ପ୍ରୀତି ପାଇଁ ସେ ଯେପରି ବ୍ୟାକୁଳତା ହେଉଥିଲେ । ତାଙ୍କ ରଚିତ ଅମୂଲ୍ୟ ସାହିତ୍ୟ କବିତା ଗ୍ରନ୍ଥ ହିଁ ପ୍ରକାଶ କରେ ସେହି ବିଶ୍ୱ ମାନବୀୟ ଭାବ-ଭାବନା କୁ । ସେ ଲେଖିଥିଲେ-

"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ

ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ " ।

ବକୁଳବନର ସନ୍ଥ ଗୋପବନ୍ଧୁ ଥିଲେ ସତ୍ୟବାଦୀର କର୍ମଯୋଗୀ । ଗଢିଥିଲେ ଜାତି-ଜାଗୃତି ପାଇଁ ସତ୍ୟବାଦୀ ବନ ବିଦ୍ୟାଳୟ । ସ୍ନେହ, ପ୍ରେମ, କରୁଣାର ବାରି ସିଂଚି, ଗୋପବନ୍ଧୁ ଜାତି ଗଠନର ସ୍ୱପ୍ନକୁ ସାକାର କରିବାକୁ ଯାଇ, ନିଜ ହାତରେ ଗଢିଥିଲେ କେତେ ସୁଲେଖକ, ସୁଜ୍ଞାନୀ, ବିପ୍ଳବୀ ବୀର, ଜନନାୟକ । ସେମାନେ ହେଲେ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର, ପଣ୍ଡିତ ଲିଙ୍ଗରାଜ ମିଶ୍ର, ରାଧାନାଥ ରଥ ପ୍ରମୁଖ । ସେହି ବ୍ୟକ୍ତିତ୍ୱ ମାନେ ପରବର୍ତ୍ତୀ କାଳରେ ଗୋପବନ୍ଧୁଙ୍କ ସ୍ୱପ୍ନକୁ କେବଳ ସକାର କରିନାହାନ୍ତି, ସମାଜର ଅଶେଷ କଲ୍ୟାଣ ସାଧନରେ ବ୍ରତୀ ହୋଇଛନ୍ତି । ସେଇମାନଙ୍କ ଉଦ୍ଦେଶ୍ୟରେ ଗୋପବନ୍ଧୁ ଲେଖିଛନ୍ତି -

ISSN NO.
2582-208X



"ମହାତ୍ମା ସାଧନା ମହାତ୍ମା କଷଣ

ନଯାଏ ଜଗତେ କେବେ ଅକାରଣ"।

କବିତା ପଂକ୍ତିରେ ଏହି ଅମୂଲ୍ୟ ବାଣୀ ଜାତିର ମଙ୍ଗଳ ପାଇଁ ଅଭିପ୍ରେତ। ତାଙ୍କର ଆଦର୍ଶରେ ଯେଉଁମାନେ ବ୍ରତୀ ଥିଲେ, ପାରବର୍ତ୍ତୀ କାଳରେ ପାଲଟିଗଲେ ଜଣେ ଜଣେ ମାନବବାଦୀ, ଦେଶପ୍ରେମୀ ଜନନାୟକ।

ଓଡିଆଙ୍କ ଜୀବନବୋଧ ପରିପ୍ରକାଶର ମାନ୍ତିକ ଉଚ୍ଚାରଣ ହେଉଛି "ବନ୍ଦୀର ଆତ୍ମକଥା" । ଗାନ୍ଧୀଙ୍କ ନେତୃତ୍ୱ, ଉତ୍ସାହ , ପ୍ରେରଣାର କାଉଁରୀ ସ୍ପର୍ଶରେ କବିଙ୍କର କବିତ୍ୱ ଓ ବ୍ୟକ୍ତିଗତ ଜୀବନ ଏହି କବିତାରେ ସ୍ଥାନ ପାଇଅଛି। ବ୍ୟକ୍ତିଗତ ଜୀବନର ବିରହବ୍ୟାଥାତୁର ଜୀବନକୁ ଜଳାଞ୍ଜଳି ଦେଇ, ଦେଶପ୍ରେମରେ ବିଭୋର କବି ବନ୍ଦୀଶାଳାରେ ବସି ସୃଜନଶୀଳତା ଭିତରେ ଜାତି ଉଦ୍ଦେଶ୍ୟରେ ମାନ୍ତିକ ଗାନକୁ ଉଚ୍ଚାରଣ କରିଛନ୍ତି ଏହି କବିତାରେ । ଚିରନ୍ତନ ସତ୍ୟ ଉପରେ ଆଧାରିତ **ବନ୍ଦୀର ଆତ୍ମକଥା**।

ସାମାଜିକ କର୍ମୀ ଗୋପବନ୍ଧୁ ଦେଶପାଇଁ ବିହାରର ହଜାରିବାଗ ଜେଲକୁ ବନ୍ଦୀ ଜୀବନ କାଟିବା ପାଇଁ ରେଳଗାଡ଼ିରେ ବସି ଯିବାବେଳେ ଉତ୍କଳର ସୁଖ, ଦୁଃଖର ସ୍ମୃତିରାଜିକୁ ମନେ ପକାଇଛନ୍ତି । ସେଦିନ ଥିଲା ୧୯୨୩ ମସିହା ଜାନୁଆରୀ ୨୪ ତାରିଖ। ୧୯୩ ପଦରେ ଲିଖିତ ଏହି କ୍ଷୁଦ୍ର କବିତାରେ କେତେକ ରାଜ୍ୟ ସମ୍ପର୍କିତ ପ୍ରାଣସ୍ପର୍ଶୀ ଚିତ୍ର ଅବତାରଣା କରିଛନ୍ତି । କବିତାର ୩୮ ପଦ ପରେ ପଞ୍ଚମ ପରିଚ୍ଛେଦରେ ଗୋପବନ୍ଧୁଙ୍କୁ ତାଙ୍କ ପ୍ରିୟ ଓଡ଼ିଶା ଠାରୁ ରାତ୍ରିକାଳରେ ପ୍ରିୟ ପରିଜନଙ୍କ ଠାରୁ ଛଡ଼ାଇ ନିଆଯାଉଛି, ତା'ର ଚିତ୍ର ବର୍ଣ୍ଣନା କରିଛନ୍ତି। ପ୍ରିୟ ଉତ୍କଳବାସୀଙ୍କ ଅସହାୟତା, ନିଃସଂଗ ଜୀବନ, ଜନଗଣଙ୍କ ବିଷାଦବୋଧ, କବିଙ୍କ ପ୍ରାଣ ସତ୍ତା ବିଭଙ୍ଗ କରିପାରିନାହିଁ, ବରଂ ଧୈର୍ଯ୍ୟ ଆଉ ଆଶାର ସଞ୍ଜୀବନୀ ମନ୍ତ୍ର ଉଚ୍ଚାରଣ କରିବାକୁ କବିତା ପଂକ୍ତିରେ ନୂତନ ଭାବ ଚେତନା ଭରିଦେଇଛି । କବି ଗାଇଛନ୍ତି -

"ଉତ୍କଳେ ସେ ପୂଣ୍ୟ ସ୍ରୋତ ଶତଧାରେ

ବହେ ପୁରପଲ୍ଲୀ କାନ୍ତାରେ ପ୍ରାନ୍ତରେ

ସେହି ବେଳରେ ମୁହିଁ ଅକିଞ୍ଚନ ଜଣେ

ମୋଡୁଥିଲି ନାବ-ମଙ୍ଗ ପ୍ରାଣ ପଣେ

ସ୍ୱରାଜ ବଇରୀ ବଳ ହାତେ ଗଢି

ମୋ ହାତେ ଲାଗିଛି ଏତେ ଲୁହାକଡ଼ି" ।

ବନ୍ଦୀର ବନ୍ଧନ ଭିତରେ କବିଙ୍କର ଆଶାବାଦର ଉନ୍ମେଷ ଘଟିଛି। ବନ୍ଦୀ ଜୀବନର ବିରହ ବ୍ୟଥାରେ ଜାଗରିତ ସଂସାରର ସ୍ନେହ, ପ୍ରିୟପରିଜନଙ୍କଠାରୁ ଦୂରେଇଯିବାର ଅଭାବବୋଧ, ସ୍ୱରାଜ ନନ୍ଦିଘୋଷ ଅଟକି ଯିବାର ସମ୍ଭାବନାକୁ ମନେପକାଇ ଗୋପବନ୍ଧୁ ବ୍ୟଥିତ ହୋଇଛନ୍ତି । ଭଗ୍ନମନା ହୋଇଛନ୍ତି ମାତ୍ର, ଉତ୍କଳବାସୀଙ୍କ ଠାରେ ଆଶାଶୂନ୍ୟ ହୋଇନାହାନ୍ତି। ସେ କହିଛନ୍ତି – " ହେ ମୋର ଓଡ଼ିଆ ଭାଇମାନେ। ତୁମର ଯଦି ମୋ ଉପରେ ସ୍ନେହ ଥାଏ, ମୁଁ ଯୋଡ଼ ହସ୍ତରେ ନିବେଦନ କରୁଛି, ଆପଣମାନଙ୍କ ଦୃଷ୍ଟି ଅସହଯୋଗ ଉପରେ ନିବଦ୍ଧ ରହୁ, ପୂର୍ବଶକ୍ତିକୁ ଜାଗ୍ରତ କରନ୍ତୁ" । କବି କଣ୍ଠରୁ ଭାସି ଆସିଛି-

"କର ଯୋଡ଼ି କରେ ବିନତି ଏତିକି

ଅସହଯୋଗରେ ରଖିବ ମତିକି

ଢାଳିଦିଅ ପ୍ରାଣ ସ୍ୱରାଜ୍ୟ-ସାଧନେ

ଆଶ୍ୱାସିବ ଯେବେ ମୋତେ ନିର୍ବାସନ

ନହୁଅ ନିରାଶ, ନହୁଅ ଦୁଃଖିତ

ଉତ୍କଳର ଦେଖି ଦୁଃଖମୟ ଚିତ୍ର " ॥ ( ବନ୍ଦୀର ଆତ୍ମକଥା)

ISSN NO.
2582-208X

କାରାରୁଦ୍ଧ କବି ଗୋପବନ୍ଧୁଙ୍କ ମନରେ ସୃଷ୍ଟିକରିଛି ଭାବାନ୍ତର। କାରାଗାରର ବନ୍ଦୀଶାଳାର ଆବଦ୍ଧ କୋଠରୀ ଭିତରେ କବିଙ୍କ ମନରାଜ୍ୟରେ ଏକ ଅନୁକୂଳ ବାତାବରଣ ଉନ୍ମେଷିତ କରିଛି। ଏକ ଅନୁପମ କାବ୍ୟସଭା ବ୍ୟକ୍ତି ଚେତନା ନୁହେଁ ବରଂ ବିଶ୍ୱ ଚେତନାକୁ କରିଛି ଅଧିକ ମାର୍ମିକ। ବନ୍ଦୀଗୃହର ଅବ୍ୟବସ୍ଥିତ କାଳକୋଠରୀ ଭିତରେ କବି ପ୍ରିୟ ଉତ୍କଳବାସୀଙ୍କ ଅନୁପସ୍ଥିତି କାରଣରୁ କଷ୍ଟ ଅନୁଭବ କରିଛନ୍ତି। ନିର୍ବାସିତ ହେବାର ଦୁଃଖ ତାଙ୍କ ଜୀବନକୁ ବେଶ କ୍ଷତାକ୍ତ କରିଛି । ବିରହ  ବ୍ୟଥାତୁର ପ୍ରାଣରୁ ଭାସି ଆସିଛି -

"ଆହା, ପ୍ରିୟଜନ ବିରହ କି ଦାରୁଣ କଷଣ

ପ୍ରୀତି ପାଶେ ବନ୍ଧା ଜଗତେ ସର୍ବ ଜଡ଼ ଚେତନ

ଏ ବିରହ ଦୃଶ୍ୟ ଦିଅନ୍ତି ବନ୍ଦୀ ପରାଣେ ବ୍ୟଥା

ପଲକେ ପଲକେ ପଡ଼ଇ ମନେ କେତୋଟି କଥା" ॥ (କାରାକବିତା)

କବିଙ୍କ ଦୁଃଖ, ବିଭଙ୍ଗ କାବ୍ୟସଭା, ନିଃସଙ୍ଗତା, ସ୍ୱରାଜଗଠନର ସ୍ୱପ୍ନଭଙ୍ଗ ଜନିତ ଭାବାନ୍ତର ପୁଣି ପାଠକୀୟ ପ୍ରବଣତା ଏ ଦେଶବାସୀଙ୍କୁ ଜାଗ୍ରତ କରିବାପାଇଁ ବେଶ ଆହ୍ୱାନ ହୋଇଛି। ସେ କହୁଥିଲେ, ଆପଣମାନେ ଯଦି ମୋତେ ଭଲ ପାଆନ୍ତି, ମୋ ଦୁଃଖରେ ଆଶ୍ୱାସନା ଦେବାକୁ ଚାହାନ୍ତି, ଦୁଃଖରେ ନିରାଶ ହୁଅନ୍ତୁ ନାହିଁ, ଅନ୍ଧାର ପରେ ଆଲୋକର ପାଳି ଆସିବ । ସ୍ୱାଧୀନତାର ସୂର୍ଯ୍ୟ ଉଇଁବ, ଜାଗ୍ରତ ହୁଅ, ଢୁଳେଇବାର ସମୟ ଏବେ ନୁହେଁ  । ଉଦାହରଣ ଦେଇ କହିଥିଲେ  – ଗାନ୍ଧିଜୀ ଦିନେ , ଖାଦ୍ୟ, ଭୂଷଣ ତ୍ୟାଗ କରି, ନିଦ୍ରିତ ମୁଦ୍ରାରେ କାରାଗାରରେ ଧ୍ୟାନସ୍ଥ ହୋଇଥିଲେ । ସେ କହିଥିଲେ , ଦିନେ ସତ୍ୟ ଆଗରେ ପରାଜୟ ବରଣ କରିବ ଅନ୍ୟାୟ, ଅତ୍ୟାଚାର, ପାପ ନିଶ୍ଚୟ । ପୁଣି କହିଥିଲେ ହେ ପ୍ରିୟଜନ । ଗାନ୍ଧୀ ଆଦର୍ଶରେ ସାମିଲ ହୁଅନ୍ତୁ । ବିଦେଶୀ ବର୍ଜନ କରନ୍ତୁ। ମୋକଦ୍ଦମା ପଛରେ ଯାଆନ୍ତୁ ନାହିଁ। ଗ୍ରାମ ପଞ୍ଚାୟତ ପ୍ରତିଷ୍ଠା କରନ୍ତୁ । ଗ୍ରାମର ପୂର୍ବ ଶକ୍ତିକୁ ପ୍ରତିଷ୍ଠା କରିବା ପାଇଁ, ନୂତନ ମନୋବଳ ନେଇ ଏକଜୁଟ ହୁଅନ୍ତୁ । ଏପରି ଭାବନା ଏକ ଜାତୀୟ ଜୀବନବୋଧକୁ ପ୍ରତିଷ୍ଠା କରିବା ପାଇଁ ଜନଜାଗରଣ ସୃଷ୍ଟି କରିବାର ପ୍ରେରଣା ଯୋଗାଏ ।

"ଏ ବିଶ୍ୱାସ ସର୍ବେ ଦୃଢ଼ କରି ମନ

ସ୍ୱରାଜ ଧରମ କର ଆଚରଣ

XXX

ଗ୍ରାମେ ପଞ୍ଚ ପରା ପରମ ଈଶ୍ୱର

କର ପୁଣି ଗ୍ରାମେ ସ୍ଥାପନା ତାଙ୍କର

ସର୍ବେ ବାନ୍ଧି ମେଳ ତାଙ୍କୁ ମାନି ଚଳ

ପ୍ରକାଶିବ ଗ୍ରାମେ ପୁଣି ନବ ବଳ"

ଜାତିପ୍ରେମୀ, ବିଶ୍ୱପ୍ରେମୀ କବି ଗୋପବନ୍ଧୁ ବନ୍ଦୀର ଆତ୍ମକଥା କବିତା ପଂକ୍ତିରେ ଉତ୍କଳ ପ୍ରଦେଶର ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କନିକା ଅଞ୍ଚଳର ସମସ୍ୟା ସହ ଓଡିଶାର ବିଭିନ୍ନ ସ୍ଥାନ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କର ସୂଚନା ପ୍ରଦାନ କରିଛନ୍ତି। କବି ତାଙ୍କର ସୃଜନଶୀଳ ପ୍ରତିଭା ମାଧ୍ୟମରେ ଉତ୍କଳର ଅର୍ଥ-ଅଞ୍ଚଳ-ସାମାଜିକ ଅଭାବ ଅନଟନ ବିଷୟ ସମ୍ପର୍କରେ ଚିନ୍ତା ପ୍ରକଟ କରିଛନ୍ତି। ଏ ହେଉଛି ତା'ର କେତୋଟି ଦୃଷ୍ଟାନ୍ତ ।

ଶାସନରକ୍ଷକ କତୁଆଳ ମାନେ ଯେତେବେଳେ ଗୋପବନ୍ଧୁଙ୍କୁ ଗଭୀର ନିଶିଥିରେ ବିହାରର ହଜାରିବାଗ ଜେଲକୁ ନେଇ ଯାଇଛନ୍ତି ଦୁଃଖାଭିଭୂତ ହୋଇପଡ଼ିଛନ୍ତି କବି। ଜେନାପୁର ଷ୍ଟେସନରେ ରେଳ ଗାଡ଼ିରେ ବସିଥିବା ବେଳେ ଓଡ଼ିଶାର ବନ୍ୟା ଦୁର୍ଗତ ଲୋକମାନଙ୍କର ଦୁର୍ଦ୍ଦଶା ତାଙ୍କର ମନେ ପଡିଯାଇଛି । ସେ ଦୃଶ୍ୟରାଜିକୁ ଦୁଃଖପୂର୍ଣ୍ଣ ଭାବରେ ବର୍ଣ୍ଣନା କରିଛନ୍ତି –

"ଉତ୍କଳର କେତେ କନ୍ୟା ନାରଖାର

ନ କରନ୍ତି ପେଟ ପୂରାଇ ଆହାର

ISSN NO.
2582-208X

ଲଜ୍ଜା ଢାଙ୍କିବାକୁ ନ ପାଆନ୍ତି ବସନ

ଫୁଟେ ନାହିଁ କେବେ ଅଙ୍ଗେ ଯଉବନ"

ଯେତେବେଳେ ରେଳଗାଡ଼ି ଭଦ୍ରକ ଷ୍ଟେସନରେ ପହଞ୍ଚିଛି, କବିଙ୍କର ମନେ ପଡ଼ିଯାଇଛି ଓଡ଼ିଶାର ସାମ୍ପ୍ରତିକ ସଦ୍‌ଭାବନାର ଚିତ୍ର । ମୁସଲମାନ  ଅଧ୍ୟୁଷିତ ଭଦ୍ରକ ଅଞ୍ଚଳର ଚିତ୍ରକୁ ମନେ ପକାଇ ବ୍ୟଥିତ ହୋଇଛନ୍ତି କବି ।

" ଭଦରକ୍ଷବାସୀ  ହିନ୍ଦୁ ମୁସଲମାନ

ଏ ଆତିଥ୍ୟ ନୁହେଁ ସାମାନ୍ୟ ସମ୍ମାନ

XX

ଛାଡ଼ ତେବେ  ମନୁ ଭେଦ ଅଭିମାନ

ବେଦ କୋରାନ ରେ କର ସମାଙ୍କାନ "

କବି ସବୁ ଭେଦଭାବକୁ ଭୁଲି କୋରାନ ବେଦକୁ ଏକ ମନେକରି ଏ ଜାତିର କର୍ତ୍ତବ୍ୟ ଓ ବିକାଶ ପାଇଁ ଏକ ମନରେ କାମ କରିବାକୁ ପରାମର୍ଶ ଦେଇଛନ୍ତି । ତାହା ହେଲେ ସ୍ଵରାଜ ନିଶ୍ଚୟ ମିଳିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

କବିଙ୍କର ବନ୍ଦୀ ଜୀବନ ଯାତ୍ରାରେ ଗୋଟିଏ ସ୍ମୃତି, ଘୋର ଆଘାତ ଦେଇଛି । ଯେଉଁ ସ୍ମୃତି ଚିରଦିନ ଅମଳିନ ହୋଇ ରହିବ ତାଙ୍କ କାବ୍ୟ ମାନସରେ ବୋଲି ଅନୁଭବ କରିଛନ୍ତି। କନିକାର କ୍ରନ୍ଦନରୋଳ। ସାଳନ୍ଦୀ ନଦୀର ତରଙ୍ଗାୟିତ ଜଳରାଶିର ନାଦ ଭେଦ କରି ଭଦ୍ରକର ପ୍ରତିବେଶୀ ଦୁଃଖିନୀ କନିକା ରୂପ-ରୂପାୟନ କବିଙ୍କୁ ମର୍ମାହତ କରିଛି ।  କନିକାର ପ୍ରଜା ଆନ୍ଦୋଳନ ତାଙ୍କୁ ଘୋର ଆଘାତ ଦେଇଛି ।

" ଦୁଃଖିନୀ କନିକା କରୁଣ କୁହାଟେ

ଲାଗେ ଯେହ୍ନେ ଭେଦ ବିଳବନ ଘାଟ

ସାଳନ୍ଦୀ ସଳିଳେ  ପ୍ରତିଧ୍ୱନି ତାଳେ

କୁଳିଶ ନିନାଦ ବଢାଇ ମୋ କାନେ"

କବି ଥିଲେ ପ୍ରତ୍ୟକ୍ଷଦର୍ଶୀ । କନିକା ରାଜାଙ୍କ ନିମନ୍ତ୍ରଣରେ ଯାଇଥିଲେ କନିକା। ଯମଦୂତ ଭଳି ରାଜାଙ୍କ ନିଷ୍ଠୁର ଦଲାଲମାନଙ୍କ ଦୌରାତ୍ମରେ ଅତ୍ୟାଚାର ସହ୍ୟ କରିପାରିନାହାନ୍ତି ସାଧାରଣ ଜନତା, ଚାଷୀ, ମୂଲିଆ। କରୁଣ ଆର୍ତ୍ତ ଚିତ୍କାରର କୋଳାହଳକୁ ଭ୍ରୂକ୍ଷେପ ନକରି ସେଠାରେ ଗ୍ରାମ୍ୟ ଲଳନା ମାନଙ୍କୁ ଧର୍ଷଣ କରାଯାଉଛି । ବୁନ୍ଦା ବୁନ୍ଦା ରକ୍ତରଦାଗ କନିକା ମାଟିରେ ଦେଖି କବି ହେଇଛନ୍ତି ମର୍ମାହତ । ଗାଁ ଲୋକଙ୍କ  ଇତଃସ୍ତତ, ଭୟରେ ଗର୍ଭବତୀ ମହିଳାମାନଙ୍କର ଗର୍ଭପାତ, ଗୃହପାଳିତ ପଶୁମାନଙ୍କର କରୁଣ ଚିତ୍କାର, ସତରେ କେତେ ଭୟାନକ ଥିଲା ତାହାକୁ ଅଙ୍ଗେ ନିଭେଇଥିଲେ କାବି ଗୋପବନ୍ଧୁ । ବିବର୍ଣ୍ଣ କନିକା ଯେପରି କାନ୍ଦୁଥିଲା ସେଦିନ । ଯାହାର ଦୃଶ୍ୟରେ ମ୍ରିୟମାଣ କବି ନିରାଶାରେ ଭାଙ୍ଗି ପଡିଥିଲେ । ହେଲେ କିଛି ବି କରିପାରିନଥିଲେ । ତାହାହିଁ ଥିଲା କବିଙ୍କ ପାଇଁ  ଅଲିଭା ଦୁଃଖ ତାଙ୍କପାଇଁ.

ସ୍ଵାଧୀନତା ପାଇଁ ବିପ୍ଳବର ବହ୍ନି ପ୍ରଜ୍ଵଳିତ କରିବା ପାଇଁ ଏ କବିତାରେ କବି ମାନବିକତାର ମନ୍ତ୍ରଗାନ କରିଛନ୍ତି । ଅଭାବ, କଷଣ, ଦୀନ ଦରିଦ୍ର ହୃଦୟରେ କୋହକୁ ଜଳାଞ୍ଜଳି ଦେଇ ନିଜ ଦେଶ ପାଇଁ, ନିଜ ବାସ ପାଇଁ ମୁକ୍ତିର ସ୍ଵପ୍ନ ଦେଖିବା ପାଇଁ ଲେଖନୀ ଚାଳନା କରି ବନ୍ଦୀ କବିତାରେ ଐଶ୍ଵରୀୟ ଅନୁଭବର ବାର୍ତ୍ତା ଶୁଣାଇଛନ୍ତି –

"ନକର ଶୋଚନା ରଖ ଧର୍ମେ ସାକ୍ଷୀ

ଗୁଢ ବ୍ୟୁହ ଭେଦେ ସେ ଅଦୃଶ୍ୟ ଆଖି

ବିହିଲା ତୁମର ଯେହ୍ନେ ଏ ବିପତ୍ତି

ISSN NO.
2582-208X

ଜାଣ ସେ ପାପୀର ନାହିଁ ଭଲ ଗତି "

କାରାଗାରର ବନ୍ଦୀଶାଳାରେ ବସି ବନ୍ଦୀ ଜୀବନର ଆତ୍ମକଥାକୁ କବିତା ପଂକ୍ତିରେ ଉଚ୍ଚାରଣ କରୁଛନ୍ତି ପ୍ରଣମ୍ୟ କବି ଗୋପବନ୍ଧୁ । ମୁକ୍ତିର ସ୍ୱପ୍ନ ସମ୍ଭାବନାକୁ ସାଉଁଟି ଛନ୍ତି ସାଧାରଣ ଦେଶବାସୀଙ୍କ ଲାଗି। ଲୁହରେ ଜକେଇ ଯାଇଛି ତାଙ୍କର ନୟନ ଯୁଗଳ । ମୁକ୍ତିକାମି ଯୁଗ ମଣିଷ ଗୋପବନ୍ଧୁ ସ୍ୱାଧୀନତା ପାଇଁ ସମତାର ମନ୍ତ୍ର ଗାନ କରିଛନ୍ତି । ସର୍ବନିୟନ୍ତା, ସମନ୍ୱୟର ଠାକୁର ନୀଳାଚଳ ନିବାସୀ ଜଗନ୍ନାଥ ସବୁ ଦେଖୁଛନ୍ତି, କୃପା କରିବେ, ସମତାର ମନ୍ତ୍ର ଧ୍ୱନିତ ହେବ ସିଂହଦ୍ୱାରରେ। ସମୟ ଆସିଯାଇଛି। ସ୍ୱାଧୀନତାର ପତାକା ଫରଫର ହୋଇ ଉଡିବ । ବିଶ୍ୱରେ ଏକତା ଏବଂ ସମତା ପ୍ରତିଷ୍ଠିତ ହେବ। ଏହି ଆଶା ସଞ୍ଜିବନୀ ଗାଇ ଉଠିଛନ୍ତି କବି କବିତାର ଶେଷରେ-

"ଉଡ଼ିବ ଅମ୍ବରେ ସ୍ୱରାଜ କେତନ

ପ୍ରତିଷ୍ଠିତ ହେବ ସ୍ୱରାଜ ଶାସନ

ବିରାଜିବ ବିଶ୍ୱେ ଏକତା ସମତା

ଶାନ୍ତି ଉଚ୍ଚାରିବେ ସରଗେ ଦେବତା" ।

ମାନବ ଜାତି ନିମନ୍ତେ ଜଣେ ଉତ୍ସର୍ଗୀକୃତ ମାନବାତ୍ମା, ନୈସର୍ଗିକ କବି ଏବଂ ସ୍ୱର୍ଗୀୟ ଶାଶ୍ୱତ ଅନାବିଳ ଅନୁଭବର ବାହକ ହେଉଛନ୍ତି ଗୋପବନ୍ଧୁ। ବନ୍ଦୀଶାଳାର ବନ୍ଦୀ ଜୀବନ ଭିତରେ ମାନବିକତାର ମହାମନ୍ତ୍ର ବନ୍ଦୀର ଆତ୍ମକଥା। ସେଥିରେ ବୋଳି ହେଇଯାଇଛି ଜଣେ ବିଶ୍ୱପ୍ରେମୀ ସେବକ ହୃଦୟରୁ ନିସୃତ ମାନବିକତାର ମାନ୍ତ୍ରୀକ ଉଚ୍ଚାରଣ । ପୁଣିଥରେ କହିବାକୁ ଇଚ୍ଛା ହେଉଛି - ହେ ପ୍ରଣାମ୍ୟ, ହେ ଉତ୍କଳମଣି । ତୁମେ ମାନବିକତାର ଅଖଣ୍ଡ ଦୀପଟିଏ, ତୁମେ ଚିର ବନ୍ଦନୀୟ ଏ ଉତ୍କଳ ମାଟିରେ।

ପ୍ରାଧ୍ୟାପକ ଓଡିଆ
ଓଡିଆ ଭାଷା ଓ ସାହିତ୍ୟ ବିଭାଗ,
ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ, ବାଙ୍ଗରିପୋଷି, ମଉରଭଞ୍ଜ
ମୋ: ୮୭୬୩୩୪୩୩୭୪

ISSN NO.
2582-208X

# ଭାଦ୍ରବ ମାସର ଖରା



ଦୀନବନ୍ଧୁ ପୋଇ

ପ୍ରକୃତି ଏମିତି ଗଢିଛି ଯେମିତି
ବୁଝିବ ବା ତାକୁ କିଏ
ସେଇ ଏକା ସିନା ବୁଝି ପାରିଥାଏ
ହାତରେ ଗଢିଛି ଯିଏ ।
କେତେ ବେଳେ ଖରା କେତେ ବେଳେ ବର୍ଷା
କେତେ ବେଳେ ପୁଣି ଶୀତ
ଭିନ୍ନ ଭିନ୍ନ ପାଗ ଭିନ୍ନ ଭିନ୍ନ ଋତୁ
କୋଇଲି ବିଗାଏ ଗୀତ ।
କେଉଁଠି ଥୋଇଛି ପାହାଡ ପର୍ବତ
ଆଉ ସମତଳ ଭୂମି
କେଉଁ ଜଳେ ଅଛି ମୀନ ଦଣ୍ଡିକିରି
ପୁଣି କେଉଁ ଜଳେ ତିମି ।
ଫଳିବ ଯେଉଁଠି ଡାଳିମ୍ବ କମଳା
ପୁଣି ସେହିଠାରେ ଟଭା
ଏମିତି ବିଚିତ୍ର ମାଟିର ସେ ଗୁଣ
କିଏ ବା ନହେବ କାବା ।
କେମିତି ଝୁଲାଇ ରଖିଛନ୍ତି ନଭେ
ସୂର୍ଯ୍ୟ ଚନ୍ଦ୍ରଙ୍କର ଶୋଭା
କେଉଁଠି କାଳିଆ ଘନ ଅନ୍ଧକାର
ଆକାଶରେ ଦିଶେ ପ୍ରଭା ।
ଧାରା ଶିରାବଣ ପଛେ ପଛେ ଆସେ
ଭାଦ୍ରବ ମାସର ଖରା
ଏଇ ଖରା ପାଇ କ୍ଷେତ କିଆରିରେ
ଧାନ ବଢେ କ୍ଷେତେ ପରା ।
ଯାହା ଯାହା ସବୁ ମଙ୍ଗଳ ଆମର
ସବୁ ରଖିଛି ଏ ଧରା
ଏମିତି ବିଧାତା କରି ସର୍ବ ଚିନ୍ତା
ପ୍ରକୃତି ଗଢ଼ିଛି ପରା ।

ଗୋରଡ଼ା ପାଳ, କରମୂଳ
ଢେଙ୍କାନାଳ, ଦୂରଭାଷ - ୯୯
୩୮୮୦୨୪୧୨

ISSN NO.
2582-208X

# ମୋ ପ୍ରିୟ ଗାଆଁ



ବେଣୁଧର ସୂତାର

ଏଇମୋର ପ୍ରିୟଗାଆଁ ଲୋମିତଣୀ
ଏଇ ମୋର ପ୍ରିୟ ଗାଆଁ
ସକାଳ ସଞ୍ଜରେ ବକୁଳ କୁଞ୍ଜରେ
କୋକିଳ ଗାଏ ଯା ନାଆଁ
ଉଷା ଗୋଧୂଳିର ଭାନୁମତୀ ମାୟା
ସୁନାର ଚମକ ଛୁଆଁ ।।

ଦୂର ବନାନୀର ଶିଖରି ଫାଙ୍କରୁ
ମୋ ଗାଆଁ ଅଳପ ଦିଶେ
ତୋଟାମାଳ ଭରା ସୁଷମା ପସରା
ବଉଳ ବଉଳ ବାସେ
ତାଳ ତମାଳର କୁଞ୍ଜରୁ ବହଇ
ଚୋରା ଚଇତାଳି ବାଆ ।।

ଆହାକି ମଧୁର ବିହଙ୍ଗମ ସୁର
କୁହୁକ ବୀଣାର ଛନ୍ଦ
ଚାରୁ ଚମତ୍କାର କୁସୁମ ସମ୍ଭାର
ରୂପେ ଝରେ ମକରନ୍ଦ
ଜୀବନ ଛନ୍ଦର ସପନ ଫାଙ୍କରେ
ରଙ୍ଗ ଭରେ ନୂଆ ନୂଆ ।।

ମୋହରି ଗାଆଁର ତଟିନୀ ତୁଠରେ
ସନ୍ଧ୍ୟାରାଣୀ ରଙ୍ଗ ମାଖେ
କାଚକେନ୍ଦୁ ଜଳେ ଚାରୁ ଆନନକୁ
ଜହ୍ନ ଜୋଛନାରେ ଦେଖେ
ସେଇ ନଈଧାରେ
କାହା ପ୍ରତୀକ୍ଷାରେ
ନାଉରୀ ମେଲିଛି ନାଆ ।।

ଗ୍ରାମ ଉପବନେ ଫୁଟଇ ଯତନେ
କାମିନୀ କନକଚଂପା
ରୂପ ମାଧୁର୍ଯ୍ୟର ଲଳିତ ଶୃଙ୍ଗାର
କୁରେଇଁ ଫୁଲର ଝୁମ୍ପା

ISSN NO.
2582-208X

ପ୍ରଣୟୀ ପାଇଁକି ପ୍ରୀତି ମଧୁ ଛୁଆଁ
ବିରହୀ ପ୍ରାଣକୁ ନିଆଁ ।।

ମୋଗାଆଁ ସରସୀ ନୀଳ ଜଳରାଶି
କୁମୁଦ କମଳ ମେଳା
ଭାନୁ ନିଶାକର ପ୍ରୀତି ଚିତ୍ତ ଚୋର
ପ୍ରଣୟର ମଧୁଶାଳା
କାଶତଣ୍ଡି ଗଣ୍ଡେ ହସର ଚମକ
ରୂପର ରେଶମୀ ଛୁଆଁ ।।

ଦୂର ଚକ୍ରବାଳ ଭସାମେଘ ମାଳ
ଗଗନ ବିତାନ ତଳେ
ଶ୍ୟାମଳ କ୍ଷେତର
ଶୋଭା ମନୋହର
ଶିଶିର ମୋତିର ମାଳେ
ଶୁଭ୍ର ଶାରଦୀୟ ପାର୍ବଣ ପ୍ରୀତିରେ
ପୁଲକି ଉଠଇ ହିଆ ।।

ମହମହ ବାସେ ମୋଗାଆଁ ମନ୍ଦିର
ଯେତେ ଦେବାଦେବୀ ପୀଠ
ସୁନ୍ଦର ଦିଶଇ ଦୂର ତାଳବନୁ
ଫେରନ୍ତା ଗାଈର ଗୋଠ
ବଧୂ ମଧୁମତୀ ଜାଳି ସଞ୍ଜବତୀ
ଭକ୍ତି ଅର୍ଘ୍ୟେ ପୂଜେ ମାଆ ।।

ଗ୍ରାମ ପଥଧାରେ ଫୁଲରଶଯ୍ୟାରେ
ମିଠା ସପନର ଯାଦୁ
ହସଫୁଲ ଡାଲା ମମତା ପିଆଲା
ରୂପ କଳସୀର ମଧୁ
ଝୁମି ଝୁମି ଗାଏ ମାଟିର କବିତା
ଦୂରରୁ ନିରେଖି ଚାହାଁ ।।

ରୂପ ବୈଭବର ସୌନ୍ଦର୍ଯ୍ୟ ସମ୍ଭାର
ପ୍ରକୃତିର ଅନୁଦାନ
ପବିତ୍ର ମାଟିର ମିଠା ଅନୁରାଗେ
ଜୀବନର ଅଭିଯାନ
ମମତା ପଣତ ପାବନ ଅମୃତ
ମାଆ ସୁଖେ ଦୁଃଖେ ସାହା ।।

ମୋଗାଆଁର ଦିବ୍ୟ ଦୁର୍ଲଭଅଙ୍ଗରେ
ସପନ ଫୁଲର ବାସ
ବକ୍ଷୁଝରେ ସୁଧା ମୁଖୁ ଝରେ ସଦା
କନକ ଚମ୍ପାର ସହ
ମାଆର ଚରଣେ ଭକ୍ତି ଅର୍ଘ୍ୟ ଢାଳି
ବନ୍ଦନା ଗାଇବା ଆ..ଆ
ଏଇମୋରପ୍ରିୟ ଗାଆଁଲୋ ମିତଣୀ
ଏଇ ମୋର ପ୍ରିୟ ଗାଆଁ ।।

କେଶଦୁର୍ଗପାଳ କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

ISSN NO.
2582-208X

# ସାମ୍ପ୍ରତିକ ସମୟରେ କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ ଜନଜାତି ମାନଙ୍କର ଜୀବନଚର୍ଯ୍ୟା ଓ ସାମାଜିକ ଜୀବନଶୈଳୀ ଏକ ବିହଙ୍ଗାବଲୋକନ



ସୁରେଶ କୁମାର ନାହାକ

**ସଂକ୍ଷିପ୍ତସାର :**

ଇଶ୍ୱରଙ୍କ ଏକ ରହସ୍ୟମୟ ସୃଷ୍ଟି ହେଉଛି ଏହି ପୃଥିବୀଜଗତ। ଯେଉଁଠି ଜନଜାତି ଠାରୁ ଆରମ୍ଭ କରି ସାଧାରଣବର୍ଗର ଲୋକମାନେ ସରଳ ଓ ନିରାଡମ୍ବର ଭାବେ ଜୀବନଜିଜ୍ଞାସାକୁ ସତପଥରେ ଅଗ୍ରସର କରିପାରିଛନ୍ତି। ଯେଉଁଥିରେ ପୂର୍ଣ୍ଣହୋଇ ରହିଥାଏ ହସ, କାନ୍ଦ, ଖୁସି, ଏବଂ ଆନନ୍ଦଭରା ସଂସ୍କୃତି ସମ୍ପଦ। ତାହା କେଉଁ ମୁହୂର୍ତ୍ତରେ ଲୀନ ହୋଇଯିବ ତାହା କହିବା ଅମୂଳକ ସଂଗତ। ଅନୁରୂପ ଭାବେ ବଣ ପାହାଡ଼ ଘେରା ଓ ଶସ୍ୟଶ୍ୟାମଳବର୍ଣ୍ଣ ପ୍ରକୃତିସ୍ଥ କ୍ଷେତ୍ର ଏହି କେନ୍ଦୁଝର ଜିଲ୍ଲା। ଯେଉଁଠି ୧୧ଟି ଜନଜାତି ସମ୍ପ୍ରଦାୟ ବସବାସ କରି ନିଜ ନିଜ ସରଳମୟ ଜୀବନସଂସ୍କୃତିକୁ ବଜାୟ ରଖିପାରିଛନ୍ତି। ବହୁ ଇତିହାସ କୁହେ ଏହି ଜିଲ୍ଲାର ସର୍ବପ୍ରାଚୀନ ଜନଜାତି ହେଉଛନ୍ତି "ଜୁଆଙ୍ଗ" ଜନଜାତି। ସେମାନଙ୍କର ଜୀବନଚର୍ଯ୍ୟା ଓ ସାମାଜିକ ଜୀବନଶୈଳୀର ବୈଶିଷ୍ଟ୍ୟ କଣ ରହିଛି ତାହା ଏକ ଛୋଟ ପ୍ରୟାସ। ଯାହାଦ୍ୱାରା ସେମାନଙ୍କ ସମାଜରେ ବଞ୍ଚିବାର ଜୀବନଚର୍ଯ୍ୟା ଲୋପ ପାଇବାରୁ ବଞ୍ଚିତ ହେବ ଓ ସ୍ୱଚ୍ଛ ଓ ସ୍ୱଷ୍ଟ ଦିଗ ନିର୍ଦ୍ଦେଶ ହୋଇପାରିବ।

**ଉପକ୍ରମ :**

ଭାରତର ଅନୁସୂଚିତ ଜନଜାତି ମାନଚିତ୍ରରେ ଓଡ଼ିଶା ରାଜ୍ୟର ସ୍ଥାନ ସ୍ୱତନ୍ତ୍ରମାନର। ଯେଉଁଠାରେ ୬୪ ପ୍ରଜାତିର ପ୍ରକୃତିର ସନ୍ତାନ ବା ଅମୃତର ସନ୍ତାନମାନେ ବସବାସ କରୁଅଛନ୍ତି। ଜୀବନର ପ୍ରତିଟି ମୁହୂର୍ତ୍ତକୁ ସଂଗ୍ରାମ କରି ବାସ୍ତବତା ଜୀବନ ମଧ୍ୟରେ ନିର୍ବିକାର ଭାବେ ଉପଭୋଗ କରିଥାନ୍ତି ନିଜ ନିଜ ଜୀବନକୁ। ଯଦି ଆମେ ଲକ୍ଷ୍ୟ କରିବା

ISSN NO.
2582-208X

ସେମାନଙ୍କ ଜୀବନଚର୍ଯ୍ୟାର ଶୈଳୀ ଅତିସରଳ ଓ ନିଷ୍କପଟ, ଶାନ୍ତ ଧରଣର। ଯେଉଁଠି ଭରି ରହିଥାଏ ଲାଳିତ୍ୟମୟ ନୃତ୍ୟ କଳା, ସଙ୍ଗୀତ ଓ ଲୋକସାହିତ୍ୟର ବିବିଧରୂପ। ଜୀବନର ପ୍ରତିଟି ଅପାସୋରା ମୁହୂର୍ତ୍ତକୁ ତିଳତିଳ କରି ଆନନ୍ଦମୟ କରିଥାନ୍ତି ତାଙ୍କ ଅଖଣ୍ଡ ପରମ୍ପରା ମାଧ୍ୟମରେ।

କୌଣସି ଜନଜାତି ସମ୍ପର୍କରେ ଅବଗତ ହେବାକୁ ହେଲେ ପ୍ରଥମେ ସେମାନଙ୍କ ସୃଷ୍ଟି ରହସ୍ୟ ସମ୍ପର୍କରେ ଅବଗତ ହେବାକୁ ପଡ଼ିବ। ଯାହାଦ୍ୱାରା ସେମାନଙ୍କ ସାମାଜିକ ଜୀବନଶୈଳୀରେ ଅନ୍ତର୍ନିହିତ ଥିବା ବିବିଧ ପ୍ରସଙ୍ଗ ବିଷୟରେ ଅବଗତ ହୋଇପାରିବା। ଅନୁରୂପ ଭାବେ ଏକ ସ୍ୱତନ୍ତ୍ର ଧରଣର ଜନଜାତି ହେଉଛନ୍ତି "ଜୁଆଙ୍ଗ" ଜନଜାତି। ଯାହା କେବଳ ଓଡ଼ିଶା ରାଜ୍ୟ ବ୍ୟତୀତ ଅନ୍ୟ କୌଣସି ରାଜ୍ୟରେ ଦେଖାଯାଇନଥାନ୍ତି। ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲା ମାନଙ୍କରେ ବସବାସ କରୁଥିଲେ ମଧ୍ୟ ସର୍ବାଧିକ ଏହି ଜନଜାତିର ଲୋକମାନେ କେନ୍ଦୁଝର ଜିଲ୍ଲାରେ ବସବାସ କରୁଅଛନ୍ତି। ଅନେକଙ୍କ ମତବାଦ ଅନୁସାରେ ଏହି ଜିଲ୍ଲାର ଦୁର୍ଗମ ଗୋନାଶିକା ପର୍ବତ ହେଉଛି ଏହି ଜୁଆଙ୍ଗ ମାନଙ୍କର ପ୍ରଧାନ ବାସସ୍ଥଳୀ। ଯାହାକୁ ସେମାନେ ନିଜ ମାତୃଭୂମି ଭାବରେ ଗ୍ରହଣ କରି ବେଶ୍ ଆନନ୍ଦରେ ସୁଖମୟପ୍ରଦ ଜୀବନଯାପନ କରୁଛନ୍ତି, ଯେଉଁଥିରେ କୌଣସି ସନ୍ଦେହ ନାହିଁ। ଅନେକ ମତପ୍ରକାଶକ କୁହନ୍ତି "ଜୁଆଙ୍ଗ ଓ ଭୂୟାଁ" ଦୁଇ ଭାଇ। କିନ୍ତୁ ଲକ୍ଷ୍ୟ କଲେ ଜାଣିପାରିବା ଯେ ଦୁଇ ଗୋଷ୍ଠୀଙ୍କ ଜୀବନଶୈଳୀ ଭିନ୍ନ ଧରଣର।

ଜୁଆଙ୍ଗ ମାନଙ୍କର ଜୀବନଚର୍ଯ୍ୟା ହେଉଛି ସଂସ୍କୃତିର ଗନ୍ତାଘର । ଏହି ଆଦିବାସୀ ମାନଙ୍କ ମୌଖିକ ସାହିତ୍ୟ ବା ଭାଷାରୁ ସେମାନଙ୍କ ସାମାଜିକ ଚଳଣି, ବିବାହ, ପର୍ବପର୍ବାଣୀ, ଧର୍ମ ବିଶ୍ୱାସ ଆଦି ବିଭିନ୍ନ ବିଷୟରେ ଅନେକ ତଥ୍ୟ ମିଳିଥାଏ। କିନ୍ତୁ ସାଂପ୍ରତିକ ସମୟରେ ଯୁଗବଦଳିବା ଓ ଜଗତୀକରଣର ପ୍ରଭାବରେ ଅନ୍ୟ ଜନସାଧାରଣଙ୍କ ଜୀବନଧାରଣ ବଦଳିବା ସହିତ ତାଙ୍କୁ ଅନୁକରଣ କରିବା ଫଳରେ ଜୁଆଙ୍ଗମାନଙ୍କ ଜୀବନଚର୍ଯ୍ୟାରେ କିଛି କିଛି ପରିବର୍ତ୍ତନ ହେଉଥିବାର ପରିଲକ୍ଷିତ ହେଉଛି । ଜୁଆଙ୍ଗ ଆଦିବାସୀ ପୂର୍ବରୁ ଯେମିତି ଜଙ୍ଗଲ ଉପରେ ନିର୍ଭର କରୁଥିଲେ ମଧ୍ୟ ବର୍ତ୍ତମାନ ସମୟରେ ଖୁବ୍ କମ୍ ସଂଖ୍ୟକ ଜୁଆଙ୍ଗ ଆଦିବାସୀ ଜଙ୍ଗଲ ଦ୍ରବ୍ୟ ଉପରେ ନିର୍ଭର କରୁଛନ୍ତି। ସେମାନେ ମୁଖ୍ୟତଃ କୃଷି, ପଶୁପାଳନ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ସହ ନିକଟ ବଜାରରେ ତାହା ବିକ୍ରିକରି

ISSN NO.
2582-208X

ନିଜ ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। କିନ୍ତୁ ଶିଳ୍ପ ସଭ୍ୟତାର ବିକାଶ ଫଳରେ ଆଜିର ଏହି ଜୁଆଙ୍ଗ ଜନଜାତି ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ନିଜ ନିଜ ଜୀବନଶୈଳୀକୁ ମଧ୍ୟ ବଦଳାଇବାକୁ ଲାଗିଲେଣି । ଏହାକୁ ବଞ୍ଚାଇବାର ସକାରାତ୍ମକ ପଦକ୍ଷେପ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ।

## ଜୁଆଙ୍ଗ ଜନଜାତି ମାନଙ୍କର ଜୀବନଚର୍ଯ୍ୟା :

କ) ବସ୍ତ୍ର : ସଂସ୍କୃତିର ଅନନ୍ୟ ବିଶେଷତ୍ୱ ହେଉଛି 'ବସ୍ତ୍ର'। ଯାହାଦ୍ୱାରା ସେ ସରଳ ନିରଳସ ଭାବେ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଆପଣାର କରିପାରିଥାଏ। ପ୍ରାଚୀନ କାଳରେ ଦେହର ଲଜ୍ଜ୍ୟା ନିବାରଣ ନିମନ୍ତେ ଏମାନେ ମୁଖ୍ୟତଃ ବ୍ୟବହାର କରୁଥିଲେ ପତ୍ରର ପୋଷାକ। ଯାହା ସେମାନଙ୍କ ପାଇଁ ଥିଲା ଏକ ମହନୀୟ ଘଟଣା। ଏମାନେ ମୁଖ୍ୟତଃ ପତ୍ର ପୋଷାକ ପିନ୍ଧୁଥିବାର ବହୁ ପ୍ରତ୍ୟକ୍ଷଦର୍ଶୀ ରହିଛନ୍ତି। ସେଥିମଧ୍ୟରୁ ଜଣେ ହେଉଛନ୍ତି "ସି. ଦାଲ୍ଟନ୍"- ସେ କହିଛନ୍ତି ୧୮୬୬ ମସିହାରେ କେନ୍ଦୁଝର ଜିଲ୍ଲାର ପଲଲହଡ଼ା ଆସିଥିବାବେଳେ ଲକ୍ଷ୍ୟ କରିଥିଲେ ଏହି ଜୁଆଙ୍ଗ ଜନଜାତିର ଲୋକମାନେ ପତ୍ରର ପୋଷାକ ପିନ୍ଧି ନିଜ ନିଜ କର୍ମମୟ ଜୀବନକୁ ଆଡମ୍ବର ସହକାରେ ଉପଭୋଗ କରୁଅଛନ୍ତି (୧)। ଜୁଆଙ୍ଗ ମହିଳାମାନେ ବ୍ୟବହାର କରୁଥିବା ପତ୍ର ପୋଷାକକୁ 'ପଟୁଆ' କୁହାଯାଏ ବୋଲି ଜଣେ ବିଦେଶୀ ଗବେଷକ ନିଜ ମତପୋଷଣ କରିଛନ୍ତି (୨)। ଏହାପରେ ଜୁଆଙ୍ଗମାନଙ୍କ ପତ୍ର ପୋଷାକ ସଂପର୍କରେ ସାଧାରଣବର୍ଗର ଲୋକମାନେ ଅବଗତ ହୋଇଥିଲେ। ମହିଳାମାନେ ଶରୀରର ଉପରଭାଗ ଓ ନିମ୍ନ ଭାଗକୁ ସ୍ୱଳ୍ପ ପତ୍ରକୁ ମାଳ କରି ଅଣ୍ଟାରେ ଗୁଡ଼ାଇ ପିନ୍ଧିଥାନ୍ତି। ପୂର୍ବରୁ ଲକ୍ଷ୍ୟକଲେ ଜାଣିପାରିବା ଯେ ଶହେ ଦୁଇଶହ ବର୍ଷ ପୂର୍ବରୁ ଜୁଆଙ୍ଗ ଜନଜାତିର ମହିଳାମାନେ ଅଣ୍ଟାର ତଳକୁ ଶାଳ, ଜାମୁ, କୁରେଇ, ମହୁଲ ଗଛର ଛୋଟଛୋଟ ଡ଼ାଳ ଓ ପତ୍ରକୁ ଦଉଡିରେ ଗୁଡେଇ ପିନ୍ଧୁଥିବାର ଜଣାଯାଏ। ଏହାର ଏକ ମହନୀୟ ବିଶେଷତ୍ୱ ରହିଛି ପୂର୍ବରୁ ଏହି ଜନଜାତିର ମହିଳାମାନେ ଦେହର ସ୍ତନ୍ୟ ଉପରେ କୌଣସି ପୋଷାକ ପିନ୍ଧୁନଥିଲେ କାହିଁକିନା ସେମାନଙ୍କର ଏକ ବିଶ୍ୱାସ ରହିଥିଲା ଯେ ଉପରିଭାଗରେ ପୋଷାକ ପରିଧାନ କଲେ ଠାକୁରାଣୀ କୋପ କରିବେ। ସେଥିପାଇଁ ସେମାନେ ଦେହର ଉପରି ଭାଗରେ କୌଣସି ପୋଷାକ ପରିଧାନ କରୁନଥିଲେ। ଯାହା ଏକ ଅଲୌକିକ ଘଟଣା। ସାମ୍ପ୍ରତିକ ସମୟରେ ଜୁଆଙ୍ଗ ଯୁବତୀମାନେ ବିଭିନ୍ନ କିସମର ଶାଢ଼ୀ,

ISSN NO.
2582-208X

ଫ୍ରକ୍ ଏବଂ ପୁରୁଷମାନେ ଲୁଙ୍ଗି, ଧୋତି, ବେନିଅନ୍ ଇତ୍ୟାଦି ପୋଷାକ ପରିଧାନ କରୁଅଛନ୍ତି।

ଖ) ଅଳଙ୍କାର ଆଭୂଷଣ : ପ୍ରକୃତିର ଆଦିମ ଜନଜାତି ମାନେ ହେଉଛନ୍ତି ଆଭୂଷଣପ୍ରେୟୀ। ଅଳଙ୍କାର ହେଉଛି ସେମାନଙ୍କର ସୌନ୍ଦର୍ଯ୍ୟର ପ୍ରତୀକ। ଯାହା ସେମାନଙ୍କୁ ଆକର୍ଷିତ କରିଥାଏ। ଜୁଆଙ୍ଗ ରମଣୀମାନେ ବେକରେ ହାର (ଜୁଆଙ୍ଗ ଭାଷାରେ କୁଣ୍ଟି), ନାକରେ ଫୁଲି (ନାକଫୁଲ), ତୁଣ୍ଡି (ନୋଥ), କାନରେ କାନଫୁଲ, ପାଦରେ ପାଜାଲି (ପାଉଁଜି)· ଗାଡୁଆ (ପାଦଖଡୁ) ଆଦି ବ୍ୟବହାର କରିଥାଆନ୍ତି। ଏହା ବ୍ୟତୀତ ଜୁଆଙ୍ଗ ମହିଳାମାନେ ହାତ ଅଙ୍ଗୁଳିରେ ମୁଦି ଓ ପାଦ ଅଙ୍ଗୁଳିରେ ଝୁଣ୍ଟିଆ (ଝୁଟିଆ) ବ୍ୟବହାର କରିଥାଆନ୍ତି। ଯାହାଦ୍ୱାରା ସେମାନେ ଅତିସୁନ୍ଦର ଦେଖାଯିବା ସହ ରୂପବତୀ ମଧ୍ୟ ଲାଗିଥାନ୍ତି। ଏବେକା ସମୟରେ ଜୁଆଙ୍ଗ ଯୁବକମାନେ ହାତର ମଣିବନ୍ଧରେ ବିଭିନ୍ନ ଡିଜାଇନ୍‌ର ବ୍ରେସ୍‌ଲେଟ୍ ଓ କାନରେ ରିଂ ବ୍ୟବହାର କଲେଣି । ଜୁଆଙ୍ଗମାନଙ୍କ ଅଳଙ୍କାର ବିଶେଷକରି ପିତଳ, ଆଲୁମିନିୟମ୍ ର ହୋଇଥାଏ। କିନ୍ତୁ ଆଜିର ସମାଜରେ ଏହି ଜନଜାତିର ଲୋକମାନେ ବିଭିନ୍ନ ପ୍ରକାରର ଅଳଙ୍କାର ପରିଧାନ କରି ବିଭିନ୍ନ ପର୍ବପର୍ବାଣୀ ମାନଙ୍କରେ ଜୀବନ ଉପଭୋଗ କରିବାକୁ ଲାଗିଲେଣି। ଯାହା ଏକ ନିନ୍ଦନୀୟ ବିଷୟ।

### ଜୁଆଙ୍ଗ ଜନଜାତି ମାନଙ୍କର ଜୀବନଶୈଳୀ :

କ) ବାସଗୃହ : ଜୁଆଙ୍ଗ ମାନେ ମୁଖ୍ୟତଃ ଥିଲେ ଯାଯାବର। ପରବର୍ତ୍ତୀ ସମୟରେ ଯେତେବେଳେ ସେ ଖାଦ୍ୟ ଅନ୍ୱେଷଣ କରିବା ନିମନ୍ତେ ପ୍ରକୃତିର ବାହ୍ୟ ଜଗତକୁ ଦୃଷ୍ଟିନିକ୍ଷେପ କରିବା ଶୁଖିଲା ସେତେବେଳେ ସେ ଏହି ଗୃହ ପ୍ରସ୍ତୁତ ନିମନ୍ତେ ଧ୍ୟାନ ଦେବାକୁ ଲାଗିଲା। ପରେ ସେ ନିର୍ମିତ କଲା ବାଉଁଶକାଠରେ ନିର୍ମିତ ବାସଗୃହ। ଏବଂ ସେହି ଗୃହକୁ ନେଇ ଆରମ୍ଭ କରିବାକୁ ଲାଗିଲା ନିଜ ଆନନ୍ଦଭରା ଜୀବନ। ସମୟର ସ୍ରୋତରେ ସେ ପରମ୍ପରା ଓ ସଂସ୍କୃତିକୁ ପ୍ରାଧାନ୍ୟ ଦେଇ ବିଭିନ୍ନ ପ୍ରକାରର ପର୍ବପର୍ବାଣୀ ପାଳନ କରିବାକୁ ଲାଗିଲା। ସାଉଁଟି ରଖିଥିଲା ଅନେକ ସ୍ୱପ୍ନ, ଆଶା, ଆକାଂକ୍ଷା। ନିଜର ଅନୁଭୂତିଭରା ସ୍ମୃତିକୁ ଗୃହର କୋଣ ଅନୁକୋଣେ ଆଙ୍କୁଥିଲା ନିଜ ହସ୍ତର ଚିତ୍ରପଟ୍ଟରେ। ଏବଂ ତାହା କୌଣସି ରାଜପ୍ରସାଦ ଠାରୁ କମ୍ ନଥିଲା। ଲକ୍ଷ୍ୟଦେବା ଏବେକା ସମୟରେ ଜୁଆଙ୍ଗ ଜନଜାତିର

ISSN NO.
2582-208X

ଲୋକମାନେ ମାଟି ଏବଂ ପକ୍କା ନିର୍ମିତ ଘର ପ୍ରସ୍ତୁତ କରି ରହିବାକୁ ଲାଗିଲେଣି। ଏହିଭଳି ଭାବେ ସେମାନଙ୍କ ନିଜ ସଂସ୍କୃତି ଓ ପରମ୍ପରା ଲୋପ ପାଇବାକୁ ବସିଲାଣି।

ଖ) ସାମାଜିକ ଜୀବନ : ଜୁଆଙ୍ଗମାନଙ୍କ ସାମାଜିକ ଓ ଗୋଷ୍ଠୀ ଜୀବନ ଅନ୍ୟ ଜନଜାତି ତୁଳନାରେ ବହୁ ଉନ୍ନତମାନର । ସମାଜରେ ସେ ସର୍ବଦା ଏକତ୍ରିତ ହୋଇ ଗୋଷ୍ଠୀ ଜୀବନଯାପନ କରିଥାନ୍ତି। ପର୍ବପର୍ବାଣି, ବିଭାଘର, ଜନ୍ମ ଓ ମୃତ୍ୟୁ ଭଳି ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ମାନଙ୍କରେ ଏକତ୍ରିତ ହୋଇ ସୃଷ୍ଟି କରିଥାନ୍ତି ନିଜର ପରିଚୟ। ଯଦି ଗାଁରେ କୌଣସି ବ୍ୟକ୍ତି ମୃତ୍ୟୁବରଣ କରେ ତେବେ ସେମାନେ ସମସ୍ତେ "ମଣ୍ଡଘରେ" ଏକତ୍ରିତ ହୋଇ ମୃତକର ପରିବାର ସଦସ୍ୟ ମାନଙ୍କୁ ସମବେଦନା ଜ୍ଞାପନ କରି ଶବଦାହ କରିଥାନ୍ତି। ଅନୁରୂପ ଭାବେ ଜୁଆଙ୍ଗ ସମାଜରେ ଯଦି ଶିଶୁଟିଏ ଜନ୍ମ ହୁଏ ତେବେ ସମସ୍ତେ ଖୁସି ହୋଇ ଶିଶୁ ସନ୍ତାନକୁ ଦେଖିବାକୁ ଆସିଥାନ୍ତି, ଯାହା କୁଆଁତାରା ସଦୃଶ। ଏବଂ ଶିଶୁର ଆଗତ ଭବିଷ୍ୟତ କିପରି ସୁଖ ଓ ସମୃଦ୍ଧିରେ ପୂର୍ଣ୍ଣ ହେବ ତାହା ନିମନ୍ତେ ସମସ୍ତେ ଠାକୁରାଣୀଙ୍କ ପାଖରେ କାମନା କରିଥାନ୍ତି। ଏହିଭଳି ଅନେକ କିଛି ଘଟଣା ସେମାନଙ୍କ ସାମାଜିକ ଜୀବନ ସହ ଜଡ଼ିତ।

ଗ) ମଜାଙ୍ଗ ବା ମଣ୍ଡଘର : ଜୁଆଙ୍ଗ ମାନଙ୍କ ଶ୍ରେଷ୍ଠ ଅନୁଷ୍ଠାନ ହେଉଛି "ମଣ୍ଡଘର"। ସାଧାରଣ ଅର୍ଥରେ ଏହା 'କଚେରୀଘର' ଭାବରେ ନାମିତ। ଏହା ଗ୍ରାମର ମଧ୍ୟଭାଗରେ ଅବସ୍ଥିତ। ଯାହାକୁ ସେମାନେ ଗ୍ରାମର ବିକାଶ କ୍ଷେତ୍ର ବୋଲି ମାନିଥାନ୍ତି। ସମାଜରେ ଯେ କୌଣସି କାର୍ଯ୍ୟକଳାପ ହେବା ପୂର୍ବରୁ ଗ୍ରାମର ସମସ୍ତ ବ୍ୟକ୍ତିବିଶେଷ ଏହି ମଣ୍ଡଘରେ ଏକତ୍ରିତ ହୋଇ ନିଜ ନିଜର ସମସ୍ୟା ଉପସ୍ଥାପନା କରିଥାନ୍ତି। ପରେ ସମସ୍ତ ଘଟଣାର ସମାଧାନ ହୋଇଥାଏ। ଜୁଆଙ୍ଗ ମାନଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ରାଜନୈତିକ ଓ ଗୋଷ୍ଠୀ ଜୀବନରେ 'ବିଶେଷ ଭୂମିକା ରଖିଥାଏ ଏହି ମଜାଙ୍ଗ' ବା 'ମଣ୍ଡଘର'। ମାଟିଝାଟି ଓ କାଠଖୁଣ୍ଟ ନିର୍ମିତ ଏହି ଘର। ଏବଂ ଏହାର ଚାରିପାଖରେ କୌଣସି କାନ୍ଥ ନଥାଏ। ଯାହା। ଏକ ଅତି ଶୋଭାନୀୟ ଦୃଶ୍ୟ ଗୃହ ଥିଲା। ଯେଉଁଠି ସେମାନଙ୍କର ବାସ୍ତବତା ଜୀବନକୁ ଗୋଷ୍ଠୀ ମାଧ୍ୟମରେ ରସାଳିତ କରିଥାନ୍ତି। ଏହି ଅନୁଷ୍ଠାନର ମୁଖ୍ୟ ହେଉଛନ୍ତି ଗ୍ରାମ ମୁଖିଆ "ପଧାନ" ଓ "ବାରଭାଇ"। ସେ ସମସ୍ତ

ISSN NO.
2582-208X

ପ୍ରକାର ସମସ୍ୟାର ନ୍ୟାୟ ସେହିଠାରେ ନେଉଥିଲେ। ଏହି ମଣ୍ଡଘର '୮'ଟି ଅନୁଷ୍ଠାନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥାଏ। ଯଥା –

୧) ଗ୍ରାମର ମୁଖ୍ୟ ନ୍ୟାୟାଳୟ
୨) ଗ୍ରାମର ସୂଚନାଭିତ୍ତିକ କେନ୍ଦ୍ର
୩) ଅତିଥି ମାନଙ୍କ ଗୃହ
୪) କୋଠ ଘର
୫) ଧାର୍ମିକ ପରମ୍ପରାର କେନ୍ଦ୍ର
୬) ଯୁବକ ଗୋଷ୍ଠୀ ସଂଘ
୭) ଗ୍ରାମର ଅବସର ବିନୋଦନ କେନ୍ଦ୍ର
୮) ମିଳିତ କଥୋପକଥନ ଗୃହ

ଏହି ମଣ୍ଡଘରର ମଧ୍ୟଭାଗରେ କାଠର ନିଆଁ ଲେପନ କରି ସମସ୍ତେ ଏକତାର ବନ୍ଧନରେ ଆବଦ୍ଧ ହୋଇ ବାଣ୍ଟିଥାନ୍ତି ନିଜର ସୁଖଦୁଃଖର କଥା। ଯାହା କେଉଁ ପୁରାତନ କାଳରୁ ସୃଷ୍ଟି ହୋଇ ପରମ୍ପରା ବଜାୟ ରଖିପାରିଛି। ଏବଂ ଏହି ଅଗ୍ନିପୋଡ଼ା ଅଙ୍ଗାରକୁ ଆଣି ସେମାନେ ପୋଡୁଚାଷ କରିଥାନ୍ତି। ଆଜିର ଦିନରେ ଜୁଆଙ୍ଗ ମାନଙ୍କ ମଣ୍ଡଘର ଆଉ ମଣ୍ଡଘର ପରି ନାହିଁ। ତାହା ଆଧୁନିକତାର ପ୍ରଭାବରେ ତାହା ଲୋପ ପାଇଗଲାଣି। ସରକାର ସେ ସମସ୍ତ ମଣ୍ଡଘରକୁ ଭାଙ୍ଗି ବିଭିନ୍ନ ପ୍ରକାରର କାର୍ଯ୍ୟାନୁଷ୍ଠାନ ପ୍ରତିଷ୍ଠା କରିବାକୁ ଲାଗିଲାଣି। ଯଦି ଏ ସମସ୍ତ ଘଟଣାକୁ ଦୃଷ୍ଟି ନିକ୍ଷେପ ନକରିବା ତେବେ ସେମାନଙ୍କ ସଂସ୍କୃତି ଲୋପ ପାଇବା ସହ ସେମାନଙ୍କ ପରିଭାଷା ମଧ୍ୟ ଲୋପ ପାଇବାକୁ ବସିବ।

ଘ) ପରିବାର : ସାମାଜିକ ଅନୁଷ୍ଠାନର ମୂଳକେନ୍ଦ୍ର ହେଉଛି "ପରିବାର"। ଯେଉଁଠି ସାମାଜିକ ଜୀବନଶୈଳୀର ସମସ୍ତ କାର୍ଯ୍ୟାବଳୀ ନିହିତ। ଜୁଆଙ୍ଗ ମାନଙ୍କର ପରିବାର ମୁଖ୍ୟତଃ ଏକକ ପରିବାର ବିଶିଷ୍ଟ। ସେଥିରେ ମୁଖ୍ୟ ଅଟନ୍ତି ଗୃହର ପିତା। ଯାହାକୁ ପରିବାରର ସଦସ୍ୟ ମାନେ ସମସ୍ତ ଘଟଣାକୁ ଏକମତ ହୋଇ ସମ୍ମାନ ଜଣାଇଥାନ୍ତି। ଏହି ଜୁଆଙ୍ଗ ମାନଙ୍କର ଏକ ସ୍ୱତନ୍ତ୍ର ବଂଶ ସଂରଚନା ରହିଛି। ଯାହାକୁ "ବକ" (ଓଡ଼ିଆ ଭାଷାରେ ଗୋତ୍ର) କହିଥାନ୍ତି। ଏହା ଗୋଟିଏ ପୂର୍ବ ପୁରୁଷଙ୍କ ଠାରୁ ସୃଷ୍ଟି ହୋଇ ସମଗ୍ର

ISSN NO.
2582-208X

ଗୋଷ୍ଠୀ ମଧ୍ୟରେ ବ୍ୟାପ୍ତ ରହିଥାଏ। ଏହାକୁ ଜୁଆଙ୍ଗ ମାନେ ରକ୍ତ ସମ୍ପର୍କୀୟ କୁଟୁମ୍ବ ଭାବେ ବିଶ୍ୱାସ କରିଥାନ୍ତି। ଏବଂ ବିଭିନ୍ନ ପଶୁପକ୍ଷୀ ମାନଙ୍କୁ ସେ ଗୋତ୍ରର ଚିହ୍ନ ଭାବେ ମଧ୍ୟ ଗ୍ରହଣ କରିଥାନ୍ତି। ଯେ କୌଣସି ସମୟରେ ଯାହାବି ବାଧାବିଘ୍ନ ସୃଷ୍ଟି ହେଲେ ମଧ୍ୟ ପରିବାରର ସମସ୍ତ ସଦସ୍ୟ ମାନେ ମିଳିମିଶି ସମସ୍ୟାର ସମାଧାନ ନିମନ୍ତେ ଅଗ୍ରସର ହୋଇଥାନ୍ତି। ଓ ସମାଧାନ କରିଥାନ୍ତି ମଧ୍ୟ। ନିଜନିଜ ବଂଶ ମଧ୍ୟରେ ବିବାହ ନିଷେଧ ରହିଆସିଛି ଏହି ପରିବାରରେ। କେବଳ ବନ୍ଧୁବନ୍ଧୁ ବର୍ଗ ମାନଙ୍କ ମଧ୍ୟରେ ପ୍ରଚଳିତ ଏହି ବିବାହ ପ୍ରଥା। ପରିବାରରେ ଝିଅମାନେ ୧୫ ବର୍ଷରୁ ୧୮ ବର୍ଷ ମଧ୍ୟରେ ଓ ପୁଅମାନେ ୨୦ ବର୍ଷରୁ ୨୩ ବର୍ଷ ମଧ୍ୟରେ ବିବାହ କରିବା ପ୍ରଥା ରହିଛି। ଯାହାକୁ ଆଦର୍ଶର ଏକ ସ୍ୱତନ୍ତ୍ର ସ୍ତମ୍ଭ ବୋଲି ଧରିପାରିବା। ବିବାହର ପରବର୍ତ୍ତୀ କାଳରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଅଲଗା ଘରେ ଏକତ୍ର ମିଶି ଖୁବ୍ ଆନନ୍ଦରେ ଜୀବନ କାଟିଥାନ୍ତି। ଏବେକା ସମୟରେ ପୂର୍ବରୁ ପ୍ରଚଳିତ ନୀତି ନିୟମକୁ ଉଲ୍ଲଂଘନ କରି ସାଧାରଣ ବର୍ଗର ଲୋକମାନଙ୍କ ଭଳି ଜୀବନ ଅତିବାହିତ କରୁଅଛନ୍ତି। ଯାହା ଏକ ଦୁଃଖତତର ବିଷୟ।

### ଉପସଂହାର :

ସୃଷ୍ଟି ଜଗତର ପ୍ରଥମ ସନ୍ତାନ ହେଉଛି ଏହି "ଆଦିବାସୀ"। ଯିଏ ପ୍ରକୃତିର କୋଳରେ ପ୍ରବାହିତ ହୋଇ ସୁଖ ଶାନ୍ତିଭରା ଜୀବନକୁ ସାଉଁଟି ପାରୁଛି ଓ ଜୀବନର ପ୍ରତିଟି ମୁହୂର୍ତ୍ତକୁ ସଂଗ୍ରାମ କରି ସମାଜ ସମ୍ମୁଖରେ ନିଜର ପରିଚୟ ବାଣ୍ଟିପାରିଛି। ସେହି ଜୁଆଙ୍ଗ ହେଉଛି ଏପରି ଏକ ଜନଜାତି ଯେଉଁଠି ତାର ସମାଜରେ ଭରି ରହିଛି ସ୍ୱତନ୍ତ୍ରତା। ଏବଂ ସେହିମାନଙ୍କର ଜୀବନଚର୍ଯ୍ୟାରେ ଭରି ରହିଛି ସରଳ ହୃଦଗଣିତ ଭିତ୍ତିକ ଭାବଧାରା। ନା ସେମାନଙ୍କ ମନରେ ସ୍ୱାର୍ଥ ଅଛି ନା ଅଛି କପଟତା କେବଳ ରହିଛି ଅନ୍ୟକୁ ଭଲ ପାଇବାର ସ୍ୱଚ୍ଛ ଇଚ୍ଛା ଓ ଆଗ୍ରହ। ଯଦିଓ ଆଧୁନିକୀକରଣ ଓ ଜଗତୀକରଣର ପ୍ରଭାବରେ ସେମାନଙ୍କ ପାହାଡ଼ ଜଙ୍ଗଲ ଘେରା ସମାଜକୁ ସେମାନଙ୍କ ଠାରୁ ଦୂରେଇ ରଖିଛି ତଥାପି ସାମ୍ପ୍ରତିକ ସମୟରେ ସେମାନଙ୍କ ଇତିହାସ ଜଡ଼ିତ ସଂସ୍କୃତି ପରମ୍ପରା ଓ ବଞ୍ଚିବାର
ଅଭିଳାଷ ଏ ଜଗତରେ ରହିଛି ଏବଂ ରହିଥିବ ମଧ୍ୟ।

ISSN NO.
2582-208X

ପାଦଟୀକା :

୧. ଶ୍ରୀ ଅଭୟ ଜୁଆଙ୍ଗ, ଗ୍ରାମ/ ପୋ - ବଲ୍ଦି ବାରିଗାଁ, ଜିଲ୍ଲା - କେନ୍ଦୁଝର, ପିନ୍ - ୭୫୮୦୧୪
୨. ଶ୍ରୀମତୀ କାନ୍ତି ଜୁଆଙ୍ଗ, ଗ୍ରାମ/ ପୋ - ବଲ୍ଦି ବାରିଗାଁ, ଜିଲ୍ଲା - କେନ୍ଦୁଝର, ପିନ୍ - ୭୫୮୦୧୪
୩. ଶ୍ରୀ ସୁଦର୍ଶନ ଜୁଆଙ୍ଗ, ଗ୍ରାମ/ ପୋ - ବଲ୍ଦି ବାରିଗାଁ, ଜିଲ୍ଲା - କେନ୍ଦୁଝର, ପିନ୍ - ୭୫୮୦୧୪
୪. ଶ୍ରୀ କ୍ଷେତ୍ରବାସୀ ଜୁଆଙ୍ଗ, ଗ୍ରାମ - ବୁଢ଼ାଖମନ, ପୋ - ଜଂଘିରା, ଜିଲ୍ଲା - କେନ୍ଦୁଝର, ପିନ୍ - ୭୫୮୦୧୪

ସହାୟକ ଗ୍ରନ୍ଥସୂଚୀ :

୧. ପ୍ରଧାନ ରଞ୍ଜନ : ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନ କେନ୍ଦୁଝର, କ୍ରିଏଟିଭ ଓଡ଼ିଶା, ନିଗିନପୁର୍, ସନଝରିଆ, କେନ୍ଦ୍ରାପଡ଼ା, ପ୍ରଥମ ସଂସ୍କରଣ - ୨୦୧୨।

୨. ପ୍ରଧାନ ରଞ୍ଜନ : ଜୁଆଙ୍ଗ ପର୍ବପର୍ବାଣୀ, କ୍ରିଏଟିଭ ଓଡ଼ିଶା, ନିଗିନପୁର୍, ସନଝରିଆ, କେନ୍ଦ୍ରାପଡ଼ା, ପ୍ରଥମ ସଂସ୍କରଣ - ୨୦୧୪।

୩. ମହାନ୍ତି ଗୋପୀନାଥ, ମହାନ୍ତି ଶରତ, ପାଇକରାୟ ବଟ : ଜୁଆଙ୍ଗ ଲୋକକଥା (୨) , ତ୍ରିଶକ୍ତି ପ୍ରକାଶନ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ - ୨୦୦୬

ଗବେଷକ
ଭାଷା ଓ ସାହିତ୍ୟ ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ
ବାଲେଶ୍ୱର, ପିନ୍ - ୭୫୬୦୧୯

ISSN NO.
2582-208X

# ଆୟୁଷ୍ୟ



ମୋହନ କୁମାର ସ୍ୱାଇଁ

ମାଟି ଘୋଡ଼ା
ଯେତେ ବି ସୁନ୍ଦର ହେଉନା କାହିଁକି
ଗୋଟିଏ ବି ପାଦ ବଢ଼ି ପାରେ ନାହିଁ
ଆଗକୁ ଆଗକୁ ।
ସାମ୍ନାର ଦୃଶ୍ୟ ଯେତେ ବି
ବାସ୍ତବ ଲାଗୁନା କାହିଁକି
ପ୍ରେମର ମାୟା ଜାଲରେ
ଛନ୍ଦିହୋଇ
ମୁକୁଳିବା ସହଜ ହୁଏନି
କାଟିବାକୁ ବୁଢିଆଣୀ ଜାଲ,
ଅଭେଦ୍ୟ ପ୍ରାଚୀରର ଚକ୍ରବ୍ୟୁହକୁ ।

ପ୍ରୟାସ ଗୋଡ ପୋତି
ସ୍ଥିର ରୁହେନାହିଁ,
ଗୁଡ଼ିର ସୂତା ଥିବା ଯାଏ
ପିଣ୍ଡରେ ପ୍ରାଣ ଥିବାଯାଏ
ବ୍ରହ୍ମାଣ୍ଡରେ ଅସ୍ତିତ୍ୱ ଥିବାଯାଏ ।

ସନ୍ତ୍ରାସବାଦୀର ଗୁଳି
କବିର  କଲମ,ପ୍ରେମିକାର  ମୋହିନୀ
ନଜର
ଟାଣି ନିଏ ପଙ୍କରୁ ପଦ୍ମକୁ
ଭୂମିରୁ ଭୁମାକୁ ।

ପ୍ରଲୋଭନର କର୍ଦ୍ଦମାକ୍ତ ଆୟୁଷ୍ୟ
ମାଟି ଘୋଡାର ଗୋଡ଼କୁ
ଚୂରମାର କରିଦିଏ
ସମୟର ହାଲକା ମାଡ଼ରେ
ପରିତୃପ୍ତି ରୁ ସମାପ୍ତି ଆଡ଼କୁ ।

ବେଣାପୁର, କଣ୍ଟିଗଡିଆ ,ଯାଜପୁର
୮୧୧୮୦୯୯୦୩୮

ISSN NO.
2582-208X

# ମୁଁ ତୁମ ମୀରା ନାଁ ରାଧା



ନମିତା ପ୍ରଧାନ

ତୁମେ ମୋର ସେଇ ଅସମ୍ପୂର୍ଣ୍ଣ ପ୍ରେମ,,
ଯାହାକୁ ମୁଁ ପାଇବାକୁ ଚାହେଁନି ସ୍ୱପ୍ନ..
ତୁମ ବିଷୟରେ ବ୍ୟାଖ୍ୟା ପଡ଼ିଯିବ ଛୋଟ,,
ଯେବେ ତୁମର ଏ ମୀରା ହାତରେ ଥିବ ତୁଳୀଟ..
କଣ ବା ବଖାଣିବ ଏ ତୂଳୀ ତୁମକୁ,,
ତୁମେ ମୋ ଆଦ୍ୟ, ଅନ୍ତ ସବୁ ଦିନକୁ..
ମାପି ପାରିବକି ତୁମେ ? ଗଭୀରତା ମୋ ପ୍ରେମର,,
ଏଥି ପାଇଁ ତୁମେ ଶତ ତପସ୍ୟା କର !
ଯଦି ଜାଣିଯିବ ତେବେ କହିବ ମୋତେ,,
ମୀରା ରୁ ରାଧିକା କରିବ କି ସତେ ?
ମୋ ଦେହର ପ୍ରତିଟି ନିଃଶ୍ୱାସ ତୁମକୁ ଖୋଜେ,,
ମୋ ବଞ୍ଚିବାପାଇଁ ତୁମେ ଜରୁରୀ! ଜାଣିଚି ବୋଧେ..
ତୁମ ବିନା ସ୍ପନ୍ଦନ ଚାଲିବ ସେବେ ,,
ସ୍ୱର୍ଗ ର ରଥରେ ଥିବି ମୁଁ ଯେବେ..
ତୁମ ସମ୍ବନ୍ଧ ରେ କିଛି କହିବାକୁ ଚାହୁଁଛି..
ଅନୁମତି ଦେବ ଏତିକି ଭାବୁଚି ?
ଗୋଟେ ମଣିଷ କଣ ଏତେ ସୁନ୍ଦର ହୋଇପାରେ ?
ତୁମକୁ ଦେଖିଲା ପରେ ବିଶ୍ୱାସ ଆସିଲା ବିଧାତା ର ସେ ବିନ୍ଧାଣି ରେ..
ତୁମ ହସ ର ମଧୂର୍ଯ୍ୟ ଏତେ ଲୋଭନୀୟ,,

ISSN NO.
2582-208X

ଦେଖିଦେଲେ ଥରେ ମୁଁ ହୁଏ ପୂର୍ଣକାୟ..
ତୁମ ଦେହର ସେ ଅରତ ବୋଳା ଝାଲୁଆ ବାସ୍ନା,
ତୁମ ନିକଟକୁ ଟାଣିଧରି ମୋତେ କରେ ଆନମନା..
ପ୍ରୀତି ଉତ୍ପାଦକ ତୁମର ସେ ତୀକ୍ଷ୍ଣ ନଜର,,
ମତେ ବର୍ଣ୍ଣନା କରେ ମୁଁ କୁଆଡେ ତୁମର..
ତୁମ ଓଠର ସେ ଚୁମ୍ବନ ର ସ୍ପର୍ଶ,,
ମୋର ଏ ଶୀତଳ ଶରୀର କୁ କରେ ଆନ୍ଦୋଳିତ ..
ତୁମ ବାହୁର କୋଳାୟିତ ଆଲିଙ୍ଗନ,,
ମୋ ମନ, ଦେହ, ପ୍ରାଣ! ବାବା ସବୁ ତୁମ ପାଖରେ ଲିନ..
ଯତ୍ନ ନେବାରେ ମୋର ତୁମେ ଭୁଲି ଯାଅ ନିଜକୁ,,
କୁହ କେମିତି ଭଲ ପାଇବିନି ତୁମକୁ ?
ନିଜେ ନଖାଇ ମତେ ଖୁଆଅ,,
ନିଜେ ନପିନ୍ଧି ମୋତେ ପିନ୍ଧାଅ,,
ନିଜଠୁ ଆଗରେ ମତେ ରଖ,,
ତୁମ ମୁହଁ ଦେଖି ଭୁଲେ ମୁଁ ଦୁଃଖ..
ଛୁଆ ବୋଲି ଯେବେ ଡାକିଦିଅ ମୋତେ,,
ଯେମିତ ଲାଗେ ମୋ ବାବା କି ସତେ..
କେମିତି ଭୁଲିବି ତୁମକୁ କୁହ,,
ତୁମକୁ ଭୁଲିବା ସମ୍ଭବ ନୁହଁ..
ଜାଣିଚି ମୁଁ ତୁମେ ଆଉ କାହାର,,
ତଥାପି ମୁଁ କୁହେ ତୁମେ ମୋର..

ଏ ମିଛ ହେଉଛି ମୋ ଦିବା ସ୍ୱପ୍ନ,,
ତୁମକୁ ଦେଖିବାକୁ ନେବି ସହସ୍ର ଜନ୍ମ..

ସତତ ମୁଁ କୁହେ ମୁଁ ତୁମ ଅଧା,,
ତୁମେ କୁହ ତ ମୁଁ ତୁମ ମୀରା ନା ରାଧା?....

ISSN NO.
2582-208X

# ଶିକ୍ଷକ



ଶିବରାମ ସାହୁ

**ଗୁରୁଦିବସ ଉପଲକ୍ଷେ ଭାରତ ବର୍ଷରେ ଅବସ୍ଥିତ ସମସ୍ତ ଶିକ୍ଷକ ସମାଜ ତଥା ଶାସନ ବ୍ୟବସ୍ଥା ଗୁଡିକୁ ସମର୍ପିତ**

ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ୍ ପରମବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ । ଗୁରୁ ଅର୍ଥାତ୍ ଯେ ଆଗାମୀ ପିଢ଼ିର ଏକମାତ୍ର ଅକ୍ଷୁର୍ଣ୍ଣବୀଜ ଯାହା ମାନବ ଜୀବନକୁ ସମ୍ପୂର୍ଣ୍ଣ ଅଙ୍କୁରିତ କରିବାରେ କ୍ଷମତାବଦ୍ଧ । ସୃଷ୍ଟିର ପ୍ରାରମ୍ଭରୁ ବର୍ତ୍ତମାନ ସମୟ ଯାଏଁ ଗୁରୁଙ୍କ ଭୂମିକା ଓ ଅବଦାନ ଅଶେଷ ପୁଣି ଗୁରୁଙ୍କ ବିନା ସମଗ୍ର ସୃଷ୍ଟି ସତେ ଯେପରି ଅପ୍ରବୀଣ । ଗହନ ଅନ୍ଧକାରରୁ ଉଜ୍ଜ୍ୱଳ ମାର୍ଗ ଦର୍ଶନ କରିବାରେ କେବଳ ଗୁରୁ ହିଁ ଶ୍ରେଷ୍ଠ ଭୂମିକା ଗ୍ରହଣ କରିଥାନ୍ତି । ଏକ ସୁସନ୍ତାନ ଜନ୍ମ କ୍ଷେତ୍ରରେ ପିତା ମାତାଙ୍କ ଯୋଗଦାନ ଯେତିକି ଜରୁରୀ ସେହି ସନ୍ତାନ ମାନଙ୍କୁ ଶିକ୍ଷିତ କରାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା କ୍ଷେତ୍ରରେ ଗୁରୁଙ୍କ ଭୂମିକା ସେତିକି ଜରୁରୀ ହୋଇପଡ଼ିଛି । ପଞ୍ଚଗୁରୁ ମଧ୍ୟରେ ପ୍ରଥମ ଗୁରୁ ବାପ ମା ଓ ଦ୍ୱିତୀୟ ଶିକ୍ଷା ଗୁରୁ ହେଲେ ଆଉ ତିନି ଗୁରୁ ଆପଣଙ୍କ ଧର୍ମ, କର୍ମ, ଦୀକ୍ଷା, ଓ ପରମ୍ପରା ଉପରେ ନିର୍ଭର କରିଥାଏ । ଗ୍ରାମରୁ ସହର, ଜିଲ୍ଲାରୁ ରାଜ୍ୟ, ଦେଶରୁ ବିଦେଶ ଏବଂ ଜୁଗେଯୁଗେ ଗୁରୁଙ୍କ ଅବଦାନ କେତିକି ତାହା ନିରୂପଣ କରିବା ମୂର୍ଖାମି ହେବ । ଏକ ସୁରାଷ୍ଟ୍ର ଗଠନରେ ଶିକ୍ଷକ ଟିଏ ଅଦ୍ୱିତୀୟ । ବିଦ୍ୟାଳୟ ହେଉ ଅବା କୋଉ ଆଶ୍ରମ ଗୁରୁବିନା ସବୁ ଅଭିଶପ୍ତ ଜୀବନ । ସମୟର କରାଳ ସ୍ରୋତରେ ଶିକ୍ଷକ ଟିଏ ଭସାଇଦିଏ ନିଜକୁ ଅଥଚ ନିଜର ଶିଷ୍ୟଟିକୁ ଉତ୍ତମ ଶିକ୍ଷାଦେଇ ସାମର୍ଥ୍ୟବାନ୍

ISSN NO.
2582-208X

କରିବାରେ ଗୁରୁଙ୍କ ଅବଦାନ ଆଜିମଧ୍ୟ ବେଶ୍ ଶୀର୍ଷରେ । ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ କରିବା ପାଇଁ ସମସ୍ତଙ୍କ ଭାଗ୍ୟରେ ସବୁବେଳେ ସମାନ ନଥାଏ । ଯଦି ଏମିତି ନହୁଏ ତେବେ ସୃଷ୍ଟିରେ ମୂର୍ଖ ଆଉ ପଣ୍ଡିତ ଦୁଇଟି ଶ୍ରେଣୀରେ ବିଭାଜନ ହୋଇନଥାନ୍ତା । ସ୍ୱର୍ଣ୍ଣକୁ ଅଗ୍ନିରେ ପୋଡ଼ିବା ପରେ, ଲୁହାକୁ ହାତୁଡ଼ିରେ ପିଟିବା ପରେ, ଯେଉଁ ବର୍ଣ୍ଣ, ଆକାର ଓ ଧର୍ମ ପାଳନ କରିଥାନ୍ତି ଠିକ୍ ସେମିତି ଗୋଟାଏ ଉତ୍ତମ ଗୁରୁଙ୍କ ଚିହ୍ନ ଉପରୋକ୍ତ ଧାଡିଗୁଡିକୁ ସୂଚାଇଥାଏ । ଆଉ ଗୋଟାଏ ଉତ୍ତମ ଶିଷ୍ୟ ମଧ୍ୟ ସେମାନେ ହୁଅନ୍ତି ଯେଉଁମାନେ ଗୁରୁଙ୍କ ବେତବାଡ଼ି ଖାଇ, ଶାସନ ଅନୁଶାସନର ଭର୍ତ୍ସନା ଶୁଣି, ନିଜକୁ ନିଜେ ଗୁରୁଙ୍କ ଚରଣରେ ସମର୍ପଣ କରିଥାନ୍ତି ସେମାନେ ହିଁ ସମାଜରେ ସଫଳତାର କାୟା ବିସ୍ତାର କରନ୍ତି । ଅବଶ୍ୟ ଦିନକୁ ଦିନ ଗୁରୁଭକ୍ତି ବିଲୁପ୍ତ ହେବାରେ ଲାଗିଛି କହିଲେ କିଛି ଅତ୍ୟୁତି ହବନାହିଁ । ଏଠି ବୁଝିବା ଦରକାର ଯେମିତି ପିତାମାତା ଶିଶୁଟିକୁ ସୁଉଦ୍ଦେଶ୍ୟପୂର୍ଣ୍ଣ ତାଗିଦ୍ କରନ୍ତି ପିଲାଟିର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଠିକ୍ ସେପରି ଶିକ୍ଷକଟିଏ ମଧ୍ୟ ତାଗିଦ୍ କରିଥାନ୍ତି ନିଜର ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ । ଯେତେବେଳେ ଶିଷ୍ୟଟିଏ ସମାଜରେ ସମାଦର ଓ ସଫଳତାର ଶିଖର ଛୁଅନ୍ତି ସେତେବେଳେ ଗୁରୁଙ୍କର ମସ୍ତକ ଆପେ ଉପରକୁ ଉଠିିଯାଏ । କାରଣ ଉଦ୍ଦେଶ୍ୟ ବିହୀନ କାର୍ଯ୍ୟରେ ସଦାସର୍ବଦା ମୂର୍ଖ ସମାଜର କେତେକ ପଣ୍ଡିତ ପ୍ରତିବନ୍ଧକ ପାଲଟିଥାନ୍ତି ତେଣୁ ଗୁରୁ ହୁଅନ୍ତୁ ଅବା ଶିଷ୍ୟ ଉଭୟଙ୍କୁ ଏସବୁ ଅଣଦେଖା କରି ପୂର୍ବଉଦିତ ହେବାକୁ ହବ । ବର୍ତ୍ତମାନ ଭାରତ ସରକାର ଏସବୁ ଶିକ୍ଷାର ନିୟମକୁ ଅଗ୍ନିରେ ଦହନ କରି ସାରିଲେଣି କହିଲେ କିଛି ଭୁଲ୍ ହେବନି । ଅନୁଶାସନ ବଦଳରେ ଛାତ୍ର ଛାତ୍ରୀଙ୍କୁ ମୁକ୍ତ କରିବା ଅର୍ଥ ଅପରାଧକୁ ପ୍ରୋତ୍ସାହନ ଦେବା ତାଛଡା ଏପରି ସ୍ଥଳେ ଏକାଗ୍ରତା ଆସିବ ବା କେଉଁଠୁ ? ତଥାପି ରାଜ୍ୟ ଓ କେନ୍ଦ୍ର ସରକାର ଭୟମୁକ୍ତ, ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରି ଛାତ୍ରଛାତ୍ରୀ ମାନଙ୍କୁ ଦୁର୍ବଳ କରିବାରେ ପଛାଉ ନାହାଁନ୍ତି । ଯାହାର ପରିଣାମ ସ୍ୱରୂପ ଆଜି ଗୋଟାଏ ଛାତ୍ର ହେଉ ଅବା ଛାତ୍ରୀ ସ୍ୱଇଚ୍ଛାରେ ବିଦ୍ୟାଳୟ ବାରଣ୍ଡା ଯିବାକୁ ନାରାଜ, ସେ ଆଉ ଗୁରୁଭକ୍ତି କରୁନି କି କୌଣସି ଦଣ୍ଡ ବ୍ୟବସ୍ଥାକୁ ଖାତିରି କରୁନି କେବଳ କିଛି ଅର୍ଥ ଆଶାରେ ବିଦ୍ୟାଳୟ ପରିସର ପରିକ୍ରମା କରିବାରେ ଅସ୍ତବ୍ୟସ୍ତ ତେଣୁ ଆଜିକା ସମୟରେ ଛାତ୍ରଛାତ୍ରୀ ହୁଅନ୍ତୁ କିମ୍ବା ଅଭିଭାବକ କଥା କଥାରେ ଲମ୍ଫଟିଆ ଗଣମାଧ୍ୟମ ପରି ସମଗ୍ର ଶିକ୍ଷକ ସମାଜକୁ ବଦନାମ କରିବାରେ ପ୍ରଥମ ସ୍ଥାନ ଅକ୍ତିଆର କରିଛନ୍ତି । ଏଭଳି ମାନସିକତା କେତେଦୂର ବଜାୟ ରହୁଛି ତାହା ଦେଖିବା ଅତ୍ୟନ୍ତ ଆବଶ୍ୟକ । ଏଲେକ୍ସନ୍ କାର୍ଯ୍ୟ, ସେଲେକ୍ସନ୍ କାର୍ଯ୍ୟ, ଜନଗଣନା କାର୍ଯ୍ୟ,

ISSN NO.
2582-208X

ମେସ ପରିଚାଳନା, ମେଣ୍ଟର ଡିୟୁଟି, ମାସିକ ମିଟିଂ, ବାର୍ଷିକ ଉତ୍ସବ, ସହିଦ ମାଧୋସିଂ, ୟୁଡାଇଜ୍ଜ, ପ୍ରି ମେଟ୍ରିକ୍ ସ୍କୋଲାର୍ଶିପ, ଆପାର୍ ଆଇଡି, ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀଙ୍କୁ ଡାକିବା, ଆଡମିସନ୍ କଲା ପରେ ଅନଲାଇନ୍ ଦାଖିଲା, ପୋଷାକ ବିତରଣ, ପୁସ୍ତକ ବଣ୍ଟନ, ବ୍ଲକ ସ୍ତରୀୟ, ଜିଲ୍ଲା ସ୍ତରୀୟ, ଓ ରାଜ୍ୟ ସ୍ତରୀୟ ମେଳା, ଏମିତି ଅନେକ ବେହିସାବ କାର୍ଯ୍ୟ ଯାହା ଅଶୋଭ୍ୟ, ଦାୟିତ୍ୱ ଯାହା ଅବାଧ୍ୟ ସେ ସବୁ ଆପଣା ମୁଣ୍ଡ ଉପରକୁ ନେଇ ଯାଉଛନ୍ତି ଶିକ୍ଷକ ସମାଜ ଆଜି ହସି କାନ୍ଦି ତାହା ପୁଣି ନିଜ ଘର ପରିବାର ସନ୍ତାନ କଥା ଭୁଲି । ଏହା କାହା ହିତ ପାଇଁ ? ହୁଏତ ଭାବିବା ଏଠି ସହଜ ଲାଗିପାରେ କିନ୍ତୁ ବାସ୍ତବ ରୁପରେ ଉତ୍ତର ଦେବା ଅତ୍ୟନ୍ତ ଜଟିଳ ହୋଇପଡିବ । ଯେତେବେଳେ ଜଣେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷାର ଏକାଗ୍ରତା ଭଙ୍ଗ ହେଉଛି ଏପରି ସ୍ଥଳେ ଶିଷ୍ୟ ଟିଏ କେମିତି ପ୍ରଶଂସାର ପାତ୍ର ହୋଇପାରିବ । ଶିକ୍ଷକଟିକୁ ଶିକ୍ଷାର ସ୍ୱତନ୍ତ୍ରତା ଦେବାରେ ସଙ୍କୋଚ କାହିଁକି ? ଅଖଣ୍ଡ ଭାରତର ଯେ ଆଚମ୍ବିତ ନୀତି ଯାହା ଶିକ୍ଷକ ସମାଜକୁ ସର୍ବଦା ଦଳିଆ କରିବାରେ କଣିଚାଏ ପଛାଉ ନାହିଁ । ତଥାପି ଶିକ୍ଷକ ଶିକ୍ଷୟତ୍ରୀ ଜିବନର ତମାମ ସଂଘର୍ଷ ଗୁଡ଼ିକୁ ପାର କରିବା ପରେ ଗୋଟାଏ ଯୋଗ୍ୟ ଗୁରୁ ହେଇ ସମାଜ ଆଗରେ ସେମାନଙ୍କ ପୂର୍ଣ୍ଣ ପ୍ରତିଭା ପ୍ରଦର୍ଶନ କରୁଛନ୍ତି ।

ସମୟଚକ୍ର ସମସ୍ତଙ୍କୁ ଉପଯୁକ୍ତ ସମୀକ୍ଷା ପ୍ରଦାନ କରିଥାଏ । ଏକାଗ୍ରତା ଅଭାବରେ ଯେଉଁ ସନ୍ତାନମାନେ ପରୀକ୍ଷାରେ ବିଫଳ ହୁଅନ୍ତି ସେଥିରେ ଅଭିଭାବକ ମାନଙ୍କ ନିକଟରେ ତୀବ୍ର ଅସନ୍ତୋଷ ଦେଖାଦିଏ । ପ୍ରତିକ୍ରିୟା ସ୍ୱରୂପ ଅମୁକ ସମୁକ ଗୁରୁ ଜଣକ ମୋ ପିଲାଟିକୁ ଉତ୍ତମ ପାଠ ପରସୁ ନାହାନ୍ତି ଖାଲି ମାସ ପୁରିଲେ ବେତନ ନେଇଯାଆନ୍ତି । ଗ୍ରାମଜନ ଠାରୁ ଆରମ୍ଭକରି ନେତାମନ୍ତ୍ରୀ ପର୍ଯ୍ୟନ୍ତ ପୁଣି ଅଫିସର ଠାରୁ ଆରମ୍ଭ କରି ସରକାର ପର୍ଯ୍ୟନ୍ତ ସମସ୍ତେ କେବଳ ଶିକ୍ଷକ ସମାଜକୁ କଳଙ୍କିତ କରିବାରେ କୌଣସି ଚେଷ୍ଟା ଛାଡୁନାହାନ୍ତି । ବାସ୍ତବରେ ସରକାରଙ୍କର ଗୋଟିଏ ନିଶୁଳ୍କ ଯୋଜନା କେତେଦୂର ସହାୟକ ତାହା ଗହିର ଜିଜ୍ଞାସାର ପ୍ରଥମ ଚରଣ । ପ୍ରତ୍ୟେକ ଯୋଜନା ପଛର ଉଦ୍ଦେଶ୍ୟ କଣ ତାହା ଜାଣିବା ଆଜିକା ଅଧ୍ୟୟନରତ ପିଢ଼ିପାଇଁ ନିହାତି ଦରକାର । ଆଜିକାର ଶିକ୍ଷକ ସମାଜ ଉପରେ ରାଜନୈତିକତାର ଯେତେ ସବୁ ପ୍ରଶାସନିକ ସ୍ତରର ଅସଂଖ୍ୟ ଭାର ଲଦି ଦିଆଯାଉଛି ତାହା ଅଗଣ୍ୟ । ଏହି ସମୟରେ ହିଁ ଆମର ସ୍ୱାର୍ଥାନ୍ଧ ସମାଜ ନୀରବଦ୍ରଷ୍ଟା ପାଲଟିଯାନ୍ତି ସତେ ଯେପରି ଯୁଗଟିରୁ ମୌନ ବ୍ରତରେ ଲିପ୍ତ ଅଛନ୍ତି । ଦେଖିବାକୁ ଗଲେ ଏହି ଆଧୁନିକ ଯୁଗରେ ଶିକ୍ଷାର ମହତ୍ତ୍ୱ ଆସ୍ତେ ଆସ୍ତେ ଲୋପପାଇବାକୁ ଗଲାଣି । ଏଠି ଜାଣିବାକୁ ହେବ

ISSN NO.
2582-208X

ଯେ ଗୁରୁଙ୍କ କୌଣସି ଜାତି ଧର୍ମ ବର୍ଣ୍ଣ ଓ ସ୍ତର ନଥାଏ କିନ୍ତୁ ଆପଣମାନେ କିମ୍ବା ସରକାର ତାଙ୍କୁ କେଉଁ ନଜରରେ ଦେଖୁଛନ୍ତି, କିଭଳି ବ୍ୟବହାର କରୁଛନ୍ତି ଏହା ଆପଣମାନଙ୍କ ରାଜନୈତିକ କାର୍ଯ୍ୟ ଓ ମାନସିକ ସ୍ଥିତି ଉପରେ ନିର୍ଭର କରୁଛି । ଅବଶ୍ୟ ପୌରାଣିକ ଯୁଗରୁ ସ୍ଥିତିର ସମୀକ୍ଷା କରାଯାଇନି କିନ୍ତୁ ଯୋଗ୍ୟର ସ୍ତର ନିର୍ଦ୍ଧାରିତ କରାଯାଇଛି । ଇତିହାସ ସାକ୍ଷୀ ଅଛି ଏପରି ସ୍ଥଳେ ଶିଷ୍ୟ ଟିଏ ଏକ ଉତ୍ତମ ପଥ ବାଛିବାରୁ ବଞ୍ଚିତ ହୋଇଅଛି । ମୁକଟିଏ କଥା କହିବା ଯାହା ମୂର୍ଖଟିଏ ଶିକ୍ଷିତ ହେବା ତାହା ଏଠି ଫରକ୍ କେବଳ ଚିନ୍ତାଧାରାର ରହିଛି । ସରକାର ଓ ସମାଜ ଆଜି ଯେତିକି ଶିକ୍ଷକ ସମାଜକୁ ଅବହେଳିତ କରୁଛନ୍ତି ତାହା ବାସ୍ତବରେ ଏକ ଘୋର୍ ଅପରାଧ ସଦୃଶ । ଖଣ୍ଡିଏ ଚାକିରି ନାଁ ରେ, ଗୋଟିଏ ପଦ ନାଁ ରେ, ଏକାଧିକ ଦାୟିତ୍ୱ ଓ ଅଜସ୍ର ବୋଝ ଲଦି ଦିଆଯାଉଛି ଶିକ୍ଷକଙ୍କ ଉପରେ । ଜଳନ୍ତା ଉଦାହରଣରେ ବିଭିନ୍ନ ପ୍ରକାର ଯୋଜନା ଓ ଦାୟିତ୍ୱ ଗୁଡ଼ିକ ମଧ୍ୟରୁ କେତେଗୋଟି ପ୍ରଦତ୍ତ କରିବା ଶ୍ରେୟସ୍କର ହେବ ।

ପ୍ରତ୍ୟୁଷର କିରଣ ପରି ଦିପ୍ତିମୟ ସମଗ୍ର ଶିକ୍ଷକ ସମାଜ । ଦିନେ ନା ଦିନେ ପ୍ରାୟତଃ ଶିକ୍ଷକ ଆର୍ଥିକ ସଙ୍କଟନରେ ଘାରି ହେଇଛନ୍ତି, ଏମାନେ ମଧ୍ୟ ଏମାନଙ୍କ ଗୁରୁ ପାଖରୁ କେତେ ଭର୍ତ୍ସନା ଶୁଣିଛନ୍ତି ଓ କେତେ ଅନୁଶାସନର ପ୍ରହାର ସହ୍ୟ କରିଛନ୍ତି ତାହା ବ୍ୟକ୍ତ କରିବା କବିଙ୍କ ପକ୍ଷେ ସମ୍ଭବ ନୁହଁ । ପୁଣି କେତେ ଯେ ହିନତାର ଛତ୍ରଛାୟାତଳେ ବଢିଛନ୍ତି ତାହା କେବଳ ସ୍ମରଣିକା । କେବଳ ଭୁକ୍ତଭୋଗି ଟିଏ ହୃଦୟଙ୍ଗମ କରିପାରିବ । ତତ୍ପରେ ଯାଇ ଶିକ୍ଷକଟେ ପୂର୍ବାଦିତ ସୁରୁଜ ଓ ସୁରଭିର ଉପାଧି ସାଉଁଟିଛନ୍ତି । ଯାହାଙ୍କୁ ଆମେ ସମସ୍ତେ ଆମ ଜୀବନରେ ଶିକ୍ଷଙ୍କ, ଗୁରୁ, ଟିଚର, ଆଚାର୍ଯ୍ୟ ଏମିତି ଅନେକ ନାମରେ ନାମରେ ନାମିତ କରିଥାଉ କିନ୍ତୁ ଆଦର୍ଶର ସଂଜ୍ଞା କେବେ ଦେଉନା । ସେପ୍ଟେମ୍ବର ୫ ତାରିଖକୁ ଗୁରୁଦିବସ ରୁପେ ଆମ୍ଭେ ପାଳନ କରୁ ଅଥଚ ଏହାର ଅର୍ଥ ବୁଝିପାରୁନା ଏହାହିଁ ଆମ ଆଧୁନିକ ଯୁଗର ଗ୍ରହଣୀୟ ବିପରୀତ ଶିକ୍ଷା । ଯଦି ଗୋଟିଏ ଉଜ୍ଜ୍ୱଳ ଭବିଷ୍ୟତ ଓ ସୁସ୍ଥ ସମାଜ ଗଠନ କରିବାର ଅଛି ତେବେ ଗୁରୁଙ୍କ ଆଦର ଅତ୍ୟନ୍ତ ଜରୁରୀ ଏବଂ ତାଠାରୁ ଅଧିକ ଜରୁରୀ ଶିକ୍ଷକଙ୍କ ପୂର୍ଣ୍ଣ ଅଧିକାର ଓ ସମ୍ମାନ । ଅଧିକାଂଶ ଶିକ୍ଷକ ବର୍ଗୀକୃତ ହେଲେ ସୁଦ୍ଧା ସମସ୍ତେ ମାନବ ତେଣୁ ସେମାନଙ୍କ ଶ୍ରେଣୀକୃତ ବେତନ ମିଳିବା ସହ ଅବସର ପରେ ପୂର୍ଣ୍ଣ ପୁରୁଣା ପେନସନ ପାଇବାରୁ ବଞ୍ଚିତ ହେଉଛନ୍ତି ଏଦିଗରେ ସରକାର ବିଶେଷ ଆଲୋକପାତ କରିବା ନିହାତି ଦରକାର । ଯଦିଓ ସୁରାଷ୍ଟ୍ର ଗଠନରେ ଆଜି ଶିକ୍ଷାର ମାନଦଣ୍ଡ ନିମ୍ନସ୍ତର ହେଉଛି ଅବଶ୍ୟ କାଗଜ କଲମରେ ହିଁ ଉପରକୁ

ISSN NO.
2582-208X

ଉଠିପାରିଛି ତା'ବୋଲି କଣ ସରକାରଙ୍କ ତତ୍ପରତା ଅପରିହାର୍ଯ୍ୟ ଅବା ତର୍ଜମା ଅପ୍ରଦର୍ଶିତ ? ଏଣେ ଶିକ୍ଷକ ଶିକ୍ଷୟତ୍ରୀ ସ୍ତର ସହସ୍ର କରାଯାଇଛି ଯାହା ଫଳରେ ଶିକ୍ଷକ ସମାଜ ମଧ୍ୟରେ ଉଚ୍ଚ ନୀଚ ଭେଦଭାବ ଅନବରତ ସୃଷ୍ଟି ହେବାରେ ଲାଗିଛି । ସରକାର ଯଥା ସମ୍ଭବ ଏହାର ନିରାକରଣ ବାହାର କରିବା ଉଚିତ୍ ପୁଣି ସରକାର ତାଙ୍କର ରାଜ୍ୟ ଓ ରାଜକୋଷକୁ ସୁରକ୍ଷିତ ରଖିବା ମଧ୍ୟ ସେତିକି ଜରୁରୀ କାରଣ ଶିକ୍ଷକ ଆଢୁଆଳରେ ହଜାର ହଜାର ନକଲି ଶିକ୍ଷକ ଶିକ୍ଷୟତ୍ରୀ ବେତନର ଲାଭ ଉଠେଇବାରେ ପଛଉ ନାହାଁନ୍ତି । ସେପଟେ ନିରୀହ ଯୋଗ୍ୟ ଗୁରୁ ବୃନ୍ଦ ଚାକିରି ପାଇବାରୁ ବଳି ପଡୁଛନ୍ତି ଏପରି ସ୍ଥଳେ ଦେଶ କିମ୍ବା ରାଜ୍ୟ ବିକାଶ କେମିତି ହୋଇପାରିବ ।

କିନ୍ତୁ ଏବବି ଦେଖିବାର ଅଛି ସରକାରଙ୍କ ରାଜକୋଷ ପାଣ୍ଠି ଭର୍ତ୍ତି ହେଉଛି ଅବା ସମୟ ପୂର୍ବରୁ ଲୁଟେରାଙ୍କ କବଳରେ ଶୂନ୍ୟ ପଡୁଛି ? ଏଠି ଲୁଟେରା କେବଳ ନକଲି ଶିକ୍ଷକ ଶିକ୍ଷିକା କହିଲେ ହେବନାହିଁ ବରଂ ଆତତାୟୀ ପ୍ରାୟତଃ ନେତା ମନ୍ତ୍ରୀ ସରକାର ଯାହା ପାଞ୍ଚ ବର୍ଷ କାଳରେ ପାଞ୍ଚଶହ ବର୍ଷର ଅର୍ଥ ଉପାର୍ଜନ କରିଥାନ୍ତି ଆଉ ଶିକ୍ଷକ ଶିକ୍ଷିକାଙ୍କ ଷାଠିଏ ବର୍ଷର ଯୋଗଦାନ ଗୁଡିକୁ ବୃଥା ମନେକରନ୍ତି ଏମାନଙ୍କ ଅବସର କାଳୀନ ଟଙ୍କା ଗୁଡିକୁ ଶୋଷୋଣ କରାଯାଇ ନେତାମନ୍ତ୍ରୀ ମାନଙ୍କୁ ଏକରୁ ଏକାଧିକ ପେନସନ ଦେବାର ବ୍ୟବସ୍ଥା କରାଯାଇଛି ଆମ ଭାରତୀୟ ନୀୟମାବଳୀ ଗୁଡିକରେ ତେବେ ଏପରିସ୍ଥଳେ ପକ୍ଷପାତତାର ସୀମା ଉଲଂଘନ ହେଉଛି ପୁଣି ଲୋଭ ଆଉ ଷଡ଼ଯନ୍ତ୍ରର ଦୁର୍ଗନ୍ଧ ବାହାରୁଛି । ଆଜି ଶିକ୍ଷକ ଶିକ୍ଷୀକା ରାଜରାସ୍ତାରେ ଓହ୍ଲାଉଛନ୍ତି କେବଳ ତାଙ୍କର ପୁରୁଣା ପେନସନ, ସମାନ କାମକୁ ସମାନ ଦରମା, କେନ୍ଦ୍ର ହାରରେ ପୂର୍ଣ୍ଣ ବେତନ ଓ ବରିଷ୍ଠତା ସହ ଚୁକ୍ତିପ୍ରଥା ଉଚ୍ଛେଦ ଭଳି ସହସ୍ର ଅଭିଯୋଗର ବିଷବସ୍ତୁ ରହିଛି ତଥାପି ଉଚ୍ଚ ନ୍ୟାୟାଳୟ ଠୁ ଆରମ୍ଭ କରି ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ପ୍ରଶାସନ ଠୁ ଆରମ୍ଭ କରି ସରକାର୍ ପର୍ଯ୍ୟନ୍ତ ନୀରବଦ୍ରଷ୍ଟା କାହିଁକି ? ମାନସିକ ସ୍ଥିତି କଣ ସୁଦୃଢ଼ ହେଇପାରିବ ଜଣେ ଗୁରୁଙ୍କର ? ଏଠି ସ୍ଥିତିର ସମୀକ୍ଷା ପରିବର୍ତ୍ତେ ପରିହାସ କରାଯାଉଛି ଶିକ୍ଷକ ସମାଜକୁ ତଥାପି ଶିକ୍ଷକ ସମାଜ ସହିଷ୍ଣୁତା ଧାରଣ କରିବାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଆମ ଭାରତରେ । ସମୟ ସ୍ରୋତରେ ଆସ୍ତେଆସ୍ତେ ସର୍ବଦା ଆଶ୍ୱସ୍ତି ପ୍ରାପ୍ତି ତେଣୁ ନୀରବ ପଣିଆ ଭାରି ବଢିଆ ଉକ୍ତିଟିକୁ ହୃଦବୋଧ କରିବାକଥା । ସେ ଯାହା ହେଉନା କାହିଁକି ଆଜି ବିଶ୍ୱ ଦରବାରରେ ପ୍ରକୃତ ଶିକ୍ଷକ ସମାଜ ପୂଜନୀୟ, ସହନିୟ ପୁଣି ଗୁରୁ ଶିଷ୍ୟଙ୍କ ସମ୍ପର୍କ ସଦା ସୌରଭଦୀପ୍ତ । ଶିକ୍ଷା ଗ୍ରହଣ କରିବାପାଇଁ ବୟସର ତାରତମ୍ୟ ନଥିଲେ ସୁଧା ଆସନ୍ତୁ ଆଜି ସମସ୍ତେ

ISSN NO.
2582-208X

ମିଳିମିଶି ଅଧିକରୁ ଅଧିକ ଶିକ୍ଷଣୀୟ ହେବା ଏବଂ ଅନ୍ୟର ମାର୍ଗକୁ ସାଫଲ୍ୟ ମଣ୍ଡିତ କରିବା ଏହା ହିଁ ଆମ ସମସ୍ତଙ୍କ ଭାବନା ଓ ଉଦ୍ଦେଶ୍ୟ ରହିବା ଅନିବାର୍ଯ୍ୟ । ଶାସ୍ତ୍ରୀୟ ବଚନ ଯାହା ଉଲ୍ଲେଖ କରେ ଗୁରୁଙ୍କୁ ନମଣିବ ନର, ଗୁରୁ ହିଁ ସାକ୍ଷାତ ଈଶ୍ୱର । ଏହାର ସାରାଂଶ ବୁଝିଗଲେ ଆମ ଭାରତ ଏକ ସୁଦୃଢ଼, ସ୍ୱଚ୍ଛ, ଓ ପୂର୍ଣ୍ଣବିକଶିତ ରାଷ୍ଟ୍ର ରୂପେ ନବ ପରିଚୟ ପାଇବ ଏତତ୍ ବ୍ୟତୀତ କଳିଙ୍ଗର ଜନମାନସରେ ସ୍ୱର୍ଣ୍ଣ ଐତିହ୍ୟର ସ୍ଥାନ ପାଇବା ସହ ଅସତ୍ୟ ଉପରେ କୁଠାରାଘାତ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ନବରଙ୍ଗପୁର
ଦୂରଭାଷ : ୯୯୩୭୬୫୩୩୬୧

ISSN NO.
2582-208X

# ସ୍ୱାଧୀନତା



ଅମୃତନାରାୟଣ ଶତପଥୀ

ଫରଫର ଉଡେ ଆଜି ଜାତୀୟ ପତାକା,
ବହୁ ବର୍ଷ ହେବ ଭାରତ ପାଇଛି ସ୍ୱାଧୀନତା।(୧)
ସ୍ୱାଧୀନତା ପାଇଁ କେତେ ସଂଘର୍ଷ ବଳଦାନ,
କେତେ କେତେ ମହାପୁରୁଷଙ୍କ ତ୍ୟାଗ ସମର୍ପଣ।(୨)
କାହିଁ କେତେ ପ୍ରକାରର ଦୃଢ ମତି ନେଇ,
ଫିରିଙ୍ଗିଙ୍କୁ ବିଦା କଲେ ସର୍ବେ ଭଗ୍ନୀ ଭାଇ।(୩)
ସ୍ୱାଧୀନ ଶେଷରେ ଦେଶ ହେଲା ଅଗଷ୍ଟରେ,
୧୯୪୭ ମସିହା ପନ୍ଦର ତାରିଖରେ।(୪)
ସେହି ଦିନ ଠାରୁ ପ୍ରତି ବର୍ଷରେ ସ୍ମୃତି ସ୍ମରଣ,
ସ୍ୱାଧୀନତା ଦିବସର ହୁଅଇ ପାଳନ।(୫)
ପତାକା ଉତ୍ତୋଳନ ସହ ଜାତୀୟ ସଂଗୀତ ଗାନ,
ଦେଶାତ୍ମବୋଧ ସଂଗୀତ ବକ୍ତୃତା, ସ୍ଲୋଗାନ।(୬)
ସ୍ୱାଧୀନତାକୁ ସ୍ୱାଧୀନ ଢଙ୍ଗରେ ପାଳନ କରିବା ପାଇଁ,
କଛି ଲୋକଙ୍କର ପୁଣି କୁଣ୍ଠାବୋଧ କାହିଁ?(୭)
କାହିଁକି ସ୍ୱାଧୀନତା ଦିବସକୁ ଭାବି ଛୁଟି ଟିଏ,
ଆଳସ୍ୟ ପରାଏ ମନୁଷ୍ୟ ଘରେ ଶୋଇଥାଏ।(୮)

ISSN NO.
2582-208X

ସ୍ୱାଧୀନତା ଦିବସର କରେନ ପାଳନ,
ଏପରିକି ସ୍ୱାଧୀନ ଚେତନାର କରେନ ଚନ୍ତନ।(୯)
ସ୍ୱାଧୀନ ଭାରତର ସ୍ୱାଧୀନତା ଅଟେ ସମସ୍ତଙ୍କ ପାଇଁ,
ଦେଶର ଐକ୍ୟ ଅଖଣ୍ଡତା ବଜାୟ ରଖିବା ପଡିବାନ ନଇଁ।(୧୦)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଫକୀରମୋହନ




କାର୍ତ୍ତିକେଶ୍ୱର ନାୟକ

କିଏ ଜାଣିଥିଲା
ଏ ଫକିର ପିଲା
ଓଡ଼ିଆ ଭାଷାର ମଣି
ଅନ୍ଧ ବିଶ୍ୱାସର, ସେ କାଳ ସମାଜ
ସଂସ୍କାରଦେଲା ସେ ଆଣି।

ଭାଷା ସାହିତ୍ୟର ଭାବରେ ସମାଜ
ହଟିଲା ଅନ୍ଧବିଶ୍ୱାସ
ବହୁ ପରମ୍ପରା ଅପସରିଗଲା
ଧନ୍ୟ ହେ ଫକିର ବ୍ୟାସ...

ବ୍ରଜମୋହନ ରୁ ଫକୀରମୋହନ
ଓଡ଼ିଆ ଭାଷା ବିନ୍ଧାଣି
ସାର୍ଥକ ସମାଜ ଗଢ଼ିଦେଇଗଲ
ନବଜାଗରଣ ବୁଣି ।

ସେକାଳର ଯେତେ ଅନ୍ଧାରୀ ଶାସନ
କଲମ ମୁନରେ ଦେଲ
ଯୁଗଜନ୍ମା ତୁମେ ସହିତ୍ୟ ରଥିହେ
ଭାଷାରେ ଅମର ହେଲ ।

ଶ୍ରୀବିହାର, ବୌଦ୍ଧ

ISSN NO.
2582-208X

# ମାତୃ ସେବା



ନିରୁପମା ମିଶ୍ର

ଦଶମାସ ଦଶଦିନ ଗର୍ଭ ଧାରଣ କରି।
କେତେ ବେଦନା ସହି ଧରଣୀକୁ ତତେ ଆଣିଲା ଆଦରି।
ସେହି ମାଆଁ ଟି ପରା ତୋରି। ୧
ସେହି ମାତା ଅଟେ ସ୍ୱର୍ଗାଦପି, ଗରିୟସୀ ନାରୀ।
ସେହି ମାତାର ସେବା ରେ ନିଜର ଜୀବନକୁ ଆସରେ ଦେବା ଉସର୍ଗ କରି। ୨
ମାତାର ଋଣ କେ ଅବା ସୁଝିପାରି!!!
ବଞ୍ଚିଥିବା ଯାଏଁ ତାହା ମନରେ ଆନନ୍ଦ ଉଲ୍ଲାସ ଦେବା ଭରି। ୩
ତାହାରି ହସରେ ହସି ଉଠିବ ଆମ ସଂସାର ସୁଖ, ସମୃଦ୍ଧି ରେ ରହିବ ପୁରି। ୪
ମାତୃ ସେବା ଯେ କେତେ ମହାନ, ଏକଥା ସର୍ବଦା ମନେ ଧିୟାନ କରି।
ମାଆର ଗାଳି ଦାଣ୍ଡ ର ଧୂଳି, ଏକଥା ମନୁ ନ ଦେବ ପାଶୋରି। ୫
ରାଗ, ଅଭିମାନ ପିତାମାତା ଠାରେ ନ କରି।
ରଖିବା ସଦା ତାଙ୍କୁ ଆବେରି।
ଚାଲିଗଲେ ଆଉ ନ ପାଇବା ଫେରି।

ଚନ୍ଦ୍ରଶେଖର ନଗର, ବଲାଙ୍ଗିର

ISSN NO.
2582-208X

# ମନଗହନର ଗୋପନକଥା



ବିରଞ୍ଚି ନାରାୟଣ ମିଶ୍ର

କମଳୀ ବୁଝିଥିଲା ପ୍ରାଞ୍ଜଳ ପ୍ରେମର ପରିଭାଷା। ସ୍ୱାମୀ ଚାଧୁଆର ପ୍ରମତ୍ତ ପ୍ରିତୀ -କିନ୍ତୁ ବୁଝିନଥିଲା ଜୀବନର ଜୁଆରଭଟ୍ଟା। ଏ ସବୁ ବୁଝିଲା ବେଳକୁ ଆଉ ତାର କିଛି ନଥିଲା। ଚାଧୁଆ ତାକୁ ଛାଡି ଆରପାରିକୁ ଚାଲି ଯାଇଥିଲା। ଜୀବନକୁ ଟିକେ ନିରେଖି ବୁଝିବାକୁ ଚାରିମାସ ପୁଅ ଗୌତମକୁ ତାପାଖେ ଅମାନତ ରଖିଦେଇଥିଲା ଜୀବନ ପରୀକ୍ଷାର ପ୍ରଶ୍ନପତ୍ର ପରି।

ସବୁ ହରାଇଲା ପରେ କମଳୀ ପାଖେ ଯାହା ରହିଯାଇଥିଲା -ସେଇଟା ହେଉଛି ତା ମନ। ସେଇ ମନକୁ ସେ ତ ଆଉ ବିପର୍ଯ୍ୟସ୍ତ କରିପାରିବନି, ଏମିତି ଛୋଟମୋଟ ଦୁଃଖ ଯନ୍ତ୍ରଣାରେ। ଗୌତମକୁ ବଡ଼ କରିବ -ମଣିଷ କରିବ।

ଏଇ ବିଦାୟ ଜିନିଷଟା କେମିତି ଭେଦିଭେଦି ଯାଏ କମଳୀର ସର୍ବାଙ୍ଗରେ ଆଉ ହୃଦୟରେ ଯେଉଁ ଗଭୀର ଦାଗ ଛାଡ଼ିଯାଏ, ସେଇଟା ରକ୍ତର ଲାଲିମାକୁ ବି ଫିକା କରିଦିଏ।

କମଳୀ ମନରେ ଯାହା ଅବଶିଷ୍ଟ ରହିଗଲା ସେଇଟା ହେଲା ଆଶା। ଆଶା ଆଲୋକ ଦେଖାଏ, ଆଶା ଚିରସ୍ଥାୟୀ.......

ଦିନ ଗଡ଼ିଚାଲେ। ଗୌତମ ବଡ଼ ହୁଏ। ବୋହୁ ଘରକୁ ଆସିଲେ କମଳୀର ଦୁଃଖଯିବ। ଦୁଃଖର ଦାବି ଯେ ବହୁତ। କେତେ ସହଜରେ ସମ୍ପର୍କ ଗୁଡିକ ଅକ୍ତିଆର ଆଉ ପରିତ୍ୟାଗ ସେ କରିପାରେ ଠିକ ପୁଅ ଗୌତମ ପରି ମଣିଷ ଗୁଡାକ ଭିତରେ।

ISSN NO.
2582-208X

ନୀରବତା ହିଁ ହେଉଛି ସୁଖ ମନର ଗୁବିକାଠି। ସବୁ ନୀରବତା ଶବ୍ଦ ହୀନ -ଅଥଚ ଅସମ୍ଭବ ତାର ବାଗ୍ମୀତା।

ବନ୍ଧୁ ବାନ୍ଧବ ପ୍ରିୟ ପରିଜନ ସଭିଏଁ ଆଉଥରେ ବିଭାହ ପ୍ରସ୍ତାବ ଦେଇଥିଲେ, ସ୍ୱୀକାର କରି ପାରିନଥିଲା କମଳୀ। ସେ ବୁଝିଥିଲା କଛି ଦୁଃଖ କଛି କଥା ସହ୍ୟ କରିଗଲେ ତାହା କଛି ଦିନପରେ ବୋଧଗମ୍ୟ ହୁଏ। କେତେକେତେ ସମ୍ପର୍କ ଯୋଡିହେଲେ ଜଣେ ଗୋଟେ ସମ୍ପର୍କକୁ ଏମିତି ନଷ୍ଟ କରିଦେଇପାରେ, ସେକଥା କମଳୀ ଆଜି ମଧ୍ୟ ଜାଣିନ କ ବୁଝିନ। ସେ କନ୍ତୁ ବୁଝିଛି ଯେଉଁ ଝରଣା ତଳକୁ ବୋହି ଆସିଛି, ସେ କଣ ଆଉ ଫେରିଯିବ ତାର ମୂଳ ଉତ୍ସକୁ???

ସେ ଜାଣିଛି ତା ଜୀବନ କେବଳ ବେଦନାର ଅଂଶଧନ। ଯାହା କାହାକୁ ବଣ୍ଟାଯାଇ ପାରିବନ।

ତାର ଜୀବନରେ ଅନ୍ୟ କୌଣସି ବିଶେଷ ପୁରୁଷର ଆବଶ୍ୟକତା ଆଉ ନାହିଁ।

ଗ୍ରଧୁଆ ଯେମିତି ତା ଜୀବନ ବହିର ଶେଷ ପୃଷ୍ଠାର ନାୟକ।

ଭୁବନେଶ୍ୱର / 9439011063

ISSN NO.
2582-208X

# ଆଇନା



ସୁନତା ଦାଶ

ସବୁଦିନେ ତ ମୁଁ ଆଇନା ଆଗରେ
ଠିଆହୋଇ ନଜକୁ ସଜାଏ
ଆଉ ଆଇନାକୁ ପଗ୍ଚରେ,,,, ଏଇ କହ ତ
ଆଜି ମୁଁ କେମିତି ଦିଶୁଛି ?
ହେଲେ ଆଇନା କଛି ବି କୁହେନ,
ମୁଁ କନ୍ତୁ ନଜକୁ ନଜେ ଦେଖି ମନକୁ ମନ
କହିବସେ ଆରେ ,,,,, ମୁଁ ତ ଆଜି ବହୁତ
ସୁନ୍ଦର ଲ୍ଗୁଛି,,,ସତେ ଯେମିତି ପରିଟିଏ
ବାଟ ଭୂଲି ମର୍ତ୍ତ୍ୟରେ ହଜିଯାଇଛି,,,
ଆଉ ଥରେ ପଗ୍ଚରେ ଆଇନା କୁ ଏ ଆଇନା
କହ ନା ,,, ମୁଁ କଣ ସୁନ୍ଦର ଲ୍ଗୁନ ନା ତୁ ମତେ
ଦେଖି ଇର୍ଷା କରୁଛୁ,,
ତଥାପି ଆଇନା ଚୁପ୍,,,,,
ସବୁଦିନେ ଆଇନା ଓ ମୁଁ ଏମିତି ହିଁ କଥା ହେଉ,
ଏମିତି ଦିନେ ମୁଁ ଆଇନା ଆଗରେ ଆସି ନଜକୁ
ସଜାଇବାକୁ ଠିଆ ହେଲି ତ ଦେଖିଲି ଆଇନାଟି
ଫାଟି ମଝିରୁ ଦୁଇଫାଳ ହୋଇଯାଇଛି,,
ଯୋଉ ଆଇନା ମତେ ମୋ ସୁନ୍ଦରତା ଦେଖଉଥିଲ୍
ସେଇ ଆଇନା ରେ ମୋ ଅସୁନ୍ଦର ମୁହଁ ଦେଖଉଛି,
ଆଇନା ଭଙ୍ଗିଛି ବୋଲି ମୁଁ ଅସୁନ୍ଦର ଦିଶୁଛି ନା

ISSN NO.
2582-208X

ମୁଁ ଅସୁନ୍ଦର ବୋଲି ଆଇନା ଭାଙ୍ଗିଗଲା ,,,,,
ମୁ ମନେମନେ ବହୁତ ଭାବିଲି
ସେ ଭଙ୍ଗା ଆଇନାକୁ ପଚାରିଲି କହ ତୁ କେମିତି
ଭାଙ୍ଗିଲୁ କଏ ତୋ ଭାଙ୍ଗି ବାର କାରଣ ,,,
ସବୁଦିନ ପରି ଆଜି ବି ସେ ନିରବ ରହିଲା
ସେ ଭଙ୍ଗା ଆଇନାକୁ ଜୋଡିବାକୁ ଚେଷ୍ଟା କରି
ମୋ ହାତ ହିଁ ଲହୁଲୁହାଣ ହେଲା । । । ।

ଭୁବନେଶ୍ୱର

ISSN NO.
2582-208X

# ରମ୍ୟ କ୍ଷେତ୍ର ବର



ଡ. ଅର୍ଜୁନ ଚରଣ ବାରିକ୍

ରମ୍ୟ କ୍ଷେତ୍ରବର ନାମଟି ଯାହାର
ଅଟଇ ପୁରୁଷୋତ୍ତମ ।
ରମ୍ୟ ତାର ବେଶ ହରି ହୃଷୀକେଶ
ଅଗ୍ରଜ ଯା ବଳରାମ ।।
ରମ୍ୟ ରମାବର ଶଙ୍ଖ ଚକ୍ର ଧର
ରୂପ ଯାହାର ପାବନ ।
ରମ୍ୟ ଶ୍ରୀମନ୍ଦିର ଯାହାର ଉପର
ଉଡ଼େ ପତିତ ପାବନ ।।
ରମ୍ୟ ଯାର ଅଟେ ଆନନ୍ଦ ବଜାର
କଇବଲ୍ୟ ହୁଏ ବିକା ।
ରମ୍ୟ ତା ରୋହିଣୀ କୁଣ୍ଡ ଯହିଁ ପଡ଼ି
କାକହିଁ ଭୂଷଣ୍ଡ ପକା ।।
ରମ୍ୟ ତାର ସୁନା ଭଉଣୀ ସୁଭଦ୍ରା
ମଧ୍ୟେ ଅଛି ବସି ରହି ।

ରମ୍ୟ ଶଙ୍ଖ ଚକ୍ର ଗଦା ପଦ୍ମ ହଳ
ମୂଷଳ ଧାରଣ ଭାଇ ।।
ରମ୍ୟ ରମାକାନ୍ତ ଶିଖି ପୁଚ୍ଛ ଧୃତ
ବକ୍ଷେ ତୁଳସୀ ର ମାଳ ।
ରମ୍ୟ ସେ ବୃନ୍ଦାବନ ବିହାରୀ ହରି
ବସୁଦେବର ଦୁଲାଳ ।।

ଗ୍ରାମ ମହୁ, ଡାକ ମହୁ, କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ଭିନ୍ନ ଏକ ଦଣ୍ଡନାଟ : ଚଡ଼କ ପୂଜା



ମୌସୁମୀ ମଣ୍ଡଳ

ଉତ୍ତର ଓଡ଼ିଶାରେ ପରିଦୃଶ୍ୟ ହେଉଥିବା ଏକ ଲୋକନାଟ୍ୟ ପରମ୍ପରାଭୁକ୍ତ ନାଟ ହେଉଛି "ଚଡ଼କ ପୂଜା"। ଏହି ଚଡ଼କ ପୂଜାକୁ ପ୍ରକୃତରେ "ଦଣ୍ଡନାଟ" ବୋଲି କୁହାଯାଇଥାଏ । ତେବେ ଦଣ୍ଡନାଟ ରୂପେ ଏହା ଓଡ଼ିଶାର ସମସ୍ତ ସ୍ଥାନରେ ପ୍ରଖ୍ୟାତ ହୋଇଥିଲେ ମଧ୍ୟ ଅଞ୍ଚଳ ଭେଦରେ ଏହାର ନାମରେ ପରିବର୍ତ୍ତନ ହେବାର ପରିଲକ୍ଷିତ ହୋଇଥାଏ । କେବଳ ଏହାର ନାମରେ ପରିବର୍ତ୍ତନ ନୁହେଁ ବରଂ ପୂଜା ବିଧିରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଏହି ଦଣ୍ଡ ନାଟ (ଚଡ଼କ ପୂଜା) ସମ୍ବନ୍ଧରେ ନିମ୍ନରେ ଆଲୋଚନା କରାଗଲା।

"ଦଣ୍ଡ" ହେଉଛି ଏକ ଆଧ୍ୟାତ୍ମ ପ୍ରତୀକ । ଦଣ୍ଡ ପୁଣି ଆରାଧ୍ୟ ଶିବଙ୍କର ପ୍ରତିରୂପ । ଗଣ ଜୀବନ ଓ ଉତ୍ସବ ଅନୁଷ୍ଠାନରେ ପୀ୦ଧୀଶ ଶିବଙ୍କ ପରିବର୍ତ୍ତେ ଏହି ପରମ୍ପରା ଇଷ୍ଟ ଦେବଙ୍କୁ ଦାଣ୍ଡକୁ ଓହ୍ଲାଇ ଆଣେ । ବଡ଼ ଦାଣ୍ଡକୁ ବୈଷ୍ଣବ ପ୍ରତିଭୂ ଜଗନ୍ନାଥଙ୍କ ଅବତରଣ ପୂର୍ବରୁ ଓଡ଼ିଶାର ଗାଆଁ ଦାଣ୍ଡରେ ବିଜେ କରିସାରିଥିଲେ ତାନ୍ତ୍ରିକ ଉପାସନା ପରମ୍ପରାରେ ମହଯୋଗୀ ଶିବ । ଓଡ଼ିଆ ପରମ୍ପରାରେ ଆଦି ଗଣ ଦେବତା ହେଉଛନ୍ତି ଶିବ ଓ ତାଙ୍କୁ ଦଣ୍ଡ ରୂପରେ ଅବସ୍ଥାପିତ କରି ଅନୁଷ୍ଠିତ ହୁଏ ଯେଉଁ ଉତ୍ସବ, ତାହାର ନାମ ହେଉଛି "ଦଣ୍ଡ ନାଟ" ।

ଓଡ଼ିଶାର ଉତ୍ତରରେ ଅବସ୍ଥିତ ବାଲେଶ୍ୱର ଅଞ୍ଚଳକୁ ଯଦି ଆମେ ଗୁରୁତ୍ୱ ପ୍ରଦାନ କରିବା ତେବେ ଏହି ଚଡ଼କ ପୂଜା ବାଲେଶ୍ୱରର ପ୍ରତ୍ୟେକ ଅଞ୍ଚଳରେ ପରିଲକ୍ଷିତ ହେଉଥିବାର

ISSN NO.
2582-208X

ଆମେ ଦେଖିବାକୁ ପାଇବା । ବିଶେଷ କରି ପ୍ରମୁଖ ଶୈବ ପୀଠ ଯଥା ଭୋଗରାଇ ବ୍ଲକସ୍ଥିତ "ଚନ୍ଦନେଶ୍ୱର" ଏବଂ "ଭୂଷଣ୍ଡେଶ୍ୱର", ଏହି ଦୁଇଟି ପ୍ରମୁଖ ଶୈବ ପୀଠରେ ଏହି ଚଡ଼କ ପୂଜାକୁ ବହୁ ରୀତିନୀତିର ଅନୁସରଣରେ ଧୁମ୍ ଧାମ୍ ରେ ପାଳନ କରାଯାଇଥାଏ ।

ଏହି "ଚଡ଼କ ପୂଜା" ଚୈତ୍ର ସଂକ୍ରାନ୍ତିର ପୂର୍ବ ତେର ଦିନରୁ ଆରମ୍ଭ ହୋଇଥାଏ। ଏଥିରେ ଯୋଗ ଦେଇଥିବା ଲୋକମାନଙ୍କୁ 'ଭୋକ୍ତା' ବୋଲି ସମ୍ବର୍ଦ୍ଧିତ କରାଯାଇଥାଏ । ଏହି ଚଡ଼କ ପୂଜାରେ ଭୋକ୍ତା ନୃତ୍ୟ କରନ୍ତି, ଗାନ କରନ୍ତି ନାହିଁ। ତେବେ ମାସ ଶେଷ ହେବାର ୧୩ ଦିନ ପୂର୍ବରୁ ପୂର୍ବ ପୁରୁଷାନୁକ୍ରମେ ଗୋଟିଏ ପରିବାରର ଲୋକ "ପାଟ ଭୋକ୍ତା" ହୁଅନ୍ତି । ସେହି ୧୩ ଦିନ ପାଖରୁ ସେମାନେ ପଇତାକୁ ଶିବଙ୍କ ନିକଟରେ ପୂଜା ପାଠ କରି ବେକରେ ଧାରଣ କରିଥାନ୍ତି। ଏହି ପଇତାକୁ ଯିଏ ଧାରଣ କରେ, ସେ ଦିନ ସାରା ଉପବାସ ରହିଥାଏ । ଏପରିକି ପାଣି ବୁନ୍ଦେ ମଧ୍ୟ ପିଇ ନଥାନ୍ତି। ସନ୍ଧ୍ୟାରେ ଏକ ନୀତି ଯାହାକୁ ଅର୍ଘ୍ୟ ପ୍ରଦାନ ବୋଲି କୁହାଯାଇଥାଏ। ତାହା ସମ୍ପନ୍ନ ହେବା ପରେ ସେମାନେ ନିରାମିଷ ଖାଦ୍ୟ ଭକ୍ଷଣ କରିଥାନ୍ତି। ତେବେ ଏହିପରି ଭାବେ ୧୩ ଦିନ, ୧୧ ଦିନ, ୯ ଦିନ, ୭ ଦିନ, ୫ ଦିନ ଏବଂ ୩ ଦିନରେ ଲୋକେ ଏହି ବ୍ରତ ପାଳନ ପୂର୍ବକ ପଇତାକୁ ପରିଧାନ କରିଥାନ୍ତି।

ଏହା ଦଣ୍ଡନାଟ ଠାରୁ ଭିନ୍ନ ହେଲେ ମଧ୍ୟ ଏହାର ମୂଳ ଲକ୍ଷ୍ୟ ହେଉଛି ନିଜକୁ କଷ୍ଟ ଦେଇ 'ମହାକାଳୀ ରୁଦ୍ର' ଙ୍କୁ ସନ୍ତୁଷ୍ଟ କରିବା । ଏହି ତେର ଦିନର ଶେଷ ଦୁଇଦିନ 'ନୀଳ' ଏବଂ ' ପାଟ ' ପର୍ବ ନାମରେ ନାମିତ। ଉକ୍ତ ପର୍ବରେ ଉଭୟ ସ୍ତ୍ରୀ ଓ ପୁରୁଷ ଭୋକ୍ତା ଭାବରେ ଅଂଶ ଗ୍ରହଣ କରିଥାନ୍ତି। ବିଧି ଅନୁସାରେ ଲମ୍ବା ବାଉଁଶଟିକୁ ଦଣ୍ଡ ରୂପରେ ପୂଜା କରିଥାନ୍ତି ଏବଂ ମନ୍ଦିର ଚାରିପଟେ ବୁଲି ତାହାକୁ ସ୍ପର୍ଶ କରିଥାନ୍ତି। ସମସ୍ତ ଭୋକ୍ତା ହାତରେ ଖଣ୍ଡିଏ ବେତ ଧାରଣ କରନ୍ତି ଏବଂ ବେକରେ ପଇତା ଗୁଡ଼ାଇଥାନ୍ତି । ଭୋକ୍ତାମାନେ ଦିନ ସମୟରେ ବିଶ୍ରାମ ନିଅନ୍ତି ଓ ସନ୍ଧ୍ୟା ବେଳେ ମନ୍ଦିରରେ ବିଶ୍ରାମ ନିଅନ୍ତି ଏବଂ ସନ୍ଧ୍ୟା ବେଳେ ମନ୍ଦିରରେ ଏକତ୍ରିତ ହୋଇ ମହାଦେବଙ୍କୁ ଭଜନ୍ତି।

ଏହି ପର୍ବର ପଞ୍ଚମ ଦିନରେ "କାମିନୀ ବିବାହ" ପ୍ରଥା ରହିଛି । ଏହା ସହ ନୀଳ ପର୍ବ ଦିନ ନୀଳ ପୋଖରୀରେ ଯେଉଁ 'କୁମ୍ଭି କାଠ' ବା ଆଞ୍ଚଳିକ ଭାଷାରେ 'ଥମ୍ଭି କାଠ' ରହିଥାଏ,

ISSN NO.
2582-208X

ତାହାକୁ ଭୋକ୍ତାମାନେ ପୋଖରୀରୁ ଉଠାଇଥାନ୍ତି। ଏହି ନୀଳ ପର୍ବ ଦିନ କାଠଟିକୁ ଦେଖିବା ପାଇଁ ବହୁ ଭିଡ଼ ହୋଇଥାଏ। ଲୋକକଥା ଅନୁସାରେ ସମୁଦ୍ର ମନ୍ଥନ ସମୟରେ ବାହାରିଥିବା ବିଷକୁ ପାନ କରି ନୀଳକଣ୍ଠ ନାମରେ ମହାଦେବ ନାମିତ ହୋଇଥିଲେ । ତେଣୁ ଏହି ପ୍ରଥାକୁ ନେଇ ନୀଳ ପର୍ବ ପାଳନ କରାଯାଇଥାଏ ।

ଶିବ ଓ ଦୁର୍ଗାଙ୍କ ପ୍ରତୀକ ହେଲା ଏହି 'ଥମ୍ବ କାଠ' । ତେବେ ଏହି 'ଥମ୍ବ କାଠ' ଉଠିବା ପରେ ନୀଳ ପର୍ବ ସମାପ୍ତ ହୋଇଥାଏ। ଏହି କାଠଟିକୁ ମନ୍ଦିରର ଦକ୍ଷିଣ ଦ୍ୱାରରେ ରଖାଯାଇଥାଏ। ତାହା ପରଦିନ ପାଟ ପର୍ବ ପାଳନ କରାଯାଇଥାଏ । ଏହିଦିନ କେତେକ ଭୋକ୍ତାମାନେ ଶିବଙ୍କୁ ସନ୍ତୁଷ୍ଟ କରିବା ନିମିତ୍ତ ଦେହରେ ଶହ ଶହ କଣ୍ଟା ଫୋଡ଼ିଥାନ୍ତି ତ କିଏ ପୁଣି ନିଆଁ ଜଳୁଥିବା ସରାକୁ ମୁଣ୍ଡାଇଥାନ୍ତି, ପୁଣି କିଏ ଜିଭରେ ମଧ୍ୟ କଣ୍ଟା ଫୋଡ଼ି ହାକାଣ୍ଡ ପୋଖରୀରୁ ଚନ୍ଦନେଶ୍ୱର ମନ୍ଦିର ନିକଟରେ ଯାଇ ପହଞ୍ଚିଥାନ୍ତି ଏବଂ ଶେଷରେ ଅର୍ଘ୍ୟସିଞ୍ଚନ ହୋଇଥାଏ । ଏହାପରେ ଭୋକ୍ତାମାନେ ପଇତାକୁ ନେଇ ନିକଟସ୍ଥ ମହୋଦଧିରେ ବିସର୍ଜନ କରି ନିଜ ଗୃହକୁ ଫେରି ଯାଇଥାନ୍ତି । ଏହି ପରି ଭାବେ ବହୁ କଷ୍ଟ ସହି ନିଜର ମନୋସ୍କାମନା ପରି ପୂରଣାର୍ଥେ ଲକ୍ଷ ଲକ୍ଷ ଭୋକ୍ତା ଏହି ଚଡ଼କ ପୂଜା କରିଥାନ୍ତି। ଯଥାର୍ଥରେ "ଚଡ଼କ ପୂଜା" ବାଲେଶ୍ୱର ଅଞ୍ଚଳର ଏକ ପ୍ରସିଦ୍ଧ ଲୋକନାଟକର ମାନ୍ୟତା ବହନ କରେ ।

ବେଲ୍, ଭେଗର୍ଇ, ବାଲେଶ୍ୱର
ଫୋନ ନମ୍ବର :- ୭୩୨୭୯୩୭୩୭୫

ISSN NO.
2582-208X

# ତିନୋଟି ଭିନ୍ନ ରାଗ



ଅରୁଣ କୁମାର ଦାସ

(୧) ବାତ୍ସଲ୍ୟ

-------------

ଛିଟିକି ପଡ଼ିଥିଲା ଅନତି ଦୂରେ
ରେଳ ଧାରଣାର କଡ଼ରେ
ରେଳଯାନର ଧକ୍କାରେ
ଏପଟେ
ମୂର୍ଚ୍ଛା ଯାଉଥିଲା ଥରକୁ ଥର
ମୋ ମା
ତାର ଆସନ୍ନ ମୃତ୍ୟୁକୁ ଦେଖିପାରି
ଯାହା ଏବେ ବି
ଜଳୁଛି ଜାଳୁଛି ମୋତେ
ପ୍ରତି କ୍ଷଣେ ।

(୨) ପରିଣତି

---------

ପ୍ରିୟ ପରିଜନ ଓ ପରିବାରରୁ
ଧୋକା ଖାଇସାରିବା ପରେ
ଫୁଲି ଯାଇଥିଲା ଆଖି ଦୁଇଟି
ଦାନ୍ତ କାଠି ଧରି
ନିରବ ନିଥର ଭାବରେ
ବସି ପଡ଼ିଥିଲା ଏକାକୀ ।

ISSN NO.
2582-208X

(୩)-ନାଚାର

-------------

ହୃଦୟର ଏକ ଅଳିନ୍ଦ ଓ ନିଳୟ
ଭାବୁଥିବା ଛୁଆଟିକୁ
ଆହରଣ କରୁଥିଲା ଆତ
ଚାହିଁବାରେ ଥିଲା ବିପଦ
ଅଣାୟତ୍ତ ଥିଲା
ବାରଣର କାତ ।

-------------

ଠାକୁର୍, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ: ୯୯୩୮୭୩୩୦୭୫

ISSN NO.
2582-208X

# ଶିଳ୍ପୀ ଓ କବି



ରଘୁନାଥ ତ୍ରିପାଠୀ

ପଥର ଦେହରେ ଜୀବନ ଭରୁଛ
ଧନ୍ୟ ହେ ତୁମେ ଶିଳ୍ପୀ
ତୁମରି ସମାନ ଅସ୍ତ୍ରରେ କେତେ
ପ୍ରାଣ ନେଇଛନ୍ତି ପାପୀ ।
ତୁମରି ନିହାଣ ଧାରରେ ସତେକି
ପୀୟୂଷ ଢାଳିଛି ବିହି
ଶିଳାର ତନୁରେ କଳପନା ରୂପ
ଯାଉଅଛି କଥା କହି ।
ତୁମରି ହାତର ପରଶେ ପାଷାଣ
ହେଉଛି ମୂର୍ତ୍ତିମନ୍ତ
କବିର ଚାତୁରୀ କରିଥାଏ ଯେହ୍ନେ
ତା ଲେଖାକୁ ପ୍ରାଣବନ୍ତ ।
ତୁମରି ଛୁଆଁରେ ପ୍ରସ୍ତର ଖଣ୍ଡ
ହୁଅଇ ଚାରୁହାସିନୀ
କବି କଲମର ଇନ୍ଦ୍ରଜାଲ ବଳେ
ହୁଏ ଚାରୁ ବିଳାସିନୀ ।
ଶିଳ୍ପୀ ଲେଖକ ବେନିଜନ ପରା
କଳପନା ସୌଦାଗର

ISSN NO.
2582-208X

ଶିଳ୍ପୀ ଚମକାଏ ଶତ ଅପଘନ
ହୋଇ ଏକ ରୂପକାର ।
ତୁମେ ରୂପ ଦେଇ ଗଢିଥାଅ ସଦା
ସୁନ୍ଦରୀ ଲାବଣ୍ୟବତୀ
କବି ଦାନ କରି ଭାଷା ତା ମୁହଁରେ
କରିଥାଏ ବୁଦ୍ଧିମତୀ ।
କବି ଲେଖିଥାଏ ହୃଦୟ ମନରେ
ଏକ ପ୍ରେମମୟ ଚିତ୍ର
ଶିଳ୍ପୀର ସୃଷ୍ଟି ମୋହିପାରେ ସଦା
ଦୁନିଆଯାକର ନେତ୍ର ।

ବାଲିସାହି, ମଧୁପାଟଣା
କଟକ ୯୪୩୭୩୧୭୫୫୮

ISSN NO.
2582-208X

# ନୂଆଖାଇ

ସ୍ୱାଗତିକା ନାଏକ

ନିଜର ସଂସ୍କୃତି, ପରମ୍ପରାକୁ
ବଜାୟ ରଖିବାକୁ ଆଗେଇ ଆସି,
ପାଳନ କରୁ ଆମେ ନୂଆଖାଇ,
କେତେ ଧୁମ୍ ଧାମରେ।
ସବୁଦେବା ଦେବୀ, ନିଜନିଜ ଇଷ୍ଟଦେବୀ ଓ ମହାଲକ୍ଷ୍ମୀଙ୍କର,
ପୂଜାର୍ଚ୍ଚନା ଚାଲେ ପୂର୍ଣ୍ଣ ଶୁଦ୍ଧପୂତ, ଭାବରେ।
ନୂଆ ପୋଷାକ, ନୂଆଧାନ
ନାନାଦି ବ୍ୟଞ୍ଜନ, ପିଠାପଣାସହ,
ପ୍ରେମ, ମୈତ୍ରୀ ଭାବରହିତ,
ଉଲ୍ଲସି ଉଠେ ସମଗ୍ର ପଶ୍ଚିମ ଓଡ଼ିଶା,
ଏକ ସୁମଧୁର ସ୍ୱର 'ନୂଆଖାଇ ଜୁହାର'ରେ।

ଟୁଟୁସିଙ୍ଗା, ବୌଦ୍ଧ

ISSN NO.
2582-208X

# ଗ୍ରହରାଜ ବୃହସ୍ପତି



ଡକ୍ଟର କମଳାକାନ୍ତ ଜେନା

ସୂର୍ଯ୍ୟ, ଆଠଟି ଗ୍ରହ, ସେମାନଙ୍କର ଉପଗ୍ରହ, ବାମନଗ୍ରହ, ଗ୍ରହାଣୁପୁଞ୍ଜ, ଧୂମକେତୁ ତଥା ଅଷ୍ଟମଗ୍ରହ ନେପଚୁନ୍ ପରେ ରହିଥିବା କୁଇପର୍ ବଳୟରେ ଥିବା ଶୀତଳ ପିଣ୍ଡଗୁଡ଼ିକୁ ନେଇ ଆମର ସୌରଜଗତ ଗଠିତ । ସେହି ସୌରଜଗତର ସୂର୍ଯ୍ୟଠାରୁ ଦୂରତାକ୍ରମରେ ୫ ନମ୍ବର ସ୍ଥାନରେ ରହିଥିବା ଗ୍ରହର ନାମ ବୃହସ୍ପତି । ଆକାରରେ ଏହାର ସ୍ଥାନ ପ୍ରଥମ ଥିବାରୁ ଏହାକୁ 'ଗ୍ରହରାଜ' କୁହାଯାଏ । ଆକାଶରେ ଉଜ୍ଜ୍ୱଳତା ଅନୁସାରେ ସୂର୍ଯ୍ୟ, ଚନ୍ଦ୍ର ଓ ଶୁକ୍ର ପରେ ବୃହସ୍ପତିର ସ୍ଥାନ ଚତୁର୍ଥ । 'ସାରିଆସ୍' ହେଉଛି ଆମ ପାଇଁ ଉଜ୍ଜ୍ୱଳତମ ନକ୍ଷତ୍ର। ବୃହସ୍ପତିର ଔଜ୍ଜ୍ୱଲ୍ୟ ତାହାର ତିନିଗୁଣ । ବୃହସ୍ପତି ପ୍ରାୟ ରାତିସାରା ଆମ ଆକାଶରେ ଦେଖାଯାଏ । ଏହା ସୂର୍ଯ୍ୟଠାରୁ ହାରାହାରି ୭୮ କୋଟି କିଲୋମିଟର ଦୂରତାରେ ରହି ସୂର୍ଯ୍ୟକୁ ପ୍ରଦକ୍ଷିଣ କରିଥାଏ । ଏହି ଦୂରତା ପୃଥିବୀଠାରୁ ସୂର୍ଯ୍ୟର ଦୂରତାର ପ୍ରାୟ ୫ ଗୁଣ । ବୃହସ୍ପତି ନିଜର ଅକ୍ଷ ଚାରିପଟେ ଥରେ ବୁଲିବା ପାଇଁ ପ୍ରାୟ ୧୦ ଘଂଟା ନେଉଥିବା ବେଳେ କକ୍ଷପଥରେ ଥରେ ପରିକ୍ରମା କରିବା ପାଇଁ ନିଏ ପାଖାପାଖି ୧୨ ବର୍ଷ । ପୃଥିବୀପୃଷ୍ଠରୁ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିଲେ ଏହା ହାଲୁକା ବାଦାମୀ ଓ ନୀଳରଙ୍ଗର ମୁକ୍ତା ପରି ଦେଖାଯାଏ । ପୃଥିବୀ ଓ ବୃହସ୍ପତି ଦୁହେଁ ସୂର୍ଯ୍ୟର ଏକ ପାର୍ଶ୍ୱରେ ରହିଥିଲେ ଆମକୁ ଏହା ପ୍ରାୟ ଦେଢ଼ଗୁଣ ବଡ଼ ଦେଖାଯାଏ । ଦୁହେଁଯାକ ଏକ ଦିଗରେ ସୂର୍ଯ୍ୟକୁ ପ୍ରଦକ୍ଷିଣ କରନ୍ତି । ଆମେରିକାର 'ନାସା' ପଠାଇଥିବା 'ଗାଲିଲିଓ' ମହାକାଶଯାନ ୧୯୯୫ ମସିହାରେ ବୃହସ୍ପତି ନିକଟରେ ପହଂଚିଥିଲା ।

ବୃହସ୍ପତିର ମାଧ୍ୟାକର୍ଷଣ ତ୍ୱରଣ ପୃଥିବୀର ମାଧ୍ୟାକର୍ଷଣ ତ୍ୱରଣର ଅଢ଼େଇ ଗୁଣ । ଏହାର ବ୍ୟାସାର୍ଦ୍ଧ ପୃଥିବୀର ବ୍ୟାସାର୍ଦ୍ଧର ୧୧ ଗୁଣ । ଗୋଟିଏ ବୃହସ୍ପତିର ବସ୍ତୁତ୍ୱ ୩୧୮ ଗୋଟି

ISSN NO.
2582-208X

ପୃଥିବୀର ବସ୍ତୁତ୍ୱ ସହିତ ସମାନ । ଉଦଜାନ ଓ ହିଲିଅମ୍ ପରି ହାଲୁକା ଉପାଦାନରେ ବୃହସ୍ପତି ଗଠିତ । ଆମ ପୃଥିବୀର ପୃଷ୍ଠତଳ କଠିନ, କିନ୍ତୁ ବୃହସ୍ପତିର ପୃଷ୍ଠତଳ କଠିନ ନୁହେଁ । ବୃହସ୍ପତିର କେନ୍ଦ୍ରରେ ପ୍ରାୟ ୧୦,୦୦୦ କିଲୋମିଟର ବ୍ୟାସାର୍ଦ୍ଧର ଅର୍ଦ୍ଧତରଳ ପଥୁରିଆ ପଦାର୍ଥର ଏକ ଗୋଲକ ରହିଛି, ଯାହାର ବସ୍ତୁତ୍ୱ ପୃଥିବୀ ବସ୍ତୁତ୍ୱର ୧୦ ଗୁଣରୁ ଅଧିକ । ବୃହସ୍ପତିର ବୟସ ପ୍ରାୟ ୪୫୪ କୋଟି ବର୍ଷ, ଯାହାକି ଆମ ପୃଥିବୀର ବୟସ ସହିତ ସମାନ । ବୃହସ୍ପତିର ବସ୍ତୁତ୍ୱ ସୌରଜଗତର ସମସ୍ତ ଗ୍ରହଉପଗ୍ରହ ବସ୍ତୁତ୍ୱର ଅର୍ଦ୍ଧାଧିକ । ତଥାପି ଗୋଟିଏ ନକ୍ଷତ୍ରର ବସ୍ତୁତ୍ୱ ତୁଳନାରେ ଏହା ଢେର କମ୍ । ବୃହସ୍ପତି ଗ୍ରହ ଏକ ନକ୍ଷତ୍ର ହେବା ପାଇଁ ଏହାର ବସ୍ତୁତ୍ୱ ବିଦ୍ୟମାନ ମୂଲ୍ୟର ୮୦ ଗୁଣ ହେବା ଦରକାର ।

ବୃହସ୍ପତିକୁ ଘେରି ରହିଥିବା ଗ୍ୟାସ୍‌ର ବାଦଲ ଜୋରରେ ଗ୍ରହ ଚାରିପଟେ ବୁଲୁଥାଏ । ରଙ୍ଗୀନ୍ ବାଦଲସବୁ ବିଭିନ୍ନ ଅଂଚଳରେ ଭିନ୍ନ ଭିନ୍ନ ବେଗରେ ଗତି କରୁଥିବାରୁ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିଲେ ଏହି ଗ୍ରହଟି ରଙ୍ଗୀନ୍ ମୁକ୍ତା ସଦୃଶ ଜଣାପଡ଼େ । ବାଦଲ ଘେରରେ ରହିଥିବା ଗୋଟିଏ ବିରାଟ ଲାଲ୍ ଅଂଚଳକୁ 'ଗ୍ରେଟ୍ ରେଡ୍ ସ୍ପଟ୍' ବୋଲି କୁହାଯାଏ । ଆମ ପୃଥିବୀରେ ଯେତିକି ଖରା ପଡେ, ତାହାର ମାତ୍ର ଶତକଡ଼ା ୪ ଭାଗ ସୌରଶକ୍ତି ବୃହସ୍ପତି ଗ୍ରହଣକରେ । କିନ୍ତୁ ଏହାର ପ୍ରାୟ ଦୁଇଗୁଣ ଶକ୍ତି ବିକିରଣ କରେ । ବୃହସ୍ପତିର ମେରୁଅଂଚଳ ଅଧିକ ଚେପଟା । ୧୯୭୯ ମସିହାରେ ଭୋଏଜର-୧ ମହାକାଶଯାନ ଏହାର ଫଟୋ ଉଠାଇଥିଲା । ବେଳେ ବେଳେ ଏହି ଗ୍ରହପୃଷ୍ଠରେ ସପ୍ତାହ ବ୍ୟାପୀ ଶକ୍ତିଶାଳୀ ଝଡ଼ ସୃଷ୍ଟି ହୋଇଥାଏ । 'ଗ୍ରେଟ୍ ରେଡ୍ ସ୍ପଟ୍' ହେଉଛି ବର୍ଷ ବର୍ଷ ଧରି ରହିଥିବା ଏହିପରି ଏକ ଝଡ଼ । ୧୯୯୪ ମସିହା ଜୁଲାଇ ମାସରେ ସୁମେକର-ଲେଭି-୯ ଧୂମକେତୁର କେତେକ ଭଗ୍ନାଂଶ ଆସି ଏହି ଗ୍ରହରେ ବାଡ଼େଇବା ଫଳରେ ଏହାର ବାଦଲ ସ୍ତରରେ ଏକ ବିସ୍ଫୋରଣ ଘଟିଥିଲା । ଆମ ସୌରଜଗତର ଦୂର ଅଂଚଳରୁ ଆସୁଥିବା ଅନେକ ଧୂମକେତୁକୁ ବୃହସ୍ପତି ନିଜର ଅଧିକ ମାଧ୍ୟାକର୍ଷଣ ବଳ ଦ୍ୱାରା ନିଜ ଆଡକୁ ଟାଣିନିଏ । ନହେଲେ ସେଗୁଡିକ ହୁଏତ ଆମ ଗ୍ରହରେ ଆସି ବାଡେଇ ହୁଅନ୍ତେ ।

ଆମ ପୃଥିବୀର ଗୋଟିଏ ପ୍ରାକୃତିକ ଉପଗ୍ରହ (ଚନ୍ଦ୍ର) ଅଛି । କିନ୍ତୁ ୨୦୨୫ ମସିହା ସେପ୍ଟେମ୍ବର ସୁଦ୍ଧା ବୃହସ୍ପତିର ୯୭ଟି ଉପଗ୍ରହ ରହିଛି ବୋଲି ଜଣା ପଡିଛି । ସେଗୁଡିକ ଭିତରୁ ଆଇ-ଓ, ୟୁରୋପା, ଗାନିମିଡ୍ ଓ କାଲିଷ୍ଟୋ ଉପଗ୍ରହ ଚାରୋଟି ବେଶ ବଡ଼ ବଡ଼ ।

ISSN NO.
2582-208X

୧୬୧୦ ମସିହାରେ ଇଟାଲୀର ଗାଲିଲିଓ ଗାଲିଲି ଓ ଜର୍ମାନୀର ସାଇମନ୍ ମରିୟସ୍ ପ୍ରାୟ ଏକ ସମୟରେ ସେଗୁଡ଼ିକୁ ଆବିଷ୍କାର କରିଥିଲେ । ବୃହସ୍ପତି ଗ୍ରହର ମଧ୍ୟ ପତଳା ବଳୟ ରହିଛି । ଏହି ବଳୟକୁ ତିନିଭାଗରେ ବିଭକ୍ତ କରାଯାଇଛି : ମୁଖ୍ୟବଳୟ, ଜ୍ୟୋତିର୍ବଳୟ, ବାହ୍ୟବଳୟ । ପ୍ରାୟ ୭,୦୦୦ କିଲୋମିଟର ଚଉଡ଼ା ବିଶିଷ୍ଟ ମୁଖ୍ୟବଳୟଟି ମୋଟାମୋଟି ସମତଳ । ଜ୍ୟୋତିର୍ବଳୟ ମୁଖ୍ୟତଃ ଚାର୍ଜକଣିକାକୁ ନେଇ ଗଠିତ ଓ ଏହା ମୁଖ୍ୟବଳୟକୁ ଘେରିରହିଛି । ବାହ୍ୟବଳୟଟି ସେତେ ଉଜ୍ଜ୍ୱଳ ନହେଲେ ବି ବହୁଦୂର ପର୍ଯ୍ୟନ୍ତ ବିସ୍ତୃତ ହୋଇରହିଛି । ଅତ୍ୟଧିକ ଚାପ ଓ ତାପ ପାଇଁ ବୃହସ୍ପତି ଭିତରେ ଉଦଜାନ ଗ୍ୟାସୀୟ ଅବସ୍ଥାରେ ନରହି ତରଳ ଓ ଆୟନିତ (ଚାର୍ଜିତ) ଅବସ୍ଥାରେ ରହିଛି । ଚାର୍ଜ ଗତି କଲେ ବିଦ୍ୟୁତ୍ ପ୍ରବାହ ହୁଏ । ତେଣୁ ଗ୍ରହ ସହିତ ଚାର୍ଜିତ ତରଳ ଉଦଜାନ ବୁଲିବା ଫଳରେ ଶକ୍ତିଶାଳୀ ବିଦ୍ୟୁତ୍ କ୍ଷେତ୍ର ଓ ଚୁମ୍ବକୀୟକ୍ଷେତ୍ର ସୃଷ୍ଟିହୁଏ । ଏହି ଚୁମ୍ବକୀୟକ୍ଷେତ୍ର ଦ୍ୱାରା ଆମର ରେଡ଼ିଓ ପ୍ରସାରଣରେ ମଧ୍ୟ ବାଧା ସୃଷ୍ଟି ହୁଏ ।

ରିଡର୍, ଓଡିଶା ଶିକ୍ଷା ସେବା (ଏ),
ଭଦ୍ରକ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ,
ଭଦ୍ରକ, ମୋ-୯୪୩୯୫୦୧୬୫୧

ISSN NO.
2582-208X

# ବିବାହ



ବଂଶୀଧର ସା

ଜୀବନ ଯାତ୍ରାରେ କିଛି ବାଟ ଚାଲିଛି
ମନେହେଲା ଆଉ ଏକାକୀ ଚାଲି ପାରିବିନି
ସମୟ ଗୁଡ଼ାକ ସବୁ ଖାଁ ଖାଁ ଲାଗୁଥାଏ
କେହି ଜଣେ ପଛରୁ ଡାକିଲା ଟିକିଏ ଶୁଣନ୍ତୁ ? (୧)

ତାର ପରିଚୟ ପଚାରିବା ଆଗରୁ ସେ କହିଲା,
ଉତ୍ସାହ, ଉଦ୍ଦୀପନା, ଉନ୍ମାଦନା, ଏସବୁ କ'ଣ ନିଃସଙ୍ଗତାରେ ଥାଏ କି ?
ଜୀବନର ପୂର୍ଣ୍ଣତା ପାଇଁ ସ୍ନେହ, ପ୍ରେମ ତ୍ୟାଗ ଯେ ଜରୁରୀ
ଏଇଟା କ'ଣ କାହାକୁ ଅଜଣା ? (୨)

ରାଗ,ରୋଷ, ନିନ୍ଦା, ଅପବାଦ, ବିଶ୍ୱାସ, ଅବିଶ୍ୱାସ
ହିଂସା, ଦ୍ୱେଷ, ସଂସ୍କାର, କୁସଂସ୍କାର, ସଂସ୍କୃତି, ଅପସଂସ୍କୃତି
ଏମାନେ ଯେ ମୋର ଅତି ଆପଣାର ଏହା କଣ ଗୋପ୍ୟ ?
ଲାଞ୍ଛନା, ନିର୍ଯ୍ୟାତନା, ପ୍ରତାରଣା, ମିଳନ, ବିଚ୍ଛେଦ
ଯାହାକୁ ଯାହା ରୁଚେ ସେ ତାହା ହିଁ ତ ନିଏ
ସେଥିରେ ଅବା ମୋର ଦୋଷ କ'ଣ ଯେ ? (୩)

ଆଗ ପଛ ବିଚାର ନ କରି ଜୀବନ ପଶାପାଲିରେ
ନିଜକୁ ବାଜି ଲଗାଇଲେ କଷ୍ଟ ପାଇବା ନିଶ୍ଚିତ ନୁହେଁ କି ?

ISSN NO.
2582-208X

ସେ ଏସବୁ ପ୍ରଶ୍ନର ଉତ୍ତର ଦେବାବେଳକୁ ଅନୁଭବ କଲି
ସେହି ମାୟାଜାଲରେ ମୁଁ ନିଜେ ହିଁ ପଡ଼ିଯାଇଛି (୪)

କଷ୍ଟସାଧ୍ୟ ଜୀବନକୁ ଜୀଇଁବାର ସୂତ୍ର ଖୋଜୁ ଖୋଜୁ
ନିଜକୁ ବ୍ୟବସ୍ଥିତ କରିବା ଭିତରେ
ସେହି ମାୟାଜାଲକୁ ଜାଣିଯାଇଛି
ବିବାହ ବୋଲି (୫)

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ବରପାଲିପଡ଼ା ବଲାଙ୍ଗୀର
ମୋ-୯୮୫୩୨୦୬୬୫୦

ISSN NO.
2582-208X

# ନୂଆଁଖାଇ



ଭଗତରାମ ଶବର

ଓଡ଼ିଶାର ନୂଆଁଖାଇ ଏକ ଗଣପର୍ବ ।
ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ପାଳିଥାନ୍ତି ଏହି ପର୍ବ ।।୧।।

କାହିଁ କେତେ କାଳୁ ନୂଆଁଖାଇ ପର୍ବ ପାଳନ ।
ଏହାର ଅନ୍ୟ ନାମ ବୋଲନ୍ତି ନବାର୍ଣ୍ଣ - ଭକ୍ଷଣ ।।୨।।

ଭାଦ୍ରବ ଚତୁର୍ଥୀ ଦିନ, ଅଗ୍ରେ ପୂଜ୍ୟ ପ୍ରଭୁ ଗଜାନନ ।
ଭାଦ୍ରବ ପଞ୍ଚମୀ ତିଥିରେ ନବାର୍ଣ୍ଣ - ଭକ୍ଷଣ ।।୩।।

ନବାର୍ଣ୍ଣ ଭକ୍ଷଣର ଅଛି ନାନା ବିଧି ବିଧାନ ।
ଦିନକ ପୂର୍ବରୁ ଗାଁ ଝାଙ୍କର ଗାଁ ଦେବା ଦେବୀଙ୍କୁ କରିଥାନ୍ତି ପୂଜନ ।।୪।।

ନୂଆ ଧାନକୁ ପୂଜାକରି ଅମଳ କରିଥାନ୍ତି ପୁଣ ।
ଗାଁ ର ପ୍ରତ୍ୟେକ ଘରେ ଦ୍ୱାର ବନ୍ଧେ ଖୋଚିଥାନ୍ତି ଜାଣ ।।୫।।

ସେହିଦିନୁ ନୂତନ ଭାବେ ଲକ୍ଷ୍ମୀ ଘରେ ଘରେ ବିଦ୍ୟମାନ ।
ନୂଆ ଧାନକୁ ଚୂରା କୁଟି କରିଥାନ୍ତି ପୂଜନ ।।୬।।

ISSN NO.
2582-208X

ଇଷ୍ଟ ଦେବା ଦେବୀଙ୍କୁ ପ୍ରତିଘରେ କରିଥାନ୍ତି ସମର୍ପଣ ।
ଯିଏ ଯେଉଁଠି ଥିଲେ ମଧ୍ୟ ନୂଆଖାଇରେ ଘରକୁ ପ୍ରତ୍ୟାବର୍ତ୍ତନ ।।୭।।

ସମସ୍ତେ ଏକାଠି ବସି ନୂଆ ଅନ୍ନ କରିଥାନ୍ତି ଭକ୍ଷଣ ।
ଇଷ୍ଟ ଦେବା ଦେବୀ - ପିତୃ ପୁରୁଷଙ୍କୁ କରିଥାନ୍ତି ସ୍ମରଣ।।୮।।

ନୂଆଖାଇ ପରେ ବଡଙ୍କୁ ଜୁହାର ଛୋଟଙ୍କୁ ଆଶୀର୍ବାଦ ପୁଣ ।
ସମସ୍ତେ ଅନ୍ନ ବ୍ୟଞ୍ଜନ ଖାଇ ଗାଁ ଦାଣ୍ଡରେ ରୁଣ୍ଡହୋନ୍ତି ଜାଣ ।।୯।।

ନାନା ବାଦ୍ୟ, ସଂକୀର୍ତ୍ତନ୍ୟରେ କରିଥାନ୍ତି ଗ୍ରାମ୍ୟ ପରିକ୍ରମା ।
ହସ ଖୁସିରେ "ନୁଆଖାଇ ଜୁହାର" ନଭାବି ପର ଆପଣା ।।୧୦।।

ମହୁଲଭଟା,କୋମନା
ନୂଆପଡ଼ା

ISSN NO.
2582-208X

# ସେଇ ବରଷା



ଦୀପାଲି ବେହେରା

ସେଇ ବରଷା ଆଉ ଦେଖାଦିଏନାହିଁ
ଝିପିଝିପି ମେଘରେ ଭିଜି,
ସ୍କୁଲ ଯିବାର ମଜା ଅଲଗା ......
ଓଦା ହୋଇଥିବା ବହି ବସ୍ତାନିକୁ
ଗୀତଗାଇ ଶୁଖାଇବାର ମଜା
ଆଉ ଏଇ ବରଷାରେ ନାହିଁ।

କାଗଜକୁ ସବୁ ଡଙ୍ଗାକରି
ତାକୁ ଭସାଇ ଦେଇ,
ସେ ବରଷାପାଣିରେ ଖେଳିବା
ଆଜିକାଲିର ମୋବାଇଲ ଖେଳରେ
ଜମା ଦେଖିବାକୁ ମିଳିବନାହିଁ।

ସ୍କୁଲ ପିଣ୍ଡାରେ ଭାତ ଖାଇସାରି
ସେଇ ବରଷା ପାଣିରେ,
ନିଜନିଜ ଥାଳି ଧୋଇବାର ମଜା
ଆଧୁନିକ ଯୁଗର ବାସନ ମଜାରେ
ଯେତେ ମାଜିଲେବି ଭଲଲାଗେନ ।

ଫେରନ୍ତାକି ସେ ବରଷାଦିନର
ଲାଲ ଟୁକୁ ଟୁକୁ ସାଧବବୋହୂ,
ତାକୁ ଦେଖି ଖୁସିହୁଅନ୍ତି
ସେ ବରଷାମାଟିର ବାସ୍ନା .....
କାଦୁଅଛିଟାକୁ ଆଜିବି ଝୁରୁଛି
ଯେତେ ସାୱାର ଗାଧେଇଲେବି
ସେ ବରଷାପାଣି ନିଅଣ୍ଟ।

ସତରେ ଭାରି ଭଲଥିଲା ଅନୁଭୂତି
ସେ ପିଲାଦିନର ବରଷା,
ଆଜିର ବରଷାରେ ଅନେକ ଫରକ
ପୁଣି ଫେରନ୍ତାକି ସେ ପିଲାଦିନ ।

ମୟୂରଭଞ୍ଜ

ISSN NO.
2582-208X

# ସ୍ୱାଧୀନତୋତ୍ତର ଓଡ଼ିଆ କ୍ଷୁଦ୍ରଗଳ୍ପରେ ଶିକ୍ଷକ ସାମାଜର ବୃତ୍ତିଗତ ସମସ୍ୟା



ବବୁଲ ନାୟକ

ସମାଜ ଗଠନରେ ଶିକ୍ଷକଙ୍କର ଏକ ପ୍ରମୁଖ ଭୂମିକା ରହିଛି। ଶିକ୍ଷକ ହେଉଛନ୍ତି ଆମ ସମାଜର ଜଣେ ଆଦର୍ଶ ଶ୍ରେଣୀୟ ବ୍ୟକ୍ତି। ତାଙ୍କ ହାତରେ ଅନେକ ଛାତ୍ରଙ୍କୁ ଗଢ଼ିତୋଳନ୍ତି। ଛାତ୍ରମାନଙ୍କ ସେ ଜଣେ ମାର୍ଗଦର୍ଶକ, ପରାମର୍ଶଦାତା। ସେ ମଧ୍ୟ ଛାତ୍ରମାନଙ୍କର ବୌଦ୍ଧିକ ଓ ନୈତିକ ଭିତ୍ତିଭୂମି ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଜଣେ ଶିକ୍ଷକର ବୃତ୍ତିଗତ ଜୀବନରେ ଅନେକ ସମସ୍ୟା ଦେଖିବାକୁ ମିଳିଥାଏ ଯଥା – ପ୍ରଶାସନିକ ଚାପ, ଭାରୀ କାର୍ଯ୍ୟ ଭାର, ବୃତ୍ତିଗତ ବିକାଶ ପାଇଁ ସୀମିତ ତାଲିମର ସୁଯୋଗ, ଶ୍ରେଣୀଗୃହ ପରିଚାଳନା ବେଳେ ଅନୁଶାସନ ଏବଂ ଆଚରଣଗତ ସମସ୍ୟା, ଅସଜଡ଼ା ପାଠ୍ୟକ୍ରମ ଇତ୍ୟାଦି। ଏହା ବ୍ୟତୀତ କିଛି ଖଳ ପ୍ରକୃତିର ଧନୀକ, ପ୍ରଭାବଶାଳୀ ବ୍ୟକ୍ତି, ରାଜନେତାମାନଙ୍କର ଅପ୍ରତିହତ ପ୍ରଭାବ ଦ୍ୱାରା ସେମାନେ ଗଭୀର ଭାବରେ ପ୍ରଭାବିତ ହୁଅନ୍ତି । ଏଭଳି ଭାବରେ ଶିକ୍ଷକମାନଙ୍କର ବହୁବିଧ ସମସ୍ୟାକୁ ନିମ୍ନରେ ଆଲୋଚନା କରାଗଲା।

ଫତୁରାନନ୍ଦଙ୍କ 'ଥଟଲି ବାଜ' ଗଳ୍ପ ସଂକଳନରେ ଥିବା 'ଚିଲ ର ଝାମ୍ପ' ଗଳ୍ପରେ ଜଣେ ଅସହାୟ ଅଧ୍ୟାପକଙ୍କୁ ଆମେ ଦେଖିବାକୁ ପାଉ । ଏ ଗଳ୍ପରେ ଅଧ୍ୟାପକ ଜଣକ କପି କରୁଥିବା ଜଣେ ଛାତ୍ରକୁ ଧରିଥିବାରୁ ସେହି ଛାତ୍ରଜଣକ ଅଧ୍ୟାପକଙ୍କୁ ଆକ୍ରମଣ କରିଛି । ଶିକ୍ଷକ ଜଣକ ଆଘାତ ପ୍ରାପ୍ତ ହୋଇଛନ୍ତି । ଛାତ୍ରର ମାମୁଁ ଜଣେ ବିଶିଷ୍ଟ ରାଜନେତା ହୋଇଥିବାରୁ ସେ ଏଭଳି ସାହସ କରିପାରିଛି । ଅଧ୍ୟାପକ ଜଣକ ନିଜର କର୍ତ୍ତବ୍ୟ କରିଥିବା ସ୍ଥଳେ ପରିଣାମରେ କିନ୍ତୁ ତାଙ୍କୁ ଏଭଳି ଦଶା ଭୋଗିବାକୁ ପଡ଼ିଛି । ସେଥିପାଇଁ କିଛି ଭଲ ଶିକ୍ଷକ ମଧ୍ୟ ଦୁର୍ନୀତିକୁ ନିଜ ଆଖି ଆଗରେ ଦେଖି ଚୁପ ରୁହନ୍ତି । କେବଳ କିଛି ଦୁର୍ନୀତିଖୋର ରାଜନେତା ପାଇଁ ଆଜି ସରକାରଙ୍କ ପ୍ରଶାସନିକ ବିଭାଗରେ କଳଙ୍କ ଲାଗିଛି।

ISSN NO.
2582-208X

ଫତୁରାନନ୍ଦଙ୍କ 'ଅମୃତ ବେହିଆ' ଗଳ୍ପସଂକଳନରେ ଥିବା 'ଇନ୍ଦୁର୍ ବାହାନ କଲେଜ୍' ଗଳ୍ପରେ ଆମେ ଶିକ୍ଷକମାନଙ୍କ ଅର୍ଥଗତ ସମସ୍ୟାକୁ ନେଇ ଶିକ୍ଷା ବ୍ୟବସ୍ଥାରେ ସୁଧାର ଦେଖିବାକୁ ପାଉ। ଏହି ଇନ୍ଦୁରବାହାନ କଲେଜରେ ପଢୁଥିବା ଛାତ୍ରମାନଙ୍କ ଠାରୁ ପାସ କରିବା ପାଇଁ ସେମାନଙ୍କ ଠାରୁ ପଇସା ଆଦାୟ କରାଯାଉଥିଲା। ଏହି କଲେଜର କର୍ତ୍ତୃପକ୍ଷମାନେ ଅର୍ଥ ଉପାର୍ଜନ କରିବାର ଏକ ପ୍ରକୃଷ୍ଟ ମାଧ୍ୟମ ଭାବରେ ଇନ୍ଦୁରବାହାନ କଲେଜକୁ ଗ୍ରହଣ କରିଥିଲେ । ଏହି କଲେଜରେ ପଢ଼ାଉ ଥିବା ଶିକ୍ଷକମାନଙ୍କୁ ସେମାନଙ୍କ ପ୍ରାପ୍ୟ ନଦେବାରୁ ସେମାନଙ୍କ ଜୀବନ ଶୈଳୀ ପ୍ରଭାବିତ ହୋଇଛି । ଯେହେତୁ ଶିକ୍ଷକମାନଙ୍କର ବୃତ୍ତି ଅଧ୍ୟାପନା । ସେ ଏଥିରୁ ହିଁ ଅଧିକ ଅର୍ଥ ରୋଜଗାର କରନ୍ତି । ଏଥିରୁ ତାଙ୍କର ପରିବାର ଚଳେ । ତେଣୁ ତାଙ୍କୁ ତାଙ୍କର ପ୍ରାପ୍ୟ ନଦେବାରୁ ସେମାନଙ୍କ ମନ ବିଦ୍ରୋହ କରିଉଠିଥିବାର ଦେଖିବାକୁ ମିଳେ। ବିଭିନ୍ନ ବିଭାଗର ଶିକ୍ଷକମାନେ ସେମାନଙ୍କ ଶୈଳୀରେ ଛାତ୍ରମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ପାଠରେ ପଢାଇବାକୁ ଲାଗିଲେ। ଫଳରେ ଛାତ୍ରଛାତ୍ରୀମାନେ ସଚେତନ ହେଲେ ଓ କଲେଜ କର୍ତ୍ତୃପକ୍ଷମାନଙ୍କ ବିରୋଧରେ ବିଦ୍ରୋହ କରିବାରୁ ଶିକ୍ଷକ ଓ ଛାତ୍ରମାନଙ୍କ ସମସ୍ୟାର ସମାଧାନ ହେଲା ।

ଗୋଦାବରୀଶ ମହାପାତ୍ରଙ୍କ 'ନୀଳ ମାଷ୍ଟ୍ରାଣୀ' ଗଳ୍ପଟିରେ ଜଣେ ଶିକ୍ଷୟିତ୍ରୀଙ୍କ ଜାତିକୁ ଆଧାରକରି ତାଙ୍କ ଚାକିରୀ ଚାଲିଯିବା ପ୍ରସଙ୍ଗ ବର୍ଣ୍ଣିତ । ନୀଳ ବ୍ରାହ୍ମଣ ଘରର ଝିଅ । ସେ ପାଠପଢ଼ିଛି । ପାଖ ଗାଁ ପ୍ରାଇମେରୀ ସ୍କୁଲରେ ଶିକ୍ଷୟିତ୍ରୀଟିଏ ମଧ୍ୟ ହୋଇଛନ୍ତି । ତାଙ୍କ ନାଁ ନୀଳରୁ ନୀଳମାଷ୍ଟ୍ରାଣୀ ହୋଇଛି। ପ୍ରଥମକରି ଗୋଦାବରୀଶ ମିଶ୍ର ନାରୀକୁ ଶିକ୍ଷୟିତ୍ରୀ ଭୂମିକାରେ ଅବତାରଣ କରିବାର ଦେଖିବାକୁ ମିଳିଥିଲା। ସାମ୍ପ୍ରତିକ ସମୟର ପରିବେଶକୁ ଦେଖି ତିନି ପିଢିର ମାତାମତ ଏପରି ଥିଲା- ବୁଢ଼ାମାନେ ତାଙ୍କୁ ନିନ୍ଦା କରିଥିଲେ, ଯୁବକମାନେ ପ୍ରଶଂସା କରିଥିଲେ, ଛାତ୍ର ଓ ଛାତ୍ରୀମାନେ ମା ପରି ଦେଖିଲେ । ନୂଆ ନୂଆ ଯାତ୍ରା ଦଳ ସେତେବେଳେ ସୃଷ୍ଟି ହୋଇଥିଲା, ଯାତ୍ରା ର ଏକ ନୂଆ ଜୁଆର ସୃଷ୍ଟି ହୋଇଥିଲା। ଏଥିରେ ମଦନା ପରି ଯୁବ କଳାକାରମାନେ ମାତିଉଠିଥିଲେ । ଭାରତଲୀଳାରେ ଅର୍ଜୁନ ହୋଇଥିବା ମଦନା ସେଠୀର ପ୍ରେମରେ ନୀଳ ମାଷ୍ଟ୍ରାଣୀ ପଡ଼ିଯାଇଛି । ଜାତି, କୁଳ, ଗୋତ୍ର ଓ ଭାତୃ ପ୍ରେମକୁ ଭୁଲି ସେ ମଦନା ର ହାତ ଧରିଛି । ନୀଳମାଷ୍ଟ୍ରାଣୀ ତାର ପିତୃମାତୃହୀନ ସଂସାରରେ ଥିବା ଭାଇକୁ ଏକା କରି ଚାଲିଆସିଛି । ମଦନା ସେଠି ଧୋବା ହୋଇଥିବାରୁ ନୀଳ, ମାଷ୍ଟ୍ରାଣୀ ରୁ ହୋଇଛି ଧୋବଣୀ। ନୀଳକୁ

ISSN NO.
2582-208X

ଯେଉଁ ଲୋକମାନେ ପ୍ରଶଂସା କରୁଥିଲେ ତାକୁ ନିନ୍ଦା କଲେ ଯେଉଁ ଲୋକମାନେ ତାଙ୍କୁ ନିନ୍ଦା କରୁଥିଲେ ତାଙ୍କୁ ଆହୁରି ନିନ୍ଦା କଲେ। ପରିଶେଷରେ ତାଙ୍କୁ ସମାଜର ଲାଞ୍ଛନାରେ ମୁଣ୍ଡପୋତି ଚାଲିବାକୁ ପଡ଼ିଲା। ନୀଳମାଷ୍ଟ୍ରାଣୀ ବ୍ରହ୍ମଣ ପାରିବାରରେ ଜନ୍ମ ହୋଇ ଧୋବା ଜାତିର ମଦନାକୁ ବିବାହ କରିଥିବାରୁ ତାଙ୍କୁ ଚାକିରୀ କରିଥିବା ସ୍କୁଲରୁ ବାହାର କରିଦିଆଗଲା । ସେ ଜାତିଭେଦର ଶିକାର ହେଲେ। ତାଙ୍କ ଚାକିରୀ ଚାଲି ଗଲା ପରେ ତାଙ୍କ ଜୀବନ ତରୀ ଅର୍ଥାଭାବରେ ଟଳମଳ ହେବାକୁ ଲାଗିଲା । ଦରିଦ୍ରତାର ଅନ୍ଧକାର ତାଙ୍କ ଚତୃଦିଗକୁ ଆଛନ୍ନ କରି ରଖିଲା। ଫଳରେ ସେ ଧୋବା ତୁଠକୁ ଯାଇ ଲୁଗା ସଫାକରିଛନ୍ତି । ଆଉ ନୀଳ ମାଷ୍ଟ୍ରାଣୀ ବଞ୍ଚିବା ପାଇଁ ତାର ଶେଷ ଠିକଣା ହେଇଗଲା ପୋଖରୀର ଧୋବା ତୁଠ । ଏହିପରି ଭାବରେ ନୀଳ ନୀଳମାଷ୍ଟ୍ରାଣୀରୁ ନୀଳଧୋବଣୀ ର ପଥ ଅତିକ୍ରମ କରିଛି । ସମାଜର ଏକ ସମ୍ମାନ ସ୍ୱଦ ବୃତ୍ତିରୁ ସେ ଗ୍ରହଣ କରିନେଇଛି ସମାଜର ଏକ ସାଧାରଣ ବୃତ୍ତିକୁ । ଯାହାକି ସମାଜରେ ତା ପାଇଁ ନିନ୍ଦନୀୟ ଥିଲା ।

ସ୍ୱରାଜ୍ୟଲକ୍ଷ୍ମୀ ମିଶ୍ରଙ୍କ 'ଅନୁକ୍ତ' ଗଳ୍ପରେ ଆମେ ଜଣେ ଅଧ୍ୟାପକଙ୍କ ବୃତ୍ତିଗତ ଜୀବନ ସହ ପାରିବାରିକ ଜୀବନ ଦେଖିବାକୁ ପାଉ। ଏହି ଗଳ୍ପରେ ଅଧ୍ୟାପକମାନଙ୍କ ଜୀବନ ଓ ଚାକିରି କରି ମଧ୍ୟ ଘରର ସବୁ କାମ କରୁଥିବା ମଣିଷର ଜୀବନଗାଥା ବର୍ଣ୍ଣନା ହୋଇଛି। ଅଧ୍ୟାପିକା କସ୍ତୁରୀଙ୍କ ବ୍ୟକ୍ତିଗତ ଜୀବନର କାହାଣୀକୁ ନେଇ ଏହି ଗଳ୍ପଟି ରଚିତ। ଶ୍ରୀମତି ଯଶୋଧରା ମିଶ୍ରଙ୍କ 'କିଏ ସେ ତମେ' ଗଳ୍ପରେ ଆମେ ଜଣେ ଅଧ୍ୟାପିକାଙ୍କର ବୃତ୍ତିଗତ ତଥା ପାରିବାରିକ ଜୀବନରେ ସମସ୍ୟା ଦେଖିବାକୁ ପାଉ। ଏହି ଗଳ୍ପର ନାୟକ ହିମାଂଶୁ ଭାରତବର୍ଷର ଜଣେ ବିଖ୍ୟାତ ଅର୍ଥନୀତିଜ୍ଞ, ସ୍ତ୍ରୀ ଯାମିନୀ ଅଧ୍ୟାପିକା। ତେଣୁ ସବୁ ଚାକିରିଆମାନଙ୍କ ପରି ସେ ମଧ୍ୟ ଚାହିଁଛନ୍ତି ଅବସର ପରେ ବାକିତକ ଜୀବନକୁ ସୁଖ ଓ ଶାନ୍ତିରେ କଟାଇବା ପାଇଁ । ରହିବା ନିମିତ୍ତ ସେମାନେ ନୈନିତାଲରେ ଏକ କଟେଜ କିଣିଛନ୍ତି । ହିମାଂଶୁଙ୍କ ଜୀବନରେ ସ୍ତ୍ରୀ ବ୍ୟତୀତ ଆଉ ଜଣେ ମହିଳା ଓ ତାଙ୍କ ସନ୍ତାନ ଅଛନ୍ତି, ଯାହା ଯାମିନୀ ଓ ତାଙ୍କ କନ୍ୟା ଜାଣନ୍ତି ନାହିଁ । ବୈବାହିକ ଦାମ୍ପତ୍ୟ ଜୀବନ ପରିସର ବାହାରେ ପ୍ରଣୟ ଓ ତାହାର ପ୍ରତିକ୍ରିୟା ଗଳ୍ପଟିକୁ ଆକର୍ଷଣୀୟ କରିଛି । ସଂପୂର୍ଣ୍ଣ ଗଳ୍ପଟି ମୋବାଇଲର ଅନଲାଇନ୍ ଫ୍ଲର୍ଟିଂରେ ଓ ପ୍ରାତଃ ଭ୍ରମଣ ମଧ୍ୟରେ ଉପସ୍ଥାପନ କରାଯାଇଛି ।

ISSN NO.
2582-208X

ଗାଳ୍ପିକ ଦିବାକର ମାନସିହ ଅଧ୍ୟାପକ ଜୀବନକୁ ନେଇ ଅନେକ ଗଳ୍ପ ରଚନା କରିଛନ୍ତି । ନିଜେ ଗାଳ୍ପିକ ଅଧ୍ୟାପକ ଭାବେ ଦୀର୍ଘକାଳ ବଢ଼ନ୍ତା ବୟସର ପିଲାମାନଙ୍କ ସହିତ ବିତାଇଛନ୍ତି । ଏଥି ସହିତ ଅଧ୍ୟାପକ ଜୀବନର ନାନା ଅଭାବଅସୁବିଧାକୁ ସନ୍ଧାନୀ ଦୃଷ୍ଟିରେ ପରଖି ପାରିଛନ୍ତି । ତାଙ୍କର 'ସ୍ୱାଭିମାନ' ଗଳ୍ପରେ ଆମେ ଆମ ଶିକ୍ଷାବ୍ୟବସ୍ଥାରେ ମୂଲ୍ୟାୟନ କୁ ନେଇ ପ୍ରଶ୍ନ ଉଠିବାର ଦେଖିବାକୁ ମିଳେ । ଅଧ୍ୟାପକ ସୁଦୀପ୍ତଙ୍କୁ ଖାତା ମୂଲ୍ୟାୟନ ପାଇଁ ପ୍ରଦାନ କରାଯାଇଛି । ଖାତାମୂଲ୍ୟାୟନ ବେଳେ ଉତ୍ତର ଖାତାର ଉତ୍ତରକୁ ଦେଖି ସେ ଖୁବ ବିବ୍ରତ ଆଉ ଚିନ୍ତିତ ହୋଇଛନ୍ତି । ସୁଦୀପ୍ତଙ୍କ ବିବେକ ବାଧା ଦେବାରୁ ସେ ମୂଲ୍ୟାୟନ ସ୍ଥାନରୁ ଚାଲିଆସିଛନ୍ତି । ସେ ତାଙ୍କ ପାଇଁ ଆସିଥିବା ଉଦ୍ଦିଷ୍ଟ ଥିବା ଖାତା ଓ ପ୍ରଶ୍ନ ଫେରାଇ ଦେଇଛନ୍ତି । ଏହି ଗଳ୍ପରେ ଖାତାଦେଖା ବେଳର ଅନେକ ଦୁର୍ନୀତିର ବର୍ଣ୍ଣନା ରହିଛି । ଘରେ ପହଞ୍ଚିବାରୁ ପତ୍ନୀ ପବିତ୍ରା କହିଛିନ୍ତି ଯେ ଏତେ ଭାବପ୍ରବଣ ହେବା ଠିକ୍ ନୁହେଁ । ଏ ଗଳ୍ପଟି ପରୀକ୍ଷା ଖାତା ଦେଖାକୁ ନେଇ ହେଉଥିବା ରାଜନୀତିର ମୁଖା ଖୋଲି ଦେଇଛି। ତାଙ୍କର ଅନ୍ୟଏକ ଗଳ୍ପ "ଅନନ୍ତ ଶୟନ" ରେ ଆମେ ଜଣେ ଅଧ୍ୟାପକଙ୍କ ନିମ୍ନଗାମି ଚିତ୍ର ଦେଖିବାକୁ ପାଉ । ଏ ଗଳ୍ପରେ ସୁଶାନ୍ତଦାସଙ୍କୁ ଲେଖକ ଖୋଜିଛନ୍ତି। ସେ କଲେଜରେ ଏକାଧିକ ସୁଶାନ୍ତ ଦାସ ଥିଲେ ହେଁ ଯେଉଁ ଅଧ୍ୟାପକ ପ୍ରିନ୍ସପାଲଙ୍କର ପ୍ରିୟପାତ୍ର ତାଙ୍କୁ ସମସ୍ତେ ଖୋଜିଥାଆନ୍ତି । ସେ ଅଫିସ କାମରେ ଯାଇ ବିଲ୍ ଦିଅନ୍ତି। ନିଜର ଓ ପ୍ରିନ୍ସପାଲଙ୍କ ଘରକଥା ବୁଝିବାକୁ ସମୟ ନିଅନ୍ତି ଓ ମାସରେ ମାତ୍ର ଦୁଇତିନିଥର କଲେଜ ଆସନ୍ତି। କଲେଜ ଆସିବାଦିନ ସେ ପାଖ ବରଗଛମୂଳେ ଅନନ୍ତ ଶୟନ କରନ୍ତି। ଲେଖକ ତାଙ୍କୁ ସେହି ବରଗଛ ମୂଳେ ଠାବ କରିଛନ୍ତି ଓ ଜଣେ ପିଲାର ନାମ ଲେଖାହେବାର ଦାୟିତ୍ୱ ତାଙ୍କୁ ଦେଇଛନ୍ତି । ସୁଶାନ୍ତ ବାବୁଙ୍କ ବନ୍ଧୁଭାବରେ ଲେଖକ ପ୍ରିନ୍ସପାଲଙ୍କ ପାଖରେ ପହଞ୍ଚୁଛନ୍ତି ଫେରିଲାବେଳେ ଯେତେ କମ୍ ନମ୍ବର ଥିଲେ ସୁଦ୍ଧା ପିଲାଟିର ନାମ ନିଶ୍ଚିତ ଲେଖା ହେବ ବୋଲି ସୁଶାନ୍ତ ବାବୁଙ୍କଠାରୁ ପ୍ରତିଶ୍ରୁତି ପାଇ ଫେରନ୍ତି। ଏ ଗଳ୍ପରେ ଆମେ ପ୍ରିନ୍ସପାଲଙ୍କ ବେପରୁଆ ମନୋବୃତ୍ତି ପାଇଁ ଓ ତାଙ୍କ ଶାସନ ର ଅଭାବ ପାଇଁ ଜଣେ ଅଧ୍ୟାପକଙ୍କ ବୃତ୍ତିଗତ ଜୀବନ ପ୍ରଭାବିତ ହେଉଥିବା ଦେଖିବାକୁ ମିଳେ । ତାଙ୍କର 'ଖଣ୍ଡାଧାର" ଗଳ୍ପରେ କଲେଜ ପିଲାମାନେ ପିକ୍‌ନିକ ଯାଇଛନ୍ତି ଖଣ୍ଡାଧାର । ପାଟିତୁଣ୍ଡ ନାଚଗୀତ ଭିତରେ ଫଟୋ ଉଠାଉ ଉଠାଉ ଶୁଭ୍ରାଂଶୁ ବସ୍‌ର ଖୋଲା ଦରଜା ବାଟେ ପଦାକୁ ଛିଟିକି ପଡ଼ିଛି । ଅଚେତ ଅବସ୍ଥାରେ ତାକୁ ଡାକ୍ତରଖାନା ନିଆଯାଇଛି । ସେଠାରେ ତାର ଚେତା ଫେରିଛି ସତ କିନ୍ତୁ ପିକ୍‌ନିକର ଆନନ୍ଦ ଫେରିପାରିନାହିଁ । ଏ

ISSN NO.
2582-208X

ଗଳ୍ପରେ ଆମ ଅଧ୍ୟାପକମାନଙ୍କ ଦାଇତ୍ୱ ଜ୍ଞାନ ବିଷୟରେ ସଚେତନ ହେବାପାଇଁ ବର୍ଣ୍ଣିତ ହୋଇଛି। ତାଙ୍କର 'ଆଶାର ଆଲୋକ' ଗଳ୍ପରେ ସୁରେଶ ଖୁବ୍ କଷ୍ଟରେ ପିଏଚ୍.ଡ଼ି କାମ କରୁଛି। ତାର ଗାଇଡ଼ ସେହି ଥେସିସଟି ଅନ୍ୟ ଜଣେ ଗବେଷିକାଙ୍କ ନାମରେ ଡିପୋଜିଟ୍ କରିଛନ୍ତି । ଏହି ଗପରେ କିଛି ଗବେଷକଗବେଷିକା ଅସାଧୁ ଉପାୟ ତଥା ଟଙ୍କା ପଇସା ନେଇ ପିଏଚ୍.ଡି କରିବାର କଥା ସୂଚାଇଛନ୍ତି, ଯାହା ଆମ ସମାଜରେ ପ୍ରାୟତଃ ଘଟୁଥିବା ଘଟଣା । ସୁରେଶର ଏହିଭଳି ଦୁଃଖଦ ସମୟରେ ବନ୍ଧୁ ସୁନୀଲ ତାକୁ ସାହାଯ୍ୟର ହାତ ବଢ଼ାଇଛି । 'ଶକ୍ତି ନ ଜାଣି ବାହାସ୍ଫୋଟ' ଗଳ୍ପରେ ପ୍ରିନ୍ସପାଲ ପର୍ଶୁରାମ ବାବୁଙ୍କର ବଦଳି ହୋଇଛି । ପର୍ଶୁରାମ ବାବୁ ପରେଶ ବାବୁଙ୍କ ଲୋକପ୍ରିୟତାକୁ ସହ୍ୟ କରିପାରନ୍ତି ନାହିଁ ଓ ନିଜ କାର୍ଯ୍ୟରେ ତାହା ପ୍ରତିପାଦିତ ମଧ୍ୟ କରନ୍ତି । ତେଣୁ ଅପମାନିତ ସ୍ୱାଭିମାନୀ ପରେଶ ନିଜ ଦାୟିତ୍ୱରୁ ଇସ୍ତଫା ଦେଇଛନ୍ତି । ଏହି ଗଳ୍ପରେ ଅଧକ୍ଷ ହେବାପାଇଁ କେତୋଟି ଗୁଣ ନିହାତି ରହିବା ଦରକାର ବୋଲି କୁହାଯାଇଛି । ଏକଥା ଜାଣିବା ଉଚିତ ଯେ ଶାସନର ଚାବୁକ୍ ଧରି ସମସ୍ୟାର ସମାଧାନ ହୁଏ ନାହିଁ । ସ୍ନେହର ବନ୍ଧନରେ ହିଁ ଅନେକ ସମସ୍ୟାର ସମାଧାନ ହୋଇଥାଏ । ଅନ୍ୟକୁ ଭଲପାଇଲେ ସେମାନେ ତୁମକୁ ସମ୍ମାନ ଦେବେ।

ଦେବାଶିଷ ପାତ୍ରଙ୍କ 'ଢୋଲ ଓ ଅନ୍ୟାନ୍ୟ ଗଳ୍ପ' ସଂକଳନ ରେ ଥିବା 'ବୁଢ଼ା ଆଙ୍ଗୁଠି' ଗଳ୍ପରେ ଆମେ ଜଣେ ଅବସର ପ୍ରାପ୍ତ ଶିକ୍ଷକଙ୍କର ପେନସନ ପାଇବା ପାଇଁ ସୃଷ୍ଟି ହୋଇଥିବା ସମସ୍ୟା ଦେଖିବାକୁ ପାଉ । ଏହି ଗଳ୍ପରେ ଲେଖକ ଜଣେ ରିପୋଟର ତେଣୁ ତାଙ୍କ ପାଖକୁ ଶିକ୍ଷକ ଜଣକ ନିଜର ସମସ୍ୟା ଜଣାଇବା ପାଇଁ ଆସିଛନ୍ତି । ଶିକ୍ଷକ ତାଙ୍କୁ ତାଙ୍କର ଜି.ପି.ଏଫ ହଡ଼ପ ହେବା କଥା ଆଉ ପେନସନ ଦୁଃଖ କୁ ସେ ବର୍ଣ୍ଣନା କରିଛନ୍ତି । ଆହୁରି ମଧ୍ୟ ଶିକ୍ଷକ ଜଣକ ଆନୁରୋଧ କଲା ପରି କହିଛନ୍ତି – "ମୋ କଥାଟିକିଏ ଖବରକାଗଜରେ ଲେଖନ୍ତୁନି । ଜୀବନ ଭାରି ଦୁର୍ବିସହ ହୋଇ ପଡ଼ିଲାଣି । କାଳେ ସେଇ ଖବର ବଡ଼ ବଡ଼ିଆଙ୍କ ଆଖିଟିକିଏ ଖୋଲନ୍ତା । ଆଉ ଢୋକେ ପିଇ ଦଣ୍ଡେ ଜିଇ ଯାଆନ୍ତି ।" (ଢୋଲ ଓ ଅନ୍ୟାନ୍ୟ ଗଳ୍ପ , ପୃ -୧୮) ଏହିପରି ଜଣେ ଶିକ୍ଷକ ତାଙ୍କର ହକ ପାଇବା ପାଇଁ ସବୁଆଡୁ ନିରାଶ ହେଲାପରେ । ସମ୍ବାଦ ପତ୍ରରେ ଏ ଖବର ଛପାଇ ବଡ଼ ବଡ଼ିଆ ଲୋକ ମାନଙ୍କରେ ଦୃଷ୍ଟି ଆକର୍ଷଣ କରି ନିଜର ହକ ପାଇବାକୁ ଚାହିଁଛନ୍ତି । ଏ ଗଳ୍ପଟି ଶିକ୍ଷିତ ବଡ଼ ବଡ଼ ବାବୁଙ୍କ ପାଇଁ ଏକ ଶକ୍ତ ଚାବୁକ ସହ ସମାନ ।

ISSN NO.
2582-208X

ପରିଶେଷରେ କୁହାଯାଇପାରେ ଯେ ଜଣେ ଗୁରୁ ହେଉଛନ୍ତି ସାକ୍ଷାତ ଈଶ୍ୱର । ଯଦି ଆମେ ତାଙ୍କର କିଛି ଅସୁବିଧା କରୁଛେ ତେବେ ସାକ୍ଷାତ ଈଶ୍ୱରଙ୍କର ଅସୁବିଧା କରିବା ସଙ୍ଗେ ସମାନ ।

ଜଣେ ଶିକ୍ଷକ ଯଦି ନିଜର ବା ତା ପରିବାରର ଭରଣ ପୋଷଣ କରିପାରୁ ନାହିଁ ତେବେ ସେ ସମାଜର କିପରି ହିତ ସାଧନ କରିପାରିବ । ତେଣୁ ଶିକ୍ଷକ ସମାଜ ପ୍ରତି ଆମେ ସମସ୍ତେ ସମ୍ବେଦନଶୀଳ ରହିବା ଉଚିତ। ଜ୍ଞାନର ପ୍ରଦୀପ ଜାଳୁଥିବା ଶିକ୍ଷକମାନଙ୍କୁ ଯଦି ଖରାପ ବ୍ୟକ୍ତିଙ୍କ ଚାପରେ ଅନ୍ଧକାରକୁ ଠେଲି ଦିଆଯାଏ ତେବେ ନିଶ୍ଚିତ ଭାବରେ ଆମ ସମାଜ ବିପଥଗାମୀହେବ । ତେଣୁ ମୁଁ ସମସ୍ତଙ୍କୁ ଏତିକି ଅନୁରୋଧ କରିବି କି ଆମେ ଶିକ୍ଷକ ସମାଜ ପ୍ରତି ସଚେତନଶୀଳ ହୋଇ ଧ୍ୟାନ ଦେବା ଉଚିତ। ସରକାର ମଧ୍ୟ ଶିକ୍ଷକମାନେ କିଭଳି ଚାପମୁକ୍ତ ହୋଇ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବେ ତାର ବ୍ୟବସ୍ଥା କରିବା ଉଚିତ।

## ସହାୟକ ଗ୍ରନ୍ଥସୂଚୀ

୧. ଫତୁରାନନ୍ଦ, "ଅମୃତ ବେହିଆ ", ଜେ. ମହାପାତ୍ର ଏଣ୍ଡ କୋ, ନିମଚଉଡ଼ି, କଟକ - ୨, ପ୍ରଥମ ପ୍ରକାଶ -୧୯୭୭ ।

୨.ଫତୁରାନନ୍ଦ, "ଥଇଲିବାଜ ", ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ -୨, ପ୍ରଥମ ପ୍ରକାଶ - ୧୯୮୩।

୩.ବ୍ରହ୍ମା ପ୍ରଫେସର ଗୌରୀକୁମାର, ପାଣିଗ୍ରାହୀ ଡ଼ ବିବେକାନନ୍ଦ, "ଗୋଦାବରୀଶ ରଚନାବଳୀ (ପ୍ରଥମ ଖଣ୍ଡ)", ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ -୨, ତୃତୀୟ ସଂସ୍କରଣ -୨୦୧୨ ।

୪. ସାହୁ, ମହାପାତ୍ର ନୀଳମଣି, "ଶ୍ରେଷ୍ଠ ଓଡ଼ିଆ ଗଳ୍ପ ସଂଙ୍କଳନ", ଓଡ଼ିଶା ସାହିତ୍ୟ ଏକାଡ଼ମୀ, ଭୁବନେଶ୍ୱର -୭୫୧୦୧୪, ପ୍ରଥମ ପ୍ରକାଶ - ୧୯୮୫ ।

ISSN NO.
2582-208X

୫. ପାତ୍ର, ଡ଼ ଦେବାଶିଷ, "ଢୋଲ ଓ ଅନ୍ୟାନ୍ୟ ଗଳ୍ପ", ଲେଖାଲେଖି, ବି. ଏଲ-୮, ଭି. ଏସ. ଏସ ନଗର, ଭୁବନେଶ୍ୱର, ପ୍ରଥମ ପ୍ରକାଶ -୨୦୧୭ ।

୬. .ସାମଲ ଡ଼.ବୈଷ୍ଣବ ଚରଣ, "ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ (ପ୍ରଥମ ଭାଗ)", ବୁକ୍ସ ଆଣ୍ଡ ବୁକସ, ବିନୋଦ ବିହାରୀ, କଟକ -୨ ।

ଗବେଷକ
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,
ବାରିପଦା, ମୟୁରଭଞ୍ଜ,ପିନ-୭୫୭୦୦୩
ଇମେଲ -nayakbabool362@gmail.com

ISSN NO.
2582-208X

# ଓଡ଼ିଆଙ୍କ ଜୀବନ ବେଦ



ରାଜକିଶୋର ସ୍ୱାଇଁ

ରାଧାଷ୍ଟମୀ ତିଥିରେ ଜାତ
ହୋଇଥିଲେ ଦାସ ଶ୍ରୀଜଗନ୍ନାଥ
ଓଡ଼ିଆ ଭାଷାରେ ରଚି ଭାଗବତ
ଅତିବଡ଼ି ନାମେ ହୋଇଲେ ଖ୍ୟାତ ।।1।।
ମାଧବଙ୍କ ଲଭି କରୁଣା
ଏ ମହା ଶାସ୍ତ୍ରକୁ କରି ରଚନା
ଭକତିର ମନ୍ଦାକିନୀ ସମାଜରେ
କରିଥିଲେ ପରା ସେ ପ୍ରଭାହିତ ।।2।।
ଅତି ସୁଲଳିତ ଭାଷାରେ
ବିଶଦ ଭାବେ ସେ ବଖାଣି ଥିଲେ
ସନ୍ଥ ଏକନାଥ ତୁଳସୀଙ୍କ ଭଳି
ଆମ ରାଇଜରେ ହେଲେ ପୂଜିତ ।।3।।
ଧର୍ମ ସଂସ୍କୃତିର ସୁରକ୍ଷା
ନାରୀମାନଙ୍କର ସମ୍ମାନ ରକ୍ଷା
ଶିକ୍ଷାର ପ୍ରସାର କରିବାକୁ ସିଏ
ରଚିଥିଲେ ଏହି ପରମ ଶାସ୍ତ୍ର ।।4।।
ଦେଖି ତାହାଙ୍କର ପାଣ୍ଡିତ୍ୟ
ଶ୍ରୀଚୈତନ୍ୟ ହୋଇଥିଲେ ଚକିତ
ସନମାନ ଦେଇ କରିଥିଲେ ତାଙ୍କୁ

ISSN NO.
2582-208X

ଅତିବଡ଼ି ଉପାଧିରେ ଭୂଷିତ ।।5।।
ଓଡ଼ିଆଙ୍କ ଜୀବନ ବେଦ
ଦୂରକରେ ମନୁ ସଂଶୟ ଦ୍ୱନ୍ଦ୍ୱ
ଓଡିଶା ବାସୀଙ୍କୁ ଭାବ ଭକତିରେ
ଏବେବି କରଇ ଅନୁପ୍ରାଣିତ ।।6।।
ଜ୍ଞାନ ବିଜ୍ଞାନର ଭଣ୍ଡାର
ନୀତି ଆଦର୍ଶର ଏ ଗନ୍ତାଘର
ଜନମାଇ ମନେ ବିଭୂପ୍ରେମ କରେ
ଜନଜୀବନକୁ କଳୁଷ ମୁକ୍ତ ।।7।।
ଲୋକପ୍ରିୟ ଏ ଶାସ୍ତ୍ର ଅତି
ତାଙ୍କ ଆଧାତ୍ମିକ ସାହିତ୍ୟ କୃତି
ଅଗାଧ ନିଜର ପ୍ରତିଭା ବଳରେ
କରିଛନ୍ତି ଏ ଜାତିକୁ ଗର୍ବିତ ।।8।।
ଭାଷା ସାହିତ୍ୟକୁ ଆମରି
ଅତୁଳନୀୟ ଯେ ଦାନ ତାଙ୍କରି
ଓଡ଼ିଆ ସାହିତ୍ୟ ବାଣୀ ଭଣ୍ଡାରକୁ
କରି ଯାଇଛନ୍ତି ସେ ରୁଦ୍ଧିମନ୍ତ ।।9।।
କରି ଏଥି ଅବଗାହନ
ଜୀବନ ମଣିବା ସଭିଏଁ ଧନ୍ୟ
ଆଦର୍ଶ ଜୀବନ ଯାପନ ପାଇଁକି
ଭରି ରହିଅଛି ଏଥି ଦୃଷ୍ଟାନ୍ତ ।।10।।
ଅବସର ପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ

ଶାନ୍ତନଗର, ନୂଆପଡା,
ପୋ -ନୂଆବଜାର ଜିଲ୍ଲା-କଟକ,
ପିନ -753004
ମୋବାଇଲ -9437442041

ISSN NO.
2582-208X

# ନିସଙ୍ଗ ପଥିକ



ସୁଜାତା ପାହାନ

ମୁଠା ମୁଠା ସ୍ୱପ୍ନ
ବିପୁଳ ସମ୍ଭାବନା
ଅସୀମ ଅଭିଳାଷ
ଅସରନ୍ତି ଆଶା
ପୁଳାଏ ଆକାଂକ୍ଷାକୁ
ଜାବୁଡ଼ି ଧରି ଚାଲିଛି
ଜୀବନ ଯୁଦ୍ଧରେ
ମୁଁ ନିସଙ୍ଗ ପଥିକ ଟିଏ
ମୋର ପ୍ରତିଯୋଗିତାର ମୋହ
ପୁଣି ଜିତିବାର ସଂକଳ୍ପ
ବଞ୍ଚିଛି ସବୁ ସାକାର ହେବାର ନିଶାରେ
ଦୃଢୋକ୍ତିକୁ ଗଣ୍ଠିଲିରେ ବାନ୍ଧି
ସ୍ୱତଃ! ମନ୍ଥର ଗତିରେ ମୋର ଅଭିଯାନ
ଶେଷ ନିଃଶ୍ୱାସ ଥିବାଯାଏ ଗତିଶୀଳ।

ଅଧ୍ୟାପିକା
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ
ପୋଖରୀପୁଟ, ଭୁବନେଶ୍ୱର

ISSN NO.
2582-208X

# ବାପା ଆମପାଇଁ ଦିଅଁ ସମାନ



ହରେରାମ ପଣ୍ଡା

ଯାହାଙ୍କ ଦାନରେ ପିଣ୍ଡ ଆମ ଗଢ଼ା
ସିଏ ତ ଆମରି ପିତା,
ତାଙ୍କରି ଆଶିଷ ଲଭି ଆମେ ସଦା
ହୋଇବୁ ଜଗତଜିତା ।
ତାଙ୍କ ତପବଳେ ମଣିଷ ଜନମ
ଲଭିଲୁ ଏ ଧରାତଳେ,
ନୂଆ ଦୁନିଆଁର ଆଲୋକ ଦେଖିଲୁ
ତାଙ୍କରି ଧରମ ବଳେ ।
ଦୁନିଆଁ ଦାଣ୍ଡରେ ଚାଲି ଶିଖେଇଲେ
ଆମରି ହାତକୁ ଧରି,
ଗାଆଁ ବୁଲେଇଲେ, ମେଳା ଦେଖେଇଲେ
କାନ୍ଧରେ କାନ୍ଧେଇ କରି ।
ସିଲଟ ଖଡିରେ ଲେଖି ଶିଖେଇଲେ
କେତେ ଯେ ଯତନ କରି,
ହୁଡିଗଲେ ବାଟ ସଜାଡୁଥିଲେ ସେ
କାନକୁ ଆମର ମୋଡ଼ି ।
ମୁହଁରେ ଆମର ଦାନା ଦେଉଥିଲେ
ନିଜେ ଉପାସରେ ରହି,
ଆମ ସୁଖପାଇଁ କେତେ ଯେ ଯାତନା
ସବୁ ଯାଉଥିଲେ ସହି ।

ISSN NO.
2582-208X

"ବାପଥିଲା ପୁଅ ସଭାରେ ହାରେନା"
କଥା ରହିଅଛି ଯାହା,
ପିତା ଆମ ବଳ, ଶକତି, ସମ୍ବଳ,
ବିପଦେ ଆପଦେ ସାହା ।
ପିତା ଆମ ଧର୍ମ, ପିତା ଆମ ସ୍ୱର୍ଗ,
ପିତା ହିଁ ପରମ ତପ,
ତୁଷ୍ଟ ହେଲେ ପିତା ପ୍ରସନ୍ନ ଦେବତା
ଦୂରହୁଏ ପାପତାପ ।
ସରଗଠାରୁ ସେ କେତେ ଗରୀୟାନ
ସକଳ ତୀର୍ଥରେ ସାର,
ପିତା ଆମପାଇଁ ଦେବତା ସମାନ
ପ୍ରଣତି ପାଦେ ତାଙ୍କର।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ,
ଯାଜପୁର
ଦୂରଭାଷ : ୯୪୩୮୦୭୫୧୯୫

ISSN NO.
2582-208X

# ଉରୁଠେଇ



ବିନୟ କୁମାର ମିଶ୍ର

ଭାବନାଟା ତୁମ
ମିଛ ମିଛ ଲାଗେ
କର୍ମର କର୍ତ୍ତା କାରଣ,
ହେବାକୁ ତ ହେବ
ଅଦୃଷ୍ଟ ନିୟମ
କର୍ମ ଫଳେ ଏ ଜୀବନ,
ଭୋଗିବାକୁ ହୋଇଥାଏ,
ନିଜକୁ କାରଣ
କର୍ତ୍ତା ଭାବିଦେଲେ ପ୍ରାୟଶ୍ଚିତ ନିଶ୍ଚେ ହୁଏ ।

ଦୁଃଖସୁଖ ଅଟେ
ଏପରି ସ୍ଥିତି ଯା
କେହି ତା କାରଣ ନୋହେ,
ମଣିଷ ଭାବନା
ଅନ୍ୟେ ଦେଇ ଦୋଷ
ମନକୁ ବୁଝାଇ ଥାଏ,
ଭୁଲକୁ ମାନେନା ତାର,
ଖସିଯିବା ପାଇଁ ଓର ଉଣ୍ଡୁ ଥାଏ ହୋଇସେ କାଳିଆ ଚୋର ।

ISSN NO.
2582-208X

ଦୁଃଖର ସଂସାରେ
ସୁଖର ସନ୍ଧାନି
ମୂର୍ଖ ଜନ ଖୋଜିହୁଏ,
ସୁଖ ପାଇଁ ଦୁଃଖ
ଭୋଗଇ ଜୀବନେ
ସୁଖ କେଉଁଠି ନ ପାଏ,
ହୃଦୟରେ ଅଛି ସୁଖ,
ମନକୁ ବୁଝାଇ ପାରିଲେ ଜୀବନେ ନିଜର ନ ହେବ ଦୁଃଖ।

ଯଦି ଭାବୁଅଛ
କାହା ଜୀବନର
ଦୁଃଖ ହୋଇଗଲ ବୋଲି,
ତେବେ ତାର ସୁଖ
ତୁମ ହାତେ ଅଛି
ଦେଇଦିଅ ହାତ ଖୋଲି,
ସୁଖ ଯେହେତୁ ନ ଥାଏ,
ଅଯଥା ନିଜକୁ ଦୋଷୀ କରିବାଟି କେବେ ବି ଶୋଭା ନ ପାଏ।

ଦୁଃଖ ସୁଖ ଦାତା
ସଂସାରେ କେ ନାହିଁ
କର୍ମ ଫଳେ ମିଳିଥାଏ,
ଅନ୍ୟ ଯୋଗୁ ସୁଖ
ଦୁଃଖ ମୁଁ ପାଇଲି
କୁବୁଦ୍ଧି ମଣିଷ କହେ,
ନିଜେ ଅହଂ ଭାବ ନେଇ,
ଅଭିମାନ ବଳେ ଆଜିର ମଣିଷ କହେ ହୋଇ ଉଗ୍ରୁଠେଇ।

ISSN NO.
2582-208X

କାୟ ମନ ବାକ୍ୟ
ଇନ୍ଦ୍ରିୟ ପ୍ରକୃତି
ବୁଦ୍ଧି ଆତ୍ମା ସ୍ୱଭାବରେ,
କାହା ପ୍ରତି କେବେ
ଅମଙ୍ଗଳ ଚିନ୍ତା
ଯେଉଁ ମଣିଷଟି କରେ,
ସେହି ଅଟେ ଅମଣିଷ,
ହିଂସା ବାଦ ଛେଦ ମନରେ ରଖିଲେ ବିଶ୍ୱାସରେ ମିଶେ ବିଷ।

ମଲ୍ଲୀପୁର, ନଆଳ, ଖୋର୍ଦ୍ଧା

ISSN NO.
2582-208X

# କବି ଦୟାନିଧି ପରିଡାଙ୍କ "ଏଇତ ଜୀବନ" ରେ ଜୀବନ ଚିନ୍ତ



ଅଞ୍ଜୁଳା ରଣା

ଡ. ଦୟାନିଧି ପରିଡା ସାଂପ୍ରତିକ ଓଡିଶା ସାହିତ୍ୟର ତରୁଣ ପିଢିର ଲେଖକ ସେ ୧୯୯୧ ମସିହାରେ ବାଲେଶ୍ୱର ଜିଲ୍ଲାର ଖଇରା ଅନ୍ତର୍ଗତ ପୂର୍ବପଡା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାମାତା ହେଉଛନ୍ତି ଶ୍ରୀଯୁକ୍ତ ଲକ୍ଷ୍ମୀଧର ପରିଡା ଏବଂ ଶ୍ରୀମତୀ କମଳାମଣି ପରିଡା ।

ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନରୁ ଏମ୍.ଏ, ଏମ୍.ଫିଲ୍ ଏବଂ ପି.ଏଚ୍.ଡି ଡିଗ୍ରୀ ହାସଲ କରିଥିବା ଏହି ଯୁବ ପ୍ରତିଭା କବିତା, ଗଳ୍ପ ଓ ସମାଲୋଚନା କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ସହ ବହୁ ଅନୁଷ୍ଠାନ ସହିତ ଜଡିତ । ଦୁଇଟି ସାହିତ୍ୟ ପତ୍ରିକା ଯଥା– ଅନ୍ୟତ୍ର ଏବଂ ସାହିତ୍ୟ ସହ ସେ ଜଡ଼ିତ ଅଛନ୍ତି । ଏତଦ୍ ବ୍ୟତୀତ ସେ ନିଖିଳ ଓଡିଆ ଛାତ୍ର ସଂଘର ସଦସ୍ୟ ମଧ୍ୟ ଅଟନ୍ତି ।

ଜଣେ ଉଦୀୟମାନ ଯୁବସ୍ରଷ୍ଟା ରୂପେ ଡ. ଦୟାନିଧି ପରିଡା । ବହୁ ସମ୍ମାନର ଅଧିକାରୀ । ନିଜର ପ୍ରତିଭା ବଳରେ ସେ ଭାଷା ବିକାଶ, ଭାଷା ସୁରକ୍ଷା, ଛାତ୍ର ଗୌରବ, କାଦମ୍ବିନୀ କାବ୍ୟ ଉନ୍ମେଷ ୨୦୧୮, ଉଦୟରାଗ ସମ୍ମାନ ୨୦୨୦ ଏବଂ ଛାତ୍ର ପ୍ରତିଭା ସମ୍ମାନ ଆଦି ଉଚ୍ଚ କୋଟୀର ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଏହା ବ୍ୟତୀତ ନୂଆଦିଲ୍ଲୀରେ ପାଳନ କରାଯାଇଥିବା Langfest-2019 ତରଫରୁ ସେ Development of mother language ସମ୍ମାନ ମଧ୍ୟ ପାଇଛନ୍ତି ।

ଡ. ଦୟାନିଧି ପରିଡାଙ୍କ ପ୍ରଥମ କବିତା ସଙ୍କଳନ ହେଉଛି 'ଏଇତ ଜୀବନ' ଯାହା ଉପରେ ଉକ୍ତ ନିବନ୍ଧଟି ପର୍ଯ୍ୟବେକ୍ଷିତ । 'ନିବାରଣ ଜେନାଙ୍କ ଉପନ୍ୟାସ: ବିମୁଗ୍ଧ ବିନ୍ୟାସ' ହେଉଛି ତାଙ୍କର ପ୍ରଥମ ସମାଲୋଚନା ଗ୍ରନ୍ଥ । ଏହା ବ୍ୟତୀତ ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ମୌଳିକ ପ୍ରବନ୍ଧ ତଥା ଗବେଷଣାଧର୍ମୀ ସମାଲୋଚନା ପ୍ରକାଶ ପାଇଆସୁଛି ।

**ବର୍ତ୍ତମାନ ସମୟରେ ଏହି ପ୍ରତିଭାବାନ ସ୍ରଷ୍ଟା କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଟନ୍ତି ।** ନିଜ ପ୍ରତିଭାକୁ ସୁଦୃଢ କରିବା ସହ ନୂତନ ପ୍ରତିଭା ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ । ସାହିତ୍ୟକୁ ଭଲପାଇବା ଶିଖାଉଥିବା ଏହି ମହାନ କବି ଆଗାମୀ ଦିନରେ ଓଡିଆ ସାହିତ୍ୟକୁ ଅନେକ ନୂତନ ସୃଷ୍ଟି ଭେଟିଦେବେ ବୋଲି ସମସ୍ତଙ୍କ ଆଶା ଓ ବିଶ୍ୱାସ ।

ଦାରିଦ୍ର୍ୟତା ହେଉଛି ଦେଶର ବଡ ବ୍ୟାଧି । ଏହାର ଦୂରୀକରଣ କରିବା ନିହାତି ଜରୁରୀ ଅଟେ । କାରଣ ଦାରିଦ୍ର୍ୟତାର ସୀମାରେଖା ତଳେ ଜୀବନଯାପନ କରୁଥିବା ମଣିଷ ସଭ୍ୟତାର ଚରମ ସୋପାନକୁ ସ୍ପର୍ଶ କରିପାରେ ନାହିଁ । କବି ଦୟାନିଧି ପରିଡା ନିଜ କବିତା ମାଧ୍ୟମରେ ଦାରିଦ୍ର୍ୟତାର ବିକଳ କଙ୍କାଳ ରୂପଚିତ୍ର ଅଙ୍କନ କରିଛନ୍ତି । ତାଙ୍କ କବିତାରେ ଗରିବର କରୁଣ କାହାଣୀ ଜୀବନ୍ତ ରୂପ ଲାଭ କରିଛି । କବି ଗରିବର ଅସହ୍ୟ ଦୁଃଖକୁ ମର୍ମେ ମର୍ମେ ଅନୁଭବ କରିଛନ୍ତି ଏବଂ ଶବ୍ଦର ଛିଟାରେ ତାର ପରିପ୍ରକାଶ କରିଛନ୍ତି । କବିଙ୍କର ଭାଷାରେ –

'ଭାତ ହାଣ୍ଡିରୁ ଦୁଃଖ ସବୁ
ଉତୁରି ପଡନ୍ତି ଚୁଲିକୁ ।

ISSN NO.
2582-208X

ଅଧା ଜଳା କାଠଭଳି
ଜୀବନ ବି ପାଲଟି ଯାଏ ଅପାଙ୍‌କ୍ତେୟ ।
ଘଟଣା-ଦୁର୍ଘଟଣାକୁ କୁହୁଳି କୁହୁଳି
ଆଖିର ଲୁହବି ଅମାନିଆ ପାଲଟେ ।'

(କବିତା-ଗରିବର ଦୁଃଖ)

ଜଣେ ଗରିବ ମଣିଷ ଅତି କଷ୍ଟରେ ନିଜର ପରିବାର ଭରଣ ପୋଷଣ କରିଥାଏ । ତାହାର ମଧ୍ୟ ଅନେକ ସ୍ୱପ୍ନ ଥାଏ କିନ୍ତୁ ସେସବୁ ଚିର ଅପୂରଣୀୟ ହୋଇ ରହିଯାଏ । ନିଜର ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ସେ ଗାଁ ମାଟି ଛାଡି ଦୂରସ୍ଥାନକୁ ଚାଲିଯାଏ । ପଛରେ ରହିଯାନ୍ତି ତାହାର ସମସ୍ତ ଆତ୍ମୀୟ ପରିଜନ ଏବଂ ଅତିପ୍ରିୟ ଜନ୍ମଭୂମି । ପରିବାର ସଦସ୍ୟ ଆଖିରରେ ଲୁହଭରି ମନରେ ଆଶାବାନ୍ଧି ବିଦାୟ ଦିଅନ୍ତି । କବିଙ୍କ ଭାଷାରେ –

'ଅର୍ଜିବ ଧନ । ମଜବୁତ କରିବ ସଂସାର ଖମ୍ବ ।
ଗଢ଼ିବ ରା ଉଆସ ।
ରହିବେ ଚାରିପ୍ରାଣୀ କୁଟୁମ୍ବ
ତିନିପେଟ ପାଇଁ ତ ସିଏ କରୁଛି ସୁଖ ଶିକାର ।
ଏତିକି ଆଶାରେ
ପାଇଟି କରୁଛି । ଦିନବି କାଟୁଛି ।'

(କବିତା-ପରିବେଶ)

ଆଦ୍ୟକାଳରୁ ସାହିତ୍ୟରେ ପ୍ରକୃତିର ରୂପ ଚିତ୍ର ବର୍ଣ୍ଣିତ ହୋଇ ଆସୁଛି । ପୁରାତନ କାଳରେ ପ୍ରକୃତି ଜଡରୂପେ ଚିତ୍ରିତ ହେଉଥିବା ବେଳେ ବର୍ତ୍ତମାନ ଏହା ଜୀବନ୍ତ ରୂପ ଧାରଣ କରିଅଛି । ସାହିତ୍ୟକର କଲମ ପ୍ରକୃତିକୁ ଜୀବନ୍ୟାସ ଦେଇଅଛି । ପ୍ରତ୍ୟେକ କୃତିରେ ପ୍ରକୃତିର ଛିଟା ଦୃଶ୍ୟମାନ ହୋଇଥାଏ । କେବେ ସେ କରୁଣ କାହାଣୀ କହିଥାଏ ପୁଣି କେବେ ପ୍ରଗତିର ଜୟଗାନ କରିଥାଏ । ପ୍ରକୃତରେ ପ୍ରକୃତିର ବର୍ଣ୍ଣନାରେ ଲେଖାଟି ପ୍ରାଣବନ୍ତ ହୋଇଥାଏ । କବି ଦୟାନିଧି ପରିଡାଙ୍କ କବିତା ସଙ୍କଳନ 'ଏଇତ ଜୀବନ' ରେ ପ୍ରକୃତିର ବୈଚିତ୍ର୍ୟ ଦେଖିବାକୁ ମିଳେ ।

ଗାଁର ବର୍ଣ୍ଣନା କରିବା ସମୟରେ ଆପେ ଆପେ କଲମରୁ ଝରିପଡେ ପ୍ରକୃତିର ଜୟଗାନ । ପ୍ରକୃତିର ପ୍ରକୃତ ସ୍ୱରୂପ ଉପଲବ୍ଧ ହୋଇଥାଏ ଗାଁରେ । କବିଙ୍କ ଭାଷାରେ –

'ସତେଜ ଏବେ ବି ଗାଁର ସକାଳ,
ସତେଜ ଯେମିତି କଅଁଳ ଶିଶୁର ମନ ।
ସୁରୁଜ ଧୋଇଦିଏ ଗାଁକୁ ।
ଉଷୁମ ଖରାରେ, ହଳଦୀ ରଙ୍ଗରେ ।
ସୁଗନ୍ଧ ରାଜ, ଟଗରର ଶ୍ୱେତ ପଣରେ ।'

(କବିତା – ଗାଁ)

ISSN NO.
2582-208X

ଅଧା ଜଳା କାଠଭଳି
ଜୀବନ ବି ପାଲଟି ଯାଏ ଅପାଙ୍‌କ୍ତେୟ ।
ଘଟଣା-ଦୁର୍ଘଟଣାକୁ କୁହୁଳି କୁହୁଳି
ଆଖିର ଲୁହବି ଅମାନିଆ ପାଲଟେ ।’
(କବିତା-ଗରିବର ଦୁଃଖ)

ଜଣେ ଗରିବ ମଣିଷ ଅତି କଷ୍ଟରେ ନିଜର ପରିବାର ଭରଣ ପୋଷଣ କରିଥାଏ । ତାହାର ମଧ୍ୟ ଅନେକ ସ୍ୱପ୍ନ ଥାଏ କିନ୍ତୁ ସେସବୁ ଚିର ଅପୂରଣୀୟ ହୋଇ ରହିଯାଏ । ନିଜର ଭିତ୍ତିଭୂମିକୁ ସୁଦୃଢ କରିବା ନିମନ୍ତେ ସେ ଗାଁ ମାଟି ଛାଡି ଦୂରସ୍ଥାନକୁ ଚାଲିଯାଏ । ପଛରେ ରହିଯାନ୍ତି ତାହାର ସମସ୍ତ ଆତ୍ମୀୟ ପରିଜନ ଏବଂ ଅତିପ୍ରିୟ ଜନ୍ମଭୂମି । ପରିବାର ସଦସ୍ୟ ଆଖିରରେ ଲୁହଭରି ମନରେ ଆଶାବାନ୍ଧି ବିଦାୟ ଦିଅନ୍ତି । କବିଙ୍କ ଭାଷାରେ -

‘ଅର୍ଜିବ ଧନ । ମଜବୁତ କରିବ ସଂସାର ଖମ୍ବ ।
ଗଢିବ ରା ଉଆସ ।
ରହିବେ ଚାରିପ୍ରାଣୀ କୁଟୁମ୍ବ
ତିନିପେଟ ପାଇଁ ତ ସିଏ କରୁଛି ସୁଖ ଶିକାର ।
ଏତିକି ଆଶାରେ
ପାଇଟି କରୁଛି । ଦିନଦି କାଟୁଛି ।’
(କବିତା-ପରିବେଶ)

ଆଦ୍ୟକାଳରୁ ସାହିତ୍ୟରେ ପ୍ରକୃତିର ରୂପ ଚିତ୍ର ବର୍ଣ୍ଣିତ ହୋଇ ଆସୁଛି । ପୁରାତନ କାଳରେ ପ୍ରକୃତି ଜଡରୂପେ ଚିତ୍ରିତ ହେଉଥିବା ବେଳେ ବର୍ତ୍ତମାନ ଏହା ଜୀବନ୍ତ ରୂପ ଧାରଣ କରିଅଛି । ସାହିତ୍ୟକର କଲମ ପ୍ରକୃତିକୁ ଜୀବନ୍ୟାସ ଦେଇଅଛି । ପ୍ରତ୍ୟେକ କୃତିରେ ପ୍ରକୃତିର ଛିଟା ଦୃଶ୍ୟମାନ ହୋଇଥାଏ । କେବେ ସେ କରୁଣ କାହାଣୀ କହିଥାଏ ପୁଣି କେବେ ପ୍ରଗତିର ଜୟଗାନ କରିଥାଏ । ପ୍ରକୃତରେ ପ୍ରକୃତିର ବର୍ଣ୍ଣନାରେ ଲେଖାଟି ପ୍ରାଣବନ୍ତ ହୋଇଥାଏ । କବି ଦୟାନିଧି ପରିଡାଙ୍କ କବିତା ସଙ୍କଳନ ‘ଏଇତ ଜୀବନ’ ରେ ପ୍ରକୃତିର ବୈଚିତ୍ର୍ୟ ଦେଖିବାକୁ ମିଳେ ।

ଗାଁର ବର୍ଣ୍ଣନା କରିବା ସମୟରେ ଆପେ ଆପେ କଲମରୁ ଝରିପଡେ ପ୍ରକୃତିର ଜୟଗାନ । ପ୍ରକୃତିର ପ୍ରକୃତ ସ୍ୱରୂପ ଉପଲବ୍ଧ ହୋଇଥାଏ ଗାଁରେ । କବିଙ୍କ ଭାଷାରେ -

‘ସତେଜ ଏବେ ବି ଗାଁର ସକଳ,
ସତେଜ ଯେମିତି କଅଁଳ ଶିଶୁର ମନ ।
ସୁରୁଜ ଧୋଇଦିଏ ଗାଁକୁ ।
ଉଷୁମ ଖରାରେ, ହଳଦୀ ରଙ୍ଗରେ ।
ସୁଗନ୍ଧ ରାଜ, ଟଗରର ଶ୍ୱେତ ପଣରେ ।’
(କବିତା - ଗାଁ)

ISSN NO.
2582-208X

ଝିଅକୁ ଘରର ଲକ୍ଷ୍ମୀ କୁହାଯାଏ । ପିତାମାତାଙ୍କ ଗର୍ବ ଓ ଗୌରବ କୁହାଯାଏ । ପରିବାରର ସମ୍ମାନ କୁହାଯାଏ । ସମସ୍ତଙ୍କ ପ୍ରିୟ ଅଳିଅଳ ରାଜକୁମାରୀ ଅଟେ ଝିଅ । ସେହି ଝିଅ ପୁଣି କେବେ ହୋଇଯାଏ ମାତାପିତାଙ୍କ ପାଇଁ ବୋଝ । ଭଲପାଇବାର ପୁଣି ଏକି ରୂପ ଜଣା ନାହିଁ ।

କବିଙ୍କ ଭାଷାରେ -

'ମୁଁ ପରା ରୂପସୀ ନୁହଁ
ମୁଁ କାଳିଝିଅ
ମୁଁ ବାପାପାଇଁ ବୋଝ
ବୋଉ ଲାଗି ଅଲିଭା ସଂଜ ।'
(କବିତା- କାଳିଝିଅ)

ଭାବ ପ୍ରକାଶର ମାଧ୍ୟମ ଭାଷା । ନିଜର ଭାବରାଶିକୁ ପାଠକ ସମ୍ମୁଖରେ ବ୍ୟକ୍ତ କରିବା କବିର ଲକ୍ଷ୍ୟ । କବିତାଟି ସମଗ୍ର ପାଠକଙ୍କ ଉଦ୍ଦେଶ୍ୟରେ ରଚିତ ହୋଇଥାଏ । ଏଣୁ ପାଠକଙ୍କୁ ଦୃଷ୍ଟିରେ ରଖି କବି କବିତା ସୃଷ୍ଟି କରିଥାଏ । ଏହି ଦୃଷ୍ଟିରୁ କବି ଦୟାନିଧି ପରିଡ଼ା ସମସ୍ତ ଶ୍ରେଣୀର ପାଠକ ଯେପରି ବୁଝିପାରିବେ ସେପରି ଭାଷାରେ କବିତା ରଚନା କରିଛନ୍ତି ।

ଶବ୍ଦର ଯାଦୁରେ ସେ ସୃଷ୍ଟି କରିଛନ୍ତି 'ଏଇତ ଜୀବନ' । ଏଥିରେ ସରଳ, ତରଳ, ଭାବପୂର୍ଣ୍ଣ ଭାଷାର ବ୍ୟବହାର ହୋଇଛି । ଶବ୍ଦ ଚୟନରେ କବି ଚତୁରତା ପ୍ରଦର୍ଶନ କରିଛନ୍ତି । ସମାଜର ବିଭିନ୍ନ ସ୍ତରରୁ ଚରିତ୍ର ନେଇ ସେ କବିତାର ତାଜମହଲ ଗଢିଛନ୍ତି । ସେଥିପାଇଁ ସେ ଚରିତ୍ର ଉପଯୋଗୀ ଶବ୍ଦରାଶିର ବ୍ୟବିହାର କରିଛନ୍ତି । ଭାରତୀ ମଦ୍ୟପ ସ୍ୱାମୀର ଅତ୍ୟାଚାରକୁ ସହ୍ୟ କରି ନପାରି ରାଗମିଶା ଦୁଃଖ ପ୍ରକାଶ କରିଛନ୍ତି । କବିଙ୍କ ଭାଷାରେ -

'ରଇଜଳା ମରିବୁ ତୁ
ଉତୁରୁଥିବା ପେଜ ହାଣ୍ଡି ପାଖେ ବସି କହେ ।'

କବି ଭାବକୁ ସଠିକ୍ ରୂପେ ପ୍ରକାଶ କରିବାକୁ ଯାଇ ଧୁ ଧୁ, ଟୁଲୁଟୁଲୁ, ଟିକ୍‌ଟିକ୍, ଚିକ୍‌ଚିକ୍, କାଠେଇ କାଠେଇ । ଖୁଁ ଖୁଁ ପରି ଯୁଗ୍ମଶବ୍ଦର ବ୍ୟବହାର କରିଛନ୍ତି । କବିତାରେ -

'ଧୁ ଧୁ ଖରାରେ ଆହୁରି ସିଝୁଛ
କଳା ପଥର ପାଲଟିଥିବା ବାପାଙ୍କ ପିଠି,
ସବୁ ଦୁଃଖ, ସବୁ ଯନ୍ତ୍ରଣା ପାଣି ହୋଇ
ଚିକ୍ ଚିକ୍ ମାରୁଛି ବାପାଙ୍କ ଅଜାଣତେ ।'
(କବିତା - ବାପା)

**ସାମ୍ପ୍ରତିକ କାଳର ଯୁବକବି ଦୟାନିଧି ପରିଡ଼ା କବିତା, ଗଳ୍ପ ଓ ସମାଲୋଚନା କ୍ଷେତ୍ରରେ** ପାରଦର୍ଶିତା ଲାଭ କରିଛନ୍ତି । ତାଙ୍କର 'ଏଇତ ଜୀବନ' ହେଉଛି ପ୍ରଥମ କବିତା ସଙ୍କଳନ । ଏହା

ISSN NO.
2582-208X

୨୦୧୮ ମସିହାରେ ପ୍ରକାଶିତ ହୋଇଥିଲା । ଏକାଚାଳିଶଟି କ୍ଷୁଦ୍ର କବିତାର ସମାହାର ହେଉଛି 'ଏଇତ ଜୀବନ' । ଯେଉଁଥିରେ ରହିଛି ଜୀବନ ପ୍ରତି ଏକ ଅନ୍ତର୍ଭେଦୀ ସ୍ୱର ।

କବିଟିଏ ଜୀବନର ଗତିପଥରେ ଯାହା ଦେଖେ, ଅନୁଭବ କରେ ହୃଦୟର ଗଭୀର ପ୍ରଦେଶରେ ତାକୁ ବିଶ୍ଳେଷଣ କରି ଶବ୍ଦ ମାଧ୍ୟମରେ କବିତାର ରୂପଦିଏ । ନିଜର ଅନୁଭୂତି ଏବଂ ଅଭିଜ୍ଞତାକୁ ପୁଞ୍ଜିକରି କବି କବିତାର ସୃଷ୍ଟି କରିଥାଏ । କବି ଦୟାନିଧି ପରିଡ଼ା ସମାଜରେ ଘଟିଯାଉଥିବା ଘଟଣା - ଗରିବର ଅସହାୟତା କୃଷକର ଦୟନୀୟ ଅବସ୍ଥା, ଅବଳାର ସଂଘର୍ଷ ସବୁ ଦେଖୁଛନ୍ତି ଏବଂ ମର୍ମେ ମର୍ମେ ଅନୁଭବ ମଧ କରିଛନ୍ତି । ସେଥିପାଇଁ ରୂପ ନେଇଛି 'ଏଇତ ଜୀବନ' । ଚାଲୁଚାଲୁ ଭେଟପଡ଼ନ୍ତି ଅନେକ ଚେହେଁରା ଜୀବନର ଚଲାପଥେ । କିଛି ଆତ୍ମୀୟ ପୁଣି କିଛି ଅସହାୟ କବି ପ୍ରତ୍ୟେକଙ୍କ ଦୁଃଖକୁ ବୁଝିଛନ୍ତି । ଦରଦୀସ୍ୱରରେ ସେହିମାନଙ୍କ ପାଇଁ ପ୍ରକାଶ କରିଛନ୍ତି 'ଏଇତ ଜୀବନ' ।

ସ୍ମୃତିର ଭଣ୍ଡାରରୁ କବି ବାଛି ନେଇଛନ୍ତି କିଛି ମୁକ୍ତା ଏବଂ ଗଢ଼ି ଦେଇଛନ୍ତି ମୁକ୍ତାମାଳ ପରି ସୁନ୍ଦର କବିତା । ପ୍ରେମ ଓ ପ୍ରେମାନୁଭୂତିକୁ ଆଧାର କରି କବି ଯେଉଁ ଯେଉଁ ପ୍ରେମର ବୈଚିତ୍ର୍ୟ ସୃଷ୍ଟି କରିଛନ୍ତି ତାହା ବାସ୍ତବିକ ହୃଦୟସ୍ପର୍ଶୀ ।

ସମଗ୍ର 'ଏଇତ ଜୀବନ' କବିତା ସଙ୍କଳନକୁ ଆଲୋଚନା କଲେ ଜଣାଯାଏ - ଏହା ହେଉଛି **ଦୁଃଖୀର ଆର୍ତ୍ତଚିତ୍କାର । କବି ଦୟାନିଧି ପରିଡ଼ା ଜୀବନ ଓ ସମାଜର ବାସ୍ତବ ଚିତ୍ରକୁ ଆପଣାର** ଦୃଷ୍ଟିଭଙ୍ଗୀ ନେଇ ଆଙ୍କିଛନ୍ତି । ତାଙ୍କର ବହୁଦର୍ଶୀ ପ୍ରତିଭା ଫଳରେ ଏହି କବିତା ସଙ୍କଳନଟି ସଫଳ ହୋଇଅଛି ।

ଉଲିକୁପା, ଭବାନୀପାଟଣା, କଳାହାଣ୍ଡି
ମୋ: ୭୮୧୫୦୭୦୭୯୯

ISSN NO.
2582-208X

# ବିଚ୍ଛେଦ: ପରିତ୍ୟକ୍ତା ମନର ଅକୁହା କଥା



ବର୍ଷାରାଣୀ ପ୍ରଧାନ

କ'ଣ ସତରେ ଆମେ ଅଲଗା ହୋଇଗଲେ!
କ'ଣ ସତରେ ଆମର ବିଚ୍ଛେଦ ହୋଇଗଲା!
ବିଶ୍ୱାସ ତ ହଉନି, ହେଲେ ବି.. ହଁ ସତ।
ସତରେ ଆମର ଏଇ କାହାଣୀରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା।

ପ୍ରେମ ତ ଦୂର, ଯେଉଁଠି ନା ଥିଲା ସମ୍ମାନ ନା ନିଜ ପରିଚୟ,
ଅତ୍ୟାଚାରିତ ହୋଇ ସେଠି ଦିନ କାଟିବାଠୁ ଭଲ ଜୀବନକୁ ଜିଇଁବା, ନୁହେଁ କି ?
ଏହା ତ ହାତଲେଖା ମନଗଢ଼ା କାହାଣୀ ନୁହଁ ଯେ ପୁନର୍ମିଳନ
ଲେଖା ଥିବ ଆମ ଏଇ କାହାଣୀରେ।
ପୁନର୍ମିଳନର ଆଶା ନାହିଁ କି ଚାହୁଁନି ବି ମୁଁ ସେ ପୁନର୍ମିଳନ।

ତୁମକୁ ନିଜର କରି ମୋର ଦେବତା ମାନି ନେଇଥିଲି।
ହେଲେ.. ତୁମେ ବାସ୍ତବରେ କେବେ ମୋତେ ନିଜର କରିଥିଲ କି ?
ନୁହେଁ ନା ?

ଭାବନି ତୁମେ..ଭାବନି ତୁମେ, ହତାଶ ମୁଁ, ନିରାଶ ମୁଁ..ହାରି ଯାଇଛି ମୁଁ
ବରଂ ଜିତିଛି ମୁଁ ମୋ ଜୀବନରେ ତୁମଠୁ ଅଲଗା ହୋଇ।
ମରିମରି ଦିନ କାଟିବାଠୁ ଭଲ ଜୀବନକୁ ଜିଇଁବା, ନୁହେଁ କି ?

ISSN NO.
2582-208X

କୃତଜ୍ଞ ମୁଁ ମୋ ଇଶ୍ୱରଠାରେ,
ଯିଏ ମୋତେ ସେ ଛଳନା ରାଇଜରୁ ଉଦ୍ଧାର କରି ନେଇ ଆସିଛି
ମୋର ଏଇ ସତ ନିଷ୍କପଟ ଦୁନିଆଁକୁ।
ଅସୁମାରୀ ଆଶା ନେଇ ଏବେ ମୁଁ ମୋ ଚଳାପଥେ..

ହେଃ.. ମୁଁ ବି କେଡ଼େ ବୋକିଟିଏ
ଯାହାକୁ କହିବାର ଥିଲା ତାକୁ ନ କହି ଲେଖୁଛି ମୁଁ କବିତାରେ
ଭଲ ନା..ମୁଁ ମୋ ବାଟରେ
ଅସୁମାରୀ ଆଶା ନେଇ ମୁଁ ମୋ ଚଳାପଥେ..

କୋତନା, ଝାରବନ୍ଧ, ବରଗଡ଼

ISSN NO.
2582-208X

# ଉଜ୍ଜ୍ୱଳ ତାରକା
# ଗଙ୍ଗାଧର



ଅର୍ପିତା ମହାପାତ୍ର

ଆହେ ଗଙ୍ଗାଧର ଉଜ୍ଜ୍ୱଳ ତାରକା
ତୁମେ ସାହିତ୍ୟ ଆକାଶେ ।
ଜନମ ଲଭିଲ ବରପାଲି ଗ୍ରାମେ
ଉତ୍କଳର ପୁଣ୍ୟ ଦେଶେ ।।
ଦରିଦ୍ରତା ପଙ୍କୁ ହେଲ ପ୍ରସ୍ଫୁଟିତ
ସଜ ପଦ୍ମ ଫୁଲ ପରି ।
ରାଶି ରାଶି କାବ୍ୟ କବିତା ତୁମର
ଲେଖନୀରୁ ଗଲା ଝରି ।।
ଭାଷାର ସୌନ୍ଦର୍ଯ୍ୟ ଭାବର ମାଧୁର୍ଯ୍ୟ
ସର୍ବତ୍ର ରହିଛି ପୁରି ।
ଉତ୍କଳ ମାତାର ସୁଯୋଗ୍ୟ ସନ୍ତାନ
କଏ ହେବ ତୁମ ସରି ।।
କଏ ବା ରହିଛି ସାହିତ୍ୟ ଜଗତେ
ବିଜ୍ଞ ସହୃଦୟ ଜନ
ତୁମ ଲେଖା ପଢି ଭାବରେ ନ ମଜ୍ଜେ
ଅସ୍ଥିର ନହୁଏ ମନ ।।
ପ୍ରାଚ୍ୟ ସଂସ୍କୃତିର ଆଦର୍ଶରେ ତୁମେ
ହୋଇଲ ଅନୁପ୍ରାଣିତ ।
ସ୍ୱଭାବ କବିର ଆଖ୍ୟା ପାଇ ତୁମେ
ଜଗତେ ହେଲ ବିଖ୍ୟାତ ।।
କଚକ ବଧ ଯେ ପ୍ରଣୟ ବଲ୍ଲରୀ

ISSN NO.
2582-208X

ଶ୍ରେଷ୍ଠ କାବ୍ୟ ତପସ୍ୱିନୀ ।
ଉତ୍କଳ ଲକ୍ଷ୍ମୀରେ ଉତ୍କଳ ମହିମା
ଦେଇଛ ତୁମେ ବଖାଣି ।।
ର ଆଦ୍ୟାକ୍ଷରରେ ରସ ରତ୍ନାକର
ରଚଲ ଅହଲ୍ୟା ସ୍ତବ ।
ରଘୁବଂଶ ପରି ଲେଖ ଇନ୍ଦୁମତି
ଆହୁରି କେତେ ଯେ କାବ୍ୟ ।।
ଏକଠୁ ଆରେକ ବଳ ତୁମ ସୃଷ୍ଟି
ଶବ୍ଦେ ବର୍ଣ୍ଣି ପାରେ ନାହିଁ ।
ଓଡିଆ ସାହିତ୍ୟେ ଯଶସ୍ୱୀ ପ୍ରତିଭା
ପଟାନ୍ତର ତୁମ ନାହିଁ ।।
ପ୍ରକୃତିର ତୁମେ ଗୃରୁ ଚନ୍ଦ୍ରକର
କହିଲ ପ୍ରକୃତି କଥା ।
ଉତ୍କଳ ସଂସ୍କୃତି ମହକ ଉଠିଛି
ବର୍ଣ୍ଣିଅଛ ଯେତେ ଗାଥା ।।
ଲେଖନୀରେ ତୁମ ନିର୍ଜୀବ ପ୍ରକୃତି
ଜୀବନ୍ତର ରୁପ ନିଏ ।
ମାନବ ସହିତ ଏକାତ୍ମ ହୋଇ ଯେ
ଅନ୍ତରର କଥା କୁହେ ।।
ଓଡିଆ ପ୍ରାଣରେ ରହିବ ଜୀବିତ
ତୁମେ ଚିର ଦିନ ପାଇଁ ।
ଭାଷା ସାହିତ୍ୟରେ ରହିବ ହେ କବି
ଜ୍ୱଳନ୍ତ ଶିଖାଟେ ହୋଇ ।।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ, ଓଡିଆ ବିଭାଗ,
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର

ISSN NO.
2582-208X

# ଭାଷାଯୁଦ୍ଧ

ସଂଘମିତ୍ରା ବେହେରା

ଭାଷା ମାଆ କୁ କରନାହିଁ କେହି ଖଣ୍ଡବିଖଣ୍ଡିତ
ଉଚ୍ଚାରଣ ସିନା ଭିନ୍ନ ଲିପି ପରା ଅଭିନ୍ନ।
ରାଜନୀତି ଆଉ କରନାହିଁ ଭାଇ
ଲିଭିଯିବ ଇତିହାସ ।
ଗୋଟିଏ ମାଆର ଗରଭୁ ଜାତ
କାହିଁ ଏତେ ଉତ୍ପୀଡ଼ନ।
ଅର୍ଥ ଯଦି କରେ ଭାବବୋଧ ସେତୁ
କାହିଁ ନାହିଁ ତ ଶତ୍ରୁତା ଏଠି।
କିଏ କଟିକିଆ ଅବା ସମଲ୍‌ପୁରିଆ
କିଏ ବରହମ୍‌ପୁରିଆ ଅବା ମୟୂରଭଞ୍ଜିଆ;
ନାହିଁ ତ କାୟାରେ ଦାଗ।
ଧ୍ୱନି ସିନା ଭିନ୍ନ ସଂସ୍କୃତି ସମାନ
ଗାଥା ଯେ ବାନ୍ଧିଛି ଆମ ଲିପି ଲିଖନ।
କଳିଙ୍ଗ, ତୋଷାଳୀ, କଙ୍ଗୋଦ, ଦକ୍ଷିଣ କୋଶଳ
ସଭିଏଁ ଓଡ୍ର ଭୂଖଣ୍ଡ।
ରାଜନୀତି ଖାଲି ରାଜାଙ୍କ ଶାସନ
ପ୍ରଜା ହୁଏ ହୀନିମାନ।

ଆସିଷ୍ଟାଣ୍ଟ ପ୍ରଫେସର
ଓଡ଼ିଆ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

ISSN NO.
2582-208X

# ସଫଳ ରାଜନୈତିକ ଚେତନାଧର୍ମୀ ରମ୍ୟରଚନା- 'ଭୋଟ'

କାମାକ୍ଷା ବେହେରା

ଓଡ଼ିଆ ରମ୍ୟରଚନା ସାହିତ୍ୟର ଅନ୍ୟତମ ସୁପ୍ରତିଷ୍ଠିତ ବିନ୍ଧାଣୀ ଭାବେ ଫତୁରାନନ୍ଦ ସୁପରିଚିତ । ଆଧୁନିକ ଓଡ଼ିଆ ବ୍ୟଙ୍ଗ ସାହିତ୍ୟର ସମ୍ରାଟ ସିଂହାସନର ସେ ମୁକୁଟଧାରୀ ସମ୍ରାଟ । ପ୍ରାଥମିକ ଅବସ୍ଥାରୁ ହାସ୍ୟ, ପରିହାସ ଓ ବ୍ୟଙ୍ଗ ପ୍ରତି ତାଙ୍କର ରହିଥିଲା ଅହେତୁକ ମମତା । ସାହିତ୍ୟ ସାଧନା ଓ ସମ୍ବାଦ ପ୍ରକାଶନରେ ତାଙ୍କର ମନଯୋଗ ତାଙ୍କୁ ଜଣେ ବିଶିଷ୍ଟ ଯୁଗସ୍ରଷ୍ଟାରେ ପରିଣିତ କରିଥିଲା । ହାସ୍ୟ-ବ୍ୟଙ୍ଗ ମାଧ୍ୟମରେ ମଣିଷ ଜୀବନର ବିଭିନ୍ନ ସମସ୍ୟାକୁ ରୂପ ପ୍ରଦାନ କରିବା ଥିଲା ତାଙ୍କ ସାହିତ୍ୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଫତୁରାନନ୍ଦଙ୍କ ରମ୍ୟରଚନାଗୁଡ଼ିକର ବର୍ଣ୍ଣନାଶୈଳୀରେ ନିହିତ ଚମତ୍କାର ଲାଳିକା, ସରଳ ଭାଷା ଓ ବିଷୟବସ୍ତୁର ଲଘୁକରଣ ପାଠକ ନିକଟରେ ତାଙ୍କ ରଚନାଗୁଡ଼ିକୁ ବେଶ୍ ଆଦୃତ କରାଇ ପାରିଥିଲା । ଫତୁରାନନ୍ଦଙ୍କ ରମ୍ୟରଚନା ସମୂହରେ ପ୍ରକାଶ ପାଇଥିଲା ଆଧୁନିକ ମଣିଷର ଛଳନା, ପ୍ରତାରଣା, ବୃଥା ଆଡ଼ମ୍ବର, ମାନବିକ ମୂଲ୍ୟବୋଧର ଅବକ୍ଷୟ ଆଦି ଦିଗଗୁଡ଼ିକ । ଏହା ବ୍ୟତୀତ ମଣିଷର ଗର୍ବ ବା ଅହଂଭାବ ପ୍ରତି ତାଙ୍କ ରମ୍ୟରଚନାରେ ରହିଥିଲା ତୀବ୍ର ବିଦ୍ରୁପର ସ୍ୱର ଓ ସେ ତାଙ୍କର ଏହି ବ୍ୟଙ୍ଗ-ବିଦ୍ରୁପଶର ଦ୍ୱାରା ଅସମାଜିକ ମଣିଷକୁ କ୍ଷତବିକ୍ଷତ କରିପକାଉଥିଲେ ।

ରମ୍ୟରଚକ ଫତୁରାନନ୍ଦଙ୍କ ସଫଳ ହାସ୍ୟଧର୍ମୀ ତଥା ବ୍ୟଙ୍ଗଧର୍ମୀ ରାଜନୈତିକ ରମ୍ୟରଚନା ଭାବେ 'ଭୋଟ' ରମ୍ୟସଙ୍କଳନଟି ପାଠକମାନଙ୍କ ଶ୍ରଦ୍ଧାଭାଜନ ହୋଇପାରିଛି । ବିଶ୍ୱରେ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତବର୍ଷ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ମଧ୍ୟ ଏହାର ଗଣତାନ୍ତ୍ରିକ ଶାସନ ପକ୍ରିୟାରେ ରହିଥିବା ତ୍ରୁଟି ଓ ଦୁର୍ନୀତିମୂଳକ କାର୍ଯ୍ୟକଳାପକୁ ନଗ୍ନ ଭାବେ ଓଡ଼ିଶା ପ୍ରଦେଶର ନେତା, ଟାଉଟର, ଜନତା ଓ ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ଉପସ୍ଥାପନ କରିଛନ୍ତି । ରମ୍ୟରଚନାରେ ଫତୁରାନନ୍ଦ ଗଣତନ୍ତ୍ର ଶାସନ ଯାହା ଗଣଙ୍କ ପାଇଁ, ଗଣଙ୍କ ଦ୍ୱାରା ଓ ଗଣମାନଙ୍କର, ତା'ର ଛାୟା ତଳେ ରାଜନୈତିକ

ISSN NO.
2582-208X

ଦଳ ଓ ତାର ବିଭିନ୍ନ ସଦ୍ୟସମାନଙ୍କ(ନେତା)ର ଲୁଣ୍ଠନ ଓ ଶୋଷଣ ପ୍ରକ୍ରିୟାକୁ ପ୍ରତିପାଦିତ କରିଛନ୍ତି । ଓଡ଼ିଶାର ରାଜନୈତିକ କ୍ଷେତ୍ରପ୍ରତି ତାଙ୍କର ବ୍ୟକ୍ତିଗତ ଦୃଷ୍ଟିକୋଣକୁ ରଚନାର ମର୍ମେ ମର୍ମେ ଅନୁଭବ କରିହୁଏ । ସେ ଗ୍ରନ୍ଥର ମୁଖବନ୍ଧରେ ମଧ୍ୟ ସ୍ୱୀକାର କରିଛନ୍ତି ଯେ, 'ବ୍ୟଙ୍ଗରଚନାରେ ବ୍ୟଙ୍ଗକାର ମୁଖ୍ୟତଃ ବହିର୍ଦୃଷ୍ଟି ସାହାର୍ଯ୍ୟରେ ରଙ୍ଗରସ ସୃଷ୍ଟି କରିବା ବେଳେ ତାଙ୍କର ଏଥିରେ ବହିର୍ଦୃଷ୍ଟି ସହ ଅନ୍ତର୍ଦୃଷ୍ଟି ପ୍ରତିଫଳିତ ହୋଇଛି ।'

'ଭୋଟ' ରମ୍ୟସଂକଳନରେ ସଙ୍କଳିତ ସମସ୍ତ ରଚନାଗୁଡ଼ିକ ରାଜନୀତିର ବିଭିନ୍ନ ଦିଗ ଓ ସମସ୍ୟାକୁ ନେଇ ଗଢ଼ିଉଠିଛି । ରମ୍ୟଗ୍ରନ୍ଥଟି ୧୯୮୦ ମସିହା ବେଳକୁ ରଚିତ ହୋଇ ସେହି ବର୍ଷ ପାଠକଙ୍କ ଲୋଚନକୁ ଆସିଥିଲା । ଏଥିରେ ସେ ୧୯୪୭ ରୁ ୧୯୮୦ ମଧ୍ୟରେ ଭାରତ ତଥା ଓଡ଼ିଶାରେ ୭ ଗୋଟି ସାଧାରଣ ନିର୍ବାଚନ ସଙ୍ଘଟିତ ହୋଇଥିଲେ ମଧ୍ୟ ଭାରତୀୟ ରାଜନୈତିକ କ୍ଷେତ୍ରରେ ଯେଉଁ ସବୁ ସମସ୍ୟା ସୃଷ୍ଟି ହୋଇଥିଲା ଓ ରାଜନୈତିକ କ୍ଷେତ୍ରରେ ଯେଉଁ ଦୁର୍ନୀତିର ବାତାବରଣକୁ ଲକ୍ଷ୍ୟ କରିଥିଲେ ତାହାକୁ ଅତି ବାସ୍ତବ ଓ ହାସ୍ୟ-ବ୍ୟଙ୍ଗଧର୍ମୀ ଭାବେ ନିଜ ଲେଖନୀରେ ସ୍ଥାନ ଦେଇଥିଲେ । ଏଥିରେ ସ୍ଥାନ ପାଇଥିବା 'ନିର୍ବାଚନ ପାଣ୍ଠି' ଠାରୁ 'ଭୋଟ ପ୍ରକ୍ରିୟା' ରମ୍ୟରଚନା ପର୍ଯ୍ୟନ୍ତ ପ୍ରତେକ ବିଷୟବସ୍ତୁ କ୍ଷେତ୍ରରେ କେବଳ ଦୁର୍ନୀତି, ଅନାଦର୍ଶ ଓ ଶୋଷଣ ହିଁ ଦୃଶ୍ୟମାନ ହେଇଛି । 'ନୋଟ ଦେଇ ଭୋଟ ଦେବା' ହେଇଛି ସଂପ୍ରତି ଭାରତୀୟ ଗଣତନ୍ତ୍ରର ମାନଦଣ୍ଡ ଓ ବୈଶିଷ୍ଟ୍ୟ । ଭାରତର ଏହି ଦୁର୍ବଳ ଗଣତାନ୍ତ୍ରିକ ଶସାନର ଅବହେଳିତ ନଗ୍ନ ରୂପକୁ ରମ୍ୟରଚକ ଫତୁରାନନ୍ଦ ପାଠକମଣ୍ଡଳୀ ତଥା ସାଧାରଣ ଜନତାଙ୍କ ଆଗରେ ଖୋଲି ଦେଇଛନ୍ତି ।

୧୯୮୦ ମସିହା ବେଳକୁ ଭାରତୀୟ ଭୋଟ ବ୍ୟବସାୟର ସମସ୍ତ କୌଶଳ ଜନତାଙ୍କ ସମ୍ମୁଖରେ ଧୀରେ ଧୀରେ ପ୍ରକାଶ ହେବାକୁ ଲାଗିଲା । ଭୋଟ ତାଲିକାରେ ନାମ ନରହିବା, ତାଲିକାରେ ନାମ ଭୁଲ ରହିବା ଠାରୁ ଆରମ୍ଭ କରି କ୍ଷମତାଧାରୀ ଲୋକମାନଙ୍କର ଭୋଟର ତାଲିକାକୁ ଏପଟ ସେପଟ କରିବା ଏହାର ଅନ୍ତର୍ଗତ ଥିଲା । ପୁନଶ୍ଚ ଗୁପ୍ତରେ ଅନ୍ୟାୟ ଉପାୟରେ ଭୋଟ ଦେଇ ସପକ୍ଷ ପ୍ରାର୍ଥୀକୁ ନିର୍ବାଚିତ କରିବା ଏହାର ବର୍ହିଭୂତ ନୁହେଁ । ଭୋଟଦାନ ବ୍ୟତୀତ ପ୍ରାର୍ଥୀ ଚୟନ, ଭୋଟ ପ୍ରଚାର ଓ ପ୍ରତିଶ୍ରୁତି ପ୍ରଦାନ କ୍ଷେତ୍ରରେ ଏହି ଦୁର୍ନୀତିକୁ ଦେଖିବାକୁ ମିଳିଥାଏ । ପ୍ରାର୍ଥୀ ଚୟନ ସମୟରେ ସବୁବେଳେ ଗୁଣ୍ଡା, ବଦମାସ୍ ଓ କୁ-ଲୋକଙ୍କ ଯେଉଁମାନେ ସମାଜକୁ ନିଜ ପ୍ରଭାବରେ ଭୟଭୀତ କରାଇଛନ୍ତି, ସେମାନଙ୍କୁ ହିଁ ପ୍ରାଥମିକତା ଦିଆଯାଇଛି । କୌଣସି ଦଳର ଅନ୍ତର୍ଭୁକ୍ତ ନହୋଇ ସ୍ୱାଧୀନ

ISSN NO.
2582-208X

ଭାବରେ ଠିଆ ହୋଇଥିବା ପ୍ରାର୍ଥୀଙ୍କୁ ଟଙ୍କାର ଓ କ୍ଷମତାର ପ୍ରଲୋଭନ ଦେଖାଇ ନିର୍ବାଚନ ସମୟରେ ବାଟମାରଣା କରାଯାଇଛି ।

ଭୋଟ ସମୟରେ ନିର୍ବାଚନ ପ୍ରଚାର ସଂପ୍ରତି ଭୟଙ୍କର ରୂପ ଧାରଣ କରିଛି । ପ୍ରଚାର ନାମରେ ଅପରର ନିନ୍ଦାଗାନ, କଥା କଥାକେ ମାଡ଼ପିଟ୍ ଓ ଗଣ୍ଡଗୋଳକୁ ଓହ୍ଲାଇ ଆସିବା ଏହାର ପ୍ରକୃଷ୍ଟ ଦୃଷ୍ଟାନ୍ତ । ପ୍ରଚାରରେ ନେତା ଓ ତାଙ୍କ ଅନ୍ୟାନ୍ୟ ସଦସ୍ୟମାନେ କେବଳ ଜନତାଙ୍କୁ ମିଥ୍ୟା ପ୍ରତିଶ୍ରୁତିର ସମୁଦ୍ରରେ ଉବାନ୍ତି ଡୁବାନ୍ତି । ମାତ୍ର ସରକାର ଗଢ଼ିବା ପରେ ସେମାନେ ପ୍ରତିଶ୍ରୁତି ପୂରଣ ଓ ଜନତାର ସେବା କରିବା ଛାଡ଼ି ପରବର୍ତ୍ତୀ ନିର୍ବାଚନର ଭୋଟ ପ୍ରାପ୍ତି ପାଇଁ ଭୋଟ ଚାଷରେ ଲାଗି ପଡ଼ନ୍ତି । ସେମାନେ ପ୍ରତିଶ୍ରୁତି ପୂରଣ କରିବା ବେଳକୁ 'ପାଗ ବାନ୍ଧୁ ବାନ୍ଧୁ କଚେରୀ ବରଖାସ୍ତ' ଭଳି ୫ ବର୍ଷ ପୁରିଯାଏ ଏବଂ ସେହି ପୁରୁଣା ପ୍ରତିଶ୍ରୁତି ପୂରଣ ପାଇଁ ଆଉ ଥରେ ନୂଆ ୫ବର୍ଷ ସମୟ ନିଆଯାଏ । ଜନତାମାନେ ଯେଉଁ ନେତାଙ୍କୁ ଭରସା କରି ଗାଦିରେ ବସେଇଲେ ମଧ୍ୟ ସମସ୍ତେ 'ଗୋଟିଏ ଲାଉର ମଞ୍ଜି' ପରି କେହି ସେମାନଙ୍କୁ ଆଲୋକ ସ୍ପର୍ଶ ଦିଅନ୍ତି ନାହିଁ । ଜନତାଙ୍କୁ ପ୍ରକୃତ ଗଣତାନ୍ତ୍ରିକ ଶାସନର ସ୍ୱାଦ ଚଖାନ୍ତି ନାହିଁ । ନିର୍ବାଚନ ସମୟରେ ଭୋଟ କାରବାରରେ ଦେଖାଯାଉଥିବା ଏହି ଅସଙ୍ଗତି ବିଶ୍ୱରେ  କେବଳ ଭାରତବର୍ଷକୁ କବଳିତ କରି ରଖିଛି । ଭୋଟ, ରାଜନୀତି ଓ ରାଜନେତା ଆଦିଙ୍କ ଅସଲ ମୁଖା ଖୋଲିଦେବା ପାଇଁ ଏବଂ  ଭୋଟ ବ୍ୟାପାରର ରହସ୍ୟକୁ ଜନସାଧାରଣଙ୍କ ନିକଟରେ ଫିଟାଇଦେବା ପାଇଁ ତଥା ଜନତାଙ୍କୁ ରାଜନୀତିର ଶିକ୍ଷା ପ୍ରଦାନ ପାଇଁ ଫତୁରାନନ୍ଦ ଏହି 'ଭୋଟ' ଗ୍ରନ୍ଥର ପରିକଳ୍ପନା କରିଥିଲେ ।

ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ଭାରତ ଏକ ସ୍ୱତନ୍ତ୍ର ପରିଚୟ ଲାଭ କଲେ ହେଁ ରାଜନୀତି କ୍ଷେତ୍ରର ଦୁର୍ନୀତି ଓ ଅନାଦର୍ଶତା ତା'ର ବିକାଶର ମୁଖ୍ୟ ପ୍ରତିବନ୍ଧକ ସାଜିଛି । ତେଣୁ ରାଜନୈତିକ ଦଳ ଓ ଭୋଟ କ୍ଷେତ୍ରରେ ଅସାଧୁ, ଅନଭିଜ୍ଞ ଓ ସ୍ୱାର୍ଥବାଦୀ ନେତାମାନଙ୍କ ପ୍ରବେଶକୁ ନିରୋଧ କରି ଏ ସମସ୍ୟା ଦିଗରେ ଉଚିତ୍ ସଂଶୋଧନ ଆଣିବାର ବହୁ ପ୍ରୟୋଜନ ରହିଛି । ବିଶ୍ୱର ଅନ୍ୟାନ ବିକାଶଶାଳୀ ଦେଶ ପରି ପ୍ରତେକ ଦଳ ନିଜ ନିଜ ସ୍ୱାର୍ଥକୁ ପଛରେ ରଖି ଦେଶର ବିକାଶକୁ ପ୍ରାଧାନ୍ୟ ଦେବାରେ  ହିଁ ରାଜନୀତିର ଜୟ ହେବ । ଏହି ଗ୍ରନ୍ଥରେ ରମ୍ୟରଚକ ଫତୁରାନନ୍ଦ ନିର୍ବାଚନ ପାଣ୍ଠି ସଂଗ୍ରହଠାରୁ ନିର୍ବାଚନ ଶେଷ ଫଳାଫଳ ପର୍ଯ୍ୟନ୍ତ ନିର୍ବାଚନର ପ୍ରତ୍ୟେକ ସ୍ତରରେ ପରିଲକ୍ଷିତ ହେଉଥିବା ଦୁର୍ନୀତି କଥାକୁ ପ୍ରକାଶ କରିଛନ୍ତି ।

ISSN NO.
2582-208X

ସଙ୍କଳନର ପ୍ରଥମ ରମ୍ୟରଚନା 'ନିର୍ବାଚନ ପାଣ୍ଠି'ରେ ସାଧାରଣ ନିର୍ବାଚବ ପୂର୍ବରୁ କିପରି ଶାସନ କ୍ଷମତାରେ ରହିଥିବା ଦଳ ଏବଂ ବିରୋଧୀ ଦଳ ଉଭୟ ନିର୍ବାଚନରେ ଜିତାପଟ ମାରିବା ପାଇଁ ବିଭିନ୍ନ କୁ-ଉପାୟ ବା କୌଶଳକୁ ଅବଲମ୍ବନ କରି ପାଣ୍ଠି ସଂଗ୍ରହ କରିବାରେ ଜୁଟିଯାଆନ୍ତି ତାହା ବର୍ଣ୍ଣିତ ହୋଇଛି । ନିର୍ବାଚନ ସମୟରେ ଯେତେବେଳେ ନେତାମାନେ ଦେଖନ୍ତି ଏ ବର୍ଷ ପୂବ ଅପେକ୍ଷା ଜନତାଙ୍କ ନିମନ୍ତେ ଅଧିକ ବ୍ୟୟ ବା ଖର୍ଚ୍ଚ କରିବାକୁ ପଡ଼ିବ, ସେତେବେଳେ ଏହି ଅର୍ଥ ନିମନ୍ତେ ସେମାନେ ବ୍ୟବସାୟୀ ଓ କଂଟ୍ରାକ୍ଟରମାନଙ୍କର ତଂଟି ଚିପିଥାନ୍ତି । ଭାରତର ଭୋଟଦାତା ଯେହେତୁ ନୋଟ ନେଇ ଭୋଟ ଦେବା ମନୋବୃତ୍ତି ରଖିଥାନ୍ତି ତେଣୁ ବିନା ଅର୍ଥରେ ନିର୍ବାଚନରେ ଠିଆ ହେବା କେବଳ ବୋକାମିର ପରିଚୟ । କେବଳ ଏତିକି ନୁହେଁ ନିର୍ବାଚନ ଅର୍ଥ ନିମନ୍ତେ ସାଧାରଣ ଜନତାଙ୍କ ଠାରୁ ପଟ୍ଟା, ପାଉତି ଓ ଲାଇସେନସ୍ ବାବଦକୁ ଅଗ୍ରିମ ୪ଗୁଣା ଟଙ୍କା ଆଦାୟ କରିବା, ଡିରେକ୍ଟର ଓ ଚିଫ୍ ଇଞ୍ଜିନିୟରମାନଙ୍କୁ ଧମକ ଦେବା ଆଦି ପଦକ୍ଷେପ ମଧ୍ୟ ନେତାମାନେ ଗ୍ରହଣ କରିଛନ୍ତି । ନେତାମାନେ ଏହି କୁ-କାର୍ଯ୍ୟ କରିବାରେ ଆଦୌ ସଙ୍କୋଚ ପ୍ରକାଶ କରିନଥାନ୍ତି – "ଆହେ, ଆମର କୋଉ ସୁନାମଟା ଅଛି ଯେ, ଆମେ ବଦନାମଟାକୁ ଡ଼ରିଯିବୁ ? ଲୋକେ ତ ଗଲା ୨୮ ବର୍ଷ ହେଲା ହେଇ ଖାଇଗଲେ, ହେଇ ଅଚଳାଚଳ ସମ୍ପତ୍ତି କରିଗଲେ ବୋଲି ଚିଲେଇବାରେ ଲାଗିଛନ୍ତି, ଚିଲେଇ ଚିଲେଇ ସେମାନଙ୍କ ପାଟିରୁ ବଚ ବାହାରି ପଡ଼ିଲାଣି, ତଥାପି ଆମକୁ ଭୋଟ ବିକିବାରେ ଲାଗିଛନ୍ତି ।"(୧)

ନିର୍ବାଚନ ସମୟ ଯେତିକି ପାଖେଇ ଆସେ, ସରକାରୀ ଓ ବିପକ୍ଷ ଦଳ ଜନତାଙ୍କୁ ପଣି ଥରେ ଆୟତ୍ତ କରିବାକୁ ଚେଷ୍ଟା କରିଥାନ୍ତି ।  ନିରକ୍ଷର ଜନତା ଟଙ୍କା ମାୟାରେ ଏତେ ଅନ୍ଧ ପାଲଟି ଯାଇଥାନ୍ତି ଯେ, ସେମାନଙ୍କୁ ନୂଆ ପ୍ରାର୍ଥୀମାନେ ସୁ-ଶାସନ ଦେବାର ପ୍ରତିଶ୍ରୁତି ଦେଲେ ମଧ୍ୟ ଜନତାଙ୍କ ଆଖି ଖୋଲେ ନାହିଁ । ପୁନଶ୍ଚ ଏହି ନିର୍ବାଚନରେ ନୂଆ ବା ବିରୋଧୀଦଳମାନଙ୍କର ପ୍ରଥମ କାର୍ଯ୍ୟ ଜନତାଙ୍କୁ ଅନ୍ୟ ବିରୁଦ୍ଧରେ ସଚେତନ କରାଇବା, ଦେଶର ମଙ୍ଗଳ ଚିନ୍ତା କରିବା ପରିବର୍ତ୍ତେ ସରକାରୀ ଦଳ ନାମରେ ମିଥ୍ୟା ରଟନା କରି ସେମାନଙ୍କ ଉପରକୁ କାଦୁଅ ଫୋପାଡ଼ିବା, ସେମାନଙ୍କୁ ବଦନାମ୍ କରିବା । ନେତାଗଣ ଏହି ସମୟରେ ଜନତାଙ୍କୁ ନିଜ ଛଳନାମୂଳକ ସେବାପଣ ଦେଖେଇବାକୁ ଏତେ ବ୍ୟଗ୍ର ଯେ, ଜନତା ଅବସ୍ଥା ଭଲ ଥିଲେ ସେମାନେ ବନ୍ୟା, ବାତ୍ୟା ଓ ବିଭିନ୍ନ ଦୁର୍ବିପାକର ଆଗମନ ପାଇଁ ଭଗବାନଙ୍କ ନିକଟରେ କାମନା କରିଥାନ୍ତି । ଯେତେବେଳେ ସେମାନଙ୍କ ଜନମଙ୍ଗଳକାରୀ କାର୍ଯ୍ୟ ମଧ୍ୟ ଜନତାଙ୍କୁ ସନ୍ତୁଷ୍ଟ କରିପାରେ ନାହିଁ ସେମାନେ ନିଜ ଶେଷ

ISSN NO.
2582-208X

ଷଡ଼ଯନ୍ତ୍ର ସ୍ୱରୂପ ଭୋଟର କାର୍ଯ୍ୟରେ ସଂପୃକ୍ତ କର୍ମୀମାନଙ୍କୁ (ମାଷ୍ଟର, ବିଭିନ୍ନ ନାରୀକର୍ମୀ) ଅର୍ଥ ବିନିମୟରେ ନିଜ ହାତକୁ ଆଣି ଜିତାପଟ ମାରିଥାନ୍ତି ଯାହାକୁ ସେ 'ଭୋଟର ତାଲିକା'ରେ 'ଭାଣ୍ଡପୁର' ଗ୍ରାମଠାରେ ହେଉଥିବା ନିର୍ବାଚନ ମାଧ୍ୟମରେ ଦର୍ଶାଇ ଦେଇଛନ୍ତି।

ନିର୍ବାଚନ ସମୟରେ ଜନତାକୁ ନିଜ ହାତକୁ ଆଣିବାର ଅନ୍ୟତମ ସର୍ବୋତ୍କୃଷ୍ଟ ଉପାୟ ହେଉଛି ଉତ୍ତମ ନିର୍ବାଚନ ସଙ୍କେତର ଚୟନ । ସୁ-କାର୍ଯ୍ୟ, ଦଳର ଆଦର୍ଶ ଥାଉ କିମ୍ବା ନଥାଉ ଆକର୍ଷଣୀୟ ସଙ୍କେତ ମାଧ୍ୟମରେ ବିଜୟ ଲାଭ କରିବାକୁ ଏମାନଙ୍କର ପ୍ରଚେଷ୍ଟା ଖୁବ୍ ହାସ୍ୟଉଦ୍ଦୀପକ । ଆକର୍ଷଣୀୟ ନିର୍ବାଚନର ସଙ୍କେତ ସରକାରୀ ଦଳର ଅକ୍ଷମତା ଓ ବିରୋଧୀ ଦଳର ଲୁଣ୍ଠନ ଓ ଶୋଷଣ ପ୍ରକୃତି ଉପରେ ମୁଖା ଘୋଡ଼େଇଦିଏ । 'ନିର୍ବାଚନ ସଙ୍କେତ' ରମ୍ୟରଚନାରେ ସରକାରୀ ଦଳ(ଗାଇ ବାଛୁରୀ ନିର୍ବାଚନୀୟ ସଙ୍କେତ) ଠାରୁ କ୍ଷମତା ଛଡ଼ାଇଆଣିବା ପାଇଁ ବିରୋଧୀ ଦଳର ନେତାମାନେ ନିଜ ସର୍ବଶକ୍ତିଶାଳୀ ଅସ୍ତ୍ର 'ସୁନ୍ଦର ପୁଅ' ଚିହ୍ନକୁ ନିର୍ବାଚନୀୟ ସଙ୍କେତ ଭାବେ ବ୍ୟବହାର କରିଛନ୍ତି । ଆମ ଦେଶର ସାଧାରଣ ବେକାରୀ ଯୁବକମାନଙ୍କ ଠାରୁ ଆରମ୍ଭ କରି ଟାଉଟର, ଗୁଣ୍ଡା, ବଦମାସ୍ ଓ ନେତମାନେ ନିର୍ବାଚନ ସମୟରେ ସକ୍ରିୟ ହୋଇପଡ଼ନ୍ତି । ଏମାନଙ୍କର ବ୍ୟକ୍ତିତ୍ୱ ଓ କାର୍ଯ୍ୟାକଳାପ (ସାହାର୍ଯ୍ୟମୂଳକ) ଯାହା ନୁହେଁ ତାହାକୁ ଏହି ନିର୍ବାଚନର ନିର୍ଦ୍ଦିଷ୍ଟ ସମୟ ପାଇଁ ଏମାନେ ଧାରଣ କରିଥାନ୍ତି । ନିର୍ବାଚନ ପୂର୍ବବର୍ତ୍ତୀ ଓ ଏହାର ପରବର୍ତ୍ତୀ ଏହି ଦୁଇଟି ସମୟରେ ଏମାନଙ୍କ ଚରିତ୍ରରେ ଆକାଶ-ପାତାଳର ପ୍ରଭେଦ ଦେଖାଯାଏ । ତାଙ୍କ 'ଭୋଟଲିନ୍ ବଟିକା' ରମ୍ୟରଚନାରେ 'ଗଦେଇ ବୁଢ଼ା'ର ଭେଣ୍ଡିଆ ପୁଅ ଯିଏକି ପ୍ରଥମାବସ୍ଥାରେ ଜନକାର୍ଯ୍ୟ ଓ ଜନସଂପର୍କ କ୍ଷେତ୍ରରେ ଖୁବ ନୀରବ ଥିଲା, ନିର୍ବାଚନରେ ଠିଆ ହେବାରୁ 'ଭୋଟଲିନ୍ ବଟିକା' ପ୍ରଭାବରେ ତା' ମଧ୍ୟରେ ସ୍ୱ-ବ୍ୟକ୍ତିତ୍ୱର ବୀପରିତ କାର୍ଯ୍ୟାବଳୀ ଦେଖାଯାଇଛି ଯାହା ଅତ୍ୟନ୍ତ ହାସ୍ୟଉଦ୍ଦୀପକ ।

ନିର୍ବାଚନ ସମୟରେ ଟଙ୍କାଖିଆ ବା ଭଡ଼ାଟିଆ ପ୍ରଚାରକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ସେମାନଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟାବଳୀ ସଂପର୍କରେ ପାଠକମାନଙ୍କୁ ଅବଗତ କରାଇ ରମ୍ୟରଚକ କହିଛନ୍ତି ଯେ, ସେମାନେ ପ୍ରାର୍ଥୀକୁ ବିଜୟର ଆଶା ଦେଇ ଲୁଣ୍ଠିବାରେ ବେଶ୍ ପାରଙ୍ଗମ । ଅଗ୍ରୀମ ଦାଦନ ବା ସହାୟତା ବାବଦକୁ ନିର୍ବାଚନ ପ୍ରାର୍ଥୀଙ୍କଠାରୁ ବିପୁଳ ଟଙ୍କା ନେବାର ପ୍ରୟାସ କରିବା, ନିଜର ବାକ୍ ଚାତୁରୀରେ ପ୍ରାର୍ଥୀକୁ କବଳିତ କରିବା

ISSN NO.
2582-208X

ଓ ପଇସା ନ ମିଳିଲେ ପ୍ରାର୍ଥୀର ଚଉଦ ପୁରୁଷକୁ ଓଗାଳି ଦେବା ଏମାନଙ୍କର ବୈଶିଷ୍ଟ୍ୟ । ଏହି ଟାଉଟରମାନଙ୍କ ସର୍ଦ୍ଦାର ବା ମୁଖ୍ୟ ସବୁବେଳେ ନିର୍ବାଚନ ପ୍ରାର୍ଥୀକୁ ଟଙ୍କାଟିଏ ପଇସା ନ ବୁଡ଼ିବାର ପ୍ରତିଶ୍ରୁତି ଦେଇ ନିର୍ବାଚନ ନାମରେ ନିଜର ସୁଖ ଅଭିଳାସ ପୂରଣ କରିବା ପାଇଁ ଖୁବ୍ ଜୋରରେ ଲାଗିପଡ଼ନ୍ତି । କିନ୍ତୁ ସମୟେ ସମୟେ ଲାଭ ପାଇବାକୁ ଏମାନେ ମଧ୍ୟ ଯାଇ ମହରଗରେ ପଡ଼ନ୍ତି, ଯାହାକି 'ଭକୁଆ ପ୍ରଚାରକ ଦଳ' ରମ୍ୟରଚନାରେ ପ୍ରଚାରକ ସର୍ଦ୍ଦାର 'ଚେମେଇ ପାଣି'ଙ୍କ ପ୍ରାର୍ଥୀଠାରୁ ଲୁଣ୍ଠିବା ଆଶା ରଖି ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଭକୁଆ ହୋଇ ରହି ଯାଇଛି ।

ଭାରତୀୟ ଗଣତାନ୍ତ୍ରିକ ଶାସନରେ ଭୋଟ ଓ ନୋଟର ଅଭେଦପ୍ରୀତି ଅତି ସାଧାରଣ ବିଷୟ। ଏହା ବ୍ୟତୀତ ଭାରତରେ ନିର୍ବାଚନ ପ୍ରଚାର ସଭା ନାମରେ ବିଭିନ୍ନ ଦଳମାନଙ୍କର ବିରୁଦ୍ଧ ଦଳ ଓ ପ୍ରାର୍ଥୀମାନଙ୍କର ଗୋଇ ଖୋଳିବା, ଟାହି-ଟାପରା କରିବା, ପରସ୍ପର ମଧ୍ୟରେ ଶୋଧାଶୋଧି ହେବା ଓ ସାଦାରଣ କଥାରେ ମାରପିଟକୁ ଓହ୍ଲେଇଯିବା ଅଦି ଦେଖିବାକୁ ମିଳିଥାଏ । ବିଦେଶର ନିର୍ବାଚନ ସଭା ଭଳି ଏଠାରେ ଦୁଇ ରାଜନୈତିକ ନେତାଙ୍କର ବକ୍ତବ୍ୟ ଓ ପ୍ରତିଶ୍ରୁତି ଦେବା ବଦଳରେ ସଭା ମଧ୍ୟରେ ଟେକା ପଥରର ବର୍ଷା ହୁଏ । ପୁନଶ୍ଚ ନିର୍ବାଚନ ଇସ୍ତାହାରରେ ଭବିଷ୍ୟତ ଦେଶ ଗଢ଼ିବା ଯୋଜନା ବଦଳରେ ରହିଥାଏ ବିରୁଦ୍ଧ ଦଳ ଓ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ପ୍ରତି ଅନ୍ୟ ରାଜନୈତିକ ଦଳର କୁତ୍ସାବାଣୀର ମାଳା ।

"ଗ୍ରେବିଏଲ ପଚାରିଲେ ଏହି ଗୀତମାନଙ୍କରେ କ'ଣ ଦଳର କାର୍ଯ୍ୟକ୍ରମ ବା ନିର୍ବାଚନ ଇସ୍ତାହାର ବର୍ଣ୍ଣିତ ହୋଇଥାଏ ?

ଏ ହେଃ ସେଗୁଡ଼ାକ କ'ଣ ଗୀତରେ କହିବା କଥା! ଗୀତରେ ବିରୁଦ୍ଧ ପ୍ରାର୍ଥୀକୁ ଆଣ୍ଠେଇ ପକେଇବାକୁ, ତା'ର ଗୋଇସବୁ ଖୋଳା ହୋଇଥାଏ । ତାକୁ ଛିଗୁଲା, ଟାପରା କରାଯାଇଥାଏ । ଟିକିଏ ଆଗରୁ ଯେଉଁ ଜିପ୍‌ଟା ଗଲା ସେଥିରେ ବୋଲା ହେଉଥିଲା ।"(୨) ଫତୁରାନନ୍ଦଙ୍କ 'କାଦୁଅଫିଙ୍ଗା ଦରବାର'ରେ ବିଦେଶୀ ଶ୍ରମିକ ଦଳର ପର୍ଯ୍ୟବେକ୍ଷକ ଗ୍ରେବିଏଲ୍ ଭାରତୀୟ ନିର୍ବାଚନ ଶୈଳୀରୁ କିଛି ଜ୍ଞାନ ଲାଭ କରିବା ଉଦ୍ଦେଶ୍ୟରେ ଆସି ଭାରତୀୟ ନିର୍ବାଚନର ଏତାଦୃଶ ଅସଙ୍ଗତ ଓ ଅନାଦର୍ଶ ରୂପ ଦେଖି ଭାରତୀୟ ଗଣତାନ୍ତ୍ରିକ ନିର୍ବାଚନକୁ 'କାଦୁଅ ଫିଙ୍ଗା' ଦରବାରର ଆଖ୍ୟା ପ୍ରଦାନ କରିଛନ୍ତି ।

ISSN NO.
2582-208X

ରାଜନୀତି କିମ୍ବା ନିର୍ବାଚନର ସମୟ କେବଳ ନେତାମାନଙ୍କ ପାଇଁ ନୁହେଁ ସାଧାରଣ ଜନତାଙ୍କ ପାଇଁ ମଧ୍ୟ ଡକାୟତ ବା ଶୋଷଣ କରିବାର ପ୍ରକୃଷ୍ଟ ସମୟ । କଥାରେ ଅଛି 'ନିର୍ବାଚନ ପରେ ଜନତାକୁ ଲୁଟେ ନେତା ଏବଂ ନିର୍ବାଚନ ସମୟରେ ନେତାକୁ ଲୁଟେ ଜନତା' । ଫତୁରାନନ୍ଦଙ୍କ 'ନିର୍ବାଚନ' ରମ୍ୟରଚନାରେ ଲୁଟେରା ନେତା 'ପଧାନ'କୁ ଲୁଟିବା ପାଇଁ ମନ୍ତ୍ରୀ ପଦବୀରେ ଲଢ଼ିବାକୁ ସାଧାରଣ ଜନତା ତାକୁ ନିଜ କୌଶଳରେ ପକାଇଛନ୍ତି । ମନ୍ତ୍ରୀ ପଦବୀର ଫାଇଦା ବିଷୟରେ ଲୋଭ ଦେଇ ପଧାନକୁ 'ଖୋଲ ମୁଣି ଖୋଲ ମୁଣି' ଡ଼ାକରା ଦେବାବେଳେ ଓ ଜନତାଙ୍କୁ 'ମେଘ ବରଷୁଛି ପିଇଯାଅ ପାଣି' ଡ଼ାକରା ଦିଆଯାଇଛି। ଯାହାଫଳରେ ଏହାର ଶେଷ ପରିଣତିରେ ଡକାୟତ(ଲୁଟେରା ନେତା ପଧାନ) ଘରେ ହୋଇଛି ଡକେଇତି ଓ ପଧାନ କୌଶଳରେ ଲୁଣ୍ଠିତ ହୋଇ ସର୍ବହରା ପାଲଟିଛି ।

ନିର୍ବାଚନ କ୍ଷେତ୍ରରେ ଖୁବ୍ କମ ସମୟରେ ଦେଖାଯାଏ ଯେ ଗୁଣ୍ଡା, ବଦମାସ୍ ଓ ଡକାୟତ ବଦଳରେ ଜଣେ ସମାଜସେବୀ ବା ସୁ-ନେତାଟିଏ ନେତାପ୍ରାର୍ଥୀ ଭାବରେ ଛିଡ଼ାହୋଇଛି । ମାତ୍ର ଗଣତନ୍ତ୍ରର କାଦୁଅରେ ସେ ପାଦ ଦେବା ମାତ୍ରେ ସେଥିରୁ ଆଉ ବାହାରି ପାରେ ନାହିଁ, ବିଭିନ୍ନ ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଶେଷରେ ସେ ଯୁଦ୍ଧରେ ପରାଜୟ ବରଣ କରେ । ବିରୁଦ୍ଧ ଦଳ ନାନା ଉପାୟରେ ତାକୁ ଦୁର୍ବଳ କରିଦେବାକୁ ଚେଷ୍ଟା କରିଥାନ୍ତି । ତେଣୁ ସେହି ପ୍ରାର୍ଥୀକୁ ନିର୍ବାଚନ ସମୟର ସବୁ ଅଘଟଣ ଯଥା – କାଗଜର ଦାମ୍ ବଢ଼ିବା, ଇସ୍ତାହାର ପାତ୍ର ପାଇଁ ବିଳମ୍ବ ହେବା ଠାରୁ ଆରମ୍ଭ କରି ନିର୍ବାଚନରେ ଅମାନତ ଭାବେ ବିରୋଧୀ ଦଳଠାରୁ ପରାସ୍ତ ହେବା ବିରୋଧୀ ଦଳର ଷଡ଼ଯନ୍ତ୍ର ବୋଲି ଲାଗିଲେ ମଧ୍ୟ କାଦୁଅ ରାଜନୀତିରେ ଏହା ହିଁ ତାର ଭାଗ୍ୟଲେଖା ବୋଲି 'ବିରାଡ଼ି ଛିଙ୍କା ଭୋଟ'ରମ୍ୟରଚନାରେ ପ୍ରତିପାଦିତ ।

ନିର୍ବାଚନ ସମୟରେ ନିର୍ବାଚନ ପ୍ରାର୍ଥୀର ଗୁମାସ୍ତାମାନଙ୍କ ଏକ ଆଖିଦୃଶିଆ ଭୂମିିକା ଦେଖିବାକୁ ମିଳିଥାଏ । 'ଆପଣା ଢେଙ୍କି କୁମ୍ଭୀର' ଉକ୍ତିଟି ଏମାନଙ୍କ ନିମନ୍ତେ ଖୁବ୍ ପ୍ରଯୁର୍ଯ୍ୟ ଲାଗେ । ଗୁମାସ୍ତାମାନେ ସାଧାରଣତଃ ନିଜ ପକ୍ଷ ପ୍ରାର୍ଥୀଙ୍କ ଗୁଣ ତଥା ମହିମାଗାନ କରି ଅପରପକ୍ଷ ପ୍ରାର୍ଥୀର ଦୁର୍ବଳତା ସମ୍ପର୍କରେ ମିଥ୍ୟା ବଢ଼ିମା କରନ୍ତି । ଏହା ବାବଦକୁ ଅଗ୍ରିମ ନିର୍ବାଚନ ଭୋଜି ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ପ୍ରାର୍ଥୀଠାରୁ ବିଭିନ୍ନ ଉପାୟରେ ଅର୍ଥ ଲୁଣ୍ଠନ କରନ୍ତି । ଫତୁରାନନ୍ଦଙ୍କ 'ଭୋଟଭଙ୍ଗା' ରମ୍ୟରଚନାରେ ନିର୍ବାଚନରେ ଠିଆ ହୋଇଥିବା

ISSN NO.
2582-208X

'ଚେଙ୍ଗଦାସ' ଓ 'ବେଙ୍ଗଦାସ'ଙ୍କୁ ଦୁଇପକ୍ଷର ଗୁମାସ୍ତା ଷଡ଼ଯନ୍ତ୍ରମୂଳକ ଭାବେ ଲୁଟିବା ଆରମ୍ଭ କରିଛନ୍ତି । ମାତ୍ର ଯେତେବେଳେ ନିଜପକ୍ଷ ପ୍ରାର୍ଥୀ ହାରିବାର ଏମାନେ ସୂଚନା ପାଇଛନ୍ତି ସେତେବେଳେ ଭଟ୍ଟା ସମୟରେ ସମୁଦ୍ରର ଉପକୂଳ ଜଳ ପରି ପ୍ରଥମେ ଚେଙ୍ଗ ଦାସ ଓ ପରେ ବେଙ୍ଗ ଦାସଙ୍କ ଘର ଗୁମାସ୍ତା ଓ ଲୋକଶୂନ୍ୟ ହୋଇଯାଇଛି ।

ନିର୍ବାଚନରେ ଗୁମାସ୍ତା, ଓ ସାଧାରଣ ଜନତା କାହିଁକି ବିଭିନ୍ନ ଧର୍ମଧାରୀ ବାବା ଓ ଯୋଗୀମାନେ ମଧ୍ୟ ଫାଇଦା ଉଠାଇବାକୁ ପଛାଇ ନଥାନ୍ତି । 'ଦୈବିଫଳ ବଂଟେଇ' ରମ୍ୟଚନାରେ ପ୍ରାର୍ଥୀ 'ଭାଲୁଦାସ' ଓ 'ହନୁ ତିହାଡ଼ି' ଏହିଭଳି ଭଣ୍ଡ ବାବାଙ୍କ ଦ୍ୱାରା ପ୍ରତାରିତ ହୋଇଛନ୍ତି, ବାବାଙ୍କ ଦ୍ୱାରା ଲୁଣ୍ଠିତ ହୋଇଛନ୍ତି । ଦେବତାଙ୍କ ଦ୍ୱୁାହି ଦେଇ ବାବମାନେ ଦାସ ଓ ତିହାଡ଼ିଙ୍କୁ ବିଜୟର ଆଶା ଦେଇ ପ୍ରାର୍ଥୀମାନଙ୍କର ଅନ୍ୟ କାରଣରୁ ପ୍ରାପ୍ତ ବିଜୟକୁ ଭଗବାନ ଆଶୀର୍ବାଦ ଓ ନିଜର କରାମତି ବୋଲି କହିଛନ୍ତି । ସେହିଭଳି 'ଭୋଟୁଲ୍ ବାବଙ୍କ ଭୋଟ କିମିଁଆ'ରେ ଅନୁରୂପ ଭାବେ ପ୍ରାର୍ଥୀ 'ଦାସବାବୁ' ଭୋଟୁଲ୍ ବାବଙ୍କ ମିଥ୍ୟା ପ୍ରରୋଚନାରେ ବିଶ୍ୱାସ କରିଛି । ଅନ୍ୟପକ୍ଷରେ ସାଧାରଣ ଜନତା ମଧ୍ୟ ଏହି ବାବାଙ୍କ ଭବିଷ୍ୟବାଣୀରେ ବାଟବଣା ହୋଇ ଆଦର୍ଶହୀନ ସ୍ୱାର୍ଥବାଦୀ ନେତା 'ହାଉଡ଼ା ଦାସ'ଙ୍କୁ ସିଂହାସନରେ ବସାଇଛନ୍ତି, ବାବାଙ୍କ ଭବିଷ୍ୟବାଣୀରେ ବାଟମାରଣ ହୋଇଛନ୍ତି, "ଆମେ ଅବଶ୍ୟ କହିବା, ଦେଖ, ଯେଉଁ ଚିହ୍ନକୁ କାଲି ବେଶି ଦେଖିବ, ସେହି ଚିହ୍ନରେ ମୋହର ମାରିବ ।.. ..ସକାଳୁ ସକାଳୁ ସମସ୍ତେ କାମସାରି ଭୋଟ ଦେବା ପାଇଁ ବାହାରି ପଡ଼ିଲେ । ଘରୁ ବାହାରିବା ମାତ୍ରେ ଦାଣ୍ଡରେ ଦେଖିଲେ ସାଇକେଲ ଆଉ ସାଇକେଲରିକସ୍ । "(୩) ଶେଷରେ ତେଣୁ ସାଲକେଲ୍ ଚିହ୍ନଧାରୀ ଦୁର୍ନୀତି କରୁଥିବା ନେତାର ବିଜୟ ହୋଇଛି ।

ଭାରତୀୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟ ଗ୍ରହଣ କେନ୍ଦ୍ରମାନଙ୍କର ଦୂରାବସ୍ଥା କହିଲେ ନସରେ। ସହର ହେଉ ଅବା ପଲ୍ଲୀ ଅଂଚଳ ହେଉ ସେଠାରେ ଜନାତଙ୍କ ଭୋଟ ଗ୍ରହଣ କରିବା ବଡ଼ କାଠିକର ପାଠ । ପଲ୍ଲୀରେ ଭୋଟସମ୍ବନ୍ଧୀୟ କାର୍ଯ୍ୟ ସହରଠାରୁ ସହଜ ବୋଧ ହେଉଥିଲେ ତାହା ବାସ୍ତବରେ ବିପରୀତ ହୋଇଥାଏ । ପୁନଶ୍ଚ ସାଧାରଣ ଜନତାଙ୍କ ଭୋଟ ପ୍ରକ୍ରିୟା ସମ୍ପର୍କରେ ଅଜ୍ଞତା ଏହାକୁ ଆହୁରି ଜଟିଳ କରିଥାଏ । 'ପଲ୍ଲୀ ଭୋଟ ଗ୍ରହଣ କେନ୍ଦ୍ର'ରେ ହାକିମ 'ବୈଷ୍ଣବ ଚରଣ ସାମଲ' ଭୋଟ ଅଧିକାରୀ ଭାବେ ପଲ୍ଲୀ ଅଂଚଳକୁ ଯାଇ ଯେଉଁ ସବୁ ସମସ୍ୟା ଓ ବିଶୃଙ୍ଖଳତାର ସମ୍ମୁଖୀନ ହୋଇଥିଲେ ସେଥିରୁ ଭାରତୀୟ ଭୋଟ ଦାନ ବ୍ୟବସ୍ଥାର ଅବହେଳିତ ରୂପକୁ ଅନୁଭବ କରିହୁଏ ।

ISSN NO.
2582-208X

ଭୋଟ ସଙ୍କଳନରେ ସ୍ଥାନିତ 'ଶିକା ଛିଣ୍ଡିବା', 'ଠକାଠକି', 'ଭେଡ଼ି ବେପାର', 'ଭୋଟ ଚାଷ', 'ଦ୍ୱୟୋର୍ବିର୍ବାଦେ' ଓ 'ଅପାର୍ଥିବ ନିର୍ବାଚନ' ଆଦି ରମ୍ୟରଚନାରେ ଭାରତୀୟ ରାଜନୀତି ଓ ନିର୍ବାଚନର ଆଉ କେତେକ ଦୁର୍ବଳ ଦିଗକୁ ଉପସ୍ଥାପିତ । 'ଶିକା ଛିଣ୍ଡିବା' ରମ୍ୟରଚନାରେ ନିର୍ବାଚନ ସମୟରେ ଭୋଟ ଗଣତି କାର୍ଯ୍ୟ ମଧ୍ୟ ଶୃଙ୍ଖଳିତ ଭାବେ ପରିଚାଳିତ ହେବା ଏକ ଦୁର୍ଲଭ ସ୍ୱପ୍ନ ବୋଲି ଦର୍ଶାଇ ଦେଇଛନ୍ତି । ଭୋଟ ଗଣନ ସମୟରେ ଉଭୟ ଦଳ ଉଭୟଙ୍କୁ ଗାଳିଗୁଲଜ କରିବା, ଭୋଟରେ ଆଗୁଆ ରହିବା ଜାଣି ଗର୍ବ ଓ ବଡ଼ିମା ଦେଖେଇ ହେବା ଏବଂ ଜିତିବା କିମ୍ବା ହରିବା ସମ୍ଭାବନାରେ ଉଭୟ ଉଭୟଙ୍କୁ ଧମକ ଦେବା ଯେପରି ଏକ ପରମ୍ପରାରେ ପରିଣତ ହୋଇଗଲାଣି । ଶେଷ ଅବସ୍ଥା ଏମିତି ହୁଏ ଯେ, ଲୋକମାନେ ମାରପିଟ୍‌କୁ ମଧ୍ୟ ଓହ୍ଲେଇ ଆସିଥାନ୍ତି । ପୁନଶ୍ଚ ଯେତେବେଳେ ଗୋଟିଏ ଦଳ ପରାଜୟ ବରଣ କରେ ସେ ବିଜୟ ଦଳଠାରୁ ନିଜର ପ୍ରତିଶୋଧ ନେବାକୁ ଆର ନିର୍ବାଚନର ଅପେକ୍ଷାରେ ରହେ । ନେତା ପରି ଜନତା ମଧ୍ୟ ଏବେ ଠକିବାକୁ ନିଜର ପରମ ଧର୍ମ ଭାବେ ଗ୍ରହଣ କରିଛନ୍ତି । ସ୍ୱାର୍ଥବାଦୀ ଜନତାମାନେ ଦଳ ଗଠନ ପୂର୍ବକ ନିର୍ବାଚନରେ ଠିଆ ହୋଇଥିବା ଦୁଇ ଦଳକୁ ନିଜର ସମର୍ଥନ ଥିବା ଦେଖାଇ ଭାଗ୍ୟ ବଶତଃ ବିଜୟୀ ହୋଇଥିବା ଦଳଠାରୁ ସବୁ ସୁବିଧା ନେବାକୁ ଉଣ୍ଡି ବସିଥାନ୍ତି, ଯାହାର ଚିତ୍ର 'ଠକାଠକି' ରମ୍ୟରଚନାର 'ପିତାଶୁଣି ବସ୍ତିର' ଜନତାଙ୍କ ମାଧ୍ୟମରେ ପ୍ରକାଶ ପାଇଛି । ଏଥିରେ 'ଠକ ଠକାମ ଠକାୟତେ' ଉକ୍ତି ପରି ଉଭୟ ନେତା ଓ ଜନତା ଉଭୟଙ୍କୁ ଠକିବାର ଖେଳରେ ମାତି ପଡ଼ିଛନ୍ତି ।

ସଂପ୍ରତି ନିର୍ବାଚନ ଆଉ ଦେଶ ଗଠନ ଏକ ବିକାଶଧର୍ମୀ କାର୍ଯ୍ୟକ୍ରମରେ ପରିଣତ ନହୋଇ ହୋଇଛି ଏକ ବ୍ୟବସାୟରେ । ନିର୍ବାଚନରେ ଦଳର ବିଜୟ ତଥା ପରାଜୟ ମୁଖ୍ୟ ଭାବେ ନିର୍ବାଚନ ପ୍ରାର୍ଥୀମାନଙ୍କ ଉପରେ ନିର୍ଭରେ କରେ, ମାତ୍ର ଏହି ପ୍ରାର୍ଥୀ ଗଣ ସାମାନ୍ୟ ଅର୍ଥ ଲୋଭରେ ଏ ଦଳରୁ ସେ ଦଳକୁ ଦେଶସେବା କରିବା ନାମରେ କେବଳ ପରିବର୍ତ୍ତନ ହେଉଥାନ୍ତି । ଫତୁରାନନ୍ଦ ଏହି ପ୍ରକ୍ରିୟାକୁ ହିଁ କବି ବ୍ୟଙ୍ଗ ଭାବେ 'ଭେଡ଼ି ବେପାର' ବୋଲି କହିଛନ୍ତି । ଏହି ଭେଡ଼ି ବେପାରରେ କେବଳ ନିର୍ବାଚନ ପ୍ରାର୍ଥୀ ନୁହେଁ ବରଂ ସଂପ୍ରତି ସମସ୍ତ ଗଣତନ୍ତ୍ର ବ୍ୟବସ୍ଥା ଜଡ଼ିତ ।

ଚାଷୀଟିଏ ଯେପରି ନିଜ କ୍ଷେତରେ ମଞ୍ଜି ବୁଣି ଦେଇ ଫସଲ ଅମଳ କରିବା ଅପେକ୍ଷାରେ ରହେ ଠିକ୍ ସେହିପରି ଭାବେ ଆମ ନେତା ଓ ମନ୍ତ୍ରୀମାନେ ଆମ ଦେଶରେ ଭୋଟର ଚାଷ

ISSN NO.
2582-208X

କରିଥାନ୍ତି । ନିର୍ବାଚନ ଫସଲ ନିମନ୍ତେ ନେତା ମଞ୍ଜି ବୁଣିବା ସ୍ୱରୂପ ନିର୍ବାଚନ ପୂର୍ବରୁ ଶତ୍ରୁ ନିପାତ କରିବା, ନିଜର ଭାବମୂର୍ତ୍ତିକୁ ସ୍ୱଚ୍ଛ ରଖିବା ତଥା ଲୋକବିକାଶ କାର୍ଯ୍ୟରେ ଦେଖାଣିଆ ଭାବେ ଲାଗିପଡ଼ିବା ଆଦି ପଦେକ୍ଷପଗୁଡ଼ିକୁ ହାତକୁ ନେଇଥାନ୍ତି । ଭୋଟଚାଷ ନିମନ୍ତେ ଦୁର୍ନୀତି ଯେହେତୁ ସବୁଜଖତ ସ୍ୱରୂପ କାମ କରିଥାଏ, ତେଣୁ ଜନତାଙ୍କ ଦୃଷ୍ଟି ଅନ୍ତରାଳରେ ଏମାନଙ୍କ ପ୍ରୋତ୍ସାହନରେ ଦୁର୍ନୀତି ବଢ଼ିବାକୁ ଲାଗେ । ଅର୍ଥଲୋଭୀ ସରକାରୀ କର୍ମଚାରୀ ଯେହେତୁ ଏହି ଚାଷର ପୋଖତ ଚାଷୀ ତେଣୁ ସେମାନଙ୍କ ଅନୁସନ୍ଧାନରେ ପ୍ରାର୍ଥୀଗଣ ଲାଗିପଡ଼ନ୍ତି । ସେହିପରି ସଚେତତନ ଲୋକମାନଙ୍କର ପ୍ରତିବାଦକୁ ଦବାଇବା ପାଇଁ ପୋଲିସର ସାହାର୍ଯ୍ୟ ନିଆଯାଇ ଜନ ଆନ୍ଦୋଳନକୁ ପ୍ରତିହତ କରାଯାଏ । ଏହି ସବୁ ବିଷୟକୁ ନେଇ ତାଙ୍କ 'ଭୋଟଚାଷ' ରମ୍ୟରଚନାଟିର ସୃଷ୍ଟି ।

କ୍ଷମତାସୀନ ଦଳକୁ ଶାସନରୁ ବାହାର କରିବା ପାଇଁ ବିରୋଧୀ ଦଳର ନେତାମାନେ ଏକଜୁଟ ହୋଇ ଲଢ଼େଇ କରିବାର ପ୍ରଚେଷ୍ଟା କଲେ ମଧ୍ୟ ସେମାନଙ୍କ ମଧ୍ୟରେ ବିଶ୍ୱାସର ଅଭାବ ଓ ନିଜ ନିଜର ସ୍ୱାର୍ଥକୁ ପ୍ରାଥମିକତା ଦେବା କିପରି ଅଳ୍ପ ମାତ୍ର ଚକ୍ରାନ୍ତରେ ଭୁସୁଡ଼ି ପଡ଼େ ତାହାକୁ 'ଦ୍ୱୟୋର୍ବିବାଦେ' ରମ୍ୟରଚନାର ଅଗାଦଳ(କ୍ଷମତାସୀନ ଦଳ) ଓ ବଗାଦଳ(ବିରୋଧୀ ଦଳ) ମାଧ୍ୟମରେ ଉପସ୍ଥାପନା କରିଛନ୍ତି । ଫତୁରାନନ୍ଦଙ୍କ ଭୋଟ ରମ୍ୟସଙ୍କଳନର ଶେଷ ରମ୍ୟରଚନା 'ଅପାର୍ଥୀବ ନିର୍ବାଚନ'ରେ ସେ ନିର୍ବାଚନର ମାନଦଣ୍ଡ କ'ଣ ହେବା କଥା, ମାତ୍ର ଏହା ଭାରତୀୟ ଶାସନରେ କିପରି ବୀପରିତ ଭାବେ କାର୍ଯ୍ୟକାରୀ ତାହାକୁ 'ଭଦ୍ରା ଗ୍ରହ'ର ଗଣତାନ୍ତ୍ରିକ ନିର୍ବାଚନ ପଦ୍ଧତି ମାଧ୍ୟମରେ ଦର୍ଶାଇଛନ୍ତି। ଯେତେବେଳେ ଭାରତର 'ଜନୁ', 'କାହ୍ନୁ' ଓ 'ସନାତନ' ଭଦ୍ରା ଗ୍ରହର ବାସିନ୍ଦାଙ୍କ ନିମନ୍ତ୍ରଣ ରକ୍ଷା କରି ସେଠାରେ ପହଂଚି ସେଠାକାର ନିର୍ବାଚନର ସରଳତା ଓ ଆଦର୍ଶକୁ ଦେଖିଛନ୍ତି ତାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି । ଏମାନେ ଭାରତୀୟ ରାଜନୀତି ବା ପଲିଟିକସ୍‌ର କୂଟନୀତି ଭଦ୍ରା ଗ୍ରହର ବାସିନ୍ଦାଙ୍କୁ ଶିକ୍ଷାଇବାକୁ ଚାହିଁଲେ ମଧ୍ୟ ସେ ଗ୍ରହର ଲୋକମାନେ ଏହାକୁ ଅନାଦର୍ଶ ଓ ବିବେକହୀନତା କହି ଗ୍ରହଣ କରିନାହାନ୍ତି । ନିର୍ବାଚନ ପାଇଁ ଅର୍ଥ ଦେବା, ମଦ ଓ ମାଂସର ପ୍ରଲୋଭନ ଦେଖାଇବା, ବିରୋଧୀ ଦଳର କୁ-ଗୁଣ ବର୍ଣ୍ଣନା କରିବା ଏବଂ ସଭାରେ ହଟ୍ଟଗୋଳ କରିବା ଆଦି କାର୍ଯ୍ୟ ସେଠାରେ ଘୃଣ୍ୟ ବିବେଚିତ । ଏହି ନୀତିକୁ ଆମ ଭାରତରେ ବ୍ୟବସ୍ଥାରେ କାର୍ଯ୍ୟକାରୀ କରି ପାରିଲେ ଏଠାକାର ଗଣତନ୍ତ୍ରରେ ସୁଧାର ଅଣାଯାଇପାରିବା ବୋଲି ରମ୍ୟରଚକ ଆଶା ରଖିଛନ୍ତି ।

ISSN NO.
2582-208X

ଫତୁରାନନ୍ଦ 'ଭୋଟ' ରମ୍ୟସଙ୍କଳନଟି ତାଙ୍କର ଶ୍ରେଷ୍ଠ ରାଜନୈତିକ ରମ୍ୟରଚନା ଗ୍ରନ୍ଥ ଭାବେ ପ୍ରତିଷ୍ଠା ଲାଭ କରି ପାରିଛି । ଭାରତ ତଥା ଓଡ଼ିଶାର କଳୁଷିତ ରାଜନୀତି ଓ ସେଥିରେ ଜଡ଼ିତ ଥିବା ନେତା, ଚେଲାଚମୁଣ୍ଡା ଓ ସ୍ୱାର୍ଥବାଦୀ ଜନତାଙ୍କର ଅସଲ ଚେହାରାକୁ ସେ ପାଠକଙ୍କ ଆଗରେ ଖୋଲିଦେଇଛନ୍ତି । ଏହା ସହ ସଙ୍କଳନରେ ସ୍ଥାନିତ ପ୍ରତେକ ରମ୍ୟରଚନାରେ ସଚେତନାତ୍ମକ ବାଣୀ ରହିବା ସହ କିପରି ଦେଶର ଏହି ଅବସ୍ଥାରେ ସୁଧାର ଅଣାଯାଇପାରିବ ତାହାର ମାର୍ଗଟିକୁ ଦର୍ଶାଇଚନ୍ତି । ତାଙ୍କର ଭାଷା ଶୈଳୀ ଅନ୍ୟ ରମ୍ୟରଚନା ପରି ସହଜ, ସରଳ ଓ ଲୋକଭାଷାଧର୍ମୀ । ଏହା ସହ ଓଡ଼ିଆ ସମାଜରେ ପ୍ରଚଳିତ ଢଗ-ଢମାଳୀର ପ୍ରୟୋଗ ତାଙ୍କ ବିହୟବସ୍ତୁରେ ପରିଦୃଷ୍ଟ ହୋଇଥାଏ । ପ୍ରାୟ ଅଧିକାଂଶ  ରମ୍ୟରଚନାରେ ମୁଖ୍ୟତଃ ଆତ୍ମନିବେଦନ ଶୈଳୀରେ ସେ ବିଷୟବସ୍ତୁକୁ ପ୍ରତିପାଦନ କରିଛନ୍ତି ।

## ସହାୟକ ଗ୍ରନ୍ଥସୂଚୀ

୧- ଫତୁରାନନ୍ଦ - ନିର୍ବାଚନ ପାଣ୍ଠି, ଭୋଟ । ଫ୍ରେଣ୍ଡସ୍ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ, ୧୯୮୦, ପୃ- ୬ ।

୨- ଫତୁରାନନ୍ଦ - କାଦୁଅଫିଙ୍ଗା ଦରବାର, ଭୋଟ । ଫ୍ରେଣ୍ଡସ୍ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ, ୧୯୮୦, ପୃ-୫୧ ।

୩- ଫତୁରାନନ୍ଦ - ଭୋଟୁଲ୍ ବାବଙ୍କ ଭୋଟ କିମିଁଆ, ଭୋଟ । ଫ୍ରେଣ୍ଡସ୍ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ, ୧୯୮୦, ପୃ- ୧୦୩ ।

ଗବେଷକ କାମାକ୍ଷା ବେହେରା,
ମାର୍ଗଦର୍ଶକ- ଡ. ସୁରଞ୍ଜନ ପ୍ରଧାନ
ଓଡ଼ିଆ ଭଷା, ସାହିତ୍ୟ ଓ ଅନୁବାଦ ବିଭାଗ,
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା

ISSN NO.
2582-208X

# ଗୁରୁ-ଶିଷ୍ୟ ସମ୍ପର୍କ



ଖଗେଶ୍ୱର ବାଗ

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ମହେଶ୍ୱର
ଗୁରୁ ପଥ ପ୍ରଦର୍ଶକ
ଗୁରୁ ବିନା ଲାଗେ ଅସମ୍ପୂର୍ଣ୍ଣ ଏଇ
ଧରାରେ ଜୀବନଯାକ।।
ପୁରାତନ କାଳେ ଗୁରୁ ଶିଷ୍ୟଙ୍କର
ସମ୍ପର୍କ ଅତୁଳନୀୟ
ଭକ୍ତ ଶ୍ରଦ୍ଧା ସମର୍ପଣ ଭାବ ହଦେ
ସମାଜେ ପ୍ରଶଂସନୀୟ।।
ସମସ୍ତ ବିଦ୍ୟାରେ ପାରଙ୍ଗମ କରି
ଗଢୁଥିଲେ ଶିଷ୍ୟ ଜନେ
ସୃଷ୍ଟିକରି ସ୍ରଷ୍ଟା ନିଜଠାରୁ ଶ୍ରେଷ୍ଠ
ତୋଷ ଲଭୁଥିଲେ ମନେ।।
ଅଦ୍ୟାବଧି ଗୁରୁ ଚରଣାରବିନ୍ଦେ
ଉତ୍ତମ ଶିଷ୍ୟର ଶିର
ନତ କରି ଗ୍ରହିଁଥାଏ ଆଶୀର୍ବାଦ
ହିତ ଉପଦେଶ ଚର।।

ଗୁରୁ କାହା ପାଇଁ ଆଦର୍ଶ ବ୍ୟକ୍ତିତ୍ୱ
ପ୍ରେରଣାର ଗନ୍ତାଘର
କାହା ହୃଦୟରେ କଠୋର ମଣିଷ
ଶ୍ରେଷ୍ଠ ନର ଜଗତର।।
ଫିକାଲାଗେ ଆଜି ସମାଜରେ ଗୁରୁ
ଶିଷ୍ୟ ସମ୍ପର୍କକୁ ଦେଖି
ସତେବା ଏକେଉଁ କାଳାନ୍ତରେ
କେବେ
ଅଭିଶାପ ଦେଲା ମାଖି।।
ସମ୍ପର୍କର ସେତୁ ହୋଇଥିଲେ ଦୃଢ
ସମାଜ କଲ୍ୟାଣ ପାଇଁ
ହୋଇଥାଏ ପଥ ସୁଗମ ସର୍ବଦା
ବଇଭବ ଆସେ ତହିଁ।।

ବୁଢ଼ିକୋମନା, ନୂଆପଡା

ISSN NO.
2582-208X

# ମନ ମରିଯାଏ



ତାରାପ୍ରସାଦ ଜେନା

ମନ ମରିଯାଏ ଦିନ ସରିଯାଏ
ଦୁନିଆର ରୀତି ଦେଖି
କିଏ କାହା ପାଇଁ ବାହାରେନି ଏଠି
ବୁଝିବାକୁ ସୁଖୀ ଦୁଃଖୀ
ମନ ମରିଯାଏ ଦିନ ସରିଯାଏ.....। ୦ ।

ଆଜି ଯିଏ ନିଜ, କାଲି ସିଏ ପର
ମିଛ ମାୟା ସବୁ ଖେଳ
ମୋହ ବସା ବାନ୍ଧି କେହି ରହିବେନି
ସ୍ୱାର୍ଥେ ଯାହା ଖାଲି ମେଳ,
ବୟସର ପଛେ ଠକି ହେବା ସାର
ବିହି କାଳେ ଅଛି ଲେଖି
ମନ ମରିଯାଏ ଦିନ ସରିଯାଏ.....। ୧ ।

ଅନ୍ତରରେ କାନ୍ଦି ବାହାରରେ ହସ
ଜୀବନଟା ଲାଗେ ମାନ୍ଦା।
ଏ ମଣିଷ ଗୋଟେ ବିଚିତ୍ରତା ଜୀବ
ତାର ଅଛି ଭିନ୍ନ ଧନ୍ଦା,
ବିଶ୍ୱାସକୁ ଘୃଣା ପରଖିବା ଚାଲେ
ନିଜ ପାଇଁ ପକ୍ଷ ରଖି
ମନ ମରିଯାଏ ଦିନ ସରିଯାଏ.....। ୨ ।

ରାଜ ରଣପୁର, ଜିଲ୍ଲା-ନୟାଗଡ଼
ଦୂରଭାଷ- ୯୩୪୮୦୫୪୩୦୦

ISSN NO.
2582-208X

# ବଞ୍ଚାଇ ଦିଅ



ଲିପିନା ସାହୁ

ଉଡ଼ି ବୁଲେ ମୁଁ ଆକାଶ ମୂଳକରେ
ମଢ଼ଖାଇ ମୋ ପେଟ ପୁରାଏ
ପ୍ରଯୁକ୍ତି ବିଦ୍ୟା ମୋ ମରଣ ଅସ୍ତ୍ର
କିଏ ଖୋଜିବ ମୋ ସୁରକ୍ଷା ରସ୍ତ୍ର ।୧

ମାଂସାହାରୀ ମୁଁ ଜଙ୍ଗଲ ରାଜା
ଜିଅନ୍ତା ଖାଇ ମୁଁ ହୁଅଇ ତାଜା
ଧୀର ଲୋପ ମୋ ବିରାଟ ଜାତି
କାହାକୁ ଭିକ୍ଷା କରେ ମୋ ମୁକତି ।୨

ସର୍ବାଙ୍ଗ ସ୍ଥାନରେ ନୁହଁଇ ରହଣି
ପୁଣ୍ୟ ଭାଗେ ମୋର ଅଗ୍ରାଧିକାରିଣୀ
ପୂଜ୍ୟ ପୂଜା ମୋର କାଠଗଣ୍ଡି
ରକ୍ଷା କର ମୋତେ ମନୁଷ୍ୟ ମଣ୍ଡି ।୩

ଆଧୁନିକ ଶିଶୁ ତୁମକୁ ଅଜଣା
ପଶୁ ମାଂସ ଖାଇ ତୁମେ ମାରଣା
ପନିପରିବାକୁ ଏଡ଼ାଇ ଦେଇ
କହୁଛ ବଲୁଆ ଦେଖରେ ଭାଇ,
କୃଷି ଭାଇ ଯାଉ ତୁମ ମୁହଁକୁ ପୋଡ଼ି ।୪

ISSN NO.
2582-208X

ପଙ୍କପୂର୍ଣ୍ଣ ମୋ ମର ଶରୀର
ପ୍ଲାଷ୍ଟିକ ପକାଇ ଦେଶ ମୋ ପୂର୍ଣ୍ଣ ଗଚ୍ଛିତ
ଆପଣ ସ୍ୱାର୍ଥ ତୁମେ ଜନନ
ରୋଗାକ୍ରାନ୍ତ ହେଲେ ପୁଣି ମନ ଉଚ୍ଛନ।୫

ଅତୀତ ପୁରୁଷ କର୍ମ ପ୍ରବଣ
ମଧ୍ୟଭାଗ ତୁମେ ଅକରମଣ
ବର୍ତ୍ତମାନ ଆମେ ଯୁଗାଧାରି ଗଣ
ଦୂରଭାଷ ଯନ୍ତ୍ରଧରି ବୋଲୁ ଜନଗଣ।୬

ଅତ୍ୟାଧୁନିକର ଇଏ କଳାଯୁକ୍ତ ଧନ
ଆଜିବି ଶୋଷିତ ଦୁଃଖିର ଧନ
ଲୋପସଂହତ ଆଜି ଯାହା ଜୀବନ
ଅଣଦେଖା ହୁଏ ପୁଣି ଆମ ସନ୍ଧାନ ।୭

ସୁବିଧା ସୁରକ୍ଷା ନେଇ ମୋ ଠାରୁ
ମରଣ ପୋଲକୁ ଠେଲ ମୋ ପଛରୁ
ଯେତେ କହିଲେ କଣ ସୁଧୁରିବ ଜନ
ନିଜ ସ୍ୱାର୍ଥ ପାଇଁ ସଦା ଚାଲୁଥିବ ମନ।୮

ସୁରକ୍ଷା କରି ମୋତେ ଦିଅ ଜୀବନ
ବଞ୍ଚିରହିଲେ ମୁଁ ଦେବି ଜୀବନ
ଏତିକି ଗୁହାରୀ ଶୁଣ ସଭାଜନ
ବଞ୍ଚି ବଞ୍ଚାଇ ଦିଅହେ ମାନବ ।୯

କନ୍ତପହଁଗ୍, କଟକ

ISSN NO.
2582-208X

# ଶ୍ରୀକ୍ଷେତ୍ରରୁ ଶାବର ଶ୍ରୀକ୍ଷେତ୍ର



କମଳିନୀ ବେହେରା

ସଂପ୍ରତି ଶ୍ରୀଜଗନ୍ନାଥ ସର୍ବ ଧର୍ମ ସମନ୍ୱୟର ପ୍ରତିକତା ବହନ ପୂର୍ବକ ଶ୍ରୀମନ୍ଦିରରେ ବିରାଜିତ । ପ୍ରାଚୀନ କାଳର ଶବର ଗୋଷ୍ଠି ଥିଲେ ଜଗନ୍ନାଥଙ୍କ ଆଦ୍ୟ ସେବକ । ଶବରଟି ଯାହା ଜଙ୍ଗଲରୁ ପାଏ ସବୁ ପ୍ରଦାନ କରେ ତା'ର ଆରାଧ୍ୟଙ୍କୁ । ଅଗାଧ ଭକ୍ତି ବଳରେ ସେ ଜଙ୍ଗଲର ଫୁଲଫଳରେ ସନ୍ତୁଷ୍ଟ କରିଦିଏ । ଆର୍ଯ୍ୟମାନଙ୍କ ଆଗମନ ପରେ ଶବର ଦେବତାଙ୍କୁ ସେମାନେ ନିଜର କରିନେଲେ । ତାଙ୍କ ପାଇଁ ମନ୍ଦିର ଗଢିଲେ, ବିଭିନ୍ନ ପ୍ରକାର ପ୍ରସାଦର ମଧ୍ୟ ଆୟୋଜନ କଲେ ଏବଂ ସେ ମନ୍ଦିରରେ ଶବରମାନଙ୍କ ବଂଶଧର ଭାବେ ଦଇତାପତିମାନେ ନିଜର କାର୍ଯ୍ୟ ସଂପାଦନା କଲେ । ସେ କେବଳ ବ୍ରାହ୍ମଣ ଶବର ମଧ୍ୟରେ ସୀମିତ ହୋଇନାହିଁ ବରଂ ସବୁ ଧର୍ମର ଆଶା ଓ ବିଶ୍ୱାସକୁ ପୂରଣ କରି ସେମାନଙ୍କ ଆରାଧ୍ୟ ରୂପେ ପରିଗଣିତ ହେଲେ । କିନ୍ତୁ ଜଗନ୍ନାଥଙ୍କର ଆଜି ମଧ୍ୟ ମନେ ପଡେ ଶବରର ନିଷ୍କପଟ ପ୍ରେମକୁ । ସେ ତ୍ରେତୟା ଯୁଗର ଗୁହକ ଶବରର ସତ୍କାରକୁ, ଶବରୀର ଅଇଁଠା କୋଳିକୁ ବା ଦ୍ୱାପର ଯୁଗର ଜାରା ଶବରର ଅଜ୍ଞାତ ବଶତଃ ତୀରକୁ ହେଉ ସବୁକୁ ସେ ଆଦରରେ ଗ୍ରହଣ କରିଛନ୍ତି । ଶବରମାନେ ତାଙ୍କର ଆଦି ସେବକ ଥିଲେ ଓ ଅଛନ୍ତି । ରତ୍ନ ସିଂହାସନ, ଶହ ଶହ ସେବକ, ଛପନ ଭୋଗ, ମନ୍ଦିରର ଚାକଚକ୍ୟ କେତେ ସେବା, ପୂଜା ପାଇଲା ପରେ ବି ଶବରୀ ଫଳକୁ ତାଙ୍କ ମନ ଝୁରେ । ସେ ଆଜିବି ଚାଲି ଯିବାକୁ ଚାହାଁନ୍ତି ଶବର ପଲ୍ଲୀକୁ । ଶବରୀର ବିଶ୍ୱାସ ପ୍ରେମହିଁ ତାଙ୍କ ପାଇଁ ସର୍ବପରି ।

ଏହି ଶବରୀ ପ୍ରେମ ପାଇବାକୁ ସେ ଏକ ଆଚମ୍ବିତ ଘଟଣା ଘଟାଇଥିଲେ କୋରାପୁଟ ଠାରେ। "୧୯୭୨ ମସିହା ମେ ମାସ ୬ ତାରିଖରୁ ୯ ତାରିଖ ଚାରିଦିନ ଧରି କୋରାପୁଟ

ISSN NO.
2582-208X

ଦୟାନନ୍ଦ ଆଂଗ୍ଲୋବୈଦିକ ମହାବିଦ୍ୟାଳୟରେ ଜଗନ୍ନାଥ ଧର୍ମ ଓ ସଂସ୍କୃତି ଉପରେ ଏକ ସର୍ବ ଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେଉଥାଏ । ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ପଣ୍ଡିତ ଗବେଷକ ଏହି ସମ୍ମିଳନୀରେ ଯୋଗ ଦେଇଥାନ୍ତି । ଶ୍ରୀଜଗନ୍ନାଥଙ୍କର ଲୀଳା ଉପରେ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ । ଏହି ପରିବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏକ ଅଦ୍ଭୂତ ଲୀଳା ପ୍ରଦର୍ଶନ କଲେ ।" ( ୧ ) ପ୍ରଦର୍ଶନୀର ଏକ କୋଠରିରେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିଟିଏ ସ୍ଥାନ ପାଇଥିଲା । ଏ ସମୟରେ ଅପୂର୍ବ ଘଟଣାଟିଏ ଘଟିଲା । ଶବର ପଲ୍ଲୀରୁ ଆସିଥିବା ଆଦିବାସୀ ରମଣୀଟିଏ ଜଗନ୍ନାଥଙ୍କୁ ଦେଖି ତାଙ୍କ ନିକଟକୁ ଯିବାକୁ ଉଦ୍ୟତ ହେବା ସମୟରେ ସେହି ପ୍ରକୋଷ୍ଠ ଦାୟିତ୍ୱରେ ଥିବା ଯୁବକଙ୍କ ସହ ବଚସା ହେଲା । ରମଣୀଟି କହିଲା –ମୁଇଁ ମୋର ଦେବତାକୁ ପୂଜିବି ତୁଇ ତିନିଫୁଲିଆ ରେ ରାଟୁ ନାଇଁକର (ମିଛଟାରେ ପାଟିକର ନାହିଁ) ଇଟା ଆମର ଦେବତା, ଆମେ ତାକୁ ପୂଜୁଥିଲୁ । ତମେମାନେ ଆମର ଦେବତାକୁ ନେଇଯାଇ ସବୁ ଗାନ୍ଦିକା କରୁଚ । (ଗାନ୍ଦିକା –ଝାମେଲା, ଗୋଳମାଳ)"(୨) ।

ଏପରି ବାଦବିବାଦ ବେଳେ ପଣ୍ଡିତ ସଦାଶିବ ରଥଶର୍ମା ସେଠାରେ ଉପସ୍ଥିତ ହେଲେ ଓ କହିଲେ "ମା ଲୋ ତୋ ଦେବତାଙ୍କୁ ତୁ ପୂଜା କର" । ଏହା ପରେ ଆଦିବାସୀ ରମଣୀଟିଏ ଶ୍ରୀଜଗନ୍ନାଥଙ୍କ ନିକଟକୁ ଯାଇ ତାର ପଣତ କାନିରେ ବାନ୍ଧିଆଣିଥିବା କେତୋଟି ବନ୍ୟଜାତ ଫଳ ବାହାର କରିଲା ଓ ରଙ୍ଗ ଅଧରରେ ଘଷିବାକୁ ଲାଗିଲା ଓ ବାରମ୍ବାର କଳା ଶ୍ରୀମୁଖକୁ ଚୁମ୍ବନ ଦେବାକୁ ଲାଗିଲା । ପଣ୍ଡିତ ରଥଶର୍ମାଙ୍କ ସମେତ ଉପାସ୍ଥିତ ଜନତା ଜଗନ୍ନାଥଙ୍କ ଏହି ଶବରୀ ଅଇଁଠାଖିଆ ଦୃଶ୍ୟ ଦେଖି ଭାବବିହ୍ୱଳ ହୋଇପଡ଼ିଲେ । ଏହି ଅଲୌକିକ ଦୃଶ୍ୟଦେଖି ପଣ୍ଡିତ ରଥଶର୍ମାଙ୍କ କଣ୍ଠରୁ ସ୍ୱତଃ ନିର୍ଗତ ହେଲା "ଇଏ ଶାବର ଶ୍ରୀକ୍ଷେତ୍ର ଏ କ୍ଷେତ୍ରରେ ଶବରୀର ଅନନ୍ୟ ଭକ୍ତି ସ୍ୱୀକାର କରିଛନ୍ତି ଠାକୁର ।" ଆଦିମାନବ ଆଦିବାସୀ ଶବର ହିଁ ଶ୍ରୀଜଗନ୍ନାଥଙ୍କ ଆଦି ସେବକ । ତାଙ୍କରି ସେବାରେ ଆପ୍ୟାୟିତ ହୋଇଥିଲେ ଠାକୁର । ପରବର୍ତ୍ତୀ ସମୟରେ ଆଦିବାସୀ ରମଣୀ ବିଷୟରେ କିଛି ଜାଣିବାକୁ ଚେଷ୍ଟା କରିବା ପୂର୍ବରୁ ସେ ଯେପରି କେଉଁଆଡେ ଉଭେଇଗଲା । ମନେହେଲା ସତେ ଯେପରି ତ୍ରେତୟା ଯୁଗର ବୃଦ୍ଧା ଶବରୀ ଆଦିବାସୀ ରମଣୀ ରୂପରେ ତାର ଆରାଧ୍ୟ ଦେବତାଙ୍କୁ ଫଳ ଖୁଏଇବାକୁ ଆସିଥିଲା ଏବଂ ତାର କାର୍ଯ୍ୟ ସମାପ୍ତ କରି ଚାଲିଗଲା।

ISSN NO.
2582-208X

"୧୯୭୨ ମସିହା ମେ ମାସ ୧୬ ତାରିଖରେ କୋରାପୁଟର ଗୋପବନ୍ଧୁ ପାଠାଗାରରେ କୋରାପୁଟ ବିଜ୍ଞାପିତ ଅଞ୍ଚଳ ପରିଷଦର ତତ୍‌କାଳୀନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଆହ୍ୱାନ କ୍ରମେ ବରିଷ୍ଠ ଆଇନ୍‌ଜୀବୀ ଭି.ଏମ୍. ରାଓଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ସଭାରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସଂସ୍ଥା ଗଠନ କରାଯାଇଥିଲା । ଶାବର ଶ୍ରୀକ୍ଷେତ୍ର ନାମକୁ ସାର୍ଥକ କରି ଗଢ଼ି ତୋଳିବା ପାଇଁ ଶ୍ରୀ ଜଗନ୍ନାଥଙ୍କ ଏକ ସୁଦୃଶ ମନ୍ଦିର ନିର୍ମାଣର ନିଷ୍ପତ୍ତି ନିଆଗଲା । କୋରାପୁଟ ସହରର କେନ୍ଦ୍ର ସ୍ଥଳୀରେ ଥିବା ପାହାଡ ନିଶାଣ ପାଲିରେ ମନ୍ଦିର ଗଢ଼ିବା ପାଇଁ ନିଷ୍ପତ୍ତି ନେଇ ଏହାକୁ ନୀଳଶୈଳ ନାମରେ ପରିଚିତ କରିବା ସହିତ ପାହାଡ ଉପରେ ପିବୁ ଟିଣର ଆସ୍ଥାୟୀ ମନ୍ଦିର ନିର୍ମାଣ କରାଗଲା ।"(୩ ) ଆହୁରି ନିଷ୍ପତ୍ତି ନିଆଗଲା ଯେ ଆଗାମୀ ରଥଯାତ୍ରା ପୂର୍ବରୁ ଠାକୁରଙ୍କୁ ମନ୍ଦିରରେ ପ୍ରତିଷ୍ଠା କରାଯିବ । ସେ ନିଳାମୟଙ୍କର ଅପୂର୍ବ ଲୀଳା, ୧୯୬୯ ମସିହାରେ ଶ୍ରମନ୍ଦିରରେ ଠାକୁରଙ୍କର ନବକଳେବର ଅନୁଷ୍ଠିତ ହେଇଥାଏ । ନବକଳେବର ପରେ ବଳିପାଇଥିବା ଦାରୁଙ୍କୁ ନିୟମ ମୁତାବକ ମହୋଦଧିରେ ବିସର୍ଜନ କରିବା କଥା । କିନ୍ତୁ ତାଙ୍କୁ କୌଣସି କାରଣ ବଶତଃ ବିସର୍ଜନ କରାଯାଇନଥିଲା । ଏପଟେ କୃଷ୍ଣଚନ୍ଦ୍ର ପାନିଗ୍ରାହୀ ଅନେକ ବୁଦ୍ଧିଜୀବୀଙ୍କ ପରାମର୍ଶ କ୍ରମେ ଦାରୁବ୍ରହ୍ମଙ୍କୁ ଆଣିବାକୁ ପୁରୀ ଯାଇଥିଲେ । ସଂଯୋଗ ବଶତଃ ସଦାଶିବ ରଥଶର୍ମାଙ୍କ ପରାମର୍ଶ କ୍ରମେ ସେହି ଅବଶିଷ୍ଟ ଦାରୁରୁ ନିର୍ମାଣ ହେଲେ ଚତୁର୍ଦ୍ଧାମୂର୍ତ୍ତି । ଏହି ବର୍ଷ ହିଁ କୋରାପୁଟ ଠାରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହେବ ତେଣୁ ରଥ ନିର୍ମାଣ ପାଇଁ କାଠର ଆବଶ୍ୟକତା ଅଛି । ଲୋକ ସଂପତ୍ତି ଅଧିକାରୀ ଶ୍ରୀ ଅଭୟ ମହାପାତ୍ର ଓ ଜିଲ୍ଲା ଆଦିବାସୀ ଓ ହରିଜନ ମଙ୍ଗଳ ଅଧିକାରୀ ଶ୍ରୀ ନନ୍ଦକିଶୋର ବେବର୍ତ୍ତା ଉଭୟେ ସଂଗ୍ରହ ପାଇଁ ବାହାରିପଡିଲା । ସେପଟେ ଫରେଷ୍ଟ କର୍ପୋରେସନର ତତ୍କାଳୀନ ଡିଭିଜନାଲ୍ ମ୍ୟାନେଜର ଅନନ୍ତ ତ୍ରିପାଠୀ କୋରାପୁଟରେ ମହାପ୍ରଭୁ ବିଜେ ହେବେ ବୋଲି ପୁଣି ଭକ୍ତି ଭାବରେ ଆବଶ୍ୟକୀୟ କାଠ ଯୋଗାଇ ଦେଲେ । ଏହାପରେ ରଥ ନିର୍ମାଣ କାର୍ଯ୍ୟ ଚାଲିଲା।। ଏ ସବୁ ସଂଯୋଗ ଯେପରି ତାଙ୍କରି ଇଚ୍ଛାରେ ହିଁ ସଂଗଠିତ ହେଉଥିଲା । ଯେମିତି ସେ ଚାହୁଁଥିଲେ ତାଙ୍କ ଆଦ୍ୟ ସେବକ ଶବରମାନଙ୍କ ପାଖକୁ ଆସି ତାର ସ୍ନେହ ଓ ମମତାରେ ବାନ୍ଧି ହେବାକୁ । ୧୯୭୨ ଜୁଲାଇ ୮ ତାରିଖ ଦିନ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସହ ଅନେକ ବ୍ୟକ୍ତି ପୁରୀରୁ ଚତୁର୍ଦ୍ଧମୂର୍ତ୍ତୀ ସାଥିରେ ଧରି କୋରାପୁଟରେ ପହଞ୍ଚିଲେ । ମହାପ୍ରଭୁଙ୍କ ଆଗମନରେ ଘଣ୍ଟ ଘଣ୍ଟା, ଶଙ୍ଖ, ହୁଳହୁଳିରେ କମ୍ପି ଉଠିଲା କୋରାପୁଟ ଜିଲ୍ଲା । ମହାପ୍ରଭୁ ପ୍ରଥମେ ବିଜେ କରାଗଲା ପୂର୍ବତନ ପଞ୍ଚାୟତ ଭବନ(ପୂର୍ବତନ ଡିଏଭି ମହାବିଦ୍ୟାଳୟ ଓ

ISSN NO.
2582-208X

ବର୍ତ୍ତମାନର ମହିଳା ମହାବିଦ୍ୟାଳୟର ଏକ ପ୍ରକୋଷ୍ଠରେ । ଯେହେତୁ ଠାକୁରଙ୍କର ଅଣସର ଚାଲିଥାଏ ତେଣୁ ଗୁପ୍ତ ଭାବରେ ଜୁଲାଇ ୯ ଓ ୧୦ ତାରିଖରେ ମହାପ୍ରଭୁଙ୍କ ପ୍ରତିଷ୍ଠାକାର୍ଯ୍ୟ ସମ୍ପାଦିତ ହେଲା । ଏ କାର୍ଯ୍ୟ ସମ୍ପାଦିତ କରିଥିଲେ ନିଜେ ସଦାଶିବ ରଥଶର୍ମା ।

ଜୁଲାଇ ୧୦ ତାରିଖ ଆଷାଢ଼ ଅମାବାସ୍ୟା ତିଥିରେ ନୀଳଶୈଳ ଉପରେ ପିଚୁ ଟିଣର ବଡ଼ ଦେଉଳରେ ଚତୁର୍ଦ୍ଧାମୂର୍ତ୍ତୀ ବିଜେ ହେଲେ । ଜୁଲାଇ ୧୧ ତାରିଖ ନବଯୌବନ ଦର୍ଶନ । ଜୁଲାଇ ୧୨ କୋରାପୁଟରେ ଅନୁଷ୍ଠିତ ହେବ ପ୍ରଥମ ରଥଯାତ୍ରା । ଅସଂଖ୍ୟ ଭକ୍ତଙ୍କ ସମାଗମ ମହାପ୍ରଭୁଙ୍କୁ ଦେଖିବା ପାଇଁ । ଭକ୍ତର ଭାବରେ ବନ୍ଧା ଭାବବିନୋଦିଆ ପାଇଁ ଇଏହିଁ ଯେମିତି ପାଲୋଟିଗଲା ବଡ଼ ଦେଉଳ । ତେଣୁ ଶ୍ରୀକ୍ଷେତ୍ରକୁ ଛାଡ଼ି ଶାବର ଶ୍ରୀକ୍ଷେତ୍ରକୁ ଚାଲିଆସିଲେ ସେ । ଅଗଣିତ ଭକ୍ତ ତାଙ୍କ ପ୍ରିୟର ଭଗବାନଙ୍କୁ ନନ୍ଦିଘୋଷରେ ଦେଖିବାକୁ ଆକୁଳ । ଭଗବାନ ରଥରେ ବିଜେ କଲେ । ହେଲେ ଚେରା ପହଁରା କରିବ କିଏ ? ଯେମିତି କାହାର ଧ୍ୱନି ଶୁଭିଲା – "ମୁଁ ଯେଉଁ ଶବର ପ୍ରେମ ରେ ବନ୍ଧା ହୋଇ ଏଠାକୁ ଆସିଛି ସେ ଶବର ଦ୍ୱାରା ଚେରା ପହଁରା କାର୍ଯ୍ୟ କରାଅ ।" ସେ ସମୟରେ ଭକ୍ତ ଗହଣରୁ ଜଣେ ବୃଦ୍ଧ ଆଦିବାସୀଙ୍କୁ ଛେରା ପହଁରା ପାଇଁ ନିମନ୍ତ୍ରଣ କରାଗଲା । ୧୯୭୨ ମସିହାରେ ପ୍ରଥମ ଥର ପାଇଁ ରଥଯାତ୍ରା ହେବା କଥା କୌଣସି ସୂତ୍ରରୁ ଶୁଣି କୋରାପୁଟର ସମସ୍ତ ଆଦିବାସୀ ତାଙ୍କ ଆରାଧ୍ୟ ଶ୍ରୀଜଗନ୍ନାଥଙ୍କୁ ଥରେ ଦର୍ଶନ କରିବାପାଇଁ ଓ ତାଙ୍କ ରଥ ଟାଣିବାପାଇଁ ହଜାର ହଜାର ସଂଖ୍ୟାରେ ଆସି ପହଞ୍ଚିଗଲେ । "ସେହି ଦିନଠାରୁ ଠାକୁରଙ୍କ ରଥଯାତ୍ରା ତଥା ଅନ୍ୟାନ୍ୟ ମହୋତ୍ସବ କାଳରେ ଯୋଗ ଦେବାପାଇଁ କୋରାପୁଟ ଜିଲ୍ଲାର ସମସ୍ତ ଆଦିବାସୀ ଶବରପଲ୍ଲୀମାନଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ ଯାଏ । ଶୁଭ କାର୍ଯ୍ୟରେ ବଂଧୁବାନ୍ଧବମାନଙ୍କୁ ଗୁଆ ଦେଇ ନିମନ୍ତ୍ରଣ କଲାପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତରଫରୁ ଗାଁ ଗାଁକୁ ଗୁଆ ପଠାଯାଇଥାଏ । ଆଦିବାସୀମାନେ ମଧ୍ୟ ନିଜ ପାରମ୍ପରିକ ପୋଷାକ ପିନ୍ଧି ବାଜା ବଜାଇ ନାନା ପ୍ରକାର ଫୁଲ ଫଳର ଭାରଧରି ମହାପ୍ରଭୁଙ୍କ ପାଖକୁ ଆସନ୍ତି, ସତେ ଯେପରି ଜଗନ୍ନାଥ ତାଙ୍କରି ଜ୍ଞାତିକୁଟୁମ୍ବ, ବଂଧୁବାନ୍ଧବ, ଅତି ଆପଣାର ଲୋକ । ତା'ର ଉତ୍ସବରେ ସେମାନେ ଉପସ୍ଥିତ ନହେବେ କେମିତି । ହଜାର ହଜାର ଜନତାଙ୍କ ସମ୍ମୁଖରେ ରଥ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସେହିମାନେ ଆପଣାର ରୀତିରେ ପୂଜା କରନ୍ତି ।ଏହି ସମୟରେ ବଂଧୁ ମର୍ଯ୍ୟାଦା ପାଇଁ କୋରାପୁଟ ଜିଲ୍ଲାପାଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ରୂପେ ଶବର ପଲ୍ଲୀର ମୁଖ୍ୟ ବା ନାୟକମାନଙ୍କ ମଥାରେ ଶ୍ରୀଜଗନ୍ନାଥଙ୍କ ଶ୍ରୀଛାମୁରେ ରଥ

ISSN NO.
2582-208X

ଉପରେ ଶିରିପା ବାନ୍ଧି ଦିଅନ୍ତି । ଇଏ ଏକ ଅଭିନବ ପରମ୍ପରା ସେହିଦିନୁ ଚଳିଆସୁଅଛି।(୪)

ଏପରିଭାବେ ଆମେ ଲକ୍ଷ କରିପାରିବ ଆଦିବାସୀ ଓ ଜଗନ୍ନାଥଙ୍କ ମଧ୍ୟରେ ଥିବା ଅତୁଟ ବନ୍ଧନକୁ ଯାହା ଆଜିର କି କାଲିର ନୁହେଁ ଏହା ଯୁଗ ଯୁଗର ସମ୍ପର୍କ । ଯାହାକୁ କେହିମଧ୍ୟ ଭାଙ୍ଗିପାରିବ ନାହିଁ । ସେଇଥିପାଇଁ ତୋ ସେ ଶବରମାନଙ୍କ ପ୍ରେମ ଓ ଭକ୍ତିରେ ବାନ୍ଧି ହୋଇ ଧାଇଁ ଆସିଲେ ଅପରୂପ ସୌନ୍ଦର୍ଯ୍ୟ ଭରା କୋରାପୁଟ ମାଟିକୁ । ଯାହା ବୋଲାଇଲା ନିରୀହ ଆଦିବାସୀ ଜନତାର ଭାବ ଓ ଭକ୍ତିର କ୍ଷେତ୍ର ଶାବର ଶ୍ରୀକ୍ଷେତ୍ର ।

ସହାୟକ ଗ୍ରନ୍ଥସୂଚୀ :

୧. ପଟ୍ଟନାୟକ ନୀଳାଦ୍ରି, ଶାବର ଶ୍ରୀକ୍ଷେତ୍ର ଇତିହାସ, ପୃ-୧୫, ୨୨,୪୫ ।

୨.ରଥ ପରେଶ, ଶାବର ଶ୍ରୀକ୍ଷେତ୍ର, ପୃ-୫ ।

୩. ଶାବର ଶ୍ରୀକ୍ଷେତ୍ର ସମାଚାର, ଦ୍ୱାବିଂଶ ବର୍ଷ, ଷଷ୍ଠ ସଂଖ୍ୟା ଜୁନ ୨୦୨୪, ଜଗନ୍ନାଥ ମନ୍ଦିର, ଶାବର ଶ୍ରୀକ୍ଷେତ କୋରାପୁଟ ।

ଗବେଷିକା
ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ,
ଭବାନୀପାଟଣା

ISSN NO.
2582-208X

# ଅଲୋଡ଼ା ଫାସ



ଗୁନୁସ୍ମିତା ନାୟକ

ଗୋଧୂଳି ଆକାଶର ସଞ୍ଜତାରା ଚିକ ଚିକ କରୁଥିଲା ଦୀପଟିଏ ପରି।
ଦୀପଶିଖା ପରି ଦିଶୁଥିଲା ଲାଲ ରଙ୍ଗର ସୂର୍ଯ୍ୟାଲୋକ
ମନେ ମନେ କିନ୍ତୁ ପତଙ୍ଗ ସାଜିଥିଲି ମୁଁ..
ଝାସ ଦେବାକୁ ସେହି ଅଗ୍ନି ଶିଖାରେ
ଜାଳିଦେବାକୁ ମୋର ସର୍ବାଙ୍ଗକୁ ସେହି ଉତ୍ତପ୍ତତାରେ।
କାଟିଦେବାକୁ ମୋର ଡେଣା, ଆଉ ଅସ୍ତ୍ର ର ସାହାଯ୍ୟ
ଲୋଡ଼ା ହେବ ନାହିଁ, ଲୋଡ଼ା ହେବ
କେବଳ ଟିକିଏ ସ୍ନେହ ପ୍ରେମ ବୋଳା ଜହର।
ଉଡିବାକୁ ଚାହିଁଲେ ବି ପଡୁଥିବି ମୁଁ
ବାରମ୍ବାର, ବାନ୍ଧି ହେଉଥିବି ତୁମ ସହ
ସମ୍ପର୍କର ନାଗ ଫାସରେ।
ଥିବା ନଥିବାର ସମ୍ପର୍କରେ ବାନ୍ଧି ହୋଇଥିବା ଆମେ ଦିହେଁ
ଖୋଜୁଥିବା ବାହାନା ନିଜକୁ ଖସାଇବାର
ନିଜକୁ ଲୁଚାଇ ତୁମେ ଖୋଜୁଥିବ ମୋର ଦୁର୍ଗୁଣ
ଆଉ ମୁଁ ମଧ୍ୟ ଦେଖୁଥିବି ତୁମକୁ ସେହି ଦୃଷ୍ଟିରେ।
କିନ୍ତୁ ତଥାପି ଆମେ ଦୁହେଁ ଦୁହିଁଙ୍କୁ କହୁଥିବା....
ତୁ ଗୋଧୂଳି ଆକାଶର ଉଜ୍ଜ୍ୱଳ ତାରାଟେ ଲୋ
ମୁଁ ଭାସ୍କର ଦାନରେ ଆଲୋକିତ ନକ୍ଷତ୍ର।

କେନ୍ଦ୍ରାପଡ଼ା, ଆଳ, କଳସପୁର
ଫୋନ ନଂ-8458080650

ISSN NO.
2582-208X

# ପତ୍ନୀର କେଶ ସଜ୍ଜା



ଡକ୍ଟର ସତ୍ୟବ୍ରତ ଦାସ

ନୁହଁ ତୁମେ ଗଛ କ ଲତା
ତୁମ ନାମ ଅଟେ ବନଲତା
ନୁହଁ ସେ ଖାଲି ଘରବାଡି ଅଗଣାର ଲତା
କ ବଣ ଜଙ୍ଗଲ ଘେର୍ ପାହାଡ଼ର ପତା
ନାମଟି ଭିତରେ ଲୁଚ ରହିଥାଏ ଅନେକ ଅକୁହା କଥା
ଯାହାର ସ୍ପର୍ଶରେ ଥାଏ କେତେ ଯେ ରସିକତା
ରୂପ ଆଉ ଗୁଣ ବିଷୟରେ ନ କହିବା ଭଲ
କହିଲେ କହିବେ ପାଠକ ମରିବେ
ଦେଖି ଗୃହିଁ ହେବାକୁ ଗେହ୍ଲ
ରମ୍ଭା ଉର୍ବଶୀ ମେନକା ଯେପରି
ସ୍ୱର୍ଗ ମର୍ତ୍ତ୍ୟ ପାତାଳେ ହୁଅନ୍ତୁ ଝୁରି
କ ରୂପ ସୌନ୍ଦର୍ଯ୍ୟ ସେ ଅପୂର୍ବ ସୁନ୍ଦରୀ ନାରୀ
ସୁନ୍ଦରୀ ନାରୀର ବେଶ ଆଉ କେଶ
ଦେଖି ସ୍ୱୟଂ ବ୍ରହ୍ମା ମଧ ହୋଇଥିଲେ ଉଠବସ
ସୁନ୍ଦରୀ ସ୍ତ୍ରୀର ସୁନ୍ଦର ରୂପ ଆଉ ଲମ୍ବା କେଶ
ପାଇ ଗର୍ବିତ ହୁଏ ସେହି ପୁରୁଷ
ଆନନ୍ଦେ ଇଛନ୍ତୁ କରିବାକୁ ନିଜ ଭାବ ପ୍ରକାଶ
କର ସ୍ପର୍ଶ କରିବାକୁ ବ୍ୟାକୁଳତ ସୁନ୍ଦରୀ ପତ୍ନୀର କେଶ
ଲମ୍ବା କେଶର ସେହି ଅଳ୍ପ କ୍ଷଣର ସ୍ପର୍ଶ

ISSN NO.
2582-208X

ଭୁଲିଯାଏ ସ୍ୱାମୀ ସବୁ ଦୁଃଖ ଆଉ ହତାଶ
ଇଚ୍ଛାକରେ ରହିବାକୁ କେଶର ପାଶ
ଭାବେ ପୁଣି ବିତି ଯାଆନ୍ତା କ ଏମିତି ମାସ ମାସ
ବର୍ଷ ବର୍ଷ କେଶର ପାଶ
ଯେବେ ମୁଁ ଲେଖ ମୋ ହୃଦୟର କଥା
ଭୁଲିଯାଏ ସବୁ ମୋର ଦୁଃଖ ଆଉ ବ୍ୟଥା
ଯେବେ ମୁଁ ଛୁଏଁ ତୁମ ମଥା
ନ ଦିଶଇ ଆଉ ମୋତେ କୌଣସି ପନ୍ଥା
ଇଚ୍ଛା ହୁଏ ଶୋଇବାକୁ ଘୋଡେଇ କନ୍ଥା
ହଜେଇ ଦେବାକୁ ସବୁ ଶରୀରର ବଥା
ସେଦିନର ସେହି ଅଭୁଲା ସ୍ମୃତି
ବନଲତାର ମୁଁ ସେହି ପ୍ରେମିକ ପତି
ଯିଏ ଖାଲି ପ୍ରେମ କରେ ନିତି ଦିନରାତି
ମାନି ଚଳୁଥାଏ ସବୁ ପତି ବ୍ରତା ନୀତି
ସିଏ ଆଉ କେହି ନୁହେଁ ମୋ ଜୀବନ ସାଥୀ
ପ୍ରାଣପ୍ରିୟା ପତ୍ନୀ ମୋର ବନଲତା ସତୀ
ମେଘୁଆ ଆକାଶର ସେଇ ଶୀତୁଆ ସକାଳ
ମନ ହେଲା ଖାଇବାକୁ ସଜ ପଖାଳ
ପଖାଳ ସାଙ୍ଗକୁ ସୁସୁଣ୍ଡି ଶାଗର ମଣ୍ଡା
ଇଚ୍ଛା କଲି କରିବାକୁ ପତ୍ନି କେଶ ସଣ୍ଡା
ନୁହେଁ ମୁଁ ଯେ ସେଇ ରସିକ କବି
ମନରେ ଖାଲି ଉଙ୍କିମାରେ ମୋ ପତ୍ନୀର ଛବି
ପ୍ରତିଟି ମୁହୂର୍ତ୍ତର ଯେତେ କଥା ସବୁ
ସମୟ ମୋର ବିତିଯାଏ ତାକୁ ଭାବୁ ଭାବୁ
ଅବସର ସମୟରେ ସେସବୁ କଥା ଲେଖୁଥାଏ
କଏ କଣ ଭାବିବ ନକରି ଚିନ୍ତା ଭୟେ
ମୁଣ୍ଡଧୁଆ କେଶର ସେହି ଅପୂର୍ବ ବାସନା

ISSN NO.
2582-208X

କେତେ ଯେ ପାଠକେ ଭାବୁଥିବେ ଏସବୁ କଥା ଅସନା
ଅନୁଭବ ଆଉ ଅନୁଭୂତିର କାହାଣୀ
ମୁକୁଳା ଲମ୍ବା କେଶସଜ୍ଜା ସାଙ୍ଗକୁ ତାଙ୍କ ରାଗୁଆ ଗୃହାଣୀ
ଲାଗେ ଅବା ସତେ କେଉଁ ବାଟର ବାୟାଣୀ
ବିରକ୍ତ ହୋଇ କହନ୍ତୁ ଏମିତି ଯମା ହୁଅନ
ଦେଖ ଯାଇ ସେପଟେ ବୋଧେ କିଏ ଆସିଲେଣି
ସେସବୁ ବାହାନା ଆଉ ମିଛୁଆ କଥାକୁ କର୍ଣ୍ଣପାତ ନ କରି
ଲାଗି ପଡ଼େ ମୁଁ ସବୁ କାମ ସାରି
ସରୁ ପାନଆର ସରୁ ସରୁ ଧାର
ସ୍ୱର୍ଶ ପାଇ ଖସି ପଡ଼ନ୍ତୁ ତଳେ ନଖି ଆଉ ଡାଗୁର
ପ୍ରାଣ ବିକଳେ ଦୌଡିବାକୁ ଚେଷ୍ଟାକରନ୍ତୁ ହୋଇ ତରତର
ପବନରେ ଉଡ଼ୁଥାଏ କେଶ ଫରଫର
ଧଳା ଲୁଗା ଉପରେ ଛୋଟ ଛୋଟ କଳାଟିପା ପରି
ସନ୍ଧ୍ୟା ଆକାଶେ ଦେଖାଯାଆନ୍ତୁ ମିଞ୍ଜି ମିଞ୍ଜି ତାରା ଯେପରି
ସେହି ମଜ୍ଜା ଦୃଶ୍ୟ ଆନନ୍ଦର ବିଦାୟ
ସବୁ ପତିଙ୍କ ଭାଗ୍ୟରେ ଆସେନ ସେଭଳ ସମୟ
ଯେଉଁ ସ୍ୱାମୀ ପତ୍ନୀ ଛାଡି ରୁହେ ବାହାରେ  ଦୂର ଦୂରାନ୍ତରେ
ପାଏ ନାହିଁ କେବେ ହେଲେ ପତ୍ନୀ ପ୍ରେମ ଘରେ
ନ ମିଳେ ଶାନ୍ତ ତାକୁ ଅନିଦ୍ରା ରାତିରେ
ପ୍ରତିଟି କଥା ତା'ର ମନେପଡ଼େ ଏକା ଏକାରେ
ପ୍ରତିଟି ସ୍ମୃତି ସବୁ ସାଇତା ହୃଦୟରେ
ପୁଣି କେବେ ଦେଖା ହେବ ରହେ ଅପେକ୍ଷାରେ
ଦିନରାତି ବସି ଦେଖୁଥାଏ ପଞ୍ଜିକା
ପୁଣି କେବେ ଛୁଟି ମିଳବ ଭାବେ ଏକା ଏକା
ଛୋଟଛୋଟ କଥା ଛୋଟଛୋଟ ସ୍ମୃତି ମାନ
ସାଇତି ରଖି ପାରିଲେ ଆଜିର ଯୁଗରେ
ମନ କେବେ କହିବନ ଦେବାକୁ ଛାଡପତ୍ର

ISSN NO.
2582-208X

କଅଁଳ ଉଠିବ ତାଙ୍କ ଜୀବନ ପତ୍ର
ଏତିକ ଆଶା ମୋର କବିତାରେ ମାତ୍ର
ଏମିତି ଭାବୁ ଭାବୁ ଆସେ ଦୁର୍ଗାପୂଜା ଛୁଟି
ପାଇବାରୁ ଦଶଦିନ ଦଶହରା ଭେଟି
ପତି ପତ୍ନୀ ହୁଅନ୍ତୁ ପୁଣି ଏକାଠି
ସଜାଇବାକୁ କେଶର ସୌନ୍ଦର୍ଯ୍ୟ ବିୟୁଟି
କବି ନୁହେଁ ଖାଲି ଲେଖିବା ମୋ କାମ
ଲେଖି ଗ୍ଲେ ମୁଁ କେବଳ ବଢାଇବାକୁ ପତି ପତ୍ନୀଙ୍କ ନବିଡପ୍ରେମ
ପିତା ମାତାଙ୍କ କୃପାରୁ ଆମ ଦୁହିଁଙ୍କ ପ୍ରେମ
ସତ୍ୟ ଆଉ ସୀମାର ରହୁ ଯୁଗେ ଯୁଗେ ନାମ
ହେ ନାଥ ଜଗନ୍ନାଥ ଶ୍ରୀ ପୁରୁଷୋତ୍ତମ
ଆର୍ଶୀବାଦ କର ତୁମେ କବିତାଟି ହେଉ ଉତ୍ତମ
ପାଠକଙ୍କ ହୃଦୟରେ ଯାଇ କରୁ ବସା
ଏତିକ କେବଳ ମାତ୍ର ସତ୍ୟର ଆଶା

ବର୍ତ୍ତନା, ସୋମନାଥପୁର, ବାଲେଶ୍ୱର
୭୭୫୧୯୨୭୭୦୫

ISSN NO.
2582-208X

# କେବେ କେରଳ ତ
# କେବେ ଅରୁଣାଚଳ



ପ୍ରିୟବ୍ରତ ପାତ୍ର

## କାବେରୀ ମଳୟରେ ପୁମ୍ପୁହର

କାବେରୀ ହେଉଛି ଦକ୍ଷିଣର ଗଙ୍ଗା ।

ପଣ୍ଡିଚେରୀରୁ ନଗପଟ୍ଟନମ୍ ଯିବା ରାସ୍ତାରେ ପଡେ ଚିଦାମ୍ବରମ । ବିଖ୍ୟାତ ନଟରାଜ ମୂର୍ତ୍ତି ଦର୍ଶନ ସାରି ତିରିଶି କି.ମି. ଆଗକୁ ଗଲେ, ମୁଖ୍ୟ ରାସ୍ତା ଛାଡି ବାମକୁ ମୁହାଁଇଲେ ବାର କି.ମି. ପରେ ପଡେ ଇତିହାସ ବିଖ୍ୟାତ ପୋତ ନଗରୀ ପୁମ୍ପୁହର । ହୁଏତ ଅନେକ ନଅରୀ ସ୍ମୃତିପଟରୁ ନିଶ୍ଚିହ୍ନ ହେଲାଭଳି ଦୁର୍ଭାଗ୍ୟ ପୁମ୍ପୁହର ପାଇଁ ବି ଘଟିଥାନ୍ତା, କିନ୍ତୁ କାଳଜୟୀ କାବ୍ୟ "ସିଲାପଦିକରମ୍" ଅମର କରି ଦେଇଛି ଏହି ବହୁ ପ୍ରାଚୀନ ନଗରୀକୁ । କାବ୍ୟ ନାୟିକା କନ୍ନଗୀଙ୍କ ଜନ୍ମ ଓ ଦୁର୍ଦ୍ଦଶାଗ୍ରସ୍ତ ଜୀବନର ମୂକସାକ୍ଷୀ ଥିଲା ଏହି ନଗରୀ । କାବ୍ୟର ପୃଷ୍ଠଭୂମି ଭାବେ ଅନେକ ଶ୍ରଦ୍ଧାଳୁ ଆସନ୍ତି, ଖାସ୍ କରି କାବ୍ୟ ବର୍ଣ୍ଣିତ କାବେରୀ ମଳୟରେ ଚିର ଉଲ୍ଲସିତ ନଗରୀ ପୁମ୍ପୁହରକୁ ଅନୁଭବ କରିବାକୁ ।

ପଣ୍ଡିଚେରୀର ସାନ୍ଦ୍ର ନୀରବତା ଭିତରେ କେଜାଣି କେମିତି ସେଇ ମଳୟ ମତେ ବି ନିମନ୍ତ୍ରଣ ଜଣେଇଲା । ନିଦରେ ଚାଲିବା ମଣିଷ ପରି ମୁଁ ମଧ୍ୟ ଗାଡି ପରେ ଗାଡି ବଦଳେଇ ପୁମ୍ପୁହର ଦିଗେ ଚାଲିଲି ।

ସମୁଦ୍ର କୂଳିଆ ଗାଁ ଦିଗେ ଯାଉଥିବା ରାସ୍ତାର କ୍ରମ ବିବର୍ତ୍ତନ ରୂପ ସହିତ ସମସ୍ତେ ପରିଚିତ ଥିବେ । ଧିରେ ଧିରେ କରି ସମୁଦ୍ର-ନିର୍ଭର ଲୋକଙ୍କ ଚାଲିଚଳଣ ରୂପଭେକ, ଏପରିକି ଘରମାନଙ୍କର ଚାଳ ଛୁଆଣି ଦୃଶ୍ୟମାନ । କାହା ଘର ଆଗରେ ଜାଲ ଶୁଖୁଥିବ, ମାଛ କଙ୍କଡା ଶୁଖୁଥିବେ, ଶୁଖୁଆ ଶେଜ ପାଖରେ ବିରାଡିଟିଏ ବୈରାଗୀ ବୈଷ୍ଣବ ଭଳି ହାଇ

ISSN NO.
2582-208X

ମାରୁଥିବ, ଗାମୁଛାଉ ଔପିନୀ ଭଳି ପିନ୍ଧି କିଏ ଦୋକ୍ତା ଦଳୁଥିବ, କିଏ ପୁଣି ତାଳପତ୍ର ଛାଉଣୀ ତଳେ କଂସେ ବାସି ଭାତ ସାଙ୍ଗକୁ ମାଛ ଭଜା ଆଉ ପିଆଜ ଧରି ବସିଥିବ, ଏସବୁ ସାଧାରଣ ଦୃଶ୍ୟ । କିଏ ଜଣେ ଗଛ ଛାଇରେ ଚୁପ୍ ହୋଇ ବସିଥିବ ଯେ ବସିଥିବ, ସତେକି ପୂର୍ବଜନ୍ମକୁ ନିମଗ୍ନ ହୋଇ ଦେଖୁଛି ।

ଗାଡି ରହିଲା ଯାଇ ପୁମ୍ପୁହରର ନିର୍ମାଣାଧୀନ ବିଶାଳ ତୋରଣ ପାଖରେ । ତୋରଣ ଉପରେ ତାମିଲ ଅକ୍ଷରରେ ଲେଖା ଚାଲିଛି ପୁମ୍ପୁହର । ଅନୁରୂପ ପ୍ରତିଶବ୍ଦଟିଏ ବାଛିବାର ମିଳିଥିଲେ ହୁଏତ ମୁଁ ଦେଇଥାନ୍ତି ସୌଭାଗ୍ୟ ନୂପୁର । ଯୋଉ ମହାକାବ୍ୟ "ସିଲାପଦିକରମ୍" ପାଇଁ ଆଜି ପୁମ୍ପୁହର ଅମର ହୋଇଯାଇଛି, ବା ଯାହା ପାଇଁ ମୋ ଭଳି ସହସ୍ର ଜିଜ୍ଞାସୁଙ୍କ ଆଗମନ ତାର ଲଳିତ ଭାଷାନ୍ତର ହିଁ ସୌଭାଗ୍ୟ ନୂପୁର । ତୋରଣ ସେପଟେ ତିଆରି ଚାଲିଛି ବିଶାଳ ମୁକ୍ତାକାଶ ରଙ୍ଗମଞ୍ଚ । କେନ୍ଦ୍ର ମଞ୍ଚ ଚାରିପାଖେ କ୍ଷୁଦ୍ର କ୍ଷୁଦ୍ର ତୋରଣ ଯୁକ୍ତ ଆଉ ଡଜନେ ସରିକି ଛୋଟ ଛୋଟ ଛାତଯୁକ୍ତ କୋଠରି । ହୋଇପାରେ ଏସବୁ ଆଗାମୀ ଦିନରେ "ଆଲୋକ ଓ ଶବ୍ଦ ର ଯୁଗଳବନ୍ଦୀରେ ପୁମ୍ପୁହରର ଇତିହାସକୁ ଦର୍ଶକଙ୍କ ପାଖରେ ପହଞ୍ଚାଇବା ଯୋଜନା । ଦେବୀ କନ୍ନଗୀଙ୍କୁ ଉତ୍ସର୍ଗ ହେଉଛି ସାରା ରଙ୍ଗମଞ୍ଚ । ହୁଏତ କାବ୍ୟନାୟିକା ଦେବୀ କନ୍ନଗୀଙ୍କୁ ନେଇ ବିଗତ ଦୁଇ ହଜାର ବର୍ଷ ଭିତରେ ପ୍ରଦର୍ଶିତ ହେଇଥିବ ଲକ୍ଷାଧିକ ନାଟକ ।

ବିଶ୍ୱ ସାହିତ୍ୟରେ ବିସ୍ମୟକର କୃତି ହେଉଛି "ସିଲାପଦିକରମ୍" । ପ୍ରେମ, ପ୍ରତାରଣା, ନୈତିକତା ତଥା ଆସ୍ପର୍ଦ୍ଧାର ପ୍ରତ୍ୟୁତ୍ତର ତଥା ମରଦେହରେ ଦେବତ୍ୱକୁ ଉତ୍ତରଣର ମହାକାବ୍ୟ ହେଉଛି "ସିଲାପଦିକରମ୍" । କାବ୍ୟ ବର୍ଣ୍ଣିତ ସମସ୍ତ ବିଭବକୁ ନୂଆ କରି ସ୍ଥାପନ କରିବାରେ ଶିଳ୍ପୀଙ୍କର ଚାଲିଛି ଚେଷ୍ଟା । ଶେଷ ସ୍ପର୍ଶ ବି କୁହାଯାଇପାରେ । ସ୍ପର୍ଦ୍ଧାରେ ଗ୍ରୀବା ଉନ୍ନତ କରି ଠିଆ ହେଇଛନ୍ତି ପ୍ରସ୍ତର ସ୍ତମ୍ଭ । ହୁଏତ କେବେ ଦିନେ ଏହା ସମୁଦ୍ର ଗ୍ରାସରେ ହରାଇ ବସିଥିଲା ପୂର୍ବ ଗୌରବ । ଅକ୍ଷର କୃତିର ମହାକାବ୍ୟ ପୁଣିଥରେ ଜନମାନସରେ ତାର ପୁନର୍ଜନ୍ମ କରାଇ ନେଇଛି । ହୁଏତ ପୁଣି ଗଢିଉଠିବ ଛାୟା ରୂପୀ, ଆଭାସ ରୂପୀ ସଂସ୍କୃତିର ନଗରୀ ।

ଗାଡିରୁ ଓହ୍ଲାଉଥିବା ପିଲାରୁ ବୁଢାଯାଏ ସବୁ ଯାତ୍ରୀ ଏକ ନିଶ୍ୱାସରେ ସମୁଦ୍ର ଦିଗେ ଧାବମାନ ହେଲେ । ଅଧା ଦୌଡ ଓ ଅଧା ଚାଲିର ମଝାମଝି ଅବସ୍ଥା । ଲୁଙ୍ଗି ସବୁ ଅସୁବିଧା କରୁଥିଲା ବୋଲି କିଏ କିଏ ଲୁଙ୍ଗିକୁ ଅଧା ଟେକି ଦେଇ ତରତର ହେଉଥିଲେ । ଏ ସମୁଦ୍ର

ISSN NO.
2582-208X

କୋଉ ଅନାଦି କାଳରୁ ଥିଲା ଏବଂ ରହିବ ମଧ୍ୟ । କିନ୍ତୁ ମଣିଷର ଏ ଆକର୍ଷଣ ପଛରେ ରହିଛି ଗଭୀର ମନସ୍ତାତ୍ତ୍ୱିକ କାରଣ । ସମୁଦ୍ର ତାର ବିଶାଳତା ଓ ଚଳଚଞ୍ଚଳତା ଦେଖେଇ ସମସ୍ତଙ୍କୁ ମୋହିତ କରେ, ଉଦ୍ଭ୍ରାନ୍ତ କରେ, ରୁଦ୍ଧଦ୍ୱାର ସବୁ ଖୋଲି ପକାଏ । ମନ ଶାନ୍ତ ହେଇଯାଏ, ସରଳ ହେଇଯାଏ । ଏହା ହିଁ ତ ମାନବର ଅସଲ ପ୍ରକୃତି । କେବଳ ଏକ ସାମୂହିକ ଆବେଦନର ଶିକାର ହୋଇ ଆମେ ଯାହା ଇତସ୍ତତଃ ଦୌଡୁଛୁ, ମୁଣ୍ଡ ପିଟି କାନ୍ଦୁଚୁ ବା ଆଉ କାହାର ମୁଣ୍ଡ ଫଟେଇବାକୁ ଦୌଡୁଚୁ ।

ଗୋଟିଏ ଫଳ ରସ ଦୋକାନରେ, ସୁନ୍ଦର ଭାବେ ସିକଞ୍ଜି (କମଳା ଜାତୀୟ ଫଳ) ପେଶି, ତା ରସରେ ଆଉ କଣ ସବୁ ଅପୂର୍ବ ବାସ୍ନାକାରୀ, ରଙ୍ଗକାରୀ ଦ୍ରବ୍ୟ ମିଶାଇ ତୃଷାର୍ତ୍ତ ଯାତ୍ରୀଙ୍କୁ ବଢେଇ ଦେଉଥାନ୍ତି ଜଣେ ରୁଚିସମ୍ପନ୍ନା ମହିଳା । ତାଙ୍କ ବେଶ ପରିପାଟୀକୁ, ଖାଣ୍ଟି ତାମିଲ୍ ଙ୍କ ପାରମ୍ପରିକ ବୋଲି କୁହାଯାଇପାରେ । ପଚାରିଲି – ଦେବୀ କନ୍ନଗୀଙ୍କ ଭବ୍ୟ ମନ୍ଦିର ଆଉ କେତେ ଦୂରରେ ? ସେ ଆଶ୍ଚର୍ଯ୍ୟ ହେଲାଭଳି ଚାହିଁଲେ ଆଉ ଏତେ ସହଜ କଥାଟିକୁ ବୁଝିପାରୁ ନଥିବାରୁ ମତେ ଶିକ୍ଷୟତ୍ରୀ ସୁଲଭ ଚାହାଣୀଟିଏ ଫେରେଇ ଦେଲ ।

କନ୍ନଗୀ ତ ଏଇଠେ ଜନ୍ମ । ଏଇଠେ ତାଙ୍କର ପିଲାଦିନ, ବାହାଘର । ଏଇଠେ ହିଁ ଦୁର୍ଦ୍ଦିନ ଆରମ୍ଭ । ସିଏ ସବୁଠେ ଅଛନ୍ତି । ତାଙ୍କର ପୁଣି ନିର୍ଦ୍ଦିଷ୍ଟ ଘର ! ଆବଶ୍ୟକତା ଥାଏ କି ?

କୌଣସି କଥାକୁ ଜଣେ ଯଦି ଗଭୀର ଭାବେ ବିଶ୍ୱାସ କରୁଥିବ, ତା ପାଇଁ ଯୁକ୍ତିତର୍କ, ପ୍ରଶ୍ନ ଓ ସଂଶୟ ସବୁ କେତେ ଯେ ଅବାନ୍ତର କଥା –ତାଙ୍କ ଚାହାଣୀରୁ ଅନ୍ତତଃ ଠଉରେଇ ପାରୁଥିଲି ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ପ୍ଲାଷ୍ଟିକ୍ ବୋତଲ..

ମୂଳହିନ୍ଦୀ- ପ୍ରତିଭା ଶ୍ରୀବାସ୍ତବ
ଅନୁବାଦ-ମନୋଜ କୁମାର ବେହେରା



ମନୋଜ କୁମାର ବେହେରା

ଯେତେବେଳେ ବାପା କହିଥିଲେ
ଦେଖିବ ଗୋଟିଏ ଦିନ ପାଣି ମଧ୍ୟ
ପ୍ଲାଷ୍ଟିକ୍‌ର ବୋତଲରେ ବିକାହେବ,
ଏହା ଶୁଣିକରି ଆମେ ଅଶ୍ଚର୍ଯ୍ୟ ହୋଇ ଯାଇଥିଲୁ
ପାଣି ବିକିବାର କଳ୍ପନାରେ
ବହୁତ ବଡ କଥା ଥିଲା
ସେସମୟରେ.. ।
ଯେତେବେଳେ ବଡଭାଇ ଦିଲ୍ଲୀରୁ
ପ୍ରଥମ ଥର ଘରକୁ ଆସିଲେ,
ସେ ସେଠାକାର କଥା ମଜାରେଶୁଣେଇଲେ
ସେ ମଧ୍ୟ ଏହା ବତେଇଲେକି,
ପାଣିର ବୋତଲ ମଧ୍ୟ
ସେ ପାଞ୍ଚଟଙ୍କାରେ କିଣିକରି ପିଇଥିଲେ..
ବୋତଲବାଲା ପାଣିର ଚର୍ଚ୍ଚା
ପ୍ରତ୍ୟେକ ଯିବା ଆସିବା
ଅତିଥିମାନଙ୍କଠାରେ ହେଉଥିଲା ।
ଗାଁରୁ ବଡ ସହରକୁ ଆସିଲା ପରେ
ଜଣା ପଡିଲା ଏଠିକାର ପାଣି

ISSN NO.
2582-208X

ଗାଁର ପାଣିରୁ ବହୁତ ଅଲଗା ଥିଲା,
ସହରରେ ସମ୍ପର୍କ ଯୋଡି ହେଲାପରେ
ଫିଲ୍‌ଟର ଶବ୍ଦରେ ଯୋଡିହେଲା
ଏବେ ଦେଖିଲିକି,
ବାପାଙ୍କ କଥା ସତହେବାର
ଏବେ ସାଧାରଣର କଥା ଅଟେ,
ପ୍ଲାଷ୍ଟିକ୍‌ର ବୋତଲରେ ପାଣିକୁ ଦେଖିବା
ଆଉ ତାକୁ କିଣିକରି ପିଇବା।
ବିଶେଷଜ୍ଞ କହୁଛନ୍ତିକି
ପ୍ଲାଷ୍ଟିକ୍‌ର ବୋତଲରୁ ପାଣି ପିଇବା
ସ୍ୱାସ୍ଥ୍ୟର ଦୃଷ୍ଟିରୁ ହାନିକାରକ ଅଟେ ।
ଆଜି ପାଣିବାଲା ଆମର ବୋତଲ
ଏବେ ସ୍କୁଲ୍ କଲେଜରେ ନୁହେଁ
ଘରେ ମଧ୍ୟ ବ୍ୟବହାର ହେବାକୁ ଲାଗିଲାଣି,
ଲୋଟା-ମଗ୍‌କୁ ହଟେଇକରି
ଖାଇବା ସ୍ଥାନରେଏବେ ସଜେଇଲେଣି
ପାଣିର ରଙ୍ଗୀନ ବୋତଲ ।
ଘରେ ଚାରିଜଣ ଲୋକ ଆଉ
ଚାରିଜଣଙ୍କ ଅଲଗା ଅଲଗା ବୋତଲ,
ଗ୍ଲାସ୍‌ତ ଅଛି କିନ୍ତୁ ବାହାରିଥାଏ
ଅତିଥିଙ୍କ ଆଗମନରେ..
ଜଣାତ ସମସ୍ତଙ୍କୁ ଅଛି
ପ୍ଲାଷ୍ଟିକ୍‌ର ବହୁଳମାତ୍ରାରେ ଉପଯୋଗ
ସ୍ୱାସ୍ଥ୍ୟ ପାଇଁ ଠିକ୍ ନୁହେଁ
କିନ୍ତୁ ଆମେ ମାନୁନାହୁଁ ।
ଆବଶ୍ୟକ ଏବଂ ସୁବିଧା ପାଇଁ
ପାଣି ବିକି ଚାଲିଛି,

ISSN NO.
2582-208X

ପାଣିର ବଜାର ବ୍ୟାପାରୀଙ୍କର ଲାଭର
ବିସ୍ତାର ସୀମା ବହୁତ ଲମ୍ବା ।
ପାଣି ବିକି ଚାଲିଥିବ..
ଏହି ପ୍ଲାଷ୍ଟିକ୍‌ର ବନ୍ଦ ବୋତଲରେ
ବାପା ଏହାର ଭବିଷ୍ୟ ଦେଖିଥିଲେ
କହିଥିଲେ ପ୍ଲାଷ୍ଟିକ୍ ବୋତଲରେ
ଦିନେ ପାଣି ବିକାହେବ..
ଗୋଟିଏ ଭବିଷ୍ୟ ମୋତେବି
ଦେଖା ଯାଉଥିଲା ଏହି ପ୍ଲାଷ୍ଟିକ୍‌ରେ
ହେଉଥିବା ଦୁଷ୍ ପ୍ରବାହର ।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୭୧୧

ISSN NO.
2582-208X

# ସାଥି ଟିଏ



ପ୍ରଶାନ୍ତ ବ୍ରହ୍ମା

ଦେହର ଘା'ଟା ଶୁଖେ ଦୁଇଦିନେ
ମନର ଘା' ଟା ନୁହେଁ
ମନର ଘା' ଟା ଶୁଖିବାକୁ ହେଲେ
ସାଥି ଟିଏ ପରା ଚାହେଁ ।

ଅଙ୍ଗ କଟିଗଲେ ଯୋଡି ହେବ ସିନା
ମନ କଟିଗଲେ ନୁହେଁ
ମନ ଯୋଡିବାକୁ ସାଥି ଟିଏ ପରା
ସାଥୀର ବାଟକୁ ଚାହେଁ ।

ଘର ଯୋଡି ହେବ ଇଟା ପଥରରେ
ହୃଦୟ ଭାଙ୍ଗିଲେ ନୁହେଁ
ହୃଦୟ ପାଇଁକି ସାଥି ଟିଏ ପରା
ଚାହିଁ ବସି ରହି ଥାଏ ।

ଲିଭି ଥିବା ଦୀପ ଲାଗିଯିବ ସିନା
ମନର ଦୀପଟା କେବେ
ମନର ଦୀପଟି ଆଲୋକିତ ହୁଏ
ପାଖେ ଥାଏ ସାଥି ଯେବେ ।

ଘରର ଅଳିଆ ଝାଡୁରେ ଛାଡ଼ିବ
ଅନ୍ତର ଅଳିଆ ନୁହେଁ
ଅନ୍ତର ଅଳିଆ ଛାଡ଼ିବାକୁ ହେଲେ
ସାଥି ଟିଏ ପରା ଚାହେଁ ।

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X

# କୁଳବଧୂ

ଅନିତା ପ୍ରଧାନ

ଆଞ୍ଜୁଳ ଗୁଭଳ ସାଥେ
ସେ ଅଜାଡ଼ି ଯାଇଛି ମାଆ ପଣତରେ
ନଜର ସବୁ ଅଳ ଅର୍ଦ୍ଦଳକୁ
ଲେଉଟା ଚକୁଳ ଖୁଏଇ
ଲେଉଟି ଆସିବାର
ମିଛ ଆଶ୍ୱାସନା ଖଣ୍ଡିଏ ତା ମନରେ ବୁଣି
ଦୁନଆଁ ତାକୁ କୁଳବଧୂ ରୂପରେ
ଅଭିଷିକ୍ତ କରିଛି ସିନା;
ସେ ଜାଣେ
ସେ ପର ଝିଅ....
ହାତଗଣ୍ଠି ଆଳରେ ତା ହାତ ଦୁଇକୁ
ବାନ୍ଧି
ଝୁଣ୍ଟିଆ ତା ପାଦର ବେଡ଼ି ସାଜିଛି,
ମଙ୍ଗଳସୂତ୍ର ଗଳାରେ ପିନ୍ଧି
ସମ୍ପୂର୍ଣ୍ଣ ପରିବାରର ସେ ମଙ୍ଗଳ ସାଧିଛି...
ସିନ୍ଦୂର ଟୋପାଏକୁ ସୀମନ୍ତରେ ଭରି
ସେ ଡେଇଁ ଯାଇଛି
ଭାଗ୍ୟ ବିଡ଼ମ୍ବନାର ତିନି ଧାଡ଼ି ଲକ୍ଷ୍ମଣ ରେଖା...
ବିବାହ ବେଦୀର
ସାତ କଳସ ଆଠ ଦୀପକୁ
ସାକ୍ଷୀ କରି
ମନ୍ତ୍ରପାଠରେ ତାକୁ ଅର୍ଦ୍ଧାଙ୍ଗିନୀ ଆଖ୍ୟା ମିଳଛି ସିନା;
ସେ ବୁଝିଛି,
ସେ ଅବହେଳତା...

ISSN NO.
2582-208X

ନିଜ ଘର ଗୋଟାକୁ ପର କରି
ପର ଲୋକଙ୍କୁ ଆପଣେଇ ନେବାର
ଆଶା ସେ ବାନ୍ଧିଛି,
ଏରୁଣ୍ଡି ଡେଇଁ
ପୂର୍ଣ୍ଣ କଳସକୁ ପାଦରେ ଗଡ଼େଇ
ସେ ଆସିଛି କାହା ଘରର କୁଳଲକ୍ଷ୍ମୀ ସାଜି ;
କିନ୍ତୁ
ସେ ଜାଣିଛି
ସେ ଅଲକ୍ଷଣୀ....
ନିଜ ପେଟ କାଟି ବାପା ଅଜାଡ଼ି ଦେଇଥିବା
ଅର୍ଥ ଟିକକ ହୋମ ନିଆଁ ଆଗରେ
ନିଲାମ ହେବାର ସେ ଦେଖିଛି,
ଗର୍ଭ ଚିପୁଡ଼ି ହାତରେ ଗଢ଼ିଥିବା ରକ୍ତ ମାଂସର ପିଣ୍ଡୁଳାକୁ
କେହି ନିଆଁରେ ପରଖି ଓଜନ ମାପୁଛି ..?
ଦୁନିଆଁ ତାକୁ ନୂଆବୋହୂ କହେ ସିନା ;
ସେ ଯେ ପୋଡ଼ାମୁହିଁ...!
କୁଳବଧୂ ସେ,
କୁଳରକ୍ଷା ଏକଚାଟିଆ ତାର କର୍ତ୍ତବ୍ୟ...
ଅଗଣିତ ଭ୍ରୁଣ
ତା ଗର୍ଭ କୋରଡ଼ରେ ନିଜ ଅସ୍ତିତ୍ୱ ପାଇଁ
ଲଢ଼ି ଲଢ଼ି
ଆପେ ଆଖି ବୁଜିଛନ୍ତି....
ଏ ସମାଜ ବାଞ୍ଝ ବୋଲି ତାକୁ
ହତାଦର କରେ ସିନା...
ସେ ଜାଣିଛି
ସେ ସ୍ୱର୍ଣ୍ଣଗର୍ଭା ।।

ବୌଦ୍ଧ, ବନ୍ଧାପଥର- ୭୬୨୦୨୬
ମୋବାଇଲ - ୭୭୫୦୦୯୨୪୧୬

ISSN NO.
2582-208X

# ପୁପୁନ ନନା



କୀର୍ତ୍ତି ଦେବୀ

ପୁପୁନ ନନା, ନାଆଁଟିରୁ ଲାଗେ ସେ ବହୁତ ଚଗଲ୍ । ପ୍ରଥମ ଦେଖାରେ ମନ ମୋ' କଣି ନେଲେ ସେ । ମନ ଭିତରୁ କାହାକୁ ମାଆ, ଆଣ୍ଟି, ମାଇଁ, ମାଉସୀ, ଆଜ୍ଞା, ଅଙ୍କଲ, ଭଇନା ଓ ସାର୍ ଡାକବାକୁ ଭୁଲନ୍ତୁ ନାହିଁ । ସେ ଡାକରେ ଥାଏ ପ୍ରେମ, ଶ୍ରଦ୍ଧା, ଭକ୍ତି ଓ ଆଦର । ସଂସାରରେ ଚଳବାକୁ ହେଲେ ସବୁ ଭୁଲ୍ ଠିକକୁ ପଛରେ ପକାଇ ଆଗେଇ ଆସନ୍ତୁ ଦରଦି ହୃଦୟରେ ପରକୁ ଆପଣାର କରି ସାହାଯ୍ୟ କରିବାକୁ ।

କାହାକୁ କ'ଣ ଭଲ ଲାଗେ ଖାଇବାକୁ ପଗ୍ଭରି ବୁଝି
ଯେତେ ଦୂରେ ଥିଲେ ମଧ୍ୟ ଧାଇଁ ଆସନ୍ତୁ ନିଜ ଲୋକ ପରି

ତାଙ୍କଠାରୁ ଶିଖିବାର ଅଛି ଅନେକ କଥା। ଆଜିକାଲିର ପିଲା ବୋଲି ଅଝଟ ହୋଇ ମୋବାଇଲ ନଶାରେ ସବୁ ବୁଝି ବି ଅବୁଝା ହେଉଛନ୍ତୁ। କିଏ ବୁଝାଇ ଦେବ ପୁପୁନ ନନାଙ୍କୁ ?

ଭଗବାନଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛି, ତାଙ୍କ ଉପରେ କୃପା ଦୃଷ୍ଟି ସଦା ରଖନ୍ତୁ ଜୀବନରେ ଆଗେଇ ଗ୍ଭଲନ୍ତୁ କଣ୍ଟାକୁ ଗୋଲାପ ଭାବି କୁସୁମିତ କରନ୍ତୁ ତାଙ୍କ ଆଗତ ଭବିଷ୍ୟତକୁ ।

ସିଭିଲ୍ ଟାଉନସିପ୍, ରାଉରକେଲା

ISSN NO.
2582-208X

# ମୁନ୍ସ ମେଲଣ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ଇଂରେଜ ଅମଲୁ
ପୁଲିସ ହାତରେ
ଅନେକ କ୍ଷମତା ଅଛି
ମାରିବ ପିଟିବ
ଗୁଳି ବି କରିବ
ସେ କ୍ଷମତା ମଧ୍ୟ ଅଛି ।

ଅଶ୍ରାବ୍ୟ ଭାଷାରେ
ଗାଳି ବି ଦେଉଛି
ଡର ଭୟ ତାର ନାହିଁ
ସେଇଥି ପାଇଁ ତ
ଭଦ୍ର ଲୋକ କେବେ
ଥାନା ମାଟି ମାଡେ ନାହିଁ ।

ମାଟିଆ ପୋଷାକ
ନାଲି ପଗଡିଟା
ଆଗରୁ ଡରାଉ ଥିଲା
ସବୁଠାରୁ ଛୋଟ
କନଷ୍ଟେବଲଟା
ଡରାଟି ବି ଚାହୁଁ ଥିଲା ।

ଆତିଥ୍ୟ ମିଳିବ
ବସିବେ ଚଉକି ପରେ
ଜଳ ପାନ କରି
ହାଓ୍ୱା ଖାଇବେ
ଦରଖାସ୍ତ ଦେବେ ପରେ ।

ତଥାପି ଲୋକଂକ
ଭୟ ଯାଇ ନାହିଁ
ଥାନାକୁ ତାଙ୍କର ଡର
ଭୟ ଛାଡିବାକୁ
ଅନେକ ସଂସ୍କାର
ଆଣୁଛନ୍ତି ସରକାର ।

ସେ ଡର ଭୟକୁ
ଏଡାଇବା ପାଇଁ
ମୁନ୍ସି ମେଲଣ ହୁଏ
ଭଣ୍ଡାରି ପୋଖରୀ
ଅଂଚଳରେ ଏହା
ଅନୁଷ୍ଠିତ ହୋଇଥାଏ ।

ISSN NO.
2582-208X

ଭଣ୍ଡାରି ପୋଖରୀ
ଇରମ ଅଂଚଳେ
ନର ରକ୍ତ ବହିଥିଲା
ଫିରିଙ୍ଗି ଇଂଗୀତେ
ଏହି ପୁଲିସର
କାରନାମା ଇଏ ଥିଲା।

ଫଗୁ ଦଶମୀରେ
ଫଗୁ ଖେଳ ହୁଏ
ଥାନାକୁ ଆସନ୍ତି ଲୋକେ
ପୁଲିସ ଜନତା
ଫଗୁ ଖେଳିଥାନ୍ତି
ଡର ବି ନ ଥାଏ ଟିକେ।

ବାବୁଲାଲ ମୁନ୍ସି
ସୁରୁ କରିଥିଲେ
ଭଣ୍ଡାରି ପୋଖରୀ ଠାରେ
ପୁଲିସ ଜନତା
କୋଳା କୋଳି ହୋଇ
ମାତିଯାନ୍ତି ଅବିରରେ।

ସେହି ପ୍ରଥା ଏବେ
ଚାଲିଛି ସେଠାରେ
ଫଗୁ ଖେଳ ତହିଁ ହୁଏ
ପୁଲିସ ଗାଲରେ
ରଂଗ ବୋଳିବାକୁ
ବହୁ ଭିଡ ଏଠି ହୁଏ।

ରାଧାକୃଷ୍ଣଂକର
ବିମାନ ବି ଆସେ
ଲୋକାରଣ୍ୟ ହୋଇଯାଏ
ଉତ୍ସବ ମୁଖର
ମେଲଣ ପଡିଆ
ନାଚ ଗୀତ ତହିଁ ହୁଏ।

ମୋ ନଂ 9937462507

ISSN NO.
2582-208X

# ଛାପା ପୁସ୍ତକର ଭାଗ୍ୟ ଓ ଭବିଷ୍ୟ



ପ୍ରଫୁଲ୍ଲ ଚନ୍ଦ୍ର ବାରିକ

ବହିର ଯହିଁ ଆଦର ନାହିଁ ଯାଏ ମୁଁ ସେଠୁ ଖସି । ଶୈଶବର ଶୀତଳତା ଛାପରେ ଏଇ ଗୀତ ପଦେ କୋମଳମତି ପିଲାଙ୍କ ମନକୁ ଛୁଇଁ ଯାଉଥିଲା । ସେମାନଙ୍କ ହୃଦୟରେ ଉଷ୍ମତା ଭରି ଦେଉଥିଲା । ଯେମିତି ବାତ୍ସଲ୍ୟମୟୀ ମାଆର ବିକଳ୍ପ ନାହିଁ । ଆଦର୍ଶ ଶିକ୍ଷକଙ୍କୁ କାହା ସହିତ ତୁଳନା କରି ହେବନାହିଁ । ସେମିତି ପୁସ୍ତକର ସ୍ଥାନ କେହି ନେଇ ପାରିବେ ନାହିଁ । କ୍ଷେପଣାସ୍ତ୍ର ମାନବ ଡଃ. ଏ. ପି. ଜେ. ଅବଦୁଲ କଲାମ ଯଥାର୍ଥରେ କହିଥିଲେ : ଖଣ୍ଡିଏ ଭଲ ବହି ଶହେ ଜଣ ଭଲ ସାଙ୍ଗଙ୍କ ସହିତ ସମାନ ।

ଏ ସବୁ ପ୍ରସଙ୍ଗରୁ ଆମେ ପୁସ୍ତକର ଉପାଦେୟତା ଓ ପୁସ୍ତକ ପଠନର ଉପଯୋଗିତା ସମ୍ପର୍କରେ ଅଧିକ ଅବଗତ ହୋଇପାରନ୍ତି । ମାତ୍ର ଟିକେ ଅନ୍ତର୍ଦୃଷ୍ଟି ନେଇ ଚିନ୍ତା କଲେ ଆମେ ଯେଉଁ ପୁସ୍ତକ ବିଷୟରେ କିଛି ଆଲୋଚନା କରିବାକୁ ଯାଉଛନ୍ତି, ତାହା ହେଉଛି ଛାପା ବା ମୁଦ୍ରିତ ପୁସ୍ତକ ।

ଜଣେ ଶିଶୁ ତା'ର ମାଆଙ୍କୁ ପଚାରିଥିଲେ, "ମା' ! ଆକାଶର ରଙ୍ଗ ନୀଳ କାହିଁକି ? ରାତିର ତାରା ସକାଳକୁ କୁଆଡ଼େ ଯାଆନ୍ତି ? ଏତେ ବଡ଼ ପୃଥିବୀକୁ ସୃଷ୍ଟି କରିବାକୁ ଈଶ୍ୱରଙ୍କୁ କେତେ ବର୍ଷ ଲାଗିଥିବ ? ଏବଂ ଅଥଳ ସାଗରର ଢେଉମାନେ ବେଳାଭୂମିରେ ମଥା ପିଟନ୍ତି କାହିଁକି ?" ମା' ତା'ର ଟିକିଏ ନିରବ ରହି କହିଲେ, "ବାବୁ ରେ, ପଢ଼ିଲେ ଜାଣିବୁ । ଏସବୁ କ'ଣ, କାହିଁକି, କିଏ, କେମିତି ପ୍ରଶ୍ନର ନିର୍ଭୁଲ ଉତ୍ତର ପୁସ୍ତକରୁ ପାଇବୁ ।" ପିଲାଟିର ମା' ଥିଲେ ନିରକ୍ଷରା । କିନ୍ତୁ ପୁଅକୁ ପାଠୁଆ କରିବାର ଅଭିଳାଷରୁ ଓହରି ଯାଇ ନ ଥିଲେ । ବଡ଼ ହେଲା ପରେ ପିଲାଟି କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ପଦ ଅଳଙ୍କୃତ କରିଥିଲେ। ଥାକ ଥାକ ପୁସ୍ତକ ଅଧ୍ୟୟନ କରି ନ୍ୟାୟ ପାଇଁ ନୟାନ୍ତ ହେଉଥିବା ବିଚରା ମଣିଷଙ୍କୁ

ISSN NO.
2582-208X

ଉଚିତ୍ ନ୍ୟାୟ ପ୍ରଦାନ କରିଥିଲେ । ତାଙ୍କ ନାଁ ଥିଲା ସାର୍ ୱିଲିଅମ୍ ଜୋନ୍ସ । ସେ ସଂସ୍କୃତ ସହ ବିଶ୍ୱର ୪୦ ଟି ଭାଷାରେ ପାରଦର୍ଶୀ ଥିଲେ ।

ପ୍ରସିଦ୍ଧ ଇଂରେଜ କବି ରବର୍ଟ ସାଉଦି ତାଙ୍କ ଚର୍ଚ୍ଚିତ କବିତା ସଂକଳନ 'ଦ ସ୍କଲାର' ରେ ସନ୍ନିବିଷ୍ଟ 'ମାଇଁ ଡେଜ୍ ଏମୋଙ୍ଗ ଦ ଡେଡ୍ ଆର୍ ପାଷ୍ଟ' ରେ ସେଇ ଲେଖକମାନଙ୍କ କାଳଜୟୀ ସୃଷ୍ଟିକୁ ନେଇ ଶତମୁଖ ହୋଇ ଉଠିଛନ୍ତି । ସେମାନଙ୍କ ରଚିତ ପୁସ୍ତକ ସହିତ ସେ ଦିନ ପରେ ଦିନ ବାର୍ତ୍ତାଳାପ କରୁଛନ୍ତି । ଆଉ ପୁସ୍ତକମାନେ ମଣିଷକୁ କେବେ ବି ଧୋକା ଦେଉ ନଥିବା ବନ୍ଧୁ । ପାର୍ଥିବ ମାନବର ପ୍ରକୃତି ଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

ଶ୍ରୀମଦ ଭଗବତ ଗୀତାରେ ମଧ୍ୟ କୁହାଯାଇଛି, 'ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।' ଜ୍ଞାନ ପରି ପବିତ୍ର ଆଭୂଷଣ ଆଉ କ'ଣ ଥାଇପାରେ !' ଯାହା ପୁସ୍ତକରୁ ଆହରଣ କରିହୁଏ । ଏ କ୍ଷେତ୍ରରେ ଛାପା ପୁସ୍ତକର ଉତ୍ପତ୍ତି-ଇତିହାସ ଜାଣିବା ଆବଶ୍ୟକ ମଣୁଛି । ସମଗ୍ର ବିଶ୍ୱରେ ସର୍ବ ପ୍ରଥମେ ଚୀନ୍ ଦେଶରେ ଖ୍ରୀଷ୍ଟ ପୂର୍ବ ୮୬୮ରେ 'ଦ ଡାଇମଣ୍ଡ ସୂତ୍ର' ମୁଦ୍ରିତ ହୋଇ ଥିବା ବେଳେ ଭାରତରେ ୧୫୫୬ ମସିହାରେ ସେଣ୍ଟ ପଲସ କଲେଜ୍ ଆନୁକୂଲ୍ୟରେ ଦ ଜେସସ୍ ପ୍ରିଣ୍ଟିଂ ପ୍ରେସ ଦ୍ୱାରା 'ଦ କନକ୍ଲୁଜନସ ଫିଲୋସଫିକାସ୍ ଇନ୍ ଗୋଆ' ପୁସ୍ତକ ଛାପା ହୋଇଥିଲା । ୧୮୦୭ ମସିହାରେ ଓଡ଼ିଶାରେ ଶିରାମପୁର ମିଶନ ପ୍ରେସ୍ ଦ୍ୱାରା 'ଓଡ଼ିଆ ଟ୍ରାନ୍ସଲେସନ – ଅଫ ଏ ପୋର୍ସନ୍ ଅଫ ନିଉ ଟେଷ୍ଟାମେଣ୍ଟ' ଯଦିଓ ପ୍ରକାଶ ପାଇଥିଲା, ତେବେ ୧୮୩୬ ମସିହାରେ ମିଶନାରିଜ ପକ୍ଷରୁ କଟକ ଠାରେ କଟକ ମିସନ୍ ପ୍ରେସ୍ ପ୍ରତିଷ୍ଠା ହୋଇ ଥିଲା । ପରବର୍ଷ ଏହାର ନାମ ପରିବର୍ତ୍ତନ କରାଯାଇ କଟକ ପ୍ରିଣ୍ଟିଂ ପ୍ରେସ ହୋଇଥିଲା । ଏଠାରୁ ଓଡ଼ିଆ ଧାର୍ମିକ ପୁସ୍ତକ ଓ ଓଡ଼ିଆ ପତ୍ର ପତ୍ରିକା ମୁଦ୍ରିତ ହୋଇଥିଲା ।

ଶିରୋନାମାରୁ ସ୍ୱଷ୍ଟ ଅବଧାରିତ ହୁଏ ଯେ, ଅଧୁନା କେବଳ ଛାପାପୁସ୍ତକ ବ୍ୟତୀତ ଆଉ କିଛି ଧରଣର ପୁସ୍ତକ ଉପଲବ୍ଧ ହେଉଛି । ଡିଜିଟାଲ୍ ଯୁଗର ଅଭ୍ୟୁତ୍ଥାନ ଫଳରେ ଇ-ପୁସ୍ତକ, ଇ- ପେପର୍, ଇ-ପତ୍ରିକା ଆଦିର ଚାହିଦା ପାଠକଙ୍କ ଅଧିକ ରୁଚିକର ହେଉଥିବା ଲକ୍ଷ୍ୟଣୀୟ । ଛାପାପୁସ୍ତକର ଭାଗ୍ୟ ଆଗରେ ଭଗବାନ ସଦୃଶ ଦଣ୍ଡାୟମାନ ଡିଜିଟାଲ ପୁସ୍ତକର ଭେଳିକି । ମୁଦ୍ରିତ ପୁସ୍ତକର ଜ୍ଞାନଚକ୍ଷୁ ମୁଦି ଦେବାକୁ ଇ-ପୁସ୍ତକ କାୟା ବିସ୍ତାର କରି ବସିଛି । ଏହାର ସର୍ବାଙ୍ଗୀନ ପ୍ରଗତିରେ ବାଟ ଓଗାଳିବାକୁ ଦୁରୁହ ପ୍ରୟାସ ଚଳାଇଛି ।

ISSN NO.
2582-208X

ଏକବିଂଶ ଶତାବ୍ଦୀରେ କୃତ୍ରିମ ବୁଦ୍ଧିମତ୍ତାର ବଳୟରେ ଆଧୁନିକ ମଣିଷ ପ୍ରତି ସ୍ତରରେ ବିକାଶ ଶିଢ଼ି ଚଢ଼ିବାକୁ ଉଦ୍ୟମ କରୁଛି । ଗୋଦରା କୋଡ଼େ ଯେତେ, ମାଡ଼େ ସେତେ । ଏହି ନ୍ୟାୟରେ ଛାପାପୁସ୍ତକର ଗୁରୁତ୍ୱକୁ କଦାପି ଅସ୍ୱୀକାର କରାଯାଇ ପାରିବ ନାହିଁ । ଏହା ପାଠକର ମସ୍ତିଷ୍କକୁ ଜ୍ଞାନ, ହୃଦୟକୁ ପୁଲକ ଓ ମନକୁ ସଚ୍ଚା ଭାବନାରେ ପରିପୂର୍ଣ୍ଣ କରିଦିଏ । ଅନ୍ୟମନସ୍କତା ଆନ୍ଦୋଳିତ କରେ ନାହିଁ କେବେ ବି । ଛାପା ପୁସ୍ତକରୁ ଯେଉଁ ବୌଦ୍ଧିକ ଚେତନା ଉଦ୍ରେକ ହୁଏ, ତାହା ଆଉ କୌଣସି ସାଧନରୁ କ'ଣ ସମ୍ଭବ ? ପାଠକର ଦୃଷ୍ଟିଶକ୍ତି ଉପରେ ଏହା କୁପ୍ରଭାବ ପକାଇ ନ ଥାଏ । ବରଂ ଦୃଷ୍ଟିଭଙ୍ଗୀ ଉନ୍ନତ ଓ ପରିମାର୍ଜିତ ହୁଏ । ଯଦିଓ ଆବଶ୍ୟକୀୟ ଧୈର୍ଯ୍ୟ, କାର୍ଯ୍ୟ ବ୍ୟସ୍ତତା ଓ ସମୟ ଅଭାବରୁ ଏବର ମଣିଷ ଛାପା ପୁସ୍ତକ ଠାରୁ ମୁହଁ ଫେରାଇ ନେଇଛନ୍ତି ।

ଛାପା ପୁସ୍ତକର ଉପଯୋଗିତାକୁ ହ୍ରାସ କରାଯାଇ ପାରିବ ନାହିଁ । ଆମକୁ ଏକ ଭାଷା ସାହିତ୍ୟର ଭାବ ଓ ଭାବଧାରାକୁ ବିକଶିତ କରିବା ଉଦ୍ଦେଶ୍ୟରେ ସୁନ୍ଦର ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଚାହି । ସମୟ ଆସିବ, ଲୋକେ ଅଗତ୍ୟା ଛାପା ପୁସ୍ତକ ମୁହାଁ ହେବେ । ପଠନ ରୁଚିର ପରିସର ବ୍ୟାପକ ହେବ । ଆମକୁ ସଭା ସମିତି, କର୍ମଶାଳା ଓ ଆଲୋଚନା ଚକ୍ର ଆୟୋଜନ କରି ଉତ୍ତର ଦାୟାଦଙ୍କୁ ଛାପା ପୁସ୍ତକପଠନ ପ୍ରତି ଧ୍ୟାନ ଆକର୍ଷଣ କରିବାକୁ ହେବ । ପୁସ୍ତକ କ୍ରୟକରି ପଢ଼ିବାର ସଂକଳ୍ପ ନେବା ଓ ପୁସ୍ତକ ପଠନରୁ ଯଥେଷ୍ଟ ଜ୍ଞାନବିଜ୍ଞାନ, ମାନବିକ ନୀତି ଆଦର୍ଶର ମୂଲ୍ୟବୋଧ ଓ ସର୍ବୋପରି କର୍ତ୍ତବ୍ୟପାଳନରେ ଅନୁପ୍ରେରିତ ହୋଇ ପାରିବା । ସୁତରାଂ ଛାପା ପୁସ୍ତକର ବହୁଳ ଆଦୃତି ଖୁବ୍ ଶୀଘ୍ର ଆଶା କରାଯାଏ । କେବଳ କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କ ଉଦ୍ୟମ ନୁହଁ, ଏଥିପାଇଁ ସର୍ଜନଶୀଳ ଗୋଷ୍ଠୀର ସାମୂହିକ ଆନ୍ତରିକତା ଲୋଡ଼ା ।

ଛାପା ପୁସ୍ତକର ଭବିଷ୍ୟତ ଯେ ନିଶ୍ଚୟ ଉଜ୍ଜ୍ୱଳ,ବିଭିନ୍ନ ସ୍ଥାନରେ ଆୟୋଜିତ ପୁସ୍ତକ ମେଳା ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ସମସ୍ତେ ପୁସ୍ତକପ୍ରେମୀ ହେବେ, ଏମିତି ଦିନ ଆଉ ବେଶି ଦୂର ନୁହେଁ ।

ବେଦବ୍ୟାସ, ରାଉରକେଲା-୪
ମୋ : ୯୦୯୦୩୩୦୮୫୯

ISSN NO.
2582-208X

# ନୂଆ ଏକ...



ମଧୁସ୍ମିତା ପ୍ରିୟଦର୍ଶନୀ

ନୂଆ ଏକ ସ୍ୱପ୍ନ ପାଇଁ
ଫିଙ୍ଗି ଦିଆଯାଇ ପାରେ
କୋଳାହଳ ମହଣ ମହଣ।
ପୁନଶ୍ଚ ମୁଗ୍ଧତାରେ ଆଦରି ହୁଏ
ନିସଙ୍ଗ ନିର୍ଜନ ।

ନୂଆ ଏକ ଯାତ୍ରାରମ୍ଭ ଲାଗି
ପର କରି ଦିଆଯାଇ ପାରେ
ସବୁ ଆତ୍ମୀୟ ସ୍ୱଜନ ।
ପ୍ରଶଂସା ଓ ଆଲିଙ୍ଗନ ।
ଦରଜ ଦହନ।

ନୂଆ ଏକ ପରିଚୟ ପାଇଁ
ନିଜକୁ ବିଚ୍ୟୁତ କରିବାକୁ ହୁଏ
ନିଜର ଛଦ୍ମ ରୂପ ।
ନିଜର କରିବାକୁ ହୁଏ
ନିଷ୍ଠୁର ବାସ୍ତବତାକୁ।

ନୂଆ ଏକ ଆବିଷ୍କାର ପାଇଁ
ଚାଲିବାକୁ ହୁଏ ଅମଡ଼ା ବାଟ।
ରଚିବାକୁ ହୁଏ ଅପଢ଼ା କାହାଣୀ।
ଶୁଣିବାକୁ ହୁଏ ମନର ବାଣୀ।
ଜୀବନ ପାଖରେ ନିଜକୁ
କରିବାକୁ ହୁଏ ଋଣୀ

*****

ବାରିପଦା, ମୟୂରଭଞ୍ଜ
ମୋ– ୮୧୧୭୦୧୬୫୧୨

ISSN NO.
2582-208X

# ଜୀବନ ନାୟିକା



ପଞ୍ଚାନନ ମେହେର

ଯା' ମନ ବନରେ ଫୁଟେ ନିତିନିତି
ସ୍ନେହ ପ୍ରେମ ପାରିଜାତ,
ଯା' ହୃଦ କନ୍ଦରୁ ପ୍ରୀତି ସୁଧାଝର
ଝରୁଥାଏ ଅବିରତ ।

ଯା' ଚିନ୍ତାଚେତନା ଚାହେଁ ପ୍ରତିକ୍ଷଣ
ଆତ୍ମୀୟସ୍ୱଜନ ସୁଖ,
ଯା' ନୟନୁ ଝରେ ଲହୁ ମିଶା ଲୁହ
ବିଲୋକନେ ଆନ ଦୁଃଖ ।

ଝରୁଥାଏ ସଦା ମିଷ୍ଟ ଭାଷ ହାସ
ବହେ ଅମୃତ ନିର୍ଝର,
ଦେଇ ହାତେ ହାତ ଜୀବନ ଯାତ୍ରାରେ
ଚାଲିଥାନ୍ତି ନିରନ୍ତର ।

ସିଏ ପରା ମୋର ଜୀବନ ନାୟିକା
ପ୍ରାଣପ୍ରିୟ ପ୍ରିୟତମା,
କରୁଛି, କରିବି ଥିବାଯାଏ ପ୍ରାଣ
ତାଙ୍କର ଶୁଭକାମନା ।

କି ମୋତିମାଣିକ ହୀରା ନୀଳା ତାଙ୍କ
କ୍ଷୀଣ ହସ ଆଗେ ସରି,
ସେଇ ଧାରେ ହସ ମୋ ଜୀବନାକାଶେ
ଦିଏ କୋଟି ରଙ୍ଗ ଭରି ।

ଧାନବସା, ରାମପୁର, ସୁବର୍ଣ୍ଣପୁର
ଓଡ଼ିଶା ୭୬୭୦୪୫
ଭ୍ରାମ୍ୟଭାଷ : ୮୨୪୯୧୧୮୨୫୧

ISSN NO.
2582-208X

# ସୁନ୍ଦର କାଶଫୁଲ

ଧ୍ରୁବ ଚରଣ ଘିବେଲା

ବାସ ବାସନା ନଥାଏ ସିନା
ଚେହେରା ତା' ଉଜ୍ଜଳ
ଘର ଅଗଣା ତା' ପାଇଁ ମନା
ସୁନ୍ଦର କାଶଫୁଲ ।
ଘରବାଡ଼ିରେ ଘର ଦୁଆରେ
ଫୁଟେନ କାଶଫୁଲ
ବିଲହିଡ଼ରେ ନଈପଠାରେ
ବାଟେଘାଟେ ତା' ଘର ।
ପବନ ହେଲେ ଧିରେ ଦୋହଲେ
ସାଜେ ପୁଣି ଗ୍ରାମର
ତାରଦୋଳନ ମନ ହରଣ
କରେ ସେ ଦର୍ଶକର ।
ଧବଳ କେଶ ଧବଳ ବେଶ
ଧବଳ ଶିହରଣ
ତାକୁ ଯେ ଦେଖେ ଦେଖି ଅଟକେ
ଶିହରେ ମନ ପ୍ରାଣ ।
ବରଷା ପରେ ଶରତ କାଳେ
ଆତ୍ମ ପ୍ରକାଶ କରି
ଶରତେ ବାସ କରଇ କାଶ
ସୁନ୍ଦରୀ ସୁକୁମାରୀ ।

କାଶର ମିତ ପବନ ସେ ତ
କାଶ ବି ଗାଏ ଗୀତ
ଶରତ କାଳେ କାଶ ଧରାକୁ
କରଇ ବିମଣ୍ଡିତ ।

ବଉଦଗଜ, ଜି. ବୌଦ୍ଧ
ମୋ.9437478466

ISSN NO.
2582-208X

# ମଧ୍ୟଯୁଗୀୟ ଓଡ଼ିଆ ଗୀତିକବିତା : ଚଉପଦୀ ଏକ ଦୃଷ୍ଟିକୋଣ

କୁରେଶୁ ମହାରଣା

ସାହିତ୍ୟର ଅନ୍ୟାନ୍ୟ ଯୁଗମାନଙ୍କ ମଧ୍ୟରୁ 'ମଧ୍ୟଯୁଗ' ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ସାଧାରଣତଃ କହିବାକୁ ଗଲେ ସାରଳା ଓ ପଞ୍ଚସଖାଙ୍କର ପରବର୍ତ୍ତୀ ସମୟ ଅର୍ଥାତ୍ ୧୬୮୦ ମସିହା ଠାରୁ ୧୮୨୦ ମସିହା ମଧ୍ୟରେ ଆମେ ଯେଉଁ ସମୟଖଣ୍ଡକୁ ଦେଖିବାକୁ ପାଇଥାଉ, ତାହାହିଁ ମଧ୍ୟଯୁଗ ରୂପେ ଅଭିହିତ । ଏହି ଯୁଗକୁ ସମାଲୋଚକମାନେ ଭିନ୍ନ ଭିନ୍ନ ନାମରେ ନାମିତ କରିଛନ୍ତି ଯେପରି ରୀତିଯୁଗ, ଭଂଜଯୁଗ, ସୁବର୍ଣ୍ଣଯୁଗ, ଆଳଂକାରିକ ଯୁଗ, ସଂଗୀତ ବା ଚଉପଦୀ ଯୁଗ । ଏହି ସମୟରେ କବିମାନେ ସଂସ୍କୃତ ସାହିତ୍ୟ ଭଳି ଏକ ସମକକ୍ଷ ସାହିତ୍ୟ ସ୍ରୋତ ପ୍ରତିଷ୍ଠା କରିବା ପାଇଁ ସଂସ୍କୃତ ସାହିତ୍ୟର ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ପୌରାଣିକ, କାଳ୍ପନିକ, ଆଳଂକାରିକ ଆଦି କାବ୍ୟ ରଚନା କରିଥିଲେ ମଧ୍ୟ ସେମାନେ ନିଜର ସାଙ୍ଗୀତିକ ଅଭିବ୍ୟକ୍ତିକୁ ପ୍ରକାଶ କରିବା ନିମନ୍ତେ ଅନେକ ଗୀତି କବିତା ରଚନା କରିଛନ୍ତି ଯେପରି ଛାନ୍ଦ, ଚମ୍ପୂ, ଚଉତିଶା, ଚଉପଦୀ, ପୋଇ, ଷୋଡ଼ଶା, ଭଜନ, ଜଣାଣ। ତେଣୁ ମଧ୍ୟଯୁଗୀୟ କହିଲେ ଆମେ ଗୋଟିଏ ଅର୍ଥରେ ବୁଝିପାରିବା ରୀତି, ପ୍ରୀତି, ନୀତି ଓ ଗୀତିର ସମନ୍ୱୟ । ସେ ଯାହା ହେଉନା କାହିଁକି ଏହି ଗୀତିକବିତାମାନ ପରସ୍ପର ସଂପୂର୍ଣ୍ଣ ଭିନ୍ନ । ଏହି ଭିନ୍ନତା ପ୍ରତିପାଦନ କରିବା ହିଁ ମୋ ପ୍ରବନ୍ଧର ଉଦ୍ଦେଶ୍ୟ । ଏ କ୍ଷେତ୍ରରେ ଚଉପଦୀର ସ୍ୱତନ୍ତ୍ରତା ସ୍ୱୀକାରଯୋଗ୍ୟ ।

ମଧ୍ୟଯୁଗୀୟ ଓଡ଼ିଆ ଗୀତିକବିତାର ବିକାଶ ଦିଗରେ ଚଉପଦୀ ଏକ ସ୍ୱତନ୍ତ୍ର ସ୍ଥାନର ଅପେକ୍ଷା ରଖେ । ଯେଉଁ ପ୍ରାଚୀନ ଗୀତି ବା ଗୀତିକବିତାଗୁଡ଼ିକ ଚଉପଦୀ ଭାବରେ ଅଭିହିତ ହେଉଥିଲା, ତାହା ସାଂପ୍ରତିକ ସମୟରେ ଓଡ଼ିଶୀ ସଂଗୀତ ରୂପେ ପରିଚିତ ଲାଭ କରିଛି । ହେଲେ ଏ ଚଉପଦୀ କ'ଣ ? ତା'ର ପ୍ରକୃତ ସ୍ୱରୂପ କ'ଣ ? ତାହା ଜାଣିବା ନିହାତି ଆବଶ୍ୟକ ଅଟେ । ଚଉପଦୀ କହିଲେ ଆମେ ବୁଝିଥାଉ ଚାରିପଦ ବିଶିଷ୍ଟ ରଚନା। ଯେଉଁ ଗୀତିକାରେ ସାଧାରଣତଃ ଚାରିଗୋଟି ପଦ ଥାଏ, ତାହାକୁ ଚଉପଦୀ ଭାବରେ

ISSN NO.
2582-208X

ଅଭିହିତ କରାଯାଇଥାଏ । ଏହି ଚଉପଦୀ ଶବ୍ଦଟି ସଂସ୍କୃତ ଶବ୍ଦ ଚତୁଃପଦୀରୁ ଗୃହୀତ । ସଂସ୍କୃତ ସାହିତ୍ୟରେ ଚଉପଦୀଗୁଡ଼ିକ ସାଧାରଣତଃ ଚାରିପଦ ମଧ୍ୟରେ ସୀମାବଦ୍ଧ । କିନ୍ତୁ ଆମ ସାହିତ୍ୟରେ ଏହାର ବ୍ୟତିକ୍ରମ ଆମେ ଦୃଷ୍ଟିଗୋଚର କରିଥାଉ । ଆମ ସାହିତ୍ୟରେ ଅନେକ ଗୀତି ବା ଚଉପଦୀ ଚାରିପଦ ବିଶିଷ୍ଟ ରହିଛି । କିନ୍ତୁ ଆଉ କେତେକ ଗୀତିକା ଯଥା: ଷଷ୍ଠ ପଦ, ସପ୍ତମ ପଦ, ଅଷ୍ଟମ ପଦ, ନବମ ପଦକୁ ଆଧାର କରି ମଧ୍ୟ ରଚିତ । ସେଗୁଡ଼ିକ ମଧ୍ୟ ଆମେ ଚଉପଦୀ ଭାବରେ ଗ୍ରହଣ କରିଥାଉ । ସେ ଯାହା ହେଉନା କାହିଁକି 'ସଂଗୀତ ଶାସ୍ତ୍ର'ର ନିୟମ ଅନୁସାରେ ଆମେ ଚଉପଦୀକୁ ଚାରିଗୋଟି ପଦରେ ବିଭକ୍ତ କରିଥାଉ । ଯେପରି (କ) ଧ୍ରୁବପଦ ବା (ଘୋଷା), (ଖ) ଅନ୍ତରା, (ଗ) ସଂଚାରୀ, (ଘ) ଆଭୋଗ ବା ଭଣିତା ।

ଧ୍ରୁପପଦ କହିଲେ ଆମେ ବୁଝିଥାଉ ଘୋଷା ବା ସ୍ଥାୟୀ ପଦକୁ । ଏହାକୁ ଚଉପଦୀଗାନ ବେଳେ ବାରମ୍ବାର ପଦଶେଷରେ ଆବୃତ୍ତି କରାଯାଇଥାଏ । ସେହିପରି ଅନ୍ତରା କହିଲେ ଧ୍ରୁବପଦ ପରେ ଯେଉଁ ପଦ ଆସିଥାଏ ତାହା ଅନ୍ତରା ନାମରେ ଅଭିହିତ । ସଂଚାରୀ କହିଲେ ଆମେ ବୁଝିଥାଉ ଅନ୍ତରା ପଦର ପରବର୍ତ୍ତୀ ପର୍ଯ୍ୟାୟରେ ଯେଉଁ ପଦ ଆସିଥାଏ ଏବଂ ଯାହା ମାଧ୍ୟମରେ ଚଉପଦୀ ସଂଚରିତ ହୋଇଥାଏ ତାହାକୁ ସଂଚାରୀ କୁହାଯାଇଥାଏ । ସେହିପରି ଆଭୋଗ କହିଲେ ବୁଝିଥାଉ ଯାହାକୁ ଚଉପଦୀ ଭୋଗ ବା ଭଣିତା କରାଯାଇଥାଏ । ସେହିପରି ଚଉପଦୀର ଅନ୍ୟ ଏକ ଲକ୍ଷଣ ରହିଛି । ଏହି ଲକ୍ଷଣକୁ (ପଡ଼ି) ବିଧି କୁହାଯାଇଥାଏ । ଅର୍ଥାତ୍ ଏହା ଏକ ଚଉପଦୀ ଗାନ କରିବାର ମାଧ୍ୟମ ଅଟେ, ଯାହା ଚଉପଦୀକୁ ଅଧିକ ସାଙ୍ଗୀତିକତା କରିବା ସହ ବେଶ୍ ଲୋକପ୍ରିୟତା କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

ସାଧାରଣତଃ ଚଉପଦୀ ଆମ ସାହିତ୍ୟରେ କେବେ ସୃଷ୍ଟି ହେଲା ତାହାର ସଠିକ୍ ସମୟ ନିର୍ଣ୍ଣୟ କରିବା ଅସମ୍ଭବ । କିନ୍ତୁ ଗବେଷକ ଜାନକୀବଲ୍ଲଭ ମହାନ୍ତି ମତ ଦେଇ କହନ୍ତି- ୧୫ଶ ଶତାବ୍ଦୀର ଓଡ଼ିଶାର ରାଜା କପିଳେନ୍ଦ୍ରଦେବଙ୍କ 'ପର୍ଶୁରାମ ବିଜୟ' ନାଟକରେ ପ୍ରଦତ୍ତ ଓଡ଼ିଆ ଗୀତଟି ଏହାର ଉଲ୍ଲେଖଯୋଗ୍ୟ । ଏ ପର୍ଯ୍ୟନ୍ତ ମିଳିଥିବା ପ୍ରାଚୀନ ଗୀତମାନଙ୍କ ମଧ୍ୟରେ ଏହା ଅତି ପ୍ରାଚୀନ ମନେହୁଏ । ଯେପରି-

"ଅମର ରାଗେଣ ଗୀୟତେ
କେବଳ ମୁନି କୁମାର ପରଶୁ ଦକ୍ଷିଣକର

ISSN NO.
2582-208X

ବାଗେଣ ଶୋହେ ଧନୁ ଶରନା
କୋପେଣ ବୋଲେ ବୀରତ ତୁମେ ମୋ ବଧିଲୁ ତାତ
ଆଜି ତୋର ଛେଦି ବଇମଥାନ ।”

କିନ୍ତୁ ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ଷୋଡ଼ଶ ଶତାବ୍ଦୀରୁ କ୍ଷୁଦ୍ର ପ୍ରବନ୍ଧ ବା ଗୀତ ଅର୍ଥରେ ଚଉପଦୀ ଶବ୍ଦର ବ୍ୟବହାର ହେଉଥିବା ଅନୁମେୟ । ଯେପରି ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଷୋଳଗୋଟି କ୍ଷୁଦ୍ରଗୀତି ବିଶିଷ୍ଟ ରଚନା ‘ଷୋଳ ଚଉପଦୀ’ ନାମରେ ଅଭିହିତ ଓ ଚାରିଗୋଟି କ୍ଷୁଦ୍ର ବିଶିଷ୍ଟ ରଚନା ‘ଚାରି ଚଉପଦୀ’ ନାମରେ ରଚିତ । ବାସ୍ତବରେ ଚଉପଦୀ ସାହିତ୍ୟର ଯଦି ଆମେ ଭୂୟୋ ବିକାଶ କଥା ଚିନ୍ତା କରିବା ତେବେ ମଧ୍ୟଯୁଗୀୟ ସାହିତ୍ୟରେ ହିଁ ଏହାର ବହୁଳ ବିକାଶ ଘଟିଛି । ମଧ୍ୟଯୁଗୀୟ କବି ଧନଞ୍ଜୟ ଭଂଜ, ଉପେନ୍ଦ୍ର ଭଂଜ, ଦୀନକୃଷ୍ଣ ଦାସ, କବିସୂର୍ଯ୍ୟ ବଳଦେବ ରଥ, ବନମାଳୀ ଦାସ, କବି ଗୋପାଳକୃଷ୍ଣ ପଟ୍ଟନାୟକ, ରାମକୃଷ୍ଣ ପଟ୍ଟନାୟକ, ଗୌରଚରଣ ଅଧିକାରୀ, ଗୌରହରି ପରିଚ୍ଛା ଆଦି କବିମାନେ ଅନେକ ଚଉପଦୀ ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ସୁସମୃଦ୍ଧ କରିଛନ୍ତି କହିଲେ ଅତି କଥନ ହେବନାହିଁ । ଏ କ୍ଷେତ୍ରରେ କବି ଧନଞ୍ଜୟ ଭଂଜ ଏବଂ ଉପେନ୍ଦ୍ରଭଂଜଙ୍କ ଚଉପଦୀଗୁଡ଼ିକୁ ‘ଚଉପଦୀ ଭୂଷଣ’ ରୂପେ ଅଭିହିତ କରାଯାଇଛି । ଏଥି ମଧ୍ୟରେ ନିହିତ ଥିବା କବି ଉପେନ୍ଦ୍ରଭଂଜଙ୍କର ଚଉପଦୀକୁ ଦୃଷ୍ଟାନ୍ତ ଭାବରେ ଆମେ ନେଇପାରିବା । ଯେପରି– ଆଜ ଦେଖିଲିରେ– ନବୀନ ବୟସୀ ବାଳା, ମଲ୍ଲୀମାଳ ଶ୍ୟାମକୁ ଦେବି, ମାନ ଉଦ୍ଧାରଣ, ଆରେ ମଦାଳସା । ସେହିପରି କବିସୂର୍ଯ୍ୟ ବଳଦେବ ରଥଙ୍କ ଦ୍ୱାରା ଅନେକ ଚଉପଦୀ ରଚିତ ହୋଇ ‘ଚଉପଦୀ ରତ୍ନାକର’ ନାମରେ ନାମିତ କରାଯାଇଛି । ଏହି ଧାରାରେ ଆମେ ଦେଖିପାରିବା କବି ବନମାଳୀ ଦାସଙ୍କ ‘ଶ୍ୟାମ ନାଗର ହେ ଏ ବେଶ ହୋଇବ ନାହିଁ’, ଶାରଦ ମିଳନ ମୂଳକ ଚଉପଦୀ, ଜଗନ୍ନାଥ କିଛି ମାଗୁନାହିଁ ତତେ । ଏହି ଚଉପଦୀ ସାହିତ୍ୟକୁ ଅନ୍ୟ ଜଣେ ସିଦ୍ଧ ସାଧକ କବି ଗୋପାଳକୃଷ୍ଣ ପଟ୍ଟନାୟକ ଆଗକୁ ନେବାରେ ସକ୍ଷମ ହୋଇପାରିଛନ୍ତି । ସେ ଅନେକ ଚଉପଦୀ ରଚନା କରି ନିଜର ମୌଳିକ କବି ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି ।

ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଚଉପଦୀ ରଚନାର ଧାରାକୁ ପ୍ରଚାରିତ ଓ ପ୍ରସାରିତ କରିଛନ୍ତି କବି ଦାଶରଥି ଦାସ, କଳ୍ପତରୁ ଦାସ, ପିତାମ୍ବର ରାଜେନ୍ଦ୍ରଦେବ, ବିକ୍ରମ ନରେନ୍ଦ୍ର ପଣ୍ଡିତ ଶ୍ରୀଚନ୍ଦନ ଆଦି କବିମାନେ ଚଉପଦୀ ରଚନା କରି ଚଉପଦୀକୁ ସାର୍ବଜନୀନ

ISSN NO.
2582-208X

ଗ୍ରହଣୀୟ ଯୋଗ୍ୟ ତଥା ଜନପ୍ରିୟ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ସମୟ ଯେପରି ପରିବର୍ତ୍ତନ ହୋଇଥାଏ, ଠିକ୍ ସେହିପରି ଚଉପଦୀର ମଧ୍ୟ ଆଧୁନିକ ଯୁଗରେ ଆମେ ପରିବର୍ତ୍ତନ ଦେଖିବାକୁ ପାଇଥାଉ । ଆଧୁନିକ ଯୁଗର ଜନପ୍ରିୟ କବି ମଧୁସୂଦନ ରାଓଙ୍କ କବିତା 'ତୁହି ମା ଜନମଭୂମି, ପବିତ୍ର ଭାରତ ଭୂମି', ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବନ୍ଦେ ଉତ୍କଳ ଜନନୀ', ଗଙ୍ଗାଧର ମେହେରଙ୍କ 'ବିଶ୍ୱ ଜୀବନହେ ତୁମକୁ କରୁଣା ସିନ୍ଧୁ', ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ତୁଙ୍ଗ ଶିଖରୀ ଚୂଳ, କୁଞ୍ଜ କାନନ ମାଳ' ପ୍ରଭୃତି କବିତାଗୁଡ଼ିକର କାବ୍ୟିକ ମହତ୍ୱ, ଜନପ୍ରିୟତା ଏବେ ମଧ୍ୟ ସ୍ୱୀକୃତ । ଏଗୁଡ଼ିକୁ ମଧ୍ୟ ଗୀତିକବିତା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଚଉପଦୀ ଭାବରେ ଅଭିହିତ କରାଯାଇଛି ନୂଆ ରୂପରେ ।

ଏହି ଦୃଷ୍ଟିରୁ ବିଚାର କଲେ ଚଉପଦୀର ବିକାଶକ୍ରମକୁ ଆଧାର କରି ସାଧାରଣ ଭାବରେ ଚଉପଦୀକୁ  ତିନି ଭାଗରେ ବିଭକ୍ତ କରିପାରିବା । ୧. ବନ୍ଦନାତ୍ମକ ଚଉପଦୀ, ୨. କୃଷ୍ଣଲୀଳାତ୍ମକ ଚଉପଦୀ, ୩. ମାନବିକ ପ୍ରେମମୂଳକ ଚଉପଦୀ ।

ଯେଉଁ ଚଉପଦୀଗୁଡ଼ିକରେ ବିଭିନ୍ନ ଦେବଦେବୀଙ୍କର ବର୍ଣ୍ଣନା କରିବା ସହିତ ନିର୍ଗୁଣ ବନ୍ଦନା ବା ଶରୀରଭେଦ ବିଷୟରେ ବର୍ଣ୍ଣନା ଥାଏ ତାହାକୁ ବନ୍ଦନାତ୍ମକ ଚଉପଦୀ ଭାବରେ ଅଭିହିତ କରାଯାଇଥାଏ । ଏହି ଧରଣର ଚଉପଦୀ ଆମ ସାହିତ୍ୟରେ ଦେଖିବାକୁ ପାଇଥାଉ । ଏହାର ଉଦାହରଣ ଭାବରେ ଆମେ ନେଇପାରିବା। କବିସମ୍ରାଟ ଉପେନ୍ଦ୍ରଭଂଜଙ୍କ ଏକ ଜନପ୍ରିୟ ଚଉପଦୀ 'ମାନ ଉଦ୍ଧାରଣ କରହେ କାରଣ' । ଏହି ଚଉପଦୀରେ କବିସମ୍ରାଟ ଜଗନ୍ନାଥଙ୍କର ମହିମା ଗାନ କରିବା ସହ ଜଗନ୍ନାଥ କିପରି ବିଭିନ୍ନ ସମୟରେ ଭକ୍ତମାନଙ୍କୁ ଉଦ୍ଧାର କରିଛନ୍ତି ତାହାର ଏକ ସୁନ୍ଦର ବର୍ଣ୍ଣନା କହିଛନ୍ତି ।

"ମାନ ଉଦ୍ଧାରଣ କରହେ କାରଣ
ଶରଣ ମୁଁ ତୁମ୍ଭ ପାଦ ତଳେ
ଅନାଥର ନାଥ ନୀଳଗିରି ନାଥ
ଜଗନ୍ନାଥ ନାମ ନୀଳାଚଳେ ।"

ସେହିପରି କୃଷ୍ଣ ଲୀଳାତ୍ମକ ଚଉପଦୀ କହିଲେ ଆମେ ସାଧାରଣତଃ ବୁଝିଥାଉ ଶ୍ରୀକୃଷ୍ଣଲୀଳା ଯେଉଁଥିରେ  ବର୍ଣ୍ଣିତ ହେବା ସହ ପୂର୍ବରାଗ, ମାନ, ପ୍ରେମବୈଚିତ୍ର୍ୟ, ପ୍ରବାସ, ମିଳନ,

ISSN NO.
2582-208X

ବିରହ ଆଦି ପ୍ରସଙ୍ଗ ବର୍ଣ୍ଣନା କରାଯାଇଥାଏ । ଏହାର ମଧ୍ୟ ପ୍ରଭାବ ଆମ ସାହିତ୍ୟରେ ଦେଖିବାକୁ ପାଇଥାଉ । ଯେପରି ସାଲବେଗଙ୍କ 'ମୋତେ କେଉଁ ବାଳୀ ଲଗାଇଲ', ଦୀନକୃଷ୍ଣ ଦାସଙ୍କ 'ପୋଡୁ ଏ କଦମ୍ବ ଜଳୁ ବୃନ୍ଦାବନ', ଦୀନମଣିଙ୍କର 'ଛଳ କରି କୃଷ୍ଣ ମୋ ଠାରେ', ରାମଚନ୍ଦ୍ରଦେବଙ୍କ 'ସଖୀ ତୁହି ଯାରେ', ଦଶପଲା ନରେଶଙ୍କ 'ଏହି ଚାନ୍ଦିନୀ ନିଶିରେ' । ସେହିପରି କୃଷ୍ଣଲୀଳାତ୍ମକ ଚଉପଦୀ ରଚନା କରିବା କ୍ଷେତ୍ରରେ ବନମାଳୀ ଦାସଙ୍କ ଅବଦାନ ଅତୁଳନୀୟ ଅଟେ । ସେ ଅନେକ ଚଉପଦୀ ରଚନା କରିଥିଲେ ମଧ୍ୟ ଏକ ଜନପ୍ରିୟ ରଚନା ଭାବରେ ଆମେ 'ଶ୍ୟାମ ନାଗର ହେ ଏ ବେଶ ହୋଇବ ନାହିଁ'କୁ ଗ୍ରହଣ କରିଥାଉ । ଏଥିରେ କବି ରାଧାକୃଷ୍ଣଙ୍କର ପ୍ରେମ ସମ୍ବଳିତ ବିଷୟ ବର୍ଣ୍ଣନା କରିବା ସହିତ ରାଧାଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ରହିଥିବା ମାନ ବର୍ଣ୍ଣନା କରିଛନ୍ତି ।

"ଶ୍ୟାମ ନାଗର ହେ ଏ ବେଶ ହୋଇବ ନାହିଁ
ଏ ବେଶ ହୋଇଲେ ପାଷାଣ ତରଳେ
ଯୁବତୀ ବଞ୍ଚିବେ ନାହିଁ
ଶ୍ୟାମ ନାଗରହେ ।"

ଅନ୍ୟାନ୍ୟ ଚଉପଦୀ ଅପେକ୍ଷା ମାନବିକ ପ୍ରେମମୂଳକ ଚଉପଦୀର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏହି ଧରଣର ଚଉପଦୀରେ ଚାଟୁକ୍ତି, ବିରହାନୁଚିନ୍ତା, ସଂଭୋଗ, ସ୍ମୃତି ଓ ମିଳନାନନ୍ଦ ଏହିପରି ବିଷୟଗୁଡ଼ିକୁ ଉଲ୍ଲେଖ କରାଯାଇଥାଏ । କବି ଉପେନ୍ଦ୍ରଭଂଜଙ୍କର ଚଉପଦୀ ଚନ୍ଦ୍ରରେ ଥିବା ୧୬ ଗୋଟି ଚଉପଦୀ, ରସପଞ୍ଚକ-୪୯ଟି ଚଉପଦୀ ରହିଛି । ମାନବିକ ପ୍ରେମମୂଳକ ଚଉପଦୀକୁ ସାଧାରଣତଃ ଅନ୍ୟ ଅର୍ଥରେ ଲୌକିକ ପ୍ରଣୟାନୁଭୂତିକୁ ଆଧାର କରି ଗଢ଼ିଉଠିଛି ।

ପରିଶେଷରେ ଉପସଂହାରରେ ଆମେ ଏତିକି କହିପାରିବା ଚଉପଦୀ ଓଡ଼ିଆ ସାହିତ୍ୟ ଓ ସଂଗୀତ ପ୍ରତି ଅପୂର୍ବ ଦାନ ଅଟେ । କାଳକୁ ଅତିବାହିତ କରି ଏହା ଆଜି ସାର୍ବଜନୀନ ହୋଇପାରିଛି । ଏଥିରେ ନାଟକୀୟତା, ଛାନ୍ଦ, ରାଗ ଓ ତାଳର ଅପୂର୍ବ ସମନ୍ୱୟ ଦେଖିବାକୁ ପାଇପାରିବା । ଆଜି ଏଗୁନିକ କେବଳ ବଞ୍ଚି ରହିଛି ଓଡ଼ିଶାର ପୁରପଲ୍ଲୀରେ ଥିବା ଲୋକନାଟକ ଯଥା- ପାଲା, ଦାସକାଠିଆ ଓ ଭାରତଲୀଳା ମାଧ୍ୟମରେ । ଏଣୁ ଏଗୁଡ଼ିଏ ସଂରକ୍ଷଣ କରି ଆମ ସାହିତ୍ୟର ବାଣୀଭଣ୍ଡାରକୁ ସୁସମୃଦ୍ଧ କରିବା ଆମର ଜାତୀୟ କର୍ତ୍ତବ୍ୟ ଅଟେ ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ:

୧. ଆଚାର୍ଯ୍ୟ, ସୁଦର୍ଶନ, ଓଡ଼ିଆ କାବ୍ୟକୌଶଳ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୨୦

୨. ମହାନ୍ତି, ଜାନକୀବଲ୍ଲଭ, ଓଡ଼ିଆ ଗୀତିକାବ୍ୟ, ଗ୍ରନ୍ଥମନ୍ଦିର, କଟକ, ୨୦୧୭

୩. ପାଣିଗ୍ରାହୀ, ଲମ୍ବୋଦର, ଚଉପଦୀକାର ଉପେନ୍ଦ୍ର, ଅନ୍ନପୂର୍ଣ୍ଣା ପ୍ରିଣ୍ଟର୍ସ, ବ୍ରହ୍ମପୁର, ୨୦୨୧

-୦-

ଗବେଷକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର, ବିଶ୍ୱବିଦ୍ୟାଳୟ, ଭଂଜବିହାର, ଗଂଜାମ

ISSN NO.
2582-208X

# ଜୀବନ ଜିଦିଆ

ଲକ୍ଷ୍ମୀପ୍ରିୟା ସାହୁ

ଜୀବନ ବି ଭାରି ଜିଦିଆ
ଜିଦି କରେ ଠିକ୍ ତୁମ ପରି
ଯେମିତି ତୁମେ ଅଳି କର
ମୋ ଠାରୁ କିଛି ସ୍ୱାର୍ଥର
ଜୀବନ ବି ମାଗେ କିଛି
ଅସମ୍ପୂର୍ଣ୍ଣ ଗୁଡ଼ାଏ ଇଛାର ......
ମୁଁ ତ ସବୁ ଦିନ ଧରି
ଅପରାଧି, ନା ପୂରଣ କରିଛି
ତୁମ ଠାରୁ ଜୀବନ ପର୍ଯ୍ୟନ୍ତ
ଅନେକ ଅସଜଡା ସ୍ୱପ୍ନର
ତଥାପି ମୁଁ ଜୀବନକୁ ଠକି କରି
ବଞ୍ଚିଛି ମୂଲ୍ୟ ଦେବା ପାଇଁ ତା ଜିଦିର.....

ଚହଟା, ତୁଳସୀପୁର, ପୁରୀ

ISSN NO.
2582-208X

# ମାଆ ପାଇଁ ଗଛ ଟିଏ



ଲୀଳାବତୀ ପରିଡ଼ା

ମାଆ ସିନା ଦେଲା ଜନମ ଆମକୁ
ରକ୍ତ ହାଡ଼ ମାଂସ ଶରୀର
ଭୂମିରେ ପଡ଼ିଲେ କୁଆଁ କୁଆଁ କରି
ମାଟି ମାଆ କଲା ନିଜର।
ମାଟି ମାଆ ବୁକୁରେ ନାଚି କୁଦି ଡେଇଁ
ଏଡେ ରୁ ଏଡୁ ଟେ ହୋଇଲେ
ତା ଦେହରେ ଆମେ ବିଛଣା ପକାଇ
କେଡେ ଆରାମରେ ଶୋଇଲେ।
କେତେ ଗିରି ବନ କେଦାର କାନନେ
ଗଛ ଲତା କେତେ ରଖିଛି
ଗଛ ଠାରୁ କେତେ ଉପକାର ପାଉ
ପଢ଼ା ବହିରୁ ମୁଁ ଶିଖିଛି।
ଜୀବନ ଭରିବା ପାଇଁ ଅମ୍ଳଜାନ
ଗଛଠାରୁ ଆମେ ପାଇଛେ
ମାଆ ସିନା ଦିଏ ଯତନେ ଖୁଆଇ
ଗଛ ଖାଦ୍ୟ ରାନ୍ଧେ ଜାଣିଛେ।
ମାଆ ସିନା ଦିଏ ତା ଉଷୁମ କୋଳ
ଗଛର ଶୀତଳ ପବନ

ISSN NO.
2582-208X

ଜାତି ଜାତି ଫୁଲ ସୁବାସ ମହକେ
ମନ ଖୁସି ହୁଏ ମଗନ।
ଖାଦ୍ୟ ବସ୍ତ୍ର ବାସ ବାସନା ଜାଳେଣୀ
ଝୁଣା ଲାଖ ମହୁ ରବର
ଗଛ ଶୋଷିନିଏ ଅଙ୍ଗାରକାମଳ
ବରଷା କରଇ ଜବର।
ମାଆ ସିନା ଦେଲା ସେନେହ ଶରଧା
ଗଛ ରଖେ ଆମ ଜୀବନ
ମାଆ ପାଇଁ ଗଛ ଟିଏ ଲଗାଇବା
ଦେବା ଆମେ ଏବେ ବଚନ।

କୁଟୁଣିଆଁ, ହିନ୍ଦୋଳ , ଢେଙ୍କାନାଳ
ମୋ ନଂ 9861945626

ISSN NO.
2582-208X

# ଫ୍ରେଣ୍ଡ୍ ସିପ୍ ଡେ



ଚତରଞ୍ଜନ ବେହେରା

ଗୃରିପାଖରେ, ସୋସିଆଲ ମିଡିଆରେ
ସାଙ୍ଗ ସାଥି ଙ୍କ ଭର୍ତ୍ତି.....
ଠିକ୍ ସମୟରେ ବ୍ୟସ୍ତ ଅଛି କହି
ଫୋନ୍ କାଟି ଦିଅନ୍ତୁ....!!

ଝିଅ ସାଙ୍ଗମାନେ ପୁଅ ସାଙ୍ଗକୁ ଭୟ
କାଳେ ଗାର୍ଲ୍ ଫ୍ରେଣ୍ଡ୍ କରିଦେବ......
ପୁଅ ସାଙ୍ଗମାନେ ପୁଅ ସାଙ୍ଗକୁ ଡର
ନଜ ଗାର୍ଲ୍ ଫ୍ରେଣ୍ଡ୍ ଚୋରୀ କରିବ....!!

ଝିଅ ମାନେ ଆଜିକାଲି ଭୟ କରୁଛନ୍ତୁ
ଝିଅଙ୍କୁ ବେଷ୍ଟ ଫ୍ରେଣ୍ଡ୍ କରିବା ପାଇଁ....
ଅତ୍ୟଧିକ ମୋ ସହିତ ମିଳାମିଶା ହେଲେ
ମୋ ବଏଫ୍ରେଣ୍ଡ୍ କୁ ନବ ଛଡେଇ...!!

ଏହି ଭୟରେ ଆଧୁନକ ପୁଅ ଝିଅ
ମୋବାଇଲ୍ କୁ ବେଷ୍ଟ ଫ୍ରେଣ୍ଡ୍ କରିଛନ୍ତୁ...
ସୋସିଆଲ ମିଡିଆରେ ବନ୍ଧୁତ୍ୱ ଦିବସ
ଆନନ୍ଦରେ ପାଳନ କରୁଛନ୍ତୁ......!!

ବୌଦ୍ଧ
ମୋ - 9438710387

ISSN NO.
2582-208X

ବେଦାନ୍ତୀ

# ପ୍ରାଚୀନ ପୋଥି ସମ୍ପାଦନା ପ୍ରକ୍ରିୟା ଓ ପ୍ରବିଧି



ପ୍ରଦ୍ୟୁମ୍ନ ସାହୁ

ସାମାଜିକ ଜୀବନରେ ସମ୍ପାଦନା ହେଉଛି ଯେ କୌଣସି କାର୍ଯ୍ୟର ସୂଚାରୁ ରୂପେ ସମ୍ପନ୍ନ କରିବାର ପ୍ରକ୍ରିୟା। ମାତ୍ର ସାହିତ୍ୟରେ ଏହାର ଅର୍ଥ ବିସ୍ତୃତ ।ସାହିତ୍ୟରେ ଅନ୍ୟାନ୍ୟ ବିଭାଗ ପରି ଏହା ଏକ ବଳିଷ୍ଠ ବିଭବ। ଏହାର ପରିସର ବ୍ୟାପକ। ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଅନୁଯାୟୀ ସମ୍ପାଦନା ଶବ୍ଦଟି *'ସମ୍+ଣିଜନ୍ତ ପଦ ବା ପାଦି ଧାତୁ+ଅନ ପ୍ରତ୍ୟୟ'* ଯୋଗେ ଗଠିତ। ଯାହାର ଅର୍ଥ ହେଲା 'ସମାଧାନ' ବା 'ସମାପନ' ବା 'ନିଷ୍କାଦନ'। ତେଣୁ ସମ୍ପାଦନା ହେଉଛି ସାଧାରଣତଃ କୌଣସି ଲିଖିତ ଦୃଶ୍ୟ, ଶ୍ରାବ୍ୟ, ଚଳଚ୍ଚିତ୍ର, ଅଥବା ଗଣମାଧ୍ୟମର ବିଷୟ ଯେଉଁ ବକ୍ତବ୍ୟ ରଖୁଥାଏ, ତାହାକୁ ଆବଶ୍ୟକ ମୁତାବକ ପ୍ରସ୍ତୁତକରିବା ଅର୍ଥାତ୍ ତ୍ରୁଟି ସଂଶୋଧନ କରି ସଜ୍ଜୀକରଣ ପ୍ରକ୍ରିୟା। ଅନ୍ୟ ଅର୍ଥରେ କହିଲେ ସଂଶୋଧନ, ସଂକ୍ଷିପ୍ତୀକରଣ, ପୁନର୍ଗଠନ ତଥା ଅନ୍ୟାନ୍ୟ ବହୁବିଧ ପରିବର୍ତ୍ତନକାମୀ କର୍ମର ଅଭିକ୍ରିୟାକୁ ବୁଝାଇଥାଏ। ଗବେଷଣା ପରି ସମ୍ପାଦନା ମଧ୍ୟ ଏକ ଜାତୀୟ କାର୍ଯ୍ୟ। ଏହାର ପରିସର ମଧ୍ୟ ଗବେଷଣା ଭଳି ବହୁବିଧ। ପାଠ୍ୟପୁସ୍ତକଠାରୁ ଆରମ୍ଭ କରି ସମ୍ବାଦପତ୍ର, ପତ୍ରିକା, ସଙ୍ଗୀତ, ଚଳଚ୍ଚିତ୍ର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସମ୍ପାଦନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ସମ୍ପାଦନା ଏକ ସର୍ଜନାତ୍ମକ ସୃଷ୍ଟିର ଗୁଣାତ୍ମକ ମାନକୁ ବୃଦ୍ଧି କରିବା ସହିତ ବିସ୍ମୃତିର ଅତଳ ଗର୍ଭରେ ଲୀନ ହୋଇଯିବା ପୂର୍ବରୁ ସୃଷ୍ଟି ସମ୍ପଦକୁ ଉଦ୍ଧାର କରେ। ସୃଷ୍ଟିର ପୃଷ୍ଠପଟରେ ଲୁଚି ରହିଥିବା ଗୋଟିଏ ସଭ୍ୟତା, ସଂସ୍କୃତି, ସମାଜ, ଇତିହାସ ଓ ସମୟ ନିରୂପଣ କରି ତାହାକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥାଏ। ସମ୍ପାଦନା ହିଁ ଲେଖକ ଓ ପାଠକ ମଧ୍ୟରେ ଏକ ସଂଯୋଗ ସେତୁର ଭୂମିକା

ISSN NO.
2582-208X

ନିର୍ବାହ କରେ। ଗୋଟିଏ ମୂଳ କୃତିର ଯଥାର୍ଥ ଉପସ୍ଥାପନା ଓ ଉପଯୁକ୍ତ ଉପଲବ୍ଧି ଏହା ଦ୍ୱାରା ହିଁ ପୂର୍ଣ୍ଣ ମାତ୍ରାରେ ସାଧିତ ହୋଇଥାଏ। ପୁଣି ସାହିତ୍ୟିକ କୃତିଟିର ଆତ୍ମିକ ଓ ଆଙ୍ଗିକ ରୂପକୁ ଚିର ଅମ୍ଳାନ କରିରଖିବାର ପ୍ରଚେଷ୍ଟା ହିଁ ହେଉଛି ସମ୍ପାଦନା କଳା। ହିନ୍ଦୀ ସାହିତ୍ୟରେ ଆଲୋଚକ ଡ. ଜୈନ ସମ୍ପଦନାର ଅର୍ଥ ନିର୍ଣ୍ଣୟ କରି କହନ୍ତି, "ସମ୍ପାଦନା କା ଅର୍ଥ ବିଭିନ୍ନ ପାଣ୍ଡୁଲିପିୟୋଁ କେ ଆଧାର୍ ପର୍ ଉସ୍ ଭାଷା କା ସେହି ରୂପ୍ କୀ ପୁନର୍ରଚନା କରନା ହୈ, ଜିସମେ ଓହ ମୂଳତଃ ଲିଖୀଗୟୀ ଥୀ, ଇସକେ ଲିୟେ ୟହ ଆବଶ୍ୟକ୍ ହୈ କୀ ସମ୍ବନ୍ଧିତ୍ ଭାଷା କୀ ପ୍ରାମାଣିକ୍ ଔର୍ ଗହରୀ ଜାନକାରୀ ହୋ। ସାହିତ୍ୟିକ ରଚନାଓଁ କେ ସମ୍ପାଦନା ମେଁ ୟହ ଜାନକାରୀ ଔର୍ ଭୀ ଅନିବାର୍ଯ୍ୟ ହୈଁ, କୀଓଁକି ଉନକୀ ଭାଷା ମେଁ ଏକ୍ ଔର୍ ଭାଷା ଛିପୀ ହୋତୀ ହୈ" *(ଜୈନ ଡଃ ଦେବେନ୍ଦ୍ର କୁମାର- ପାଣ୍ଡୁଲିପିୟୋଂ କା ସମ୍ପାଦନା- ପାଣ୍ଡୁଲିପି ସମ୍ପାଦନା କଳା, ପୃ-୩୩)*। ଅନ୍ୟ ଅର୍ଥରେ କହିଲେ ପ୍ରାଚୀନ ସମୟରୁ ସମାଜରେ ଲୁଚି ରହିଥିବା ବିଶିଷ୍ଟ ଗ୍ରନ୍ଥକୁ ପୁନରୁଦ୍ଧାର କରିବା ପ୍ରକ୍ରିୟା ହିଁ ହେଉଛି ସମ୍ପାଦନା।

ସ୍ରଷ୍ଟାର ସର୍ଜନାତ୍ମକ ସୃଷ୍ଟି ପରେ ତାହା ପାଠକ ନିକଟରେ ପହଞ୍ଚିଥାଏ। ମାତ୍ର ପାଠକ ନିକଟକୁ ପହଞ୍ଚିବା ପୂର୍ବରୁ ସମ୍ପାଦନାର ମାର୍ଗ ଦେଇ ଅତିକ୍ରମ କରିବାକୁ ପଡ଼ିଥାଏ। ତେଣୁ ସମ୍ପାଦକ ଏହି ସ୍ରଷ୍ଟାର ସୃଷ୍ଟି ଓ ପାଠକ ମଧ୍ୟରେ ସଂଯୋଗ ସେତୁର କାର୍ଯ୍ୟ କରେ। ପୁଣି ବିଷୟବସ୍ତୁର ସଠିକତା, ରଚନା ଶୈଳୀ, ଶବ୍ଦ ସଂଯୋଜନା ତଥାବନାନ ଅଶୁଦ୍ଧି ଆଦି ପ୍ରତି ଦୃଷ୍ଟିଦେବା ସମ୍ପାଦକଙ୍କକାର୍ଯ୍ୟ। ତାହା ପାଠ୍ୟପୁସ୍ତକ, ସମ୍ବାଦପତ୍ର, ସାହିତ୍ୟ ପତ୍ରିକା, ପୋଥି ପାଠୋଦ୍ଧାର, ଗବେଷଣା ଗ୍ରନ୍ଥ, ପାଠଚକ୍ର ରଚନାବଳୀଅଥବାବିଶେଷାଙ୍କଆଦି ଯେ କୌଣସି ସୃଷ୍ଟି ହେଉ, ସବୁ କ୍ଷେତ୍ରରେ ପରିମାର୍ଜନର ଆବଶ୍ୟକତା ରହିଥାଏ। ଏହାଦ୍ୱାରା ଲେଖାଟି ପୂର୍ବାପେକ୍ଷା ଶୁଦ୍ଧ ହୋଇଥାଏ।ସମ୍ପାଦନା ସ୍ୱରୂପ ମଧ୍ୟ ବହୁବିଧ, ଯଥା- କ'ଣ, କେଉଁଠି, କାହିଁକି, କିପରି ଏଭଳି ଅନେକ ପ୍ରଶ୍ନର ଯଥାର୍ଥ ଉତ୍ତର ପ୍ରଦାନ କରିବାରେ ସମର୍ଥ ହୋଇଥାଏ। ଏହିସବୁ ଦୃଷ୍ଟିକୋଣରୁ ସମ୍ପାଦନା ଏକ ମହତ କାର୍ଯ୍ୟ। ତେଣୁ ଯିଏ ଏହି କାର୍ଯ୍ୟକୁ ସମ୍ପନ୍ନ କରନ୍ତି ତାହାଙ୍କୁ ସମ୍ପାଦକ କୁହାଯାଏ। ଏହା ବ୍ୟତୀତ ଯେଉଁ ବ୍ୟକ୍ତି କୌଣସି ପୁରାତନ ବା ଲୁପ୍ତପ୍ରାୟ ଗ୍ରନ୍ଥର ଶୁଦ୍ଧତା ନିର୍ଣ୍ଣୟ ଲକ୍ଷ୍ୟରଖି ବିଭିନ୍ନ ଦୃଷ୍ଟିକୋଣରୁତର୍ଜମା ଓ ସଂଶୋଧନ କରନ୍ତି ତାଙ୍କୁ ମଧ୍ୟ ସମ୍ପାଦକ କୁହାଯାଏ।ପୁଣି ଯେ ପ୍ରତ୍ୟହ ପ୍ରକାଶିତ ଖବର କାଗଜ, ମାସିକ, ପାକ୍ଷିକ, ଦ୍ୱିମାସିକ, ତ୍ରୈମାସିକ ପତ୍ରିକାମାନଙ୍କରେ ବହୁ ଲବ୍ଧପ୍ରତିଷ୍ଠ ବା ନୂତନ ଲେଖକ ଲେଖିକାଙ୍କର ପ୍ରବନ୍ଧ, କବିତା,

ISSN NO.
2582-208X

ଗଳ୍ପ ବା ନାଟ୍ୟ ରୂପକୁ ସଂଯୋଜନା କରି ଏକ ସାର ଗର୍ଭକ ଆଲୋଚନା କରିଥାନ୍ତି ସେ ମଧ୍ୟ ସମ୍ପାଦକ ନାମରେ ନାମିତ ହୋଇଥାନ୍ତି।

ସମ୍ପାଦନା କାର୍ଯ୍ୟଟି ଅତୀବ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏହାର ପ୍ରକାରଭେଦ ମଧ୍ୟ ଭିନ୍ନ ଭିନ୍ନ ରହିଛି । ଏହା ପ୍ରାଚୀନ ଗ୍ରନ୍ଥ ସମ୍ପାଦନାଠାରୁ ଆରମ୍ଭ କରି ଆଧୁନିକ ପାଠ୍ୟପୁସ୍ତକ ସମ୍ପାଦନା, ପୁରାତନ ବିଲୁପ୍ତ ପତ୍ର ପତ୍ରିକାର ପୁନଃ ସମ୍ପାଦନା, ସଂବାଦ ସମ୍ପାଦନା, ଶିଳାଲେଖ ଓ ତାମ୍ର ଫଳକ ସମ୍ପାଦନା, ଚଳଚ୍ଚିତ୍ର ସମ୍ପାଦନା ପର୍ଯ୍ୟନ୍ତ ବିସ୍ତୃତ। ତେଣୁ ଏହାର ପରିସରକୁ ଦୃଷ୍ଟିରେ ରଖି ଏହାକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ ଯଥା- (୧)ପାଠ୍ୟପୁସ୍ତକ ସମ୍ପାଦନା, (୨)ସମ୍ବାଦପତ୍ର ସମ୍ପାଦନା, (୩)ପତ୍ରିକା ସମ୍ପାଦନା, (୪)ସାକ୍ଷାତକାର ସମ୍ପାଦନା, (୫)ବିଶେଷାଙ୍କ ସମ୍ପାଦନା, (୬)ଭାଷା ସମ୍ପାଦନା, (୭)ବୈଷୟିକ ସମ୍ପାଦନା, (୮)ଲେଖାକୀୟ ସମ୍ପାଦନା, (୯)ଗ୍ରନ୍ଥ ସମ୍ପାଦନା, (୧୦)ପ୍ରାଚୀନ ପୋଥି ସମ୍ପାଦନା ଇତ୍ୟାଦି।ଏହି ବିଭିନ୍ନ ବିଭାଗ ମଧ୍ୟରେ ପ୍ରଚୀନ ପୋଥି ସମ୍ପାଦନା ଅତୀବ ଗୁରୁତ୍ତ୍ୱପୂର୍ଣ୍ଣ । ତେଣୁ ନିମ୍ନରେ ତାହା ବିସ୍ତୃତ ଭାବରେ ଆଲୋଚନା କରାଗଲା।

## ପୋଥିର ଅର୍ଥ ଓ ସ୍ୱରୂପ

ପୋଥି କହିଲେ ସାଧାରଣତଃ ପ୍ରାଚୀନ ସମୟରେ ତାଳପତ୍ର ତଥା ଭୁଜପତ୍ର ଆଦିରେ ରଚିତ ଧାର୍ମିକ ଗ୍ରନ୍ଥ ସମୂହକୁ ବୁଝାଇ ଥାଏ। 'ପୋଥି' ଶବ୍ଦଟି ସଂସ୍କୃତ 'ପୁସ୍ତିକା' ଶବ୍ଦରୁ ବ୍ୟୁତ୍ପନ୍ନ(*ପୁସ୍ତିକା> ପୁତ୍ ଥିଆ> ପୁଥି> ପୋଥି*)। ପୁଣି ଏହାର ବ୍ୟୁତ୍ପତ୍ତିଗତ ଅର୍ଥ ସମ୍ପର୍କରେ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ଉଲ୍ଲେଖ ଅଛି ଯେ- ପୋଥିର ଅର୍ଥ- 'ପୁସ୍ତକ' ବା 'ବହି' କିମ୍ବା 'ତାଳପତ୍ରରେ ଲେଖା ଗ୍ରନ୍ଥ'(*ତାଳପତ୍ରର ଛୋଟ ପୋଥିକୁ ଖେଦା ଓ ବଡ଼ ପୁସ୍ତକକୁ ପୋଥା ବା ପୋଥି ବୋଲାଯାଏ*)। ଏଥିରେ ଧର୍ମ ସମ୍ବନ୍ଧୀୟ ତଥା ପୁରାଣ ସମ୍ବନ୍ଧୀୟ ବିଭିନ୍ନ ବିଷୟବସ୍ତୁକୁ ହିଁ ଲେଖା ଯାଉଥିଲା।

ଇତିହାସ ପୃଷ୍ଠା ଲେଉଟାଇଲେ ଜଣାପଡ଼େ ଯେ ମୌଖିକ ଭାଷାର ସ୍ଥାୟୀ ନିମିତ୍ତ ଲିପି ସୃଷ୍ଟି ହୋଇଥିଲା। ଏହି ପ୍ରାରମ୍ଭିକ ପର୍ଯ୍ୟାୟରେ ଲିପି ମାଧ୍ୟମରେ ଯାହା କିଛି ସୁରକ୍ଷିତ କରି ରଖିବାର ପ୍ରଚେଷ୍ଟା କରାଯାଇଥିଲା ତାହା ଶିଳାଲେଖ, ତାମ୍ରଲେଖ,କାଷ୍ଠପଟା,ଭୂର୍ଜପତ୍ର, ତାଳପତ୍ର, ବୃକ୍ଷର ଛାଲ ବା ବଲ୍କଳ ଆଦି ମଧ୍ୟରେ ଥିଲାସୀମାବଦ୍ଧ। ମାତ୍ର ଏଥି ମଧ୍ୟରୁ

ISSN NO.
2582-208X

ପୁସ୍ତକ ଆକାରରେ ଭୁର୍ଜପତ୍ର, ତାଳପତ୍ର ଆଦିରେ ଯାହା ଲେଖା ଯାଉଥିଲା ତାହାକୁ ହିଁ ପାଣ୍ଡୁଲିପି କୁହାଯାଉଥିଲା।ଇଂରାଜୀ ଭାଷାରେ ଏହାକୁ *Manuscript* କୁହାଯାଇଥାଏ। ଓଡ଼ିଶାରେ ଲିଖନୀର ଆଧାର ରୂପେ ଭୁର୍ଜପତ୍ର, କାଷ୍ଠପଟା, ବଲ୍କଳ ଅପେକ୍ଷା ତାଳପତ୍ରରେ ହିଁ ଲିଖିତ ଗ୍ରନ୍ଥସମୂହ ଅଧିକ ଦୃଷ୍ଟି ଗୋଚର ହେଉଥିବାରୁ ପାଣ୍ଡୁଲିପି କହିଲେ ଏଠାରେ ତାଳପତ୍ର ପୋଥିରେ ଲିଖିତ ଗ୍ରନ୍ଥକୁ ହିଁ ବୁଝାଯାଇଥାଏ। ମାତ୍ର ସମ୍ପ୍ରତି ପାଣ୍ଡୁଲିପି ଅର୍ଥ ହେଲା ମୂଳ ଲେଖାଠାରୁ ଆରମ୍ଭ କରି ନକଲ କରାଯାଇଥିବା ସମସ୍ତ ଅନୁଲିପି ବା ପ୍ରତିଲିପି ତଥାସମସ୍ତ ହସ୍ତ ଲିଖିତ ପୁସ୍ତକ। ଏହି ପାଣ୍ଡୁଲିପିଗୁଡ଼ିକ ମାଧ୍ୟମରେ ମୂଳ ବା ଅବିକୃତ ପାଠକୁ ଫେରି ପାଇବା ହିଁ ହେଉଛି ପ୍ରାଚୀନ ପୋଥି ସମ୍ପାଦନାର ମୂଳ ଲକ୍ଷ୍ୟ। ଏଥିପାଇଁ ମୂଳଗ୍ରନ୍ଥର ଏକାଧିକ ପ୍ରତିଲିପିକୁ ତୁଳନା କରି, ବ୍ୟାଖ୍ୟା ବିଶ୍ଳେଷଣ କରି, ଅନ୍ତରଙ୍ଗ ଓ ବହିରଙ୍ଗ ବିଭିନ୍ନ ପ୍ରମାଣକୁ ଆଧାର କରି ମୂଳପାଠର ଅନୁସନ୍ଧାନ କରିବାକୁ ପଡ଼ିଥାଏ।

## ପୋଥି ସମ୍ପାଦନାର ଉଦ୍ଦେଶ୍ୟ

ଯୁଗେ ଯୁଗେ କବି ଓ ଭାବୁକମାନେ ନିଜ ଭାବ ତଥା ଚିନ୍ତାରାଜିକୁ ଶବ୍ଦର ରୂପ ଦେଇ ସାହିତ୍ୟ କୃତିସମୂହ ସୃଷ୍ଟି କରି ଯାଇଛନ୍ତି। ଯୁଗାନୁଯାୟୀ ଲେଖକ ନିଜ ଲେଖନୀ ମୁନରେ ଶବ୍ଦର ରୂପକୁବିଭିନ୍ନ ଆଧାରରେ ଲିପିବଦ୍ଧ କରିଯାଇଛନ୍ତି। ପ୍ରାଚୀନରୁ ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ ଲେଖନୀର ଆଧାର ପରିବର୍ତ୍ତିତ। ଆଜିର ଯୁଗ କାଗଜ, କଲମର ହୋଇଥିବା ବେଳେ ପୁର୍ବରେ ଥିଲା ତାହା ଲୌହଲେଖନୀ, ତାଳପତ୍ର ତଥା ଭୂର୍ଜପତ୍ର। ଏଣୁ ଏହି ମହାନ୍ ମନୀଷୀଗଣ ଭବିଷ୍ୟତ ବଂଶଧରଙ୍କ ପାଇଁ ସେମାନଙ୍କର ଲେଖାଗୁଡ଼ିକୁ ସାଇତି ରଖିବା ଉଦ୍ଦେଶ୍ୟରେ ବିଭିନ୍ନ ତାଳପତ୍ର, ଭୂର୍ଜପତ୍ରକୁ ବ୍ୟବହାର କରୁଥିଲେ।ପୁଣି ଅନେକ ସମୟରେ କବି ଓ ଲିପିକାରଜଣେ ବ୍ୟକ୍ତି କିମ୍ବା ଭିନ୍ନ ଭିନ୍ନ ହୋଇଥାନ୍ତି। ଯଦି ଭିନ୍ନ ଭିନ୍ନ ହୋଇଥାନ୍ତି ତାହାଲେବେଳେ ବେଳେ କବିଙ୍କର ମୌଳିକ କୃତିରେ ପରିବର୍ତ୍ତନ ତଥା ତ୍ରୁଟି ପ୍ରମାଦରହିଥାଏ। ଏ ପରିବର୍ତ୍ତନ ବିଭିନ୍ନ କାରଣ ଯୋଗୁଁ ଘଟିଥାଏ, ଯେପରିକି ଲିପିକାରଙ୍କ ଚକ୍ଷୁ ବା ଶ୍ରବଣ ଜନିତ ଦୋଷ ହେଉ ବା ପୋଥି ଲିଖନରଆଞ୍ଚଳିକ ଭିନ୍ନତା ହେଉ ବା ପ୍ର-ପ୍ର ପ୍ରତିଲିପିର ସୃଷ୍ଟି ହେଉ, ଏହା ପାଠକ ନିକଟକୁ ଆସିବା ପର୍ଯ୍ୟନ୍ତଲେଖକଙ୍କ ଆଉ ମୌଳିକତା ନଥାଏ। ତେଣୁ ଏହିଠାରେ ହିଁ ସମ୍ପାଦନାର ଆବଶ୍ୟକତା ପଡ଼ିଥାଏ। କାରଣ ସମ୍ପାଦନା ମାଧ୍ୟମରେ ହିଁ ଲେଖକଙ୍କର ମୂଳ ଲେଖା ପର୍ଯ୍ୟନ୍ତ ଫେରିଯିବା ସମ୍ଭବପର ହୋଇଥାଏ । ବେଳେ ବେଳେ ଗୋଟିଏ ଗୋଟିଏ ମୂଳ ଲେଖାର ଏତେ ମାତ୍ରାରେ

ISSN NO.
2582-208X

ଅନୁଲିପିକରଣ ହୋଇଥାଏ ଯେ ତନ୍ମଧ୍ୟରୁ କେଉଁଟି ମୂଳଲେଖା ଓ କେଉଁ ପୋଥିଗୁଡ଼ିକ ନକଲ ବା ଅନୁଲିପି ସହଜରେ ଜାଣି ହୁଏ ନାହିଁ। ତେଣୁ ସମ୍ପାଦନା ମାଧ୍ୟମରେ ହିଁ ମୂଳ ଲେଖାକୁ ଉଦ୍ଧାର କରାଯାଇଥାଏ । ଯେଉଁ ସବୁ ନିୟମ ତଥା ପଦ୍ଧତି ଅନୁଯାୟୀ ଏହି କାର୍ଯ୍ୟ କରାଯାଏ ତାକୁ ସମ୍ପାଦନା କୁହାଯାଏ। ଏହି ସମ୍ପାଦନାର ଆବଶ୍ୟକତା ଏହିଠାରେ ହିଁ ଅନୁଭୂତ ହୁଏ। ସମ୍ପାଦନା ବ୍ୟତିରେକ କବିଙ୍କର ମୂଳ ଭାବକୁ ଜାଣିବା ଅତୀବ କଷ୍ଟକର ହୋଇପଡ଼େ। ସମ୍ପାଦନାଦ୍ୱାର ହିଁ କବି ବା ଲେଖକର ଚିନ୍ତାଧାରାକୁ ପାଠକ ପାଠିକାମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବାରେ ସମର୍ଥ ହୋଇଥାଏ। ଅତଏବ କହିବାକୁ ଗଲେ ଲେଖକଙ୍କ ସାମ୍ଭବ୍ୟ ମୂଳପାଠ ନିରୂପଣ କରିବା ସହିତ ସମସ୍ତଙ୍କ ଆଗରେ ଉପସ୍ଥାପନ କରିବା ହେଉଛି ପ୍ରାଚୀନ ପୋଥି ସମ୍ପାଦନାର ପ୍ରମୁଖ କାର୍ଯ୍ୟ।

ବହୁ ଶତାବ୍ଦୀ ପୂର୍ବରୁ ଲେଖକଙ୍କ ରଚିତ ମୌଳିକ ଗ୍ରନ୍ଥଗୁଡ଼ିକ କାଳର କରାଳ ଗର୍ଭରେ ଏକ ପ୍ରକାର ନିଶ୍ଚିହ୍ନ କହିଲେ ଚଳେ। ବର୍ତ୍ତମାନ ଲେଖକଙ୍କ ମୂଳକୃତି ରୂପେ ଯାହା ହସ୍ତଗତ ତାହା ମୂଳଗ୍ରନ୍ଥର ପ୍ରତିଲିପି ବା ଅନୁଲିପି ମାତ୍ର। କାରଣ ବିଭିନ୍ନ ସୂତ୍ରରୁ(ପୋଥିର ସ୍ଥାୟିତ୍ୱ ଅଭାବରୁ, ଦୁର୍ଘଟଣା, ପ୍ରତିକୂଳ ପରିବେଶରୁ, କୀଟଦଷ୍ଟଆଦି)ମୂଳଲେଖାଟି ଏକ ପ୍ରକାର ବିନଷ୍ଟପ୍ରାୟ। ଯୁଗ ପରେ ଯୁଗ ପ୍ରତିଲିପିଗୁଡ଼ିକର ବାରମ୍ବାର ନକଲ କରାଯାଉଥିବାରୁ ଲିପିବୃତ୍ତ୍ୟନୁଜୀବୀ ଲିପିକାରମାନଙ୍କର ସଂଯୋଗ ବିଯୋଗ କ୍ରିୟାହେତୁ ମୂଳଗ୍ରନ୍ଥର ପାଠ ପାଠକମାନଙ୍କଠାରୁ କ୍ରମଶଃ ଦୂରବର୍ତ୍ତୀ ହୋଇପଡ଼ିବା ସ୍ୱାଭାବିକ। ତେଣୁ ମୂଳପାଠ କ'ଣ ଥିଲା, ତାହାର ସ୍ୱରୂପ ଅବଗତ ହେବା ନିମିତ୍ତ ମିଳୁଥିବା ଗୋଟିଏ ଗ୍ରନ୍ଥର ଏକ ବା ଏକାଧିକ ପ୍ରତିଲିପି ବା ଅନୁଲିପିକୁ ଆଧାର କରି ଉକ୍ତ ଗ୍ରନ୍ଥର ଶୁଦ୍ଧପାଠ ଅର୍ଥାତ୍ ସାମ୍ଭାବ୍ୟ ମୂଳପାଠ ନିରୂପଣ କରିବା ହିଁ ସମ୍ପାଦନାର ମୁଖ୍ୟ ଉଦ୍ଦେଶ୍ୟ ।

## ପୋଥି ସମ୍ପାଦନାର ପ୍ରଣାଳୀ

ସମ୍ପ୍ରତି ପ୍ରାପ୍ତ ପ୍ରତିଲିପି ଗୁଡ଼ିକରେ ବ୍ୟକ୍ତି, କାଳ, ଲିପି ଅଥବା ଲିଖନ ଶୈଳୀ ଯୋଗୁଁ ପାଠଭେଦ ଉତ୍ପନ୍ନ ହେବା ସ୍ୱାଭାବିକ କଥା।ତେଣୁ ପାଠ ଭେଦର ଏହି ପ୍ରାଚୀରକୁ ଭାଙ୍ଗି ଗୋଟିଏ କୃତିର ବିଭିନ୍ନ ପ୍ରତିଲିପି ତଥା ଅନୁଲିପିକୁ ପ୍ରାମାଣିକ ଅନୁଧ୍ୟାନ ପୂର୍ବକ ଲେଖକଙ୍କର ସମ୍ଭାବ୍ୟ ମୂଳପାଠ ନିରୂପଣ କରି ପାଠକଙ୍କ ସମ୍ମୁଖକୁ ଆଣିବା ହେଉଛି ସାମ୍ପଦନାର କାର୍ଯ୍ୟ। ଏହାଦ୍ୱାରା ଅତୀତର ସାଂସ୍କୃତିକ ସମ୍ପଦ ଯେ କେବଳ ସୁରକ୍ଷା କରାଯାଇଥାଏ ତାହା ନୁହେଁ, ବରଂ ସମସାମୟିକ ସମାଜକୁ ମଧ୍ୟ ଆମର ପ୍ରାଚୀନତାର

ISSN NO.
2582-208X

ଯଥାର୍ଥ ପରିଚୟ ମିଳିଥାଏ। ଅତୀତ କାଳରୁ ସଞ୍ଚିତ ମାନବୀୟ ଅନୁଭାବ, ବିଚାର, କଳ୍ପନା ଓ ଜ୍ଞାନରାଜିକୁ ଅତୀତର ଅନ୍ଧାକାର ଗହ୍ୱରରୁ ଉଦ୍ଧାର କରି ଭବିଷ୍ୟତ ପୀଢ଼ି ହାତରେ ସମର୍ପିଦେବା ହେଉଛି ସମ୍ପାଦନା।ଏହି ପୋଥି ସମ୍ପାଦନା ବିଶେଷତଃ ଦୁଇଟି ପ୍ରଣାଳୀରେ ହୋଇଥାଏ। ଯଥାଃ–

(କ) ଗୋଟିଏ ପ୍ରକାରରେ, ଯେ କୌଣସି ଏକ କାବ୍ୟ ବା ଗ୍ରନ୍ଥର ବିଭିନ୍ନ ସ୍ଥାନରୁ ଭିନ୍ନ ଭିନ୍ନ ପ୍ରତିଲିପି ବା ପୋଥି ସଂଗ୍ରହ କରି, ତନ୍ମଧ୍ୟରୁ ଅଧିକ ପ୍ରାଚୀନତମ ପୋଥିକୁ ଚୟନ କରି ସମ୍ପାଦନା କରାଯାଇଥାଏ। ମାତ୍ର ଏହି ଧରଣର ସମ୍ପାଦନା ପୂର୍ଣ୍ଣ ମାତ୍ରାରେ ଅପବାଦ ମୁକ୍ତ ନଥାଏ।

(ଖ)ଅନ୍ୟ ପ୍ରକାରଟି ହେଉଛି, ଯେ କୌଣସି ଏକ କାବ୍ୟ ବା ଗ୍ରନ୍ଥର ବିଭିନ୍ନ ସ୍ଥାନରୁ ଭିନ୍ନ ଭିନ୍ନ ପ୍ରତିଲିପି ବା ପୋଥି ସଂଗ୍ରହ କରି ତୁଳନାତ୍ମକ ଭାବେ ପାଠଭେଦ, ପାଠାନ୍ତର ଦର୍ଶାଇ ଏକ ସମ୍ଭାବ୍ୟ ମୂଳପାଠ ବା ଶୁଦ୍ଧପାଠ ନିରୂପଣ କରାଯାଇଥାଏ। ଏହାକୁ ପାଠ ଆଧାରିତ ସମ୍ପାଦନା ବା *Textual Editing* କୁହାଯାଏ। ଏଥିରେ ବୈଜ୍ଞାନିକ ପ୍ରଣାଳୀକୁ ଅନୁସରଣ କରାଯାଇଥାଏ। ପାଠ ଆଧାରିତ ସମ୍ପାଦନାର ଶୁଦ୍ଧପାଠ ନିରୂପଣ ସମୟରେ ବିଭିନ୍ନ କାରଣ ଦର୍ଶାଇ ମୂଳପାଠ ବା ଶୁଦ୍ଧପାଠ ଗ୍ରହଣ କରାଯାଏ ଏବଂ ଅନ୍ୟ ସମକକ୍ଷ ପ୍ରତିଲିପିଗୁଡ଼ିକର ପାଠଭେଦକୁ ପାଠାନ୍ତରରେ ସୂଚୀତ କରାଯାଇଥାଏ।

## ପୋଥି ସମ୍ପାଦନା ବିଧି

ଯେ କୌଣସି ସାଧନାରେ ସିଦ୍ଧି ବା ସଫଳତା ପାଇଁ କେତେକ ନୀତି ନିର୍ଦ୍ଦେଶିତ ତଥା ଶୃଙ୍ଖଳିତ ମାର୍ଗର ଅନୁସରଣ କରିବାକୁ ପଡ଼ିଥାଏ। ବିଧି ବା ବିଧାନରହିତ ସାଧନାରେ ସିଦ୍ଧି ମିଳିବା କଷ୍ଟକର। ସେହିପରି ସମ୍ପାଦକଙ୍କୁ ମଧ୍ୟ ସମ୍ପାଦାନର କେତେକ ନିର୍ଦ୍ଦିଷ୍ଟ ମାର୍ଗ ଦେଇ ବିଚାର କରିବାକୁ ହୋଇଥାଏ। କାରଣ ସମ୍ପାଦନାର ପ୍ରସ୍ତୁତ ମାର୍ଗ ଦେଇ ନଗଲେ ଶୁଦ୍ଧ ସମ୍ପାଦନା ଅସମ୍ଭବ ହୋଇପଡ଼େ। ତେଣୁ ସମ୍ପାଦନା କଲାବେଳେ ସମ୍ପାଦକଙ୍କୁ ଯେଉଁ କେତୋଟି ମାର୍ଗ ବା ବିଧିର ଅନୁସରଣ କରିବାକୁ ହୋଇଥାଏ ସେଗୁଡ଼ିକ ହେଲା, ଯଥା– (୧) ପୋଥି ସଂଗ୍ରହ, (୨) ବଂଶବୃକ୍ଷ ନିର୍ମାଣ ଓ ପୋଥି ନିର୍ବାଚନ, (୩)ପାଠ ସଂସ୍କାର ବା ପାଠ ସୁଦ୍ଧାର ବା ପାଠ ବିଶୁଦ୍ଧି, (୪)ବିଚାର ବିଶ୍ଳେଷଣ ବା ପାଠ ଆଲୋଚନା ଆଦି

ISSN NO.
2582-208X

ମାର୍ଗ ବା ବିଧି ଦେଇ ସମ୍ପାଦନାରେ ସମ୍ପାଦକ ଯେ କୌଣସି ଗ୍ରନ୍ଥର ସାମ୍ଭାବ୍ୟ ମୂଳପାଠ ନିରୂପଣ କରିଥାଆନ୍ତି।ସେଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା ଯଥା-

(୧) ପୋଥି ସଂଗ୍ରହ

ପ୍ରାଚୀନ ସାହିତ୍ୟର ଯେ କୌଣସି ଗ୍ରନ୍ଥର ସମ୍ପାଦନା ପାଇଁ ପ୍ରାଥମିକ କାର୍ଯ୍ୟ ଭାବେ ବିଭିନ୍ନ ପୋଥି ବା ପାଣ୍ଡୁଲିପି ସଂଗ୍ରହ କରିବାକୁ ପଡ଼ିଥାଏ। ଏହି ପାଣ୍ଡୁଲିପି ସଂଗ୍ରହର ପରମ୍ପରା ଅର୍ବାଚୀନ ନୁହେଁ। ବିଭିନ୍ନ ଦେଶରେ ବହୁ ପୁରାତନ କାଳରୁ ରାଜା, ମହାରାଜା, ମଠ ଓ ମନ୍ଦିରର ପିଠାଧୀଶ, ନାଳନ୍ଦା, ତକ୍ଷଶୀଳା ପରି ବିଶ୍ୱବିଦ୍ୟାଳୟର ବିଦ୍ୱାନମାନେ ଏ ଦିଗରେ ଆଗ୍ରହ ପ୍ରକାଶ କରିଛନ୍ତି। ବହୁ ମୂଲ୍ୟବାନ୍ ଗ୍ରନ୍ଥ ସଂଗୃହୀତ ହୋଇଛି। ମାତ୍ର ସାମ୍ପ୍ରତିକ ସମୟରେ ଏହି ପାଣ୍ଡୁଲିପି ସଂଗ୍ରହର ଲକ୍ଷ୍ୟ ଦ୍ୱିବିଧ। ପ୍ରଥମଟି, ପ୍ରାଚୀନ ଗୁପ୍ତରତ୍ନର ଉଦ୍ଧାର। ଅର୍ଥାତ୍କୌଣସି ଏକ ଗ୍ରନ୍ଥର ଗୋଟିଏ ବା ଦୁଇଟି ପାଣ୍ଡୁଲିପି ଉଦ୍ଧାର କରିବା ସହ ତାହାକୁ ମୁଦ୍ରଣ ରୂପ ଦେଇ ପ୍ରକାଶ କରିବା। ଏବଂ ଦ୍ୱିତୀୟଟି, ସମ୍ପାଦନା ପାଇଁ ପାଣ୍ଡୁଲିପି ସଂଗ୍ରହ। ସମ୍ପାଦନା ନିମିତ୍ତ ପୋଥି ସଂଗ୍ରହ ସମୟରେ ସମ୍ପାଦକଙ୍କୁ ଏକ ନିର୍ଦ୍ଦିଷ୍ଟ ଗ୍ରନ୍ଥର ଯଥାସମ୍ଭବ ମୂଳପାଠ ନିରୂପଣ କରିବାକୁ ଯାଇ ବିଭିନ୍ନ ସ୍ଥାନରୁ ଏକାଧିକ ପ୍ରତିଲିପି ସଂଗ୍ରହ କରିବାକୁ ପଡ଼ିଥାଏ। "ଏହି ପ୍ରତିଲିପି ବା ଅନୁଲିପିଗୁଡ଼ିକ ହେଉଛନ୍ତି ମାଲିମକଦ୍ଦମାରେ ଉପସ୍ଥିତ ସାକ୍ଷୀ ପରି। ଯେଉଁଭଳି ବିଭିନ୍ନ ସାକ୍ଷୀଙ୍କଠାରୁ ତଥ୍ୟ ଗ୍ରହଣ କରି ବିଚାରକ ତାହାର ସୁବିଚାର ପ୍ରଦାନ କରିଥାଏ, ସେହିଭଳି ସମ୍ପାଦକ ବିଭିନ୍ନ ପ୍ରତିଲିପିମାନଙ୍କରେ ମିଳୁଥିବା ତଥ୍ୟକୁ ଆଧାର କରି ନିଜର ସୁବିଚାରଗର୍ଭକ ସମ୍ପଦନା କାର୍ଯ୍ୟ କରିଥାଏ"। (*ପଟ୍ଟନାୟକ ଆଶୁତୋଷ। ୧୯୮୮।ପ୍ରଥମ ସଂସ୍କରଣ*), ପ୍ରାଚୀନ ପୋଥି ଶୁଦ୍ଧ ସମ୍ପାଦନା ପଦ୍ଧତି ଓ ଅନୁବାଦ କୌଶଳ, ପୃ ୩୦-୩୧)। ଏଣୁ ଏକାଧିକ ପାଣ୍ଡୁଲିପି ବା ପୋଥି ଏବଂ ମୁଦ୍ରିତ ପୁସ୍ତକାଦିର ସଂଗ୍ରହ ସମ୍ପାଦକର ପ୍ରଥମ କାର୍ଯ୍ୟ। ଏହାକୁ ହିଁ ପୋଥି ସଂଗ୍ରହ ବିଧି କୁହାଯାଇଥାଏ। ପୁଣି ସଂକଳନର ଅର୍ଥ କେବଳ ସଂଗ୍ରହ ନୁହେଁ,ପ୍ରାଥମିକ ଭାବରେ ପ୍ରତିଲିପିଗୁଡିକର ବର୍ଗୀକରଣ, ନାମକରଣ(ଯଥା- କ, ଖ, ଗ, ଘ ଆଦି) ଓ ପ୍ରାଚୀନ-ଅର୍ବାଚୀନ ନିର୍ଦ୍ଧାରଣାଦିକୁ ମଧ୍ୟ ତାହା ବୁଝାଇଥାଏ।

ସାମଗ୍ରୀ ସଂଗ୍ରହ ବ୍ୟତୀତ ପ୍ରତିଲିପି ସଂଗ୍ରହଟି ଯେତେ ଅଧିକ ଭିନ୍ନ ଭିନ୍ନ ସମୟର ଓ ବିଭିନ୍ନ ଅଞ୍ଚଳର ହୁଏ, ସମ୍ପାଦନାଟି ସେତେ ନିରପେକ୍ଷ ଓ ପ୍ରାମାଣିକ ହୋଇଥାଏ। ଆଲୋଚକମାନଙ୍କ ମତରେ ଏକମୂଳପୋଥିର ଅନୁଲିପି ବା ପ୍ରତିଲିପିକୁ ବିଭିନ୍ନ ଆଧାରରେ

ISSN NO.
2582-208X

ଅଧିକ ନିକଟବର୍ତ୍ତୀ ବା ବିଶ୍ୱସ୍ତ ବୋଲି ଗ୍ରହଣ କରାଯାଇଥାଏ। ଯଦି ପ୍ରତିଲିପିଟି ଲେଖକଙ୍କର ମୂଳପୋଥି ରଚନା ସମୟର ନିକଟବର୍ତ୍ତୀ ହୋଇଥାଏ କିମ୍ବାଗ୍ରନ୍ଥ ଲେଖକଙ୍କ ଜନ୍ମ ବା ବସତି ସ୍ଥାନ ନିକଟବର୍ତ୍ତୀ ଅଞ୍ଚଳରୁ ମିଳିଥାଏ ଅଥବା ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଏକାଧିକ ପ୍ରତିଲିପି ମିଳିଥାଏ ବା ନକଲ ତାଳପତ୍ର ପୋଥି ଅଧିକ ପୁରୁଣା ହୋଇଥିଲେ। ଏହିସବୁ ଆଧାରରେ ନକଲ ବା ଅନୁଲିପି ବା ପ୍ରତିଲିପି ପୋଥିଗୁଡ଼ିକ ସମ୍ପାଦନା ପାଇଁ ଅଧିକ ନିର୍ଭର ଯୋଗ୍ୟ ହୋଇଥାଏ। ଗ୍ରନ୍ଥର ଏହି ଏକାଧିକ ପ୍ରତିଲିପିଗୁଡ଼ିକ ହେଉଛି ସାମଗ୍ରୀ ସଂକଳନ କାର୍ଯ୍ୟର ମୁଖ୍ୟ ଦସ୍ତାବିଜ୍। ଏହା ବ୍ୟତୀତ ଗୌଣ ସାମଗ୍ରୀ ଭାବେ ଗ୍ରନ୍ଥର ଟୀକା, ଗ୍ରନ୍ଥର ଆଲୋଚନା ବା ବିଭିନ୍ନ ଉଦ୍ଧୃତି ଓ ଗ୍ରନ୍ଥର ସନ୍ଦର୍ଭ ପ୍ରଭୃତିକୁ ଗ୍ରହଣ କରାଯାଇଥାଏ।

ମୁଖ୍ୟ ସାମଗ୍ରୀ ଭାବରେ ଏକାଧିକ ପୋଥି ବା ପ୍ରତିଲିପି ସଂଗୃହୀତ ହୋଇଯିବା ପରେ ସାମ୍ପାଦକ ନିଜର ସୁବିଧା ପାଇଁ ସେହିସବୁ ପ୍ରତିଲିପିର ସୂଚନା ଦେଇଥାନ୍ତି। ପୁଣି ଯଦି ପୋଥିରେ ପୁଷ୍ପିକା ଥାଏ ତେବେ ପୋଥିଲେଖାର କାଳ, ସ୍ଥାନ, ଲିପିକାର, ପୋଥିର ପୃଷ୍ଠା ସଂଖ୍ୟାଆଦି ସହଜରେ ଜଣାପଡ଼ିଥାଏ। ପ୍ରଥମେ, ପୋଥିଟି ଯେଉଁ ସ୍ଥାନରୁ ପ୍ରାପ୍ତ, ସେ ସ୍ଥାନର ନାମ ତହିଁରେ ସୂଚିତ ହୋଇଥାଏ। ଯଦି ଏକ ସ୍ଥାନରୁ ଏକାଧିକ ପୋଥି ମିଳିଥାଏ, ତା'ହେଲେ ଉକ୍ତ ସ୍ଥାନର ସଙ୍କେତ ଅନୁସାରେ ଓ ପୋଥିରେ ଥିବା ରଚନାର ଯୋଗ୍ୟତା ଅନୁସାରେ ୧,୨,୩ କରି ନମ୍ବର ଦିଆଯାଇଥାଏ। ପୁଣି ଯଦି ପୋଥି ବା ଅନୁଲିପିରେ ତତ୍କାଳୀନ ସମୟର ସୂଚନା ମିଳୁଥାଏ, ତା'ହେଲେ ପୋଥି ଉପରେ ସାଙ୍କେତିକ ନାମ ସହିତ ସୂଚିତ କରିଦିଆଯାଇଥାଏ, ଯଥା- କ୧୮, ଖ୧୭ ଇତ୍ୟାଦି। ଏସବୁ ପ୍ରାଥମିକ କାର୍ଯ୍ୟ ଶେଷ ହେବା ପରେ, ସମ୍ପାଦକର ପ୍ରଧାନ କର୍ତ୍ତବ୍ୟ ପୋଥି ଗୁଡ଼ିକର ବର୍ଗୀକରଣ ଓ ପାଠୋଦ୍ଧାର ପାଇଁ ତାହାର ନିର୍ବାଚନ କରିବା।

(୨) ବଂଶବୃକ୍ଷ ନିର୍ମାଣ ଓ ପୋଥି ନିର୍ବାଚନ

ପୋଥି ସମ୍ପାଦନାର ଦ୍ୱିତୀୟ ପର୍ଯ୍ୟାୟ ହେଉଛି ପୋଥି ନିର୍ବାଚନ ବା ପାଠ ଚୟନ। ଏହାର ଅର୍ଥ ସମସ୍ତ ପ୍ରତିଲିପିମାନଙ୍କ ମଧ୍ୟରୁ ଏକାଧିକ ବିଶ୍ୱାସଯୋଗ୍ୟ ପୋଥିକୁ ଗ୍ରହଣ କରିବା। ସଂଗୃହୀତ ପ୍ରତିଲିପି ବା ଅନୁଲିପି ମଧ୍ୟରୁ ଅଧିକ ବିଶ୍ୱସ୍ତ ପୋଥି ନିର୍ବାଚନ କରି ସେଗୁଡ଼ିକର ବର୍ଗୀକରଣ କରାଯାଇଥାଏ। ଏହାକୁ ପୋଥି ବା ପାଠର ବଂଶବୃକ୍ଷ ନିର୍ମାଣ ବୋଲି ମଧ୍ୟ କୁହାଯାଇଥାଏ। ଏଥି ନିମନ୍ତେ ଏକ ବୈଜ୍ଞାନିକ କୌଶଳ ଅବଲମ୍ବନ

ISSN NO.
2582-208X

କରିବାକୁ ପଡ଼ିଥାଏ ।ଯଦି ଗୋଟିଏ ଗ୍ରନ୍ଥର ଏକାଧିକ ଅନୁଲିପି ବା ପ୍ରତିଲିପି ମିଳୁଥାଏ, ତାହାଲେ ପ୍ରଥମେ ସମ୍ପାଦକଙ୍କୁ ଏକ ସାଙ୍କେତିକ ନାମ, ଯଥା- କ, ଖ, ଗ ବା A, B, C କିମ୍ବା ୧,୨,୩ ଇତ୍ୟାଦିରେ ନାମିତ କରଥାଆନ୍ତି । ଉଦହରାଣ ସ୍ୱରୂପ ଯଦି ଗୋଟିଏ ଗ୍ରନ୍ଥର ସର୍ବମୋଟ ୭ଟି ଅନୁଲିପି ମିଳୁଅଛି । ତାହାଲେ ଏହି ଅନୁଲିପି ଗୁଡ଼ିକୁ ବାରମ୍ବାର ଅଧ୍ୟୟନ କରି ପରିଶେଷରେ କିଛି ନିର୍ଦ୍ଦିଷ୍ଟ ଅନୁଲିପିକୁ ଗ୍ରହଣ କରାଯାଇଥାଏ । ଏହାକୁ ଆଦର୍ଶ ପୋଥି କୁହାଯାଏ ଏବଂ ସମ୍ପାଦନା କାର୍ଯ୍ୟକୁ ଆଗେଇ ନିଆଯାଏ ।

ପୋଥି ସଂଗ୍ରହ ଓ ନିର୍ବାଚନ ପରେ ପାଠ ଉଦ୍ଧାର ବା ପ୍ରତିଲିପି ପ୍ରସ୍ତୁତି କାର୍ଯ୍ୟ କରାଯାଇଥାଏ । ସମ୍ପାଦକ ପୋଥି ସଂଗ୍ରହ ବିଧିରେ ଏକତ୍ରିତ କରିଥିବା ମୁଖ୍ୟ (ନକଲ ପୋଥି ବା ଅନୁଲିପି) ଓ ଗୌଣ ସାମଗ୍ରୀକୁ (ଗ୍ରନ୍ଥର ଟୀକା, ଗ୍ରନ୍ଥର ଆଲୋଚନା ବା ବିଭିନ୍ନ ଉଦ୍ଧୃତି ଓ ଗ୍ରନ୍ଥର ସନ୍ଦର୍ଭ ପ୍ରଭୃତି) ଆଲୋଚନା କରିଥାନ୍ତି । ପ୍ରଥମେ ମୁଖ୍ୟ ସାମଗ୍ରୀଗୁଡ଼ିକୁ ଗ୍ରହଣ କରାଯାଇଥାଏ । ମୁଖ୍ୟ ସାମଗ୍ରୀ ବଂଶବୃକ୍ଷ ନିର୍ମାଣର ପରିବାରଭୁକ୍ତ ଅଧିକ ବିଶ୍ୱସ୍ତ ଅନୁଲିପିକୁ ଗ୍ରହଣ କରାଯାଏ । ଏହାକୁଆଦର୍ଶ ପୋଥି କୁହାଯାଇଥାଏ । ଏହି ଆଦର୍ଶ ପୋଥିରୁ ଶୁଦ୍ଧପାଠ ବା ସାମ୍ଭାବ୍ୟ ମୂଳପାଠ ନିରୂପଣ କରାଯାଇଥାଏ ।ତେଣୁ ଏ ସମ୍ପର୍କରେ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ମତ ପ୍ରଣିଧାନ ଯୋଗ୍ୟ । ତାଙ୍କ ମତରେ, "ଅନୁଲିପି ପ୍ରସ୍ତୁତ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କାଗଜକୁ ନକଲ କରି ପଠନ ଉପଯୋଗୀ କରିବା । କେତେକ ସ୍ଥଳରେ ସମ୍ପାଦନା ନିମନ୍ତେ ଗୋଟିଏ ପୋଥିର ଅନୁଲିପି ପ୍ରସ୍ତୁତ କରି ଅନ୍ୟ ପୋଥିକୁ କେବଳ ତା ସହିତ ମିଳାଇ ଦିଆଯାଇଥାଏ । ଅନୁଲିପି ପ୍ରସ୍ତୁତି ସମୟରେ ପୋଥିରେ ଥିବା ପ୍ରତ୍ୟେକ ଶବ୍ଦ ଓ ମାତ୍ରା ଆଦିକୁ ସଠିକ୍ ଭାବରେ ନକଲ କରିବା ଦରକାର"(*ମିଶ୍ର ପୂର୍ଣ୍ଣଚନ୍ଦ୍ର-ପାଠଲୋଚନାର ଭୂମିକା, ୧୯୯୦, ପୃ- ୫୨*)। ସମ୍ପଦନାରେ ଅନ୍ୟାନ୍ୟ ପର୍ଯ୍ୟାୟ ପରି ପ୍ରତିଲିପିକରଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

(୩) ପାଠ ସଂସ୍କାର ଓ ଶୁଦ୍ଧପାଠ ନିରୂପଣ

ପୋଥି ବା ପ୍ରତିଲିପିଗୁଡ଼ିକର କାଗଜରେ ନକଲ କରି ପଠନ ଉପଯୋଗୀ କରିବା ପରେ, ସେଗୁଡ଼ିକର ତୁଳନାତ୍ମକ ଭାବେ ପାଠ ସଂସ୍କାର କରି ଶୁଦ୍ଧପାଠ ନିରୂପଣ କରାଯାଏ । ଏହା ହେଉଛି ସମ୍ପାଦନା ପଦ୍ଧତିର ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ପାଠ ସଂସ୍କାରର ଅର୍ଥ ଶୁଦ୍ଧପାଠ ଗ୍ରହଣ, ଅଶୁଦ୍ଧ ପାଠ ବର୍ଜନ ଓ ପାଠ ସଂଶୋଧନ । "*ପାଠ ସୁଧାର ବା Emendation*ର ଅର୍ଥ ହେଲା ପାଣ୍ଡୁଲିପି ବା ପୋଥିରେ ଥିବା ଅବିଶ୍ୱସ୍ତ ଉପାଦାନର

ISSN NO.
2582-208X

ବହିଷ୍କରଣ। ମୂଳ ରଚନା ଅଥବା ଶୁଦ୍ଧ ରଚନା ଗ୍ରହଣ ଦୃଷ୍ଟିରୁ ବିଭିନ୍ନ ପ୍ରତିଲିପିର ରଚନାକୁ ତୁଳନା କରିବା ସମୟରେ କୌଣସି କୌଣସି ପ୍ରତିଲିପିରେ ପ୍ରସଙ୍ଗ ବହିର୍ଭୂତ ଏକାଧିକ ପଂକ୍ତି ଥିବାର ଲକ୍ଷ୍ୟ କରାଯାଇପାରେ। ଯଦି ତାହା ପୁନର୍ଲିଖିତ ହୋଇଥାଏ ତା'ହେଲେ ତାହାକୁ ଦ୍ୱିଧାହୀନ ଭାବରେ ପରିତ୍ୟାଗ କରିବା ଉଚିତ୍। କିନ୍ତୁ ଯଦି ତାହା ପ୍ରାସଙ୍ଗିକ ହୋଇଥାଏ ଓ କିଞ୍ଚିତ୍ ନୂତନତା ପ୍ରକାଶ କରୁଥାଏ, ଭାଷା ଓ ଭାବ ଦୃଷ୍ଟିରୁ ବିଷୟବସ୍ତୁ ସହିତ ସମ୍ପର୍କ ଓ ସାମ୍ୟରକ୍ଷା କରୁଥାଏ ତା'ହେଲେ ତାହାକୁ ବର୍ଜନ ନକରି ପାଠାନ୍ତର ଭାବରେ ଗ୍ରହଣ କରାଯାଇପାରେ"(*ଚାଟାର୍ଜୀ ସୁବୋଧ କୁମାର -ଗବେଷଣା ପ୍ରବିଧି:ସମ୍ପାଦନା ଓ ଅନୁବାଦକଳା, ବିଦ୍ୟାପୁରୀ, କଟକ, ୨୦୨୦*)। ଏହି ପାଠ ସଂସ୍କାରବେଳେ ଅନେକ ପ୍ରକାର ଭୁଲ୍-ଭ୍ରାନ୍ତି ବା ତ୍ରୁଟି-ବିଚ୍ୟୁତି ରହିଥିବାର ଲକ୍ଷ୍ୟ କରାଯାଇଥାଏ। ସମ୍ପାଦକ ସାବଧାନତାର ସହିତ ତ୍ରୁଟି-ବିଚ୍ୟୁତି ମଧ୍ୟରୁ ଯୁକ୍ତିଯୁକ୍ତ ବା ସଠିକ୍ ପାଠ ଗ୍ରହଣ କରିଥାନ୍ତି ଓ ଅଧିକ ପାଠକୁ ପରିତ୍ୟାଗ କରିବା ସମ୍ପାଦନା ବିଧିରେ ନିର୍ଦ୍ଦେଶ ନଥିବାରୁ ସେ ଆବଶ୍ୟକ ପାଠକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଅନାବଶ୍ୟକ ପାଠାଂଶକୁ ପାଠାନ୍ତରରେ ସ୍ଥାନ ଦିଅନ୍ତି।

ପାଠ ସଂସ୍କାର ସମ୍ପାଦନାର ଏକ ବିଶିଷ୍ଟ ଅଙ୍ଗ ଅଟେ। ଏହି ହେତୁ ସମ୍ପାଦକଙ୍କୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହିତ ପୋଥି ସମ୍ପର୍କରେ ସ୍ୱଷ୍ଟ ଜ୍ଞାନ ଥିବା ଆବଶ୍ୟକ। ନଚେତ୍ ପାଠ ସଂସ୍କାର ଅଶୁଦ୍ଧ ହୋଇଯିବାର ସମ୍ଭାବନା ଥାଏ। ତେଣୁ ସମ୍ପାଦନା ପୂର୍ବରୁ ଗ୍ରନ୍ଥ ରଚୟିତାଙ୍କ ଇତିବୃତ୍ତ, ତାଙ୍କ ରଚନା ଶୈଳୀ, ପରିବେଶ ଓ ପରମ୍ପରା ସମ୍ପର୍କରେ ଅଭିଜ୍ଞ ଥିବା ଉଚିତ୍। କିମ୍ବା ଯଦି ସେହି ଗ୍ରନ୍ଥ ଉପରେ କିଛି ଟିପ୍ପଣୀ ପ୍ରକାଶ ପାଇଥିଏ, ତେବେ ସେହି ଟୀକାଗ୍ରନ୍ଥ ଓ ଟୀକାକାରଙ୍କ ସମ୍ପର୍କରେ ସମ୍ପାଦକ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ସେହି ଟିକାର ବିଶେଷତ୍ୱ ଓ ସମ୍ପାଦନାରେ ତାହାର ଉପଯୋଗିତା ବିଷୟରେ ପରୀକ୍ଷା ନିରୀକ୍ଷା କରିବା ଦରକାର। ଏହା ବ୍ୟତୀତ ପ୍ରଚଳିତ ତତ୍କାଳୀନ ଲୋକଭାଷା, ସାହିତ୍ୟରେ ବ୍ୟବହୃତ ଭାଷା ଓ ଶୈଳୀ, ଉଚ୍ଚାରଣଗତ ବୈଶିଷ୍ଟ, ଯଦି ଧର୍ମ ପ୍ରଭାବିତ ଗ୍ରନ୍ଥ ହୋଇଥାଏ ତେବେ ସେହି ଧର୍ମର ଇତିହାସ, ବିଭିନ୍ନ ତତ୍ତ୍ୱ, ଦର୍ଶନ ଓ ସାହିତ୍ୟରେ ସେଗୁଡ଼ିକର କିପରି ପ୍ରୟୋଗ କରାଯାଇଛି ସେସବୁ ସମ୍ପର୍କୀୟ ଜ୍ଞାନ ମଧ୍ୟ ତାଙ୍କ ନିକଟରେ ଥିବା ଉଚିତ୍। ଏହାଛଡ଼ା ସହିତ୍ୟ ସୃଷ୍ଟି ନିମନ୍ତେ ତତ୍କାଳୀନ ପରିବେଶ, ଗ୍ରନ୍ଥକର୍ତ୍ତାଙ୍କ ପୂର୍ବସୂରୀ ଓ ସେମାନଙ୍କ ସାହିତ୍ୟ ସମ୍ପର୍କରେ ସବିଶେଷ ବିବରଣୀ ମଧ୍ୟ ସମ୍ପାଦକଙ୍କୁ ସଂଗ୍ରହ କରିନେବାକୁ ହୋଇଥାଏ। ଶୁଦ୍ଧପାଠ ନିର୍ଣ୍ଣୟ ବେଳେ ସମ୍ପାଦକମାନେ ବିଭିନ୍ନ

ISSN NO.
2582-208X

ପ୍ରଣାଳୀ ଅନୁସାରେ କାର୍ଯ୍ୟ ନିର୍ବାହ କରିଥାନ୍ତି। ତେବେ ତନ୍ମଧ୍ୟରୁ ସାଧାରଣତଃ କେତୋଟି ପ୍ରଣାଳୀ ବା ସିଦ୍ଧାନ୍ତ ପାଠ୍ୟ ପରୀକ୍ଷଣ କାର୍ଯ୍ୟରେ ଅନୁଶ୍ରୁତ ହୋଇଥାଏ। ଯଥା-୧-ସ୍ଵୀକରଣ (ଯାହା ପାଠାରେ ଅଛି ତାହାକୁ ସିଧା ସଳଖ ଗ୍ରହଣ କରିବା), ୨- ସନ୍ଦେହ (ପାଠରେ ଯାହା ଅଛି, ସେଥିରେ ସନ୍ଦେହ ପୋଷଣ କରିବା), ୩- ପାଠରେ ଥିବା ଅବାନ୍ତର ବା ବିଷୟ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଂଶକୁ ପରିତ୍ୟାଗ କରିବା, ୪- ସଂଶୋଧନ(ମୂଳ ଗ୍ରନ୍ଥର ପାଠାନୁଯାୟୀ 'ପାଠ'ର ସଂଶୋଧନ କରିବା)।

(୪) ବିଚାର-ବିଶ୍ଳେଷଣ ବା ପାଠାଲୋଚନା

ସମ୍ପାଦନାର ଅନ୍ତିମ ପର୍ଯ୍ୟାୟ ହେଉଛି ପାଠାଲୋଚନା। ଏହା ସାଧାରଣତଃ ଦୁଇଟି ବିଚାରଧାରା ଉପରେ ପର୍ଯ୍ୟବସିତ। ଯେପରି, ଅନୁଦାର ବା ରକ୍ଷଣଶୀଳ ବିଚାରଧାରା (*Conjervative*) ଓ ଉଦାର ବିଚାରଧାରା (*liberal*)। ପ୍ରଥମଟି ଆଲୋଚନା କଲାବେଳେ ବୈଜ୍ଞାନିକ ପଦ୍ଧତିକୁ ଅନୁସରଣ କରାଯାଇଥାଏ। ଏହାର ମଧ୍ୟ ଦୁଇଟି ଦିଗ ରହିଛି। ଗୋଟିଏ ଦିଗରେ ଅର୍ଥକୁ ପରୀକ୍ଷା କରାଯାଇ ବିଭିନ୍ନ ପ୍ରତିଲିପିର ପାଠକୁ ଟାଣି ଓଟାରି ଅର୍ଥ କରାଯାଇଥାଏ। ଅନ୍ୟ ଦିଗରେ ମୂଳଲେଖକଙ୍କ ଲେଖାରେ ଯେଉଁ ପ୍ରକୃତି ବୈଲକ୍ଷଣ ଦେଖାଯାଇଥାଏ, ତାହାକୁ ଅସ୍ଵୀକାର କରା ନ ଯାଇ, ଏ ପ୍ରକାର ଦୋଷକୁ ପରମ୍ପରାଗତ ବିଷମ ଗତି ବୋଲି କୁହାଯାଇ ପାଠରେ ସ୍ଵୀକାର କରାଯାଏ। ଅନ୍ୟ ପକ୍ଷ୍ୟରେ ଉଦାର ବିଚାରଧାରରେ ପାଠ ଆଲୋଚନାରୁ ପାଠର ସଂଶୋଧନ ଅଧିକ ଗୁରୁତ୍ଵପୂର୍ଣ୍ଣ ହେଲେ ମଧ୍ୟଏଥିରେ କିଛି ତ୍ରୁଟି ବିଚ୍ୟୁତି ରହିଯାଇଥାଏ। ତେବେ ଉପର୍ଯ୍ୟୁକ୍ତ ଦୁଇ ବିଚାରଧାରା ସ୍ଵୟଂସମ୍ପୂର୍ଣ୍ଣ ହୋଇ ନ ଥିବାରୁ, ପାଠ ନିର୍ଣ୍ଣୟର ଉଚିତ୍ ପ୍ରଣାଳୀ ହେଉଛି, ପ୍ରଥମେ ବିଭିନ୍ନ ପାଠାନ୍ତରକୁ ବୈଜ୍ଞାନିକ ରୀତିରେ ବ୍ୟାଖ୍ୟା କରାଯିବା ଉଚିତ । ଯେଉଁଠାରେ ପାଠ ଅତ୍ୟନ୍ତ ଭ୍ରଷ୍ଟ, ସେଠି ପ୍ରଲେଖାତ୍ମକ ଓ ଆନ୍ତରିକ ସମ୍ଭାବନାଦ୍ଵାରା ତାହାର ପୂର୍ଣ୍ଣ ପରୀକ୍ଷା କରାଯିବା ଉଚିତ। ଏହାପରେ ଯେଉଁ ଶୁଦ୍ଧପାଠ ନିର୍ଣ୍ଣୟ କରାଯିବ, ତାହା ସହିତ ସମାନ ହେଲାଭଳି ଯଦି ପ୍ରାଚୀନ ପାଠ ମିଳେ, ତେବେ ତାହାକୁ ଯଥାର୍ଥ ପାଠରୂପେ ଗ୍ରହଣ କରାଯାଇଥାଏ।

ପରିଶେଷରେ ଏତିକି କୁହାଯାଇ ପାରେ ଯେ ପ୍ରାଚୀନ ପୋଥି ସମ୍ପାଦନା କେବଳ ଅତୀତର ରଚନା ତଥା କୃତିକୁ ପୁନଃ ପ୍ରକାଶ କରିବା ନୁହେଁ, ବରଂ ଏହା ଏକ ଜାତିର ସାହିତ୍ୟିକ, ସାଂସ୍କୃତିକ ଓ ଐତିହାସିକ ଧାରାକୁ ସଂରକ୍ଷିତ କରିବାର ପ୍ରମୁଖ ମାଧ୍ୟମ। ଏହି ପ୍ରକ୍ରିୟା ମାଧ୍ୟମରେ ଆମେ ପୁରାତନ ଗ୍ରନ୍ଥମାନଙ୍କ ସାମ୍ଭାବ୍ୟ ମୂଳ ରୂପକୁ ଫେରି ପାଇବା ସହ

ISSN NO.
2582-208X

ସାମ୍ପ୍ରତିକ ପାଠକ, ଶ୍ରୋତା ତଥା ଗବେଷକଙ୍କ ନିକଟରେ ପହଞ୍ଚାଇପାରୁ । ଏବଂ ପ୍ରାଚୀନ ଗ୍ରନ୍ଥ ସମୂହର ସଂଗ୍ରହ, ପାଠୋଦ୍ଧାର, ପାଠ ଚୟନ, ପାଠ ସଂଶୋଧନ ଓ ପାଠ ଆଲୋଚନା ମାଧ୍ୟମରେ ପୋଥି ସମ୍ପାଦନା ପ୍ରାମାଣିକ ଓ ବିଶ୍ୱାସନୀୟ ହୋଇପାରିଥାଏ। ବର୍ତ୍ତମାନ ସମ୍ପାଦନା କାର୍ଯ୍ୟ ପ୍ରାଚୀନ ପୋଥି ବ୍ୟତୀତ ପ୍ରାୟ ବହୁ କ୍ଷେତ୍ର ପାଇଁଅପରିହାର୍ଯ୍ୟ। ସାମ୍ପ୍ରତିକ ସମୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଧାରା କହିଲେ ଅତ୍ୟୁକ୍ତି ହେବ ନାହିଁ ।

((()))

ସହାୟକ ଗ୍ରନ୍ଥ

୧. ପ୍ରାଚୀନ ପୋଥି ଶୁଦ୍ଧସମ୍ପାଦନା ପଦ୍ଧତି ଓ ଅନୁବାଦ କୌଶଳ- ଆଶୁତୋଷ ପଟ୍ଟନାୟକ, ଓଡିଆ ବିଭବ ।

୨. ଗବେଷଣା ପ୍ରବିଧି : ସମ୍ପାଦନା ଓ ଅନୁବାଦ କଳା - ସୁବୋଧ କୁମାର ଚାଟାର୍ଜି, ବିଦ୍ୟାପୁରୀ, ବାଲୁବଜାର, କଟକ,୨୦୨୦ ।

୩. ଗବେଷଣା ପ୍ରକରଣ ସମ୍ପାଦନ ଓ ଅନୁବାଦ ପ୍ରବିଧି - କୃଷ୍ଣଚନ୍ଦ୍ର ପ୍ରଧାନ, ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ୱର, ୨୦୧୦ ।

୪. ପ୍ରାଚୀନ ଗ୍ରନ୍ଥ ସମ୍ପାଦନା : ପଦ୍ଧତି ଓ ପ୍ରୟୋଗ - ସୁଦର୍ଶନ ଆଚାର୍ଯ୍ୟ, ଏଷଣା - ୭୨, ଜୁନ ୨୦୧୬ ।

ISSN NO.
2582-208X

# ମୋ ଦୁନିଆ ମୋ ମାଆ



ସ୍ମିତିପ୍ରଜ୍ଞା ଷଡଙ୍ଗୀ

ମା ଲୋ.....
କେତେ ଦୁଃଖ ସହିଛୁ
ରକତକୁ ପାଣି ପରି ବୁହାଇଛୁ...(୦)
ନିଜ ପେଟରେ ଓଦା କନା ଦେଇ
ଆମ ମୁହଁରେ ଆହାର ଦେଇଛୁ...(୧)
ରାତିରେ ସବୁ ଶୋଇଲ୍ ବେଳେ ତୁ
ରାହିଁ ବଇଛୁ...(୩)
ରାତି ଅନିଦ୍ରା ହେଲେ ଆମେ ସକାଳେ ଶୋଇପଡୁ
ହେଲେ ତୁ ନଶୋଇ ଘର ସଂସାର ସମ୍ଭାଳୁ...(୪)
ନିଜର ସୌନ୍ଦର୍ଯ୍ୟ କୁ ବଳି ଦେଇ
ତୁ ଆମକୁ ସଂସାର ଦେଖାଉ...(୫)
ଦୁନିଆ ପଛରେ କଣ କରୁ ତୁ ମୁଁ କହୁଛି
ମୃତ୍ୟୁ ସହ ସଂଘର୍ଷ କରି ଆମକୁ ଜୀବନ ଦଉ...(୬)
ସବୁ ରୂପରେ ତୁ ସୁନ୍ଦର ହେଲେ
ମାଆ ରୂପରେ ତୁ ସବୁଠୁ ସୁନ୍ଦର...(୭)

ରାମବାଗ ଷଡଙ୍ଗୀ ସାହି, ଯାଜପୁର

ISSN NO.
2582-208X

# ଜାତୀୟ ପତାକା

ରଜତ କୁମାର ସାହୁ

ଜାତୀୟ ପତାକା ତଳେ
ଆମେ ସଭେ ନତମସ୍ତକ,
ତିନରଙ୍ଗରେ ଲୁଚଛି,
ଜୀବନ, ବିଜୟ, ସତ୍ୟର ଆଲୋକ ।

କେଶରୀ କହେ ସାହସ କାହାଣୀ,
ଧଳା ଶାନ୍ତର ପବିତ୍ର ପ୍ରେରଣା,
ହରିତ ରଙ୍ଗେ ଧରିତ୍ରୀର ପ୍ରେମ,
ଜୀବନର ଅସୀମ ପ୍ରାଣଧାର୍ ।

ପବନେ ଫୁଲୁଛି ସ୍ୱାଧୀନତା,
ଗର୍ବରେ ଗୁଞ୍ଜୁଛି ଆମର ସ୍ୱର,
ଜାତୀୟ ପତାକା ତଳେ
ଆମେ ହେଉ ଏକତାର ଅମର ପ୍ରାଚୀର ॥

((()))

ISSN NO.
2582-208X

# ତିନୋଟି ମିନ୍ନ କବିତା

ଅଶ୍ୱିନୀ ସୂତାର

(ଏକ)

ବେଶି ବେଶି ଇଚ୍ଛା ହୁଏ
ଯିବା ପାଇଁ ସେଇ ସେଇ ଜାଗା
ଯେଉଁଠାରୁ ଦେହ ସିନା ଫେରି ଆସେ
ମନ କିନ୍ତୁ ବସା ବାନ୍ଧିନିଏ

ମନ ଭାରି ଚଞ୍ଚଳ ଶୁଣିଚି
ଠିକଣା ଜାଗାରେ କିନ୍ତୁ
ବିଦାୟ ବେଳାରେ ପ୍ରେମିକାର ଆଖି ପରି
ବେଳେ ବେଳେ ସ୍ଥିର ରହିଯାଏ

(ଦୁଇ)

କେବେଠାରୁ ମୁଁ ତାଙ୍କୁ
ଦେଇ ସାରିଲିଣି ବିଦାୟ ମୋଠାରୁ
ତଥାପି ସେ ବେଳେ ବେଳେ
ଆସିଯାନ୍ତି ପୁରୁଣା ପର୍ଶ ଭିତରୁ
ଲୋଚାକୋଚା ଠିକଣା ବିହୀନ
ଚିଠିଟିଏ ପରି
ଯେଉଁଥିରେ ଲେଖାଥାଏ
ଗୋଟେ ଅଧା ଲଢ଼ା ଯୁଦ୍ଧର କାହାଣୀ
ଧଉଳିର ଦୁର୍ବୋଧ୍ୟ ଶିଳାଲେଖ ଭଳି

ISSN NO.
2582-208X

(ତିନି)

ତୁ ଢେଉ ହେଇ କେବେ ଥରେ
ଆସିବୁ ତ ମୋ କୂଳର ବାଲିକୁ
ଭିଜିବାରେ ଭାରି ମଜା
ଶୁଖିଲା ମନକୁ ନେଇ ଜାଣି ସାରିଲିଣି

ସେ ଲୁହ ହେଉ ଲହୁ ହେଉ
ଅବା ହେଉ ସମୁଦ୍ରର ଢେଉ
ହାଲୁକା କରାଏ ମନ
ଆଖି ତଳ ଓଠ ତଳ
ପାଦ ତଳ ଛୁଇଁ ଦେବା କ୍ଷଣି

-ଂ°-

କୋମଣ୍ଡ, ଭାୟା କୁରଳ
ଜିଲ୍ଲା - ନୟାଗଡ଼
ମୋ-9437008341

ISSN NO.
2582-208X

# ଅଭୁଲା ସ୍ମୃତିର ଗୀତ



ପ୍ରଶାନ୍ତ କୁମାର ଦାଶ

ଫାଟିଗଲେ ମନ ଯୋଡ଼ି ହୁଏନାହିଁ
ଭଙ୍ଗା ଆଇନାଟି ପରି
ମନ ଫାଟିଗଲେ ମରମ ଜଳଇ
ଆଖିଲୁହ ପଡେ ଝରି ।।

ସମୟତ ଆସି ହସାଏ କନ୍ଦାଏ
ଦୁଃଖ ସୁଖ ଦିଏ ବାଣ୍ଟି
ପ୍ରୀତିର ପରଶ ନଲଭିଲେ ହୃଦ
ଜ୍ୱଳନରେ ଯାଏ ଫାଟି ।।

ବିଜନରେ ଯଦି ଲିଭିଯାଏ ତୁମ
ଚିତ୍ରପଟ ଦେଖୁ ଦେଖୁ
ନିଃସଙ୍ଗତା ଲାଗେ ତୁମପାଇଁ ପ୍ରିୟା
କବିତାଟେ ଲେଖୁ ଲେଖୁ ।।

ଅଭୁଲା ସ୍ମୃତିର ଗୋପନ ଗୀତକୁ
ପଢ଼ି ଝୁରିହୁଏ ବସି
ଆନନ୍ଦ ଅଶ୍ରୁରେ ଆଖି ଭିଜିଗଲେ
ଜହ୍ନ ଉଇଁ ଦିଏ ହସି ।।

ଅସଂଖ୍ୟ ଆବେଗ ନିଭୃତ ହୃଦରେ
ଜାଗିଉଠେ ନିତି ମୋର
ଛଳନା ନିଆଁରେ ଜାଳି ଦେଇଗଲ
ଭାଙ୍ଗି ସମ୍ପର୍କର ଡୋର ।।

ଅତୀତସ୍ମୃତିର୍ ଅନୁପମ ଚିତ୍ର
ବେଦନା ହୃଦରେ ଭରେ
ଜହ୍ନ ଉଇଁଗଲେ ଯେମିତି ନିରାଶେ
କଇଁର ସପନ ସରେ ।।

କୁଞ୍ଜର -ସଙ୍ଗଲାଇ
ପିପିଲି -ପୁରୀ
ମୋବାଇଲ -୯୬୬୮୮୨୨୧୯୦

ISSN NO.
2582-208X

# ସାହିତ୍ୟ-ସାଧିକା ମନୋରମା ବିଶ୍ୱାଳ ମହାପାତ୍ର

ପୁଷ୍ପଲତା ନାୟକ

ଓଡିଆ ସାହିତ୍ୟର ବାଣୀଭଣ୍ଡାରକୁ ଏକ ମନୋରମ ମହକରେ ମୁଗ୍ଧ କରି ପାରିଛନ୍ତି ନାରୀକବି ମନୋରମା ବିଶ୍ୱାଳ ମହାପାତ୍ର । ସାମ୍ପ୍ରତିକ ସମୟରେ ସେ ଜଣେ ଆଗ ଧାଡ଼ିର କବି ତଥା ସାହିତ୍ୟ-ସାଧିକା, ଏହା କହିଲେ ଅତ୍ୟୁକ୍ତି ହେବ ନାହିଁ। ସରଳତା, ବିନମ୍ରତା ତଥା ଶ୍ରଦ୍ଧାଶୀଳତା ତାଙ୍କ ବ୍ୟକ୍ତିତ୍ୱର ଏକ ଶକ୍ତିଶାଳୀ ଦିଗ । ମନୁଷ୍ୟ ଠାରୁ ଆରମ୍ଭ କରି ପଶୁପକ୍ଷୀ, ବୃକ୍ଷଲତା, କୀଟପତଙ୍ଗ, ପାହାଡ ପର୍ବତ, ବାୟୁ, ଆକାଶ ପ୍ରଭୃତି ସମସ୍ତ ଜଡ ତଥା ଜୀବନ୍ତ ପ୍ରତି ଅହେତୁକ ଶ୍ରଦ୍ଧା ତାଙ୍କୁ ଜଣେ ସମ୍ବେଦନଶୀଳ ଶିଳ୍ପୀ ଭାବରେ ପାଠକ ମହଲରେ ପରିଚିତ କରାଇ ପାରିଛି । ତେବେ ଏହି ଓଜସ୍ୱିନୀ ନାରୀମୂର୍ତ୍ତିଙ୍କର ଆବିର୍ଭାବ ଘଟେ ୧୯୪୮ ମସିହା ନଭେମ୍ବର ମାସ ୨୭ ତାରିଖରେ, ପବିତ୍ର ମାର୍ଗଶିର ମାସ ପ୍ରଥମାଷ୍ଟମୀ ତିଥିରେ, ବାଲେଶ୍ୱର ଜିଲ୍ଲାର ବାଲିଆପାଳ ନିକଟବର୍ତ୍ତୀ ସୁବର୍ଣ୍ଣରେଖା ନଈକୂଳର "ଜଗାଇ" ଗ୍ରାମରେ । ଏକ ସମୃଦ୍ଧ ତଥା ସଂସ୍କୃତିସଂପନ୍ନ ପରିବାରରେ ମନୋରମାଙ୍କର ଜନ୍ମ ହେବା ଫଳରେ ସମଗ୍ର ପରିବାରରେ ଖୁସିର ଲହରୀ ଖେଳି ଯାଇଥିଲା । ତାଙ୍କୁ ସପରିବାର ଗୃହଲକ୍ଷ୍ମୀ ପରି ଆଦର କରି ସସ୍ନେହରେ କୋଳେଇ ନେଇଥିଲେ। କବି ନିଜେ ମଧ୍ୟ ସ୍ୱୀକାର କରନ୍ତି ଯେ – "ଏକାନ୍ନବର୍ତ୍ତୀ ପରିବାରର ଏକମାତ୍ର ସନ୍ତାନ ଥିଲି ମୁଁ । ପରବର୍ତ୍ତୀ ସମୟରେ ଅବଶ୍ୟ ବଡ଼ମାଙ୍କର ଝିଅଟିଏ ଜନ୍ମନେଲା । ତଥାପି ସମସ୍ତଙ୍କର ଅଲିଅଳିର କେନ୍ଦ୍ରବିନ୍ଦୁ ଥିଲି ମୁଁ । ମାର୍ଗଶୀର ମାସ ପ୍ରଥମାଷ୍ଟମୀରେ ମୋର ଜନ୍ମ ହୋଇଥିଲା ବୋଲି ସେତେବେଳେ ଧନଧାନ୍ୟ ଗୋପଲକ୍ଷ୍ମୀରେ ଆମ ସାତ ପୁରୁଷର ଘରଟି ସେଦିନ କୁଆଡେ ପୂରି ଉଠିଥିଲା ବୋଲି ଜେଜେମା' ବହୁଦିନ ପର୍ଯ୍ୟନ୍ତ କହିବାର ମୁଁ ଶୁଣିଛି ।" (ଭାବେ ଅନୁପମା କବି ମନୋରମା, ପୃଷ୍ଠା – ୨୪୮)

ISSN NO.
2582-208X

ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ବିଶ୍ୱାଳ ଥିଲେ କବି ମନୋରମା ବିଶ୍ୱାଳ ମହାପାତ୍ରଙ୍କର ପୂଜ୍ୟପିତା। ସେ ନେତାଜୀ ସୁଭାଷଙ୍କ "ଆଜାଦ ହିନ୍ଦ - ଫୌଜ''ର ଜଣେ ସକ୍ରିୟ ସୈନିକ ଭାବରେ କାର୍ଯ୍ୟରତ ଥିଲେ । ସରକାରୀ ଚାକିରି ସାଙ୍ଗକୁ ସମାଜ ସେବାକୁ ମଧ୍ୟ ଆଦରି ନେଇଥିଲେ। କବିତା ଲେଖିବା ହେଉଛି ଶ୍ରୀଯୁକ୍ତ ବିଶ୍ୱାଳ ମହାଶୟଙ୍କର ପ୍ରତିଭାର ଅନ୍ୟ ଏକ ଦିଗ । ପ୍ରାଣକୃଷ୍ଣ ବିଶ୍ୱାଳ ଥିଲେ ତାଙ୍କ ସମୟର ଜଣେ ଚର୍ଚ୍ଚିତ କବି । ତାଙ୍କ ଛାତ୍ର ଜୀବନରେ ଲେଖିଥିବା କବିତା ବହି "ସୁନାଝିଅ" ବହୁ ପରିମାଣରେ ଆଦୃତ ହୋଇଥିବାର ଜଣାଯାଏ । ତେଣୁ ସେ ହିଁ ମନୋରମାଙ୍କ ପାଇଁ ପ୍ରଥମ ପ୍ରେରଣାର ଉତ୍ସ ସାଜିଥିଲେ । ଝିଅର ପାଠ ପଢାକୁ ନେଇ ସେ ଖୁବ ସଚେତନ ଥିଲେ । ସେଥିପାଇଁ ଗାଁ ସ୍କୁଲରୁ ନେଇ ମନୋରମାଙ୍କର ନାମୋଲ୍ଲେଖ ଭଦ୍ରକ ଗାର୍ଲସ୍ ସ୍କୁଲରେ କରାଇଥିଲେ । ସବୁବେଳେ ସେ ମନୋରମାଙ୍କୁ ସରୋଜିନୀ ନାଇଡୁ ଓ ବିଜୟଲକ୍ଷ୍ମୀ ପଣ୍ଡିତଙ୍କ କଥା କହୁଥିଲେ। ସେ ଚାହୁଁଥିଲେ ତାଙ୍କ ଝିଅ ସରୋଜିନୀ ନାଇଡୁଙ୍କ ପରି କବି ଏବଂ ବାଗ୍ମୀ ହୁଅନ୍ତୁ । ମନସ୍ୱିନୀ ମନୋରମା ମଧ୍ୟ ଥିଲେ ଯଥାର୍ଥରେ ପିତୃମାତୃ ଭକ୍ତ । ସେମାନେ ଯେପରି ସ୍ନେହର ଅବାରିତ ଧାରାରେ ତାଙ୍କୁ ସିକ୍ତ କରିଛନ୍ତି, ସେ ବି ଭକ୍ତି ଓ ଶ୍ରଦ୍ଧାରେ ପିତାମାତାଙ୍କ କୋଳମଣ୍ଡନ କରି ଆସିଛନ୍ତି । ପିତାମାତାଙ୍କ କଲ୍ୟାଣ ହିଁ ପୁଅଝିଅଙ୍କର ବିକାଶର ଏକମାତ୍ର ସହାୟକ । ଏହି ପ୍ରେରଣାର ଉତ୍ସ ତାଙ୍କ ଠାରେ କେବେ ଅଭାବ ହୋଇନାହିଁ।

ମନୋରମାଙ୍କ ପାଠପଢ଼ା ପାଇଁ ତାଙ୍କ ପିତାମାତା କିପରି ଚିନ୍ତିତ ଥିଲେ ତାହା ତ ଜାଣିଲେ । ତେଣୁ ମନୋରମାଙ୍କ ଅଧ୍ୟୟନର ଉତ୍କୃଷ୍ଟତା ପାଇଁ ତାଙ୍କୁ ଜଗାଇର ଗ୍ରାମୀଣ ପରିବେଶ, ଗାଁ ସ୍କୁଲ, ସାଙ୍ଗସାଥିମାନଙ୍କୁ ଛାଡି ଭଦ୍ରକର ବାଳିକା ସ୍କୁଲରେ ନାମ ଲେଖାଇବାକୁ ପଡିଥିଲା । ଗାଁ ଛାଡି ଆସିବାର ଦୁଃଖ ଅବଶ୍ୟ କବିଙ୍କ ମନକୁ ଆନ୍ଦୋଳିତ କରିଥିଲା, ତଥାପି ଭଦ୍ରକର ସାଳନ୍ଦୀ ନଦୀ, ସେହି ସ୍ଥାନର ପ୍ରାକୃତିକ ପରିବେଶ ଧୀରେ ଧୀରେ ତାଙ୍କୁ ଆକର୍ଷିତ କରିଥିଲା । ପରବର୍ତ୍ତୀ ସମୟରେ ଏହି ସ୍ଥାନ ତାଙ୍କର ଅତ୍ୟନ୍ତ ପ୍ରିୟ ହୋଇ ପାରିଥିଲା। ସାଳନ୍ଦୀକୁ ନେଇ ସେ ଅନେକ କବିତା ରଚନା କରିଛନ୍ତି । ସେହି କବିତା ଗୁଡିକରେ ସେ ସ୍ୱୀକାର ମଧ୍ୟ କରିଛନ୍ତି ସାଳନ୍ଦୀ ତାଙ୍କର ଚିର ସହଚରୀ ଓ ସୁଖ ଦୁଃଖର ସଂଗୀନି ବୋଲି।

ଅନ୍ୟପକ୍ଷରେ ବିଚାର କଲେ ଭଦ୍ରକର ଅସ୍ତଳ ଠାରେ ବାସ କରିବା ମନୋରମାଙ୍କ ପାଇଁ ଏକ ପ୍ରକାର ଆଶୀର୍ବାଦ ପରି ଫଳପ୍ରଦ ହୋଇପାରିଥିଲା । କହିବାର ତତ୍ପର୍ଯ୍ୟ ତାଙ୍କ ଭଦ୍ରକ

ISSN NO.
2582-208X

ଘରର ଏକ ପାର୍ଶ୍ୱରେ ବରେଣ୍ୟ କବି ହରେକୃଷ୍ଣ ମହତାବଙ୍କ ଘର ଏବଂ ଅନ୍ୟ ପାର୍ଶ୍ୱରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ କବିଶେଖର ଚିନ୍ତାମଣି ମହାନ୍ତିଙ୍କ ଘର। ଏହିପରି ପ୍ରାଜ୍ଞ ପୁରୁଷମାନଙ୍କର ପଡୋଶୀ ଭାବରେ ମନୋରମାଙ୍କୁ ପ୍ରଭୁତ ପ୍ରେରଣା ମିଳିଥିଲା ସାହିତ୍ୟ ରାଜ୍ୟକୁ ପ୍ରବେଶ କରିବାକୁ। ଖ୍ୟାତନାମା କବି ନିତ୍ୟାନନ୍ଦ ମହାପାତ୍ର ମଧ୍ୟ ମନୋରମାଙ୍କ କବିତା ବହିର ମୁଖବନ୍ଧ ଲେଖୁଥିଲେ। ତାଙ୍କ ପିତାଙ୍କ ଆଗ୍ରହ ହେତୁ ଭଦ୍ରକରୁ ଆସୁଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କର ଆତିଥ୍ୟ ମଧ୍ୟ ସେ ବହନ କରୁଥିଲେ । ଏହିମାନଙ୍କ ଠାରୁ ପ୍ରେରଣା ପାଇ ଯେତେବେଳେ ମନୋରମା ସ୍କୁଲରେ ପଢୁଥିଲେ, ସେତେବେଳେ ତାଙ୍କର ପ୍ରଥମ କବିତାପୁସ୍ତକ "କିଶଳୟ" ୧୯୬୧ ମସିହାରେ ପ୍ରକାଶ ପାଇଥିଲା ଭଦ୍ରକର “ଗୋପୀନାଥ ପ୍ରେସ”ରୁ । ସେତେବେଳେ ପ୍ରଫେସର ନୀଳମଣି ସାହୁ, ଡଃ କୃଷ୍ଣଚରଣ ବେହେରା, ପ୍ରଫେସର ସୁଧାଂଶୁ ଶେଖର ରାୟ ପ୍ରଭୃତି ମନୋରମାଙ୍କ କବିତା ଲେଖାକୁ ମଧ୍ୟ ପ୍ରୋତ୍ସାହିତ କରୁଥିଲେ ।

ଅତି ଛୋଟ ବେଳରୁ ଗ୍ରନ୍ଥ ପଠନ କରିବାରେ ମନୋରମାଙ୍କ ରୁଚି ଥିଲା । ଭଦ୍ରକର ଅସ୍ତଳରେ ଥିବା ଘଲର ଉପର ତାଲାଟି ସାହିତ୍ୟ ଓ ସଂସ୍କୃତି ଆସରର ଏକ ମନୋମୁଗ୍ଧକର ପରିବେଶ ଥିଲା। କବିତା ବହିର ମନମତାଣିଆ ଭଣ୍ଡାରରେ  କେବେ କେତେବେଳେ ବସିଗଲେ ମନୋରମାଙ୍କର ଉଠିବା ପାଇଁ ମନ ହୁଏ ନାହିଁ । ହୁଏତ ମନୋରମାଙ୍କ ଉପରେ ବିଶିଷ୍ଟ ଚିନ୍ତନାୟକ ଆଲଡିସ୍ ହକସଙ୍କ ପ୍ରଭାବ ପଡିଥାଇ ପାରେ । ଯିଏ କହିଥିଲେ–ମଣିଷ ହେବ ତ ବହି ପଢ । ଲେଖକଟିଏ ହେବା ପାଇଁ ପ୍ରତିଭା ଠାରୁ ସାଧନାର ଆବଶ୍ୟକତା ଯଥେଷ୍ଟ । ଏହି ସାଧନା ପରିପୁଷ୍ଟ ହୁଏ ଗ୍ରନ୍ଥ ପଠନକୁ ନେଇ । ତେଣୁ ହୁଏତ ଆଜି ଯଦି ସେ ଆଧୁନିକ ଓଡ଼ିଆ କାବ୍ୟ ଜଗତରେ ଜଣେ ସୁପରିଚିତ କବି ହୋଇପାରିଛନ୍ତି ଏବଂ ଏକ ସ୍ୱତନ୍ତ୍ର ଆସନର ଅଧିକାରିଣୀ ହେବା ପାଇଁ ଯୋଗ୍ୟ ହୋଇଛନ୍ତି, ତେବେ ଛାତ୍ରାବସ୍ଥାରୁ କବିତାଗ୍ରନ୍ଥ ପଠନ ହିଁ ତାଙ୍କୁ ସହାୟତା କରିଛି । ବିଶ୍ୱର ଶ୍ରେଷ୍ଠ ବ୍ୟକ୍ତିମାନଙ୍କୁ ପୁସ୍ତକ ପଠନ ଉଚ୍ଚତର କରି ପାରିଛି, ମହାତ୍ମାଗାନ୍ଧୀ ମଧ୍ୟ ନିଜେ ଏହା ସ୍ୱୀକାର କରିଛନ୍ତି ।

୧୯୬୪ ମସିହାରେ ମନୋରମା ବିଶ୍ୱାଳ ମହାପାତ୍ର ଭଦ୍ରକ ସ୍କୁଲରୁ କୃତିତ୍ୱର ସହ ଉଚ୍ଚସ୍ଥାନ ଲାଭକରି ମାଟ୍ରିକୁଲେସନ ପାସ କରିଥିଲେ । ତତ୍ପରେ ସେ ଭଦ୍ରକ କଲେଜରେ ନାମ ଲେଖାଇଥିଲେ । ସାଳନ୍ଦୀ ନଈକୁ ଲାଗି ଭଦ୍ରକ ମହାବିଦ୍ୟାଳୟ । ଯାହାକୁ ଓଡିଶାର ଶାନ୍ତିନିକେତନ ବୋଲି କୁହାଯାଇଥାଏ । ଭଦ୍ରକ ମହାବିଦ୍ୟାଳୟର ପ୍ରାକୃତିକ ସୁଷମା,

ISSN NO.
2582-208X

ସନ୍ନିକଟ ସାଳନ୍ଦୀର କଳକଳ ଧ୍ୱନି କବିଙ୍କର କାବ୍ୟିକ ଚେତନାକୁ ଇନ୍ଦ୍ରିୟ ଜଗତରୁ ଅତୀନ୍ଦ୍ରିୟ ଜଗତ ଆଡ଼କୁ ବିମୋହିତ କରିଥିଲା । ମନୋରମାନଙ୍କ ଯେଉଁ ଅପୂର୍ବ କବିତ୍ୱର ସ୍ଫୁରଣ ସ୍କୁଲ ଜୀବନରୁ ଆରମ୍ଭହୋଇଥିଲା, ମହାବିଦ୍ୟାଳୟର ବିଶାଳ ପରିବେଶରେ ଆଶ୍ଚର୍ଯ୍ୟଜନକ ଭାବରେ ବିକଶିତ ହୋଇ ପାରିଥିଲା । ତେଣୁ ଏହି ଭଦ୍ରକ ମହାବିଦ୍ୟାଳୟ ଥିଲା ମନସ୍ୱିନୀ ମନୋରମାଙ୍କ ପାଇଁ ଏକ ଅଲିଭା ସ୍ମୃତିର କ୍ଷେତ୍ର ।

୧୯୬୮ ମସିହାରେ ମନୋରମା ବିଶ୍ୱାଳ ମହାପାତ୍ର ଓଡ଼ିଆ ଅନର୍ସରେ ଉଚ୍ଚସ୍ଥାନ ଲାଭକରି ଉତୀର୍ଣ୍ଣ ହୋଇଥିଲେ । ଏହା ପରେ ଉଚ୍ଚତର ଶିକ୍ଷା ପାଇଁ ୧୯୭୦ ମସିହାରେ "ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ" ଶାନ୍ତିନିକେତନରେ ଏମ୍.ଏ ରେ ନାମ ଲେଖାଇଲେ । ସେତେବେଳେ ଓଡିଶାରେ ଏମ୍.ଏ ପଢ଼ିବା ଥିଲା ଏକ ଗୌରବ ଜନକ କଥା । ଗାଁ, ମାଟି, ପାଣି, ପବନ, ବାପା, ମାଆ ଓ ଆଦରର ସାଳନ୍ଦୀକୁ ଛାଡି ସେ ସୁଦୂର ଶାନ୍ତି ନିକେତନରେ ବିଦ୍ୟା ଅଧ୍ୟୟନ କରୁଥିଲେ ମଧ୍ୟ ପ୍ରକୃତିପ୍ରାଣା କବି ସମସ୍ତଙ୍କ ପ୍ରତି ଶ୍ରଦ୍ଧା ଓ ସ୍ନେହର ଅଭୁଲା ସ୍ମୃତିକୁ କେବେ ବି ପାଶୋରି ପାରି ନ ଥିଲେ । ବରଂ ଶାନ୍ତିନିକେତନର ଶାନ୍ତବାତାବରଣ, ପୁଷ୍ପସମ୍ଭାର, ଆମ୍ରବଉଳର ବାସ୍ନା, ବିହଙ୍ଗର କାକଳି କବିଙ୍କ ମନରେ ଅଧିକ ଭାବାବେଗ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ରବୀନ୍ଦ୍ରନାଥଙ୍କ କବିତା ଦ୍ୱାରା ବହୁ ପରିମାଣରେ ପ୍ରଭାବିତ ହୋଇ ଥିଲେ । ସେ ଶାନ୍ତିନିକେତନ ବିଷୟରେ ଯାହା କୁହନ୍ତି –" ମୋ ଛାତ୍ରୀ ଜୀବନରେ ଔଜ୍ଜ୍ୱଲ୍ୟମୟ ବିଭାବ ଶାନ୍ତିନିକେତନ । ସେ ସ୍ଥାନରୁ ଏକ କାବ୍ୟ ପରମ୍ପରା ମୋ ଚେତନାକୁ ନିଶ୍ଚିତ ଭାବରେ ପ୍ରଭାବିତ କରିଛି। ଏଠାରେ ଏମ୍. ଏ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ଶିଳ୍ପୀ ରାମକିଙ୍କର ବେଜ, କବି ଅନ୍ନଦା ଶଙ୍କର ରାୟ, ଗୀତାର ଶିଳ୍ପୀ ରବିଶଙ୍କର ପ୍ରଭୃତିଙ୍କୁ ଅତି ନିକଟରୁ ଦେଖିବା ପାଇଁ ସୁଯୋଗ ପାଇଥିଲି । ପ୍ରତ୍ୟେକ ଶିଳ୍ପୀର ସଚେତନ ମନ, ପୃଥିବୀର ପ୍ରତେକ ମଣିଷ, ପ୍ରତ୍ୟେକ ଚିନ୍ତାଧାରା ସହିତ ଗଭୀର ଭାବରେ ଜଡିତ । ରବୀନ୍ଦ୍ରନାଥଙ୍କ ଉପନିଷଦୀୟ ଭାବନା ସହିତ ମୋର କ୍ଷୁଦ୍ର ଭାବନା ବେଳେବେଳେ ମିଶି ଏକାକାର ହୋଇ ଯାଇଛି। ରବୀନ୍ଦ୍ରନାଥଙ୍କ ଗୀତି କବିତାର ସ୍ୱର୍ଣ୍ଣ ଆଭା ମୋ ସଂଗୀତ ପ୍ରବଣତାକୁ ବର୍ଣ୍ଣମୟ କରିଦେଇଛି ।"( ଭାବେ ଅନୁପମା କବି ଅନୋରମା, ପୃଷ୍ଠା – ୨୫୦ )

ଏମ୍. ଏ କୃତିତ୍ୱର ସହ ପାସ୍ କରିଥିଲେ ଶାନ୍ତିନିକେତନରୁ । ଓଡ଼ିଆ ଅଧ୍ୟାପିକା ହେବା ପାଇଁ ପ୍ରବଳ ଆଗ୍ରହ ଥିଲା ମନୋରମାଙ୍କର । "ଓଡ଼ିଶା ପବ୍ଲିକ ସର୍ଭିସ କମିଶନ" ଙ୍କ ଦ୍ୱାରା

ISSN NO.
2582-208X

ଯୋଗ୍ୟ ବିବେଚିତ ହୋଇ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇ ୧୯୭୧ ମସିହାରେ ସରକାରୀ କଲେଜରେ ଅଧ୍ୟାପନା କଲେ । ଏଇଠି ହିଁ ଆରମ୍ଭହୋଇଥିଲା ତାଙ୍କ ଜୀବନର ଅନ୍ୟ ଏକ ପର୍ଯ୍ୟାୟ। ମଣିକାଞ୍ଚନର ସଂଯୋଗ ପରି ତାଙ୍କ ଜୀବନ ପଥକୁ ମହିମାନ୍ୱିତ କଲା ବିବାହ ବନ୍ଧନ । ଉଚ୍ଚଶିକ୍ଷିତ ପ୍ରଶାସନିକ ସେବା ବିଭାଗର ଅଧିକାରୀ ବାସବ ମହାପାତ୍ରଙ୍କୁ ସେ ସ୍ୱାମୀ ରୂପେ ବରଣ କଲେ । ତାଙ୍କର ଏହି ବିବାହ ଉତ୍ସବରେ ବାଲେଶ୍ୱରର କବି ବ୍ରଜନାଥ, ଭଗିନୀ ସଦୃଶା ଘନିଷ୍ଠ ସମ୍ପର୍କ ଥିବା ମନୋରମାଙ୍କ ଉଦ୍ଦେଶ୍ୟରେ କବିତାଟିଏ ଲେଖି ତାଙ୍କୁ ଅର୍ପଣ କରିଥିଲେ । କବିତାଟି ଥିଲା ଏହିପରି –

"ହେ ମନୋରମା !
ଜୀବନ ଖାତାରେ ଏତେ ଦିନ ଧରି
ଥିଲା ଯା' ଜମା, ଏଣିକି ତାହାର ଖର୍ଚ୍ଚ ବେଳ,
ଏଣିକି ଆଉ ଫୁଲ ଭଳି ନିଜେ ଫୁଟିବା ନୁହେଁ
ଫୁଟାଇବା ପାଇଁ ପଡ଼ିବ ତୁମକୁ
ଧରାର ବୃନ୍ତେ ଜୀବନ ଫୁଲ
ଏଣିକି କେବଳ ରୁକ୍ଷ ଧୂସର ବାସ୍ତବତା,
କୁମାରୀ ମନର ସପନ ନୁହେଁ
ଏଣିକି କେବଳ ଶାନ୍ତ କଠୋର ବନ୍ଧୁରତା
ଛନ୍ଦ ଚପଳ ଜୀବନ ସୁଏ ।
ଏଣିକି କେବଳ ଝରିବା ପାଳି
ତଥାପି କିନ୍ତୁ ଫୁଲ ଫଗୁଣର
ପୂର୍ଣ୍ଣତା କେହି ପାରେ କି କଳି
ନ ଛୁଏଁ ଯଦି ଚଇତି ସୀମା ?"

ତେବେ ତାଙ୍କ ପତି ବାସବଙ୍କ ସହଚର୍ଯ୍ୟ ତାଙ୍କର ପରବର୍ତ୍ତୀ ଜୀବନକୁ ଉତ୍ସାହିତ କରିଥିଲା। ବିବାହ ବନ୍ଧନ କାବ୍ୟ ଜଗତ ପାଇଁ ବାଧକ ନ ହୋଇ ପ୍ରେରଣାଦାୟୀ ହୋଇ ପାରିଥିଲା । କାବ୍ୟଧାରା ହୋଇ ଉଠିଥିଲା ଅଧିକ ସ୍ରୋତସ୍ୱିନୀ । ଯଦି ଭିନ୍ନ ରୁଚିର ପତିଙ୍କୁ ଗ୍ରହଣ କରିଥାନ୍ତେ, ତେବେ ତାଙ୍କର କାବ୍ୟ ସାଧନା ଏପରି ଭାବରେ ଉତ୍କୃଷ୍ଟ ଓ ମନୋମୁଗ୍ଧକର ହୋଇ ପାରି ନ ଥାନ୍ତା। ଫଳରେ ତାଙ୍କ ମନରେ ଅସହାୟତା ଓ ବ୍ୟର୍ଥତା ସୃଷ୍ଟି

ISSN NO.
2582-208X

ହୋଇଥାନ୍ତା। ନାରୀ ଜୀବନର ବିକାଶରେ ପୁରୁଷ ଓ ପୁରୁଷର ପୌରୁଷ ପ୍ରକାଶରେ ନାରୀର ଭୂମିକା ନିଶ୍ଚୟ ରହିଛି, ଏହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ। ମହାତ୍ମାଗାନ୍ଧୀଙ୍କ ଯାତ୍ରା ପଥକୁ ବିକଶିତ କରିବାରେ ତାଙ୍କର ସହଧର୍ମିଣୀ କସ୍ତୁରବା ଉଲ୍ଲେଖନୀୟ ଅବଦାନ ଗ୍ରହଣ କରିଥିଲେ । ପରମପୁରୁଷ ଶ୍ରୀ ରାମକୃଷ୍ଣ ପରମହଂସଙ୍କୁ ସାଧକ ସନ୍ନ୍ୟାସୀ ରୂପେ ପ୍ରତିଷ୍ଠିତ କରିବା ଲାଗି ପତ୍ନୀ ମମତାମୟୀ ସାରଦା ଦେବୀଙ୍କ ସହାୟତା ଅସ୍ୱୀକାର କରିହେବ ନାହିଁ । ସେମିତି ସାଧକ ଶ୍ରୀ ଅରବିନ୍ଦଙ୍କ ମହାଯୋଗର ସଫଳତାରେ ପତ୍ନୀ ମୃଣାଳିନୀଙ୍କ ଭୂମିକାକୁ ମଧ୍ୟ ଗୌଣ ବିଚାର କରାଯାଇ ନ ପାରେ । ଏମିତି ଇତିହାସରେ ପତିପତ୍ନୀଙ୍କ ସଂଯୋଗ ସୃଷ୍ଟିର ଅନେକ ଦୃଷ୍ଟାନ୍ତ ରହିଛି ।

ବାସବ ମହାପାତ୍ରଙ୍କ ସହଚର୍ଯ୍ୟା ପାଇ ମନୋରମା ସାଧନାକୁ ଅଧିକ ବିକଶିତ କରିପାରିଥିଲେ । ସୃଷ୍ଟି ଠାରୁ ସ୍ରଷ୍ଟାକୁ ପ୍ରେରଣା ଦେବା ବଡ଼ କାର୍ଯ୍ୟ । ଇଂରେଜ ସାହିତ୍ୟର ତରୁଣ କବି ଫ୍ରାନସିସ ଟମସନଙ୍କୁ ପ୍ରେରଣା ମିଳିଥିଲେ, ତାଙ୍କ ପ୍ରତିଭା ଯୋଗୁଁ ସେ କେତେ ବଡ଼ ହୋଇ ପାରିନ ଥାନ୍ତେ । ସେ କବିତା ଲେଖନ୍ତି । ମାତ୍ର ପିତା ଚାହିଁଲେ ପୁଅ ଡକ୍ଟର ହେଉ । କବି ପୁତ୍ର ଡାକ୍ତରୀ ପାଠ ପ୍ରତି ଆଗ୍ରହୀ ନ ହୋଇ କବିତା ଲେଖା ରେ ମନ ଦେଲେ। ଏଥିପାଇଁ ସେ ପରୀକ୍ଷାରେ ଅକୃତକାର୍ଯ୍ୟ ହେବାରୁ ବାପା ବିରକ୍ତି ପ୍ରକାଶ କଲେ । ଶେଷରେ ପୁଅକୁ ତେଜ୍ୟପୁତ୍ର କରିଦେଲେ । ଏହି ମାନସିକ ଦୁଶ୍ଚିନ୍ତା ତାଙ୍କୁ ଅଫିମ ଖାଇବାକୁ ବାଧ୍ୟ କଲା । ଶେଷରେ ସେ ନିଶାଗ୍ରସ୍ତ ହେଲେ । ଦିନେ ରାତ୍ରିରେ ବିଳମ୍ବିତ ପ୍ରହରରେ ଅଚେତ ଅବସ୍ଥାରେ ରାସ୍ତାରେ ପଡିଥିବା ବେଳେ ତରୁଣ କବିଙ୍କୁ ଉଦ୍ଧାର କରାଯାଇଥିଲା । ପରେ ତାଙ୍କ ପିତା ଅବସୋସ କରିଥିଲେ। ପୁତ୍ରର ପ୍ରତିଭା ପ୍ରତି ସମ୍ମାନ ଓ ଶ୍ରଦ୍ଧା କରିପାରି ନ ଥିବା ହେତୁ ସେ ମର୍ମାହତ ହେଲେ ସିନା, ମାତ୍ର କିଛି କରିବାର ଉପାୟ ନ ଥିଲା । ଏହି ଦୃଷ୍ଟିରୁ ସହାନୁଭୂତି, ଶ୍ରଦ୍ଧା ଓ ପ୍ରେରଣା ଜୀବନଯାତ୍ରା ପାଇଁ ବହୁ ସହାୟକ ହୋଇଥାଏ । ସେହିପରି ପତିଙ୍କ ପ୍ରେରଣା କବି ମନୋରମାଙ୍କ ପାଦକୁ ଶକ୍ତ କରିଛି, ଲେଖନୀକୁ ଦୃଢ଼ କରିଛି । ସେଥିଯୋଗୁଁ ରାଜ୍ୟର ପରିଧି ପାର ହୋଇ ତାଙ୍କ ସ୍ୱର ଓ ସ୍ୱାକ୍ଷର ଦିଲ୍ଲୀ, ଆସାମ, ଢାକା, କାଠମାଣ୍ଡୁ, ଗ୍ରୀସ୍, ସୁଇଡେନ, ଲଣ୍ଡନ ଓ ଆମେରିକାରେ ମୁଖରୀ ଉଠିଛି ମନୋରମାଙ୍କ କାବ୍ୟଛନ୍ଦ ଓ ଗୀତିମାଧୁରୀ । କବିତା ପାଗଳ କବିଟିକୁ ବେଶ୍ ସାହାସିକତାର ସହିତ ଆପଣାର ସ୍ନେହ ମମତା ରଜ୍ଜୁରେ ଆକଟ କରିଛନ୍ତି କଳାପ୍ରାଣ, ରସସ୍ନିଗ୍ଧ ପତି ବାସବ ମହାପାତ୍ର।

ISSN NO.
2582-208X

ଏହା ଥିଲା ମନୋରମାଙ୍କ ବିତି ଯାଇଥିବା ଜୀବନର କେତେକ ସରଳ ଓ ସଂକ୍ଷିପ୍ତ ବ୍ୟାଖ୍ୟା। ବର୍ତ୍ତମାନ ତାଙ୍କ ସାହିତ୍ୟ ସାଧନାର ପ୍ରାରମ୍ଭିକ ଦିଗ ଅର୍ଥାତ ମନୋରମାଙ୍କ କାବ୍ୟ କବିତା ରଚନାର ଧାରା ସମ୍ପର୍କରେ ଆଲୋଚନା କରାଯାଇ ପାରେ । ମନୋରମା ଯେତେବେଳେ ଷଷ୍ଠ ଶ୍ରେଣୀରେ ପଢୁଥିଲେ, ସେତେବେଳେ ତାଙ୍କର ପ୍ରଥମ କବିତା 'ଘର' ପ୍ରକାଶିତ ହୋଇଥିଲା । ଏହା ୧୯୬୦ ମସିହାରେ "ମୀନାବଜାର" ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା । ମନୋରମାଙ୍କ ଏହି ପ୍ରଥମ କବିତା ପ୍ରକାଶ ପରେ ପରିବାରରେ ଆନନ୍ଦର ଲହରୀ ଖେଳିଯାଇଥିଲା । ଯେତେବେଳେ ମନୋରମାଙ୍କ ସାନଭାଇ ଦୁର୍ଗାଶଙ୍କର ପ୍ରଥମେ ବାପା ପ୍ରାଣକୃଷ୍ଣଙ୍କୁ ଏ ବିଷୟରେ ଜଣାଇଲେ, ସେଦିନ ତାଙ୍କ ପିତା ଅତ୍ୟନ୍ତ ଖୁସି ହୋଇ ରସଗୋଲା ବାଣ୍ଟିଥିଲେ । ଏହା ପରଠାରୁ କବି ମନୋରମା ଆଉ ପଛକୁ ଫେରି ଚାହିଁ ନାହାନ୍ତି । କବିତା ପରେ କବିତା ସୃଷ୍ଟି କରି ଓଡିଆ ସାହିତ୍ୟର ସାରସ୍ୱତ କାବ୍ୟ ଭଣ୍ଡାରକୁ ଗୌରବାନ୍ୱିତ କରିପାରିଛନ୍ତି ।

କବି ଅଷ୍ଟାଦଶ ଶ୍ରେଣୀରେ ବା ହାଇସ୍କୁଲରେ ପଢୁଥିବା ସମୟରେ ତାଙ୍କର ପ୍ରଥମ କବିତା ପୁସ୍ତକ "କିଶଳୟ" ୧୯୬୨ ମସିହାରେ ପ୍ରକାଶିତ ହୋଇଥିଲା । ଏହି ବହିର ମୁଖବନ୍ଧ ଲେଖିଥିଲେ ଓଡ଼ିଶାର ପରିଚିତ ଲେଖକ ଡଃ କୃଷ୍ଣଚରଣ ବେହେରା । ୧୯୬୫ ମସିହାରେ ପ୍ରକାଶ ପାଇଲା ତାଙ୍କର ଦ୍ୱିତୀୟ କବିତାଗ୍ରନ୍ଥ "ବ୍ରତତୀ" । ଏଥିରେ ଖ୍ୟାତନାମା ଲେଖକ ନିତ୍ୟାନନ୍ଦ ମହାପାତ୍ର ମୁଖବନ୍ଧ ରଚନା କରିଥିଲେ । ପରବର୍ତ୍ତୀ ସମୟରେ "ଫୁଲଫୁଟା ମୁହୂର୍ତ୍ତ" (୧୯୭୬), "ସ୍ୱାତିଲଗ୍ନ" (୧୯୭୬), "ସ୍ମୃତି ଶ୍ରାବଣ ପ୍ରତିବିମ୍ବ" (୧୯୭୮), "ଶବ୍ଦର ମହିମା" (୧୯୯୪), "ଜହ୍ନ ରାତିର ମୁହଁ" ( ୧୯୮୪), "ଏକଲା ନଈର ଗୀତ"(୧୯୮୫), "ଥରେଖାଲି ଡାକିଦେଲେ"(୧୯୯୨), "ଫାଲ୍ଗୁନୀ ତିଥିର ଝିଅ "(୧୯୯୮)," ବିଶ୍ୱାସର ପଦ୍ମ ବନ "(୨୦୦୦) ପ୍ରଭୃତି କବିତା ସଂକଳନ ପ୍ରକାଶିତ ।

ମନୋରମା ବିଶ୍ୱାଳ ମହାପାତ୍ର ଥିଲେ ଜଣେ ପଲ୍ଲୀପ୍ରାଣା କବି । ପଲ୍ଲୀର ଅପରୂପ ପ୍ରକୃତି ତାଙ୍କୁ ବାରମ୍ବାର ବିମୋହିତ କରିଦେଇଥିଲା । ପଲ୍ଲୀର ଆମ୍ବତୋଟା, ବଉଳର ମହକ, କୋଇଲିର କୁହୁତାନ, ପୁଷ୍ପର ସୁରଭି, ଗାଁ ଗଣ୍ଡାରେ ନୁଆଁଣିଆ ଚାଳମଥାନର ଦୃଶ୍ୟ, ସର୍ବପରି ନାନା ପରବରେ ପିଠାପଣା, ହସଖୁସିର ପରିସର ତାଙ୍କୁ ବାରମ୍ବାର ଭାବବିଷ୍ଟ କରିବାକୁ ବାଧ୍ୟ କରିଛି । ଗୋଟିଏ ଜନ୍ମ ତାଙ୍କ ପାଇଁ ଯଥେଷ୍ଟ ହୋଇ ନାହିଁ ପଲ୍ଲୀ

ISSN NO.
2582-208X

ସୁଷମାକୁ ମନ ଭରି ଉପଭୋଗ କରିବାରେ । ତେଣୁ ତାଙ୍କର ସେ ପଲ୍ଲୀରେ କବି ଆଉଥରେ ଜନ୍ମ ନେବାକୁ ସେ ଚାହିଁଛନ୍ତି । କବିଙ୍କ ଭାଷାରେ –

"ମୁଁ ଜନ୍ମ ହେବି ପୁଣି ଥରେ
ଆସନ୍ତା ଜନ୍ମରେ
କବି ହୋଇ ଏହି ଗାଁରେ ।"

ଏତଦ୍ ଭିନ୍ନ ସରଳ ବିମଳ ଗ୍ରାମର ଅପୂର୍ବ ଶୋଭା, ମଧୁମୟ ବାତାବରଣ, ସାଳନ୍ଦୀନଦୀର କୁଳୁକୁଳୁ ନାଦ, ଗାଁ ଝିଅର ଚିତାକୁଟା ମୁହଁ, ଗ୍ରାମ୍ୟ ଶିଶୁର ନିଷ୍ପାପ ଚାହାଣି, ଗ୍ରାମୀଣ ଭାଷା, ପ୍ରକୃତିର ସୁକୋମଳ ସ୍ପର୍ଶ ତାଙ୍କ କବିତାରେ ଜୀବନ୍ତ ଭାବେ ବର୍ଣ୍ଣିତ । ପ୍ରତ୍ୟେକ କବିତା ଶୋକରୁ ଆରମ୍ଭ ହେଲା ପରି, କବି କହନ୍ତି ମୋ କବିତା ଲେଖା ସେହି ଗାଁ ଛାଡି ଆସିବାର ସ୍ମୃତିରୁ ହିଁ ଆରମ୍ଭ ହୋଇଛି । ତେଣୁ କବି ନିବେଦନ କରିଛନ୍ତି ଗାଁ କୁ –

"କୁମ୍ଭାଟୁଆ ଡାହୁକର ଡାକ
ଥରେ ଖାଲି ଛୁଇଁ ଦେଲେ
ଚେତନାକୁ ମୋର
ଯେତେବେଳେ ଦରମଲା ପତ୍ର
ମୋ ଭିତରେ କଅଁଳି ଉଠିବ
ମୋତେ ଖାଲି ଥରୁଟିଏ ଡାକିଦେଲେ
ବହିଯିବ ନଈ ହୋଇ ତୋରି ପାଖରେ ।"

ତେଣୁ ଯଥାର୍ଥରେ ମନୋରମାଙ୍କର ପଲ୍ଲୀପ୍ରାଣତାକୁ ନେଇ ପ୍ରଫେସର ଗଗନେନ୍ଦ୍ର ନାଥ ଦାସ ମତ ଦିଅନ୍ତି – "ମନୋରମାଙ୍କ କବିତାର ଏକ ବଡ଼ ଦିଗ ହେଉଛି ଯେ, ସବୁଥିରେ ଫୁଟି ଉଠିଥିବା ପଲ୍ଲୀ ପ୍ରତି ପ୍ରବଳ ଆକର୍ଷଣ ଓ ପଲ୍ଲୀପ୍ରାଣତା । ପଲ୍ଲୀ ଜୀବନର ବିଭିନ୍ନ ଦିଗ ତାଙ୍କ କବିତା ଗୁଡିକରେ ଧରି ରଖିବାରେ ସେ ପ୍ରବଣତା ଦେଖାଇଛନ୍ତି । "(ଭାବେ ଅନୁପମା କବି ମନୋରମା, ପୃଷ୍ଠା – ୦୪)

ପଲ୍ଲୀ ପ୍ରକୃତି ପରି ମାଆର ମଧ୍ୟ ଉଭୟ ମନୋରମାଙ୍କ ହୃଦୟରେ ଏବଂ କବିତା ପୁସ୍ତକରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । କେବଳ କବିଙ୍କ ହୃଦୟରେ କାହିଁକି, ପ୍ରତି ବ୍ୟକ୍ତିଙ୍କ ହୃଦୟରେ ମାଆର ମହନୀୟତା ଅକଳ୍ପନୀୟ । ମାତ୍ର ବର୍ତ୍ତମାନ ସମୟରେ ପୁଅ–ପୁଅ

ISSN NO.
2582-208X

ମଧ୍ୟରେ ଭାଗବାଣ୍ଟ ହୋଇ ପ୍ରତି ମୁହୂର୍ତ୍ତରେ ତିଳ ତିଳ ହୋଇ ଜଳୁଥିବା ଅସହାୟ ମାଆଟିର ଦୂରବସ୍ଥାରେ କବିଙ୍କର ହୃଦୟ ବିଳପି ଉଠିଛି । କବିଙ୍କ ଭାଷାରେ -

"ସେଦିନ ମାଆକୁ ଜମିବାଡ଼ି ସହ
ସମସ୍ତଙ୍କ ସାମ୍ନାରେ ଭାଗ କରାଗଲା
ମାଆର ଭରଣ ପୋଷଣ ଭାର
ସାନଭାଇ ଅଧା ନେଲା
ଆଉ ଅଧେ ବଡ଼ ଭାଇ
ସମସ୍ତଙ୍କୁ ସାକ୍ଷୀ ରଖି ମାଆକୁ ଭାଗ କରାଗଲା ।" (କବିତା -"ମାଆ" )

କବିଙ୍କର ମାଆ ସମ୍ପର୍କିତ କବିତା ପଢି ମହାପାତ୍ର ନୀଳମଣି ସାହୁ ଯେଉଁ ମତ ପ୍ରଦାନ କରିଥିଲେ, ତାହା ଉଲ୍ଲେଖଯୋଗ୍ୟ । ତାଙ୍କ ମତରେ - "ଆଃ ! ମନୋରମା ! ସତ କଥା ତୁମର ମାଆ କବିତା ଗୁଡିକ ପଢି ମୋର ହୃଦୟ ମଧ୍ୟ ମାତୃ ସୁଲଭ ଭାବାବେଗରେ କମ୍ପି ଉଠିଲା।" (ଭାବେ ଅନୁପମା କବି ମନୋରମା, ପୃଷ୍ଠା ୧୨)

ଶୈଶବ ପ୍ରତି ମୋହ କବି ମନୋରମା ବିଶ୍ୱାଳ ମହାପାତ୍ରଙ୍କ କବିତାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭବ । ତାଙ୍କର ପିଲା ଦିନର ସ୍ମୃତି ତାଙ୍କୁ ବହୁ ପରିମାଣରେ ପ୍ରେରଣା ଦେଇଛି ଅତିସୁନ୍ଦର କବିତାମାନ ଗଢିବା ପାଇଁ I ସାଙ୍ଗମାନଙ୍କ ସହ ମିଶି କଙ୍କି ଧରିବା ହେଉ କିମ୍ବା ଗୋଧି ପଛରେ ଗୋଡ଼ାଇ ତାକୁ ବ୍ୟତିବ୍ୟସ୍ତ କରିଦେବାରେ ହେଉ, ଭଙ୍ଗା ଦାନ୍ତ ମୂଷା ଗାତରେ ପକାଇବାରେ ହେଉ କିମ୍ବା ସ୍କୁଲ ନ ଯାଇ ନଳିତା ବଣରେ ଲୁଚିବାରେ ହେଉ, ଏହି ସବୁ ଶିଶୁ ସୁଲଭ ଚପଳତା ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କ କବିତାର ଅନ୍ତଃସତ୍ତା ପାଲଟି ଯାଇଛି। କବିଙ୍କ ଭାଷାରେ -

"ଅଶୁରୁଣୀ ବୁଢ୍ଢୀର ଗପ ଶୁଣା
ମୋର ମୁଗ୍ଧ ଶୈଶବ
ମୂଷାଗାତରେ ଭଙ୍ଗା ଦାନ୍ତ ପକାଇବାର ଦିନ ।
ସ୍କୁଲ ନ ଯାଇ
ନଳିତା ବଣରେ ଲୁଚିବାର ଭୟ ଏବଂ ଆନନ୍ଦ ।"
(ଥରେ ଖାଲି ଡାକିଦେଲେ, ପୃଷ୍ଠା - ୫୯-୬୦)

ISSN NO.
2582-208X

ଲୋକସଂସ୍କୃତି କବି ମନୋରମା ବିଶ୍ୱାଳ ମହାପାତ୍ରଙ୍କ କାବ୍ୟ ଚେତନାର ଅନ୍ୟ ଏକ ଦିବ୍ୟ ପରିପ୍ରକାଶ । "ଲୋକଜୀବନ ଭିତରେ ମୋର ସମସ୍ତ ସତ୍ତା ବିଛାଇ ହୋଇ ପଡେ । ତାହା ହିଁ ମୋ କବିତାର ପୃଥିବୀ ତିଆରି କରେ ।" କବି ମନୋରମାଙ୍କ ଏହି ସ୍ୱୀକାରୋକ୍ତିରୁ ତାଙ୍କ ସାରସ୍ୱତ ସୃଷ୍ଟିରେ ଲୋକସଂସ୍କୃତିର ପ୍ରତିଫଳନ ବାବଦରେ ଧାରଣା କରିହୁଏ । ମନୋରମାଙ୍କ ସାହିତ୍ୟକୃତିରେ ଲୋକସଂସ୍କୃତିର ଚିତ୍ର ଅତି ସ୍ପଷ୍ଟ ଭାବରେ ରୂପପାଏ । ଲୋକବିଶ୍ୱାସ, ଲୋକଚଳଣି, ପୂଜାପାଠ, ପିଠାପଣା ଆଦି ସାମାଜିକ ଲୋକାଚାର ତାଙ୍କ କାବ୍ୟକବିତାରେ ଓଡ଼ିଆ ମାଟିର ମହକ ଭରିଦିଏ ।

ଗ୍ରାମ୍ୟ ଜୀବନ ହିଁ ଲୋକ ସଂସ୍କୃତିର ପ୍ରାଣପୀଠ। ଏଠାରେ ବାରମାସରେ ତେର ଯାତ ଲାଗିଥାଏ । ଓଷାବ୍ରତ, ପିଠାପଣାରେ ଗାଁ ଗହଳି ପୁରି ଉଠେ । ଗାଁରେ ଥିବା ଧାନ ଭର୍ତ୍ତି ଅମାର, ମାଟି କାନ୍ଥର ଜାତି ଜାତି ଝୋଟି ଆଉ ଚିତା ଶୋଭା ପାଉଥାଏ । କବିଙ୍କ ଭାଷାରେ –

"ଧାନ ଭର୍ତ୍ତି ଅମାରରେ
ସାରା ମାଟି କାନ୍ଥରେ
ଜାତି ଜାତି ଝୋଟି ଆଉ ଚିତା । "
('ମୁଁ ଜନ୍ମିବି କବି ହୋଇ', 'ଶବ୍ଦର ପ୍ରତିମା', ପୃ-୩୫)

ଇଶ୍ୱର ଅବା ଦେବୀପୂଜା ସମୟରେ ଠାକୁରଙ୍କୁ ନୂଆଲୁଗା ପିନ୍ଧାଇ ଦେଇ ଧୂପ ଝୁଣା ଦେବା ଏବଂ ପୂଜାପାଠ କରିବାର ଲୋକସଂସ୍କୃତିକୁ କବି ଭୁଲି ପରିନାହାନ୍ତି । କବିଙ୍କ ଘରେ ଦେବୀପୂଜାର ଆୟୋଜନ ସମ୍ପର୍କରେ ବର୍ଣ୍ଣନା କଲା ବେଳେ ସେ ଏହାର ଏକ ସୁନ୍ଦର ଚିତ୍ର ଆଙ୍କିଛନ୍ତି "ଦେବୀଦର୍ଶନ" ("ବିଶ୍ୱାସର ପଦ୍ମବନ", ପୃଷ୍ଠା - ୫୭) କବିତାରେ। ଏହିପରି କବିଙ୍କର ଆହୁରି ଅନେକ କବିତା ରହିଛି, ଯେଉଁଥିରେ ମାନବିକ ସମ୍ବେଦନଶୀଳତା, ଆଧ୍ୟାତ୍ମିକତା, ସ୍ୱଦେଶ ପ୍ରେମ, ବିଦେଶୀ ପ୍ରୀତି, ଶିଶୁ ମନସ୍ତତ୍ତ୍ୱ ଆଦି ଗୁରୁତ୍ୱପୂର୍ଣ୍ଣ ବିଭାବ ଦେଖିବାକୁ ମିଳିଥାଏ ।

ଇଏ ତ ଥିଲା ମନୋରମାଙ୍କ କାବ୍ୟ ଜଗତର ସଂକ୍ଷିପ୍ତସାର । ପଦ୍ୟକୁ ଛାଡିଦେଲା ପରେ ଗଦ୍ୟ ରଚନାରେ ମଧ୍ୟ ମନୋରମା ନିଜ ପଟୁତାର ପରିଚୟ ଦେଇପାରିଛନ୍ତି । ତାଙ୍କର ଗବେଷଣା ଧର୍ମୀ ଗଦ୍ୟଗ୍ରନ୍ଥ "ମାୟାଧର ମାନସିଂହଙ୍କ କାବ୍ୟକୀର୍ତ୍ତି" ଏକ ଉଚ୍ଚମାନର

ISSN NO.
2582-208X

ଗବେଷଣାଧର୍ମୀ ଗଦ୍ୟଗ୍ରନ୍ଥ । ଏଥିରେ ମାୟାଧର ମାନସିଂହଙ୍କ ବିଶାଳ କାବ୍ୟ କୋଣାର୍କର ପରିଚୟ ପ୍ରଦାନ କରିଛନ୍ତି । ଦ୍ୱିତୀୟରେ " ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର" ପୁସ୍ତକରେ ଶାନ୍ତିନିକେତନ ଓ ରବୀନ୍ଦ୍ରନାଥଙ୍କର ସ୍ମୃତିଚାରଣ ବେଶ ଚିତାକର୍ଷକ । ତାଙ୍କ ଗଦ୍ୟ ପ୍ରତିଭାର ଏକ ଅମଳିନ କୃତି ହେଉଛି " ଶବ୍ଦ ସରସ୍ୱତୀ "। ଏହି ପୁସ୍ତକରେ ସେ ୩ଟି ପ୍ରଦେଶ (ଓଡ଼ିଶା, ଆସାମ, ବଙ୍ଗଳା)ର ନାରୀ ପ୍ରତିଭାର ଏକ ତୁଳନାତ୍ମକ ଆଲୋଚନା କରିଛନ୍ତି। ତାଙ୍କ ଜୀବନରେ ସେ ଯେଉଁ ଆନନ୍ଦର ଆସ୍ୱାଦନ କରିଥିଲେ, ସେହି ପ୍ରଗାଢ଼ ଅନୁଭୂତିକୁ ସେ ରୂପାୟିତ କରିଛନ୍ତି "ଭାବନାର ଭାସ୍କର୍ଯ୍ୟ" ପୁସ୍ତକରେ । "ସାତ ସମୁଦ୍ର ତେର ନଈ" ତାଙ୍କର ଭ୍ରମଣ ବୃତ୍ତାନ୍ତ । ଏଥିରେ ତାଙ୍କର ସ୍ୱଦେଶ ତଥା ବିଦେଶ ପ୍ରୀତିର ପରିଚୟ ମିଳିଥାଏ । "ଶାନ୍ତିନିକେତନ ଅନୁଭୂତି" ତାଙ୍କ ଦ୍ୱାରା ସଂକଳିତ ଏକ ଉଚ୍ଚକୋଟୀର ପ୍ରବନ୍ଧ । ସଂଖ୍ୟାରେ ସଂକ୍ଷିପ୍ତ ହେଲେ ମଧ୍ୟ ତାଙ୍କ ଗଦ୍ୟ ସଫଳତାର ଶ୍ରେୟ ଅର୍ଜନ କରିପାରିଛି।

ସେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ସଂଗଠନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ତନ୍ମଧ୍ୟରୁ ନିଜ ସାଧନା ପାଇଁ ୧୯୯୭ ରେ "ବଙ୍ଗ ଉତ୍କଳ ସମ୍ମାନ'', ୧୯୯୭ ରେ "ନିଖିଳ ବଙ୍ଗ ସମ୍ମାନ", ପଶ୍ଚିମବଙ୍ଗରୁ ୧୯୯୭ମସିହାରେ "ମାଇକେଲ ମଧୁସୂଦନ ପୁରସ୍କାର", ୧୯୯୮ ରେ "ପଞ୍ଜାବ କଳା ଏକାଡେମୀ", ୧୯୯୯ ରେ' "ଓଡିଶା ସହିତ୍ୟ ଏକାଡେମୀ' ପ୍ରମୁଖ । ଏହା ବ୍ୟତୀତ୍ୱ ଆହୁରି ଅନେକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ତଥାପି ମନୋରମାଙ୍କ ମନକୁ ଅହଂକାର ତିଳେ ମାତ୍ର ସ୍ପର୍ଶ କରିନାହିଁ । ସେ ନିଜେ ଏକ ସାକ୍ଷାତକାରରେ ସ୍ୱୀକାର କରିଥିଲେ -'ଜଣେ ସଫଳ ସ୍ରଷ୍ଟା ପାଇଁ ସାହିତ୍ୟ ସାଧନା ହିଁ ମୁଖ୍ୟ । ପୁରସ୍କାର ନୁହେଁ । ସାହିତ୍ୟ ସାଧକ ଯେତେବେଳେ ପୁରସ୍କାର ମନସ୍କ ହୋଇଯାଏ; ତାର ସାରସ୍ୱତ ମୃତ୍ୟୁ ଅବଧାରିତ ବୋଲି ମନେ ହୁଏ ।

ଏହା ବ୍ୟତୀତ କବି ମନୋରମା ବିଶ୍ୱାଳ ମହାପାତ୍ର 'ଉତ୍କଳ ବିଶ୍ୱବିଦ୍ୟାଳୟ'ର ଆଜୀବନ ସଦସ୍ୟା । ୧୯୭୬-୭୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର 'ସିନେଟ ସଭ୍ୟ' ରୂପେ ନିର୍ବାଚିତ ହୋଇଥିଲେ । 'ପୋଏଟ୍ରି ସୋସାଇଟି ଅଫ ଇଣ୍ଡିଆ', ନୂଆଦିଲ୍ଲୀର ଆଜୀବନ ସଦସ୍ୟା । 'ପି. ଇ. ଏନ. କଲିକତା'ର ଆଜୀବନ ସଭ୍ୟା , ଆମେରିକାର 'ବିଶ୍ୱକଳା ଓ ସଂସ୍କୃତି' ଏକାଡେମୀର ଆଜୀବନ ସଦସ୍ୟା ଏବଂ ଅନ୍ୟାନ୍ୟ ଅନେକ ସଂସ୍ଥାର ସଭ୍ୟା

ISSN NO.
2582-208X

ରହିଛନ୍ତି । ଜଣେ ଓଡ଼ିଆ କବି ରୂପେ ୧୯୮୬ ମସିହାରେ ବାଙ୍ଗାଲୋରର 'ଓଡ଼ିଆ କନ୍ନଡ଼ ସେମିନାର', ୧୯୯୪ ରେ ଗ୍ୟାଙ୍ଗଟକର 'କବି ସମ୍ମିଳନ', ଗ୍ରୀସ୍ ର ଥେସାଲେନିକୀ ଠାରେ ୨୦୦୦ ମସିହାରେ ଆୟୋଜିତ 'ୱାର୍ଲ୍ଡ କଂଗ୍ରେସ୍ ଅଫ ପୋଏଟସ୍' ଓ ୨୦୦୧ରେ ବାଂଲା ଦେଶର ଢାକାରେ ଏବଂ ନେପାରର କାଠମାଣ୍ଡୁରେ ଅନୁଷ୍ଠିତ 'ନ୍ୟାସନାଲ କଂଗ୍ରେସ ଅଫ ପୋଏଟସ୍' ପ୍ରବୃତି କାର୍ଯ୍ୟକ୍ରମରେ ପ୍ରତିଧ୍ୱନୀତ କରି ପ୍ରଶଂସିତ ହୋଇଛି । ଏହା ସତ୍ୱେ ସେ ଅତ୍ୟନ୍ତ ନିରହଂକାର ମଣିଷଟିଏ ଥିଲେ । ତାଙ୍କ ଉଦ୍ଦେଶ୍ୟରେ ଗୀତାରେ ଏହି ଶ୍ଳୋକଟିକୁ ଉଦ୍ଧାର କରାଯାଇ ପାରେ –

"କର୍ମଣ୍ୟ ବାଧିକାରସ୍ତେ ମା ଫଳେଷୁ କଦାଚନ,
ମା କର୍ମଫଳ - ହେତୁର୍ ଭୂର୍ମା ତେ ସଙ୍ଗୋଅସ୍ତୁ ଅକର୍ମଣି ।"

କବି ଯଥାର୍ଥରେ ସ୍ୱାଭିମାନିନୀ। ଏହି ସ୍ୱାଭବିକ ମାନ ହିଁ ଜଣେ ଯଥାର୍ଥ ଶିଳ୍ପୀର ବିଭବ। ସ୍ୱାଭିମାନ ନ ରହିଲେ ସେ କଣ ଆଗକୁ ଆଗ ପାଦ ଥାପିପାରେ । ଅହଂକାର ସିନା ମଣିଷକୁ ନିମ୍ନକୁ ନେଇଯାଏ । ତେବେ ନିଜ ସାଧନା ପାଇଁ ଅହଂକାର ଓ ସ୍ୱାଭିମାନ ରହିବା ଜଣେ ଶିଳ୍ପୀ ଜୀବନରେ ସ୍ୱାଭାବିକ । ଏ ଅହଂକାର କିନ୍ତୁ ଆତ୍ମବଢ଼ିମା ପ୍ରକାଶର ସୂଚନା ବହନ କରେ ନାହିଁ। କଥାକାର ସୁରେନ୍ଦ୍ର ମହାନ୍ତି କହନ୍ତି - "ମୁଁ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ହୋଇ ପାରିଲି ନାହିଁ । ଗବେଷଣାର ଦିଗଦର୍ଶକ ହେବାର ସୁଯୋଗ ପାଇଲି ନାହିଁ । ମାତ୍ର ମୋଠି ଏଥିପାଇଁ ଯେଉଁ ଯୋଗ୍ୟତା ଓ ଅଭିଜ୍ଞତା ରହିଛି, ସେଥିପାଇଁ ମୁଁ ନିଶ୍ଚୟ ଅହଙ୍କାରୀ। ଏହି ଅହଂକାର ଟିକକ ଶିଳ୍ପୀର ନ ରହିଲେ, ସେ ସୃଷ୍ଟି କରନ୍ତା କିପରି! "କବି ଏହି ଦୃଷ୍ଟିରୁ ଅଭିମାନିନୀ ନିଶ୍ଚୟ । ତେଣୁ ତାଙ୍କ କବି ପ୍ରତିଭା ଚିର ସ୍ମରଣୀୟ ହେବା ସଙ୍ଗେ ସଙ୍ଗେ ଏକ ଉଜ୍ଜ୍ୱଳ କୀର୍ତ୍ତିମୟ ନକ୍ଷତ୍ର ସଦୃଶ ସଦା ସର୍ବଦା ଓଡ଼ିଆ ସାହିତ୍ୟକୁ ମହିମାନ୍ୱିତ କରୁଥିବ, ଏଥିରେ କୌଣସି ସନ୍ଦେହ ନାହିଁ । କବି କଣ୍ଠରୁ ନିଃସୃତ ପଂକ୍ତି ଅନୁଯାଇ-

"ମୁଁ ସେଦିନ ନ ଥିଲେ ବି
ମୋ କବିତା ଥିବ
ମୋ ଗୀତ ଥିବ ।"

ଖଇରା, ବାଲେଶ୍ୱର

ISSN NO.
2582-208X

# ରକତ ତୀର୍ଥ



ମନୋରଞ୍ଜନ ସୁରୁଜାଲ

ଯୁଦ୍ଧ ଭୂଇଁର ବ୍ୟଥିତ ପବ୍ରଣ ଗାଏ
ଚକ୍ଷୁ ସିକ୍ତ ଲୋତକ ଅତୀତ କୁହେ
ଶ୍ରୁତି ମଧୁରେ ହୃଦୟେ ଚେତାଇ ଦିଏ
ଆତ୍ମା ବିରହିତ କଙ୍କାଳ ରଣାଙ୍ଗନେ
ପଡିଛି ଏ ମାଟି
କାହିଁ ଗଲେ ପ୍ରଜାଗଣେ ?

ଜାଗ୍ରତ ପ୍ରଜାର ଦୁର୍ବାର ବୀର ଗାଥା
ନବ ବଧୂ ସିଂଥି ଉଜୁଡା ସିନ୍ଦୁର ମଥା
ମାଁ'ମାଟି ପାଇଁ ନାହିଁ ପ୍ରାଣପାତ ବ୍ୟଥା
ବୃଦ୍ଧ ବାଳ ଯୁବା ବିକଳାଙ୍ଗ କେତେ
ବିଜୟୀ ହୁଙ୍କାର
ଲୁହ ଲୁହାଣ କ ସତେ !

ହସୁଛି କଳଙ୍କ ହସଇ ସେ ବୀର ମାଟି
ହସରେ ମିଶାଇ ହସେ ବୀର ଶର କାଟି
ତୀକ୍ଷ୍ଣ କରବାଳେ ଶତ୍ରୁ ପଡିଛି ଲୋଟି
ଦେଖୁଛି ତାଳ ତମାଳ ବେଣାର ପାଟ
ରୁଧିର ରଙ୍ଗରେ
ରଙ୍ଗୀନ ଦୟାର ତଟ ।

ହୃଦୟ ବିଦାରେ ରଙ୍ଗିମ ରକ୍ତର ଛିଟା
ଯୁଦ୍ଧ ବିଭୀଷିକା ମରଣର ଘନଘଟା

ISSN NO.
2582-208X

ବୀରାଙ୍ଗନା ନାରୀ ହୃଦ-ବହ୍ନି କରେ ଥଣ୍ଡା
ଦୁର୍ବଳ ଅବା ନୁହଁ ଏ କଳଙ୍କ ଧୂଳ
କଏ ବୀରଶ୍ରେଷ୍ଠ
ଦେଇ ଯାଅ ଆତ୍ମବଳ ?

କ୍ରୁର ସାଜିଲ୍ କ ଶାନ୍ତ କପୋତ ସମ
ବୀର ମାଟି ଚେତନାରେ ତୋଳ ଭ୍ରମ
ସମ୍ରାଟ ହସ୍ତରୁ ଖଡ୍ଗ ଗ୍ଳହେଁ ବିଗ୍ରମ
ଅଲିଭ୍ ଜ୍ୟୋତି ରଚଲ୍ ଆଲୋକ ତହିଁ
ବିରତେ ବିରତି
ମଥାଟେକ ବୀର ଭୂଇଁ ।

ସତ୍ୟ-ଧର୍ମ-ବୁଦ୍ଧ ମରମେ ହୃଦୟ ବାଣୀ
ଆସୁରିକ ବଳ ଧର୍ମର ବିଜୟ ଠାଣି
ହୃଦୟର ଜୟ ଗଗନରେ ନଶାମଣି
ରକ୍ତ ରଞ୍ଜିତ ଜୟ ନୁହେଁ ସତ ଜୟ
ବୁଝିଥିଲ୍ ଯେଣୁ
ଜୀବନ ଆହୁତି ଭୟ ।

କେତେ ଆସିଥିଲେ ଏଇଠୁ ଗଲେଣି ଫେରି
ବିଜୟ ପତାକା ବୀରବାଜା-ଭେରୀ-ତୁରୀ
ହିଂସା ପାଶବିକ ଧଂସ ଅବସାନ ବରି
ଅହିଂସା ପରମ ଧର୍ମ କାଳମା କାଟି
ଅହଂକାର ସିନା
ପଡି ରହିଥିବ ମାଟି ।

ସେ ଜାତି କ ଯାଏ ଗଭୀର ତନ୍ଦ୍ରାରେ ଶୋଇ
ବାହୁ ପ୍ରସାରଣେ ମାଆ ମାଟି ଡାକେ ଭାଇ
ଆମ ଜାଗରଣ କାଳକୁ ପକାଏ ନଇଁ
କଳା ସଂସ୍କୃତି ଏ ଜାତି ଗୌରବ ଶାଣ
ଉଠ ଜବାହୀ
ମାଆ ପକାଇଲ୍ ରଣ ।

ଆଇଁଲାପାଲି, ଧମା, ସମ୍ବଲପୁର

ISSN NO.
2582-208X

# ନିର୍ଜନ କାନ୍ଦ



ବବୁଲ୍ କୁମାର କବି

ଦୁଇ ପୁଅ ଦୁଇ ବୋହୂ
ଦୁଇ ଗଣ୍ଡା ନାତି ନାତୁଣୀ ଥାଉ ଥାଉ
ପାଖ ଗାଁ ର ସେ
ସ୍ତ୍ରୀ ଛେଉଣ୍ଡ ଭେଣ୍ଡା ବୁଢ଼ା ଲୋକଟା
ତା' ପେଟ ଚାଖଣ୍ଡେ ପାଇଁ
ବାର ଦୁଆର ସୁଣ୍ଡିପିଣ୍ଡା ହୋଇ
ଶେଷରେ, ଗାଁ ମଝି ମନ୍ଦିର ପୋଖରୀ ହୁଡ଼ାରେ
ବୁଜିଦେଲା ନିସହାୟ ତା'ର
ଦୁଇ ଓଦାଆଖି
ଗାଡ଼ିଆ ଗର୍ଭର ଅଥଳ ଜଳରେ ।

କେଡ଼େ ନିର୍ଲଜ
ତା' ପୁଅ ବୋହୂ ଓ ବଂଶଜ !
ବଞ୍ଚିଥିଲାବେଳେ ଯେଉଁମାନେ
ବୁଢ଼ାକୁ ଆଡ଼ ଆଖିରେ ଚାହୁଁ ନଥିଲେ,
ଭଲ-ମନ୍ଦ ତ ବହୁ ଦୂରର କଥା
ବୁଢ଼ା ପେଟକୁ
ଦାନା ମୁଠାଏ ବି ଦେଉ ନଥିଲେ
ସେମାନେ ଆଜି ଶବ ପାଖେ ଭିଡ଼ ଜମାଇ
ମିଛୁଟାରେ କଇଁ-କଇଁ ସଇଁ-ସଇଁ ହୋଇ

ISSN NO.
2582-208X

ଲୋକ ଦେଖାଣିଆ
କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ।

ଗଲାସନ
ଘର ଡିହ
ଚାଷ ଜମି
ଆମ୍ବ ତୁଟା
ଦୋକାନ ଘର
ସବୁ ତକ ମିଶାଇ
ପାଖାପାଖି ସାତମାଣ ସମ୍ପତ୍ତି
ବୁଢ଼ା କରିଦେଇଥିଲା
ତା' ଦୁଇ ପୁଅ
କାଳିଆ କସରାଙ୍କ ନାଁରେ ।
ନିଜର ବୋଲି କୁଟା ଖିଅଟେ ବି ସେ
ରଖି ନଥିଲା ।
ବୋଧେ କିଛି ରଖିଥିଲେ
ଶେଷକୁ ତାକୁ
ଏତେ ଦୁର୍ଦ୍ଦିନ ଦେଖିବାକୁ ପଡ଼ିନଥାନ୍ତା ।

ଘର ପଛପଟ
କଣ୍ଟା ବାଉଁଶବୁଦା ପାଖ

କଣ୍ଟକିତ ଭୂଇଁରେ
ବୁଢ଼ା ମୁହଁରେ ତା' ନାତିଟୋକା
ନିଆଁ ଲଗାଇଲା ବେଳେ
ତା' ବଡ଼ପୁଅ ଓ
ସାନପୁଅ

ISSN NO.
2582-208X

ଖୁବ୍ କାନ୍ଦୁଥିଲେ ।
ଝିପି ଝିପି ବର୍ଷା ଟୋପାରେ
ସେ ଅଦିନିଆ ଲୁହ ସବୁ
ଲଜ୍ଜ୍ୟାର ନିଷ୍ପ୍ରଭ କୋଣେ କୋଣେ
ସତେକି ଲୁଚି ଯାଉଥିଲା ।

ଚାହୁଁ ଚାହୁଁ ଦେଢ଼ସପ୍ତାହ ବିତିଗଲା
ଆସି ପହଁଚିଗଲା
ବୁଢ଼ାର ଏକାଦଶାହ କ୍ରିୟା
ପୁଅ-ବୋହୂଙ୍କ ଭିତରେ
ଧର୍ମ ସଞ୍ଚୟ କରିବାର ଇଚ୍ଛା
କି, ଲୋକ ଦେଖାଣିଆ ମନବାଞ୍ଛା
ସେସବୁ ସମସ୍ତଙ୍କୁ ଜଣାଥାଏ ।
ଦଶତୁଠ ପରେ ପରେ
ଲଣ୍ଡିତ ମସ୍ତକେ ହୋଇଛି
ଆଖ ପାଖ ଚାରିଖଣ୍ଡ ଗାଁରେ ନିମନ୍ତ୍ରଣ,
କ୍ଷୀରି, ପୁରି ଠାରୁ ଆମିଷ ନିରାମିଷରେ

ପ୍ରସ୍ତୁତ ହୋଇଛି ବ୍ୟଞ୍ଜନ ତିରିଶି ତିଅଣ ।
ଯେପରି ଲୋକେ ଆକଣ୍ଠଭୋଜନ କରିବେ,
ଆଉ ବାଃ ବାଃ କରି
ଉପର ମନରେ
ଉପର ମନୁଆଙ୍କୁ
ଉଚ୍ଚ ପ୍ରଶଂସାରେ କହିବେ;
'ଧନ୍ୟ ତୁମ୍ଭର ପିତା ଥିଲେ ,
ଯିଏ ତୁମ ପରି ପୁତ୍ର ପାଇଥିଲେ ।'

ISSN NO.
2582-208X

ପଡ଼ୋଶୀ ଗାଁର ନିତ୍ୟାନନ୍ଦ !
ନିମନ୍ତ୍ରଣରେ ଯାଇ
ପେଟେ ପୁରି ଖାଇସାରି
ଦାନ ଦକ୍ଷିଣା ନେଇ
ନିଜ ପୁରକୁ
ଫେରିଲା ବେଳକୁ
ସେଇ ଗାଁ ମଝି
ମନ୍ଦିର ପୋଖରୀ ହୁଡ଼ାର
ନିର୍ଜନ ସ୍ଥାନରୁ
ଶୁଣିବାକୁ ପାଇଲା ;
ସତେକି
କେହିଜଣେ
ମାସ ମାସ ଧରି

କିଛି ନ ଖାଇଥିଲା ପରି
ଭୋକ ଉପାସରେ
ଥରିଲା ଦେହରେ
ପେଟକୁ ଜାବୁଡ଼ି
ନିର୍ଜନତାରେ ଏକା ଏକା କାନ୍ଦୁଥିଲା....

ଭାଷା ଓ ସାହିତ୍ୟ ବିଭାଗର ଛାତ୍ର
ଫକୀର ମୋହନ ବିଶ୍ୱବିଦ୍ୟାଳୟ
ବ୍ୟାସ ବିହାର, ବାଲେଶ୍ୱର, ଓଡ଼ିଶା

ISSN NO.
2582-208X

# କାହାକୁ କହନ୍ତୁ ଘର ?



ଡକ୍ଟର ସୀମାଞ୍ଚଳ ପ୍ରଧାନ

ମଧୁ ରାଓ ଲେଖିଥିଲେ କବିତାରେ
ପରିବାର ନୁହେଁ ନ୍ୟୂନ
ପରସ୍ପର ଯଦି ଥାଏ ସଦ୍‌ଭାବ
ହେବା କିଆଁ ଆମେ ସାନ ।

ବଡ଼ଙ୍କୁ ସମ୍ମାନ ଦେବାକୁ ଶିଖିବା
ଆମର ଘର ଭିତରେ
ବନ୍ଧୁ,ବାନ୍ଧବଙ୍କ ଆତିଥ୍ୟ ସେବାକୁ
ପାଳିବା ଅତି ଆଦରେ ।

ଇଟା, ସିମେଣ୍ଟରେ ଘର ତୋଳା ହୁଏ
ମୁଣ୍ଡ ଗୁଞ୍ଜିବାର ପାଇଁ
ସେହି ଠାରେ ଆମ ଦିନ,ରାତି କଟେ
ତାହାର ତୁଳନା ନାହିଁ।

ସୁଖ ଆଉ ଶାନ୍ତି ଯେଉଁ ଠାରେ ମିଳେ
ତାକୁ କୁହାଯାଏ ଘର

ISSN NO.
2582-208X

କେତେରଙ୍ଗଦେଲେ ହୋଇବକି ସତେ
ଦିଶିବ ସିଏ ସୁନ୍ଦର ।

ବାହ୍ୟ ଆବରଣ ନୁହେଁ ତ' ମହାନ
ଆମ ଦେଶବାସୀ ପାଇଁ
ଯେଉଁ ଘରେ ସୁଖ, ଶାନ୍ତି ଆଦୌ ନାହିଁ
ସେ ଘର କଅଣ ପାଇଁ ?

ତାକୁ କୁହାଯାଏ ପ୍ରକୃତରେ ଘର
ଯେଉଁ ଘରେ କୋଳାହଳ
ରହିଥାନ୍ତି ସବୁ ବୃଦ୍ଧ, ବୃଦ୍ଧା ଠାରୁ
ପିଲାଏଁ ସଦା ସକଳ ।

ବାସ ଗୃହ ଠାରୁ ଅନ୍ୟ କିଛି ନାହିଁ
ଏହି ସଂସାର ମଧ୍ୟରେ
ରୋଟି, କପଡା କୁ ସ୍ଥାନ ଦେଇଥାନ୍ତି
ସୁଶ୍ରୀ ପରିବେଶଟିରେ ।

ବିଜୁବାବୁ କହିଥିଲେ ତଳ ଦିନେ
ଟାଇଲ୍ ଛପର ଘର
ନିଆଁଟିକୁ ଦେଖି କହିଦେଲେ ସିଏ
ଆମକୁ କିମ୍ପାଇଁ ଡର ।

ମୋ: ୬୩୭୨୯୯୪୫୪୫

ISSN NO.
2582-208X

# ମାମେକମ ଶରଣମ

## ବ୍ରଜ



ପ୍ରହରାଜ ଜୟନାରାୟଣ ନନ୍ଦ

ଜନ୍ମ, ମୃତ୍ୟୁ ଚକ୍ର ପର୍ଯ୍ୟାୟରେ, ଜୀବାତ୍ମାକୁ ପ୍ରାପ୍ତ ହେଉଥିବ ସମସ୍ତ ଜନ୍ମ ମଧ୍ୟରୁ ଶ୍ରେଷ୍ଠ "ମାନବ ଜନ୍ମ"। ଜଣେ ମହାତ୍ମାଙ୍କ ମତରେ - "କେବଳ ମଣିଷ ଜନ୍ମ ହିଁ ସୁକୃତର ଫଳସ୍ୱରୂପ ପ୍ରାପ୍ତ ହୋଇଥାଏ ଏବଂ ଅନ୍ୟାନ୍ୟ ଯୋନିରେ ଜନ୍ମ, କର୍ମଫଳର ପରାଭବ। "

ଗୃହସ୍ଥାଶ୍ରମରେ ଥାଇ ମଧ୍ୟ, ଧର୍ମସାଧନାରେ ବ୍ରତୀ ମଣିଷ, ତେତିଶ କୋଟି ଦେବାଦେବୀଙ୍କ ମଧ୍ୟରୁ ନିଜର ଆରାଧ୍ୟ ପ୍ରଭୁ ରୂପେ ରାମ, ଶିବ, ଜଗନ୍ନାଥ, ଶ୍ରୀକୃଷ୍ଣ, ଗଣେଶ, ହନୁମାନ, ଦୁର୍ଗା, କାଳୀ, ଲକ୍ଷ୍ମୀ ଆଦି ସ୍ୱରୂପଙ୍କ ଆରାଧନା କରିଥାଏ।

ଆହୁରି ମଧ୍ୟ ଉପଯୁକ୍ତ ଜ୍ଞାନ ଓ ଧର୍ମ ସମ୍ବନ୍ଧୀୟ ଗୁଢ଼ ରହସ୍ୟ ଭେଦ କରିବାକୁ ନ ଥିବା, ସରଳ ନିଷ୍କାପଟ ଭଗବତନ୍ମୁଖୀ ଭକ୍ତଟିଏ କଦାଚିତ୍ ସତସଙ୍ଗ, ପ୍ରବଚନ, ଭଜନ ଆଧାରରେ ଆଜିର ବାବା, ମାତାଙ୍କୁ ମାର୍ଗଦର୍ଶକ ରୂପେ ଚୟନ କରେ। ଅର୍ଥାର୍ଥୀ ଓ ତତ୍କାଳ କାମ ହାସଲ କରିବାର ମାଧ୍ୟମ ହୋଇଥାନ୍ତି ଏହି ବାବାରୂପୀ ତ୍ରାଣକର୍ତ୍ତା। ୟା'ଙ୍କ ପ୍ରଦର୍ଶିତ ଚମତ୍କାରୀ ଯାଦୁ ବିଦ୍ୟାକୁ ଭଗବାନଙ୍କ ଲୀଳାଖେଳା ମନେ କରନ୍ତି ଭକ୍ତ ବୃନ୍ଦ। ନିଜର ସୀମିତ ବୁଦ୍ଧି ଓ ଭଗବତ୍ ସତ୍ତାର ଅପମାନ ଭୟରେ, ଏହି ଧର୍ମଗୁରୁ ମାନଙ୍କର ଭୁଲ ନିର୍ଦ୍ଦେଶ ବା କାର୍ଯ୍ୟକୁ ଅକୁଣ୍ଠିତ ଚିତ୍ତରେ ପାଳନ କରିଥାନ୍ତି ଶରଣାଗତ । ଏହି ସତ୍ତା ପ୍ରତି ଅଖଣ୍ଡ ବିଶ୍ୱାସ, ଭୟ ଓ ସମର୍ପଣ ଭାବରୁହିଁ "ବାବା-ମାତା" ବାଦର ଅଭ୍ୟୁଦୟ ହୁଏ।

ଏକ ସଙ୍ଗୀତମୟ ପରିବେଶ ସାଧୁ ପରିପାଟୀ, ଉଚ୍ଚାଙ୍ଗ ଭଗବତ୍ ଚର୍ଚ୍ଚା, କାମ, କ୍ରୋଧ, ଲୋଭ ମୋହକୁ ଜୟ କରି ମୋକ୍ଷ ଲାଭ କରିବାର ସହଜ ଉପାୟ, ଇନ୍ଦ୍ରିୟ ଜୟ କରିବାର ସରଳ ମାର୍ଗ ଓ ତାତ୍ତ୍ୱିକ ପ୍ରବଚନ ଆଦି ଦ୍ୱାରା ଏମାନେ ହଜାର ହଜାର ଭକ୍ତଙ୍କ ହୃଦୟରେ

ISSN NO.
2582-208X

ଧର୍ମ ଓ ନୈତିକ ମୂଲ୍ୟବୋଧ ପ୍ରତି ଗଭୀର ଭାବାବେଗ ସୃଷ୍ଟି କରିବାର ସହ ଏହି ଧର୍ମଗୁରୁଙ୍କ ପ୍ରତି ଭଗବତ୍ ସ୍ୱରୂପ ଆଚରଣ କରିବାକୁ ପ୍ରବର୍ତ୍ତାଇଥାନ୍ତି। ଭକ୍ତ ହୃଦୟରେ ଏମାନେ ହୋଇଯାନ୍ତି ନମସ୍ୟ, ଭଗବାନଙ୍କ ଅବତାର ଓ ଏମାନଙ୍କ ଆଚରଣ ବିଧି ପ୍ରଶ୍ନବାଚୀର ଊର୍ଦ୍ଧ୍ୱରେ। ଏ ଧାରଣାକୁ ବଦ୍ଧମୂଳ କରିବାରେ ବାବାଙ୍କ ଚେଲାପୁଞ୍ଜଙ୍କ ଭୂମିକା ସର୍ବାଗ୍ରେ। କୌଶଳକ୍ରମେ ନେତା, ପୋଲିସ ଓ ଉଚ୍ଚ ପଦାଧିକାରୀଙ୍କ ସହ ନିବିଡ଼ ସମ୍ପର୍କ ସ୍ଥାପନା କରି ଜନତା ଦରବାରରେ ଏମାନଙ୍କର ସ୍ୱତନ୍ତ୍ର ଚର୍ଚ୍ଚାର ବ୍ୟବସ୍ଥା ହୋଇଥାଏ।

ସମୟକ୍ରମେ, ଏମାନେ ବିପୁଳ ଅର୍ଥ, କ୍ଷମତା ଓ ପ୍ରତିପତ୍ତିଶାଳୀ ହୋଇ ଇନ୍ଦ୍ରିୟ ସୁଖ, ସମ୍ଭୋଗରେ ମଗ୍ନ ରହି ଅଧଃପତନାଭିମୁଖୀ ହୁଅନ୍ତି। ମୋକ୍ଷର ମାର୍ଗ ଦର୍ଶକ ବୋଲାହଉଥିବା ଧର୍ମଗୁରୁ ନିଜେ ମୋହଗ୍ରସ୍ତ ହୋଇ ମାୟା ମାର୍ଗରେ ଅନୁଧାବନ କରନ୍ତି। ଏମାନଙ୍କ ପ୍ରଛଦପଟ୍ଟ ଜୀବନଧାରା, ମଞ୍ଚପ୍ରଦର୍ଶିତ ଆଚରଣର ସମ୍ପୂର୍ଣ୍ଣ ପରିପନ୍ଥୀ। ଭୟଙ୍କର ୟାଙ୍କର ମୁଖତଳର ଚେହେରା । ବାହ୍ୟ ସ୍ୱରୂପରେ ଏମାନେ ଶାନ୍ତ, କମନୀୟ, ମିଷ୍ଟଭାଷୀ, ନିର୍ଲୋଭ, ଦୟାର୍ଦ୍ର, ସହାନୁଭୂତିଶୀଳ, ସଞ୍ଜତ ଓ ସହିଷ୍ଣୁ। ପରନ୍ତୁ, ବାସ୍ତବ ଜୀବନରେ ଏମାନେ ଉଗ୍ର ଇନ୍ଦ୍ରିୟଭୋଗୀ, ମିଥ୍ୟାବାଦୀ, କ୍ରୂର, ଅସହିଷ୍ଣୁ ଓ ଅସଞ୍ଜତ। ଏମାନେ ଅନ୍ତଃକରଣ ହଳାହଳମୟ। ବାସ୍ତବରେ ଏମାନେ ନିଜ ସ୍ୱାର୍ଥ ପାଇଁ ସମସ୍ତ ପ୍ରକାର ଅପରାଧ କରିବା ସହ ଜଘନ୍ୟ ନରହତ୍ୟା କରିବାକୁ ମଧ୍ୟ ପଶ୍ଚାଦ୍ ପଦ ହୁଅନ୍ତି ନାହିଁ।

ଶହେ ଗୁଣ ଭଲ, ଏମାନଙ୍କ ଠୁଁ ଜଣେ ସାଧାରଣ ଜୀବନଧାରା ନିର୍ବାହ କରୁଥିବା ମଣିଷ। ଯାହାର ଜୀବନ ଏକ ଖୋଲା ବହିପରି ସ୍ୱଚ୍ଛ ଓ ସୁସ୍ପଷ୍ଟ। ସମାଜର ସାମୂହିକ ବିପର୍ଯ୍ୟୟ ଘଟାଉଥିବା, ନିଜର ଆଚରଣ ଯୋଗୁ ସମଗ୍ର ଭକ୍ତ ସମାଜକୁ ଗଭୀର ମାନସିକ ଆଘାତ ଦେଉଥିବା, ସରଳ ଓ ନିଷ୍ପାପ ଭଗବତନ୍ମୁଖୀ ଜନସାଧାରଣଙ୍କ ବିଭିନ୍ନ ଉପାୟରେ ଶୋଷଣ କରୁଥିବା ଏହି ଦୁଷ୍ଟ ବୁଦ୍ଧିମାନଙ୍କର ଅଧୋଗତି ଅର୍ନିବାର୍ଯ୍ୟ। ନିକଟରେ ତଦନ୍ତ ଓ ଅନୁସନ୍ଧାନ ପରିସରଭୁକ୍ତ ହୋଇଥିବା ବାବା, ମାତାମାନଙ୍କର ସାମ୍ରାଜ୍ୟର ବ୍ୟାପ୍ତି, ସ୍ଥାବର, ଅସ୍ଥାବର ସମ୍ପତ୍ତି ତାଲିକା, ରାଜନୈତିକ, ଅମଲାତନ୍ତ୍ର ଓ ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କ ସମ୍ପୃକ୍ତି ଜନମାନସରେ ଆସାମାନ୍ୟ ଭ୍ରୂକୁଞ୍ଚନ ସୃଷ୍ଟି କରେ । ଏମାନଙ୍କ ବିଳାସପୂର୍ଣ୍ଣ ଜୀବନଚର୍ଯ୍ୟା, କୋଟି କୋଟି ଟଙ୍କାର ବ୍ୟାଙ୍କ ଜମା, ସୁରା ସାକୀ ଓ ସମ୍ଭୋଗ ପୁଷ୍ଟ ଜୀବନ, ଏବର ଆଇନ ବ୍ୟବସ୍ଥା ଉପରେ ଏକ ବିରାଟ ପ୍ରଶ୍ନବାଚୀ। ଏ କୁକର୍ମର

ISSN NO.
2582-208X

ଦଣ୍ଡବିଧାନ, ସୁଧମୂଳ ସହ ଅବଶ୍ୟ ଭଗବାନ ହିଁ କରିବେ। ଏଥିରେ ସନ୍ଦେହର ଅବକାଶ ନାହିଁ।

ବାସ୍ତବ ଅର୍ଥରେ ଧର୍ମାତ୍ମା, ସଦଗୁରୁ ଓ ମାର୍ଗପ୍ରଦର୍ଶକଙ୍କ ଜନ୍ମ ଯୁଗେ ଯୁଗେ ରହିଛି। ଆମ ଗହଣରେ ଅଛନ୍ତି ଅନେକ ମହାନୀୟ ବ୍ୟକ୍ତିତ୍ୱ। ଅଥଚ, ସେମାନଙ୍କ ମହାନତାର ଦାବୀଦାର ସେମାନେ ନିଜେ ନୁହନ୍ତି। ସରଳତା, ନିରାଡ଼ମ୍ବର ଜୀବନଚର୍ଯ୍ୟା ଓ ମହାନତାର ମୂର୍ତ୍ତିମନ୍ତ ପ୍ରତୀକ ଡଃ କାଲାମଙ୍କ ଜୀବନ ଆମ ସମସ୍ତଙ୍କ ପାଇଁ ଏକ ଶିକ୍ଷଣୀୟ ଅଧ୍ୟାୟ । ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିବା ଏହି ମହାନ ଜନନାୟକ ନିଜ ପାଇଁ ଫ୍ରିଜଟେ କିମ୍ବା ଏୟାରକଣ୍ଡିସନର ଟେ ବି ରଖି ନ ଥିଲେ । ପରିଶେଷରେ, ନିଜ ଗ୍ରାମପଞ୍ଚାୟତରେ ଉନ୍ନତି କଲ୍ପେ ନିଜର ପେନସନତକ ଦାନ କରିଦେଇଥିଲେ। ଏ ମହାନୀୟତାର ପଟାନ୍ତର ନାହିଁ।

ସ୍ୱାମୀ ଚିଦାନନ୍ଦ, ଶିବାନନ୍ଦ, ବିବେକାନ୍ଦ, ରାମକୃଷ୍ଣ ଆଦିଙ୍କ ପରି ସରଳ, ଧୀମାନ, ପ୍ରଜ୍ଞାବାନ, ଭକ୍ତିପୂତ ଓ ଉତ୍ସର୍ଗୀକୃତ ମାହାତ୍ମା, ଅବଶ୍ୟମାନବ ସମାଜର ପ୍ରଭୂତ କଲ୍ୟାଣ ସାଧନ କରିଛନ୍ତି। ଏବର ମହାତ୍ମା ସ୍ୱାମୀ ପ୍ରେମାନନ୍ଦ ଜଣେ ପ୍ରକୃତ ମାର୍ଗଦର୍ଶକ ଓ ଆଚରଣ ଉଚ୍ଚାରଣର ସମନ୍ୱୟ ରଖୁଥିବା ସାଧକ । ଅତଏବ ପତ୍ରଂ, ପୁଷ୍ପଂ, ଫଳଂ ରେ ଭକ୍ତି ବଳରେ ସନ୍ତୁଷ୍ଟ ହୋଇଥିବା ଭଗବାନଙ୍କୁ ସମର୍ପଣ ଭାବ ସହ ପ୍ରାର୍ଥନା କରିବାରେ କୌଣସି ମାଧ୍ୟମର ଆବଶ୍ୟକତା ନାହିଁ।

ବିପଦଭଞ୍ଜନ, ଆର୍ତ୍ତତ୍ରାଣ, ପତିତପାବନ, ଶ୍ରୀଜଗନ୍ନାଥ, ଶ୍ରୀରାମ, ଶ୍ରୀକୃଷ୍ଣ, ମା ଦୁର୍ଗତିନାଶିନୀ ଦୁର୍ଗା ଆଦି ପ୍ରତ୍ୟକ୍ଷ ସ୍ୱରୂପ ଓ ସର୍ବବିଦ୍ୟମାନ ଭଗବାନଙ୍କ ସ୍ଥିତି ସତ୍ତ୍ୱେ, ଅନ୍ୟସ୍ୱରୂପର ପ୍ରୟୋଜନ କଣ ? ଶ୍ରୀମଦ୍ ଭଗବତ୍ ଗୀତା, ମହାଭାରତ, ରାମାୟଣ, ବେଦବେଦାନ୍ତ ଓ ଉପନିଷଦ ପରି ପବିତ୍ରତମ ଓ ମାର୍ଗଦର୍ଶକ ଗ୍ରନ୍ଥ ଥାଉ ଥାଉ, ବାବା ସହସ୍ରନାମ ଓ ମାତା ଚାଳିଶା ଏକାନ୍ତ ପରିହାର୍ଯ୍ୟ।

ଭୁବନେଶ୍ୱର 9437148434

ISSN NO.
2582-208X

# ଶାରଦୀୟ ଦୂର୍ଗା ମାଁ



ପ୍ରତିଭା ଦାସ

ଶରତର ଶୁଭ୍ର ଆକାଶ
କାକର ମିଶା ପ୍ରଭାତ
ଶେଫାଳୀ ଫୁଲର ମହମହ ବାସ
ଚାରିଆଡ଼େ ଆନନ୍ଦ ଉଲ୍ଲାସ
ପବନରେ ଭାସି ଆସୁଛି
ତୁମର ଆସିବାର ମିଠା ମିଠା ସମ୍ବାଦ ।

ତୁମେ ଆସିବା ଖୁସିରେ
ଟୁଙ୍ଗି ଘରଠାରୁ ମହଲା ଘର ଯାଏ
ଚାଲିଛି ସଜବାଜ
ହାଟରେ ବାଟରେ ଗହଳି ଚହଳି
ସବୁଆଡ଼େ ତୁମରି ଚର୍ଚ୍ଚା
ତୁମେ ଭରି ଦିଅ ମନରେ
ଆଶାର ସଞ୍ଚାର ।

ତୁମ ଆଗମନ ଖୁସିରେ
ପଡ଼ିଛି ଚଉରା ମୂଳରେ ଆଳତି
ବାସୁଛି ରଜନୀଗନ୍ଧା ମାଳତୀ
ନାହିଁ ଜାତିଭେଦ ନାହିଁ କୋଳାହଳ

ISSN NO.
2582-208X

ସମସ୍ତେ ମିଳିମିଶି ଗାଉଛନ୍ତି
ଗୋଟିଏ ମଣ୍ଡପରେ ଆନନ୍ଦରେ ତୁମରି ବନ୍ଦନା
ବରଷିବ ଆକାଶରୁ କରୁଣା।

ତୁମେ ଭରି ଦିଅ
ମନରେ ଆଶାର ଭାବ ପିରତି
ହରି ନିଅ ସବୁ ଦୁଃଖ-ଦୁର୍ଗତୀ
ତୁମେ ଶକ୍ତିଦାୟିନୀ ପାପ ବିନାଶିନି
ଦୁଃଖ ହାରିଣୀ
ଶାରଦୀୟ ଦୂର୍ଗା ମାଁ।

ବିଶ୍ୱନାଥ ଗୁରିଆଲି, ଆସାମ

ISSN NO.
2582-208X

# ଲକ୍ଷ୍ୟ ଯଦି ହୋଇଯାଏ ମହାନ୍

ପ୍ରତିମା ପାତ୍ର

ରାଗ- ଆଷାଢ଼ ଶୁକ୍ଳ ବରଡ଼ି

ଛଅ ପାଦରେ ଏକ ପଦ
ପ୍ରଥମ ଦ୍ୱିତୀୟ ତୃତୀୟ ଚତୁର୍ଥ ଏଗାର ଅକ୍ଷର
ପଞ୍ଚମ ଛଅ ଅକ୍ଷର ଷଷ୍ଠ ପୁଣି ଏଗାର ଅକ୍ଷର ।

--------------------------

ମହାନ ହୋଇଯାଏ ଯେବେ ଲକ୍ଷ୍ୟ
ମାନବ  ମଧ୍ୟରେ ହୁଏ ସେ ଦକ୍ଷ
ସୁସମାଜ ଗଠନେ ଦେଇ ମନ
ଅଖଣ୍ଡ କୀର୍ତ୍ତି କରନ୍ତି ଅର୍ଜନ
ପୂଣ୍ୟ ଆତ୍ମାଗଣ ,
ଜୀବନୀ କରିବା ଅନୁସରଣ ।

ରତ୍ନାକର ମରାରୁ ରାମ ରଟି
ହୋଇଲେ ସେହି ବାଲମୀକ ଯତି
ଅଯୋଧ୍ୟା ପତିଙ୍କ ଜୀବନ ସାର
ରଚିଦେଲେ ରାମାୟଣ ଅପାର
ଘରେ ଘରେ ପଢ଼ୁ
ପବିତ୍ର ରାମକଥା ନିତ୍ୟ ସ୍ମରୁ ।

ମାଳବ ଦେଶ ରାଜା ଇନ୍ଦ୍ରଦ୍ୟୁମ୍ନ
ମାଧବ ଲଭିବେ ଦେଖିଲେ ସ୍ୱପ୍ନ

ISSN NO.
2582-208X

ଉଦ୍ୟମ ବଳରେ ଆଣି ପ୍ରଭୁଙ୍କୁ
ଉତ୍କଳେ ସ୍ଥାପିଲେ ଜଗନ୍ନାଥଙ୍କୁ
ଚତୁର୍ଦ୍ଧା ମୂରତି
ପୁରୀ କ୍ଷେତ୍ରେ ରହି ପାଇଲେ ଖ୍ୟାତି ।

ଜାତିର ପିତା ମହାତମା ଗାନ୍ଧୀ
ଚେଷ୍ଟାରେ ଭାଙ୍ଗିଲେ ଇଂରେଜ ଫନ୍ଦୀ
ଅହିଂସା ପଣେ ସତ୍ୟାଗ୍ରହ କରି
ସ୍ୱାଧୀନ କରିଲେ ଦେଶ ଆମରି
ପୂଜ୍ୟ ସେ ଆମରି
ତାଙ୍କ ପଥେ ଚାଲ ହିଂସା ପାସୋରି ।

ଶଙ୍କରାଚାର୍ଯ୍ୟ ଜଗତର ଗୁରୁ
ନାସ୍ତିକ ହାରିଥିଲେ ତାଙ୍କ ଠାରୁ
ବେଦାନ୍ତ ଧରମ ପ୍ରଚାର କରି
ଲୋକଙ୍କୁ ନେଲେ ଭକ୍ତି ମାର୍ଗେ ଧରି
ଦିଗ୍ବିଜୟ ଯାତ୍ରା
ପୂରଣ କଲେ ଦେଇ ଧର୍ମ ବାର୍ତ୍ତା ।

ଶହ ଶହ ମହା ପୁରୁଷ ଗଣ
ମହାନ୍ ଲକ୍ଷ୍ୟ କରିଲେ ସାଧନ
ଆସିଲା ଯେତେ ଜୀବନରେ ଦୁଃଖ
ଟିକେ ଟଳିଲେନି ଦେଖି ପ୍ରକୋପ
ତାଙ୍କ ପରି ହେବା
ଜୀବନ ଲକ୍ଷ୍ୟ ମହାନ କରିବା ।।

ବରଗଡ

ISSN NO.
2582-208X

# ପୂର୍ବ ସରକାର



ଅବିନାଶ ସାହୁ

କେଜାଣି ଏଥର ନିର୍ବାଚନ ଫଳାଫଳ କ'ଣ ହେବ ? କଅଣ ଆଉ ହେବ ହୋ ଦେଦେଇ । ସବୁଥର ଭଳି ଏଥର ମଧ୍ୟ ଆମ ଚୌକି ଚିହ୍ନ ଜିତିବ ଆଉ ଆମ ଦଳରନେତା ଚୌକିରେ ବସିବେ । ତାଙ୍କରି ଯେଉଁ ସୁଶାସନ ରାଜ୍ୟବାସୀ ଦେଖିଛନ୍ତି; ତାକୁ କ'ଣ କିଏ ଭୁଲି ପାରିବ ନା ଏଡ଼ାଇଯାଇ ଅନ୍ୟ ଗୋଟିଏ ଦଳକୁ ଜିତାଇବ । ତା'ଛଡ଼ା ଆମ ନେତାଙ୍କ ସମକକ୍ଷ ହେଲା ଭଳିଆ ଆଉ ନେତା ତ କାହିଁ ରାଇଜ ରାଜନୀତିରେ ଦେଖା ମଧ୍ୟ ଯାଉନାହାନ୍ତି । ତୁ ସତ କହିଲୁ ଯେ, ଗଣତନ୍ତ୍ରରେ ସରକାର ବଦଳିବା ଦରକାର ନହେଲେ ବାରମ୍ବାର ଗାଦିରେ ବସି ଶାସନ କରୁଥିବା ଲୋକଟି ସ୍ୱେଚ୍ଛାଚାରୀ ହୋଇଯିବ । ହେଲେ ଦେଦେଇ ଆଜକୁ ତ ୩୫ବର୍ଷ ହେବ ଚୌକି ଦଳର ନେତା ଲଗାତାର ଶାସନକରି ଆସିଲେଣି; ଏଥର ମଧ୍ୟ ଯାହା ଲାଗୁଛି ତାଙ୍କରି ପଲା ଭାରି ରହୁଛି । ନାହିଁରେ ପୁଅ ସେମିତି କହିହେବ ନାହିଁ ! ସବୁବେଳେ ଗଣତନ୍ତ୍ରରେ ଲୋକମାନେ ଶକ୍ତିଶାଳୀ । ଲୋକେ କେତେବେଳେ କାହାର ହୋଇଯାଆନ୍ତି କହିବା ମୁସ୍କିଲ୍ । ଦିନ ଦୁଇଟା ପରେ ତ ଫଳାଫଳ ଜଣାପଡ଼ିଯିବ । ସେଦିନ ପୁରା ସ୍ୱଷ୍ଟ ହୋଇଯିବ ଚୌକି ଦଳ ପୁଣି ଚୌକିରେ ବସି ଶାସନଭାର ସମ୍ଭାଳୁଛି ନା ଅନ୍ୟ କୌଣସି ଦଳ ଉପରେ ହାତୀ ସୁନାକଳସ ଢାଳୁଛି ।

ଆରେ ସୁମନ, କୁଆଡ଼େ ବଜାର ବାହାରିଛୁ କି ? ହଁ ଦେଦେଇ ଏଇ ଘରେ ପରିବା ସରିଯାଇଛି ବୋଲି ବୋଉ କହିଲେ ତ ତେଣୁ ଯାଉଛି କ'ଣ ଦିଟା ଆଣି ଆସିବି । ହେଉ ଏଇ ୫ଟଙ୍କା ରଖ ଆସିଲା ବେଳେ ବଜାରରୁ ଖବରକାଗଜ ଗୋଟେ ନେଇଆସିବୁ । ଆଜି ନିର୍ବାଚନ ଫଳାଫଳ ବାହାରିଥିବ । ହଁ ଦେଦେଇ ମୁଁ ନେଇଆସିବି । ଦେଦେଇ ! ଓ ଦେଦେଇ, ଶୁଭୁଛି ନା ନାହିଁ ହୋ। ଓଃ, କାହିଁ ସେମିତି ରଡ଼ିଟା କରୁଛୁ ? ଜାଣିଛ ଦେଦେଇ

ISSN NO.
2582-208X

ଆଜି ଖବର କାଗଜ ଆଣିଲା ବେଳେ କି ଭିଡ଼। କାହିଁ କ'ଣ ହେଲା କି ? କଅଣ ଆଉ ହେବ ୩୫ବର୍ଷ ଚୌକିର ଗୋଡ଼ ଭାଙ୍ଗିଦେଇଛନ୍ତି ଆମରି ଲୋକେ। ସତେ ନା କ'ଣ ! ହଁ ପରା କେତେ କଅଣ ନକରିଥିଲେ ଆମ ଚୌକି ଦଳର ମୁଖିଆ ରାଇଜବାସୀଙ୍କ ପାଇଁ। ଲୋକମାନେ ଯାହା କଲେ କ'ଣ ଠିକ କଲେ ? ମୁଁ କ'ଣ କହିଥିଲି ସେଦିନ ! ଲୋକେ କାହାରି ନୁହଁନ୍ତି । ଏଥର ବୁଝିଲୁ ତ ଏତେ ବର୍ଷର ଚୌକି ଶାସନ ଲୋକଙ୍କ ଯୋଗୁଁ ଚିତପଟାଙ୍ଗ୍ ମାରିଲା । ହେଲେ ଏବେ କେଉଁ ଦଳକୁ ଲୋକେ ଗାଦିରେ ବସାଇଲେ କହୁନୁ । ମୁଁ ଶୁଣିଲି ଚୌକି ଚିହ୍ନର ବିକଳ୍ପ ଭାବରେ କଳସ ଚିହ୍ନ ସଂଖ୍ୟାଖେଳରେ ବହୁ ଆଗକୁ ଯାଇଛି, ତୁମେ କାଗଜଟା ଭଲକି ଦେଖୁନ । ଦେ କାଗଜଟା ଦେଖିବା । ଆରେ ସତକଥା ତ, କଳସ ଚିହ୍ନ ସଂଖ୍ୟାଗରିଷ୍ଠ ମତଠାରୁ ଢ଼େର ଆଗକୁ ଯାଇଛି ଆଉ ଚୌକିଦଳଟି ମାତ୍ର ୧୮ଟି ଆସନ ପାଇ ଆଣ୍ଠେଇ ପଡ଼ିଛି । ଖାଲି ସେତିକି ନୁହେଁ ନିର୍ବାଚନ ରଣାଙ୍ଗନରେ ଭାଗ ନେଇଥିବା ସବୁ ଦଳର ସଭାପତିମାନେ ନିଜ ନିର୍ବାଚନ ମଣ୍ଡଳୀରୁ ପରାଜିତ ହୋଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ କିଏ ହେବ ଦେଠେଇ ? ଆରେ ବୋକା କଳସ ଚିହ୍ନର ବିଧାୟକଦଳ ବୈଠକ ବସିବାପରେ ସେମାନେ ଯେଉଁ ବିଧାୟକଙ୍କ ନାମରେ ମୋହର ମାରିବେ ସେ ହିଁ ହେବ ରାଜ୍ୟର ପରବର୍ତ୍ତୀ ଶାସକ। ଆଚ୍ଛା ଦେଠେଇ କହିଲେ କଳସ ଚିହ୍ନର ଦଳ କେବେହେଲେ ଶାସନଗାଦିରେ ତ ବସିନାହିଁ ତେବେ ଶାସନ କିପରି ପରିଚାଳିତ ହେବ ? ସେଥିରେ କିଛିକଥା ନାହିଁ, ଅଭିଜ୍ଞତା ନଥିଲେ କ'ଣ ହେଲା। ଯେଉଁମାନେ ମନ୍ତ୍ରୀମଣ୍ଡଳରେ ରହିବେ ଆସ୍ତେ ଆସ୍ତେ ସବୁ ଶିଖିଯିବେ । ହଁ ଯେ, ଯଦି ପୂର୍ବ ସରକାର କରିଥିବା ଯୋଜନା ସବୁକୁ ଏହି ନୂତନ ସରକାର ବନ୍ଦ କରିଦେବେ ତେବେ କଅଣ ହେବ କହିଲେ ? ଆରେ ବୋକା ସେମିତି ହୋଇପାରିବନାହିଁ । ନୂଆ ସରକାର ଯଦି ପୂର୍ବ ଯୋଜନା ସବୁକୁ ବନ୍ଦ କରିଦେବେ ତେବେ ସରକାର ଭାଙ୍ଗିବାକୁ ବେଶୀ ସମୟ ଲାଗିବନି । ହେଉ ଦେଠେଇ, ତେଣେ ମାଆ ବ୍ୟସ୍ତ ହେବଣି ମୁଁ ଏଥର ଆସୁଛି । ଆଉଦିନେ ଆସିଲେ ନୂଆ ସରକାରର କାର୍ଯ୍ୟଧାରା ବିଷୟରେ ଆଲୋଚନା କରିବା । କିଛିଦିନ ପରେ....

ଦେଠେଇ ! ଦେଠେଇ ଆଜ୍ଞା ! ଓ ଦେଠେଇ ଘରେ ଅଛ କି ? କିରେ କ'ଣ ହେଲା ? କାହିଁ ଏମିତି ହମ୍ବାରଡ଼ି ପକାଉଛୁ ? ଆପଣ ବିଦ୍ୟାଳୟ ଆଡ଼େ ଯାଇଥିଲେ କି ନାହିଁ ? ହଁ ଏଇତ ଫେରୁଛି । ହେଲେ ଆମ ଗାଁ ବିଦ୍ୟାଳୟରେ ପରା ଏଇ ବର୍ଷକ ତଳେ ରଙ୍ଗ ବୋଳା ହୋଇଥିଲା ପୁଣି ଏବେ ରଙ୍ଗକାମ ଚାଲିଛି ଯେ । ହଁ ନୂଆ ସରକାର ପୁଣି ରଙ୍ଗ ବୋଳୁଛନ୍ତି। ଆମ ଗାଁ ବିଦ୍ୟାଳୟରେ ତ ଶିକ୍ଷକ ଅଭାବ । ସେଠି ଶିକ୍ଷକ ନିଯୁକ୍ତି ନକରି

ISSN NO.
2582-208X

ଏଇ ରଙ୍ଗବୋଳି କାହିଁକି ସରକାର ଅଯଥା ଖର୍ଚ୍ଚ କରୁଛନ୍ତି କେଜାଣି ! ଖାଲି କଅଣ ସେତିକି ଦୁଇଦିନ ତଳେ ଖଜଣା ବାନ୍ଧିବାକୁ ରାଜସ୍ୱନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥିଲି ସେଠି ମଧ୍ୟ ରଙ୍ଗ ଧଉଳା ଚାଲିଛି । ଆଉ ଯେତେକ ସରକାରୀ ବସ୍ ଗଡୁଛି ସବୁଥିରେ ଏକାବେଳେ ନୂଆ ରଙ୍ଗ । ଆରେ ସୁମନ ସରକାର ଏଇନା ନୂଆ ତେଣୁ ତାଙ୍କୁ ସବୁ ସରକାରୀ ଦପ୍ତର, ତହବିଲକୁ ନୂଆ କରିବାକୁ ପଡ଼ିବ । ସବୁ କାର୍ଯ୍ୟାଳୟଗୁଡ଼ିକ ତ ସଙ୍ଗେ ସଙ୍ଗେ ନୂଆଢାଞ୍ଚାର ହୋଇପାରିବନି ତେଣୁ ଏବେ ହାଲକୁ ନୂଆରଙ୍ଗ ବୋଳି ଦେଉଛନ୍ତି ପରେ ସମୟ ସୁବିଧା ଦେଖି ଆଉସବୁ ସରକାରୀ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ହେବ । ହେଲା ଯେ ଦେଠେଇ ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ରୋଗୀବୁହା ଗାଡ଼ି ଗାଁରେ ପହଞ୍ଚିବାକୁ ରାସ୍ତା ନାହିଁ, ଆଇନଶୃଙ୍ଖଳା ସଜାଡ଼ିବାକୁ ଥାନାଗୁଡ଼ିକରେ ପୁଲିସ ନାହାନ୍ତି ଏହା ବ୍ୟତୀତ ଅନେକ ସରକାରୀ ତହବିଲରେ କାର୍ଯ୍ୟ କରିବାକୁ ଲୋକେ ନାହାନ୍ତି। ସେଥିପ୍ରତି ଦୃଷ୍ଟି ନଦେଇ ନୂଆସରକାର ରଙ୍ଗବୋଳିଦେଲେ କ'ଣ ସବୁ ସୁଧାର ହୋଇଯିବ ? ଓଃ ! ସୁମନ ତୁ କାହିଁ ସେଥିରେ ମୁଣ୍ଡ ଖେଳାଉଛୁ କହିଲୁ। ସରକାରଙ୍କୁ ଉପଦେଶ ଦେବାକୁ ଅନେକ କୁଶଳୀ ବ୍ୟକ୍ତି ଅଛନ୍ତି ଆମେ କାହିଁକି ସରକାରଙ୍କ କଥାରେ ମୁଣ୍ଡ ପୁରାଇବା । ମୁଣ୍ଡ କେମିତି ପୁରେଇବିନି କୁହନ୍ତୁ ଦେଠେଇ ଏତେ ବର୍ଷର ଆମ ଚୌକି ଚିହ୍ନକୁ ଲୋକେ ହରାଇଦେଲେ, ଏବେ ନାମ ନେଇ ବୁଦ୍ଧି ଶିଖନ୍ତୁ। ଓହୋ ସୁମନ ତୁ ତ ବୁଝୁନୁ ଆଉ । ପୂର୍ବସରକାର ଠାରେ ଲୋକେ କିଛି ଦୋଷ ଦୁର୍ବଳତା ଦେଖିଲାରୁ ଲୋକେ ତାକୁ ଗାଦିଚ୍ୟୁତ କରାଇଲେ । ଉଁ ନହିଲେ ତ ଲୋକେ ଭୋଟ ଦେଇ ଯାହାକୁ ଏବେ ଗାଦିରେ ବସାଇଲେ ସେ ରାଇଜଟାକୁ ସରଗ କରିପକାଉଛି ! ଶୁଣ୍ ପୁଅ ଏତେ ବର୍ଷର ସରକାର ଥିଲା ତା' ଢାଞ୍ଚାରେ ଯେଉଁ କାର୍ଯ୍ୟ ପରିଚାଳିତ ହେଉଥିଲା ନୂଆ ସରକାରରେ ତାହା ପରିବର୍ତ୍ତନ ହେବାକୁ କିଛିଦିନ ସମୟ ଲାଗିବ । ଏଇନେ ତ ନୂଆ ସରକାରକୁ ମୋଟେ ଆଠମାସ ପୂରିଛି, ବର୍ଷେ ପୂରଣ ହେଉ ତା'ପରେ ସରକାରଙ୍କ କାର୍ଯ୍ୟଦକ୍ଷତାକୁ ତର୍ଜମାକରି କିଛି ମତାମତ ଦେଲେ ଭଲ ହେବ ।

ଆରେ ସୁମନ । ହଁ ଦେଠେଇ କ'ଣ ହେଲା କୁହ । ଦେଖିଲୁ ଆଜି ନୂଆ ସରକାରକୁ ବର୍ଷେ ପୁରିଲା । ମାନ୍ୟବର ମନ୍ତ୍ରୀ କୃଷକମାନଙ୍କୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ସ୍ଥାନରେ ଆଡ଼ିବନ୍ଧ, ବନ୍ଧ ତିଆରି କରିବା ସହିତ ପୂର୍ବସରକାର ଅମଳରେ ଯାହା କାର୍ଯ୍ୟକାରୀ ହୋଇ ନଥିଲା ତାକୁ ଏବେ କାର୍ଯ୍ୟକ୍ଷମ କରିବେ ବୋଲି ଘୋଷଣା କରିଛନ୍ତି । ଓ ! ଏଇଟା କୋଉ ନୂଆକଥା ଦେଠେଇ । ପୂର୍ବସରକାର ଯାହା ସବୁ କରିଥିଲେ ଏବେ ନୂଆ ସରକାର ତାକୁ

ISSN NO.
2582-208X

କାର୍ଯ୍ୟକ୍ଷମ କଲେ । ଆଉ ପୂର୍ବସରକାର ଚାଷୀଙ୍କୁ ଯେଉଁ ଟଙ୍କା ପ୍ରଦାନ କରୁଥିଲେ ଏ ସରକାର ମାତ୍ର କିଛି ବୃଦ୍ଧି କରାଇ ସମପରିମାଣରେ ରାଜ୍ୟସାରା ବାଣ୍ଟିଲେ । ଏଇଟା କୋଉ ନୂଆ କଥା । ପୂର୍ବ ସରକାରରେ ମହିଳାମାନେ ସଶକ୍ତ ହେବାପାଇଁ ଯେଉଁ ସବୁ ସୁବିଧା କରାଯାଇଥିଲା ଏବେ ସେ ସବୁ ତ ଠିକ୍ ଅନୁରୂପଭାବେ ଉପଲବ୍ଧ ଅଛି । ଏଥିରେ ମନ୍ତ୍ରୀ କହୁଛନ୍ତି ପୂର୍ବ ସରକାର ଅପେକ୍ଷା ଆମେ ଅଧିକ ମହିଳାମାନଙ୍କୁ ସଶକ୍ତ କରୁଛୁ । ହଇଓ ଦେଠେଇ, ଖାଲି କ'ଣ ମହିଳାମାନେ ସବୁ ସୁବିଧା ପାଇବେ ? ପୁରୁଷମାନେ କାହିଁକି ବଞ୍ଚିତ ହେବେ ? ପୂର୍ବସରକାର ନାରୀ-ପୁରୁଷଙ୍କୁ ସମାନ କରି ପାରିଲା ନାହିଁ ବୋଲି ତ ଚୌକିରୁ ହଟିଲା । ଏବେ ପୁଣି ସେହି ସମାନ କଥା । ଏମାନେ କିଛି ନୂଆ ନକରି ପୂର୍ବସରକାରକୁ ଅନୁକରଣ କଲେ ରାଜ୍ୟର କି ମଙ୍ଗଳ ହେବ ? ପୁଣି ନୂଆସରକାର ତାଙ୍କର ବାର୍ଷିକ ତଥ୍ୟରେ ପୂର୍ବ ସରକାର ଅପେକ୍ଷା ଅଧିକ ରାସ୍ତା ନିର୍ମାଣ କରିଛନ୍ତି ବୋଲି ତଥ୍ୟ ଦେଇଛନ୍ତି। ଭଲକଥା । କାହିଁ ଆମ ଗାଁ ରାସ୍ତାର କିଛି ପରିବର୍ତ୍ତନ ତ ହେଲା ନାହିଁ । ପୂର୍ବରୁ ଯେପରି ଏବେ ମଧ୍ୟ ସେପରି। ପୂର୍ବସରକାର କରିପାରୁ ନଥିଲେ ଏବେ ନୂଆସରକାର କରୁ। ଅଯଥାରେ ପୁରୁଣାସରକାର ସହ କାହିଁ ନିଜକୁ ତୁଳନା କରୁଛନ୍ତି। ନିର୍ବାଚନର କିଛିଦିନ ପୂର୍ବରୁ ପୂର୍ବସରକାର ଧୂଆଁବାଣ ପରି ଗୁଡ଼ାଏ ଗାଁକୁ ସହର କରିବେ ବୋଲି ରାଜ୍ୟସାରା ଘୋଷଣା କଲେ ମାତ୍ର ନିର୍ବାଚନ ବିଗୁଲ୍ ବାଜିବାରୁ ସେଗୁଡ଼ିକ ପୂରଣ ହୋଇପାରିଲା ନାହିଁ। ଏବେ ସେଥିରୁ କିଛିକୁ ନୂଆ ସରକାର ପୁନଃ ସହରଭାବେ ଘୋଷଣା କରି ଆମକୁ ଦିନରେ ଲଣ୍ଠନ ଦେଖାଇବା କେତେଦୂର ଠିକ୍ ? ବର୍ଷା, ବନ୍ୟାରେ ଲୋକେ ହଟହଟା ହେଉଥିବା ବେଳେ ନିଜେ ଲୋକଙ୍କ ଦୁଃଖସୁଖ ନବୁଝି ପୂର୍ବସରକାରରେ ବନ୍ଧ ବାଡ଼ ସୁରକ୍ଷିତ କରାଯାଇନଥିବା କାରଣରୁ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହେଲା କହି ପୂର୍ବସରକାରକୁ ଦୋଷ ଦେଇ ନିଜେ ଖସିଯିବାକୁ ବସିଛନ୍ତି । ଖାଲି ସେତିକି ନୁହେଁ ପୂର୍ବସରକାର ଅମଳରେ ରାଇଜରେ ଯେତେ ଶିଳ୍ପ, କଳ-କାରଖାନା ଥିଲା ପ୍ରାୟ ସବୁ ବନ୍ଦ ହୋଇଗଲା । ସେଗୁଡ଼ିକ ପୂର୍ବସରକାରର ଅପାରଗ ପଣିଆ ବୋଲି କେବଳ ତୁଣ୍ଡରେ କହିଲେ ହେବନି ଦେଠେଇ, ନୂଆସରକାର ପୁରୁଣା ଶିଳ୍ପସବୁକୁ କାର୍ଯ୍ୟକ୍ଷମ କରି ନୂତନ କଳକାରଖାନା ବସାଇଲେ ଆମ ରାଜ୍ୟ ସୁଦୃଢ଼ ହେବ ଓ ନୂଆସରକାରର ପାରିବା ପଣିଆ ଜଣାପଡ଼ିବ । ସେହିପରି ପୂର୍ବସରକାର ଅମଳରେ ରାଜ୍ୟରେ ଜୀବନ ନିର୍ବାହ ପାଇଁ ଲୋକେ ଜୀବିକା ନପାଇବାରୁ ଅଲଗା ରାଜ୍ୟକୁ ଦାଦନ ଗଲେ । ଏବେ ଯଦି ସେଥିରେ ରୋକ ଲଗାଇ ସରକାର ରାଜ୍ୟରେ ନୂତନ ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରନ୍ତେ ତେବେ ବେଶ୍

ISSN NO.
2582-208X

ଭଲ ହୁଅନ୍ତା । କେବଳ ସେତିକି ନୁହେଁ ମ ପୂର୍ବସରକାର ସମୟରେ ପ୍ରିୟାପ୍ରୀତି ତୋଷଣ କରିବାକୁ ଯାଇ ଦଳୀୟ ଭିତ୍ତିରେ ଅଯୋଗ୍ୟ ହିତାଧିକାରୀଙ୍କୁ ଚାଉଳ, ଭତ୍ତା, ଆବାସ ଆଦି ବାଣ୍ଟି ବିଭିନ୍ନ ଯୋଜନାକୁ ବାଟବଣା କରାଯାଇଥିଲା। ବର୍ତ୍ତମାନ ଯଦି ନୂଆସରକାର ସେ ସବୁକୁ ପୁନଃର୍ବାର ତଦନ୍ତ କରି ହରିଲୁଟ୍ କରିଥିବା ବ୍ୟକ୍ତିଙ୍କୁ ଦଣ୍ଡ ଏବଂ ସଠିକ୍ ହିତାଧିକାରୀଙ୍କୁ ନୂତନଭାବେ ଯୋଜନାର ପରିସରଭୁକ୍ତ କରାଇପାରନ୍ତେ ତେବେ ବଢ଼ିଆ ହୁଅନ୍ତା । ଆଉ ଯେତେକ ସବୁ ବଡ଼ବାବୁମାନେ ଦୀର୍ଘଦିନ ଧରି ଗାଦି ମାଡ଼ିବସି ସରକାରଙ୍କଠାରୁ ବେତନ ନେଇ ରାଜ୍ୟର ଉନ୍ନତି କରିବା ବଦଳରେ ନିଜର ଉନ୍ନତି କରୁଛନ୍ତି ସେମାନଙ୍କୁ ନୂତନ ସରକାର ତୁରନ୍ତ ଚିହ୍ନଟକରି ଉଚିତ୍ ଶାସ୍ତି ଦିଅନ୍ତା ଯଦି କିଛିଟା ପରିବର୍ତ୍ତନ ଆସନ୍ତା । ପୂର୍ବସରକାର ସମୟରେ ରାଜ୍ୟ ପର୍ଯ୍ୟଟନର ବିକାଶ ବଦଳରେ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଯେଉଁଭଳି ଅବହେଳା କରାଗଲା ତାହା ସଭିଏଁ ଜାଣିଛନ୍ତି। ମୁଁ ତୁମ ଆଗରେ ଦେଠେଇ ତୁଚ୍ଛାଟାରେ ଏତେକଥା କହୁଛି । ମୋ କଥା କ'ଣ ନୂଆସରକାର କାନରେ ପଡ଼ିବ ନା କଳସ ଦଳ ସୁନାରରାଜ୍ୟ ଗଠନ ଦିଗରେ ତତ୍ପର ହେବ। ତୁ ଗୋଟେ କାମ କର ପୁଅ । ତୁ ତୋରି ଚିନ୍ତାଧାରା ଅନୁସାରେ ନୂଆଦଳକୁ ସରକାର ସୁପରିଚାଳନା ପାଇଁ ଏକ ପତ୍ର ପ୍ରେରିତ କର, ହୁଏତ ତୋର ଏଇ ସୂକ୍ଷ୍ମ ଦର୍ଶନଯୋଗୁଁ କଳସ ଦଳ ପୂର୍ବସରକାର ଅପେକ୍ଷା ନିଜ କାର୍ଯ୍ୟରେ ଆଗଭର ହେବ । ହଁ ହଁ ତାହା କରିବି ଯେ ଦେଠେଇ ମୋତେ ଗୋଟେ କଥା ସତ କି ମିଛ କହିବ ! ହଁ ପଚାରୁନୁ ପଚାର । ଆମର ଏଇ କଳସ ଚିହ୍ନର ସରକାରକୁ ବର୍ଷେ ପୂରିଲା ସତ କିନ୍ତୁ ଏମାନେ ନିଜ କାର୍ଯ୍ୟଧାରାର ଅଗ୍ରଗତି ଅପେକ୍ଷା ପୂର୍ବସରକାରକୁ ଅଧିକ ଦୋଷ ଦେଉଛନ୍ତି । ହଁ ସୁମନ ଏଇଟା ସତ କଥା । ପୂର୍ବସରକାର ଅପାରଗ ଓ ସ୍ଥାଣୁ ହୋଇପଡ଼ିଲାରୁ ଲୋକମାନେ ତାଙ୍କର ମତ ବଦଳାଇ ନୂଆଦଳକୁ ସରକାର ଗଢ଼ିବାର ସୁଯୋଗ ଦେଲେ । ନୂଆସରକାର କାମ ଯେତିକି କରୁଛି ତା'ଠାରୁ ଅଧିକ ଦୋଷ ପୂର୍ବସରକାରକୁ ଦେଉଛି । ଏହି ଆରୋପ-ପ୍ରତ୍ୟାରୋପ ଦୋଷଲଦିବାରେ ଯେଉଁ ସମୟ ଅପବ୍ୟୟ ହେଉଛି ସେହି ସମୟତକ ଯଦି ରାଜ୍ୟବାସୀଙ୍କ ସେବାରେ ଲାଗନ୍ତା ତେବେ ପୂର୍ବସରକାର ଅପେକ୍ଷା ନୂଆସରକାର ତୃଣମୂଳ ସ୍ତରରେ ବେଶ୍.......।

ବାହାଡ଼ାଝୋଲା
ନୟାଗଡ଼ / ୯୩୪୮୪୦୫୮୪୦

ISSN NO.
2582-208X

# ଆୟୁଷ



ମୋନାଲିସା ମିଶ୍ର

ବାକିଥିବା ଆୟୁଷ ରେ
ତୁମେ ଥରେ ଆସନ୍ତନି
ମୋ ସ୍ୱପ୍ନ ରେ ତିନ୍ତାତନି
ତୁମ ପ୍ରେମରେ ରାଜୁଥିବା ବର୍ଷାରେ
ସେ ଚଇତି ଯାତ୍ରାରେ
ପର୍ବତରେ ଆଉ ଥରେ ମିସନ୍ତେନି
ପୁଣି ଥରେ ସେଇ ନଦୀ ତୀରେ
ଉତୁରୁ ଥିବା ସାନିଧ୍ୟ ରେ
ଆକ୍ତାମାକ୍ତା ଉଷ୍ଣତା ରେ
ଦୁହେଁ ଦୁହିଁଙ୍କ ଭିତରେ ହଜିଯାନ୍ତେ
ସ୍ତମ୍ବୀ ଯାଇଥିବା ବୟସରେ
ନୂତନ ଅଧ୍ୟାୟର ଆରମ୍ଭକୁ ଖୋଜନ୍ତେ
ଅଲୋଡା ଜୀବନରେ ପୁଣିଥରେ
ତୁମ ପ୍ରେମର ପ୍ରୀତି ଫଲଗୁ ରେ ଭଜନ୍ତେ
ବତୁରା କାକର ଟୋପାରେ
ହଜିଯାଆନ୍ତେ ସେଇ ସାନିଧ୍ୟ ମଧ୍ୟ ରେ
କେଉଁ ଏକ ଅଜଣା ରାଇଜରେ
ସୁନୀଲ ସ୍ୱପ୍ନର ଭବିଷ୍ୟତର ଆଶାରେ ..

ଜଟଣୀ ଖୋର୍ଦ୍ଧା

ISSN NO.
2582-208X

# ଭିନ୍ନଏକ ଯୁଦ୍ଧର ପ୍ରତିଜ୍ଞା



ଦୀନବନ୍ଧୁ ବେଜ

ଯୁଦ୍ଧ ଚାଲିଛି ଦେଖ ଜୋରଦାର
ଯୁଦ୍ଧ ଚାଲିଛି ଏକଦମ ଭୟଙ୍କର
ଚେତନାର ଚୌହଦୀ ସୁରକ୍ଷା ପାଇଁ
ପ୍ରତିକୂଳ ପରିସ୍ଥିତିରେ ତିଷ୍ଠିବା ପାଇଁ
ହାଡ଼ ଭଙ୍ଗା ଶୀତର ଜାଡ଼ ସହିତ
ଭୋକର ଦାଢୁଆ ଧାର ସହିତ ,,,
ଭୋଗ ବିଳାସରେ ଲିପ୍ତ
ଦେଶଦ୍ରୋହୀ ଲୁଣ୍ଠନକାରୀ ସହିତ ,
ସମାଜକୁ କଳୁଷିତ କରି
ବ୍ୟଭିଚାର ଚାରା ରୋପଣ କାରି
ଦଳେ ସିନ୍ଧ ଚୋର ଙ୍କ ସହିତ ।

ଯୁଦ୍ଧ କାହା ସହିତ ହୁଏ .........
ଭାଇ କଣ ଭାଇ ସହ ବାଡି ଧରେ ?
ମଣିଷ କଣ ମଣିଷ ସହ ଲଢ଼େ ?
ତୋପରୁ ଗୁଳା ଫୁଟିଲେ ବାରୁଦ
ଜଳାଏ ସତ କିନ୍ତୁ ଲିଭିଯାଏ ଦପ ...
ନିଆଁ ଥରେ ହୃଦୟରେ ଲାଗିଲେ
ଲିଭିବା ହୋଇଥାଏ ବହୁତ କଷ୍ଟ

ISSN NO.
2582-208X

ଖଣ୍ଡା ହାଣେ କ୍ଷତରୁ ରୁଧିର ବହେ
ଥରେ ଜଦି ମନକୁ ଆଘାତ ଲାଗେ
ଚିରଦିନ ସ୍ମରଣୀୟ ହୋଇଯାଏ ।

ଯୁଦ୍ଧ କରିବତ କର କୁଶିକ୍ଷା ସହ
ବୁଡ଼ି ଯାଉଥିବା ଫୁଟା ଡ଼ଙ୍ଗା ପରି
ଯୁବ ସମାଜକୁ ଉଦ୍ଧାର କର,
ଯୁଦ୍ଧ କର ତ ନିଶା ରାକ୍ଷାସ ସହିତ
ମଦ ଗଞ୍ଜେଇ ଚ଼ରସ ମୁକ୍ତ ସମାଜ
ପାଆନ୍ତୁ ତୁମ ଆଗାମୀ ଦାୟାଦ ...
ଯୁଦ୍ଧ କର ନାରୀ ବିଦ୍ୱେଷୀଙ୍କ ସହିତ
ଅବଳା ଦୁର୍ବଳାର ସ୍ୱାଭିମାନ ରଖି
କନ୍ୟାଭ୍ରୁଣ ହତ୍ୟା ହେଉ ମୂଳପୋଛ
ଯୁଦ୍ଧ କରିବତ ହିଂସା ସହିତ କର
ଅହିଂସା ପ୍ରତି ରୋପଣ ହୋଇ
ଅଭାବୀ ନିରିହ ସରଳ ମଣିଷର
ହସି ଉଠୁ କୋଠାବାଡି ଘରଦ୍ୱାର ।

ସହିଦ ଲକ୍ଷ୍ମଣ ନାୟକ ହାଇସ୍କୁଲ
ଶିଖପାଲ୍ଲୀ, ମାଲକାନଗିରି
ସଂପର୍କ :-୭୬୮୩୯୨୦୨୨୧

ISSN NO.
2582-208X

# ପ୍ରଣୟିନୀ ତେଜ ଗୁମାନ ବାରେ



ସିଦ୍ଧେଶ୍ୱର ତ୍ରିପାଠୀ

ସୁନ୍ଦରୀ ରାଗିଛ କାହିଁକି
ଜମା କହୁନ କଥା
ଆଗ ଭଳି ଆଉ ପଠାଉ ନାହଁ
ମଧୁ ବାରତା।

ଅଙ୍କରେ ସଙ୍ଗିନୀ ବସାଇ
ଦେଉନାହଁ ଚୁମ୍ବନ
କାହିଁ ମୁଁ କେବେଠୁ ପାଇନି
ତୁମ ସେ ଆଲିଙ୍ଗନ ।

ଗୁମାନ କରିଯେ ରହିଛ
କେଉଁ ଦୋଷ ମୋ ଦେଖି
ଆସ ଆସ ପ୍ରାଣ ବଲ୍ଲଭି
ଦେହେ କାମନା ମାଖି ।

ଫିଟାଇ ଦିଅଗୋ ବସନ
ପ୍ରୀତି ଜୋଛନା ଝରୁ
କୋଳ କରି ନିଅ ସୁନ୍ଦରୀ
ଏ ରାତି ସରୁ ସରୁ

ଧିର ମନ୍ଥରସେ ପୀଡାକୁ
ଆସ ସହିବା ଆମେ
ରଜନୀ ସାଥିରେ ସଜନୀ
ମାତି ଯିବାଗୋ କାମେ ।

କହେ ସିଦ୍ଧେଶ୍ୱର ଏ ବେଳ
ଦେଖ ଉଚ୍ଛୁର ହେଲା
ପୀରତି ସରାଗେ ଏମନ
ତୁମ ବାଟ ଚାହିଁଲା ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315048

ISSN NO.
2582-208X

# ପ୍ରୀତିମୟ



ଜୟନ୍ତ କୁମାର ମଲ୍ଲିକ୍

ମୋ ପ୍ରତି ସକାଳ ହୁଏ ପ୍ରୀତିମୟ
ତୁମ ସାଥେ କଥା ହୋଇ -
ସାରା ଦିନଟି ମୋ ହୁଏ ଶୁଭଙ୍କର
ଦୁଃଖ ଶୋକ ଯାଏ ଧୋଇ ।
ସୁଖରେ ଦୁଃଖରେ ଭଲରେ ମନ୍ଦରେ
ତୁମେ ଆଗ ମନେପଡ -
ସବୁବେଳେ ମତେ ବୁଝାଇ ଥାଅ ଯେ
ଧନ ନୁହେଁ ମନ ବଡ଼ ।
ସଙ୍କଟ ମୋଚନ କର ସବୁବେଳେ
ପ୍ରିୟା ତୁମେ ଦୂରେ ଥାଇ -
ଭାବେ ବେଳେ ବେଳେ ସବୁତ ପାଇଛି
ତୁମକୁ ମୁଁ ଭଲପାଇ ।
ତୁମ ହାତେ ଶଙ୍ଖା ମଥାରେ ସିନ୍ଦୁର
ପାରିନାହିଁ ମୁଁତ ଦେଇ -
ତଥାପି ନିଜର କରିନେଇ ଅଛ
ଆଶାର ଫାଟକ ଫେଇ ।
ତୁମ ସାଥେ ମୋର ହୋଇବ ମିଳନ
ନିଶ୍ଚେ ଆର ଜନମରେ -
ଏହି ଆଶା ନେଇ ବଞ୍ଚି ରହିଛି ମୁଁ
ମୋ ମାଟି ବୈକୁଣ୍ଠ ପରେ ।

ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର

ISSN NO.
2582-208X

# ବ୍ରହ୍ମାସ୍ତ୍ର



ସତ୍ୟବ୍ରତ ଦାସ

ଯୁଦ୍ଧର ଘନଘଟ୍ ଭିତରେ ଆଜିର ପୃଥିବୀ । ଆତଙ୍କବାଦର କାୟା ବିସ୍ତାର ଏବେ ବିଶ୍ୱତୋମୁଖୀ । ସାମ୍ରାଜ୍ୟବାଦୀ ନେତାମାନଙ୍କର ଅହଂକାର ରେ..ରେ..କାର ଶବ୍ଦ ଦିବାରାତି ଶାନ୍ତି ଭଗ୍ନ କରୁଅଛି ।

ଋଷ-ୟୁକ୍ରେନ୍ ଯୁଦ୍ଧ ଇସ୍ରାଏଲ୍-ହମାସ୍ ଯୁଦ୍ଧ, ଇରାନ-ଇସ୍ରାଏଲ ଯୁଦ୍ଧ, ଭାରତ-ପାକିସ୍ଥାନ ର ଯୁଦ୍ଧ ବିଶ୍ୱକୁ ସ୍ତବ୍ଧ କରି ଦେଇଛି । ସୁପ୍ତ ଗ୍ନେୟଗିରିର ମୁଖ ଗହ୍ୱରରେ ବସି ତୃତୀୟ ବିଶ୍ୱଯୁଦ୍ଧର ଅନାଗତ ପଦଧ୍ୱନିକୁ ମୃତ୍ୟୁର ଶୀତଳ ସୁଡଙ୍ଗ ମଧ୍ୟରେ ପ୍ରତୀକ୍ଷା କରି ରହିଛି । ତା ଭିତରେ "ମୁଁ ତ ଅମୃତ ସାଗର ବିନ୍ଦୁ" କବି ଗାଇ ଉଠିଛନ୍ତି । "ବିଶ୍ୱ ଦେଖ ମଧୁମୟରେ ଜୀବନ ବିଶ୍ୱ ଦେଖ ମଧୁମୟ" ର ବନ୍ଦନା ହେଉଛି ଏହି ଶରତକାଳରେ । ଦୁର୍ଗାମାତାଙ୍କ ଆବାହନୀ ଆଜି ବିଷର ବିଷାକ୍ତ ବଳୟକୁ ଧ୍ୱଂସ କରିବା ଲକ୍ଷ୍ୟରେ ।

ସୁଜଳା ସୁଫଳା ଶସ୍ୟଶ୍ୟାମଳା ଚିରହରିତ୍ ସବୁଜିମା ଭରା ପ୍ରକୃତି କୋଳରେ ଗଢି ଉଠିଥିବା ଏ ସୁନ୍ଦର ମାନବିକ ସଭ୍ୟତା କଣ ଧ୍ୱଂସ ପାଇଯିବ? ଯୁଦ୍ଧର ଅନ୍ତ କେବେ ? ଯୁଦ୍ଧର ବାଡବାଗ୍ନିରେ ଜଳଚର ଜୀବ ଯୁଦ୍ଧର ଦାବାଗ୍ନିରେ ଅରଣ୍ୟର ବୃକ୍ଷରାଜି ଓ ପଶୁ ସଂପଦ କମାଣ ଓ ଗୋଳା ବାରୁଦର ଆଗ୍ନେୟ ବିସ୍ଫୋରଣରେ ସବୁଠି ବିଧ୍ୱଂସର ଲୀଳା - ତ୍ରାହି ତ୍ରାହି ଡାକ । ହା-ହତୋସ୍ମି ଭୟରେ ଜର୍ଜରିତ ଆଜିର ମଣିଷ ।

ISSN NO.
2582-208X

ସତ୍ୟ ଯୁଗ ପରେ ତ୍ରେତୟା, ଦ୍ୱାପର ଯାଇ ଏବେ ଘୋର କଳିଯୁଗ ଚାଲିଛି ଧରାରେ । ଅନ୍ୟର ସୁଖରେ ଇର୍ଷାନ୍ୱିତ ହେବା, ଅନ୍ୟର ଦୁଃଖ ଦେଖି ଖୁସିରେ ପୁଲକିତ ହେବା ଆଜିର ମଣିଷର ପ୍ରକୃତି । ଏଣୁ ଆସୁରିକ ସତ୍ତାର ବିଲୋପ ପାଇବା ଦୂରେ ଥାଉ ମା ଧରୀତ୍ରି ଆଜି ଅଶ୍ରୁପାତ କରି ଚାଲିଛି । ବିଜ୍ଞାନ ଯୁଗରେ ଆଜି ଅବୈଜ୍ଞାନିକ ଚିନ୍ତାରୁ କୋଭିଡ୍ ମହାମାରୀ ବିଶ୍ୱକୁ କ୍ଷତି ପହଞ୍ଚାଇଛି । ମଣିଷ କଲ୍ୟାଣ ଦିଗରେ ବିଜ୍ଞାନ ନୁହେଁ, ଏ ସୁନ୍ଦର ଧରାକୁ କରୁଅଛି ଆତଙ୍କିତ ମଣିଷର ଅମାନୁଷିକତା ।

ବିଶ୍ୱରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ବଢି ଚାଲିଛି । କୁହାଯାଏ ସବୁ ଅସ୍ତ୍ର ଶତ୍ରୁକୁ ବିନାଶ ପାଇଁ ବିଫଳ ହେଲେ ଶେଷ ଅସ୍ତ୍ର ହେଉଛି ବ୍ରହ୍ମାସ୍ତ୍ର । ଏହା ହେଉଛି ବିନାଶକାରୀ ଶକ୍ତି । ବ୍ରହ୍ମାସ୍ତ୍ର ସୃଷ୍ଟି ହୋଇଥିଲା ଅସୁର ଶକ୍ତିର ବିନାଶ ପାଇଁ । ଦେବତା ଓ ଦାନବଙ୍କ ମଧ୍ୟରେ ଯୁଦ୍ଧରେ ଦେବଗଣ ପରାସ୍ତ ହେଉଥିଲେ । ଏଣୁ ସୃଷ୍ଟିକର୍ତ୍ତା ବ୍ରହ୍ମା ଦିବ୍ୟ ଅସ୍ତ୍ର ନିର୍ମାଣ କଲେ –ବ୍ରହ୍ମାସ୍ତ୍ର । ଏହାର ପ୍ରୟୋଗରେ ସମଗ୍ର ସୃଷ୍ଟି ଧ୍ୱଂସ ପାଉଥିଲା । ରାମାୟଣ ଓ ମହାଭାରତ ରେ "ବ୍ରହ୍ମାସ୍ତ୍ର" କଥା ଲେଖା ଅଛି । ଏଣୁ ଭାରତରେ ବୈଦିକ ଯୁଗରୁ ଅନେକ ଖ୍ୟାତି ସମ୍ପନ୍ନ ମୁନି ଋଷିଗଣ ଯୋଗ ଓ ସାଧନା ବଳରେ ଅନେକ ଆବିଷ୍କାର ଓ ଉଦ୍ଭାବନ କରିଥିଲେ ।

ବ୍ରହ୍ମାସ୍ତ୍ରର ପ୍ରୟୋଗ ପୂର୍ବରୁ ଏକ ଚେତାବନୀ ଦିଆଯାଉଥିଲା – "ଥରେ ଛାଡିଦେଲେ ତାକୁ ଫେରାଇ ଆଣି ହେବନାହିଁ" ।

ରାମାୟଣରେ ରାବଣ ପୁତ୍ର ମେଘନାଦ ବ୍ରହ୍ମାଙ୍କୁ ତପସ୍ୟା ବଳରେ ପ୍ରସନ୍ନ କରାଇ ବ୍ରହ୍ମାସ୍ତ୍ର ହାସଲ କରିଥିଲେ । ଶ୍ରୀ ରାମଙ୍କ ସାନଭାଇ ଲକ୍ଷ୍ମଣଙ୍କୁ ବଧ କରିବା ପାଇଁ "ନାଗଫାଶ" ଏବଂ ବ୍ରହ୍ମାସ୍ତ୍ର ପ୍ରୟୋଗ କରିଥିଲେ । ପବନପୁତ୍ର ହନୁମାନ ନିଜ ତେଜ ଓ ବୁଦ୍ଧି ବଳରେ ଏହାକୁ ନିଷ୍କ୍ରିୟ କରି ଦେଇଥିଲେ । ଥରେ ଭାବନ୍ତୁ ବୈଦିକ ଯୁଗରେ ବିଜ୍ଞାନ କେତେ ଉନ୍ନତ ଥିଲା ।

ମହାଭାରତ ଯୁଦ୍ଧ ଶେଷ ହୁଅନ୍ତେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର ଅଶ୍ୱତଥମା ଚିନ୍ତା କଲେ ପାଣ୍ଡବମାନଙ୍କୁ ସମୂଳେ ବିନାଶ କରିବା ପାଇଁ । ପିତା ଦ୍ରୋଣଙ୍କ ହତ୍ୟାର ପ୍ରତିଶୋଧ ନେବା ଲାଗି ବ୍ରହ୍ମାସ୍ତ୍ର ପ୍ରୟୋଗ କରିଥିଲେ । ଏହାର ପ୍ରତିଉତ୍ତରରେ ବୀର ଅର୍ଜୁନ ମଧ୍ୟ ବ୍ରହ୍ମାସ୍ତ୍ର ଦ୍ୱାରା ଅଶ୍ୱତ୍ଥମାଙ୍କୁ ହତ୍ୟା କରିବା ପାଇଁ ଅଣ୍ଟା ଭିଡିଲେ । ଋଷି ବ୍ୟାସ ଉଭୟଙ୍କୁ ଏହାର ପରିଣାମ ଉପରେ ସଚେତନ କରିଦେଇ କହିଥିଲେ: "ଏହାର ପ୍ରଭାବରେ ଶତ୍ରୁ ସହିତ

ISSN NO.
2582-208X

ସଂପୂର୍ଣ୍ଣ ପୃଥିବୀ ଧ୍ୱଂସ ହୋଇଯାଇଥାନ୍ତା!" ଅର୍ଜୁନଙ୍କ ବ୍ରହ୍ମାସ୍ତ୍ରକୁ ଅକାମୀ କରିଦେଲେ ଯୋଗ ବଳରେ, ହେଲେ ଅମାନିଆ ଅଶ୍ୱତ୍ଥାମା ବ୍ରହ୍ମାସ୍ତ୍ରକୁ ଫେରାଇ ନ ଆଣି ପାଣ୍ଡବଙ୍କ ଘରେ ଏକ ଅଭାବନୀୟ ଘଟଣା ଘଟାଇଦେଲେ । ଉତ୍ତରାଙ୍କ ଗର୍ଭରେ ଥିବା ଶିଶୁଙ୍କୁ ନିଧନ ପାଇଁ ସେଇ ବ୍ରହ୍ମାସ୍ତ୍ରକୁ ଛାଡିଦେଲେ । ପୁଣି ତାଙ୍କ ପତ୍ନୀଙ୍କୁ ଗର୍ଭବତୀ ଅବସ୍ଥାରେ ହତ୍ୟା ଉଦ୍ୟମ ଦେଖି ଶ୍ରୀକୃଷ୍ଣ କ୍ରୋଧିତ ହେଲେ । ନିଜ ସୁଦର୍ଶନ ଚକ୍ରରେ ବ୍ରହ୍ମାସ୍ତ୍ରକୁ ଅକାମୀ କରି ଦେଇଥିଲେ । ଖାଲି ସେତିକି ନୁହେଁ, ଭଗବାନ ଶ୍ରୀକୃଷ୍ଣ ଅଭିଶାପ ଦେଇ କହିଥିଲେ ଅଶ୍ୱତ୍ଥାମାଙ୍କୁ – "ତୁ ୩୦୦୦ ବର୍ଷ ଯାଏ ଜୀବିତ ରହିବୁ, କିନ୍ତୁ କାହାକୁ ଶାନ୍ତି ଦେଇ ପାରିବୁ ନାହିଁ ।"

ଆଜି ମଧ୍ୟ ଅଶ୍ୱତ୍ଥାମା ଜୀବିତ ଅଛନ୍ତି । ବ୍ରହ୍ମାସ୍ତ୍ରର ଶକ୍ତି ଦରାରେ ଧ୍ୱଂସର ଲୀଳା ଘଟାଇ ଚାଲିଛି ।

ଜୟସଲେମେର୍ ନିକଟରେ "ଲାଥେର ମନ୍ଦିର" ଅଛି । କୁହାଯାଏ ସେଠାରେ ମାଟିତଳେ ତାପ ଉଠେ – ଯେପରି କୌଣସି ଶକ୍ତିର ପ୍ରଭାବରେ ଜଳୁଛି । ବିଜ୍ଞାନୀ ମାନେ ମଧ୍ୟ ଭାରତର କେତେକ ସ୍ଥାନରେ ରେଡିଏସନ୍ ଏବଂ ଚୁମ୍ବକୀୟ ଶକ୍ତିର ଉପସ୍ଥିତି ଦେଖୁଛନ୍ତି – ଯେଉଁଠାରେ କୌଣସି ନ୍ୟୁକ୍ଲିଅର ଟେକ୍ନୋଲୋଜି ନଥିଲା ।

ତାହାଲେ ବ୍ରହ୍ମାସ୍ତ୍ର ପ୍ରାଚୀନ କାଳରେ ଥିଲା । ପ୍ରାଚୀନ କାଳରେ ମୁନିଋଷିମାନେ କେତେ ପ୍ରବୀଣ ଥିଲେ । ବିଜ୍ଞାନର ପ୍ରୟୋଗ କରି ଟେକ୍ନୋଲୋଜିର ବିକଶିତ କରିଥିଲେ । ସେମାନେ ସଂଯମୀ ଥିଲେ । ଭୟଙ୍କର ଅସ୍ତ୍ର ନିର୍ମାଣ କରି ଚେତାବନୀ ମଧ୍ୟ ଦେଉଥିଲେ ।

ସଂଯମ ସହ ଶକ୍ତିର ପ୍ରୟୋଗ ବିନା ସୃଷ୍ଟିର ବିନାଶ ଅବଶ୍ୟମ୍ଭାବୀ । ଏଣୁ ଦେବୀ ଦୁର୍ଗାଙ୍କୁ ପାର୍ବଣରେ ଆରାଧନା ବେଳେ ତାଙ୍କର ଆୟୁଧ ଗୁଡିକୁ ଲକ୍ଷ୍ୟ କରିବା କଥା ଏସବୁ ଗୁପ୍ତ ବିଜ୍ଞାନ ଏବଂ ଜଗତର ମଙ୍ଗଳ ପାଇଁ । ରୋଗ ଓ ମହାମାରୀର ବିନାଶ ପାଇଁ ବିଜ୍ଞାନର ଅବଦାନ ଭୁଲି ହେବନାହିଁ ।

ଇତିହାସ ସାକ୍ଷୀ ଅଛି । ଅଶ୍ୱତ୍ଥାମା ଆଜି ମଧ୍ୟ ଜୀବିତ । ଅନେକ ତାଙ୍କୁଦେଖିଛନ୍ତି ସ୍ୱଚକ୍ଷୁରେ । ପୃଥ୍ୱୀରାଜ ଚୌହାନ ତାଙ୍କୁ ଦେଖିଥିଲେ । ତାଙ୍କ କପାଳରେ ଥିବା ଘାଆକୁ ଠିକ୍ କରିବା ପାଇଁ ମାସ ମାସ ଧରି ଚିକିତ୍ସା କରାଯାଇଥିଲା, କିନ୍ତୁ ଏହା ଠିକ୍ ହୋଇ ନଥିଲା ।

ISSN NO.
2582-208X

ଏଣୁ ଏହି ପୀଡିତଙ୍କୁ ପଚରା ଯାଇଥିଲା, "ଆପଣ କଣ ଅଶ୍ୱତ୍ଥାମା? ଉତ୍ତର ମିଳିଥିଲା "ହଁ", ଏବଂ ସେ ଅଦୃଶ୍ୟ ହୋଇ ଯାଇଥିଲେ ।

ପାର୍ବଣର ଋତୁ ଶରତକାଳୀନ ଦୁର୍ଗାପୂଜା । ପୃଥିବୀ ହେଉ ଶସ୍ୟଶ୍ୟାମଳା । ସଂଯମୀ ଜୀବନଯାପନ ସହ ଶାନ୍ତିରେ ରହିବା ଲାଗି ପ୍ରତି ମଣିଷ ଶପଥ କରିବା ଉଚିତ୍ ।

ଘର ନଂ – ଡି/୨୮୭, କୋଏଲ ନଗର
ରାଉରକେଲା –୧୪

ISSN NO.
2582-208X

# ଦେଶ ପ୍ରେମ



ବସନ୍ତ କୁମାର ପ୍ରଧାନ

ଯେଉଁ ଦେଶରେ ଜନମ ଆମର
ସେହି ଆମ ଜନ୍ମଭୂମି,
ତାହାରି ସେବାରେ ଜୀବନ ଉତ୍ସର୍ଗ
କରେ ଯିଏ ଦେଶ ପ୍ରେମୀ ।୧।
ଦେଶର ଐତିହ୍ୟ ସଂସ୍କୃତି ପରମ୍ପରା
ତା 'ପାଇଁ ଅଟେ ମହାନ,
ଦେଶ ମାତୃକାର ସୁରକ୍ଷା ନିମନ୍ତେ
ଦେଇଥାଏ ବଳିଦାନ ।୨।
ଦେଶର ସଂହତି ପ୍ରଗତି ନିମନ୍ତେ
ସଦା କରିଥାଏ କାମ,
ଦେଶ ପ୍ରେମର ଅମଳିନ କୀର୍ତ୍ତି
ସଫଳ କରେ ଜନମ ।୩।
ଦେଶ ଜାତି ହିତେ ନିଜର ସ୍ୱାର୍ଥକୁ
ଜଳାଞ୍ଜଳି ଦେଇଥାଏ,
ମହାଭାରତୀୟ ଚେତନାରେ ପ୍ରାଣ
ଉଦବୁଦ୍ଧ ଯେ ହୋଇଥାଏ ।୪।
ତା 'ପାଇଁ ଜନନୀ ଜନ୍ମଭୂମି ସଦା
ସ୍ୱର୍ଗ ଠାରୁ ଗରୀୟାନ,
ସବୁରି ହିତରେ ଅଭିପ୍ରେତ ହୋଇ
ଉତ୍ସର୍ଗ କରେ ଜୀବନ ।୫।
ଦେଶ ପ୍ରେମ ଦୀପ ଜାଳିଗଲେ କେତେ
ମୂକ ସାକ୍ଷୀ ଇତିହାସ,
ସେ ଦେଶ ଭକତ ମାନଙ୍କ ନିମନ୍ତେ
ବଢ଼ିଅଛି ଦେଶ ଯଶ ।୬।
ଦେଶ ପ୍ରେମ ବହ୍ନି ଜାଳିବାକୁ ହେବ
ଦେଶର ସୁରକ୍ଷା ପାଇଁ,
ସାର୍ବଭୌମତାକୁ ଅକ୍ଷୁର୍ଣ୍ଣ ରଖିବା
ସରବେ ସଂକଳ୍ପ ନେଇ ।୭।

ହରିହରପୁର, ଛେଣ୍ଡିପଦା, ଅନୁଗୋଳ

ISSN NO.
2582-208X

# ଏତିକି କହିବ



ନରଞ୍ଜନ ସାହୁ

ମୋର ଭଲମନ୍ଦ ଶୁଣିବାକୁ ଯଦି
ତାହାର ଆଗ୍ରହ ଏତେ
ପଚାରିବ ବନ୍ଧୁ କେଉଁଠି ଥିଲା ସେ
ବୁଝିଥିଲା କଥା କେତେ ?

ଗଲା ଦିନରୁ ସେ ଯାଇଛି ଏଯାଏ
ଦେଖା କରିନାହିଁ କେବେ
ଆଜି କ'ଣ ପାଇଁ ବୁଝୁଛି ଖବର
କହିପାରିବ କି ତେବେ
କାମରେ ତ କିଛି କରିପାରିନାହିଁ
କଥା ଗପୁଥିଲା ଯେତେ ।

ତାହାକୁ କାହିଁକି କହିବି କହୁନ
ମୋର ଭଲମନ୍ଦ କଥା
ମୁଁ ଭାବୁଛି ତାକୁ କିଛି କହିବିନି
ପୋତିଦେବ ବରଂ ମଥା
ଏତିକି କହିବ ତୁ ଯେତେ ଭାବୁଛୁ
ସେ ଭାବୁଛି ତୋତେ ସେତେ ।

ନିହଲପ୍ରସାଦ, ଗନ୍ଦିଆପାଟଣା,
ଢେଙ୍କାନାଳ
ମୋ :୯୯୩୮୭୪୧୫୮୩

ISSN NO.
2582-208X

# ତୁମ ପାଦେ ରହୁ ଚିତ୍ତ



ଜନ୍ମଜୟ ନାୟକ

ତୁମରି ଆଶିଷେ ଆନନ୍ଦ ବରଷେ
ପୁଲକେ ଭରେ ପରାଣ,
ହେଲେ ତୁମ କୋପ ପାଇ ଅଭିଶାପ
ଦୁଃଖେ କଟଇ ଜୀବନ ।

ଆସିଲେ ବିପତ୍ତି  କରଇ ମିନତି
ସୁଖେ ଲୋଡେ ନାହିଁ କେବେ,
ମୁଁ ପାପୀ ମଣିଷ କ୍ଷମା କର ଦୋଷ
ମୁକତି ଲଭିବି ତେବେ ।

ଜାଣିନାହିଁ ମନ୍ତ୍ର ନଜାଣଇ ତନ୍ତ୍ର
କେମିତି ତୋଷିବି କୁହ,
ତୁମରି କରୁଣା କରିବନି ଊଣା
ଝରି ଯାଏ ମୋର ଲୁହ ।

ମୁଁ  ଅଧମ ନର ପୂଜଇ ପଥର
ଅନ୍ତରେ କୁହୁଳେ କୋହ,
ତୁମ କୃପା ବାରି ଶାନ୍ତି ଦେବ ଭରି
ଦୂରେଇ ବିପଦ ଭୟ ।

କରଇ ମାଗୁଣି ମୋ ଦୁଃଖ କାହାଣୀ
କରିଦିଅ ପ୍ରଭୁ ଅନ୍ତ,
ବଦଳି ସ୍ୱଭାବ ହଜୁ ମୋ ଗରବ
ତୁମ ପାଦେ ରହୁ ଚିତ୍ତ ।

ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ, ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ମାନବେତର ଚରିତ୍ର ଓ କୃପାସାଗର ସାହୁଙ୍କ ଗଳ୍ପ



ସୁନୀଲ ସେଠୀ

ଉତ୍ତର ଅଶୀଓଡ଼ିଆ ଗଳ୍ପଧାରାର ଜଣେ ସଫଳ ସ୍ଥପତି ହେଉଛନ୍ତି କଥାକାର କୃପାସାଗର ସାହୁ । ସେ ତିନି ଶତରୁ ଅଧିକ ଗଳ୍ପ ଓ ଆଠରୁ ଅଧିକ ଉପନ୍ୟାସ ରଚନା କରି ଓଡ଼ିଆ କଥା ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ସାରିଛନ୍ତି । ତାଙ୍କ ଗଳ୍ପ ପୁସ୍ତକଗୁଡ଼ିକ ମଧ୍ୟରେ ଲୌକିକ ଓ ଅଲୌକିକ, ଶୁଆ କହେ ଶାରୀ ଲୋ, ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ, ଅରଣ୍ୟର ଅଜଗର ଓ ଅନ୍ୟାନ୍ୟ କାହାଣୀ, କାହାଣୀ-୧୯୯୮ ଓ ଅନ୍ୟାନ୍ୟ ଗଳ୍ପ, ଗଡ଼ଜାତ ଗଳ୍ପ, କୃପାସାଗର ସାହୁଙ୍କ ରେଳ ଗଳ୍ପ, କୃପାସାଗର ସାହୁଙ୍କ ବ୍ୟଙ୍ଗ ଗଳ୍ପ, କାହାଣୀ-୨୦୦୫ ଓ ଅନ୍ୟାନ୍ୟ ଗଳ୍ପ ଇତ୍ୟାଦି ତାଙ୍କ କଥା ରାଜ୍ୟର ସ୍ୱାକ୍ଷର ବହନ କରିଛି। ସାହିତ୍ୟର ବିଭିନ୍ନ ବାଦ କି ତତ୍ୱ ଉପରେ ଭରସା କରୁନଥିବା କୃପାସାଗର ସାହୁ ନିଜର ଅନୁଭୂତି ଓ ଅନୁଭବକୁ ଗଳ୍ପରେ ବଖାଣନ୍ତି । କେତେବେଳେ ଯେ କାହାଣୀ ଭିତରେ ସାହିତ୍ୟ ତତ୍ୱ ଓ ବାଦଗୁଡ଼ିକ ଫୁଟି ଉଠନ୍ତି ଗାଳ୍ପିକ ମଧ୍ୟ ଜାଣିପାରନ୍ତି ନାହିଁ । ଯାହା ତାଙ୍କ ସାହିତ୍ୟର ଗୋଟିଏ ଗୋଟିଏ ଦିଗକୁ ସୂଚିତ କରେ । ଏ ଦିଗ ମଧ୍ୟରୁ ଗୋଟିଏ ହେଉଛି କୁହୁକ ବାସ୍ତବତା ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ସମାଜରେ ବାସ କରୁଥିବା ସମସ୍ତ ଜୀବମାନଙ୍କ ସହିତ ତାହାର ସମ୍ପର୍କ ରହିଛି । ମଣିଷ ଜଗତରେ ଶ୍ରେଷ୍ଠ ଜୀବ ହୋଇଥିଲେ ମଧ୍ୟ, ସେ ଏକା ବଂଚି ପାରିବ ନାହିଁ । ତେଣୁ ବିଭନ୍ନ ଜୀବଜନ୍ତୁମାନଙ୍କର ସାହାଯ୍ୟରେ ମଣିଷ ସମାଜରେ ତାର ଜୀବନ ଓ ଜୀବିକାକୁ ତ୍ୱରାନ୍ୱିତ କରିଥାଏ । ଯେଉଁଭଳି କୁକୁର ଘର ଜଗୁଥିବା ବେଳେ, ଗଧ ବୋଝ ବୋହିଥାଏ । ସେହିପରି ବଳଦ ହଳ କରିଥାଏ ।

ISSN NO.
2582-208X

ଭିନ୍ନ ଜୀବମାନଙ୍କ ଠାରୁ ମଧ୍ୟ ମନୁଷ୍ୟ ଖାଦ୍ୟପଦାର୍ଥ ପାଇଥାଏ । ତେଣୁ ସେ ଅନେକ ଜୀବକୁ ଘରେ ପାଳନ କରିଥାଏ । ଏକା ସାଙ୍ଗରେ ରହିବା କାରଣରୁ ସେମାନଙ୍କ ମଧ୍ୟରେ ଏକ ପ୍ରେମ ଭାବ ସୃଷ୍ଟି ହୋଇଥାଏ । ଜୀବ ଓ ମଣିଷ ଉଭୟ ସାଥିହୋଇ ଜୀବନର ସୁଖ ଦୁଃଖମୟ ପଥ ଅତିକ୍ରାନ୍ତ କରିଥାନ୍ତି ।

ସ୍ରଷ୍ଟାଟିଏ ତାର ସୃଷ୍ଟିସର୍ଜନା କଲାବେଳେ ସମାଜର ବିଭିନ୍ନ ସ୍ଥାନରୁ ଓ ବିଭିନ୍ନ ବର୍ଗରୁ କାହାଣୀମାନ ଗ୍ରହଣ କରିଥାଏ । ସେହି କାହାଣୀମାନଙ୍କ ମଧ୍ୟରେ ବିଭିନ୍ନ ଚରିତ୍ରମାନ ରହିଥାନ୍ତି । କେବଳ ମଣିଷ ଚରିତ୍ରଭାବରେ ସ୍ଥାନ ପାଇନଥାନ୍ତି, ବିଭିନ୍ନ ଜୀବଜନ୍ତୁ ଛେଳି, ମେଣ୍ଢା, ଗାଇ-ଗୋରୁ, ଠେକୁଆ, କୁକୁର, ହଂସ-ହଂସରାଳି ଆଦି ସ୍ଥାନ ପାଇଥାନ୍ତି । ଏହା ବ୍ୟତିତ ବିଭିନ୍ନ ଗଛ, ପାହାଡ-ପର୍ବତ ଆଦି ମଧ୍ୟ ଏଥିରୁ ବଂଚିତ ହୋଇନାହାଁନ୍ତି । ଏହି ଚରିତ୍ରଗୁଡିକୁ କୁହାଯାଏ ମାନବେତର ଚିରତ୍ର । ମାନବେତର ଅର୍ଥ ହେଉଛି ମାନବଠାରୁ ଭିନ୍ନ ଚରିତ୍ର । ମାନବ ଓ ଇତର ଦୁଇଟି ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଛି ମାନବେତର । ମାନବର ଅର୍ଥ ମନୁଷ୍ୟ ଏବଂ ଇତରର ଅର୍ଥ ନୀଚ, ଅଧମ ବା ନିମ୍ନ ଶ୍ରେଣୀସ୍ଥ । ଏଠାରେ ମନୁଷ୍ୟଠାରୁ ନୀଚ ଚରିତ୍ର କୁହାନଯାଇ, ମନୁଷ୍ୟଠାରୁ ଭିନ୍ନ ବା ମନୁଷ୍ୟ ବ୍ୟତିରେକ ଅନ୍ୟ ଚରିତ୍ର ହେଉଛି ମାନବେତର ଚରିତ୍ର ବୋଲି କୁହାଯିବା ସମୀଚିନ । ମାନବେତର ଶବ୍ଦକୁ ଇଂରାଜୀରେ ଫେବଲ କୁହାଯାଏ । ଏହା ମୂଳ ଲାଟିନ୍ ଶବ୍ଦ କଥନରେ ଫାରି ଗଳ୍ପରେ ଫେବୁଲା ପରେ ପରେ ଫ୍ରେନ୍ସରେ ଫେବଲ ଦେଇକରି ଶବ୍ଦଟି ଗତି କରିଛି ।

ମାନବେତର ଚରିତ୍ରମାନଙ୍କର ସୃଷ୍ଟି ପ୍ରାଚୀନ ସାହିତ୍ୟମାନଙ୍କଠାରୁ ଆରମ୍ଭ ହୋଇଥିବାର ଆମେ ଦେଖିବାକୁ ପାଉ । ଲୋକସାହିତ୍ୟ ହେଉଛି ସର୍ବପ୍ରାଚୀନ ସାହିତ୍ୟ । ଯାହାର କି ଲେଖକ ବା କବି କେହି ନାହାଁନ୍ତି । ଏହା ମଣୀଷର ମୁଖରୁ ମୁଖକୁ ଗତି କରୁଥିଲା । ଲୋକଗୀତମାନଙ୍କରେ ଆମେ ଦେଖିବାକୁ ପାଇଥାଉ ଏହି ମାନବେତର ଚରିତ୍ରମାନଙ୍କୁ । ମଣିଷ ବିଭିନ୍ନ କଠିନ କାର୍ଯ୍ୟମାନ କରିଥାଏ । ଏହି କଠିନ କାର୍ଯ୍ୟର କଷ୍ଟ ଅପନୋଦନ ନିମନ୍ତେ ସେ ଗୀତମାନ ଗାନ କରିଥାଏ । ଏହି ଲୋକ ଗୀତ ପର୍ଯ୍ୟୟରେ ପଶୁପକ୍ଷୀଙ୍କୁ ସମ୍ବୋଧନ, ଗୁଣକୀର୍ତ୍ତନ ଏବଂ ସେମାନଙ୍କ ସହ ତୁଳନା କରିଥାଏ । ଆଈମା ନାତିନାତୁଣୀମାନଙ୍କୁ ବିଭିନ୍ନ କାହାଣୀମାନ କହିଥାନ୍ତି । ଏହି କାହାଣୀମାନଙ୍କରେ ବିଭିନ୍ନ ମାନବେତର ଚରିତ୍ର ବାଘ, ଭାଲୁ, ଠେକୁଆ, କଇଁଚ ମାନେ ଆସି ସେମାନଙ୍କ ଭଲମନ୍ଦ, ନ୍ୟାୟଅନ୍ୟାୟ ନୀତି ଶିକ୍ଷା ଦେବା ସହିତ ମନୋରଞ୍ଜନ କରିଥାନ୍ତି । ସେହିପରି

ISSN NO.
2582-208X

ଲୋକନାଟକମାନଙ୍କରେ ମନୁଷ୍ୟ ବିଭିନ୍ନ ପଶୁପକ୍ଷୀମାନଙ୍କର ଅଙ୍ଗପ୍ରତ୍ୟଙ୍ଗକୁ ବ୍ୟବହାରକରି ମୁଖା ପରିଧାନକରି ଅଭିନୟ କରିଥାନ୍ତି । ସେହିପରି ଓଷାବ୍ରତମାନଙ୍କରେ ବିଭିନ୍ନ ଦେବାଦେବୀମାନଙ୍କର ବାହନ ଏହି ମାନବେତର ଜୀବମାନେ ହୋଇଥାନ୍ତି ଏବଂ ବିଭିନ୍ନ ମାନବେତର ଚରିତ୍ରମାନେ ମଧ୍ୟ ଓଷାବ୍ରତରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଖୁଦୁରୁକୁଣି ଓଷାରେ ଛେଳି, ଜହ୍ନି ଓଷାରେ ସର୍ପ, ଆଶ୍ୱିନ ଗୁରୁବାରରେ ହାତୀ, ଦୁତିଆ ଓଷାରେ ଚିଲ ଓ ଶୃଗାଳ ଆଦି ମାନବେତର ଚରିତ୍ର କାହାଣୀକୁ ଗତିଶୀଳ କରିଥାନ୍ତି ।

ଲିଖିତ ସାହିତ୍ୟ ମାନଙ୍କରେ ମାନବେତର ଚରିତ୍ରମାନଙ୍କର ବର୍ଣ୍ଣନା ଦେଖିବାକୁ ପାଇବା । ପ୍ରାୟତଃ ଓଡିଆ ଲିଖିତ ସାହିତ୍ୟ ସୃଷ୍ଟି ହେଉଛି ଚର୍ଯ୍ୟାଗୀତିକାରୁ । ଏହି ଚର୍ଯ୍ୟାଗୀତିକାରେ ମୟୂର ପୁଚ୍ଛର ବ୍ୟବହାର, ଶାଗୁଣା ମଦ ଖାଇବା କଥା, ହାତୀ ପଦ୍ମବନରେ କ୍ରୀଡା କରିବାକଥା ସହିତ ମୂଷିକ ଚର୍ଯ୍ୟାରେ ଗୋଟିଏ ମୂଷାକୁ ପ୍ରତୀକ ଭାବରେ ଗ୍ରହାଣ କରିଛନ୍ତି ଭୁସୁକୁପାଦ । ରୁଦ୍ରସୁଧାନିଧିରେ ହସ୍ତ, ମର୍କଟୀ, କୁରଙ୍ଗ, ଶାର୍ଦ୍ଦୂଳ, ଷଣ୍ଢ, ସିଂହ, ଦଧ, ଶାରୀ, ଶୁକ, ବନହଂସୀ, କୁକୁଡା, ଚକ୍ରବାକ, ବକ, ରାଜହଂସୀ, କୋକି, ମୟୂର, ସର୍ପ ଓ ଭ୍ରମର ଆଦି ମାନବେତର ଚରିତ୍ର ଚିତ୍ରିତ ହୋଇଛନ୍ତି । ସାରଳା ମହାଭାରତରେ ମଧ୍ୟ ବିଭିନ୍ନ ମାନବେତର ଚରିତ୍ର ବର୍ଣ୍ଣନା ଦେଖିବାକୁମିଳେ । ସେ ଶାହାଡା ବୃକ୍ଷ କଥା ହେଉ କି ଅଶ୍ୱତ୍ଥମା ହାତୀ କଥା ହେଉ । ସ୍ୱର୍ଗାରୋହଣ ପର୍ବରେ ଶ୍ୱାରନ ବା କୁକୁରର ଭୂମିକା ଦେଖିବାକୁ ମିଳେ । ସେହିପରି ପଞ୍ଚସଖା ଯୁଗରେ ବଳରାମ ଦାସଙ୍କ ଦାଣ୍ଡିରାମାୟାଣ ହେଉ କି ଜଗନ୍ନାଥ ଦାସଙ୍କ ଭାଗବତ ହେଉ। ସବୁଥିରେ ଆମେ ମାନବେତର ଚରିତ୍ର ଦେଖିବାକୁ ପାଇବା । ଦାଣ୍ଡିରାମାୟଣରେ ବାନର, ଭଲ୍ଲୁକ, ଜଗାୟୁ ପକ୍ଷୀ, ଚକ୍ରବାକଚକ୍ରବାକୀ, କାଉ ଆଦି ଅନେକ ମାନବେତର ଚରିତ୍ର ରହିଥିବା ବେଳେ ଭାଗବତରେ ଭ୍ରମର, କପ୍ରେଧଛୁ, ସାପ, ମୀନ, ହରିଣ ଆଦି ଅନେକ ମାନବେତର ଚରିତ୍ରକୁ ଦେଖିବାକୁ ମିଳେ । ରୀତି ଯୁଗୀରେ ବିଭିନ୍ନ କାବ୍ୟକବିତା, ଚଉପଦୀ, ଚଉତିଶା, କୋଇଲି ଆଦି ଅନେକ ଗୀତିକା ରଚନା କରାଯାଇଛି । କୋଇଲିକୁ ମାନବେତର ଚରିତ୍ରଭାବରେ ଗ୍ରହଣକରି ଚଉତିଶା ଶୈଳୀରେ ବିଭିନ୍ନ କୋଇଲି ରଚନା କରାଯାଇଛି । କୋଇଲିକୁ ଦୂତ ଭାବରେ ଗ୍ରହଣକରି ମାର୍କଣ୍ଡ ଦାସ କେଶବ କୋଇଲି ରଚନା କରିଛନ୍ତି । ପ୍ରାଚୀନ ଓଡିଆ ସାହିତ୍ୟରେ ମାନବେତର ଚରିତ୍ରମାନେ ଭଲ-ମନ୍ଦ, ନ୍ୟାୟ-ଅନ୍ୟାୟ ଜଣାଇବା ସହିତ ନୀତିଶିକ୍ଷା ପ୍ରଦାନ କରିବାର ଭୂମିକା ଗ୍ରହଣ କରିଛନ୍ତି ।

ISSN NO.
2582-208X

୧୯୮୦ ମସିହାପରର୍ବୀ ଗଳ୍ପରେ ମଧ୍ୟ ମାନବେତର ଚରିତ୍ରର ରୂପକୁ ଦେଖିବାକୁ ମିଳେ । ଏମାନେ ମଣିଷମାନଙ୍କ ସହିତ ମଣିଷଭଳି କଥା କହିଛନ୍ତି, ବ୍ୟବହାର କରିଛନ୍ତି, ମଣିଷକୁ ବିପଦରେ ସାହାଯ୍ୟ ମଧ୍ୟ କରିଛନ୍ତି । ଗଳ୍ପମାନଙ୍କରେ ଏହି ଇତର ପ୍ରାଣୀମାନେ ମଣିଷ ସହିତ ସ୍ଥାପନକରିଛନ୍ତି ଏକ ଅହେତୁକ ସମ୍ପର୍କ । ମଣିଷଭଳି ବଂଚିବାର ଏକ ସ୍ୱତନ୍ତ୍ର ଅଧିକାର ସେମାନଙ୍କ ରହିଛି । ମଣିଷମାନଙ୍କ ଭଳି ସେମାନଙ୍କ ଜୀବନରେ ସ୍ନେହ, ପ୍ରେମ ବିଶ୍ୱାସ, ହସ, କାନ୍ଦ ବିଶ୍ୱସ୍ତ ଓ ସମ୍ବେଦନଶୀଳ ପ୍ରବଣତା ଦେଖିବାକୁ ମିଳିଥାଏ । ମଣିଷ କେବଳ ଏ ପୃଥିବୀରେ ବଞ୍ଚିବାର ଅଧିକାର ପାଇନାହିଁ । ଏହି ପ୍ରାଣୀ ମାନେମଧ୍ୟ ମଣିଷଭଳି ବଂଚିବାର ସ୍ୱତନ୍ତ୍ର ଅଧିକାର ରହିଛି । ପ୍ରାଣୀମାନେ କେବଳ ମଣିଷମାନଙ୍କ ଅଧୀନରେ ନ ରହି ଏକ ସ୍ୱାଧୀନ ଜୀବନ ଅତିବାହିତ କରିବା ଉଚିତ । ଏହି ଇତର ପ୍ରାଣୀମାନଙ୍କୁ ଏକ ସ୍ୱତନ୍ତ୍ର ଭାବରେ ଗଳ୍ପରେ ସ୍ଥାନ ଦେଇଛନ୍ତି ଶ୍ରୀ କୃପାସାଗର ସାହୁ । ତାଙ୍କର ଅନେକ ଗଳ୍ପରେ ମୁଖ୍ୟତଃ ବାଘ ଚରିତ୍ରର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ। ଗାଳ୍ପିକ ଶ୍ରୀ ସାହୁଙ୍କ ଅନେକ ଗଳ୍ପ ମାନବେତର ଚରିତ୍ରକୁ ନେଇ ରଚିତ । କାରଣ ସେ ଛୋଟ ବେଳରୁ ଏହି ଇତର ପ୍ରାଣୀମାନଙ୍କ ସହିତ ପରିଚିତ । ପିଲାବେଳେ ତାଙ୍କ ଘରେ ଅନେକ ପଶୁପକ୍ଷୀ ପାଳିତ ହେଉଥିଲେ । ଯେପରି କୁକୁର, ମୟୂର ଓ ନେଉଳ ଆଦି ଏବଂ ତାଙ୍କ ଗାଁ'ଟି ହେଉଛି ଏକ ଜଙ୍ଗଲ ପରିବେଷ୍ଟିତ ପାହାଡ ତଳି ଗାଁ । ଯେଉଁଠି ଅନେକ ଜୀବଜନ୍ତୁଙ୍କୁ ସେ ଦେଖନ୍ତି ଛୋଟ ବେଳରୁ । ଏହି ଜୀବମାନେ ତାଙ୍କୁ ଅନେକ ପ୍ରଭାବିତ କରିଛନ୍ତି । ସେହି ଜୀବମାନଙ୍କ ଜୀବନର ଚିତ୍ର ଓ ଗତିବିଧିକୁ ଗଳ୍ପରେ ରୂପ ଦେବାରେ ଜଣେ ସିଦ୍ଧହସ୍ତ ସାଧକ ପାଲଟିଛନ୍ତି ଶ୍ରୀ ସାହୁ ।

'ନଈ ଆରପାରି' ଗଳ୍ପରେ ମାନବେତର ଚରିତ୍ର ଭାବେ ଦୁଇଟି ବଣିକୁ ଗ୍ରହଣ କରି, ଆଧୁନିକ ମଣିଷ, କର୍ମସଂସ୍ଥାନ ଉଦ୍ଦେଶ୍ୟରେ ସହରକୁ ଆସି ଫେରିପାରିନାହିଁ ଗାଁକୁ, ଛନ୍ଦି ହୋଇଯାଇଛି ତାର ଚାକଚକ୍ୟରେ । କୁହୁକିନିର ମାୟାଜାଲରେ ବନ୍ଦି ହୋଇଯାଇଛି ଗାଁରୁ ନୂଆ ନୂଆ ସହରକୁ ଯାଇଥିବା ମଣିଷଟି । ସେହିଠାରେ ଗଢିଛି ପରିବାର । "ଯମୁନା ପାରିର ବଣ ଛାଡି ମୁଁ କୁତୂହଳବଶତଃ ମହାନଗରୀ ଭିତରକୁ ଚାଲିଆସିଥିଲି । କୌଣସି ଦୁର୍ବୃ ବାଳକର ପଥର ମାଡରେ ମୁଁ ଆହତ ହୋଇଥିଲି । ପାର୍କିଂ ସ୍ଥଳରୁ ଜଣେ ପି.ଏ ବାବୁ ମୋତେ ଉଠାଇ ନେଇ ମୋ ଗୋଡରେ ପଟି ବାନ୍ଧିଥିଲେ । ପିଇବାକୁ ପାଣି ଏବଂ ଖାଇବାକୁ ଭାତ ଦେଇଥିଲେ । ଧୀରେଧୀରେ ମୁଁ ସୁସ୍ଥ ହେଲି । ତାଙ୍କରି ସ୍ନେହରେ ବାନ୍ଧିହୋଇ ରହିଗଲି । ପ୍ରତିଦିନ ତାଙ୍କ ପାଖକୁ ଆସେ ଏବଂ କଥାବାର୍ତ୍ତା ହୁଏ । କିଛି ଦିନ ପରେ ମୁଁ

ISSN NO.
2582-208X

ଏଇଠି ଜୀବନସାଥୀକୁ ଖୋଜିପାଇଲି । ତା ପରେ ଆମ ପରିବାରକୁ ଦୁଇଟି କୁନିକୁନି ପିଲା ଆସିଲେ । ପିଲାବଡ ହେଲେ । ଗଛବୃଛର ଶାଖାପତ୍ର ଛାଡି ଟେଲିଫୋନ ତାରେ ବସି ଦୋଳି ଖେଳିଲେ । କୋଠାର ତାଜା ଉପରେ ବସି ତଳେ ବେଗବାନ ଯାନବାହାନକୁ ଦେଖି ସମୟ କାଟିଲେ । x xxxଆଉ ଯମୁନାକୂଳକୁ ବୁଲି ଯିବାକୁ ଡାକିଲେ ବି ସ୍ତ୍ରୀ ପିଲା କେହି ଯିବାକୁ ରାଜି ହେଲେନି ।" (କାହାଣୀ-୨୦୦୫, କୃପାସାଗର ସାହୁ) ଜନ୍ମ ଭୂଇଁକୁ ଫେରିବା ପାଇଁ ମନବଳିଛି । ସେ ଭୁଲି ଯାଇଛି ମିଛ ମାୟା, ମିଛ ବନ୍ଧନକୁ । ଫେରିଆସିଛି ଯମୁନା କୂଳକୁ । ବସାବାନ୍ଧିଛି ଅର୍ଜୁନ ଗଛରେ ।

'ଅରଣ୍ୟର ଅଜଗାର' ଗଳ୍ପରେ ମାନବେତର ଚରିତ୍ର ଭାବରେ ଅଜଗରକୁ ଗ୍ରହଣକରି ଗାଳ୍ପିକ ତା ମାଧ୍ୟମରେ ଗୋଟିଏ ରାଜାର ଜୀବନ କାହାଣୀକୁ କହିବାକୁ ଚାହିଁଛନ୍ତି । "ଅଜଗରଟି ପ୍ରଥମେ ଜଙ୍ଗଲର ରାଜାଥିଲାବେଳେ କିପରି ଭାବରେ ଅନ୍ୟ ଜୀବମାନେ ତାକୁ ସମ୍ମାନ କରୁଥିଲେ । ଅଜଗର ଗସ୍ତରେ ବାହାରିଲେ ନାନାବିଧ ବୃକ୍ଷ ଶୀର୍ଷରୁ ନାନାରଙ୍ଗର ପୁଷ୍ପ ବୃଷ୍ଟି ହୁଏ । ମହାଦ୍ରୁମମାନେ ପତ୍ରର ଚାମର ଚଳାନ୍ତି । ବଣ କୁକୁଡା ହୋସିଆର ହୋସିଆର କହିକହି ଆଗେ ଆଗେ ଉଡୁଥାଏ । ଅରଣ୍ୟ ସାରା ଅଜଗରର ଜୟ ଜୟକାର ଶୁଭୁଥାଏ ।" (କାହାଣୀ-୨୦୦୫, କୃପାସାଗର ସାହୁ) ଆଜି ସମୟ ବଦଳି ଯାଇଛି । ଅଜଗରର ସ୍ୱାଧୀନତା ନାହିଁ, ନାହିଁ ମଧ୍ୟ ଜଙ୍ଗଲର ସେହି ପ୍ରାଣପ୍ରଚୁର୍ଯ୍ୟମୟ ଜୀବନ । ଆଜି ସେ ବନ୍ଦି ହୋଇ ଜୀବନ ବିତାଇଛି । ବାହାରିପାରୁନି ବନ୍ଦିଶାଳା ରୂପକ ତାରଜାଲ ଘେରା ନନ୍ଦନକାନନରୁ । ପ୍ରାର୍ଥନା କରିଚାଲିଛି ଅରଣ୍ୟକୁ, ଏ ଚକ୍ରବ୍ୟୁହରୁ ମୋତେ ଉଦ୍ଧାରକର । ମୋତେ ମୁକ୍ତିଦିଅ, ମୁକ୍ତି ନ ଦେଇପାରିଲେ ମୃତ୍ୟୁ ଦିଅ ।

'ଚିକେନ ଫ୍ଳୁ' ଗଳ୍ପରେ କୁକୁରକୁ ମାନବେତର ଚରିତ୍ର ଭାବରେ ଗ୍ରହଣକରି ତାର ବିଶ୍ୱାସୀ ପଣିଆକୁ ଦେଖାଇଛନ୍ତ । ହଙ୍ଗକଙ୍ଗରେ ମାଡିଥିବା ଚିକେନ୍ ଫ୍ଳୁ ଯେଉଥିରେ ଆକ୍ରାନ୍ତ ହୋଇଥିଲେ କୁକୁଡାମାନେ । ଜୁଆଙ୍ଗଙ୍କ ଘରୁ ସରକାରି କର୍ମଚାରୀମାନେ କୁକୁଡାମାନଙ୍କୁ ନେବାକୁ ଆସିଛନ୍ତି ତାଙ୍କ ପାଳିତ କୁକୁର ଟିନ୍ଟିନ୍ ଭୁକିଛି ଏବଂ ସରକାରି କର୍ମଚାରୀମାନଙ୍କ ଉପରକୁ ଆକ୍ରମଣ କରିଛି । ସରକାରୀ କର୍ମଚାରିମାନେ ତା ଉପରକୁ ଗୁଳିମାଡ଼ କରିଛନ୍ତି। ଆହତ ହୋଇଛି ଟିନଟିନ । ରାତରେ ଟିନଟିନ ସ୍ୱାସ୍ଥ୍ୟ ଅଧିକ ଧରାପ ହେବାରୁ ଜୁଆଙ୍ଗ ନେଇଛନ୍ତି ତାକୁ ଡାକ୍ତରଙ୍କ ପାଖକୁ । ଡାକ୍ତର ପରୀକ୍ଷାକରି କହିଛନ୍ତି ଟିନଟିନକୁଚିକେନ ଫ୍ଳୁ ହୋଇଛି ବୋଲି ତାଙ୍କ ପାଖରୁ ଦୁରେଇ ରଖିଛନ୍ତି ଟିନଟିନକୁ । ଏହି କଥାକୁ ବିଶ୍ୱାସ

ISSN NO.
2582-208X

କରିପାରିନାହାନ୍ତି ଜୁଆଙ୍କ । ଜୁଆନ ଡାକ୍ତରଙ୍କୁ ଧିକାର କରି ମନେମନେ ଗାଳିଦେଇ ଘରକୁ ଫେରିଛନ୍ତି । "ଭାରି ଡାକ୍ତର ହୋଇଛନ୍ତି, ଗୋଡ଼ରେ ଗୁଳି ବାଜିଛି, କହିଲେ ଚିକେନ୍ ଫ୍ଲୁ ହୋଇଛି। ଟିନଟିନ ଭଳି ବିଶ୍ୱସ୍ତ ପ୍ରାଣୀ ଜୁଆନ ଏଯାଏ ଦେଖିନି । ତେଣୁ ତାକୁ ଦୂରେଇ ଦେବା ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିପାରିଲାନି । ଖାଇବା ପାଇଁ ଇଚ୍ଛା ହେଲାନି କିନିଦ ବି ହେଲାନି ।" (କାହାଣୀ-୨୦୦୫, କୃପାସାଗର ସାହୁ)

'ପଶୁ ଡାକ୍ତର' ଗଳ୍ପରେ ଗୃହପାଳିତ ପଶୁମାନଙ୍କପ୍ରତି ରହିଥିବା ଭଲପାଇବା ଓ ଦରଦ ଦେଖାଦେଇଛି ସଦେଇଠାରେ । ଘରେ କେହି ନଥିବାବେଳେ ବାଛୁରୀଟିର ଦାୟିତ୍ୱ ନେଇଛି ସଦେଇ । "ରୋଷେଇ ଘରେ ବାସି ପଖାଳ ଖାଇଲା ବେଳକୁ ଚାନ୍ଦର ହମ୍ବା ରଡି ବେକଳରୁ ବିକଳତର ହୋଇ ଶୁଭିଲା । ଏବେ ସଦେଇର ଭାଲେଣି ପଡିଲା । ଏତିକି ବେଳକୁ ସେ ପୁରା ଏକୁଟିଆ । ପାଖରେ କେହି ସାହା ଭରସା ନାହାଁନ୍ତି । କଣ କରିବ ସେ ସ୍ଥିର କିରିପାରୁ ନଥିଲା ।" (ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ, କୃପାସାଗର ସାହୁ) ଚାନ୍ଦ କାହିଁ ରଡିଛାଡୁଛି ବୋଲି ସଦେଇ ପଚାରିଛି ନାଥ ଗଉଡକୁ । ସେ କହିଛି ତା ଦେହଭଲନାହିଁ । ତେଣୁ ସେ ଦଉଡିଛି ଡାକ୍ତରଙ୍କ ପାଖକୁ, ଡାକ୍ତର ଔଷଧ ଦେଇଥିଲେ ବି ବାଛୁରିଟି ତାକୁ ଛାଡିନାହିଁ ପୁଣି ସଦେଇ ଯାଇଛି ଡାକ୍ତର ପାଖକୁ । ସଦେର ଜେଜିମା ଫେରିବାପରେ ଜାଣିପାରିଛି ଯେ ବାଛୁରୀଟି ବୟଂପ୍ରାପ୍ତି ହୋଇଛି । ତେଣୁ ସେ ରଡିଛାଡି ତା ପୁରୁଷ ସାଥୀକୁ ଖୋଜୁଛି । "ବର୍ଷ ବର୍ଷର ପାକଳ ଅଭିଜ୍ଞତାରେ ଶାଣିତ ଜେଜମାର ଆଖିକୁ ଚାନ୍ଦର ରୋଗର ଲକ୍ଷଣ ଧରା ପଡି ଯାଇଥିଲା ଏବଂ ସେ ସୂଚେଇ ଦେଲା ଚାନ୍ଦ ଗରମ ହୋଇଚି ।" (ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ, କୃପାସାଗର ସାହୁ) ମଣିଷମାନଙ୍କର ପଶୁମାନଙ୍କ ପ୍ରତି ରହିଥିବା ଭଲପାଇବାକୁ ନିଖୁଣ ଭାବରେ ପରିବେଶଣ କରଛନ୍ତି ଶ୍ରୀ ସାହୁ ଏହି ଗଳ୍ପରେ ।

'ହାତୀ ସହ ହାତାହାତି' ଗଳ୍ପରେ ମାନବେତର ଚରିତ୍ର ହାତୀ ମାନଙ୍କର କରୁଣ କାହାଣୀକୁ ଦେଖାଇଛନ୍ତି । ରାଜା ବାହାରିଛନ୍ତି ହାତୀ ଶିକାର କରିବାକୁ । ହାତୀ ଶିକାର ପାଇଁ ବିଭିନ୍ନ ଆୟୋଜନ କରାଯାଇଛି । ରାଜା ଆସି ପହଂଚିଛନ୍ତି । ହାତୀ ଶିକାର ଆରମ୍ଭ ହୋଇଯାଇଛି। ଖେଦାରେ ପଡି ଯାଇଛନ୍ତି ହାତୀ । କିନ୍ତୁ ସେଥିରୁ ବର୍ତ୍ତୀ ଯାଇଛି ହାତୀମାନଙ୍କ ଦଳପତି ଦନ୍ତା ସେ ନିଜେ ନିଜକୁ ଦୋଷି କରିଛି କାରଣ ଦଳପତି ହୋଇବି ବଂଚାଇପାରିଲାନି ସେମାନଙ୍କୁ । କିନ୍ତୁ ସେ ସେମାନଙ୍କୁ ଛାଡି ଯାଇନାହିଁ । ଧିକାର କରିଛି ମଣିଷ ସମାଜକୁ । "ଆକାଶରେ ପୂର୍ଣ୍ଣମୀର ଜହ୍ନ ହସୁଥିଲା । ତିଳ ତଣ୍ଡୁଳିତ ଜ୍ୟୋସ୍ନା ।

ISSN NO.
2582-208X

ଏମିତି ଜହ୍ନ ରାତରେ ସେମାନେ କୋଶକୋଶ ଧରି ଚାଲନ୍ତି । କ୍ଲାନ୍ତି ଲାଗେନା । ଆଜିର ଏ ଜହ୍ନରାତି ଦନ୍ତାକୁ ଦୁର୍ବିସହ ବୋଧ ହୋଇଥିଲା । ଜହ୍ନ ରାତିର ଶୀତଳତା, ବାଉଁଶ ବଣରେ ପବନର ସନସନ ଶବ୍ଦ, ରାତ୍ରିଚର ପକ୍ଷୀଙ୍କ କଳ କୂଜନ ତା ମନରେ ଶାନ୍ତି ଦେବା ପରିବର୍ତ୍ତେ ଅନେକ ଅଶୁଭ ଚିନ୍ତାର ଉଦ୍ରେକ କରୁଥିଲା । ମଣିଷମାନଙ୍କ ବିରୁଦ୍ଧରେ ତା'ର ମନ ବିଦ୍ରୋହ କରି ଉଠୁଥିଲା- ଆମେ ସବୁ ଜଙ୍ଗଲର ଜୀବ । ତମେ କିଆଁ ଆମକୁ ଧରିବ ମାରିବ, ବେଠି କରେଇବ । ପାହାଡ, ଜଂଗଲ କାଟିଲ, ଆମ ଖୋରାକ କମିଲା ବୋଲି ସିନା ଆମେ ବିଲକୁ ଗଡିଲୁ । ନହେଲେ ତମେ କିଏ ଅମେ କିଏ ?" (ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ, କୃପାସାଗର ସାହୁ )

'ମଣିଷ ଖିଆ ବାଘ' ଗଳ୍ପରେ ବାଘକୁ ମାନବେତର ଚରିତ୍ରଭାବରେ ଗ୍ରହଣକରି ଏହି ଗଳ୍ପଟି ରଚିତ ହୋଇଛି । ଦାରୁଠେଙ୍ଗା ଗାଁରେ ଗାଇଜଗିବାକୁ ଯାଇଥିବା ଦାସିଆକୁ ବାଘମାରି ଦେଇଛି । ଗ୍ରାମ ଲୋକମାନେ ନନ୍ଦନକାନନରେ ଅଭିଯୋଗ କରିଛନ୍ତି ଯେ ନନ୍ଦନକାନନରୁ ବାଘ ଖସିଯାଇ ମଣିଷ ଖାଉଛି ବୋଲି । ନନ୍ଦନକାନନରେ ଦେଖା ଦେଇଛି ବାଘୁଣୀ ଖୁଆଡ ଭିତରେ ଏକ ବାଘକୁ । ଯିଏ ବାରମ୍ବାର ତାର ଜାଲି ଡେଇଁ ଖୁଆଡ ଭିତରକୁ ପଶୁଥିଲା । ବାରମ୍ବାର ତାହାର ଆଗମନରୁ କର୍ମଚାରୀମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ବାଘୁଣୀର ଆକର୍ଷଣ ତାକୁ ଖୁଆଡ ଭିତରକୁ ଟାଣି ଆଣୁଛି ବୋଲି । "ତା' ଦିହରେ ଭରା ଜବାନୀ । ତା ଆଖିରେ ସାଥୀଟିଏ ପାଇବାର ନିଶା । ତେଣୁ ତିନିଦିନ ପରେ ପୁଣି ଆସିଲା । ଏଥର ତାରବାଡ ନିବୁଜ ଥିବାରୁ ସେ କୁଦାମାରି ଆସିଥିଲା । x xxxପରଦିନ ସକାଳେ ସେ ଖୁଆଡ ଭିତରେ ଅଝଟିଆ ପିଲାପରି ଗଡୁଥିଲା ବାବୁମାନେ ତା ପାଖକୁ ତାରକୁ ଛାଡି ଦେଲେ ତାର ପାଗଳାମି ଠିକ ହୋଇଯିବ ବୋଲି ଭାବି ତାରାର ଖୁଆଡର ରାସ୍ତା ଖୋଲିଦେଲେ । ତାରା ଆସି ତାର ଦିହସାରା ଚାଟି ପାକାଉଥାଏ । ତା ଦିହରେ ଗୁଡେଇ ତୁଡେଇ ହୋଇ ଖେଳିବାକୁ ଚାହୁଁଥାଏ ।" (ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ, କୃପାସାଗର ସାହୁ )

'ମୃଗୁଣୀ ସ୍ତୁତି' ଗଳ୍ପରେ ଅନେକ ମାନବେତର ଚରିତ୍ରଙ୍କୁ ଦେଖିବାକୁମିଳେ । ଗାଳ୍ପିକ କାହ୍ନା ଅଭୟାରଣ୍ୟ ବୁଲିବାକୁ ଯାଇଛନ୍ତି । ଲଙ୍ଗୁର ଚରିତ୍ରର ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି । ଲଙ୍ଗୁର ହେଉଛି ବଣର ଚୌକିଦାର । କୋଣସି ବିପଦ ଆସିଲେ ଲଙ୍ଗୁର ଗଛ ଡାଳକୁ ଝୁଣି ପକାଇ କୁହାଟ ପରେ କୁହାଟ ଛାଡିଥାଏ । ବଣର ଭାଇମାନଙ୍କୁ ଜଣାଇଦିଏ ସତର୍କ

ISSN NO.
2582-208X

ହୋଇଯାଅ ଭାଇମାନେ ବିପଦ ଆସିଗଲା । "ଏହି ସମୟରେ ଗୋଟିଏ ଉଚ୍ଚ ଗଛ ଉପରୁ ଏକ ଲଙ୍ଗରର ହୁଂକାର ଶୁଭିଲା । ଜିମ ବର୍ବେଟଙ୍କ ମ୍ୟାନ୍ ଇଟରସ ଅଫ କୁମାଓଁ ବହିରେ ପଢିଥିଲେ ଯେ ଏହି ଶାଖାମୃଗମାନେ ବଣର ଆତ୍ମ-ନିଯୁକ୍ତ ଚୌକିଦାର । ସେମାନେ ଗଛ ପଉରେ ଥାଇ ହିଂସ୍ର ଜନ୍ତୁମାନଙ୍କ ଗତିବିଧି ଉପରେ ତୀକ୍ଷଣ ନଜର ରଖିଥାନ୍ତି ଏବଂ ବିପଦର ସୂଚନା ମିଳିଲେ ତାଙ୍କ ଭାଷାରେ ସତର୍କ ଘି ବଜାନ୍ତି । ଗାଇଡ କହିଲା ସମସ୍ତେ ଚୁପ ହୋଇ ବସନ୍ତୁ । ମୋର ଅନୁମାନ ବୋଧେ ସତ । ଲଂଗୁରର ଦୃଷ୍ଟି ମହାବଳ ଉପରେ ପଡିଲାଣି ।" (ପକ୍ଷୀ ଜନ୍ମରୁ ପାରିକର, କୃପାସାଗର ସାହୁ) ଏହି ଗଳ୍ପରେ ମା ମୃଗୁଣୀର ତା ଶାବକପ୍ରତି ଭଲପାଇବାକୁ ଦେଖାଇ ଗାଳ୍ପିକ ଲେଖିଛନ୍ତି "ଗୁଣୀ ଜାଣିଥିଲା ତାର ଶାବକର ପାଦ ଗୋଡ ଏ ଯାଏ ଶକ୍ତ ହୋଇନି । ତା ସହ ତାଳ ଦେଇ ସେ ଆତ୍ମରକ୍ଷା ପାଇଁ ଦୌଡି ପାରିବନି । ହିଂସ୍ର ଜନ୍ତୁମାନଙ୍କର ପ୍ରଥମ ଲକ୍ଷ୍ୟ ଏହି ଦୁର୍ବଳ ଶାବକମାନେ । ତେଣୁ ସେ ଫେରିଆସି ଚାଟି ପାକାଇଲା ତା'ର ଶାବକଟିର ମୁହଁ ଓ ଦେହକୁ । ତା ଭାଷାରେ ସେ ବୋଧେ କିଛି ବୁଝାଉଥିଲା ତାକୁ ।" (ପକ୍ଷୀ ଜନ୍ମରୁ ପାରିକର, କୃପାସାଗର ସାହୁ)

'ଯୁଦ୍ଧ ଓ ଶାନ୍ତି' ଗଳ୍ପରେ କାଳିଆ ଓ କଷରା ଦୁଇଟି କୁକୁରକୁ ମାନବେତର ଚରିତ୍ର ଭାବରେ ଗ୍ରହଣ କରି ଗାଳ୍ପିକ ରଚନା କରିଛନ୍ତି । କାଳିଆ ଓ କଷରା ସବୁବେଳେ ନିଜନିଜ ଭିତରେ ଗଣ୍ଡୋଗଳ କରିଛନ୍ତି । ଯାହାଦ୍ୱାରା ଗାଳ୍ପିକ ଦେଖାଇବାକୁ ଚାହିଁଛନ୍ତି ଏ ଦୁନିଆରେ ସବୁବେଳେ କଳିଗୋଳ ଲାଗି ରହିଛି। । ଯାହାର କେବେ ଶେଷ ନାହିଁ, କି ଶାନ୍ତି ନାହିଁ । ପରାଜିତର ଉପରେ ବିଜିତର ଉପରେ ସାର୍ବଭୌମତ୍ୱ ହିଁ ଶାନ୍ତିର ବାହାକ ହୋଇପାରେ ଲେଖକ ଲେଖିଛନ୍ତି- "ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବୋମାରେ ବିଧ୍ୱଂସ୍ତ ହେବା ପରେ ଯାଇ ଜାପାନ ଆତ୍ମସମର୍ପଣ କଲା ଓ ଯୁଦ୍ଧ ବନ୍ଦ ହେଲା । ପ୍ରାଣୀ ଜଗତରେ ମଧ୍ୟ ଏହି ନିୟମ ପ୍ରଚଳିତ । ଯେଉଁ କୁକୁର ହାରିବ, ସେ ମଇଦାନ ତ୍ୟାଗ କରି ପଳାୟନ କରିବ ନତୁବା ଗୋଡ ଟେକି କାଏଁ କାଏଁ ରଡି କରିବ ମୋତେ ଛାଡିଦିଅ । ମୁଁ ତମର ଦାସାନୁ ଦାସ ହୋଇ ରହିଲି ।" (ପକ୍ଷୀ ଜନ୍ମରୁ ପାରିକର, କୃପାସାଗର ସାହୁ) ପଶୁ ସୁଲଭ ମାନବିକତାକୁ ଦେଖିବାକୁ ମିଳିଛି । ସେ ଦିନ ଚିରଶତ୍ରୁ କାଳିଆକୁ କାମୁଡିବାକୁ କସରା ମାଡିଆସିଥିଲେ ମଧ୍ୟ ଅଟକିଯାଇଥିଲା । "କଷରା ଗାଡି ସଡନ ବ୍ରେକ ଦେଲାପରି ଠିଆ ହୋଇ ଚିନ୍ତା କଲା ଏ କଣ ? କାଳିଆ ମୁହଁ ତଳକୁକରି କ'ଣ କରୁଛି ? ସାଧୁସନ୍ଥ ବନି ଜପାମାଳି ଧରି ବସିଚି ନା କଣ ? କୁଆଡେ ଗଲା ତାର ଉଗ୍ରରୂପ । କଷରା ଦୌଡି ଆସିଲା ତା ମାଲିକ ପାଖକୁ ଓ ଡାକିନେଲା କାଳିଆ ପାଖକୁ । କାଳିଆ ଗୋଡରୁ ରକ୍ତ ବୋହୁଥିଲା । କାଳିଆର

ISSN NO.
2582-208X

ଗୋଡ ଉପରେ ଗାଡି ଚଢ଼ିଯାଇଥିଲା । ମୋତେ ଦେଖି କାଳିଆ ଶୋଇବା ଜାଗାରୁ ଉଠିବାକୁ ଚେଷ୍ଟା କରୁଥିଲା । ଳଥ କରି ଖସିପଡିଲା । ମୋ ଆଡେ ସଜଳ ଚକ୍ଷୁରେ ଅନାଇ ବୋଧ ସେ ଅନୁନୟ କରୁଥିଲା । ମୋତେ ତଡିଦିଅନା । ମୋ ଗୋଡରେ ଗାଡି ଚଢ଼ିଯାଇଛି ।" (ପକ୍ଷୀ ଜନ୍ତୁରୁ ପାରିକର, କୃପାସାଗର ସାହୁ) ଭାଲୁ ବାହାଦୁର ଗଳ୍ପରେ ବାହାଦୁର କୁକୁର ଭାଲୁର କଥା କୁହାଯାଇଛି । ଖବରକାଗଜରେ ବାହାରିଛି ଭାଲୁର ବାହାଦୁରି ପଣିଆର ବିବରଣୀ ଭାଲୁ ବାହାଦୂର ଶୀର୍ଷକରେ । ଘରେ ସରସ୍ୱତୀ ପୂଜା ହେଉଥିବା ବେଳେ ସମସ୍ତେ ଭୋଜିଭାତରେ ବ୍ୟସ୍ତ ଥିବାବେଳେ ଘରେ ପସିବାକୁ ଚେଷ୍ଟା କରୁଥିବା ନାଗସାପକୁ ରୋକିଥିଲା ଭାଲୁ । "ନାଗସାପକୁ ଘର ଉପରକୁ ବଢିବାର ଦେଖି ଭାଲୁ ଆଉଟହାଉସ ସିଡି ଦେଇ ଉପରକୁ ଚଢିଲା । ଛାତ ଉପରେ ଦୁହେଁ ଭେଟାଭେଟି ହୋଇଗଲେ । ସାପଟି ଲାଞ୍ଜ ଉପରେ ଠିଆ ହୋଇ ଫଣାଟେକି ଫୁତକାର ଛାଡୁଥାଏ । ଭାଲୁ ପଛଗୋଡରେ ଠିଆ ହୋଇ ଆଗ ଦୁଇଗୋଡ ମେଲାଇ ଭୁକୁଥାଏ । କେହି ପଛକୁ ହଟୁନଥାନ୍ତି ।" (ପକ୍ଷୀ ଜନ୍ତୁରୁ ପାରିକର, କୃପାସାଗର ସାହୁ) ସ୍ନେକ ହେଲପଲାଇନ ର ଅର୍ଦ୍ଧେନ୍ଦୁ ମଲ୍ଲିକଙ୍କୁ ଫୋନ କଲାପରେ ସେ ସାପଟିକୁ ଧରିଥିଲେ । କୁକୁର ଭାଲୁର ସାହସିକତା ଯୋଗୁ ସେଦିନ ଲୋକମାନଙ୍କ ଜୀବନ ବଞ୍ଚି ଯାଇଥିଲା । ଏହି ଗଳ୍ପରେ ଦେଖିବାକୁ ମିଳିଛି କୁକର ମଧ୍ୟରେ ମାନବସୁଲଭ ଚିନ୍ତାଧାରା । ପ୍ରତିଦିନ କାମୁଡାକାମୁଡି ହେଉଥିଲେ ମଧ୍ୟ ବିପଦରେ ସମୟରେ ଜଣେ ଜଣକୁ ସାହାର୍ଯ୍ୟ କରିଛନ୍ତି । "କାଳିଆ ବେକରୁ ଏବଂ ପିଠିରୁ ଚମଡା ଛେଲି ହୋଇ ରକ୍ତ ଝରୁଥିଲା । ସେ ଗ୍ୟାରେଜ ଭିତରେ ପଶି ଚିତ୍କାର କରୁଥିଲା । ଏତିକିବେଳେ ମୁଁ ଦେଖିଲି ଏକ ଅଭାବିତ ଦୃଶ୍ୟ । ତା ସହିତ ନିତି ପ୍ରତି ଝଗଡା କରୁଥିବା ବଳିଆ ତାର କ୍ଷତସ୍ଥାନକୁ ଚାଟିପକାଇ କୁଁ କୁଁ ଶବ୍ଦ କରି ବୋଧେ ସମବେଦନାର ଭାଷା ଶୁଣାଉଥିଲା । ମନୁଷ୍ୟେତର ପ୍ରାଣୀଙ୍କର ଏଇ ଗୁଣଗ୍ରାମ ମୋତେ ଆକର୍ଷଣ କରେ । କ୍ଷଣିକରେ ସେମାନେ ରାଗ, ଅଭିମାନ ଭୁଲିଯାନ୍ତି । ପୁଣି ବନ୍ଧୁତାର ହାତ ବଢାଇ ଦିଅନ୍ତି । ମନୁଷ୍ୟଙ୍କ ପରି ଈର୍ଷା, ଅସୂୟା, ମାନ ଅଭିମାନକୁ ମନ ଭିତରେ ଗଣ୍ଠିଧନ ପରି ବାନ୍ଧି ରଖନ୍ତି ନାହିଁ ।" (ପକ୍ଷୀ ଜନ୍ତୁରୁ ପାରିକର, କୃପାସାଗର ସାହୁ) ମଣିଷମାନଙ୍କର ମଣିଷମାନଙ୍କ ପ୍ରତି ଈର୍ଷା ନକରି ବନ୍ଧୁତ୍ୱର ବନ୍ଧନରେ ବାନ୍ଧି ହୋଇ ସମସ୍ତେ ସମସ୍ତଙ୍କ ସୁଖରେ ଦୁଃଖରେ ଛିଡା ହେବା କଥା ଦେଖାଇଛନ୍ତି ଗାଳ୍ପିକ । ଏହି ମାନବେତର ଚରିତ୍ର ଦୁଇଟି କୁକୁର ମାଧ୍ୟମରେ ।

ISSN NO.
2582-208X

ଗାଳ୍ପିକ ଶ୍ରୀ କୃପାସାଗର ସାହୁଙ୍କ ମାନବେତର ଚରିତ୍ରମାନେ ମାନବିକ ସମ୍ବେଦନାରେ ପରିପୂର୍ଣ୍ଣ । ଏମାନଙ୍କ ଠାରେ ମାନବସୁଲଭ ଗୁଣକୁ ଦେଖାଇଛନ୍ତି ଗାଳ୍ପିକ । ଏମାନେ କଥାକହି ନପାରୁଥିଲେ ମଧ୍ୟ ସେମାନଙ୍କ କାର୍ଯ୍ୟକଳାପ ଗୁଡିକରୁ ଜଣାଯାଏ ସେମାନେ ଆର୍ଦୌଇତର ନୁହନ୍ତି । ମାନବେତର ଚିତ୍ର ମାନଙ୍କରେ ମହନୀୟତାକୁ ସହୃଦୟ ସହକାରେ ଗାଳ୍ପିକ ଅନୁଭବ କରିଗଳ୍ପରେ ଉପସ୍ଥାପନ କରିଛନ୍ତି, ତାହା ଅନନ୍ୟ ସାଧାରଣ ।

ଗବେଷକ

ISSN NO.
2582-208X

# ଶୁଭଶିଷ ସବୁରି ପାଇଁ



ଗୁପ୍ତେଶ୍ୱର ଗୃନ୍ଧ

ସୂରୁଯ ଉଇଁଲେ କେବଳ ଧନୀଙ୍କ
ଉପରେ ପଡ଼େ କି କିରଣ ?
ଜହ୍ନର ଜୋଛନା ଏକାକୀ ଜ୍ଞାନୀର
କ୍ଳାନ୍ତି କରଇ କି ହରଣ ??
ନୀର ନଈର
ନିବାରେ କି ତଷାପକ୍ଷୀର
କଳାମେଘ ନଭୁ ବରଷିଲେ ବାରି
ଭିଜାଏ କି ତନୁ ତରୁର???।।୧
ରଜନୀ ପାହିଲେ ଖାଲି ନିଦ ଭାଙ୍ଗେ
କାଉ ରାବରେ କି ଚଷାର ?
ଶୀତଦିନେ ଦୀନ ଭୋଗେ କି ଯାତନା
ନିଶିରେ ପଡ଼ିଲେ ତୁଷାର??
ଫୁଲ ଫୁଟିଲେ
ବାସ କି ଚହଟେ ବଣର
ବସନ୍ତ ଋତୁରେ ପିକ ରାବ ଖାଲି
ଶୁଭେ କି କର୍ଣ୍ଣ ରେ କବିର???।। ୨
ରୋଗ ବ୍ୟାଧି ହେଲେ ମଜୁରିଆ ଦେହ
ଲଭେ କି ଦୁଃସହ ଯନ୍ତ୍ରଣା ?
ବାର୍ଦ୍ଧକ୍ୟ ଆସିଲେ କେବଳ ଶୂଦ୍ର କି
ଏକା ଯାଏ ଯମ ପାଟଣା??

ISSN NO.
2582-208X

ରାଜା ଜୀବନେ
ଆସେ ଏକା କି ଯଉବନ
ସଂସାର ନିୟମ ସମସ୍ତଙ୍କ ଲାଗି
ଏକଇ ନୁହେଁ ଭିନ୍ନ ଭିନ୍ନ ।। ୩
ପିମ୍ପୁଡ଼ି ପାଖରୁ ମତ୍ତ ଗଜ ଯାଏ
ହରିଣ ଶଶା ସିଂହ ଛାଗ ।
ହଂସ ତାମ୍ରଚୂଡ଼ ଉଲୁକ କଇଁଛ
କୁମ୍ଭୀର ସରୀସପନାଗ ।
ମୀନ ମଣ୍ଡୁକ
ସରବେ ଇଶ୍ୱରଙ୍କ ଅଂଶ
ବିଛୁଆତି ବାଇଡଙ୍କ ଠାରୁ ବାସ
ଚନ୍ଦନ କଣ୍ଟକ ବିଶେଷ ।। ୪
ଦେବ ଦାନବ ଗନ୍ଧର୍ବ ଯକ୍ଷ ନର
ଦୁଷ୍ଟ ଶିଷ୍ଟ ସାଧୁ ସଜ୍ଜନ ।
ଶିକ୍ଷିତ, ମୁରୁଖ, ରୋଗୀ, ଦୁଃଖୀ, ଶୂଦ୍ର
ବୈଶ୍ୟ କ୍ଷତ୍ରିୟ ବିପ୍ରଜନ ।
ନାରୀ ପୁରୁଷ
ଅଲୋଡ଼ା ଜଣେ କେହି ନାହିଁ ।
ସମସ୍ତଙ୍କ ପରେ ଅଛି ଦୟା ଦୃଷ୍ଟି
ଶୁଭାଶିଷ ସବୁରି ପାଇଁ ।।

ସମାସିଂହା, ଝାରସୁଗୁଡା
ମୋ. 7683841064

ISSN NO.
2582-208X

# ମାଗୋ ଶୈଳପୁତ୍ରୀ



ଦଶରଥ ମାଝୀ

ମାଗୋ ଶୈଳପୁତ୍ରୀ ନବ ଦୁର୍ଗା ମଧ୍ୟେ
ପ୍ରଥମ ଦୁର୍ଗା ହୋଇଲ
ମାଗୋ ଦୁଇ ହସ୍ତ ବାମ ହସ୍ତଠାରେ
ପ୍ରସ୍ଫୁଟିତ ପଦ୍ମଫୁଲ (1)
ମାଁ ଅନ୍ୟ ହସ୍ତରେ ତ୍ରିଶୂଳ ଧାରଣ
ମଥାରେ ସ୍ୱର୍ଣ୍ଣ ମୁକୁଟ
ମାଗୋ ସୁସଜ୍ଜିତ ବୃଷଭ ବାହାନେ
ଅଧିଷ୍ଠିତା ହେଲ ମାତ (2)
ଅଳଙ୍କାର ଯୁକ୍ତା ଶୈଳପୁତ୍ରୀ ମାଗୋ।
ଲାଲ ବସ୍ତ୍ର ପରିହିତା।
ଦୁର୍ଗାଙ୍କ ନିକଟେ ପହଞ୍ଚି ଗଲ ମାଁ
ଯେବେ ଡାକିଲେ ଦେବତା (3)
ଦେବତା ମାନଙ୍କ ଅନୁରୋଧ ଲାଗି
ହେଲ ମାଗୋ ଅବତୀର୍ଣ୍ଣ
ଦେବତା ମାନଙ୍କ କାର୍ଯ୍ୟ ସିଦ୍ଧି ସହ
ମନୋବାଞ୍ଛାର ପୂରଣ (4)
ଶିବଙ୍କର ତପ ପୂରଣ କଲ ମାଁ
ଦେଇଥିଲ ଶକ୍ତି ଲାଭ
ପୁଣି ଥରେ ମାଗୋ ଅବତୀର୍ଣ୍ଣ ହୋଇ
ସବୁ କାର୍ଯ୍ୟ କର ଶୁଭ (5)

କୁରୁମାତୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ :8249212472

ISSN NO.
2582-208X

# 'ନାଳନ୍ଦା' ଭାରତର ସମୃଦ୍ଧ ଶୈକ୍ଷିକ ଏବଂ ସାଂସ୍କୃତିକ ଐତିହ୍ୟ'ର ପ୍ରମାଣ!



ଅସିତ ମହାନ୍ତ

ନାଳନ୍ଦା କେବଳ ଏକ ବିଶ୍ୱବିଦ୍ୟାଳୟ ନଥିଲା - ଏହା ଏକ ସଭ୍ୟତାର ଆଲୋକମାଳ ଥିଲା। ଏହାର ଉଜ୍ଜ୍ୱଳତା ଅନେକ କାରଣର ସଙ୍ଗମରୁ ଆସିଥିଲା ଯାହା ଏହାକୁ ପ୍ରାଚୀନ ଇତିହାସରେ ଶିକ୍ଷାର ସର୍ବୋତ୍ତମ କେନ୍ଦ୍ର ମଧ୍ୟରୁ ଗୋଟିଏ କରିଥିଲା: ବୌଦ୍ଧିକ ଚୁମ୍ବକବାଦ: ଗୁପ୍ତ ରାଜବଂଶର କୁମାରଗୁପ୍ତ ପ୍ରଥମଙ୍କ ଦ୍ୱାରା ୫ମ ଶତାବ୍ଦୀରେ ପ୍ରତିଷ୍ଠିତ, ନାଳନ୍ଦା ସମଗ୍ର ଏସିଆର ବିଦ୍ୱାନମାନଙ୍କୁ ଆକର୍ଷିତ କରିଥିଲା - ଚୀନ୍, କୋରିଆ, ତିବ୍ବତ, ଜାପାନ ଏବଂ ଦକ୍ଷିଣ ପୂର୍ବ ଏସିଆ। ଏହା ଏକ ବହୁବିଧ ପାଠ୍ୟକ୍ରମ ପ୍ରଦାନ କରିଥିଲା: ବୌଦ୍ଧ ଦର୍ଶନ, ତର୍କ, ବ୍ୟାକରଣ, ଔଷଧ, ଜ୍ୟୋତିର୍ବିଜ୍ଞାନ, ଗଣିତ, ଏବଂ ଏପରିକି ସୂକ୍ଷ୍ମ କଳା ଏବଂ ଧନୁବିଦ୍ୟା। ନାଗାର୍ଜୁନ, ଆର୍ଯ୍ୟଭଟ୍ଟ, ଧର୍ମକୀର୍ତ୍ତି ଏବଂ ଜୁଆନଜାଙ୍ଗଙ୍କ ପରି ପ୍ରଖ୍ୟାତ ବିଦ୍ୱାନମାନେ ଏଠାରେ ଅଧ୍ୟୟନ କରିଥିଲେ କିମ୍ବା ଶିକ୍ଷା ଦେଇଥିଲେ। ଅନ୍ୟ କୌଣସି ପରି ଏକ ପାଠାଗାର: ନାଳନ୍ଦାର ପାଠାଗାର, ଧର୍ମଗଞ୍ଜ, ତିନୋଟି କୋଠାରେ ବିଭକ୍ତ ଥିଲା - ରତ୍ନସାଗର, ରତ୍ନଦଧି ଏବଂ ରତ୍ନରଞ୍ଜକ - ଏବଂ ଲକ୍ଷ ଲକ୍ଷ ପାଣ୍ଡୁଲିପି ରଖାଯାଇଥିଲା। ଏହା ଏତେ ବିଶାଳ ଥିଲା ଯେ ଦ୍ୱାଦଶ ଶତାବ୍ଦୀରେ ଆକ୍ରମଣକାରୀଙ୍କ ଦ୍ୱାରା ଧ୍ୱଂସ ପାଇଲା ପରେ, ମାସ ମାସ ଧରି ନିଆଁ ଜଳୁଥିବାର ରିପୋର୍ଟ ରହିଛି।

ସାଂସ୍କୃତିକ କ୍ରମ: ନାଳନ୍ଦା ପରମ୍ପରାର ଏକ ମିଶ୍ରଣ ଥିଲା - ବୌଦ୍ଧ ଏବଂ ଅଣ-ବୌଦ୍ଧ ଗ୍ରନ୍ଥଗୁଡ଼ିକ ଏକତ୍ର ଅଧ୍ୟୟନ କରାଯାଉଥିଲା। ଏହା ଚିନ୍ତାର ସ୍ୱାଧୀନତା ଏବଂ କଠୋର ବିତର୍କକୁ ମୂର୍ତ୍ତିମନ୍ତ କରିଥିଲା, ପ୍ରବେଶ ପରୀକ୍ଷା ଏତେ କଠିନ ଥିଲା ଯେ କେବଳ କିଛି ବିଦ୍ୱାନଙ୍କୁ ପ୍ରବେଶ ଦିଆଯାଇଥିଲା। ଗୁରୁ-ଶିଷ୍ୟ ପରମ୍ପରା ଏଠାରେ ବିକଶିତ ହୋଇଥିଲା, ନୈତିକ ଆଚରଣ, ବୌଦ୍ଧିକ ଶୃଙ୍ଖଳା ଏବଂ ପାରସ୍ପରିକ ସମ୍ମାନ ଉପରେ ଗୁରୁତ୍ୱ

ISSN NO.
2582-208X

ଦେଉଥିଲା। ଐତିହ୍ୟ ଏବଂ ଶ୍ରଦ୍ଧା: ନାଳନ୍ଦାର ପ୍ରଭାବ ସମଗ୍ର ଏସିଆରେ ମଠ ଶିକ୍ଷାକୁ ଆକୃତି ଦେଇଥିଲା, ଏବଂ ଏହାର ପୂର୍ବତନ ଛାତ୍ରମାନେ ବିଶ୍ୱ ସ୍ତରରେ ଭାରତୀୟ ଦର୍ଶନ ଏବଂ ବିଜ୍ଞାନ ପ୍ରସାର କରିବାରେ ସାହାଯ୍ୟ କରିଥିଲେ। ଆଜି, ଏହା ଏକ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ, ଏବଂ ଏହାର ଆତ୍ମାକୁ ପୁନର୍ଜୀବିତ କରିବାର ପ୍ରୟାସ ଆଧୁନିକ ନାଳନ୍ଦା ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଜାରି ରହିଛି। ନାଳନ୍ଦା କେବଳ ଜ୍ଞାନରେ ପରିପୂର୍ଣ୍ଣ ନଥିଲା - ଏହା ଗତିଶୀଳ ଜ୍ଞାନ ଥିଲା, ସୀମା, ପିଢ଼ି ଏବଂ ଶୃଙ୍ଖଳା ଦେଇ ପ୍ରବାହିତ ହେଉଥିଲା। ଆପଣ କଣ ଅନୁସନ୍ଧାନ କରିବାକୁ ଚାହାଁନ୍ତି ଯେ ଏହାର ଐତିହ୍ୟ ଆଧୁନିକ ବିଶ୍ୱବିଦ୍ୟାଳୟ ସହିତ କିପରି ତୁଳନା କରେ କିମ୍ବା ଏହା ତିବ୍ବତୀୟ ଏବଂ ପୂର୍ବ ଏସୀୟ ଚିନ୍ତାଧାରାକୁ କିପରି ପ୍ରଭାବିତ କରିଥିଲା?

ନାଳନ୍ଦା ନାମ ସ୍ତରୀଭୂତ ଅର୍ଥ ଏବଂ ସାଂସ୍କୃତିକ ପ୍ରତୀକରେ ପରିପୂର୍ଣ୍ଣ। କିଛି ଆକର୍ଷଣୀୟ ବ୍ୟାଖ୍ୟା ଏ ବିଷୟରେ ରହିଛି: ସର୍ବାଧିକ ଗୃହୀତ ଉତ୍ପତ୍ତି ତିନୋଟି ସଂସ୍କୃତ ଶବ୍ଦ: ନା, ଆଲମ ଏବଂ ଦାରୁ ହୋଇଛି - ଯାହାର ଏକତ୍ର ଅର୍ଥ ହେଉଛି "ଜ୍ଞାନର ଦାନ ବନ୍ଦ ନ ହେବା" କିମ୍ବା "ଅସୀମିତ ଦାନ"। ଏହା ନାଳନ୍ଦାର ଅବିରତ ଶିକ୍ଷା ଏବଂ ବୌଦ୍ଧିକ ଉଦାରତାର କେନ୍ଦ୍ର ଭାବରେ ଐତିହ୍ୟ ସହିତ ସୁନ୍ଦର ଭାବରେ ସମନ୍ୱିତ ହୁଏ। ବିଶ୍ୱର ପ୍ରଥମ ଆବାସିକ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଗୋଟିଏ ନାଳନ୍ଦା, ଏହାର ଇତିହାସରେ ଅନେକ ଧ୍ୱଂସର ସମ୍ମୁଖୀନ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଶେଷ ଧ୍ୱଂସ ଖ୍ରୀଷ୍ଟାବ୍ଦ ୧୧୯୩ ମସିହାରେ ଘଟିଥିଲା ଯେତେବେଳେ ତୁର୍କୀ ସାମରିକ ସେନାପତି ବଖତିଆର ଖିଲଜୀ ଏହି ଅଞ୍ଚଳ ଆକ୍ରମଣ କରିଥିଲେ। ନାଳନ୍ଦା ବିଶ୍ୱବିଦ୍ୟାଳୟର ନାମ ପ୍ରାଚୀନ ନାଳନ୍ଦା ମହାବିହାର ନାମରେ ନାମିତ ହୋଇଛି, ଏହା ଏକ ପ୍ରସିଦ୍ଧ ବୌଦ୍ଧ ଶିକ୍ଷା କେନ୍ଦ୍ର ଯାହା ୫ମ ଶତାବ୍ଦୀରୁ ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତରେ ବିକଶିତ ହୋଇଥିଲା। ୨୦୧୦ ମସିହାରେ ପ୍ରତିଷ୍ଠିତ ଆଧୁନିକ ନାଳନ୍ଦା ବିଶ୍ୱବିଦ୍ୟାଳୟ ଏହି ଐତିହାସିକ ପ୍ରତିଷ୍ଠାନର ଆତ୍ମାକୁ ପୁନର୍ଜୀବିତ କରିବା ଏବଂ ଆନ୍ତର୍ଜାତୀୟ ଶିକ୍ଷା ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହା ଭାରତର ସମୃଦ୍ଧ ଶୈକ୍ଷିକ ଐତିହ୍ୟ ଏବଂ ବିଶ୍ୱ ବୌଦ୍ଧିକ ଆଦାନପ୍ରଦାନର ପ୍ରତୀକ ଭାବରେ ଠିଆ ହୋଇଛି।

ନାଳନ୍ଦା ଧ୍ୱଂସର ମୁଖ୍ୟ ବିନ୍ଦୁ: ବଖତିଆର ଖିଲଜୀଙ୍କ ଆକ୍ରମଣ: ଭାରତୀୟ ସଭ୍ୟତା ଏବଂ ଏହାର ବିଦ୍ୱାନ ପରମ୍ପରା ପ୍ରତି ତାଙ୍କର ଶତ୍ରୁତା ଯୋଗୁଁ ଖିଲଜୀ ନାଳନ୍ଦା ଉପରେ ଏକ

ISSN NO.
2582-208X

ନୃଶଂସ ଆକ୍ରମଣର ନେତୃତ୍ୱ ନେଇଥିଲେ। ତାର ସୈନ୍ୟମାନେ ବିଶ୍ୱବିଦ୍ୟାଳୟର କୋଠାଗୁଡ଼ିକୁ ନିଆଁ ଲଗାଇ ଦେଇଥିଲେ, ଯେଉଁଥିରେ ଏହାର ବିଶାଳ ପାଠାଗାର ମଧ୍ୟ ସାମିଲ ଥିଲା, ଯେଉଁଥିରେ ପାଣ୍ଡୁଲିପି ଏବଂ ପାଠ୍ୟଗୁଡ଼ିକର ଏକ ବିସ୍ତୃତ ସଂଗ୍ରହ ଥିଲା।

ବିଦ୍ୱାନଙ୍କ ହତ୍ୟାକାଣ୍ଡ: ଏହି ଆକ୍ରମଣ ନାଳନ୍ଦାରେ ରହୁଥିବା ଭିକ୍ଷୁ ଏବଂ ବିଦ୍ୱାନଙ୍କ ହତ୍ୟାକାଣ୍ଡ ଦ୍ୱାରା ଚିହ୍ନିତ ହୋଇଥିଲା। ଏହି ହିଂସାକାଣ୍ଡର ଉଦ୍ଦେଶ୍ୟ ଏହି ଅଞ୍ଚଳର ବୌଦ୍ଧିକ ଏବଂ ସାଂସ୍କୃତିକ ଐତିହ୍ୟକୁ ଲୋପ କରିବା ଥିଲା।

ଜ୍ଞାନର କ୍ଷତି: ନାଳନ୍ଦାର ପାଠାଗାରର ଧ୍ୱଂସ, ଯାହାକୁ ସମ୍ପୂର୍ଣ୍ଣ ଜଳିବାକୁ ମାସ ମାସ ଲାଗିଥିଲା ବୋଲି ଜଣାପଡୁଛି, ଫଳରେ ଜ୍ଞାନ ଏବଂ ସାଂସ୍କୃତିକ ଐତିହ୍ୟର ପ୍ରଚୁର କ୍ଷତି ହୋଇଥିଲା। ଏହି ପାଠାଗାରରେ ବୌଦ୍ଧ ଧର୍ମ, ତର୍କ, ବ୍ୟାକରଣ, ଔଷଧ ଏବଂ ଗଣିତ ସମେତ ବିଭିନ୍ନ ବିଷୟ ଉପରେ ଅମୂଲ୍ୟ ପାଠ୍ୟ ଥିଲା। ଏହାର ଧ୍ୱଂସ ସତ୍ତ୍ୱେ, ନାଳନ୍ଦାର ଐତିହ୍ୟ ବିଶ୍ୱ ଶିକ୍ଷା ଏବଂ ସଂସ୍କୃତିରେ ଏହାର ଅବଦାନ ମାଧ୍ୟମରେ ଅଟଳ ରହିଛି। ନାଳନ୍ଦାର ଧ୍ୱଂସାବଶେଷ ବର୍ତ୍ତମାନ ୟୁନେସ୍କୋର ବିଶ୍ୱ ଐତିହ୍ୟସ୍ଥଳ, ଏବଂ ରାଜଗିରରେ ନୂତନ ନାଳନ୍ଦା ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠାନ ସହିତ ଏହାର ଆତ୍ମାକୁ ପୁନର୍ଜୀବିତ କରିବାର ପ୍ରୟାସ ଜାରି ରହିଛି। ବଖତିଆର ଖିଲଜୀ କିଏ ଥିଲେ ଏବଂ ସେ କାହିଁକି ନାଳନ୍ଦାକୁ ଧ୍ୱଂସ କରିଥିଲେ? ବଖତିଆର ଖିଲଜୀ, ଯାହାକୁ ଇଖ ତିଆର ଅଲ-ଦିନ ମହମ୍ମଦ ବଖତିଆର ଖିଲଜୀ ଭାବରେ ମଧ୍ୟ ଜଣାଶୁଣା, ଘୁରିଦ ରାଜବଂଶର ଅଧୀନରେ ଜଣେ ତୁର୍କୀ ବଂଶୋଦ୍ଭବ ସାମରିକ ସେନାପତି ଥିଲେ। ସେ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ନାଳନ୍ଦା ବିଶ୍ୱବିଦ୍ୟାଳୟ ଉପରେ ତାଙ୍କର ନିଷ୍ଠୁର ବିଜୟ ପାଇଁ କୁଖ୍ୟାତ।

ଖିଲଜୀଙ୍କ ନାଳନ୍ଦାର ଧ୍ୱଂସ ଭାରତୀୟ ଉପମହାଦେଶକୁ ଜୟ ଏବଂ ନିୟନ୍ତ୍ରଣ କରିବା ପାଇଁ ତାଙ୍କର ବ୍ୟାପକ ଅଭିଯାନର ଏକ ଅଂଶ ଥିଲା। ବଙ୍ଗଳାକୁ ସୁରକ୍ଷିତ କରିବା ପରେ, ସେ ବିହାରକୁ ଧ୍ୟାନ ଦେଇଥିଲେ, ଏକ ଅଞ୍ଚଳ ଯାହା ଏହାର ସମୃଦ୍ଧି ଏବଂ ବିଦ୍ୱାନ ଗୁରୁତ୍ୱ ପାଇଁ ଜଣାଶୁଣା। ନାଳନ୍ଦା ଉପରେ ତାଙ୍କର ଆକ୍ରମଣ କେବଳ ଏକ ସାମରିକ ବିଜୟ ନୁହେଁ ବରଂ ଭାରତର ବୌଦ୍ଧିକ ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ମଧ୍ୟ ଏକ ଆକ୍ରମଣ ଥିଲା। ବୌଦ୍ଧ ଦର୍ଶନ, ଗଣିତ, ଜ୍ୟୋତିର୍ବିଜ୍ଞାନ, ଔଷଧ ଏବଂ ଅନ୍ୟାନ୍ୟ ବିଭିନ୍ନ ବିଜ୍ଞାନର କେନ୍ଦ୍ରସ୍ଥଳ ଥିବା ଏହି ବିଶ୍ୱବିଦ୍ୟାଳୟ ଧ୍ୱଂସପ୍ରାପ୍ତ ହୋଇଗଲା। ନାଳନ୍ଦାର ଧ୍ୱଂସ ଯୋଗୁଁ ଅଗଣିତ ପାଣ୍ଡୁଲିପି ନଷ୍ଟ ହୋଇଗଲା ଏବଂ ଅନେକ ବିଦ୍ୱାନ ଏବଂ ସନ୍ନ୍ୟାସୀଙ୍କ ହତ୍ୟାକାଣ୍ଡ

ISSN NO.
2582-208X

ଘଟିଥିଲା। ଏହି ଘଟଣା ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଘାତ ଥିଲା ଏବଂ ଏହି ଅଞ୍ଚଳରେ ବୌଦ୍ଧ ଧର୍ମର ପତନରେ ସହାୟକ ହୋଇଥିଲା। ତିବ୍ବତୀୟ ଉତ୍ସ ଏବଂ ପରବର୍ତ୍ତୀ ଇତିହାସକାରମାନେ ନାଳନ୍ଦାର ପାଠାଗାର ପୋଡ଼ିବା ବିଷୟରେ ବର୍ଣ୍ଣନା କରନ୍ତି, ଯେଉଁଥିରେ ମାସ ମାସ ଧରି ନିଆଁ ଲାଗିଥିଲା ଏବଂ ଲକ୍ଷ ଲକ୍ଷ ପାଣ୍ଡୁଲିପି ନଷ୍ଟ ହୋଇଯାଇଥିଲା। ଖିଲଜୀଙ୍କ ପୂର୍ବ ଅଭିଯାନ ସମୟରେ ନାଳନ୍ଦା ଧ୍ୱଂସପ୍ରାପ୍ତ ହୋଇଥିଲା। ବିଶ୍ୱବିଦ୍ୟାଳୟ କେବେବି ପୁନରୁଦ୍ଧାର ହୋଇପାରିଲା ନାହିଁ, ଭାରତରେ ବୌଦ୍ଧ ଛାତ୍ରବୃତ୍ତିର ସୁବର୍ଣ୍ଣ ଯୁଗର ଶେଷ ହୋଇଥିଲା। ଏହି ଘଟଣାକୁ ପ୍ରାୟତଃ ଉପମହାଦେଶରେ ବୌଦ୍ଧ ଧର୍ମର ପତନର ଏକ ମୋଡ଼ ଭାବରେ ଦେଖାଯାଏ।

ବଖତିଆର୍ ଖିଲଜୀଙ୍କ ବିଜୟର ଦୀର୍ଘକାଳୀନ ପ୍ରଭାବ - ବିଶେଷକରି ନାଳନ୍ଦା ଏବଂ ଅନ୍ୟାନ୍ୟ ବୌଦ୍ଧ କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିବା - ଗଭୀର ଏବଂ ସୁଦୂର ପ୍ରସାରୀ ଥିଲା। ଏହା କେବଳ ଏକ ସାମରିକ ଅଭିଯାନ ନଥିଲା; ଏହା ଏକ ସଭ୍ୟତାଗତ ବିଚ୍ଛେଦକୁ ଚିହ୍ନିତ କରିଥିଲା। ମଠ ଭିତ୍ତିଭୂମିର ପତନ: ନାଳନ୍ଦା, ବିକ୍ରମଶିଳା ଏବଂ ଓଦନ୍ତପୁରୀ ଭଳି ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କର ପାଠାଗାର ଏବଂ ମଠ ସମ୍ପ୍ରଦାୟ ସହିତ ନଷ୍ଟ ହୋଇଗଲା। ଏହି ପ୍ରତିଷ୍ଠାନଗୁଡ଼ିକ ଶତାବ୍ଦୀ ଧରି ବୌଦ୍ଧ ପାଣ୍ଡିତ୍ୟର ମେରୁଦଣ୍ଡ ଥିଲା। ସେମାନଙ୍କର କ୍ଷତି ଭାରତରେ ସଂଗଠିତ ବୌଦ୍ଧ ଶିକ୍ଷାର ଅନ୍ତ ଘଟାଇଥିଲା। ବୌଦ୍ଧ ସଂଘର ପତନ: ହଜାର ହଜାର ଭିକ୍ଷୁଙ୍କୁ ହତ୍ୟା କରାଯାଇଥିଲା କିମ୍ବା ନେପାଳ, ତିବ୍ବତ ଏବଂ ଦକ୍ଷିଣ-ପୂର୍ବ ଏସିଆକୁ ପଳାଇବାକୁ ବାଧ୍ୟ କରାଯାଇଥିଲା। ମଠ ନେତୃତ୍ୱ ବିନା, ବୌଦ୍ଧ ସମ୍ପ୍ରଦାୟ ଖଣ୍ଡ ଖଣ୍ଡ ହୋଇଯାଇଥିଲା ଏବଂ ଅନେକ ଧୀରେ ଧୀରେ ହିନ୍ଦୁ ପରମ୍ପରାରେ ସାମିଲ ହୋଇଯାଇଥିଲେ।

ପୃଷ୍ଠପୋଷକତାର ଅବକ୍ଷୟ: ଇସଲାମିକ ଶାସନର ଉତ୍ଥାନ ଏବଂ ବ୍ରାହ୍ମଣ ହିନ୍ଦୁ ଧର୍ମର ପ୍ରାଧାନ୍ୟ ସହିତ, ବୌଦ୍ଧ ରାଜକୀୟ ଏବଂ ଅଭିଜାତ ପୃଷ୍ଠପୋଷକତା ହରାଇଥିଲା। ବୌଦ୍ଧ ପ୍ରତିଷ୍ଠାନଗୁଡ଼ିକୁ ପୁନରୁଦ୍ଧାର କରିବାର ପ୍ରୟାସ ବିଫଳ ହୋଇଥିଲା, କାରଣ 13 ଶତାବ୍ଦୀ ସୁଦ୍ଧା ଅବଶିଷ୍ଟ ୨0% ବୌଦ୍ଧ ହିନ୍ଦୁ ଧର୍ମକୁ ପୁନଃପରିବର୍ତ୍ତିତ ହୋଇଥିଲେ।

ବୌଦ୍ଧ ଉପକେନ୍ଦ୍ରର ପରିବର୍ତ୍ତନ: ଭାରତ ବୌଦ୍ଧ ଧର୍ମର ବୌଦ୍ଧିକ ଏବଂ ଆଧ୍ୟାତ୍ମିକ କେନ୍ଦ୍ର ହେବା ବନ୍ଦ କରିଦେଇଥିଲା। ମଶାଲ ତିବ୍ବତ, ଶ୍ରୀଲଙ୍କା ଏବଂ ଦକ୍ଷିଣ-ପୂର୍ବ ଏସିଆକୁ ଚାଲିଗଲା, ଯେଉଁଠାରେ ବୌଦ୍ଧ ପରମ୍ପରା ସ୍ୱାଧୀନ ଭାବରେ ବିକଶିତ ହୋଇଥିଲା।

ISSN NO.
2582-208X

ବୈଜ୍ଞାନିକ ଏବଂ ଦାର୍ଶନିକ ଜ୍ଞାନର କ୍ଷତି: ନାଳନ୍ଦାର ଧ୍ୱଂସକୁ ଜ୍ୟୋତିର୍ବିଜ୍ଞାନ, ଔଷଧ ଏବଂ ତର୍କ ଭଳି କ୍ଷେତ୍ରରେ ପ୍ରାଚୀନ ଭାରତୀୟ ବୈଜ୍ଞାନିକ ଅନୁସନ୍ଧାନର ଏକ ପ୍ରତୀକାତ୍ମକ ଅନ୍ତ ଭାବରେ ଦେଖାଯାଏ । ଅଗ୍ନିକାଣ୍ଡରେ ହଜିଯାଇଥିବା ପାଣ୍ଡୁଲିପିଗୁଡ଼ିକ ଅପରିବର୍ତ୍ତନୀୟ ଥିଲା, ଯାହା ଶତାବ୍ଦୀର ସଞ୍ଚିତ ଜ୍ଞାନ ସହିତ ସଂଯୋଗକୁ ଛିନ୍ନ କରିଥିଲା। ସାଂସ୍କୃତିକ ସ୍ମୃତି ଏବଂ ଆଘାତ: ଏହି ଘଟଣା ବୌଦ୍ଧ ଏବଂ ଭାରତୀୟ ଐତିହାସିକ ଚେତନା ପାଇଁ ଏକ ସତର୍କତାମୂଳକ କାହାଣୀ ପାଲଟିଥିଲା। ଏହାକୁ ପ୍ରାୟତଃ ବହୁଳବାଦର ପତନ ଏବଂ ଅନନ୍ୟତାବାଦୀ ଚିନ୍ତାଧାରାର ଉତ୍ଥାନରେ ଏକ ପରିବର୍ତ୍ତନ ବିନ୍ଦୁ ଭାବରେ ଉଲ୍ଲେଖ କରାଯାଏ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ISSN NO.
2582-208X

# ଜୀବନଟା ଅଭିନୟ



ପବିତ୍ର ନାରାୟଣ ବେହେରା

ନାୟକ ନୁହେଁ କି ଗାୟକ ନୁହେଁ ମୁଁ
ଶୂନ୍ୟ ମୋର ପରିଚୟ
ଚାଲିବା ବାଟରେ ଝୁଣ୍ଟି ମୁଁ ପଡୁଛି
ଏଇ ମୋର ଅଭିନୟ ।

ଦି ଦିନର ଏଇ ଜୀବନ ପଥରେ
ପଥ ମୋ କଣ୍ଟକମୟ
ଚାଲି ମୁଁ ପାରୁନି ଏ କଣ୍ଟକ ପଥ
ଯାତନା ଏଠି ଅସହ୍ୟ ।

ଅସହ୍ୟ ଯାତନା କରେ ଆନମନା
ଜୀବନ ଅନ୍ଧାରମୟ
ସମୟଟା ଯଦି ହୁଏ ନାଗଫାଶ
ବଞ୍ଚିବା ଏଠି ଅଥୟ ।

ଏନ୍ତୁଡ଼ି ଶେଯରୁ ଜୁଇ ଶେଯ ଯାଏଁ
ଜୀବନଟା କର୍ମମୟ
କର୍ମକୁ ଆଦରି କର୍ମ କରିଗଲେ
ଜୀବନ ସୌନ୍ଦର୍ଯ୍ୟମୟ ।

ଜୀବନ ନାଟକ କାହାଣୀଟା ପରା
ସୁଖ ଦୁଃଖର ପ୍ରଣୟ
ବୁଝିବାକୁ ହେବ ଜୀବନଟା ଖାଲି
ଅଭିନୟ.... ଅଭିନୟ ।

ସ୍ନାତକୋତ୍ତର ଶିକ୍ଷକ
ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ
ମାଧ୍ୟମିକ ବିଦ୍ୟାଳୟ
ଶେରଗଡ଼, ଗଞ୍ଜାମ
ଦୂରଭାଷ-9938883325

ISSN NO.
2582-208X

# ମନେ ପଡେ ସେଇ ପିଲାଦିନ କଥା



ମମତା ବଗର୍ତ୍ତୀ

ଖୁବ୍ ମନେ ପଡୁଛି ଆଜି ସେଇ ପିଲାଦିନ
ନ ଥିଲା ମନରେ ଟିକିଏ ବି ଚିନ୍ତା
ଖୋଲା ଆକାଶେ ଖାଲି ଉଡୁଥିଲା ମନ ।।

ନାଁ ଥିଲା ମନରେ ଭବିଷ୍ୟତ ଚିନ୍ତା
ନାଁ ଥିଲା ମୁଣ୍ଡ ଉପରେ ପରିବାର ଜଂଜାଳ
ମନେ ପଡୁଛି ସେଇ ଖେଳିବା ବୁଲିବା କଥା ।।

ସାଂଗ ସାଥୀ ମେଳରେ ବିତୁଥିଲା ଦିନ
ଦାଣ୍ଡ ପିଣ୍ଡାରେ ବସି ସେଇ କଣ୍ଢେଇ ଖେଳ
ମନେ ପଡୁଛି କାଗଜ ଡଙ୍ଗା ଭସା ସେଇ ବର୍ଷା ଦିନ ।।

ଖାତିର୍ ନ କରି ବାପା ମାଁଙ୍କର କଥା
ସ୍କୁଲ୍ ରୁ ଫେରି ବ୍ୟାଗ୍ ଫୋପାଡି ଧାଇଁ ଧାଇଁ ଯାଇ
ସାଂଗ ସହ କରୁଥିଲେ ସାଇକେଲ ପ୍ରତିଯୋଗିତା ।।

ଘରେ ଟିକିଏ ବି ସମୟ ନ ରହି
ସମୟ ବିତୁଥିଲା ବାହ୍ୟ ଖେଳକୁଦରେ
ନୂଆଁ ବର୍ଷରେ ପତ୍ର ବାଣ୍ଟୁଥିଲେ ସାହି ରୁ ସାହି ।।

ସାଂଗ ସାଥୀଙ୍କ ସହ ଟିକିଏ କଳି ଗାଳି
ଟିକିଏ ସମୟ ପାଇଁ ରାଗ ରୁଷା, ପୁଣି ବୁଝାମଣା
ଜୀବନ ଚାଲୁଛି ଆଜି ସବୁ ସେଇ ସ୍ମୃତିକୁ ସମ୍ଭାଳି ।।

ରାଣୀକଟା,ବଲାଙ୍ଗୀର

ISSN NO.
2582-208X

# ମଦିର୍ ନଶା କ ଭରି



ନନ୍ଦିଘୋଷ ଭୋଇ

କାରାଗୃହ ସମ ଘନ ଅନ୍ଧକାର
ବାହାରେ ଚାନ୍ଦିନୀ ରାତି,
ଦୁଇ ମନ ତଳେ ନିଶୀଥିନୀ କାଳେ
ଧୀରେ ବଢୁଥିଲା ତାତି ।

କ୍ଷୁଦ୍ର ଦୀପଶିଖା କ୍ଷୀଣ ଆଲୁଅରେ
ଦିଶୁଥିଲା ପ୍ରିୟା ମୁହଁ,
ହାତର କଙ୍କଣ ବଜାଇ କହିଲା
ଆଡ଼ଆଖି ଥରେ ଚାହଁ ।

ଷୋଳଶୀ ଲଳନା ଚାରୁ କୁମ୍ଭସ୍ତନା
ବାତାୟନ ଦେଲା ଖୋଲି,
କର୍ପୁର କସ୍ତୁରୀ କୁଙ୍କୁମ ମହକ
ନିଃଶ୍ୱାସେ ଗଲା ମୋ ଚାଲି ।

ଭାଷିଲା ତତ୍ କ୍ଷଣେ ଆତୁର ନୟନେ
ମନ କିଆରି ର ଭାଷା,
ଅସଂଜତ ପ୍ରାଣ ନ ହେଲା ଦମନ
ଆରମ୍ଭିଲା ପ୍ରୀତି ପଶା ।

ISSN NO.
2582-208X

ଏକ ର ମନକୁ ଆରେକ ର ଠାରେ
ଲଗାଇଲୁ ଯେଣୁ ବାଜି,
ଲୁଣ୍ଠିତ ହେବାରେ ସେ ଚନ୍ଦ୍ରବଦନୀ
ପ୍ରୀତି ଦ୍ୟୂତେ ଗଲା ମଜି ।

ଦେଖି ସେ ଛଇଳା ଆୟତ୍ତ ନ ହେଲା
ଧରିଲି ପିଆଲା କରେ,
ଢ଼ାଳିଲି ମଦିରା ଜାଣି ସେ ଅଧୀରା
ବାରଣ କଲା ମୋ ଠାରେ ।

ହାତରୁ ଛଡେଇ ମଦିରା ପିଆଲା
କୃତ୍ରିମ ରାଗରେ ଗୋରୀ,
କହିଲା ସଜନୀ ଅଧର ନିଶାଠୁଁ
ମଦିରା ନିଶା କି ଭାରି ?

ସହକାରୀ ଶିକ୍ଷକ
ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ଖରିଆର ରୋଡ୍
ମୋ - ୮୧୪୪୦୪୪୮୪୫

ISSN NO.
2582-208X

ବେଦାନ୍ତି

# ବୁଢ଼ା ନାଉରୀ



ଅଭୟ କୁଣ୍ଡ

ବୃତ୍ତି ଏ ମୋ ପୋଷେ କୁଟୁମ୍ବ
ବସାଇ ନ ଦେବି ପାଦ ନ ଧୋଇ ନାବ ।

ଏହା ଭଗବାନ ରାମ,ଲକ୍ଷଣ ଓ ସୀତାଙ୍କ ଗଙ୍ଗା ନଦୀ ପାର ହେବା କଥା ରାମାୟଣ ବର୍ଣ୍ଣିତ। ନଦୀ ପାର ହେବା ପାଇଁ ଡଙ୍ଗା ଏକ ମାତ୍ର ଭରସା ଥିଲା । ସେଥି ପାଇଁ ନଦୀମାନଙ୍କରେ ଡଙ୍ଗା ଘାଟ ଥାଏ । ସେଠାରେ ଡଙ୍ଗା ବନ୍ଧା ହୁଏ । କୈବର୍ତ୍ତ ଜାତିର ଲୋକେ ଡଙ୍ଗା ବାହନ୍ତି । ତାଙ୍କୁ ନାଉରୀ କୁହନ୍ତି ।  କଟକ ସହର । ହଜାରେ ବର୍ଷର ପ୍ରାଚୀନ ସହର । ସହରକୁ ମହାନଦୀ କାଠଯୋଡି ବିରୂପା ତିନି ଦିଗରୁ ଘେରି ରହିଛି । ଏକାଧିକ ଡଙ୍ଗା ଘାଟ ଥିଲା । ସେଠାରେ ଲୋକେ ପଇସା ଦେଇ ଡଙ୍ଗାରେ ନଦୀ ପାର ହେଉଥିଲେ । କଟକର ଉତ୍ତର ଦିଗରେ ବିଡାନାସୀ ଚହଟା ଘାଟ । ବେଶ୍ ପୁରୁଣା ଓ ପ୍ରସିଦ୍ଧ ମଧ୍ୟ । ପୁରୁଣା କଟକ ସମ୍ବଲପୁର ରାସ୍ତା ବିପରୀତ ଦିଗରେ ନୁଆପାଟଣାରେ ଶେଷ । ସ୍ୱାଧୀନତା ପୂର୍ବ ଓ ପର ପ୍ରାୟ ୧୯୭୦ ମସିହା ପର୍ଯ୍ୟନ୍ତ ସେହି ଘାଟରେ ଛୋଟ ଚାରି ଚକିଆ ଗାଡ଼ି, ଘୋଡ଼ା, ମଣିଷ ପାରି ହୋଇ କଟକ ଯାଉଥିଲେ । ୧୯୭୦ ମସିହା ପରେ କେବଳ ଲୋକ, ସାଇକେଲ, ବାଇକ୍ ସହ ପାରି ହେଉଥିଲେ । ସେଠା ଘାଟବାଲା ନାଉରୀ ମାନଙ୍କର ଭାରି ଖାତିର ଥିଲା । ନାଉରୀ ମାନଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ନାଉରୀ ଥିଲେ ନବ । ସେ ସମସ୍ତଙ୍କର ପ୍ରିୟ ମଉସା ଥିଲେ । ଡଙ୍ଗା ବାହିଲା ବେଳେ ମଉସା କଣ୍ଠରୁ ଭାସି ଆସେ ରାମାୟଣର ମଧୁର ସଙ୍ଗୀତ –

ISSN NO.
2582-208X

ବଢାଇ ଦେଲେ ପୟର
ଭାବଗ୍ରାହୀ ରଘୁବୀର।

ଡଙ୍ଗାରେ ବସିଥିବା ବୟସ୍କ କେତେଜଣ ପାଳି ଧରୁଥିଲେ । ଏକ ପ୍ରକାର ସଙ୍ଗୀତ ଆସର ଜମୁଥିଲା । ବେଳେବେଳେ ଭାଙ୍ଗ ଗଞ୍ଜାଇର ବ୍ୟବହାର ମଧ୍ୟ ହେଉଥିଲା ପରସ୍ପର ମଧ୍ୟରେ । ନବ ମଉସା ଦେଶ ସ୍ୱାଧୀନ ହେବା ବେଳକୁ ବିବାହ କରି ସାରିଥିଲେ । ଦେଖିବାକୁ ପାଞ୍ଚ ହାତିଆ ମରଦ। ବଳିଷ୍ଠ ଶରୀର । ପ୍ରଜାପତିଆ ନିଶ ଭୟଙ୍କର ଚେହେରା ମାତ୍ର ସ୍ୱଭାବ ସାଧୁ ପ୍ରକୃତିର ।

ବାପା ଅଜା ଡଙ୍ଗା ଚଳାଇ ମାଛ ମାରି ବିକି ଚଳୁଥିଲେ । ନବ ମଧ୍ୟ ଘାଟ ଡଙ୍ଗା ଚଲାଏ । ଦୀର୍ଘ ଦିନ ଯାଏଁ ନବ ବାପା ହୋଇପାରିଲା ନାହିଁ । ସ୍ତ୍ରୀ କେତେ ଓଷା ବ୍ରତ ମାନସିକ କଲା ହେଲେ କପାଳରେ ନାହିଁ ମା ଡାକ ଶୁଣିବାକୁ । ମନସ୍ତାପରେ ଦିନ ଗଡୁଥାଏ । ବୟସ ପଚାଶ ଟପି ଯାଇଥାଏ । ଏ ଅଞ୍ଚଳରେ କଲେରା ବ୍ୟାପିଲା । ନଦୀ ପାଣି ଦୂଷିତ ହେତୁ ମଡକ ପଡ଼ିଲା । ଆଉ ନବ ମଉସା ବିପତ୍ନିକ ହେଲେ । ଘର ଛାଡ଼ି ଡଙ୍ଗା ଘାଟ କୁଡ଼ିଆରେ ରହିଲେ । ଡଙ୍ଗା ଚଳାଇ ପେଟ ପୋଷିଲେ । ଶୁଣା ହେଲା କଟକ ଆହୁରି ବଡ ହେବ । ନଦୀ ପଠା ପୋତା ହେବ । ବଡ ରିଂ ବନ୍ଧ ପଡ଼ିବ । କେତେ କଣ ବିକାଶ ହେବ । ନବ ମଉସା ଖୁସି ହେଲେ । ଦିନେ ମାଇକ୍ ବାଜିଲା ପ୍ରଚାର ହେଲା । ମନ୍ତ୍ରୀ ଆସି ଶୁଭ ଦେଲେ କାମ ଦ୍ରୁତ ବେଗରେ ଚାଲିଲା । ମର୍କତ କେଶରୀଙ୍କ ପଥର ବନ୍ଧ ଠୁ ଏ ବନ୍ଧ ବଳିଗଲା । ତଣ୍ଡିବଣ, ଗୋଚର, ବାଲି ବନ୍ଧ ପୋତା ହେଲା କୋଠାବାଡି ଆକାଶ ଛୁଇଁଲା । ଗାଡିମଟର ଦୋକାନ ବଜାର ବସିଲା, ଅନ୍ଧାର ହଜିଗଲା, ଦିନରାତି ସମାନ । ନବ ମଉସା ସଜଳ ଆଖିରେ ନଦୀଘାଟରୁ ଦେଖି ଖୁସି ହୁଏ । କଟକର ଏ ବର୍ଦ୍ଧିତ ଅଞ୍ଚଳକୁ ସି ଡ଼ି ଏ କୁହାଗଲା। ଡଙ୍ଗା ଘାଟରେ ଭିଡ ବଢିଲା । କେତେ ଦିନ ଖୁସିରେ କଟିଗଲା । ପୁଣି ଶୁଣା ହେଲା କଟକ, ଚୌଦ୍ୱାର, ଭୁବନେଶ୍ୱର ମିଶି ଗୋଟିଏ ହେବ । ପୁଣି ଭିଡ଼ ବଢିବ । ବେପାର ବଢିବ । ମଉସାଙ୍କ ବୟସ ସତୁରୀ ଟପିଲା । ଯୁବକମାନେ ଡଙ୍ଗା ବାହିଲେ ଆଉ ମଉସା ମାହାସୁଲ ଆଦାୟ କାମ କଲେ, ରୋଷେଇ କାମ କଲେ ଓ ବନସି ପକାଇ ମାଛ ମାରିଲେ । ରାତି ହେଲେ ଦୁଇ ଚାରିଜଣଙ୍କ ସହ ମିଶି ଗଞ୍ଜାଇ ଦି ଦମ୍ ଟାଣି ମନବୋଧ ଚଉତିଶା ଦି ପଦ ଗାଇ ନିଦ୍ରାଯାଏ । କିଛି ଦିନ ପରେ ପୁଣି ପ୍ରଚାର ହେଲା ମହାନଦୀ ଚହଟା ଘାଟ ନିକଟରେ ଏକ ସେତୁ ହେବ । ଗାଡ଼ି ସଂଖ୍ୟା ବହୁତ୍ ବଢ଼ି ଗଲାଣି । ସେ

ISSN NO.
2582-208X

ଶୁଭ ଦିନ ଆସିଗଲା ।ମୁଖ୍ୟମନ୍ତ୍ରୀ ହେଲିକାପ୍ଟରରେ ଆସି ସେତୁ ଶୁଭ ଦେଲେ । କାମ ଦ୍ରୁତ ଗତିରେ ସାଧାରଣ ନିର୍ବାଚନକୁ ଲକ୍ଷ୍ୟ ରଖି ଚାଲିଲା । ନିର୍ବାଚନ ଛଅ ମାସ ପୂର୍ବରୁ କାମ ସରିଲା, ବିଶାଳ ସଭା ହେଲା । ମୁଖ୍ୟମନ୍ତ୍ରୀ ସେତୁ ଉଦ୍ଘାଟନ କଲେ। ମାଟି ପାଣି ପବନ ପ୍ରକମ୍ପିତ ହେଲା ।ଗାଡ଼ି ଧାଡ଼ି ଲମ୍ବିଲା ପୁରା ସି ଡି ଏ ରୁ ନୂଆପାଟଣା ଯାଏ । ଆଲୋକ ଜଳିଲା, ଦୋକାନ ବସିଲା ଜନଗହଳି ବଢ଼ିଲା ହେଲେ ଘାଟରେ କାଉ ଉଡ଼ିଲେ । ଡଙ୍ଗା ଆଉ ଫିଟିଲାନି । ଯୁବକ ନାଉରୀ ସବୁ ମୂଲ ମଜୁରୀ କଲେ, ମାଛ ଶୁଖୁଆ ବିକି ପେଟ ପୋଷିଲେ । ନବ ମଉସା ଭୋକ ଉପାସରେ ଦିନ କାଟିଲା । ଦୁର୍ବଳ ଶରୀରରେ ସେତୁ ମୁଣ୍ଡରେ ବସି ଭିକ ମାଗିଲା । ଜଣେ କୁଜି ନେତା ଦୟା କଲେ । ମଉସାଙ୍କର ବାର୍ଦ୍ଧକ୍ୟ ଭତ୍ତା କରାଇଦେଲେ । ସେହି ଅର୍ଥରେ ମଉସା ଘାଟ କୁଡ଼ିଆରେ ପଡ଼ି ରହିଲେ । ରାସ୍ତାରେ ଲୋକ ହାଉଜାଉ ହେଲେ ମଉସାଙ୍କୁ କେହି ଆଉ ଆଖିରେ ଚାହାନ୍ତିନି । ହଠାତ୍ ଦିନେ ଦେଖାଗଲା ଘାଟ କୁଡ଼ିଆ ଫାଙ୍କା ପଡ଼ିଛି । କେତେଜଣ ନବ ମଉସାଙ୍କୁ ଖୋଜିଲେ । ମାତ୍ର ତାଙ୍କର ପତ୍ତା ନାହିଁ । ସକାଳ ଯାଇ ସଞ୍ଜ ହେଲା କୁଆଡେ ଗଲେ ମଉସା । କେହି ଜଣେ ଖବର ଦେଲା ମଉସାଙ୍କ ବଙ୍କୁଲି ବାଡ଼ି, ଗାମୁଛା, ଚପଲ ନଦୀ କୂଳ ପାହାଚରେ ଥୁଆ ହୋଇଛି ସେ କିନ୍ତୁ ନାହାନ୍ତି । ଅନେକ ଖୋଜାଖୋଜି କଲେ ମିଳିଲାନି ଖୋଜ୍ ଖବର । ଶେଷରେ ସ୍ଥାନୀୟ ଥାନାରେ ଏକ ମିଶିଙ୍ଗ କେସ୍ ରୁଜୁ ହେଲା ନବ ମଉସା ନିଖୋଜ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ତାଳଚେର ଅନୁଗୋଳ
ମୋ 9556989723

ISSN NO.
2582-208X

# ଆହାଃ କି ଆନନ୍ଦ

ସନ୍ଧ୍ୟା ରାଣୀ ମାଝୀ

ଆହାଃ କି ଆନନ୍ଦ
ଆହାଃ କି ଆନନ୍ଦ ମାଆ ପଣତ କାନି
ବାପାଙ୍କ ସ୍ନେହ ପରଷ;
କି ଆନନ୍ଦ ଆହାଃ ମୋ ସୁନ୍ଦର ଗାଁ ତେର ଓଷା ବାର ମାସ।
କି ଆନନ୍ଦ ସତେ ସେଇ ପିଲା ଦିନ ଗାଁ ଚାଟଶାଳୀ ପାଠ
ସ୍ମୃତିଠୁ ମଧୁର ଅବଧାନେ ବେତ, ଆମ୍ବଚୋରି, ଦୋଳିଗୀତ ।
କେଡ଼େନିରିମଳ ମୋ ଗାଁର ଜହ୍ନ
ଅନ୍ଧାରେ ସେ ମିଟିମିଟି;
କଅଁଳ ଘାସରେ ସୁନେଲି କିରଣ ସୁରୁଜ ଦିଅଇ ଭେଟି ।
କେଡ଼େ ମନଲୋଭା ବଉଳ ଗଛରୁ କୋଇଲିର କୁହୁ ତାନ;
ଗୋଧୂଳି ର ଗୋଠ, ଗାଁ ନଈ ତୁଠ ମନକୁ କରେ ଉଛନ।
କି ଆନନ୍ଦ ଆହାଃ ସୁଲୁ ସୁଲୁ ବାଆ ଲାଗେ କେଡ଼େ ଆତ୍ମତୃପ୍ତି;
ଆହ୍ଲାଦିନୀ ସମ ପଉଷ ମାସର ସଂଜୁଆଳି ଶୀତ ରାତି।
କି ଆନନ୍ଦ ଆହାଃ ଚାଷୀ ଭାଇର ପାହାନ୍ତି ସରଳ ଗୀତ;
କେଡ଼େ ସୁଆଦିଆ ବୋଉ ହାତରନ୍ଧାବଡ଼ିଚୁରାଶାଗଭାତ।
କି ସୁନ୍ଦର ଆହାଃ  ଫଗୁଣ ମାସର ନାନାଦି ଯାନିଯାତରା;
ରଙ୍ଗ ବେରଙ୍ଗର କୁସୁମ ସୁଗନ୍ଧ, ରଙ୍ଗଣି ମଣ୍ଡିତ ଧରା।
ପହିଲି ଆଷାଢ଼ ଧାରା ବରଷାରେ ଭସାଇ କାଗଜ ଡଙ୍ଗା
ଭାଇଭଉଣୀଏ ଖୁସିରେ ଝୁମନ୍ତି, ବିଷାଦ ଏଠି ମହଙ୍ଗା।

ISSN NO.
2582-208X

କି ଆନନ୍ଦ ଆହାଃ ଜହ୍ନି ଓଷାଠୁଁ କୁଆଁର ପୁନେଇଁ ଗୀତ
ରଜ ଦୋଳି ଗୀତ ହଳିଆ ସଙ୍ଗୀତ କଇବର୍ତ୍ତଘୋଡ଼ା ନାଚ ।
କି ସୁନ୍ଦର ସତେ ଅଶିଣ ପରବ ପାଲା ଦଧି, ଦଣ୍ଡ ନାଟ
ନୂଆ ବରଷରେ ନୂଆ ଆଶା ନେଇ ସାଙ୍ଗସାଥୀ ମେଳେ ଭେଟ ।
ଆହାଃ ! କି ଦରବେ ଗଢ଼ା ମୋ ଗାଁ ରାଇଜ ସତେକିସରଗପୁରୀ
ମାଟି -ମାଆ ସମ ଏ ଧରାଧାମରେ ଆଉକେ ହୋଇବ ସରି ।

ଶିକ୍ଷୟିତ୍ରୀ, କେନ୍ଦୁଝର
ମୋ.-୯୯୩୮୪୮୬୭୭୮

ISSN NO.
2582-208X

# ରାଧାରାଣୀ ଲୋ ରାଧାରାଣୀ



ସରସ୍ୱତୀ ମେହେର

ରାଧାରାଣୀ ଲୋ ରାଧାରାଣୀ
କି ଯାଦୁ କରିଛୁ କେ ଜାଣି
ଶ୍ୟାମ ତୋ ପ୍ରେମ ରେ ପଡ଼ିଛି
ଶିଖେଇ ଦେ ମତେ ଟିକେ ବୃଷଭାନୁ ଦୁଲଣି ।
ରାଧାରାଣୀ ଲୋ ରାଧାରାଣୀ.....
ବଇଁଶି ଡାକେ ରାଧା ରାଧା
ତୋ ବିନା ଯେମିତି କହ୍ନେଇ ଅଧା
କରେ ସେ ତତେ କେତେ ହଇରାଣ
ବାଟ ରେ ଘାଟରେ କଲସି ଭାଙ୍ଗିଣ ।
କେମିତି ପାରିଲା ତୋ ହୃଦୟ କିଣି
ରାଧାରାଣୀ ଲୋ ରାଧାରାଣୀ.....
ହେଲା ସେ କାଚବାଲି
ଧରିଲା ତୋ ବେଶ କୁ
କଲୁ ତୁ ରାସଲୀଳା
ହୋଇ ପ୍ରେୟସୀ ତୁ
ତୋର ଯୁଗଳ ଚରଣ
ହେଉ ମତେ ଦର୍ଶନ
ମୁଁ ବଡ଼ ଅଭାଗିନୀ ।
ରାଧାରାଣୀ ଲୋ ରାଧାରାଣୀ.....

ସିନାପାଲି

ISSN NO.
2582-208X

# ଯୁଗଦୁର୍ଗା



ମହେଶ୍ୱର ପ୍ରଧାନ

"ସେ କେବଳ ପୀଠର ପ୍ରତିମା ନୁହେଁ,
ସେ କେବଳ ପୂଜାର ଆହ୍ୱାନ ନୁହେଁ,
ସେ ହେଉଛି – 'ଯୁଗଦୁର୍ଗା'

ଯୁଗ ପରିବର୍ତ୍ତନରେ ସମୟର ଚିହ୍ନ, ପୁରୁଣା ଅସୁରୀ ଛାୟା ଆଜି ନୂତନ ରୂପରେ, ଅନ୍ୟାୟ, ଅନ୍ଧକାର, ହିଂସାର ତିକ୍ତତାରେ ସମାଜ ଖୋଜୁଛି ଏକ ଅବତାରର ପ୍ରଭା। ସେଇ ପ୍ରଭା ବା ସେଇ ଜ୍ୟୋତି, ନାରୀଶକ୍ତିର ଅଦମ୍ୟ ସଙ୍କଳ୍ପ—ଯୁଗଦୁର୍ଗା।

'ଦୁର୍ଗା' ଶବ୍ଦର ସାହିତ୍ୟିକ ଅର୍ଥ କେବଳ ଧାର୍ମିକ ପ୍ରତୀକରେ ସୀମିତ ନୁହେଁ। ତାହା ମହାଶକ୍ତିର ରୂପ, ଯିଏ ପୁରାତନ ମହାକାବ୍ୟ ଓ ପୁରାଣରେ ଅସୁର ବିନାଶିନୀ। କିନ୍ତୁ 'ଯୁଗଦୁର୍ଗା' ଧାରଣା ସାହିତ୍ୟରେ ଏକ ଆଧୁନିକ ପୁନଃପାଠ। ସମାଜର ପ୍ରତ୍ୟେକ ଯୁଗରେ ଅସୁର ଶକ୍ତିମାନେ ପୁନଃ ର୍ଜୀବିତ ହୋଇଥାନ୍ତି— କେବେ ଅନ୍ୟାୟ, କେବେ ଅସମାନତା, ଆଉ କେବେ ନାରୀଙ୍କୁ ନିର୍ଜୀବ କରିବାର ଷଡଯନ୍ତ୍ର ଭାବରେ। ସାହିତ୍ୟ ଏହି ସବୁକୁ ଭଲଭାବେ ଧରିଛି। ସାରଳା ଦାସ, ବଳରାମ ଦାସ, ଫକୀର ମୋହନ ସେନାପତି ଆଦି ନାରୀ ଚରିତ୍ରମାନଙ୍କୁ ଦୁର୍ବଳ ନୁହେଁ, ବରଂ ସାହସୀ ଏବଂ ସଙ୍କଳ୍ପଶୀଳ ଭାବରେ ଦେଖାଇଥିଲେ। ନାରୀକୁ "ଶକ୍ତି" ଭାବେ ଉପସ୍ଥାପନ କରାଯାଇଛି। ସାରଳା ଦାସଙ୍କ 'ବିଲଙ୍କା ରାମାୟଣ', ବଳରାମ ଦାସ ତାଙ୍କର 'ଲକ୍ଷ୍ମୀପୁରାଣ'ରେ ନାରୀକୁ ଶ୍ରେଷ୍ଠ ସ୍ଥାନ ଦେଇଛନ୍ତି। ସେହିପରି ଫକୀର ମୋହନ ସେନାପତି ତାଙ୍କ ଗଳ୍ପ 'ରେବତୀ'ରେ ନାରୀ ଘର କୋଣରେ ନ ରହି ପାଠ ପଢ଼ିଛି। ହେଲେ ତାକୁ ନିନ୍ଦାର ଶିକାର ହବାକୁ ପଡ଼ିଛି। ପରବର୍ତ୍ତୀ ସମୟ ପରେ ନାରୀ ଜମିଦାରମାନଙ୍କ ଅତ୍ୟାଚାର ଶିକାର ହେଇଛି। ସେ ପାଲଟି ଯାଇଛି ହାତର କଣ୍ଢେଇ। ଦଳିତ ସମାଜ ନାରୀକୁ ହେୟ ମନେ କରିଛି। ତଥାପି ନାରୀ ଯୁଗେ

ISSN NO.
2582-208X

ଯୁଗେ ପୂଜିତ। ତାର ନିଜର ଅଧିପତ୍ୟକୁ ନେଇ ସେ ଆଗେଇ ଚାଲିଛି। ଘର କୋଣରୁ ସେ ଆଜି ଅଫିସର ଡେସ୍କ ପର୍ଯ୍ୟନ୍ତ ଏକ ପ୍ରଫେସନାଲ ଜୀବନ ବିତେଇପାରୁଛି। କିନ୍ତୁ କୋଉଠି ନା କୋଉଠି ନାରୀ ଶୋଷଣର ଶିକାର ହେଉଛି। ସେଥିପାଇଁ ଧରାପୃଷ୍ଠରେ ପୁଣି ଏକ ଯୁଗଦୁର୍ଗାର ଅବତାରଣା ଆବଶ୍ୟକ। 'ଯୁଗଦୁର୍ଗା' – ଏହି ପରମ୍ପରାକୁ ଅଗ୍ରସର କରି ନାରୀଙ୍କୁ ସମାଜରେ ଅବତାରର ଆଶାରୂପେ ପ୍ରତିଷ୍ଠା କରେ। ମହିଷାସୁର ବିଧ୍ୱଂସିନୀ ଦୁର୍ଗାର କାହାଣୀରେ ଯେପରି ଶକ୍ତିର ଜୟ ପ୍ରତିଷ୍ଠା ହେଇଥିଲା, 'ଯୁଗଦୁର୍ଗା'ରେ ସେଇ ଅସୁରମାନେ ଆଧୁନିକ ସମସ୍ୟାର ରୂପ ଧାରଣ କରିଥାନ୍ତି— ଦୁର୍ନୀତି, ନାରୀ ନିର୍ଯାତନା, ଅସମାନତା, ଅନ୍ୟାୟ।

ନାରୀ ହେଉଛି ପ୍ରକୃତି। ନାରୀରୁ ଆଜି ଏ ସଂସାର ସୃଷ୍ଟି। କିନ୍ତୁ ନାରୀ ଆଜି ସାମ୍ପ୍ରତିକ କାଳରେ ଅତ୍ୟାଚାରିତ, ଲୁଣ୍ଠିତ, ଅପମାନିତ। ଅସୁର ତଥା ପାପୀମାନଙ୍କ ବିନାଶ ପାଇଁ ଯୁଗଦୁର୍ଗା ନିଶ୍ଚୟ ଧରାବତରଣ କରନ୍ତି। ଏହା ସତ୍ୟାସତ୍ୟ। ମା' ପାପୀ ମହିଷାସୁରକୁ ନିଜ ହସ୍ତରେ ବଧ କରିଥିଲେ। ମାତା ସୀତାଙ୍କ ପାଇଁ ରାବଣ ମୃତ୍ୟୁ। ଦ୍ରୋପଦୀଙ୍କ ପାଇଁ କୌରବ ବଂଶ ନାଶ ହେବା। ଆଦି ତାଙ୍କର ରୂପ। ସତ୍ୟ, ତ୍ରେତୟା, ଦ୍ୱାପର ଯେଉଁ ଯୁଗକୁ ଗଲେ ଯୁଗଦୁର୍ଗାଙ୍କ ଆବିର୍ଭାବ ଏବଂ ନାରୀର ଭୂମିକା ସମ୍ପର୍କରେ ଅବଗତ ହେଇପରିବା। ସବୁ ଯୁଗରେ ଦୁର୍ଗାଙ୍କ ଆବିର୍ଭାବ ଏବଂ ପାପୀର ବିନାଶ ହୋଇଛି।

ସନାତନ ଧର୍ମ ଗ୍ରନ୍ଥମାନଙ୍କରେ ଦେବୀ ଦୁର୍ଗାଙ୍କୁ ଶକ୍ତିର ପରମ ପ୍ରତୀକ ଭାବେ ବର୍ଣ୍ଣନା କରାଯାଇଛି। ସେ କେବଳ ନାରୀ ଶକ୍ତିର ପ୍ରତିନିଧି ନୁହେଁ, ବରଂ ସମଗ୍ର ସୃଷ୍ଟିରେ ଧର୍ମର ସ୍ଥାପନା ଓ ଅଧର୍ମର ନାଶ ପାଇଁ ଆବିର୍ଭୂତ ହୋଇଥାନ୍ତି।

ସତ୍ୟଯୁଗକୁ ଧର୍ମର ଆଧିକ୍ୟ ଯୁଗ ବୋଲି କୁହାଯାଏ। ଏହି ଯୁଗରେ ଅସୁରମାନେ ତପସ୍ୟା କରି ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ବର ପାଇଥାନ୍ତି। ସେହି ବରର ଅହଙ୍କାରରେ ସେମାନେ ଦେବ-ମାନବକୁ ଉତ୍ପୀଡ଼ନ କରୁଥିଲେ। ସମୟରେ ଦୁର୍ଗା ଆବିର୍ଭାବ ହୋଇ ମହିଷାସୁରଙ୍କୁ ବଧ କରିଥିଲେ। ଏହା ସୃଷ୍ଟିରେ ସତ୍ୟ ଓ ଧର୍ମର ପୁନଃ ସ୍ଥାପନାର ଦୃଷ୍ଟାନ୍ତ।

ତ୍ରେତୟା ଯୁଗରେ ରାବଣଙ୍କ ଅହଙ୍କାର ଓ ପାପୀୟ କାର୍ଯ୍ୟ ସମଗ୍ର ପୃଥିବୀକୁ ଅଶାନ୍ତ କରିଥିଲା। ରାମାୟଣରେ ବର୍ଣ୍ଣିତ, ଶ୍ରୀରାମ ଦୁର୍ଗାଙ୍କୁ ପୂଜା କରି ଶକ୍ତିଲାଭ କରିଥିଲେ। ଦୁର୍ଗାଙ୍କ ଆଶୀର୍ବାଦରେ ସେ ରାବଣଙ୍କୁ ବଧ କରି, ଧର୍ମର ପାଳନ କରିଥିଲେ।

ISSN NO.
2582-208X

ଦ୍ୱାପର ଯୁଗରେ କୌରବମାନଙ୍କର ଅଧର୍ମ ସର୍ବସୀମାକୁ ପହଞ୍ଚିଥିଲା। ପାଣ୍ଡବମାନେ କୁରୁକ୍ଷେତ୍ର ଯୁଦ୍ଧ ପୂର୍ବରୁ ଦୁର୍ଗାଙ୍କୁ ଆରାଧନା କରିଥିଲେ। "ଯାଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା" ପ୍ରାର୍ଥନାକରି ସେମାନେ ଦୁର୍ଗାଙ୍କର ଶକ୍ତି ପାଇଥିଲେ। ତାହାର ଫଳରେ ଅଧର୍ମର ପ୍ରତୀକ ଦୁର୍ଯ୍ୟୋଧନ ଓ ତାଙ୍କ ସହଯୋଗୀମାନେ ବିନାଶ ହୋଇଥିଲେ।

କଳିଯୁଗକୁ ପାପ ଓ ଅଧର୍ମର ଯୁଗ ବୋଲି କୁହାଯାଏ। ଲୋଭ, ଅନ୍ୟାୟ, ଦୁର୍ନୀତି, ଦୁର୍ବଳଙ୍କ ଉପରେ ଅତ୍ୟାଚାର ଏହି ଯୁଗର ଲକ୍ଷଣ। କିନ୍ତୁ ସତ୍ୟ ହେଉଛି — ଦୁର୍ଗା ଶକ୍ତି ସଦା ସର୍ବତ୍ର ବିଦ୍ୟମାନ। ଯେତେବେଳେ ପାପୀୟ ଶକ୍ତିର ଅଧିକ୍ୟ ହୁଏ, ସେତେବେଳେ ଦୁର୍ଗାଙ୍କ ଆବିର୍ଭାବ ଘଟି ନୂତନ ଆଲୋକ ଓ ସତ୍ୟର ଜୟ ହୁଏ।

ଦୁର୍ଗା — ଏହି ନାମଟି ଶୁଣିଲେ ସାହସ, ଶକ୍ତି ଓ ସତ୍ୟର ପ୍ରତୀକ ଆମ ଚିତ୍ତରେ ଉଦ୍ଭାସିତ ହୋଇଥାଏ। ମାହିଷାସୁରଙ୍କୁ ବଧ କରୁଥିବା ଅଷ୍ଟଭୁଜାଙ୍କ ରୂପ ଆମକୁ ସଦା ସ୍ମରଣ କରାଏ — ଅଧର୍ମ କିଛି ସମୟ ପାଇଁ ପ୍ରଭାବୀ ହୋଇପାରେ, କିନ୍ତୁ ସତ୍ୟ ଓ ନ୍ୟାୟ ଶେଷରେ ନିଶ୍ଚିତ ଭାବେ ଜୟଲାଭ କରିଥାଏ।

ସତ୍ୟଯୁଗରେ ମହିଷାସୁର, ତ୍ରେତାଯୁଗରେ ରାବଣ, ଦ୍ୱାପରଯୁଗରେ କୌରବମାନେ — ପ୍ରତ୍ୟେକ ଯୁଗରେ ଅଧର୍ମୀୟ ଶକ୍ତିର ଉଦୟ ହୋଇଥିଲା। କିନ୍ତୁ ଯୁଗଦୁର୍ଗା ଆସି, ସେମାନଙ୍କୁ ବିନାଶ କରିଥିଲେ। ଏହା ଯୁଗୋପଯୁଗୀ ସତ୍ୟ — ଧର୍ମ କେବେ ପରାଜିତ ହୁଏ ନାହିଁ।

ଆଧୁନିକ ସମାଜରେ ସେଇ ମହିଷାସୁର, ରାବଣ କିମ୍ବା କୌରବଙ୍କ ରୂପ ପରିବର୍ତ୍ତିତ ହୋଇଛି। ଆଜି ସେମାନେ ଦେଖାଯାନ୍ତି ନାରୀଙ୍କ ଉପରେ ଅତ୍ୟାଚାର, ଦୁର୍ନୀତି, ଲୋଭ, ଅସମାନତା ଓ ଅନ୍ୟାୟର ଆକାରରେ।

ନାରୀଶକ୍ତିର ଆବଶ୍ୟକତା ଯୁଗଦୁର୍ଗାର ସତ୍ୟ ସନ୍ଦେଶ ହେଉଛି — ନାରୀ କେବଳ ସହନଶୀଳତାର ପ୍ରତୀକ ନୁହେଁ, ସେ ସାହସ ଓ ସୃଷ୍ଟିଶକ୍ତିର ଅପରିମିତ ସାଧନା। ନାରୀଙ୍କୁ ଶିକ୍ଷା, ସ୍ୱାଧୀନତା ଓ ସୁରକ୍ଷାରେ ସକ୍ତିଶାଳୀ କରିବା, ସମାଜର ପ୍ରଥମ କର୍ତ୍ତବ୍ୟ।

ସଚେତନତାର ଆହ୍ୱାନ ଦୁର୍ଗାଙ୍କ ପୂଜା କେବଳ ମାଣ୍ଡପରେ ହୁଏ ନାହିଁ, ସେ ଆମର ହୃଦୟରେ ଜାଗୃତ ହେବା ଉଚିତ୍। ପ୍ରତ୍ୟେକ ମଣିଷ ଯେତେବେଳେ ନ୍ୟାୟ ପାଇଁ ସ୍ୱର

ISSN NO.
2582-208X

ଉଠାନ୍ତି, ନାରୀଙ୍କ ସମ୍ମାନ ପାଇଁ ଲଢ଼ନ୍ତି, ଦୁର୍ବଳଙ୍କୁ ସୁରକ୍ଷା କରନ୍ତି — ସେହିଥିରେ ଯୁଗଦୁର୍ଗାଙ୍କର ସତ୍ୟ ଆବିର୍ଭାବ ଘଟେ।

ଯୁଗଦୁର୍ଗା ଅର୍ଥାତ୍ ସମୟ ସାପେକ୍ଷ ଶକ୍ତି। ପ୍ରାଚୀନକାଳରେ ସେ ଦେବୀରୂପେ ଆସିଥିଲେ, ଆଜି ସେ ମଣିଷର ଆନ୍ତରିକ ସଚେତନତା ଓ ସାହସରେ ବସିଛନ୍ତି। ସତ୍ୟକୁ ପ୍ରତିଷ୍ଠା କରିବା, ଅଧର୍ମକୁ ବିନାଶ କରିବା, ଓ ନାରୀଶକ୍ତିକୁ ସମ୍ମାନ ଦେବା — ଏହାହିଁ ଯୁଗଦୁର୍ଗାଙ୍କ ସତ୍ୟ ଶିକ୍ଷା।

ସବୁ ଯୁଗରେ ଦୁର୍ଗାଙ୍କ ଆବିର୍ଭାବ ଏକ ଗୁରୁତ୍ୱପୂର୍ଣ୍ଣ ସତ୍ୟକୁ ପ୍ରକାଶ କରେ - ଧର୍ମ କେବେ ପାପରେ ପରାଜିତ ହୁଏ ନାହିଁ। ଅଧର୍ମ କିଛି ସମୟ ପାଇଁ ପ୍ରଭାବୀ ହେଲେ ମଧ୍ୟ, ଦେବୀଙ୍କ ଶକ୍ତି ସେହି ପାପକୁ ନିଶ୍ଚିତ ଭାବରେ ବିନାଶ କରେ। ତେଣୁ, ଦୁର୍ଗା କେବଳ ପୂଜାର ଦେବୀ ନୁହେଁ, ସେ ସତ୍ୟ, ନ୍ୟାୟ ଓ ଶକ୍ତିର ଚିରଞ୍ଜୀବ ପ୍ରତୀକ। ନାରୀ ସମାଜର ଶକ୍ତି, ସୃଷ୍ଟି ଓ ସଂସ୍କୃତିର ପ୍ରତୀକ। କିନ୍ତୁ ଦୁଃଖର କଥା, ଆଜିବି ସେ ଅତ୍ୟାଚାର, ଶୋଷଣ ଓ ଅନ୍ୟାୟର ଶିକାର ହେଉଛନ୍ତି। ପ୍ରାଚୀନକାଳରୁ ଆଜିପର୍ଯ୍ୟନ୍ତ, ସମାଜର ବହୁ ଅଂଶରେ ନାରୀକୁ ଦୃଷ୍ଟିଭଙ୍ଗୀ, କାର୍ଯ୍ୟସ୍ଥଳ ଓ ଘରୋଇ ଜୀବନରେ ଦମନ ସହିବାକୁ ପଡ଼ିଛି। ସେହିପରି ସାମ୍ପ୍ରତିକ ଯୁଗରେ ନାରୀ ଆଜି ଯେଉଁ ଅବହେଳିତ, ଅତ୍ୟାଚାରିତ, ଶୋଷିତ, ନିର୍ଯାତିତ, ତାର ବିନାଶ ପାଇଁ ମା' ପୁଣି ଯୁଗଦୁର୍ଗା ରୂପରେ ଅବତାରଣା କରିବେ। ଏହା ପ୍ରତିଟି ନାରୀ ମନର ଆହ୍ୱାନ। ଦେବୀ ଦୁର୍ଗା ସବୁବେଳେ ଶକ୍ତି, ସାହସ ଓ ସତ୍ୟର ପ୍ରତୀକ। ଯେପରିକି ସେ ମହିଷାସୁରଙ୍କୁ ବଧ କରି ଅଧର୍ମର ନାଶ କରିଥିଲେ, ସେହିପରି ସମାଜରେ ନାରୀଙ୍କୁ ଅପମାନ କରୁଥିବା, ଅତ୍ୟାଚାର କରୁଥିବା ଓ ଶୋଷଣ କରୁଥିବା ପ୍ରତ୍ୟେକ ପାପୀୟ ଶକ୍ତିକୁ ମିଟାଇବା ପାଇଁ ଆଜି ସମସ୍ତଙ୍କୁ ମାଙ୍କୁ ଆହ୍ୱାନ କରିବା ଆବଶ୍ୟକ।

"ଯୁଗଦୁର୍ଗା" ହେଉଛି ପୌରାଣିକ ଦୁର୍ଗାଙ୍କ ଅବତାରକୁ ଆଧୁନିକ ସମାଜରେ ପୁନର୍ବ୍ୟାଖ୍ୟା କରିବାର ଚେଷ୍ଟା; ଯେଉଁଠାରେ ଦୁର୍ଗା କେବଳ ମୂର୍ତ୍ତିରେ ସୀମିତ ନୁହେଁ, ସେ ଜୀବନ୍ତ, ସଚେତନ ଓ ସଂଗ୍ରାମଶୀଳ। ଯାହା ବର୍ତ୍ତମାନ ନାରୀ ସମାଜ ପାଇଁ ପ୍ରେରଣାର ପ୍ରତୀକ।

ପ୍ରକଳ୍ପ ସହକାରୀ, ଏମ. ଆର. ଆଇ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ବୌଦ୍ଧ

ISSN NO.
2582-208X

# କାରୁବାକୀ

ହରିଶ୍ଚନ୍ଦ୍ର ବେହେରା

କେବେ ଥରେ ଯିବ ତ ଧଉଳି
ଦେଖିବ ତା' କୁ ଛୁଇଁ ବହୁଥିବ ନଇଟିଏ
ତା' ପାଣି ରଙ୍ଗ ଏବେ ବି ଦିଶୁଥିବ କଷଡା
ବାଲି ଚିପୁଡି ଦେବ
ଝରିବ ଥପ୍ ଥପ୍ ରକ୍ତ
ବିଧବା ଲୁହ

କାହିଁକି କଷଡ଼ା ଦିଶୁଛି ପଚାରିବ ନାହିଁ କାହାକୁ
ସିଧା ଯିବ କୁମାରୀ ଗୁମ୍ଫାକୁ
ସେଇଠି କାନ ଡେରିବ
ଶୁଣି ପାରିବ ଖଣ୍ଡାର ଝଣତ୍କାର
ଅଶ୍ୱାରୋହୀ ଗଜାରୋହୀଙ୍କ ଆସ୍ଫାଳନ
ରେ ରେ କାର ହୁଙ୍କାର
ତୂର୍ଯ୍ୟନାଦ

ଖୁବ୍ ଅନ୍ଧାରିଆ ଭିତରକୁ ଅନେଇବ
ଦେଖି ପାରିବ ତପୋରତ ଜଣେ ସନ୍ୟାସୀ ଙ୍କୁ
ପାଖରେ ସ୍ତିମିତ ନୀଳଦୀପ
ଧ୍ୟାନମଗ୍ନା ନୀଳ ନୟନା ଜଣେ ନାରୀକୁ

ISSN NO.
2582-208X

ଯିବ ତ ଫେରି ଆସିବ ସଂଜ ଆଗରୁ
ନ ହେଲେ ଶତ ଶତ କବନ୍ଧ ଉଠି ଆସିବେ ଇତିହାସ ରୁ
ଜୀବନ୍ୟାସ ପାଉଥିବେ ରାତି ରାତି ର ଅନ୍ଧାର
ଦେଖୁ ଦେଖୁ ମୂର୍ଚ୍ଛା ହୋଇଯିବ
ନ ହେଲେ ରକ୍ତ ବାନ୍ତି କରି ମରିଯିବ

ଅନ୍ଧାର ଆଗରୁ ଚାଲି ଆସିବ
ପାରିବ ତ ଦି'ଟୋପା ଲୁହ ଦେବ
ଆମ ସହିଦଙ୍କ ପାଇଁ
କୈବର୍ତ୍ତ କନ୍ୟା କାରୁବାକୀ ପାଇଁ
ଲୁହ ବୋଳା ନିର୍ଜନତା ଯେମିତି ଅଛି ସେମିତି ଥାଉ
ଆଣିବ ନାହିଁ ସାଥିରେ

ଯାହା ପଚାରିବାର ଅଛି ପଚାର
ସାକ୍ଷୀ ଦେବାକୁ ଠିଆ ହୋଇଛି ଧଉଳି
ନିଃସଙ୍ଗ କୋହ କୁ ଧରି ଗୁମୁରି କାନ୍ଦୁଛି ଦୟା
ତାକୁ ଟିକେ ବୁଝେଇ ଦେବ
ଫେରିବା ବେଳେ ।।

^_*_^ *_^_*

କଲ୍ୟାଣ ନଗର, ବାଲେଶ୍ୱର, ୧
ମୋ--୯୪୩୭୮୧୩୭୦୮

ISSN NO.
2582-208X

# ତୁମେ କଣ ତୁମେହେଇ ନାହଁକି



ଜୟନ୍ତ ଦାସ

ତମେତ କୁହ ତୁମକୁ ନିରବତା ପସନ୍ଦ
ହେଲେ ଆଜି ତୁମ ହୃଦୟରେ ଏତେ କୋଳାହଳ କାହିଁକି ?
ତୁମେତ କୁହ ମୁଁ ତୁମ ଜୀବନର ପ୍ରଥମ ପୁଅ ,
ତେବେ ଏ ଉତ୍ତର ଅନ୍ୟପାଇଁ ପୁଣି କାହିଁକି ?
ତୁମେତ କୁହ ମୋ ହାତଧରି ବାଟଚାଲିବା ତୁମକୁ ପସନ୍ଦ ,
ହେଲେ ଆଜି ଅନ୍ୟର ବାଇକପଛେ ତୁମେ ବସିଛ କାହିଁକି ?
ତୁମେତ କୁହ ବିବାହ ଆଗରୁ ତୁମକୁ ଛୁଇଁବା ପାପ
ତେବେ ତୁମ ବେକରେ ସେ କାମୁଡ଼ା ଦାଗ ଆଜି କାହିଁକି ?
ତୁମେତ କୁହ ତୁମକୁ ମନ୍ଦିର ପସନ୍ଦ
ହେଲେ ଆଜି ହୋଟେଲର କୋଠରୀରେ ତୁମ ଉପସ୍ଥିତି କାହିଁକି ?
ତୁମେତ କୁହ ତୁମକୁ ନୀଳକଇଁ ପସନ୍ଦ ,
ହେଲେ ଆଜି ତୁମ ହାତରେ ଲାଲ୍ ରଙ୍ଗର ଗୋଲାପ କାହିଁକି ?
ତୁମେତ କୁହ ତୁମକୁ ଲାଲ୍ ରଙ୍ଗର ଶାଢ଼ୀ ପସନ୍ଦ
ହେଲେ ଆଜି ତୁମ ଦେହରେ ସେ ଜିନ୍ସ ପ୍ୟାଣ୍ଟ କାହିଁକି ?
ସତକୁହ ତୁମେ ଆଉ ତୁମେ ହେଇ ନାହଁକି ,,
ସତକୁହ ତୁମେ ଆଉ ତୁମେ ହେଇ ନାହିଁକି !

ISSN NO.
2582-208X

# ପ୍ରକୃତିରୁ ଶିକ୍ଷା



ଲିପୁନ୍ ବାଡତ୍ୟା

ରବି ନେଇ ଆସେ ନିଜ ଆଲୋକ
ଆମେବି ତାପରି ହବା ସଙ୍ଗାତ ।
ବୃକ୍ଷ ଢାଳିଦିଅ ନିଜର ଛାଇ
ଅନ୍ୟକୁ ସାହାଯ୍ୟ କରରେ ଭାଇ ।
ପର୍ବତ ଦେଖୁ ଯେ କେତେ ଶିଖର
ନିଜର ଲକ୍ଷ୍ୟକୁ ଅଧିକ କର ।
ପତର ଆକାର ଏତେ ନିର୍ମଳ
ମନକୁ ସର୍ବଦା ରଖ କୋମଳ ।
ଫୁଲର ଆୟୁସ ଅଳପ ଦିନ
ଶୀଘ୍ର ଚାଲିଯିବ ଏଇ ଜୀବନ ।
ଶିଳା ସବୁବେଳେ ଥାଏ ଯେ ସ୍ଥିର
ଅଯଥା କଥାକୁ ଚିନ୍ତା ନ କର ।
ବୁନ୍ଦାଏ ବୁନ୍ଦାଏ ପାଣିର ଧାର
ପ୍ରତିଦିନ କିଛି କାମ ଯେ କର ।
ଅସୁଧା ସହଇ ଅନେକ କଷ୍ଟ
ନିଜକୁ କରିବା ଖୁବ୍ ଶାନ୍ତଶିଷ୍ଟ ।

+୨ ଦ୍ୱିତୀୟ ବର୍ଷର ଛାତ୍ର, ବିଜ୍ଞାନ ଷ୍ଟ୍ରିମ୍,
ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଶେରଗଡ, ଗଞ୍ଜାମ

ISSN NO.
2582-208X

# କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଅନୁଭବ ଅନୁଭୂତିରେ : ମୋ ସମୟର ଓଡ଼ିଶା



ସତ୍ୟବାନ ସେଠୀ

ଓଡ଼ିଆ "ଆତ୍ମଜୀବନୀ" ରଚନା କରିବା ଦିଗରେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ "ମୋ ସମୟର ଓଡ଼ିଶା" ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ଜଣେ ଐତିହାସିକ, ପ୍ରାବନ୍ଧିକ, ପ୍ରତ୍ନତତ୍ତ୍ୱବିତ୍ ଭାବରେ ଯେଉଁ ଅନୁଭୂତିକୁ ତାଙ୍କ ଜୀବନ ଭିତରେ ସାଉଣ୍ଟିଛନ୍ତି ତାହାକୁ ତାଙ୍କ ଆତ୍ମଜୀବନୀ ମଧ୍ୟରେ ଦର୍ଶାଇଛନ୍ତି । ୧୩୧୬ ସାଲ (୧୯୦୯ ମସିହା) ମାର୍ଗଶୀର ୨୮ ତାରିଖ କୃଷ୍ଣଚତୁର୍ଥୀ ଭୃଗୁବାସ, ମେଷଲଗ୍ନରେ ମୟୂରଭଞ୍ଜର ଖିଚିଂ ଠାରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ, ଆତ୍ମଜୀବନୀ ଲେଖିବାରେ ଲେଖକଙ୍କର ଇଛାନଥିଲେ ମଧ୍ୟ ରେଭେନ୍ସା କଲେଜର ସ୍ନାତକୋତ୍ତର ଓଡ଼ିଆ ବିଭାଗର ପୂର୍ବତନ ପ୍ରଫେସର ଡ଼. କୁଞ୍ଜବିହାରୀ ଦାସ ଏହି ପୁସ୍ତକ ଲେଖିବା ପାଇଁ ପ୍ରବର୍ତ୍ତାଇଥିଲେ । ତେଣୁ ଏହା ପ୍ରଥମେ ୧୯୭୮ ମସିହାରେ, ସ୍ୱର୍ଗତ ପିତା ସାଗର ପାଣିଗ୍ରାହୀ ଓ ସ୍ୱର୍ଗତା ମାତା ସରସ୍ୱତୀ ଦେବୀଙ୍କୁ ଉତ୍ସର୍ଗୀକୃତ ଭାବେ କିତାବ ମହଲ କଲେଜ ସ୍କୋୟାର, କଟକ-୩ ଦ୍ୱାରା ପ୍ରକାଶିତ ହୋଇଥିଲା ।

ଲେଖକଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ ଗୁଡ଼ିକ ମଧ୍ୟରେ - ଇତିହାସ ଓ କିମ୍ବଦନ୍ତୀ, ଭାରତୀୟ ପ୍ରତ୍ନତତ୍ତ୍ୱ (ଅନୁବାଦ), ମୋ ସମୟର ଓଡ଼ିଶା (ଆତ୍ମଜୀବନୀ), ପ୍ରବନ୍ଧ ମାନସ ( ପ୍ରବନ୍ଧ ସଂକଳନ), ସାରଳା ସାହିତ୍ୟର ଐତିହାସିକ ଚିତ୍ର ଇତ୍ୟାଦି।

"ମୋ ସମୟର ଓଡ଼ିଶା" ଆତ୍ମଜୀବନୀର ମୁଖବନ୍ଧରେ ଡ. କୁଞ୍ଜବିହାରୀ ଦାସ ଉଲ୍ଲେଖ କରି କହିଛନ୍ତି - ଲେଖକଙ୍କର ଅପ୍ରିୟସତ୍ୟ ପ୍ରକାଶ ଫଳରେ ତାଙ୍କୁ ବହୁ ବିରୋଧ, ବିଦ୍ୱେଷ ଓ ଅସହିଷ୍ଣୁତାର ସମ୍ମୁଖୀନ ହେବାକୁ ପଡିଥିଲା। ଏପରିକି ତାଙ୍କର ସମସ୍ତ ଯୋଗ୍ୟତା ଥାଇ

ISSN NO.
2582-208X

ମଧ୍ୟ, ଆସନଟି ତାଙ୍କ ଜୁନିୟରଙ୍କୁ ଦିଆଯାଇଛି। ଗବେଷଣାର କୌଣସି ସୁଯୋଗ ମଧ୍ୟ ତାଙ୍କୁ ଦିଆହୋଇ ନଥିଲା; ବରଂ ଏଥିରେ ଅନ୍ତରାୟ ସୃଷ୍ଟି କରାଯାଇଥିଲା। ବହୁ ବିଭ୍ରାଟ ଫଳରେ ତାଙ୍କର ମାନସିକ ଭାରସାମ୍ୟ ନଷ୍ଟ ହୋଇଯାଇଥିଲା । ଜୀବନ କାଳରେ ଯାହା କରିବାର କଥା ତାର କାଣିଚାଏ ମଧ୍ୟ ସେ କରିପାରି ନଥିଲେ, ଏପରିକି ଯାହାକୁ ଅବଲମ୍ବନ କରି ସେ ସାରଳା ସାହିତ୍ୟର ଐତିହାସିକ ଚିତ୍ର ଲେଖିଥିଲେ ତାହାକୁ ତଥାକଥିତ ଶୁଦ୍ଧ ସଂସ୍କରଣରୁ ମଧ୍ୟ ବାଦ୍ ଦିଆଯାଇଥିଲା। (ମୋ ସମୟର ଓଡ଼ିଶା, ଦ୍ୱିତୀୟ ସଂସ୍କରଣ, ମୁଖବନ୍ଧ - କୁଞ୍ଜବିହାରୀ ଦାସ)

"ମୋ ସମୟର ଓଡ଼ିଶା" ଆତ୍ମଜୀବନୀରେ ୧୨ଗୋଟି ପରିଚ୍ଛେଦ ରହିଛି, ପ୍ରଥମ ପରିଛେଦ -ଜୀବନ ପ୍ରଭାତ। ଏଥିରେ ସନ୍ନିବେଶିତ ଥିବା ଚତୁର୍ଥ ଓ ନବମ ପରିଚ୍ଛେଦ ଝଙ୍କାର ୨୭ଶ ବର୍ଷ ବିଷୁବ ସଂଖ୍ୟାରେ ଓ ୨୮ଶ ବର୍ଷ ୫ମ ସଂଖ୍ୟାରେ, ସପ୍ତମ ପରିଚ୍ଛେଦ ପ୍ରଜାତନ୍ତ୍ର ରଜତ - ଜୟନ୍ତୀ ସଂଖ୍ୟାରେ ଏବଂ ଅଷ୍ଟମ ପରିଚ୍ଛେଦ "ଉତ୍କଳ ସାହିତ୍ୟ" ସମାଜ ତରଫରୁ ପ୍ରକାଶିତ ସାହିତ୍ୟିକ ଅଭିଭାଷଣ ନାମକ ପୁସ୍ତକ ଭାବରେ ପ୍ରକାଶିତ। ଲେଖାର ଦୁଇବର୍ଷ ପରେ ଅର୍ଥାତ୍ ୧୯୭୯ ମସିହାରେ ଏଥିପାଇଁ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ନିଜ ଆତ୍ମଜୀବନୀ ସମ୍ପର୍କରେ ଏକ ସୂକ୍ଷ୍ମ ଧାରଣ ଦେବାକୁ ଯାଇ କୃଷ୍ଣଚନ୍ଦ୍ର କହିଛନ୍ତି - ସେ ହେଉଛନ୍ତି ତାଙ୍କ ପିତା ମାତାଙ୍କ ନବମ ସନ୍ତାନ, ଏମ୍ . ଏ ପାସ କରିବାର ବହୁ ପୂର୍ବରୁ ସେ ଭରତ ଚନ୍ଦ୍ର ପଣ୍ଡାଙ୍କ କନିଷ୍ଠ କନ୍ୟା ଶ୍ରୀମତୀ ତାରାମଣି ଦେବୀଙ୍କୁ ବିବାହ କରିଥଲେ ତାଙ୍କର ଜ୍ୟେଷ୍ଠ ପୁତ୍ର ବୈରେଣ୍ୟ ଏବଂ ଲେଖକ ଶେଷରେ ୧୯୮୭ ମସିହାରେ ହୃଦ୍ ରୋଗରେ ମୃତ୍ୟୁ ବରଣ କରିଥିଲେ।

ଲେଖକ ଭୂୟାଁ, ଗଣ୍ଡ, କୁହ୍ଲ ଆଦିବାସୀ ଗ୍ରାମରେ ରହୁଥିଲେ, ତେଣୁ ସେମାନଙ୍କ କାର୍ଯ୍ୟ କଳାପ ଅନୁଯାୟୀ ସେମାନେ ବ୍ୟବହାର କରୁଥିବା କାଣ୍ଡକୁ ଉଲ୍ଲେଖ କରି କହିଛନ୍ତି- (୧) ସୂତୀକାଣ୍ଡ – ଏହା ମୁଣ୍ଡରେ ମୋଟା ଛୁଞ୍ଚି ପରି ଗୋଟିଏ ମୁନିଆଁ ଲୁହା କଣ୍ଟା ରହୁଥିଲା। (୨) ଖୋପିକାଣ୍ଡ – ଏହା ମୁଣ୍ଡରେ ଖୋପ ପରି ଚାରୋଟି ଲୁହା କଣ୍ଟା ଲାଗୁଥିଲା। (୩) ଚିଆଳକାଣ୍ଡ – ଏହା ମୁଣ୍ଡରେ ବର୍ଚ୍ଛାମୁଣ୍ଡର ଲୁହାପରି ଖଣ୍ଡିଏ ପତ୍ରକାର ଲୁହା ଲାଗୁଥିଲା। (୪) ବିଦାକାଣ୍ଡ – ଏହା ମୁଣ୍ଡରେ ଖଣ୍ଡିଏ ବାଉଁଶ ଲାଗୁଥିଲା।

ଏହା ବ୍ୟତୀତ ଲେଖକ ଅନ୍ୟ ଏକ ହାସ୍ୟ ମୂଳକ ଘଟଣାକୁ ଏଠାରେ ଉଲ୍ଲେଖ କରି କହିଛନ୍ତି – ଆଦିବାସୀ ଭାଇମାନେ ମକଦ୍ଦମା କରିବାକୁ କଦାପି ଅଗ୍ରସର ହୁଅନ୍ତି ନାହିଁ।

ISSN NO.
2582-208X

ମୋଟ ଉପରେ ସେମାନଙ୍କର କୌଣସି ବିବାଦ ଥାନା ବା କଚେରୀକୁ ନଯାଇ ପଞ୍ଚାୟତ ମଧ୍ୟରେ ମୀମାଂସିତ ହେଉଥିଲା। କିନ୍ତୁ ଥରେ ପୋଖରୀରୁ ମାଛଧରିବାକୁ ନେଇ ଏକ ମକଦ୍ଦମା ହେଲା । ଗଣ୍ଡସାହିରେ ଥିବା ସିନ୍ଦୂରଗୌରୀ ପୋଖରୀରେ ଭୂୟାଁ ସାହିର କେତେଜଣଙ୍କର ମଧ୍ୟ ଏଥିରେ ଅଂଶ ଥିଲା, ସେମାନେ ରାତିରେ ପୋଖରୀରୁ ମାଛମାରି ନେବାର ଖବର ପାଇବା ପରେ ସେମାନଙ୍କୁ ଧରିବା ପାଇଁ ଚେଷ୍ଟା କଲେ । ମାତ୍ର ଘୋର ଅନ୍ଧକାର ମଧ୍ୟରେ ଗଣ୍ଡସାହିର ଲୋକମାନେ ମାଛ ଓ ଜାଲ ସାଙ୍ଗରେ ନିଜ ନିଜ ଘରକୁ ଚାଲିଗଲେ, ମକଦ୍ଦମା ଏଇଠି ଶେଷ ହୋଇଥାନ୍ତା। କିନ୍ତୁ ଭୂୟାଁ ସାହିର ପ୍ରଧାନ ବରୁଆଁ ଥାନାରେ ଉପସ୍ଥିତ ହୋଇ ଏତଲା ଦେଲା। ସଙ୍ଗେ ସଙ୍ଗେ ଥାନାବାବୁ ଗଣ୍ଡସାହିରେ ଉପସ୍ଥିତ ହେଲେ, ଆଗରୁ ଜଣେ କନେଷ୍ଟେବଳ ଆସି ମକଦ୍ଦମାର ହାଲସବୁ ବୁଝିଥିଲେ। ଗଣ୍ଡସାହିର ପ୍ରଧାନପଡ଼ା ଘରୁ ବାହାରି ଭୂୟାଁ ସାହିର ପ୍ରଧାନ ବୁଢ଼ା ପାଖରେ ପହଞ୍ଚିଲା ଏବଂ କ୍ରୋଧ ଜର୍ଜରିତ ହୋଇ ଉଚ୍ଚ କଣ୍ଠରେ କହିଲା – ତୁ କୁଡ଼ିଏ ଟଙ୍କା ଦେବୁତ, ମୁଁ କୁଡ଼ିଏ ଟଙ୍କା ଦେବୀ, ଭୂୟାଁ ପ୍ରଧାନ ଯୁକ୍ତି କଲା ତୁଇ ମାଛ ମାରିଛୁ ତୁଇ ସବୁ ଟଙ୍କା ପୁଲିସକୁ ଦବୁ। ଏହିପରି ପାଟି ତୁଣ୍ଡରେ ଉଭୟ ସାହିର ଲୋକଆସି ରୁଣ୍ଡ ହେଲେ ସମସ୍ତେ ଗଣ୍ଡପ୍ରଧାନ ବୁଢ଼ାର ପକ୍ଷ ନେଲେ , କହିଲେ ଗାଁର ମାମଲା ଗାଁରେ ଶେଷ ହୋଇଥାନ୍ତା।ମାତ୍ର ଭୂୟାଁ ପ୍ରଧାନ ପୁଲିସକୁ ଡାକିଛି ସେମଧ ଅଧା ଟଙ୍କା ଦେବାକୁ ବାଧ୍ୟ। ଭୂୟାଁ ପ୍ରଧାନ କୌଣସି ଉପାୟ ନଦେଖି କୁଡ଼ିଏ ଟଙ୍କା ଦେଲା।

ଲେଖକ ପିଲାଦିନର ଚାଟଶାଳୀ କଥା ଉଲ୍ଲେଖ କରି କହିଛନ୍ତି – ପ୍ରତ୍ୟେକ ରବିବାର ସନ୍ଧ୍ୟାରେ ସରସ୍ୱତୀ ପୂଜା ହେଉଥିଲା। ସାମାନ୍ୟ ଭୋଗ ଓ ଧୂପଦୀପରେ ଅବଧାନଙ୍କ ଦ୍ୱାରା ପୂଜା ସମାହିତ ହେବାପରେ ପିଲାମାନେ ନିଜ ନିଜ ଘରକୁ ଫେରୁଥିଲେ । ଏହା ବ୍ୟତୀତ ଗଣେଶ ଚତୁର୍ଥୀ ଓ ଶ୍ରୀପଞ୍ଚମୀ ଥିଲା ଆମମାନଙ୍କ ପାଇଁ ସବୁଠାରୁ ବଡ଼ ଆନନ୍ଦର ଦିନ, ଏଥିପାଇଁ ପୂଜା ସାମଗ୍ରୀ ଭାବରେ – ଫୁଲ, ଦୀପ, ଖଇ କିମ୍ବା ଉଖୁଡା କିଛି ଗୁଡ଼ ଓ ଖସାଲଡୁ ନବାକୁ ପଡୁଥିଲା। କିନ୍ତୁ ଏତିକି ସାମଗ୍ରୀ ମଧ୍ୟରେ ଯେଉଁ ହତଭାଗ୍ୟମାନେ ଆଣିପାରୁ ନଥିଲେ ସେମାନଙ୍କ ମଧ୍ୟରେ ଲେଖକ ମଧ୍ୟ ଥିଲେ ବୋଲି କହିଛନ୍ତି।

କୃଷ୍ଣଚନ୍ଦ୍ର ନିଜ ପରିବାର ପରମ୍ପରା ବିଷୟରେ ଉଲ୍ଲେଖ କରି କହିଛନ୍ତି – ସେମାନେ କେବଳ ଖିଚିଂ ଠାକୁରାଣୀଙ୍କ ପୂଜାହାରୀ କରନ୍ତି, ଅନ୍ୟ କାହାରି ପୂଜାହାରୀ କାମ କରନ୍ତି ନାହିଁ। ତେଣୁ ଲେଖକଙ୍କ ମା ଓ ଭାଇମାନେ କୌଣସି ପୂଜାହାରୀ କାମରେ ଲେଖକଙ୍କୁ

ISSN NO.
2582-208X

ଲଗାଇବାରେ ରାଜି ନଥିଲେ; କିନ୍ତୁ କୌଣସି ଶିକ୍ଷକଙ୍କ ଘରେ ଭାତ ରାନ୍ଧି ତାଙ୍କ ପାଖରେ ପଢ଼ିଲେ ସେମାନଙ୍କ ମତରେ ନିନ୍ଦନୀୟ କଥା ନଥିଲା। ତେଣୁ ଜଣେ ଶିକ୍ଷକଙ୍କ ଘରେ ଭାତ ରାନ୍ଧି ତାଙ୍କ ପାଖରେ ପାଠ ପଢ଼ିବାର ସୁଯୋଗ, ବରୁଆଁ ଉଚ୍ଚ ପ୍ରାଥମିକ ସ୍କୁଲର ହେଡପଣ୍ଡିତ ବୈଦ୍ୟପୁରନିବାସୀ ଶ୍ରୀ ବୈଦ୍ୟନାଥ ତ୍ରିପାଠୀ ଦେଇଥିଲେ।

ଜାତି ଧର୍ମକୁ ନେଇ ସେ ସମୟରେ ଯେଉଁ ଭେଦ ଭାବ ଦେଖିବାକୁ ମିଳୁଥିଲା ତାହାର ଏକ ସୂକ୍ଷ୍ମ ଦିଗକୁ ଉଲ୍ଲେଖ କରି କହିଛନ୍ତି - ୧୯୩୧ ମସିହା କଟକ ରେଭେନ୍ସା କଲେଜରେ ଅଧ୍ୟୟନ କଲାବେଳେ ତାଙ୍କ ମଧ୍ୟରେ ଜାତିଧର୍ମକୁ ନେଇ ଯେଉଁ ବାଛବିଚାର ଥିଲା ସେଠାରେ ଜାତିଧର୍ମର କୌଣସି ବିଭେଦ ଦେଖିବାକୁ ପାଇ ନଥିଲେ। ସମସ୍ତ ଜାତିର ପିଲା ଏକତ୍ର ବାସକରି ଭୋଜନ କରନ୍ତି, ତା ଛଡା ହୀନ୍ଦୁ ଛାତ୍ରମାନେ ଖ୍ରୀଷ୍ଟିଆନ ଓ ମୁସଲମାନଙ୍କ ଠାରୁ ମଧ୍ୟ ନିର୍ବିକାରରେ ସବୁ ଖାଦ୍ୟ ଖାଉଥିଲେ।

ଲେଖକ ଅର୍ଥର ସ୍ୱଳ୍ପତା ହେତୁ ହଷ୍ଟେଲ ପରିବର୍ତ୍ତେ, କୌଣସି ଏକ ମେସରେ ରହିବାକୁ ସ୍ଥିର କରିଥିଲେ, ମାତ୍ର ରେଭେନ୍ସା ପୂର୍ବଛାତ୍ରାବାସର ତତ୍କାଳୀନ ସୁପରିଣ୍ଟେଣ୍ଡେଣ୍ଟ ଅଧ୍ୟାପକ ଗୁରୁଚରଣ ମହାନ୍ତି ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଅଧ୍ୟାପକ ହରିବନ୍ଧୁ ମହାନ୍ତି ହଷ୍ଟେଲରେ ରହିବାପାଇଁ ନାନା ଭାବରେ ପ୍ରବର୍ତ୍ତାଇ ପୂର୍ବଛାତ୍ରାବାସରେ ରଖାଇଥିଲେ । ସେଥି ପାଇଁ ଲେଖକ ସେମାନଙ୍କ ନିକଟରେ ଋଣୀ ବୋଲି ମତ ପ୍ରକାଶ କରିଛନ୍ତି।

ପର୍ବ ପର୍ବାଣୀକୁ ଲେଖକ ଉପସ୍ଥାପନା କରି କହିଛନ୍ତି - ପର୍ବ ପର୍ବାଣୀ କେବଳ ଆନନ୍ଦର ଅବରସର ନୁହେଁ ଏହା ଲୋକମାନଙ୍କ ମଧ୍ୟରେ ଐକ୍ୟ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଥାଏ। ମୟୂରଭଞ୍ଜରେ ପରିଲକ୍ଷିତ ହେଉଥିବା ପର୍ବ ଗୁଡ଼ିକ ମଧ୍ୟରେ 'ଛାଉନଚ' ଯାହା ଓଡ଼ିଶାରେ ବେଶ୍ ପ୍ରସିଦ୍ଧ ଲାଭ କରିଛି। ଲେଖକ - ଗାଁରେ ଚୈତ୍ର ପର୍ବ ବେଳେ ଯେଉଁ ଛଉନାଚ ହେଉଥିଲା ସେଥିପାଇଁ ଦୁଇମାସ ପୂର୍ବରୁ ଗାଁର ବନମାଳୀ ନାୟକ (ଉସ୍ତଦର ରୋଡକ) ପିଲାମାନଙ୍କୁ ଛଉନାଚ ଅଭ୍ୟାସ କରାଉଥିଲେ। ବେଳେବେଳେ ବାଜାର ତାଳ ଅନୁସାରେ ଉସ୍ତଦର ରୋଢ଼କ ଅନୁସାରେ ପିଲାମାନଙ୍କୁ ନୃତ୍ୟଭଙ୍ଗୀ ପରିଚାଳନା କରିବାକୁ ପଡୁଥିଲା।

ଏହା ପରେ ଚୈତ୍ର ପର୍ବରେ ଯେଉଁ ରଜସଂକ୍ରାନ୍ତି ହୁଏ ସେଥିପାଇଁ ବହୁ ପୂର୍ବରୁ ଆୟୋଜନ ଚାଲେ, ଗାଁରେ ଦୋଳି ବସୁଥିଲା। ସ୍ତ୍ରୀ ପୁରୁଷ ପାଖ ପାଖ ଦୋଳିର ଭିନ୍ନଭାବରେ ବସି

ISSN NO.
2582-208X

ଅଧରାତି ପର୍ଯ୍ୟନ୍ତ ଦୋଳିଗୀତରେ ପ୍ରତିଯୋଗୀତା ଚଳାନ୍ତି । ପୂର୍ବରୁ ରଚିତ ଦୋଳିଗୀତ ଗୋଡ଼ିକ ପ୍ରଚଳିତ ମଧ୍ୟ, ଏହା ପରିବର୍ତ୍ତେ ଅନେକ ଦୋଳିରେ ବସି ସଙ୍ଗେ ସଙ୍ଗେ ଗୀତ ରଚନା କରିଥାନ୍ତି। ଯଥା – ଜଣେ ଛତା ଧରି ଚାଲୁଥିବାରୁ ଦେଖିଲେ ସଙ୍ଗେ ଗାଇ ଉଠନ୍ତି –

"ଛତାକୁ ଛତା ପଇତା, ଛତାଧରା ଭାଇରେ ଦଣ୍ଡେ ରହିଥା"
"ଦଣ୍ଡେ ରହିଥାରେ, ଛତାରେ ଦେବୀ ବାରତା"।

ସେହିପରି ମକର ପର୍ବ ଗୋଟିଏ ପ୍ରଧାନ ପର୍ବ ସମସ୍ତଙ୍କ ଘରେ ଘରେ ପିଠାପଣା ମାଂସ ଭୋଜନ କରିଥାନ୍ତି। ଅନେକ ମେଳା ମହୋତ୍ସବ ମଧ୍ୟ ହୋଇଥାଏ । ଜଗନ୍ନାଥ ପାଣିଙ୍କ ରଚିତ ଲୀଳା ଓ ବୈଷ୍ଣବ ପାଣିଙ୍କ ରଚିତ ରଙ୍ଗସଭା ଦଣ୍ଡିପର୍ବ ଇତ୍ୟାଦି ଏହି ଉତ୍ସବରେ ଦେଖିଥିଲେ ବୋଲି ମତ ଦିଅନ୍ତି ।

ଲେଖକ ତାଙ୍କ ଆତ୍ମଜୀବନୀରେ ମୟୂରଭଞ୍ଜ ରାଜ ପରିବାର କିପରି ଓଡ଼ିଆ ଭାଷା, ସାହିତ୍ୟ ଶିକ୍ଷା ଓ ସଂସ୍କୃତିକୁ ବିକଶିତ କରିବା ଦିଗରେ ନିଜକୁ ନିଓଜିତ କରି କହିଛନ୍ତି । ଭଞ୍ଜର ମହାରାଜା ପୂର୍ଣ୍ଣଚନ୍ଦ୍ର, ମହାରାଜ ପ୍ରତାପଚନ୍ଦ୍ରଙ୍କ ରାଜତ୍ୱକାଳ ଓ ତତ୍ ପରବର୍ତ୍ତୀ ସମୟ ମଧ୍ୟରେ ହିଁ ସୀମାବଦ୍ଧ ଥିଲା । ମାତ୍ର ମହାରାଜ ଶ୍ରୀ ରାମଚନ୍ଦ୍ରଙ୍କ ମୃତ୍ୟୁ ବେଳେ ଯେଉଁ ଶୋକସଙ୍ଗୀତ ଗୋଡ଼ିକ ରଚିତ ହୋଇଥିଲା । ସେଗୁଡିକ ବହୁ ସମୟଧରି ଲୋକ ମାନଙ୍କ ମଧ୍ୟରେ ପ୍ରଚଳିତ ହୋଇଥିଲା । ପଲ୍ଲିକବିଙ୍କ ପ୍ରଥମ ଧାଡ଼ିରେ– କନ୍ଦିକହେ ସେନଜେମା, ଏକାକୀ ଭଞ୍ଜବଂଶ ନୃପଚନ୍ଦ୍ରମା ହେ ସଂସାରେ ନାହିଁ ଉପମା। ଭକ୍ତକବି ମଧୁସୂଦନ ରାଓଙ୍କ ଶୋକଶ୍ଳୋକର ପ୍ରଥମ ଧାଡ଼ି ହେଉଛି – ଭଞ୍ଜଭୂମିପତି ଶ୍ରୀ ରାମଚନ୍ଦ୍ର, କୋଟି ହୃଦାକାଶ ପୂର୍ଣ୍ଣିମାଚନ୍ଦ୍ର।

୧୯୩୦ ମସିହା ବେଳକୁ ମୟୂରଭଞ୍ଜ ରାଜାଙ୍କର ପ୍ରଶାସନିକ ବ୍ୟବସ୍ଥା ବ୍ରିଟିଶ ଶାସିତ ଅଞ୍ଚଳର ପ୍ରଶାସନିକ ବ୍ୟବସ୍ଥା ସହିତ ସମାନ ହୋଇଯାଇଥିଲା। ପୋଲିସ, କୋର୍ଟ, ହାଇକୋର୍ଟ, ସେକ୍ରେଟେରୀ, ଏସ. ଡି ଓ ମାନଙ୍କ କଚେରି ଇତ୍ୟାଦି ବ୍ରିଟିଶ ଶାସନ କାଳର ଢାଞ୍ଚା ଗଢ଼ିତ ହୋଇସାରିଥିଲା ।ଏହି ସମୟରେ ଭଞ୍ଜ ରାଜପରିବାର ରାଜନୈତିକ କ୍ଷେତ୍ରରେ ଓଡ଼ିଶା ସହିତ କୌଣସି ସମ୍ବନ୍ଧ ଥିଲେହେଁ ସାଂସ୍କୃତିକ ଓଡ଼ିଶା ପ୍ରତି ସେମାନଙ୍କ ସହାନଭୂତି ଥିଲା । ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ସଭାପତିତ୍ୱ ଗ୍ରହଣ କରି ଓଡ଼ିଶାର ଶିକ୍ଷା ଓ ସଂସ୍କୃତିର ଆଦର୍ଶ ସୃଷ୍ଟି

ISSN NO.
2582-208X

କରିଥିଲେ । ମହାରାଜ ପ୍ରତାପଚନ୍ଦ୍ରଙ୍କ ଅମଳରେ 'ଭଞ୍ଜପ୍ରଦୀପ' ନାମକ ଗୋଟିଏ ଉଚ୍ଚ କୋଟିର ପତ୍ରିକା ପ୍ରଥମେ ପ୍ରଖ୍ୟାତ କବି ଓ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ସମ୍ପାଦନରେ ଓ ପରେ ଶ୍ରୀ ବସନ୍ତ କୁମାର ଶତପଥୀ ସମ୍ପାଦକତ୍ୱରେ ବାରିପଦା ଠାରୁ ବାହାରିଥିଲା। ଏହି ସମୟରେ ଓଡ଼ିଶାର ଶିକ୍ଷା ଓ ସଂସ୍କୃତିର ପ୍ରସାର ପାଇଁ ମୟୂରଭଞ୍ଜ ରାଜପରିବାର ସର୍ବାଧିକ ଖ୍ୟାତି ଅର୍ଜନ କରିଥିଲେ।

ଓଡ଼ିଶାର ସାଂସ୍କୃତିକ ଦିଗକୁ ଲେଖକ ଉଲ୍ଲେଖ କରି କହିଛନ୍ତି – ସେ ସମୟରେ ସାଂସ୍କୃତିକ କ୍ଷେତ୍ରରେ ଦୁର୍ନୀତି ପ୍ରସାରଲାଭ କରିଥିଲେ ମଧ୍ୟ ଓଡ଼ିଶା ସରକାର, ବିଶ୍ୱବିଦ୍ୟାଳୟ, ପ୍ରେସ୍, ସ୍ଥାନୀୟ ବ୍ୟକ୍ତିମାନେ ଏହାବିରୋଧରେ କୌଣସି ସକ୍ରିୟ ପଦକ୍ଷେପ ନେଇନାହାନ୍ତି। ସରକାର ଏଥିରେ କୌଣସି ଦୃଷ୍ଟି ନଦେବା ଫଳରେ ଏଥିରେ ଭଣ୍ଡ – ପାଣ୍ଡିତ୍ୟ ମାନଙ୍କର ବୃଦ୍ଧି ପାଇଛି । ଓଡ଼ିଶାରେ କଖାରୁ ଚୋର ପାଇଁ ଦଣ୍ଡ ରହିଛି ମାତ୍ର ସାଂସ୍କୃତିକ କ୍ଷେତ୍ରରେ ବିଷାକ୍ତ କରୁଥିବା ଜାଲିଆତ୍ ମାନଙ୍କ ପ୍ରତି କୌଣସି ଦଣ୍ଡ ନାହିଁ । ବରଂ ବେଳେବେଳେ ସେମାନେ ଅଭିନନ୍ଦନ ଓ ପୁରସ୍କୃତ ହୋଇଛନ୍ତି। ସରକାରଙ୍କ ଗୋଇନ୍ଦା ବିଭାଗ ବିଷୟ ପ୍ରତି ସଜାଗ ଅଛନ୍ତି। ଓଡ଼ିଶାର ପ୍ରତ୍ରିକା କ୍ଷୁଦ୍ରରୁ କ୍ଷୁଦ୍ର ବିଷୟରେ ଅଗ୍ରଲେଖାମାନ ପ୍ରକାଶ କରି ଜନସାଧାରଣ ମାନଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି, ମାତ୍ର ଏ ସାଂସ୍କୃତିକ ବ୍ୟାଧି ପ୍ରତି ସଂପୂର୍ଣ୍ଣ ଉଦାସୀନ ଅଛନ୍ତି । ଏପରିକି ନେତୃସ୍ଥାନୀୟ ବ୍ୟକ୍ତିମାନେ କ୍ଷୁଦ୍ରରୁ କ୍ଷୁଦ୍ର ବିଷୟ ପ୍ରତି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସାଂସ୍କୃତିକ କ୍ଷେତ୍ରରେ ଯେଉଁ ଦୁର୍ନୀତି ଚାଲିଛି; ସେ ସମ୍ବଧରେ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି ।

୧୯୩୧ ମସିହା ବେଳକୁ ରେଭେନ୍ସା କଲେଜର ସ୍ୱର୍ଗତ ଇତିହାସ ଅଧ୍ୟାପକ ନିର୍ମଳ ବାନାର୍ଜୀ କେତେ ଗୁଡିଏ ପ୍ରାଚୀନ ମୂର୍ତ୍ତି ଓ ମୁଦ୍ରା ସଂଗ୍ରହ କରି ମିଉଜିୟମର ରୂପ ଦେଇଥିଲେ । ଏଥି ପାଇଁ ଇଂରେଜ ସରକାର ତାଙ୍କୁ ରାଇବାହାଦୂର ଉପାଧି ପ୍ରଦାନ କରିଥିଲେ । ପରେ ସ୍ୱର୍ଗତ ଅଧ୍ୟାପକ ଘନଶ୍ୟାମ ଦାସ ଓ ନିର୍ମଳ ବାନାର୍ଜୀଙ୍କ ଉଦ୍ୟମରେ ମିଉଜିୟମର ଅଭିବୃଦ୍ଧି ଘଟିଥିଲା। ୧୯୪୭ ମସିହାରେ ସରକାର କ୍ୟୁରେଟର ଭାବରେ ଲେଖକଙ୍କୁ ନିଯୁକ୍ତି କରାଇଥିଲେ। ୧୯୫୦ ମସିହା ବେଳକୁ ସ୍ୱର୍ଗତ ପରମାନନ୍ଦ ଆଚାର୍ଯ୍ୟ, ସତ୍ୟନାରାୟଣ ରାଜଗୁରୁ, ବିପିନବିହାରୀ ନାଥ ଓ କେଦାରନାଥ ମହାପାତ୍ର ମିଉଜିୟମର ବିଭିନ୍ନ ପଦମାନଙ୍କରେ ନିଯୁକ୍ତି ହୋଇ ମିଉଜିୟମଟିର ଅଭିବୃଦ୍ଧି ଘଟାଇଥିଲେ ।

ISSN NO.
2582-208X

ଲେଖକ ସେ ସମୟର ସରକାରଙ୍କ ରାଜନୀତି ସମ୍ପର୍କରେ ଆତ୍ମଜୀବନୀରେ କୌଣସି ଆଲୋଚନା କରି ନଥିଲେ ମଧ୍ୟ ତାଙ୍କର – ଷଷ୍ଠ ପରିଚ୍ଛେଦଟି ପଢ଼ିଲେ ଆମେ ସେସମୟର ଭାରତ ତଥା ଓଡ଼ିଶାର ସାମାଜିକ, ଅର୍ଥନୈତିକ, ରାଜନୀତି ବ୍ୟବସ୍ଥା କିପରୀ ଥିଲା ତାହା ଜାଣିପାରୁ ।

ଏମ୍ ଏ କଲିକତା ବିଶ୍ୱବିଦ୍ୟାଳୟରୁ ସରିବା ପରେ ଲେଖକ ଭାରତର ପ୍ରତ୍ନତତ୍ତ୍ୱ ବିଭାଗରେ କାର୍ଯ୍ୟକାରୀ ଭାବରେ ନିଯୁକ୍ତି ହୁଅନ୍ତି । ଦୀର୍ଘ ସାତ ବର୍ଷ କାର୍ଯ୍ୟ ପରେ ମଧ୍ୟ ତାଙ୍କ ସହ ଯେଉଁମାନେ ନିଯୁକ୍ତି ହେଇଥିଲେ ସେଥିରେ ସେମାନଙ୍କୁ ସ୍ଥାୟୀ କରାଯାଇଛି। ଲେଖକ ସୁପରିଟେଣ୍ଡେଣ୍ଟ ଭାବରେ ଯେଉଁ ସବୁ କ୍ଷମତା ଥିଲା ତାକୁ ମଧ୍ୟ ସଙ୍କୁଚିତ କରାଯାଇଛି । କେବଳ ଦରମା ପାଇଁ ହିଁ ସେଠାରେ ଚାକିରି କରିଛନ୍ତି ବୋଲି କହିଛନ୍ତି ।

ଏସବୁ ଘଟଣା ପରେ ଓଡ଼ିଶାକୁ ଆସି ଶିକ୍ଷାକ୍ଷେତ୍ରରେ ନିଜକୁ ନିଓଜିତ କଲେ କିନ୍ତୁ ଶିକ୍ଷାକ୍ଷେତ୍ରରେ ଲେକ୍ଚର୍ ଉପରେ ଯଉସବୁ ପୃଷ୍ଠ ଥିଲା ସେଥିପାଇଁ ଲେଖକ ପାଇବାର ହକଦାର ଥାଇ ମଧ୍ୟ ପାଇ ନାହାନ୍ତି। ତାଙ୍କ ସହିତ ଓଡ଼ିଶା ବାହାରେ ଯେଉଁମାନେ ଥିଲେ ସେମାନେ ଓଡିଶା ସରକାରଙ୍କ ଠାରୁ ଚାକିରୀ ପାଇଁ ନିର୍ଦ୍ଦେଶ ପାଇଲେ, ମାତ୍ର ଲେଖକ ସେଥିରୁ ମଧ୍ୟ ବଞ୍ଚିତ ହୁଅନ୍ତି। ପରେ ସେ ଭାରତ ଓ ଓଡ଼ିଶା ସରକାରଙ୍କ ଚାକିରୀକୁ ନିଜକୁ ବାହାର କରି ବିଭିନ୍ନ କଲେଜ ମାନଙ୍କରେ ଅଧ୍ୟାପକ କାର୍ଯ୍ୟକଲେ, ତାହା ସହିତ କଲିକତା ବିଶ୍ୱବିଦ୍ୟାଳୟରୁ ପ୍ରତ୍ନତତ୍ତ୍ୱ, ମିଉଜିୟମରୁ ତଥ୍ୟ ସଂଗ୍ରହ କରି, ବହୁ ପ୍ରବନ୍ଧ, ଏକାଧିକ ଇଂରାଜୀ ଭାଷାରେ ପୁସ୍ତକ ରଚନା କରି ଡକ୍ଟର ଉପାଧି ପାଇଥିଲେ। ଲେଖକ ଭାବି ଥିଲେ ଯେ ଏହାପରେ ଚାକିରୀ କ୍ଷେତ୍ରରେ ଆଉ କିଛି ଅସୁବିଧା ହବନି ।

ଏହି ସମୟରେ ଉତ୍ତର ପ୍ରଦେଶରେ ଲେଖକଙ୍କ ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ପ୍ରତ୍ନତତ୍ତ୍ୱ ଡାଇରେକ୍ଟର ପୋଷ୍ଟଟି ଦିଆ ହୋଇନଥିଲା । ବହୁ ସ୍ଥାନରୁ ଏହିପରି ଅପମାନ, ନିନ୍ଦା, କୁତ୍ସ ଠାରୁ ଦୂରେଇ ସରକାରୀ ଚାକିରୀ ପରିବର୍ତ୍ତେ ବିଶ୍ୱବିଦ୍ୟାଳୟ ଅଧୀନରେ ଚାକିରୀ କରିବାକୁ ଲେଖକ ମନସ୍ଥ କଲେ ମଧ୍ୟ ତାହା ମଧ୍ୟ ପାଇନାହାନ୍ତି।

ଏସବୁ ଘଟଣା ଦେଖୀ ତାଙ୍କ ସ୍ତ୍ରୀ ଭୟବିତ ହୋଇ ଭାବିଛନ୍ତି ଯେ ପିଲାମାନେ ଭାସିଯିବ । ୧୯୬୧ ମସିହାରେ ଲେଖକ ଓଡ଼ିଶାକୁ ଆସି ନିଜ ପରିବାର ସହ ଭୁବନେଶ୍ୱରେ ରହିଲେ, ଶେଷରେ ରେଭେନ୍ସା କଲେଜରେ ରିଡର୍ ପୋଷ୍ଟରେ ନିଓଜୀତ ହେଲେ। କିନ୍ତୁ ସେତେବେଳେ

ISSN NO.
2582-208X

ତାଙ୍କ ଜୁନିୟର ମନ୍ମଥ ନାଥ ଦାସ ରେଭେନ୍ସାରେ ଇତିହାସ ବିଭାଗରେ ପ୍ରଫେସର ଥିଲେ ତାଙ୍କ ତଳେ ରିଡର୍ ଭାବରେ କାର୍ଯ୍ୟ କରିବା ତାଙ୍କ ପାଖରେ ଅପମାନ ମାନେ କରି ଚାକିରୀରୁ ଇସ୍ତଫା ଦେଇଥିଲେ ।

ଚାକିରୀ ସରିବାର ୩ବର୍ଷ ଥାଏ, ସେତିକିବେଳେ GM କଲେଜରେ ଇତିହାସ ବିଭାଗରେ ପ୍ରଫେସର ପଦବୀ ଖାଲି ଥାଏ, ମାତ୍ର ସେଇ ପୋଷ୍ଟଟିକୁ ସେପରୀ ଖାଲିହିଁ ରଖା ଗଲା । ଅବସେଶରେ ଲେଖକଙ୍କ ଆଉ ମାତ୍ର ୧୦ଦିନ ସରକାରୀ ଚାକିରୀ ଥାଏ ସେ ସମୟରେ ତାଙ୍କୁ ସମ୍ବଲପୁର କଲେଜକୁ ପଠାଇ ଦିଆଗଲା । ପରେ ସେ ସରକାରୀ ଚାକିରୀରୁ ଅବସର ନେବାର ଦେଢ଼ମାସ ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଇତିହାସ ପ୍ରଫେସର ଭାବେ ପ୍ରାୟ ୪ବର୍ଷ କାର୍ଯ୍ୟ କଲେ । ଏହି ପରିଭାବରେ ତାଙ୍କର ଜୀବନ କଟିଛି ବୋଲି ତାଙ୍କ ଆତ୍ମଜୀବନୀରୁ ଜଣାପଡେ।

ଏହି ପରି ଭାବରେ ଲେଖକ ଓଡ଼ିଶାର ରାଜନୈତିକ, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଆଦି ବିଷୟକୁ ଅତି ସରଳ, ସୁନ୍ଦର, ଏବଂ ପ୍ରାଚୀନ ଓ ପ୍ରମାଣିତ ଭାବରେ ଲେଖକ ତାଙ୍କ ଆତ୍ମଜୀବନୀ "ମୋ ସମୟର ଓଡ଼ିଶା" ରେ ଉପସ୍ଥାପନା କରିଛନ୍ତି। ନିଜ ଅନୁଭୂତିକୁ ଲେଖକ ସତେଯେପରି ଲେଖନୀମୁନରେ ବେଦର ଗାରରୂପେ ଟାଣି ଦେଇଛିନ୍ତି। ଏହାକୁ ପାଠକରିବା ଦ୍ୱାରା ତତ୍କାଳୀନ ଓଡିଶାର ଛବି ସତେଯେପରୀ ଆଖିଆଗରେ ପରିଲକ୍ଷିତହୁଏ।

ପରିଶିଷ୍ଟଃ- ମୋ ସମୟର ଓଡ଼ିଶା ଆତ୍ମଜୀବନୀ, ଦ୍ୱିତୀୟ ସଂସ୍କରଣ, କିତବମହଲ, କଲେଜ ସ୍କୋୟାର, କଟକ -୩

ପୃଷ୍ଠା- – ୧,୪,୫,୯,୧୦,୧୨,୧୩, ୧୪,୧୬,୧୮,୨୬,୨୮, ୨୯,୩୮,୩୯,୪୦,୪୧, ୪୩, ୪୪, ୫୩, ୫୪,୫୫,୭୨,୭୩,୭୪,୭୫,୭୬

((()))

ISSN NO.
2582-208X



# ଅବସର କାଳୀନ ଉପହାର



ଶାନ୍ତିଲତା ସାହୁ

ନାମ ଅଟେ ଆପଣଙ୍କ ସନ୍ଧ୍ୟାରାଣୀ
ନୁହନ୍ତି ଖାଲି ସନ୍ଧ୍ୟାର ରାଣୀ
ଦିନ ଆଉ ରାତିର ମଧ୍ୟ ଘରଣୀ
ପୁଣି ଆପଣଙ୍କ ସେଇ ହସିଲା ଚାହାଣୀ
ସଭିଙ୍କ ହୃଦୟର ଅଟନ୍ତି ରାଣୀ
ବିରାଟ ରୂପ ଆପଣଙ୍କ ସେଇ ଅଭୁଲା କାହାଣୀ
ଯାହା ପାଇଁ ଆଜି ମୁଁ ହୋଇଛି ଋଣି
ସଂପୂର୍ଣ୍ଣ ନାମଟି ଅଟେ ସନ୍ଧ୍ୟାରାଣୀ ବେହେରା
ନାମ ସାଙ୍ଗକୁ ଠିକ୍ ସେମିତି ଆପଣଙ୍କ ସୁନ୍ଦର ଚେହେରା
ଏମ୍.ଏ,ଏମ୍. ଫିଲ୍ ସାଙ୍ଗକୁ ଅଧ୍ୟାପନାରେ ମନ
ଦୀର୍ଘ ତିନି ଦଶନ୍ଧି କାଳ ଅଧ୍ୟାପିକା ଜୀବନ
ଓଡିଆ ଭାଷା ସାହିତ୍ୟ ବିଭାଗରେ ପାଠ ପଢ଼ାଇବାର ଆଗ୍ରହ
ସଦାସର୍ବଦା ରହିଥାଏ ଆପଣଙ୍କ ମନରେ ଆନନ୍ଦ ଉତ୍ସାହ
ଦେବରାୟ କଲେଜରେ କର୍ମର ପ୍ରାରମ୍ଭ
ଅସମ୍ଭବ କାର୍ଯ୍ୟକୁ ସଦା କରନ୍ତି ସମ୍ଭବ
ଅବସରକାଳୀନ ବିଦାୟ ଉତ୍ସବ ସମାରୋହ
ସଭିଙ୍କ ହୃଦୟରେ ଥିଲେ ପୁଣି ପାରିପାର୍ଶ୍ୱିକ କୋହ
ଆପଣଙ୍କ ସ୍ନେହ ଆଦର ଆଉ ଭଲପାଇବାର ଗୁଣ
କହୁଛି ସତ୍ୟ ମୁହିଁ ବିଭାଗ ମୁଖ୍ୟଙ୍କୁ ଶୁଣ

ISSN NO.
2582-208X

ଛନ୍ଦ କପଟ ଆଉ ରାଗ ଅଭିମାନ
ଶିକ୍ଷାଦାନ ସାଙ୍ଗକୁ କେତେ ଯେ ଗଢିଛନ୍ତି ଜୀବନ
ପାଇଛନ୍ତି ପୁଣି କେତେ ମାନ ସନମାନ
ଅଗଣିତ ଛାତ୍ର ଛାତ୍ରୀ ଦେଶ ବିଦେଶରେ
ପାଇଛନ୍ତି ସଫଳତା ତାଙ୍କ ଆଶିଷରେ
କେତେ ଯେ ବାଲୁଙ୍ଗା ଆଉ ବଦମାସ ପିଲା
ସାଆଁବାଲୁଆ ଯେମିତି ପ୍ରଜାପତି ହେଲା
ସ୍ନେହ ଆଦର ଆଉ ଭଲ ପାଇବା ଦେଇ
କରନ୍ତି ଶିକ୍ଷାଦାନ ମାତୃତୁଲ୍ୟ ହୋଇ
ଆପଣଙ୍କ ଗୁଣଗାନ ସଭିଙ୍କ ମୁଖରେ
ବିତିଗଲା ଜୀବନ ଖାଲି ପାଠ ଆଉ ବହି ଭିତରେ
ସୁନ୍ଦର କବିତା ଲେଖା ସାଙ୍ଗକୁ ଗବେଷଣାରେ ଧ୍ୟାନ
ସେସବୁକୁ ଛାଡି ଆଉ ଅନ୍ୟତ୍ର ଲାଗେ ନାହିଁ ମନ
ବିତିଯାଇଛି ଲାଇବ୍ରେରୀ ପ୍ରୋକୋଷ୍ଠରେ ଅଧା ଜୀବନ
ପୁଣି ପାଠାଗାର ପ୍ରତି ଆପଣଙ୍କ ବିଶାଳ ଅନୁଦାନ
ଚୁପ୍ ରହିବ କେମିତି ମୋର ମନ
ରହି ପାରୁନାହିଁ ନ ଲେଖି ଏ ମୋର କଲମ ମୁନ
କବିତା ପାଠ କରିବାରେ ଥାଏ ଯେଉଁ ପ୍ରବଳ ଆଗ୍ରହ
ପ୍ରତି କ୍ଷଣ ପ୍ରତି ମୁହୁର୍ତ୍ତ କାନ୍ଦି ଉଠେ ଆପଣଙ୍କ ହୃଦୟ
ତଥାପି ସ୍ଥିର ଥାଏ ଆପଣଙ୍କ ଲୁହ
ଜାଣେ ଭୁଲିବା କଷ୍ଟ ହେବ ପିଲାଙ୍କ ମୋହ
ଭଲ କବି ନୁହେଁ ଖାଲି ଲେଖିବା ମୋ କାମ
ସାମାନ୍ୟ ଅତିଥି ଅଧ୍ୟାପକ ସତ୍ୟ ମୋର ନାମ
ଅକ୍ଟୋବର ମାସ ମାତା ଦୁର୍ଗାପୂଜା ଛୁଟି
ଦୂରେ ଥାଇ ଏ କବିତାଟି
ଆପଣଙ୍କୁ ଦଶହରା ଭେଟି
ଆପଣଙ୍କ ସ୍ନେହ ଆଦର ଭଲ ପାଇବା ଦିନୁ

ISSN NO.
2582-208X

ମାତା ପୁତ୍ରର ସଂପର୍କ ଇଏ ସାରା ଜଗତ ଚିହ୍ନୁ
ମନେ ପଡ଼େ ସେଇ ଆଦରର ବୁଟ ଭଜା କଥା
ଲାଗେ ଅବା ସତେ ଯେମିତି ସୁଦାମାଙ୍କ ଖୁଦଭଜାର ବ୍ୟଥା
ହେ ନାଥ ଜଗନ୍ନାଥ ଶ୍ରୀପୁରୁଷୋତ୍ତମ
ଆର୍ଶୀବାଦ କର ତୁମେ କବିତାଟି ହେଉ ଉତ୍ତମ
ମାତାଙ୍କ ହୃଦୟରେ କରୁ ଯାଇ ବସା
ଏତିକି କେବଳ ମାତ୍ର ଶାନ୍ତିର ଆଶା

ସୌନକ ସ୍କୁଲ, ଭୁବନେଶ୍ୱର
୭୦୦୮୭୫୫୪୮୪

ISSN NO.
2582-208X

# ସାଜିଲ ଯେ ନବ ବଧୂ

ସ୍ମୃତି ରଞ୍ଜନ ମିଶ୍ର

ତୁମେ ସାଜିଲ ଯେ ନବ ବଧୂ ବେଷ
ନୂଆ ରାଜ ଉଆସରେ
ମୁଁ ହେଇଗଲି ଶେଫାଳି ସଦୃଶ୍ୟ
ତୁମ ମନ ଅଗଣାରେ ।

ନବୀନ ବନର ନବ ରାଜା ମନେ
ଫୁଟି ଯେ ବାସିଲ ତମେ
ଫୁଟିବି ଅଫୁଟା ହୋଇ ମୁଁ ରହିଲି
ଅଚିହ୍ନା ଗହନ ବନେ ।

ନାଲି ଓଠ ଧାରେ ସ୍ମିତ ହାସ୍ୟ ତୁମେ
ହସୁଛ ଯେ କାହା ପାଇଁ
(ଏ) ବିରହୀ ପ୍ରେମିକ ନୀତି ଜଳୁଅଛି
ପୂର୍ବ ସ୍ମୃତି ମନେ ଧ୍ୟାୟି ।

ସିନ୍ଥୀରେ ତୁମର ସିନ୍ଦୁର ନାଇଲ
ବଧୂ ବେଶେ ହେଲ ସଜ
ସିନ୍ଦୁର ନାଇବା ପର ଠାରୁ ତୁମେ
ମୋ କୋକେଇ କରିଛ ସଜ ।

ଅପେକ୍ଷା କରିଛି ତୁମସାଥେ କେବେ
ହୋଇଗଲେ ମୋର ଦେଖା
ପାଦ ଧୋଇଦେବି ଶେଷ ଅଶ୍ରୁ ଧାରେ
ବହୁ ଦୁରେ ଥିବି ଏକା ।

ତୁମେ ସାଜିଲ ଯେ ନବ ବଧୂ ବେଷ
ନୂଆ ରାଜ ଉଆସରେ
ଅପେକ୍ଷା କରିଛି ମୋ ସ୍ମୃତିକୁ ନେଇ
ପଥ ପ୍ରାନ୍ତ ସ୍ମଶାନରେ ।

ରାଇଗୁରୁପୁରୁ, ପୁରୀ

ISSN NO.
2582-208X

# ପାରିତୋଷିକ



ଶ୍ରୀକ୍ଷେତ୍ର ସୁନ୍ଦର

ମୋ ହାତରେ ନଥିଲା,
ନହେଲେ ତମ ହାତ କଣ ମୋର ନଥିଲା ?
ଦେବତା–ଦେଉଳ, ବିହଙ୍ଗ–ଆକାଶ, ପୃଥିବୀ–ପାତାଳ,
ପାଣି–ପବନ,କଇଁ–ସରସୀ,ତାରା–ସୂର୍ଯ୍ୟ,ମଳୟ–ବସନ୍ତ
କେହି ରହିଁଲେନ ସତେ
ଆଜିନଜକୁ ଝାଡ଼ି ଝୁଡ଼ି ଦେଖି ଦେଲି
ପଗ୍ଚରି ପୁଚୁରି ବୁଝି ନେଲି
ମୁଁ ଆଉ ମୁଁ ହୋଇ ଆଗ ପରି ନାହିଁ ବନ୍ଧୁ
ଏବେ ତମେ ଆଉ ତମେ ହୋଇଥିବ କ ନା ଜାଣେନ
ଅତୀତକୁ ମାଜିମୁଜି  ବାସ୍ତବତାରେ ବଞ୍ଚୁଥିବ
ପୁରୁଣାସୂତାରେ ନୂଆ ସ୍ୱପ୍ନ ବୁଣୁଥିବ
ଜୀବନର ଧାଆଁଦୌଡ଼ ଭିତରେ ମୁଁ ହଜିଥିବି କେଉଁ ଏକ ଆଦେଖା କୋଣରେ
ଯେଉଁଠି ଯିବାକୁ କ ଖୋଜିବାକୁ ତମ ଆନ୍ତରିକତା ନଥିବ
ତମକୁ ହରେଇବାର ଯନ୍ତ୍ରଣା, ଦୋହଲି ଯାଇଥିବା ମନ,
ପୃଷ୍ଠା ତଳେ ରୁପିହୋଇ ଅଣନଶ୍ୱାସୀ ହୋଇଯାଇଥିବା ଶୁଖିଲା ଗୋଲାପ,
ନାଁ ଲେଖା କଟାହାତ ,ରକ୍ତଲେଖାଚଠି
କଛିତ ନାହିଁ ମୋ ପାଖରେ
ଯାହାକୁ ମୁଁ ଟେକ ଦେଇଥାନ୍ତ
ପାରିତୋଷିକ ଭବେ ତୁମ ହାତରେ ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଧନକଉଡ଼ା, ସମ୍ବଲପୁର
ମୋ – ୯୦୯୦୨୭୭୮୦୬

ISSN NO.
2582-208X

# ପୁତ୍ରଧର୍ମ

ସୀତାକାନ୍ତ ପଟେଲ

ବୋଉ କୁ ଗାଁ ମଶାଣିକୁ ଦାହ କରିବାକୁ ଗାଡ଼ିରେ ନେବା ବେଳେ ରାଜେନ୍ଦ୍ର ଆଖିରୁ ଲୁହ ଝରଣା ବହି ଚାଲିଲା। ବୋଉର ଗୋଡ଼କୁ ଜାବୁଡି ଧରି ଭେଁ ଭେଁ ହୋଇ କାନ୍ଦୁଥିଲା ରାଜୁ। ମଶାଣିରେ ବୋଉ ମୁହଁରେ ମୁଖାଗ୍ନି ଦେଲାବେଳେ ବୋଉ ମୁହଁକୁ ଅନାଇ କହିଲା – "ବୋଉଲୋ କିଛି କରି ପାରିଲିନ ମୁଁ ତୋର।" ହୁତୁହୁତୁ ହୋଇ ଜଳୁଥିବା ନିଆଁ କୁ ଅନାଇ ପଛ କଥା ସବୁ ମନେ ପଡ଼ି ଯାଉଥିଲା ରାଜୁର।

ବୋଉର ରାଜୁ ଆଜି ରାଜେନ୍ଦ୍ର ମହାପାତ୍ର। ଲଣ୍ଡନର ଏକ ପଦସ୍ଥ ଅଧିକାରୀ। ଭାରତର ୪-୫ ଟା କମ୍ପାନୀର ମୁଖ୍ୟ। ପଇସା ଅପର୍ଯ୍ୟାପ୍ତ, ଲଣ୍ଡନରେ ବିରାଟ ଘର। କିନ୍ତୁ ଆଜି ସବୁ ଥାଇ ଶୂନ୍ୟ ଅନୁଭବ କରୁଛି ରାଜୁ। ବୋଉ ରୁମ୍ କୁ ଯାଇ ସେଇ ଖଟକୁ ଅନାଇ ରହିଲା ଯେଉଁଠି ସେ ବୋଉ କୋଳରେ ପରମ ଶାନ୍ତିରେ ଶୋଇଯାଏ। ଆଖି ବୁଜିଲେ ଖାଲି ବୋଉର ଡାକ ବାଜି ଯାଉଛି କାନରେ ତା'ର। କେତେ ବିକଳରେ କୁହେ "ରାଜୁରେ, ବାପା ଆସିବାର ସମୟ ହୋଇ ଗଲାଣି। ଖାଇ ଦେଇ ବହିଧରି ବସିପଡ଼। ରାଗିକି ଏଇନେ ବାଡେଇ ଦେଇଯିବେ।" ବୋଉ ଏମିତି ମିଛିମିଛିକା ବହିଟା ଧରି ବସି ପଢ଼ିବାକୁ କୁହେ ରାଜୁକୁ। କାରଣ ତା ମାଡ଼ ଖାଇବା ଦେଖିଲେ ସହି ପାରେ ନାହିଁ ବୋଉ। ଅନେକ ଥର ବଞ୍ଚି ଯାଇଛି କେବଳ ବୋଉ ପାଇଁ। ସ୍କୁଲକୁ ନ ଯାଇ ଲୁଚକି ଗାଁ ପୋଖରୀରେ ଏମୁଣ୍ଡରୁ ସେମୁଣ୍ଡକୁ ପହଁରି ସାରି ଘରକୁ ଫେରେ। ଆଉ କେତେବେଳେ ଗିଲି ଦଣ୍ଡା ତ କେତେବେଳେ ବାଟି ଖେଳେ ଆଉ ସାହି ପିଲାଙ୍କ ସାଙ୍ଗରେ। ଧୂଳି ଧୂସର ହୋଇ ଘରକୁ ଫେରେ। ଆଉ କେତେବେଳେ କାହା ସାଥୀରେ ମାଡ଼ ଗୋଳ କରି ଆସିଥାଏ। ବୋଉର ବାପାକୁ ବହୁ ଡର। ବିକଳରେ କାନ୍ଦୁନୁ ମାନ୍ଦୁନୁ ହୋଇ କହେ – ରାଜୁରେ ଗୋଡହାତ ଧୋଇ ବସିପଡ଼। ନ ହେଲେ ବାପା ଅମରି ଖଣ୍ଡେ ଆଣି ବାଡେଇ ଦେଇଯିବେ।" କେଜାଣି ବାପା କେମିତି ଜାଣି

ISSN NO.
2582-208X

ଦିଅନ୍ତି। ତାକୁ ଦେଖି ଡାଙ୍ଗ ଖଣ୍ଡେ ଗଛରୁ ଭାଙ୍ଗି ଆଣି ନିର୍ଦ୍ଦୟ ମାଡ଼ ମାରନ୍ତି। ତା ପରେ ବୋଉ ଖାଲି ସୁଁ ସୁଁ ହୋଇ କାନ୍ଦେ। ମନ ଦୁଃଖରେ ଆଉ ଖାଏନା ବୋଉ।

ରାଜୁର ଭାରି ଅଭିମାନ ହୁଏ ବାପା ଉପରେ। ବାପା ତାକୁ ବାଡ଼େଇବାରୁ ସିନା ବୋଉ ଉପାସ ରହିଛି। ଦିନେ ଦିନେ ତ ପିଠି ସବୁ ନୋଲି ଫାଟି ରକ୍ତାକ୍ତ ହୋଇ ଯାଇଥାଏ। ପିଠିରେ ମଲମ ମାରି ମାରି ବୋଉ ତାକୁ ବୁଝାଏ, "ରାଜୁରେ ପାଠ ନ ପଢ଼ିଲେ କରିବୁ କ'ଣ? ବାପା କେତେ କଷ୍ଟରେ ଧାର କରଜ କରି ନାନୀକୁ ବାହାଘର କରିଛନ୍ତି। ସେଇ ପଇସା ଆଜି ଯାଏ ସୁଝା ହୋଇନ। ତୁ ପାରିବାର ହୋଇଗଲେ ଆମ ଦୁଃଖ ଘୁଞ୍ଚିଯିବ।"

ବାପା ତାକୁ ରାଗିକି ବାଡେଇ ଦିଅନ୍ତି ସିନା, ଶାନ୍ତିରେ କଣ ବସି ପାରନ୍ତି, ନା ଶୋଇ ପାରନ୍ତି। ଆଖିବୁଜି କପାଳରେ ହାତଦେଇ ଦଉଡ଼ିଆ ଖଟା ଉପରେ ସିଧା ହୋଇ ପଡ଼ି ଯାଆନ୍ତି। କେତେବେଳେ ଗାଁ ମୁଣ୍ଡ ନଇ କୂଳ ଆଡେ ଚାଲି ଯାଆନ୍ତି ତ କେତେବେଳେ ଅସହାୟ ହୋଇ ଦାଣ୍ଡ ଦୁଆରେ ମୁଣ୍ଡରେ ହାତ ଦେଇ ବସିଥାନ୍ତି। ବିକଳ ହୋଇ ଗାଆଁର ଭଲ ପିଲାଙ୍କୁ କହନ୍ତି ରାଜୁକୁ ସାଙ୍ଗରେ ନେଇ ମିଶିକରି ପଢ଼ାପଢ଼ି କରିବାକୁ। କାଳେ ପୁଅଟା ଭଲ ପିଲାଙ୍କ ସାଙ୍ଗରେ ମିଶି ବାଗେଇ ଯିବ। କିନ୍ତୁ ସେମାନେ ଭଲ ପଢନ୍ତି ତ ରାଜୁ ସାଙ୍ଗରେ ମିଶନ୍ତି ନାହିଁ।

ବାପାଙ୍କର ଗାଁରେ ଛୋଟ ତେଜରାତି ଦୋକାନଟିଏ ଥିଲା। କେତେ ବା ପଇସା ପାଉଥିଲେ? ଗାଁରେ କିଛି ଜମିବାଡ଼ି ଥିଲା। ମୁଗ, ବିରି, ଚାଉଳ ଯାହା ଆମଦାନୀ ହେଉଥିଲା ବୋଉ ସେଥିରେ ଘର ଚଳାଇ ନଏ। ଆଉ ଯାହା ବଳଯାଏ ବିକି ଭାଙ୍ଗି କରି ପଇସା ସଞ୍ଚି ରଖିଥାଏ। ଦରକାର ବେଳେ ବାପାଙ୍କ ହାତକୁ ପଇସା ବଢାଇ ଦିଏ। ଅନ୍ଧାର ଥାଉ ଉଠିପଡ଼ି ବୋଉ ବାଡ଼ି ଘର ଓଳାଏ, ବାସନ କୁସନ ମାଜେ, ଗୁହାଳ ଗୋବର କରେ। ତା ପରେ ଗାଧୋଇ ପାଧୋଇ ଠାକୁର ପୂଜା ସାରି ନାଲିଚାହା, ମୁଢ଼ି ଗଣ୍ଡେ ତାଟିଆରେ ବାପାଙ୍କ ପାଖରେ ଥୋଇଦେଇ ଭାତ, ତରକାରୀ ବସାଇବାକୁ ଚେଞ୍ଚେଇ ଘରେ ପଶିଯାଏ। ରାଜୁ ନାନୀ ତା ପଢ଼ାରେ ଲାଗିଥାଏ। ଭଲ ପଢେ ବୋଲି ନାନୀକୁ କାମ ବତାଏ ନାହିଁ ବୋଉ, ମରିପଡ଼ି ସେମିତି କାମ କରୁଥାଏ। ବାପା ନାନୀକୁ ଭାରି ଭଲ ପାଆନ୍ତି। ଗାଁ ସ୍କୁଲରେ ଆଉ ଶ୍ରେଣୀ ଅଧିକ ନ ଥିଲା। ନାନୀ ତେଣୁ ଗାଁ ପାଖରେ ଥିବା ଛୋଟ ସହରକୁ ପଢିବାକୁ ଗଲା।

ISSN NO.
2582-208X

Graduate ପାସ୍ କଲାପରେ ନାନୀ ପାଇଁ ପ୍ରସ୍ତାବ ସବୁ ଆସିବାକୁ ଲାଗିଲା। ନାନୀ ଦେଖିବାକୁ ଖୁବ୍ ସୁନ୍ଦର ଥିଲା। ତେଣୁ ଭଲ ଘର, ବ୍ୟାଙ୍କ ଚାକରୀଆ ବର ନାନୀକୁ ମିଳିଗଲା। ଭିଇନା ବାଙ୍ଗାଲୋରରେ ଚାକରୀ କରନ୍ତି। ବାପାଙ୍କ ଛାତି ଖୁସିରେ କୁଣ୍ଢେମୋଟ ହେଇଗଲା। ବାହାହୋଇ ନାନୀ ଚାଲିଗଲା ତା ଶାଶୁଘର।

ନାନୀ ଚାଲିଗଲା ସିନା ବୋଉ ଆହୁରି ଜାକଜୁକ ହୋଇ ଘର ଚଳାଇଲା। ଯାହା ସଞ୍ଚିଥିଲା ସବୁ ଟେକ ଦେଇଥିଲା ବାପାଙ୍କ ହାତକୁ ନାନୀ ବାହା ଘର ପାଇଁ। ବହୁତ କଷ୍ଟ ମଷ୍ଟେ ଘର ଚଳାଉଥିଲା ବୋଉ। ବେଳେ ବେଳେ ଭଲ ଖାଇବା ହୋଇନ ଥିବାରୁ ରାଜୁର ପାଟିକୁ ଖାଇବା ଯାଉନଥିଲା। ବାପା ମୁଣ୍ଡରେ ହାତଦେଇ କଣ ସବୁ ଭାବୁଥାନ୍ତି। ବୋଉର ଗୋଡହାତ ସବୁ ସକାଳୁ ସଞ୍ଜ ଯାଏଁ ଚାଲୁଥାଏ, କିନ୍ତୁ ମୁହଁ ଶୁଖି ଯାଇଥାଏ। ବୋଉର ଶୁଖିଲା ମୁହଁକୁ ଚାହିଁ ରାଜୁ କିଛି ଆଳି କରେ ନାହିଁ। ସେମିତି ଭୋକ ଉପାସରେ ଶୋଇ ପଡେ। ବାପା ବୋଉକୁ ଆସି ପଚାରିବାର ଶୁଣେ "ରାଜୁ ଖାଇକି ଶୋଇଛି?" ବୋଉ କୁହେ, "ନା ଖାଇବାକୁ ଇଚ୍ଛା ହେଲାନାହିଁ କହି ଶୋଇ ପଡ଼ିଲା।" ବାପା କିନ୍ତୁ ରାଜୁକୁ ଡାକ ସାଙ୍ଗରେ ବସାଇ ଖୁଆନ୍ତି। ନାନୀ ମନରେ ଦୁଃଖ ହେବା କାଳେ, ସେଥିପାଇଁ ଘରର ଅଭାବ ଅସୁବିଧା କଥା କେହି ଜଣାନ୍ତିନ ନାନୀକୁ।

ବାଙ୍ଗାଲୋରରୁ ୧୦-୧୫ ଦିନପାଇଁ ଘରକୁ ବୁଲିବାକୁ ଆସିଥାଏ ରାଜ ନାନୀ। ଘରକଥା ସବୁ ଦେଖି ନାନୀ ଜାଣି ଗଲା।କଥାରେ ଅଛି, "ନାରୀର ଆଖି କଷଟି ପଥର।" ନାନୀ କହିଲା, ମତେ ବାହାଘର ଦେଇ ତୁମେ ସବୁ କଷ୍ଟରେ ଚାଲୁଛ। ମୁଁ କଣ ବାଙ୍ଗାଲୋରରେ ଯାଇ ଖୁସିରେ ରହି ପାରିବି? ରାଜୁକୁ ମୁଁ ନେଇ ଯାଉଛି ସାଙ୍ଗରେ। ସେଇଠି ବାଙ୍ଗାଲୋରରେ ମୋ ପାଖରେରହି ପଢ଼ିବ।

ସେତେବେଳକୁ ରାଜୁ ଦଶମ ଫେଲ୍ ହୋଇ ଘରେ ବସିଥାଏ। ବାପାଙ୍କର ମୁଣ୍ଡ ଫଟା ଚିନ୍ତା କଣ କରିବା ରାଜୁ? ତେଣୁନାନୀର କଥାରେ ରାଜି ହୋଇ ବାପାବୋଉ ରାଜୁକୁ ଯିବାକୁ ଦେଲେ ନାନୀ ସାଙ୍ଗରେ। ବୋଉ କାନ୍ଦି କାନ୍ଦି ଅଥୟ ହୋଇଯାଇଥିଲା, ରାଜୁର ନାନୀ ସାଙ୍ଗରେ ଯିବାବେଳକୁ। ନାନୀ ବିଦା ହେବା ବେଳେ ବି ଏତେ କାନ୍ଦି ନଥିଲା

ISSN NO.
2582-208X

ବୋଉ। କାରଣ ରାଜୁ ଥିଲା ବୋଉର କୋଳ ପୋଛା ପୁଅ। ଛାତିରେ ପଥର ରଖି ବୋଉ ଛାଡିଦେଲା ରାଜୁକୁ ନାନୀ ସାଙ୍ଗରେ ବାଙ୍ଗାଲୋର।

ବାଙ୍ଗାଲୋରରେ ଭଲ ସ୍କୁଲରେ ନାଁ ଲେଖେଇ ଦେଲେ ଭାଇନା। ରାନି ନାନୀ ରାତି ରାତି ଅନିଦ୍ରା ରହି ରାଜୁ ପାଇଁ ନୋଟ ଲେଖେ। ପଢ଼ିବା ବେଳେ ତା ପାଖରେ ବସେ। ନାନୀ ଓ ତାର ନଜର ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଦଶମ ଶ୍ରେଣୀରେ ୯୦% ମାର୍କ ରଖି ପାସ କଲା ରାଜୁ। ତା ପର ଠାରୁ ରାଜୁ ଆଉ ପଛକୁ ଫେରି ଚାହିଁ ନାହିଁ। Science ପଢ଼ି ସେଥିରେ ବି ଭଲ ନମ୍ବର ରଖି ପାସ୍ କଲା। ଇଞ୍ଜିନୟରିଂ କରି ଭଲ କମ୍ପାନୀରେ ଚାକରୀ ପାଇବା ପରେ ଗାଁକୁ ଦଉଡ଼ି ଆସିଲା ବାପା ବୋଉଙ୍କ ପାଖକୁ। ବୋଉ ତାକୁ ଧରି ଏମିତି କାନ୍ଦିଲା ଯେ ସାଇ ପଡିଶା ଆସି ଦୁଆର ମୁହଁରେ ଠିଆ ହୋଇଗଲେ। ରାଜୁର ଚାକିରୀ ପାଇବା ଶୁଣି ସମସ୍ତଙ୍କ ଆଖି ଟେକି ହୋଇଗଲା। ବାପା କୋହ ଭରା ସ୍ୱରରେ କହୁଥାନ୍ତି, "ଏଇ ଦିନ ଦେଖିବାକୁ ମୁଁ ଚାହୁଁଥିଲି ରେ ରାଜୁ। ଆଜି ତୋ ପାଇଁ ମୁଁ ଗର୍ବିତ।" ସାଇ ପଡ଼ିଶା କହିଲେ,ସବୁ ରାନି ନାନୀ ପାଇଁ ସମ୍ଭବ ହୋଇଛି। ରାଜୁ ବୁଝି ଯାଇଥିଲା ବାପାଙ୍କ ଭିତରର ପିଡାକୁ, କଣ ପାଇଁ ବାପା ତାକୁ ଏତେ ବାଡାନ୍ତି ବୋଲି। ଆଉ ରାନି ନାନୀ ହିଁ ତାର ସଫଳତାର ଉତ୍ସ।

ଚାକିରୀ ପାଇବାର ୩ ବର୍ଷ ପରେ ରାଜୁର ବାହାଘର ପାଇଁ ବୋଉ ବ୍ୟସ୍ତ କଲା। ବଡ଼ ଚାକିରୀ, ଭଲ ପଇସା ସକାଶେ ବଡ଼ ଘରେ ରାଜୁର ବାହାଘର ହେଲା। ବାହାଘର ପରେ ପତ୍ନୀ ଝୁମିର ଗୁଣ ଠିକ୍ ଚିହ୍ନି ଯାଇଥିଲା ରାଜୁ। ବାପା, ବୋଉ କି ରାନି ନାନୀ ପ୍ରତି ଆନ୍ତରିକତା ନ ଥିଲା ଝୁମିର। ଝୁମି ରାଜୁ ସାମ୍ନାରେ ଗୋଟେ ପ୍ରକାର ଓ ପଛରେ ଗୋଟେ ପ୍ରକାର ବ୍ୟବହାର ଦେଖାଇ ବାପାବୋଉଙ୍କୁ। ରାଜୁକୁ ବହୁତ ବାଧିଲା ଝୁମିର ବ୍ୟବହାର ଯେତେବେଳେ ବାପା ବୋଉ ତା ପାଖରେ ରହିବାକୁ ଆସିଥିଲେ ବାଙ୍ଗାଲୋର। ସକାଳ "ଏତେ ସକାଳୁ କିଏ ଜଳଖିଆ କରିକି ଦେବ ତୁମ ବାପାଙ୍କୁ ଯେ ?" ବାପା ଶୁଣିଦେଲେ କି କଣ, ଗାଁକୁ ଫେରିବା ପରେ ଆଉ ବାଙ୍ଗାଲୋର ଆସିବାର ନାଁ ଧରିଲେ ନାହିଁ। ଗାଁକୁ ରାଜୁ ଆସେ ୭-୮ ଦିନ ବାପାବୋଉ ପାଖରେ ରହେ। ବୋଉ କୋଳରେ ମୁଣ୍ଡ ଗୁଞ୍ଜି ଶୁଏ। ଝୁମି ଯାହା ଶିଖାଇଲେ ତା କଥା ଜମା ଶୁଣେ ନାହିଁ ରାଜୁ। ସେତକ ଦିନ ରାଜୁ ତ ଇଚ୍ଛାର ମାଲିକ ହୋଇଯାଏ। ବାପାବୋଉ ପାଇଁ ଗାଁରେ ସବୁ ପ୍ରକାର ସୁବିଧା କରିଦେଲା। ଟିଣଘର ଭାଙ୍ଗି ଛାତ ଘର କରିଦେଲା। ବାପା ବୋଉଙ୍କ କଥା ବୁଝିବା ପାଇଁ ପାଖରେ ଥିବା ଲୋକଙ୍କୁ

ISSN NO.
2582-208X

ପ୍ରତିମାସ ଦରମା ଦେବାର ବ୍ୟବସ୍ଥା କରିଦେଲା । ବୋଉ କୁହେ, "ରାଜୁରେ କାହିଁକ ଏତେ ଖର୍ଚ୍ଚ କରୁଛୁ ଆମପାଇଁ?" କିଛି ଶୁଣେ ନାହିଁ ରାଜୁ । ତା ମନ ବୋଧ କରି ବାପା ବୋଉଙ୍କ ପାଇଁ ଖର୍ଚ୍ଚକରେ । ପୁଣି ଫେରିଯାଏ ତାର କର୍ମସ୍ଥାନ ବାଙ୍ଗାଲୋର ।

କମ୍ପାନୀରେ ଭଲ କାମ କରୁ ଥିବାରୁ ଲଣ୍ଡନ ଯିବାକୁ ରାଜୁକୁ ଅଫର୍ ଆସିଲା । ରାଜୁ ବାପା ବୋଉକୁ ଛାଡ଼ି ଜୀବନୀ ବୋଲି ମନ କରିଦେବାରୁ, ରାଜ ନାନୀ ରାଣ ନୟମ ପକାଇ ଯିବାକୁ ବାଧ କଲା । କହିଲା, ମୁଁ ତ ଅଛି । ବାପା ବୋଉ କଥା ଚିନ୍ତା କରନ । କେତେ କଷ୍ଟ କରି ପାଠ ପଢେଇଛୁ ତତେ । ତୁ ଆଗକୁ ବଢ଼ିଲେ ଆମକୁ ଖୁସି ଲାଗିବ । ନାନୀ କଥାରେ ରାଜୁ ଲଣ୍ଡନ ଗଲା । ସବୁବେଳେ ବାପା ବୋଉଙ୍କ ପାଖରେ ଥାଏ ତ ମନ ।

ମନ ଥିଲେ କଣ ହେବ ? ଏତେ ବାଟରୁ କଣ ଆଉ ଆସିବା ସମ୍ଭବ ହୁଏ ? ବେଳେବେଳେ ଉପରକୁ ଅନେଇ ଗାଁ ଦାଣ୍ଡରେ ବିତାଇଥିବା ମୁହୂର୍ତ୍ତ, ବୋଉର ସ୍ନେହ ବୋଳା ପରସ କୁ ସବୁବେଳେ ମନେ ପକାଇ ଦୁଃଖୀ ହୋଇଯାଏ । ପୁଣି ଗାଁକୁ ଫେରି ଆସିବାକୁ ମନ ହୁଏ । କାମ, ପାରିବାର ଏମିତି ହୋଇ ଦିନ ଗଡି ଚାଲିଥାଏ । ଅଚାନକ ବାପାଙ୍କ ଦିନେ ଫୋନ ଆସିଲା, "ଆଉ ବେଶୀ ଦିନ ନୁହଁ ରେ । ବୋଉ ତୋର ପଡ଼ି ରହିଛି ଯେ ଆଉ ଉଠୁନାହିଁ ଶେଯରୁ । ଖାଲି ରାଜୁ ରାଜୁ ବୋଲି ଝୁରି ହେଉଛି । ବଡ଼ କଷ୍ଟ ପାଇଲାଣି ତୋ ବୋଉ ଗୋଟେ ଜାଗାରେ ପଡ଼ି ପଡ଼ି ।" ଆଉ ମନ ଲାଗିଲା ନାହିଁ କେଉଁ କାମରେ ରାଜୁର । ସେଇଠୁ ଟିକଟ କାଟି, ଝୁମିକୁ ଧରି ଗାଁରେ ପହଞ୍ଚିଗଲା । ବାପା, ରାଜ ନାନୀ ଥିଲେ ପାଖରେ । କିନ୍ତୁ ସମସ୍ତଙ୍କୁ ଆଡେଇ ଦେଇ ରାଜୁ ନିଜେ ଝାଡ଼ା, ପରିସ୍ରା ସବୁ ସଫା କଲା । ବୋଉକୁ ନିଜ ହାତରେ ଖୁଏଇ, ମୁହଁ ହାତ ପୋଛି ଦିଏ । ଝୁମି ସହାୟତାରେ ପ୍ରତିଦିନ ଶାଢ଼ୀ ପିନ୍ଧାଇ ଦିଏ । ବୋଉକୁ କୋଳରେ ଯାକି ଶୋଇଯାଏ ରାଜୁ, ଯେମିତି ଛୋଟ ବେଳେ ସେ ଶୋଉଥିଲା ବୋଉ କୋଳରେ ଠିକ୍ ସେହିପରି । ବୋଉ ତାର ଥର ଥର ହାତରେ ଆଉଁସି ଦିଏ ରାଜୁକୁ । ସେଇ କୋରଡ ଆଖିରୁ ଲୁହ ଖାଲି ଝର ହୋଇ ବୋହିଯାଏ ରାଜୁର ।

ଏହିପରି ୧୫ ଦିନ ରାଜୁ ସେବା ଶୁଶ୍ରୁଷା କରି ଚାଲିଲା ବୋଉର । ହଠାତ୍ ଦିନେ ସକାଳୁ ଉଠି ଦେଖେ ତ, ତା କୋଳରେ ଶୋଇଛି ବୋଉ ହେଲେ ପୁରା ଶରୀରଟା ନିସ୍ତେଜ ଲାଗୁଛି । ବୋଉ ବୋଉ ବୋଲି ହଲାଇ କେତେ ଡାକିଲା, ହେଲେ ବୋଉ ଆଉ ଉଠିଲା ନାହିଁ । ପଛପଟୁ

ISSN NO.
2582-208X

ରାଜ ନାନୀ ତା କାନ୍ଧରେ ହାତ ପକେଇ କହିଲା, "ବୋଉ ଆମକୁ ଛାଡ଼ି ଚାଲି ଗଲାରେ ରା।" ତା ପରେ ନାନୀ ରାଜୁକୁ ଧରି ତୁହାକୁ ତୁହାକୁ କାନ୍ଦୁଥାଏ। ବାପା କାନ୍ଥକୁ ଆଉଜି ସେମିତି ଠିଆ ହୋଇ ଥାଆନ୍ତି। ସାଇ ପଡ଼ିଶା ଆସି କହୁଥାଆନ୍ତି, ରାଜୁକୁ ଅନାଇ ରହିଥିଲେ ରାଜୁ ର ବୋଉ। କେତେ ଶାନ୍ତରେ ଆଖି ବୁଜିଲେ ଦେଖୁନ। ମୁହଁରେ ତାଙ୍କର ଯନ୍ତ୍ରଣାର ଚହ୍ନ ବୋଲି ଟିକେ ନାହିଁ। ଭାଇନା ଓ ଗାଁ ଲୋକେ ବୋଉକୁ ମଶାଣିକୁ ନେବାର ଆୟୋଜନ କରି ସାରିଥିଲେ। ଲୋକେ ରାମନାମ ସତ୍ୟ, ହରିନମ ସତ୍ୟ କହି ବୋଉର ଶବକୁ ଗାଁ ମଶାଣିକୁ ନେଇଗଲେ।

ନିଆଁ ଜଳୁଥାଏ ସେମିତି। ରାଜୁ ଭିତରେ ଖାଲି ବୋଉର ଡାକ ଶୁଭୁଥିଲା। ଛାତି ଭିତର କରତି ହୋଇ ଯାଉଥିଲା। କଣ ବା କରିଛି ସେ ବୋଉ ପାଇଁ? ପେଟରେ ରହିବା ଦିନଠାରୁ ଆଜି ପର୍ଯ୍ୟନ୍ତ କେତେ କଷ୍ଟ ଯନ୍ତ୍ରଣା ଭୋଗିଛି ବୋଉ! ଦିନ ୧୫ଟା ରେ ସେ କଣ ବୋଉର ସବୁ କଷ୍ଟ ଯନ୍ତ୍ରଣାର ମୂଲ୍ୟ ସୁଝିଦେଲା! ଆଖିରୁ ଲୁହ ଖାଲି ବୋହି ଯାଉଥାଏ ରାଜୁର। ପଛପଟୁ ବାପା କାନ୍ଧରେ ହାତ ରଖି ଡାକଲେ, ଘରକୁ ଚାଲ ବାପା। ବୋଉ କଣ ଆଉ ଫେରିବ? ବାପାଙ୍କ ହାତ କଣ ହାତ ଭଳ ଲାଗୁଥିଲା?

କାଠ ପଥର ପରି ଲାଗୁଥିଲା। ଖାଲି ମନ ବୁଝାଇବା ପାଇଁ ସାନ୍ତ୍ୱନା ଦେଉଥିଲେ ରାଜୁକୁ। ବାପାକୁ କୁଣ୍ଢାଇ କାନ୍ଦି କାନ୍ଦି ପୁଣି କହିଲା, ମୁଁ କିଛି କରି ପାରିଲିନି ବୋଉର। ବାପା କିନ୍ତୁ ଆଉଁସି ଦେଇ କହିଲେ, ନାଇଁ ରେ ତୋ ଧର୍ମ ତୁ ଠିକ୍ ଭାବରେ କରିଛୁ। ବୋଉ ବଞ୍ଚିଥିବା ବେଳେ ଖାଲି ତୋରି ଗୁଣ ଗାଉଥିଲା। କେତେ ସୁନ୍ଦର ଘର ରାଜୁ ଆମପାଇଁ ଖଞ୍ଜାଇ ଦେଇଛି! କୋଉଠି ଟିକିଏ ଅସୁବିଧା ନାହିଁ ଚାଲିବା ପାଇଁ। ଆମେ ତ ଚାହୁଁଥିଲୁ ଭଲ ମଣିଷ ହୋଇ ଭଲ ଚାକିରୀ କର। ବୋଉର ଶେଷ ସମୟରେ ତାର ସେବା ଯତ୍ନକରି ପୁତ୍ରଧର୍ମକୁ ତୁ ସୁନ୍ଦର ଭାବେ ନିଭାଇଛୁ। ଆଉ ପାରିରେ ଥାଇ ତୋର ବୋଉର ଆତ୍ମା ଶାନ୍ତି ପାଉଥିବ। ଏତିକି କହି ରାଜୁକୁ ବାପା ନିଜ ସାଙ୍ଗରେ ନେଇଗଲେ ଘରକୁ।

((()))

ISSN NO.
2582-208X

# ସ୍ମୃତିର ନବ ଆଶା



ଶୁଭଶ୍ରୀ ସେଠି

ସ୍ମୃତିର ପ୍ରତ୍ୟେକ ପୃଷ୍ଠା ଯଦି ତୁମେ ହୁଅ
ସେ ପୃଷ୍ଠାର କ୍ରମାନ୍ୱୟ ସଂଖ୍ୟା ମୁଁ,
ତୁମେ ଯଦି କବି ହୁଅ
ସେ କବିତାର ମଧୁର ସ୍ୱରଟେ ମୁଁ ।

ଆଜି ସେଇ ଅସଜଡା ଅଙ୍କମାନ୍ୱିତ ପୃଷ୍ଠାକୁ
ସତେଜ କଢିଟେ ପରି ନବ ମହକ ନେଇ
ସାତ ରଙ୍ଗରେ ରଙ୍ଗାୟିତ କରିଦେବାକୁ ପ୍ରଜାପତି ସାଜେ ମୁଁ ।
ମନରେ ସଂଖ୍ୟା ଗଣନ କରେ
ତ୍ରୁଟିର ଭୟରେ,
ପୁନଃ ସଂଶୋଧନ କରେ
ସଜାଡିବାର ଦୃଢ ପ୍ରୟାସରେ ।

ରଙ୍ଗ ଧରି ରଙ୍ଗହୀନ ହୋଇଯିବାର ଆଶଙ୍କାରେ
ସ୍ୱପ୍ନ ସଜ୍ଜିତ କାଚକାନ୍ଥ ଭାଙ୍ଗିବାର ଅକୁହା କୋହରେ ।
ଏଇ ଭଙ୍ଗାଗଢା ଆଶା ଆକାଂକ୍ଷା ମଧ୍ୟରେ
ଛନ୍ଦିହୋଇ ଅଣନିଶ୍ୱାସୀ ହୋଇଯାଏ,
ହେଲେ ତୁମକୁ ମନରୁ ପାଶୋରି ପାରେନା ।

ISSN NO.
2582-208X

ମନ ଭୁଲାଇ ଅମଡାବାଟର ପଥିକ ସଜାଇଲ ମୋତେ
ପୁଣି କାହିଁକି ତୁମ ଉପନ୍ୟାସର ନାୟିକା କଲ ମତେ ।
ସମ୍ପର୍କର ଅଡୁଆ ସୂତାଖିଅକୁ
ଠିକ କରିବାର ପ୍ରଚେଷ୍ଟା
ଆଉ ନବ ଅଙ୍କୁରିତ ସ୍ମୃତିର ବୀଜଟେ ନେଇ
ବିରାଟ ଦ୍ରୁମର ପରିକଳ୍ପନା କରେ ଆଜି ।

ବାସ୍ତବ ଜୀବନର ଅସଜଡା ଫାଇଲକୁ ସଜାଡ଼ି
ମନ୍ଦ ମଳୟ ଟା ବି ଶୁଣାଏ
ଆମ ପ୍ରେମର ଅଲେଖା କାହାଣୀ ।

ନମତାର୍ , କେନ୍ଦ୍ରାପଡ଼ା

ISSN NO.
2582-208X

# ।।ହେ ଶିକ୍ଷକ।।

ସୁଲକ୍ଷଣୀ ସାହୁ

ଚକ୍ ଡଷ୍ଟର୍ କଳାପଟା ସ୍ମାର୍ଟ ବୋର୍ଡ କେବଳ ନୁହଁ ଅଧ୍ୟୟନେ ଉପଯୋଗୀ,
କର୍ତ୍ତବ୍ୟନଷ୍ଠ ମନୋଭାବରେ
ଶ୍ରେଣୀଗୃହକୁ ଆଗେଇ ଥାଏ ପାଦ ଦୁଇଟି,
ଓଠରେ ଚେନାଏ ହସ ବିସ୍ତାରି,
'ଆକାଶେ ସପନର ମୁଣି' କାନ୍ଧରେ ଲଦି,
ପ୍ରଭାବେ ତା' କ୍ଷୁଦ୍ର ସେ କୋଠରୀରୁ
ଦେଶର ଉଜ୍ଜ୍ୱଳମୟ ଭବିଷ୍ୟତ ହୁଏ ଗଢି।।

କଅଁଳଆ ଅନ୍ଧାରୁଆ ମନେ ଭରିଦିଏ
ଜ୍ଞାନର ଆଲୁଅ
ଭୂ ରୁ ଭୂମା, ଆଦିମରୁ ନୂତନ,
ସମ୍ଭବରୁ ସମ୍ଭାବନା, ପରିକଳ୍ପନାରୁ ସର୍ଜନା
ଟିକମନରେ ଭରେ ମନଧରି
ହେଲେ ବେଳେ ବେଳେ ଅଥଳ ଧୈର୍ଯ୍ୟ ତା' ଭାଙ୍ଗିପଡେ,
ଆକୁଣ୍ଠଚଉରେ ଗଢୁଥିବା କୁମ୍ଭ ଗଢିପାରେନା
ଶତ ଚେଷ୍ଟା ସତ୍ତ୍ୱେ ଛୋଟ ଶିଶୁ ପ୍ରାଣେ
ଉର୍ଦ୍ଧ୍ୱଗତ ଦିପ୍ତୀ ପ୍ରକାଶିତ  କରିପାରେନା।।

ସରୁବାଲି ହାତ ମୁଠାରୁ ଖସିଗଲା ପରିଏ
ହାତଛଡେଇ ଅବଜ୍ଞାକରି
ମୁହଁମୋଡ଼ି ଯାଆନ୍ତୁ ପିଲାଏ ଗୁଲି,

ISSN NO.
2582-208X

ହୁଏତ କାହା ମିଠା ମିଠା ମିଛରେ ଭସି ଯାଆନ୍ତୁ,
ହଁ,ସରଳ ନଷ୍ପାପ ମନ ତାଙ୍କ: ଠିକ୍ ଭୁଲ୍ କଳନାକରି ନଜାଣନ୍ତୁ।।

ସମୟ ଥିଲା ଆଖି ଦିଇଟାକୁ ଛାଡି
ପିଟି ମାରି ଉଚତ୍ ଶିକ୍ଷା ଦିଅନ୍ତୁ ବୋଲି
ଅଭିଭାବକେ କରୁଥିଲେ ବିନୀତ ପ୍ରାର୍ଥନା
ଆଜି କନ୍ତୁ ଘୋର ଅନର୍ଦ୍ଧିଷ୍ଟତା,
ଠିକ୍ ଭୁଲ୍ ର ଯୁକ୍ତରେ ଭୁଲ୍ ବି ହୋଇପାରେ ପ୍ରସ୍ଫୁଟିତ ଏବଂ
ଠିକ୍ କୁ ପିନ୍ଧେଇ ଦିଆଯାଏ ଏକ ଦୀର୍ଘ ନରବତା।।

ପାରିପାର୍ଶ୍ୱିକ ସ୍ଥିତିରୁ ସତ୍ ମାର୍ଗ ଯେ ମିଳବ
ନୁହେଁ ତା ସମ୍ଭବ
ସମସ୍ତଙ୍କ ଚନ୍ତାଧାର୍ା ପରିସ୍ଥିତି ଯେ ଭିନ୍ନ
ପିଲାଙ୍କ ମାନସିକତା ନବୁଝି
ଆପଣା ଉଦ୍ଧତ ଅହଂକାରେ କରିଥାଆନ୍ତୁ ସଙ୍କୀର୍ଣ୍ଣମନାଏ
ସେ ଅବୋଧ ମନ ହରଣ।।

ପରିସ୍ଥିତି ଅନୁଧ୍ୟାନ କରିପାରନ୍ତୁନ ଟିକ ଟିକ ହୃଦୟେ
କନ୍ତୁ ନର୍ଦ୍ଧେ ଶିକ୍ଷକଙ୍କୁ ମଣି ଈଶ୍ୱର କରନ୍ତୁ ଅନୁସରଣ ଅନୁକରଣ
ତେଣୁ ହେ ଶିକ୍ଷକ,
ତୁମେ ସାରଥୀ ଅଟ ଆସନ୍ତାକାଲିର
ମାର୍ଜିତ କର ନଜ ବଚନ କର୍ମ ଓ ଆଚରଣ।।

ସହକାରୀ ଶିକ୍ଷୟିତ୍ରୀ, ଗୋପବନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟ,
ଖରିଆରରୋଡ, ନୂଆପଡା,୯୯୩୭୮୯୨୦୨୯

ISSN NO.
2582-208X

# ମୁଁ ନଶ୍ଚୟ ଫେରିବି ତୁମ ପାଖକୁ



ପ୍ରାଣବନ୍ଧୁ ପ୍ରଧାନ

ମୁଁ ନିଶ୍ଚୟ ଫେରିବି ତୁମ ପାଖକୁ
ତୁମ ତିଆରି ଜଞ୍ଜାଳମୟ ଶକ୍ତ ସୁବର୍ଣ୍ଣ ପଞ୍ଜୁରୀକୁ ଛାଡ଼ି,
ପାପ ପଙ୍କମୟ ଅନନ୍ତ ଆକାଶର ଦାରୁଣ ବକ୍ଷଫାଡ଼ି ।
ଥରେ ଖାଲି ଧରି ନିଅ କଳୁଷିତ ଅଙ୍ଗୁଳିକୁ ମୋର
ତୁମର ସେ ସ୍ନେହବୋଳା ପାପୁଲିରେ
ଅବା କେବେ ଛାଡ଼ିଦେଇ ଯାଅ ସେ ଶକ୍ତ ପାପୁଲିର ଅଲିଭା ଚିହ୍ନ କୁ ମୋ ଚିବୁକରେ ।

ହେ ସତ୍ୟ ସଂକଳ୍ପ!
ଏ ଇଚ୍ଛା ଥିଲା ତୁମର
ତୁମର ଇଚ୍ଛାକୁ ସମ୍ମାନ ଜଣାଇ ଛାଡ଼ିଥିଲି ହାତ ତୁମ କେଉଁ ଏକ ଦୁର୍ଭାଗ୍ୟ ବେଳାରେ
ମିଳିଲା ଅନେକ ହାତ ତୁମ ହାତ ଛାଡିଦେଲା ପରେ
ହେଲେ ନଥିଲା ସେ ମାଦକତା ନଥିଲା ସେ ଅଭେଦ୍ୟତା ଆପଣାପଣିଆ
ଯାହା ଥିଲା ତୁମର ସ୍ପର୍ଶରେ ।
ଯେତେବେଳେ ଜାଣିଲି ଏ ସତ୍ୟ
ଇଚ୍ଛା ହେଲା ଫେରିଯାଇ କରିବାକୁ ଆଲିଙ୍ଗନ,
ଚୁମ୍ବିବାକୁ ତୁମର ସେ ସୁକୋମଳ ଅଭୟ ହସ୍ତକୁ
ଆଖିଲୁହେ ଧୋଇବାକୁ ତୁମର ସେ ରକ୍ତିମ ପଦଯୁଗଳକୁ ।

ISSN NO.
2582-208X

ଅସମ୍ଭବ ଥିଲା, ହେଲେ ଅସମ୍ଭବ ଥିଲା
ପାଇବାକୁ ତୁମ ସ୍ପର୍ଶ, ଗାଢ଼ ଆଲିଙ୍ଗନ
ଲଭିବାକୁ ତୁମର ସେ ମନଲୋଭା ମୋହନଦର୍ଶନ।
ବିଳମ୍ବ ହେଲା କି ? ଫେରିବାରେ ବିଳମ୍ବ ହେଲାକି !
କିବା ବନ୍ଧୁ ପାଶୋରିଲ ବନ୍ଧୁତାର ଶେଷ ସର୍ତ୍ତ ବିଦାୟ ବେଳର
କର୍ଣ୍ଣେ ମୋର କହିଥିଲ ଯାହା,
ମୁଁ ହଜିଲେ ଖୋଜିବ ଯେ ତୁମେ
ବୁଡ଼ିଲେ ମୁଁ ଉଦ୍ଧରିବ ତୁମେ
ପଥହୁଡ଼ା ପଥିକ ମୁଁ ଆଜି
କାହିଁ ଗଲ ବିସ୍ମରଣ ଗଭୀର ଗହ୍ୱରେ!

ହୋଇଲ କି ଅନ୍ଧ ତୁମେ!
ବାନ୍ଧିଦେଇ ମୋ ଆଖିରେ ଅନ୍ଧରପୁଟୁଳି,
ଅବା ତୁମେ ଖେଳୁଅଛ କାହା ସାଥେ ଛଳନାର ମଧୁ ଲୁଚକାଳି!
କୋକିଳର କୁହୂତାନ, ସୁମଧୁର ବଂଶୀସ୍ୱନ
ତଟିନୀ ତୀରର ସେହି ଦିବ୍ୟ କୁଞ୍ଜ ରାଜି,
ଧୂଆଁଳିଆ ଚତୁର୍ଦ୍ଦିଗ ସ୍ମୃତି ସବୁ କୁଜ୍ଝଟିକା ପ୍ରାୟ
ଆସି ପୁଣି ଅଲକ୍ଷ୍ୟରେ ଯାଆନ୍ତି ମିଳେଇ।

ଶୁଣିଛି ମୁଁ ଲୋକ ମୁଖୁଁ ପାଖକୁ ଫେରିବା ତୁମ ନୁହଁଇ ସହଜ,
ତବ ବସ୍ତୁ ତବେ ଜୀବ କରି ସମର୍ପଣ
ସନ୍ତର୍ପଣେ କାମମେରୁ କରଇ ଲଂଘନ
ତେଣୁ ଆଜି ସମର୍ପୁଛି ଅଭିମାନ ଦାମ୍ଭିକ ପଣକୁ
ସମର୍ପୁଛି ତୁମ ଦେୟ ଇନ୍ଦ୍ରିୟ ଗୁଚ୍ଛକୁ
ସଂସାର ମୋହ ସାଥିରେ ମର ଶରୀରକୁ
ଶେଷେ ସମର୍ପୁଛି ପୁଣି ତୁମ ଅଂଶ ଅମର ଆତ୍ମାକୁ।

ISSN NO.
2582-208X

ଅଥଳ କଲୁଷେ ପୂର୍ଣ୍ଣ ଭବ ପାରାବାର
ଭାବଗ୍ରାହୀ ଭବୁଁ ଭାବେ ତାରିବ ଏଥର
ସମର୍ପଣେ ଯଦି କହିଁ ରହିଥିବ ତ୍ରୁଟି
ଆଖିବୁଜି ଖୋଲି ଦେବ ତୁମ କୃପା ଦୃଷ୍ଟି
ବିଶ୍ୱାସ ମୋ ବନ୍ଧୁ କେବେ ନ ଭୁଲିବେ ସର୍ତ୍ତ
ଅକାରଣେ ଢାଳିଦେବେ ପ୍ରେମାମୃତ ତତ୍ତ୍ୱ।

ସେ ପ୍ରେମ ସାଗରେ ସୁଖେ କରି ସନ୍ତରଣ
ଅଚିରେ ଜିଣିବି ମୁହିଁ ଜନମ ମରଣ
କୃତକୃତ୍ୟ ହେବି ଲଭି ତୁମ ଦରଶନ
ଚାତକ ଲଭଇ ଯାହା ବରଷାର ପ୍ରଥମ ସ୍ପର୍ଶରେ
ହଜାଏ ପତଙ୍ଗ ଯେହ୍ନେ ଅସ୍ତିତ୍ୱକୁ ଅନଳ ଝାସରେ
ଯେହ୍ନେ ନଦୀ ମିଶିଯାଏ ସାଗର ବକ୍ଷରେ।
କ୍ଷର ଜୀବ ତେହ୍ନେ ମିଶୁ ଅକ୍ଷର ବ୍ରହ୍ମରେ।

ସଂସ୍କୃତ ଶିକ୍ଷକ, ସରକାରୀ UGHS,
ମୁଣ୍ଡାଗୁଡା, କୋରାପୁଟ
ମୋ: ୮୨୭୦୮୭୬୮୯୪

ISSN NO.
2582-208X

# ନାରୀ, ନିଆଁ ଓ ନୀର



ପ୍ରସନ୍ନ କୁମାର ମେହେର

ନାହିଁ ଅରି ଯାର ସିଏ ତ ଅଟଇ
ନାରୀ ରୂପେ ପଦବାଚ୍ୟ
ନାରୀ କେତେ ରୂପ ଜାଣିବା ସ୍ୱରୂପ
ଅକଳନୀୟ ତା' ବାଚ୍ୟ ।

ନାରୀ ହିଁ ଜନନୀ ନାରୀ ହିଁ ଭଗିନୀ
କେବେ ଜାୟା କେତେ କାୟା
ନାହିଁ ପଟାନ୍ତର ହେବା ପାଇଁ ସରି
ବିଶ୍ୱାସ ଯିବୁ ନି ବାୟା ।

ନିଆଁ ଠାରୁସଦା ଦୂରେଇ ରହିବା
ଜୀବନ ପାଇଁ ସୁରକ୍ଷା
ନାହିଁ ଆଦି ଅନ୍ତ ଅଟେ ବଳବନ୍ତ
ଛାରଖାର କରେ ଏକା ।

ଏକ୍ଷୁଡ଼ିଶାଳରୁ କୁଆଁ କୁଆଁ ରାବ
ନିଆଁ ବଳେ ଆତଯାତ
ଅନ୍ତିମକାଳରେ ଲୋଡା ହୁଏ ପୁଣି
ମୁଖାଗ୍ନିରେ ସମାହିତ ।

ISSN NO.
2582-208X

ନୀର ବହୁଲେ ତ ସୃଷ୍ଟି ହୁଏ ନାଶ
ନୀର ବିନା ସୃଷ୍ଟି ନାଶ
ରଖିବ ନି କେବେ ଜୀବନରେ ଆଶା
କରିଦେବ ସର୍ବନାଶ ।

ଜଳ ହିଁ ଜୀବନ ଜଳ ହିଁ ପରାଣ
ଜଳ ବିନା ପ୍ରାଣନାଶ
ପ୍ରତିଟି ମୂହୁର୍ତ୍ତେ ହୋଇଥାଏ ଲୋଡା
ଜୀବନରେ ଅହର୍ନିଶ ।

ନାରୀ ନିଆଁ ନୀର ଏ ତିନି ଅଟଇ
ସମଦର୍ଶୀ ସମଭାବ
ତିନି ପ୍ରତି କେବେ ନ କରିବା ଆଶ
ହୃଦେ ରଖି ମନୋଭାବ ।

*****************

ଦିଗଶିର୍, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ମୋ-୯୭୭୭୯୭୧୩୭୬

ISSN NO.
2582-208X

# ଦଶହରା ପର୍ବର କିଛି ରୋଚକ ତଥ୍ୟ



ବାଲ୍ମୀକ ନାୟକ

ଦଶହରାକୁ ବିଜୟାଦଶମୀ ମଧ୍ୟ କୁହାଯାଏ । ଭାରତର ସବୁଠାରୁ ପ୍ରାଚୀନ ଓ ପ୍ରମୁଖ ଧାର୍ମିକ-ସାଂସ୍କୃତିକ ପର୍ବମାନଙ୍କ ମଧ୍ୟରୁ ଗୋଟିଏ । ଏହି ପୌରଣିକ ଆସ୍ଥାକୁ ମୁଖ୍ୟତଃ ଦୁଇଟି ପରମ୍ପରା ଭାବେପାଳନ କରାଯାଏ । ୧. ରାମାୟଣ ପରମ୍ପରା, ୨. ଦୁର୍ଗାପୂଜା ପରମ୍ପରା । ଏହି ପର୍ବ ଦଶ ଦିନ ପର୍ଯ୍ୟନ୍ତ ଚାଲେ ।

୧. ରାମାୟଣ ପରମ୍ପରା-ରାମାୟଣ ଅନୁସାରେ, ଏହି ଦିନ ଭଗବାନ ରାମ, ରାବଣଙ୍କୁ ବଧ କରିଥିଲେ । ରାବଣର ୧୦ଟି ମୁଣ୍ଡର ପ୍ରତୀକ ହେଉଛି - ଲୋଭ, କ୍ରୋଧ, ମୋହ, ମଦ, ମାତ୍ସର୍ଯ୍ୟ, କାମ, କ୍ରୋଧ, ଲୋଭ, ଦମ୍ଭ ଓ ଅହଂକାର । ଏହିଦିନରୁ "ସତ୍ୟର ବିଜୟ, ଅସତ୍ୟର ପରାଜୟ" ହୋଇଛି । ଉତ୍ତର ଭାରତରେ ରାମଲୀଳା ନାଟକ ହୋଇଥାଏ । ରାମାୟଣ କାହାଣୀର ବିଭିନ୍ନ ଘଟଣାକୁ ନାଟକ ରୂପେ ପ୍ରସ୍ତୁତ କରିଥା'ନ୍ତି । ଶେଷ ଦିନ ରାବଣର ପୁତଳା ଦହନ କରାଯାଏ । (ରାମାୟଣ ଏକ କାଳ୍ପନିକ ମହାକାବ୍ୟ । ଶ୍ରୀରାମ ପ୍ରେମୀ ମାନେ ଦାବି କରୁଛନ୍ତି ଯେ ଏହି ମହାକାବ୍ୟ ତ୍ରେତୟା ଯୁଗର କାହାଣୀ । କିନ୍ତୁ କୌଣସି ପ୍ରାମାଣିକ ତଥ୍ୟ ଉପଲବ୍ଧ ନାହିଁ । କେବଳ ବିଶ୍ୱାସ ଆଧାରରେ ଏହି ପରମ୍ପରା ପାଳନ କରୁଛନ୍ତି ।)

୨. ଦୁର୍ଗାପୂଜା ପରମ୍ପରା-ମାର୍କଣ୍ଡେୟ ପୁରାଣ ଓ ଦେବୀମାହାତ୍ମ୍ୟ ଅନୁସାରେ, ତପସ୍ୟା କରି ବ୍ରହ୍ମାଙ୍କ ଠାରୁ ବର ପ୍ରାପ୍ତ କରିଥିବା ମହା ଶକ୍ତିଶାଳୀ ମାହିଷାସୁରକୁ ବଧ କରିବା ପାଇଁ ଦେବତମାନଙ୍କ ଦ୍ୱାରା ଦେବୀ ଦୁର୍ଗାଙ୍କୁ ସୃଷ୍ଟି କରାଯାଇଥିଲା । ମାୟାବୀ ଦେବୀ ଦୁର୍ଗା ଅପୂର୍ବ ସୁନ୍ଦରୀ ନାରୀ ରୂପେ ମର୍ତ୍ତ୍ୟକୁ ଅବତରଣ କରି, ମହିଷାସୁରକୁ ନିଜର ରୂପ ଯୌବନ ଦ୍ୱାରା ଆକର୍ଷିତ କରିଥିଲେ । ସେ ନ'ଗୋଟି ରାତ୍ରି, ମାହିଷାସୁର ସହିତ ସହବାସ କରି ଦଶମୀ

ISSN NO.
2582-208X

ଦିନ ମାହିଷାସୁରକୁ କୌଶଳକ୍ରମେ ବଧ କରିଥିଲେ । ବଙ୍ଗଳା, ଓଡ଼ିଶା, ଆସାମ ଇତ୍ୟାଦି ଅଞ୍ଚଳରେ ଏହି ଦିନ "ଦୁର୍ଗୋତ୍ସବ" ଭାବେ ପାଳିତ ହୁଏ । ଏହି ଉତ୍ସବରେ ନଅ ଦିନ ପର୍ଯ୍ୟନ୍ତ ଦେବୀଙ୍କୁ ପୂଜା, ଅର୍ଚ୍ଚନା, ନାଚ, ଗୀତ ଆଦି ମନୋରଞ୍ଜକ କାର୍ଯ୍ୟକ୍ରମ ହୋଇଥାଏ । ଦଶମ ଦିନ ଦୂର୍ଗା ମୂର୍ତ୍ତି ବିସର୍ଜନ, ଅବିର-ଖେଳ ଓ "ବିଜୟା ଶୁଭେଚ୍ଛା" ଆଦାନ ପ୍ରଦାନ କରିବା ପ୍ରଥା ରହିଛି ।

ଏହି ପୌରାଣିକ କାହାଣୀ ମଧ୍ୟ ଏକ କାଳ୍ପନିକ ଚରିତ୍ର ଉପରେ ଆଧାରିତ । ବେଦ, ଉପନିଷଦରେ ଦେବୀ ଦୂର୍ଗାଙ୍କ ଉଲ୍ଲେଖ ନାହିଁ । ପୁରାଣ ଯୁଗରେ କେବଳ ଦେବତା ମାନେ ବିଭିନ୍ନ ଅସ୍ତ୍ର ଶସ୍ତ୍ର ଧାରଣ କରି ଦାନବ ବା ଅସୁରଙ୍କ ସହିତ ଯୁଦ୍ଧ କରୁଥିଲେ । କୌଣସି ଦେବୀ ଅସୁରଙ୍କ ସହିତ ଯୁଦ୍ଧ କରିବା ଉଦାହରଣ ନାହିଁ । ଲକ୍ଷ୍ମୀ, ସରସ୍ୱତୀ, ପାର୍ବତୀ, ସୀତା, ରାଧା, ଦ୍ରୌପଦୀ ଆଦି କେହି ମଧ୍ୟ ଅସ୍ତ୍ର ଧରି ସ୍ୱାମୀଙ୍କ ସହିତ ଯୁଦ୍ଧ ଭୂମିରେ ଦାନବ ମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ଅବତରଣ କରି ନଥିଲେ । ମହା ପ୍ରତାପୀ କଂସ, ରାବଣ ଇତ୍ୟାଦି ଅନେକ ଦୁର୍ଦ୍ଧାନ୍ତ ଅଜେୟ ଅସୁରଙ୍କୁ କୃଷ୍ଣ ଅବତାର ନେଇ ନେଇ ବଧ କରି ଦେଇଥିଲେ । ପ୍ରଶ୍ନ ଉଠୁଛି ଯେ କେବଳ ମହିଷାସୁର ସହିତ ଲଢେଇ କରିବା ପାଇଁ ସମସ୍ତ ଦେବତା ଭୟ କଲେ କାହିଁକି ? ଜଣେ ଅତ୍ୟନ୍ତ ସୁନ୍ଦରୀ ସ୍ତ୍ରୀକୁ ସୃଷ୍ଟି କରି ତା'ର ଦଶ ଗୋଟି ହାତରେ ସବୁ ଦେବତାଙ୍କ ଅସ୍ତ୍ର ଧରେଇ ଦେଇ ଯୁଦ୍ଧ କରିବାକୁ ପଠେଇ ଦେଲେ କାହିଁକି ? ମଜା କଥା ହେଉଛି ଯେ ଦୂର୍ଗାଛୋଟ ପିଲା ନଙ୍ଗଳା ହୋଇ ଜନ୍ମ ହୋଇନାହିଁ । ସିଧା ଅତି ସୁନ୍ଦର ଶାଢୀ ପିନ୍ଧି ଯୁବତୀ ହୋଇ ପ୍ରକଟ ହୋଇଥିଲା । ଏହିଥିରୁ ଜାଣନ୍ତୁ ଯେ ଶାଢୀ ଏବଂ ରାଜା ମହାରାଜଙ୍କ ଭବ୍ୟ ରାଜ ପୋଷାକ ପାଇଁ ବସ୍ତ୍ର ଆଦି ଭାରତରେ ଯେଉଁ ଯୁଗରେ ଉତ୍ପାଦନ ହୋଇଥିଲାସେହି ଯୁଗରେ ଦୂର୍ଗାର ଆବିର୍ଭାବ ହେଇଛି । ମହାଭାରତରେ ଦ୍ରୌପଦୀର ଚିର ହରଣ ସମୟରେ ଏତେ ଲମ୍ବା ଶାଢୀ କୃଷ୍ଣ କେଉଁ କମ୍ପାନିରୁ ସଂଗ୍ରହ କରିଥିଲେ ? ଅର୍ଥାତ ଯେଉଁ ଯୁଗରେ ଶାଢୀ ଓ ବସ୍ତ୍ର ଉତ୍ପାଦନ ହେଇଛି ସେହି ଯୁଗରେ ରାମାୟଣ ଓ ମହାଭାରତ ବି ରଚନା ହେଇଛି ।

୩. ଐତିହାସିକ ପ୍ରସଙ୍ଗ -ପ୍ରାଚୀନ କାଳରେ ଏହା ଆର୍ଯ୍ୟ-ସଭ୍ୟତାର ଏକ "ଶକ୍ତି -ଉତ୍ସବ" ଭାବେ ପାଳିତ ହେଉଥିଲା । ମଧ୍ୟକାଳରେ ବିଜୟା ଦଶମୀ କ୍ଷତ୍ରୀୟମାନଙ୍କ ପାଇଁ "ଶସ୍ତ୍ରପୂଜା" ଦିବସ ଭାବେ ପାଳିତ ହେଉଥିଲା । ମହିଶୂରର ଦଶହରା (କର୍ଣ୍ଣାଟକ) - ବିଜୟନଗର ସାମ୍ରାଜ୍ୟରୁ ଆରମ୍ଭ ହୋଇଥିବା ଏକ ରାଜସିକ ପରମ୍ପରା ଆଜି ଯାଏ ଚାଲିଛି।

ISSN NO.
2582-208X

ମହାରାଷ୍ଟ୍ରରେ ଦୂର୍ଗାପୂଜା ବେଳେ 'ଆପ୍ଟା' ପତ୍ର (ସୁନାର ପ୍ରତୀକ) ବଣ୍ଟନର,ପରମ୍ପରା ଚାଲିଛି ।

୪. ବିଜୟାଦଶମୀକୁ "ଅଶୋକ ଦଶମୀ" ମଧ୍ୟ କୁହାଯାଏ, ଯାହାର ଅର୍ଥ "ଶୋକ ରହିତ ଦଶମୀ"। ବୁଦ୍ଧିଷ୍ଟ ମାନେ ଏହାକୁ ପାଳନ କରିଥାନ୍ତି । ଏହା ସମ୍ରାଟ ଅଶୋକଙ୍କ ବୌଦ୍ଧ ଧର୍ମ ଗ୍ରହଣ କରିବା ଓ ଶୋକରୁ ମୁକ୍ତି ଲାଭ କରିବା ଦିବସ ବୋଲି ପାଳନ କରାଯାଏ। ଏହି ଦିନଟି ଆହିଂସା, ଶାନ୍ତି ଓ ଧର୍ମ ପ୍ରତି ସମର୍ପଣ ଦିବସ ରୂପେ ପାଳିତ ହୁଏ।

କୃଷି କ୍ଷେତ୍ରରେ, ଚାଷୀ ଭାଇମାନେ ଏହି ସମୟରୁ ଖରିପ ଫସଲ କାଟିବା ଆରମ୍ଭ କରିଥା'ନ୍ତି । ସେମାନଙ୍କର ଆର୍ଥିକ ଅବସ୍ଥା ସୁଧୁରି ଥାଏ । ସେମାନଙ୍କର ପରିବାର ଲୋକମାନେ ଭଲ ଖାଇବା ପିନ୍ଧିବା ପାଇଥା'ନ୍ତି ।

ସାରକଥା ହେଉଛି -ଦଶହରା ପର୍ବ ଇତିହାସ, ଧର୍ମ, ସାହିତ୍ୟ, ପୁରାଣ ଓ ରାଜନୈତିକ ପରମ୍ପରା ସହିତ ଜଡିତ । ଏହା ସତ୍ୟ ଓ ନ୍ୟାୟର ବିଜୟର ସନ୍ଦେଶ ଦେଇ ଆସିଛି । ଧାର୍ମିକ ଦୃଷ୍ଟିରୁ ଦଶହରା ହେଉଛି ଦେବ-ଦାନବ ଯୁଦ୍ଧର ପର୍ବ। ରାମାୟଣରେ ରାବଣ ଅସୁର ସହିତ ଦେବତା ଶ୍ରୀ ରାମଙ୍କ ଲଢେଇ । ଦୂର୍ଗା ପୂଜାରେ ଅସୁର ମହିଷାସୁର ସହିତ ଦୂର୍ଗା ଦେବୀଙ୍କ ସହିତ ଲଢେଇ । (ଯାହା ସମ୍ପୂର୍ଣ୍ଣ କାଳ୍ପନିକଜଗତର କାହାଣୀ ଉପରେ ଆଧାରିତ ଅନ୍ଧ ବିଶ୍ୱାସ) ବୈଜ୍ଞାନିକ/ନାସ୍ତିକ ଦୃଷ୍ଟିରୁ ଦଶହରା ହେଉଛି -ବର୍ଷା ଋତୁ ପରେ ଶରଦ ଋତୁଆସେ, ପରିବେଶ ପରିବର୍ତ୍ତନହୁଏ । ସମସ୍ତେ ଜାତି ଓ ବର୍ଣ୍ଣ ନିର୍ବିଶେଷରେ ଏକତ୍ର ମିଶି ମନୋରଞ୍ଜନ କରିବାର ଉତ୍ସବ । ସବୁ ପୂଜା ପେଣ୍ଡାଲରେ ନାଚିବା-ଗାଇବା ଇତ୍ୟାଦି ପ୍ରୋଗ୍ରାମ ମଧ୍ୟ ଆୟୋଜନ ହୋଇଥାଏ । ଏହି ପର୍ବରେ ବହୁତ ପ୍ରକାର ବ୍ୟବସାୟ ହୋଇଥାଏ । ସମସ୍ତେ ମନ ଖୋଲି ନୂତନ ବସ୍ତ୍ର, ଅଳଙ୍କାର, ବାସନ, କୁସନ, ଗାଡି, ଘରର ଆବଶ୍ୟକ ବସ୍ତୁ କିଣିଥା'ନ୍ତି । ଏହି ପର୍ବର କ୍ଷତିକାରକ ପକ୍ଷ ହେଉଛି - ରାବଣ ଦହନ । ଗୋଟିଏ କୃତ୍ରିମ ଉଚ୍ଚ ମୂର୍ତ୍ତି ତିଆରିକରି ସେଥିରେ ଅସଂଖ୍ୟ ବାରୁଦ ଯୁକ୍ତ ବାଣ ଖଞ୍ଜି ଅଗ୍ନି ସଂଯୋଗ କଲେ ଭୀଷଣ ବାୟୁ ପ୍ରଦୂଷଣ ହୁଏ । ବେଳେବେଳେ ଦୁର୍ଘଟଣା ଘଟି ଜନଜୀବନ ହାନୀ ହୋଇଥାଏ ।ରାବଣ ଦହନ ପ୍ରଥାକୁ ବନ୍ଦ କରିଦେଲେ ଭଲ ହୁଅନ୍ତା

ମୋ : ୯୪୮୨୦୧୬୨୬୦
ବାଙ୍ଗାଲୋର

ISSN NO.
2582-208X

# କେବେ ତୁମେ



ଦୁଷ୍ମନ୍ତ ବେହେରା

କେବେ ତୁମେ ମରିଚିକା
କେବେ ତୁମେ ଫୁଲ କଢି
ଝଡା ପାଖୁଡା ।

କେବେ ଦେଖେଇ ଦିଅ
ଲମ୍ବା ସ୍ୱପ୍ନ ତ କେବେ
ଭସେଇ ଦିଅ ମନ ।

କେବେ ତୁମେ ହୃଦୟ ଫଟାର
ବିଦାରକ ଚିହ୍ନ ତ କେବେ
ଅସୁମାରି ଜହ୍ନ ।

କାନ୍ଥ ଶିଉଳି କାନ୍ଥ ରେ ଉଭା
ତୁମ ମନ ଛଳନା ଦେହ
ରେ ଲଗା ।

ସୁନିଳ ଦୁନିଆ ପରି ଉଇଁ ଆସ
ମନେ ନୟନ ଖୋଲିଲେ ତୁମେ
ଭସା ପବନ ।

ଏଠି ପଚାରିଲି ସେଠି ପଚାରିଲି
ପଚାରିଲି ରାଇଜ କୁ ତୁମେ
କେବେ ଝାପ୍ସା ଚରିତ୍ର ।

ISSN NO.
2582-208X

ବିଶ୍ୱାସ ଛଳନା ରେ ଠୋକି
ଦେଲ ଆଶା ଆଂକ୍ଷାଙ୍କା କୁ
ଚୁରି ଚୁରି ମୋର ।

ଶଢ କହୁଥିଲା ବିଶ୍ୱାସ ତୁମ
ବିଷ ଚେହେରା କହୁଥିଲା
କଳଙ୍କ ରେ ତୁମେ ଖେଳ ।

ଯାର ଦେହ ସୁନ୍ଦର ମନ
ଅପେକ୍ଷା ଯୌବନ ବାସେ
ଶୀତଳ ଛାୟା ।

ତୁମେ ଥିବ ଦେହ ଥିବ
ଥିବ ସୁନ୍ଦରତା ଉପଭୋଗ
କରି ଫୋପାଡିବ ଦୁନିଆ ।

କେବେ ତୁମେ ଆଶା ଠାରୁ
ଦୂରରେ କେବେ ତୁମେ ବିଶ୍ୱାସ
ଠାରୁ ଉର୍ଦ୍ଧରେ ।

କେବେ ତୁମେ ପ୍ରେମ ଠାରୁ
ଝାଉଁ ପବନ
କେବେ ତୁମେ ମନ ଠାରୁ
ଶେଷ ଠିକଣା ।

ସ୍ୱସୋନ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଭୁଲି ହୁଏନା



ଅଜୟ କୁମାର ରାଉତ

ନଥିଲା ମୋ ପ୍ରେମର ଛଳନା
ପ୍ରିୟା ତୁମ ପାଇଁ
ତୁମକୁ ଭଲରେ ନ ଚିହ୍ନିପାରି
ଏଠି ମୁଁ ପାଏ କେତେ ଯନ୍ତ୍ରଣା ।
ତୁମର ମିଛ ଭଲ ପାଇବାର ନାଟକ
ଆଜି କରିଛି ବ୍ୟଥିତ
ଯେବେ ମନେ ପଡିଯାଏ ତୁମର କଥା
ଆଖିରୁ ଝରିଯାଏ ଦୋ ଟୋପା ଲୁହ
ମନେ ପଡିଯାଏ ସେହି ପିଲାଦିନର ସ୍ମୃତି
ବୋହୂ ଚୋରି, ବାଲିଘରର ଖେଳ
ତୁମର ମିଛ ଅଭିନୟରେ
ମୁଁ ଥିଲି ପାଗଳ ପ୍ରେମିକ
କେତେ ଆଶା ଅସୁମାରି
ସାଇତି ରଖିଥିଲି ପ୍ରିୟା ତୁମ ପାଇଁ
ତୁମେ ସାଜିଲ ଅନ୍ୟ କାହାର ବଧୂ
ମୁଁ ଆଜି ତୁମ ପାଇଁ ଅଧୁରା
ମାସ ପରେ ମାସ ବର୍ଷ ପରେ ବର୍ଷ ବିତିଗଲାଣି
ତଥାପି ମୁଁ ଆଜି ତୁମ ପାଇଁ ଅଧୁରା

ISSN NO.
2582-208X

ମନେ ପଡିଯାଏ ଯେବେ ପୂର୍ବ ସ୍ମୃତି
ହୃଦୟର କୋହକୁ ସମ୍ଭାଳି ହୁଏନି
ତୁମକୁ ମୁଁ ଭୁଲି ପାରେନା
କି ଭୁଲି ପାରିବିନି
ଆସୁ ଯେତେ ଝଡ ବତାଶ
ତୁମକୁ ପାରେନା ଭୁଲି ।

ସମ୍ପାଦକ, କଟକ ଲ ଟାଇମିସ୍
ଆଇନଜୀବୀ, ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ
ମୋ ୮୨୪୯୪୪୩୦୩୩

ISSN NO.
2582-208X

# ମାନସୀ



ଦିନେଶ ମେହେର

ବେଳେ ବେଳେ
ହାତ ପାହାନ୍ତାରେ ସବୁକିଛି ଥାଇ ବି
ହାତରୁ କୁଆଡ଼େ ଉଭେଇ ଯାଏ ସ୍ୱପ୍ନ,
ହାତରୁ ଖସିପଡ଼େ
ସ୍ୱର୍ଗରୁ ତୋଳି ଆଣିଥିବା ପାରିଜାତ,
ଆଖି ସାମ୍ନାରୁ ଉଭାନ୍ ହେଇଯାଏ
ଲବଙ୍ଗ ଦ୍ୱୀପରୁ ଧରି ଆଣିଥିବା
କସ୍ତୁରୀ ମୃଗ....!

ମାନୁଛି,
ସବୁ ଭୁଲ ମୋର
ଆକାଶର ଜହ୍ନକୁ ହାତ ବଢ଼େଇବା ଥିଲା
ମୋର ପ୍ରଥମ ଭୁଲ,
ଯେତେବେଳେ ନିଜ ଯୋଗ୍ୟତାକୁ ଖାତିର ନକରି
ବାମନ ହେଇ ଜହ୍ନକୁ ଧରିବାର ଦୁଃସ୍ୱପ୍ନ ଦେଖିଥିଲି।
କେମିତି ଅବା ସ୍ୱପ୍ନ ପୂରଣ ହୁଅନ୍ତା କହିଲ,
ତମେ ଜହ୍ନ, ମୁଁ ବାମନ
ମୋ ହାତ ମୁଠାରେ

ISSN NO.
2582-208X

ମୁଠାଏ ମାଟି ଧରି ରଖିବା ଅସମ୍ଭବ,
ଜହ୍ନ ତ ଅନେକ ଦୂରର କଥା....!

ଜାଣିଛ ମାନସୀ,
ସେଦିନ ତମ ଅଚାନକ ଦୂରେଇ ଯିବା ଟା
ଭାରି କଷ୍ଟ ଦିଏ,
ଭାରି କଷ୍ଟ ହୁଏ
ଯେବେ ସୋସିଆଲ ମିଡିଆରେ
ତମ ପ୍ରତିଛବି ଦେଖେ,
ସେଇ ସୌଭାଗ୍ୟବତୀର କପାଳ
ସେଇ ନୀଳ ସାଗର ଭଳି ଆଖି,
ଅଢ଼େଇ ଇଞ୍ଚ୍ ର ସରୁ ନାକ,
ମାୟାବିନୀ ଅନ୍ଧାର ଭଳି ଲମ୍ବା କେଶ
ଯେଉଁଠି ମୋ ଭାଗ୍ୟ ବଦଳି ଯିବାର
ବାଟ ଜଳ ଜଳ ହେଇ ଦିଶୁଥାଏ,
ଏକ ପଦରେ
ତମର ସେଇ ଏକ ଚାଉଳରେ ଗଢ଼ା
ସୁନା ରଙ୍ଗର ଦେହ...!

ତମେ ଭାବିପାର
ମୁଁ ନିହାତି ଗୋଟେ କମଜୋର୍,
ଗୋଟେ ଅନାଡ଼ି, ପୁରୁଷ ନାଁ ରେ
ଗୋଟେ ନପୁଂଶକ ପୁରୁଷ,
ତଥାପି କାହିଁକି କେଜାଣି
ତମ ଆଗରେ ହଜିଯାଏ ମୋର ପୁରୁଷତ୍ୱ,
ଉଭେଇ ଯାଏ କଥା କହିବାର ସାହାସ,
ଅନେକ କିଛି କଥା ବାକି ରହିଯାଏ, ଯାଇଛି

ISSN NO.
2582-208X

ତମ ଆଗରେ କହିବାକୁ
ହୃଦୟର ଯେତେ ଅକୁହା କଥା ସବୁ
ଏବେ ହୃଦୟରେହିଁ ଜାଗା ବାନ୍ଧି ରହି ଯାଇଛି...!

କେମିତି ଅବା ଉତୁରେଇ ପାରନ୍ତି
ହୃଦୟର ସବୁ ଦରଜକୁ,
ଏବେ ତ ତମେ ନିଜ ଠିକଣା ବଦଳେଇ ଦେଇ
ମୋ ଠୁଁ ଅନେକ ଦୂରରେ ଯାଇ
ଏକ ନିର୍ଜନ ବେଳାଭୂମିରେ ବାଲିଘର ତୋଳି
ରହି ସାରିଛ,
ବଦଳେଇ ସାରିଛ ନିଜ ଠିକଣା, ନିଜ ପରିଚୟ

କିନ୍ତୁ ମନେରଖ
ଜୀବନ ଆଉ ବାଲିଘର ଭିତରେ ଅନେକ ଫରକ୍,
ଢେଉ ଆସିଲେ
ଏଇ ବାଲିଘରର ସଂସାର ଉଜୁଡି ଯିବ
ପବନ ପରି ଧୂଳିସାତ ହେଇଯିବ.....!

ପଳାସ, କଳାହାଣ୍ଡି

ISSN NO.
2582-208X

# ପରିତ୍ୟକ୍ତ



ମାନସ କୁମାର ନାୟକ

ରମେଶ ଚାଲିଛି ...

ଆଗକୁ ଆଗକୁ........ତାର ପାଦ ଚାଲୁଛି ନା ତାର ଜୀବନ । କୁହୁଡ଼ିଭରା ତାର ଜୀବନରେ ସବୁ ଅନ୍ଧାର, ସବୁ କେବଳ ମରୀଚିକା। ତଥାପି ସେ ଚାଲିଛି ଜୀଇଁବା ଅନ୍ୱେଷଣରେ।ସମୟ ଚାଲିଛି ଆଉ ସମାଜ ବି। କିନ୍ତୁ ଏଇ ମଣିଷଟି ଆଜି ବି ସେଇ ଓଡ଼ିଶାର କେଉଁ ଏକ ଗାଁ ର ଝିଅ ପାଖରେ ଅଟକିଛି। ଜୀବନ କାହାକୁ କହିବ ଯେଉଁଠି ଖାଲି ହାତାଶା, ନିରାଶା ଆଉ ବିରହ ସ୍ମୃତିର ପାହାଡ଼ ନା ତାକୁ ଯେଉଁଠି ଅଳିଆ ଭିତରୁ ଖାଉଥିବା ପାରୁଟି, ଆମିଷ ପାଇଁ କୁକୁରର ସହଭାଗୀ ହେଉଥିବା, ଏ ଅଧା ଲଙ୍ଗଳା ଶରୀରରୁ ଲୁଚିଥିବା ସେ ଅଂଶ କଣ ତାକୁ କହିବ ଜୀବନ ? ସେ କଣ ଜାଣେ ତାର ଏ ମସ୍ତିଷ୍କ ବିକୃତ ହୋଇପାରେ କିନ୍ତୁ ରୋଜି ପ୍ରତି ତାର ପ୍ରେମକୁ କେବେ ବିକୃତତା ସ୍ପର୍ଶ ବି କରିପାରେନା। ଆଜି ସେ କଲିକତାର ଏ ଗଳି ରେ ଖାଉଛି ଧକ୍କା ତ ଆଉ କେଉଁଠି ପିଠିରେ ବସିଛି ଚିହ୍ନ। ଏଇ ସେଇ ଭାରତର ମହାନଗରୀ ଯେଉଁଠୁ ଇଂରେଜମାନେ ଆରମ୍ଭ କରିଥିଲେ ସେମାନଙ୍କ କଳା ବ୍ୟବସାୟ। ଏଇଠୁ ରବୀନ୍ଦ୍ରନାଥ ଥିଲେ ସମଗ୍ର ଭାରତର ପ୍ରଥମ ନୋବେଲ ପୁରସ୍କାର ବିଜେତା। ଏଇ ସେଇ କଲିକତା ଯେଉଁଠି ଦିନେ ରୋଜି ସହ ଅସରନ୍ତି ସ୍ୱପ୍ନ ନେଇ ରମେଶ ଆସିଥିଲା ନିଜ ଅତୀତକୁ ପଛରେ ପକାଇ ନୂତନ ଭବିଷ୍ୟତର ସନ୍ଧାନରେ। କିନ୍ତୁ ପାଇଲା କଣ ଲୁହ, କୋହ, ଯନ୍ତ୍ରଣା, ଧୋକ୍କା ଏମିତି ଆଉକିଛି। ପଛକଥା ତାର ମନେ ନାହିଁ, ସମାଜ ଆଜି ତାକୁ ପାଗଳର ଆଖ୍ୟା ଦିଏ। କେତେକ ପ୍ରେମରେ ପାଗଳ ହୁଅନ୍ତି କିନ୍ତୁ ଏ ହୋଇଛି ବିରହରେ। ଅବଶ୍ୟ ମୃତ୍ୟୁକୁ ବରଣ କରିନାହିଁ, ମୃତ୍ୟୁଠୁ ବି ଅଧିକ କଷ୍ଟ ଧୋକ୍କା। ଯେଉଁ ଧୋକା ସେ ପାଇଛି ଦୁନିଆର ସବୁଠାରୁ ମଧୁର ସମ୍ପର୍କଠାରୁ।

ISSN NO.
2582-208X

ଅତୀତ ବଡ଼ କଷ୍ଟଦାୟକ। ଏ ଅତୀତ ରମେଶର, ତାର ପ୍ରେମର, ତାର, ଲୁହର ତାର କୋହର । ସାତ ବର୍ଷ ହେଲାଣି ତାର ପ୍ରେମକୁ। ପ୍ରେମ ଆରମ୍ଭ ହୁଏ ଘଟଗାଁର କଲେଜରୁ । ରମେଶ ପାଠ କଣ ଜାଣେନାହିଁ, ପ୍ରେମ କଣ ବି ଜାଣେ ନାହିଁ। ଏକ ଚାଷୀ ପରିବାର । ବାପା ଦୀନ ମଜୁରିଆ। ଦିନକୁ ଦୁଇଶହ ଟଙ୍କା ଆଣିଲେ ପରିବାର ଚଳେ। ବିଲବାଡ଼ି ଖୁବ୍ କମ୍, ନାହିଁ କହିଲେ ଚଳେ। ଭାଗ ଜମି ଦି ଖଣ୍ଡ କରି ବର୍ଷକ ଶାଗ ମୁଗ କରି ଚଳିଯାଆନ୍ତି। ଘରେ ବୋଉ ଆଉ ତାର ସାନ ଭଉଣୀ । ପରିବାର ଛୋଟ କିନ୍ତୁ ସୁଖ ବଡ଼।ରମେଶ ବାପାଙ୍କୁ ବିଲରେ ସାହାର୍ଯ୍ୟ କରେ, ବାଦାମ ବୁଣେ, ଶାଗ, ଭେଣ୍ଡି, କଲରା ନିଜେ ଚାଷ କରି ହରିଚନ୍ଦନପୁର ହାଟରେ ବିକେ। ବେଳେବେଳେ ଗାଁରେ ବୁଲିବୁଲି ମଧ୍ୟ ବିକେ। ତା ସାଙ୍ଗମାନେ ସବୁ ଧନୀ ଘରର, ବହୁତ୍ ପ୍ରତିପତ୍ତି। ସେମାନଙ୍କୁ ଦେଖିଲେ ୟାକୁ ନିଜକୁ ଖରାପ ଲାଗେ। କଣ କରିବ ଦୁନିଆର ସବୁଠୁ ବଡ଼ ଦୁଃଖ ପା ଗରିବୀ। କିନ୍ତୁ ସେ ହାରମାନେନି ତାଙ୍କ ସହ ତାଳଦେଇ ଚାଲିବା ପାଇଁ ବହୁତ୍ ଚେଷ୍ଟା କରେ। ବାଲିଯାତ୍ରାରେ ସେମାନେ ଚାଟ୍, ଦୋଷା, ଚାମିନ ଖାଇବାବେଳେ ରମେଶ ଦଶ ଟଙ୍କାରେ ଚଣା କିଣି ପକେଟରେ ପୁରାଇ ଏକା ବୁଲିବୁଲି ଅନ୍ଧାରିଆ ପାଟିରେ କଳେ ପକେଇ ଯାତ୍ରା ବୁଲା ସମାପ୍ତ କରିଦିଏ। ସାଙ୍ଗମାନେ ତାକୁ ଡାକନ୍ତିନି ତାହା ନୁହେଁ, କିନ୍ତୁ ଏ ଯାଏନି। ତାଙ୍କ ସହ ଗଲେ ସେମାନେ ଯାହା ଖାଇବେ ୟାକୁ ଖାଇବାକୁ ପଡ଼ିବ ନ ହେଲେ ୟାକୁ ଲୋଭୀ କହିବେ ଯେ। ଅନେକ ସାଙ୍ଗ ବି ତ କୁହନ୍ତି ଯାତ୍ରା ଆସି କଣ ଗୁଲୁଗୁଲା ଖାଉଛୁ ? ସେମାନେ କଣ ଜାଣନ୍ତି ପେଟ ପୁରିବା କଥା, ସେ ଗୁଲୁଗୁଲା ହେଉ ଅବା ପାଣି। ରାତିର ଭାତ ବଞ୍ଚିଲେ ସକାଳେ ଖାଇବ। ନହେଲେ କଲେଜରେ ଭୋକ ଆଉ ପାଠ ଭିତରେ ଛନ୍ଦି ହେଇଯିବ ଯେ ।

ରୋଜି ଭଲ ପଢ଼େ। ଦେଖିବାକୁ ବି ସୁନ୍ଦରୀ। ମୋଟା ମୋଡ଼ା ଚୁଟି, ଲମ୍ବା ନାକ, ଅଣଓସାରିଆ ଓଠ, ଗୋଲ ଆଖି, ପୁଟୁକା ପୁଟୁକା ଗାଲ। ସବୁଥିରେ ସେ ଶ୍ରେଷ୍ଠ। କିନ୍ତୁ ରମେଶ ମୂର୍ଖ। ସୁକୁଟା ଶରୀର, ଚେପଟା ନାକ, ବ୍ରଣ ଭର୍ତ୍ତି ମୁହଁ, ହନୁ ହାଡ଼ ପରି ଗାଲ, ଶୋଷକା ଓଠ। ସବୁଥିରେ ଏ ନିକୃଷ୍ଟ। ଉଭୟ ଏକା ଶ୍ରେଣୀର ଅଧ୍ୟାୟୀ। ଓଡ଼ିଆ ବିଭାଗର ପ୍ରଥମ ବର୍ଷ। ରମେଶ କିଛି ଜାଣେନା ଖାଲି କ୍ଲାସ୍ ଯାଏ ପଛ ବେଞ୍ଚରେ ବସେ, ନୋଟ୍ ଡାକିଲେ ସାର୍ ଲେଖେ , ଘରକୁ ଆସି ବିଲକୁ ଯାଏ। ଅଧା ଦିନ କ୍ଲାସ୍ ବି ଯାଏନା। କିନ୍ତୁ ରୋଜି ବଡ଼ଘର ଝିଅ। ବାପା ଟେଣ୍ଟ ମାଲିକ, ଟ୍ରାକ୍ଟର, ବୋଲର ସବୁ ଗାଡ଼ି ଅଛି । ଏଇ ବର୍ଷ ତା ପାଇଁ ଦୁଇ ହଳ ନୂଆ କାନ ଫୁଲ ବି ଆଣିଛନ୍ତି। ସେ ସବୁ ଦିନ କଲେଜ ଆସେ, ଭାରି ସରଳ, ପାଠ ଭଲ ତ ସେ ଭଲ। ପ୍ରଥମ ସେମିଷ୍ଟର ଫଳାଫଳ ଆସେ

ISSN NO.
2582-208X

ରମେଶ ଠାରୁ ରୋଜି ଦୁଇ ମାର୍କ ଆଗରେ ଅଛି। କାହାର ବି ବିଶ୍ୱାସ ହେଲାନି ଯେ ରମେଶ ଏତେ ନମ୍ବର ରଖିବ ବୋଲି। କଲେଜ ସାରା ଖାଲି ଗୋଟିଏ ନା ରମେଶ-ରୋଜି। ରମେଶ ନିଜେ ବି ବିଶ୍ୱାସ କରିପାରିଲାନି।ଏବେ ସେ ଟିକେ ରୋଜି ସହ କଥାବାର୍ତ୍ତା ହେଲାଣି, ରୋଜି ବି ଧିରେ ଧିରେ ପୁରା ମିଶିଗଲାଣି। କିନ୍ତୁ ରମେଶ ତ ଗରିବ ସେ ଟିକେ ଜଗି ରଖି ଚଳେ। ମୋବାଇଲ୍ ନାହିଁ, କେବଳ ଯାହା କଲେଜରେ କଥା ହେଇପାରେ ଟିକେ।

ଏହି କଥାବାର୍ତ୍ତା ଭିତରେ କେତେବେଳେ ରମେଶ ନିଜର ହୃଦୟକୁ ରୋଜି ପାଖରେ ସମର୍ପି ଦେଲାଣି ସେ ନିଜେ ବି ଜାଣେନା। ଜୀବନରେ ପ୍ରଥମ ଥର ପାଇଁ ବସନ୍ତ ଆସିଛି, ପ୍ରେମ କଣ ଜାଣିନଥିବା ପିଲା ତାର ବାଟକୁ କ୍ଲାସ୍ ରେ ଅନେଇବସେ। ପଛ ବେଞ୍ଚରୁ ତାକୁ ଦେଖେ, ତା ସହ କଥା ହୁଏ। ଚାଷବାଶ, ପାଠ ସବୁ ଭୁଲିଗଲା ସେ ପ୍ରେମ ଏପରି ଏକ ଅନୁଭୂତି ଯାହା ପାଖେ ଅନ୍ୟ ସବୁ ତୁଚ୍ଛ ଲାଗେ। ଦୁଇଜଣଙ୍କର ବନ୍ଧୁତା ଏତେ ଆଗକୁ ଚାଲିଯାଏ ଯେ ରମେଶ ଭାବେ ରୋଜି ମଧ୍ୟ ତାକୁ ଭଲ ପାଉଛି। କିନ୍ତୁ ସେ କଣ ଜାଣିଥିଲା ଯେ ଏସବୁ ତା ପାଇଁ ଆକାଶ କଇଁଆ ଆଉ ଚିଲିକା ମାଛ। ମନରେ ବିଚାରି ତାର ମନର ଭାବକୁ ରୋଜି ପାଖରେ ବ୍ୟକ୍ତ କରିବାପାଇଁ ସ୍ଥିର କଲା।ସେତେବେଳେକୁ ରମେଶ ଚାଷରୁ କିଛିଟା ଟଙ୍କା ସଂଗ୍ରହ କରି ଆଉ କିଛି ଟଙ୍କା ମହାଜନ ଠାରୁ କରଜ ଆଣି ସେକେଣ୍ଡ ହ୍ୟାଣ୍ଡ ମୋବାଇଲ୍ ଖଣ୍ଡେ ଆଣିଥିଲା। ମୋବାଇଲ୍ କିଣିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରୋଜିଠାରୁ ତାର ଦୂରତା କମ୍ କରିବା।

ଅଗଷ୍ଟ ଚାରି ତାରିଖ ରାତି ଦଶଟା । ବାହାରେ ତୁହାକୁ ତୁହାକୁ ବର୍ଷା, ଥଣ୍ଡା ପାଗରେ ଦେହ ଶୀତେଇ ଉଠିବ କିନ୍ତୁ ରମେଶର ହୃଦୟରେ ଭୟର ଝଡ଼ ବହଚାଲିଛି, ଶରୀରରୁ ଗମ୍ ଗମ୍ ଝାଳ ବୋହୁଛି। ପାଖରେ ପରିବାର ଶୋଇଛନ୍ତି। ରମେଶ ମେସେଜ କଲା – Will you marry me ?

କିଛି ସମୟ ଗଲା। ରମେଶ ଭାବିଲା କାଳେ I love you କହିଲେ ସେ ଭାବିବ timepass love ସେଥିପାଇଁ ସେ ସିଧା ବିବାହ କଥା କହିଲା। ସେ ପଟୁ ଉତ୍ତର ଆସିଲା - ତୋର ଓକାତ୍ କଣ ? ତୁ ମୋ ସମାସ୍କନ୍ଦ ନା ବେ। ତୋର ସାହସ କେମିତି ହେଲା ଏ କଥା କହିବାକୁ ? ତୋର ଯୋଉ କନ୍ଦର୍ପ ମୁହଁ ? ମୁଁ ପୁଣି ତୋତେ ଭଲ ପାଇବି। ଛି ଛି....

ISSN NO.
2582-208X

ନମ୍ବର ବ୍ଲକ ହେଇଗଲା ମୋବାଇଲରୁ ଏବଂ ଜୀବନରୁ ମଧ୍ୟ। ରମେଶ ମୁଣ୍ଡରେ ଆକାଶ ଛିଡ଼ିପଡ଼ିଲା, ତାର ସବୁ ସ୍ୱପ୍ନ ଧୂଳିସାତ୍ ହେଇଗଲା। ପାଖରେ ବାପା ଶୋଇଛନ୍ତି, ଚାହିଁକି ବି ମୁହଁ ଖୋଲି କାନ୍ଦିପାରୁନି, ଆଖିର ଲୁହକୁ ତକିଆ ଶୋଷି ନେଇଯାଉଛି। ସେ ଦିନ ରାତିରେ ସେ ଶୋଇନି, ଅଧ ରାତିରେ ଉପରେ ବୁଲୁଥିବା ପଙ୍ଖାଟା ତାକୁ ଉପହାସ କରୁଛି। ବାପାଙ୍କ ମୁହଁ, ବୋଉର ସ୍ନେହ ତାକୁ ସେଠୁ କେବଳ ଦୂରେଇରଖିଛି।

ସେ ଦିନରୁ ଆଉ କେହି ରମେଶକୁ କଲେଜରେ ଦେଖିବାକୁ ପାଇଲେନି। ତା କାନରେ କେବଳ ଗୋଟିଏ କଥା ଶୁଭାଗଲା ତୋର ଓକାତ୍ କଣ ? ସେ ଏ ଭିତରେ ଥରେ ମଧ୍ୟ ତା ସାଙ୍ଗ ଜରିଆରେ ତା ସହ କଥା ହେବାକୁଚେଷ୍ଟା କରିଛି କିନ୍ତୁ ରୋଜିର ଉତ୍ତର କହିଦେବୁ ତାକୁ ମରିଯିବ । ସତରେ ରମେଶ ଟା କେଡ଼େ ହତଭାଗା ନା। ପ୍ରେମିକା ମୁହଁରୁ ମରିବା ଖବର ଶୁଣି ସେ ବି ଥରେ ବିଲରେ ହାତ କାଟିଦେଲା। କେହି ଜଣେ ଦେଖିଦେବାରୁ କହିଲା ବାଦାମ ଗଛ କାଟୁଥିଲି କଟିଗଲା। କଣ କରିବ ସେ ? କେମିତି ଭୁଲିବ ରୋଜିକୁ ? ତାର ସେ ସ୍ମୃତିକୁ ? ସେ କଣ ଜାଣିଥିଲା ଯେ ଗରିବକୁ ପ୍ରେମ ମନା। ମୂର୍ଖକୁ ସୁନ୍ଦରୀ ମନା। ଏକପାକ୍ଷିଆ ପ୍ରେମ ବହୁତ୍ କଷ୍ଟ, ସେ ବି ଜୀବନରେ ପ୍ରଥମ। ଘର ଗଢ଼ିବା ଆଗରୁ ଭୁଷୁଡିଗଲା। ସେ ମନସ୍ଥ କଲା ସେ ଉଠିବ। ବଦଳେଇବ ନିଜର ପରିଚୟ, ନିଜ ଓକାତ, ଲଢ଼ିବ ନିଜ ସହ, ନିଜ ଗରିବୀ ସହ।

ତିନି ମାସ ପରେ ପୁଣି ରମେଶ ଆଜି କଲେଜ ଗଲା। ରୋଜିକୁ ସାମ୍ନାରେ ଦେଖି ତାର ସବୁ ରାଗ ଦୂର ହେଇଗଲା। ପ୍ରେମ ଯିଏ କରେ ନା ପ୍ରେମିକାର ସବୁ ଅପମାନ ତା ପାଇଁ ସାଜେ ଭବିଷ୍ୟତର ଅଦେଖା ପ୍ରେରଣା।ପ୍ରେମରେ ନା ଥାଏ ମାନ ନା ଥାଏ ଅପମାନ। କେବଳ ଥାଏ ଅସରନ୍ତି ଭଲ ପାଇବା। ରମେଶ ଜାଣିଲା ନିଜ ପରିଚୟ ବଦଲେଇବାର ଏକମାତ୍ର ଉପାୟ ହେଉଛି ପାଠ। ସେ ପଢ଼ିଲା। ପରିଶ୍ରମ ବହୁତ୍ କଲା, କଲେଜ ଗଲାନି, ଘରେ ବସି ପଢ଼ିଲା,ନିଜ ପ୍ରେମକୁ ସାକ୍ଷୀ ରଖି ପଢ଼ିଲା, ରୋଜିକୁ ପାଇବାର ଆଶା ରଖି ପଢ଼ିଲା। ଶେଷ ସେମିଷ୍ଟର ଫଳାଫଳ ଆସିଲା । ରମେଶ କଲେଜ ଟପର। ରୋଜିର ତା ଠୁ ଦୁଇ ମାର୍କ କମ୍। ସେଥିରେ ବି ରମେଶର ଦୁଃଖ। କାରଣ ସେ ବିଶ୍ୱବିଦ୍ୟାଳୟ ଟପର ହେଇପାରିଲାନି। ଏଥିରେ ବି ରୋଜିର ରାଗ ତା ଠୁ କମ୍ ମାର୍କ ଅଛି ବୋଲି। ରମେଶ ପାଇଁ ରୋଜି ହେଉଛି ସହଯୋଗୀ କିନ୍ତୁ ରୋଜି ପାଇଁ ରମେଶ ପ୍ରତିଯୋଗୀ। ସହଯୋଗିତାରେ ପ୍ରେମ ବଢ଼େ ପ୍ରତିଯୋଗିତାରେ ଈର୍ଷା ବଢ଼େ।

ISSN NO.
2582-208X

ଏବେ କରିବେ କଣ ? ବିଏ ତ ସରିଲା। ସାର୍, ମାଡ଼ାମମାନଙ୍କ ପରାମର୍ଶକ୍ରମେ ସ୍ନାତକୋତ୍ତର ପଢ଼ିବାର ମନସ୍ଥ କଲେ, ଉଭୟ ପରୀକ୍ଷା ମଧ୍ୟ ଦେଲେ। ସାର୍ ଙ୍କ ପରାମର୍ଶକ୍ରମେ ସେମାନେ କଲିକତା ଯାଆନ୍ତି ପିଜି ପରୀକ୍ଷା ଦେବା ପାଇଁ। ରମେଶର ତ ଦୁଇ ବର୍ଷ ହେଲା କଥା ବାର୍ତ୍ତା ନାହିଁ। ଏବେ ତାକୁ ଏକ ସୁଯୋଗ ମିଳିଛି କଥା ହେବା ପାଇଁ। ସେ ତ ଜାଣେ ରୋଜି ବାହାର ଦୁନିଆ ବାବଦରେ କିଛି ଜାଣିନି। ଟ୍ରେନ ରେ କେବେ ବସିନି, ରମେଶ ବି ବସିନି। କିନ୍ତୁ ରୋଜି ସାଥିରେ ଯିବ ବୋଲି ବାହାଦୁରରେ ସବୁ ବୁଝିବି କହିଦେଲା। ଟିକେଟ କାଟିଲା ଜାଣି ଜାଣି ଦୁଇଟା ସିଟ ଏକା ସାଙ୍ଗରେ କାଟିଲା ଏବଂ ତାଙ୍କ ସହ ଯାଉଥିବା ଆଉ ଝିଅଟି ନିକିତାର ଟିକେଟ ଟିକେ ଡେରିରେ କାଟିଲା। ତେଣୁ ତାର ସେଇ ବଗିର ପଛରେ ପଡ଼ିଲା। ନିକିତା ସହ ରମେଶର ବି ଭଲ। ସେମାନେ ମିଶିକି ପଢ଼ିଥିଲେ ପିଜି ପାଇଁ। ଏବେ ମିଶିକି ଯାଉଛନ୍ତି କଲିକତା। ରମେଶ ଦୁଇ ଜଣ ଝିଅଙ୍କ ଘରେ କଥା ଦେଇକି ଆସିଛି ଭଲରେ ଆଣି ଛାଡ଼ିବ ତାଙ୍କୁ ଘରେ। ଷ୍ଟେସନରେ ଯେତେବେଳେ ରୋଜିର ବାପା କହନ୍ତି ପୁଅ ଝିଅ ତୋତେ ଲାଗିଲା, ତା କଥା ଟିକେ ବୁଝିବୁ। ରମେଶ ମନେ ମନେ ଭାବେ ଆପଣଙ୍କ ଝିଅ କଥା ମୁଁ ତ ଜୀବନସାରା ବୁଝିବାକୁ ରାଜି ଅଛି।

ଟ୍ରେନରେ ବସିଲେ ତିନିଜଣ ନୂଆ ଆଶା ନେଇ। ରମେଶର କିନ୍ତୁ ମନ କେମିତି ଟିକେ ରୋଜି ସହ କଥା ହେବ। ଦୁଇ ଜଣଙ୍କ ପାଖରେ ସିଟ, ରୋଜି କହିଲା ନିକିତା ତୁ ମୋ ସିଟକୁ ଆସେ ମୁଁ ତୋ ସିଟରେ ବସିଯିବି। କଣ କରିବ ରମେଶ ମୁଣ୍ଡରେ ବଜ୍ର ପଡ଼ିଲା,ଏତେ ପ୍ଲାନ୍ ତାର କଣ ବିଫଳ ହେଇଯିବ। ସେ କଣ ରୋଜି ସହ କଥା ହେଇପାରିବନି। ସେ ଜାଣେ ଏମାନେ ଟ୍ରେନରେ ନୂଆ। ତେଣୁ ସେ କହିଲା ଟିଟିଆଇ ଧରିଲେ କେତେ ଫାଇନ ଦେବାକୁ ପଡ଼ିବ ଜାଣିଛୁନା ନିକିତା। ତୋ ନା ରେ କେଶ୍ ବି ହେଇପାରେ। ଦୁଇ ଜଣଯାକ ଡରିଗଲେ। ଶେଷରେ ରୋଜି ବସିଲା ରମେଶ ପାଖରେ। ପ୍ରଥମ ଥର ପାଇଁ ସେ ରୋଜିର ସ୍ପର୍ଶ ପାଇଲା। ତଳେ କଣ ଲାଗିଛି ବାହାନାରେ ତାର ପାଦକୁ ଛୁଇଁଲା। କାହିଁକି ନା ରମେଶ ପାଇଁ ରୋଜି ହେଉଛି ଦେବୀ। ତା ପ୍ରେମର ଦେବୀ। କିନ୍ତୁ ରୋଜି ମୁହଁ ସେ ପଟକୁ କରି ବସିଛି। ଯେତେ ଯାହା ଯାଚିଲେ ବି ରମେଶ ନା ସେ ଖାଇଲା ନା କଥା କହିଲା। ସେ ପଟେ ପରୀକ୍ଷା ଅଛି, ୟାର କଣ ଚିନ୍ତା ସେ ପରୀକ୍ଷାରେ, ୟାର ତ ଗୋଟିଏ ଚିନ୍ତା କେମିତି ଟିକେ କଥା ହେବ।

ISSN NO.
2582-208X

ପହଞ୍ଚିଲେ ହାଓଡ଼ା ଷ୍ଟେସନ। ସେଠି ଓହ୍ଲେଇଲେ। ଭାରତର ସବୁଠାରୁ ବଡ଼ ଷ୍ଟେସନ। ପୋକ ମାଛି ପରି ଲୋକ। ସୋରିଷ ପକେଇଲେ ବି ତଳେ ପଡ଼ିବନି। ସେଥିରେ ପୁଣି ଶ୍ରାବଣ ମାସ କାଉଁଡିଆଙ୍କ ଭିଡ଼। ଭାରତର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନଙ୍କ ସମାବେଶ। କାଳେ ଦୁଇ ଜଣ ହଜିଯିବେ ଭାବି ରମେଶ ରୋଜିର ହାତ ଧରି ଚାଲିବାକୁ ଚେଷ୍ଟା କଲା କିନ୍ତୁ ନିକିତାର ଉପସ୍ଥିତି ତାକୁ ସେ ସୁଯୋଗରୁ ବଞ୍ଚିତ କଲା। ତାଙ୍କୁ ଏବେ ଆଉ ଏକ ଟ୍ରେନ ଧରିବାର ଅଛି ଶାନ୍ତିନିକେତନକୁ। କିନ୍ତୁ ଏତେ ଭିଡ଼ରେ ସେ ଜାଣିବ କେମିତି କୋଉଠି ବସିବେ ବୋଲି। ଭାଗ୍ୟକୁ ତାଙ୍କର ଦେଖା ହୁଅନ୍ତି ରଘୁ ଆଉ ମୋନାଲିସା ସହ। ଉଭୟ ଭାଇ ଭଉଣୀ ମଧ୍ୟ ସେଇ ଟ୍ରେନରେ ଶାନ୍ତିନିକେତନ ଯାଉଛନ୍ତି। ସେମାନେ ଯାଜପୁର ପିଲା। ତାଙ୍କ ସହ ତାଙ୍କ ଦାଦା ଯାଇଥାନ୍ତି। ତେଣୁ ୟାଙ୍କୁ ଏକ ସାହାରା ମିଳିଗଲା । ତାଙ୍କ ସହ ମିଶି ସମସ୍ତେ ଯାଇ ପହଞ୍ଚିଲେ ବୋଲପୁର ଶାନ୍ତିନିକେତନ। ଏଇ ସେଇ ଶାନ୍ତିନିକେତନ, ଶାନ୍ତିର ସହର, ରବୀନ୍ଦ୍ରନାଥଙ୍କ ଜନ୍ମସ୍ଥାନ। ସେଠାରେ ପହଞ୍ଚି ରମେଶର ଗୋଟେ ଚିନ୍ତା ରହିବ କେଉଁଠି ? ଝିଅ ଦୁଇଟି ବି ରହିବେ କୋଉଠି ? କଲେଜର କାର୍ତ୍ତିକ ସାର୍ ଙ୍କ ସହାୟତାରେ ରୋଜି ଆଉ ନିକିତା ରୁହନ୍ତି ଝିଲି ଦିଦିଙ୍କ ପାଖରେ। ଝିଲି ଦିଦି ଆମ ଘଟଗାଁ କଲେଜର ପୂର୍ବତନ ଛାତ୍ରୀ।କାର୍ତ୍ତିକ ସାରଙ୍କ ପରାମର୍ଶରେ ସେ ଏ ଦୁହିଁଙ୍କୁ ତାଙ୍କ ପାଖରେ ରଖନ୍ତି। ରମେଶ ଯାଇ ରହେ ହଷ୍ଟେଲରେ ରହୁଥିବା ଦେବାଶିଷ ଭାଇଙ୍କ ପାଖରେ। ସେ ବି ଆମ କେନ୍ଦୁଝର ପିଲା ବୋଲି ଜାଣି ଖୁସି ହୁଏ। ଖୁବ୍ ସରଳ ଏବଂ ଦିଲଦାର ପିଲା ସେ। ସେଠାରେ ପୂର୍ବରୁ ଆସି ରହିଥିଲା ପ୍ରତୀକ୍। ପ୍ରତୀକ୍ ସହ ରମେଶର ଦେଖା ସାକ୍ଷାତ ହୁଏ। ପ୍ରତୀକ୍ ଦେଖିବାକୁ ରାଜକୁମାର ଭଳି ପିଲା।ଦେଖିବାକୁ ଡେଙ୍ଗା, ଗୋରା, ଚଉଡ଼ା ଛାତି, ମୋଟା ନିଶ ସାଙ୍ଗକୁ ଅଳ୍ପ ଉଠିଥିବା ଦାଢ଼ି ତାକୁ ଭାରି ମାନୁଛି।

ପରଦିନ ସକାଳେ ପ୍ରତୀକ୍, ରମେଶ, ରଘୁ, ମୋନାଲିସା, ରୋଜି ଏବଂ ନିକିତା ସମସ୍ତେ ଯାଆନ୍ତି ଭାଷା ଭବନ ପରୀକ୍ଷା ଦେବା ପାଇଁ। ବାପା ଲୋ ଚାରି ମହଲା କୋଠା, ଆଖି ପାଉନାହିଁ। ସବୁଠୁ ଉପରେ ଓଡ଼ିଆ ବିଭାଗ। ଲିଫ୍ଟ ରେ ସମସ୍ତେ ଗଲେ। ପ୍ରଥମ କରି ରମେଶ ଲିଫ୍ଟ ରେ ଚଢ଼ିଲା, ଭାରି ଡର। କିନ୍ତୁ ରୋଜି ପାଖରେ ଥିବାରୁ କୌଣସି ଡର ନ ଲାଗିଲା ପରି ଅଭିନୟ କଲା। ପହଞ୍ଚିଲେ ବିଭାଗରେ। ଓଡ଼ିଶାର ପ୍ରାୟ କୋଣ ଅନୁକୋଣରୁ ବହୁତ୍ ପିଲା ଆସିଛନ୍ତି ପରୀକ୍ଷା ଦେବା ପାଇଁ। ସମସ୍ତଙ୍କ ହାତରେ ଓଡ଼ିଆ ସାହିତ୍ୟର ଇତିହାସ। କିନ୍ତୁ ରମେଶ ତ ବହି କଣ ଜାଣିନାହିଁ, କେବଳ କ୍ଲାସ୍ ର କେତେଟା ନୋଟ୍ ପଢ଼ି ସେ ସ୍ନାତକ ପାସ୍ କରିଯାଇଛି। ଏମାନଙ୍କୁ ଦେଖି ଯେତିକି ଡର ଲାଗୁଛି ତା ଠୁ ବେଶୀ

ISSN NO.
2582-208X

ଖରାପ ଲାଗୁଛି ରୋଜି କଥା ଭାବି । କାଳେ କିଏ ଜାଣିଦେବନି ତ ରୋଜିକୁ ସେ ଭଲପାଏ ଆଉ ରୋଜି ତାକୁ ପ୍ରତ୍ୟାଖ୍ୟାନ କରିଛି ବୋଲି। ତା ଇଜ୍ଜତ ଚାଲିଯିବ । ପରୀକ୍ଷା ସରିଲା ଆଗେ ରମେଶର, କଣ ଲେଖିଲା କେଜାଣି ଏକ ଘଣ୍ଟାରେ ଶେଷ । ତା ପରେ ଅନ୍ୟମାନଙ୍କର ସରିବା ପରେ ସେମାନେ ବୁଲି ଗଲେ ଘଣ୍ଟତାଲା, କାଚଘର। ସେହି ବୁଲିବା ଭିତରେ ରମେଶ ଅନେକ ବାହାନା ଖୋଜିଛି ରୋଜି ସହ କଥା ହେବା ପାଇଁ। କିନ୍ତୁ ସେ ବିଫଳ ହୋଇଛି ।

ରମେଶ ଭାବିଲା ମୁଁ ମୋବାଇଲରେ କହିଥିଲି ବୋଲି ରୋଜି ମୋତେ ଏମିତି କହିଲା, ଆଜି ତା ନିକଟରେ ପ୍ରତ୍ୟକ୍ଷ ଭାବେ ମୋ ମନର କଥା କହିବି। ସବୁ ପିଲା ଥିବା ସମୟରେ କହିଲେ ସେ ମୋତେ କିଛି କହିପାରିବନି। ତା ପରେ କଲିକତାରେ କେବଳ ସେ ମୋତେ ଜାଣିଛି। ଆଉ କେହି ନାହାନ୍ତି ତାକୁ ଏଠାରୁ ଓଡ଼ିଶାକୁ ନେବା ପାଇଁ। ଏଇ ତ ମଉକା। ଏହା ଭାବି ରମେଶ ପାଦ ଆଗକୁ ବଢ଼ାଇଲା।ସବୁ ପିଲା ଥାନ୍ତି ରମେଶ ଯାଇ ରୋଜିର ହାତକୁ ଭାରି କଷ୍ଟରେ ଧରି କହିଲା ତୁ ମୋ ସହ କଥା ହେଉନୁ। ତୋତେ ମୁଁ ବହୁତ୍ ଭଲପାଏ, ତୋ ପାଇଁ ସବୁକିଛି କରିବି, ତୁ ଥରେ ଖାଲି ରାଜି ହୋ ନା। କିନ୍ତୁ ରୋଜି ହାତକୁ ଛାଟିଦେଲା, କଲିକତା ଯିବ ବୋଲି ଘଷିପୁରାକୁ କିଣିଥିବା ସେ ନୂଆ ଜୋତାର ମଜବୁତ୍ ପରୀକ୍ଷା କରିନେଲା ରମେଶର ଗାଲରେ। ରମେଶର ଆଖିରୁ ଲୁହ, ରୋଜି ମାରିଲା ବୋଲି ନୁହଁ, ସାଙ୍ଗମାନଙ୍କ ସାମ୍ନାରେ ବେଜିତ୍ ହେଲା ବୋଲି।

ପରୀକ୍ଷା ଦେଇ ସମସ୍ତେ ଫେରିଲେ ।ରମେଶ ଆଉ ଟ୍ରେନରେ ରୋଜି ସହ ଆଖି ମିଶେଇ ପାରିଲା ନାହିଁ। ରୋଜି କିନ୍ତୁ ଉପାୟ ପାଇଯାଇଛି ପ୍ରତୀକ୍ କୁ। ପ୍ରତୀକ୍ ର ଘର ଛତିଆ। ସେ ଓହ୍ଲେଇବ କଟକ ଷ୍ଟେସନରେ, ଏମାନେ ତା ଠୁ ପଛରେ ଯାଜପୁରରେ। ବାଟରେ ସେମାନେ ପ୍ରତୀକ୍ ସହ ଏତେ ମିଶିଗଲେ ଯେ ୟାକୁ ପର ବୋଲି ଭାବିଲେ। ଯେଉଁ ପିଲା ତାଙ୍କୁ ଏତେ ବାଟ ଆଣିଲା, ଯାହା ଭରସାରେ ସେ ଆସିଥିଲେ, ଆଜି ତାରି ସାମ୍ନାରେ ସେମାନେ ଯେମିତି ପ୍ରତୀକର ଅତି ନିଜର। ନିଜ ପ୍ରେମିକା ଅନ୍ୟ କେଉଁ ଯୁବକ ସାଙ୍ଗେ କଥା ହେବାର ଦୃଶ୍ୟ ଦେଖିବା କଣ୍ଟାର ଶେଯରେ ଶୋଇବାଠୁ ବି ବେଶୀ କଷ୍ଟଦାୟକ। ରମେଶ ନିଜ ଆଖିରେ ନିଜେ ଛୋଟ ହେଇ ଟ୍ରେନରେ ଗୋଟେ କଣରେ ଏକୁଟିଆ ବସି ସବୁ ସ୍ୱପ୍ନର ବିଫଳତା ନେଇ ଘରକୁ ଫେରିଲା। ନା ସେ ରୋଜି ସହ ପଦେ କଥା ହୋଇପାରିଲା

ISSN NO.
2582-208X

ନା ନିଜକୁ ତା ଆଗରେ ପ୍ରମାଣିତ କରିପାରିଲା ଯେ ତା ପ୍ରେମ ଏବେ ବି ଶାଶ୍ୱତ ଆଉ ଚିରନ୍ତନ।

ପରୀକ୍ଷାର ଫଳାଫଳ ଆସିଲା। ରୋଜି ୧୩ ନଂ ଏବଂ ନିକିତା ୨୦ ନଂ ରେ ଥାଆନ୍ତି। ରମେଶ ସବୁଠାରୁ ଉପରେ ଏକ ନମ୍ବର ସ୍ଥାନରେ। ଖୁସି କହିଲେ ନ ସରେ। ସେ ପଢ଼ିବ କଲିକତାରେ ଯେତିକି ନୁହେଁ ତା ଠୁ ବେଶୀ ରୋଜି ସହ ପୁଣି ଆଉ ଦୁଇ ବର୍ଷ ସମୟ ବିତେଇବ। କିନ୍ତୁ ତାର ଏ ଖୁସି ସବୁ ଆକାଶ କୁସୁମ ହୋଇ ଝରିପଡ଼ିଲା। ରୋଜିର ଘରେ ରାଜିହେଲେନି ଏତେ ବାଟ ଛାଡ଼ିବାକୁ, ସେ ବିଇଡି କଲା ଆନ୍ଧ୍ରପ୍ରଦେଶରେ। ଯଦିଓ ତାର କେନ୍ଦୁଝରରେ ବି ପିଜି ଆସିଥିଲା। ନିକିତା ଚାଲିଗଲା କଲିକତା ପିଜି କରିବାକୁ, ପ୍ରତୀକ ମଧ୍ୟ ସେଠାରେ ପିଜି କଲା। କିନ୍ତୁ ରମେଶ ଆଉ ଗଲା ନାହିଁ।

ସେ ତାର ସ୍ୱପ୍ନର ବିଶ୍ୱବିଦ୍ୟାଳୟ ପାଇସାରିଥିଲା, ରେଭେନ୍ସା ବିଶ୍ୱବିଦ୍ୟାଳୟ। ନାଲି କୋଠା, ଓଡ଼ିଶାର ସବୁଠାରୁ ପ୍ରାଚୀନ ଶିକ୍ଷାନୁଷ୍ଠାନ। ସେ ବହିରେ ପଢ଼ିଥିଲା ଯେ ଏଇଠୁ ସବୁଜ ଗୋଷ୍ଠୀର କବି ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠ ନାଥ ପଟ୍ଟନାୟକ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଶରତ ଚନ୍ଦ୍ର ମୁଖାର୍ଜୀ, ହରିହର ମହାପାତ୍ର ଆଦି ପଢ଼ି ଯାଇଛନ୍ତି। କଟକ ଗଲା ସେଠାରେ ନିଉ ପିଜି ଛାତ୍ରାବାସରେ ରହିଲା। ନିଜକୁ ଗଢ଼ିଲା। ଏ ସହର ତା ପାଇଁ ନୂଆ। ସେ ଗାଁ ରୁ ଆସିଛି, ଚାଷ କରି ବଢ଼ିଛି। ଏଠାରେ ପରିବାରକୁ ଛାଡ଼ି ରହିବା ତାକୁ ଆଉ ଭଲ ଲାଗିଲାନି। ସପ୍ତାହରେ ଥରେ ଥରେ ଟ୍ରେନରେ ସେ ଘରକୁ ବି ପଳେଇଆସେ। ତା ଅତୀତ ତାକୁ ସବୁବେଳେ ପ୍ରଶ୍ନ କରେ ? ତୁ କରିଛୁ କଣ ? ସେ ଲାଗିପଡ଼େ।ବହୁତ୍ ପରିଶ୍ରମ କରେ ଏବଂ ପିଜି ସମାପ୍ତ କରେ। କିନ୍ତୁ ଆଉ ଘରକୁ ଯିବାକୁ ଇଚ୍ଛାକୁ ହୁଏନି। ରେଭେନ୍ସାର ମୋହ ବାନ୍ଧି ରଖେ। ଏ ନାଲିକୋଠା ସମସ୍ତଙ୍କୁ ବାନ୍ଧିପାରେ। କିନ୍ତୁ କରିବ ବା କଣ ପଇସା ନାହିଁ ଆଉ ବାହାରେ ରହିବାକୁ। ତେଣୁ ସେ ଫେରେ ଘରକୁ। ଏ ପଟେ ରୋଜି ବିଇଡି ସାରି ଏକ ପ୍ରାଇଭେଟ ସ୍କୁଲରେ ଶିକ୍ଷକତା କରୁଛି। ଏହି ସମୟରେ ରମେଶ ଜାଣିବାକୁ ପାଏ ଯେ ସେ ଯେଉଁ କଲେଜରେ ସ୍ନାତକ ପଢୁଥିଲା ଦୁଇ ବର୍ଷ ତଳେ ସେହି କଲେଜର କେତେକ କର୍ମଚାରୀ ଭୁଲବଶତଃ ତାର ୪୦ ମାର୍କ କାଟିଦେଇଛନ୍ତି ମେଲ୍ ଜରିଆରେ ବିଶ୍ୱବିଦ୍ୟାଳୟକୁ ନମ୍ବର ପଠେଇବାବେଳେ। ତାର ବିଶ୍ୱବିଦ୍ୟାଳୟ ଟପର ହେବାର ସ୍ୱପ୍ନ ଠୁ ବେଶୀ କଷ୍ଟ ଦେଲା ସେ ମେଧାବୃତ୍ତି ପାଇଲାନି ସେଇ କାରଣରୁ। ସେମାନେ କଣ ଜାଣନ୍ତି ତାଙ୍କର ଏଇ ଭୁଲ୍ ତା ପାଇଁ କେତେ କଷ୍ଟ ଆଉ ଯନ୍ତ୍ରଣଦାୟକ।

ISSN NO.
2582-208X

ରମେଶ ସବୁ କଥା ପ୍ରତୀକକୁ କହେ। ତାର ଭଲ ସାଙ୍ଗ ସେ। ପ୍ରତୀକ ପିଜି ସାରି ସେତେବେଳକୁ ସେହି ଶାନ୍ତିନିକେତନ ରେ ପିଏଚଡି ରେ ନାମ ଲେଖାଇଛି। କିନ୍ତୁ ରମେଶ ଆଜି ବି ଘରେ ବେକାର ଅବସ୍ଥାରେ ପଡ଼ିରହିଛି। ଗୋଟେ ଆଶା ତା ମନରେ ସେ ଚାକିରି କରିବ ଏବଂ ରୋଜିକୁ ବାହା ହେବ। ତା ଦୃଷ୍ଟିରେ ରୋଜି ଦୁନିଆର ସବୁଠାରୁ ଭଲ ଝିଅ। କେବଳ ସେ କାହିଁକି ସବୁ ପ୍ରେମିକମାନଙ୍କ ପାଇଁ ସେମାନଙ୍କ ପ୍ରେମିକା ଜଣେ ଜଣେ ଆଧୁନିକା ସୀତା।

ରମେଶ ପାଗଳ ହେଲେ କଣ ହେବ ଆଜି ବି ତାର ମନେ ଅଛି ଏକ ବର୍ଷ ତଳେ ଖବର ଆସି ପହଞ୍ଚିଲା ରୋଜି କାହା ସହ ପଳେଇଛି। ଏ କଥା ଶୁଣି ରମେଶର ସବୁ ଆଶା ମଉଳିଗଲା। ସେ ଭାବିଥିଲା କଣ ଆଉ ହେଲା କଣ ? କିଛି ଦିନ ପରେ ରମେଶ ଧିରେ ଧିରେ ପାଗଳ ହେଇଗଲା। ଧିରେ ଧିରେ ସେ ତାର ସ୍ମୃତିଶକ୍ତି ହରାଇବସିଲା । କିନ୍ତୁ ତା ମୁହଁରେ ଗୋଟିଏ ନାମ ମୋ ରୋଜି ଦିନେ ଆସିବ। ମୋ ପାଇଁ ଆସିବ। ମୋ ପ୍ରେମ ପାଇଁ ଆସିବ।ସେଇ ଘଟଗାଁ କଲେଜ ଯେଉଁଠୁ ତାଙ୍କ ପ୍ରେମ ଆରମ୍ଭ ହେଇଥିଲା। ସେହି କଲେଜ ସାମ୍ନାରେ ଦିନରାତି ପଡ଼ିରହିଲା। କେହି ପିଲା କିଛି ଦେଲେ ଖାଏ, ସେ ସାମ୍ନାରେ ଥିବା ଏକ ମଣ୍ଡପରେ ଶୁଏ। କଲେଜ ପିଲାମାନଙ୍କ ପାଇଁ ସେ ପାଲଟିଯାଏ ଏକ ଉପହାସର ସାମଗ୍ରୀ। ମା ତାରିଣୀ ମନ୍ଦିର ଦେଖିବାକୁ ଆସିଥିବା ଏକ ଦମ୍ପତି ମନୋରଞ୍ଜନ ଏବଂ ତାଙ୍କ ପତ୍ନୀ ରାଜଲକ୍ଷ୍ମୀଙ୍କର ଦୃଷ୍ଟି ପଡ଼େ ରମେଶ ଉପରେ। ସେମାନେ ଭାରି ଭଲ ଲୋକ। ଘର କଲିକତା। ନବବିବାହିତା ଦମ୍ପତି, ସେମାନେ ରମେଶର ଏପରି ଅବସ୍ଥା ଦେଖି ସହିପାରିଲେନି ।ତାଙ୍କ ସହ ରମେଶକୁ କଲିକତା ନେଇଗଲେ। ଗୋଟେ ପିଲା ଦରକାର ଥିଲା ତାଙ୍କର ଘର କାମ କରିବା ପାଇଁ। ତା ପରେ ଏ ତ ପାଗଳ ହେଇ ବୁଲୁଛି ଯିଏ ଯେଉଁଠି ଯାହା ଦେଉଛି, ଖାଉଛି।

ରମେଶ ପୁଣି ପହଞ୍ଚେ କଲିକତାରେ। କିନ୍ତୁ ପୂର୍ବର ସେ ବିଦ୍ୟାର୍ଥୀ ରମେଶ ହୋଇ ନୁହେଁ। ଚାକର ରମେଶ ହୋଇ। କିଛି ଦିନ କାମ କରିବା ପରେ ସେ ସେଠାରୁ ଖସିଆସିଛି ଦୁଇ ଜଣଙ୍କ ଆଖିରେ ଧୂଳି ଦେଇ। ଘର ଘର ବୁଲିଛି, ମନ୍ଦିରରେ ଖାଇଛି, ଘର ଘର ମାଗି ପେଟ ପୁରେଇଛି। ରାସ୍ତା କଡ଼ରେ ଶୋଇଛି। କେତେ କଷ୍ଟ ଭଗବାନ। ପ୍ରେମ କଣ ସତରେ ଏତେ କଷ୍ଟଦାୟକ ? ନା ବିରହ ବେଶୀ କଷ୍ଟଦାୟକ ? ତା ପରେ ପ୍ରେମ ତ ସେ କରିଛି ରୋଜି ନୁହଁ। ଏମିତି ଅନେକ ରମେଶ ତ ରୋଜି ଜୀବନରେ ଆସିଥିବେ। ସେ ଆଉ କଣ

ISSN NO.
2582-208X

ଯାକୁ ମନେରଖିବ। ଏମିତି କେତେ କଥା ଭାବି ସେ ଚାଲିଛି ଆଗକୁ, ଆହୁରି ଆଗକୁ। ନା ତାର ମନେ ଅଛି ଅତୀତ, ନା ଜାଣିଛି ବର୍ତ୍ତମାନର ସ୍ଥିତି, ନା ଅଛି ଭବିଷ୍ୟତର ଚିନ୍ତା। କେବଳ ଜଣେ ମନେ ଅଛି ସେ ହେଉଛି ରୋଜି। ତାର ଯୋଡ଼ିଏ ଆଖି।

ନଦୀଆ ନବଦୀପ, ଯେଉଁଠି ଶ୍ରୀ ଚୈତନ୍ୟଙ୍କ ଜନ୍ମ। ପ୍ରତ୍ୟେକ ଦିନ ହଜାର ହଜାର ଲୋକ ସେଠାକୁ ଆସନ୍ତି। ରମେଶକୁ ମଧ୍ୟ ଭଲ ଖାଇବାକୁ ମିଳିଯାଏ। ଅନ୍ୟମାନଙ୍କ ପରି ସେ ସେ ବି ଥାଳ ଧରି ମାଗେ। ଫରକ ଏତିକି ଅନ୍ୟମାନେ ପଇସା ମାଗନ୍ତି ଆଉ ଏ ମାଗେ ପ୍ରେମ। ପଇସା କେହି ଦେଲେ ନିଏନି। ସାଙ୍ଗରେ ବସିଥିବା ଭିକାରୀକୁ ଦେଇଦିଏ। କିନ୍ତୁ ଖାଇବାକୁ ଦେଲେ ଖାଏ। ସେମିତି ଦାନରେ ମିଳିଥିବା ଚଦରକୁ ଘୋଡ଼େଇହେଇ ଶୋଇପଡେ। ଦିନେ ଏମିତି ଶୋଇଥିବା ଅବସ୍ଥାରେ ଗୋଟେ ଛୁଆ ଆସି ଉଠେଇଛି ତାକୁ। ସେ ଉଠି ଦେଖି ଚମକିପଡ଼ିଲା। ରୋଜିର ଆଖି ପରି ଯୋଡ଼ିଏ ଆଖି ତାକୁ ଛଳଛଳ କରି ଅନେଇଛି। ସେ ତା ଭିତରେ ଦେଖେ ତାର ଅତୀତକୁ, ଖୋଜେ ନିଜକୁ। ସେ ପିଲା ରମେଶ ଆଡ଼କୁ ବଢ଼େଇଦିଏ ଗୋଟେ ଅଧାଖିଆ ପାଉଁରୁଟି ଏବଂ ଚାଲିଯାଏ ମନ୍ଦିର ଆଡ଼କୁ।

ସେଇ ପାହାଚରେ ସେମିତି ବସିଛି ରମେଶ। ଫେରିବା ବେଳେ ପୁଣି ସେ ପିଲାକୁ ଦେଖୁଛି। ସେ ଧାଇଁ ଧାଇଁ ତଳକୁ ଆସୁଛି। ପଛରେ କେହି ଜଣେ ଚନ୍ଦ୍ର ଚନ୍ଦ୍ର କହି ଦୌଡ଼ିଆସୁଛି। ଚାଦର ଟେକି ଦେଖେ ତ ଅତି ପରିଚିତ ମୁହଁ, ଯାହା ପାଇଁ ସେ ଆଜି ଏଇଠି, ସେଇ ରୋଜି। ରୋଜି ପଛରେ ଆଉ ଜଣେ କିଏ ଧାଇଁଆସୁଛି ରୋଜି ରୋଜି କହି ଦାମୀ ସାର୍ଟ, ପ୍ୟାଣ୍ଟ୍ ପିନ୍ଧି। ରମେଶ ତାକୁ ଦେଖି ଜାଣିପାରିଲା ଆରେ ୟେ ତ ମୋ ସାଙ୍ଗ ପ୍ରତୀକ। ଯାହା ସହ ଶାନ୍ତିନିକେତନରେ ରୁମ୍ ରେ ମୁଁ ରହିଥିଲି। ଯାହାକୁ ମୁଁ ଜୀବନର ମୋର ସବୁ ଦୁଃଖ କହିଥିଲି। କିନ୍ତୁ ସେ ମୋ ସହ ଏମିତି.... ନା ନା । ସେ ଶୁଣିଥିଲା ରୋଜି କାହା ସହ ଘରୁ ଲୁଚିଯାଇ ପ୍ରେମ ବିବାହ କରିଛି ବୋଲି। କିନ୍ତୁ ସେ ଯେ ପ୍ରତୀକ ଏ କଥା ସେ ଜାଣିନଥିଲା। ଯେଉଁ ପ୍ରତୀକକୁ ସେ ଏତେ ବିଶ୍ୱାସ କରିଥିଲା, ଜୀବନର ପ୍ରତ୍ୟେକ ମୁହୂର୍ତ୍ତର ସେ ସାକ୍ଷୀ। କିନ୍ତୁ ଶେଷରେ ସେଇ ସାଙ୍ଗ...। ଉଭୟ ରମେଶକୁ ଚିହ୍ନିପାରିଲେନି । କେମିତି ବା ଜାଣିବେ ପୂର୍ବର ସୁକୁଟା ରମେଶର ଆଖି ବିନା ଖାଇବାରେ ପାତଳକୁ ପଶିଯାଇଛି, ଆଖିରେ ଲେଞ୍ଜରା ଭର୍ତ୍ତି,ଚମ ଧୁଡୁ ଧୁଡୁ କରୁଛି, ମୁହଁ ସାରା ଦାଢ଼ି ଭର୍ତ୍ତି, ଅଧା ଚୁଟି ଉପୁଡ଼ିଯାଇଛି। ରମେଶ କିନ୍ତୁ ଠିକ୍ ଚିହ୍ନିଲା ଏ ତାର ସେଇ ସାଙ୍ଗ ଆଉ ସେଇ ପ୍ରେମିକା ଯାହା ସହ ସେ ଦିନେ ଟ୍ରେନରେ କଲିକତାରୁ ଘରକୁ ଯାଇଥିଲା। ତାର ସବୁ ପୂର୍ବ କଥା ମନେପଡ଼ିଗଲା। ସେ

ISSN NO.
2582-208X

ରୋଜିର ପଛେ ପଛେ ଧାଇଁଲା, କିନ୍ତୁ ଆଉ ପାଇଲାନି। ଏତେ ଲୋକଙ୍କ ଭିଡ଼ରେ ସେ ଆଜି ହଜିଗଲା। ସମୟ ସ୍ରୋତରେ ରମେଶ ପରି ପ୍ରେମିକଟେ ବହିଗଲା। ଛଳନାର ଧୂଆଁରେ ରମେଶ ଜଳିଗଲା। ତାର ଏକମାତ୍ର ଭୁଲ୍ ଅସରନ୍ତି ଭଲପାଇବା, ନିଃସ୍ୱାର୍ଥପର ପ୍ରେମ।

ସେ ଦିନର ରମେଶ କାଉଲ ପରି ଆଜିର ଏ ରମେଶ ନାୟକ ମଧ୍ୟ ହଜିଯାଇଛି ଦୁନିଆ ଭିଡ଼ରେ। ଛନ୍ଦି ହୋଯାଇଛି ଧୋକ୍କାର ଜାଲରେ। କିନ୍ତୁ ମନିଷା ପରି ୟା ପାଖରେ ରୋଜି ନାହିଁ ଅପେକ୍ଷା କରିବାକୁ। କିନ୍ତୁ ଏବେ ବି ରମେଶ ଭଲ ପାଏ ତାର ସେ ରୋଜିକୁ ଆଉ ପାଉଥିବ ମଧ୍ୟ।

ଜିଲ୍ଲା – କେନ୍ଦୁଝର

ISSN NO.
2582-208X

# ଗୁରୁ



ସରସ୍ୱତୀ ରଥ

ଜୀବନ ସୌଧର ଶିଳ୍ପୀଟିଏ କେବେ
ଶିଷ୍ୟ ପ୍ରାଣ ପ୍ରତିଷ୍ଠାତା
ସମାଜ ନର୍ମାଣେ ଯନ୍ତ୍ରୀଟିଏ କେବେ
ସମାଜର ଦିଗଦ୍ରଷ୍ଟା ।
ଶିକ୍ଷାର ନୌକାରେ ନାବିକ ଯେ କେବେ
ପାରିକର ଭବ ସ୍ରୋତ
ତୁମ୍ଭ ପଦେ କଥା କୋଟି ପ୍ରାଣେ ହୁଏ
କୋଟି ର୍ପେ ଉଦ୍ଭାସିତ
ବିଶ୍ୱ ଉପବନେ ତୁମ୍ଭେ ମାଳୀ କେବେ
ତୁମ୍ଭ ସୃଷ୍ଟି କାଳାତୀତ
ରଙ୍ଗ ବେରଙ୍ଗର କଳକୁ ଯତନେ
ପୁଷ୍ପେ କର ପ୍ରସ୍ଫୁଟିତ ।

ମୂକ ଶିଶୁ ମୁଖେ ଭାଷା ହୁଅ କେବେ
ସାଜି ତୁମ୍ଭେ ମନୋବିଜ୍ଞାନୀ
ଅନୁଶାସକର ରୂପ ନଅ କେବେ
କେବେ ପୁଣି କ୍ଷମାଦାନୀ
ଗୁରୁଙ୍କ ପାଇଁ ମୁଁ ଗୁରୁ ପଦବାଚ୍ୟ
କ ବର୍ଣ୍ଣିବି ତବ ଶ୍ରେୟତ୍ୱ
ହେ ନର ସମାଜ ନକର ଅବଜ୍ଞା
ତାଙ୍କ ପ୍ରଭବ ଅନନ୍ତ ।

ISSN NO.
2582-208X

ଦୀପୁ ଦୀପ ଯେହ୍ନେ ଜଳ ଜଳ ଯାଏ
ହୁଏନାହିଁ କେବେ କ୍ଷୀଣ
ତୁମ୍ଭ ଶିକ୍ଷା ଜ୍ୟୋତି ସେପରି ଯେ ସଦା
ରହିବ ଜାଜ୍ୱଲ୍ୟମାନ ॥
କୁପଥୁ ନବାରି ସୁପଥେ ନେଇଛ
ତୁମେ ପଥ ପଦର୍ଶକ
ଯେତେ ରୂପେ ତୁମ୍ଭେ ଥାଅ ଗୁରୁଦେବ
କରେ ମୁଁ ନତମସ୍ତକ ॥
ଅଶେଷ ଆଶୀଷ ବର୍ଷିଦି ବ୍ରେ
ଗୁରୁଦିବସରେ ଆଜ
ତୁମ୍ଭ କୃପା ବିନା ନାହିଁ ମୋ ଅସ୍ତିତ୍ୱ
ଦିଅ ତବ ପଦରଜ ॥

ISSN NO.
2582-208X

# ନିସଙ୍ଗ ପ୍ରେମିକ



ନିତ୍ୟାନନ୍ଦ ସ୍ୱାଇଁ

ସେଦିନ ମୁଁ ତାକୁ ଦିଲ୍ଲୀର ଜବାହାର conference ହଲ ରେ ଦେଖିଥିଲି । ପୂର୍ବରୁ ତା ଫଟୋ ରେ ଲେଖିଥିବା କବିତା ପାଇଁ ସେ ଯେଉଁ ତାଗିଦ୍ କରିଥିଲା । ସେ ଦିନ ଠାରୁ ମୋ କଲମରେ ସାହି ସରି ଯାଇଛି । ଆଉ ସ୍ପୃହା ନାହିଁ ଲେଖିବାକୁ , ମୋ କବିତାର ନାୟିକା ସେ ତା ବିନା କବିତା କିପରି ବା ଜୀବନ୍ତ ହୁଅନ୍ତା । ପଦ୍ମ ପରି ମୁଖ ହାଲକା କର୍ଲି hair ସତେ ଯେମିତି ସାଗରର ତରଙ୍ଗ ପରି ପବନରେ ଦୋଳି ଖେଳି ତାର ମୁହଁ ସ୍ପର୍ଶ କରୁଥାଏ । ମୁହଁରେ ସ୍ମିତହାସ୍ୟ ଆଖିରେ ଚଶମା । ତା ମୋ ମଧ୍ୟରେ ଅଳ୍ପ ବ୍ୟବଧାନ । ମୁନା ମୋତେ କହିଲା ଯେ ହେଉଛି Daffin । ରୁପସିର ସୁନ୍ଦରତା ଯାଦୁଗରି ରେ ମୁଁ ନିସ୍ତବ୍ଧ ହୋଇଯାଇଥିଲି ।

ଆଖି ସାମ୍ନାରେ ଯେବେ ମନର ମଣିଷ ଉପସ୍ଥିତ ଆସି ହୁଏ । ଶରୀରର ପ୍ରତିଟି କୋଣରେ ଶିହରଣ ଖେଳି ଯାଏ । ହୃତ୍ ସ୍ପନ୍ଦନ ହଠାତ୍ କେତେ ଗୁଣ ବଢ଼ି ଯାଏ । ସେ ଦିନ ମୁଁ ଚୁପ୍ ପଡ଼ି ଯାଇଥିଲି ଆଉ ନିରନ୍ତରେ ଦେଖିବାକୁ ଅନେକ ପ୍ରୟାସ । ତା ପାଦ ଛଡା ମୁହଁ କୁ ଅନେଇବକୁ ମୋର ପ୍ରୟାସ କରିଛି ହେଲେ ପାରିଲିନି । ସେ ସତ ସାହସ ମୋର ମଧ୍ୟ ନଥିଲା । ଅଚିହ୍ନା ପରି ମୁଁ ଅଭିନୟ କରିଥିଲି ।

ମୁନା ମୋତେ କହୁଥାଏ ନିଜର ପ୍ରଶ୍ନ ବ ବାଣ ରେ ପ୍ରଫେସର ଙ୍କ ଝାଳ ବୁହାଉଥିବା ଲୋକଟା ଚୁପ୍ କାହିଁକି । ମୁଁ ତାକୁ କଥା ଛଳରେ କହିଥିଲି ତାର କାରଣ ତୁମେ । ସେ ଦିନ active participation କୁ ଭଲ ପାଉଥିବା ଲୋକଟି ସତରେ ନିସ୍ତବ୍ଧ ଓ ନିର୍ବିକାର ହୋଇଯାଇ ଥିଲା ।

ISSN NO.
2582-208X

ସତେ ଯେମିତି ଆକାଶକୁ ଧରିତ୍ରୀ ଛୁଇଁ ମହାପ୍ରଶାନ୍ତି ର ଦିବ୍ୟ ଅନୁଭବ ପ୍ରାପ୍ତ କରିଛି । ନିଜ ର ପ୍ରତିଭାକୁ ପ୍ରଦର୍ଶନ କରିବାକୁ ମୋର ଟିକେ ହେଲେ ଇଚ୍ଛା ନଥିଲା । ମୁଁ ଜାଣିଥିଲି ମୋତିକୁ ଭଲ ପାଉଥିବା ଲୋକଟା ସାତ ସମୁଦ୍ରର ଅଭେଦ୍ୟ ଜଳରାଶି ଭେଦି ଶାମୁକା ଭିତରୁ ମୁକ୍ତା ଖୋଜି ବାହାର କରିବ । ତାର ଓଜସ୍ୱିନି ଉପସ୍ଥାପନାରେ ସେ conference ହଲ ରେ ନିଜର ଆଧିପତ୍ୟ ଜାହିର କରୁଥାଏ । ମୁଁ କେବଳ ଦର୍ଶକ ନଥିଲି ନିଜକୁ ମଧ୍ୟ ହରେଇ ବସିଥିଲି । ମୁଁ ରହୁଥିବା କୋଠରୀରୁ ଟେନିସ କୋର୍ଟ ଦେଇ ଦେଖିଲେ ground floor ରେ ତା କୋଠରି ।

ପ୍ରତେକ୍ ଦିନ dinning Hall ରେ ତା ସହ ଭେଟ ହୁଏ, ସେ ଆଖ ପାଖରେ କୋଉଠି ନା କୋଉଠି ଥାଏ। ଯ୍ଯା ଭିତରେ ସେ ମୋତେ ଚିହ୍ନି ସାରିଛି, ନା ସେ କିଛି କୁହେ ନା ମୁଁ କିଛି, ଯଦି କେବେ ଆଖିରେ ଆଖି ମିଶିଯାଏ ତେବେ ମୁଁ ଯଥା ସମ୍ଭବ ଫେରାଇ ଆଣେ, ତା ଆଖିରେ ସହସ୍ର ବେଦନାରେ ଯନ୍ତ୍ରଣା ସିକ୍ତ, ଓଷ୍ଠ କିଛି ଉଚ୍ଚାରଣ କରିବାକୁ ଯାଇ ଅଟକି ଯାଇଛି । ସେ ରହୁଥିଲା ground floor re ଆଉ ମୁଁ first floor ର room no ୨୧୦ । ମୁଁ ରୁମ ରୁ ସ୍ପଷ୍ଟ ଦୃଶ୍ୟମାନ ତା ରୁମ୍, ଦିନରେ ପ୍ରକମ୍ପିତ କନଫରେନ୍ସ ହଲ ଟା ରାତ୍ରିର ନିର୍ଜନ ପ୍ରହରିରେ ସୁପ୍ତ ପ୍ରାୟ, ତା ସହ ସୋଇପଡ଼ିଛନ୍ତି ସମସ୍ତ ସଦସ୍ୟ ଗଣ । ବ୍ୟସ୍ତ ବହୁଳ ରାଜଧାନୀ ବି ଶୋଇପଡିଛି । ପୂର୍ଣିମାର ଜହ୍ନଟା ଟେନିସ କୋର୍ଟ ଦେଇ ତା ରୁମ୍ କୁ ପ୍ରବେଶ କରିବାକୁ ଯାଇ ବାତାୟନ ପାଖେ ଅଟକି ଯାଇଛି । ନାହିଁ ତାର ସେ ସତ୍ ସାହସ, ଆକାଶ ଗଙ୍ଗାର ରଜନୀର ରାଜା ଜହ୍ନ, ଅନନ୍ୟ ପ୍ରେମିକ ଟେ ସେ । ତା ପାଇଁ ପାଗଳ ପ୍ରାୟ ତାରଗଣ, ଜହ୍ନ ଆସୁ କି ନା ଆସୁ ତାରା ମାନେ ଉପସ୍ଥିତ ଥାଆନ୍ତି ତାର ଦିବ୍ୟ ଦର୍ଶନ ପାଇଁ । ଜହ୍ନର ଦିବ୍ୟ ଶୀତଳ ସ୍ପର୍ଶ ରେ ନିଜକୁ ବିଲିନ କରି ଦୀୟନ୍ତି । ଯଦି ଜହ୍ନ ପରି ଶ୍ରେଷ୍ଠ ପ୍ରେମିକ ର ସାହସ ନାହିଁ । ତେବେ ମୁ ବା କେମିତି ପାରିଥାନ୍ତି, ନବରତ୍ନ ଖଚା, ସହସ୍ର ଐଶର୍ଗିକ ଗୁଣ ରେ ଅନେକ ସମୟ ଦେଇ ଅତି ସୂକ୍ଷ୍ମଭାବେ ବିଧାତା ତାକୁ ଗଢିଛି । ସମୟର ଛିଟା ରେ ଯନ୍ତ୍ରଣା ସିକ୍ତ ଆଜି ସେ । ଉଦୟ ପୂର୍ବରୁ ଅସ୍ତଗାମି ସୂର୍ଯ୍ୟ ପରି, ଦୁନିଆ କୁ ବୁଝିବା ଆଗରୁ ତା ଉପରେ ତା ପରିବାରର ବୋଝ । ଅଦମ୍ୟ ସାହସ ତାର । ହାତରେ ବାଲ୍ ଗୋପାଲ, ତା ସହ ସେ ସୁଖ ଦୁଃଖ ବାଣ୍ଟେ । ତା ପାଇଁ ସେ ନାନାଦି ବ୍ୟଞ୍ଜନ ପ୍ରସ୍ତୁତ କରେ, ଆଉ କୋଳରେ ଝୁଲାଏ ।

ISSN NO.
2582-208X

ସେ ତାର ବାପା, ସେ ତାର ଭାଇ, ଆଉ ସେ ତାର ଜୀବନ ସାଥି ସେ କଳା କହ୍ନେଇ । ସର୍ବ ଶକ୍ତି ମାନର ଯେ ଶରଣାପନ୍ନ, କେମିତି ଯେ ଏତେ ସହଜ ହୋଇଥାନ୍ତା ମୋ ପାଇଁ ...। ଗୋଟେ ଝିଅ ଜୀବନ ସାଥି ପାଖରେ ୬୦ ପ୍ରତିଶତ ତା ବାପର ଗୁଣ, ୩୦ ପ୍ରତିଶତ ତା ଭାଇ, ଆଉ ୧୦ ପ୍ରତିଶତ ତା ଜୀବନ ସାଥିର ନିଜସ୍ୱ କୁ ଦେଖେ । ବାପା ଭାଇ ର ସ୍ନେହରୁ ବଞ୍ଚିତ ଗୋଟେ ଝିୟକୁ ତା ର ବାପା ଓ ଭାଇ ର ସ୍ନେହ ଓ ଭଲ ପାଇବା ମୁଁ ଦେଇ ପାରିବି ତ ? ବାଲ ଗୋପାଲ ଙ୍କ ପରି ତା ଜୀବନର ପ୍ରତେକ ଲୁହ କୁ ମୁଁ ମୋ ଓଠରେ ପିଇ ପାରିବି ତ । ଏକଥା ଭାବି ମୋ ମନ ଭୟରେ ଉଦ୍ ବେଳିତ ହୋଇଉଠିଛି । ତା ପାଇଁ ସ୍ନେହ ଆଉ ପ୍ରେମର ଧାରା ଶ୍ରାବଣର ଆବଶ୍ୟକତା ଅଛି । ଆଉ ମୁଁ ତ ବୈଶାଖର ଝାଞ୍ଜି । ମୁଁ ଜୀବନ କଣ୍ଟକିତ, ମୋ ସଂଘର୍ଷ ପୂର୍ବରେ ବଙ୍ଗୋପ ସାଗର ରୁ ଆରମ୍ଭ ହୋଇ ପଶ୍ଚିମ ରେ ଆରବ ସାଗର ପର୍ଯ୍ୟନ୍ତ ପରିବ୍ୟାପ୍ତ । ଗୋଟିଏ ଛୋଟିଆ ଦୁଃଖକୁ ଭୁଲିବାକୁ ଭଗବାନ ଆଉ ଗୋଟେ ବଡ଼ ଦୁଃଖ ଦିଅନ୍ତି, ଆଉ ସେ ବଡ ଦୁଃଖ ପୁଣି ଦିନେ ଛୋଟ ହୁଏ । ନା ନା ମୋ କଣ୍ଟକିତ ପଥରେ ସାଥି କରିବାକୁ ତାକୁ ମୁଁ ଚେଷ୍ଟା କରିବାଟା ଠିକ୍ ହବନି । ଗୋଲାପ କୁ ଭଲ ପାଉଥିବା ବ୍ୟକ୍ତି ଗୋଲାପ କୁ ଛିଣ୍ଡାଏ ନାହିଁ, ଗୋଲାପ ଗଛରେ ପାଣି ଦିଏ, ତାକୁ ଅତି ଯତ୍ନରେ ବଢ଼ାଏ, ଆଉ ଯେବେ ମଳୟ ପବନ ଆସି ଗୋଲାପ ଟି ପ୍ରସ୍ଫୁଟିତ ହୁଏ, ମାଳି ସେ ଦିନ ବେଶୀ ଖୁସି ହୁଏ । ମୁଁ ମାଳି ଟିଏ ହେବାକୁ ଚାହିଁଛି, ମଳୟ ପବନ ନୁହେଁ । ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଯାଇ ଆଉ କାହାର ଖୁସି, ସ୍ୱାଧୀନତା, ତା ନିଜସ୍ୱ ପଣ କୁ ମାରି ଦେବାକୁ ଭଲ ପାଇବା କୁହାଯାଏ ନାହିଁ । ଏମିତି ମୋ ମନକୁ ମୋ ବିବେକ ସୁଚେଇ ଦେଇଛି । ଇଚ୍ଛା ନଥିଲେ ମଧ୍ୟ ବିବେକ ର କଥାକୁ ମୁଁ ଗ୍ରହଣ କରିବାକୁ ବାଧ୍ୟ ହେଇଚି ।

ସେ ଦିନ ଶେଷ ଦିବସ Conference ହଲ କୁ ଲାଗି ଥିବା ଟେରାସ ରେ ସମସ୍ତେ ନିଜର ଲଗେଜ ଧରି ବାହାରି ପଡ଼ିଥିଲେ ସେଠାରେ ଚା ପିଇ ଘରକୁ ଫେରିଯିବାକୁ । ହାତରେ ତାର ଲଗେଜେ ସମସ୍ତଙ୍କ ମେଳ ରେ ସେ ଥିଲା, କିନ୍ତୁ ସେ ଦିନ ସେ ଚା ବା କଫି କିଛି ପିଇ ନଥିଲା । ସମସ୍ତେ ନିଜ ନିଜ ଭିତରେ ସେଲ୍ଫି ନେଉଥିଲେ । ସେ କିଛି ସମୟ ୱେଟ୍ କଲା, ଟେରସରୁ ସିଡି ର ପ୍ରଥମ ପାହାଚ ରେ ପାଦ ଦେଉ ଦେଉ ସେ ବୁଲି ଚାହିଁଥିଲା । ନା ତା ସହ ମୁଁ ମିଶି ପାରିଲି ନା ତା ସହ ଗୋଟେ ଫଟୋ ବି ନେଇ ପାରିଲି । ତାର ସେ ହସ ଭରା କରୁଣ ଚାହାଣୀରେ ମୋ ହୃଦୟର କୋହକୁ ମୁଁ ସମ୍ଭାଳି ପାରି ନଥିଲି। ମୁଁ ଯଥା ଶୀଘ୍ର ମୋ ରୁମ୍ ଭିତରକୁ ଚାଲିଯାଇଥିଲି, ଭିତରୁ ଲକ୍ କରି ସାରିବା ପରେ

ISSN NO.
2582-208X

ଅମାନିଆ ଲୁହ ଗୁଡାକ ଟାଓ୍ୱେଲ ଭିଯାଇ ଦେଇଥିଲେ । ପୂର୍ଣ୍ଣିମାର ଚାନ୍ଦ ପରି ମଧ୍ୟ ମୁଁ ଫେରି ଯାଇଥିଲି । ସୁଖ ବୋଧେ ସମସ୍ତଙ୍କ ଭାଗ୍ୟରେ ନଥାଏ, କିଛି ଲୋକ ଜନ୍ମ ନେଇଥାନ୍ତି ଦୁନିଆରେ କେବଳ ଲୁହ ପିଇବା ପାଇଁ । ଭଗବାନ ମୋତେ ସେପରି ଗଢ଼ିଛନ୍ତି। ନହେଲେ ୩୨ ବସନ୍ତ ଅତିକ୍ରାନ୍ତ ପରେ ମୁ ଆଜି ନିସଙ୍ଗ ନଥାନ୍ତି । ସେ ଦିନ have ଫେରି ଗଲେ ମୁଁ କିନ୍ତୁ ଫେରି ଯାଇ ନଥିଲି । ସ୍ମୃତି କୁ ଆଧାର କରି ବଞ୍ଚୁଥିବା ମଣିଷ ଟା ଶେଷ ସ୍ମୃତିକୁ ସାଙ୍ଗରେ ନ ନେଇ କେମିତି ବା ଫେରି ଯାଇ ଥାଆନ୍ତା ।  ୪ ଦିନ ଧରି କୋଳାହଳର ପ୍ରତିଧ୍ୱନି ରେ ପ୍ରକମ୍ପିତ ହଲ ଟା ଯେମିତି ସେ ଦିନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲା। ସେମିନାର ହଲ କୁ ମୁ ରାତ୍ରି ରେ ପ୍ରବେଶ କରି ସେ ବସିଥିବା ୨ ଟା ୩ ଟା ଜାଗାକୁ ଚିହ୍ନଟ କରି ତା ପାଖ chair ରେ ବସିବାକୁ ଚେଷ୍ଟା କଲି, ସେ ceiling light ଆଉ ସାମ୍ନାରେ ଥିବା chair ଗୁଡାକ ଅଟହାସ୍ୟ କଲେ । Dinning ହଲ ରେ ଯେବେ plate ଟି ଧରି ମୁ ଚାରି ପଟକୁ ଖୋଜେ ସେ ନଥିଲା। କେବଳ ଥିଲି ମୁଁ । Table ଉପରେ ଥିବା ଜଗ୍ ଗୁଡ଼ିକ ମୋତେ ତାଷ୍ଛଲ୍ୟ କରୁଥାନ୍ତି, "ଭିରୁ" । ଖାଦ୍ୟ ପ୍ଲେଟ ଥୋଇଦେଇ ମୁଁ ଚାଲି ଆସିଥିଲି । Service ରେ ଥିବା ପିଲାଟା ପଚାରିଲା sir, ଖାଦ୍ୟ କଣ ଭଲ ହେଇନି କି । ମୁଁ କହିଲି କି ନାଇ ବାବୁ ଦେହ ଟା କାଇଁ ଭଲ ଲାଗୁନି । ପାଖରେ ପାଇ ହରାଇବାର ଗ୍ଲାନି ରେ ହୃଦ ଉଁୟର କୋହ ଲହଡ଼ି ଭାଙ୍ଗୁଥାଏ। ରୁମ୍ ଭିତରେ ମୁଁ ସୋଇପଡିଛି ଦେହରେ ଉଷ୍ମତା ଦେଖି ମୁନା ମୋ ଦେହରେ ଚାଦର ଘୋଡ଼େଇ ଦେଇଛି ।

ଅଧ୍ୟାପକ, ଇତିହାସ ବିଭାଗ
ବଳରାମପୁର, ପଞ୍ଚପଲ୍ଲୀ, ଜଗତସିଂହପୁର

ISSN NO.
2582-208X

# ଭଗବତ କଥା-୨୪



ନରେନ୍ଦ୍ର ପ୍ରସାଦ ବେହେରା

## ଜନ୍ମେଜୟ ସର୍ପଯଜ୍ଞରୁ ବିରତ ରହିଲେ କାହିଁକି

ରାଜା ପରୀକ୍ଷିତଙ୍କର ଦେହତ୍ୟାଗର କିଛି ଦିନ ଅନ୍ତେ ତାଙ୍କ ପୁତ୍ର ଜନ୍ମେଜୟ ପିତାଙ୍କର ମୃତ୍ୟୁର ପ୍ରତିଶୋଧ ନେବାପାଇଁ ଏକ ବିରାଟ ସର୍ପଯଜ୍ଞ କଲେ । ବହୁ ଖ୍ୟାତନାମା ଯାଜ୍ଞିକଙ୍କର ସମାବେଶରେ ଯଜ୍ଞାନୁଷ୍ଠାନ ଅନୁଷ୍ଠିତ ହୁଏ । ସେମାନେ ଯେଉଁ ସର୍ପର ନାମ ଧରି ଯଜ୍ଞକୁଣ୍ଡରେ ଆହୁତି ଦେଉଥାନ୍ତି, ସେହି ସର୍ପ ଯଜ୍ଞ କୁଣ୍ଡରେ ପଡି ଭସ୍ମ ହୋଇଯାଉଥାଏ। ଏଣେ ତକ୍ଷକ ସର୍ପ ଭୟଭୀତ ହୋଇ ଇନ୍ଦ୍ରଙ୍କର ଶରଣ ନେଲା ଏବଂ ଇନ୍ଦ୍ରଙ୍କର ସିଂହାସନକୁ ଜାବୁଡି ଧରିଲା । ଜନ୍ମେଜୟଙ୍କ ନିର୍ଦ୍ଦେଶରେ ଯେତେବେଳେ ତକ୍ଷକ ସର୍ପର ନାମ ଧରି ଯାଜ୍ଞିକମାନେ ଯଜ୍ଞକୁଣ୍ଡରେ ଆହୁତି ଦେବାକୁ ଯାଉଛନ୍ତି, ସେତେବେଳେ ଦେଖାଗଲା ଇନ୍ଦ୍ର ବସିଥିବା ସିଂହାସନ ସହ ତକ୍ଷକ ଆକାଶରୁ ଯଜ୍ଞଭୂମି ଆଡକୁ ଖସିଆସୁଛି। ଦେବଗୁରୁ ବୃହସ୍ପତି ହଠାତ୍ ସେଠାରେ ଉପସ୍ଥିତ ହୋଇ ରାଜା ଜନ୍ମେଜୟଙ୍କୁ କହିଲେ, ହେ ରାଜନ, ମନୁଷ୍ୟର ଜନ୍ମ ଓ ମୃତ୍ୟୁ ନିଜର କର୍ମଦ୍ୱାରା ହିଁ ନିର୍ଣ୍ଣିତ ହୋଇଥାଏ। ସୁଖ ଦୁଃଖର ଦାତା ଅନ୍ୟ କେହି ନୁହେଁ । ଅତଏବ ଏହି ମାରଣ ଯଜ୍ଞରୁ ନିବୃତ୍ତ ହୁଅନ୍ତୁ । ସର୍ପ ଯଜ୍ଞରୁ କ୍ଷାନ୍ତ ହୁଅନ୍ତୁ । ରାଜା ଜନ୍ମେଜୟ ଦେବଗୁରୁଙ୍କର ଯଥାବିଧି ସ୍ୱାଗତ ସତ୍କାର କରି ସର୍ପ ଯଜ୍ଞରୁ ବିରତ ରହିଲେ । ସର୍ପ ଯଜ୍ଞର ପରିସମାପ୍ତି ଘଟିଲା । ଇନ୍ଦ୍ର ନିଜ ଲୋକକୁ ଫେରିଗଲେ ।

ସଂଗ୍ରାହକ - ନରେନ୍ଦ୍ର ପ୍ରସାଦ ବେହେରା,
ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା, ଖଇରା, ବାଲେଶ୍ୱର,
ମୋ - ୯୮୫୩୧୪୨୫୧୦

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ପଶ୍ଚିମାଞ୍ଚଳର ଖ୍ବର୍ ତିହାର୍ ନୂଆଁଖାଇ ...



ସାଇପ୍ରସାଦ ସାହୁ

ନୂଆଁଖାଇ ହେଉଛେ ଆମର୍ ପଶ୍ଚିମ ଓଡିଶାର୍ ସବୁନୁ ବଡ୍ ଖା ଆର୍ କୃଷିଭିତ୍ତିକ ପରବ୍ । ଇ ତିହାର୍ ଫି ବଛର୍ ଭୁଦୋ ମାସର୍ ଉଜଲ୍ ପଖେଁ ପଞ୍ଚମୀ ଦିନ ମାନ୍ ସନ୍ । ନୂଆଁଖାଇ ଦିନେ ମାଁ ସମଲେଇନୁ ପହେଲା ନୂଆଁ ଧାନର୍ ଭୋଗ୍ ଲାଗ୍ ସି । ଗାଁର୍ ଲୁକେ ଗାଁ ଖୁଏଲ୍ ସଫା ସୁତର୍ କରିଥିସନ୍ । ସମ୍ବଲପୁରର୍ ବରହମପୁରା ମନ୍ଦିରର ଗୁନୀ ଜ୍ଞାନୀ ପଁଡିତମାନେ ଆଗତୁରା ଲଗନ ପାଗନ ବେଲାଘଡି ପାଁଜି ଦେଖି ଶୁଭ ଦିନ୍ ବାର୍ ବାହାର୍ କରିଥିସନ୍ । ଇ ବଛର୍ ଆଏବାର୍ ଅଗଷ୍ଟ ମାସର୍ ୨୮ ତାରିଖ୍ ଭୁଦୋ ମାସର୍ ଉଜଲ୍ ପଖେଁ ପଞ୍ଚମୀ ତିଥିନେ ନୂଆଁଖାଇ ତିହାର୍ ହେବା । ଚାଷୀ ତାର୍ ବଛର୍ ଟାକର୍ ପହେଲା ଫସଲ୍ କେ ମାଁ ସମଲେଇ ପାହାଁତଲେ ଗହଗହ ମନେ ସଅଁପି ଦେଇଥିସି । ତେହେଁରୁ ଯାଏକ୍ ସଭେ ନୂଆଁ ଅରନ୍ ପ୍ରସାଦ୍ ପାଏସନ୍ । କାହିଁ କେତେ କାଲୁ ପୂରବାପାତି ଦିନୁ ଇ ତିହାର୍ କେ ମାନ୍ ତେଲ୍ ଆସୁଛୁଁ, ଇଟା ଆମର୍ ପରମ୍ପରା ଆର୍ ସଂସ୍କୃତି ଆଏ ।

ପଶ୍ଚିମ ଓଡିଶାର୍ ଦେଖାଶିଖା ଇ ତିହାର୍ ରାଏଜେ, ଆର୍ ରାଏଜ୍ ବାହାରେ ଦେଶର୍ ଭିନ୍ ଭିନ୍ ଠାନେ ଭିନ୍ ଭିନ୍ କିସମେ ବନେ ଜାକ୍ ଜମକ୍ ଥି ମାନି ଆସୁଛନ୍ । ହେଲେ ଭିଲ୍ କୁଟୁମ୍ ଯାକର୍ ସଭେ ଏକଜୁଟ୍ ହେଇ କରି ଗୁଟେଠାନେ ଦିନେକେ ନୂଆଁ ଖାଏସନ୍ । ଇ ପରମ୍ପରାଟା ଇହାଦେ ଭି ଚଲି ଆସୁଛେ । ଘରର୍ ମୁଖିଆନୁ କୁଟୁମର୍ ସଭେ ନୂଆଁ ଚାଉଲର୍ ପରସାଦ୍ ପାଏସନ୍ । ତାର୍ ପରେ ସାନ୍ ମାନେ ବଡ୍ ମାନଙ୍କୁ ମୁଡିଆ ମାରି କରି ପାହାଛିଇ ଜୁହାର୍ କରସନ୍ । ଗୁରୁଜନ୍ ମାନକରନୁ ଆଶୀର୍ବାଦ ପାଇ କରି ଜୀବନ ଧଏନ୍ ହେଇଯାଏସି । ଯିଏ ଯେନଠାନେ ଯେତେ ଧୂରିଆନୁ ରହିଥିଲେ ଭି ନିଜର ଜନମ୍ ମାଏଟ୍,

ISSN NO.
2582-208X

ଗାଁ ଭୂଇଁ ଘରକେ ଉଷତ୍ ମନେ ନୂଆଁଖାଇ ମନାବାର୍ କେ ଧାଇଁ ଆଏସି । କେତେଦିନ୍ ଆଘୋନୁ ସଜବାଜ୍ ହେଇ ବାଟ୍ ଦେଖୁଥିସନ୍ କେଭେଁ ଇ ତିହାର୍ ଆଏବା ବଲି । ଭାଇବନ୍ଧୁ, କୁଟୁମ୍ ବାଟମ୍ ମେଶିକରି ପାଳନ୍ କରବାର୍ ଗୁଟେ ଅଲଗ୍ ମଜା ଲାଗସି । ନିଜର୍ ନିଜର୍ ଭିତରେ ରାଗରିଷ୍ ମି ପାଶରି ଦେସନ୍ । ଫେର୍ ଘାଏ ଇ ତିହାର୍ ସୁଖେ ମେଲନ୍ ମେଶନ୍ କରି ଗୁଟେ ଡୁରେ ବରକସ୍ କରି ବାନ୍ଧି ଦେସି । କାଏଁ ଧନୀ, କାଏଁ ଗରିବ୍, ଜାଏତ୍ ଭେଦଭାବ୍ ଭୁଲି ବଢେ ଉସ୍ନାକିଥି ଆଏଜ୍ ତକର୍ ସଭେ ମାନି ଆସୁଛୁ । ଗାଆଁ ଗହଲି, ସହର୍, ନଗର୍ ସବୁଠାନେ ନାଚ୍ ଗୀତ୍ ନାନାଦି ଉଛବ୍ ଥି ଫାଟି ପଡୁଥିସି ।

୧୯୯୧ ମସିହାନେ ଓଡ଼ିଶା ସରକାର୍ ଗୁଟେ ଦିନେ ନୂଆଁଖାଇ ମନାବାରକେ ବିଚାର୍ ଦେଲେ । ନୂଆଁଖାଇ ପଶ୍ଚିମ ଓଡ଼ିଶାର୍ ଭାବନା ସାଙ୍ଗେ ଜୁଡି ହେଇଛେ । ଖାଲି ନୂଆଁ ଧାନ୍ କି ନୂଆଁ ଚରା ନୁହେଁ ନୂଆଁ ପିନ୍ଧା, ସଂସ୍କୃତି ଆରୁ ପରମ୍ପରାର୍ ପହେଚାନ୍ ଦେସି । କେତେ କଲାକାର୍ ନୂଆଁ କରି କଲା ଦେଖାସନ୍, ନୂଆଁ କରି ଗାଁନେ ଖେଲ୍, ଗାନା ବଜନା ବି ମୂଲ୍ କରସନ୍ । ନୂଆଁଖାଇ ସତେ ଯେନତା ସବୁଥିର୍ ମିଲନ୍ ଆରୁ ଏକତାର୍ ତିହାର୍ ଆଏ । ନୂଆଁଖାଇ କେତେଟା ପରବ୍ କେ ନେଇ ଆଗକେ ବଢସି ଯେନତା କି ବେହେରେନ୍, ଲଗଲଡଖା, ଡକାହକା, ଲିପାପୁଛା, ଘିନାବିକା, ନୂଆଁ ଧାନ୍ ଖୁଜା, ଭୋଗ୍ ଲଗା, ନୂଆଁଖାଇ ଆର୍ ଜୁହାର୍ ଭେଟ୍ ଘାଟ୍ । ସବୁ ରାଗରୋଷାକେ ଭୁଲି ଗୁଟେ ଡୁରେ ବାନ୍ଧି ଦେସି ନୂଆଁଖାଇ। ଗାଁର୍ ଦେଦେବତା ନେ ନୂଆଁ ଧାନ୍ ଲଗାବାର୍ ଲଗନ୍ କେ ପଣ୍ଡିତ, ଜ୍ୟୋତିଷ୍, ଗାଁର୍ ଭଲ୍ ଲୋକ୍ ମିଶି ବାହାର୍ କରସନ୍ । ସବୁଆଡେ ସଫା ସୁତର୍, ଲିପାପୋଛା ହେସି, ନୂଆଁ ଧାନ୍ ଆନି କରି ମାଁ ଠାନେ ଭୋଗ୍ ଲଗା ହେସି । ଇ ଦିନେ ଭାବର୍ ଭେଟ୍ ଘାଟ୍ ଆର୍ ସଂସ୍କୃତି ଦେଖବାର୍ କେ ମିଲସି । ସତେ ଯେନତା ବିଦେଶ୍ ରେ ରହି କରି ପୁଓ , ଝି ଟାକିଥିସନ୍ ଇ ସମିଆ କେ ।

ନୂଆଁଖାଇ ଆଘୋନୁ ଯେନ୍ ବଜାର୍ ହେସି ସେଟାକେ ନୂଆଁଖାଇ ବଜାର୍ କହେସନ୍ । ବହୁତ୍ ଭିଡ୍ ଭିଲ୍ ହେସି । ନୂଆଁଖାଇଥି ସବୁ ନୂଆଁ ଜିନିଷ୍ ପତର୍ ଆଏସି । ନୂଆଁଖାଇଥି କପଡା ଲତା ଭିଲ୍ ଆନସନ୍ । ଆମର୍ ପଶ୍ଚିମ ଓଡ଼ିଶାନେ ସବୁନୁ ଅଏତ୍ କା ସମ୍ବଲପୁରୀ କପଡା ଘିନିଥିସନ୍ । ନୂଆଁଖାଇରେ ରାଖି ବନ୍ଧା ଗୁଟେ ବଡ଼ ପରମ୍ପରା ଅଛେ । ଘରର୍ ଜିନିଷ୍ ପତର୍ ନେ ରାଖି ବାନ୍ଧସନ୍ । ଘରର୍ ଲୁକେ ନିଜର୍ ରାଖି ବାନ୍ଧିହେବାର୍ ସାଙ୍ଗେ ମାଏଝିମାନେ ଗରୁ ଆର୍ ବଲଦ୍ ମାନଙ୍କୁ ଭିଲ୍ ରାଖି ବାନ୍ଧସନ୍ । ନୂଆଁଖାଇ ଦିନର୍ ବଢେ

ISSN NO.
2582-208X

ସକାଲୁ ଗାଧିକରି ପୂଜା କରବାର୍ ଲାଗି ତିଆର୍ ହେସନ୍ । ଘରେ କେତେ ରକମ୍ ପିଠା ପନା, ଭିନ୍ ଭିନ୍ ତୁନ୍ ଶାଗ୍ ରାନ୍ଧସନ୍ । ସକାଲୁ ଗାଁର୍ ଝାଙ୍କର୍ ନୂଆଁ ଧାନ୍ କେଣା ଧରି ଘର୍ ଘର୍ ଦେସନ୍ । ଘରେ ଧାନ୍ କେଣାକେ ବରନ୍ କରି ମୁଡିଆ ମାରି ଘର୍ କେ ଆନି କରି ପୂଜା ଠାନେ ରଖସନ୍ ଆଉ ନୂଆଁ ଧାନ୍ କେଣାରୁ ଚାଉଲ୍ ବାହାର୍ କରି ଭୋଗଥି ମେଶାସନ୍ ଆର୍ ଘରର୍ ଇଷ୍ଟଦେବୀ ପାଖେ ସମର୍ପନ୍ କରି ନୂଆଁ ଲଗାସନ୍ । ଘରର୍ ମୂଖିଆଁମାନେ କ୍ଷେତକେ ଯାଇ କରି ଧାନ୍ ଗଛେ ଘି, ଗୁରସ୍, ଚାଉଲ୍, ଫୁଲ୍ , ଧୂପ୍ କାଠି ଦେଇ ପୂରୁବ୍ ଦିଗ୍ ଆଡକେ ମୂହୁ କରି ପୂଜା ପାଠ୍ କରସନ୍ ଆର୍ ଧାନ୍ ଗଛକେ ରାଖି ବାନ୍ଧସନ୍ । ଆର୍ ଧାନ୍ ଗଛେ ଗୁରସ୍ ରୁକାସନ୍ । ଇ ବଛର୍ ବନେ ଫସଲ୍ ହେଉ ବଲି ଗୁହାରି କରସନ୍ । ଇ ପରମ୍ପରାଟା କେତେ ଦିନୁ ରହିଆସିଛେ । ଘରର୍ ସଭେ ଗୁଟେ ଠାନେ ବସି କରି କୁଟୁମ୍ ଯାକର୍ ସଭେ ଏକଜୁଟ୍ ହେଇ କରି ଦିନେକେ ନୂଆଁ ଖାଏସନ୍ । ଇ ପରମ୍ପରାଟା ଇହାଦେ ଭି ଚଲି ଆସୁଛେ । ଘରର୍ ମୁଖିଆ ସମକିରର୍ ହାତେ ନୂଆଁ ଭୋଗ୍ ଦେସନ୍ ଆର୍ କୁଟୁମର୍ ସଭେ ନୂଆଁ ଚାଉଲର୍ ପରସାଦ୍ ପାଏସନ୍ । ତେଣେହେରୁ ସାନ୍ ମାନେ ବଡ୍ ମାନ୍ କୁ ଗୋଡ୍ ଧରି ମୁଡିଆ ମାରସନ୍ । ଇ ମୁଡିଆ ମରାଟାକେ ନୂଆଁଖାଇ ଜୁହାର୍ କହେସନ୍ । ନୂଆଁଖାଇ ସାରି କରି ଘରର୍ ଝି ବହୁମାନେ ଇ ପରାନୁ ସେ ପରା ନିଜର୍ ଚିହ୍ନାର୍ ଜନାର୍ ଲୋକ୍ ମାନକର୍ ନିକେ ଭେଟ୍ ହେବାର୍ ଲାଗି ଯାଏସନ୍ । ଇ ଭେଟ୍ କେ ନୂଆଁଖାଇ ଭେଟ୍ କହେସନ୍ । ଜୁହାର୍ ଛିନ୍ ଲା ବେଲେ ବୁଢ଼ାବୁଢ଼ୀମାନେ କହେସନ୍ "ବଂଚି ଥିଲେ ଆର୍ ବରଷେ ଭେଟ୍ ଘାଟ୍" । ଗାଁର୍ ମନ୍ଦିର୍ କେ ଯାଇ କରି ସଭେ ଇ ବଛରର୍ ଚାଷ୍ ବାଡି ଭଲ୍ ହେଉ ବୋଲି ଗୁହାରୀ କରସନ୍ ।

ନୂଆଁଖାଇ ବଏଲେଁ ଖାଲି ଯେ ନୂଆଁ ଅରନ୍ ଖଏବାର୍ ଟା ନୁହେଁସେ, ଇଟା ଭାବର୍ ତିହାର୍ । ଆମର୍ ଜୀବନ୍ ଚଲନୀଥିଁ ସେର୍ ପେଟେଇ କରି ରହିଛେ ଇ ପରମ୍ପରା ଆର୍ ସଂସ୍କୃତି । ନୂଆଁଖାଇ ଦିନେ ପତରର୍ ଦନାଥିଁ ଭୋଗ୍ ଲଗାହେସି, ପତରର୍ ଖଲି ଆର୍ ଦନାଥିଁ ଘରେ ସଭେ ନୂଆଁ ଖାଏସନ୍ । ଭିନ୍ ଭିନ୍ ଜାତିର୍ ଲୋକ୍ ଭିନ୍ ଭିନ୍ ପତରଥିଁ ନୂଆଁ ଖାଏବାର୍ ବ୍ୟବସ୍ଥା ରହିଛେ । କିଏ ମହୁଲ୍, କିଏ କୁରେ, କିଏ ଭେରୁଆଁ, କିଏ ସର୍ଗୀ ତ ଆର୍ କିଏ ରେଙ୍ଗାଲ୍ ପତର୍ ଥି ନୂଆଁଖାଏବାର୍ ପରମ୍ପରା ରହିଛେ । ଗଉଡ୍, କନ୍ଧ୍, ତେଲି, ବ୍ରାହ୍ମଣ୍, ଭୁଲିଆ, ମାଲି ସଂପ୍ରଦାୟର୍ ଲୋକ୍ କୁରେ ପତର୍ ଥି ନୂଆଁ ଖାଉଥିବାର୍ ବେଲେ ଡୁମାଲ୍ ସାଙ୍ଗେ ଆର୍ କେତେ ଭିନ୍ ଭିନ୍ ଜାତିର୍ ଲୋକ୍ ଭେରୁଆଁ, ମହୁଲ୍ ଆର୍ ରେଙ୍ଗାଲ୍ ପତର୍ ଥି ନୂଆଁଖାଇଥିସନ୍ । ଅନ୍ୟ କେତେ ସଂପ୍ରଦାୟର୍ ଲୋକ୍ ଅଛନ୍ ସେମାନେ ସାରୁ, କଦେଲ୍,

ISSN NO.
2582-208X

ପଣସ୍ ପତର୍ ଥି ନୂଆଁଖାଏସନ୍ । ସବୁନୁ ବଡ୍ କଥା ହେଲା ଯେ; ନବାନ୍ନ ଭକ୍ଷଣ୍ ଲାଗି ଯେନ୍ ଗଛ୍ ରୁ ଲୋକ୍ ମାନେ ପତର୍ ଆନିଥିସନ୍ ସେ ଗଛକେ ପହେଲା ପୂଜା କର୍ ବାର୍ ବିଧି ରହିଛେ । ପରିବାରର୍ ସଧବାମାନେ ଗଛ୍ ପାଖେ ଯାଇ କରି ପୂଜା ପାଠ୍ କର୍ ଲା ଉତାରୁ ପତର୍ ତୁଲିଥିସନ୍ । ଭଲ୍ ପତର୍ ଥି ଖଲି ଦନା ବନେଇ କରି ସେଥିନେ ପହେଲା ଇଷ୍ଟ ଦେବାଦେବୀ ମାନଙ୍କୁ ନବାନ୍ନ ଅରପଣ୍ କରାଯାଏସି । ତାର୍ ପରେ ଗୁଟେ କୁଟୁମ୍ ଥି ଯେତେ ରେଁ ଝେଁ ଥିଲେ ଭିଲ୍ ସବୁ କଥାକେ ପାସ୍ ରି ଫେର୍ ଘାଏ ନିଜର୍ ନିଜର୍ ଭିତରେ ମିଲିମିଶି ଠାନେକେ ବସି ମହୁଲ, କୁରେ ଆର୍ ଭେଲୁଆଁ ପତରର୍ ଖଲି ଦନାଥିଁ ନୂଆଁ ଅରନ୍ ଖାଏବାର୍ ଗୁଟେ ଅଲଗ୍ ମଜା ଆଏ ।

ବ୍ୟକ୍ତିନୁ ପରିବାର୍, ପରିବାରନୁ ସମାଜ୍ ଆର୍ ସମାଜନୁ ରାଷ୍ଟ୍ରକେ ନେଇ କରି ଗୁଟେ ସେତୁ ଥାପନା କରସି ନୂଆଁଖାଇ ତିହାର୍ । ସଭେ ଏକ୍ ରହେବାର୍ ଭାବ୍, ସଂପର୍କ ସୀମିତ ହେଇକରି ନାଇଁ ରହେବାର ଭାବନା ହେଉଛେ ଇ ନବାନ୍ନ ଭକ୍ଷଣର ଲକ୍ଷ୍ୟ ଆଏ । ଯେତେ ମନ୍ ମନାନ୍ତର ହେଉ ପଛେ ସେ ସବୁ, ନିତିଦିନିଆ ଘଟନା ଭିତରେ ହୃରୁଦ୍ ଭିତରେ ପଶିଆସିଥିବାର୍ ଯେତେ ସବୁ ରୁଷାଫୁଲା, ଇ ତିହାର୍ ଶେଷ୍ କରବାର୍ ଚେରେଷ୍ଟାନେ ରହେସି । ଚେତାସି ଦୁଇଦିନିଆ ଜୀବନ୍ ଥି କାଁଯେ ଭେଦଭାବ ରଖମା, ନିଜର୍ ମୂଲ୍ ସ୍ୱଭାବ୍ ନୁ ବାହାରି ଯାଇ କରି ଆଗେ ଯିମା ଆର୍ ରାସ୍ତା ଦେଖାସି ମିଶି କରି ରହେବାକେ । ନୂଆଁଖାଇ ଜୁହାର୍ ଇ ତିହାରର୍ ବିଶେଷତା ଆଏ ଯେନଟା ସମ୍ମାନ ଶିଖାସି, ସେନେହର୍ ଧାରା ବୁହାସି , ନିଜକେ ଏକଲା ଏକଲା ମାନସିକତାନୁ ଉବାରସି, ହଜେଇଦେସି ଆମର୍ ଭିତରେ ଥିବା ଦିବ୍ୟତାକେ । ଦୁନିଆର୍ ଘିଚାଟନା ଭିତରେ ଇଟା ଅବସର୍ ଆଏ ଭେଟ୍ ଘାଟ୍ ହେବାର୍, ଜଗ୍ ଜାହିର୍ କରବାର୍ ନିଜର୍ ସେନେହ, ଶ୍ରଦ୍ଧାକେ ଆର୍ କର୍ତ୍ତବ୍ୟକେ । ନୂଆଁଖାଇ ପରବ୍ ଆଏ ସମସ୍ତଙ୍କର୍ ଭିତରେ ଚେତନା ଜଗାବାକେ, ସଂସ୍କାର୍ ଶିଖାବାକେ, ସଂସ୍କୃତି ଉପରେ ଆଦରଭାବ ଅପନାବାକେ । ନୂଆଁ କିଛି କରବାକେ ଇ ତିହାର୍ ତହଁକ୍ ଆନସି, ଘୃଣା ବଦଲା ଭଲ୍ ପାଏବାର୍ ମାନସିକତାକେ ଉଜାଗର୍ କରସି ।

ଇ ନୂଆଁଖାଇ ତିହାର୍ ଟା ମୁନୁଷ୍ ମୁନୁଷ୍ ଭିତରେ ପ୍ରେମ୍ ଭାବ୍, ଭାଇ ଭାବ୍ କେ ବଢେଇ ଥିସି । ଇ ତିହାର୍ ଥି ଜାତି, ଅଜାତି, ଛୋଟ୍ ବଡ୍ ଭେଦ୍ ଭାବ୍ କେ କାଟି ଦେଇ କରି ଚହଟି ଯଉଥିସି ନୂଆଁଖାଇ ଜୁହାର୍ । ଆମର୍ ଧରମ୍, ପରମ୍ପରା, ସଂସ୍କୃତି କେ ନାଇଁ

ISSN NO.
2582-208X

ପାସରି କରି ଜୀବନ୍ କେ ଭଲ୍ ବାଟେ ନେଇ କରି ବାଟ୍ ବନା ନାଇଁ ହେବେ ବୋଲି ମୁନୁଷ୍ ସମାଜ୍ କେ ନୂଆଁଖାଇ ବାଟ୍ ଦେଖଉଛେ ।

ଆଇନଜୀବୀ, ଗବେଷକ ଓ ସ୍ତମ୍ଭକାର,
ସିନ୍ଧେକେଲା, ବଲାଙ୍ଗୀର
ଭ୍ରାମ୍ୟଭାଷ - ୯୯୩୭୦୩୪୭୪୨

ISSN NO.
2582-208X

# ଭବର ତିହାର ନୂଆଁଖାଇ



ଡକ୍ଟର ପ୍ରଦୀପ କୁମାର ପଣ୍ଡା

ପଶ୍ଚିମ ଓଡିଶାର ତିହାର ପରବର ଗୁଟେ ସ୍ୱାତନ୍ତ୍ର ଅଛେ, ଗୁଟେ ଅଲଗ ପହେଚାନ ଅଛେ। ଆମର ଇନ ଭିନେ ଭିନେ ଏନ୍ତା କେତେଟା ପରବ ପାଳନ କରାଯାଉଛେ ଯେନଟା କି ଦୁସର ଆଢ଼େ ଦେଖିବାରକେ ନାଇଁ ମିଲେ । ସେ ତିହାର ପରବ ଭିତରେ ଗୁଣିଖାଇ, ନୂଆଁଖାଇ, କରମା ବାଗିର ଆଉର ଭି କେତେଟା ତିହାର ପରବ ଅଛେ । ଇ ସବୁ ତିହାର ଭିତରେ ନୂଆଁଖାଇ କେ ସିଘା ତିହାର ମାଏନତା ଦିଆଯାଇଛେ । ଗୁଟେ ଠାନେ ଭାଏବନ୍ଧୁ କୁଟୁମ୍ବ ଠୋଲ ହେଇ ନୂଆଁଖାଇ ମାନସନ । ସମଲପୁରର କବି ପଦ୍ମଶ୍ରୀ ବିନୋଦ ପସାଏତ ଲେଖିଛନ:-

"ପୁରଖା ଦିନୁ ଆଇଛେ ଚାଲି
ଇନର ରିକମା ରୀତି,
ନୂଆଁଖାଇ ଦିନେ ଘରେ ଘରେ ଆମେ
ଯାଇସୁ ଅଢ଼ିଆ ବାଁଟି
ଇ ଗୁଟେ ଦିନେ କାଁ କରି କିଏ
କାଁଜେ ଶୁଇବା ଦୁଃଖ ରେ
ସୁନ କହୁଛେ ତୋତେ ରେ
କାହାର ଦିଆ ନିଆ କାହାକେ ଅଟେଁ
ଆମର, କହିଛନ ପୁରଖା ଲୁକେ ।
ପାସରି ଦେସୁ ହିଁସା ଅହଁକାର

ISSN NO.
2582-208X

ଭଗାରି ହେଲେ ବି ଭାଇ
ଭାବର ବନ୍ଧନେ ବନ୍ଧା ହେଇଥିସୁ
ଘାଏ ଛଡାଛୋଡ ନାଇଁ
ଇ ଗୁଟେ ଦିନେ ଗୁଟେ ମାଁର ଛୁଆ
ସବୁ ଗାଁ ମାଁର ଲୁକେରେ
ସୁନ କହୁଛେ ତୋତେ ରେ
କାହାର ଦିଆ ନିଆ.......।।।
( ଲାଲ ସୂର୍ଯ୍ୟ ୧୯୯୮ )

ନୂଆଁଖାଇ ଗୁଟେ ତିହାର ପରବ ନୁହେ, ଭାଇଚାରା ଭାବର ବନ୍ଧନ ଆଏ । ପଶ୍ଚିମ ଓଡିଶାର ଇ ନୂଆଁଖାଇ ବସୁଧୈବ କୁଟୁମ୍ବକମ୍ ର ବାର୍ତ୍ତା ଦେସି । ସବକୁ ଭାବର ଗୁଟେ ବନ୍ଧନଥି ବାନ୍ଧି ରଖବାର ଲାଗି ଖୁରାକ ଜୁଗାସି । ଇ ଭାବର ତିହାର କେ ନେଇକରି କବି ଗାଇଛନ -

"ଆସ ଗାଏମା ଭାବର ଗୀତ
ଯାହା ଶୁନି ଥାବେ ରହେବା ଚିତ୍
ସମିୟା ଗୁଇଁବା ସୁଖେ ହୋ
କାଏଁ ଯେ କିଏ ମରବା ହାଏ ଦୁଃଖେ ।।
x x x x x
ସବକୁ ସଭେ କେତେ ମଞ୍ଜାର କରତେ ଗଲାର ମାଲି
ମନର ହାଁଡି ନୁ ଭୋଗର ବିକାର ଥିର କେ ଦେଇ ଗାଲିଁ
କାଏଁ ଯେ କିଏ ରହେତା ହେଲେଁ
ମନୁଷ ପନିଆର ଭୁଖେ ।।"
(ଆସ ଗାଏମା ଭାବର ଗୀତ ୨୦୧୫ କବି ଉପ୍ରନ୍ନ ଭୋଇ, ବରଗଡ଼ )

ନୂଆଁଖାଇ ତିହାର ପଶ୍ଚିମ ଓଡ଼ିଶାର ଘରେ ଘରେ କାହିଁ କେବେ ନୁ ଚଲିଆସୁଛେ । ଇତାକେ ଆମର ଫାଲର ଜାତୀୟ ପରବ କହିଲେ ଭି ଭୁଲ ନାଇଁ ହଏ । ଇ ତିହାର ଭୁଦୋ ମାସର ଉଜଲ ପକ୍ଷର ପଞ୍ଚମୀ ଦିନ ପାଳନ କରାଯାଇସି । ଠିକ୍ ଗଣେଶ ଚଉଠିର ବାସୀ ଦିନ ଇ

ISSN NO.
2582-208X

ନୂଆଖାଇ ତିହାର ପଡସି । ସେଦିନ ଜାଏତ, ଧରମ, ଧନୀମାନୀ ,ଗରିବ ସଭେ ବଡ଼ା ଉଷନାକେ ଇ ତିହାର ମାନସନ । ନୂଆଁଖାଇ ତିହାର ମୁଲ ହେବାର ଯଦର ଭି ଠିକ୍ ସମିଆ ଜନା ନାଇଁ ନ ତଥାପି ଇଥି ଗୁଟେ କଥା ଲଏକ୍ଷ କରାଯାଇଛେ ଯେ ସରଳ ମୁନୁଷ ନିଜର ଜୀବନ ଜୀବିକାର ଲାଗି ଯେନ ଚାଷ କରି କ୍ଷେତୁ ଯେନ୍ ଧାନକେ ପହିଲା କରି ଘରକେ ଆନସି ସେ ପ୍ରକୃତିର ବନ୍ଦନା, ସେ ଶକ୍ତିର ଉପାସନା କରିବାର ଲାଗି ନାଇଁ ଭୁଲେ। ସେ ଆନି ଥିବାର ଧାନ/ ଅନ୍ନ କେ ଇଷ୍ଟ ଦେବତା କେ ଭକ୍ତି ଭାବେ ଚଢ଼େଇ କରି ତାର ଉତରୁ ଭାଇବନ୍ଧୁ, କୁଟୁମ୍ବ ଗୁଟେ ଠାନେ ବସେଇ କରି ପିଠାପନା କରି ନୂଆଁଖାଇର ନୂଆଁ ପାଇସି । ନୂଆଁଖାଇ ହେଉଛେ ଚାଷୀ ଆଉ ଚାଷର ତିହାର । ପହିଲା କରି ମୁନୁଷ ଯେତେବେଲେ ଝାରେ ଜଙ୍ଗଲେ ବୁଲି ବୁଲି ଯାହା ପାଉଥିଲା ଖାଉଥିଲା । ସମିଆ ଅନକରମୁ ସେ ନିଜର ସୁଖସୁବିଧା ଲାଗିର ଦଲ ଗଢ଼ଲା ଆର ଚାଷ ବାସ କରି ଗୁଟେ ଠାନେ ବସବାସ କରିବାର ମୁଲ କଲା । ଦେଖବାର କେ ଗଲେ ମୁନୁଷ ଜୀବନ ଧାରନ କରବାର ଲାଗି ଶସ୍ୟ/ଧାନ/ଚାଉଲ ନିହାତି ଆବଶ୍ୟକ ଆଏ । ଇତାର ବିନେ ମୁନୁଷ ବଁଚି ନାଇଁ ପାରେ । ଇତାକେ ନେଇକରି ଅତିବଡ଼ି ଜଗନ୍ନାଥ ଦାସ ଲେଖିଛନ :

“ଅନ୍ନ ବିହୁନେ ହଂସ ହାନୀ,
ଯୋଗ ସାଧିବି କାହା ଘେନି ।”

ଅନ୍ନର ମହିମା କେ ନେଇକରି ସଂସ୍କୃତ କବି କଳିଦାସ ଅନ୍ନଚିନ୍ତା ଚମତ୍କାରାଃ ବୋଲିକହିଛନ। ସେଦୃଷ୍ଟିନୁ ସୃଷ୍ଟିକର୍ତ୍ତାଠାନେ ନୂଆଁଧାନ ସମରପି ଦେଇକରି ସେ ନିଜର କୃତଜ୍ଞତା ଜନାସି। ଇଟା ସ୍ୱାଭାବିକ ଭି ଆଏ । ଇଥିର ଲାଗି ଅନ୍ନ, ଆନନ୍ଦ ଆର ଆତ୍ମାର ପ୍ରାଧାନ୍ୟ ସବୁବେଲେ ରହିଛେ । ଇତାକେ ନେଇକରି ତୈତିରୀୟ ଉପନିଷଦ ଥି ମହାର୍ଷି ଗାଇଛନ,

“ଅନ୍ନ ବ୍ରହ୍ମେତି ବ୍ୟଞ୍ଜନାତ୍
ଅନ୍ନଦେବ ଖଳ୍ୱିମାନୀ ଭୂତାନୀ ଜାୟତେ
ଅନ୍ନେନ ଜାତାନି ଜୀବନ୍ତି
ଅନ୍ନଂ ପ୍ରୟନ୍ତ୍ୟଭିସଂ ବିଶନ୍ତୀତି ।”

ISSN NO.
2582-208X

ଅନ୍ନ ହି ବ୍ରହ୍ମ ଆର ବ୍ରହ୍ମ ହିଁ ଈଶ୍ୱର । ଯେତେ ଜୀବଜନ୍ତୁ ସବୁ ଅନ୍ନ ନୁ ଜାତ ଆର ଅନ୍ନ ଥି ପ୍ରତିପାଳିତ । ଅନ୍ନ ହିଁ ଜୀବଧାରନର ମୂଳଧାର ଆଏ , ଆସଲ ଶକ୍ତି ଆଏ , ସେ ଭୌତିକ ହେଉ କି ଆଧିଭୌତିକ ଅନ୍ନର ମହିମା ଜୟ ଜୟକାର କରସି । ଇ ଦୃଷ୍ଟି ନୁ ଦେଖିଲେ ଅନ୍ନ ଜୀବନର ଅସଲ ମୂଳ ଆଏ , ଆନନ୍ଦ ତା'ର ଉସ୍ ହେଲା ବେଲେ, ଆତ୍ମା ତା'ର ଅଙ୍ଗ ଆଏ । ତୈତ୍ତରିୟତ ଉପନିଷଦ ଥି ଲେଖାହୋଇଛେ –

ଅହମନ୍ନ ମହମନ୍ନ ମହମନ୍ନ ମ...
ଅହମନ୍ନାଦୋ ....ଽଅହମନ୍ନାଦୋଽଆହମାନ୍ନଦ...
ଅହମନ୍ନ ମନ୍ନ ମହନ୍ତମା... ଦ୍ୱି.....

ଇତାକେ ନେଇକରି ଭଗବାନ ଶ୍ରୀକୃଷ୍ଣ ଭଗବତ ଗୀତା ଥି ଅର୍ଜୁନ କେ କହିଛନ –

ଅନ୍ନଭବନ୍ତି ଭୁତାନି ପର୍ଜନ୍ୟାଜନ୍ନ ସମ୍ଭବଃ
ଯଜ୍ଞା ଭବନ୍ତି ପଜନ୍ୟୋ ଯଜ୍ଞକର୍ମ ସମୁଦ୍ଭବ
କର୍ମ ବ୍ରହ୍ମଭବଂ ବିଦ୍ଧି ବ୍ରହ୍ମାକ୍ଷର ସମୁଦ୍ଭବମ୍
ତସ୍ମାତ୍ ସର୍ବଗତ ବ୍ରହ୍ମ ନିତ୍ୟ ଯଜ୍ଞେ ପ୍ରତିଷ୍ଠିତମ୍

ଯଦର ଭି ନୂଆଁଖାଇ ମୂଳ ସମିଆ ଠିକ୍ ଭାବେ ଜନା ନାଇଁ ପଡ଼ଲେ ଭି ପଶ୍ଚିମ ଓଡିଶାର ନୂଆଁଖାଇ ତିହାର କେ ନେଇକରି ଅନୁମାନ କରାଯାଇସି ଖ୍ରୀଷ୍ଟାବ୍ଦ ୧୪୦୦ ଶତାବ୍ଦୀ ନୁ ପାଟନାର (ଇହାଛିନି ବଲାଙ୍ଗୀର ଖଁଡ୍) ରାଜା ରମାଇ ଦେଓଙ୍କର ସମିଆନୁ ମୂଳ ହେଇଛେ । ରଜା ରମାଇ ଦେଓ ନିଜର ଗୁଟେ ସ୍ୱାଧୀନ ରାଜ୍ୟର ଆବଶ୍ୟକତା ଅନୁଭବ କରି କରି ଇ ଚାଷବାସ କେ ଗୁରୁତର ଦେଇଥିଲେ ସେନୁ ଇ ନୂଆଁଖାଇର ତିହାର ମୂଳ ହୋଇଥିବାର ଜଣାପଡସି । ଇ ଦୃଷ୍ଟିରୁ ଦେଖିଲେ ସେ ସମିଆର ପାଟନାର ରଜା ଜମାଇଦେଓ କୁଁ ଆଝିରତକ ଚାଲି ଆଉଥିବାର ନୂଆଁଖାଇର ସୃଷ୍ଟିକର୍ତ୍ତାର ସମ୍ମାନ ଦିଆଯାଇସି । ଭୁଦୋ ମାସେ ନୂଆଁଖାଇ ପାଳନର ଗୁଟେ କାରନ ହେଉଛେ ସେ ଝାଲଗମ ଫୁଟେଇ କରି ବାକି ଜୀବଜନ୍ତୁ ନୁ ବଞ୍ଚେଇ କରି ଜେନ ଶସ୍ୟ ବା ଧାନ କେ ଘରକ ଆନସି ଯେନଟା ତା'ର ଜୀବନଧାରନ କେ ରକ୍ଷାକରସି । ଇ ସମିଆ ଥି ମାଲଧାନମାନେ ପାଚି ଯାଇସି । ସେଟାକେ ଆନିକରି ସେ ଖୁସିରେ ସେ ତିହାର ମାନସି । ଆଉ ଗୁଟେ ଦୁସର

ISSN NO.
2582-208X

କାରଣ ଦେଉଛେ ଜ୍ୟୋତିଷ ଆଧାର ଅନୁକର୍ମୁ ଭୁଦୋ ମାସ ହେଉଛେ ସିଂହ ମାସ । ଇ ମାସେ ସୂର୍ଯ୍ୟ/ବେଲ ସିଂହ ରାଶିଥି ରହିଥିସନ । ବେଲ/ ସୂର୍ଯ୍ୟ ହେଉଛନ ପରାନ ବା ଜୀବନର ଆଧାର । ଅନ୍ନ ହେଉଛେ ଜୀବନୀ ଶକ୍ତିର ସଞ୍ଚାରକ । ସେଥିର ଲାଗି ଭୁଦୋ ମାସର ଉଜଲ ପଖେ ନୂଆଁଖାଇ ପାଲନ କରାଯାଇସି । ଐତିହାସିକ ଶିବପ୍ରସାଦ ଦାସଙ୍କର ମତ ଅନସାରେ ନୂଆଁଖାଇ ସମଲପୁର କଲାହାଣି ସାଙ୍ଗେ ଦୁସର ଆଡ଼େ ଭି କେତେଟା ଠାନେ ନୂଆଁଖାଇ ତିହାର ପାଳନ କରାଯାଇସି । ଯେ ଯେନ ଥିଲେ ବି ସେ ଦିନ ଘରକେ ଫିରସନ ଆର ଗୁଟ ଠାନେ ଏକଜୁଟ ହେଇ କରି ନୂଆଁ ଖାଇସନ । ନୂଆଁଖାଇ ଆଗର ଦିନ ପାଚଲା ମାଲଧାନ ଆନିକରି ଗାଁର ଝାଙ୍କର ସମଲେଇ ନ ନୂଆଁ ଲଗାସି ଆର ଗାଁର ସମକର ଘରେ ନୂଆଧାନ ବାଁଟିସି । ଇ ତା'ର ଉତରୁ ଘରର ପୁରଖା/ ବୁଢ଼ା ନିଜର ଘରର କୁଲ ଦେବତା ଆର ପିତୃପୁରୁଷ ସାଙ୍ଗେ ଘରର ଦେ ଦେବତା ମାନକେ ନୂଆଁଖାଇର ନୂଆଁ ଚରା ଭୋଗ ଲଗାସନ । ସେ ଭୋଗକେ ଘରର ସଭେ ଗୁଟେନେ ବସି ପାଏସନ । (ସମଲପୁର ଇତିହାସ ପୃଷ୍ଠା-୪୧୮ )

ନୂଆଁଖାଇ ପରସାଦ ପାଏଲା ଉତରୁ ସଭେ ଘରର ଆର ଗାଁର ଦେଦେବତା ସିଆନ ସୁଜନ ,ଗୁରୁଜନମାନଙ୍କୁ ମୁଡ଼ିଆ ମାଡିକରି ଆଶୀବାଦ ନେସନ । ଖାଲି ମୁଡିଆ ମାରସନ ସେଟା ନୁହେଁ ହେଥି ଭି ଗୁଟେ ଗହେଁର ଅର୍ଥ ଅଛେ । ମୁଡିଆ ମାରବାରଥି ନିଜର ନିଜର ସବୁ ବିକାର/ଦେଷ ଛାଡି ନିଜର ନିଜର ଦାୟିତ୍ୱ ଥି ଚେତନା ସିଦ୍ଧ ହେବାର କେ ସୂଚିତ କରସି। ପାରିବାରିକ ସମ୍ବନ୍ଧ କେ ଆର୍ ଭାବ୍ ବଁଧନ କେ ମଜବୁଦ କରସି । ଇଟା ଗୁଟେ ଆମର ଚାଏଲ ଚଳନ ନୁହେଁ ଭାରତୀୟ ସଭ୍ୟତା ସଂସ୍କୃତିର ଚିହ୍ନା ଆଏ । ଯେନଟା ଅର୍ଥବବେଦରେ କୁହାଯାଇଛେ :

ମା ଭ୍ରାତା ଭ୍ରାତରଂ ଦ୍ୱିଷନ
ମୋ ସୁସାରମୁଢ ସ୍ୱସା
ସମ୍ୟଞ୍ଚ ସବ୍ରତା ଭୂତ୍ୱ ବାଚ
ସଂଜ୍ଞାନଂ ପୁରୁଷେଭ୍ୟ...ସମାନୀ,
ପ୍ରପାସହ ବୋଽ ନୃଭାବxxxxx

ISSN NO.
2582-208X

ଇତାର ଅର୍ଥ ହେଲା ଭାଇ ଭାଇ ହିଁସା ଅହଁକାର ନାଇଁ କରୁ । ଭାଏବହେନ କେ ଘୁର୍‌ନା ନାଇଁ କରୁ ।ସର୍ଭେ ପଏର୍‌ଛା ନିରମଲ ମନେ ଭେଟଘାଟ ପଡ଼ି ବନେ ସୁନ୍ଦର କଥାବାର୍ତ୍ତା କରୁନ । ସବୁ ମୁନୁଷମାନକର ସତ୍ ଗିଆଁନ ଉଦେ ହେଉ । ଅନ୍ନ ଆର୍ ପାଏନ ସମକଁର ଲାଗି ସମାନ ଭାବେ ମିଲୁ ।

ନୁଆଁଖାଇ ଦିନେ ଜୁହାର/ମୁଡିଆ କଲା ସମିଆଥି ଲୁକେ କହେସନ ଜିଇଁ ଜାଗିଥିଲେ ବଛରେ । ଇତା ଭି ଗୁଟେ ତାତ୍ତ୍ୱିକ ଅର୍ଥ ରହିଛେ । ଆଏବା ବଛର୍ ଲାଗି ନୂଆଁ ଦମ୍ ନୂଆଁ ତହଁକ ଇଥି ଭରି ରହିଛେ ।ଇତାର ସଙ୍ଗେ ଭାବ ସରସର ବାତାବରନ ଥି ଆଗକେ ବଢି କରି ଫେର ଘାଏ ଇ ତିହାର କେ ମନାବାର କେ ଖୁରାକ ଦେସି । କବିର କଲମ କହେଛି:-

ବୁଢ଼ାବୁଢ଼ୀ କହେସନ
ଜିଇଁ ଜାଗିଥିଲେ ବଛରେ
ଆଏଲା ବଛରେ ଭେଟ ପଡମା
ଠିକ୍ ଏନ୍ତା ଦିନେ ଥରେ ।।
(ଅମୃତ ଧାରା ପୃଷ୍ଠା୯୪, କବି ମଞ୍ଜୁଳ ଶ୍ରୀମତୀ ପ୍ରମୋଦିନୀ ମହାପାତ୍ର, ସମ୍ବଲପୁର )

ଅନ୍ନର ଜୟ ଗାନ କରି ବରଗଡ଼ ବରପାଲିର ଭୁଲିଆ କବି ଗଙ୍ଗାଧର ମେହେର ତାକର କୃଷକ ସଙ୍ଗୀତ ଥି ଗାଇଛନ:-

ଅନ୍ନ ଏକା ଅଟଇ ବିଶ୍ୱ ମୂଳାଧାର
ଏକ ବାକ୍ୟେ ସମସ୍ତେ ଗାଅ ହୋ
ଅନ୍ନର ଜୟକାର ହୋ ।( ।ଅନ୍ନର ମହିମା)

ଇଥିର ଉଧେ ତୈତ୍ତିରୀୟ ଉପନିଷଦ ଭି ଗାଇଛନ:-

ଅନ୍ନନ ନିନ୍ଦାତି - ତଦ୍ ବ୍ରତମ
ଅନ୍ନନ ପରିଚକ୍ଷୀତ - ତଦ୍ ବ୍ରତମ
ଅନ୍ନ ବହୁ କୁର୍ବୀତ - ତଦ୍ ବ୍ରତମ୍ ।।

ISSN NO.
2582-208X

ଇଥି ଅନ୍ନକେ ନିନ୍ଦା କି ନଷ୍ଟ କରିବା କେ ମନା କରାହେବାର ସାଙ୍ଗେ ସାଙ୍ଗେ ଜହ ଜହ ପରମାଣଥି ଚାଷ କରି ଅଧିକା ଫସଲ ଆଦାୟ କରବାକେ କୂହାଯାଇଛେ ।

ଶେଷେ ଏତିକି ଆଶ କରମା ଇହାଛିନିର କୁଟ କପଟ ବିଷାନ ସଂସାରର ପରିବେଶ ଭିତରେ ଆମର ନୂଆଁଖାଇ ନୀଳକଁଠ ମହାଦେବ ଲେଖେ ସବୁ ସାଂସାରିକ ବିଷକେ ନାଶ କରି ଭାବର ବନ୍ଧନ ଥି ସମକୁଁ ବାନ୍ଧି କରି ନିରମଲ ପରିବେଶ ସୃଷ୍ଟି କରୁଥାଉ ମାଁ ସମଲେଇ ଠାନେ ଏତକି ଗୁହାରି ।।

ନୂଆଁ ବରଙ୍ଗାମାଲ, ସମ୍ବଲପୁର

ISSN NO.
2582-208X

# ସମିୟାଁ



ନମିତା ସା

ଦେଖୁ ଦେଖୁ ସମିୟାଁ ବଦଳି ଗଲା
ଭାଇ, ଦେଖୁ ଦେଖୁ ବଦଳି ଗଲା।
କାହିଁ ଗଲା ସେ ସମିୟାଁ
ହଜିଗଲା ଆଗର ଦୁନିଆଁ।
ଗାଆଁ ଗାଉଁଲି ହେଲା ଟାଉନ୍
ଲିଭିଗଲା କୁରିଆ ମାଟିର ଛପର୍ ଘର।
ହଜିଗଲା ବଣ ଲତା,
ହୋଇଗଲା କଳ କାର୍ ଖାନା।
ଆଜିର ମୁନୁଷ୍ ପଇସା ପଛେ,
ନି ଦେଖାବାର ଘର୍ ପରିବାର।
ଆଗର୍ ଲୋକ ମୂରୁଖ ଥିଲା ପଛେ
ଥିଲା ତା କର୍ ମେନ୍ ବେଭାର ।
ଆଜିର ଲୋକ ଶିକ୍ଷିତ ହେଲେ ପଛେ,
ଲୋକ ଜାଣି ହେଉଥିସନ୍ କଥା।
ଡର ଲାଗିସି ଆଜିର ଦୁନିଆଁ କେ
ଭେଲ୍ ମାରି ଜିମି ଅଟାଇମ୍ କେ
ଅ ଟାଇମ୍ ମାରିବାର୍ ଦିନ ଆସିଛେ

ଆଗେ ବୂଢ଼ା ବୁଢ଼ୀ ଅଶୀ ବରଷେ
ଆଜିର ମରୁଛନ ଚାଳିଶ ବରଷେ
କାଣା ଥିଲା ଦିନ,
କାଣା ହେଲା ନ
ଦୁନିଆଁ ବଦଲୁ ବଦଲୁ
ନିଜେ ବଦଳି ଗଲା ନ
ଭାଇ, ନିଜେ ବଦଳି ଗଲା ନ।
ଭୁଲ ଗଲା ନ ନିଜକୁ ନିଜେ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବଲାଙ୍ଗୀର,
ଦୂରଭାଷ - ୯୮୨୭୭୦୫୯୮୮

ISSN NO.
2582-208X

# ପଶ୍ଚିମ ଓଡ଼ିଶାର ଶିଘା ତିହାର୍....



କ୍ଷୀରୋଦିନୀ ସାହୁ

ପଶ୍ଚିମ ଓଡ଼ିଶାର ଶିଘା ତିହାର୍
ଆଇଛେ ନୂଆଁଖାଇ ,
ଯିଏ ଯେନ୍ ଠାନେ ଅଛ ଧାଇଁ ଆସ
ମୋର୍ ବୁହେନ୍ ଭାଇ ।

ଘର୍ ଦୁଆର୍ ସଫା ସୁତର୍ କରି
ରଙ୍ଗ୍ ରୁଙ୍ଗା ଟିକେ ରଚାମା ,
ମିତ ମାର୍ ସାତ୍ ଘର୍ ମାନ୍ କେ
ନୂଆଁଖାଇ ଭାର୍ ପଠାମା ।

ଡେରି ନାଇଁ କରୁଁ ଫୁଲା ନାଇଁ ହଉଁ
ଲେତାଗୁତା ଥିମା ଆବରି,
ଦିଲ୍ ଖୁସ୍ ହେଇ ଡାକ୍ ଦେଉ ଥିମା
ଜୟ ମାଁ ସମଲେଶ୍ୱରୀ ।

ହାଟ୍ ବଜାର୍ ଯାଇ ଆନମା ଘିନି
ମେନ୍ ମେନ୍ ସା ଦରବ୍,

ISSN NO.
2582-208X

ଇ ନୂଆଁଖାଇ ପରେ ଆମର୍ ବଡଖା ତିହାର୍
ଲୁଭ୍ ଲୁଭାନି ପରବ୍ ।

ନୂଆଁ ଧାନ୍ କେଁଡା ଆନି କରି ଭାଇ
ନୂଆଁ ଚୂଡା ଦେମା ବନେଇ,
ପିଠା ମଡ଼ା ବରା ସୁଆଁଲି ବନାମା
ଭୋଗ୍ ରାଗ୍ ଦେମା ଛଡେଇ ।

ଖେତ୍ ଖଲା ଯାଇ ଇଷ୍ଟଦେବୀର୍ ପାଦେ
ପୂଜା ଧଜା କରିଦେମା,
ବନେ ବନେ କରି ସୁନାର୍ ଫସଲ୍
ଦେବାର୍ କେ ବିନତୀ କରମା ।

ସିଆନ୍ ମାନକେ ମୁଡିଆ ମାରମା
ସାନ ମାନ୍ କେ ଗହକି,
ଭାବ୍ ସର୍ ସର୍ କଥାଥି ଭାଇ
ଘର୍ ଦୁଆର୍ ଯିବା ମହକି ।

କୁରେ ପତର୍ ଥି ଖାଏମା ନୂଆଁ
ଖାକ୍ ପିଟି କରି ହର୍ ଷେ,
ପନଥ୍ ଢାଁପି କରି ରଖିଥା ଗୋ ମାଁ ସମଲେଇ
ଜିଁ ଜାଗିଥିଲେ ବଛ୍ ରେ ।

ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା,
ଆଦର୍ଶ ବିଦ୍ୟାଳୟ, ନୂଆପଡା
ମୋ: ୬୩୭୧୩୦୫୯୯୫

ISSN NO.
2582-208X

# ହୁଲିଆ



ସୁନୀଲ କୁମାର ଅଗସ୍ତି

ଢାପେନ୍ ଗାଗର୍
ଚିରା ଫଟା ଦରକିଲା
ଠାବ୍ କରସନ୍ ସଭେଁ
ଖୁକି ଛିଡା ଅଗାବଗା
ଉଦରି ଧସକି ଗଲା
ଆଏ ଘରର୍ ପିଲା,
ଢାପେନ୍ ଗାଗର୍ ମଖମଲୀ
କଥା ଚିକନଉ ସରଲଉ
ଠାବେନ୍ ଅବଗା କନ୍ଦର୍ପ,
ପହିଲ୍ ଅଷଢିଆ ବତରୀ
ଆଏ ଅଧେକର୍ ନିଶା
ପାଏସନ୍ ପାଉଛନ୍
ଜୀବନ୍ ଗୁଲା ପୂଜା,
ଆଏ ଢୋଢ଼କୋ ପାଏନ୍

ପହିଲ୍ ଧାଡିର୍ ବିନ୍ ଗମେନ୍
ମଝିର୍ ଟା କେରେନ୍ ଜାନ୍ ବେଡା
ଅବଗା ଆଖରୀ କେ ତାଲି ମାଡ୍
ଆଏ ଏଭର୍ ଭାବର୍ ହୁଲିଆ,,

******

ଟିଟିଲାଗଡ, ବଲାଙ୍ଗୀର
ମୋ/୯୪୩୭୨୧୦୮୮୭

ISSN NO.
2582-208X

# ଆସମାନ୍



ଗଜାନନ ମିଶ୍ର

ଅଛେ ଆରୁ
ନେଇଁ ନ ବି ।
ଜନ୍ ଉଦିଛେ,
ନେଇଁ କହି ପାର
ରାଏତ୍ ବଲି ।
ଆକାସ ଘେରିଛେ
ରଡଲେ ଫାଟବା
ହେନ୍ତା ନେଇଁସେ ।

କେଁଟା ସରଗସୁଖ
ପଚରଉଛେ କେଁଚୁଆ
କିଏ କହେବା କାଣା
ଆସୁ ଆଗକେ !
ଘାଏ ଘାଏ କେଡେ ଘାଏ
ଗରଜି ଗରଜି ଅଉଛେ
ଧେଇଁ ହେ, ଜଉଛେ
ଫିରି ମୁଡ ତଲ କରି
ଜାନଲା ଉତାରୁ ଅସାର୍ ।

ବୁପରା ଅଛେ ଆରୁ
ଅଛେ ବଲି କିହେ
ନେଇଁ ପାରୁଛନ୍ କହି ।
ଘର୍ କରିଛେ ହେତାର୍ ତଲେ
ଭୁସଲି ଜଉଛେ ଜେନଟା
ବାଦଲଫଟାଥି ।
ଆରୁ ସୋର୍ ସୁତର୍ ନେଇଁ
କହେବା ହେଟା ଆସମାନ୍ ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଠିକ ସମୟ ରେ ଚାଲିବା ଓ ଦୀର୍ଘାୟୁ ଜୀବନ



ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ

ଆମ ଭାରତୀୟ ଐତିହ ଓ ପରମ୍ପରା ଅତି ମହାନ। ଆମର ପୂର୍ବ ପିଢ଼ିମାନେ ଜୀବନକୁ ସୁସ୍ଥ ସତେଜ ନିରୋଗ ରଖିବା ପାଇଁ ଦୈନ ଦିନ ଜୀବନ ଶୈଳୀ ଓ କାର୍ଯ୍ୟ ଦକ୍ଷତା ଓ ଆଜିର ଯୁବ ପିଢ଼ି ଙ୍କ ଜୀବନ ଶୈଳୀ ସମ୍ପୂର୍ଣ ଅଲଗା। ଆମରି ପୂର୍ବଜ ମାନେ ସକାଳୁ ବ୍ରହ୍ମ ମୁହୂର୍ତ୍ତ ରୁ ଉଠି ନିତ୍ୟ କର୍ମ ସାରି ନିଜର ଭିନ୍ନ ଭିନ୍ନ କର୍ମ ସ୍ଥଳୀ ହେଉ କିମ୍ବା କ୍ଷେତ କୁ ହେଉ ଯାଇ ନିଜର କର୍ମ କ୍ଷେତ୍ର ରେ ଲାଗିପଡୁଥିଲେ। କିଛି ଲୋକ ଭୋର ସକାଳୁ ଉଠି କ୍ଷେତକୁ ଚାଲି ଚାଲି ଯାଇ ନିଜର କର୍ମ କରୁଥିଲେ। ଅପରାହ୍ନ ରେ ବି କ୍ଷେତରେ କାମକରି ସନ୍ଧ୍ୟା ରେ ଘରକୁ ଫେରୁ ଥିଲେ, ଯାହାକି ଶାରୀରିକ ପାରିଶ୍ରମ ହେଉଥିଲା ଯଦ୍ଦ୍ୱାରା ରାତ୍ରରେ ଭଲ ନିଦ ହେବା ହେତୁ ସ୍ୱାସ୍ଥ୍ୟ ଫିଟ, ରହିବା ସହ ନିରୋଗ ଓ ଦୀର୍ଘାୟୁ ହେବାରେ ସହାୟକ ହେଉଥିଲା, ଫଳ ସ୍ୱରୂପ ସୁସ୍ଥ ରହିବା ସହ ନିରୋଗ ଓ ଦୀର୍ଘାୟୁ ହୋଇ ରହିପାରୁଥିଲେ। ସେମାନଙ୍କୁ ମଧୁମେହ, ଉଚ୍ଚ ରକ୍ତଚାପ, କର୍କଟ ଭଳି ମାରାତ୍ମକ ରୋଗ ପାଖ ମାଡିପାରୁନଥିଲା। ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ରେ ଉଲ୍ଲେଖ ରହିଛି ଆମେ ଖାଦ୍ୟ ଖାଇବା ଅଳ୍ପ କିଛି ସମୟ ପରେ 100 ପାଦ ଚାଲିବାଦ୍ୱାରା ଆମ ସ୍ୱାସ୍ଥ୍ୟ ରେ ଜମୁଥିବା "ଚର୍ବି" ର ମାତ୍ରା କମିବା ସହ ମୋଟାପଣ ହ୍ରାସ ପାଇବା ସହ ମଧୁମେହ ଓ ଉଚ୍ଚରକ୍ତଚାପ ସନ୍ତୁଳିତ ରହିଥାଏ।

ଖାଇବା ପ୍ରକ୍ରିୟା କୁ ନେଇ ଆମ ସାମାଜିକ ପ୍ରଥାରେ ଗୋଟିଏ ଢ଼ଗ ରହିଛି –

"ଖାଇ ଚାଲିଲେ ବଢ଼ଇ ଆୟୁ"
"ଖାଇ ବସିଲେ ବଢ଼ଇ ବାୟୁ"

ISSN NO.
2582-208X

"ଖାଇ ଶୋଇଲେ ବଢ଼ଇ ପେଟ"
"ଖାଇ ଖାଇଲେ ଯମର ଭେଟ"

ଅର୍ଥାତ ଆମେ ଖାଦ୍ୟ ଖାଇବାର ଅଳ୍ପ କିଛି ସମୟ ପରେ ପ୍ରାୟତଃ ଏକ ରୁ 10ମିନିଟ ଠିକ ସମୟ ଠିକ ପ୍ରକାରେ ଚାଲିବା ଦ୍ଵାରା ଆମ ସ୍ୱାସ୍ଥ୍ୟ ପାଇଁ ଏହା ବହୁତ ହିତକର ହେବାସହ ଉଚ୍ଚ ରକ୍ତ ଚାପ, ମଧୁମେହ, ବାହ୍ୟ ଚର୍ମର କୁଞ୍ଚନ ଦୂର ହେବା ସହ କର୍କଟ ଭଳି ମାରାତ୍ମକ ରୋଗକୁ ପ୍ରତିରୋଧ କରିବା ସାମର୍ଥ୍ୟ ହୋଇଥାଏ ଏବଂ ଆମ ସ୍ୱାସ୍ଥ୍ୟର ବହୁତ ସମସ୍ୟା ସମାଧାନ ହୋଇଯାଇଥାଏ। ଯାହାକି ଆଧୁନିକ ସ୍ୱାସ୍ଥ୍ୟ ବିଜ୍ଞାନ ବହୁ ପରୀକ୍ଷା କରି ଏଥିରେ ସହମତି ହୋଇଛନ୍ତି। ଖାଇବାପରେପରେ ଖଟ କିମ୍ବା ଚୌକି ରେ ବସି ରହିବା ଦ୍ୱାରା ଶରୀର ସ୍ଥୁଳତା ଆସିବା ସହ ଖାଦ୍ୟ ଠିକ ରେ ପରିପକ୍ୱ ହୋଇନପାରି ପେଟରେ ଅମ୍ଳ ଓ ବାୟୁ ସୃଷ୍ଟି ହୋଇଥାଏ, ଯାହାକି ବହୁତ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଖାଇ କରି ଖଟ କିମ୍ବା ଆରାମ ଚେଇରରେ ସୋଇପଡିବା ଦ୍ୱାରା ଶରୀରରେ ଖାଦ୍ୟ ଠିକ ରେ ହଜମ ହୋଇନପାରି ପେଟରେ ଚର୍ବି ବୃଦ୍ଧି ପାଇବା ସହ, ପେଟ ବାହାରିବା, ଶରୀରରେ ସ୍ଥୁଳତା ଆସିବା ଦ୍ୱାରା ଶରୀର ରେ ଓଜନ ବୃଦ୍ଧି ପାଇଁ ଶରୀରର ଆକୃତି ଅସ୍ୱାଭାବିକ ବୃଦ୍ଧି ହୋଇଥାଏ, ଖାଦ୍ୟ ଖାଇ ଅଳ୍ପ ସମୟ ପରେ ପୁଣି ଖାଦ୍ୟ ଖାଇବା ଦ୍ୱାରା ପେଟରେ ଖାଦ୍ୟ ସଠିକ ଭାବେ ଜୀର୍ଣ୍ଣ ହୋଇନପାରି ଖାଦ୍ୟ ବିଷାକ୍ତ ହୋଇ ଝାଡାବାନ୍ତି ହେବା ସହ ଶରୀର ଅସୁସ୍ଥ ହୋଇଥାଏ।

ହଜାର ହଜାର ବର୍ଷ ପୂର୍ବେ ଚରକ ସଂହିତା ଶୁଶ୍ରୁତ, ସଂହିତା, ବାଗଭଟଓ ମାଧବ ନିଦାନ ଭଳି ଆୟୁର୍ବେଦ ଚିକିତ୍ସା ଗ୍ରନ୍ଥ ରେ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଯାହା ଲେଖା ଯାଇଅଛି ଆଧୁନିକ ଚିକିତ୍ସା ବିଜ୍ଞାନ ବହୁ ପରୀକ୍ଷା ନିରୀକ୍ଷା କରି ଠିକ ବୋଲି ମତ ଦେଇଥିବାବେଳେ, ଦୈନିକ ସକାଳେ ଓ ସନ୍ଧ୍ୟାରେ ଚାଲିବାସହ ଖାଦ୍ୟ ଖାଇବା ପରେ ଚାଲିବା ନେଇ ଭାରତୀୟ ଚିକିତ୍ସା ଶାସ୍ତ୍ରରେ ବର୍ଣିତ ଥିବା, ଉପରୋକ୍ତ ବିଷୟକୁ ନେଇ ସଦ୍ୟତମ ତଥ୍ୟ ଭାବେ ଆମ ଦେଶର ଆଧୁନିକ ଚିକିତ୍ସା ବିଜ୍ଞାନ ବିଭାଗର 200 ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ ୨5000 ହଜାର ଲୋକଙ୍କୁ ନେଇ ପରୀକ୍ଷା ଓ ଗବେଷଣା କରାଯାଇଥିଲା, ଯାହାକି ବହୁ ବର୍ଷ ପୂର୍ବରୁ ଆମ ଭାରତୀୟ ପାରମ୍ପରିକ ମୌଳିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ସ୍ୱାସ୍ଥ୍ୟ ପାଇଁ ଯେଉଁସବୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ଉଲ୍ଲେଖ ରହିଛି, ବର୍ତ୍ତମାନ

ISSN NO.
2582-208X

ଆଧୁନିକ ଚିକିତ୍ସା ବିଜ୍ଞାନ ବହୁ ପରୀକ୍ଷା ନିରୀକ୍ଷା କରି ଏହା ଠିକ ବୋଲି ପ୍ରମାଣିତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ପଠାଯାଇଥିଲା ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏଥିରେ ସହମତି ପ୍ରକାଶ କରିଛନ୍ତି। ଆମ ପାଇଁ ଏକ ସୁଖଦ ବାର୍ତ୍ତା,

ସ୍ୱାସ୍ଥ୍ୟ ବିଶେଷଜ୍ଞ ମତରେ ଖାଦ୍ୟ ଖାଇବାର ଅଳ୍ପ କିଛି ସମୟ ପରେ ଏକ ରୁ 10 ମିନଟ ଚାଲିବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ଜୀବନଶୈଳୀ ପରବର୍ତ୍ତନ ହୋଇପାରିବ। ରାତ୍ର ଆମେ ଖାଦ୍ୟ ଖାଇବା ପରେ  ନିଜର ସକ୍ଷମ ଅନୁଯାଇ ଏକ ମିନଟ ଜୋର ରେ ଚାଲିବା ଦ୍ୱାରା ଆମ ଶରୀରରେ ରକ୍ତ ସର୍କରା ସନ୍ତୁଳିତ ହେବା, ପେଟରେ ଚର୍ବି ନଜମି ଏହା ଶକ୍ତି (Energy )ରେ ପରିଣତ ହୋଇଥାଏ।  ଉଚ୍ଚ ରକ୍ତଚାପ ଓ ମଧୁମେହକୁ ପ୍ରତିରୋଧ କରିବା ସହ ଏସବୁ ଜଟିଳ ରୋଗକୁ ନିୟନ୍ତ୍ରିତ ରଖିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ସକାଳେ ଓ ରାତ୍ର ବେଳା ଖାଦ୍ୟ ଖାଇବାର ଅଳ୍ପ ସମୟ ପରେ ଯଦି ଏକ ରୁ  ଦଶ ମିନଟ ଆମେ ଚାଲିଆସି ସ୍ୱଳ୍ପ ସମୟ ବିଶ୍ରାମ ପରେ କିଛି ମାତ୍ରା ରେ ପାଣି ପିଇବା ଦ୍ୱାରା  ମନ "ଖୁସି" ରହିବା ସହ ମାନସିକ ଚାପ କମିବା, "ଚିଡିଚିଡା" ସ୍ୱଭାବ ହ୍ରାସ ପାଇବା ସହ ଉତ୍ତମ ନିଦ୍ରା ହୋଇଥାଏ। ଯଦ୍ୱାରା ଶରୀରରେ "ରୋଗପ୍ରତିରୋଧକ ଶକ୍ତି"ବୃଦ୍ଧି ପାଇବା ସହ, ରକ୍ତ ଚାପ, ମଧୁମେହ, କର୍କଟ ରୋଗ ଭଳି ଜଟିଳ ରୋଗକୁ ସମ୍ପୂର୍ଣ ନିୟନ୍ତ୍ରିତ କରିବା କ୍ଷମତା ଶରୀରରେ ସୃଷ୍ଟି ହୋଇଥାଏ, ଯାହାକି  ଜୀବନରେ ଆମେ ବଡ଼ ଉପକାର ପାଇପରିବା।

ସଦ୍ୟତମ ଗବେଷଣରୁ ଜଣାଯାଇଛି  ଯେ ଉପରୋକ୍ତ ତଥ୍ୟ ଆମ ଶରୀର ଉପରେ ଶତପ୍ରତିଶତ ଅନୁକୂଳ ପ୍ରଭାବ ପକାଉ ଥିବାବେଳେ, ଯେଉଁମାନେ ଖାଇସାରିବା ପରେ ଛୋଟ ଛୋଟ ଷ୍ଟେପ ନେଇ କିଛି ସମୟ ଚାଲି ଥାନ୍ତି ତାଙ୍କରି ସ୍ୱାସ୍ଥ୍ୟ ସମ୍ପୂର୍ଣ ଫିଟ ରହିବା ସହ ବର୍ଷ ବର୍ଷ ଧରି ଜ୍ୱର ଓ ଥଣ୍ଡା ଭଳି ରୋଗ ହୋଇନଥାଏ।

ଆମ ଭାରତୀୟ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଓ ଆଧୁନିକ ଚିକିତ୍ସା ବିଜ୍ଞାନର"ଖାଦ୍ୟ ଖାଇବା ପରେ" କିଛି ସମୟ ଚାଲିବା ଦ୍ୱାରା ସ୍ୱାସ୍ଥ୍ୟ ର ବହୁ ଜଟିଳ ରୋଗ ନିୟନ୍ତ୍ରିତ ହୋଇପାରୁଥିବା, ଗବେଷଣା ତଥ୍ୟକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହମତି ପ୍ରକାଶ ହେତୁ,

ISSN NO.
2582-208X

ସଦ୍ୟତମ ଏହି ସ୍ୱାସ୍ଥ୍ୟ ବାର୍ତ୍ତା ଆମ ମନୁଷ୍ୟ ସମାଜ ପାଇଁ ବହୁ ହିତ କର ହୋଇପାରିବ ।

ଉପରୋକ୍ତ ସମସ୍ତ ତଥ୍ୟ କୁ ଆମେ ଅନୁଶୀଳନ କରି ପ୍ରତିଦିନ ଖାଦ୍ୟ ଖାଇବା ପରେ କିଛି ସମୟ ଚାଲିବା ଯଦ୍ୱାରା ଶରୀରରେ "ରୋଗ ପ୍ରତିରୋଧକ" କ୍ଷମତା ବୃଦ୍ଧି ପାଇବା ସହ ବହୁ ଜଟିଳ ରୋଗକୁ ପ୍ରତିରୋଧ କରିବା ସହ ଆମେ ନିରୋଗ ଓ ଦୀର୍ଘାୟୁ ଭାବେ ବଞ୍ଚି ରହିପାରିବା।

ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର,
ଚନ୍ଦାହାଣ୍ଡି, ଜିଲ୍ଲା-ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭.

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ପିମ୍ପୁଡ଼ି



କାର୍ତ୍ତିକେଶ୍ୱର ନାୟକ

ସାନସିନା ମୁହିଁ  ଶୃଙ୍ଖଳିତ ଭାଇ
କାହାକୁ ଦିଏନି ବାଧା
ଚାଲିବା ଧର୍ମରେ ସବୁବେଳେ ଚାଲେ
ପଛରେ ବା, ଆଗେ ସିଧା ।

ଧାଡ଼ି ଭାଙ୍ଗେନାହିଁ ଆଗ ହେବା ପାଇଁ
କରେ ଯେମିତି ମଣିଷ,
ଶିକ୍ଷା ଦିକ୍ଷା ସିନା ପାଇନାହିଁ ମୁହଁ
ଶୃଙ୍ଖଳିତ ମୋ ଅଭ୍ୟାସ ।

ହେ ମଣିଷ ଭାଇ କୁହ ପର ପାଇଁ
ନିଜେ ପାଳନ କରୁନ,
ନିଜେ ବଦଳିଲେ  ଦୁନିଆଁ ବଦଳେ
କେମିତି ଜାଣି ପାରୁନ ।

ପିମ୍ପୁଡ଼ି ମୁଁ କ୍ଷୁଦ୍ର, କରେ ଅନୁରୋଧ
ନ କହି ପାଳନ କର
ବଦଳିବ ତୁମ ସୁନାର ସଂସାର
ବଦଳିବ ତୁମ ଘର ।

ଶ୍ରୀବିହାର, ବୌଦ୍ଧ

ISSN NO.
2582-208X

# ଜେଜେମା ଥିଲ୍ ଘର ବଇଦ



ନୀଳମଣି ଚାନ୍ଦ

ସକାଳ ହେଲେ କହନ୍ତୁ ମାଆ
ଭଲ ଲ୍‌ଗିବ ପିଇଦେ ଗୃହା
ଦେହ ରହିବ ତାଜା
ଯେତେ ଗରମ ପାନୀୟ ଅଛି
ଗୃହାଟି ପର୍ ର୍‌ଜା ।

ଶୁଣି ଜେଜେମା କହନ୍ତୁ ଛାଆଁ
ଗୃହା ପିଇବୁ ନା ବାବା ନା
ଗ୍ୟାସର ସେ ମୂଳ
ଜାଣିଥାଆରେ ଅଭ୍ୟାସ କଲେ
ରୋଗ ହେବଟି ଠୁଳ ।

ମହୁ ତୁଳସୀ ପତର ନେଏ
ପାଟିରେ ଟିକେ ଗ୍ରେବେଇ ଦେଏ
ବଢ଼ିଆ ଲେମ୍ବୁ ପାଣି
ତିଆରି କରି ପିଇବା ପାଇଁ
ଦେଉଥିଲେ ସେ ଆଣି ।

ISSN NO.
2582-208X

ଏ ସବୁ ଯେତେ ଦେହକୁ ହିତ
ସତେ ଏମାନେ ଆମରି ମିତ
ଯୁଆଡ଼େ ଯାଏ ବୁଲି
ସେନେହ ବୋଳା ଜେଜେମା କଥା
ଯାଏନି ମନୁ ଭୁଲି ।

ଦେଖିଲେ ଗୁହା ପଡ଼ଇ ମନେ
ଜେଜେମା କଥା ଶୁଭଇ କାନେ
କଥାଟି ଥିଲା ଭଲ
ଗୁ ବଦଭ୍ୟାସ କରଇ ଯିଏ
ହୁଅଇ କଲବଲ ।

ମୋ ପିଲାଦିନ କଥାଟି ଆହା
ରଖିଛି ମନେ ଭୁଲିନି ଯାହା
ନୀତି ନିୟମ ଧରି
ଜେଜେମା ଆମ ଥିଲା ଘରର
ବଇଦଟିଏ ପରି ।

୨୭, ମନ୍ତ୍ରମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ମୋ ସ୍ୱପ୍ନର ଓଡ଼ିଶା ୨୦୩୬

ପ୍ରୀତି ପାରମିତା ପାଢ଼ୀ

କେଡ଼େ ସୁନ୍ଦର ରାଇଜ ମୋର
କେଡ଼େ ମିଠା ମୋ ଭାଷା..
ଓଡ଼ିଶା...ମୋ ଓଡ଼ିଶା...

ଗୁରୁ ହାସମୟୀ, ଗୁରୁ ଭାଷମୟୀ, ଗୁରୁ ଲାସମୟୀ, ଚର ବନ୍ଦନୀୟା, ପବିତ୍ର ଦେବ ଭୂମି ଉତ୍କଳ ଭୂଇଁ ମୋର ଜନ୍ମଭୂମି । ମୋର ଏଇ ପ୍ରିୟ ଜନ୍ମଭୂମିରେ ଅଛି ସବୁ କିଛି। ସ୍ମୃତି ପାଇଁ ଜହ୍ନରାତି, କଇଁ ପାଇଁ ପୋଖରୀ, ଫୁଲ ପାଇଁ ଶିଶିର, ଗୀତ ପାଇଁ ବଉଳ, ବସନ୍ତ ପାଇଁ ମଳୟ, ପ୍ରାଣ ପାଇଁ ସୂର୍ଯ୍ୟାଲୋକ, ପଦ୍ମ ପାଇଁ ପରାଗ, ପାଖୁଡ଼ା ପାଇଁ ସୋହାଗ, ପତ୍ର ପାଇଁ ପାଣି ବିନ୍ଦୁ, ସତେ କି ସ୍ୱଚ୍ଛ କାଚ କେନ୍ଦୁ ।

ଭାଷା ଭିତ୍ତିରେ ଭାରତର ପ୍ରଥମ ରାଜ୍ୟ ଭାବେ ୧୯୩୬ ମସିହା ଅପ୍ରେଲ ପହିଲା ଦିନ ଆମ ଓଡ଼ିଶା ଗଠିତ ହୋଇଥିଲା । ସେନାପତି ଫକୀର ମୋହନ ସେ ଦିନ ଗାଇ ଉଠିଥିଲେ : "ଭାଷା ହିଁ ଜୀବନ ଶକ୍ତି ଜାତି ମାନଙ୍କର, ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର ।" ପଶ୍ଚିମ ପ୍ରହରୀ ଗଙ୍ଗାଧର ଯଥାର୍ଥରେ ଲେଖିଥିଲେ : "ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା ।" ଦୀର୍ଘ ବର୍ଷ ଧରି ଆନ୍ଦୋଳନ ଜାରି ରହିବା ପରେ ୨୦୧୪ ମସିହା ଫେବୃୟାରୀ ମାସରେ ଆମ ମାତୃଭାଷା ଓଡ଼ିଆକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଛି । ସୁତରାଂ ମୋ ଭାଷା ଭଳି ଏଡ଼େ ମଧୁର ଭାଷା ଆଉ କେଉଁଠି ନାହିଁ ।

ISSN NO.
2582-208X

୧୯୩୬ ରୁ ୨୦୩୬ ମସିହା ଏକ ଶତାବ୍ଦୀର ବ୍ୟବଧାନ । ଏହି ଶହେବର୍ଷ ମଧ୍ୟରେ ଓଡିଶାର ସର୍ବବିଧ ବିକାଶକୁ ନେଇ ପରିକଳ୍ପନା କରାଯିବାର ଆବଶ୍ୟକତା ରହିଛି । ମୁଁ ଜଣେ ସଚେତନ ବିଦ୍ୟାର୍ଥୀ ଭାବରେ କହିବାକୁ ଚାହେଁ ଯେ, ଆମ ରାଜ୍ୟର କଳା, ସାହିତ୍ୟ, ସଂସ୍କୃତି, ଐକ୍ୟ, ପରମ୍ପରା ଓ ଇତିହାସ ସମଗ୍ର ବିଶ୍ୱରେ ବିରଳ । ଜମି, ଜଳ ଓ ଜଙ୍ଗଲକୁ ନେଇ ଏହାର ସମୃଦ୍ଧି । ପୁଣ୍ୟ ଗର୍ଭା ମାଟି ଆମ ଓଡ଼ିଶାମାଆ । ମାତ୍ର ଦୀର୍ଘ ୯ ଦଶନ୍ଧି ଅତିକ୍ରାନ୍ତ ହୋଇ ଥିଲେ ସୁଦ୍ଧା ଆଶାନୁରୂପ ପ୍ରଗତିର ପରାକାଷ୍ଠା କାହିଁ ? ଦୁର୍ନୀତି, ଭ୍ରଷ୍ଟ ରାଜନୀତି ଓ ହୀନମାନସିକତା ପଣିଆ ରୁ ବିକାଶର ମୂଳଦୂଆ ଭୁଶୁଡ଼ି ପଡ଼ିଛି । ଫାଇଲ ର ନାଲି ଫିତା ତଳେ ବିକଶିତ ଓଡ଼ିଶା ଘୁମେଇ ପଡ଼ିଛି ।

ତେବେ କିଛି ମାତ୍ରାରେ ଖାଦ୍ୟ ସୁରକ୍ଷା, ଶିକ୍ଷା ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । କୋଉ ଦୁର୍ଗମ ଅଞ୍ଚଳରେ ମା' ଅନାହାରରେ ତାର କୋଡ ପୋଛା ଶିଶୁକୁ ମାତ୍ର କେଇଟା ଟଙ୍କା ପାଇଁ ଦିନେ ବିକି ଦେଉଥିଲା । ଆମ୍ବ ଟାକୁଆ ଖାଇ ପେଟର ଭୋକ ମାରୁଥିଲା । ବନ୍ୟା ବାତ୍ୟା ଓ ମରୁଡ଼ିର କରାଳ ଛାୟାରେ ଅନ୍ନଦାତା କୃଷକ ଋଣ ଭାର ସହି ନ ପାରି ହିଡ ମୁଣ୍ଡରେ ବିଚାରା ଆତ୍ମହତ୍ୟା କରୁଥିଲା । ଯଦିଓ ଲୋକପ୍ରିୟ ସରକାରଙ୍କ କର୍ମାଭିମୁଖୀ ଯୋଜନା ଅନୁସାରେ କୃଷି ଓ କୃଷକର ଉନ୍ନତି ଲକ୍ଷ୍ୟ କରାଯାଏ । ଶିକ୍ଷା କ୍ଷେତ୍ରରେ ମଧ୍ୟ ବିକଶିତ ପରିକଳ୍ପନା ସାକାର ହୋଇ ପାରୁନ ଥିବାରୁ 'ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ' ସ୍ଲୋଗାନ୍ ସଫଳ ହୋଇ ପାରୁନାହିଁ । ଏବେ ବି ଶିଶୁ ଶ୍ରମିକ ପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯିବା ସମ୍ଭବ ନୁହେଁ । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନଗଡା ପରି ଅଗମ୍ୟ ଅଞ୍ଚଳର ଦୃଷ୍ଟାନ୍ତ ଏବେ ବି କମ୍ ନୁହଁ । ଓଡ଼ିଶାର ମନ୍ଥର ବିକାଶକୁ ନେଇ ମୋର ଜଣେ ପ୍ରିୟ କବିଙ୍କ କବିତା ମନେ ପଡ଼ିଯାଏ :

"ତୁ ସେଇ ଓଡ଼ିଶା ।
ତୋ ଦେହରେ କ'ଣ ସବୁବେଳେ
ଭର୍ତ୍ତି ହେଇଥାଏ ଜର,
ପାଦରେ ବନ୍ଧା ହେଇଥାଏ ପାହାଡ଼ ।"

ISSN NO.
2582-208X

ଜଳ, ଜମି ଓ ଜଙ୍ଗଲକୁ ନେଇ ଓଡ଼ିଶା ର ଅସ୍ତିତ୍ୱ ଓ ଅସ୍ମିତା । ଦୁଃଖର କଥା, ଓଡ଼ିଶା ମାଆ ଏବେ ଓଜନ ହେଉଛି । ପାହାଡ଼, ଜଙ୍ଗଲ, ସବୁଜ ଭୂଇଁ ଗ୍ରାସ ହେଉଛି ଟନ ଟନ ହେଇ । ଶୁଖୁଛି ଝରଣା, ସରୁଛି ନଈ । ଆଉ ସକାଳ ହେଲ୍ ବେଳକୁ ସାରା ଜଙ୍ଗଲଟା ଲୁଟ୍ ହେବାର ନଜିର୍ ସମ୍ବାଦପତ୍ରର ମୁଖ୍ୟ ପୃଷ୍ଠା ମଣ୍ଡନ କରୁଛି ।

ବିକଶିତ ଓଡ଼ିଶାର ପରିକଳ୍ପନା ସମ୍ପର୍କରେ ତ ନଜର ଆଭିମୁଖ୍ୟ ସ୍ୱଷ୍ଟ କରିବାକୁ ପଡ଼ିବ । ଆକଳନାତ୍ମକ ବିଶ୍ଳେଷଣରୁ ଜଣାପଡିଛି ଯେ, ୧୯୩୬ ମସିହାରେ ଓଡ଼ିଶାର ଜନସଂଖ୍ୟା ୧,୩୧,୨୯,୦୦୦ ଥିବା ବେଳେ ୨୦୩୬ ସୁଦ୍ଧା ଏହା ୫,୭୭,୫୯,୦୦୦ କୁ ବୃଦ୍ଧି ପାଇବ । ଅର୍ଥାତ୍ ୫୦୦ ବିଲିୟନ୍ ଡଲାର ଆର୍ଥିକ ଅଭିବୃଦ୍ଧି ହାସଲ କରିବ ଓଡ଼ିଶା ।

କେବଳ ରାଜ୍ୟ ସରକାର ନୁହନ୍ତୁ, ଜନ ସାଧାରଣ, ବୁଦ୍ଧିଜୀବୀ, ପ୍ରଶାସକ, ସ୍ୱେଚ୍ଛାସେବୀ, ରାଜ ନେତା, କର୍ମଚାରୀ, ଶିକ୍ଷାବିତ୍ ଓ ସମର୍ପିତ ବ୍ୟକ୍ତିବିଶେଷ ଏବଂ ସଂଗଠନ ମାନଙ୍କ ପ୍ରତ୍ୟକ୍ଷ ସହାୟତାରେ ଓଡିଶାର ବିକାଶ ଶୀର୍ଷ ସ୍ତରରେ ଉପନୀତ ହୋଇ ପାରିବ । ଏହା କେବଳ ଲେଖାରେ କମ୍ବା ଭାଷଣ ରେ ସମ୍ଭବପର ନୁହେଁ । ଏଥି ପାଇଁ ଗୁଣାତ୍ମକ ମାଷ୍ଟର୍ ପ୍ଲାନ ପ୍ରସ୍ତୁତ କରିବା ଆବଶ୍ୟକ । କାର୍ଯ୍ୟକାରିତା ପୂର୍ବରୁ ଏହାର ବ୍ଲୁ ପ୍ରିଣ୍ଟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବା ଉଚତ ନୁହେଁ କି ?

ମୁଁ ମୋର କୋମଳମତି ମସ୍ତିଷ୍କରେ କେତେକ ଉପାଦେୟ ତଥା ସୁଚନ୍ତିତ ମତାମତ ଉପସ୍ଥାପନ କରିବାକୁ ଚାହେଁ ।ନିମ୍ନଲିଖିତ ପ୍ରସ୍ତାବମାନ ଯଥାଯଥ ଭାବେ ଅନୁପାଳନ କରାଯିବା ଚାହି ।

୧ . ଉତ୍ପାଦିକତା ବୃଦ୍ଧି, ମୂଲ୍ୟଯୁକ୍ତ ଉତ୍ପାଦ ସୃଷ୍ଟି ମାଧ୍ୟମରେ କୃଷି ଓ ଉଦ୍ୟାନ କୃଷି କ୍ଷେତ୍ରକୁ ଉନ୍ନୀତ କରିବା

୨ . ବର୍ଷ ସାରା ଜଳସେଚନର ସୁବିଧା

୩ .ସବୁଜ ଶିଳ୍ପ ନୀତି କାର୍ଯ୍ୟକାରୀ କରିବା

୪ . ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, କାରିଗରୀ ଜ୍ଞାନ କୌଶଳ, ଅଭିନବୀକରଣ ନିମନ୍ତେ ଭିତ୍ତିଭୂମି ସୁଦୃଢ଼ କରିବା

ISSN NO.
2582-208X

୫ . ମହିଳା ସଶକ୍ତିକରଣ, ଗ୍ରାମାଞ୍ଚଳ ବିକାଶ, ଜନଜାତି କଲ୍ୟାଣ ଦ୍ୱାରା ଆର୍ଥିକ ଅଭିବୃଦ୍ଧି

୬ . ବିବିଧ ଅର୍ଥନୈତିକ ସୁଯୋଗ ସଫ୍ଟୱେର ପାର୍କ ନିର୍ମାଣ, ରିଏଲ ଇଷ୍ଟେଟ୍, ହାଇ-ଟେକ୍ ଇଣ୍ଡଷ୍ଟ୍ରି ମାଧ୍ୟମରେ ଦ୍ରୁତ ବିକାଶ ଆଡକୁ ଆମେ ଅଗ୍ରସର ହୋଇପାରିବା ।

ସମ୍ପ୍ରତି ଶିକ୍ଷା ଓ ଖାଦ୍ୟ ଉତ୍ପାଦନ ରେ ଆମେ ସ୍ୱାବଲମ୍ବୀ ହୋଇ ପାରିଛନ୍ତୁ । ଆଗରୁ ପିଲାଟି ଯେତେବେଳେ ପାଠରେ ମନ ଦେଉ ନଥିଲା କି ଭଲ ପଢୁ ନଥିଲା, ସେତେବେଳେ ମା' ତାକୁ କହୁଥିଲା, ଭଲ କି ପଢ଼ । ଭଲ ମଣିଷ ହେବୁ । ଭଲ ଚାକିରି କରିବୁ । ନ ହେଲେ ପଡୋଶୀ ରାଜ୍ୟର ପିଲାଏ ଆସି ଏଇଠି ତୋ ଟଙ୍କାରୁ ଭାଗ ବସାଇବେ । ମାତ୍ର ଏବେ ସେ ଅବସ୍ଥା ନାହିଁ। ଖାଇଲା ବେଳେ ପିଲା ଯଦି ଅଝଟ ହେଉଥିଲା, ମା' ତାକୁ ବୁଝାଉଥିଲେ : ଖାଇ ଦେ ଧନ ମୋର ! ନ ହେଲେ ବଙ୍ଗଳା, ବିହାର, ଝାରଖଣ୍ଡ କମ୍ବା ଆସାମର ପିଲା ଆସି ତୋ ଭାତ ଛଡେଇ ନେଇ ଖାଇଦେବେ । ଏ ଭଳି ସ୍ଥିତି ମଧ୍ୟ ନାହିଁ ।

ପୂର୍ବତନ ଓରିଶାରୁ ଆମ ରାଜ୍ୟର ନାମ ଓଡ଼ିଶା ହେଲା ୨୦୧୧ ମସିହାରେ । କେବଳ ଅନେକ ଦିଗରୁ ରାଜ୍ୟର ବିକାଶ ସମ୍ପନ୍ନ ହୋଇଥିବା କାରଣରୁ । ଆଉ ଦଶ ବର୍ଷର ଅବଧି ବିକାଶ ନିମନ୍ତେ ଯଥେଷ୍ଟ ସାଧନ ସୃଷ୍ଟି କରିବ । ବର୍ତ୍ତମାନ ର କ୍ଷମତାସୀନ ସରକାରଙ୍କ ସକଳ ବିକାଶ ଯୋଜନାରେ ଆମକୁ ହିଁ ସାମିଲ୍ ହେବାକୁ ପଡ଼ିବ । ବିକଶିତ ଓଡ଼ିଶାର ଜଣେ ଜଣେ ନିସ୍ୱାର୍ଥପର ସେବକ ସାଜି ସରକାରଙ୍କ ପ୍ରୟାସକୁ ସଫଳ ରୂପାୟନ କରିବା ଏବଂ ଏଥିପାଇଁ ସାମୂହିକ ଆନ୍ତରିକତା ନିହାତି ଆବଶ୍ୟକ ମନେହୁଏ ।

ଜୟ ଓଡ଼ିଶା ।

ବନ୍ଦେ ଉତ୍କଳ ଜନନୀ ।

##

ଦଶମ ଶ୍ରେଣୀ,
ବ୍ୟାସଦେବ ଉଚ୍ଚ ବିଦ୍ୟାଳୟ,
ବେଦବ୍ୟାସ, ରାଉରକେଲା- ୪
ଜିଲ୍ଲା : ସୁନ୍ଦରଗଡ଼

ISSN NO.
2582-208X

# ସମୀକ୍ଷା


ଦେବଯାନୀ ସ୍ୱାଇଁ

## ବେଦାନ୍ତୀ- ସେପ୍ଟେମ୍ବର

ଆନନ୍ଦ ଓ କୃତଜ୍ଞତା ର ପ୍ରତୀକ, ହସହସ ବାଇଗଣୀ ପାଖୁଡାରେ ଭରା, ସ୍ୱିଟ୍ ପି ଫୁଲର ସୁନ୍ଦର ପ୍ରତିଛବି ନେଇ ଏଥରକ ଆସିଛି ଆମ ପ୍ରିୟ "ବେଦାନ୍ତୀ"।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଗଣତନ୍ତ୍ରର ମୂଲ୍ୟବୋଧ କରି କହିଛନ୍ତି- ଯେଉଁ ତନ୍ତ୍ର, ଶାସନ ଖସଡା ବା ସରକାରକୁ ଗଣ ମାନେ ମିଶି ଗଠନ କରିଥିଲେ ସମାଜର ବିକାଶ ଓ ଦୃଢତା ପାଇଁ, ସେଇ ତନ୍ତ୍ର ଆଜି ଗଣମାନଙ୍କୁ ଅଣନିଶ୍ୱାସୀ କରି ପକାଇ ଲାଣି। ତେଣୁ ଆଜିର ରାଜନୈତିକ ତନ୍ତ୍ରରେ ବ୍ୟାପକ ସୁଧାର ଆଣିବାକୁ ହେଲେ ସମାଜକୁ ତଥା ଆମ ସମସ୍ତଙ୍କୁ ଜାଗ୍ରତ ହେବାକୁ ପଡିବ।

ଭିତର ପୃଷ୍ଠାରେ ସବୁଥର ପରି ଅସଂଖ୍ୟ ଆଲେଖ୍ୟ।

ପ୍ରଥମ ଲେଖା, ଧାରାବାହିକ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ଡି. ଏଫ୍. ଓ. ଅସୀମ, ପତ୍ନୀ ଶୋଭନା ଏବଂ କିଛି ବନ୍ଧୁମାନଙ୍କ ସହ ଏକ ନିଆରା ପଣରେ ନବ ବର୍ଷକୁ ସ୍ୱାଗତ ଜଣାଇଛନ୍ତି ଗଲାଥିଆ ବିଚ୍ ରେ। ସଂପର୍କ ସବୁ "ଉଧାରକୁ ବଦଳ" ପରି, ଛୋଟ ଛୋଟ କଳି ଝଗଡାରେ କୋର୍ଟ କଚେରୀର ଦ୍ୱାରସ୍ଥ ହେବା ଆଜିକାଲି "ଘର ଘରର କାହାଣୀ" ଯେମିତି। କେବେ ତୁମେ ତୁମ "ଛାଇ ପଛର ଚେହେରା" କୁ ଦେଖିଛ କି ! "ଶୈଶବର ଇନ୍ଦ୍ରଧନୁ" - ଏକ ମଧୁର, ପୁଲକଭରା, ରଙ୍ଗୀନ୍ ଅନୁଭବ।

ISSN NO.
2582-208X

ଦୀର୍ଘଦିନ ଧରି ପାଠକପ୍ରିୟ ଧାରାବାହିକ ଗଳ୍ପ ଉଠ୍ ପୁଟୁର୍ ର ସମାପ୍ତି ପରେ, ଗାଳ୍ପିକାଙ୍କ ନୂଆ ଧାରାବାହିକ ଗଳ୍ପ "ମାଣ୍ଡବୀ"ର ଉପସ୍ଥାପନା ଖୁବ୍ ସୁନ୍ଦର। ଇତିହାସ ପୃଷ୍ଠାରେ "ବିଦ୍ରୋହର ତୀକ୍ଷଣ ଅଗ୍ନିଶଳାକା : ବୀର ମାଧୋ ସିଂ" ଏବଂ "କୁଜଙ୍ଗର ଇତିହାସ ଓ ସାଂସ୍କୃତିକ ପଟ୍ଟଭୂମି"। ପୁରାଣ ତଥ୍ୟ ସଂଗୃହୀତ-"ମାଣିକେଶ୍ୱରୀଙ୍କ ପରିଚୟ ଓ ପ୍ରତିଷ୍ଠା" ଏବଂ "ସ୍ୱର୍ଗୀୟ ସୁଷମାର ଭୂମି ଶାବର ଶ୍ରୀକ୍ଷେତ୍ର"। ସକାରାତ୍ମକ ଯୁକ୍ତି ବିଶେଷାଙ୍କ- "ପେନସନ" ଏବଂ "ମୃତ୍ୟୁ ପରେ ଅନ୍ତ୍ୟେଷ୍ଟି ଅନାବଶ୍ୟକ"। "ଆହୁତି" ପରି କିଛି ପାରିବାରିକ କାହାଣୀ, "କେବେ କେରଳ ତ କେବେ ଅରୁଣାଚଳ ପରି ଭ୍ରମଣ କାହାଣୀ ସହିତ ରହିଛି ଅନେକ ଆଧୁନିକ ସାହିତ୍ୟ, ଇତିହାସ ଓ ସମକାଳୀନ ବିଷୟବସ୍ତୁ ଉପରେ ସମୀକ୍ଷା ଓ ଆଲୋଚନା।

କବିତାର ପ୍ରାରମ୍ଭରେ "ହେ ପ୍ରିୟ ଗାଁ ମୋର !"

"ଦଶ ଦିକପାଳ, ଅଷ୍ଟ ଦିକପତି" ଶ୍ରୀ କୃଷ୍ଣ ନନ୍ଦ କୁମର। "କମନୀୟ କାନ୍ତି" ଦେବ ଯଦୁପତି, "କରୁଣା କର ଠାକୁର"। ତୁମେ "ବିଶ୍ୱ ବିନ୍ଧାଣୀ"- ଅନ୍ଧକାରେ ରହି ଗଢିପାର କୀର୍ତ୍ତି କୋଣାରକ, ଏ ସାରା ଜଗତେ "ଏମିତିକା ଦିଅଁ ଦେଖିଛକେ କୁହ" !

"କେମିତି କହିବ" ସେ ମନର ଏତେ ସବୁ ଅକୁହା କଥା, କିନ୍ତୁ ସେଇ ଟିକକ ହସରେ ମୁଁ ଶୁଣି ପାରିଲି ତୁମର ସବୁ "ମୌନ ବାର୍ତ୍ତା..."। କେବେ "ପ୍ରିୟତମ" ପୁଣି କେବେ "ପ୍ରେମିକା"। ପୁରାଣଠୁ ନେଇ ରାଜନୀତି ଯାକେ ସବୁଠି ମୁଁ ବନ୍ଦିତା, ତଥାପି ଆଜି ମୁଁ "ବେଦମ୍ ନାୟିକା"।

ଥାପିବାକୁ "ପାଦେ ନିଜସ୍ୱ କାୟା", ଛନ୍ଦି ହେଇଯାଏ କେତେ ଯେ "ଅସମାହିତ ପ୍ରଶ୍ନ"। ପୁଣି ଖଣ୍ଡେ ପିନ୍ଧି, ଗଣ୍ଡେ ଖାଇ, ଦି ଘଡି ଶୋଇବାର ଅଧିକାର ନ ମିଳୁଥିବା "ଭିନ୍ନ ଏକ ଶୈଶବ"।

"ମାଆର ବିକଳ୍ପ ନାହିଁ", "ଲୋଡାଥାଏ ପରିବାର"- ସୁଖ ଶାନ୍ତି ସମୃଦ୍ଧିର ମୂଳଦୁଆ ପାଇଁ। ସହରେ ବାହାରେ ରହୁଥିବା ପିଲା, ମା ଗାଁ କଥା "ଟିକିଏ ହେଲେ ତ ଭାବ"! ବରଷକୁ ଥରେ ମା ମାଉସୀ ଙ୍କୁ ଭେଟିବା ପାଇଁକି ଭାଇ ଭଉଣୀ ସାଥେ ଆସନ୍ତି ପରା ଜଗତର ନାଥ।

"ହୋଇ ପାରିଲିନି ପଳାତକ", ରହିଗଲା ଗାନ୍ଧୀ, ଗୋପବନ୍ଧୁ, ସୁଭାଷ ବୋଷ ଙ୍କ, ଉତ୍କର୍ଷ ଓଡିଶା ଗଢିବାର "ଅଧୂରା ସ୍ୱପ୍ନ"।

ISSN NO.
2582-208X

"ତୁମେ ଗଲା ପରେ"- ଏ ଦୁନିଁଆ ସାଜିଲା ବଇର । ନା ଏକାଏକା ଚାଲିପାରେ, ନା ଶ୍ରାବଣରେ ଭିଜିପାରେ "ତୁମ ବିନା"। ହସ- କାନ୍ଦ, କୋହ- ମୋହର ଧସ୍ତାଧସ୍ତି ଗଳି ଭିତରେ "ପଥିକ"ଟିଏ ସାଜି ଚାଲିବାକୁ ହୁଏ ନିରନ୍ତର। "ଜୀବନର ସାର" ବୁଝିବା ଦୁର୍ବିହ, "ମୃତ୍ୟୁ" ହିଁ ଶାଶ୍ୱତ ଚିରନ୍ତନ ସତ୍ୟ।

ଏତିକି ଯାହା ମୁଁ ପଢ଼ିଲି ଏଥରକର "କବିତା"। ଆପଣ ମାନେ କିନ୍ତୁ ସବୁ ପଢ଼ିବେ ବାକି ରହିଲା ଯାହା ।

ସୁନ୍ଦର ଯୋଡ଼ିଏ କବିତା ସହିତ ଉପସ୍ଥିତ ଆଞ୍ଚଳିକ ବିଭାଗ।

ଶିକ୍ଷଣୀୟ ବିଷୟ ସହିତ କିଛି ଶିଶୁ ଲେଖକ ଲେଖିକାଙ୍କ ଲେଖନୀ ମୂନରେ ସଜେଇ ହେଇଛି ଶିଶୁ ବିଭାଗ।

ପାର୍ବଣର ଋତୁ ଆସିଯାଇଛି ତେଣୁ ପର୍ବ ପର୍ବାଣୀ ତାଲିକା ଆଉ କିଏ ଦେଖୁଛି ! ପଥ ପଥରେ ସ୍ୱଚ୍ଛ ସୌନ୍ଦର୍ଯ୍ୟ ଭରା କାଶତଣ୍ଡୀ ଫୁଲ, ପକ୍ଷୀମାନଙ୍କର ଖୁସିଆଳି କୁହୁକ, ପରିବେଶରେ ଫୁଟୁଥିବା ଅନନ୍ୟ ଶାନ୍ତି ଆଉ ପବନରେ ଏକ ଅଜଣା ଖୁସିର ସୁଗନ୍ଧ। ଏ ସବୁକିଛି ମିଶି ମନ ଭିତରେ ପବିତ୍ରତାର ଅନୁଭବ କରାଇବା ସହିତ ମାଆ ଦୁର୍ଗାଙ୍କ ଆଗମନର ଉତ୍ସବୀୟ ମୁହୂର୍ତ୍ତକୁ ଅଭିବ୍ୟକ୍ତ କରେ। ଆସନ୍ତୁ ତାହାଲେ, ହୃଦୟରେ ଶ୍ରଦ୍ଧା ଓ ଭକ୍ତି ନେଇ ମାଆଙ୍କ ପାଦ ପଦ୍ମରେ ମଥା ନୁଆଁଇ, ମାଆଙ୍କୁ ସ୍ୱାଗତ କରିବା।

ମା' ର ଆଶୀର୍ବାଦରେ ଆମ ଜୀବନ, ପରିବାର ଓ ସମାଜ ଆଲୋକିତ ହେଉ, ଶକ୍ତି, ଶାନ୍ତି, ସମୃଦ୍ଧିରେ ସମଗ୍ର ଜଗତ ପରିପୂର୍ଣ୍ଣ ହେଉ- ଏତିକି ହିଁ ପ୍ରାର୍ଥନା।

ଜୟ ବେଦାନ୍ତୀ, ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୧୦/୨୦୨୫ | ଶ୍ରୀ ଦୁର୍ଗା ଦେବୀଙ୍କର ମହାନବମୀ |
| ୦୨/୧୦/୨୦୨୫ | ଦଶହରା, ସୁଦଶାବ୍ରତ, ସୋମନାଥ ବ୍ରତ ଉଦଯାପନ, ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ |
| ୦୩/୧୦/୨୦୨୫ | ଭଷାଣି ଯାତ୍ରା |
| ୦୫/୧୦/୨୦୨୫ | ଶିବ ଚତୁର୍ଦ୍ଦଶୀ ଓ ବେଢା |
| ୦୬/୧୦/୨୦୨୫ | କୁମାରୋତ୍ସବ ଗଜଲକ୍ଷ୍ମୀ ପୂଜା, ଚନ୍ଦ୍ର ପୂଜା |
| ୦୭/୧୦/୨୦୨୫ | କୁମାର ପୂର୍ଣ୍ଣିମା ଓ କାର୍ତ୍ତିକ ବ୍ରତାରମ୍ଭ |
| ୧୭/୧୦/୨୦୨୫ | ରମା ଏକାଦଶୀ |
| ୧୯/୧୦/୨୦୨୫ | ଧନ୍ୱନ୍ତରୀ ଜୟନ୍ତୀ |
| ୨୦/୧୦/୨୦୨୫ | ଶ୍ୟାମାକାଳୀ ପୂଜା |
| ୨୧/୧୦/୨୦୨୫ | ଦୀପାବଳୀ, ଅମାବାସ୍ୟା |
| ୨୨/୧୦/୨୦୨୫ | ଗୋବର୍ଦ୍ଧନ ପୂଜା |
| ୨୩/୧୦/୨୦୨୫ | ଯମ ଓ ଭାତୃ ଦ୍ୱିତୀୟା |
| ୨୫/୧୦/୨୦୨୫ | ବ୍ୟାସ ଚତୁର୍ଥୀ |
| ୨୮/୧୦/୨୦୨୫ | ଶରଣ ଆରମ୍ଭ |
| ୩୧/୧୦/୨୦୨୫ | ଅଁଳା ନବମୀ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ସେପ୍ଟେମ୍ବର ମାସର ବିଜେତାଙ୍କ ନାମ



ISSN NO.
2582-208X

"କୁନ କୁନ ଅଟେ ଗୁଲ୍ରେଟି ପାଦ
ମା ମା ବୋଲି ପକାଏ ଡ଼ାକ
ଡେଇଁ ଡେଇଁ ବୁଲେ ଅଗଣା ସାରା
ତା ନାଁ ଟି ଗୋମାତା ପରା ।"

ବିଜେତା

ବବୁଲ ନାୟକ, ସୋରଡ଼ା, ନୟାଗଡ଼

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com
/editor.vedantimagazine@gmail.com

ISSN NO.
2582-208X

# ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ଯ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**